# ଗଙ୍ଗାଧର ଗ୍ରନ୍ଥାବଳୀ

odia.org

ଗଙ୍ଗାଧର ମେହେର

# ଗଙ୍ଗାଧର ଗ୍ରନ୍ଥାବଳୀ

୬ ଗଙ୍ଗାଧର ମେହେର

ପରିମାର୍ଜିତ ଦ୍ୱିତୀୟ ସଂସ୍କରଣ

ପ୍ରକାଶକ :—

ଧର୍ମଗ୍ରନ୍ଥ

ବ୍ରହ୍ମପୁର : କଟକ : ସମ୍ବଲପୁର

ମୂଲ୍ୟ ଟ ୮୳ (ଟ ୮.୫୦ ନୂଆ ପଇସା)

ବନ୍ଧାଇ ଟ ୧୦୵ (ଦଶ ଟଙ୍କା)

EXTRA 25%

ତୃତୀୟ ମୁଦ୍ରଣ—୧୯୭୧

ମୁଦ୍ରାକର :—
ଶ୍ରୀ ଉଦୟନାଥ ଷଡ଼ଙ୍ଗୀ
ସତ୍ୟବାଦୀ ପ୍ରେସ, କଟକ-୧
୧୯୭୧

# ସୂଚିପତ୍ର


| ବିଷୟ | ପୃଷ୍ଠା |
| --- | --- |
| ମେହେରଙ୍କ ମହତ୍ତ୍ୱ | |
| ମେହେରଙ୍କ ସଂକ୍ଷିପ୍ତ ଜୀବନଚରିତ | |
| ତପସ୍ୱିନୀ ... ... | ୧ |
| ପ୍ରଣୟ-ବଲ୍ଲରୀ ... ... | ୬୩ |
| କୀଚକ ବଧ ... ... | ୧୨୯ |
| ଇନ୍ଦୁମତୀ ... ... | ୧୬୫ |
| ଉତ୍କଳ-ଲକ୍ଷ୍ମୀ ... ... | ୧୯୧ |
| ଅଯୋଧ୍ୟା ଦୃଶ୍ୟ ... ... | ୨୦୯ |
| କବିତା କଲ୍ଲୋଳ ... ... | ୨୩୧ |
| ଅର୍ଘ୍ୟଥାଳୀ ... ... | ୨୫୯ |
| ଅହଲ୍ୟା ସ୍ତବ ... ... | ୨୯୭ |
| ମହିମା ... ... | ୩୦୨ |
| ଭାରତୀ ଭାବନା ... ... | ୩୦୬ |
| କୁମାର ଜନ୍ମୋତ୍ସବ ... ... | ୩୦୯ |
| ଭକ୍ତ ଉପହାର ... ... | ୩୧୩ |
| ପଦ୍ମିନୀ ... ... | ୩୧୯ |
| କବିତାମାଳା ... ... | ୩୩୯ |
| କୃଷକ ସଙ୍ଗୀତ ... ... | ୩୬୫ |
| ଗଦ୍ୟ ରଚନାବଳୀ— | |
| ଆତ୍ମଜୀବନୀ ... ... | ୪୦୯ |
| ଶ୍ରୀ ନୃପରାଜ ସିଂହ ... ... | ୪୧୬ |
| ପୁରାଣକବି ଫକୀରମୋହନ ... ... | ୪୩୧ |
| ସ୍ୱର୍ଗୀୟ କାଶୀନାଥ ପଣ୍ଡା ... ... | ୪୩୪ |
| ଏହା କି ପୃଥିବୀର ଶବ୍ଦ ... ... | ୪୩୮ |
| ଶିକ୍ଷିତ, ଅଶିକ୍ଷିତ ଓ ଶିକ୍ଷାଭିମାନୀ ... ... | ୪୩୯ |
| ପରିଶିଷ୍ଟ— | |
| ବିରହବ୍ୟଥିତ ରାମ ... ... | ୪୪୫ |
| ହିତବାଦୀର ନବ ବର୍ଷୋପଲକ୍ଷେ ଲିଖିତ ... | ୪୪୬ |
| ସ୍ତବାରମ୍ଭ ... ... | ୪୪୯ |



ସ୍ୱଭାବକବି ସ୍ୱର୍ଗୀୟ ଗଙ୍ଗାଧର ମେହେର

# ପ୍ରଥମ ସଂସ୍କରଣର ଭୂମିକା

ପିତୃଦେବଙ୍କ ମହାପ୍ରୟାଣର ସୁଦୀର୍ଘ ଛବିଶ ବର୍ଷ ପରେ ଆଜି ତାଙ୍କ ରଚିତ ରଚନାରାଜି ବୃହତ୍ତର କଳେବର ଧାରଣ କରି "ଗଙ୍ଗାଧର-ଗ୍ରନ୍ଥାବଳୀ"ରୂପେ ପ୍ରକାଶିତ ହେଲା । ଏଥିପାଇଁ ଆମ୍ଭମାନଙ୍କୁ ଦୁରନ୍ତ ଚିନ୍ତାର ଶରବ୍ୟ ହୋଇ ବହୁକାଳ ଯାବତ୍ କିଂକର୍ତ୍ତବ୍ୟବିମୂଢ଼ ଅବସ୍ଥାରେ ରହିବାକୁ ପଡ଼ିଥିଲା । କାଳକ୍ରମେ ସମୟର ଗତି-ସ୍ରୋତରେ ସମସ୍ତ ବାଧାବିଘ୍ନ ଅପସୃତ ହୋଇ ଆଶାର ଉଜ୍ଜ୍ୱଳ ଆଲୋକରେଖା ସହସା ଆମ୍ଭମାନଙ୍କର ଦୃଷ୍ଟିପଥାରୂଢ଼ ହେଲା । ବର୍ତ୍ତମାନ ସେହି ଶୁଭପୁଞ୍ଜର ପୁଣ୍ୟ ପ୍ରଭାବରେ ଗ୍ରନ୍ଥାବଳୀର ପ୍ରକାଶ-ପଥ ସୁଗମ ହୋଇଅଛି ।

ଦୁର୍ଭାଗ୍ୟର ବିଷୟ, ମୋର ପରମପୂଜ୍ୟ ପିତୃଦେବ ଆଜି ଇହଜଗତରେ ନାହାନ୍ତି । ତାଙ୍କ ଜୀବଦ୍ଦଶାରେ ଏହି କାର୍ଯ୍ୟ ସମ୍ପନ୍ନ ହୋଇଥିଲେ ଏହା ଆହୁରି ମହିମାମୟ ତଥା ଗୌରବମୟ ହୋଇଥାନ୍ତା ଓ ସେ ସ୍ୱୀୟ ଅବଦାନନିଚୟର ଏକତ୍ର ସମାବେଶ ଦେଖି ନିଶ୍ଚୟ ସୁଖୀ ହୋଇଥାନ୍ତେ; କିନ୍ତୁ ହାୟ ! ବିଧିନିବନ୍ଧ ଭିନ୍ନ ଥିବାରୁ ସେ ସେହି ଗୁରୁ-ଦାୟିତ୍ୱ ମୋ ଉପରେ ଅର୍ପଣ କରି ଚାଲିଯାଇଅଛନ୍ତି । ସୁତରାଂ ତଦୀୟ ଆଶୀର୍ବାଦ ଘେନି ଇଦାନୀଂ ମୁଁ ଗ୍ରନ୍ଥାବଳୀ ପ୍ରକାଶ·ଭାର ବହନ କରି ନିଜକୁ ଚରିତାର୍ଥ ବୋଧ କରୁଅଛି । ଏହା ମୋ ପରି ଅକ୍ଷମ ବ୍ୟକ୍ତି ପକ୍ଷରେ ଅବଶ୍ୟ ଦୁରୂହ ବ୍ୟାପାର ବୋଲିବାକୁ ହେବ । ତଥାପି ପିତୃ-ପ୍ରସାଦରେ ତାଙ୍କ ଦତ୍ତ ଦାୟିତ୍ୱ ତୁଲାଇବାକୁ ଯଥାସାଧ୍ୟ ଯତ୍ନ କରିଅଛି । ଆଶାକରେଁ, ଏଥିରେ ମୋର ଯାହା କିଛି ତ୍ରୁଟିବିଚ୍ୟୁତି ପରିଲକ୍ଷିତ ହେବ, ସହୃଦୟ ସଜ୍ଜନବୃନ୍ଦ ନିଜ ଉଦାର·ଗୁଣରେ ମାର୍ଜନା କରିବା ହେବେ ।

ଗ୍ରନ୍ଥାବଳୀ ପ୍ରକାଶର ଶୁଭ ସଂକଳ୍ପ ସର୍ବପ୍ରଥମେ ବୋଡ଼ାସମ୍ବର ଦେବାନ ରାୟସାହେବ ଅନିରୁଦ୍ଧ ମିଶ୍ର, ଏମ୍. ଏ., ବି. ଏଲ. ମହାଶୟଙ୍କ ମନରେ ଉଦିତ ହୋଇ ତାହା ସମ୍ବଲପୁରର ତଦାନୀନ୍ତନ ଡେପୁଟି କମିଶନର ଅମରଯଶା ଏମ୍. ଅଜଫର, ଆଇ. ସି. ଏସ୍. ଙ୍କ ନିକଟରେ ପ୍ରକଟିତ ହୋଇଥିଲା । ଉକ୍ତ ମହୋଦୟ ଭିନ୍ନ ଭାଷାଭାଷୀ ଓ ପ୍ରଦେଶାନ୍ତରବାସୀ ହୋଇଥିଲେ ସୁଦ୍ଧା ଗ୍ରନ୍ଥାବଳୀ ପ୍ରକାଶର ଅପରିହାର୍ଯ୍ୟ ଆବଶ୍ୟକତା ହୃଦୟଙ୍ଗମ କରି ଏକକାଳୀନ ପାଞ୍ଚଶତ ମୁଦ୍ରା ପ୍ରଦାନପୂର୍ବକ ତହିଁର ମୂଳଭିତ୍ତି ସ୍ଥାପନ କରିଥିବାରୁ ସେ ଆମ୍ଭମାନଙ୍କ ଚିରସ୍ମରଣୀୟ ହୋଇଅଛନ୍ତି । ତତ୍ପରେ ତଦୀୟ ପଦାଧିଷ୍ଠିତ ସଦାଶୟ ଡି. ରାମନାଥନ୍, ଆଇ. ସି. ଏସ. ମହୋଦୟ ଉକ୍ତ କାର୍ଯ୍ୟର

ବ୍ୟୟବାହୁଲ୍ୟ ଦୃଷ୍ଟିରେ ଆଉ ପାଞ୍ଚଶତ ଟଙ୍କା ପ୍ରଦାନ କରି ସ୍ୱୀୟ ମହାପ୍ରାଣତାର ପରିଚୟ ଦେଇ ଯାଇଅଛନ୍ତି । ଏହାପରେ ପିତୃଦେବଙ୍କ ପ୍ରକୃତ ପ୍ରତିଭାପୂଜକ, ଗୁଣଗ୍ରାହୀ ବୋଡ଼ାସମ୍ବର ରାଜବଂଶର ଆନନ୍ଦ-ପ୍ରଭମ-ନନ୍ଦନ ଶ୍ରଦ୍ଧେୟ ଶ୍ରୀ ସଦାନନ୍ଦ ସିଂହ ମହୋଦୟ ସ୍ୱୀୟ ପିତୃପ୍ରତିଷ୍ଠାର ଅଭିବୃଦ୍ଧି କଲେନ୍ତ ଉଦାରଭାବରେ ତନ୍ନିମିତ୍ତ ଦୁଇ ସହସ୍ର ମୁଦ୍ରା ଦାନ କରି ଅଶେଷ ପ୍ରଶଂସାଭାଜନ ହୋଇଅଛନ୍ତି ଏବଂ ତତ୍କାଳୀନ ବରଗଡ଼ ସବ୍‌ଡିଭିଜନାଲ ଅଫିସର ଶ୍ରୀଯୁକ୍ତ ଦୁର୍ଗାଚରଣ ରାୟ, ବି. ଏ. ତିନ ଶତ ଟଙ୍କା ପ୍ରଦାନ କରି ସ୍ୱୀୟ ମହତ୍ତ୍ୱ ଗୁଣରେ ଆମ୍ଭମାନଙ୍କୁ ଉପକୃତ କରିଅଛନ୍ତି । ଏସବୁ ଅର୍ଥ ଗଙ୍ଗାଧର-ଗ୍ରନ୍ଥାବଳୀ ଆଡ଼ଭାଇଜରୀ କମିଟି କର୍ତ୍ତୃକ ଆହୃତହୋଇ ଗ୍ରନ୍ଥାବଳୀ ପ୍ରକାଶାର୍ଥ ମୋ ହସ୍ତରେ ଅର୍ପିତ ହୋଇଅଛି । ଏଥିପାଇଁ ପ୍ରୋକ୍ତ ସାଧୁହୃଦୟ ବ୍ୟକ୍ତିବର୍ଗଙ୍କ ଏହି ତ୍ୟାଗମୂଳ ମନୋବୃତ୍ତିକୁ ମୁଁ ଆନ୍ତରିକ ଅଭିନନ୍ଦନ କରୁଅଛି ।

ବୋଲିବା ବାହୁଲ୍ୟ ଯେ ପିତୃଦେବଙ୍କ ଆଦର୍ଶଗୁଣାନୁରକ୍ତ ଭକ୍ତ ଓ ତାଙ୍କ ସ୍ମୃତିପୂଜାର ପ୍ରବର୍ତ୍ତକ ମୋର ପରମହିତୈଷୀ ସୁହୃଦ୍ ପଣ୍ଡିତ ଶ୍ରୀ ରାଘବ ମିଶ୍ର ('ମେହେର କବି', 'କୃଷ୍ଣ ଭକ୍ତିରସାମୃତ', 'ବାଳଭକ୍ତ' ଆଦି ଗ୍ରନ୍ଥର ପ୍ରଣେତା; ବରପାଲି ହା: ଇ: ସ୍କୁଲ ଶିକ୍ଷକ) ମହୋଦୟ ଉକ୍ତ କମିଟିର ସମ୍ପାଦକ ଭାବରେ ଗ୍ରନ୍ଥାବଳୀ ପ୍ରକାଶ ଦିଗରେ ପ୍ରଭୂତ ପ୍ରୟାସ କରି ଚିର ଧନ୍ୟବାଦାର୍ହ ହୋଇଅଛନ୍ତି । ଏ କ୍ଷେତ୍ରରେ ଆହୁରି ମଧ୍ୟ ଉଲ୍ଲେଖଯୋଗ୍ୟ ଯେ ପ୍ରାକ୍ତନ ପୂର୍ତ୍ତବିଭାଗ ମନ୍ତ୍ରୀ ମାନ୍ୟବର ଶ୍ରୀଯୁକ୍ତ ରଣଜିତ୍ ସିଂହ ବରିହା ମହୋଦୟ ଗ୍ରନ୍ଥାବଳୀର ମୁଦ୍ରଣ ବ୍ୟୟ ସକାଶେ ପାଞ୍ଚ ଶତ ଟଙ୍କା ପ୍ରଦାନ କରିଥିବାରୁ ତାଙ୍କ ନିକଟରେ ମୁଁ ସଭକ୍ତି କୃତଜ୍ଞତା ନିବେଦନ କରୁଅଛି । ଏହାଛଡ଼ା ବୋଡ଼ାସମ୍ବରର ଉଦୀୟମାନ ଯୁବରାଜ ଶ୍ରୀ ବିକ୍ରମାଦିତ୍ୟ ସିଂହ, ଅନରାରୀ ମାଜିଷ୍ଟ୍ରେଟ୍, ଭୂତପୂର୍ବ ଓ୍ୱାର୍ଡ଼ସ୍ ଡେପୁଟି କଲେକ୍‌ଟର ବାବୁ ରବୀନ୍ଦ୍ରନାଥ ଦାସ, ପ୍ରଶଂସିତ ରାୟସାହେବ ଅନିରୁଦ୍ଧ ମିଶ୍ର ପ୍ରଭୃତି ମହାନୁଭବ ପୃଷ୍ଠପୋଷକମାନେ ଗ୍ରନ୍ଥାବଳୀ ପ୍ରକାଶ କାର୍ଯ୍ୟରେ ଅନନ୍ୟସୁଲଭ ଆନୁକୂଲ୍ୟ ପ୍ରଦର୍ଶନ କରିଥିବାରୁ ସେମାନଙ୍କ ପ୍ରତି ହାର୍ଦ୍ଦିକ ଶ୍ରଦ୍ଧା, ସମ୍ମାନ ନିବେଦନ କରୁଅଛି ।

ଏଥି ସହିତ ଏହା ମଧ୍ୟ ମୁକ୍ତକଣ୍ଠରେ ସ୍ୱୀକାର କରୁଅଛି ଯେ ପିତୃଦେବଙ୍କ ପ୍ରତିଭାର ଭବ୍ୟ-ଉପାସକ ପଣ୍ଡିତ ଶ୍ରୀ ଲକ୍ଷ୍ମୀନାରାୟଣ ମିଶ୍ର, ଏମ୍. ଏଲ. ଏ. ତଥା ମୋର ସହୋଦରପ୍ରତିମ ବାବୁ ଲିଙ୍ଗରାଜ ମେହେର ଏ ସମ୍ପର୍କରେ ଯଥେଷ୍ଟ ସହାନୁଭୂତି ଦେଖାଇ ସେମାନଙ୍କ ସୌଜନ୍ୟଦ୍ୱାରା ମୋତେ ମୁଗ୍ଧ କରିଅଛନ୍ତି ।

ମୋର କଲ୍ୟାଣକାମୀ ବାବୁ ନବୀନକୁମାର ସାହୁ, ଏମ୍. ଏ. ( ଭୂତପୂର୍ବ କଟକ ର୍‌ଭେନ୍‌ସା କଲେଜର ଅଧ୍ୟାପକ ), ବାବୁ ଦେବାର୍ଚ୍ଚନ ଭୋଇ, ଏମ୍. ଏ. ଓ ବାବୁ ଗଣନାଥ ଗଉଁତିଆ, ବି. ଏ. ( ବରପାଲି ହାଇସ୍କୁଲର ପୂର୍ବତନ ଓ ବର୍ତ୍ତମାନ ହେଡ୍-ମାଷ୍ଟରଦ୍ୱୟ ), ପୂର୍ବ ଓ୍ୱାଡସ୍ ସୁପର୍‌ଭାଇଜର୍ ବାବୁ ଯୋନ୍‌ସ ଦାସ, ବାବୁ ଭଗୀରଥି

ପୂଜ୍ୟପାଦ ପ୍ରମୁଖ ବନ୍ଧୁବର୍ଗ ଏଥିସକାଶେ ନାନାଭାବରେ ଯେଉଁ ସାହାଯ୍ୟ ଦାନ କରିଅଛନ୍ତି, ସେଥିପାଇଁ ସେମାନଙ୍କୁ ଓ ଗ୍ରନ୍ଥାବଳୀ ମୁଦ୍ରଣାଦି ସମ୍ପର୍କରେ ବହୁ ଶ୍ରମ ସ୍ୱୀକାର କରିଥିବାରୁ ଶ୍ରୀ ବ୍ରଜବନ୍ଧୁ ଦାସଙ୍କୁ ସାହ୍ଲାଦ କୃତଜ୍ଞତା ଜ୍ଞାପନ କରୁଅଛୁ ।

ପରିଶେଷରେ ପୂର୍ବୋକ୍ତ ବୋଉଁଶମ୍ବର ଯୁବରାଜ ମହୋଦୟ ସ୍ୱର୍ଗୀୟା ଯୁବରାଣୀଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ଏଥିରେ ଥିବା ପ୍ରତିକୃତିଗୁଡ଼ିକର ବ୍ୟୟଭାର ବହନ କରିଥିବାରୁ ତାଙ୍କ ପ୍ରତି ଆନ୍ତରିକ ସଦ୍ଭାବ-ସମ୍ଭାର ଅର୍ପଣ କରୁଅଛୁ ।

ଆଉ ମଧ୍ୟ ଦୁଃଖର ସହିତ ପ୍ରକାଶ କରୁଅଛୁ ଯେ ଗ୍ରନ୍ଥାବଳୀରେ ଯେଉଁସବୁ ଲେଖା ଦେବା ପାଇଁ ସୁଧୀବର୍ଗଙ୍କ ଉପଦେଶ ପାଇଥିଲୁ, ଅର୍ଥାଭାବବଶତଃ ତାହା ଦେବାକୁ ଅକ୍ଷମ ହୋଇ ସେମାନଙ୍କୁ ସବିନୟ କ୍ଷମାଭିକ୍ଷା କରୁଅଛୁ ।

ବରପାଲି
ତା ୨୦ । ୩ । ୧୯୫୧

ବିନୀତ ପ୍ରକାଶକ
**ଭଗବାନ ମେହେର**

# ଦ୍ୱିତୀୟ ସଂସ୍କରଣର ଭୂମିକା

ପ୍ରକାଶ ପାଇବାର ଅଳ୍ପ କେତୋଟି ବର୍ଷ ମଧ୍ୟରେ ଗଙ୍ଗାଧର-ଗ୍ରନ୍ଥାବଳୀର ପ୍ରଥମ ସଂସ୍କରଣ ନିଃଶେଷ ହୋଇଯାଇଛି । ଗଙ୍ଗାଧରଙ୍କ କାବ୍ୟ-ପ୍ରତିଭା ଯେ ଓଡ଼ିଶାର ପାଠକପାଠିକାଙ୍କ ମନରେ ଅଖଣ୍ଡ ପ୍ରଭାବ ବିସ୍ତାର କରିଛି, ଏହାହିଁ ହେଉଛି ତାର ପ୍ରମାଣ । ବର୍ତ୍ତମାନ ସେଥିପାଇଁ ଗଙ୍ଗାଧର-ଗ୍ରନ୍ଥାବଳୀର ପରିବର୍ଦ୍ଧିତ, ପରିମାର୍ଜିତ ଦ୍ୱିତୀୟ ସଂସ୍କରଣ ସୁଧୀବୃନ୍ଦ ଓ ପାଠକପାଠିକାମାନଙ୍କ ହାତରେ ତୋଳିଦେଲାବେଳେ ଆମେ ଗୌରବ ଅନୁଭବ କରୁଅଛୁଁ ।

ଓଡ଼ିଶାର ପ୍ରଖ୍ୟାତନାମା ସାହିତ୍ୟିକ ଡକ୍ଟର ମାୟାଧର ମାନସିଂହ 'ମେହେରଙ୍କ ମହତ୍ତ୍ୱ' ଶୀର୍ଷକ ଏକ ପ୍ରବନ୍ଧ ଏଥିପାଇଁ ଲେଖିଦେଇଥିବା ହେତୁ, କବିଙ୍କ ସୁଯୋଗ୍ୟ ଦାୟାଦ ଶ୍ରୀ ଭଗବାନ ମେହେର ଏହି ସଂସ୍କରଣରେ ଗଙ୍ଗାଧରଙ୍କ କେତେକ ଅପ୍ରକାଶିତ ରଚନା ସଂଯୋଜନରେ ଉଲ୍ଲେଖଯୋଗ୍ୟ ସହାୟତା କରିଥିବାରୁ ଏବଂ ଶ୍ରୀ କେଶବଚନ୍ଦ୍ର ମେହେର ଗ୍ରନ୍ଥାବଳୀକୁ ଅଧିକ ଉପାଦେୟ କରିବାକୁ କେତେକ ମୂଲ୍ୟବାନ୍ ପରାମର୍ଶ ଦେଇଥିବାରୁ ଆମେ ସେମାନଙ୍କ ନିକଟରେ କୃତଜ୍ଞ ।

ଗ୍ରନ୍ଥାବଳୀର ପ୍ରକାଶନ ଓ ମୁଦ୍ରଣ ଦିଗରେ ଆମ ସମ୍ବଲପୁର ଶାଖାର ପରିଚାଳକ ମୋ ଭାଇ ଶ୍ରୀ ଗୋପବନ୍ଧୁ ଦାସ, କଟକ ଶାଖାର ପରିଚାଳକ ଶ୍ରୀ ଗୋବିନ୍ଦଚରଣ ପାଣି ଏବଂ ସତ୍ୟବାଦୀ ପ୍ରେସର ସହକର୍ମୀଗଣ ଅକୁଣ୍ଠିତ ସହଯୋଗ କରିଛନ୍ତି; ସେ ସମସ୍ତଙ୍କୁ ଧନ୍ୟବାଦ ଜଣାଉଛି ।

ଗଙ୍ଗାଧରଙ୍କ ସାହିତ୍ୟସମ୍ଭାର ଉତ୍କଳବାଣୀଭଣ୍ଡାରରେ ଅମୂଲ୍ୟ ସମ୍ପଦ । ପ୍ରଥମ ସଂସ୍କରଣ ଭଳି ଗ୍ରନ୍ଥାବଳୀର ଦ୍ୱିତୀୟ ସଂସ୍କରଣ ପାଠକପାଠିକାମାନଙ୍କୁ ଯଥାର୍ଥ ପରିବେଷଣ କରିପାରିଲେ ଆମର ଶ୍ରମ ସାର୍ଥକ ହେବ ।

ବିନୀତ

ବିଜୟାଦଶମୀ

ତା ୩ । ୧୦ । ୧୯୬୧

**ଶ୍ରୀ ପୂର୍ଣ୍ଣଚନ୍ଦ୍ର ଦାସ**

**ଦାସ ବ୍ରଦର୍ସ**

ବ୍ରହ୍ମପୁର : କଟକ : ସମ୍ବଲପୁର

# ମେହେରଙ୍କ ମହତ୍ତ୍ୱ

ଋଷିକବି ଗଙ୍ଗାଧର । ଯାହା ସେ ହାତକୁ ନେଇଛନ୍ତି, ନିଜ ତୂଳିକାର ବର୍ଣ୍ଣବୈଭବରେ ତାକୁ ମହିମାନ୍ୱିତ, ମାଧୁର୍ଯ୍ୟମଣ୍ଡିତ କରି ରଖିଯାଇଅଛନ୍ତି । ସେ ପ୍ରକୃତରେ ବାଣୀ-ପଦ-ପଦ୍ମ-ବିସ-ଜୀବୀ-ରାଜହଂସ । ଦାରିଦ୍ର୍ୟର ପଙ୍କିଳ ପଲ୍ୱଳ ତାଙ୍କୁ ଆଶ୍ରା କରିବାକୁ ପଡ଼ିଥିଲେହେଁ ତାଙ୍କର ସ୍ୱର୍ଗୀୟ, ନିଷ୍ପାପ, ଅକଳଙ୍କ ଶୁଭ୍ରତା ସେ କେବେହେଲେ ହରାଇ ନାହାନ୍ତି ଓ ତାଙ୍କ ସୃଷ୍ଟିରେ ମଧ୍ୟ ଆମେ ପାଉଁ ବାଣୀପଦ କମଳଦଳର ବର୍ଣ୍ଣ ଓ ସୌରଭ, ଯାହା ଏକାଧାରରେ ପୂତ ଓ ମନୋହର । ଧନ ସାଂସାରିକ ଜୀବନର ସକଳ ଜଞ୍ଜାଳ, ସକଳ ଲାଞ୍ଛନା, ସକଳ ଝଡ଼ଝଞ୍ଜା ମଧ୍ୟରେ ସେହି ସୁଧାସ୍ୱାଦୀ ସ୍ୱର୍ଗଚ୍ୟୁତ ଅମୃତସନ୍ତାନ, ଦୃଷ୍ଟ ଜଗତର ଅନ୍ତରାଳରେ ଯେଉଁ ସାର୍ବଭୌମ ଆନନ୍ଦର ମହିମାମୟ ପରିବେଶ, ଯୁଗେ ଯୁଗେ ଋଷି, ସାଧକ, କବି ଓ ବିଜ୍ଞାନୀବୃନ୍ଦ ଯାହାର ସନ୍ଧାନ ପାଇଛନ୍ତି, ତା'ର ପ୍ରାଗ୍‌ଜନ୍ମର ପରିଚୟ ସେ କେବେହେଲେ ଭୁଲିଯାଇ ନ ଥିଲେ । ସେଥିପାଇଁ ସିନା ଦାରିଦ୍ର୍ୟନିଷ୍ପେଷିତ କବି ଜୀବିକାର୍ଜନଜନିତ ଶ୍ରମରେ ବ୍ୟସ୍ତ ଥାଇ ସୁଦ୍ଧା ଉଦାତ୍ତକଣ୍ଠରେ ଗାଇ ଯାଇଛନ୍ତି—

"ବିଶ୍ୱ ଦେଖ ମଧୁ- ମୟ ରେ ଜୀବନ
ବିଶ୍ୱ ଦେଖ ମଧୁମୟ,
ମଧୁର ଝରଣ କରିବ ହରଣ
ତୋ ପାପ ମରଣ ଭୟ ରେ ଜୀବନ ।
× × ×
ବିଶ୍ୱନାଥଙ୍କର କରୁଣା କନ୍ଦର
ମଧୁଝର ଜନ୍ମସ୍ଥଳ,
ଯହିଁ ଝର ପ୍ରତି ଉଚ୍ଚେ କଲେ ଗତି
ପାଇବୁ କରୁଣାଚଳ ରେ ଜୀବନ ।
ହେଲେହେଁ ତୁ ସାନ କରୁଣା ନିଧାନ
ହୃଦୟରେ କରିଛନ୍ତି ବାସ,
ତାହା ଚିନ୍ତା କରି ତାଙ୍କ ଶ୍ରୀପଦର
ଚିନ୍ତା ନ ଛାଡ଼ିବୁ ନିରାଶ ରେ ଜୀବନ ।"

ସମଗ୍ର ଓଡ଼ିଆ ସାହିତ୍ୟରେ ପାରିପାର୍ଶ୍ୱିକ କ୍ଷୁଦ୍ରତା ଓ ହୀନତାକୁ ସମ୍ପୂର୍ଣ୍ଣରୂପେ ପାସୋରିଦେଇ ବା ଉପେକ୍ଷା କରି କେଉଁ ଅମୃତସନ୍ଧାନୀ କବି ଏପରି ଆନନ୍ଦର, ମହିମାର ସଂବାଦ ପ୍ରଚାର କରିଛି ? ଆମର ଅଧିକାଂଶଙ୍କର ଜନ୍ମସ୍ଥଳ ଦାରିଦ୍ର୍ୟର ପଙ୍କମାଟି; କିନ୍ତୁ କିଏ ଏପରି ନିଜ ଆତ୍ମାରେ ପଙ୍କର କୌଣସି ହେଲେ ଚିହ୍ନବର୍ଣ୍ଣ ନ ରଖି ପ୍ରସ୍ଫୁଟିତ, ଦିବ୍ୟସୁନ୍ଦର ପଙ୍କଜ ଉଜ୍ଜ୍ୱଳ ସୌରଲୋକ ଆଡ଼କୁ ଚାହିଁଲା ପରି ଦିବ୍ୟସୃଷ୍ଟିର ମୁକୁଟ ଘେନି ବିକଶିତ ହୋଇପାରିଛି ?

କିନ୍ତୁ ସେହି ଦିବ୍ୟଦର୍ଶନ କବି ଏଣେ ପୁଣି ଦେଶବାସୀଙ୍କୁ ଦୈନନ୍ଦିନ ଜୀବନରେ, ଗ୍ରାମରେ ଓ ନଗରରେ ପଞ୍ଚାୟତ ଶାସନର ଉପକାର ବୁଝାଇ କି ସୁନ୍ଦର ଉପଦେଶ ଦେଉଛନ୍ତି—

"ବାଛି ବାଛି ସୁଧାର୍ମିକ ପାଠଖିରୁ ଜନ
ହେବ ଯଦି ପଞ୍ଚାୟତ ଗଠନ, ସୃଜନ,
ଶିକ୍ଷା ଦିଆଯାଉଥିବ ବିଚାରବିଧାନ
କରାଯାଉଥିବ ବାରବାର ସାବଧାନ,
ପଞ୍ଚହସ୍ତେ ନ୍ୟସ୍ତ ହେଲେ ଲଘୁ ଅଧିକାର
ଅବଶ୍ୟ ଦେଶର ହେବ ବହୁ ଉପକାର ।
ବହୁ ଅର୍ଥ ପ୍ରଜାଙ୍କର ଗୃହେ ଯିବ ରହି
ନ ପାରିବ ଜାଲିଆଙ୍କ କୋପାନଳ ଦହି ।
× × ×
ଯେଉଁ ରାଜ୍ୟେ ଧରମର ପ୍ରଭା ହୁଏ ନାଶ
ପାପ-ଅନ୍ଧକାର ତାକୁ କରିଦିଏ ଗ୍ରାସ ।
× × ×
ଯହିଁ ଧର୍ମ ତହିଁ କରେ ଲୋଭ ପଳାୟନ
ଲୋଭନାଶେ ସୁନିପୁଣ ଧର୍ମପରାୟଣ ।
× × ×
ଲୋଭର ଜନକ ଧନ, ଧନକୁ ଯେ ଛାର
ମଣନ୍ତି, ସେ କରିଥାନ୍ତି ନିର୍ମଳ ବିଚାର ।"

( ପଞ୍ଚାୟତ—ଅର୍ଘ୍ୟଥାଳୀ )

ମନେପଡ଼େ ଇଂରେଜ କବି ଓ୍ୱାର୍ଡ୍‌ସ୍ ଓ୍ୱାର୍ଥଙ୍କ ଏକ ଉପମା । କବି ଗଙ୍ଗାଧର ଇଂରେଜ କବିଙ୍କର ଭରତ ପକ୍ଷୀ ପରି ସ୍ୱର୍ଗ ଓ ସଦ୍ମ ଏହି ଉଭୟ ସମଧର୍ମୀ ବନ୍ଧୁ ସଙ୍ଗେ ଯେପରି ମଧୁର ସମ୍ପର୍କ ରଖିପାରିଥିଲେ । ଅବଶ୍ୟ ସ୍ୱର୍ଗ ଓ ସଦ୍ମ ସମଧର୍ମୀ ସେହିମାନଙ୍କ ନିକଟରେ, ଯେଉଁମାନେ ସ୍କାଇଲାର୍କ ପରି ଭୂଇଁରେ ବସା

ବାନ୍ଧିଥିଲେ ମଧ୍ୟ ଇଚ୍ଛାମାତ୍ରେ ଉପରକୁ ଉଡ଼ିଯାଇପାରନ୍ତି—ଅଦୃଶ୍ୟ ଅନ୍ତରୀକ୍ଷର ଶାନ୍ତ, ବିଶୁଦ୍ଧ ନୀଳିମାମୟ ଜଗତକୁ ଏବଂ ପୁଣି ଫେରିଆସିପାରନ୍ତି ଗୃହସଂସାରର ସ୍ଥୂଳତାକୁ । ଗଙ୍ଗାଧର ସାମାଜିକ ମନୁଷ୍ୟ ଭାବରେ ଦୀନ, ଅର୍ଦ୍ଧଶିକ୍ଷିତ ତନ୍ତୁବାୟ ଥିଲେହେଁ ଆତ୍ମାରେ ଥିଲେ ସୂକ୍ଷ୍ମଗଗନବିହାରୀ ! ସେଥିପାଇଁ ତାଙ୍କ ରଚନାରେ ଆମେ ତାଙ୍କ ଆର୍ଥିକ ଦାରିଦ୍ର୍ୟର କୌଣସି ଚିହ୍ନ ହିଁ ଦେଖିବାକୁ ପାଉନା । ତାହା ଦର୍ଶନ ଓ ଅନୁମାନର ସୌନ୍ଦର୍ଯ୍ୟସମ୍ପଦରେ ଋଦ୍ଧିମନ୍ତ, ବାଣୀଙ୍କର ଅଶ୍ରୁତ ବୀଣାଝଙ୍କାରର ସ୍ୱରମାଧୁର୍ଯ୍ୟରେ ତାହା ଏତେ ଶ୍ରବଣ-ସୁଖଦାୟୀ !

ଯେହେତୁ କବି ରାଧାନାଥଙ୍କ ପ୍ରତିପତ୍ତିକାଳ ଭିତରେ ଜନ୍ମ ହୋଇଥିଲେ ବୋଲି ଅନ୍ୟମାନଙ୍କ ପରି ତାଙ୍କୁ ମଧ୍ୟ ରାଧାନାଥଙ୍କର ଉପଗ୍ରହ ମାତ୍ର କହିବା ଏକାନ୍ତ ଅଯୌକ୍ତିକ । ରାଧାନାଥ ଓ ଗଙ୍ଗାଧରଙ୍କ ମଧ୍ୟରେ ସାମ୍ୟ ଯତ୍‌କିଞ୍ଚିତ୍, କିନ୍ତୁ ଭିନ୍ନତା ପ୍ରଚୁର । ଦୁଇ କବି-ପ୍ରତିଭାର ଉପାଦାନ ଭିନ୍ନ ଏବଂ ତେଣୁ ବିକାଶ ମଧ୍ୟ ଭିନ୍ନ । ରାଧାନାଥ ଯଦି ଏକ ସୁଦୃଶ୍ୟ ପର୍ବତ ବୋଲି ଧରାଯାନ୍ତି, ଗଙ୍ଗାଧରଙ୍କୁ ପାହାଡ଼ତଳସ୍ଥ ହ୍ରଦଜଳରେ ସେହି ପାହାଡ଼ର ପ୍ରତିବିମ୍ବ ବୋଲି ଧରାଯାଇ ନ ପାରେ । ଗଙ୍ଗାଧର ଶ୍ରେଷ୍ଠ ହେଉନ୍ତୁ ବରଂ, ରାଧାନାଥଙ୍କ ପରି ଆଉ ଏକ ସୁଦୃଶ୍ୟ ପର୍ବତ । ବରଂ କମନୀୟତାରେ ଏହି ପର୍ବତ ବହୁ ବୃହତ୍ତମ ପର୍ବତଠାରୁ ଅଧିକ ଚିତ୍ତହାରକ ।

ସାହିତ୍ୟର ଇତିହାସରେ ଦେଖାଯାଇଛି ଯେ ଅପେକ୍ଷାକୃତ ନ୍ୟୂନ ପ୍ରତିଭା-ଦ୍ୱାରା ନୂତନ ସାହିତ୍ୟିକ ଯୁଗମାନଙ୍କର ପ୍ରବର୍ତ୍ତନ ହୋଇଛି; ଅଥଚ ଉଚ୍ଚତର ମୌଳିକ ପ୍ରତିଭା ପୁରୋଗାମୀମାନଙ୍କର ଅନୁକରଣ ଭିତରେ ହିଁ ଫୁଟିଉଠିଛି । ସେକ୍ସ୍‌ପିୟରଙ୍କର କୌଣସି ଶୈଳୀ ତାଙ୍କର ନିଜସ୍ୱ ନୁହେଁ । ସେ ଯାହା ଲେଖିଛନ୍ତି, ତାଙ୍କର ଠିକ୍ ପୂର୍ବରୁ ଅନ୍ୟମାନେ ପ୍ରଥମ କରି ସେସବୁ ଇଂରାଜୀ ସାହିତ୍ୟରେ ପ୍ରବର୍ତ୍ତନ କରି ଯାଇଥିଲେ । ଅସାଧାରଣ ପ୍ରତିଭା ଫଳରେ ସେକ୍ସ୍‌ପିୟର କିନ୍ତୁ ଯେଉଁଥିରେ ହାତ ଦେଲେ, ତାର ଉତ୍କର୍ଷ ଅନ୍ୟ ସମସ୍ତଙ୍କଠାରୁ ବଳିଯାଇଛି । ମାର୍ଲୋ ଓ ଓ୍ୟାଟ୍ ନବ ପ୍ରବର୍ତ୍ତକ ସତ, କିନ୍ତୁ ପ୍ରତିଭା ହିସାବରେ ସେକ୍ସ୍‌ପିୟରଙ୍କଠାରୁ ଢେର୍ ନ୍ୟୂନ ।

ରାଧାନାଥ ଓଡ଼ିଆ କାବ୍ୟ-ସାହିତ୍ୟରେ ନବଯୁଗର ପ୍ରବର୍ତ୍ତକ ହେଲେହେଁ ମୁଁ ମନେକରେ ଯେ ପ୍ରତିଭାର ନିଚ୍ଛକ୍ ମୌଳିକତାର ବିଚାରରେ ଗଙ୍ଗାଧର ଉଚ୍ଚତର ଆସନର ଯୋଗ୍ୟ । ସେ ପ୍ରତିଭା ତାର ପ୍ରକୃଷ୍ଟ ବିକାଶ ପାଇଁ ଅବକାଶ ପାଇପାରିଲାନି, ତେଣୁ ତାର ସିଦ୍ଧି ଏତେ ଅଳ୍ପ । କିନ୍ତୁ ସେଇ ସ୍ୱଳ୍ପ କୃତି ଭିତରେ ଆମ୍ଭେମାନେ ଉଜ୍ଜ୍ୱଳ ମୌଳିକତାର ଯେଉଁ ପରିଚୟ ପାଉଁ, ସେଥିରେ ସ୍ତବ୍ଧ ହୋଇ ଏହା ହିଁ ଭାବୁଁ, "ଉପଯୁକ୍ତ ଭାବରେ ବର୍ଦ୍ଧିତ ହୋଇଥିଲେ ଏ ବୃକ୍ଷ ନ ଜାଣୁ କି ଫଳ ପ୍ରସବ କରିପାରିଥାନ୍ତା !"

ରାଧାନାଥ, ମଧୁସୂଦନ, ନନ୍ଦକିଶୋର ପ୍ରଭୃତି ଗଙ୍ଗାଧରଙ୍କ ସମସାମୟିକ ଲବ୍ଧପ୍ରତିଷ୍ଠ ସାହିତ୍ୟିକମାନେ ନାନା ଭାଷା, ବିଶେଷତଃ ଇଂରାଜୀ ଭାଷାରେ ସୁପଣ୍ଡିତ ଥିଲେ । ସମସ୍ତଙ୍କ ଭିତରେ ଗଙ୍ଗାଧର ଶିକ୍ଷାରେ ଓ ଧନରେ ନ୍ୟୂନତମ । ଜୀବିକା ପାଇଁ ତନ୍ତ୍ର-ଚର୍ଚ୍ଚା ଛାଡ଼ି ଗ୍ରନ୍ଥଚର୍ଚ୍ଚା ପାଇଁ କେତେ ଅବସର ବା ମିଳନ୍ତା ? ପ୍ରତିଭାର ଅଭିଶାପଭୂମି ଓଡ଼ିଶାରେ ଗଙ୍ଗାଧରଙ୍କର ପ୍ରତିଭା ସବୁଠାରୁ ଅଭିଶପ୍ତତମ ।

ଓଡ଼ିଆ ଭାଷାରେ ଯାହା କିଛି ପ୍ରାଚୀନ ବା ନବୀନ କାବ୍ୟକବିତା, ତାହା ହିଁ ଥିଲା ଗଙ୍ଗାଧରଙ୍କ ମାନସିକ କ୍ଷୁଧାର ପ୍ରଧାନ ଖାଦ୍ୟ । ଭଞ୍ଜ, ଅଭିମନ୍ୟୁଙ୍କ ସଙ୍ଗେ ରାଧାନାଥ ଓ ମଧୁସୂଦନଙ୍କଠାରୁ ରସ ସଂଗ୍ରହ କରି ହିଁ ତାଙ୍କର ଯାହା କିଛି ମାନସିକ ଅଭିବୃଦ୍ଧି ଘଟିଥିଲା । ତେଣୁ ତାଙ୍କର ପ୍ରତିଭା ଯାହା କିଛି ଦେଇପାରିଛି, ତାହା କେବଳ ଏହି ସଂକୀର୍ଣ୍ଣ ସୀମା ଭିତରେ ହିଁ ଆବଦ୍ଧ । ସେ ଯଦି ଉଚ୍ଚତର ଆକାଶକୁ ଉଡ଼ିବାର ଅବକାଶ ପାଇଥାନ୍ତେ, ଓଡ଼ିଆ ସାହିତ୍ୟ ଆହୁରି ବହୁଭାବରେ ତାଙ୍କଠାରେ ଋଣୀ ହୋଇଥାନ୍ତା ।

ସିଦ୍ଧି ସ୍ୱଳ୍ପ ହେଲେହେଁ, ପରିସର ସଂକୀର୍ଣ୍ଣ ହେଲେହେଁ ଗଙ୍ଗାଧରଙ୍କ ପ୍ରତିଭାର ମୌଳିକତା ଫଳରେ ସେଥିରେ ଆମ୍ଭେମାନେ ଦେଖିବାକୁ ପାଉଁ ଓଡ଼ିଆ ସାହିତ୍ୟର ପ୍ରାଚୀନ ଓ ନବୀନ ଯୁଗର ଅପୂର୍ବ ସମନ୍ୱୟ । ରାଧାନାଥ ଅର୍ଥର ପ୍ରାଞ୍ଜଳତା ସଙ୍ଗେ ଭଞ୍ଜୀୟ ଛନ୍ଦମାଧୁର୍ଯ୍ୟର ମଧୁର ମିଳନ ଘଟିଛି ମେହେରଙ୍କ ଲେଖନୀରେ । ଶବ୍ଦଗାମ୍ଭୀର୍ଯ୍ୟ ଅଛି, ଅଥଚ ଅକାରଣ ଶବ୍ଦାଡ଼ମ୍ବର ନାହିଁ; ଉପମା ଉପମାନର ପ୍ରାଚୀନ ବାହୁଲ୍ୟ ଅଛି, ଅଥଚ ସେ ସମସ୍ତ ତାଙ୍କର ନିଜସ୍ୱ, ପ୍ରାଚୀନ ଲିଖନଶୈଳୀ ଭିତରେ ନବଯୁଗର ଆଦର୍ଶର ମନୋଜ୍ଞ ଚିତ୍ରଣ ଏବଂ ପ୍ରାଚୀନ ଆଦର୍ଶକୁ ନବଯୁଗର ରୁଚି-ଅନୁକୂଳ କରି ପରିସ୍ଫୁଟନ, ଏ ସମସ୍ତ ଗଙ୍ଗାଧରଙ୍କ ମୌଳିକତାର ଚିହ୍ନ । ଏସବୁ ଦିଗରେ ସେ ନିଜେ ହିଁ ନିଜର ଗୁରୁ । ଗୁଣଗ୍ରାହୀ ରାଧାନାଥ ତେଣୁ କବିଗୁରୁ ବୋଲି ସମ୍ମାନିତ ହେଉଥିଲେହେଁ ସମ୍ବଲପୁରୀ ତନ୍ତୀର ପ୍ରତିଭାକୁ ବାରମ୍ବାର ନମସ୍କାର ଜଣାଇଛନ୍ତି ।

ଗଙ୍ଗାଧରଙ୍କ ରଚନା ସଙ୍ଗୀତମୟ, ଶ୍ରୁତିସୁଖକର, ସୁଲଳିତ । ଏହି ଗୁଣରେ ତାଙ୍କର କାବ୍ୟକବିତା ଉତ୍କଳ ଦେଶରେ ସୁପ୍ରଚରିତ । ଏ ଗୁଣର ଆଲୋଚନା ପ୍ରାୟ ନିଷ୍ପ୍ରୟୋଜନ । କିନ୍ତୁ କବିର ପ୍ରକୃତ ନିକଷ ଦି'ଟା ମିଠା କଥା ଶୁଣେଇବାର ନୁହେଁ, ତାର ପ୍ରକୃତ ବିଚାର ଏହି ଯେ ତାଙ୍କର ସମଗ୍ର ରଚନା ଭିତରେ ଆମ୍ଭେମାନେ କି ପ୍ରକାର ବ୍ୟକ୍ତିତ୍ୱର ସମ୍ମୁଖୀନ ହେଉ ? ଜଗତଟାକୁ କବି ନିଜ ଆଖିରେ ଦେଖିବାକୁ ଚେଷ୍ଟା କରିଛି, ନା କେବଳ ଶୁଣାକଥାର ଆବୃତ୍ତି ମାତ୍ର କରିଚାଲିଛି ? ନାନା ବାଧାବିପଦ ଭିତରେ ଗତି କରି ମଧ୍ୟ ଜୀବନରେ ସେ କିଛି ସତ୍ୟ, କିଛି ଚିରନ୍ତନ ସନ୍ଧାନ ପାଇଛି, ନା କେବଳ ଚିରପରିବର୍ତ୍ତମାନ କ୍ଷୟିଷ୍ଣୁ ଓ କ୍ଷଣସ୍ଥାୟୀ ଦୈନନ୍ଦିନ ଘଟଣାପ୍ରବାହରେ ସେ ଅନ୍ୟମାନଙ୍କ ପରି ମୁହ୍ୟମାନ ହୋଇପଡ଼ୁଛି ? ସୌନ୍ଦର୍ଯ୍ୟ ଓ ମାଧୁର୍ଯ୍ୟ ଭିତର ଦେଇ କବି ସତ୍ୟର ସନ୍ଧାନ ଆମକୁ ଦେବାକୁ ଚେଷ୍ଟା କରିଛି ନା ନାହିଁ ?

ଶ୍ରବଣସୁଖଦାୟୀ ଶବ୍ଦ-ଶିଳ୍ପୀ ଭାବରେ ଗଙ୍ଗାଧରଙ୍କ ସ୍ଥାନ ତ ଅବିସମ୍ବାଦୀ, ଉଚ୍ଚାଦର୍ଶବାଦୀ, ସତ୍ୟଦ୍ରଷ୍ଟା, ଭାବୁକ ଭାବରେ ମଧ୍ୟ ତାଙ୍କର ସ୍ଥାନ ତାଙ୍କର ସମସ୍ତ ସମସାମୟିକମାନଙ୍କ ମଧ୍ୟରେ ଉଚ୍ଚତର । ତାଙ୍କର କାବ୍ୟାବଳି ଓ କବିତାବଳିକୁ ସମଗ୍ର ଭାବରେ ବିଚାର କରି ବସିଲେ ସେସବୁର ତଳେ ଆମ୍ଭେମାନେ ଏପରି ଏକ ଶୁଦ୍ଧ-ସଚେତନ ବ୍ୟକ୍ତିତ୍ୱର ପରିଚୟ ପାଉଁ, ଯାହା କି ଗଭୀର ସମ୍ମାନର ଯୋଗ୍ୟ । କବିଙ୍କ ଜୀବନୀ ଆମ୍ଭମାନଙ୍କୁ ପରିକଳ୍ପିତ ଜଣା । ସେଥିରେ ମଧ୍ୟ ଆମ୍ଭେମାନେ ଏହି ଭକ୍ତିଭାଜନ ବ୍ୟକ୍ତିତ୍ୱର ସ୍ପଷ୍ଟ ବିକାଶ ଦେଖିବାକୁ ପାଉଁ । ଦରିଦ୍ର ହେଲେହେଁ ଗଙ୍ଗାଧର କେବେହେଲେ କାହାର ଅନୁଗ୍ରହପ୍ରାର୍ଥୀ ହୋଇ ନ ଥିଲେ, ଅସାଧାରଣ ପ୍ରତିଭାର ଅଧିକାରୀ ହେଲେହେଁ ସେ ନିତାନ୍ତ ବିନୟୀ ଥିଲେ, ଘୋର ଅଭାବସତ୍ତ୍ୱେ ସେ ସୁଲଭ ଓ ସର୍ବବାଞ୍ଛିତ ମାଚ ପ୍ରଲୋଭନସବୁକୁ ପଦାଘାତ କରିପାରିଥିଲେ । ନିଜ ରଚିତ ପୁସ୍ତକାବଳି ଲେଖାସରିଲା ପରେ ବର୍ଷ ବର୍ଷ ଧରି ଘରେ ପଡ଼ିରହିଥିଲେ ମଧ୍ୟ କେବେ କେଉଁ ରାଜା ବା ଧନୀକର ମିଥ୍ୟା ପ୍ରଶସ୍ତି ଗାଇ ସେଗୁଡ଼ିକୁ ଛପେଇଦେବାର ଇତର ଅନୁରୋଧ ସେ କରି ନାହାନ୍ତି । ଦରିଦ୍ର ହେଲେହେଁ ସେ ସ୍ପଷ୍ଟବକ୍ତା, ଅକୁତୋଭୟ, ନିରନ୍ତର ଜାତି ଓ ଦେଶର ଉପଚିକୀର୍ଷୁ । ମାନବସମାଜର ବହୁବିଧ ବୀରମାନଙ୍କ ଭିତରେ କାର୍ଲାଇଲ ସାହିତ୍ୟିକ-ବୀରର ମଧ୍ୟ ବର୍ଣ୍ଣନା କରିଛନ୍ତି । ଆମର ପ୍ରିୟକବି ଗଙ୍ଗାଧର ମେହେର ଦରିଦ୍ର ହେଲେହେଁ ସେହିପରି ଏକ ସାହିତ୍ୟିକ ବୀର । ଧନାଭାବ ଓ ଶିକ୍ଷାଭାବର ଜୀବନବ୍ୟାପୀ ଦ୍ୱିମୁଖୀ ସଂଗ୍ରାମ ଏହି ବୀରପୁରୁଷଙ୍କର ବ୍ୟକ୍ତିତ୍ୱକୁ ଦବେଇ ପାରି ନାହିଁ । ତାହା ତାଙ୍କର ସାମାଜିକ ଓ ସାହିତ୍ୟିକ ଉଭୟ ଜୀବନରେ ପରିବ୍ୟକ୍ତ ହୋଇଉଠିଛି ।

ଗଙ୍ଗାଧରଙ୍କ କାବ୍ୟସୃଷ୍ଟି ଭିତରେ ଆମେ ତାଙ୍କର ବ୍ୟକ୍ତିତ୍ୱର ସନ୍ଧାନ କେଉଁଠି ପାଉଁ ? ତାହା କୌଣସି ନିର୍ଦ୍ଦିଷ୍ଟ ସ୍ଥାନରେ ନାହିଁ । ତାହା ତାଙ୍କ କାବ୍ୟାବଳି ଓ କବିତାବଳିରେ ଓତପ୍ରୋତ ଭାବରେ ମିଶିରହିଛି । ତାହା କାବ୍ୟ ଓ କବିତାର ବିଷୟବସ୍ତୁରେ ନାହିଁ, ଅଛି କବିଙ୍କ ଲେଖନୀରେ, ସେସବୁର ଅନ୍ୟଠାରୁ ବିଭିନ୍ନ ଚିତ୍ରଣରେ, ସେସବୁକୁ କବି କି ଭାବରେ ତାଙ୍କର ନିଜର ଦୃଷ୍ଟିକୋଣରୁ ଦେଖିପାରିଛନ୍ତି ତାହା ଜାଣିବାରେ ।

ତାଙ୍କ କାବ୍ୟ-କବିତାବଳିର ସମଗ୍ର ବିଚାର କରି ଦେଖୁଁ ଯେ ଗଙ୍ଗାଧର ବିଦଗ୍ଧ ଶବ୍ଦ ଶିଳ୍ପୀ ତ ଥିଲେ, ତାହା ଛଡ଼ା ସେ ଥିଲେ ବିଚାରବନ୍ତ, ଦେଶପ୍ରେମୀ, ସମାଜର ସ୍ପଷ୍ଟ ସମାଲୋଚକ, ଉଚ୍ଚକୋଟୀର ନୈତିକ ଆଦର୍ଶବାଦୀ, ସାର୍ବଜନୀନ ମାନବ, ପ୍ରଗତିଶୀଳ ନାଗରିକ ଓ ଈଶ୍ୱରଙ୍କ ବିନୀତ ଭକ୍ତ । ସର୍ବକ୍ଷେତ୍ରରେ ତାଙ୍କ ଲେଖନୀ ସଂଯତ, ସ୍ଥିତପ୍ରଜ୍ଞ । ତାହା ଯେତିକି ଦରକାର ସେତିକି କହେ, ସତ୍ୟ କଥାଟି କହେ, ଅଥଚ ସୁନ୍ଦର କରି କହେ ।

କବି ନିଜ ଜନ୍ମଭୂମି ଓଡ଼ିଶାକୁ ଯେ କିପରି ଭଲ ପାଉଥିଲେ, ତାହା 'ଉତ୍କଳଲକ୍ଷ୍ମୀ'ରେ ପରିସ୍ଫୁଟ । ତାହା ଏକ କାଳ୍ପନିକ କାବ୍ୟ । କଳ୍ପ-ଜଗତରେ କବିଙ୍କ ଆଖିକୁ ଉତ୍କଳ ସର୍ବ-ସୁନ୍ଦର ଦିଶିଲେହେଁ ଓଡ଼ିଆ ଜାତି କେଉଁ ନିମ୍ନସ୍ତରରେ ପଡ଼ିରହିଥିଲା, କବି ତାହା ଜାଣିଥିଲେ ଓ ଅନେକ କବିତାରେ ଦେଶବାସୀଙ୍କୁ ତାଙ୍କର ଦୋଷ ଦେଖାଇବାକୁ ଛାଡ଼ି ନାହାନ୍ତି । 'ଉଦ୍‌ବୋଧନ' କବିତାରେ ତେଣୁ କବି ଓଡ଼ିଆ ଜାତିକୁ ଲକ୍ଷ୍ୟକରି କହିଛନ୍ତି —

"ଉଚ୍ଚପଦ ପାଇଁ ଡାକଲେ ସ୍ୱଜନ,
କେତେ ଜଣ ଅଛ ତହିଁକି ଭାଜନ ?
ପ୍ରତିବେଶୀଙ୍କର ସହିତ ତୁଳନା
କରି କର ନିଜ ମଧ୍ୟରେ କଳନା ।
ତହିଁରୁ ବୁଝିବ ନିଜେ କେତେ ହୀନ,
କରିଅଛ ପୁଣି ମାତୃଭାଷା ହୀନ ।
ମାତୃଭାଷା ପୋଥି ଛୁଇଁବାକୁ କରେ,
ଅନ୍ୟ କେଉଁ ଜାତି ଲଜ୍ଜା ବୋଧ କରେ ?"

ଓଡ଼ିଆମାନଙ୍କର ବିଦ୍ୟାହୀନତା ଓ ଆଳସ୍ୟକୁ କବି ବାରମ୍ବାର ନାନା ସ୍ଥାନରେ ଲକ୍ଷ୍ୟକରି ବାଣ ଛାଡ଼ିଛନ୍ତି—

"କର୍ମ-ବାଷ୍ପରଥ ଧାଇଁ ଶଙ୍ଖସ୍ୱନେ
ଆସି ଏବେ ଲାଗିଗଲାଣି ଷ୍ଟେସନେ,
ଚଢ଼ିବା ସମୟ ହେଲାଣି ନିକଟ
ଶୋଇ ପଡ଼ିଅଛ ନ କଣି ଟିକଟ ?"

(ଉଦ୍‌ବୋଧନ, ଅର୍ଘ୍ୟଥାଳୀ)

ଅନ୍ୟ ସ୍ଥାନରେ—

"ଦେଖ ବହୁଛି ହେ ଈଶ୍ୱର-ଆଶିଷଧାର
ଜ୍ଞାନ, କର୍ମ ଗଙ୍ଗା ଯମୁନା ପରିଏ
ଭବୁ କରିବାକୁ ପାର ।
ଦୁହିଁଙ୍କର ଯହିଁ ସଙ୍ଗମ ତହିଁରେ
ବାଞ୍ଛାବଟ ହୁଏ ଜାତ,
ମିଳଇ ସେ ବଟ— ତଳେ ବସି ଯାହା
ବାଞ୍ଛି ବଳାଇବ ହାତ ।
ସେ ଧାର ଯୁଗଳ ଉତ୍କଳ-ଭୂମିର
ବହୁଦୂରେ ଅଛି ରହି,
କୁଲ୍ୟା ଖୋଳିବାର ପ୍ରୟାସ ନ କଲେ
ଆସି ନ ପାରିବ ବହି ।"

(ଅର୍ଘ୍ୟଥାଳୀ)

ଏ ଭାବର ଯଥାର୍ଥତା କେବଳ କବିଙ୍କ ସମୟରେ ସତ୍ୟ ନ ଥିଲା, ତାହା ସବୁଯୁଗରେ ହିଁ ସତ୍ୟ । ନବଜାଗ୍ରତ ଉତ୍କଳରେ କବିଙ୍କର ଜ୍ଞାନ ଓ କର୍ମର ମଧୁର ମିଳନର ସ୍ୱପ୍ନ ବାସ୍ତବକୁ ଆସିଲା ପରି ଲାଗୁଛି ।

କବିଙ୍କର ଏହି ଦେଶ-ପ୍ରୀତି ଦରକାର ବେଳେ କିପରି ସାର୍ବଜନୀନ ବିଶ୍ୱ-ପ୍ରୀତିରେ ରୂପାନ୍ତରିତ ହୋଇଯାଉଥିଲା, ତାହା ନିମ୍ନ କବିତାଂଶରେ ମଧୁରଭାବରେ ପ୍ରକାଶିତ ହୋଇଛି—

"ଜ୍ଞାନବଳେ ଯେବେ ଜାଣେ ସମସ୍ତଙ୍କ
ଜନକ, ଜଗତପତି
ସହୋଦର ଜ୍ଞାନ କରେ ଅବନୀର
ମାନବସମାଜ ପ୍ରତି ।
ତେବେ ସେ ଜାଣଇ ଯେ କରଇ ଯେତେ
ଲୋକଙ୍କର ଉପକାର
ବିଶ୍ୱପତିଙ୍କର ବିଶ୍ୱଗୃହେ ଅଟେ
ସେ ତେତେ ଯୋଗ୍ୟ କୁମର ।"
(ମାତୃଭୂମି, ଅର୍ଘ୍ୟଥାଳୀ)

ଏପରି ଉଦାରମନା କବିଙ୍କ ଆଖିରେ ନିଜ ଦେଶ ଓ ଜାତିର ଅନ୍ୟାୟ ଅନାଚାର ମଧ୍ୟ ଯେ ଅସହ୍ୟ ହେବ, ଏଥିରେ ସନ୍ଦେହ କଅଣ ? କବି ସାମାଜିକ ଜୀବନରେ ଅତ୍ୟନ୍ତ ବିନୟୀ ଓ ଅମାୟିକ ଥିଲେ ବୋଲି ଜାଣୁ । କିନ୍ତୁ ତା ବୋଲି କେଉଁ କେଉଁ ଲୋକ ଭଣ୍ଡ-ପ୍ରାଧାନ୍ୟର ଆବରଣ ତଳେ ସମାଜର କଣ୍ଟକ ସ୍ୱରୂପ, ତାହା କି ସେ ଜାଣୁ ନ ଥିଲେ ? ଏବଂ ଜାଣି ମଧ୍ୟ ସେ କି ଚୁପ୍ ହୋଇ ରହିବା ଲୋକ ? "ତାଙ୍କୁ ମଧ୍ୟ ବୋଲଥାନ୍ତି ଧର୍ମ ଅବତାର" ଓ ଅନ୍ୟାନ୍ୟ କବିତାରେ ସମାଜର ଏହି ବ୍ୟାଧିଗୁଡ଼ିକ ପ୍ରତି କବି ତୀକ୍ଷ୍ଣ ବାଣ ପ୍ରୟୋଗ କରିଥିବାର ଆମେ ଦେଖୁଁ—

"ଜୀବନ ଯା ଲକ୍ଷ ଲକ୍ଷ ଲୋକଙ୍କର ଭାର,
ତାଙ୍କୁ ମଧ୍ୟ ବୋଲଥାନ୍ତି ଧର୍ମ-ଅବତାର ।"

ନିମ୍ନଲିଖିତ ଶ୍ଳୋକଟି ଠକ ଓ ଅତ୍ୟାଚାରୀ ସରକାରୀ କର୍ମଚାରୀମାନଙ୍କ ପ୍ରତି କିପରି ପ୍ରଯୁଜ୍ୟ ଦେଖନ୍ତୁ—

"ଭ୍ରମଣ ଖରଚ ପାଇଁ ପାଇଥାଏ ଭତ୍ତା
ଖାଇଥାଏ ମୋଡ଼ି ଏଣେ ଦରିଦ୍ରଙ୍କ ମଥା,
କରୁଥାଏ କ୍ଷମତାର ଅପବ୍ୟବହାର
ତାଙ୍କୁ ମଧ୍ୟ ବୋଲୁଥାନ୍ତି ଧର୍ମ-ଅବତାର ।"

ଏ 'ଧର୍ମାବତାର'ଗୁଡ଼ିକ ସବୁ ଯୁଗରେ ଦେଖାଯାନ୍ତି; ତେଣୁ କବିଙ୍କର ବାକ୍ୟବାଣର ମୂଲ୍ୟ ଚିରନ୍ତନ ।

କବି ପରାଧୀନ ଭାରତରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପୌଢ଼ ବୟସ ବେଳକୁ ଦେଶରେ ଗାନ୍ଧିଜୀଙ୍କ ନେତୃତ୍ୱରେ ସ୍ୱାଧୀନତା ଆନ୍ଦୋଳନ ଆରମ୍ଭ ହେଲା । କବି ତରୁଣ ଥିଲେ ହୁଏତ ସେ ଆନ୍ଦୋଳନରେ ଯୋଗ ଦେଇଥାନ୍ତେ । କିନ୍ତୁ ଦାରିଦ୍ର୍ୟ ଭିତରେ, ପୌଢ଼ ବୟସରେ, କୁଟୁମ୍ବର ଭାର ମୁଣ୍ଡରେ ନେଇ ଦେଶ ପାଇଁ ଅଧିକ ଦୁଃଖ ବରଣ କରିବା ତାଙ୍କ ପକ୍ଷରେ ସମ୍ଭବ ନ ଥିଲା । କିନ୍ତୁ ତାଙ୍କର ଜନ୍ମଭୂମିର ସ୍ୱାଧୀନତା-ସ୍ୱପ୍ନ ଓ ବିଦେଶୀ ରାଜା ପ୍ରତି ବିଦ୍ୱେଷ 'ଭାରତୀ-ଭାବନା'ରେ ପ୍ରଚ୍ଛନ୍ନଭାବରେ ବର୍ଣ୍ଣିତ ହେଲେହେଁ ସୁସ୍ପଷ୍ଟ । ବ୍ରିଟିଶ ପୋଲିସ ଭୟରେ ଦରିଦ୍ର କବି ପ୍ରକାଶ୍ୟରେ ରାଜଦ୍ରୋହ କରିପାରି ନାହାନ୍ତି । କିନ୍ତୁ କବିଙ୍କର ଧର୍ମକଥା ଆଜି ଦେଶବାସୀଙ୍କ ନିକଟରେ ସୁସ୍ପଷ୍ଟ ।

୧୧

"ତୁମ୍ଭର ଆଗରେ ତୁମ୍ଭର ପରିଏ
ମୁସଲମାନ ଥିଲେ ଆସି
କୋପନ ସ୍ୱଭାବ ହେଲେହେଁ ଆମ୍ଭର
ସମସ୍ତ ଥିଲେ ନାହିଁ ଗ୍ରାସି;
କରି ସେ, ନ ଥିଲେ ବସନ ହରଣ,
ଦୂରି ପଦ ସୂତା ଚିନ୍ତି କାରି ପାଶ
କରି ନ ଥିଲେ ସେ ପ୍ରେରଣ ।

୧୨

ଆମ୍ଭ କର ଧରି ଚାଲି ଚାଲି କ୍ରମେ
ତୁମ୍ଭ ପରାକ୍ରମ ବଢ଼ିଲା
ତୁମ୍ଭ ବିନା ଆମ୍ଭେ ଚଳି ନ ପାରିବୁଁ
କଥା ଶୁଣିବାକୁ ପଡ଼ିଲା,
ଜୀବନ, ଜୀବିକା ତୁମ୍ଭର ହାତରେ
ଦେଇ ତୁମ୍ଭ ପଦ ଆଶାରେ ରହିଲୁଁ
କାନ୍ଦି ମରୁଅଛୁଁ କାତରେ ।"

(ଭାରତୀ-ଭାବନା)

ଏହି ପଦଗୁଡ଼ିକରେ ଇଂରେଜମାନଙ୍କର ଭାରତବର୍ଷରେ ସର୍ବଗ୍ରାସୀ ଆର୍ଥିକ ଶୋଷଣ କି ସୁନ୍ଦରଭାବରେ ବର୍ଣ୍ଣିତ ହୋଇଛି, ପାଠକେ ଦେଖନ୍ତୁ । "ଜ୍ୟେଷ୍ଠ ଜାତିର ଅପକର୍ମର ପରିଣାମ" କବିତାରେ ସାମ୍ରାଜ୍ୟବାଦର ନିନ୍ଦା କରି ଗଙ୍ଗାଧର ସମଗ୍ର ମାନବ ଜାତିର କବି ହୋଇଉଠିଛନ୍ତି ।

ମେହେର-ପ୍ରତିଭାର ଜାଗ୍ରତ ଚକ୍ଷୁ କେବଳ ଦେଶ ବା ସମାଜରେ ଆବଦ୍ଧ ନ ଥିଲା । ମନୁଷ୍ୟର ଦୃଷ୍ଟି ଯେତେଦୂର ଓ ଯେଉଁଆଡ଼େ ଯାଇପାରେ, ତାହା ସେ ସ୍ଥାନକୁ ଯାଇଥିଲା ଓ ସେ ସେ ସ୍ଥାନରୁ ତତ୍ତ୍ୱ ସଂଗ୍ରହ କରିବାକୁ ଚେଷ୍ଟା କରିଥିଲା । 'ତାରାସୂର୍ଯ୍ୟ', 'ମହାନ୍ଧକାର' ପ୍ରଭୃତି କବିତାମାନଙ୍କରେ କବିଙ୍କର ଦୃଷ୍ଟି ବିଜ୍ଞାନ-ପ୍ରକଟିତ ରହସ୍ୟମୟ ବିଶ୍ୱ ଉପରେ ପତିତ ହୋଇଥିବାର ଦେଖୁଁ । 'ତାରାସୂର୍ଯ୍ୟ' କବିତାରେ ତାରା ଓ ସୂର୍ଯ୍ୟର ତୁଳନା କରି କବି ଯେଉଁ ହାସ୍ୟରସର ସୃଷ୍ଟି କରିଛନ୍ତି, ତାହା ବଡ଼ ଉପଭୋଗ୍ୟ ।

"ତୁମ୍ଭ ରାଜ୍ୟେ ହୁଅ ତୁମ୍ଭେ ପ୍ରଚୁର କିରଣ,
ତେଣୁ ସେହିଠାରେ ଥିବ ତୁମ୍ଭ ରବିପଣ ।
ଆମ୍ଭ ରାଜ୍ୟେ ଆମ୍ଭ ରବି କଟେରେ ତମ କ୍ଷୟ,
ଏଣୁ ଆମ୍ଭେ ଗୃହୁଁ ଥାଉଁ ତାଙ୍କର ଉଦୟ ।
ତୁମ୍ଭେ ଯେତେ ବଡ଼ ହେଲେ ଆମ୍ଭର କି ଲଭ ?
ଆମ୍ଭ ତମ ନାଶିବାକୁ ନାହିଁ ତ ପ୍ରଭାବ ?
ଯେ ଯାହାର ହିତ କରେ ନ ହେଲେ ତା' ନାମ,
ଆମ୍ଭ ଦେଶେ କହୁଁ ତାକୁ ନିମକହାରାମ ।"

(ଅର୍ଘ୍ୟଥାଳୀ)

ଗଙ୍ଗାଧରଙ୍କ ପ୍ରଥମ ଲେଖା ହେଉଛି 'ଅହଲ୍ୟାସ୍ତବ' । ଏଇ ଜୀବନ ଓ ଏ ବିଶ୍ୱର ପରମସ୍ରଷ୍ଟାଙ୍କ ନିକଟରେ ପ୍ରଣତ ହେବାର ବୀଜ ତାଙ୍କର ରକ୍ତଗତ । ପରେ ଅଭିଜ୍ଞତାର ବୃଦ୍ଧି ସଙ୍ଗେ କବି ଓ ଈଶ୍ୱରଙ୍କର ସମ୍ବନ୍ଧ ଏପରି ଏକ ସୂକ୍ଷ୍ମ ଅହୈତୁକ ଶ୍ରଦ୍ଧା, ବିନୟ ଓ ଭକ୍ତିର ସ୍ତରରେ ପହଞ୍ଚିଛି, ଯାର ମନୋରମ ପ୍ରକାଶ ଘଟିଛି 'ଭକ୍ତି' କବିତାରେ । ସମଗ୍ର ଓଡ଼ିଆ ସାହିତ୍ୟରେ ଏ କବିତାଟି ଗୋଟିଏ ବିଶିଷ୍ଟ ରତ୍ନ । ଏ କବିତାରେ ଆମେ କବିଙ୍କି ଈଶ୍ୱରଙ୍କର କେବଳ ଗତାନୁଗତିକ ସ୍ତୁତିକାରୀ ଭକ୍ତ-ଭାବରେ ଦେଖୁନା, ଆମେ ଦେଖୁଛୁ, କବି ଈଶ୍ୱର-ତତ୍ତ୍ୱରେ କେତେଦୂର ପରିଚିତ ବନ୍ଧା ଗତଗୁଡ଼ିକର ଉପରକୁ ଉଠିପାରିଥିଲେ । ନିରାକାରବାଦୀମାନେ ପୌତ୍ତଳିକତାକୁ ନିନ୍ଦାକରିବା ସଙ୍ଗେ ସଙ୍ଗେ ବ୍ରହ୍ମର 'ଚରଣ' ଭଜନ କରିବାର ଆତ୍ମ-ପ୍ରତାରଣା ଏଠି ନାହିଁ । ଗଙ୍ଗାଧରଙ୍କ ଈଶ୍ୱର ସାକାର ବି ନୁହେଁ, ନିରାକାର ବି ନୁହେଁ । ସେ ସାର୍ବଭୌମ । ବିଶ୍ୱର ବିରାଟ ସମଗ୍ରତା ହିଁ ତାଙ୍କର ରୂପ । କବି ତେଣୁ ଗତାନୁଗତିକ ଭାବରେ ଈଶ୍ୱରଙ୍କୁ 'କରୁଣାସିନ୍ଧୁ' କହିବାକୁ କୁଣ୍ଠିତ; କାରଣ ବିରାଟ ଈଶ୍ୱରଙ୍କର ନିକଟରେ ପୃଥିବୀର ସମୁଦ୍ରଟା ଏକ ଅଞ୍ଜୁଳା ପାଣି ମଧ୍ୟ ନୁହେଁ । ଭକ୍ତମାନେ କହନ୍ତି, "ପ୍ରଭୁ ! ତମର ପଦଧୂଳି ମୋ ମଥାରେ ପଡ଼ୁ ।" ମେହେର-ପ୍ରତିଭାର ଦିବ୍ୟଚକ୍ଷୁ କିନ୍ତୁ ବିଧାତାର ବିଶ୍ୱରୂପ ଦେଖିପାରିଛି । ତେଣୁ କବି ସେ ଧୂଳି ମାଗିବାକୁ ଆତଙ୍କିତ; କାରଣ ସେ ଧୂଳିରେ ଯେ କୋଟି କୋଟି ରବି ବିଲୁଣ୍ଠିତ, ତାକୁ ମୁଣ୍ଡରେ ନେବ

କଏ ? ଈଶ୍ୱରଙ୍କର ଏହି ସାର୍ବଭୌମତ୍ୱ ସମୀପରେ କବି କେବଳ ଦେଖୁଛନ୍ତି ଯେ ନିଜର 'ମୁଁ-କାର' ବା 'ଅହଂକାର'ର କୌଣସି ଅର୍ଥ ନାହିଁ ଏବଂ କବିଙ୍କର ଏକମାତ୍ର ପ୍ରାର୍ଥନା ଯେ ଈଶ୍ୱର ତାଙ୍କଠାରୁ ସେଇତକ ନେଇଯାନ୍ତୁ, ବାକି ଯାହା କିଛି ସବୁ ତ ଈଶ୍ୱରଙ୍କର ଦାନ ।

ଉଦାରତତ୍ତ୍ୱ ସଙ୍ଗେ ଗଭୀର ଭକ୍ତି ଓ ମଧୁର ସଙ୍ଗୀତର ତ୍ରିବେଣୀ ସଂଯୋଗରେ ଏଇ 'ଭକ୍ତି' କବିତାଟି ଏକ ଅମୂଲ୍ୟ ସମ୍ପଦ ହୋଇଉଠିଛି ।

ଗଭୀର ଆଧ୍ୟାତ୍ମିକ ଯୋଗୁ ହିଁ ଜୀବନର ସମସ୍ତ ଅଭାବ, ଅଭିଶାପ ସତ୍ତ୍ୱେ କବି ନିଜକୁ ଅମୃତ-ସନ୍ତାନ ବୋଲି ମନେକରି ଆତ୍ମହରାପ୍ରାପ୍ତ ହୋଇପାରିଛନ୍ତି ।

"ମୁଁ ତ ଅମୃତ-ସାଗରବିନ୍ଦୁ
ନଭେ ଉଠିଥିଲି ତେଜି ସିନ୍ଧୁ
ଖସି ମିଶିଛି ଅମୃତ ଧାରେ
ଗତି କରୁଛି ସେ ଅକୂପାରେ
ପଥେ ଶୁଖିଗଲେ ତାପ ତାପରେ
ହୋଇ ଶିଶିର ଖସିବି ତା' ପରେ
ଅମୃତରସ୍ତୁ ଅମୃତମସ୍ତୁ
ସହିତ ମିଶିବି ସାଗରେ ।"

ପ୍ରତିଭାର ଦିବ୍ୟ ପ୍ରଭାବରେ ନିଜ ଜୀବନର ସକଳ ଦୁଃଖ-ନିର୍ଯ୍ୟାତନା ଚେତନାର ପଛକୁ ଘୁଞ୍ଚିଯାଇ କବିଙ୍କ ଚକ୍ଷୁରେ ଜୀବନ ଓ ଜଗତ ଈଶ୍ୱରମୟ; ତେଣୁ ଅମୃତମୟ, ଆନନ୍ଦମୟ ବୋଧ ହୋଇପାରିଛି ।

ଏହା କେବଳ ଉଚ୍ଚକୋଟୀର ଜୀବ ପକ୍ଷରେ ସମ୍ଭବ ହୋଇଥାଏ । ଏସବୁ ଗଳ୍ପ ଖଣ୍ଡ କବିତାର କଥା ।

ବର୍ତ୍ତମାନ ପ୍ରଶ୍ନ ହୋଇପାରେ, ଗଙ୍ଗାଧରଙ୍କ କାବ୍ୟାବଳୀରେ କ'ଣ ତାଙ୍କର ମହାନ୍ ବ୍ୟକ୍ତିତ୍ୱର ଏଇପରି ପରିଚୟ ମିଳିବ ? କାବ୍ୟ ପାଇଁ ତ ଗଙ୍ଗାଧର ପ୍ରସିଦ୍ଧ, ଖଣ୍ଡ କବିତା ପାଇଁ ନୁହେଁ ।

ଗଙ୍ଗାଧରଙ୍କ କାବ୍ୟାବଳୀର ସମସ୍ତ ବିଗ୍ରହ କରିବସିଲେ ମଧ୍ୟ ଆମେ କେବଳ ଏକ ଉଚ୍ଚ ବ୍ୟକ୍ତିତ୍ୱର ପରିଚୟ ଯେ ପାଉଁ ତା ନୁହେଁ, ଆମେ ସେ ବ୍ୟକ୍ତିତ୍ୱର ଅଭିବୃଦ୍ଧିର ଇତିହାସ ମଧ୍ୟ ତହିଁରେ ପାଉଁ । 'ମେଘଦୂତ' ଲେଖକ

ରାଧାନାଥ ଓ 'ପାର୍ବତୀ' ଲେଖକ ରାଧାନାଥ ଏକ, ଯଦିଓ ଦୁଇ ଲେଖା ଭିତରେ ବହୁବର୍ଷର ବ୍ୟବଧାନ । ରାଧାନାଥ ଆରମ୍ଭରୁ ସଂପୂର୍ଣ୍ଣ । କିନ୍ତୁ 'କୀଚକବଧ'ର ଗଙ୍ଗାଧର, 'ତପସ୍ୱିନୀ'ର ଗଙ୍ଗାଧର ସମାନ ନୁହନ୍ତି । ଦୁଇର ତୁଳନା କଲେ ଯେ କେହି ସ୍ପଷ୍ଟ ଦେଖିପାରିବ, ସମୟ ସଙ୍ଗେ କବିଙ୍କର କବିତ୍ୱର କିପରି ମନୋହର, ଉଦାର ଅଭିବୃଦ୍ଧି ଓ ସଂପ୍ରସାରଣ ଘଟିଛି । ବୃଦ୍ଧି, ଜୀବନ ଓ ଜାଗରଣର ଲକ୍ଷଣ ଏବଂ ଏହି ବୃଦ୍ଧିର ଇତିହାସ ଦେଖିଲେଇ ଆମ୍ଭମାନଙ୍କର ଚିତ୍ତ ନୈରାଶ୍ୟରେ ମଗ୍ନ ହୋଇପଡ଼େ ଏହା ଭାବି ଯେ, ଆହା ! କ୍ଷେତ୍ର ପାଇଥିଲେ ଏହି ବର୍ଦ୍ଧିଷ୍ଣୁ ପ୍ରତିଭା ଯେ କିପରି ବଢ଼ିଥାନ୍ତା କିଏ କହିବ !

ପୂର୍ବରୁ କହିଛି ଯେ ମେହେର-ପ୍ରତିଭାର ଖାଦ୍ୟ ଥିଲା ପ୍ରାଚୀନ ଓ ରାଧାନାଥୀ ଓଡ଼ିଆ କାବ୍ୟ କବିତା । କବି ଯେତେବେଳେ ଲେଖନୀ ଧାରଣ କରନ୍ତି, ଏହି ସବୁ ଥିଲା ତାଙ୍କର ଶ୍ରେଷ୍ଠ ଆଦର୍ଶ ! ଏଇ ଆଦର୍ଶ ଭିତରେ କିନ୍ତୁ ଅନେକ କିଛି ଆମେ ପାଉଁ, ଯାହା ଆଦୌ କବିତା ନୁହେଁ । ଅଭିଧାନିକ ଶବ୍ଦସଂଗ୍ରହକୁ ନେଇ ବଚନ-ଶୃଙ୍ଖଳା ଗଢ଼ିବା ଏଇ ଆଦର୍ଶର ଏକ ଅଂଶ । ନଗର, ପ୍ରାସାଦ, ବଣ ଓ ଋତୁମାନଙ୍କର ବର୍ଣ୍ଣନା ଏହି ଆଦର୍ଶରେ ଏକ ଗତାନୁଗତିକ ପନ୍ଥା ଧରିବାର ଆମେ ଦେଖୁଁ । ରାଧାନାଥ କବିତାକୁ ଏସବୁରୁ ଅନେକ ପରିମାଣରେ ମୁକ୍ତ କରି ଉତ୍କଳ ସରସ୍ୱତୀଙ୍କୁ ଅଳ୍ପାଭରଣ ସୁଷମା ଦେଇଗଲେ । କିନ୍ତୁ ଉତ୍କଳୀୟ ପାଠକମାନଙ୍କ ନିକଟରେ ପ୍ରାଚୀନ କାବ୍ୟମାନଙ୍କର ବଚନ-ବୈଦଗ୍ଧ୍ୟର ସମ୍ମୋହ କେବେହେଲେ ତୁଟିନି । ନବଯୁଗରେ ମଧ୍ୟ ଗଙ୍ଗାଧରଙ୍କ କାବ୍ୟର ଜନପ୍ରିୟତା ଏହା ହିଁ ପ୍ରମାଣ କରୁଛି । କାରଣ ତାଙ୍କର କବିତାରେ ହିଁ ଆମେ ଭାଷାରେ ରାଧାନାଥୀୟ ପ୍ରସାଦଗୁଣ ସଙ୍ଗେ ସଙ୍ଗେ ପ୍ରାଚୀନ କାବ୍ୟର ବଚନ-ଶୃଙ୍ଖଳା ମଧ୍ୟ ପାଉଁ ।

କିନ୍ତୁ ଗଙ୍ଗାଧରଙ୍କର ପ୍ରକୃଷ୍ଟ ବିକାଶ ଘଟିଛି ସେଇଠି ଓ ତାହା ହିଁ ତାଙ୍କର ଭାଷାକୁ ପ୍ରକୃତ ଦାନ, ଯେଉଁଠି ସେ ନିଜକୁ ଗତାନୁଗତିକତାରୁ ମୁକ୍ତ କରି ରଚନାରେ ନିଜର ସ୍ୱକୀୟ ଅଭିଜ୍ଞତା ଓ ପ୍ରତ୍ୟକ୍ଷ ଦର୍ଶନକୁ ପୂରେଇବାକୁ ଯାଇଛନ୍ତି । ପ୍ରଥମେ ପ୍ରଥମେ ହୁଏତ ନିଜର ଉପମାଟିଏ, କି ଯାହା ଦୈନନ୍ଦିନ ଘଟୁଛି ତା'ର ଚିତ୍ରଟିଏ କାବ୍ୟ ଭିତରେ ପୂରେଇବାକୁ କବି ସାହସ କରି ନ ଥିବେ । ଶୀତଳତାର ଉପମା ହିମ—ଏହା କାବ୍ୟପ୍ରତିଷ୍ଠିତ । କିନ୍ତୁ ଅଣ୍ଡାର ଉପମା ସ୍ୱରୂପ—

"ଅନାବୃତ ସ୍ଥାନେ, ଥିଲେ ଯଥା ଶୀତ-
ନିଶାନ୍ତେ ଲୌହ ଶାବଳ ।"

କହିବା ଯଥେଷ୍ଟ ସାହସ ଦରକାର କରେ । ପରେ ରାଧାନାଥ ପ୍ରଭୃତି ରସଗ୍ରାହୀମାନଙ୍କ ମୁଖରୁ କବିଙ୍କର ଏହି ପ୍ରକାର ମୌଳିକ ଦାନମାନଙ୍କର ପ୍ରଶଂସା ହେବାରୁ କ୍ରମେ କ୍ରମେ କବିଙ୍କ କାବ୍ୟମାନଙ୍କରେ ଗତାନୁଗତିକତା କମିଛି ଓ ସ୍ୱକୀୟତା ବୃଦ୍ଧି ପାଇଛି ।

"ବିରାଟ ନଗର ମଣ୍ଡ ମଧ୍ୟେ ମନୋହର
ବିଶ୍ୱମନୋରମା ରମା ଦେବୀ କେଳିଘର ।
ବିପଣୀ ସକଳ ଶୁଭ୍ର ସଉଧମାଳିନୀ ।
ରଜତ ପର୍ବତ ସମ ସୁଷମାଶାଳିନୀ ।"

ଏହି ଭାବରେ 'କୀଚକବଧ' କାବ୍ୟର ଆରମ୍ଭ; କିନ୍ତୁ ଏପରି ଲେଖା ଅନ୍ୟ କବି ମଧ୍ୟ ଲେଖିପାରନ୍ତେ । ପ୍ରଥମ ଦୁଇ ଧାଡ଼ିରେ ରାଧାନାଥଙ୍କ ଚିଲିକାର ପ୍ରଥମ ଦୁଇ ପଂକ୍ତିର ସ୍ପଷ୍ଟ ଅନୁକରଣ । ପ୍ରକୃତ ଗଙ୍ଗାଧର ତେଣୁ ଲୁପ୍ତ; କିନ୍ତୁ କାବ୍ୟର ଗତିକ୍ରମେ ମେହେର-ପ୍ରତିଭା କ୍ରମେ ଉପରକୁ ନିଜସ୍ୱ ବେଶରେ ଫୁଟି ବାହାରିଛି । ଚପଳା ଦାସୀର କୀଚକ ଓ ସୈରନ୍ଧ୍ରୀ ସଙ୍ଗେ କଥୋପକଥନରେ, ସୈରନ୍ଧ୍ରୀଙ୍କର କୀଚକ ନିକଟକୁ ମଦ୍ୟପାନ ଧରି ଯିବା ଓ କୀଚକଦ୍ୱାରା ଅନୁଗମିତା ହୋଇ ପଳାୟନ ପ୍ରଭୃତି ଯେପରି ଭାବରେ ବର୍ଣ୍ଣିତ, ତାହା नितान्तଭାବରେ ମେହେରୀ ରଚନା, ଅନ୍ୟ କା'ର ହୋଇ ନ ପାରେ । ଚପଳା କୀଚକକୁ ଯେତେବେଳେ କହୁଛି—

"କିନ୍ତୁ ଏ ପ୍ରସଙ୍ଗ ଲବ ମାତ୍ର ଜାଣି
ନ ପାରିବେ ସାଆନ୍ତାଣୀ
ତାଙ୍କ କର୍ଣ୍ଣେ ଏହା ପଡ଼ିଲେ ମୋହର
ଉଠିଯିବ ଦାନା ପାଣି ।
ଅଲଙ୍କାର କିଛି ନ ନେବି ତୁମ୍ଭରୁ
ନ ପିନ୍ଧିବି ପାଟ ଶାଢ଼ୀ
ସାଆନ୍ତାଣୀ ଯଦି ସେ ବେଶ ଦେଖିବେ
ମୋ ମୁଣ୍ଡେ ପଡ଼ିବ ବାଡ଼ି ।"

କାବ୍ୟରେ ଏପରି ସ୍ୱାଭାବିକ ଚିତ୍ର ରାଧାନାଥ ଯୁଗରେ କେବଳ ମେହେର ଦେବାର ହିଁ ଆମେ ଜାଣୁ । ସୈରନ୍ଧ୍ରୀ ନିକଟରୁ ବିଫଳମନୋରଥା ଚପଳା ଯେତେବେଳେ

"କୃଷିରକ୍ଷୀ-ଲୋଷ୍ଟ୍ରେ ଶସ୍ୟଭକ୍ଷୀ ମୃଗ
ପରିଏ ଗଲା ପଳାଇ ।"

ସେତେବେଳେ ଉପମାର ନୂତନତ୍ୱ ଓ ଚିତ୍ରର ପ୍ରାଞ୍ଜଳତାରେ ମେହେର-ପ୍ରତିଭାଠାରୁ ଆମେ କ'ଣ ଆଶା କରିପାରିବା, ତାର ସମ୍ୟକ୍ ଧାରଣା ହୁଏ ।

କବିଙ୍କର ସବୁ କାବ୍ୟ ମଧ୍ୟରେ 'ତପସ୍ୱିନୀ' ସବୁଠୁ ମୌଳିକ । ବିଷୟବସ୍ତୁ ନୂତନ ନୁହେଁ; କିନ୍ତୁ ପୁରୁଣା ଜିନିଷରେ ଯେ ଅପୂର୍ବ କାବ୍ୟ ଗଠିତ ହୋଇପାରିଛି, ତାହା ହିଁ ନୂତନ । ଭବଭୂତିଙ୍କ ଉତ୍ତରରାମଚରିତ ନାଟକର ଛାୟା ଏଥିରେ ପଡ଼ିଥିଲା ପରି ମଧ୍ୟ ମନେହୁଏ; କିନ୍ତୁ ସମସ୍ତ ଧାରଉଧାର ଭିତରେ କବିଙ୍କର ସ୍ୱୋପାର୍ଜିତ

ସମ୍ପଦ ଏତେ ବେଶୀ ଯେ, ଏହାକୁ ତାହାଙ୍କର ନିଜସ୍ୱ ରଚନା କହିବାରେ ଦ୍ୱିମତ ନ ଥାଇପାରେ । ମେହେର-ପ୍ରତିଭାର ସମସ୍ତ ଗୁଣ 'ତପସ୍ୱିନୀ'ରେ ଚରମୋତ୍କର୍ଷ ଲାଭ କରିଛି । ଭାଷାର ସାବଲୀଳତା, ଗୃଢ଼ଭୂଯ୍ୟ ଓ ମାଧୁର୍ଯ୍ୟ, ଛନ୍ଦର ପାଟବ, ଚିନ୍ତା, କଳ୍ପନା ଓ ଆଦର୍ଶର ମଧୁର ସମ୍ମିଶ୍ରଣରେ ଏ କାବ୍ୟ ସମଗ୍ର ଉତ୍କଳ-ସାହିତ୍ୟରେ ଏକ ଅପୂର୍ବ ସାମଗ୍ରୀ—ଶ୍ରବଣ ଓ ମନନ, ଉଭୟର ପରମ ଉପଭୋଗ୍ୟ ।

ପୂର୍ବରୁ କହିଛି ଯେ ମେହେର-ଲେଖନୀ ସ୍ମିତପ୍ରଜ୍ଞ । ତାହା କେବଳ ଯାହା ଚିରନ୍ତନ ଓ କଲ୍ୟାଣକର, ତାହା ହିଁ ଦେବାକୁ ଯାଇଛି ଏବଂ ତାହା ପରିବେଷିତ ହୋଇଛି ଶାନ୍ତ, ସଂଯତ ଅଥଚ ସୁନ୍ଦର ଭାଷାରେ । ଭାବପ୍ରବଣତାରେ ତାହା ଗଣ-ମନୋରଞ୍ଜନ ହିପଦ ଇତର କଥା କେବେହେଲେ କହିବାକୁ ଚେଷ୍ଟା କରି ନାହିଁ । ଦେଶକୁ ଭଲ ପାଇଲେ ମଧ୍ୟ ତାହା କେବେ କହିବାକୁ ଯାଇନି ଯେ ଏ ଦେଶ ଓ ଏ ଜାତି ଜଗତରେ ଶ୍ରେଷ୍ଠ ବା ଆମର ଅନ୍ୟଠୁ କିଛି ଶିଖିବାର ନାହିଁ । ବରଂ ତାହା ଦେଶ ଓ ଜାତିର ଅଭାବ, ଦୁର୍ବଳତା ବରାବର ଦେଖାଇ ଜାତି-ପ୍ରଗତିର ଠିକ୍ ରାସ୍ତାକୁ ଅଙ୍ଗୁଳି ନିର୍ଦ୍ଦେଶ କରିଆସିଛି ।

ମେହେରଙ୍କ ସବୁ କାବ୍ୟର କେନ୍ଦ୍ରବସ୍ତୁ ପ୍ରେମ । କିନ୍ତୁ ସେ ପ୍ରେମ ସଂଯତ, ମହତ୍, ଉଚ୍ଚସ୍ତରଗ୍ରଥିତ । ଯୌବନ ରୂପକ ମୋହଗ୍ରସ୍ତ ତଥାକଥିତ ପ୍ରେମର ଉନ୍ମତ୍ତତା ଏଥିରେ ନାହିଁ; କିନ୍ତୁ ଏଥିରେ ମାଧୁରୀ ଅଛି, ତ୍ୟାଗ ଅଛି, ଶକ୍ତି ଅଛି । ଏହା ନୈତିକତାର ଖଡ୍‌ଗଧାର ଉପରେ ଦଣ୍ଡାୟମାନ ; ତେଣୁ ଅସାଧାରଣ ହେଲେହେଁ ମନୋହର, ନମସ୍ୟ, ବିସ୍ମୟକର । କବି ବରାବର ସେହିପରି କଥାବସ୍ତୁ ତାଙ୍କ କାବ୍ୟମାନଙ୍କ ପାଇଁ ବାଛିଛନ୍ତି, ଯେଉଁଥିରେ ପ୍ରେମର ଭୋଗ ଅପେକ୍ଷା ଦୁଃଖ ବେଶୀ, ମିଳନ ଅପେକ୍ଷା ବିରହ ବେଶୀ, ଯେଉଁଥିରେ ପ୍ରଣୟୀ ଓ ପ୍ରଣୟିନୀଙ୍କର କରୁଣ ହୃଦୟ-ମନ୍ଥନ ହିଁ କାବ୍ୟର ପ୍ରଧାନ ଚର୍ଚ୍ଚା ।

ଏହି ହୃଦୟ-ମନ୍ଥନ ରାମାୟଣର ଉତ୍ତରକାଣ୍ଡରେ ଯେପରି ଆକସ୍ମିକଭାବରେ ଘଟି ସେ କାବ୍ୟକୁ କାରୁଣ୍ୟ ରସରେ ପ୍ଲାବିତ କରିଛି, ପୃଥିବୀ-ସାହିତ୍ୟରେ ତାହା ଖୋଜି ପାଇବା ଦୁଷ୍କର । ଯେଉଁ ପୁରୁଷୋତ୍ତମ ବନବାସକାଳରେ ପ୍ରାଣସଖୀ ଜାନକୀଙ୍କୁ ହରାଇ ସାଧାରଣ ଲୋକ ପରି ବିଳାପରେ ମୁହ୍ୟମାନ ହୋଇପଡ଼ୁଥିଲେ, ସେହି ରାମଚନ୍ଦ୍ର ଆଜି କଠୋର ରାଜକର୍ତ୍ତବ୍ୟ ଅନୁରୋଧରେ ଚିରକଣ୍ଠାଶ୍ଳେଷପ୍ରଣୟିନୀ ପ୍ରାଣସଙ୍ଗିନୀଙ୍କୁ ଜାଣି ଜାଣି ନିଜର ପାର୍ଶ୍ୱଦେଶରୁ ଉପାଡ଼ି ଦେଇ ଦୂରକୁ ଫିଙ୍ଗିଦେଲେ । ଏ ବିରହ ନିଜକୃତ । ରାମଚନ୍ଦ୍ର ଜାଣନ୍ତି, କୋମଳପ୍ରାଣା ରାମଗତହୃଦୟା ବୈଦେହୀଙ୍କର ମାନସିକ ଅବସ୍ଥା କିପରି ହେବ । ବାଲ୍ମୀକି ଆଶ୍ରମର ପର୍ଣ୍ଣକୁଟୀରରେ କୁଶଶଯ୍ୟାରେ ଶୋଇ ସେଦିନର ରାଜମହିଷୀ ବୈଦେହୀ ମଧ୍ୟ ଅଯୋଧ୍ୟା ରାଜପ୍ରାସାଦର ପ୍ରିୟସଙ୍ଗସୁଖର ମଧୁର ଛବିସବୁ ସ୍ମରଣ କରି କରି ଉଷ୍ଣ ଅଶ୍ରୁଧାରରେ ନିଜର ବାହୁ ସିକ୍ତ କଲାବେଳେ

କି'ଣ ମନେ କରୁ ନ ଥିବେ ଯେ, ଦୂରରେ ଅଯୋଧ୍ୟାରେ ମଧ୍ୟ ଆଉ ଜଣେ ଲୋକ ତାଙ୍କ ପାଇଁ ସେହିପରି ଅଶ୍ରୁତ୍ୟାଗ କରୁଛି ? ସମୁଚ୍ଚ ନୈତିକ ଆଦର୍ଶ ଅନୁରୋଧରେ ସ୍ୱକୃତ ବିଚ୍ଛେଦ-ସାଗରର ଦୁଇ କୂଳରେ ପରସ୍ପରଠାରୁ ନିର୍ବାସିତ ରହି ଦୁଇ ପ୍ରଣୟୀ ଏପରି ମର୍ମଦାହୀ ହୃଦୟ-ମନ୍ଥନ ଭୋଗକରିବା ବିଶ୍ୱସାହିତ୍ୟରେ ଅନ୍ୟତ୍ର ନାହିଁ ।

ଦ୍ୱିତୀୟ ବିରହର ଏଇ ବାରଟି ବର୍ଷରେ ରାଜା ରାମଚନ୍ଦ୍ରଙ୍କ ଜୀବନରେ ବହୁ ଘଟଣା ଘଟିଥିଲେହେଁ ସୀତାଙ୍କ ଜୀବନର ଏହି ବାର ବର୍ଷ ଘଟଣାହୀନ, ନିରାନନ୍ଦ, ଶାନ୍ତ, ସରଳ । ତାଙ୍କ ଜୀବନରେ ଏହା ହିଁ ପ୍ରକୃତ ଅଗ୍ନିପରୀକ୍ଷା । ଏହି ବାରଟି ବର୍ଷ ବୈଦେହୀଙ୍କର ଏକ ନିରାଡ଼ମ୍ବର ଅବିଚ୍ଛିନ୍ନ ଅଧ୍ୟାତ୍ମଯଜ୍ଞ ।

କାବ୍ୟରେ ଏ ଜୀବନବର୍ଣ୍ଣନା ଅତ୍ୟନ୍ତ କଠିଣ । ଭବଭୂତିଙ୍କ ନାଟକରେ ରାମଙ୍କ ଅଶ୍ୱମେଧ ଯଜ୍ଞ କେନ୍ଦ୍ର-ଘଟଣା ଥିବାରୁ ତାହା ଘଟଣାବହୁଳ । ଗଙ୍ଗାଧରଙ୍କ ଚକ୍ଷୁରେ କିନ୍ତୁ ସୀତାଙ୍କ ତପସ୍ୟା ରାମଙ୍କ ଅଶ୍ୱମେଧ ଅପେକ୍ଷା ମହତ୍ତର ଓ ଅଧିକ ବିସ୍ମୟକର ବ୍ୟାପାର । ସେ ଘଟଣାର ବାହ୍ୟାଡ଼ମ୍ବରସବୁକୁ ଭୁଲିଯାଇ ରାମ-ସୀତାଙ୍କର ହୃଦୟରେ ଜଳୁଥିବା ପ୍ରେମ-ଯଜ୍ଞକୁ ହିଁ ଚିତ୍ରିବାକୁ ଇଚ୍ଛା କରିଛନ୍ତି । ଏପରି ଦୁଷ୍କର କର୍ମ ଯେ ତାଙ୍କ ଲେଖନୀରେ ସୁସିଦ୍ଧ ହୋଇପାରିଛି, ତାହା ହିଁ ମେହେର-ପ୍ରତିଭାର ମହତ୍ତ୍ୱର ସୂଚକ ।

ସତୀ ସୀତାଙ୍କର ବାଲ୍ମୀକି ଆଶ୍ରମରେ ଯାପିତ ଏଇ ଦୀର୍ଘ, ତପୋତ୍କୃଷ୍ଟ ଅଥଚ ମଧୁର ମହିମାମଣ୍ଡିତ ଶେଷ ଜୀବନ ଗଙ୍ଗାଧର 'ତପସ୍ୱିନୀ' କାବ୍ୟରେ ଏଗାରଟି ପରିଚ୍ଛେଦରେ କିପରି ବର୍ଣ୍ଣନା କରିଛନ୍ତି, ତାହା କାବ୍ୟଟି ନ ପଢ଼ିଲେ ଦୁଇ କଥାରେ କିପରି ବୁଝାଇହେବ ? କାବ୍ୟଟି ପଢ଼ୁ ପଢ଼ୁ ସୀତାଙ୍କର କାରୁଣ୍ୟରେ ଚକ୍ଷୁ ଅଶ୍ରୁସିକ୍ତ ହୋଇଆସେ, ପୁଣି ତାଙ୍କର ସତୀତ୍ୱ-ମହିମାରେ ପ୍ରାଣ ଉଲ୍ଲସିତ ହୋଇଉଠେ । ତୃତୀୟ ଅଧ୍ୟାୟରେ ରାମଚନ୍ଦ୍ରଙ୍କର ଅନୁଶୋଚନା, ଚତୁର୍ଥ ଅଧ୍ୟାୟରେ ବୈଦେହୀଙ୍କର ବାଲ୍ମୀକି ଆଶ୍ରମରେ, ପ୍ରଥମ ପ୍ରଭାତର ବର୍ଣ୍ଣନା, ଷଷ୍ଠ ଓ ସପ୍ତମ ଅଧ୍ୟାୟରେ ସୀତାଙ୍କ ମୁଖରେ ପ୍ରାୟ ସମଗ୍ର ରାମ ଚରିତର ସଂଯତ, ମଧୁର, କରୁଣ ଚିତ୍ର, ଏକାଦଶ ବା ଶେଷ ଅଧ୍ୟାୟରେ ସୀତାଙ୍କର ସ୍ୱାମୀଙ୍କ ଅଶ୍ୱମେଧ ଯଜ୍ଞର ଖବର ପାଇବା ଓ ତାର ମାନସିକ ପ୍ରତିକ୍ରିୟାସବୁ ଯେପରି ଭାବରେ ବର୍ଣ୍ଣିତ ହୋଇଛି, ତାହା କେବଳ ପ୍ରଥମ ଶ୍ରେଣୀର କବିମାନେ ହିଁ ପାରନ୍ତି । ଉତ୍କଳ-ସାହିତ୍ୟଭଣ୍ଡାରରେ ଏଗୁଡ଼ିକ ଅମୂଲ୍ୟ ମଣିମାଣିକ୍ୟ ।

'ପ୍ରଣୟ ବଲ୍ଲରୀ' ସମ୍ବନ୍ଧରେ ଏତିକି କହିଲେ ଯଥେଷ୍ଟ ହେବ ଯେ କାଳିଦାସଙ୍କ ଯାଦୁକ୍ରିୟାକୁ ମଧ୍ୟ ଯେ ଆହୁରି ମନୋହର କରିପାରିଛନ୍ତି, ସେ କବି ଆମର ବାର ବାର ନମସ୍ୟ । 'ପ୍ରଦ୍ୟୁମ୍ନ' କାବ୍ୟ ଆରବ୍ଧ ମାତ୍ର ହେଲେହେଁ, ଦୁଇ-ପତ୍ର ବେଲ୍ଲ ତୁଳସୀର ସୌରଭ ବିତରଣ ପରି ଏହି କ୍ଷୀଣ ଆରମ୍ଭ ଆମ୍ଭମାନଙ୍କ ଚିତ୍ତକୁ

ରସପ୍ଲାବିତ କରିବା ସଙ୍ଗେ ସଙ୍ଗେ ଅପୂର୍ଣ୍ଣତାଜନିତ ନୈରାଶ୍ୟରେ ବୁଡ଼ାଇଦିଏ । 'କବିତା-କଲ୍ଲୋଳ' ଓ 'ଅର୍ଘ୍ୟଥାଳୀ'ର ଅଧିକାଂଶ କବିତା ଏପରି ମନୋଜ୍ଞ ହୋଇଛି ଯେ, ପ୍ରତ୍ୟେକଟିକୁ ମୁଖସ୍ଥ ଓ ଉଦ୍ଧାର କରିବାକୁ ଇଚ୍ଛା ହୁଏ ।

ଗଙ୍ଗାଧର କବି । କିନ୍ତୁ ପାଠକେ, ତାଙ୍କ କାବ୍ୟଗୁଡ଼ିକର ଗଦ୍ୟ-ଭୂମିକା-ସବୁକୁ ଲକ୍ଷ୍ୟ କରିଅଛନ୍ତି କି ? ଓଡ଼ିଆଭାଷାରେ ଗଦ୍ୟଶୈଳୀର ଏଗୁଡ଼ିକ ଗୋଟିଏ ଗୋଟିଏ ପୁଷ୍ପ-କୁଞ୍ଜ । ଏଗୁଡ଼ିକ ମୁଁ ଯେ କେତେ ଥର ମୁଗ୍‌ଧହୋଇ ପାଠ କରିଛି, ତା'ର ସଂଖ୍ୟା ନାହିଁ । ଗଙ୍ଗାଧର ଗଦ୍ୟରେ କୌଣସି ପୁସ୍ତକ ଲେଖିଯାଇ ନାହାନ୍ତି । ଯଦ୍ଦ୍ୱାରା ଫଳରେ ଓଡ଼ିଆ-ସାହିତ୍ୟ ଦରିଦ୍ର ହିଁ ରହିଲା ।

ଆମେ ସମସ୍ତେ ଜାଣୁ ଯେ, ଗଙ୍ଗାଧର ଉତ୍କଳରେ ବେଶୀ ଜନପ୍ରିୟ ତାଙ୍କ କାବ୍ୟର ଛନ୍ଦମାଧୁର୍ଯ୍ୟ ଯୋଗୁଁ । ସେ ବିଷୟରେ ମୁଁ ବେଶି କିଛି କହୁ ନାହିଁ; କାରଣ ମୁଁ କହିଛି ଯେ, କାବ୍ୟକବିତାରେ ତାହା ଗୌଣ ଉପାଦାନ ଏବଂ ତାର ମାଧୁର୍ଯ୍ୟ ସମସ୍ତେ ଯେତେବେଳେ ଉପଲବ୍‌ଧି କରୁଛନ୍ତି, ଆଉ ଆଲୋଚନା କରି ଦେଖେଇଦେବାର ଚେଷ୍ଟା କରିବା କି ପ୍ରୟୋଜନ ? ତେବେ ମେହେରଙ୍କ ଛନ୍ଦକୌଶଳ କିପରି ସହଜାତ ଥିଲା, ତାହା ତାଙ୍କର ସର୍ବପ୍ରଥମ ରଚନା 'ଅହଲ୍ୟାସ୍ତବ'ରୁ ଦୃଷ୍ଟାନ୍ତ ଦେଇ ପାଠକମାନଙ୍କଠାରୁ ବିଦାୟ ନିଏ । ଏ କାବ୍ୟଟି ଖାଣ୍ଟି ସଂସ୍କୃତ ଛନ୍ଦ (ଶାର୍ଦ୍ଦୂଳ ବିକ୍ରୀଡ଼ିତ)ରେ ଲେଖା, ଅଥଚ ଭାଷା ଓଡ଼ିଆ । ପାଠକେ, ସଂସ୍କୃତ ଗୁରୁ ଲଘୁ ନିୟମ ଧରି ପଢ଼ିଲେ ଛନ୍ଦର ନିଖୁଣ ମାଧୁରୀ ଉପଲବ୍‌ଧି କରିବେ ।

"ପୃଥ୍ୱୀମଣ୍ଡନ ହେ ଜଗତ୍ପତି ବିଭୋ
ଭକ୍ତଙ୍କ ମୁକ୍ତି ଖଣି,
ସଂସାରାର୍ଣ୍ଣବ ପାରକାରକୁ ପଟୁ
କୈବର୍ତ୍ତ ଚୂଡ଼ାମଣି ।
ସାଧୁ ପାଳନ ଦୁଷ୍ଟନାଶ କରଣେ
ସମ୍ଭୂତ ଏ ଭୂତଳେ
ତୁମ୍ଭ ଶ୍ରୀଚରଣା- ମ୍ବୁଜେ ରହୁ ସଦା
ଚଞ୍ଚଳ ମୋ ନିଶ୍ଚଳେ ।"

ତନ୍ତୀକୁଳଜାତ, ଦରିଦ୍ର ସ୍ୱଳ୍ପଶିକ୍ଷିତ ଗଙ୍ଗାଧରଙ୍କୁ ଜାତି କିଛି ନ ଦେଇଥିଲେ ମଧ୍ୟ ସେ ଓଡ଼ିଆ ଜାତିକୁ ନାଶହୀନ ସମ୍ପଦ ଦେଇ ଯାଇଅଛନ୍ତି । ଯାହାହେଉ, ଏ ଓଡ଼ିଆ ଜାତି ଏବେ ଏ ମହତ୍‌ଦାନର ଋଣୀତ୍ୱରେ ସଚେତନ ପରି ବୋଧହେଉଛି ।

**ଡକ୍ଟର ମାୟାଧର ମାନସିଂହ**, ଏମ୍. ଏ., ପିଏଚ୍. ଡି.

### ସ୍ୱଭାବ-କବି

# ଗଙ୍ଗାଧର ମେହେରଙ୍କ

## ସଂକ୍ଷିପ୍ତ ଜୀବନ-ଚରିତ

ଊନବିଂଶ ଶତାବ୍ଦୀର ଶେଷ ପାଦରେ କବିବର ରାଧାନାଥ ଉତ୍କଳ-ସାହିତ୍ୟ-ରାଜ୍ୟରେ ଏକ ଅଭିନବ ଯୁଗ ଆନୟନ କରିଥିଲେ । ସେତେବେଳେ ଇଂରାଜୀ ଶିକ୍ଷା-ସଭ୍ୟତାର ପ୍ରଭାବରେ ଶିକ୍ଷିତ ସମାଜର ପଠନ-ମନୋବୃତ୍ତିର ପରିବର୍ତ୍ତନ ଘଟିଥିଲା । ସାରଳା ଯୁଗର ପୌରାଣିକ ରଚନା, ମଧ୍ୟ ଯୁଗ ବା ଭଞ୍ଜ ଯୁଗର ପ୍ରେମାତ୍ମକ ବର୍ଣ୍ଣନା, ଶବ୍ଦ-ପାଣ୍ଡିତ୍ୟପୂର୍ଣ୍ଣ ଆଳଙ୍କାରିକ ରଚନା ନବ୍ୟ ସମାଜର ଆଉ ରୁଚିକର ହୋଇପାରିଲା ନାହିଁ । ପ୍ରାଦେଶିକ ସାହିତ୍ୟମାନଙ୍କ ପ୍ରଗତି ବିଶେଷତଃ ପ୍ରତିବେଶୀ ବଙ୍ଗଳା ସାହିତ୍ୟର ପ୍ରତିପତ୍ତି ସନ୍ଦର୍ଶନ କରି ଓଡ଼ିଆ ସାହିତ୍ୟିକମାନଙ୍କ ପ୍ରାଣରେ ନବୀନ ଜାଗୃତି ଉଦ୍ଦୀପିତ ହେଲା । ଫଳତଃ ପଦ୍ୟ-ସାହିତ୍ୟ ମନ୍ଦୀଭୂତ ହୋଇ ଗଦ୍ୟର ଆଦର ବଢ଼ିବାକୁ ଲାଗିଲା । ସେତେବେଳେ ଗୌରୀଶଙ୍କର, ବିଚିତ୍ରାନନ୍ଦ, ବିଚ୍ଛନ୍ଦ ପଟ୍ଟନାୟକ, ଗୋବିନ୍ଦ ରଥ, ପ୍ୟାରୀମୋହନ, ରାମକୃଷ୍ଣ, ନୀଳମଣି, ବିଶ୍ୱନାଥ, ଫକୀରମୋହନ, ମଧୁସୂଦନ ପ୍ରମୁଖ ନୂତନ ଧରଣରେ ଗଦ୍ୟ, ପଦ୍ୟ, ଗଳ୍ପ, ଇତିହାସ, ନାଟକ, ଉପନ୍ୟାସାଦି ଲେଖିବାକୁ ଲାଗିଲେ । ଏହି ସମୟରେ କବିବର ରାଧାନାଥ କାବ୍ୟ-ରାଜ୍ୟରେ ଅଭ୍ୟୁଦିତ ହୋଇ ସ୍ୱୀୟ ବିଲକ୍ଷଣ କବି-ପ୍ରତିଭାରେ ବିଷୟବସ୍ତୁ ସଂଗ୍ରହ, ବର୍ଣ୍ଣନାଶୈଳୀ, ଶବ୍ଦବିନ୍ୟାସରୀତି, ଛନ୍ଦ, ରସ, ଅଳଙ୍କାର ଆଦିରେ ପରିବର୍ତ୍ତନ ଆଣି ଆଧୁନିକ ଓଡ଼ିଆ ସାହିତ୍ୟର ନିର୍ମାତା ଓ ପ୍ରାଣପ୍ରତିଷ୍ଠାତାରୂପେ ଜାତି ଓ ଦେଶର ନମସ୍ୟ ହୋଇଅଛନ୍ତି । ଗଙ୍ଗାଧର ଏହି ରାଧାନାଥ ପ୍ରବର୍ତ୍ତିତ ନବଯୁଗର ବିଶିଷ୍ଟ କବି । ଆଜି ତାଙ୍କର ରଚିତ 'ଉତ୍କଳଲକ୍ଷ୍ମୀ, କୀଚକବଧ, ତପସ୍ୱିନୀ, ପ୍ରଣୟବଲ୍ଲରୀ' ପ୍ରଭୃତି କାବ୍ୟମାନ ସମଗ୍ର ଓଡ଼ିଶାରେ ସମାଦୃତ । ଯୁଗୋଚିତ ବିଶୁଦ୍ଧ ସାହିତ୍ୟ-ସୃଷ୍ଟିରେ, ରଚନାର ମୌଳିକତାରେ, ପଦଲାଳିତ୍ୟରେ, ମାନବ-ଚରିତ୍ର-ଚିତ୍ରଣରେ ଗଙ୍ଗାଧରଙ୍କ ଅମର ଲେଖନୀରୁ ଅମୃତର ଧାରା ନିଃସୃତ ହୋଇଅଛି । କେବଳ କାବ୍ୟରେ ନୁହେଁ, ଜୀବନରେ କବିତ୍ୱର ଉପଭୋଗଦ୍ୱାରା ତାହାଙ୍କର ମାନବ-ମହତ୍ତ୍ୱ ପ୍ରକଟିତ ହୋଇ କବି-ମର୍ଯ୍ୟାଦାକୁ ବହୁଗୁଣିତ କରିଅଛି ।

ଗଙ୍ଗାଧର ସମ୍ବଲପୁର ଜିଲ୍ଲାର ବରପାଲିର ଏକ ସାଧାରଣ ତନ୍ତ୍ରୀ-ପରିବାରରେ ଜନ୍ମଗ୍ରହଣ କରିଥିଲେ । ସେତେବେଳେ କିଏ ଜାଣିଥିଲା ଯେ, ଏହି ଶିଶୁର ଜୀବନ-ଚରିତ ଲିପିବଦ୍ଧ ହୋଇ ରହିବ ! ଅନେକଙ୍କୁ ବିଦିତ ଥିବ ଯେ ଏହାଙ୍କର ତିରୋଭାବ ସମୟ ତା ୪ । ୪ । ୧୯୨୪ ରେ ଅମାବାସ୍ୟା; କିନ୍ତୁ ଆବିର୍ଭାବ ସମୟ ତା ୯।୮।୧୮୬୨ ଶ୍ରାବଣ ପୂର୍ଣ୍ଣିମା ଥିବାର ପରେ ଜଣାଗଲା । ଆଗମନବେଳେ ପୂର୍ଣ୍ଣିମାରେ ଏହି ମାନବ-ଶିଶୁ ନିଜ ଗୃହକୁ ଆନନ୍ଦାଲୋକରେ ହସାଇଥିଲେ; କିନ୍ତୁ ପ୍ରତିଗମନବେଳେ ଅମାବାସ୍ୟାରେ ସମଗ୍ର ଦେଶକୁ ବିଷାଦ-ତିମିରରେ ଅନ୍ଧକାରମୟ କରାଇଦେଇ ଚାଲିଗଲେ । ତାହାଙ୍କ ଜନ୍ମ ଓ ମୃତ୍ୟୁକାଳ ମଧ୍ୟରେ ଏହି ପାର୍ଥକ୍ୟ ତଥା ବିଶେଷତ୍ୱ ପରିଲକ୍ଷିତ ହେଲା । ଗଙ୍ଗାଧରଙ୍କ ପିତାଙ୍କ ନାମ ଚୈତନ୍ୟ ଓ ମାତାଙ୍କ ନାମ ସେବତି ଥିଲା । ଚୈତନ୍ୟ ସାମାନ୍ୟ ଅବସ୍ଥାପନ୍ନ ଓ ସାଧାରଣ ଲିଖନ-ପଠନକ୍ଷମ ବ୍ୟକ୍ତି ଥିଲେ ।

**ଶିକ୍ଷା:**—ଗଙ୍ଗାଧର ଛଅ ବର୍ଷ ବୟସରେ ପଡ଼ାର ଗୋଟିଏ ଚାଟଶାଳୀରେ ପ୍ରବିଷ୍ଟ ହୋଇ କିଛି କାଳ ଅଧ୍ୟୟନ କଲେ । ତାହା ଭାଙ୍ଗିଯିବାରୁ ତାଙ୍କ ପିତା ତାଙ୍କର ଶିକ୍ଷାଭାର ଗ୍ରହଣ କରିଥିଲେ । ସେ ଭାଗବତ ପାଠ, କିଛି ଛାନ୍ଦଗ୍ରନ୍ଥରୁ ଆବୃତ୍ତି ଓ ୨୫ ଖଣ୍ଡା ପଣକିଆ ପର୍ଯ୍ୟନ୍ତ ପଢ଼ିଲେ । ଏପରି ସମୟରେ ତାଙ୍କ ପିତାଙ୍କର କେତେକ ପାରିବାରିକ ଅସୁବିଧା ହେତୁ କିଛି ସମୟ ଶିକ୍ଷାରୁ ନିବୃତ୍ତ ରହିଲେ । ତତ୍ପରେ ତାଙ୍କୁ ବରପାଲି ବ୍ରାଞ୍ଚ ସ୍କୁଲରେ ଅଧ୍ୟୟନ କରିବାକୁ ପଡ଼ିଲା । ସେତେବେଳେ ବ୍ରାଞ୍ଚ ସ୍କୁଲରେ ଦ୍ୱିତୀୟ ଶ୍ରେଣୀଯାଏ ଶିକ୍ଷା ଦିଆଯାଉଥିଲା । ସେଠାରୁ ଶିକ୍ଷା ଶେଷ କରି ସେ ସ୍ଥାନୀୟ ମଧ୍ୟ ଭର୍ଣ୍ଣାକୁଲର ବିଦ୍ୟାଳୟରେ ପ୍ରତି ଛଅ ମାସରେ ଗୋଟିଏ ଲେଖାଏଁ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନ କରିଥିଲେ । ପିତାଙ୍କ ଅବସ୍ଥା ଅସ୍ୱଚ୍ଛଳ ଥିବାରୁ ସେ ଶିକ୍ଷା ବିଷୟରେ ଯଥେଷ୍ଟ ସମୟ ଓ ଅର୍ଥବ୍ୟୟ କରିପାରୁ ନ ଥିଲେ । ଦ୍ୱିତୀୟ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ ଅଧ୍ୟୟନ କରିବା ପର୍ଯ୍ୟନ୍ତ ସେ ପିତାଙ୍କୁ ଓଲିଏ ବସ୍ତ୍ରବୟନରେ ସାହାଯ୍ୟ କରି ନିଜେ ତାହା ଶିକ୍ଷା କରୁଥିଲେ ଏବଂ ସେଥିରୁ କିଛି ସମୟ ରଖି ନିଜ ସବକ ପ୍ରସ୍ତୁତ କରୁଥିଲେ । ତାଙ୍କର ସମଗ୍ର ଛାତ୍ରଜୀବନ ମଧ୍ୟରେ ପୁସ୍ତକ ଓ କୁରୁତା ବିଷୟରେ ୮ ଟଙ୍କା ମାତ୍ର ବ୍ୟୟିତ ହୋଇଥିଲା । ସେ ଆବଶ୍ୟକ ପୁସ୍ତକମାନ ସହାଧ୍ୟାୟୀମାନଙ୍କଠାରୁ ମାଗିଆଣି ପଢ଼ିସାରି ସେମାନଙ୍କୁ ପ୍ରତ୍ୟର୍ପଣ କରୁଥିଲେ ।

କଟକ ଜିଲ୍ଲାନ୍ତର୍ଗତ ମୂଳବସନ୍ତ ଗ୍ରାମନିବାସୀ ପଣ୍ଡିତ ଘନଶ୍ୟାମ ମିଶ୍ର ସେତେବେଳେ ବରପାଲି ମଧ୍ୟ ଭର୍ଣ୍ଣାକୁଲର ବିଦ୍ୟାଳୟର ହେଡ଼ପଣ୍ଡିତ ଥିଲେ । ନିଜ ବ୍ୟକ୍ତିଗତ ଯୋଗ୍ୟତା, ସାଧୁତା, ଛାତ୍ର ପ୍ରତି ସ୍ନେହ ସହାନୁଭୂତି ଓ ଯତ୍ନ, ନିଃସ୍ୱାର୍ଥଭାବ ଓ କର୍ତ୍ତବ୍ୟନିଷ୍ଠା ଯୋଗୁଁ ସେ ଛାତ୍ରସମାଜର ତଥା ସାଧାରଣଙ୍କର ବଡ଼ ପ୍ରିୟ ଓ ଭକ୍ତିଭାଜନ ହୋଇପାରିଥିଲେ ! ଗଙ୍ଗାଧର ତାଙ୍କ ପାଖରେ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ି ସ୍କୁଲ ଶିକ୍ଷା-ସମାପ୍ତି ପରେ ତାଙ୍କର ସୌଜନ୍ୟ ଲାଭକରି ଅନ୍ୟ କେତେକଙ୍କ ସହିତ ବାହାରିଆ ଛାତ୍ର ଭାବରେ କିଛି ସମୟ ଷଷ୍ଠ ଶ୍ରେଣୀର ପାଠ—ରଘୁବଂଶ, କ୍ଷେତ୍ରତତ୍ତ୍ୱ,

ବୀଜଗଣିତ ଆଦି ପଢ଼ିଥିଲେ ଓ ସାମାନ୍ୟ ସଂସ୍କୃତ ଶିକ୍ଷା ପାଇ କେତେକ ପରିମାଣରେ ମନର ଉତ୍କର୍ଷ ସାଧନ କରିଥିଲେ । ପରବର୍ତ୍ତୀ ସମୟରେ ଇଂରାଜୀ ଭାଷାରେ ମଧ୍ୟ ସ୍ୱଳ୍ପ ଜ୍ଞାନ ଅର୍ଜ୍ଜନ କରିଥିଲେ; କିନ୍ତୁ ହିନ୍ଦୀ ଓ ବଙ୍ଗଳା ଭାଷାରେ ତାଙ୍କର ଉତ୍ତମ ପ୍ରବେଶ ଥିଲା । ବାଲ୍ୟକାଳରୁ ଗଙ୍ଗାଧର ଶାନ୍ତସ୍ୱଭାବ ଓ ଧର୍ମାନୁରାଗୀ ଥିଲେ । ପ୍ରାତଃ ସ୍ନାନାନ୍ତେ ପିତାମହଙ୍କ ସଙ୍ଗରେ ମନ୍ଦିରକୁ ଯାଇ ଜଗନ୍ନାଥ ଦର୍ଶନ, ସନ୍ଧ୍ୟାରେ ହରିସଂକୀର୍ତ୍ତନରେ ଯୋଗଦାନ, ଗୃହରେ ଭାଗବତ ପାଠ, ପଡ଼ାରେ ରାମାୟଣାଦି ପୁରାଣ ଶ୍ରବଣ କରିବାକୁ ସେ ବଡ଼ ଆଗ୍ରହ ପ୍ରକାଶ କରୁଥିଲେ । କୋମଳ ବାଲ୍ୟକାଳର ଏବଂବିଧ ଧର୍ମନୀତିଗତ ରୁଚି, ଶିକ୍ଷା ଓ ଅଭ୍ୟାସ ଭିତ୍ତିସ୍ୱରୂପ ହେବାରୁ ତାଙ୍କର ଜୀବନ-ସୌଧ ସୁନ୍ଦର ସୁଦୃଢ଼ ହୋଇଥିବା ଅନୁମାନ କରାଯାଇପାରେ । ଗଙ୍ଗାଧର ଯେତେବେଳେ ଯାହା ଅଧ୍ୟୟନ କରୁଥିଲେ, ଗଭୀର ମନୋନିବେଶ, ପ୍ରଖର ବୁଦ୍ଧି ଓ ସ୍ପଷ୍ଟ ଧାରଣାଶକ୍ତି ଯୋଗୁ ତାହାକୁ ଉତ୍ତମରୂପେ ହୃଦୟଙ୍ଗମ କରିପାରୁଥିଲେ । ତେଣୁ ସେ ଶିକ୍ଷକମାନଙ୍କର ପ୍ରିୟତମ ଛାତ୍ରରୂପେ ପରିଗଣିତ ହୋଇଥିଲେ ।

ପଣ୍ଡିତ ଘନଶ୍ୟାମ ମିଶ୍ରଙ୍କ ପରେ ବନମାଳୀ ଆଚାର୍ଯ୍ୟ ଏବଂ ତାଙ୍କ ପରେ ପଣ୍ଡିତ ଲକ୍ଷ୍ମଣ ମିଶ୍ର ବରପାଲି ସ୍କୁଲର ହେଡ୍‌ପଣ୍ଡିତ କାର୍ଯ୍ୟରେ ନିଯୁକ୍ତ ହୋଇ-ଥିଲେ । ଏହି ସମୟରେ ସମ୍ବଲପୁରରେ ନର୍ମାଲ ପରୀକ୍ଷା ବନ୍ଦ ହୋଇ ଭର୍ନେକୁଲାର ... ଭିଲେଜ୍ ଓ ଟାଉନ୍ ପରୀକ୍ଷାର ଆରମ୍ଭ ହେଲା । ଗଙ୍ଗାଧର ପଣ୍ଡିତ ଲକ୍ଷ୍ମଣ ମିଶ୍ରଙ୍କ ପ୍ରୋତ୍ସାହରେ ଭିଲେଜ୍ ପରୀକ୍ଷା ଦେବା ନିମନ୍ତେ ସ୍କୁଲରେ ପୁନର୍ବାର ନାମ ଲେଖାଇ ଆବଶ୍ୟକ ବିଷୟମାନ ଶିକ୍ଷାକରି ୧୮୮୨ ଖ୍ରୀଷ୍ଟାବ୍ଦରେ ପରୀକ୍ଷା ପାଇଁ ସମ୍ବଲପୁର ଯାଇଥିଲେ । ଗଣିତରେ ଉପଯୁକ୍ତ ନମ୍ବର ରଖି ନ ପାରିବାରୁ ସେ ଭିଲେଜ୍ ସ୍କୁଲର ସାର୍ଟିଫିକେଟ୍ ନ ପାଇ ଦେଶୀୟ ପାଠଶାଳାର ସାର୍ଟିଫିକେଟ୍ ପାଇଥିଲେ ।

**ଗୃହକର୍ମ ଓ କବିତ୍ୱର ସ୍ଫୂର୍ତ୍ତି**—ଗଙ୍ଗାଧର ସ୍କୁଲ୍-ଶିକ୍ଷା ସାଙ୍ଗକରି ପରିବାର-ପୋଷଣରେ ପିତାଙ୍କୁ ସାହାଯ୍ୟ କରିବା ଲାଗି ୨୧ଶ ବର୍ଷ ପୈତୃକ ବୃତ୍ତି ତନ୍ତୁଚାଳନାରେ ନିଯୁକ୍ତ ହୋଇଥିଲେ । ଦାରିଦ୍ର୍ୟଜନିତ ଉଚ୍ଚଶିକ୍ଷାର ଅଭାବ ପ୍ରତିଭାଶାଳୀ ଗଙ୍ଗାଧରଙ୍କ ଜୀବନର ସ୍ୱଚ୍ଛନ୍ଦ ବିକାଶପଥରେ ଯେଉଁ ଅନ୍ତରାୟ ସୃଷ୍ଟି କରିଥିଲା, ଏହି କାୟିକ ଶ୍ରମସାଧ୍ୟ ବସ୍ତ୍ରବୟନ କର୍ମ ତାହାର ପୁଷ୍ଟିବିଧାନ କଲା । ପରନ୍ତୁ ତାଙ୍କର ପ୍ରବଳ ଜ୍ଞାନପିପାସା ବେଗବତୀ ସ୍ରୋତସ୍ୱତୀ ତୁଲ୍ୟ ଏପରି ପ୍ରତିବନ୍ଧକକୁ ଅଗ୍ରାହ୍ୟ କରି ନିଜ ଅଭୀଷ୍ଟସିଦ୍ଧି-ପଥରେ ପ୍ରଧାବିତ ହେଲା । ତାଙ୍କ ପ୍ରାଣରେ ବିବିଧ ଗ୍ରନ୍ଥାଧ୍ୟୟନ-ପ୍ରବୃତ୍ତି ଜାତ ହେଲା; କିନ୍ତୁ ଏଥିରେ ସୁଦ୍ଧା ତାଙ୍କୁ ଅର୍ଥାଭାବରେ ତୀବ୍ର ଉପହାସ ସହ୍ୟ କରିବାକୁ ପଡ଼ୁଥିଲା । ଆଲୋଚ୍ୟ ସମୟରେ ତାଙ୍କ ଗ୍ରାମରେ ସଭ୍ୟ ଦେଶସୁଲଭ ସ୍କୁଲ-ଲାଇବ୍ରେରୀ ବା ସାଧାରଣ ପୁସ୍ତକାଳୟ ନ ଥିଲା । ସୁତରାଂ ଗ୍ରାମବାସୀଙ୍କ ନିକଟରେ କୌଣସି ନୂତନ ପୁସ୍ତକ ଦେଖିଲେ ସେ ମାଗିନେଇ ଆଗ୍ରହ ସହକାରେ ପଢ଼ୁଥିଲେ । ସମୟ ସମୟରେ ତମସୁକ

ଲେଖି ସେ ଯାହା ପାଉଥିଲେ, ସେସବୁ ପୁସ୍ତକ କିଣିବାରେ ବ୍ୟୟ କରୁଥିଲେ । ଏହିରୂପେ ପୁସ୍ତକସମୂହଦ୍ୱାରା ତାଙ୍କ ଗୃହରେ ଗୋଟିଏ କ୍ଷୁଦ୍ର ଲାଇବ୍ରେରୀ ସ୍ଥାନ ପାଇଥିଲା । ପ୍ରବଳ ଅଧ୍ୟୟନସ୍ପୃହା ଯୋଗୁଁ କେତେକ ରାତି ସେ ପୁସ୍ତକହସ୍ତରେ ନିଦ୍ରିତ ହୋଇପଡ଼ୁଥିଲେ । ଏହି ପଠନ-ସ୍ପୃହା କ୍ରମେ ତାଙ୍କୁ ରଚନାକ୍ଷେତ୍ରକୁ ଟାଣିଆଣି ତାଙ୍କର ନୈସର୍ଗିକ ପ୍ରତିଭା-ବିକାଶରେ ସାହାଯ୍ୟ କରିଥିଲା । ଗଙ୍ଗାଧର ଦିବସର ଅଧିକାଂଶ ସମୟ ବସ୍ତ୍ର-ବୟନରେ ବ୍ୟସ୍ତ ରହୁଥିଲେହେଁ ଅବସର ପାଇଲାମାତ୍ରକେ ପୁସ୍ତକାଧ୍ୟୟନରେ ନିରତ ରହୁଥିଲେ । ଅନେକ ସମୟରେ ସେ ତନ୍ତଚାଳନାବେଳେ ପ୍ରାଚୀନ ସଂସ୍କୃତ ଓ ଓଡ଼ିଆ କାବ୍ୟମାନଙ୍କର କଣ୍ଠସ୍ଥ ଲଳିତ ସନ୍ଦର୍ଭମାନ ଆବୃତ୍ତି କରି ଆନନ୍ଦାନୁଭବ କରୁଥିଲେ । ଏହି ଭାବରେ ତାଙ୍କର ତନ୍ତଶାଳରେ ଗ୍ରନ୍ଥଚର୍ଚ୍ଚା ମଧ୍ୟ ହୋଇଯାଉଥିଲା । କବି-ସମ୍ରାଟ୍ ଉପେନ୍ଦ୍ର ଭଞ୍ଜଙ୍କର ବୈଦେହୀଶବିଳାସ ପ୍ରଭୃତି କାବ୍ୟର ମନୋହର ଅଂଶଗୁଡ଼ିକ କ୍ରମେ ତାଙ୍କ ମନରେ କବିତା ଲେଖିବା ସ୍ପୃହା ଉଦ୍ରେକ କଲା । ପ୍ରଥମ ଅବସ୍ଥାରେ ସେ ପ୍ରାଚୀନ ପଦ୍ଧତିରେ କେତେକ କ୍ଷୁଦ୍ର ପଦ୍ୟ ପ୍ରଣୟନ କରି ପରେ "ରସରତ୍ନାକର" ନାମକ ଆଦ୍ୟପ୍ରାନ୍ତ 'ର' ଅକ୍ଷରବିଶିଷ୍ଟ ଖଣ୍ଡେ ସୁଲଳିତ ପଦ୍ୟପୁସ୍ତକ ଲେଖିଥିଲେ । ତାହା ପାଠକରି ବରପାଲିର ତଦାନୀନ୍ତନ ଯୁବରାଜଙ୍କର ଗୃହଶିକ୍ଷକ ସୂର୍ଯ୍ୟକୁମାର ମିଶ୍ର ଗଙ୍ଗାଧରଙ୍କୁ ଆଧୁନିକ ଧରଣରେ ପଦ୍ୟ ରଚନା କରିବା ପାଇଁ ଉତ୍ସାହିତ କରିବାରୁ ସେ ସଂସ୍କୃତ ଛନ୍ଦରେ "ଅହଲ୍ୟାସ୍ତବ" ପ୍ରଣୟନ ଓ ପ୍ରକାଶ କରି ଉତ୍କଳର ସୁପ୍ରସିଦ୍ଧ କବି ରାଧାନାଥଙ୍କଠାକୁ ପ୍ରେରଣ କଲେ । ଗୁଣିରଙ୍କ ଉଦାରପ୍ରାଣ ରାଧାନାଥ ରାୟ ମହୋଦୟ ସେହି ପୁସ୍ତକ ପାଠରେ ପ୍ରୀତ ହୋଇ ପତ୍ରଦ୍ୱାରା ତାଙ୍କୁ ପ୍ରଭୂତ ପ୍ରେରଣା ଦେଇଥିଲେ । ପରେ କବି ତାଙ୍କୁ ବଙ୍ଗଳାଶ୍ରୀ ବୃତ୍ତରେ ପରିବର୍ତ୍ତିତ କରିଥିଲେ ।

**ଚାକିରୀ**—୧୮୮୫ ଖ୍ରୀଷ୍ଟାବ୍ଦରେ ବରପାଲି ଜମିଦାର ରାୟବାହାଦୁର ଲାଲ୍ ନୃପରାଜ ସିଂହଦେବ ଗଙ୍ଗାଧରଙ୍କ ଯୋଗ୍ୟତାର ପରିଚୟ ପାଇ ତାଙ୍କୁ ନିଜ ଜମିଦାରୀ ସିରସ୍ତାରେ ଏକ ସାମାନ୍ୟ ଅମିନ କର୍ମରେ ଟ୭୲ ବେତନ ଦେଇ ନିଯୁକ୍ତ କଲେ । ସେତେବେଳେ ଏପରି କର୍ମପ୍ରାପ୍ତି ସୁଦ୍ଧା ରାଜାନୁଗ୍ରହରୂପେ ଅଭିହିତ ହେଉଥିଲା । ଗଙ୍ଗାଧର ଏହି କାର୍ଯ୍ୟକ୍ଷେତ୍ରରେ ନୃପରାଜ ସିଂହଙ୍କର ବିଶ୍ୱାସଭାଜନ ହୋଇପାରିଥିଲେ । କେତେକ ବର୍ଷ ଏହିପରି ଭାବରେ କର୍ମକରି ସେ ୧୮୯୯ ଖ୍ରୀଷ୍ଟାବ୍ଦରେ ତଦୀୟ ଆନୁକୂଲ୍ୟ ଲାଭକରି ଜୁଡ଼ିସିଆଲ ମୋହରର କାର୍ଯ୍ୟରେ ନିଯୁକ୍ତ ହୋଇ ବରପାଲିରେ ପ୍ରାୟ ତିନିବର୍ଷ ରହିଲେ । ପରେ ଏହି କର୍ମସୂତ୍ରରେ ସେ ସମ୍ବଲପୁର, ବିଜେପୁର ଓ ପଦ୍ମପୁରକୁ ପରିବର୍ତ୍ତିତ ହୋଇ ପରିଶେଷରେ ୧୯୧୭ ଖ୍ରୀଷ୍ଟାବ୍ଦରେ ସରକାରୀ ପେନ୍‌ସନ୍ ଗ୍ରହଣ କରି କିଛି ସମୟ ପଦ୍ମପୁରରେ ଅବସ୍ଥାନ କରିଥିଲେ । ବିଜେପୁର ଅବସ୍ଥାନ କାଳରେ ତତ୍ରତ୍ୟ ଜମିଦାର ପରେ ରାୟସାହେବ ସଙ୍କର୍ଷଣ ଗଡ଼ତିଆ କବିଙ୍କୁ ଆନ୍ତରିକ ସ୍ନେହ ସମ୍ମାନ ପ୍ରଦର୍ଶନ କରୁଥିଲେ ।

ବୁଡ଼ାସମ୍ବରର ସଦାଶୟ ରାଜା ସ୍ୱର୍ଗୀୟ ଲାଲ ରାଜେନ୍ଦ୍ର ସିଂହ ବରିହା ମହୋଦୟ ଗଙ୍ଗାଧରଙ୍କ କବିତ୍ୱ ଓ ସାଧୁତାରେ ଆକୃଷ୍ଟ ହୋଇ ତାଙ୍କୁ ସ୍ୱୀୟ ରାଜଧାନୀ ନିକଟରେ ଖଣ୍ଡିଏ ପଲ୍ଲୀ ପୁରୁଷାନୁକ୍ରମେ ପୁରସ୍କୃତ କଲେ ଏବଂ ତାଙ୍କ ସ୍ମୃତିରକ୍ଷା ଲାଗି ଗୋଟିଏ ନବ ସ୍ଥାପିତ ପଲ୍ଲୀର ନାମ କବିବରପୁର ରଖିଲେ । ଏହାଦ୍ୱାରା ସେ ଜାତୀୟ କବିଙ୍କର ପ୍ରତିଭାର ପୂଜା କରି ସ୍ୱୀୟ ଗଭୀର ସୌଜନ୍ୟ ଓ ଗୁଣଗ୍ରାହକତାର ଉତ୍ତମ ପରିଚୟ ଦେଇଅଛନ୍ତି । ତଦୀୟ ପୁତ୍ର ବର୍ତ୍ତମାନ ଜମିଦାର ଶ୍ରୀମାନ୍ ଲାଲ ବୀର ସଦାନନ୍ଦ ସିଂହ ମହୋଦୟ ମଧ୍ୟ ସ୍ୱର୍ଗୀୟ କବିଙ୍କ ପ୍ରତି ଭକ୍ତି ପୋଷଣକରି କବି-ସ୍ମୃତିରକ୍ଷା କଳ୍ପେ ଅନୁଷ୍ଠିତ ବିଭିନ୍ନ ଅନୁଷ୍ଠାନକୁ ଅର୍ଥସାହାଯ୍ୟ ଓ ଏହି ଗ୍ରନ୍ଥାବଳୀ ପ୍ରକାଶରେ ବିଶିଷ୍ଟ ତ୍ୟାଗ କରିବାଦ୍ୱାରା ଦେଶ ଓ ଜାତିପ୍ରୀତି ପ୍ରଦର୍ଶନ ସଙ୍ଗେ ପିତୃ-ଗୌରବ ବର୍ଦ୍ଧନ କରିଅଛନ୍ତି ।

ଗଙ୍ଗାଧର ସରକାରୀ କର୍ମରୁ ଚିରଅବସର ନେଇ କିଛିକାଳ ପଦ୍ମପୁରରେ ରହି ସେଠାର ଜମିଦାରୀ ଅଦାଲତରେ ଅଡ଼ିଟର କାର୍ଯ୍ୟ କରିଥିଲେ । କେତେକ କାରଣରୁ ପଦ୍ମପୁରବାସ ତାଙ୍କ ପକ୍ଷରେ ଅସୁବିଧାଜନକ ହେବା ହେତୁ ବରପାଲିର ସ୍ୱର୍ଗୀୟ ଜମିଦାର ସୂର୍ଯ୍ୟୋଦୟ ସିଂହଙ୍କ ଅନୁରୋଧକ୍ରମେ ନିଜ ଜନ୍ମଭୂମିକୁ ଚାଲିଆସି ତାଙ୍କ ନିକଟରେ ମାଲ ମୋହରିର କାର୍ଯ୍ୟରେ କିଛି ସମୟ ଅତିବାହିତ କଲେ । ପରେ ତାଙ୍କ ପ୍ରତାପ ଆଚରଣରେ ବ୍ୟଥିତ ହୋଇ ଆତ୍ମମର୍ଯ୍ୟାଦା ରକ୍ଷା ପାଇଁ ସ୍ୱେଚ୍ଛାପୂର୍ବକ ସେହି କାର୍ଯ୍ୟ ତ୍ୟାଗ କରିଥିଲେ ।

**କାବ୍ୟକବିତା:**—ପୂର୍ବୋକ୍ତ 'ଅହଲ୍ୟାସ୍ତବ' ରଚନାର ପ୍ରାୟ ଏକ ବର୍ଷ ବ୍ୟବଧାନରେ କବି ପୁରାତନ ପନ୍ଥା ପରିତ୍ୟାଗ କରି ନବୀନ ଧରଣରେ 'ଇନ୍ଦୁମତୀ' ଲେଖିଥିଲେ । ଏହି କାବ୍ୟ ପାଠକରି କବିବର ରାଧାନାଥ ଗଙ୍ଗାଧରଙ୍କ ଶକ୍ତିମତ୍ତା ସନ୍ଦର୍ଶନରେ ଏକାନ୍ତ ମୁଗ୍ଧ ହୋଇ ଏକ ଉଚ୍ଚଦରର ମନ୍ତବ୍ୟ ପ୍ରଦାନ କରିଥିଲେ ଓ ସେହି ଦିନରୁ ସମୟେ ସମୟେ ପତ୍ରପ୍ରେରଣପୂର୍ବକ ତାଙ୍କ ଉତ୍ସାହ ବର୍ଦ୍ଧନ କରୁଥିଲେ । ଗଙ୍ଗାଧର ଓଡ଼ିଶାର ସର୍ବପ୍ରଧାନ କବି, ଶିକ୍ଷାବିଭାଗର ସର୍ବୋଚ୍ଚ ହାକିମ ଓ ସମାଜର ବରଣୀୟ ବ୍ୟକ୍ତି ରାଧାନାଥଙ୍କଦ୍ୱାରା ସମୁତ୍ସାହିତ ଓ ସମ୍ମାନିତ ହେବାଦ୍ୱାରା ତାହାଙ୍କ ପ୍ରତିଭା-ଉର୍ଜ୍ଜସ୍ୱଳା-ଲେଖନୀରୁ କ୍ରମେ ଅମୃତର ଉତ୍ସ ପ୍ରବାହିତ ହେବାକୁ ଲାଗିଲା । 'ଇନ୍ଦୁମତୀ' ପରେ ତାଙ୍କର 'ଉତ୍କଳଲକ୍ଷ୍ମୀ', 'ମହିମା' ଓ 'କୀଚକବଧ' କାବ୍ୟମାନ ରଚିତ ତଥା ପ୍ରକାଶିତ ହେଲା । 'ଉତ୍କଳଲକ୍ଷ୍ମୀ' କବିଙ୍କ ଜାତୀୟ ପ୍ରେମର ପ୍ରତୀକ । ଏହି କାବ୍ୟରେ ଉତ୍କଳର ମହିମାମୟ ମୂର୍ତ୍ତି ଓ ମହାନଦୀ, ହୀରାକୁଦ ପ୍ରଭୃତିର ଚିତ୍ର ଅତି ଉଚ୍ଚକୋଟୀକୁ ଉଠିଅଛି । ଏହା ପ୍ରଥମେ ଅସମ୍ପୂର୍ଣ୍ଣାକାରରେ ବାହାରି ପୂର୍ଣ୍ଣତାପ୍ରାପ୍ତି ପରେ ସମ୍ବଲପୁରର ସୁପୁତ୍ର ଶ୍ରୀଯୁକ୍ତ ବ୍ରଜମୋହନ ପଣ୍ଡା, ବି. ଏ. ଙ୍କ ଦ୍ୱାରା ପ୍ରକାଶିତ ହେଲା । 'ମହିମା' ନିଜ ଗୁଣରେ ମହିମାନ୍ୱିତ ।

'କୀଚକବଧ' ଉତ୍କଳ-ସାହିତ୍ୟ-ଗନ୍ଧାଗାରର ଏକ ଦୀପ୍ତିମାନ୍ ରତ୍ନ । ଏଥିରେ ଗଙ୍ଗାଧରଙ୍କ କବିପ୍ରସିଦ୍ଧି ସମଗ୍ର ଦେଶବ୍ୟାପିନୀ ହୋଇଅଛି ଓ ତାଙ୍କ ପ୍ରତି ଲୋକଙ୍କ ସହାନୁରାଗ ବଢ଼ିଅଛି । 'କୀଚକବଧ' ରଚନାର ସମୟକୁ କବିତ୍ୱକ୍ଷେତ୍ରରେ କବିଙ୍କ ବୈଶିଷ୍ଟ୍ୟସୃଷ୍ଟିର ଉଷାକାଳ ବୋଲାଯାଇପାରେ । ପ୍ରକୃତ ପକ୍ଷରେ ଏଥିରୁ ହିଁ ତାଙ୍କର ବିକାଶୋନ୍ମୁଖୀ ମୌଳିକ ପ୍ରତିଭାର ପକ୍ଷୋଦ୍‌ଗମ ହୋଇଅଛି । ଗଙ୍ଗାଧରଙ୍କ ଔଦାସୀନ୍ୟରୁ ହେଉ ବା ଅର୍ଥାଭାବରୁ ହେଉ, 'କୀଚକବଧ' ପର ଉପାଦେୟ କାବ୍ୟର ପାଣ୍ଡୁଲିପି ଅନେକ ଦିନ ପର୍ଯ୍ୟନ୍ତ ମୁଦ୍ରାଯନ୍ତ୍ର ଦେଖିପାରି ନ ଥିଲା । ପରେ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ 'ପ୍ରଜାବନ୍ଧୁ' ପତ୍ରିକାରେ ଏହି କାବ୍ୟପ୍ରସଙ୍ଗ ଆଲୋଚିତ ହେବାରୁ ନବୋତ୍କଳ ପ୍ରଦେଶର ପ୍ରାଣପ୍ରତିଷ୍ଠାତା ଦେଶମାନ୍ୟ ସ୍ୱର୍ଗୀୟ ମଧୁସୂଦନ ଦାସ, C. I. E. ମହୋଦୟ ସ୍ୱତଃପ୍ରବୃତ୍ତ ହୋଇ ତାହାର ପ୍ରକାଶ ବ୍ୟୟଭାର ଗ୍ରହଣ କଲେ । ଅତଃପର ଉତ୍କଳ ଭାରତୀ କବିଙ୍କର ଅପେକ୍ଷାକୃତ ବୃହତ୍ ଓ ଉତ୍କୃଷ୍ଟ କାବ୍ୟାଭରଣଦ୍ୱାରା ମଣ୍ଡିତା ହେଲେ । ଏହାପରି ଭାବରେ କ୍ରମେ ତତ୍ ପ୍ରଣୀତ 'କବିତା କଲ୍ଲୋଳ', 'ଅଯୋଧ୍ୟା-ଦୃଶ୍ୟ', 'ତପସ୍ୱିନୀ', 'ପ୍ରଣୟ-ବଲ୍ଲରୀ' ଓ 'ଅର୍ଘ୍ୟଥାଳୀ' ପ୍ରକାଶିତ ହେଲା । 'କବିତା-କଲ୍ଲୋଳ' ସମ୍ବଲପୁରର ପ୍ରଖ୍ୟାତନାମା ଉକିଲ ଶ୍ରୀଯୁକ୍ତ ରାମନାରାୟଣ ମିଶ୍ର, M. A., B. L. ଏବଂ 'ଅଯୋଧ୍ୟାଦୃଶ୍ୟ' ଡେପୁଟୀ ମାଜିଷ୍ଟ୍ରେଟ ସ୍ୱର୍ଗୀୟ ବାଳମୁକୁନ୍ଦ ବହିଦାରଙ୍କ ଆନୁକୂଲ୍ୟରେ ପ୍ରକାଶିତ । ଉଭୟ କାବ୍ୟର ବର୍ଣ୍ଣନାରେ କବିଙ୍କର କଳାପାଟବ, ଚିନ୍ତାଶୀଳତା, କୃଷ୍ଟି ଓ କଳ୍ପନାଶକ୍ତିର ପ୍ରକର୍ଷ ପରିଦୃଷ୍ଟ ହୁଏ ।

ସୁବିଖ୍ୟାତ 'ତପସ୍ୱିନୀ' କାବ୍ୟ ମଧ୍ୟ ସାହିତ୍ୟାମୋଦୀ ଶ୍ରୀଯୁକ୍ତ ରାମନାରାୟଣ ମିଶ୍ର, M.A., B.L.ଙ୍କ ଅର୍ଥସାହାଯ୍ୟରେ ପ୍ରକାଶିତ । କବିଙ୍କର ସ୍ୱଚ୍ଛନ୍ଦ ଲୀଳାବିଳାସ, ଚରିତ୍ରର ଗୌରବ ଓ ପ୍ରକୃତିର ରୂପବୈଭବ ପ୍ରଭୃତିର ଅଙ୍କନ-ନୈପୁଣ୍ୟରେ ଏହା ସର୍ବାଙ୍ଗସୁନ୍ଦର ତଥା ସର୍ବଜନସମାଦୃତ ହୋଇଅଛି । ଏହାର କାରୁଣ୍ୟରସାଶ୍ରିତ ଭାବମୟ ଶାନ୍ତ କାନ୍ତ ପଦାବଳୀ ବାଣୀ-ବିପଞ୍ଚୀର ମନୋମୁଗ୍ଧକର ରାଗିଣୀରେ ଭରା । ପୁରାତନ ସାହିତ୍ୟର ଭାବ, ଭାଷା, ଛନ୍ଦ, ଅଳଂକାର ଆଦିର ଭିତ୍ତି ଉପରେ ନବଯୁଗର ସରଳତା, ପ୍ରାଞ୍ଜଳତା, ସରସତା ଓ ଶୁଦ୍ଧତାସମନ୍ୱିତ ସୁକୁମାର କାବ୍ୟ-ଶିଳ୍ପସମୂହ-ଦ୍ୱାରା ଏହି ସୌଧ ସୁଗଠିତ । 'ତପସ୍ୱିନୀ'ରେ ଦାରିଦ୍ର୍ୟପ୍ରପୀଡ଼ିତ ଗଙ୍ଗାଧରଙ୍କ କବି-ପ୍ରତିଭା, ପତି-ପରିତ୍ୟକ୍ତା ପତିବ୍ରତା ସୀତାଙ୍କ ପତିଭକ୍ତି ତୁଲ୍ୟ ଓଜସ୍ୱିନୀ ଓ ଯଶସ୍ୱିନୀ ହୋଇପାରିଥିବା ସମସ୍ତେ ମୁକ୍ତକଣ୍ଠରେ ସ୍ୱୀକାର କରୁଅଛନ୍ତି । ବସ୍ତୁତଃ ଏହାକୁ ଗଙ୍ଗାଧରଙ୍କ ରଚନାବଳୀର ମୁକୁଟାଳଂକାର ବୋଇଲେ ଅତ୍ୟୁକ୍ତି ହେବ ନାହିଁ ।

କବିଙ୍କର ପଦ୍ମପୁର ଅବସ୍ଥାନ ସମୟରେ ତାଙ୍କ ପ୍ରଣୀତ 'ପ୍ରଣୟାଙ୍କୁର' କବିତା ଅନୁକୂଳ ବାତାବରଣ ଲଭି ପତ୍ର-ପୁଷ୍ପ-ଫଳାଦିଶୋଭିତ ବର୍ଦ୍ଧିତ 'ପ୍ରଣୟ-ବଲ୍ଲରୀ' କାବ୍ୟ ରୂପରେ ଆତ୍ମପ୍ରକାଶ କଲା । ଏହା ଉତ୍କଳ-କାଳିଦାସ ମେହେର କବିଙ୍କ ଅଭିନବ କଳ୍ପନାଚାତୁରୀ ଓ ରଚନାମାଧୁରୀର ମନ୍ଦାକିନୀଧାରା ସଦୃଶ ସରଳ ତରଳ ଆବେଗମୟ ତଥା ପବିତ୍ର ପ୍ରେମପରିପ୍ଲୁତ । କାବ୍ୟଜଗତରେ ଏହାର

ମଧ୍ୟ ଅପ୍ରତିଦ୍ୱନ୍ଦ୍ୱୀ ସୁଖ୍ୟାତି ଅଛି । ଏହା ସ୍ୱର୍ଗୀୟ ରାୟ ଲଲ ରାଜେନ୍ଦ୍ର ସିଂହ ବରିହା ବାହାଦୁରଙ୍କ ଆନୁକୂଲ୍ୟରେ ପ୍ରକାଶିତ ।

ସେହି ପଦ୍ମପୁରବାସ ବେଳେ କବି ବିଭିନ୍ନ ସମୟ ରଚିତ ଖଣ୍ଡକବିତା-ରତ୍ନ-ସମ୍ଭାରରେ 'ଅର୍ଘ୍ୟଥାଳୀ' ସୃଷ୍ଟି କରି ନବୋତ୍କଳ ପ୍ରଦେଶ ଗଠନର ପ୍ରଧାନ ପୁରୋଧା ସାହିତ୍ୟ-ପ୍ରେମିକ ପାରଳାର ପ୍ରଥିତଯଶା ମହାରାଜ ଶ୍ରୀମାନ୍ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କୁ ଉପହାର ପ୍ରଦାନ କଲେ ଏବଂ ପ୍ରଶଂସିତ ମହୋଦୟ ଏହାର ସମ୍ପୂର୍ଣ୍ଣ ମୁଦ୍ରଣ ବ୍ୟୟଭାର ବହନ କରିଥିଲେ । ଏଥିରେ ଥିବା 'ଭକ୍ତି' କବିତାଟି କବିଙ୍କ ଜୀବନଦର୍ଶନର ସର୍ବଶ୍ରେଷ୍ଠ ଦାନ । ପାଶ୍ଚାତ୍ୟ କବି Thomas Grey ଙ୍କର 'Elegy written in a country church yard' କବିତା ପରି ଏହା ବିଶ୍ୱପ୍ରସିଦ୍ଧି ଲାଭ କରିବାର ଉପଯୁକ୍ତ । ଏହି କବିତାରେ ଗଙ୍ଗାଧର ଅବତାରବାଦ, ଏକଦେଶଦର୍ଶିତା ଓ ପାର୍ଥିବ ସଙ୍କୀର୍ଣ୍ଣତାର କ୍ଷୁଦ୍ର ଗଣ୍ଡି ମଧ୍ୟରେ ଆବଦ୍ଧ ନ ରହି ଈଶ୍ୱରଙ୍କ ଜଗନ୍ମୟ ସ୍ୱରୂପ ଉପଲବ୍ଧି କରିଅଛନ୍ତି । ବିଶ୍ୱଜୀବନ ହିଁ ତାହାଙ୍କର ଉପାସ୍ୟ । ଏହା ଅତି ଉଚ୍ଚଧରଣର ଯୁଗୋଚିତ ରଚନାରୂପେ ସମଗ୍ର ଉତ୍କଳରେ ବ୍ୟାପ୍ତ ହୋଇ ବିଭିନ୍ନ ପ୍ରଦେଶକୁ ପ୍ରସାରିତ ହୋଇଅଛି । 'ଅମୃତମୟ' ଓ 'ମଧୁମୟ' କବିତାଦ୍ୱୟ ମଧ୍ୟ କବିଙ୍କର ଉନ୍ନତ ଆଧ୍ୟାତ୍ମିକ ଜ୍ଞାନ ଓ ଈଶ୍ୱରପ୍ରୀତିର ନିରବଦ୍ୟ ନିଦର୍ଶନ । ସହଜ, ଲଳିତ ଅଥଚ ଗଭୀର ଭାବଦ୍ୟୋତକ ଶବ୍ଦ ପ୍ରୟୋଗ କରି ଭକ୍ତିରସ ଫୁଟାଇବାରେ ମଧ୍ୟ ତାଙ୍କ ଶକ୍ତି ଅପ୍ରତିହତ ଥିଲା । ବହୁ ମନୋଜ୍ଞ କବିତା ଏଥିରେ ସଂଯୋଜିତ ହୋଇ ଏହାକୁ ସୁଧାର ଆଧାର କରିଅଛି । ଏହାର ପ୍ରତ୍ୟେକ କବିତା କବିଙ୍କର ଭିନ୍ନ ଭିନ୍ନ ଦୃଷ୍ଟିକୋଣରୁ ଲିଖିତ ହୋଇଅଛି ।

**ଭାରତୀଭାବନା:**—ଏହା ସ୍ୱାଧୀନତାକାମୀ, ସତ୍ୟପ୍ରିୟ, ସ୍ୱଦେଶପ୍ରେମିକ କବିଙ୍କର ସତ୍ସାହସର ଅଭିବ୍ୟକ୍ତି । ଏହା ଦ୍ୱ୍ୟର୍ଥବୋଧକ କ୍ଷୁଦ୍ର କବିତା । ଏଥିରେ ଏକ ଅର୍ଥରେ ଗୋପୀମାନଙ୍କର ଗୋପେନ୍ଦ୍ର ଶ୍ରୀକୃଷ୍ଣଙ୍କ ପ୍ରତି, ଅନ୍ୟ ଅର୍ଥରେ ଭାରତର ବୈଦେଶିକ ଶାସକଙ୍କ ପ୍ରତି ଲକ୍ଷ୍ୟ ରଖି ଭାବ ଅଭିବ୍ୟକ୍ତ ହୋଇଅଛି ।

**ପଦ୍ମିନୀ:**—କବିଙ୍କର ଅପୂର୍ଣ୍ଣ କାବ୍ୟ । ଜୀବନର ଉତ୍ତରକାଳରେ କବି ଏହାକୁ ଆରମ୍ଭ କରି କେବଳ ୫ଟି ମାତ୍ର ସର୍ଗ ଲେଖିଅଛନ୍ତି । ଅତ୍ୟାଚାରୀ ଆଲ୍ଲାଉଦ୍ଦିନଙ୍କୁ ଚିତୋର ଦୁର୍ଗ ପାଖରେ ପହଞ୍ଚାଇଦେଇ କବି ଚିରଦିନ ଲାଗି ସ୍ୱୀୟ ଅମରବୀଣାବାଦନ ସ୍ଥଗିତ ରଖିଲେ । ଏହା କବିଙ୍କର ଷଷ୍ଟିବର୍ଷ ବୟଃକାଳର ପରିପକ୍ୱ ଜ୍ଞାନପ୍ରସୂତ ରଚନା । କାବ୍ୟର ଲକ୍ଷଣରୁ ଜଣାପଡ଼େ, ଏହା ସମ୍ପୂର୍ଣ୍ଣ ହୋଇପାରିଥିଲେ ରାଧାନାଥଙ୍କ 'ମହାଯାତ୍ରା' ମହାକାବ୍ୟର ପ୍ରତିଷ୍ଠା ଲାଭ କରିଥାନ୍ତା ।

**ସାହିତ୍ୟିକ ସମ୍ପର୍କ:**— ସାହିତ୍ୟ ଆଲୋଚନାସୂତ୍ରରେ ଅନେକ ବିଶିଷ୍ଟ ବ୍ୟକ୍ତିଙ୍କ ସହିତ ଗଙ୍ଗାଧରଙ୍କ ସ୍ୱାଭାବିକ ବନ୍ଧୁତା ସ୍ଥାପିତ ହୋଇଥିଲା ଓ ତାହା ତାଙ୍କ ଜୀବନକୁ

ବିଶେଷଭାବରେ ଅନୁପ୍ରାଣିତ କରିଥିଲା । ଦେଶପୂଜ୍ୟ କବିବର ରାଧାନାଥ ରାୟ ଗଙ୍ଗାଧରଙ୍କ ଅନନ୍ୟସୁଲଭ ପ୍ରତିଭା ଓ ଚରିତ୍ରମାଧୁର୍ଯ୍ୟରେ ଆକୃଷ୍ଟ ହୋଇ ଅନେକ ସମୟରେ ତାଙ୍କ ନିକଟକୁ ପ୍ରସାଦ ପ୍ରେରଣ କରୁଥିଲେ । ମେହେର କବିଙ୍କ ପ୍ରତି ତାଙ୍କର କିପରି ଶ୍ରଦ୍ଧା ଓ ଆସ୍ଥା ଥିଲା, ତତ୍‌ସମ୍ବନ୍ଧୀୟ ପତ୍ରାବଳୀ ତହିଁର ସର୍ବପ୍ରଧାନ ନିଦର୍ଶନ । ଏତଦ୍‌ଭିନ୍ନ ସେ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ, ସାହିତ୍ୟରଥୀ ବିଶ୍ୱନାଥ କର, ବ୍ୟାସକବି ଫକୀରମୋହନ, ପଲ୍ଲୀକବି ନନ୍ଦକିଶୋର, ସୁକବି ଚିନ୍ତାମଣି ମହାନ୍ତି, ରାଜକବି ସଚ୍ଚିଦାନନ୍ଦ ତ୍ରିଭୁବନ ଦେବ ପ୍ରମୁଖ ମନୀଷୀମାନଙ୍କ ପବିତ୍ର ସଂସ୍ରବକୁ ମଧ୍ୟ ଆସିଥିଲେ ।

**ପାରିବାରିକ ଜୀବନ:**—ଗଙ୍ଗାଧରଙ୍କ ପ୍ରଥମା ପତ୍ନୀଙ୍କ ସନ୍ତାନ ମଧ୍ୟରେ ଦୁଇଟି ପୁତ୍ର ଓ ଦୁଇଟି କନ୍ୟା । ଜ୍ୟେଷ୍ଠ ପୁତ୍ର ଅକାଳରେ ପ୍ରାଣତ୍ୟାଗ କରିଅଛନ୍ତି । କନିଷ୍ଠ ଭଗବାନ ବାବୁଙ୍କ ବୟସ ବର୍ତ୍ତମାନ ପ୍ରାୟ ୬୦ ବର୍ଷ । ସେ ଉଚ୍ଚଶିକ୍ଷାର ସୁବିଧା ପାଇ ନ ଥିଲେ ମଧ୍ୟ ଆଦର୍ଶ ପିତାଙ୍କ ଆଦର୍ଶ ଜୀବନ, ସାମୟିକ ଉପଦେଶ ତଥା ଇଂରେଜୀ ଅଧ୍ୟୟନ ପ୍ରଭାବରେ ନିଜ ଜୀବନର ଅନେକ ଉନ୍ନତିବିଧାନ କରିଅଛନ୍ତି । ସେ ଏକମାତ୍ର ପୁତ୍ର ଥିବାରୁ କବି ତାଙ୍କୁ ଅତ୍ୟନ୍ତ ସ୍ନେହ କରୁଥିଲେ ଏବଂ ସର୍ବଦା ନିଜ ନିକଟରେ ରଖୁଥିଲେ । ବର୍ତ୍ତମାନ କବିଙ୍କର ଜଣେ ପୌତ୍ର B. A. ପାସ୍ କରିଅଛନ୍ତି । ବରପାଲିରେ କବି ପରିବାରର ପ୍ରାୟ ଆଠ ଏକର ଭୂସମ୍ପତ୍ତି ଅଛି । ଏତଦ୍‌ଭିନ୍ନ ବୋଡ଼ାସମ୍ବରରେ ଖଣ୍ଡିଏ ଗ୍ରୋଟ ପଲ୍ଲୀ ମଧ୍ୟ ଅଛି । ସ୍ଥୂଳତଃ କବି ପରିବାରର ଆର୍ଥିକ ଅବସ୍ଥା ଶୋଚନୀୟ ।

**ଅନ୍ତିମ ଜୀବନ:**—ଗଙ୍ଗାଧର ଆତ୍ମସମ୍ମାନରକ୍ଷାର୍ଥ ପୂର୍ବୋକ୍ତ ବରପାଲି ଜମିଦାରରେ ମାଲ ମୋହରରର ପଦ ପରିତ୍ୟାଗ କରିବା ପରେ ପ୍ରାୟ ଦୁଇ ବର୍ଷ ଘୋର ଅଶାନ୍ତିରେ କାଳଯାପନ କରିଥିଲେ । ଜଗତର ମନୀଷୀ ମହାପୁରୁଷମାନେ ଦେଶ, ଜାତି ଓ ସମାଜ ପାଇଁ କିପରି ଆତ୍ମସୁଖ ବଳି ଦେଇପାରନ୍ତି, ଗଙ୍ଗାଧର ସ୍ୱୀୟ ଅନ୍ତିମ ଜୀବନର କାର୍ଯ୍ୟକଳାପରେ ତାହା ଆମ୍ଭମାନଙ୍କୁ ଦେଖାଇ ଯାଇଅଛନ୍ତି । ମାତୃଭୂମି ବରପାଲିର କେତେକ ଅଶାନ୍ତି, ଅନ୍ୟାୟ, ଅତ୍ୟାଚାରର ନିବାରଣକଳ୍ପେ ଅଗତ୍ୟା ତାହାଙ୍କ ସତ୍ୟ-ନ୍ୟାୟ-ଧର୍ମଦୃଢ଼ ହୃଦୟ ତତ୍ ସଂଶ୍ଳିଷ୍ଟ ତତ୍କାଳୀନ ରାଜଶକ୍ତିର ବିଦ୍ରୋହୀ ହୋଇଉଠିଲା । ଏହି ଭୀଷଣ ଅଶାନ୍ତ ସମୟରେ ସତ୍ୟ ଓ ନ୍ୟାୟର ସମର୍ଥନ ପାଇଁ କବିଙ୍କୁ ଯେପରି ନିର୍ଭୀକଭାବରେ ଅସାଧାରଣ ଧୈର୍ଯ୍ୟ, ସହିଷ୍ଣୁତା ସହିତ କାର୍ଯ୍ୟ କରିବାକୁ ପଡ଼ିଥିଲା, ତାହା କେବଳ ତାଙ୍କ ପରି ବୀରହୃଦୟ ବ୍ୟକ୍ତିଙ୍କଠାରେ ହିଁ ସମ୍ଭବ ।

କବି ଏହି ଅଶାନ୍ତି ଓ ବିପ୍ଳବ ମଧ୍ୟରେ ସୁଦ୍ଧା ସ୍ୱୀୟ ମନୋରାଜ୍ୟରେ ଅସାଧାରଣ ସ୍ଥୈର୍ଯ୍ୟ, ଶାନ୍ତି ଓ ଉଦାରତା ରକ୍ଷାକରି ପାରିଥିଲେ । ସେ ନିଜ 'ଭୂଲିଆ' ସମାଜର କେତେକ ଅନିଷ୍ଟକାରୀ ପ୍ରଥା ଉଠାଇଦେବା ଉଦ୍ଦେଶ୍ୟରେ ଗୃହଆଡ଼େ ବିଜ୍ଞାପନ ଦ୍ୱାରା

କରି ଏକ ମହାସଭା ଆହ୍ୱାନ କରିଥିଲେ । ନାନା ସ୍ଥାନରୁ ପ୍ରାୟ ତିନି ସହସ୍ର ବ୍ୟକ୍ତି ଏଥିରେ ଯୋଗଦାନ କରିଥିଲେ ।

ତାଙ୍କର ସମାଜ-ସଂସ୍କାର-ପ୍ରୟାସୀ ମନ ଏହିଠାରେ ବାସ୍ତବ ରୂପ ପାଇଅଛି । ଏହି ସଭା-ଭଙ୍ଗର କେତେ ଦିନ ପରେ ୪।୪।୨୪ ତାରିଖ ଚୈତ୍ର ଅମାବାସ୍ୟାର ଗଭୀର ନିଶୀଥରେ ଉତ୍କଳ-ସାହିତ୍ୟ-ଗଗନର ଏହି ସମୁଜ୍ଜ୍ୱଳ ଜ୍ୟୋତିଷ୍କ ଚତୁର୍ଦ୍ଦିଗ ତମିସ୍ରରେ ବୁଡ଼ାଇ ଦେଇ ଚିରଦିନ ଲାଗି ଆହା ଅସ୍ତମିତ ହୋଇଗଲେ !

**ଚରିତ୍ର** :—ଗଙ୍ଗାଧର ଜୀବନର ଅଧିକାଂଶ କାଳ ଜମିଦାରମାନଙ୍କ ସଙ୍ଗ ସମ୍ପର୍କରେ ଅତିବାହିତ କରିଥିଲେ ସୁଦ୍ଧା ସର୍ବଦା ସ୍ୱାଧୀନ ମତାବଲମ୍ବୀ ଥିଲେ । ଅବୈଧ ମାନରକ୍ଷା ଓ ଅଯଥା ସ୍ତାବକତାକୁ ସେ ଘୃଣା କରୁଥିଲେ । ଅନ୍ୟର ଗର୍ବ, ଅଭିମାନ ଓ ଅଯଥା ଆଡ଼ମ୍ବର ଦେଖିଲେ ତାଙ୍କର କ୍ଷୋଭ ଓ ଲଜ୍ଜାନୁଭବର ଲକ୍ଷଣ ଜଣାପଡ଼ୁଥିଲା । ପଥରେ ଚାଲିଯାଉଥିବାବେଳେ ଅନ୍ୟକୁ ପଥ ଛାଡ଼ିଦେବା, ପରିଚିତ ବ୍ୟକ୍ତିଙ୍କୁ ସମ୍ମାନଦେବା ଲାଗି ପୂର୍ବରୁ ହସ୍ତୋତ୍ତୋଳନ କରିବା, ସାଧାରଣ ଆଗନ୍ତୁକଙ୍କୁ ସୁଦ୍ଧା ଗାତ୍ରୋତ୍ଥାନପୂର୍ବକ ଉପଯୁକ୍ତ ଆସନ ଦେବା, ଭଦ୍ରଲୋକଙ୍କ ସଙ୍ଗେ ଚାଲିବାବେଳେ ପ୍ରାୟ ପଛରେ ରହି ଚାଲିବା; ସଭା, ସମିତି, ଭୋଜି ଆଦିରେ ସଙ୍କୁଚିତ ହୋଇ ବସିବା ପ୍ରଭୃତି ଲକ୍ଷଣ ଲକ୍ଷ୍ୟକଲେ ମନେହୁଏ ସେ ନିଜକୁ ଯେପରି ଜଣେ ସାମାନ୍ୟ ନଗଣ୍ୟ ବ୍ୟକ୍ତି ବୋଲି ଭାବନ୍ତି । ବିନୟ, ଦୟା, କ୍ଷମା, ସହିଷ୍ଣୁତା, ସନ୍ତୋଷ, ସ୍ୱାର୍ଥତ୍ୟାଗ, ଗୁଣଗ୍ରାହକତା, ଚିତ୍ତ-ଶାନ୍ତି, ମଧୁରାଳାପ ଓ ଈଶ୍ୱରନିର୍ଭର-ଭାବ ତାଙ୍କର ମଧୁମୟ କବିଜୀବନକୁ ଅଧିକତର ଗୌରବାନ୍ୱିତ କରିଥିଲା । ବିନୟ ଓ ସନ୍ତୋଷ ଏ ଦୁଇଟି ତାଙ୍କ ଚରିତ୍ରର ବିଶିଷ୍ଟ ଗୁଣ ।

ଅର୍ଥାଭାବ ତାଙ୍କର ସଂସାର-ସରଣୀ-ଅତିକ୍ରମର ଅନ୍ତରାୟ ଥିଲେ ସୁଦ୍ଧା ସେ କେବେ କାହାର ସାହାଯ୍ୟପ୍ରାର୍ଥୀ ହୋଇ ନ ଥିଲେ ।

**ଉପସଂହାର**:—ଗଙ୍ଗାଧର ଉତ୍କଳର ଏକ ଅନୁନ୍ନତ ଅଞ୍ଚଳରେ ଗ୍ରାମ୍ୟଭାବରେ ବଢ଼ି, ଉଚ୍ଚଶିକ୍ଷା ନ କରି, ଦେଶାଟନଦ୍ୱାରା ପ୍ରକୃତିର ବିଭିନ୍ନ ରମଣୀୟ ସ୍ଥଳୀର ଦର୍ଶନରେ କିମ୍ବା କୌଣସି ଉନ୍ନତ ଭାଷାର ସାହିତ୍ୟ ଆଲୋଚନାରେ ଯଥେଷ୍ଟ ସୁବିଧା ନ ପାଇ ଅର୍ଥାଭାବ ଓ ପାରିବାରିକ ଜଞ୍ଜାଳ ଆଦି ନାନା ପ୍ରତିକୂଳତାର ମଧ୍ୟରେ ସ୍ୱୀୟ ଅସାଧାରଣ ଦୃକ୍‌ଶକ୍ତି, ଭାବନା, କଳ୍ପନା ଓ ଧାରଣାଦ୍ୱାରା ଅମୂଲ୍ୟ ସାହିତ୍ୟ ସୃଷ୍ଟିକରି ତହିଁରେ ପ୍ରକୃତିର ଯେଉଁ ବିରାଟ ବୈଚିତ୍ର୍ୟ ଓ ମାନବଚରିତ୍ରର ଯେଉଁ ସ୍ୱର୍ଗୀୟ ସୁଷମା ଫୁଟାଇ ଦେଇଅଛନ୍ତି, ତାହା ଭାବିଲେ ଅବାକ୍ ହେବାକୁ ପଡ଼େ । ତାଙ୍କର ନୈସର୍ଗିକ ପ୍ରତିଭା ହିଁ ତାଙ୍କୁ ଏ ବିଷୟରେ ବିଶେଷ ସାହାଯ୍ୟ କରିଅଛି । ରଚନାର ମୌଳିକତା, ଭାବର ଗାମ୍ଭୀର୍ଯ୍ୟ, ଭାଷାର ଲାଳିତ୍ୟ ଓ ସାରଲ୍ୟ, ଦୃଷ୍ଟିକୋଣର ପ୍ରାଶସ୍ତ୍ୟ, ଦୃଷ୍ଟିଶକ୍ତିର ତୀକ୍ଷ୍ଣତା, ସାର୍ଥକ ପଦ ପ୍ରୟୋଗରେ କୌଶଳ, ବ୍ୟାକରଣର

ବିଶୁଦ୍ଧତାରକ୍ଷା ଏବଂ ଉନ୍ନତ ଚିନ୍ତା ଓ କଳ୍ପନା ବିଷୟରେ ତାଙ୍କ କାବ୍ୟ-କବିତାରେ ଯେଉଁ ପ୍ରକର୍ଷ ଅଛି, ତହିଁରୁ ତାଙ୍କର ବୈଶିଷ୍ଟ୍ୟ ସତ୍‌ସାହିତ୍ୟିକ ମାନେ ହିଁ ପ୍ରତିପାଦନ କରିପାରିବେ । ଗୌରବମଣ୍ଡିତ ପ୍ରାଚୀନ ସାହିତ୍ୟର ପରମ୍ପରା ସଂରକ୍ଷଣ ସହ ଉନ୍ନତ ଭାଷା ଓ ଭାବର ଉପାଦାନରେ ନବୀନ ସାହିତ୍ୟର ସୃଷ୍ଟି, ମେହେର-ସାହିତ୍ୟର ବୈଶିଷ୍ଟ୍ୟ । ଏ ବିଷୟରେ ମେହେର କାବ୍ୟର କୃତିତ୍ୱ ରାଧାନାଥଙ୍କ ପରବର୍ତ୍ତୀ କୌଣସି କବିଙ୍କର କାବ୍ୟରେ ଦୃଷ୍ଟ ହୁଏ ନାହିଁ । ମେହେର ଗ୍ରନ୍ଥାବଳୀର ପ୍ରକାଣ୍ଡତା ନାହିଁ ସତ୍ୟ, କିନ୍ତୁ ଏଥିରେ ଉତ୍କଳର ଅନେକ ପ୍ରାଚୀନ ଓ ଆଧୁନିକ ପ୍ରସିଦ୍ଧ କବିଙ୍କର ନିର୍ଦ୍ଦିଷ୍ଟ ପ୍ରସିଦ୍ଧିର ପ୍ରଭା ଏକାଧାରରେ କେତେ ପରିମାଣରେ ପ୍ରତିଫଳିତ ହୋଇଅଛି । ଗଙ୍ଗାଧରଙ୍କ ମାନସ-ଚକ୍ଷୁ ବିଷୟ-ବସ୍ତୁର ଅନ୍ତରତମ ପ୍ରଦେଶ ନିରୀକ୍ଷଣ କରି ସୁନ୍ଦର ଉନ୍ନତ ଭାବ ଗ୍ରହଣ କରିବାରେ ଯେପରି ବିଲକ୍ଷଣ ପାଟବ ଅର୍ଜନ କରିଥିଲି, ତାଙ୍କର ପ୍ରକାଶଶକ୍ତି ସେହିପରି ତାହାକୁ ମଧୁର, ଲଳିତ ପଦାବଳୀର ବିନ୍ୟାସରେ ଚିତ୍ତର ପ୍ରସାଦ ଜନ୍ମାଇବାକୁ ବିଶେଷ ସମର୍ଥ ଥିଲି । ସେ କାବ୍ୟଗତ ନାୟକ-ନାୟିକାମାନଙ୍କର ସୁଖ-ଦୁଃଖ, ଅନୁରାଗ-ବିରାଗ, ଚିନ୍ତା-ଗ୍ଲାନି, ବ୍ରୀଡ଼ା-ବୈକଲ୍ୟ ସହିତ ମର୍ମେ ମର୍ମେ ସହଯୋଗିତା ସ୍ଥାପନକରି ବର୍ଣ୍ଣନାରେ ସେସବୁକୁ ପ୍ରାଣବନ୍ତ କରି ଫୁଟାଇ ପାରିଅଛନ୍ତି ।

କବିବର ରାଧାନାଥଙ୍କର ସାରସ୍ୱତ ଲେଖନୀ ଆଜି ଉତ୍କଳର ବନ-ଗିରି-ସରିତ୍-ସାଗରାଦି ଜଡ଼ବସ୍ତୁକୁ ଜୀବନ୍ତ ଭାବରେ ଚିତ୍ରିତ କରିଅଛି । ସେହି ଲେଖନୀର ପ୍ରଭାବରେ ଉତ୍କଳର ନୀରସ ରୁକ୍ଷ ଶିଳାଖଣ୍ଡ ସରସ, ସୁନ୍ଦର ହୋଇପାରିଛି । ସାମାନ୍ୟ ମୃତ୍ତିକାଖଣ୍ଡ ଓ ଧୂଳିକଣିକା ସୁଦ୍ଧା ସ୍ୱର୍ଣ୍ଣଖଣ୍ଡ ଓ ସୁବର୍ଣ୍ଣ ରେଣୁବତ୍ ପ୍ରତୀତ ହେଉଅଛି । କିନ୍ତୁ ସ୍ୱଭାବ-କବି ଗଙ୍ଗାଧରଙ୍କ ମଧୁମୟୀ ଲେଖନୀ ମାନବଚରିତକୁ ମହିମାମୟଭାବରେ ପ୍ରକଟ କରି ସମାଜଶିକ୍ଷାର ଗୋଟିଏ ପ୍ରଶସ୍ତ ପଥ ପ୍ରସ୍ତୁତ କରିପାରିଅଛି । ସେହି ଲେଖନୀର ମହିମାରେ ଆଜି ମାନବ-ଜୀବନର ଆଦର୍ଶ ଦେଶ ସମକ୍ଷରେ ଉତ୍ତୁଙ୍ଗ ହିମାଚଳଶୃଙ୍ଗ ସଦୃଶ ଦଣ୍ଡାୟମାନ ହୋଇ ଗୃହସ୍ଥ-ସୁଷମା-ସ୍ରୋତକୁ ସନାତନୀ ଗଙ୍ଗାଧାରା ପ୍ରାୟ ଫିଟାଇ ଦେଇଅଛି । ଫଳତଃ ଉତ୍କଳର ଏହି ବରେଣ୍ୟ କବିଦ୍ୱୟ ଅନ୍ୟୋନ୍ୟ ସହାୟକଭାବରେ ଉତ୍କଳର ପ୍ରଭୂତ କଲ୍ୟାଣ ସମ୍ପାଦନ କରିବା ସଙ୍ଗେ ସଙ୍ଗେ ଗୋଟିଏ ଗୋଟିଏ ମହଦାଦର୍ଶ ସ୍ଥାପନପୂର୍ବକ ନିଜ ନିଜ ଜୀବନ ଧନ୍ୟ କରିଅଛନ୍ତି ।

ଶିକ୍ଷା, ଅବସ୍ଥାନ, ସାଂସାରିକ ଅବସ୍ଥା ଓ ଅନ୍ୟାନ୍ୟ ଉନ୍ନତିସାପେକ୍ଷ ପରିସ୍ଥିତିର ଆନୁକୂଲ୍ୟଲାଭରୁ ବଞ୍ଚିତ ହୋଇ ମଧ୍ୟ ଦେଶ ଓ ଜାତି ପ୍ରତି ମେହେର କବିଙ୍କ ମହାଦାନ ତଦୀୟ ନୈସର୍ଗିକ ମହୀୟସୀ ପ୍ରତିଭାର ପରିଚାୟକ ।

କବି ନିଜେ ନାନା ଅଭାବ-ଅସୁବିଧା, ଦୁଃଖ-ଦାରିଦ୍ର୍ୟର ପଙ୍କରେ ସଢ଼ି ଉତ୍କଳ-ଭାରତୀଙ୍କ କଣ୍ଠରେ ଚିର-ରମଣୀୟ ସୁରଭିମୂର୍ଣ୍ଣ ଶତଦଳମାଳା ଲମ୍ବାଇ ଯାଇଅଛନ୍ତି । ସେ ସ୍ୱୀୟ ଜୀବନରେ ନାନା ଅଶାନ୍ତି ଭୋଗକରି ତତ୍ ପରିବର୍ତ୍ତରେ ଅନନ୍ତକାଳ

ନିମନ୍ତେ ଏହି ଅନନ୍ତ ମାନବମଣ୍ଡଳୀକୁ ପବିତ୍ର ସୌନ୍ଦର୍ଯ୍ୟ-ଆନନ୍ଦ ଓ ନିର୍ମଳ-ପ୍ରେମ ପ୍ରଦାନ କରିଗଲେ ।

ସୁଖର ବିଷୟ, ବର୍ତ୍ତମାନ ଦେଶବାସୀ ତାଙ୍କର ମନୋହର କବିତ୍ୱ ଓ ମାନବିକ ମହତ୍ତ୍ୱରେ ଅନୁପ୍ରାଣିତ ହୋଇ ନାନାଭାବରେ ତାଙ୍କ ପ୍ରତିଭାପୂଜା ଦିଗରେ ଅଗ୍ରସର ହେଉଅଛନ୍ତି, ଏହା ଦେଶ ପକ୍ଷରେ ଗୌରବାବହ ।

ତା ୨୫ । ୧ । ୧୯୫୧   **ରାଘବ ମିଶ୍ର**

# ଉତ୍ସର୍ଗ

ଭକ୍ତିଭାଜନ ଶ୍ରୀମାନ୍ ରାମନାରାୟଣ ମିଶ୍ର, M.A.,B.L.

ମହୋଦୟେଷୁ

ସବିନୟ ନିବେଦନମିଦମ୍

ମହାତ୍ମନ୍ !

ଆପଣ ଅନେକ ଦରିଦ୍ର ଛାତ୍ରଙ୍କୁ ଅର୍ଥ ସାହାଯ୍ୟ କରି ସେମାନଙ୍କର ଶିକ୍ଷାର ପଥ ପ୍ରଶସ୍ତ ଓ ସୁଗମ କରୁଥିବାର ମୁଁ ଅବଗତ ହୋଇଅଛି । ପଥପାର୍ଶ୍ୱରେ ରୋପଣ କରିବା ନିମନ୍ତେ ନାନାପ୍ରକାର ବାଲ-ପାଦପ ଆବଶ୍ୟକ ହୋଇଥାଏ, ଏହା ଭାବି ମୁଁ ଏହି ତପସ୍ୱିନୀ-ନାମ୍ନୀ ପୁସ୍ତିକାକୁ ଆପଣଙ୍କ କରକମଳରେ ଅର୍ପଣ କଲି । ଫଳ-ପୁଷ୍ପର ଆଶା ନ ଥିଲେ ସୁଦ୍ଧା ଆପଣ ଏହାକୁ ସାମାନ୍ୟ ଛାୟାର ଉପଯୋଗୀ ବାଲ-ତରୁ ରୂପେ ଗ୍ରହଣ କରି ମୋତେ କୃତାର୍ଥ କରିବା ହେବେ । ଇତି ।

ପଦ୍ମପୁର
ତା ୫ । ୧୦ । ୧୯୧୪

ଭବଦୀୟ ଚିର-କୃତଜ୍ଞ
**ଶ୍ରୀ ଗଙ୍ଗାଧର ମେହେର**

# ମୁଖବନ୍ଧ

ପିତୃସତ୍ୟ-ରକ୍ଷା ନିମନ୍ତେ ବନବାସୀ ହେବାରୁ ରାମଙ୍କର ଓ ସ୍ୱାମୀଙ୍କର ଅନୁଗାମିନୀ ହେବାରୁ ସୀତାଙ୍କର ଯେଉଁ ମାହାତ୍ମ୍ୟ ପରିସ୍ଫୁଟ ହୋଇଥିଲା, ସୀତାଙ୍କର ନିର୍ବାସନରେ ତାହା ସୌରଭମୟ ହେଲା । ନିର୍ବାସନ-କଷ୍ଟ ସହିବାଦ୍ୱାରା ସୀତାଙ୍କର ପତିଭକ୍ତି ଯେପରି ତେଜୋମୟୀ ହୋଇଗଲା, ତାଙ୍କର ହିରଣ୍ମୟୀ ପ୍ରତିକୃତି ରଖି ଅଶ୍ୱମେଧ-ଯଜ୍ଞ ନିର୍ବାହ କରିବାଦ୍ୱାରା ରାମଙ୍କର ପତ୍ନୀ-ପ୍ରେମ ସେହିପରି ପ୍ରଦୀପ୍ତ ହୋଇଉଠିଲା । ଉପଯୁକ୍ତ ପତିଙ୍କର ଉପଯୁକ୍ତ ପତ୍ନୀ । ସୀତା ମିଥ୍ୟାପବାଦରେ ସ୍ୱାମୀକର୍ତ୍ତୃକ ପରିତ୍ୟକ୍ତା ହୋଇଥିଲେହେଁ ସ୍ୱାମୀଙ୍କ ହୃଦୟର ପ୍ରେମ ବୁଝିପାରିଥିଲେ । ସେ ନିର୍ବାସନକୁ ନିଜର ଭାଗ୍ୟଦୋଷ ବୋଲି ପତିଭକ୍ତିକୁ କିପରି ଦୃଢ଼ତର ଓ ଉଚ୍ଚତର କରିଥିଲେ—ବନବାସକୁ ପତି-ବ୍ରତ-ସାଧିନୀ ତପସ୍ୟାରେ ପରିଣତ କରି ତପସ୍ୱିନୀ ରୂପେ କିପରି ଦିନ ଯାପନ କରିଥିଲେ, ତାହା ପ୍ରକଟ କରିବା ଏହି ପୁସ୍ତକର ପ୍ରଧାନ ଉଦ୍ଦେଶ୍ୟ । ସୀତା ଯେପରି ସ୍ୱାମୀଙ୍କର କରୁଣାଲାଭର ଆଶା ତ୍ୟାଗ କରିଥିଲେ, ମୁଁ ସେହିପରି ତାଙ୍କର ଉଚ୍ଚ ଚରିତ୍ର ପ୍ରକଟ କରିବାରେ କୃତକାର୍ଯ୍ୟ ହେବାର ଆଶା ତ୍ୟାଗ କରିଅଛି । ତେବେ ରାମ ତପସ୍ୱିନୀ ସୀତାଙ୍କ ପରିବର୍ତ୍ତରେ ହୃଦୟ-ଜ୍ୟୋତ୍ସ୍ନାକୁ ମନୋହାରିଣୀ ମୂର୍ତ୍ତି କରି ଯଜ୍ଞ ସମାଧାନ କରିଥିଲେ । ବିଜ୍ଞ ପାଠକବୃନ୍ଦ, ଏଥିରେ ମୋର କୃତିତ୍ୱକୁ ଲକ୍ଷ୍ୟ ନ କରି ନିଜ ନିଜର ହୃଦୟସ୍ଥ ସୀତାଙ୍କର ଉଜ୍ଜ୍ୱଳ, ନିର୍ମଳ ଓ ପବିତ୍ର ଚରିତ୍ର-ଚିତ୍ରିତ-ସ୍ମୃତିପଟକୁ ଥରେ ଥରେ ଉଦ୍‌ଘାଟନ କରି ନାରୀ-ହୃଦୟର ଉନ୍ନତି ବିଧାନ କରିବେ," ଏହି ମାତ୍ର ଆଶା ।

ଉପସଂହାରରେ ବକ୍ତବ୍ୟ ଏହି ଯେ, ମୋର ପ୍ରିୟ ସୁହୃଦ୍ ଶ୍ରୀଯୁକ୍ତ ବ୍ରଜମୋହନ ପଣ୍ଡା ଏହି ପୁସ୍ତକ-ରଚନା ନିମନ୍ତେ ମୋତେ ଯେଉଁ ଓଜସ୍ୱୀ ଉତ୍ସାହ ଦେଇଅଛନ୍ତି, ତାହା ସର୍ବଥା ଅତୁଳନୀୟ । ମୁଁ ତହିଁ ନିମନ୍ତେ ତାଙ୍କଠାରେ ଗଭୀର କୃତଜ୍ଞତା ପ୍ରକାଶ କରୁଅଛି । ଇତି ।

| | |
|---|---|
| ପଦ୍ମପୁର | ବିନୀତ |
| ତା ୫ । ୧୦ । ୧୯୧୪ | **ଶ୍ରୀ ଗଙ୍ଗାଧର ମେହେର** |

# ତପସ୍ୱିନୀ

# ତପସ୍ୱିନୀ

## ସୀତା

### ପ୍ରଥମ ସର୍ଗ

କିଏ ଗୋ ତୁ ଜ୍ୟୋତିର୍ମୟୀ ଶୁଦ୍ଧ-ଶୁଭ୍ର-ବେଶା
ଇନ୍ଦ୍ରନୀଳ-ଦ୍ୟୁତି-ଜିତ-ମନୋହର-କେଶା ?
ତନୁକାନ୍ତି ଭେଦି ତୋର ଶୁଭ୍ର-ସୂକ୍ଷ୍ମ-ବାସ
ଆହ୍ଲାଦ ଦେଉଛି ହୃଦେ ହୋଇ ସୁପ୍ରକାଶ ।
କୌମୁଦୀ କି ଘନ ହୋଇ ବହିଛୁ ଶରୀର ?
କେଶଛଳେ ଚରଣେ ତୋ ଲୋଟୁଛି ତିମିର ।
ସୁବିରଳ ସମୁଜ୍ଜ୍ୱଳ ଗୁଚ୍ଛ ତାରା ଗ୍ରହ
ମଣ୍ଡିଛନ୍ତି ରତ୍ନ-ଭୂଷା ରୂପେ ତୋ ବିଗ୍ରହ ।
ଅସଂଖ୍ୟ ଧବଳ ପୁଷ୍ପହାର ଶୋଭେ ଗଳେ,
ଗ୍ରଥିତ ହୋଇଛି ସବୁ ଅଦ୍ଭୁତ କୌଶଳେ ।
ଶ୍ରୀଅଙ୍ଗ-ସୌରଭେ ମୁଗ୍ଧ ହେଉଛି ଜଗତ,
ପ୍ରଫୁଲ୍ଲିତ ହେଉଅଛି ପ୍ରାଣେ ଉପଗତ ।
କି ଢାଳୁଛୁ କରେ ଧରି, ଲୋକେ କରି ପାନ
ଦେବତ ସଦୃଶ ହେଉଛନ୍ତି ତେଜୀୟାନ ।
କି ମନ୍ତ୍ର ଦେଉଛୁ ପୁଣି ବାଛି ବାଛି ଲୋକ,
ତମ ନାଶି ସୃଜୁଛନ୍ତି ସେମାନେ ଆଲୋକ ।
ପଦାଙ୍କେ ତୋ ଫୁଟିଅଛି ଶ୍ୱେତ ଶତଦଳ,
କୌମୁଦୀ ବୋଲିବା ତେଣୁ ନୋହୁଛି ସଫଳ ।
ଦରିଦ୍ରତା-ପଙ୍କ-ପୂର୍ଣ୍ଣ ମୋ' ଜୀବନ-ସର
ଜଞ୍ଜାଳ-ଜଳଦ-ଜଳେ ଆବିଳ ଉଦର ।
ଶରଦ ସଦୃଶ ତୋତେ କରି ଦରଶନ
ହୋଇଯାଉଅଛି ସେ ତ ସ୍ୱତଃ ପରସନ୍ନ ।
ବିକଶିତ ହେଉଅଛି ହୃଦୟ-କମଳ,
ସତେ କି ପାଇଲି ଦେବି, ତୋ ପଦ-ସମ୍ବଳ ?
ପୟୂର-ସ୍ମରଣେ ପ୍ରାଣ ହେଲାଣି ମୋହିତ,
ଇଚ୍ଛାମତେ କର ଯାହା ବିଧିରୁ ବିହିତ ।
ବାଲ୍ମୀକି ଆଶ୍ରମକୁ ଧାଇଁଅଛି ମନ,
କରିବାକୁ ନିର୍ବାସିତା ସୀତାଙ୍କୁ ଦର୍ଶନ;
କେମନ୍ତେ ସେ କଲେ ଜୀର୍ଣ୍ଣ ହୃଦୟ ସୀବନ ?
କାହା ସଙ୍ଗେ କେମନ୍ତେ ବା ଯାପିଲେ ଜୀବନ ?
କୃପାବହି କୃପାମୟି, ଶକ୍ତି ଦାନ କର,
ପବିତ୍ର ହେଉ ମୋ ମନ ଦେଖି, ଲେଖି କର ।
ବହୁଅଛି ଭାଗୀରଥୀ ବିପିନ ଭିତରେ,
ତାଡ଼ି ତାଡ଼ି ତରଙ୍ଗ ତା ପଶ୍ଚିମ ତଟରେ ।*
ବନ-ଦୃଶ୍ୟ ଦେଖିବାକୁ ହୋଇ ଅଗ୍ରସର
ବିକଳ ଜୀବନେ ଯେବେହେଁ ବୁଲୁଛି ପୟୂର ।

* ବାଲ୍ମୀକି ଆଶ୍ରମ ଗଢ୍ୱାଲ ଗଙ୍ଗା ଦକ୍ଷିଣବାହିନୀ, ସେଠାରୁ ଅଯୋଧ୍ୟା ପୂର୍ବଦିଗ ।

ସେହି କୂଳେ ବଇଦେହୀ ଗାଢ଼ ମନୋଦୁଃଖେ
ଉଭାହୋଇ ଚାହିଁଥିଲେ ପୂର୍ବ ଅଭିମୁଖେ ।
ଅବିରଳ ବହି ତାଙ୍କ ନେତ୍ର-ନୀର-ଝର
ଅବିରତ ପଡ଼ୁଥିଲା ବକ୍ଷର ଉପର ।
୧ ଉଠି ଯେହ୍ନେ ଜଳଧର ପଶ୍ଚିମ-ଆଶାରେ
୨ ଅସ୍ତାଚଳ ପ୍ଲାବଇ ଅଜସ୍ର-ଆସାରେ ।
୩ କରୀନ୍ଦ୍ର-କର-ଶୀକର ସରସୀ-ଉରସେ
୪ ପଡ଼ି ସିକ୍ତ କରେ କମ୍ପ୍ର ପ୍ରଦୋଷ-ସାରସେ ।
"ହା ନାଥ" ଉଚ୍ଚାରି ଦେବୀ ବ୍ୟାକୁଳେ କୋମଳେ
ଅବଶରେ ବସୁଁ ବସୁଁ ବସୁନ୍ଧରା ତଳେ
ସଂଜ୍ଞାବିରହିତ ହୋଇ ପଡ଼ିଲେ ଉତ୍ସନେ,
ନ ଥିଲେ ଧରିବା ପାଇଁ କେହି ସନ୍ନିଧାନେ ।
ଶତ ଶତ ସେବିକା ଯା ସେବୁଥିଲେ ପଦ,
ଜଣେ ନ ଦେଖିଲେ ତାଙ୍କ ଦାରୁଣ ଆପଦ !
ଅହୋ ! ନିୟତିର ଏହି ଭୟଙ୍କରୀ ରୀତି,
ଦେଖିଲେ କାହାର ହୃଦେ ନ ଆସିବ ଭୀତି ?
ତା ଚାହିଁ ବିହଙ୍ଗ-ମୁଖେ କାନ୍ଦିଲା ସେ ବନ;
ବହିଲା ନିଶ୍ୱାସ ରୂପେ ଦୁଖର ପବନ ।
ଶୁଭିଲା ପ୍ରଶ୍ୱାସ ରୂପେ ସର ସର ସ୍ୱର;
କାରୁଣ୍ୟ-ଲହରୀ ପ୍ରାୟେ ଚଳିଲେ ପତର ।
ଏ ଦିଗେ ସେ ଦିଗେ ଚାହିଁ ଚକିତ-ଲୋଚନେ
ମୃଗମାନେ ରହିଗଲେ ବିଚଳିତ ମନେ;
ଜନନୀ-ରୋଦନ ଚାହିଁ ନ ବୁଝି ତା ମାନେ
ବ୍ୟସ୍ତ ଯଥା ହୋଇଥାନ୍ତି ତା ସନ୍ତାନମାନେ ।
କରିବାକୁ ନିୟତିର ସହିତ ସମର,
୫ ତୃଣରାଜ ଖଡ଼୍ଗ-କରେ ଗର୍ଜିଲା ପ୍ରଖର ।
ବାୟୁବଶା ତୂଣୀରକୁ ଝାଡ଼ି ବାରମ୍ବାର,
୬ ପତ୍ର-କଙ୍କପତ୍ର କଲା କି ଅବା ବାହାର ।
୭ କମ୍ପିତ-ସରିତ ବୀଚି-ଉତ୍ଥିତ ଶୀକର
ପଡ଼ିଲା ପୁଲିନେ ତେଜି ତରଙ୍ଗ-ଶିଖର ।
ଭରି କି ସୀସକ-ଗୁଳି ତରଙ୍ଗର ତୋପେ
ନିୟତିକି ଭାଗୀରଥୀ ପ୍ରହାରିଲା କୋପେ ?
କମଳ ସକଳ ହୋଇ ବିଚଳିତ ସରେ
ପଦ୍ମ-ବ୍ୟୂହ ରଚି ଯୁଦ୍ଧ କଲେ ଅଳି-ଶରେ ।
ବନଫୁଲେ ବୃନ୍ତ ତେଜି ଭୂମିତଳେ ପଡ଼ି
ଧୂଳି ମାଖି ମଲ୍ଲଯୁଦ୍ଧେ ହେଲେ ଗଡ଼ାଗଡ଼ି ।
୮ ଲତା-ଲୂତା-ତନ୍ତୁ-ରୂପ ନିୟତି-ବନ୍ଧନ
ଛିନ୍ନକରି କ୍ରୋଧଭରେ କଲା ଆସ୍ଫାଳନ ।
ବ୍ୟାହତ ହୃଦୟୁ ଶୀର୍ଣ୍ଣ ଶରୀର ବାଦଲ
ଦଉଡ଼ି ଆସିଲା କୋପେ ଘେନି ଦଳବଳ ।
ଚକ୍ଷୁ ଚମକାଇ, କରି ଗମ୍ଭୀର ଗର୍ଜନ
ଦେଖାଇଲା ନିୟତିର ଉପରେ ତର୍ଜନ ।
ସଖୀ-ମୁଖେ ସୁଶୀତଳ ବିନ୍ଦୁ ବିନ୍ଦୁ ପାଣି
ସିଞ୍ଚି ସିଞ୍ଚି ଜୀବନରେ ସଂଜ୍ଞା ଦେଲା ଆଣି ।
ସାଧ୍ୱୀ କୁଳବଧୂଙ୍କର ଦୁର୍ବିପାକ ଚାହିଁ
ଲଜ୍ଜାଭରେ ଭାନୁ ଦେଲେ ବଦନ ଲୁଚାଇ ।
ଦିଗ୍‌ବଧୂସକଳ ବସି ବିଷଣ୍ଣ ବଦନେ
ନଭ ବିକମ୍ପିତ କଲେ ସ୍ତନିତ ରୋଦନେ ।
ସଂଜ୍ଞା ଲଭି ମହାଦେବୀ କେତେ କାଳ ପରେ
ଅନାଇଲେ ଦଶ ଦିଶ ନିରାଶେ କାତରେ ।
ଦିଶିଲା ସକଳ ଦିଗ ରାମଚନ୍ଦ୍ରମୟ;
ବସିଛନ୍ତି ପ୍ରଭୁ ହୋଇ ବିଷଣ୍ଣ ହୃଦୟ ।
ଯୁଗ୍ମକରେ ଆଗେ ଉଭା ସୁଧୀର ଲକ୍ଷ୍ମଣ,
ହୋଇଛି ଦୁହିଁଙ୍କ ନେତ୍ର ଲୋତକ-ଝରଣ ।
ନ ପାରନ୍ତି ପୁଚ୍ଛି ରାମ ସୀତାର ଖବର;
କହିବାକୁ ବାକ୍ୟ ସ୍ଫୁରୁ ନାହିଁ ଲକ୍ଷ୍ମଣର ।

---

୧ । ଆଶାରେ—ଦିଗରେ ।
୨ । ଆସାରେ— ଜଳଧାରାରେ ।
୩ । କରୀନ୍ଦ୍ର-କର-ଶୀକର—ହସ୍ତିଶୁଣ୍ଢଜଳ ।
୪ । ପ୍ରଦୋଷ-ସାରସ—ସନ୍ଧ୍ୟାକାଳୀନ ପଦ୍ମ ।
୫ । ତୃଣରାଜ—ତାଳବୃକ୍ଷ ।
୬ । କଙ୍କପତ୍ର—ବାଣ ।
୭ । ଶୀକର—ଜଳକଣା ।
୮ । ଲୂତା - ମାଙ୍କଡ଼ସା ।

ରବିକି ଚାହାଁନ୍ତେ, ରବି-କୋଳେ ରଘୁନାଥ
ନତମୁଖେ ବସିଛନ୍ତି ଶିରେ ଦେଇ ହାତ ।
ଦିଶିଲ ପଡ଼ନ୍ତେ ନେତ୍ର ଭାଗୀରଥୀ ପ୍ରତି,
ଚାଲିଛନ୍ତି ଭଗୀରଥ ପଛେ ରଘୁପତି ।
ଗଙ୍ଗାଧାର ସମ ରାମ-ନେତ୍ର-ଜଳ-ରାଶି,
ତହିଁ ଯାନ୍ତି ରାମ ଥରେ ମଜ୍ଜି, ଥରେ ଭାସି ।
ଫେରାଇ ତହିଁରୁ ସତୀ ଗର୍ଭେ ଦେଇ ଦୃଷ୍ଟି
ଅନର୍ଗଳ ଧାରେ ନିଜେ କଲେ ଅଶ୍ରୁ-ବୃଷ୍ଟି ।
ଶ୍ୟାମଦୂର୍ବା ଚାହିଁ ସୀତା ହୋଇ ସଙ୍କୁଚିତ
ପାଷାଣକୁ ଯିବା ପାଇଁ ବଳାଇଲେ ଚିତ୍ତ ।
ନ ଗଲେ ତେଣିକି ମଧ୍ୟ ମନରେ କି ଭାଳି;
ନ ପାରିଲେ ରୋଦନର ଆବେଗ ସମ୍ଭାଳି ।
ଆରତ ବିକଳ ସ୍ୱରେ ବିଦଗ୍ଧ ଲପନେ
ବନ ସ୍ତବ୍ଧ କରିଦେଲେ ଘୋର ବିଳପନେ ।
ବୋଲୁଥାନ୍ତି ସେ ଦୁଃଖିନୀ, "ହା ହା ପ୍ରାଣେଶ୍ୱର !
କରୁଣା-ସରିତ-ପତି, ସ୍ନେହ-ଜଳଧର ।
କି କୁଲଗ୍ନେ ଧରିଥିଲ ଅଭାଗିନୀ କର,
ତା ଲାଗି ଆଳୟ ହେଲ ଦାରୁଣ ଦୁଃଖର ।
ନ ଜାଣି ମୁଁ ପ୍ରଭୁଙ୍କର ପ୍ରଭୂତ ମହିମା,
ଧନୁଟିଏ ରଖିଥିଲି ଆବରି ଗରିମା ।
ଭାଙ୍ଗିଦେଇ ସେ ଧନୁକୁ ଇକ୍ଷୁ-ଦଣ୍ଡ ପରି,
ତା' ରସ-ମାଧୁର୍ଯ୍ୟ ମୋତେ ଥିଲ ମନେକରି ।
କାନନ-ଭ୍ରମଣେ ପଦ-ଶୃଙ୍ଖଳ ନ ମଣି,
ସ୍ନେହେ ସଙ୍ଗେ ନେଲ ମୋତେ ଶିର-ଚୂଡ଼ାମଣି
ପଦ-ଶାଙ୍କୁଳୀକୁ କରି ହୃଦୟର ହାର,
କଲ ପୁଣ୍ୟ-ତୀର୍ଥ ପୁଣ୍ୟ-ଆଶ୍ରମ ବିହାର ।
କେତେ ସ୍ନେହ ଢାଳୁଥିଲ ମୋ ଉପରେ ବନେ,
କେମନ୍ତେ ଭୁଲିବି ତାହା ଭେଦଚ୍ଛି ଜୀବନେ ।
ଛାର ଦାସୀ ହେବ ବୋଲି କ୍ଷୁଧାରେ ଆକୁଳ,
ଗହନେ ସହିଲେ ଆଣୁଥିଲ ଫଳମୂଳ ।
ପଲ୍ଲବ-ଆସନେ ସୁପ୍ତି ହେବ ନାହିଁ ବୋଲି,
ଅଙ୍କ ପଲଙ୍କେ ତା' ପାଇଁ ସାଜୁଥିଲ ଦୋଳି ।

ଛାର ମୋର ସ୍ନେହେ ପଡ଼ି ଲଙ୍ଘି ମହାର୍ଣ୍ଣବ
ଦଶବଦନର ସଙ୍ଗେ କଲ ମହା ହବ ।
ସହିଲ ତହିଁରେ କେତେ ମହାସ୍ତ୍ର-ପ୍ରହାର;
ମଣୁଥିଲ ତା' କ୍ଷତକୁ ହୃଦୟର ହାର ।
ସେ ହାର-ପଦକ ପାଇଁ ଉପଯୁକ୍ତ ମଣି,
ମୋତେ ରଖୁଥିଲ ତହିଁ କରି ମଧ୍ୟ-ମଣି ।
କ୍ଷତ-ଚିହ୍ନ ଚାହିଁ ମୋର କ୍ଷୋଭ ହେଲେ ମନେ,
ତୋଷୁଥିଲ ସଦା ସୁଧା-ପୂରିତ ବଚନେ ।
ବୋଲୁଥିଲ, 'ରଣଯଜ୍ଞେ ଦେଇ ରକ୍ତାହୁତି
ଲଭିଅଛି ପରା ତୋତେ ଦୁର୍ଲଭ ବିଭୂତି !'
ମେଣ୍ଟି ନାହିଁ ଅଦ୍ୟାପି ସେ ଶର-ମୁଖ-ଚିହ୍ନ;
ମୁହିଁ ଅଭାଗିନୀ ହାୟ ହୋଇଗଲି ଭିନ୍ନ !
ମୋ ସ୍ମୃତି ମେଣ୍ଟାଇଦେବ ହୃଦୟ-ଫଳକେ;
ତା' ନ କଲେ ଦୁଃଖ ହେବ ପଲକେ ପଲକେ ।
ମୁଁ କି ଛାର, ହେଉ ତୁମ୍ଭ ପ୍ରକୃତି-ରଞ୍ଜନ;
ମୁଁ ମରେଁ, ତୁମ୍ଭର ହେଉ କଳଙ୍କ-ଭଞ୍ଜନ ।
ଏଥିରୁ ଜନ୍ମିବ ଯେଉଁ ଅକ୍ଷୟ କୀରତି,
ହୃଦେ ରଖି, ଗଢ଼ି ତାର ଅଳୟ ମୂରତି ।
ବଂଶର ଜନକ ତୁମ୍ଭ ଏହି ଦିବାକର
ଭୁବନ-ମଙ୍ଗଳ-ଦାନେ ସଦା ମୁକ୍ତକର ।
ଧାରା-ଧାତ୍ରୀ-ସ୍ୱରୂପିଣୀ ଏହି ଭାଗୀରଥୀ,
ତୁମ୍ଭର ବଂଶର ଚିର-ବିଖ୍ୟାତ କୀରତି ।
କୀର୍ତ୍ତି-ଅନୁରୋଧେ ସିନା କଲ ମୋତେ ତ୍ୟାଗ,
ଏ ତୁମ୍ଭର ଉପଯୁକ୍ତ କର୍ମ ମହାଭାଗ !
ଏହି କୀର୍ତ୍ତି-ପତାକାରେ ପାପିନୀର ଚିହ୍ନ
ରହିଯିବ, ଏହା କିନ୍ତୁ ବିଷମ ବଚନ !
ଧିକ ମୋ ଜୀବନ, ନାଥ ! ଏକା ମୋହ ଲାଗି
ଅକଳଙ୍କ ଥାଇ ହେଲ ଅପଯଶ-ଭାଗୀ ।
ତୁମ୍ଭ ଶ୍ରୀଚରଣ ତେଜି କାହିଁରେ ରହିବି ?
୧ ଅନଳ ନ ଦହେ ତନୁ; କାହିଁରେ ଦହିବି ?
ତୁମ୍ଭ କାନ୍ତି ଧରିଛନ୍ତି ଏହି ଦୂର୍ବାଚୟ;
ତାଙ୍କୁ ଛାଡ଼ି ବନେ ନେବି କାହାର ଆଶ୍ରୟ ?

୧ । ଲଙ୍କାର ଅଗ୍ନି-ପରୀକ୍ଷାରେ ସୀତା ଦଗ୍ଧ ହୋଇ ନ ଥିଲେ ।

୧ ପାଷାଣେ ଫଳିତ ହୁଏ ତୁମ୍ଭ ଅନୁଗ୍ରହ;
ମୋତେ ଯେନ କାହିଁକି ସେ ଲଭିବେ ନିଗ୍ରହ ?
ଗର୍ଭେ ମୋର ଥୋଇଅଛ ଯେ ରତ୍ନନିଧାନ,
ନ କହିଲ ତା' ରକ୍ଷଣେ କି ପ୍ରତିବିଧାନ ।
ଦୃଢ଼ ଆଶା ଥିଲା ମୋର ହୃଦୟେ ପୋଷିତ,
ପ୍ରଭୁକୋଳ କରିଥାନ୍ତି ଏ ରତ୍ନେ ଭୂଷିତ ।
ଆକାଶ କୁସୁମ ହେଲା ଆଶା-ପରିଣାମ;
ଧନ୍ୟ ରେ ଦଇବ ତୋତେ ସହସ୍ର ପ୍ରଣାମ !
ପିତା ଯାର ମହାରାଜ ମହୀ-ମହାଯଶା,
କି କରିବୁ ବିଧି ତାଙ୍କ କୁମରର ଦଶା !
ଗିରି-ଅଙ୍ଗେ ହୁଏ ସିନା ବଜ୍ରର ପ୍ରହାର;
ହାହା ତହିଁ ସଙ୍ଗେ ଗିରିବାସୀର ସଂହାର !
ଧନ୍ୟ ନାଥ, ମୁଖ ତୁମ୍ଭ ପୀୟୂଷ-ନିର୍ଝର;
ହୃଦୟାଦ୍ରି ସୁଧା ହିମ-ଶିଳାର ଆକର ।
ହେଲେହେଁ ସେ ହୃଦୟରେ ସନ୍ତାପ ପତିତ,
ଅନ୍ୟ ନ ବାହାରେ ମୁଖେ ଅମୃତ ବ୍ୟତୀତ ।
ସହସା ଶୁଣିଲ ମୋର ଅପବାଦ କଥା,
ଅବଶ୍ୟ ହୃଦୟେ ଲାଗିଥିବ ମହା ବ୍ୟଥା ।
ତଥାପି ନ କହି ପଦେ ନିଦାରୁଣ ଭାଷା
ତ୍ୟାଗକଲ ଦେଇ ମୋତେ ମଧୁମୟୀ ଆଶା ।
ମୋ ଅର୍ଜିତ ପାପ ମୋର ଦୁଃଖର କାରଣ,
ସେହି ପାପ ଏବେ ମୋର ହେଉଛି ସ୍ମରଣ ।
ମହିମା-ସାଗର ନାଥେ ମଣି ମୁଁ ଇତର
'ହାହି ରେ ଲକ୍ଷ୍ମଣ' ରବ ମଣିଲି ତାଙ୍କର ।
ମାତ ମନେ ଲକ୍ଷ୍ମଣଙ୍କୁ କରି ମାତ ଜ୍ଞାନ
ବଳାତ୍କାରେ ପଠାଇଲି ପ୍ରଭୁ-ସନ୍ନିଧାନ ।
ସେହି ପାପେ ସେ ନାଥଙ୍କ ମହିମାବର୍ଦ୍ଧନ
ଲାଗି ହେଲା ପାପିମାର ଚିର ବିସର୍ଜନ !
ଦୋଷହୀନ ଲକ୍ଷ୍ମଣଙ୍କୁ ଯେଉଁ ତିରସ୍କାର
ଦେଇଥିଲି, ପାଇଲି ତା' ଯୋଗ୍ୟ ପୁରସ୍କାର ।
ଲକ୍ଷ୍ମଣଙ୍କୁ କରିବାକୁ ମୋ ନିକଟୁ ଦୂର
୨ ହୃଦେ ତାଙ୍କ ମାରିଥିଲି ବଚନ-ଭିଦୁର ।
ଭକ୍ତିଭରେ ସେ ଲକ୍ଷ୍ମଣ ପଡ଼ି ମୋ ଚରଣେ
ଦୂର କରିଦେଲେ ମୋତେ ବିନମ୍ର-ବଚନେ ।
ଛିନ୍ନ ଶିରଟିଏ ଆଣି ପାପୀ ଦଶାନନ
ମୋ ପାପ-ନୟନ-ଅଗ୍ରେ କଲା ପ୍ରଦର୍ଶନ ।
ସ୍ୱାମୀଙ୍କର ଛିନ୍ନ ଶିର ବୋଲି ମୁଁ ଅଧୀରେ
କାନ୍ଦିଲି ବିକଳ ପ୍ରାଣେ ଭାସି ନେତ୍ରନୀରେ ।
ସେ ଶିର ଅନାଇ ଯାହା ନ ମଲି ବହନ,
ସେହି ପାପେ ହେଲି ଏବେ ଜୀବନ୍ତ ଦହନ ।
ତୁମ୍ଭ ପଦ-ସେବା-ସୁଖ ମଣି ମୁଁ ଉଶ୍ୱାସ
ଆଶ୍ରମ-ଦର୍ଶନ-ସୁଖ କଲି ଅଭିଳାଷ ।
ସେହି ପାପ ଶ୍ରୀଛାମୁରୁ କରାଇ ଅନ୍ତର
ବୋଲୁଛି, 'ପାପିନି, ଯାହା ଇଚ୍ଛା ତାହା କର ।'
ଅଯୋଧ୍ୟାର ରାଜଲକ୍ଷ୍ମୀ-ପୀରତିରେ ବଶ
ନ ହୋଇ ମୋ ସଙ୍ଗେ ଥିଲ ବହୁତ ଦିବସ;
ଅସୂୟାରେ ରାଜଲକ୍ଷ୍ମୀ ଲୋଡ଼ୁଥିଲା ଦାଉ,
ବହୁ ଦିନ ସମ୍ଭାଳି ତା' ନ ପାରିଲା ଆଉ ।
ତା' ଦୁଃଖର ସଙ୍ଗୀ ଥିଲେ ଯେଉଁ ପୁରଜନେ,
ତାଙ୍କୁ ହେତୁ କରାଇଲା ମୋର ବିସର୍ଜନେ ।
ଅଯୋଧ୍ୟାରେ ସପତ୍ନୀର ଶକ୍ତି ଗରୀୟସୀ,
ନ ପାରଇ ତାକୁ ପତି-ଶକ୍ତି ମହୀୟସୀ ।
କୈକେୟୀଙ୍କ ପରାକ୍ରମ ଫଳିବାର ଶେଷେ
ରାଜଲକ୍ଷ୍ମୀ ବଳ ଉଭାହେଲା ସେହି ଦେଶେ ।
'ପ୍ରକୃତି-ରଞ୍ଜନେ ଯେବେ ହୁଏ ପ୍ରୟୋଜନ,
କରିପାରେଁ ପ୍ରାଣସମା ସୀତା ବିସର୍ଜନ ।'
ଅଷ୍ଟାବକ୍ର ମୁନି ଆଗେ ଯାହା ଭାଷିଥିଲ,
ସ୍ମରୁଥିବ ସେ ପ୍ରତିଜ୍ଞା ନ କରି ଶିଥିଳ ।
ପତ୍ନୀ-ବାକ୍ୟ-ପାଳନରେ ତୁମ୍ଭେ ଅବମୁଖ,
ପତି-ବାକ୍ୟ-ପାଳନରେ ନ ହେଲେ ମୋ ଦୁଃଖ
ତେବେ ସିନା ତୁମ୍ଭ ପତ୍ନୀ-ପଦର ଭାଜନ
ମୁଁ ହେବି, ଏ କଥା ନିଶ୍ଚେ ବୁଝିବ ମୋ ମନ ।

୧ । ରାମଙ୍କର ପଦରଜ ସ୍ପର୍ଶରେ ପାଷାଣମୟୀ ଅହଲ୍ୟା ଦିବ୍ୟନାରୀରୂପା ହୋଇଥିଲେ ।
୨ । ଭିଦୁର—ବଜ୍ର ।

ପରଜା-ରଞ୍ଜନ-ବ୍ରତେ ଅଛ ତୁମ୍ଭେ ବ୍ରତୀ;
ମୁଁ ସହଧର୍ମିଣୀ ତୁମ୍ଭ ପଦାଙ୍କେ ମୋ ଗତି ।
ହେଉ ମୋର ନିର୍ବାସନ ପ୍ରକୃତିର ତୋଷ;
ପ୍ରଭୁଙ୍କର ବ୍ରତ ହେଉ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ ।”
ସତୀଙ୍କ ରୋଦନେ ଗତି ସ୍ତମ୍ଭିଲା ବାତର,
ଜଳ ସ୍ଥଳ ଯେନ ହେଲା ନିସର୍ଗ କାତର ।
ସ୍ତମ୍ଭିଗଲା ଜାହ୍ନବୀର ତରଙ୍ଗ-ଆବଳୀ,
ବନ୍ଦ ହୋଇଗଲା ବନେ ବିହଙ୍ଗ-କାକଳି ।
ନ ହଲିଲା ପାଦପର ଗୋଟିଏ ପତର,
ନ ଚଳିଲା ଲୀଳା-ଶୀଳା-ବଲ୍ଲୀ-କଳେବର ।
ଡାଳେ ଡାଳେ ବସି ପକ୍ଷୀ ପାତିଲେ ଶ୍ରବଣ
ତାଳେ ତାଳେ ପ୍ରାଣେ ଭରି ଶୋକ-ପ୍ରସ୍ରବଣ ।
ମୃଗ-ଶିଶୁ ଜନନୀର ସ୍ତନ ମୁଖେ ଧରି
ନିଶ୍ଚଳେ ରହିଲା କ୍ଷୀର ଶୋଷଣ ନ କରି ।
୧ ମୁଖ ଦର୍ଭ ମୁଖେ ଧରି ମୃଗମୃଗୀମାନେ
ଗ୍ରୀବା ଭଙ୍ଗି ରହିଗଲେ ଶୋକ-ଧ୍ୱନି-ଧ୍ୟାନେ ।
ମୟୂର-ମୟୂରୀଗଣ ଶାବକ ସହିତ
ଚିତ୍ରିତ ପରାୟେ ହେଲେ ଗୃପଲୀରହିତ ।
୨ କରଭ କରିଣୀ କାଷ୍ଠ ହୋଇ ଉତ୍ଥ ପରି
ପଥେ ରହିଗଲେ ଗଙ୍ଗା-ଗମନ ବିସ୍ମରି ।

# ଦ୍ୱିତୀୟ ସର୍ଗ

ରାଗ—ରାମକେରୀ

ବାଲ୍ମୀକି-ଆଶ୍ରମ-ରାଜ୍ୟରେ
ଶାନ୍ତ ରାଜତ୍ୱ କରେ,
କୋଷ ମୂର୍ତ୍ତି କରି ପାଦପ-
ଦଣ୍ଡ ସୁଗ୍ରସ୍ଥା କରେ ।
ଅକପଟେ ତାହା ଦିଅନ୍ତି
ସେହି ପାଦପମାନେ,
ଅଯାଚିତେ ନିଜ ଶରୀର-
ମାନଦଣ୍ଡର ମାନେ ।
ପ୍ରକୃତି-ସମରେ ସେମାନେ
ପୁଣି ହୁଅନ୍ତି ସେନା,
୩ ଆବରଣ କରି ଶରୀରେ
ଘନ-ପଲ୍ଲବ-ସେହ୍ଲା ।
କରି ବରଷାର ବ୍ୟାୟାମେ
ଅଙ୍ଗ-ପୁଷ୍ଟି ସାଧନ,
ଆତପକୁ ଜିଣି ଆଣନ୍ତି
ତାର ଆଲୋକ-ଧନ ।
ଶୀତ-ଆକ୍ରମଣୁ କରିବା
ପାଇଁ ରାଜ୍ୟକୁ ତ୍ରାଣ,
ଧୂନି ରୂପେ ପୁଣି ହୁଅନ୍ତି
କେତେ ଅନଳ-ବାଣ ।
ବିଜିତ ପ୍ରକୃତି ସମସ୍ତ
ଜାଣି ସମ୍ରାଟେ ତୋଷ,
ପାଦପଙ୍କ କରେ ସମର୍ପି
ଫଳ-ପ୍ରସୂନ-କୋଷ ।
ଗର୍ବେ ଧରି ତାରା-ରତନ
ପୂର୍ଣ୍ଣ ଗଗନ-ସିନ୍ଧୁ,
ଅଗସ୍ତ୍ୟ ଗରିମା ଶୋଷନ୍ତି
ପ୍ରତି ଶିଶିର-ବିନ୍ଦୁ ।

---

୧ । ଦର୍ଭ—କୁଶ  ୨ । ଉତ୍ଥ—କାଷ୍ଠମୟ ହସ୍ତୀ  ୩ । ସେହ୍ଲା—କବଚ

ସାଗର ଗରବେ ପାଦପ-
ଆଲବାଳର ଜଳ,
ପୋଷି ରଖୁଥିଲେ ଗରଭେ
ସୁଧାକରମଣ୍ଡଳ ।
ଅକସ୍ମାତ କରି ପ୍ରବେଶ
ରାମବଧୂ-ରୋଦନ,
ଘନ ଘନ କଲା କମ୍ପିତ
ଶାନ୍ତ-ଦେବୀ-ସଦନ ।
ବିଚଳିତ ହୋଇ କରୁଣା-
ବଶ ଶାନ୍ତ ବାହନ,
ଲୋଡ଼ିଲେ ରୋଦନୀ-ଲକ୍ଷ୍ୟରେ
ଯିବା ପାଇଁ ବହନ ।
ମୁନି-କୁମାରୀଏ ବାହାରି
ଲାଗିଥିଲେ ସେ କ୍ଷଣେ,
୧ ବାତ-ବ୍ୟସ୍ତ ନବ ବିଟପି-
ବଲ୍ଲୀ-ପର୍ଯ୍ୟବେକ୍ଷଣେ ।
ନବ ରବ ଏକ କର୍ଣ୍ଣରେ
ତାଙ୍କ ଯିବାରୁ ଲାଗି,
ମନ ନଯୋଜିଲେ ତାହାକୁ
ଧରି ଚହ୍ନିବା ଲାଗି ।
ଧରି ମନ ତାକୁ ଦେଖିଲା
ନୁହେ କପୋତ-ସ୍ୱନ,
ନୁହଇ କୋକିଳ-କାକଳି,
କମ୍ବା ବୀଣା-ନିକ୍ୱଣ ।
ନୁହେ ଶଙ୍ଖନାଦ, ନୁହଇ
ପୁଣି ମୟୂର-କେକା,
ଲଳନା-କରୁଣ-କଣ୍ଠର
ସ୍ୱର-ନିର୍ଝର ଏକା ।
ସେହି କୁମାରୀଙ୍କ ହୃଦପୁ-
ରଥେ ବସି ଚଞ୍ଚଳ
ଚଳାଇଲା ଶାନ୍ତ, ଉଡ଼ିଲା
ଧ୍ୱଜ-ବଳ୍‌କଳାଞ୍ଚଳ ।
ରୋଦନ-ତରଙ୍ଗ ଦର୍ଶନେ
ଶାନ୍ତ ଚକିତ ହେଲା,
ତଥାପି ସମୀପେ ଯିବାକୁ
ଲବେ ନ କଲା ହେଳା ।
କୁମାରୀଏ ଯାଇ ଅନତି-
ଦୂରେ କଲେ ଦର୍ଶନ,
ଅପୂର୍ବ ନାରୀଏ କରୁଛି
ଘୋର ଅଶ୍ରୁ-ବର୍ଷଣ ।
ଚକିତ ଚିତ୍ତେ କେ ଭାବିଲା,
"ଏ ତ ବିଚିତ୍ର କଥା,
ଏ ବନେ ଏଭଳି ମାନବୀ
ଅସମ୍ଭବ ସର୍ବଥା ।
ସ୍ୱର୍ଗ-ପୁରୁ କେଉଁ ଦେବୀ କି
ସଦ୍ୟ ଶାପର ଫଳେ,
ସଦେହରେ ଖସିପଡ଼ିଛି
ଆସି ଅବନୀ-ତଳେ ?
୨ ଭ୍ରମୁ ଭ୍ରମୁ କିବା ଅଭ୍ରରେ
ଅଭ୍ରମାତଙ୍ଗ ଚଢ଼ି,
ପୁରନ୍ଦର-ପୁର-ଶୋଭିନୀ
ପଡ଼ିଅଛନ୍ତି ଗଡ଼ି ?"
କିଏ ବା ଭାବିଲା, "ଜାହ୍ନବୀ
ଅବା ମୂର୍ତ୍ତିମତୀ କି
ଲୋତକ-କଲ୍ଲୋଳେ ଭସାଉ-
ଛନ୍ତି ବସୁମତୀକି ?
୩ କରକା ପରାୟେ କରୁଣା
କିବା ସ୍ୱର୍ଗରୁ ଗଳି,
ପର-ଦୁଃଖ-ତାପେ କ୍ରମଶଃ
ଭବେ ଯାଉଛି ଗଳି ?

୧ । ଇତଃପୂର୍ବେ ପ୍ରଖର ପବନ ପ୍ରବାହିତ ହୋଇଥିବା ବିଷୟ ଉଲ୍ଲେଖ ଅଛି ।
୨ । ଅଭ୍ର—ଆକାଶ । ଅଭ୍ରମାତଙ୍ଗ—ଐରାବତ ହସ୍ତୀ ।
୩ । କରକା ଭୂମିରେ ପଡ଼ିଲେ କ୍ରମେ କ୍ରମେ ଦ୍ରବିଯାଏ ।

ନ ହେଲେ ଏ ଘନ-କୁନ୍ତଳା
ଘନ ସହିତ ତାର,
ଖସି ପଡ଼ିବାରୁ ଧରାରେ
ବହିଯାଉଛି ଧାର ।
ହୋଇଥାନ୍ତା ଯଦି ବେଦନ-
ଧ୍ୱନି ଚମକପ୍ରଦା,
୧ ବୋଲନ୍ତୁ ଆସିଛି ଜଳଦ
ସଙ୍ଗେ ଏ ଶତହ୍ରଦା ।
ଶିଶିର-ବର୍ଷିଣୀ ଚନ୍ଦ୍ରିକା
ପିକ-ସ୍ୱର-ମୁଖରା
କାହିଁ, କାହିଁ ଝିଲ୍ଲୀ-ରାବଣୀ
ଖର ନିଦାଘ ଖରା ?
ବୀଣା ଥାନ୍ତା ଯଦି ହସ୍ତରେ
ବୋଲିଥାନ୍ତୁ ଭାରତୀ,
କାନ୍ଦୁଛନ୍ତି ବନ୍ଧୁ-ବିରହେ
ଅବା ହୋଇ ଆରତୀ ।”
ଭାବି ଭାବି ମୁନିସୁତାଏ
ଗଲେ ଜାନକୀ ପାଶ,
ସାହସ ନ ହେଲା ଦେବାକୁ
କିନ୍ତୁ ତାଙ୍କୁ ଆଶ୍ୱାସ ।
ବରଷାର ମହାନଦୀର
ଗାଢ଼ ଆବିଲ ଜଳ,
ସ୍ୱଚ୍ଛ କରିବାକୁ କିରୂପେ
ହେବ ନିର୍ମଳୀ ବଳ ?
୨ ଇବ, ଅଙ୍ଗ, ତେଲ ସଙ୍ଗରେ
ସେହି ନଦୀ ଯେସନ,
କୁମାରୀଙ୍କି ପାଇ ବଢ଼ିଲା
ସୀତା-ଶୋକ ତେସନ ।
କିଛି ନ ପାରିଣ କୁମାରୀ-
ମାନେ ରହିଲେ ବେଢ଼ି,
ଯାଇ ନ ପାରିଲେ ସେନେହ,
ହେଲା ପାଦକୁ ବେଡ଼ି ।
ଚାହିଁଲେ ଅନାଇ କେବଳ
ତାଙ୍କ ଶାନ୍ତ ଲୋଚନ,
କଲା କ୍ଷୁବ୍ଧ-ହୃଦ ବେଦନା-
ବାରି-ଜଳ-ମୋଚନ ।
ଲୋତକ-ପ୍ଳାବିତା କୁମାରୀ-
ବୃନ୍ଦ ମଧ୍ୟରେ ସତୀ,
ବିକଳ ପରାଣେ ବିଲପି
ଶୋକ-ଜଳେ ଭାସନ୍ତି ।
୩ ଚଣ୍ଡବାତ-ଜାତ ପୃଷତ-
ସ୍ନାତ ପଦ୍ମିନୀବନେ,
କଳରାଜହଂସୀ କୂଜଇ
କିବା ଆରତ-ସ୍ୱନେ ।
ସହି ଏକ ସହି ନ ପାରି
ଯାଇ ବାଲ୍ମୀକି ପାଶେ,
ଜଣାଇଲା ଖେଦପୂରିତ
କ୍ଳେଶ-ଚଞ୍ଚଳା ଭାଷେ ।
୪ “ଭୋ ତାତ ! ଏ ବନେ ନାରୀଏ
ନବନୀତ-ପିତୁଳୀ—
ସମ ଦିଶେ, ଆସି କାନ୍ଦୁଛି
ଯେସନ୍ତେ ହୋଇ ବାତୁଳୀ ।
ସମ୍ବୋଧନ କରି ଥରକୁ-
ଥର ତା’ ପ୍ରିୟ କାନ୍ତେ,
ପତି-ଗୁଣ, ପତି-ବାତ୍ସଲ୍ୟ
ସ୍ମରୁଅଛି ଏକାନ୍ତେ ।
ଲଳିତ ଦିଶୁଛି ଲଲାଟେ
ତାର ସିନ୍ଦୂର-ବିନ୍ଦୁ,
ମୁଖ-କମଳକୁ ହୋଇଛି
ଯେସନ୍ତେ ପୂର୍ଣ୍ଣିମା-ଇନ୍ଦୁ ।

୧ । ଶତହ୍ରଦା—ବିଜୁଳି ।
୨ । ଇବ, ଅଙ୍ଗ, ତେଲ ଏହି ନଦୀମାନ ମହାନଦୀର ଉପନଦୀ ଅଟନ୍ତି ।
୩ । ପୃଷତ – ଜଳକଣା ।
୪ । ନବନୀତ—ଲହୁଣୀ ।

କରଯୁଗଳରେ ଶୋଭୁଛୁ
ଚାରୁ ରତନ-ଚୁଡ଼ୀ,
ବିଷାଦ-ସାଗର-ପୁଳିନେ
ଝୁଲୁଅଛୁ ନ ବୁଡ଼ି ।
୧ ଦରବିକଶିତ କମଳେ
ବରାଟକ ପରାଏ,
୨ ଶତଦଳ-ରୁଚି ରୁଚିର
ଚେଲେ ସେ ଶୋଭା ପାଏ ।
ଚିହ୍ନାଇ ଦେଉଛୁ ବାସକୁ
ତାର ନୟନ-ବାରି,
ଦେବୀ କି ମାନବୀ ସହଜେ
ହେଉ ନାହିଁ ତ ବାରି ।"
ଶୁଣି ମୁନିବର ମଉନେ
ନିମୀଳିତ ଈକ୍ଷଣେ,
କାୟ, ଶିର, ଗ୍ରୀବା ସଳଖି
ବସିରହିଲେ କ୍ଷଣେ ।
ଉଠି ପୁଣି "ଚାଲ ଦେଖିବା"
ବୋଲି ହେଲେ ବାହାର,
ମୁନି ପଛେ ପଛେ ଚାଲିଲେ
ବହୁ ମୁନି-କୁମାର ।
କୌତୂହଳେ ଗଲେ ଯେ ଥିଲେ
ମଠେ ମୁନି-ନନ୍ଦନୀ,
ଡାକିଆସିଥିଲା ଯେ ସଖୀ
ହୋଇ ତାର ସଙ୍ଗିନୀ ।
ଚାଲିଲେ ହରିଣ ହରିଣୀ
ତାଙ୍କ ସଙ୍ଗେ ଶାବକ,
ବୃକ୍ଷୁଁ ବୃକ୍ଷେ ଉଡ଼ିଁ ଚଳିଲେ
ପିକ, ମୟୂର, ବକ ।

ସମୀର-ସାଗରେ ଗୁଡ଼ିଲେ
ନିଜ ଶରୀର-ପୋତ,
ନୟନ-ରଞ୍ଜନ ଖଞ୍ଜନ,
ଶୁକ, ଶାରୀ, କପୋତ ।
୩ ଅଭିଯାନ କଲା ଶାନ୍ତର
ଏହା ବୀରବାହିନୀ,
୪ ସୀତା-ଶୋକ-ଶିଳାଶ୍ରେଣୀକୁ
ଯେହ୍ନେ ଘୋର ବାହିନୀ ।
ମହାନଦୀ ମହାନନ୍ଦର
ମହାପ୍ରବାହ ଆସି,
୫ ରାମେଶ୍ୱର-ଶିଳାସବୁକୁ
ଦେଲେ ସରିତରେ ଗ୍ରାସି;
ଟଳିବେ କି ଶିଳା-ସକଳ
ସ୍ରୋତ କମ୍ପିବ ଯିନା,
ବିଘୂର୍ଣ୍ଣିତ ଶିରେ ପଡ଼ିବ
ଗତି ପଦ୍ଧତି ବିନା ।
ସେ ଦଶା ଭୋଗିବ ନାହିଁ ତ
ଶାନ୍ତ ଏ ଅଭିଯାନେ ?
ଲାଗୁ, ଲାଗିଛୁ ତ ପ୍ରମତ୍ତ
ହୋଇ ସ୍ୱ-ଅଭିମାନେ ।
କିଛି ଦୂରେ ଯାଇ ମିଳିଲେ
ମୁନି ଜାନକୀ ପାଶେ;
ଆଉମାନେ ବେଢ଼ିରହିଲେ
ତଳେ, ଡାଳେ, ଆକାଶେ ।
ଶ୍ୱେତ-ଶ୍ମଶ୍ରୁ-କେଶ-ବିଭୂତି-
ବପୁ ସୌମ୍ୟ ମୂରତି,
ବାଲ୍ମୀକି ମହର୍ଷି ସମୀପେ
ହେମଗଉରୀ ସତୀ ।

---

୧ । ବରାଟକ—ପଦ୍ମର ବୀଜକୋଷ ।
୨ । ରୁଚି—କାନ୍ତି । ରୁଚିର—ସୁନ୍ଦର ।
୩ । ବାହିନୀ—ସେନା ।
୪ । ବାହିନୀ—ନଦୀ ।
୫ । ସମ୍ବଲପୁର ନିକଟସ୍ଥ ମହାନଦୀର ଗୋଟିଏ ଭୟଙ୍କର ବିଷମ ସ୍ଥାନ ।

ଢଳିଲେ ଯେମନ୍ତ ତୁଷାର-
ତନୁ ହିମାଦ୍ରି-ତଳେ,
ତପସ୍ୱିନୀ ଉମା ମଉନେ
ରହିଛନ୍ତି ନିଷ୍ଫଳେ ।
ମୁନି ଆଗମନେ ଜାନକୀ
ଶୋକ କଲେ ନିବର୍ତ୍ତି,
ହୃଦୟରେ ହେଲା ସ୍ଥଗିତ
ଚିନ୍ତା-ଚକ୍ର-ଆବର୍ତ୍ତି ।
ବୋଇଲେ ମହର୍ଷି ସୀତାଙ୍କୁ,
"ବତ୍ସେ, ପାରୁଛୁଁ ଜାଣି,
ବିରହ-ବିପଦ ତୋହର
ବହିଅଛୁ ଉଜାଣି ।
ସ୍ରୋତସ୍ୱତୀ-ଗତି ସହଜ
ଥାଏ ସାଗର-ଆଶେ;
ଲଙ୍ଘେ ଶିଳା-ଶୈଳ-ସଙ୍କଟ,
ଯେବେ ବିରୁଦ୍ଧେ ଆସେ ।
ବାରିଧି-ସଙ୍ଗମେ ବିସ୍ମରେ
ସବୁ ବିଗତ କ୍ଳେଶ,
ଉଭୟ ଜୀବନେ ନ ରହେ
ଆଉ ପ୍ରଭେଦ ଲେଶ ।
ବିଧିବଶେ ଉଠି ମଧ୍ୟରେ
ଯେବେ ଊର୍ଦ୍ଧ୍ୱକୁ ଭେଦି,
ବାଲିସ୍ତୂପ ଢିଏ ସରିତ
ସିନ୍ଧୁ-ହୃଦୟ ଛେଦି,
ସରିତ ମରି ତ ନ ପାରେ
ତାର ଜୀବନ-ଭାର,
୧ ହୃଦୟ ପ୍ରସାରି ରଖଇ
ହୋଇ ହ୍ରଦ ଆକାର ।
ଅବିକଳ ସେହି ଦଶା ମା,
ଭବେ ଘଟିଛି ତୋର,
ଚିନ୍ତାକୁ ତୁ ବୃଥା ନ କର
ଚିତା ସ୍ୱରୂପ ଘୋର ।
ଶ୍ୱଶୁର ତୋ ମୋର ସୁହୃଦ,
ସେହିପରି ତୋ ପିତା;
ଅସଙ୍କୋଚେ ରହ ଆଶ୍ରମେ
ମଣି ସଂସାର ପିତା ।
ମୋ' ଆଶ୍ରମେ ତୋର ନ ଥିବ
କଉଣସି ଭାବନା,
ଜନମିବ ଯେଉଁ ସନ୍ତାନ
ତାର ପାଇଁ ଭାବ ନା ।"
ମୁନି-ବାଣୀ ଶୁଣି ଜାନକୀ
ମୁନି-ଚରଣ-ତଳେ
ପଡ଼ି, ଉଠି ଗଣ୍ଡ ପୋଛିଲେ
ନିଜ ବସନାଞ୍ଚଳେ ।
"ବୀରପ୍ରସବିନୀ ହୁଅ ମା,"
ବୋଲି ଶୁଭ ଆଶିଷ
ଦେଇ ଆଶ୍ୱାସିଲେ ମଧୁରେ
ମୁନି-ମଣ୍ଡଳାଧୀଶ ।
ପୁନଶ୍ଚ ବୋଇଲେ, "ଆସ ମା,
ଆଉ ନ କର ମ;ଠ
କୁମାରୀମଣ୍ଡଳ ମଧ୍ୟରେ
ରହି ମଣ୍ଡ ମୋ' ମଠ ।"
କସ କସ ଅଛି ଧରି ଗୋ
ବେଗେ କୁମାରୀମାନେ,
ବୋଲନ୍ତେ ମହର୍ଷି, କନ୍ୟାଏ
ତାହା କଲେ ସମ୍ମାନେ ।
ଝଣାଝଣି ହୋଇ ସଖୀଙ୍କ
କରୁ ପେଟିକାମାନ,
ଧରି ବେଢ଼ି ତାଙ୍କୁ ସାଦରେ
କରାଇଲେ ପ୍ରସ୍ଥାନ ।
ପ୍ରହାରି ପ୍ରହାରି ପାଦୁକା
ମୁନି ଦୁର୍ଗତି-ଶିରେ,
ରାମ-ହୃଦ-ପ୍ରେମ-ପ୍ରତିମା-
ଆଗେ ଚାଲିଲେ ଧୀରେ ।

୧ । ଚିଲିକା ସଙ୍ଗତ ନଦୀମାନଙ୍କର ଅବସ୍ଥା ଏହାର ନିଦର୍ଶନ ।

[୧]କଷାୟ-ବସନ ମହର୍ଷି
ହେଲେ ଅନୂରୂପମ,
[୨]ପଛେ ବଇଦେହୀ ଦିଶିଲେ
ଭାନୁ-ଦୀଧିତି-ସମ ।
[୩]ବୁଡ଼ିଥିଲା ସେହି ଦୀଧିତି
ଦୁଃଖ-ଅର୍ଣ୍ଣବ-ଅନ୍ତେ,
ଅନୂରୁ ତହିଁରେ ବିରାଜି-
ଥିଲେ ଉଜ୍ଜ୍ୱଳ ବର୍ଣ୍ଣେ ।
ମହାଯତି ମହାସତୀଙ୍କ
କଥାବାର୍ତ୍ତା ସକଳ,
ଶୁଣୁଥିଲେ ବସି ବିହଙ୍ଗ-
ଦଳ ନ କରି କଳ ।
ଦେଖନ୍ତେ ତାହାଙ୍କ ଆଶ୍ରମ—
ଅଭିମୁଖେ ଗମନ,
ପ୍ରମୋଦରେ କଲେ ନିସ୍ୱନ
ହୋଇ ପ୍ରଫୁଲ୍ଲ-ମନ ।
ବାଜିଗଲା ପରା ଶାନ୍ତିର
ରଣ-ବିଜୟ-ଘୋଷ !
ନାଚି ନାଚି ମୃଗ ଶାବକେ
କଲେ ପ୍ରକାଶ ତୋଷ ।
ନବ ଅତିଥିଙ୍କ ମୁଖକୁ
ମଣି ସ୍ନେହ-ସାଗର,
ସତୃଷ୍ଣ ନୟନେ ଅନାଇ-
ଥାନ୍ତି ଥରକୁ ଥର ।
ଜୟ-ଲକ୍ଷ୍ମୀ ରୂପେ କରନ୍ତି
ଶାନ୍ତି-ପୁରକୁ ବିଜେ,
ଅଶାନ୍ତି-ସାଗର-ଉତ୍ଥିତା
ରାମ-ରମଣୀ ନିଜେ ।

[୪]ଟେକି ଚନ୍ଦ୍ରକିତ ବରହ
ବେନି ପାଥିରେ ରହି,
ଚଳିଲେ ଉଭୟ ପାର୍ଶ୍ୱରେ
ଶତ ଶତ ବରହୀ ।
ସୁକୁମାର କରି-ଶାବକେ
କରେ ଟେକି କମଳ,
ଠେଲାଠେଲି ହୋଇ ଚଳିଲେ
ସଙ୍ଗେ ଦଳକୁ ଦଳ ।
ପାଦପେ ଝୁଲିଲା ପଲ୍ଲବ
ଶୋଭି ପୁଷ୍ପ-ସ୍ତବକେ,
ଧାଡ଼ି ଧାଡ଼ି ଶ୍ୱେତ ପତାକା
ତହିଁ ହୋଇଲେ ବକେ ।
ମଧୁରେ ଗାଇଲେ କୋକିଳ-
କୁଳ ମଙ୍ଗଳ-ଗୀତ,
ଅଳି-ସ୍ୱନେ ଜୟ-ଶଙ୍ଖର
ଧ୍ୱନି ହେଲା ବ୍ୟଞ୍ଜିତ ।
ବାରମ୍ବାର ଉଡ଼ି ବୃକ୍ଷରୁ
ହୋଇ ମୁକତ-ମୁଷ୍ଟି,
ଶୁକ ସାରୀ ଦଳ ମାର୍ଗରେ
କଲେ କୁସୁମ ବୃଷ୍ଟି ।
ବନ୍ଧାପନା ଦୀପ ଜଳିଲା,
ଏଣେ ଗୋଧୂଳି-ତାରା,
ବିରାଜିଲେ ଋଷି-ଆଶ୍ରମେ
ରାମ-ନୟନ-ତାରା ।
ବାଲ୍ମୀକି ନିଦେଶେ ଉଟଜେ
ସବୁ ପେଟିକା ଥୋଇ,
କନ୍ୟା ଏକ ଦେଲା ସତୀଙ୍କ
ମୁଖ-ମଣ୍ଡଳ ଧୋଇ ।

---

୧ । ଅନୂରୁ—ସୂର୍ଯ୍ୟସାରଥି ।
୨ । ଦୀଧିତ—କିରଣ ।
୩ । ଅର୍ଣ୍ଣ—ପାଣି ।
୪ । ବର୍ହ—ମୟୂରପୁଚ୍ଛ ।

କନ୍ୟା ଏକ ଜଳ-କଳସ
ଢାଳୁଁ ଢାଳୁଁ ଚରଣେ,
ତା' ହସ୍ତରୁ ନେଇ ସ୍ୱପଦ
ପ୍ରକ୍ଷାଳିଲେ ଆପଣେ ।
ସତୀଙ୍କି ବସାଇ ସୁତାଏ
ମୃଦୁ ପଲ୍ଲବାସନେ,
ଫଳମୂଳ ଆଣି ସମକ୍ଷେ
ଦେଲେ ପର୍ଣ୍ଣବାସନେ ।
ଅନୁକମ୍ପା ନାମେ ବୃଦ୍ଧାଏ
କରି ସତୀଙ୍କି କୋଳ,
ପୋଚ୍ଛିଦେଲେ କର-କମଳେ
ତାଙ୍କ ଭାଲ କପୋଳ ।
ମମତା-ପ୍ରପାତ-ସେନେହ
ସ୍ୱଚ୍ଛ ଉଜ୍ଜ୍ୱଳ ଜଳ
ପକାଇ ସତୀଙ୍କ ପରାଣ
ପ୍ଲାବ କରି ଶୀତଳ,
ମୁଖ ଚୁମ୍ବି ଚୁମ୍ବି ବୋଇଲେ
ଧୀର କୋମଳ ଭାଷେ,
"ମୋ ଭାଗ୍ୟକୁ ମାଆ ଆସିଛୁ
ଆଜ ତୁ ମୋର ପାଶେ ।
ରାଜରାଜେଶ୍ୱରୀ ମାଆ ତୁ
ସ୍ୱର୍ଣ୍ଣ-ମନ୍ଦିର ତୋର
ତମଃପୂର୍ଣ୍ଣ କରି, ଉଜ୍ଜ୍ୱଳ
କଲୁ କୁଟୀର ମୋର ।
ବନଯାକ କରି ନ ଥିବୁ
ଫଳ କଷ୍ଟ ଆହାର,
ପୁଅ କରୁଥିବ ଗରଭେ
ଚଳ ପାଦ-ପ୍ରହାର ।
ଖାଆ ମା' ! ଖାଆ ମା' ! ମା' ଘରେ
ତୋର କି ଅଛି ଲାଜ,
ଚୁମ୍ବି ରହିଛନ୍ତି ତୋତେ ଲୋ'
ଏହି ସଖୀସମାଜ ।"
୧ ବୋଲି ନଛି ଦେଇ ଧରାଇ
ଦେଲେ ନାରଙ୍ଗୀ-କଳି,
ଗୋଟି ଗୋଟି କରି କର୍ପୂର-
କାନ୍ତି ପକ୍ୱ କଦଳୀ,
୨ ବୀଜ ଭିନ୍ନ କରି କୁଳକ
ଖଣ୍ଡ ଖଣ୍ଡ ପନସ,
ସୁମଧୁର ପିଣ୍ଡଖର୍ଜୁର
ସହକାର ସରସ ।
ବାରମ୍ବାର ବୋଲି ମଧୁରେ
"ଧୀରେ ଭୁଞ୍ଜ ମା, ଭୁଞ୍ଜ",
କରେ ଦେଲେ ଭର୍ଜି କରକ-
ମଞ୍ଜି ପୁଞ୍ଜାକୁ ପୁଞ୍ଜ ।
ଅବଶେଷେ "ଆଉ ଦିଓଟି,
ଆଉ ଦିଓଟି" ବୋଲି,
ଭୁଞ୍ଜାଇଲେ ସେହୁ ସତୀଙ୍କି
ଆଠ ଦଶୋଟି କୋଳି ।
ମାତୃ-ସ୍ନେହ-ସୁଖ ନ ଥିଲେ
ବୁଝି ବାଲ୍ୟ-ଜୀବନେ,
ସେହି ସୁଖ ସତୀ ବୁଝିଲେ
ଆଜି ବାଲ୍ମୀକ-ବନେ ।
ଆଚମନ କରି ଜାନକୀ
ଫଳ-ଭୋଜନ-ଶେଷେ
୩ କାଷ୍ଠ ଆସନରେ ବସିଲେ,
ତାପସୀଙ୍କ ନିଦେଶେ ।
୪ କୁମାରୀଏ ଦେଲେ କୋରଙ୍ଗୀ
ଫଳ ଦେବୀଙ୍କ କରେ,
ମୁଖେ ପକାଇଲେ ସୁମୁଖୀ
ତାହା ଘେନି ସାଦରେ ।

୧ । ନଛି—ଚୋପା ଛଡ଼ାଇ । ୨ । କୁଳକ—କେନ୍ଦୁ ।
୩ । ସୀତା ଗର୍ଭବତୀ ଥିବାରୁ ଉଚ୍ଚ ସ୍ଥାନ ଆବଶ୍ୟକ । ୪ । କୋରଙ୍ଗୀ—ଗୁଜରାଟି ।

କନ୍ୟା ଏକ ଆଣି କୋମଳ
ଶୁଷ୍କ ମାବାର ନାଳ,
ଶଯ୍ୟା କରିଦେଲା ତହିଁରେ
ପାରି ହରିଣ-ଛାଲ ।

ସଖୀ ଦୁଇ ତହିଁ ରହିଲେ
ବଇଦେହୀଙ୍କ ପାଶେ,
ଆଉମାନେ ହେଲେ ଅନ୍ତର
ନିଜ ନିଜ ଆବାସେ ।

# ତୃତୀୟ ସର୍ଗ

ରାଗ—ବଙ୍ଗଳାଶ୍ରୀ

ଭାଗୀରଥୀ-କୂଳେ ଲକ୍ଷ୍ମଣ ସେ କାଳେ
ବୈଦେହୀ ବିସର୍ଜି ଗଲେ,
ବ୍ୟାପିଥିଲା ଖରା ସସାଗରା ଧରା
ନିର୍ମଳ ଅମ୍ବର ତଳେ ।
ରାଘବ-ବଧୂର ନିର୍ଯ୍ୟାତନ ସୁର-
ପୁରକୁ ଦିଶିଲେ ଲଜ୍ଜା
ହେବ ବୋଲି ଦିବା- ନାଥଙ୍କ ସେ କିବା
ଶୁଭ୍ର ଯବନିକା ସଜ୍ଜା !
ଜାଣି ସେ ରହସ୍ୟ କରିବାକୁ ଦୃଶ୍ୟ
ଭାସ୍କର-ବଂଶର ଦୋଷ,
୧ ଅଚିରେ ଅବନୀ- ପୃଷ୍ଠୁ ସେ ଯବନୀ
ଉଠାଇଦେଲା ପ୍ରଦୋଷ ।
ବିହଙ୍ଗମଗଣ ଡାକନ୍ତେ ଗଗନ-
ପ୍ରାଙ୍ଗଣେ ତାରକାକୁଳ,
ଏକ ପଛେ ଏକ ତା ପଛେ ଅନେକ
ଆସି ହୋଇଗଲେ ଠୁଳ ।
ଦେଖିଲେ ବିଜନେ ପ୍ରଶସ୍ତ ପ୍ରାଙ୍ଗଣେ
ରାମଚନ୍ଦ୍ର ରବି-ବଂଶୀ
ବିଷଣ୍ଣ-ବଦନେ ସଜଳ-ନୟନେ
ଏକାକୀ ଅଛନ୍ତି ବସି ।
ଭାବୁଥିଲେ ରାଜ- ଅଧିକାର ବ୍ୟାଜ
ଅଟେ ମହାଦାସତ୍ୱର,

ଏହି ଉଚ୍ଚପଦେ ପ୍ରକୃତିର ପଦେ
ଖଟିବା ହୁଏ ମାତର ।
ମିଥ୍ୟା କଥା ଯେବେ ପ୍ରଜାଏ କହିବେ
ମେଳ ହୋଇ ଶତ ଶତ,
ମିଥ୍ୟା ଜାଣି ଜାଣି ତାଙ୍କୁ ମାନି ମାନି
ବୋଲିଯାଏ ସତ ସତ ।
ପ୍ରକୃତିର ଶାନ୍ତି- ଯଜ୍ଞରେ ନୃପତି
ସୁଖଟି ସ୍ୱଭାବେ ବଳି,
ଦୃଢ଼ ଧର୍ମ-ଦାମେ ବନ୍ଧ ନିଜ କାମେ
ପାଦେ ନ ପାରଇ ଚଳି ।
ଅଭିଷେକ ଯାହା କରିଥାନ୍ତି ତାହା
ପ୍ରୋକ୍ଷଣ ମାତର ସିନା,
ଚାମର ଢାଳିବା ଅନ୍ୟ କି ବୋଲିବା
ମକ୍ଷିକା ତଡ଼ିବା ବିନା ?
ସୁଖେ ନଇରାଶ୍ୟ ନ ଥିବ ଅବଶ୍ୟ
ଦେବତା ହୃଦୟେ ସୁଦ୍ଧା,
ସେ ହେତୁ ମହର୍ଷି ଦେବତାନୃପତି
ସେବଇ କୀରତି-ସୁଧା ।
ପ୍ରଜାରକ୍ତ ଜଳ- କଣିକାପଟଳ
ସିନା ଉଚ୍ଚାସନ ପାଇ,
ଜଳଧର ରୂପ ହୋଇଥାଏ ନୃପ
ପରଜାଙ୍କ ହିତ ପାଇଁ ।

୧ । ଯବନିକା । ଯବନୀ—ପରଦା ।

ଭୂମିଜଳେ ବକ୍ର    ନ ଥାଏ, ସହଜ
ମାତ୍ର ତାହା ଜଳଧରେ;
ପ୍ରଜା-କର-ଦଣ୍ଡ    ନ ହୁଏ ପ୍ରଚଣ୍ଡ,
ପ୍ରଚଣ୍ଡ ନୃପତି କରେ ।
ହୃଦ ପଛେ ଜ୍ୱଳେ    ବିଦ୍ୟୁତ-ଅନଳେ
ଜଳଦାନେ ଘନ ବାଧ୍ୟ,
ସୁଖ ତେଜି ରାଜା    ତୋଷିବ ପରଜା,
ତେବେ ତ ପରମାରାଧ୍ୟ ।
ସ୍ୱର୍ଗନକ୍ଷେତ୍ରଣୀର    ସମୁନ୍ନତ ଶିର
ରାଜପଦ ଭୂମଣ୍ଡଳେ,
ହେଲେ ଲକ୍ଷ୍ୟ-ଭ୍ରଷ୍ଟ,    ପଡ଼ି ହୁଏ ନଷ୍ଟ
ନୃପତି ଗର୍ଭର ତଳେ ।
ମାପୁକାର ପରି    ଦଣ୍ଡଗୋଟି ଧରି
ସମଦୃଷ୍ଟି ସମଭାବେ,
୧ ରାଜତ୍ୱ-ରଜ୍ଜୁରେ    ଚଳସି ଋଜୁରେ
ନିଜ ଜୀବନ ନ ଭାବେ ।
ଯଦି ବାଜିକର    ରଜ୍ଜୁରେ ପଯ୍ୟର
ଦେଲାରୁ ନ ଯିବ ଚ୍ଛଳି,
ତାଳ ମାରି ଥୋକେ    ହସିଦେବେ ଲୋକେ
ବାଦ୍ୟକାର ଦେବ ଗାଳି ।
ପ୍ରିୟା ମରିଥିଲି—    ବିରହେ ଶିଥିଳି-
କୃତ କରି ପ୍ରାଣ ଯେବେ
ନ କରିବ କାର୍ଯ୍ୟ    ମାନବ-ସମାଜ
ଆତୁରି ଗଞ୍ଜିବେ ତେବେ ।
ବୋଲିବ ସଂସାର,    ରାମ କୁଳାଙ୍ଗାର
ଜନ୍ମ ଲଭି ରଘୁବଂଶେ
ବିଗ୍ଭର-କୃପଣ    ହୋଇ ରାଜପଣ
ତ୍ୟାଗ କଲା ବଧୂବଶେ ।
ବାନପ୍ରସ୍ଥାଶ୍ରମ    ହେଲେହେଁ ଉତ୍ତମ
ସମୟ ମୋ ହୋଇ ନାହିଁ,
ମୋ କାର୍ଯ୍ୟେ ଭରତ    ହେବାକୁ ନିରତ
ସମ୍ମତ ବା ହେବ କାହିଁ !

ଅଙ୍କଦ୍ୱିତୀୟ ପ୍ରୀତି    ହ୍ରାସ ନିତି ନିତି
ଦେଖି ଦେଖି ପୁନଃ ପୁନଃ
ହେଲେ ଶୂନ୍ୟ ଅଙ୍କ    ଶୂନ୍ୟ ଯୋଗେ ଅଙ୍କ
ପରି ହୃଦପ୍ରୀତି ଗୁଣ ।
ସ୍ଥୂଳ କଳେବର    ନୁହଇ ଅମର,
ଅମର କେବଳ ମନ,
ମନେ ଯେବେ ସଙ୍ଗ    ହୋଇ ନାହିଁ ଭଙ୍ଗ
ସେହି ସୁଖ ସୁଖେ ଗଣ୍ୟ ।
କେ ରହିଛି ଭବେ    ବାସ୍ତବ ବିଭବେ
ସୁବର୍ଣ୍ଣ-ମୁକୁଟ ବାନ୍ଧି ?
ଯଶ ଅପଯଶ    ନୋହି କାଳବଶ
ହୁଅନ୍ତି ତା ପ୍ରତିବାଦୀ ।
ସ୍ୱରଗ-ନରକ-    ଗତି-ନିର୍ଦ୍ଧାରକ
ସ୍ୱଭାବେ ଜଗତ-ଜନ,
ଏଡ଼ ଜନରବ    ଅନିତ୍ୟ ବାସ୍ତବ
ସୁଖ ଲୋଡ଼େ ନୀଚମନ ।
ନାହିଁ ସିନା ଘରେ,    ହୃଦ-ପ୍ରେମ-ସରେ
ମୋ ପ୍ରିୟା-କମଳ-କଳି
ପଡ଼ିଅଛି ଫୁଟି,    ମକରନ୍ଦ ଲୁଟି
କରୁଅଛି ମନ-ଅଳି ।
ନୟନ-ଯୁଗଳ    କାହିଁକି ବିକଳ
ହୋଇ ଗୁଡ଼ୁଅଛ ଜଳ,
ଶୁଖିଗଲେ ସର    କମଳିନୀ ମୋର
ହୋଇଯିବ ଟଳଟଳ ।
ବକ୍ଷ ତୁ ପଥର—    ବନ୍ଦ ହୋଇ କର
ରୁଦ୍ଧ ନେତ୍ର-ଜଳ-ନାଳୀ,
ନାସିକା-ପବନ    ନ ବହିବୁ ଘନ
କମ୍ପିବ ପ୍ରାଣ-ସଞ୍ଚାଳି ।
ଲକ୍ଷ୍ମଣ ଆସିବ    ସମସ୍ତ ଭାଷିବ
ଜୀବନ-ସଙ୍ଗିନୀଙ୍କ କଥା,
ଶ୍ରବଣ-ଯୁଗଳ    ନ ହୁଅ ଚଞ୍ଚଳ
ଶୁଣିବ ମୁଞ୍ଜିବ ବ୍ୟଥା ।

୧ । ଋଜୁ—ସରଳ ।

ରେ ସନ୍ତପ୍ତ ଊର୍ମି ! ନାଶିବ ତୋ ଘର୍ମ
ସମୀର ଆସୁଛି ବହି,
ସନ୍ତାପ-ନାଶିନୀ ସରୋଜ-ବାସିନୀ
ଶ୍ରୀଅଙ୍ଗ-ସୌରଭ ବହି ।
ଆଉ ଏକ କଥା କହୁଛି, ଏକତା
ବାନ୍ଧି ତୁମ୍ଭେ ମନ ସଙ୍ଗେ
ଚିଲ ହ୍ରଦ-ସରେ ଅନନ୍ତ ବାସରେ
ବିଳସିବ ରସରଙ୍ଗେ ।
ମୋ ପ୍ରାଣ-ସଙ୍ଗିନୀ ନବ କମଳିନୀ
ଫୁଟି ରହିଅଛି ତହିଁ,
ସ୍ମରଣ-ଭାସ୍କର ଚିର ତେଜସ୍କର
ଅସ୍ତ ତାର ନାହିଁ ଯହିଁ ।
ମୋ ବୋଲେ ରସନା ! ତୁ ତହିଁ ରସ ନା
ଖାଇଛୁ ପରଜା ବିତ୍ତ,
ଯା ଧନେ ପାଳିତ— ତା ନାମେ ଚିଳିତ
ହେବାରେ ନୁହ ଭାବିତ ।
ଲୋକେ ଲୋକହିତ— ସାଧନ ବିହିତ
ବୋଲି ସିନା ଅଛି ପ୍ରାଣ,
୧ ନ ହେଲେ କି ପବି— ଦ୍ରବ କରି ହବି
ପ୍ରାପ୍ତେ କରିଥାନ୍ତା ପାନ ।
ପିଞ୍ଜରୁ ବାହାରି ଯିବେ ଶୁକ ସାରୀ
ଗୁଡ଼ିଦେବି ରୀତି ପାହୁ;
ତୋତେ ଉତ୍ତେଜିତ କରିବା ନିମିତ୍ତ
ନ ବୋଲିବେ 'ସୀତା' ଆଉ ।
୨ ହରିଣ ଶାବକ ଯିବ ସେ ଯାବକ—
ରଞ୍ଜିତଚରଣା ପାଶ,
ଅଳକ୍ତକ-ଧାର ଅଟେ ତା ଗଳାର
ରଙ୍ଗ ପାଟ-ଡୋର-ଫାଶ ।
ମୟୂର-ଯୁଗଳ ରବି ଅନର୍ଗଳ
କାହିଁକି ରହିବେ ଆଉ,
୩ ଉଚାରିବ ସ୍ୱନ କା' ଅନୁକରଣ
କରି ଶ୍ୟାମରାଜ ଯାଉ ।

ସଙ୍ଗୀତ-ପ୍ରବୀଣା କଣ୍ଠ ସଙ୍ଗ ବିନା
ପାଇବ କାହିଁ ଗୌରବ ?
ବୀଣା ତାହା ଜାଣି ଭାଗ୍ୟ-ଦୋଷ ମାନି
ରହିବ ହୋଇ ନୀରବ ।
ତହୁଁ ରାମ କ୍ଷଣେ ମୁଦ୍ରିତ ଈକ୍ଷଣେ
ଚନ୍ଦ୍ରାଚଳ-ଚୂଳେ ଚଢ଼ି,
ଦେଖିଲେ କାଳର ସ୍ରୋତ ଭୟଙ୍କର
ବେଗେ ଯାଉଅଛି ଗଡ଼ି ।
ଚରାଚର ସର୍ବେ ତା ଗଭୀର ଗର୍ଭେ
ଉଭେଁ ହେଉଛନ୍ତି ଲୀନ,
ବୁଦ୍‌ବୁଦ ପରାଏ କେହି କ୍ଷଣେ ଥାଏ,
କେବା ରହେ କିଛି ଦିନ ।
ଧାରତି-ଶଇଳ ସେ ଘୋର ସଲିଳ-
ସ୍ରୋତ ମଧ୍ୟେ ଟେକି ଶିର,
୪ ନ ଗଣି ଆପଦ ଚୁମ୍ବି ବିଷ୍ଣୁପଦ
ରହିଅଛି ହୋଇ ସ୍ଥିର ।
ଶୈଳ-ସାନୁଦେଶେ ଜ୍ୟୋତିର୍ମୟ ବେଶେ
ପତି ସଙ୍ଗେ ସତୀଗଣ,
ହୋଇ ଯୁଗ ଯୁଗ ସୁଖେ ଯୁଗ ଯୁଗ
କରୁଛନ୍ତି ବିଚରଣ ।
ଅନେକ ନୃପତି ତହିଁ ପଙ୍କ୍ତି ପଙ୍କ୍ତି
ରତ୍ନମୟ ସିଂହାସନେ,
ଅଛନ୍ତି ରାଜିତ ହୋଇ ବିଭାଜିତ
ଅମର-ପୁଷ୍ପ-ଭୂଷଣେ ।
ଅସାଧ୍ୟ ସାଧନ— ଲବ୍ଧ ପୁଣ୍ୟଧନ
ବହୁଛି ଯା' ତନୁ-ତରୀ,
ଶଇଳ-ନିବାସୀ କବିବୃନ୍ଦ ଆସି
ନେଉଛନ୍ତି କର ଧରି ।
ଧର୍ମ ନ ବିଚାରି କେତେ ଦୁରାଚାରୀ
ଆରୋହି ତହିଁକି ବଳେ,
କବିଙ୍କର ପବି— ସମ ମୁଷ୍ଟି ଲଭି
ରଡ଼ୁଛନ୍ତି କଳବଳେ ।

୧ । ପବି—ବଜ୍ର । ହବି—ଘୃତ । ୨ । ଯାବକ—ଅଳତା ।
୩ । ଶ୍ୟାମରାଜ—ପକ୍ଷୀବିଶେଷ ( ନାନା ସ୍ୱନକାରୀ ) । ୪ । ବିଷ୍ଣୁପଦ—ଆକାଶ ।

ତାଙ୍କ ସେ ଦୁର୍ଦ୍ଦଶା    ଅନାଇ ସହସା
ଝାଅନ୍ତେ ନୟନ ଫେଡ଼ି,
ଦେଖିଲେ ଶ୍ରୀରାମ    ବସୁନ୍ଧରା-ଧାମ
ରହିଛି ତିମିର ବେଢ଼ି ।
ସୁନୀଳ ଗଗନ    ମଣ୍ଡି ତାରାଗଣ
ଅଛନ୍ତି ଉଜ୍ଜ୍ୱଳ ମୁଖେ,
ନାହିଁ ସୁଧାକର    କିନ୍ତୁ ତାହାଙ୍କର
ବାଧା ହୋଇ ନାହିଁ ସୁଖେ ।
ବୋଇଲେ, "ହେ ତାରା-ବୃନ୍ଦ ! ପ୍ରେମକାରା-
ବନ୍ଧ ନୋହି ଚନ୍ଦ୍ରମାର,
୧ ବିଧିର ବିଧାନ    ଯେହ୍ନ ପ୍ରଣିଧାନ
ଚକ୍ରେ ଭ୍ରମ ଶିଶୁମାର ।
ବଲ୍ଲଭ-ବିରହ—    ବେଦନା ଦୁଃସହ
ହେଲେହେଁ ଜଗତ ଲାଗି,
ସେ ଦୁଃଖ ବିସ୍ମରି    କର୍ମ ଅନୁସରି
ଦ୍ୟୁତି-ଦାନେ ଅଛ ଲାଗି ।
ତୁମ୍ଭ ଧର୍ମ-ଦୀକ୍ଷା    ବେଗେ ଦିଅ ଶିକ୍ଷା
ବାଲ୍ମୀକି-ଆଶ୍ରମେ ଯାଇ,
ମୋ ହୃଦ-ଚନ୍ଦ୍ରିକା    ତହିଁ ବସି ଏକା
କାନ୍ଦୁଥିବ ମୋତେ ଧ୍ୟାୟି ।
ଏ ରାତ୍ର ସମୟେ    ବ୍ୟାକୁଳ ହୃଦୟେ
ରହୁଥିଲେ ଚକ୍ରବାକୀ,
କରୁଣା-ପ୍ରବଣା    ହୋଇ ଜ୍ଞାନବଣା
ପ୍ରାଣ ନ ରଖିବ ବାକି ।
ସର ପ୍ରଦର୍ଶନ    କରି ନିଦର୍ଶନ
ଦେବ କୁମୁଦିନୀ ବନ,
ଚନ୍ଦ୍ରମା ଉଦୟ    ନ ହେଲେ ଅଥୟ
ନ କରି ଧରେ ଜୀବନ ।
ପୁନଃ ସମାଗମ—    ବିଷୟ ବିଷମ
ସମସ୍ୟା ମଣିବ ନାହିଁ,
ହୃଦୟ-ସଙ୍ଗମ    ଅତି ମନୋରମ
ଜାଣି ତ, ଦେବ ବୁଝାଇ ।

ଏ କଥାରେ ଦ୍ୱିଧା    ଭାବିବା ସୁବିଧା
ନ ପାଇବ ସାରସାକ୍ଷୀ,
କହିବ ନିଶ୍ଚୟ    ମୋ' ଭାବନାଚୟ
ଦେଖୁଛ ତ, ହେବ ସାକ୍ଷୀ ।
ଅଧିକନ୍ତୁ ତାର    ଗର୍ଭେ ମୋ' ଆତ୍ମାର
ସ୍ରୋତ ଲାଗିଅଛି ଯାଇଁ,
କହିଲେ ଏ କଥା    କଦାଚ ଅଯଥା
ବୋଲି ସେ ପାରିବ ନାହିଁ ।"
ଏଥିରେ ରାଘବ    ହୃଦକୁ ଲାଘବ
ସ୍ମରଣେ ଥିଲା କି କ୍ଷମ ?
ବୃଥା ତାରାଗଣ    କଲେ ନିରୀକ୍ଷଣ
ଦୃଷ୍ଟି-ପଥେ ଆଣି ତମ ।
ଗୁଣୀର ସଦଗୁଣ    ନ ବୁଝି ନିପୁଣ
ହେଲେ ଦୋଷ-ଦରଶନେ,
ବିଧି ବିଡ଼ମ୍ବନା    ଯୋଗ ସମ୍ଭାବନା
ହୁଏ ତାର ଉଚ୍ଚାସନେ ।
୨ ଦେଖି ରାମ-ଦୋଷ    ପାଇବେ ସନ୍ତୋଷ
ଭାବିଥିଲେ ତାରା-ତତି,
ହୃଦୟ-ଉଚ୍ଚତା    ବୁଝି ପୋତି ମଥା
ଲଭ କଲେ ନୀଚ ଗତି ।
ଦାଶରଥି-ଦୁଃଖ-    ଦର୍ଶନ-ବିମୁଖ
ଖେଦ-ଖଣ୍ଡି-ହୃଦ ବିଧୁ,
ନିଶୀଥ ସମୟ    ହେଲାରୁ ଉଦୟ
ହେଲେ ତେଜି କ୍ଷୀରସିନ୍ଧୁ ।
୩ ଜୀବଞ୍ଜୀବ ଡାକ    ଦେଲା ଚକ୍ରବାକ-
ପ୍ରତି କରି ଉପହାସ,
ନ ଭଲ, ନ ଭଲ    ଲେଖାଅଛି ଭାଲ-
ପଟେ ତୋର ଉପବାସ ।
କିପାଁ ନ କହିବ    ଦେଇଛି ଦଇବ
ତା' ମୁଖେ ଅମୃତ ଢାଳ,
ପରର ବିପତ୍ତି    ଚାହିଁଲେ ସମ୍ପତ୍ତି-
ଶାଳି ଏ ମାରନ୍ତି ତାଳ ।

୧ । ଶିଶୁମାର—ତାରାଚକ୍ର ।   ୨ । ତତି—ସମୂହ ।   ୩ । ଜୀବଞ୍ଜୀବ—ଚକୋର ।

ଏଣେ ବରବର୍ଣ୍ଣୀ ଶ୍ରୀରାମଗୃହିଣୀ
ମଣି ଦୀପ୍ତିମୟ ପୁର,
ଗଜେନ୍ଦ୍ର-ଦଶନ— ରମ୍ୟ ସୁଖାସନ
ସୁଖଭୋଗୁଁ ହୋଇ ଦୂର,
୧ ପୂର୍ବ ପରିଚିତ ପଲ୍ଲବ-ରଚିତ
ଉଟଜେ ଅଜିନାସନେ,
କରି ଅବସ୍ଥାନ ପୂର୍ବ କଥାମାନ
ଭାବୁଛନ୍ତି ମନେ ମନେ ।
ପ୍ରାଣନାଥଙ୍କର ପ୍ରେମ-ଜରଜର
ମଧୁମୟ ସମ୍ଭାଷଣ,
ହୃଦ-ଫନୋଗ୍ରାଫେ ପରବେଶି ଆପେ
ତୋଳୁଛି ନିର୍ମଳ ସ୍ୱନ ।
ସର୍ବ ଭୟ-ହର ସରଳ ସୁନ୍ଦର
ମରକତ-ପ୍ରଭ ବାହୁ,
ମାନସିକ ଧ୍ୟାନେ ଶିର ସନ୍ନିଧାନେ
ଦିଶୁଅଛି ଦାଉ ଦାଉ ।
ନିଦ୍ରା ପରିହରି ଥାଆନ୍ତି ପ୍ରହରୀ
ଯେଉଁରୂପେ ଲକ୍ଷ୍ମଣ ସଙ୍ଗୀ,
୨ ସ୍ମରଣ-ମୁକୁରେ ଦିଶନ୍ତି ଅଦୂରେ
ସେରୂପେ ହୋଇ ନିଷଙ୍ଗୀ ।
ସେ ସ୍ୱାମୀ ଦେବର କରିଛନ୍ତି ଦୂର
ଏ କଥା ଦେବାରୁ ଭାବି,
ହିମାକ୍ତ ନଳିନ ସଦୃଶ ମଳିନ
ନେତ୍ର ହେଲା ନୀରସ୍ରାବୀ ।

ଖଜୁରିଆ କରି— ବିକ୍ଷତ ଖର୍ଜୁର
ନୀରବେ ନିଷ୍ଟୁଲେ ଯଥା
ରସ ତ୍ୟାଗ କରେ, କ୍ଷୋଭ-ଆଘାତରେ
ସତୀ ଦଶା ହେଲା ତଥା ।
ଏହିରୂପେ ପ୍ରିୟ ପ୍ରିୟଭାବ, ପ୍ରିୟ—
ଭାବ ପ୍ରିୟା ସ୍ମରି ସ୍ମରି,
ଦୁଃଖାସନେ ବସି ଧରି ଧୈର୍ଯ୍ୟ-ଅସି
କାଟୁଥିଲେ ବିଭାବରୀ ।
ଆସ୍ମା ଶିର-ଶ୍ରମ ସମୁଦ୍ଭୂତ ଘର୍ମ
ବହି ବହି ଅବିରଳ,
ପକ୍ଷ୍ମ-ଗୁଳ୍ମ-ରାଶି ଧୌତକରି ଆସି
ପ୍ଲାବୁଥିଲା ଗଣ୍ଡସ୍ଥଳ ।
ଚଳିଲା ଶର୍ବରୀ ଯୋଗୀ ବେଶ ଧରି
କ୍ରମେ ହୋଇ କ୍ଷୀଣପ୍ରାଣ,
ଚକିତେ ଗଗନ ପ୍ଲାବି ପଳାୟନ
ଉପାୟେ ପାଇଲା ତ୍ରାଣ ।
୩ ପ୍ରେମିକ ପ୍ରେମିକା ପଦେ ଅହମିକା
ବିକିଦେଇ ତାରାଗଣ,
ପୁଷ୍ପ ବେଶେ ଝଡ଼ି ଅବନୀରେ ପଡ଼ି
ଲୋଡ଼ିଲେ ତାଙ୍କ ଶରଣ ।
ଶରଣ-ବତ୍ସଳ ରଘୁନାଥ ଛଳ
ନ ଧରି ରଖିଲେ ମାନ,
ଦେଲେ ଏହି ବର— "ଯୁଗ ଯୁଗାନ୍ତର
ମସ୍ତକେ ପାଇବ ସ୍ଥାନ ।"

# ଚତୁର୍ଥ ସର୍ଗ

ରାଗ—ଗୌରୀ

ମଙ୍ଗଳେ ଅଇଲା ଉଷା ବିକଚ-ରାଜୀବଦୃଶା
ଜାନକୀ-ଦର୍ଶନ-ତୃଷା ହୃଦୟେ ବହି,
କରପଲ୍ଲବେ ନିହାରି—
ମୁକ୍ତା ଧରି ଉପହାର
ସତୀଙ୍କ ବାସ-ବାହାର-ପ୍ରାଙ୍ଗଣେ ରହି,
୪ କଳକଣ୍ଠ-କଣ୍ଠେ କହିଲା,
"ଦରଶନ ଦିଅ ସତି, ରାତି ପାହିଲା" । ୧ ।
ଅରୁଣ କଷାୟ ବାସ,
କୁସୁମ କାନ୍ତି ବିକାଶ,
ପ୍ରଶାନ୍ତ-ରୂପ, ବିଶ୍ୱାସ ଦିଅନ୍ତି ମନେ,

୧ । ଉଟଜ—କୁଟୀର । ଅଜିନ—ମୃଗଚର୍ମ । ୩ । ଅହମିକା—ଅହଙ୍କାର ।
୨ । ନିଷଙ୍ଗୀ—ଧନୁର୍ଦ୍ଧାରୀ । ୪ । କଳକଣ୍ଠ—କୋକିଳ ।

କେଉଁ ଯୋଗେଶ୍ୱରୀ ଆସି
ମଧୁର ଭାଷେ ଆଶ୍ୱାସି
ଡାକୁଛନ୍ତି ଦୁଃଖରାଶି-ଉପଶମନେ,
ଦେବା ପାଇଁ ନବ ଜୀବନ
ସ୍ୱର୍ଗୁଁ କି ଓହ୍ଲାଇଛନ୍ତି ମର୍ତ୍ତ୍ୟଭୁବନ ! ୨ ।
ସମୀର ସଙ୍ଗୀତ ଗାଏ,
ଭ୍ରମର ବୀଣା ବଜାଏ,
ସୁରଭି ନର୍ତ୍ତନେ ଥାଏ ଉଷା ନଦେଶେ,
କୁମ୍ଭାଟୁଆ ହୋଇ ଭାଟ
ଆରମ୍ଭିଲା ସ୍ତବପାଠ
୧ କଳିଙ୍ଗ ଅଇଲା ପାଠ ମାଗଧ ବେଶେ,
ଲଳିତ ମଧୁରେ କହିଲା,
"ଉଠ ସତୀରାଜ୍ୟ-ରାଣି,ରାତି ପାହିଲା ।" ୩।
ମୁନି-ମୁଖ ବେଦ-ଧ୍ୱନି
'ପୂର୍ଣ୍ଣ କଲା ଶ୍ୟାମବନ
ଉଠିଲା ଭେଦି ଗଗନ ଉଚ୍ଚ ଓଁକାର,
୨ ବୈକୁଣ୍ଠେ ଦେଇ ତୃପତି
ଅନନ୍ତ ଶ୍ରୁତିକି ଗତି
ବହିଲା କି ସରସ୍ୱତୀ ବୀଣାଝଙ୍କାର;
ବେଳୁଁ ବେଳ ବନ ଉଜ୍ଜ୍ୱଳ,
ମନ୍ତ୍ରବଳେ ଯେସନ୍ତ ବଢ଼ି ଆସିଲା ବଳ ।୪ ।
ଏକାଳେ ବ୍ରହ୍ମଚାରିଣୀ
ଅନୁକମ୍ପା ତପସ୍ୱିନୀ
ଆସି ଜନକନନ୍ଦିନୀ ପାଶେ ଗମ୍ଭୀରେ
ବୋଇଲେ, "ଉଠ ବୈଦେହୀ,
ଉଷା ସୁକୁମାରଦେହୀ
ଆସିଛି, ଦର୍ଶନ ଦେଇ ତୋଷ ବଧିରେ,
ତମସା ରହିଛି ଅନାଇ
କୋଳ କରି ଥରେ ସୁଖ ଲଭିବା ପାଇଁ ।"୫,
୩ ପଦ୍ମିନୀ-ହୃଦ-ଶିଶିର—
ବିନ୍ଦୁରେ ଖର-ରଶ୍ମିର
ପ୍ରତିବିମ୍ବ ପରି, ବୀର ରାମ-ମୂରତି
ଶୋକଜଜରିତ ଚିତ୍ତ—
ପଳାଇଲା କରି ଶଙ୍କିତ
ହେଲେ ଆସନୁ ଉତ୍ଥିତ ଜାନକୀ ସତୀ;
ନମି ଅନୁକମ୍ପା ପୟରେ
ବନ୍ଦିଲେ ଉଷାର ପଦ ସବିନୟରେ ।୬ ।
ବୋଇଲେ ତାକୁ ପ୍ରଶଂସି,
"ତୁମ୍ଭେ ତିମିର-ବିଧ୍ୱଂସି
ରବି-ଆଗମନ-ଶଂସୀ ହୁଅ ସଂସାରେ,
ତୁମ୍ଭ କୋମଳ ଚରଣ
କରେ ଜ୍ୟୋତି ଆହରଣ
ତହିଁ ଯାଉଛି ଶରଣ ଦୃଢ଼ ଆଶାରେ;
ଶୁଭ୍ର ସଉରଭ ରସିକେ,
ଶୁଭ-ସମ୍ପାଦିନୀ ହୁଅ ରଘୁବଂଶିକେ ।୭ ।
ଉତ୍ସୁକ ହୃଦୟେ ରାଣୀ—
ଶେଷରେ ଆଶ୍ରମ-ଧାନୀ
ତମସା ନର୍ମଳ-ଗାନୀ ପବିତ୍ର-ଧାରା
ପ୍ରାଙ୍ଗଣେ କୁସୁମ ବର୍ଷି
ସୁବାସିତ ନୀର ସିଞ୍ଚି
ମଙ୍ଗଳପ୍ରଦୀପ ରଚି ପ୍ରଭାତୀ ତାରା,
ମୁହୁର୍ମୁହୁଃ ମୀନ-ନୟନେ
ଚାହୁଁଥିଲା ସୀତା-ସତୀ ଶୁଭାଗମନେ ।୮ ।
ଉଠିଲେ ତାପସକନ୍ୟା—
ଗଣଙ୍କ ଆଦର-ବନ୍ୟା
ପ୍ଳାବନେ ଜଗତ-ଧନ୍ୟା-ସତୀ ରତନ
ବାହାର ଅବଗାହନେ
ଅନୁକମ୍ପାଙ୍କ ଗହଣେ
ତମସା ଧାରି ବହନେ କଲେ ଗମନ;
ସତୀଙ୍କି ତମସା ଅଙ୍କରେ
ଯେସନ ସ୍ନେହେ ଆଲିଙ୍ଗିଲା ତରଙ୍ଗ-କରେ ।୯।
ଅମୃତ ମଧୁର ସ୍ୱରେ
ଭାଷିଲା ପରିତୋଷରେ
"ମାଆ ଗୋ,.ମୋ ମାନସରେ ନ ଥିଲା ଆଶା

୧ । କଳିଙ୍ଗ—କଜଳପାତି ପକ୍ଷୀ । ମାଗଧ—ଭାଟ । ୨ । ବୈକୁଣ୍ଠ—ବିଷ୍ଣୁ ।
୩ । ଖର-ରଶ୍ମି—ସୂର୍ଯ୍ୟ ।

କରିବ ଅଙ୍କେ ବିହାର
ରାଜଲକ୍ଷ୍ମୀ-ହୃଦହାର
ସୀତା କରି ପରିହାର ଭୋଗ-ପିପାସା,
ଭାଗ୍ୟବତୀ ମୋତେ ସଂସାରେ
ବୋଲିବେ ତୋ'ଯୋଗୁଁ ଏକା ପରଶଂସାରେ ॥
ବନେ ବନେ ଭ୍ରମି ଭ୍ରମି
ରାଣ୍ଡି-କୁହୁକେ ନ ଭ୍ରମି
ବହୁ ବାଧା ଅତିକ୍ରମି ସ୍ୱଚ୍ଛ ଜୀବନେ
ଅନ୍ଧାର ଦୁଃଖ ନ ଗଣି
ଆଲୋକ ସୁଖ ନ ମଣି
୧ ଚାଲିଛୁଁ ଦୂର ସରଣୀ ନତ ବଦନେ;
ଜନମ କରୁଛୁଁ ସଫଳ
୨ ତୋୟ-ଦାନେ ତୋଷି ତୀରବାସୀ-ସକଳ ॥
୩ ମନ୍ଦାକିନୀ, ଗୋଦାବରୀ
ସେସବୁ ଗୁଣେ ମୋ' ସରି
ତଥାପି ବର୍ଦ୍ଧନ କରିଛନ୍ତି ଗୌରବ
ଲଭି ତୋ ପବିତ୍ର ପଦ—
ଚିହ୍ନ ଅକ୍ଷୟ ସମ୍ପଦ
୪ ବିବୁଧ-ପଦ-ପ୍ରଦ ଅଙ୍ଗ ସୌରଭ;
ତାହା ଥିଲା ମୋର ବାଞ୍ଛିତ,
ତଦଭାବେ ହେଉଥିଲି ମନେ ଲାଞ୍ଛିତ ।୧୨।
କରିଥିଲି ଶୁଭ କର୍ମ
ବୋଲି ଆଣିଦେଲା ଧର୍ମ
ସମୟେ ତୋତେ ମୋ ମର୍ମବାସନା ଜାଣି,
ପାଇଛୁଁ ଦୁର୍ଲଭ ଧନ
କରିବ ତୃପ୍ତି ସାଧନ
ନତ କରି ସମ୍ବୋଧନ କୋଳକୁ ଆଣି;
ଅଙ୍ଗ ପରିମଳ ତୋହର,
ହେବ ମୋର ଜୀବନର କଳୁଷ-ହର ।୧୩।
ମୋ କୋଳ-କେଳି-ଚପଳ
ସାରସ ମରାଳଦଳ
୫ କୋକ ଯୁଗଳ ଯୁଗଳ ବକ ପଂକତି
ତୋ ପୁଣ୍ୟମୟ ଶରୀର—
କ୍ଷାଳନେ ପୂତ ମୋ' ନୀର—
ପାନେ ବଞ୍ଚିଥିବେ ଚିରଦିନ ମୋ କତି;
କଳନାଦ—ଛଳେ ତୋ ଯଶଃ,
ଗାଇ ମୋ ଶ୍ରୁତିକି ତୋଷୁଥିବେ ଅଜସ୍ର ।୧୪।
ପତିବ୍ରତା-ଅଙ୍ଗେ ଲାଗି
ପବିତ୍ର ହେବାର ଲାଗି
ବ୍ରତତୀ-ବାସ-ବିରାଗୀ ପ୍ରସୂନମାନ
ଦୂରୁଁ ଦୂରୁଁ ଖସି ଖସି
ଧାଇଁଥିବେ ଭାସି ଭାସି
ଭ୍ରମୁଥିବେ ଆସି ଆସି ତୋ ସନ୍ନିଧାନ;
ସ୍ନାନ ସମୟେ ମୋ ପୟରେ,
ଦୟାମୟି ! ନ ପେଲିବୁ ତାଙ୍କୁ ପୟରେ ।୧୫।
ମୋ କୂଳେ ରାଜି ଚରଣ
କରିବୁ ମା ବିଚରଣ
ବ୍ୟପଦେଶେ ବିତରଣ ଅମର କାନ୍ତି,
ତା ଲଭି ବନ ପାଦପ-
ରାଜି ହୋଇ ଦପଦପ
ବଢ଼ିବେ ଅମର-ଦର୍ପ ବଢ଼ିବେ ଶାନ୍ତି;
ପଲ୍ଲବେ ପାଟଳ ଶ୍ୟାମଳ,
ରୁଚିର ରୁଚି ରହିବ ଚିର ନିର୍ମଳ ।” ୧୬ ।
୬ ସୀତା ବୋଇଲେ, "ପୟାର—
ମଧୁର ଏ ସ୍ୱଚ୍ଛ ନୀର;
ନୀର ନୁହେ, ଜନନୀର କ୍ଷୀର ପ୍ରତ୍ୟକ୍ଷେ;
ଗିରି-ସ୍ତନୁ ବନସୁତ
ହୋଇ ଆସୁଛି ଅମୃତ-
ଧାରା ପରି ସୀତାମୃତକଳସୀ ଲକ୍ଷେ,
ଓହୋ ତୁ ତ ମୋ' ମା ଏ ଦେଶେ,
ମୋ' ଦୁଃଖେ ବର୍ଷିଣୀ-ବର୍ଷା ତମସା ବେଶେ ॥
ଛେଦ ଭେଦିଅଛି ପୃଷ୍ଠ
ସେ ପାଷାଣ ହେଉଛି ଦୃଷ୍ଟ
ତଥାପି ସୀତାକୁ ତୁଷ୍ଟ କରିବା ପାଇଁ

୧ । ସରଣୀ—ପଥ । ୨ । ତୋୟ—ପାଣି । ୩ । ମନ୍ଦାକିନୀ—ଚିତ୍ରକୂଟର ଗିରିନଦୀ
୪ । ବିବୁଧ—ଦେବତା ୫ । କୋକ—ଚକ୍ରବାକ । ୬ । ପୟାର—ନାରିକେଳ ଜଳ

ଫିଟାଇ ସ୍ନେହ-ଲୋଚନ
ପ୍ରୀତି-ମଧୁର-ବଚନ
ବିନ୍ୟାସେ ସୃଷ୍ଟି ରଚନ କରୁ ଗେହ୍ଲାଇ;
ଧନ୍ୟ ଧନ୍ୟ ମା! ତୋ ହୃଦୟ,
ମୋ' ଦୁଃଖ-ଆତପ ପାଇଁ ବାଲୁକାମୟ ।୧୮।
ରାମ ସାମ୍ରାଜ୍ୟ ଯେ ସୀତା
ଲୋକ-ଲୋଚନେ ଦୂଷିତା
ହୋଇ ଚିର ନିର୍ବାସିତା ସେ ତୋର ମତେ
ନିଜ ପ୍ରତିବ୍ରତା ଧର୍ମ-
ବଳେ ସ୍ଥାବରଜଙ୍ଗମ
ପବିତ୍ରକରଣେ କ୍ଷମ ହେବ ଜଗତେ;
ମାତା ବୁଝେ ସୁତା ବେଦନା,
ମାତା-ନେନେ ଦଗ୍ଧ-ମୁଖୀ ଚନ୍ଦ୍ରବଦନା ।୧୯।
ତୋ' ତୀର ଚିର ଆଶ୍ରୟ
ହେଲାଣି ମୋର ନିଶ୍ଚୟ
ଭରସା ତୋ' ଶାନ୍ତିମୟ ପଦକମଳେ;
ଶୂନ୍ୟ ଯାର ଚରାଚର,
ଜନନୀ କୋଳ ମାତର
ତା'ର ଆଦର-ଆକର ମହୀମଣ୍ଡଳେ;
ଜନମ ଯା ରତ୍ନଗରଭା,
କାହିଁକି ସେ ଅନ୍ୟ ସ୍ଥାନ ଲୋଡ଼ିବ ଅବା ।"
ସୁଶୀତଳ ସୁନିର୍ମଳ
ପବିତ୍ର ତମସା-ଜଳ;
ତଥା ସ୍ୱଭାବ ସକଳ ମୁନିସୁତାଙ୍କ,
ସ୍ନେହେ ତମସା ଚଞ୍ଚଳ
କରି ପ୍ରତିବିମ୍ବ ଛଳ
ହୋଇଗଲା ଅବିକଳ ସ୍ୱରୂପ ତାଙ୍କ;
ଆଲିଙ୍ଗନେ ତାଙ୍କ ବିଗ୍ରହେ,
ବିଗ୍ରହ ମିଶାଇଦେଲା ଶୀଘ୍ର ସାଗ୍ରହେ । ୨୧।
[୧] ସତତ ସୀତା ସକାଶ
ରହି ରୁହିଁବା ସକାଶ
ପାଇ ଶୁଭ ଅବକାଶ ଏହି ଉପାୟେ,
ହୋଇ ବନ୍ଧୁନେତ୍ରବନ୍ତି
ବନ୍ଧୁ ହୁଁଦ ବନ୍ଧୁ ମତି
ଲଭି କଲା, ବୁଦ୍ଧିମନ୍ତି, ଅନେକ କାପୟେ;
ସମଧର୍ମୀ ସମଗୁଣରେ,
ମିଶି ମନ ତୋଷ ଲଭେ ବନ୍ଧୁ ଗୁଣରେ ।୨୨।
ସମସ୍ତେ ଅବଗାହନ
ବଢ଼ାଇ ପ୍ରତ୍ୟାଗମନ
କରି ବାଲ୍ମୀକି ଚରଣ କଲେ ବନ୍ଦନା;
ଆଶିଷେ ମୁନି-ପୁଙ୍ଗବ
ବୋଇଲେ, "ଜ୍ଞାନ-ବିଭବ
ଅର୍ଜନେ ସୁସିଦ୍ଧି ଲଭ କରି ସାଧନ;" ।
ବିଶେଷେ ସୀତାଙ୍କୁ ସାଦରେ
ବୋଇଲେ, "ଥାରସୁ ହୁଅ ଅପ୍ରମାଦରେ।୨୩।
ନନ୍ଦନି ! ତୁ ଏ ଆଶ୍ରମ-
ପାଦପଙ୍କୁ ସ୍ନେହ-ଶ୍ରମ
ପ୍ରୟୋଗେ ନନ୍ଦନୋପମ କର ଯତନ;
ସେ ଭାବେ ତୋ ଅନୁଭବ
ସ୍ୱଭାବେ ହେବ ସମ୍ଭବ
ଭବେ କେମନ୍ତ ଦୁର୍ଲଭ ସୁତ-ରତନ;
ଅନୁକମ୍ପା ଥିବେ ନିୟତ,
ସକଳ ଅଭାବ ତୋର ମୋଚନେ ରତ ॥"
ମୁନୀନ୍ଦ୍ର-ଆଦେଶ-ମତେ
ତହୁଁ ଚଳିଲେ ସମସ୍ତେ
କମଳ-କୋମଳ ହସ୍ତେ କଳସୀ ଧରି,
କନ୍ୟାମଣ୍ଡଳେ ଜନକ-
ସୁତା-କାନ୍ତି ଜକଜକ
ସ୍ଫଟିକ ମଧ୍ୟେ ହୀରକ-ପ୍ରତିଭା ପରି;
ଉପବନେ କଲେ ଗମନ,
ବଢ଼ାଇଲା ବନ-ଶୋଭା ପାଇଁ ସେ ଧନ ।୨୫
ବନ-ଲକ୍ଷ୍ମୀ-ଦ୍ୱାରେ ସୀତା
ସ୍ୱଜନ୍ତେ ସେ ଉଲ୍ଲସିତା
ମତିରେ ହୋଇ ଭୂଷିତା ରବି-କରଣେ,

୧ । ସକାଶ—ନିକଟ ଓ ନିମିତ୍ତ ।

୧ ହାସ ପଲ୍ଲବ ଅଧରେ ମଞ୍ଜୁ ମଧୁକରଦରେ
ମଣ୍ଡି ଲଗିଲି ଆଦରେ ଚଉହରଣେ;
ଅର୍ଘ୍ୟ ଦେଇ ରଙ୍ଗ ଶାଳୁଳୀ,
ପାଦ୍ୟ ଦେଲି ଦୂର୍ବାଦଳ ହିମ-ପଟଳୀ ।୨୬।
ସ୍ଥଳକମଳ ଆସନ—
ଦେଇ, ପ୍ରୀତି ସମ୍ଭାଷଣ
କଲି, ଶାରିକା ଭାଷଣ ଛଳେ ମଧୁରେ;
ଶରଦ ସରସୀ ଜଳ
ଫୁଟାଇ ନବକମଳ
ଅଳସ୍ୱନେ ଯଥା କଳହଂସ-ବଧୂରେ;
ବୋଇଲି, "ପାହିଲି ସଜନି,
ତୋ ପଦ-ଅରୁଣେ ମୋର ଖେଦ-ରଜନୀ ।୨୭
ତୋତେ ମୁଁ ଭାଗ୍ୟବଶତଃ
ଲଭି ନଭପୁଷ୍ପ ସତ-
କରି ଅସୀମ ଉଛତ ଅନ୍ତଃକରଣେ,
ଚିତ୍ରକୂଟ-ଉପତ୍ୟକା
ସିଦ୍ଧ-ସେବିତ ଦଣ୍ଡକା
ପାରାବାର-ପାର-ଲଙ୍କା-ଅଶୋକାରଣ୍ୟେ,
ଆଗେ ଥୋଇ ତୋତେ ଆଦର୍ଶ,
ଗଢ଼ିଲି ପ୍ରୀତି-ପ୍ରତିମା ଚଉଦ ବର୍ଷ ।୨୮।
୨ ଯେତେବେଳେ ପୁଷ୍ପକରେ
ବାହୁଡ଼ି ଗଲୁ ପୁଷ୍କରେ
ଉଭା ହୋଇ ପୁଷ୍ପକରେ ମୃଗନୟନେ,
ଉର୍ଦ୍ଧ୍ୱେ ଚାହିଁ ବିଷାଦରେ
ତୋତେ ମୟୂରୀ ନାଦରେ
୩ ଡାକୁ ଯେ ଥିଲି ସାଦରେ ଦର୍ଶ ଅୟନେ
ସଖୀ କଥା ସ୍ମରି ମନରେ,
ଆସିଲୁ କି ସଖି ! ଆଜି ଏତେ ଦିନରେ।୨୯।
ଦୀର୍ଘ ବିରହ ବିଶେଷ
ସହି, ମୁଁ ନ ସହି ଶେଷ—
ଚିତ୍ତାରେ ତାପସୀ ବେଶ କରି ଧାରଣ,
ତୋ ହୃଦୟ-ଆଦରଶେ
ପ୍ରତିବିମ୍ବି ସ୍ନେହରସେ
ମଜ୍ଜାଇ ତୋତେ ହରଷେ କଲି ବରଣ;
ଧନ୍ୟବାଦ କରି ଗ୍ରହଣ,
ଶ୍ରଦ୍ଧା ସହ କଲୁ ଯା' ମୋ' ବାଞ୍ଛା ପୂରଣ।୩୦।
ପାଇଥିଲେ ସାଧୁ ସଙ୍ଗ
ସଦ୍ଭାବ ଚିର ଅଭଙ୍ଗ
ରହେ, ସ୍ଥିର ନୀଳରଙ୍ଗ ଯଥା ଗଗନେ;
ସାଧୁ ମିଳେ ମନୋରଥ
କଦାଚ ନ ହୁଏ ବ୍ୟର୍ଥ
ତେଣୁ ମୁଁ ହେଲି ସମର୍ଥ ତୋର ଦର୍ଶନେ;
ଭାଗ୍ୟେ ଥିଲେ ହୁଏ ଏ ଲାଭ,
ଭାଗ୍ୟବତୀ କଲି ସଖି ! ମୋତେ ତୋ ଭାବ " ॥
ବନଶ୍ରୀ ମଧୁ ମୋହନ
ସୀତା-ହୃଦୟ ଗହନ
ବିରହ-ଦାବ-ଦହନ ଶାନ୍ତ କରଣେ,
ନବୀନ ଉଦୀୟମାନ
ଘନପଟଳ ସମାନ
ମାନସେ ପ୍ରକାଶମାନ ହେଲି ସେ କ୍ଷଣେ,
ବୋଇଲେ ଜନକନନ୍ଦିନୀ,
"ଆଜୀବନ ହେଲି ତୋର କାରା-ବନ୍ଦିନୀ"।୩୨।

---

୧ । ମଧୁକ—ମହୁଲ । ୨ । ପୁଷ୍ପକରେ—ପୁଷ୍ପକ ରଥରେ ଓ ପୁଷ୍ପ ହସ୍ତରେ । ପୁଷ୍କର—ଆକାଶ ।
୩ । ଅୟନ—ମାର୍ଗ ।

# ପଞ୍ଚମ ସର୍ଗ

ରସକୁଲ୍ୟା

ରାଜୋଦ୍ୟାନ ଶୋଭା-ସିନ୍ଧୁ-ଲହରୀ
ଶିରେ ପୁଷ୍ପଫେନପଟଳ ଧରି,
ଯା' ପଦପୁଲିନ ନଖ-ମୁକୁତା—
ଜ୍ୟୋତି ସେବନରେ ଥିଲା ଯୁକୁତା,
ତାଙ୍କ ଶୁଭ ଆଗମନ,
ଗୁହିଁ ଉଲ୍ଲସିଲେ ମୁନି-ଉଦ୍ୟାନର
ବିଟପି-ବଲ୍ଲୀ-ସୁମନ । ୧ ।

ଏକେ ତ ମଧୁର ବସନ୍ତ କାଳ,
ବାଳଭାନୁ ହେମ କିରଣ ଜାଲ
ପ୍ରସରି ଶିଶିରଜର୍ଜର ପର୍ଣ୍ଣେ,
ଲୀଳା କରୁଅଛି ବିବିଧ ବର୍ଣ୍ଣେ,
ଶିଶିରବିନ୍ଦୁରେ ପଡ଼ି,
ହୀରା ନୀଳା ମୋତି ମାଣିକ୍ୟପଟଳ
ବିଚିତ୍ର ଦେଉଛି ଗଢ଼ି । ୨ ।

ଭାସ୍କର ଭାସ୍ୱର ମଣି ମଣ୍ଡନ,
ଦଶବଦନର ଦଶ ବଦନ—
ଜ୍ୟୋତି ଗର୍ବ କରିଥିଲା ହରଣ
ସୀତାରତନଙ୍କ ଯେଉଁ ଚରଣ,
ଆଜ ସେ ପୟର ଆସି,
ମୁନି ଉପବନେ ବାଣ୍ଟିଦେଲା କିବା
ସେହି ମଣି ଗର୍ବରାଶି । ୩ ।

ସୀତା-ହୃଦ ଶ୍ୟାମ ଶ୍ରୀରାମମୟ,
ସେ ହୃଦୟ ହରି ପାଦପଚୟ
କ୍ରମେ ହେଲେ ଘନ-ଶ୍ୟାମବରଣ,
ପତି ଏକା ସୀତା ମତି ଶରଣ,
ଅବୟବ କାନ୍ତିମାନ
ଆକର୍ଷିତ ହୋଇ କୁସୁମେ କୁସୁମେ
କ୍ରମେ ଯାଇ କଲେ ସ୍ଥାନ । ୪ ।

କେଶକାନ୍ତି ମାନ ନେଲା ଷଟ୍‌ପଦ,
ଚମ୍ପା ନେଲା ତନୁ-କାନ୍ତି-ସମ୍ପଦ,
ମନ୍ଦାରକୁ ଗଲା ଅଧର ରୁଚି,
ଆଉ ସକଳକୁ ଯହିଁ ଯା ରୁଚି,
ସର୍ବେ ହେଲେ କାନ୍ତିମୟ,
ସ୍ୱର୍ଗଲକ୍ଷ୍ମୀ କିବା ମର୍ତ୍ତ୍ୟେ ଆସି କଲା
ଉଦ୍ୟାନକୁ ଲୀଳାଳୟ । ୫ ।

ସଙ୍ଗ-କାନ୍ତି ଥିଲା ଅମୃତ ସମ,
ପୁଷ୍ପେ ହେଲା ମଧୁ ଅମୃତୋପମ,
୧ ମାର୍ଦ୍ଦବ ମାଞ୍ଜବ ସେ ରୂପେ ଯାଇ
ହେଲେ ପୁଷ୍ପକୁଳ ଅଙ୍ଗରେ ସ୍ଥାୟୀ,
ସୀତା ହୋଇ ତପସ୍ୱିନୀ
ନୀରସ କାନନେ ନିଷ୍ପ୍ରଭ ଶରୀରେ
ହେଲେ ବନବାସିନୀ । ୬ ।

ସୀତା ସତ୍‌କାର କରିବା ଲାଗି
ଲୂତାଗଣ ସାରା ଶର୍ବରୀ ଜାଗି,
ଗୁନ୍ଥି ଚନ୍ଦ୍ରାତପ କରି ମଣ୍ଡନ
ରଚିଥିଲେ ହେମପୁଷ୍ପେ ଲମ୍ବନ,
ପକ୍ୱ ନାଗରଙ୍ଗମାନ
ସୁବର୍ଣ୍ଣ ଗୋଲକ— ରୂପେ ଶତ ଶତ
ହେଉଥିଲେ ଲମ୍ବମାନ । ୭ ।

ଉଭା ହୋଇଥିଲେ ରମ୍ଭା ସୁନ୍ଦରୀ
ପଂକ୍ତି ପଂକ୍ତି ପତ୍ର-ପତାକା ଧରି,
ଗୁନ୍ଥି ମୁଚୁକୁନ୍ଦ କୁନ୍ଦ ବକୁଳ,
ନିଆଳୀ ମାଧବୀ ବଲ୍ଲରୀ କୁଳ
ଗୁନ୍ଥିଥିଲେ ଧରି ଫୁଲ
୨ ନବୀନା ନବୀନା ଥିଲା ତାଙ୍କ ପାଶେ
କୁସୁମେ ସଜାଇ ଚୂଳ । ୮ ।

---

୧ । ମାର୍ଦ୍ଦବ—ମୃଦୁତା । । ମାଞ୍ଜବ—ମଞ୍ଜୁତା ବା ମନୋହାରିତା ।

୨ । ନବୀନା—ରଜନୀଗନ୍ଧା ବା ଗଜଦନ୍ତ ପୁଷ୍ପ ।

ସଖୀଗଣ ସଙ୍ଗେ ଜାନକୀ ସତୀ
ତାଙ୍କ ନିକଟକୁ କରନ୍ତେ ଗତି,
ପୁଲକିତ ହୋଇ ମୃଦୁ ସମୀରେ
ଫୁଲମାନ ବର୍ଷି ସତୀଙ୍କ ଶିରେ
କେ କଲ ଶିର ଚୁମ୍ବନ,
କେ କର ମର୍ଦ୍ଦନ     କେ ବା ଆଲିଙ୍ଗନ
କେହି ବା ପଦ ବନ୍ଦନ । ୯ ।
ସୁରଙ୍ଗ-ଚରଣ-ଲେହନ ପାଇଁ
୧ ପାରିଜାତ ଦେଲ ଜିଭ ଲମ୍ବାଇ
ମୋତି ଜ୍ୟୋତି-ନଖ ଚୁମ୍ବନ ଆଶେ
୨ ତାଳମ୍ବ ରହିଲ ବିବୃତ ଆସ୍ୟେ,
କରୁଣା ଋଣ ଆଶାୟୀ
୩ ଶିନଚମ୍ପା ହେଲ     ହରିତବରଣ
ରାମରୂପ ଅନୁଯାୟୀ । ୧୦ ।
ସ୍ଥାନେ ସ୍ଥାନେ ଚନ୍ଦ୍ରକଳା କୋମଳ
ମନୋହର ବାଳ ତରୁ ସକଳ
ବାଡ଼ ଉପରକୁ ମସ୍ତକ ଟେକି
ସତୀଙ୍କି ସନ୍ତୁଷ୍ଟେ ଥାନ୍ତି ନିରେଖି
ପାଇଲ ନାହିଁ ଯା ଶିର,
ବାଡ଼ ମଧ୍ୟେ ରହି     ରନ୍ଧ୍ର ପଥେ ପଥେ
ଦର୍ଶନେ ହେଲେ ଅସ୍ଥିର । ୧୧ ।
୪ ଗୁଞ୍ଜୀ ଫୁଲଚୁଇଁ ପାଦପ ବାଡ଼େ
ବସି ଗୁହିଁଥାନ୍ତି ସତୀଙ୍କ ଆଡ଼େ,
କରୁଥାନ୍ତି ଥରେ ଥରେ କାକଳି,
ମୁଦେ ଯାଉଥାଏ ଲାଙ୍ଗୁଳ ହଲି,
ସତୀ ଢାଳିଦେଲେ ପୟ,
ମନେ କରିଛନ୍ତି     ଆଲବାଲେ ବସି
ପିଇବେ ହୋଇ ନିର୍ଭୟ । ୧୨ ।

୫ ଊର୍ଣ୍ଣନାଭ ଥରେ ସତୀ ପୟରେ
ପଡ଼ି ପୁଣି ଉଠେ ତରୁ ଉପରେ,
ବୃକ୍ଷୁଁ ବୃକ୍ଷେ ପୁଣି ଡେଇଁ ଚଞ୍ଚଳ
ଦେଖାଉଛି ନିଜ କାରୁ-କୌଶଳ,
ଭାନୁ ହୋଇ ଚିତ୍ରକର
ବିବିଧ ରଙ୍ଗରେ     ରଞ୍ଜି ଦେଉଛନ୍ତି
ତା ସୂକ୍ଷ୍ମ ସୂତ୍ରନିକର । ୧୩ ।
ସ୍ୱଭାବେ ପାଦପ ଶ୍ୟାମଳ ଦଳ,
୬ ମରକତ ଜ୍ୟୋତି ଠିଣ୍ଟିଣୀଦଳ
ତରୁ ଶିରେ କାହିଁ ବସି ଚଞ୍ଚଳ—
ଚଞ୍ଚୁ ମାର୍ଜନରେ ହୋଇ ଉଜ୍ଜ୍ୱଳ
ଦିଶୁଥାନ୍ତି ମନୋହର,
ଶ୍ୟାମ ଜଳନିଧି—     ତରଙ୍ଗେ ଲୁଣ୍ଠିତ
ଯେସନେ ଦିବାକର କର । ୧୪ ।
ପ୍ରେମ-ପ୍ରଭାମୟ ରାମ-ହୃଦୟ
ରାଜ-ସିଂହାସନେ ହୋଇ ଅଥୟ
ଉଦ୍ୟାନକୁ କିବା ଆସିଛି ଧାଇଁ
ସତୀଙ୍କ ଯାତନା ନାଶିବା ପାଇଁ,
ସେ ନେତ୍ର ସୁଭଗ ଜ୍ୟୋତି
୭ ସ୍ୱାତୀ-ଜଳ ପରି     ସତୀ ହୃଦୟରେ
ସୃଜୁଥାଏ ପ୍ରେମ-ମୋତି । ୧୫ ।
କେଉଁ ଦିଗେ ଘନ ପନସ ବନ,
କାହିଁ ଚୂତବନ ଚୁମ୍ବେ ଗଗନ,
ଚୂତବନ ତଳ-ପ୍ରାନ୍ତେ ଆକାଶ
୮ ଦିଶେ ଦେବଖାତ-ଜଳ-ସଙ୍କାଶ;
ତରୁସ୍କନ୍ଧ ଶତ ଶତ
ଦିଶନ୍ତି ଯେସନ     ତୋଳିଛନ୍ତି ବନ
ସର୍ବେ ହୋଇ ଏକମତ । ୧୬ ।

୧ । ପାରିଜାତ— ମନ୍ଦାରଜାତୀୟ ପୁଷ୍ପବିଶେଷ (ଯାହାର ଗର୍ଭକେଶର ବାହାରକୁ ଲମ୍ବିଥାଏ) ୨ । ଆସ୍ୟ—ମୁଖ୍ୟ । ୩ । ଶିନଚମ୍ପା—ହରିଦ୍ବର୍ଣ୍ଣ ପୁଷ୍ପବିଶେଷ । ୪ । ଗୁଞ୍ଜୀ—ପକ୍ଷୀବିଶେଷ । ଫୁଲଚୁଇଁ—ପକ୍ଷୀବିଶେଷ । ୫ । ଊର୍ଣ୍ଣନାଭ—ମାକଡ଼ସା । ୬ । ଠିଣ୍ଟିଣୀ—ଶ୍ୟାମଳ-ବର୍ଣ୍ଣ ପକ୍ଷୀବିଶେଷ । ୭ । ସ୍ୱାତୀ ନକ୍ଷତ୍ରରେ ବୃଷ୍ଟି ହେଲେ ମୁକ୍ତା ଜାତ ହେବା କଥା ପୁରାଣପ୍ରବାଦ । ୮ । ଦେବଖାତ—ଅକୃତ୍ରିମ ଜଳାଶୟ ।

୧ ଶାନ୍ତ-ସରୋବର ବିବିକ୍ତ କୂଳ
ଆଶ୍ରିଛନ୍ତି କିବା ତାପସକୁଳ,
ଗୁରୁ ବିଘ୍ନ ଭାର ମସ୍ତକେ ବହି
ନୀରବେ ନିଷ୍ଠଲେ ଗମ୍ଭୀରେ ରହି
ସତେ କି ଅଛନ୍ତି ଗୃହିଁ,
୨ ସୀତା ଶୀତାତପ— ତପନ-କିରଣ
ସନ୍ତାପ ଶମିବା ପାଇଁ । ୧୭ ।
ପ୍ରିୟଙ୍ଗୁ ମଣ୍ଡିତ ଇଙ୍ଗୁଦୀ ବନ
କାହିଁ ତୋଳିଛନ୍ତି ଶ୍ୟାମ ସଦନ,
୩ ଶ୍ୟାମା ହୋଇ ତହିଁ ନବୀନା ବଧୂ
ତାଳି ଦେଉଅଛି ସୁସ୍ୱର ମଧୁ,
ଇନ୍ଦ୍ର ମାଳେ ପୁର ରଚି
ଇନ୍ଦ୍ରାଦେଶେ କିବା ପୂଜିବାକୁ ଆସି
ସଖୀଙ୍କି ଡାକୁଛି ଶଚୀ । ୧୮ ।
ଉଜ୍ଜ୍ୱଳ ଚିକ୍କଣ ନୀଳ ପତର
ପୁନ୍ନାଗ-କାନନ ଶ୍ୟାମଳତର
ଉଡ଼ି ଉଡ଼ଣାରୁ ଥିଲି କି ଯାଇ,
ଦେଇଥିଲି ସଖୀ-ମନ ରଞ୍ଜାଇ;
ନୀଳାଚଳ ରୂପ ଧରି
ବିଜେ ଅବା ରାମ ଲଭିବାକୁ ସୀତା
ପ୍ରୀତି-ସାଗର-ଲହରୀ । ୧୯ ।
ସଙ୍ଗେ ଘେନି ସଖୀ ସଙ୍ଗିନୀଗଣ
ଉଦ୍ୟାନରେ ଥରେ କଲେ ଭ୍ରମଣ,
୪ ଆର୍ଯ୍ୟାବର୍ତ୍ତ-ଉପରେ କି ଭାଗୀରଥୀ
ଚଳେ ଲଭି ସଖୀ-ବୃନ୍ଦ-ସଙ୍ଗତି !
ଅଳଂକୃତ ହେଲି ପଥ,
ଉପହାସ କରି ଗନ୍ଧର୍ବ-ଯୁବତୀ-
୫ ବିଳସିତ ଚୈତ୍ରରଥ । ୨୦ ।
ତହୁଁ ସର୍ବେ ବହି ତମସା ଜଳ
ପୂର୍ଣ୍ଣି କଲେ ଆଳ-ବାଳ ସକଳ,
୬ ସ୍ୱର୍ଣ୍ଣଦୀ-ସଲିଳ ସ୍ୱର୍ଗ-ସୁନ୍ଦରୀ-
କନ୍ୟାଏ ନନ୍ଦନେ ଢାଳିଲି ପରି;
କି ଅବା ସାଗର-ନୀର
୭ ତୋଳି କାଦମ୍ବିନୀ ପ୍ଲାବି ଦେଇଥାଏ
ଯଥା ବିଷ ଅବନୀର । ୨୧ ।
କଟି-ତଟେ ଭିଡ଼ି ବାସ-ଅଞ୍ଚଳ
ଗତି କରୁଥାନ୍ତି ହୋଇ ଚଞ୍ଚଳ,
ରୁକ୍ଷ-କେଶ ଶିରେ କଳଶ ବହି
ସ୍ୱେଦ ଯାଉଥାଏ ଲଲାଟେ ବହି;
ପୋଛି ଦେଉଥାନ୍ତି କରେ
ମନ୍ଥର-ଗମନା ରାଜନନ୍ଦନାଙ୍କୁ
ଠାକି ଠାକି ଥରେ ଥରେ । ୨୨ ।
ଅନୁକମ୍ପା ଏହି ସମୟେ ଆସି
ବୋଇଲେ ମଧୁର ବାତ୍ସଲ୍ୟେ ଭାଷି,
"ସୀତା ମୋର ଜଳ ବହି ନ ଜାଣେ,
କଷ୍ଟ ହେଉଥିବ କୋମଳ ପ୍ରାଣେ,
ନ କରୁ ଅଧିକ ଶ୍ରମ,
ଉଦ୍ୟାନକୁ ଥରେ ଦେଖିନେଉ ମାତ୍ର
ଆସିଛି ହୋଇ ପ୍ରଥମ । ୨୩ ।
"ଆସ ମା, ଶୀତଳ ଗୁମ୍ଫାକୁ ଆସ,
ବସିବା, ନ କର ଅନ୍ୟ ପ୍ରୟାସ,
କହିଦେବି କିଛି ଆଶ୍ରମ-ରୀତି";
ବୋଲି ଘେନିଗଲେ ଦେଖାଇ ପ୍ରୀତି,
ଅନୁକମ୍ପା ସଙ୍ଗେ ସଖୀ
ବସିଲେ ଗୁମ୍ଫାରେ ଜଳ-ଆନୟନେ
ଲାଗିଲେ ତାପସୀତତି । ୨୪ ।
ଅନୁକମ୍ପା ତହିଁ ବୋଇଲେ, "ସୀତେ,
କାର୍ଯ୍ୟ କରେ ଲୋକ ଶ୍ରଦ୍ଧା ସହିତେ,
ଫୁଲେ ଫୁଲେ ଯଥା ବିଭିନ୍ନ ବାସ,
ଜୀବନେ ଜୀବନେ ଶ୍ରଦ୍ଧା ନିବାସ,

---

୧ । ବିବିକ୍ତ—ନିର୍ଜନ । ୨ । ଶୀତାତପ—ଚନ୍ଦ୍ର । ୩ । ଶ୍ୟାମା—ପକ୍ଷୀବିଶେଷ ।
୪ । ଆର୍ଯ୍ୟାବର୍ତ୍ତ—ହିମାଳୟ ଓ ବିନ୍ଧ୍ୟ ପର୍ବତର ମଧ୍ୟବର୍ତ୍ତୀ ଦେଶ । ୫ । ଚୈତ୍ରରଥ—
କୁବେରଙ୍କର ଉଦ୍ୟାନ । ୬ । ସ୍ୱର୍ଣ୍ଣଦୀ—ସ୍ୱର୍ଗଙ୍ଗା । ୭ । କାଦମ୍ବିନୀ—ମେଘମାଳା ।

ଶରଧା ସ୍ୱଭାବ ବଶୁଁ
ଦଇବୀ ମାନବୀ ଆସୁରୀ ଭେଦରେ
ହୋଇଥାଏ ଫଳପ୍ରସୂ । ୨୫ ।
"ଦମ୍ଭେ ଅହଂକାରେ କାମ-ପୋଷଣେ,
ରାଗେ ଦେହବଳେ ଆତ୍ମା-କର୍ଷଣେ,
ତପ କରିଥାନ୍ତି ଅସୁର ଭାବେ,
ସମ୍ଭବ ନୁହେ ତା' ତୋର ସ୍ୱଭାବେ;
ଦେବ ଦ୍ୱିଜ ଗୁରୁ ବୁଧେ
୧ ଶଉଚ ଆର୍ଜବ ଶ୍ରଦ୍ଧା ସମନ୍ୱୟେ
ପୂଜି ଥାଉ ଚିତ୍ତଶୁଦ୍ଧେ । ୨୬ ।
"ଶାନ୍ତିପ୍ରଦ ସତ୍ୟ ପ୍ରିୟଭାଷଣ
ଜୀବନର ତୋର ପ୍ରିୟଭୂଷଣ,
ମନକୁ ତୋ ଛୁଇଁ ନାହିଁ କପଟ,
ମାୟା କ ପାରିବ ପଶି ନିକଟ ?
ତୋ ରମ୍ୟ ସୌମ୍ୟ ମୂରତି
କହି ଦେଉଅଛି ବିଷୟ ଗହନେ
ନାହିଁ ଆଉ ଅନୁରକ୍ତି । ୨୭ ।
"ଦଇବ ସ୍ୱଭାବେ ତୁ ତପସ୍ୱିନୀ,
ଦର୍ଶନ ମାତ୍ରେ ମୁଁ ପାରୁଛି ଚିହ୍ନି,
ପବିତ୍ର ପ୍ରାଣ ତୋ ଅତି କୋମଳ,
ଘୋର ତପସ୍ୟାର ଦୁର୍ଲଭ ଫଳ,
ପୁଣ୍ୟ ଲତିକାର ଫୁଲ,
ନବ ତାପସୀଙ୍କ ଆଚରିତ ଶ୍ରମ
ନୁହଇ ତା' ଅନୁକୂଳ । ୨୮ ।
"କୁମାରୀମାନଙ୍କ ସଙ୍ଗରେ ରହି
ଜଳ ଆଣୁଥିବୁ ତଟିନୀରେ ବହି,
ତେଜୁଥିବୁ ତାଙ୍କ ଉସାହ ଦୀପ,
ତେଜୁ ନ ଥିବେ ସେ ତୋର ସମୀପ,
ଦେଉଛି ମୁଁ ତାଙ୍କୁ କହି,
ପାନ-ଭୋଜନରେ ଲଜ୍ଜା ନ କରିବୁ
ପିପାସା-ବୁଭୁକ୍ଷା ସହି । ୨୯ ।

୨"କନ୍ୟାମାନେ କେବେ କେବେ
ଆରାମେ
୩ କାଟେଁୟ ଥିଲେ ତୁହି ଥିବୁ ଆରାମେ,
ଯେବେ ଯେଉଁ ଦ୍ରବ୍ୟ ହେବ ତୋ' ମନ,
ଅବଲମ୍ବେ ଦେବେ କୁମାରୀଗଣ,
ନିଜେ ଭ୍ରମି ଉପବନେ
ଇଚ୍ଛାମତ ଫୁଲ- ଫଳ ତୋଳିବାରେ
ଶଙ୍କା ନ ରଖିବୁ ମନେ ।" ୩୦ ।
ଧ୍ୱନ ହୋଇଗଲା ସପ୍ତ ଘଟିକା,
କନ୍ୟାଗଣ ଘେନି ଶୂନ୍ୟ ଘଟିକା
ଅନୁକମ୍ପା ପାଶେ ସ୍ନିଗ୍ଧ ଶରୀରେ
ଜଣ ଜଣ ହୋଇ ବସିଲେ ଧୀରେ,
ପ୍ରଫୁଲ୍ଲ ଧୁସ୍ତୁର ଫୁଲ
ପ୍ରାଶେ ଯଥା ଫଳ- ରାଶି ତହିଁ ପାଶେ
୪ ହିମାକ୍ତ କୁଟ୍ମଳକୁଳ । ୩୧ ।
ତହୁଁ ଉଠି ସର୍ବେ ଦ୍ୱିତୀୟ ସ୍ନାନ
କରି ବାହୁଡ଼ିଲେ ଆବାସସ୍ଥାନ,
ଫଳ ମୂଳ ଯାହା ତାପସଗଣ
ଆଣିଥିଲେ, ସର୍ବେ କଲେ ଭୋଜନ,
ଅଧ୍ୟୟନ ଅଧ୍ୟାପନ —
କରି ସ୍ୱଧର୍ମମତେ ତାପସ ତାପସୀ
ମଧ୍ୟାହ୍ନ କଲେ ଯାପନ । ୩୨ ।
ତାପସ-ତାପସୀ-ସେନେହ-ସୁଖ,
ତଡ଼ିଦେଲା ସଖୀ-ମାନସ-ଦୁଃଖ,
ରାଜ-ସୁଖ ତାଙ୍କ ସ୍ମୃତି-ପଥରେ
ଭ୍ରମରେ ସୁଦ୍ଧା ନ ପଡ଼ିଲା ଥରେ;
ନିର୍ମଳ ହୃଦୟ-ସରେ
ମନୋହର-ରୂପ ରାମ-ରାଜହଂସ
କ୍ରୀଡ଼ୁଥାନ୍ତି ନିରନ୍ତରେ । ୩୩ ।

---

୧ । ଆର୍ଜବ—ଋଜୁତା । ୨ । ଆରାମ—ଉପବନ । ୩ । ଆରାମ—ସ୍ୱାଚ୍ଛନ୍ଦ୍ୟ । ୪ । କୁଟ୍ମଳ — ମୁକୁଳି
ଅର୍ଥାତ୍ କଢ଼ି ।

# ଷଷ୍ଠ ସର୍ଗ

( ଚତୁର୍ଦ୍ଦଶାକ୍ଷର ଛନ୍ଦ )

ଚିତା ସହ ଶଶୀ ଯେବେ ଉଠିଲେ ଗଗନେ,
ବିକଶିତ ହେଲା ନବ-ମାଳିକା ଗହନେ ।
ଧୀରେ ଧୀରେ ଆଶ୍ରମର ମଲ୍ଲୀ-ବଲ୍ଲୀଚୟ,
ପ୍ରଫୁଲ୍ଲ-କୁସୁମ-ପୁଞ୍ଜ ହୋଇଲେ ମୋଦମୟ ।
ମାଧବୀ ବକୁଳ ମଲ୍ଲୀ ନିଆଳୀ ସୁଗନ୍ଧ—
ଭରେ ଗନ୍ଧବହ ଗତି କରି ମନ୍ଦ ମନ୍ଦ,
ତମସା-ପୁଳିନେ ସ୍ୱଚ୍ଛ-ଚନ୍ଦ୍ରମା-କିରଣ
ଆଲିଙ୍ଗି ସ୍ୱଚ୍ଛନ୍ଦେ କରୁଥିଲା ବିଚରଣ ।
ଜାନକୀ କୁଟୀର ପାଶେ ବିବିଧ ଆକାରେ
ଖଣ୍ଡ ଖଣ୍ଡ ଚନ୍ଦ୍ରକର ପାଦପ-ଚ୍ଛାୟାରେ
ଧୀରେ ଧୀରେ ପୂର୍ବଦିଗେ ହୋଇ ଅଗ୍ରସର
ହ୍ରାସ, ବୃଦ୍ଧି, ଲୋପ କରୁଥିଲେ କଳେବର ।
କୁଟୀରୁଁ ଅଳପ ଦୂରେ ଶୀତଭାନୁ କରେ
ବସିଥାନ୍ତି ବଇଦେହୀ ସଜନୀ ସଙ୍ଗରେ ।
ସଖୀ ପାଶେ ଦିଶୁଥିଲା ସୁଧାଂଶୁ କିରଣ
ସଖୀ ଅଙ୍ଗୁ ହେଉଅଛି ଯେହ୍ନେ ବିକିରଣ ।
ଖଦ୍ୟୋତ ଦିଓଟି ଆସି ଗୋଟିଏ ପତ୍ରର
କାନ୍ତି କରୁଥାନ୍ତି ଚନ୍ଦ୍ରଠାରୁ ମଞ୍ଜୁତର ।
ଚାହିଁ ତାଙ୍କୁ ବୋଲୁଥାନ୍ତି ସଖୀ ମନେ ମନେ,
"ଧନ୍ୟରେ ଖଦ୍ୟୋତତୋ!ତୁମ୍ଭେପତଙ୍ଗଜୀବନେ !
ଅଛନ୍ତି ଜଗତେ ଜୀବ ତୁମ୍ଭଠାରୁ ବଳି,
ଅଛି କେବେ ଆଉ କାହା କାନ୍ତି ତୁମ୍ଭ ଭଳି ?
ବଡ଼ ଭାଗ୍ୟ ପାଇଥିଲ ବିଶ୍ୱପତି-ବର,
ତେଣୁ ତୁମ୍ଭ ଦ୍ୟୁତି ଲୋକ-ନେତ୍ର-ପ୍ରୀତିକର ।"
ଏ ସମୟେ ଶ୍ରୁତ ହେଲା ଚକ୍ରବାକ ସ୍ୱନ,
ମୁହୁର୍ମୁହୁଃ ହେଉଅଛି କରୁଣାବର୍ଷଣ ।
କରୁଣା-ସଲିଳ ସଖୀ-ନୟନ-ସରିତ—
କପୋଳ-କୂଳକୁ ବଳି ହେଲା ପ୍ରସାରିତ ।

ଚାହିଁଲେ ଜାନକୀ କରି ସଖୀଙ୍କି ଗୋପନ,
ଅଞ୍ଚଳେ ପରମ ଛଳେ ପୋଛିଲେ ଲୋଚନ ।
ଜାଣି ସଖୀ ପଚାରିଲା, "କହ ତ ସୁଶୀଳେ !
କିପାଁ ଚକ୍ରବାକ ରାବେ ରଜନୀ ଆସିଲେ ?
ଥାନ୍ତି କି ଏ ବିହଙ୍ଗମ ନଗର ଭିତରେ ?
ରାବନ୍ତି କି ତହିଁ ମଧ୍ୟରାତ୍ରିରେ କାତରେ ?
ରାବନ୍ତି ଯଦ୍ୟପି ତାହା ନାଗରିକ ଜନେ,
ଆକର୍ଣ୍ଣନ କରି କିସ ଭାବୁଥାନ୍ତି ମନେ ?"
ଶୁଣି ସଖୀ ନ ପାରିଲେ ସମ୍ଭାଳି ଲୋତକ,
କଣ୍ଠ-ସ୍ୱର ହେଲା ତହିଁ ବଚନ-ରୋଧକ ।
ତା' ଚାହିଁ କହିଲା ସଖୀ, "ଛାଡ଼ ସେହି କଥା,
ଚପଳୀ ମୋ କ୍ଷମାକର, ବୃଥା ଦେଲି ବ୍ୟଥା ।"-
ବୋଇଲେ ଜାନକୀ, "ସଖି, ଆତ୍ମପରିଚୟ
ନ ଦେଇ ପରାଣ ମୋର ହେଉଛି ଅଥୟ ।
ଭରସା କରିଛିଁ, ମୋର ଅନ୍ତିମ ଜୀବନ,
ତୁମ୍ଭ ସହକାରେ ଏଥି କରିବି ଯାପନ ।
ନ କହିବି ନିଜ କଥା ଯଦି ତୁମ୍ଭ ପାଶ,
କରିବ କିରୂପେ ତୁମ୍ଭେ ମୋ ପ୍ରତି ବିଶ୍ୱାସ ?
କହିଦେଲେ ଲଘୁ ହେବ ମୋର ଦୁଃଖ ଭାର,
ବୁଝିବ ତହିଁରେ ତୁମ୍ଭେ କିପରି ସଂସାର ।
ମୁଁ ରାଜନନ୍ଦିନୀ ସଖି, ସମ୍ପଦର କୋଳେ
ବଢ଼ିଲି ରାଜେନ୍ଦ୍ର-ପୁରେ ମଧୁମୟ କୋଳେ ।
ମରାଳ ମୟୂର ପିକ ଶୁକ ଶାରୀ ସ୍ୱର—
କରୁଥାଏ ରାଜପୁର ମଧୁର ମୁଖର ।
ରାବୁଥାଏ ଚକ୍ରବାକ ରଜନୀ ସମୟେ,
ନୋହୁଥିଲା ଦୁଃଖ ତହିଁ ମୋ ବାଲ୍ୟ-ହୃଦୟେ ।
ଶୈଶବାନ୍ତେ ହେଲା ସଖି ଯେବେ ମୋ ଯୌବନ
ଦେଖିଲି ଆସିଲେ ଦେଶୁଁ ଦେଶୁଁ ରାଜାଗଣ ।

ରତ୍ନମୟ ଧନୁଟିଏ ଜନକ ମୋହର
ରଖିଥାନ୍ତି, ଦିଶୁଥାଏ ଅତି ମନୋହର ।
ଜଣେ ଜଣେ ହୋଇ ଧନୁ ଧରି ନୃପଗଣ
ଟାଣି ଥରେ କରୁଥାନ୍ତି ଆସନ ଗ୍ରହଣ ।
ରତନ-କିରୀଟେ ଢାଙ୍କି ଧବଳ କୁନ୍ତଳ
କେତେ ନରପତି ତହିଁ ଦେଖାଇଲେ ବଳ ।
କେତେ ବା ଯୁବକ ନୃପ-କିଶୋରକେଶରୀ-
ଠାଣି ଧରି ଧନୁ ଛୁଇଁ ଗଲେ ଅପସରି ।
ସଦର୍ପ ଗମନ ତାଙ୍କ ନିଷ୍ଫଳ ସାହସ
ଚାହିଁ ସଖି, ସେତେବେଳେ ମାଡୁଥାଏ ହସ ।
ପ୍ରାସାଦ ଉପରେ ରହି ବହି କୁତୂହଳ
ସଖୀଙ୍କ ସହିତ ଦେଖୁଥାଏଁ ସେ ସକଳ ।
ଶେଷେ ଜଣେ କ୍ଷତ୍ରିକୁଳ-ଚୂଳ-ଆଭରଣ
ମରକତ-ବର-କାନ୍ତି-ଗଞ୍ଜନ-ବରଣ,
ଧନୁ ସନ୍ନିଧାନେ ଆସି ହେଲେ ଶୋଭାକର,
ସତେ ଯେହ୍ନେ ରାଜପୁତ୍ର ରୂପେ ଦିବାକର ।
ଚାହିଁ ତାଙ୍କୁ ହୃଦ ମୋର ସ୍ୱତଃ ହେଲା ଦ୍ରବ,
ତାପସୀ-ଜୀବନେ ନାହିଁ ସେହି ଅନୁଭବ ।
ନୃପବୃନ୍ଦେ କରିଥିଲ କେତେ ଉପହାସ,
ସବୁ ଚପଳତା ଜବେ ହୋଇଗଲା ହ୍ରାସ ।
ସେପରି ସୁନ୍ଦର ରୂପ ପାଇବ ନୟନ,
କେବେ ତ ସଜନ, ଭାବି ନ ଥିଲା ମୋ ମନ ।
ଭକ୍ତି-ପ୍ରୀତି ସହିତ ମୋ ନିର୍ମଳ ହୃଦୟ
ବିନୟେ ବାନ୍ଧିଲା ତାଙ୍କ ରଙ୍ଗ ପଦଦ୍ୱୟ ।
ଯେ ଭାଙ୍ଗିବ ଧନୁ ତାକୁ ମୋ କର ଅର୍ପଣ,
କରିବାକୁ ପିତା ମୋର କରିଥିଲେ ପଣ ।
ମୁଁ ଭାବିଲି, ସେହିଦିନ ପଣ ହେଲା ଶେଷ,
ତପସ୍ୱିନୀ ହେବି ନେଇ ପିତାଙ୍କ ଆଦେଶ ।
କେ ଭାଙ୍ଗିବ ଧନୁ, ତାହା କି ଅଛି ନିଶ୍ଚୟ ?
ଏ ବୀରେନ୍ଦ୍ର ନେଲେଣି ମୋ ମନ କରି ଜୟ ।
ମନ ଥିବ ଏଙ୍କେ, ଅନ୍ୟ ହେବ ଯେବେ ପତି,
ଜୀବନେ ମରଣେ ହେବ ଭୀଷଣ ଦୁର୍ଗତି ।
କମନୀୟ କର ଯାର ପୁଷ୍ପଧନୁପାତ୍ର,
ଏ ଧନୁ ଧରିବା ତାଙ୍କ ଅପମାନ ମାତ୍ର ।
ମୋହ ଭାଗ୍ୟବଳେ ବୀର ସେ ଦୁର୍ଦ୍ଧର ଚାପ
ସଙ୍ଗେ ସଙ୍ଗେ ଭାଙ୍ଗିଦେଲେ ମୋ ହୃଦ-ସନ୍ତାପ
ବୀରେନ୍ଦ୍ର ସହିତ ହେଲା ମୋର ପରିଣୟ,
ଧନ୍ୟ ହେଲି ଲଭି ତାଙ୍କ ସ୍ୱର୍ଗୀୟ ପ୍ରଣୟ ।
ଅନୁଜ ତ୍ରିତୟ ଥିଲେ ବୀରମଣିଙ୍କର,
ଧରିଲେ ମୋହର ତିନି ଭଗିନୀଙ୍କ କର ।
ପିତୃପୁରୁ ପତିପୁର ଗମନ ପଥରେ
ତେଜୋମୟ ଧନୁଟିଏ ପୁଣି କାନ୍ତକରେ
କ୍ଷତ୍ରିୟକୁଳର କେତୁ ଭାର୍ଗବପ୍ରବର
ଅର୍ପିବାର ଦେଖି ମୋର ମନେ ହେଲା ଡର ।
ପୁଣି ବା ଲଭିବେ କାନ୍ତ ତେଜୋମୟୀ ନାରୀ,
ହେବ ଅବା ମୋହର ସେ ପ୍ରଣୟ-ଭାଗାରି ।
ଚଢ଼ାନ୍ତେ ମୋ କାନ୍ତ ସେହି ଶରାସନେ ଶର,
ଭାର୍ଗବ ବୀରଶ୍ରୀ ତାଙ୍କୁ ବରିଲା ସତ୍ୱର ।
ପଦ୍ମିନୀର ପ୍ରୀତି ଯଥା ଦ୍ୟୁମଣି-ଆଧୃତ,
ସେ ବୀରଶ୍ରୀ ବଢ଼ାଇଲା ମୋ ହୃଦୟ-ପ୍ରୀତି ।
ଭାବିଥାଏ ମନ ଏକ, ଫଳ ହୁଏ ଆନ,
ବୁଝି ନୁହେ ସଖି, ଭବେ ବିଧିର ବିଧାନ ।
ତେଜୋମୟୀ ବୀର-ବାନା ଉଡ଼ାଇ ଗଗନେ
ବିଜେ କଲେ ବୀରବର ପ୍ରଫୁଲ୍ଲିତ ମନେ ।
ସମ୍ପଦର ବନ ମୋର ଶ୍ୱଶୁର-ନିଳୟ,
ପ୍ରବେଶନ୍ତେ ତହିଁ ଶୁଭ-ସମ୍ବାଦ-ମଳୟ,
ଶୋଭି ବୃକ୍ଷେ ଫୁଟିଗଲା ଆନନ୍ଦ-ସୁମନ,
ପ୍ରଭାର ପଲ୍ଲବ ହରିନେଲା ଜନମନ ।
ନବ ପରିଣୀତ ବୀରଭ୍ରାତା ଚତୁଷ୍ଟୟ
ରତନ ଭୂଷଣଚୟେ ହୋଇ ଦୀପ୍ତିମୟ,
ତହିଁରୁ ଅଧିକେ ସାଜି ବଧୂଙ୍କର ବେଶ
ମହୋଲ୍ଲାସେ ହେଲେ ସେହି ଭବନେ ପ୍ରବେଶ
ବୃଦ୍ଧା ଏକ ଥିଲା ସଖି, ସେ ରାଜଭବନେ,
ସେକାଳେ ବୋଇଲା ହର୍ଷବର୍ଷଣ ବଚନେ,
ଋକ୍ଷରାଜ ବିଭାଜିତ ଚୌଦିଗ-ଗଗନ
ମଣ୍ଡଳେ ବିରାଜି ଆଜି ରାଜେନ୍ଦ୍ର ସଦନ ।
ଦେଖିଲି ମୋ ଭଗିନୀଙ୍କ ବଦନମଣ୍ଡଳ
ହୋଇଥିଲା ନବ ପ୍ରେମ-ମନ୍ଦାକ୍ଷେ ପାଟଳ ।

ଉପୁଜି ତହିଁରେ ନବ ଧର୍ମକଣାଚୟ
ରତନଜ୍ୟୋତିରେ ହୋଇଗଲା ଜ୍ୟୋତିର୍ମୟ ।
ତୋ ସ୍ନିଗ୍ଧ ଲଲାଟେ ଆଜି ସୁଧାଂଶୁକିରଣ
ଦେଖି ସଖି, ହେଉଅଛି ସେକଥା ସ୍ମରଣ ।
ସ୍ୱର୍ଗର ସମ୍ପଦ ଯାହା କହିଥାନ୍ତି ଜନେ,
ଶ୍ରୁତି-ସତ୍ୟ ମଣି ତାକୁ ଲୋଭ ହୁଏ ମନେ ।
ସ୍ୱର୍ଗଲୋକେ ରାଜା ତେଜି ରାଜସିଂହାସନ,
ତପକରେ ବନେ କରି ଫଳମୂଳାଶନ ।
ମୁଁ ଯାହା ଦେଖିଲି ସଖି, ଶ୍ୱଶୁରଙ୍କ ଘରେ,
ଲଭିଲ ନ ଥିବ ତାହା ସୁରେନ୍ଦ୍ର-ନଗରେ ।
ଶ୍ୱଶୁର ଶାଶୁଙ୍କ ସ୍ନେହ, ସ୍ୱାମୀଙ୍କ ପିରତି
ତୁଚ୍ଛଜ୍ଞାନ କରାଇଲା ମୋତେ ସ୍ୱର୍ଗ ପ୍ରତି ।
କେତେ ହେଲା ନବ ନବ ମହୋତ୍ସବମାନ,
ଜଗତେ ତା ହୁଏ ବୋଲି ନ ଥିଲା ମୋ ଜ୍ଞାନ ।
ପତି-ପ୍ରୀତି-ରତ୍ନ ରାଜ-ଭବନ-ରତନ—
ଆଲୋକ ସୁଖରେ କଲି କାଳ କରତନ ।
ଶୁଣିବାକୁ ତହିଁ ପାନ ଚକ୍ରବାକ ସ୍ୱର
ଥିଲା ନାହିଁ ରାତ୍ରିଦିନ ମୋତେ ଅବସର ।
ଚାଲିଗଲା ସେହିରୂପେ ଦ୍ୱାଦଶ ବତ୍ସର,
ବାର ଦିନ ପରି ହେଲା ମୋ ମନେ ଗୋଚର ।
ଦିନେ କାନ୍ତ ଆସିମୋତେବୋଇଲେସହାସେ,
'ବାନ୍ଧବ, ରହିବା ଆଜି ରାତ୍ରି ଅଧିବାସେ ।
କରିବାର ଆଶେ ତୋତେ ହୃଦ-ଆଭରଣ
ରାଜଲକ୍ଷ୍ମୀ କାଲି ମୋତେ କରିବେ ବରଣ ।'
ମୁଁ ବୋଇଲି, 'ନାଥ, ତୁମ୍ଭ ଦିବ୍ୟ ଅନୁରାଗ
ପୂର୍ଣ୍ଣଥିଲା ମୋଠାରେ ଯା ନହେବ ତ ଭାଗ ?'
ସେବୋଇଲେ, 'ସ୍ୱାଭାବିକହେଲେହେଁସେକଥା,
ସପ୍ତ-ପଦେ ନତ ହୁଏ ରାଜଲକ୍ଷ୍ମୀ-ମଥା ।'
ସାଗର-ସଲିଳ ଉଠି ଘନ ହୁଏ ନଭେ,
ଲୋକହିତ ସାଧି ପଶେ ସାଗର-ଗରଭେ ।
ମଙ୍ଗଳବିଧିରେ ସେହି ରାତ୍ରି ହେଲା ଶେଷ,
ମଙ୍ଗଳବାଜଣା ପ୍ରାତେ ଶୁଭିଲା ବିଶେଷ ।
ସଚିବ ସହିତ କାନ୍ତ ଗଲେ ପିତା ପାଶେ,
ଲେଉଟିବୋଇଲେମୋତେ ଦୁଃଖଭରି ଭାଷେ,
'ଜୀବନସଙ୍ଗିନି ! ରଖି ତୋ ପାଶେ ଜୀବନ,
ପିତାଙ୍କ ଆଦେଶେ ଆଜି ଯାଉଅଛି ବନ ।
ଯୁବରାଜ ହେବେ ପ୍ରିୟ ଭାଇ ମୋ ଭରତ,
ରାଜଲକ୍ଷ୍ମୀ ହେଲେ ତାଙ୍କ ପ୍ରଣୟରେ ରତ ।
ନ ରଖି ମାନିନି, ନିଜ ଜ୍ୟେଷ୍ଠା ଅଭିମାନ
ଭରତେ କରିବୁ ରାଜ-ମାନ୍ୟରେ ସମ୍ମାନ ।'
ଦେଖିଲି ମୁଁ ସ୍ୱାମୀଙ୍କର ବଦନମଣ୍ଡଳ
ଦିଶୁଥିଲା ପୂର୍ବପରି ଶାନ୍ତିରେ ଉଜ୍ଜ୍ୱଳ ।
ହେଉଥାଏ ମନ ବନ-ଗମନେ ଚଞ୍ଚଳ,
କିନ୍ତୁ ଯେହ୍ନେ ମୋହ ପାଇଁ ହୃଦୟ ବିକଳ ।
ସ୍ୱାମୀଙ୍କ ବଚନ ମଣିଥାନ୍ତି ପରିହାସ,
ଉଠିଗଲା ଚଉଦିଗେ ବେଦନ-ଉଚ୍ଛ୍ୱାସ ।
ହାହାକାର-ରବେ ହେଲା ନଗର କମ୍ପନ,
ବିସ୍ମୟେ ଭାବିଲି, ଏ କି ଅଦ୍ଭୁତ ସ୍ୱପନ ।
ଚକିତେ ବୋଇଲି, 'ନାଥ ତୁମ୍ଭେ ଗଲେ ବନ
ରାଜପୁରେ ଏ ଦାସୀର କିସ ପ୍ରୟୋଜନ ?
ହୋଇଥାନ୍ତି ରାଜରାଣୀ ହେବି ଭିକାରିଣୀ,
ଶ୍ରୀପଦ ସେବିବି ହୋଇ କାନନ-ଗୃହିଣୀ ।
ଶ୍ରୀଚରଣେ ମତି ମୋର ଶ୍ରୀଚରଣେ ଗତି,
ତୁମ୍ଭ ବିନା ନ ବାଞ୍ଛଇ ସ୍ୱରଗ-ସମ୍ପତ୍ତି ।
ତୁମ୍ଭ ପ୍ରିୟ ଅବରଜ ଯୁବରାଜ ହେବେ;
ହସି ହସି ବନଗାମୀ ତୁମ୍ଭେ ହେବ ଯେବେ
ଯୁବରାଜ୍ଞୀ ହେବ ମୋର ମାଣ୍ଡବୀ ଭଗିନୀ,
ମୁଁ କିପାଁ ନ ହେବି ତୁମ୍ଭ ପଦାଙ୍କଗାମିନୀ ?
ସେ ସୁଖୁ ବଞ୍ଚିତା ହେଲେ ନ ବଞ୍ଚିବ ସୀତା,
ପ୍ରଭୁପାଦ-ସେବା ବିନା ବିଶ୍ୱ ତାକୁ ତିତା ।'
ଯା' କିଛି ବିଷାଦ ଥିଲା ସ୍ୱାମୀଙ୍କର ମନେ,
ଦୂର ହୋଇଗଲା ଜବେ ମୋର ସେ ବଚନେ ।
ପିତା ମାତା ଭ୍ରାତା ବନ୍ଧୁ ଭୃତ୍ୟ ପରିଜନ
ତେଜି କାନ୍ତ ମୋତେ ସଙ୍ଗେଘେନିଗଲେ ବନ ।
କେବଳ ଲକ୍ଷ୍ମଣ ନାମେ ଥିଲେ ମୋ ଦେବର
ହେଲେ ସ୍ୱାମୀଙ୍କର ବନବାସ-ସହଚର ।
ଫିଙ୍ଗିଦେଇ ରାଜସୁଖ ବିସ୍ମୃତିର ନଦେ
ଭ୍ରମିଲୁଁ ଗହନ ଗିରି ନବୀନ ଆନନ୍ଦେ ।

ସଖୀରୂପେ ପାଇ ବନେ ମୁନିକନ୍ୟାଗଣ,
ତାଙ୍କ ସ୍ନେହ-ସୁଖ-ଜଳେ ହେଲି ନିମଗନ ।
ଅନେକ ଦିବସ ଥିଲୁଁ ପଞ୍ଚବଟୀ ବନେ,
ଗୋଦାବରୀ-ପୂତ-ତଟେ ପ୍ରଫୁଲ୍ଲ ଜୀବନେ ।
ନିଶାନ୍ତେ ପବନ ବନ-ପୁଷ୍ପବାସ ହରି
ମନ୍ଦ ମନ୍ଦ ଆସି ଦିଏ କୁଟୀରକୁ ଭରି ।
ଶ୍ରବଣ-କୁହରେ ଢାଳେ ମନୋରମ ସ୍ୱର
ରାଜ-ବୈତାଳିକ ରୂପେ ଆସି ପିକବର ।
ମୟୂର ମୟୂରୀ ହୋଇ ନୃତ୍ୟପରାୟଣ
ମଣ୍ଡନ୍ତି ପ୍ରଭାତେ ମୋର କୁଟୀର-ପ୍ରାଙ୍ଗଣ ।
ଆସିଥାନ୍ତି କଉତୁକେ ମୃଗଶିଶୁଗଣ
କରିବାକୁ ମୋହ କରୁଁ ନୀବାର ଭକ୍ଷଣ ।
ଜନନୀର କୋଳ ତେଜି କଳଭ କଳଭୀ
ଖେଳନ୍ତି ମୋପାଶେ ମୋର କରୁଁ ଖାଦ୍ୟଲଭି ।
ବିବିଧ କୁସୁମେ ଗୁନ୍ଥି ମନୋହର ହାର ।
ଦେଉଥାଏଁ କାନ୍ତଗଳେ ପ୍ରୀତି-ଉପହାର ,
କୌତୁକେ କୁସୁମେ କାନ୍ତ ମଣ୍ଡି ମୋରବେଣୀ
ଭ୍ରମନ୍ତି କୁସୁମବନେ ସଙ୍ଗେ ମୋତେ ଘେନି ।
ବୋଲୁଥାନ୍ତି, 'ସଖି, ତୁ ମୋ' ପ୍ରଣୟ-ପ୍ରତିମା,
ପ୍ରାଣର ସଙ୍ଗିନୀ ସ୍ୱର୍ଗ-ସୁଖର ଗରିମା ।
ମୁଁ ବୋଲେଁ,'ପ୍ରାଣେଶ,ତୁମ୍ଭପ୍ରେମ ଅଧିକାର
ସଙ୍ଗେ ନୁହେ ତୁଳନୀୟ ସ୍ୱର୍ଗ-ସୁଖ ଛାର ।'
ଦିନେ ଫୁଲେ ଚନ୍ଦ୍ରାତପ ଫୁଲମୟ ସ୍ତମ୍ଭ
ସିଂହାସନ ରଚି ଖଚି କୁସୁମ କଦମ୍ବ
ଫୁଲମୟ ଛତ୍ର କରି ଫୁଲର ଚାମର
ବିଚିତ୍ର ବ୍ୟଜନ ଫୁଲେ କରି ଶୋଭାକର
କେତକୀଦଳରେ କଲି କିରୀଟ ନିର୍ମାଣ
ଖଚି ରତ୍ନରୂପେ ରମ୍ୟ ରମ୍ୟ ଫୁଲମାନ;
ବିନୟେ ବୋଇଲି, 'ନାଥ, ପୂଜିବ ପୟୂର,
କୃପା ବହି ସିଂହାସନେ ଥରେ ବିଜେକର ।"
ସସ୍ମିତେ ବୋଇଲେମୋତେ କାନ୍ତ ମହାମନା,
'ରାଜ-ଉପଚାର ସଖି, ଅଛି ମୋତେ ମନା ।
ତୋତେ ମୁଁ କରିବି ଆଜି ବନ-ଫୁଲେଶ୍ୱରୀ'
ବୋଲି ଫୁଲ ସଜାଇଲେ ବଳେ କର ଧରି
ତାଙ୍କ ଗୁଣ ଭ୍ରଷେ ଖଣ୍ଡି ମୋହର ଆପତ୍ତି
ଅଗ୍ରେ ଉଭା ହୋଇ ଦୃଷ୍ଟି ଦେଲେ ମୋର ପ୍ରତି
ମନ୍ଦାକ୍ଷରେ ନେତ୍ର ମୋର ହେଲା ନିମୀଳିତ
ରହିଲି ସେ ପୁଷ୍ପାସନେ ହୋଇ ବିବ୍ରତ ।
ଆନନ୍ଦେ ବୋଇଲେ କାନ୍ତ ରସିକକେଶରୀ,
'କରୁଣା କଟାକ୍ଷପାତ କର ଫୁଲେଶ୍ୱରି !"
ହରଷପ୍ରଫୁଲ୍ଲ ମୁଖ ଅନାଇ ତାଙ୍କର
ବୋଇଲି,'ଅବିଧି ହେଲା ବିବେକଶେଖର !
ନୁହଇ ଯା' ପ୍ରଭୁପଦ-ଅର୍ଚ୍ଚନାର ଯୋଗ୍ୟ
କେବେକି ତାହୋଇଥାଏ ଦାସୀଙ୍କର ଭୋଗ୍ୟ ?'
ସେ ବୋଇଲେ, 'ପ୍ରଣୟିନୀ ପ୍ରଣୟୀର ଚିତ୍ତ
ବଢ଼ାଇ ଏକର ମାନ ଅନ୍ୟ ଲଭେ ପ୍ରୀତି ।'
ସ୍ୱାମୀଙ୍କ ବଦନୁ ତାଙ୍କ ପ୍ରୀତି କଥା ଶୁଣି
ନିଜ ଭାଗ୍ୟ ଧନ୍ୟ ମଣି ମୁଦେ ହେଲି ତୁନି ।
ସନ୍ଧ୍ୟା ହେଲା କ୍ରମେ ନଭେ ହେଲେ ସୁଧାକର
ବିହରିଲେ କାନ୍ତ ବନେ ଧରି ମୋର କର ।
କରିବାକୁ ପୁଣି ମୋର ମାନସ ରଞ୍ଜନ
କରୁଥିଲେ ବନବାସ ସୁଖର ବର୍ଣ୍ଣନ ।
ସେକାଳେ ଅଦୂରେ ଶୁଣି ଚକ୍ରବାକ-ସ୍ୱନ
ସହସା ପ୍ରାଣେଶ କଲେ ମୋ ମୁଖ ଚୁମ୍ବନ ।
କଉତୁକେ ପଚାରନ୍ତେ ତହିଁର କାରଣ,
ସେ ଯାହା କହିଲେ ଏବେ ହେଉଛି ସ୍ମରଣ ।
ବୋଇଲେ,'ପ୍ରେୟସି, ଏହି କାନ୍ତାବିରହିତ,
ଚକ୍ରବାକ ଦୁଃଖାନଳେ ହେଉଛି ଦହିତ ।
ଦିନଯାକ ଥାଏ ପ୍ରିୟା ସଙ୍ଗସୁଖେ ସିକ୍ତ,
ତା' ବିନା ମଣୁଛି ଏବେ ଜୀବନକୁ ତିକ୍ତ ।
ତୁ ନ ଥାନ୍ତୁ ଯଦି ମୋର ବନ-ସହଚରୀ
ଦୁଃଖେ ଦଗ୍ଧ ହେଉଥାନ୍ତି ବିପିନେ ବିଚରି ।
ଯାହା ଯାହା ବୋଲୁଅଛୁଁ ବନବାସ ସୁଖ,
ସେ ସକଳ କରୁଥାନ୍ତେ ମୋ ଜୀବନ ଶୁଷ୍କ ।
କାନ୍ତା ବିନା କାନ୍ତ-ପ୍ରାଣ ସ୍ୱଭାବେ ବିକଳ,
ବିକଳ ଜୀବନ ମଣେ ଜଗତ ବିଫଳ ।
ଭାସୁଥାଏ ଜୀବ ଯଦି ସଂସାର-ସାଗରେ,
ତରିବା ଭରସା ଥାଏ ବନିତା-ନାବରେ ।'

ନ ଥିଲା ମୋ' ଅନୁଭବ ବିରହ-ବେଦନେ,
ତା' ଶୁଣି ହସିଲି ଲଜ୍ଜାବନତ ବଦନେ ।
ହାୟ ! କେତେ କାଳ ପରେ ସେ ଘୋର କଷଣ
ଜୀବନେ ମୋ' ଅଧିକାର କଲା ଷୋଳପଣ ।
ଭୁକ୍ତଭୋଗୀ କରେ ପର ଦୁଃଖ ଅନୁଭବ,
ଅଶ୍ରୁ ଆଜ ବୁହାଇଲା ମୋ' ରଥାଙ୍ଗରବ ।"
ତାପସୀ ବୋଇଲେ, "ସଖି, ବୁଝିଲି ନିଶ୍ଚୟ,
ତବ କାନ୍ତ-ହୃଦ-ପ୍ରେମ-ପୀୟୂଷ-ନିଳୟ ।
କାନ୍ଦୁଥିବେ ନରମଣି ଚକ୍ରବାକ ପରି,
ପାହୁଥାଉ ବେଗେ ତୁମ୍ଭ ବିପଦ-ଶର୍ବରୀ ।
ସୁନାର ସଂସାର ହୋଇଅଛି ଛାରଖାର,
କାହିଁକି ଘଟିଲା ଏହି ଘୋର ଦୁର୍ବିଗୃର ?
କରିଥିଲେ ରାଜା ଯାକୁ ଜୀବନର ଧନ,
କେମନ୍ତେ ବଳିଲା ତାଙ୍କୁ ଛାଡ଼ିବାକୁ ମନ !
ବିଧି ବିଚାରକୁ ଧିକ, କାହିଁ କଲା କିସ,
ଅମୃତ ଉପରେ ଆଣି ଢାଳିଦେଲା ବିଷ ।"

# ସପ୍ତମ ସର୍ଗ

( ରାଗ କଳହଂସ କେଦାର )

ବୋଇଲେ ସତୀ, "ସଖି, ମୋ' ଦୁର୍ବିପାକ
ଘଟାଇଅଛି ଏକା ମୋ ଦୁଃଖପାକ;
ମୋ' କର୍ମ ପାଇଁ ଦୋଷୀ ନୁହନ୍ତି ବିଧି,
କାନ୍ତ ତ ସ୍ୱଭାବେ ମୋ କରୁଣା-ନିଧି ଗୋ !
କାନ୍ତ ବିଚ୍ଛେଦେ ରହିପାରେ ଜୀବନ,
ଏମନ୍ତ କ୍ଷଣେ ଭାବି ନ ଥିଲା ମନ;
ସହିଲି ସହି, ଘୋର ଦୁଃସହ ଦୁଃଖ
ଦେଖିବି ବୋଲି ଏକା ସ୍ୱାମୀ-ଶ୍ରୀମୁଖ ଗୋ !
ସେକାଳେ ଆଶା ମୋର କର୍ଣ୍ଣକୁହରେ
ଆଶ୍ୱାସ-ମନ୍ତ୍ର ଦେଇ ମୁମୂର୍ଷା ହରେ,
ଏବେ ସେ ଆଶା ନିଜେ ଯାଇଛି ମରି,
ଦଗ୍‌ଧ ହେଉଛି ପ୍ରାଣ ତାହାକୁ ସ୍ମରି ଗୋ !"
ସଖୀ ବୋଇଲେ, "ସଖି, ବୁଝିଲି ନାହିଁ,
କେମନ୍ତେ ଥିଲା ଆଶା ମଲା କିପାଇଁ ?
ତୋ ପରି ସାଧ୍ୱୀ ପାଇ ଦାରୁଣ ବ୍ୟଥା,
ନ ନିନ୍ଦୁ ବିଧି, ଏ ତ ବିଚିତ୍ର କଥା ଗୋ !"
ବୋଇଲେ ସତୀ, "ମୋର ଦୁଃଖ-କାହାଣୀ
ଶୁଣି ସଜନି, ସବୁ ପାରିବୁ ଜାଣି ।
ଯେମନ୍ତେ ଆମନ୍ତ୍ରିଲା ଘୋର କଷଣ,
ଯେମନ୍ତେ ଆଶାର ମୋ ହେଲା ମରଣ ଗୋ !
ପଞ୍ଚବଟୀରେ ଦିନେ କୁଟୀର ପାଶେ
ଖେଳିଲା ସ୍ୱର୍ଣ୍ଣମୃଗ ଏକ ଉଲ୍ଲାସେ,
ଚିକ୍‌କଣ ଗୃରୁ ତାର ଚର୍ଚ୍ଚିତ ଅଙ୍ଗ
ଝଳିଲା ଲଭି ରବି-କିରଣ-ସଙ୍ଗ ଗୋ !
ହେମାଙ୍ଗେ ଚନ୍ଦ୍ରବିନ୍ଦୁଚୟର କାନ୍ତି
ନେତ୍ରେ ଆଣିଲା ମୋର ରତନଭ୍ରାନ୍ତି,
ସେ କାନ୍ତି ମୃଗ ଦେଖି ନ ଥିଲି ଦିନେ
ନଗରେ, ରାଜପୁରେ ଅବା ବିପିନେ ଗୋ !
ଭାବିଲି, ବାହୁଡ଼ିବି ଯେବେ ନଗରେ
ସୁଗୃରୁ ମୃଗଟିକି ନେବି ସଙ୍ଗରେ,
ଚକିତ କରାଇବି ପୁରବାସୀଙ୍କି
ତା ସଙ୍ଗେ ବର୍ଣ୍ଣି ବନଶୋଭାରାଶିକି ଗୋ !
ଆହାର ଦେଖାଇଲି ଧରିବା ଆଶେ,
ଚମକି ମୃଗବର ପାଶେ ନ ଆସେ,
ମନ ଲୋଭାଇ ମୋର ନେତ୍ର ରଞ୍ଜାଇ
ପଶିଲା ବାରମ୍ବାର ବିପିନେ ଯାଇ ଗୋ !
ତା' ପାଇଁ ବ୍ୟସ୍ତ ହେବା ଦେଖି ମୋ ମନ,
କାନ୍ତ ବୋଇଲେ ସ୍ନେହ ବହି ବଦନ,
'ସୁନ୍ଦର ମୃଗଟିକୁ ଆଣି ମୁଁ ତୂର୍ଣ୍ଣ
ସଖି, ତୋ କୁତୂହଳ କରିବି ପୂର୍ଣ୍ଣ ଗୋ !'

ଧନୁ ଆଶୁଗ ଧରି ଆଶୁ ଗମନେ
ଚଳିଲେ କାନ୍ତ ତାର ଅନୁଧାବନେ,
ମୃଗାନୁସାରୀ କାନ୍ତ ଅତି ସତ୍ୱର
ଦୃଷ୍ଟି-ସୀମାରୁ ମୋର ହେଲେ ଅନ୍ତର ଗୋ !
ଶୁଭିଲା ବନ ମଧ୍ୟେ "ରଖ ଲକ୍ଷ୍ମଣ",
ସେ ଡାକେ ବିଚଳିତ ହେଲା ମୋ ମନ;
ମନ ସହିତ ତହିଁ ଦେଲି ଶ୍ରବଣ ।
ପୁଣି ଉଠିଲା ରବ "ରଖ ଲକ୍ଷ୍ମଣ" ଗୋ !
ଲକ୍ଷ୍ମଣ ବୀର ଥିଲେ ମୋର ନିକଟ,
ବୋଇଲି, 'ଦେଖ ବତ୍ସ, ହେଲା ସଙ୍କଟ ।'
ବୋଇଲେ କରିବାକୁ ମୋ ମନ ଥୟ,
'ରାଘବୀ ଭାଷା ନୁହେ ନ କର ଭୟ ଗୋ !'
ବୀର ସ୍ୱଭାବ ସଖି, ବୁଝନ୍ତି ବୀର,
ଦେଖିଲି ଲକ୍ଷ୍ମଣଙ୍କୁ ଧୀର ଗମ୍ଭୀର ।
ନାରୀ-ହୃଦୟ ସତେ ଅତି ଦୁର୍ବଳ;
ଅଧିକ ହେଲି ତାଙ୍କ ବାକ୍ୟେ ବିକଳ ଗୋ !
ବିନୟ ପରେ କରି କଟୁ ଭାଷଣ,
ସ୍ୱାମୀ-ସମୀପେ ତାଙ୍କୁ କଲି ପ୍ରେଷଣ ।
ମୋ ସୁଖ-ସୌଭାଗ୍ୟ ସମ୍ପଦରାଶି
ଗଲେ ଲକ୍ଷ୍ମଣ ଗତି-ସ୍ରୋତରେ ଭସି ଗୋ !
ବିପଦ ହୋଇ ଏଣେ ବିଗ୍ରହଧାରୀ
ଯୋଗୀନ୍ଦ୍ର ବେଶେ ଦ୍ୱାରେ ହେଲା ଭିଖାରୀ;
ସ୍ୱାମୀ ଆସିବାଯାଏ ନ ଥାକି ମନ୍ଦ
ଭିକ୍ଷା ନିମନ୍ତେ କଲା ଘୋର ନିର୍ବନ୍ଧ ଗୋ !
ଭିକ୍ଷା ଦିଅନ୍ତେ ବଳେ ଧରି ମୋ କର
ବିମାନେ ବସାଇଲା ନେଇ ସତ୍ୱର,
କଲି ବିନୟ କେତେ, କେତେ ତର୍ଜ୍ଜନ,
ନ କଲା କର୍ଣ୍ଣପାତ ତହିଁ ଦୁର୍ଜନ ଗୋ !
ଜାଣିଲି ବେଶ ନୁହେ ଗୁଣର ଚିହ୍ନ,
ବାହାରେ ସାଧୁବେଶ, ଭିତରେ ଭିନ୍ନ ।
ମଣନ୍ତି ଲୋକେ ସର୍ବଶୁଭଦ ଧର୍ମ,
କେ ଜାଣେ ଧର୍ମ ନାମ ବହଇ ଯମ ଗୋ !
ଦକ୍ଷିଣ-ମୁଖେ ଖଳ ବାହିଲା ରଥ
କମ୍ପାଇ ଘନଘୋଷେ ଗଗନପଥ;
କାନ୍ଦିଲି ଯେତେ ଯେତେ ଉଚ୍ଚ ଆରବେ,
ବିଲୀନ ହେଲା ରଥ-ଘୋଷ-ଗର୍ଭେ ଗୋ !
ଦେଖିଲି ତଳେ ବନ ମୟୂରଗଣ
ଅନାଇ ମୋତେ କରୁଥିଲେ ରୋଦନ;
ହରିଣ ଯୂଥ ଯୂଥ ଊର୍ଦ୍ଧ୍ୱ ନୟନେ
ଚକିତ ଦୃଷ୍ଟି ଦେଇଥାନ୍ତି ସ୍ୟନ୍ଦନେ ଗୋ !
ପକ୍ଷୀଏ ପଥ ରୋଧି କଲା ସମର,
ତା' ପକ୍ଷ ପକାଇଲା ଛେଦି ପାମର;
ପବନ ପ୍ରତିକୂଳ ହୋଇ ଗତିକି
ନିବାରି ନ ପାରିଲା ମନ୍ଦମତିକି ଗୋ !
ପଥ ପର୍ବତଶ୍ରେଣୀ ମସ୍ତକ ଟେକି
ପାରିଲେ ନାହିଁ ବ୍ୟୋମ ବିମାନ ଛେକି,
ମହୀବାସୀଙ୍କି ବାର୍ତ୍ତା ଦେବାର ପାଇଁ
ଧ୍ୟାନ ନୟନେ ଥାଏଁ ତଳକୁ ଚାହିଁ ଗୋ !
ରଥ-ଶବଦେ ଭାଷା ହେବ ବିଫଳ
ଜାଣି ପକାଇଦେଲି ଭୂଷା ସକଳ;
ଦେଖିଲି ନଦୀମାନେ ହୋଇ ବିକଳ
ଶୀର୍ଣ୍ଣ ଶରୀରେ ଯେହ୍ନେ ହେଲେ ନିଶ୍ଚଳ ଗୋ
ତନୁ ସଙ୍କୋଚି ଭୃଙ୍ଗ ପାଦପଚୟ
ଭିଡ଼ିଲେ ପରସ୍ପରେ ଲଭି ତା' ଭୟ;
ଅବନୀ କ୍ରମେ ହୋଇଗଲା ନୀରବ;
ଲୁଚି ରହିଲେ ମୃଗ ବିହଙ୍ଗ ସର୍ବ ଗୋ !
ପୂର୍ବ ପଶ୍ଚିମ ଯାମ୍ୟ କକୁଭଚୟ
କ୍ରମେ ଦିଶିଲା ଗାଢ଼ ନୀଳମାମୟ;
ମହୀ ଲକ୍ଷଣ କିଛି ନ ହେଲା ଦୃଷ୍ଟି,
ତହିଁ ମଧ୍ୟକୁ ରଥ ବାହିଲା ଦୁଷ୍ଟ ଗୋ !
ଅଗ୍ରେ ଦିଶିଲା ଦିଗମୂଳ ଉଜ୍ଜ୍ୱଳ,
କ୍ରମେ ମଣିଲି ତାକୁ ବନ-ଅନଳ;
ଯେତକ ହେଲା ରଥ ତା ପାଶ ପାଶ,
ଅସଂଖ୍ୟ ଜ୍ୟୋତିଃପୁଞ୍ଜ ହେଲା ପ୍ରକାଶ ଗୋ !
ଭାବିଲି ନଭ ତେଜି ତାରା ସକଳ
ଦିବସେ ଛନ୍ତି ତହିଁ ଦଳକୁ ଦଳ;
ବିଧୁ ବିରହେ ତେଜି ନଭୋମଣ୍ଡଳ
ହୃଦୟେ ଜାଳୁଛନ୍ତି ବିରହାନଳ ଗୋ !

କିବା ମୋ ମର୍ତ୍ତ୍ୟଲୀଳା ହୋଇଛି ଶେଷ,
ଶମନପୁରରେ ହେଉଅଛି ପ୍ରବେଶ ?
ଦେଖିଲି ମନୋହର ଅଟ୍ଟାଳୀଶ୍ରେଣୀ
ଦିଶନ୍ତି ରମ୍ୟ ହେମ କଳସ ଘେନି ଗୋ !
ଦିଶିଲା କ୍ରମେ ପୁର ଅଟ୍ଟାଳୀ ସାଥି,
ନଗର ରଞ୍ଜି ଛନ୍ତି ଖର-ଦୀଧିତି;
ସ୍ୱକରେ ହର୍ମ୍ୟଶିର କଳସମାନ
ରଷାଣି କରୁଛନ୍ତି ଜାଜ୍ୱଲ୍ୟମାନ ଗୋ !
ସେକାଳେ ମନେ ମୋର ହେଲା ବିଚାର,
ଅଟଇ ଯୋଗୀ ନିଶ୍ଚେ ଶମନଚର;
କୃତାନ୍ତ ପାଶ ଯିବ ସଦର୍ପେ ପଶି
ଉଞ୍ଚାଇ ଯନ୍ତ୍ର ପତି-ଭକତି-ଅସି ଗୋ !
ନଗର ପ୍ରାନ୍ତେ ଯୋଗୀ ଓହ୍ଲାଇ ରଥ
ଚଳିଲି ମୁହିଁ ଏକ ଉଦ୍ୟାନପଥ,
ମଣ୍ଡିତ ପଥ ଗୁରୁ ମର୍ମରୋପଳେ,
ଉଦ୍ୟାନ ଶୋଭେ ନାନା କୁସୁମ ଫଳେ ଗୋ !
ଅଶୋକ ତରୁ ତହିଁ ଅଧିକତର
କୁସୁମ ପୁଞ୍ଜେ ପୁଞ୍ଜେ ଦିଶେ ସୁନ୍ଦର;
ଉଦ୍ୟାନ ମଧ୍ୟେ ଏକ ଉଜ୍ଜ୍ୱଳ ହର୍ମ୍ୟ
ବିବିଧ ରତନରେ ଦିଶଇ ରମ୍ୟ ଗୋ !
ବୋଇଲା ଯୋଗୀ ମୋତେ,'ସେଠାରେ ରହି
ଗଣିବୁ ନାହିଁ ଚିତ୍ତେ କାନ୍ତ-ବିରହି;
କାନନବାସ-କ୍ଳେଶ ହେଲା ତୋ ଶେଷ,
ସ୍ୱରଗ ସୁଖ ଭୁଞ୍ଜ ମଣ୍ଡି ଏ ଦେଶ ଗୋ !
ତ୍ରିଭୁବନେ ଯେଉଁ ଦ୍ରବ୍ୟ ଦୁର୍ଲଭ,
ବାଞ୍ଛିଲା ମାତ୍ରେ ଏବେ ହେବ ତୋ ଲଭ୍ୟ;
ସହସ୍ର ସୁକୁମାରୀ ସ୍ନେହ ପ୍ରକାଶି
ହେବେ ତୋ ଅରବିନ୍ଦ-ଚରଣେ ଦାସୀ ଗୋ !'
ରତନ-ବିଭୂଷିତ ସହସ୍ର ନାରୀ
ଡାକି ବୋଇଲା ଅତି ଦୃଢ଼େ ଉଚ୍ଚାରି,
'ଏହାକୁ ଜାଣି ମୋର ହୃଦୟେଶ୍ୱରୀ
ସେବି ରହିବ ହୃଦେ ଭକତି ଭରି ଗୋ !
ଖଟିବି ନିତି ଏହା ମାନସ ଜାଣି,
ଶୁଣାଉଥିବ ମୋର ମହିମା-ବାଣୀ;
ମୋର ସମ୍ପଦେ ଯେହ୍ନେ ମଜ୍ଜେ ତା ମନ,
ତହିଁକି କରୁଥିବ ଅତି ଯତନ ଗୋ !'
ଏମନ୍ତ କହି ଯୋଗୀ ହେଲା ଅନ୍ତର,
ବିସ୍ମୟେ ପୂରିଗଲା ମୋର ଅନ୍ତର;
କିଏ ସେ ଯୋଗୀ ମୋତେ ଆଣିଲା କାହିଁ,
କେଉଁ ପୁର ତା କିଛି ଜାଣିଲି ନାହିଁ ଗୋ !
କେମନ୍ତେ ହେଲି ଯୋଗୀ-ହୃଦୟେଶ୍ୱରୀ ?
ରହିଛି ରଘୁବଧୂ-ଶରୀର ଧରି;
ମରି ତ ନାହିଁ ମୁହିଁ, ଅଛି ସ୍ମରଣ,
କୌଶଲ୍ୟା-ସୁତ ସିନା ମୋର ଶରଣ ଗୋ !
ହୃଦୟେ କଲି ପୁଣି ଦୃଢ଼ ନିଶ୍ଚୟ,
ଯେ କେହି ହେଉ ଯୋଗୀ କି ଅଛି ଭୟ ?
ଯାବତ ଜୀବନେ ମୋ ଥିବ ସ୍ମରଣ,
କୌଶଲ୍ୟା-ସୁତ ଏକା ମୋର ଶରଣ ଗୋ !
ହେଉ ଏ ଯମାଳୟ ଅଥବା ସ୍ୱର୍ଗ,
ବିହରୁଥାନ୍ତୁ ଏଥି ଦେବତାବର୍ଗ,
କେ କରିପାରିବ ମୋ ଚିତ୍ତ ହରଣ ?
କୌଶଲ୍ୟା-ସୁତ ଏକା ମେ'ର ଶରଣ ଗୋ !
ସହସ୍ର ଦାସୀରେ ମୋ କି ପ୍ରୟୋଜନ;
ଆଉ କି ଅଛି ମୋର ସ୍ନାନ ଭୋଜନ,
କାନନେ ଭ୍ରମୁଥିବେ ମୋ ପ୍ରାଣପତି,
ତାଙ୍କ ଚରଣେ ଏକା ରହିବ ମତି ଗୋ !
ମଞ୍ଜୁଳ ବୀଣା ଧରି ଶତେ ଭାରତୀ
ସଙ୍ଗୀତ ଯଦି ମୋର ପାଶେ କରନ୍ତି;
ମୋ କର୍ଣ୍ଣେ ହେବ କାହିଁ ତାହାର ମୂଲ୍ୟ
କାନ୍ତ-ଶ୍ରୀମୁଖ-ଭାଷା ପଦକ ତୁଲ୍ୟ ଗୋ !
ଏମନ୍ତ ଭାବି ଭାବି ଶ୍ରୀପଦେ ଧ୍ୟାନ
ଦେଇ ହରାଇଦେଲି ଜୀବନଜ୍ଞାନ;
କେମନ୍ତେ କେତେ କାଳ ହେଲା ଅତୀତ,
କିଛି ନ ଜାଣେ ପତି-ଚିନ୍ତା ବ୍ୟତୀତ ଗୋ !
କିନ୍ତୁ ସେ ରାଜ୍ୟେ ମୋତେ ଦିନ-ଶର୍ବରୀ
[୧] ପ୍ରତୀତ ହେଲା ଦେବ-ସମୟ ପରି;

୧ । ଦେବସମୟ—ମନୁଷ୍ୟମାନଙ୍କର ଛଅ ମାସରେ ଦେବତାମାନଙ୍କର ଏକ ଦିନ ।

ଦେବଭୁବନ ତାଙ୍କୁ ମଣିଲି ମନେ,
ଦେବ-ସାହସ ପୂର୍ତ୍ତି କଲି ଜୀବନେ ଗୋ !
ଈଶ୍ୱରେ ମନାସିଲି ଦେବ ଶକତି;
ଦେବୀ-ହୃଦୟୋଚିତ ପତି-ଭକତି,
ପତିଚରଣାମୃତେ ରଖିଲି ଆଶା
ଗଣିଲି ନାହିଁ ଆଉ କ୍ଷୁଧା ପିପାସା ଗୋ !
ବିବିଧ ଅଙ୍ଗରାଗ ବସ୍ତ୍ର ଭୂଷଣ,
ବିବିଧ ଖାଦ୍ୟ ଆଣି ସେବିକାଗଣ
କହିଲେ କେତେମତେ ଗୃଷ୍ଟ ବଚନ,
ବଳିଲା ନାହିଁ କାହିଁ ତହିଁ ମୋ ମନ ଗୋ !
ଦାସୀଙ୍କ ବଚନରୁ ଜାଣିଲି କ୍ରମେ,
ରାବଣ ତ୍ରିଭୁବନ-ଜୟୀ ବିକ୍ରମେ;
ଡରନ୍ତି ସୁରପତି ଶୁଣି ତା' ନାମ,
ସିନ୍ଧୁ-ପରିଖୀକୃତ ଲଙ୍କା ତା' ଧାମ ଗୋ !
ସେହି ରାଜ୍ୟକୁ ମୁହିଁ ହୋଇଛି ନୀତ,
ନେଇଛି ଯୋଗୀବେଶେ ସେ ଦୁର୍ବିନୀତ,
ନବର ନଗର ତା' ଅତୁଳ ରମ୍ୟ,
ନର କିନ୍ନରଙ୍କର ଦୁରଧିଗମ୍ୟ ଗୋ !
ଯହିଁକି ବଳଥାଏ ତାହାର ଚିତ୍ତ,
ଉଦ୍ୟୁ କରନ୍ତି ଦେବେ ତାହା ରଚିତ;
ଆସିଲେ ଅରୁଣିମା ତାର ନୟନେ,
ବିପଦଭୟ ବ୍ରହ୍ମା କରନ୍ତି ମନେ ଗୋ !
ରାବଣ ନାମ ଶୁଣି ପାରିଲି ଜାଣି,
ପିନାକୀ ଗୃହେ ଭଙ୍ଗିଥିଲ ତା ଆଣି,
ଭାବିଲି କି ସାହସ କରିଛି ଶ୍ୱାନ
କରିବା ପାଇଁ ଯଜ୍ଞ-ଅମୃତ ପାନ ଗୋ !
ସତକୁ ସତ ଦିନେ ଆସି ଦୁର୍ମତି
ଅନଳତେଜେ ଉଭା ହେଲା ମୋ କତି;
ପାପ-ବଚନେ ପାପ-ମାନସେ ପାପୀ
ବକିଲା କେତେ ଆତ୍ମଗରିମା ଜ୍ଞାପି ଗୋ !
ମୋ ଦୁଃଖ ଘନଘଟା ଲୋତକଧାର
ଗୃହିଁ ଘୁଞ୍ଚିଲା କହି ଗର୍ବ-ଅନ୍ଧାର;
ଚମକିଗଲା ମୋର ସେ ଘନଘଟା—
ମଧ୍ୟେ ତା ଆଶା କ୍ଷୀଣ ବିଦ୍ୟୁତ ଛଟା ଗୋ !
ସଖି, ମୁଁ ହେଲି ଯେଉଁ ଦିବସୁଁ ଜାତ;
ପାପୀ ଦାନବ ଛୁଇଁଅଛି ମୋ ହାତ;
ଛୁଇଁଲା ସ୍ଥଳୁଁ ଉଠି ବ୍ୟାପି ଶରୀର
ଦୁଃସହ ଜ୍ୱାଳା କରେ ପ୍ରାଣ ଅସ୍ଥିର ଗୋ !
ମଣଇଁ ବିଷଦିଗ୍ଧ ଶରପଟଳ—
ସଦୃଶ ଅପଘନ ଲୋମ ସକଳ,
ବ୍ୟାଧ ବିହଗାହତ ହରିଣୀଗଣ
କି ଦୁଃଖ ଭୋଗୁଥିବେ ଭାବେ ମୋ ମନ ଗୋ !
ସହି ଯେ ଦୁର୍ବିସହ ଦୁଃଖ ମରମେ
ମସ୍ତକ ଦୃଢ଼ କରିଥାଏ ଧରମେ;
ଦୃଢ଼ ଭରସା ମୋର ଥାଏ କେବଳ
ଅବଳା ପାଇଁ ସଦା ଧରମବଳ ଗୋ !
ନ ଜାଣି ସିନା ଥରେ ରାକ୍ଷସାଧମେ
ହସ୍ତ ବଢ଼ାଇ ଭିକ୍ଷା ଦେଲି ମୁଁ ଭ୍ରମେ;
ଏବେ କରିବ ଯଦି ବଳ ପ୍ରକାଶ,
ମାରିବି ଅବା ହେବ ତା ହସ୍ତେ ନାଶ ଗୋ !
ଯଦ୍ୟପି ସତ୍ୟ ଅଛି ଜଗତେ ଧର୍ମ,
ଦେଖିବ ଜଗତ ମୋ ଅଦ୍ଭୁତ କର୍ମ;
ପାପ-କାର୍ପାସ ହେଲେ ପର୍ବତ ସମ,
ପୁଣ୍ୟାଗ୍ନି-କଣା ତାକୁ ଦହନେ କ୍ଷମ ଗୋ !
୧ ଦେଖ ସଜନି, ହୋଇ ଧରମ ରତ
ମୋ ପ୍ରାଣେ ଢାଳିଦେଲା ଯେସନେ ଅମୃତ ।
କପିଏ ଦେଇ ମୋତେ କାନ୍ତ-ସମ୍ବାଦ
ରାବଣ ସଙ୍ଗେ କରିଗଲା ବିବାଦ ଗୋ !
ଅଚିରେ ରଘୁମଣି ବାନର ବଳେ
ସେତୁ ପ୍ରସ୍ତୁତ କରି ସାଗର-ଜଳେ,
ଲଙ୍ଘି ଦୁର୍ଲଂଘ୍ୟ ବାରି ଆସିମି ଲଙ୍କା
ରାକ୍ଷସପତି-ପ୍ରାଣେ ରୋପିଲେ ଶଙ୍କା ଗୋ !
ଦୁଷ୍କର ରଣ-ଯଜ୍ଞ କଲେ ଆରମ୍ଭ,
କମ୍ପିଲା ଲଙ୍କା ଶୁଣି କପି-ଆରବ;
ରାକ୍ଷସ-ବଂଶେ ଥିଲେ ଯେତେକ ବଳୀ,
ସମସ୍ତେ ଆସି ହେଲେ ସେ ଯଜ୍ଞେ ବଳି ଗୋ !

୧ । ରତ—ସତ୍ୟ ।

ଧରମ-ପଥେ ଥିଲୁ କେବଳ ଜଣେ,
ରହିଲୁ ରଘୁପତି ପଦଶରଣେ;
୧ ଅଟଳ ଯୂପ ହେଲୁ ସେ ମହାଧ୍ୱରେ
ଅଭୟ ପୁଷ୍ପମାଳା ଧରି କଣ୍ଠରେ ଗୋ !
ଯେତିକି ବହୁଥିଲୁ ମୋ’ ନେହସାର,
ତା’ କୋଟିଗୁଣ ହେଲୁ ରକ୍ଷ-ରୁଧିର;
ରାବଣ ଭସି ଶୋକସାଗରେ ହାସେ,
ପଡ଼ିଲୁ ପ୍ରଭୁ-ବାଣ-କୁମ୍ଭୀର-ଗ୍ରାସେ ଗୋ !
ତା’ ପରେ ରଘୁପତି ମୋତେ ଅଣାଇ
ବୋଇଲେ ସ୍ନେହଶୂନ୍ୟ ନେତ୍ରେ ଅନାଇ;
‘କୁସଙ୍ଗ ବଳି ନାହିଁ ଜଗତେ ପାପ,
କୁସଙ୍ଗୀ ସଙ୍ଗେ ମିଳେ ଘୋର ସନ୍ତାପ ଗୋ !
କାମାନ୍ଧ ଦାନବର ପାପ-ଭବନେ
ଥିଲୁ, ସ୍ପରଶି ଥିବ ପାପ ତୋ ମନେ;
ନ ପାରେ କରି ଆଉ ତୋତେ ଗ୍ରହଣ,
ଗ୍ରହଣ କଲେ ହେବ ଲୋକଗର୍ହଣ ଗୋ !
ଜଳଦ ଜଳ କଲେ ମାଟେ ଗମନ
ଆଉ କି ତାକୁ ରଖିପାରଇ ଘନ ?
ଅନଳ-ଶିଖା ପରି ଅନଳେ ଦହି
ହେଲେ ସେ ଜଳ ଊର୍ଦ୍ଧ୍ୱେ ଘନେ ମିଶଇ ଗୋ
ଭାବିଲି, ଥିଲି ସିନା ଧରି ଜୀବନ
ସେବିବି ବୋଲି ପ୍ରଭୁ ପଦ୍ମଚରଣ;
ନ ହେବ ଯଦି ପଦସ୍ପର୍ଶେ ଭାଜନ,
ଜୀବନେ ଆଉ ମୋର କି ପ୍ରୟୋଜନ ଗୋ !
ଦହିବି ଦେହ ଚାହିଁ ଚାହିଁ ଶ୍ରୀମୁଖ
ଏଥୁଁ ଅଧିକ ମୋର କି ଅଛି ସୁଖ ?
ଦଗଧ ହେଲେ ଦେହ, ଅବଶ୍ୟ ପ୍ରାଣ
ପ୍ରଭୁ ଶ୍ରୀଅଙ୍ଗେ ଯାଇ ପାଇବ ସ୍ଥାନ ଗୋ !
ଧରମ ବଳେ ଯେବେ ରହିବ ଦେହ,
ଲଭିବ ପ୍ରଭୁଙ୍କର ଦ୍ୱିଗୁଣ ସ୍ନେହ ।
ବୋଇଲି, ‘ଜଳାହେଉ ହବ୍ୟବାହନ
କରିବ ଦାସୀ ତହିଁ ଅବଗାହନ ହେ !’
ଅକୁଣ୍ଠ ଆଜ୍ଞାବହ ସକୁଣ୍ଠ-ଚିତ୍ତେ
ଲକ୍ଷ୍ମଣ ବହ୍ନି ଜାଳିଦେଲେ ତ୍ୱରିତେ ।
ଅନଳଶିଖାମାନ ବାତ କମ୍ପନେ
ଅତି ଚଞ୍ଚଳ ହେଲେ ନଭ ଲମ୍ଫନେ ଗୋ !
ସନ୍ତୁଷ୍ଟ ଦୃଷ୍ଟି ଦେଇ ମୁଖକମଳେ
ଅନଳ ପାଶ ଯାଇ ହୃଦୟବଳେ
ବୋଇଲି, ‘ରବି-ଶଶୀ-ବାୟୁ-ଗଗନ
ପାବକ ତୁମ୍ଭେ ଜାଣ ପ୍ରାଣୀଙ୍କ ମନ ହେ !
ରାଘବ ବିନା ଅନ୍ୟେ ଯଦି ମୋ ଚିତ୍ତ
ପ୍ରେମେ ଆକୃଷ୍ଟ ହୋଇଥିବ କିଞ୍ଚିତ;
ଅନଳ ଏଠୁ ତୁମ୍ଭେ ସର୍ବ ଭକ୍ଷଣ,
ଦିଅ ହେ କରି ମୋତେ ଭସ୍ମ ଏକ୍ଷଣେ ହେ !
ହୋଇ ତ ଥିଲି ରକ୍ଷ-ନଗରେ ବନ୍ଦୀ,
ସେ ଯଦି ଥିବ ମୋତେ ପାତକେ ଛନ୍ଦି,
କୋଟି ଜନମ କାନ୍ତ-ପଦ-କମଳ
ଚାହିଁବା ନାହିଁ, ମୋତେ ଦହ ଅନଳ ହେ !
ପାତକୀ, ପୁଣ୍ୟବନ୍ତ ତୁମ୍ଭେ ନ ଜାଣ,
ସ୍ୱଧର୍ମବଶେ ନିଅ ସଭିଙ୍କ ପ୍ରାଣ;
ଧରମ ଚିର ସତ୍ୟ ଯଦି ଜଗତେ,
ମୋ ଧର୍ମ ଅପବାଦୁଁ ରଖିବ ମତେ ହେ !
ହେ ଧର୍ମ ! ନିଜ ଗୁଣେ ରହ ମୋ ଅଙ୍ଗେ,
ନ ଡରି ଅନଳରେ ପଶ ମୋ ସଙ୍ଗେ;
ଜୀବନେ ନ ପାରିଲେ ମୋତେ ମରଣେ
ସେବିକା କରି ଦେବ ପ୍ରଭୁ ଚରଣେ ହେ !
ମୋ ତନୁ ଦଗ୍ଧ ହେଲେ ହେବ ତ ଖାର,
ତାହାକୁ କରାଇବ ପାଦପେ ସାର;
ସେ ତରୁ କାଷ୍ଠ ଦେଇ ବର୍ଦ୍ଧକୀ ହସ୍ତେ
କରାଇ ଦେବ ପ୍ରଭୁ ପାଦୁକା ମତେ ହେ !’
ପ୍ରଭୁ ଶ୍ରୀମୁଖ ପୁନଃ ପୁନଃ ଅନାଇ
ନିଃଶଙ୍କେ ଅନଳରେ ପଶିଲି ଯାଇଁ ।
ଚାହିଁ କାନ୍ଦିଲେ ରଘୁମଣି ଲକ୍ଷ୍ମଣ,
କାନ୍ଦିଲେ ଘୋର ରବେ ସୈନ୍ୟକଗଣ ଗୋ !

୧ । ଯୂପ—ଯଜ୍ଞୀୟ ପଶୁବନ୍ଧନାର୍ଥ ସଂସ୍କୃତ ସ୍ତମ୍ଭ । ମହାଧ୍ୱର—ମହାଯଜ୍ଞ ।

ଅସଂଖ୍ୟ ନେତ୍ରେ ହେଲା ଜଳ ପ୍ରବଳ ,
ମଜ୍ଜାଇ ଦେଲା ମୋତେ କାରୁଣ୍ୟ ଜଳ;
ଅନଳ ତହିଁ ବୋଧହେଲା ଶୀତଳ,
ପୂରିଲା ହାହାରବେ ନଭୋମଣ୍ଡଳ ଗୋ !
ମୋ ଅନୁକୂଳେ ହେଲା ଆକାଶ-ବାଣୀ,
ସତୀତ୍ୱ ମୋର ପ୍ରଭୁ ପାରିଲେ ଜାଣି;
ଅନଳ ଧର୍ମ ବଶେ ହେଲା ନିର୍ବାଣ,
ବଞ୍ଚିଲା ଧର୍ମ-ବଳେ ତହିଁ ମୋ ପ୍ରାଣ ଗୋ !
ଦଗଧ ହୋଇଗଲା ମୋ ଦୁଃଖରାଶି,
ଭାଗ୍ୟେ ମୁଁ ହେଲି ପ୍ରଭୁପଦ୍ମରେ ଦାସୀ;
ଭାବିଲି, କଷ୍ଟେ ରଖିଥିବାରୁ ଜୀବ,
ଲଭିଲି ସିନା ପ୍ରଭୁ-ପଦ-ରାଜୀବ ଗୋ !
ବସାଇ ମୋତେ ପ୍ରଭୁ ସ୍ୟନ୍ଦନବରେ
ଘେନି ବାନର ରକ୍ଷଦଳ ସଙ୍ଗରେ
ବାହୁଡ଼ା ବିଜେ କଲେ ଅଯୋଧ୍ୟାମୁଖେ
ଗଗନ-ପଥେ ଜୟ-ଉଲ୍ଲାସ-ସୁଖେ ଗୋ !
ହୋଇ ବିରହ-ମରୁ-ପ୍ରଦେଶ ପାର
ପାଇଲି ଶୁଷ୍କ ପ୍ରାଣେ ପ୍ରେମାମ୍ବୁଧାର;
ଅପୂର୍ବ ସୁଖ ପ୍ରାଣେ ହେଲା ଉଦୟ,
ମଣିଲି ଜଗତକୁ ଆନନ୍ଦମୟ ଗୋ !
ଯଦ୍ୟପି ଦୁଃଖ ଥାଏ ନିଜ ଜୀବନେ,
ସୁଖ ନ ଦିଏ ଦେଖା ବିଶ୍ୱଭୁବନେ,
ନିଜ ଜୀବନେ ହେଲେ ସୁଖ ଆଗତ,
ସୁଖରେ ପରିପୂର୍ଣ୍ଣ ଦିଶେ ଜଗତ ଗୋ !
ଯେ ରଥେ ପଡ଼ିଥିଲି ବିପଦ-କୂପେ,
ଚଢ଼ିଲି ସେହି ରଥେ ସମ୍ପଦସ୍ତୂପେ;
ଯା' ଚାହିଁ ଚାହିଁ କରିଥିଲି କ୍ରନ୍ଦନ,
ତା' ଚାହିଁ ଚାହିଁ ହେଲା ମୁଦ ବର୍ଦ୍ଧନ ଗୋ !
ରତ୍ନଖଚିତ ରଥ ତା ଚକ୍ରଗତି,
ଉପରେ ମେଘ ତଳେ ସରିତପତି,
ସରିତ ଧରାଧର ଧରଣୀରୁହ
ହେଲେ ମୋ ନୟନର ପୀରିତିବ୍ୟୂହ ଗୋ !
ପୂର୍ବ ନିବାସ ବନସ୍ଥଳ ସକଳ,
ବିହାର-କୁଞ୍ଜପୁଞ୍ଜ ରମ୍ୟ ଅଚଳ,
ଧୂମ-ଜଟିଳ ଋଷି-ଆଶ୍ରମମାନ
ଚିତ୍ତକୁ ମୋର କରୁଥିଲେ ଆହ୍ୱାନ ଗୋ !
ବ୍ୟସ୍ତକୁନ୍ତଳା ମୁନିକୁମାରୀଗଣ
ରଥ-ନିର୍ଘୋଷ ଦୂରୁଁ କରି ଶ୍ରବଣ
ଚକିତେ ଚାହିଁଥାନ୍ତି ଊର୍ଦ୍ଧ୍ୱ ବଦନେ
ଜନ୍ମାଇ ପୂର୍ବ-ସୁଖ-ସ୍ମୃତି ମୋ ମନେ ଗୋ !
ପବିତ୍ର ସ୍ନେହ ତାଙ୍କ ସମୁଦାଦର
ମୃଦୁ ମଧୁର କଥା-ଲସିତାଧର
ମମତାମୟ ଶାନ୍ତ ସରଳ ଦୃଷ୍ଟି
କଲେ ମୋ ସ୍ମୃତିକ୍ଷେତ୍ରେ ପୀୟୂଷ ବୃଷ୍ଟି ଗୋ
କ୍ରମଶଃ କୁମାରୀଙ୍କ ନାମ ସକଳ
କମଳରୂପେ ଫୁଟି ହେଲେ ବିମଳ;
ଘୋର ବିରହ-ନିଶା-ତମ ଶେଷରେ
ସୁଖ-ଦିବସ-ମୁଖେ, ମୋ ମନ ସରେ ଗୋ
ତାଙ୍କ ବିଗତ ଭାବ ସୌରଭରାଶି
ଆମୋଦେ ପ୍ରାଣକୁ ମୋ ଦେଲେ ଉଲ୍ଲାସି;
ବନଦର୍ଶନେ ମନ ନୋହୁଁଣୁ ତୃପ୍ତ,
ଆଗକୁ ରଥବର ଚାଲିଲା ଦ୍ରୁତ ଗୋ !
ନିସର୍ଗଶୋଭାଳୟ ସୁରମ୍ୟ ବନ
ବର୍ଜନ ନ ପାରିଲା କରି ମୋ ମନ,
ସେ ମନ ଥିଲା ପୁଣି ନଭେ ସ୍ୟନ୍ଦନେ,
ଲାଗିଲା ତେଣେ ପୁରେ ଶ୍ୱଶ୍ରୂଚରଣେ ଗୋ !
ଶ୍ୟାମସୁନ୍ଦର-କାନ୍ତି କାନ୍ତଙ୍କ ସଙ୍ଗେ
ଘେନି ଖେଳନ୍ତେ ସ୍ଥଳଚୟ ସୁରଙ୍ଗେ,
ମନ ମୋ ହେଲା ଅର୍ଦ୍ଧମଣ୍ଡଳାକାର
ନବ ନୀରଦେ ଶକ୍ରଚାପ ପ୍ରକାର ଗୋ !
ପ୍ରାଣ-ପ୍ରତିମ ପୁତ୍ର ବନ-ପ୍ରୟାତ
ହେବାରୁ ଶ୍ୱଶୁର ମୋ ଅଯୋଧ୍ୟା-ନାଥ
ନିର୍ବାଣ କରି ଦୁଃଖେ ଜୀବନ-ଦୀପ
ଗୀର୍ବାଣପୁର ଗଲେ ଶକ୍ର ସମୀପ ଗୋ !
ଭରତ ରାଜ୍ୟ ରାଜ-ବିଧାନ ଚାହିଁ
ବନେ ଆଇଲେ ସ୍ୱାମୀ ସମୀପ ଧାଇଁ,
କହିଲେ ଦୁଃଖେ ଯୁକ୍ତ କରପୁଟରେ,
ସେକାଳେ ଥିଲୁଁ ଆମ୍ଭେ ଚିତ୍ରକୂଟରେ ଗୋ !

ବହୁ ବିନୟ କରି କହିଲେ ବୀର
ସ୍ୱାମୀଙ୍କୁ ସ୍ୱାମୀ ହେବା ପାଇଁ ମହୀର,
ପ୍ରଗାଢ଼ତର କରି ପିତୃଭକତି
ରାଘବ କଲେ ନାହିଁ ତହିଁ ସମ୍ମତି ଗୋ !
ବୋଇଲେ, ଯେଉଁ ସତ୍ୟ ନ କଲେ ଭଙ୍ଗ,
ତେଜିଲେ ପଛେ ପିତା ସ୍ୱକାୟ ଅଙ୍ଗ;
ପିତୃପାଳିତ ଧର୍ମ-ବିହଙ୍ଗୀ-ବେକ
କେମନ୍ତେ ମୋଡ଼ିଦେବି ତେଜି ବିବେକହେ !
ଭରତ କାନ୍ଦି କାନ୍ଦି ପଡ଼ି ଚରଣେ
ବୋଇଲେ,'ରଖ ମୋତେ ପଦଶରଣେ,
ଅବନୀ ତେଜି ଅସ୍ତ-ନଗେ ଭାସ୍କର
ଗଲେ କି ତାଙ୍କୁ ଛାଡ଼ିପାରଇ କର ହେ !'
ପ୍ରଭୁ ବୋଇଲେ, 'ରାତ୍ରେ ଅବନୀଦୁଃଖ
ଖଣ୍ଡନ କରିଥାନ୍ତି ଶୀତମୟୂଖ ।'
ଭରତ ବିନୟରେ ଦେଲେ ଉତ୍ତର,
'ଶଶାଙ୍କ ପାଇଥାନ୍ତି ଭାସ୍କର-କର ହେ !
ରତ୍ନପାଦୁକା ଘେନି ମୋ ଶିରଦେଶ
ବହିପାରିବ ମହୀ ଯେସନେ ଶେଷ;
ମସ୍ତକେ ଶୋଭୁଥିଲେ ପାଦୁକାମଣି,
ଅରାତିକୁଳ ମୋତେ ମଣିବେ ଫଣୀ ହେ !'
ପାଦୁକା ଦେଲେ ପ୍ରଭୁ ଭରତ କରେ,
ଘେନିଲେ ବୀର ତାହା ସ୍ୱମସ୍ତକରେ;
ବାହୁଡ଼ି ବୀରମଣି ସାଶ୍ରୁଲୋଚନେ
ଲାଗିଲେ ରାଜଲକ୍ଷ୍ମୀ-ଦୁଃଖ-ମୋଚନେ ଗୋ !
ଚଉଦ ବର୍ଷ ଶେଷେ ଆମ୍ଭର ପଥ
ଅନାଉଥିଲେ ତହିଁ ଲାଗିଲା ରଥ,
ଶାଶୁମାନଙ୍କ ପଦଧୂଳି ଗ୍ରହଣ—
କଲି ମୁଁ ରଥୁଁ କରି ଅବରୋହଣ ଗୋ !
ସାନୁଜ ସପତ୍ନୀକ ପ୍ରଭୁଙ୍କୁ ଚାହିଁ,
ଭରତ ମୁଦ-ନଦେ ମନ ମଜ୍ଜାଇ,
ପାଦୁକା ପ୍ରତ୍ୟର୍ପଣ କରି ପଯ୍ୟୂରେ
ପ୍ରଭୁଙ୍କୁ ପୂଜାକଲେ ନନ୍ଦି ଗ୍ରାମରେ ଗୋ !

ମୋ' କାନ୍ତ ରାଜା ହେଲେ,ମୁଁ ହେଲି ରାଣୀ,
ସେବିଲି ପଦ ପ୍ରଭୁ-ମାନସ ଜାଣି;
ମୋ' ମନେ ଯେବେ ଯାହା ହୁଏ ଉଦିତ,
ସତ୍ୱର ହୁଏ ତାହା ସୁସମ୍ପାଦିତ ଗୋ !
ରାଜ-ଦମ୍ପତି ବସି ପ୍ରୀତି-ନାବରେ
ବିହାର କରୁଥିଲୁଁ ସୁଖ-ସାଗରେ,
ସମ୍ପଦ-ତରଙ୍ଗରେ ବହୁ ବତ୍ସର
ମଜ୍ଜାଇଦେଲୁଁ ହୋଇ କୌତୁକପର ଗୋ !
କେ ଜାଣିଥିଲା ମୋର ଲଲାଟେ ବହି
ଅସୀମ ଦୁଃଖ-ଲିପି ରଖିଛି ଲହି,
ବିପଦରୂପୀ ଘୋର ବଡ଼ବାନଳ
ଉପୁଜି ଧ୍ୱଂସ କରି ଦେବ ସକଳ ଗୋ !
ଦିବସ-ଶୋଭା-ଶେଷ-ରଞ୍ଜିତ ନଭ
ପରାଏ ଭାଗ୍ୟ ଶେଷେ ହେଲା ମୋ ଗର୍ଭ;
ଦୋହଦ ପୂରଣେ ମୋ ହେଲେ ତତ୍ପର
ପ୍ରାଣେଶ ସ୍ନେହଭରେ ଅଧିକତର ଗୋ !
'ବିପିନ-ବାନ୍ଧବୀଙ୍କ ସଙ୍ଗେ ବିପିନେ
କ୍ରୀଡ଼ନ୍ତି' ବୋଲି କାନ୍ତେ କହିଲି ଦିନେ;
ସେହି ରଜନୀ ସହି, ନୋହୁ ପ୍ରଭାତ
ଲକ୍ଷ୍ମଣ ସଙ୍ଗେ ମତେ ପେଷିଲେ ନାଥ ଗୋ !
ଲକ୍ଷ୍ମଣ ଆଣି ମୋତେ ଜାହ୍ନବୀ-ତୀରେ
ନାବୁଁ ଓହ୍ଲାଇ ଯାହା କହିଲେ ଧୀରେ—"
କହି ନିରୁଦ୍ଧ ହେଲା ସତୀଙ୍କ କଣ୍ଠ,
କାନ୍ଦିଲେ ଚାହିଁ ଆରେ ଭୀଷଣ କଷ୍ଟ ଯେ !
ଭାସିଲେ ଅନର୍ଗଳ ଲୋତକ-ଝରେ,
ଧରିଲେ ମୁନିସୁତା ତାଙ୍କୁ ସତ୍ୱରେ;
କାନ୍ଦିଲେ ନିଜେ ମୁଖେ ମୁଖ ଲଗାଇ,
ଶୁଣି ତାପସୀମାନେ ଆସିଲେ ଧାଇଁ ଯେ !
ବେନିଙ୍କି ଘେନି ବେଗେ କୁଟୀରେ ଯାଇ
କହିଲେ ନାନା କଥା ଚିତ୍ତ ରଞ୍ଜାଇ,
ପାଦପେ ଜଳଦାନ ପୁଷ୍ପଚୟନ—
ପ୍ରଭୃତି କଥା ନେଇ କଲେ ଶୟନ ଯେ !

# ଅଷ୍ଟମ ସର୍ଗ

(କେଦାର-କାମୋଦୀ)

ଜୀବନେ ଯଉବନ ବଢ଼ିଲା ସମ
ବସନ୍ତ ବଢ଼ି ବନେ ହେଲା ଗ୍ରୀଷମ;
ଯୁବା-ଶକତ ଯଥା ହୁଏ ପ୍ରଖର
ପ୍ରଚଣ୍ଡତର ହୋଇ ଆସିଲା ଖର ।
ସୁଖ-ବିଷୟ-ଭୋଗତୃଷ୍ଣାର ପର
ସଞ୍ଚାର କଲା ମୃଗ-ତୃଷ୍ଣା ସୁନ୍ଦର ।
ତୂଳା ଉଡ଼ିଲା ତେଜି ଶାଳ୍ମଳୀ ତରୁ,
କୃପଣ ଧନ କାଳେ ଉଡ଼େ ଖାତରୁ ।
ପଳାଶ ଅଙ୍ଗେ ନାହିଁ ପୂର୍ବ ସୁ-ରଙ୍ଗ,
ଅନିତ୍ୟ ଏହିପରି ଭବ-ପ୍ରସଙ୍ଗ ।
ତାପେ ଅଧିକତର ମଲ୍ଲୀ ଫୁଟିଲା,
ଅଧିକ ବାସ ତାର ଅଙ୍ଗୁ ଛୁଟିଲା ।
ସାଧୁ-ହୃଦୟ ତାପେ ହୁଏ ଅଟଳ,
ବରଞ୍ଚ ହୁଏ ଶାନ୍ତ-ଯଶ ଧବଳ;
କୁଟଜ ଜନାଇଲା ତାକୁ ହରଷେ
ସାଧବୀ ପରି ସାଧୁ ଅଙ୍ଗନା ରସେ ।
ଏକ ହୃଦୟେ ଦୁହେଁ କଲେ ବିହାର,
ଗ୍ରୀଷମେ କରୁଥିବା ବାସ ସଞ୍ଚାର;
ବରଷା ହେଲେ ମହୀ ହେବ ଶୀତଳ,
ଶାନ୍ତ ଲଭିବେ ଜୀବଜନ୍ତୁ ସକଳ ।
କଦମ୍ବ କେତକୀ ତ ବାସକୃପଣ
ନୁହନ୍ତି, କରିବେ ସେ ଲୋକତର୍ପଣ;
ଅର୍ପଣ କରି ଜନ-ରଞ୍ଜନ ଭାର
ତେଜିବା ହସି ହସି ତରୁ ସଂସାର ।
ଉଦ୍ଦଣ୍ଡ କମଳିନୀ ଉଞ୍ଚାଇ ମଥା
ସହର୍ଷେ ସମର୍ଥନ କରି ସେ କଥା
ବୋଇଲା ମୁହିଁ ଥାଇ ଭୂମ୍ବର ସଙ୍ଗେ
ଝାସିବି କାଳ-ସିନ୍ଧୁ-ତୁଙ୍ଗ-ତରଙ୍ଗେ ।

ମଲ୍ଲୀ ବୋଇଲା ତାହା ପାରିବୁ କାହିଁ ?
ତୋ କାନ୍ତଭାନୁ ତୋତେ ଛାଡ଼ିବେ ନାହିଁ ।
ବୋଇଲା କମଳିନୀ ଘୋଟିଲେ ଘନ
ଚାହିଁବେ ନାହିଁ କାନ୍ତ ମୋହର ବଦନ ।
ବିପଦେ କରି କଷ୍ଟ ଦିନ ଯାପନ
କରିବି ଭବ-ବ୍ରତ ଉଦଯାପନ;
କାନ୍ତ ମୋ ଘନ ଭେଦି ପାରନ୍ତି ନାହିଁ,
ସହନ୍ତି ଦୁଃଖ ଲୋକମଙ୍ଗଳ ପାଇଁ ।
ଅଧିକ ଦିନ କାନ୍ତ-ପ୍ରେମାନୁରାଗ
ଭୋଗ କରିବି କାହିଁ ? ନାହିଁ ମୋ ଭାଗ୍ୟ;
ତାଙ୍କ ଚରଣ କରୁଥିବି ସ୍ମରଣ,
ମରଣ ନେବ ମୋତେ କରି ବରଣ ।
ଏ ଜନ୍ମେ କଷ୍ଟ ଦିନ ସହିଲେ ଦୁଃଖ
ଚାହିଁବି ପର ଜନ୍ମେ ସ୍ୱାମୀ-ଶ୍ରୀମୁଖ;
ସେକଥା ଜାନକୀଙ୍କ ଜ୍ଞାନ-ଶ୍ରବଣେ
ପଡ଼ିଲେ ଆଦରଣ ମଣି ଜୀବନେ
ବୋଇଲେ ପଦ୍ମିନୀ ଗୋ ଅଟୁ ସାଧବୀ,
୧ ଦିଶୁଛି ତୋତେ ପୁଣ୍ୟମୟୀ ପଦବୀ;
ବିଶ୍ୱରେ ମୁହିଁ ତୋର ଅଟେ ଭଗିନୀ,
ତହିଁ ଉପରେ ପୁଣି ଭାଗ୍ୟ-ଭାଗିନୀ ।
ତୋ ପରି ସ୍ୱାମୀ-ସ୍ନେହ ଭୋଗିଲି ବନେ
୨ ସ୍ୱଚ୍ଛ ଅମୃତମୟ ସୁଖ ଭବନେ;
ତୋ କାନ୍ତ ପ୍ରଭାକର ଦିବସ-ନାଥ,
ସେ ବଂଶେ ଜାତ ଧରା-ନାଥ ମୋ କାନ୍ତ ।
କହୁଛୁ ଯାହା ନିଜ ଭବିଷ୍ୟ ଗତି,
୩ ଆଗୁଁ ମୁଁ ଲଭିଲିଣି ସେହି ପଦ୍ଧତି,
ଧନ୍ୟ ତୋ' ହୃଦ, ଧନ୍ୟ ଧନ୍ୟ ତୁ ସତି,
ଜୀବନେ ମୋର ଦିଅ ତୋ' ଶୁଦ୍ଧ-ମତି ।

୧ । ପଦବୀ—ପଥ । ୨ । ଅମୃତ—ସୁଧା ଓ ଜଳ । ୩ । ପଦ୍ଧତି—ମାର୍ଗ ।

ଲୋକ-ବଚନେ କରି ଦୁଃଖ-ଅର୍ଜନ
କରିଅଛନ୍ତି କାନ୍ତ ମୋତେ ବର୍ଜନ;
ମୋ' ଭାଗ୍ୟ ପରିକାଟିଲେ ସ୍ୱାମୀ-ଦର୍ଶନେ
କ୍ଷମ ହେବି କି ? କହ ଦିବ୍ୟ ଦର୍ଶନେ !
ଶୀତଳ-ଶତଦଳ-ଦଳର ତଳେ,
ଘନ ଶ୍ୟାମଳ-ବକ୍ଷ-ସରସୀଜଳେ
ମଧ୍ୟାହ୍ନ କଟାଇଲେ କୋକ-ଦମ୍ପତି,
ରାଜହଂସୀକି ସଙ୍ଗେ ଘେନି ତା' ପତି ।
ଚଙ୍ଗୁଡ଼ି କାରଣ୍ଡବ କାଣ୍ଡରୁ ବଞ୍ଚି
କମଳ-ବନେ ଲମ୍ବ-ଲମ୍ଫନ ରଚି
ଛନ୍ନ-ବିଶାଳ-ପତ୍ର-ବିପିନେ ବଣା
ହୋଇ ଅନ୍ତିମେ ହେଲା ବକ-ପାରଣା ।
୧ ଉଦ୍ଦଣ୍ଡ ଶତପତ୍ର-ପତ୍ର-ଉଦରେ
୨ ପଡ଼ି ଶଫରୀ ଲମ୍ଫ ଦିଏ ଉଦରେ;
କଣ୍ଟକ କୁମୁଦମା ବଙ୍କା ନାଡ଼ରେ
ନ ବସୁଁ ଡିଆଁ ମାରେ ଡିଣ୍ଡୁଭ ଡରେ ।
ବିଷାଦେ ବସି ପିକ ରସାଳ-ଡାଳେ
କାକ କୁଳାୟ-ପାଶେ ପତ୍ର-ଉଢ଼ାଳେ
ପିପାସା ସହି ଶ୍ରୁତିସୁଧା ନ ଢାଳେ,
ଲୁଚିଛି ଯେହ୍ନେ ଭୟ କରି ଚାଣ୍ଡାଳେ ।
୩ ନଚାଉ ନାହିଁ ଚମ୍ପା ବିସ୍ତାରି ପୁଚ୍ଛ,
ପୁଚ୍ଛ-ମୂଳ-ସୁରଙ୍ଗ-ପାଳକ-ଗୁଚ୍ଛ,
୪ କହଳୁ ନାହିଁ ରଙ୍ଗେ ହଲାଇ ପକ୍ଷ
ସୋଦର ଚାହିଁ କୋପେ ହୋଇ ବିପକ୍ଷ ।
ଯୁଝାଇଥାଏ ସିନା ତାକୁ ଆହାର,
ନତୁବା ଭ୍ରାତା ରିପୁ ହୁଏ କାହାର ?

ବସିଛି ପୀନ କାୟେ ପୂର୍ଣ୍ଣ ଉଦରେ
ବିଶାଳ ଶାଳତରୁ-ଡାଳେ ମୁଦରେ ।
ମଧୂକ-ବନେ ବସି ଶୁକ ସକଳ
ଭୋଜନ-ବ୍ୟାଜେ କାଟି ମଧୂକ-ଫଳ
ଦ୍ୱିଜ-ସ୍ୱଭାବେ କରୁଛନ୍ତି ଅଙ୍କନ
୫ ସୂକ୍ଷ୍ମ ପଞ୍ଜିକା ଭାବୀ-ବୃଷ୍ଟି ଲକ୍ଷଣ ।
ତମସା-ତଟ-ବଟ-ବିଟପୀ ତଳ
ନିବିଡ଼ କିଶଳୟ-ଛାୟା-ଶୀତଳ,
ଯହିଁ କୁଟଜ-ବାସ-ପୂର୍ଣ୍ଣ-ଉଟଜେ
ସହଜେ ଗ୍ରୀଷ୍ମ ଶାନ୍ତ-ଚରଣେ ଭଜେ ।
ବାଲ୍ମୀକି ବସି ତହିଁ ଜ୍ଞାନ-ନୟନ
ଫିଟାଇ ଦେଖୁଛନ୍ତି ଶ୍ରୀରାମାୟଣ,
ତାପସ-ବୃନ୍ଦ କାହିଁ କେ ଅଧ୍ୟୟନ,
କେ କାହିଁ କରୁଛନ୍ତି ବେଦ-ଗାୟନ ।
ଗୁରୁ-ଗରଭ-ଭରେ ଆଳସୀ ସୀତା
ତାପସୀ-ପରିବେଶେ ହୋଇ ବେଷ୍ଟିତା
ନିବିଡ଼ ନିକୁଞ୍ଜରେ ପଲ୍ଲବାସନେ
ଶାନ୍ତ ସେବନ୍ତି ବସି ସ୍ଥିର-ଦର୍ଶନେ ।
ପରିଧି-ଯୁତ କି ସେ ଚନ୍ଦ୍ରମଣ୍ଡଳ
୬ ରାକା-ବିଦାୟେ ଭଜେ ଅସ୍ତ-ଅଚଳ;
ସଖି-ପାଣ୍ଡୁର-ଗଣ୍ଡ ସ୍ୱେଦ-ପଟଳ,
ଶିଶିର ପରି ହିମ ନୟନ-ଜଳ ।
ତାପସୀ-ମଧ୍ୟେ ରହି ଶ୍ରୀରାମ-ରାଣୀ
ଲଙ୍କା-ରାକ୍ଷସୀ-ବୃତ ସ୍ମୃତିକୁ ଆଣି
ଭାବନ୍ତି ତାପସୀଙ୍କ ସ୍ୱର୍ଗୀୟ ଭାବ,
ରାକ୍ଷସୀ ନାରକୀୟ ମନ୍ଦ ସ୍ୱଭାବ ।

---

୧ । ଉଦରେ—ଗର୍ଭରେ । ୨ । ଉଦରେ—ଜଳରେ ।
୩ । ଚମ୍ପା—ସମରଶୀଳ ପକ୍ଷିବିଶେଷ । ଏହାର ଯୁଦ୍ଧ ଦେଖିବା ନିମନ୍ତେ ଲୋକେ (ବିଶେଷତଃ ଗଡ଼ଜାତ ଲୋକେ) ଆଣି ପୋଷଣ କରିଥାନ୍ତି—ବୁଲବୁଲ । ୪ । ଏକ ଚମ୍ପା ଅନ୍ୟ ଚମ୍ପାପକ୍ଷୀକୁ ଦେଖିଲେ ଯୁଦ୍ଧୋଦ୍ଦେଶ୍ୟରେ ପକ୍ଷ ଚାଳନ କରି କରି ଯେଉଁ ମଧୁର ରବ କରିଥାଏ, ତାହାକୁ କହଳିବା କହନ୍ତି । ୫ । ଶୁକପକ୍ଷୀ କାଟିଥିବାର ଟୋଲକୁ (ମହୁଲ ଫଳ) ଦେଖି ଅନେକେ ବୃଷ୍ଟିନିର୍ଣ୍ଣୟ କରିଥାନ୍ତି । ୬ । ରାକା—ପୂର୍ଣ୍ଣିମା ।

ମନେ ପଡ଼ନ୍ତେ ଯାର ବାତ-ନନ୍ଦନ
ବାତଦେବଙ୍କୁ କଲେ ଅଭିନନ୍ଦନ;
ତାଳ-ବୃନ୍ତରେ ଦେବୀ ସାଦରେ ଯାଞ୍ଚି,
ପ୍ରସାଦ ଲାଭକଲେ ଶୀତଳ-ବାତ ।
ଏକାଳେ ଆଗେ ଆସି ଚନ୍ଦ୍ରା-ସୁନ୍ଦରୀ
ବୋଇଲା ବଚନରେ ବିନୟ ଭରି,
"ଦେବି ଗୋ ! ଦ୍ୱାରେ ଆସି କେତେକ ଜନ
ସତୃଷ୍ଣେ ଲୋଡ଼ୁଛନ୍ତି ତୁମ୍ଭ ଦର୍ଶନ ।
ବହୁତ ଦୂରୁଁ ଆସିଅଛନ୍ତି ପରି,
ଧନ୍ୟ ଦୃଷ୍ଟା ଗଣି ନାହିଁ ଏ ଖରା !
ଦେଖିଲେ ମନୋହର ରୂପ ତାଙ୍କର,
ହୃଦୟ ହୋଇଯାଏ ପ୍ରୀତି-ଆକର ।"
ଦେବୀ ବୋଇଲେ, "ସଖି, ଆଣ ସତ୍ୱର,
ଧନ୍ୟ ମୋ ଭାଗ୍ୟ ! ମୋତେ ଏତେ ଆଦର
ତାଙ୍କ ଦର୍ଶନେ ମୋର ନୟନଦ୍ୱୟ,
କରିବେ ପାପ-ତାପ ଅବଶ୍ୟ କ୍ଷୟ ।"
ଦେବୀ ଆଦେଶେ ଜଣେ ପ୍ରଥମେ ଆସି
ବୋଇଲା ମୃଦୁ-ମନ୍ଦ ହାସ ପ୍ରକାଶି,
ସୁଚିର-ପରିଚିତ ବାନ୍ଧବ ପରି
ପ୍ରଣୟ-ବାକ୍ୟେ ସୁଧା ସେଚନ କରି
"ଦେବି ଗୋ, ପୂର୍ବକଥା ଅଛି କି ମନେ ?
ଚରଣ ଦେଇଥିଲ ମୋର ସଦନେ,
ତୁମ୍ଭ ଶ୍ରୀଅଙ୍ଗ ତେଜେ ମୋ' ଅବୟବ
ଲଭିଛି ଏହି ଦିବ୍ୟ-ପ୍ରଭା-ବିଭବ ।
ସେ ପ୍ରଭା-ବ୍ୟପଦେଶେ ମୋର ନିର୍ଝର
ଝରନ୍ତି ଆନନ୍ଦରେ ହୋଇ ଜର୍ଜର;
କୁସୁମକୁଳ ହୋଇ ପ୍ରଫୁଲ୍ଲ-ଆସ୍ୟ
ନିନ୍ଦନ୍ତି ନନ୍ଦନକୁ ଦେଖାଇ ହାସ୍ୟ ।
ସରିତ-ନୀର ହୋଇ ଚିରବାସିତ
ତୀରବାସିଙ୍କି କରେ ସମୁଲ୍ଲାସିତ;
ପ୍ରୀତିପାଳିତ ତୁମ୍ଭ ମୟୂରଗଣ
ଉଚ୍ଚେ କରନ୍ତି ନିତି ଗୁଣ ଗାୟନ ।
ତୁମ୍ଭ ଦର୍ଶନ-ଆଶା ରଖି ଅଟଳ
ଥରକୁ ଥର ଆସି ମେଘ-ପଟଳ,
ଲୋଡ଼ନ୍ତି ଭ୍ରମି ଭ୍ରମି ଦରୀକ ଦରୀ,
କାହିଁ ଅଛନ୍ତି ବୋଲି ସୀତା ସୁନ୍ଦରୀ ।
ପୁଚ୍ଛନ୍ତି ମୋତେ ମନ୍ଦ୍ର-ଗମ୍ଭୀର-ସ୍ୱରେ,
ମାନନ୍ତି ନାହିଁ କେବେ 'ନାହିଁ' ଉତ୍ତରେ ।
୧ ଖୋଜନ୍ତି ପୁଣି ଶମ୍ପା-ଆଲୋକ ଧରି
ନିଶ୍ଚୟ ଅଛି ବୋଲି ସୀତା ସୁନ୍ଦରୀ ।
ଚିହ୍ନ କି ଦେବି, ଆଜି ଏ ଭାଗ୍ୟହୀନେ ?
ଆସିଛି ଶ୍ରୀଛାମୁକୁ ଅନେକ ଦିନେ,
ତୁମ୍ଭ ଚରଣ ରଜେ ମଣ୍ଡି ମୁକୁଟ
ହୋଇଛି ଭାଗ୍ୟବାନ 'ମୁଁ ଚିତ୍ରକୂଟ' ।"
ତା' ପରେ ଉଭା ଏକ ନବ ରଙ୍ଗିଣୀ,
ସ୍ୱଚ୍ଛ-ଉଜ୍ଜ୍ୱଳ-କାନ୍ତି ମଞ୍ଜୁ-ଅଙ୍ଗିମା,
ତୀବ୍ର ଆତପ-ତାପ-ଦର୍ପ-ଗଞ୍ଜିମା,
କାନନ-ସୁନ୍ଦରୀଙ୍କ ଚିର-ସଙ୍ଗିମା;
ଗଳଶୋଭିତ ଗିରି-ମଲ୍ଲିକା-ମାଳେ,
ମଧୁକେ ମନୋହର ଲଲାମ ଭାଲେ,
କର୍ଣ୍ଣ-ଭୂଷଣ ଜମ୍ବୁ ନୀଳ ରତନ,
ଶୁକ୍ତି କରିଛି କଟି-ଭୂଷା ରଚନ;
କାନନବାସି-ମୁନି ମନମୋହିନୀ,
ଗୁରୁ-କୁଟିଳ-ନୀଳ ବେଣୀ-ଶୋଭିନୀ;
କୋମଳ କଳଭାଷେ ପ୍ରସନ୍ନ ମୁଖେ
ମଧୁରେ ଜଣାଇଲା ସତୀ-ସମ୍ମୁଖେ,
"ସୁଶୀଳେ, କୃତଜ୍ଞତା ଘେନ ମୋହର,
ମୁଁ ଚିରଋଣୀ ସ୍ନେହ-ଋଣେ ତୋହର;
ଶୁଝିବ ଋଣ କାହିଁ ? ନାହିଁ ମୋ ଶକ୍ତି,
କୃତାର୍ଥ କର ସତି, ଘେନ ମୋ ଭକ୍ତି ।

୧ । ଶମ୍ପା—ବିଜୁଳି ।

ମହୀରେ ମୋହ ପରି ନାହାନ୍ତି କେତେ ?
କେ କାହିଁ ପାଇଅଛି ତୋ କୃପା ଏତେ ?
ତୋ ଶୁଭ-ଦୃଷ୍ଟି ପାତ ଲଭିଲି ଯେଣୁ
୧ ମୋ ବାଲି ହୋଇଅଛି ସୁବର୍ଣ୍ଣ-ରେଣୁ;
କ୍ରୀଡ଼ାରେ ରଞ୍ଜିବାରୁ ତୋ ଦିବ୍ୟନେତ୍ର,
୨ ମୋ ଉର କରିଦେଲୁ ହୀରକ-କ୍ଷେତ୍ର;
ଥାଉଁ ଗିରୀନ୍ଦ୍ର-ସୁତା ଶ୍ରୀବିଷ୍ଣୁପଦୀ,
ତୋ ଦତ୍ତ ଉପାଧିରେ ମୁଁ 'ମହାନଦୀ' ।"
ଅଇଲା ଗୋଦାବରୀ ବିଶଦ-କାୟା,
ବଦନେ ପଡ଼ିଅଛି ବିଷାଦ-ଛାୟା,
ବିକଳେ କରି କରି ଅଶ୍ରୁ-ମୋଚନ,
ଅଞ୍ଚଳେ ପୋଛି ପୋଛି ପଦ୍ମ-ଲୋଚନ,
ବିଚିତ୍ର ଚିତ୍ରମାନ ଉଜ୍ଜ୍ୱଳ ରଙ୍ଗେ
ରଞ୍ଜିତ କରି ଆଣିଥିଲା ତା ସଙ୍ଗେ,
ସତୀଙ୍କ ଅନୁମତି ନେଇ ସତ୍ୱର
ଫିଟାଇ ଦେଖାଇଲା ସ୍ତରକୁ ସ୍ତର ।
କାହିଁ କୁସୁମାବଳୀ ବଲ୍ଲୀରୁ ଝଡ଼ି
୩ ଖରାଂଶୁ-ଖରାଂଶୁରେ ଯାଉଛି ସଡ଼ି,
ପାଦପମାନେ ଶୁଷ୍କ-ପତ୍ର-ଶେଷେ
ମଳିନ ବେଶେ ରହିଛନ୍ତି ନିସ୍ତେଜେ;
କାହାର ଶାଖାଟିଏ ହୋଇ ବିଭଙ୍ଗ
ବହିକ ପାରି ନାହିଁ ପାଦପ-ଅଙ୍ଗ,
ତୃଣପଟଳେ ମାଗୁଅଛି ଶରଣ,
କା' ଶିର ଚୁମ୍ବି, କାହା ଧରି ଚରଣ ।
ପକ୍ଷି-ପୁରୀଷେ ପୂରି ପତ୍ର ସକଳ,
କାହା ଶରୀର କରୁଅଛି ଧବଳ;
କେହି ବା ଲୂତାଜାଲ ମଳିନ-ବାସ
ବଦନେ ଢାଙ୍କି ନାଶିଅଛି ଉଲ୍ଲାସ;
ମଣ୍ଡୂକ-ଦଳ ଚାହିଁ ବକ-ବିକ୍ରମ
ମୁହୁଃ-ପ୍ଲବନେ ପାଉଛନ୍ତି ବିକ୍ଲମ;
କେତେ ବା ଲୁଚି ଲୁଚି ଉପଳତଳେ,
ଉଦର ତୋଷୁଛନ୍ତି ବସି ନିଶ୍ଚଳେ ।
ବନ୍ୟ ମହିଷ କାହିଁ ଦଳକୁ ଦଳ
ପଙ୍କିଳ କରୁଛନ୍ତି ସରସୀ-ଜଳ;
ରାଜୀବ-ରାଜି ହୋଇ କର୍ଦ୍ଦମ ଲିପ୍ତ
୪ ଲୁଲାପ-ପଦେ ହେଉଅଛନ୍ତି କ୍ଷିପ୍ତ ।
କାହିଁ ବା ଅଜଗର ଆହାର-ଆଶେ
ପଡ଼ିଛି କାଷ୍ଠ ସମ ସଲିଳ ପାଶେ;
ତା' ପାର୍ଶ୍ୱେ ଚାହିଁ ମୃଗଯୂଥ-ସରଣୀ
୫ ଶାର୍ଦ୍ଦୂଳ ଲୁଚି ଚାଟୁଅଛି ସୃକ୍କଣୀ ।
ପୁଣି ଦେଖିଲେ ଘୋର ଦାବ-ଦହନ
ଧୂମ-ତିମିରେ ପୂର୍ଣ୍ଣ କରି ଗହନ,
ଅସଂଖ୍ୟ-ଶାଖା ଶିଖି-ଶିଖା ପ୍ରଚଣ୍ଡ
ଡେଇଁ ମିଶୁଛି ନଭେ ଖଣ୍ଡକୁ ଖଣ୍ଡ ।
ଜ୍ୱଳନ୍ତ ପତ୍ରଚୟ ଉଠି ଗଗନ,
ଧୂମ-ବାହନେ କରୁଛନ୍ତି ଗମନ;
ଦୂର ପାଦପେ ବସି ସମ୍ବାଦ କହି
୬ ତା ପରେ ଦେଉଛନ୍ତି ତାପରେ ଦହି ।
କେତେ ପତ୍ର ଊର୍ଦ୍ଧ୍ୱପଥେ ମଳିନ
ହୋଇ ଗଗନେ ହେଉଅଛନ୍ତି ଲୀନ,
୭ ପତତ୍ରୀ କେତେ ଉଡ଼ି ପଳାନ୍ତି ନଭେ
କେତେ ବା ପଡ଼ୁଛନ୍ତି ଅନଳ-ଗର୍ଭେ ।

---

୧ । ମହାନଦୀର ବାଲିରେ ସ୍ୱର୍ଣ୍ଣରେଣୁ ମିଳେ । ତାହାକୁ ଏ ଦେଶୀୟ ଝରାମାନେ ସଂଗ୍ରହ କରିଥାନ୍ତି ।

୨ । ସମ୍ବଲପୁରର ଅନତିଦୂରରେ ମହାନଦୀଗର୍ଭରେ ହୀରାକୁଦ ନାମରେ ଗୋଟିଏ କୁଦ (କ୍ଷୁଦ୍ର ଦ୍ୱୀପ) ଅଛି । ଏଠାରେ ହୀରା ମିଳିବାର ଜନରବ ଅଛି ।

୩ । ଖରାଂଶୁ—ସୂର୍ଯ୍ୟ, ଖରାଂଶୁ—ପ୍ରଚଣ୍ଡ କିରଣ ।

୪ । ଲୁଲାପ—ଯେ ପଙ୍କରେ ବିଲୋଡ଼ିତ ହୁଏ ଅର୍ଥାତ୍ ମହିଷ । ୫ । ସୃକ୍କଣୀ—ଓଷ୍ଠର ପ୍ରାନ୍ତଭାଗ । ୬ । ତା ପରେ—ତହିଁ ଉପରେ । ତାପରେ—ଉଷ୍ଣତାରେ ।

୭ । ପତତ୍ରୀ—ପକ୍ଷୀ ।

ମୃଗ ମହିଷ ଗଜ ଦଳକୁ ଦଳ
ଶଶ ଶୂକର ଶିବା ଭଲ୍ଲୁକ-ଦଳ,
ଧୂମପଟଳେ ମଜ୍ଜି ଗୃହିଁ ଅନଳେ
୧ ଅଛନ୍ତି କାନ୍ଦିଶୀକ ହୋଇ ବିକଳେ ।
୨ ଘୃତ ଚକିତ-ଚିତ୍ତ ପ୍ଲବଙ୍ଗଗଣ
ପଳାନ୍ତି ତରୁଁ ତରୁ କରି ପ୍ଲବନ;
ଶାବକ ଧରି ପୃଷ୍ଠେ କେହି ବା କକ୍ଷେ
ଦଉଡ଼ିଛନ୍ତି ଧୂମେ ସରିତ ଲକ୍ଷେ ।
୩ ସରିତ-ସଇକତ-ସ୍ରୋତ-ଆକୂଳ;
୪ ଭରିଅଛନ୍ତି ଜନ୍ତୁ ହୋଇ ଆକୁଳ,
ବୋଇଲା ଗୋଦାବରୀ, "ଦେଖିଲୁ ବୟସେ,
ଦଣ୍ଡକା ଦଶା ତୋର ଗ୍ରୁଡ଼ିବା ପଛେ ।"
ବୋଇଲେ ସଖୀ ପର-ଦୁଃଖକାତରୀ,
"ହା ! ହା ! ଦଣ୍ଡକା ମୋର କେଳି-ପସରୀ,
ଧନ୍ୟ ହୁଅନ୍ତି କଲେ ସତ୍ତ୍ୱର ବଧି
ମୋ' ନେତ୍ର-ମାଟିରେ ତୋର ଶାନ୍ତିର ବଧି ।
ଅଯୋଧ୍ୟା ତହୁଁ ସଖୀ ଗ୍ରୁମୁରେ ଦେଖା
କରି ପଢ଼ିଲା ରାଜଲକ୍ଷ୍ମୀର ଲେଖା,
ଶୋକ-ଗଦ୍‌ଗଦ-ଦୁଃଖ-ବିକୃତ ସ୍ୱରେ
କମ୍ପିତ ଓଷ୍ଠେ ଲଜ୍ଜାନତ ଭାଷରେ,
"ସଖି, ମୁଁ ନିଶା, ତୁହି ଥିଲୁ କୌମୁଦୀ,
ଗଲୁ ମୋ ନେତ୍ର-ଫୁଲ୍ଲ-କୁମୁଦ ମୁଦି,
ତୋ ବିନା ନାହିଁ ଆଉ ମୋ' ସୁଖ ଲେଶ,
ଧରିଛି ଭୂଷା-ହୀନା ଯୋଷାର ବେଶ ।
ରାଜ-ଭବନ ଆଜି ହୋଇଛି ବନ
ତୋହୋ ବିରହ ତହିଁ ଦାବ-ଦହନ,
ପ୍ରବେଶି, ସବୁ କରି ଦେଇଛି ନାଶ
ଅଛି କି ଆଉ ପୂର୍ବ-ଶୋଭା-ବିଳାସ ?
ପୋଡ଼ିଛି ସମୁଲ୍ଲାସ-ପଲ୍ଲବମୟ
ବିଶାଳ ସାଧୁହୃଦ-ପାଦପଚୟ,
ସୁହାସ-ସୁବାସିତ କୁସୁମ-ବଂଶ
ଆହା ସହଜେ ତହିଁ ହୋଇଛି ଧ୍ୱଂସ !
ଶାନ୍ତି-ହରିଣୀ-ଯୂଥ ଧଇର୍ଯ୍ୟ-କରୀ
ବିଷାଦ-ଧୂମେ ପ୍ରାଣ ଅସ୍ଥିର କରି,
ତିତିକ୍ଷା ସରିତର ଉଦରେ ଯାଇ
ଆକଣ୍ଠ ଦେଇଛନ୍ତି ତନୁ ମଜ୍ଜାଇ ।
ଖଳ-ହୃଦୟ ବଳବନ୍ତ ଶ୍ୱାପଦ,
ତାଙ୍କୁ ହିଁ ଗ୍ରୁଡ଼ି ନାହିଁ ସେହି ଆପଦ;
ଏକା ଶ୍ରୀରାମ-ହୃଦ-ସିନ୍ଧୁ-ଅତଳ-
ଗରଭେ ହୋଇଛି ତା' ବାଡ଼ବାନଳ ।
ରାହୁ ଗ୍ରାସିଲେ ଯଥା ଚନ୍ଦ୍ରମାରାଶି,
ତୋ ବିନା ଅଛି ନୃପ ଆକାର ମାତ୍ର;
ପ୍ରିୟଛି ତମ ମଣିମୟ ଭବନେ
ଜୀମୂତ ଯଥା ତାରାପୂର୍ଣ୍ଣ ଗଗନେ ।
ବିଦଗ୍ଧ ହୃଦେ ଛନ୍ତି ଶାଶୁଏ ବସି,
ସଲିଳ ଶୁଖିଗଲେ ଯଥା ସରସୀ;
ଫଣୀର ପ୍ରାଣଧନ ଯେସନ ମଣି,
ତହୁଁ ଅଧିକ ତୋତେ ଥା'ଆନ୍ତି ମଣି ।
କପାଟ ପଡ଼ିଅଛି ପ୍ରମଦ-ବନେ,
ଫୁଲ ବା ପଡୁଅଛି କାହା ନୟନେ ?
ମୁସ୍ତକେ ଉଠି ଗନ୍ଧ-ବଣିକ ସାଜ
ଶୁଖାଉଛନ୍ତି ଚ୍ୟୁତ-କୁସୁମ-ରାଜ ।

---

୧ । କାନ୍ଦିଶୀକ—ଯେ ଭୟରେ ପଳାୟନ କରିବାକୁ କୌଣସି ଦିଗନିର୍ଣ୍ଣୟ କରିପାରେ ନାହିଁ ।

୨ । ପ୍ଲବଙ୍ଗ—ଯେ ଡେଇଁ ଡେଇଁ ଯାଏ ଅର୍ଥାତ୍ ବାନର ।

୩ । ଆକୂଳ—କୂଳପର୍ଯ୍ୟନ୍ତ ।

୪ । ଆକୁଳ—ବିକଳ ।

ବଲ୍ଲୀ-ବିଟପି-ବୀଥି ହୋଇ ଅସୁଖୀ
ତୋତେ ସୁମର ଯାଉଅଛନ୍ତି ଶୁଖି;
ଶଙ୍ଖ-ମର୍ମର-ମସୃଣ ରମ୍ୟ ପଥରେ
ଆସନ କରୁଛନ୍ତି ଶୁଷ୍କ ପତରେ,
ଦେବରମାନେ ମାନ ପ୍ରଭୁଙ୍କ କଥା
ବିଷାଦଭରେ ଛନ୍ତି ନୁଆଇଁ ମଥା ।
ମନ୍ତ୍ରେ ନିହତ-ବୀର୍ଯ୍ୟ ଯଥା ଭୁଜଙ୍ଗ,
୧ ଅଥବା ତୀକ୍ଷ୍ଣ-ଶୃଣି-ଭୀତ ମାତଙ୍ଗ ।
ଭଗିନୀମାନଙ୍କର ଗଣ୍ଡ-ମଣ୍ଡଳ
ନିର୍ଭର କରୁଅଛି କର-କମଳ,
୨ ହେଉଛି ଦିନୁଦିନ ତାହାଙ୍କ ତନୁ
୩ ଅସିତ-ପକ୍ଷ-ଚନ୍ଦ୍ର-ସଦୃଶ ତନୁ ।

ସଙ୍ଗୀତ-ସଙ୍ଗିନୀଏ ମୁରଜ ମୁଖ
ନ ଛୁଇଁ ନିଜେ ହୋଇଅଛନ୍ତି ମୂକ;
ଦାସୀଏ ତୋର ବାସି-କୁସୁମ ପରି
ପ୍ରଗାଢ଼ ଦୁଃଖେ ଛନ୍ତି ଜୀବନ ଧରି ।"
ନ ସାରି ପତ୍ରପାଠ ମ୍ଳାନ-ରୂପସୀ
ଅଯୋଧ୍ୟା ଅବଶରେ ପଡ଼ିଲା ବସି;
ଜାନକୀ ଦୟାବତୀ ଦେଖି ତା' ଦଶା
କ୍ଷୋଭ ସନ୍ତାପେ ଆପେ ହେଲେ ବିବଶା ।
ହୋଇଆସିଲା ଏବେ ଦିବାବସାନ
ଅତିଥି ବାହୁଡ଼ିଲେ ଯେ' ଯାହା ସ୍ଥାନ;
ତାପସୀମାନେ ନେଇ ସୀତାଙ୍କୁ ରଙ୍ଗେ
ନିରତ ହେଲେ ନିଜ ନିଜ ପ୍ରସଙ୍ଗେ ।

# ନବମ ସର୍ଗ

(ନିଦାଘବାଣୀ)

ସୀତା-ଗର୍ଭ ଭାର ଉତ୍ତର ଉତ୍ତର,
ଗୁରୁତମ ହେଲା ଲଙ୍ଘି ଗୁରୁତର ।
ବସିଥିଲେ ହେଲା ଉଠିବା ଦୁଷ୍କର,
ଉଠିଲେ ଦୁର୍ବହ ହେଲା କଳେବର ।
ଏକାଳେ ସୀତାଙ୍କ ହେବ ବୋଲି କଷ୍ଟ,
ବର୍ଷା ଆସି କଲା ନିଦାଘ ବିନଷ୍ଟ ।
ଅବସନ୍ନ-ପ୍ରାଣେ ଦେବା ପାଇଁ ବଳ
ଚୌଦିଗେ ଉଠିଲେ ଜଳଦପଟଳ ।
ଊର୍ଦ୍ଧ୍ୱ ଦିଗେ ରୋଧ କରି ସୂର୍ଯ୍ୟାତପ,
ଟାଣିଦେଲେ ନଭେ ଶ୍ୟାମ-ଚନ୍ଦ୍ରାତପ ।

ଚନ୍ଦ୍ରାତପ-ପ୍ରଭା ବିଦ୍ୟୁତ ଝଲକେ,
ଚମକାଇଦେଲା ନୟନ-ପଲକେ ।
ଦିଗଙ୍ଗନାମାନେ ସାଜି ନୀଳ-ବେଣୀ,
ମଣ୍ଡିଦେଲେ ତହିଁ ବକ-ମୁକ୍ତା-ଶ୍ରେଣୀ ।
ରତ୍ନାକରୁଁ ରତ୍ନ-ରେଣୁ-ଉତ୍ତୋଳନ,
କରି ଦିଗପାଳେ ମଣ୍ଡିଲେ ତୋରଣ ।
ସ୍ୱାର୍ଥପର ବଶେ ଲଜ୍ଜା ତେଜି ମନୁ,
୪ ବାସବ ବୋଇଲେ ତାହା ମୋର ଧନୁ ।
୫ ନ ସହି ବେଳଳିଲ ରତ୍ନାକରପତି,
ମୋ ରତ୍ନ ନିର୍ମିତ ରହିବ ମୋ' କତି ।

୧ । ଶୃଣି—ଅଙ୍କୁଶ । ୨ । ତନୁ—ଶରୀର । ୩ । ତନୁ—କ୍ଷୀଣ ୪ । ବାସବ—ଇନ୍ଦ୍ର (ପୂର୍ବଦିଗପାଳ) । ୫ । ରତ୍ନାକରପତି—ବରୁଣ (ପଶ୍ଚିମଦିଗପାଳ) ।

ଅନ୍ୟ ଦିଗପାଳେ ସାଧୁଧର୍ମ ପାଳି,
କରିଦେଲେ ତାଙ୍କୁ ବେଳେ ବେଳେ ପାଳି ।
ସୁତା-ଦୁଃଖ-ତାପେ ତପ୍ତା ଅବନୀର
ମସ୍ତକେ ବରଷା ଢାଳିଦେଲା ନୀର ।
ନଦୀ ସର ବନ ପର୍ବତ ନ ବାରି
ସମସ୍ତଙ୍କ ଶିରେ ଢାଳିଗଲା ବାରି ।
ତୃଣ-ଶସ୍ୟାଙ୍କୁର କଦମ୍ବ-ବିକାଶ
ରୂପେ ହେଲା ମହୀ-ପୁଲକ-ପ୍ରକାଶ ।
ବସୁମତୀ-ବକ୍ଷ ହେଲା ଜଳମୟ,
ତମସା ବହିଲା ମାଡ଼ି କୂଳଦ୍ୱୟ ।
ଜାନକୀଙ୍କି ଚୃହିଁ ଆସନ୍ନ-ପ୍ରସବା
ହୃଦେ ତାଙ୍କ ମୁଦ ଉଚ୍ଛୁଳିଲା ଅବା ।
ହୃଦ-ବହ୍ନି ତେଜି ପର୍ବତ କାନନ
ତନୁ ମାଜି ହେଲେ ପ୍ରଫୁଲ୍ଲ-ଆନନ ।
କେତକୀ-କଣ୍ଟକ-ଦୁର୍ଗ-ନିବାସିନୀ
କଣ୍ଟକ-ବିଗ୍ରହେ ହୋଇ ସୁହାସିନୀ,
କହିଲା ପରି ସେ, ବିପଦ-ବନରେ
ବିବଶା ବୈଦେହି, ନ ଭାବ ମନରେ ।
କଣ୍ଟକ-ବନେ ମୁଁ ନିଜେ କଣ୍ଟକିତ,
ବାସ ଯୋଗୁଁ ହୁଏଁ ଭୁବନ-ପୂଜିତ ।
ତାପସୀ-ଗହନେ ହୋଇ ତପସ୍ୱିନୀ,
ଲୋକପୂଜନୀୟା ହେବୁ ମନସ୍ୱିନି !
କି କରିବ ଲୋକ-ଲୋଚନ-ଦୂଷଣ,
ନିଜ ଗୁଣ ଯେବେ ସ୍ୱର୍ଗୀୟ ଭୂଷଣ ।
କଣ୍ଟା ଦେଖି ଅଳି ନ କଲେ ଶରଧା,
ମୁଁ କି ଛାଡ଼ିବି ସୌରଭ-ସ୍ପରଧା ?
ଗଛୁ କୃଷ୍ଣଚୂଡ଼ା ଫୁଟି ସୁଶୋଭନ
ବେଶେ କଲା ମନ-ନେତ୍ର ପ୍ରଲୋଭନ ।
ବସନ୍ତ କାଳରୁ ଥାଇ ଗଜଦନ୍ତ
ପ୍ରାବୃଟକୁ ଦେଲା କୁସୁମ ଉଦନ୍ତ ।
କମଳ ମଲ୍ଲିକା କୁଟଜ ବିଷୟ
ପ୍ରୀତିପ୍ରଦ ହେଲା ତହିଁ ଅତିଶୟ ।

ରତ୍ନ ମଣି ତାଙ୍କୁ ଯତ୍ନ କଲା ନିତି,
କିନ୍ତୁ କେ ଲଙ୍ଘିବ ବିଧାତାର ନୀତି ?
ରଖି ନ ପାରିଲା ବର୍ଷା ନିଜ ବଳେ,
ତିନିହେଁ ପଡ଼ିଲେ କାଳର କବଳେ ।
ଏଥି ହେଲା ଏହା ସତୀଙ୍କର ଜ୍ଞେୟ,
ଆଜୀବନ ସାଧୁ ନୁହେଁ ଅବଜ୍ଞେୟ ।
କୁସୁମ ମଣ୍ଡନେ ବାର୍ଷିକ ଉତ୍ସବ
ଅନୁଷ୍ଠାନ କଲେ ଯୂଈ ଲତା ସର୍ବ ।
ସତେ କି ସତୀଙ୍କ ଚିତ୍ତ-ବିନୋଦନ
ନିମିତ୍ତ ନିର୍ମିତ ସୁରଭି-ସଦନ ।
ଘନ-ନୀଳାମ୍ବରା ଶ୍ରାବଣୀ ରଜନୀ
୧ କରେ ଶିରେ ଧରି ଯୂଥିକା ରଜନୀ
ଉଭାହୋଇ ସତୀ କୁଟୀର-ପ୍ରାଙ୍ଗଣେ
ଉଜାଗରେ ଥାଏ ବେଦନା ହରଣେ ।
ବଇଦେହୀଙ୍କର ପ୍ରସବ-ଲକ୍ଷଣ
ପ୍ରକାଶିତ ହେଲା ଆସି କ୍ଷଣ କ୍ଷଣ ।
ସତୀ କଷ୍ଟ ବହି ରାବିଲେ ଅଦୂରେ
ଅତି ଆର୍ତ୍ତସ୍ୱରେ ବିକଳେ ଦର୍ଦ୍ଦୂରେ ।
ସତୀ ତୃଷା ନେଇ ଚାତକ ଗଗନେ
ଘନ ଘନ ଜଳ ଭିକ୍ଷା କଲା ଘନେ ।
ବୃଦ୍ଧା ତାପସୀଏ ସତୀ ସନ୍ନିଧାନେ
ଲାଗିଥାନ୍ତି କାଳ-ଉଚିତ ବିଧାନେ ।
ନିଶୀଥରେ ନିଶାମଣି-ଦ୍ୟୁତିହର
ଜନ୍ମିଲେ ସତୀଙ୍କ ଯମଜ କୁମର ।
କୁମାରଙ୍କ ତେଜ ବିଦ୍ୟୁତ ସହିତ
ମିଶି ଦଶ ଦିଗ କଲା ଆଲୋକିତ ।
ହରଷେ ବାସବ କଲେ ତୋପଧ୍ୱନି,
୨ ନ ଜାଣିଲା ଲୋକେ ବୋଇଲେ ଅଶନି ।
ଦିଗଙ୍ଗନାଙ୍କର ହୁଳହୁଳି ସଙ୍ଗେ
ଘନ ଘଡ଼ଘଡ଼ି ମିଶିଗଲା ରଙ୍ଗେ ।
ଗିରି ବନ ହେଲେ କୁସୁମ-ବରଷୀ,
ନାଚିଲେ କେଦାର, ସରିତ, ସରସୀ ।

୧ । ରଜନୀ—ନବୀନା ବା ଗଜଦନ୍ତ ପୁଷ୍ପ ; ୨ । ଅଶନି—ବଜ୍ର ।

ସଖୀ-କୁମାରଙ୍କ ଦର୍ଶନଲୋଲୁପ
ଜୀମୂତ ଖସିଲେ ଧରି ଧାରା-ରୂପ ।
ଦରଶନ-ଲୁବ୍‌ଧ-ହୃଦ ଉଦବେଗେ
କୂଳକୁ ଉଠିଲେ ନଦୀକୂଳ ବେଗେ ।
୧ ସାଗର ବରଜି ପୃଥୁରୋମାଗଣ
ନଦୀ ସଙ୍ଗେ ହେଲେ ନୃତ୍ୟପରାୟଣ ।
ହ୍ରଦ-ସରୋବର-କ୍ଷେତ୍ର-ଜଳ-ପୃଷ୍ଠେ
ଉଠି ମୀନଗଣ ନୃତ୍ୟ କଲେ ହୃଷ୍ଟେ ।
ସମସ୍ତଙ୍କୁ ବଳି ଦର୍ଶନେ ଆକୁଳ
କେଉଁ ଉଠିଗଲା ତାଳତରୁ ଚୂଳ ।
ବାଲ୍ମୀକ ମହର୍ଷି ଆସି ତତକ୍ଷଣ
କୁମାରଯୁଗଙ୍କୁ କଲେ ସନ୍ଦର୍ଶନ ।
ଭାବିଲେ ଏ ଗୁରୁ-ଶୁକ୍ର-ଗ୍ରହ-ଦ୍ୱୟ
ଏକତ୍ର ଆଶ୍ରମ-ଆକାଶେ ଉଦୟ ।
ମହର୍ଷି ହୃଦୟ ପ୍ରଭାତର ପରି,
ଆନନ୍ଦ-କୁସୁମ-ବାସେ ଗଲା ଭରି ।
କୁଶଗୁଚ୍ଛ ମୁନି-ବର ହସ୍ତେ ଘେନି
ମନ୍ତ୍ରି ଅଗ୍ର ଅଧ କଲେ ଖଣ୍ଡ ବେନି ।
ଅନୁକମ୍ପା କରେ କରି ସମର୍ପଣ
ବୋଇଲେ, ଶିଶୁଙ୍କୁ କର ସମ୍ମାର୍ଜନ
ଅଗ୍ରଜେ ପ୍ରୟୋଗ ଅଗ୍ରଭାଗ କରି,
ଅଧୋଭାଗେ ତନୁ ମାଜ ଅନୁଜରି ।
କଲେ ଅନୁକମ୍ପା ମୁନି ଆଜ୍ଞାମତେ
ଭୂତ-ବିନାଶିନୀ ରକ୍ଷା ସେହିମତେ ।
୨ କୁଶ ଲବ ଯୋଗେ ସମ୍ମାର୍ଜିତ ତନୁ
ସମୁଜ୍ଜ୍ୱଳ ହେଲା ଶାଣିତ ରତନୁ ।
୩ ତୃଣ ସହଯୋଗେ ଯଥା ବୃହଦ୍ଭାନୁ,
ଅବା ସିନ୍ଧୁ-ବୀଚି-ମୁକ୍ତ ନବ ଭାନୁ ।
ଜାନକୀ ଅନାନ୍ତେ କୁମରଙ୍କ ମୁଖ,
ହୃଦେ ଆସି ହେଲେ ସୁଖ ସଙ୍ଗେ ଦୁଃଖ ।

ସୁଖ ବୋଇଲା, ଏ ସୂର୍ଯ୍ୟ ଚନ୍ଦ୍ର ପରି
ନନ୍ଦନଯୁଗ ଯେ ଗର୍ଭେ ଥିଲା ଧରି,
ଧନ୍ୟ ଧନ୍ୟ ସେହୁ ଶତ ବାର ଧନ୍ୟ,
ଏଥୁଁ ବଳି ଭାଗ୍ୟ ଭବେ ନାହିଁ ଅନ୍ୟ ।
ଦୁଖ ବୋଇଲା, ଏ ନରେନ୍ଦ୍ର କୁମରେ
ଶୋଭୁଥାନ୍ତେ ଆଜି ମଣିମୟ ଘରେ ।
ହୋଇଥାନ୍ତେ ନୃପ-ହୃଦ-ଆନନ୍ଦନ,
ଦୀନ ଦୁଃଖୀଙ୍କର ଦାରିଦ୍ର୍ୟ-ଖଣ୍ଡନ ।
କେତେ ଧନ ରତ୍ନ ବସନ ଭୂଷଣ
ପାଇଥାନ୍ତେ ଆଜି ପୁରବାସୀଗଣ ।
ପୁର ପୂରୁଥାନ୍ତା ମଙ୍ଗଳ-ନାଦରେ,
ନଭ ପୂରୁଥାନ୍ତା ମଙ୍ଗଳ ବାଦ୍ୟରେ ।
ଭାଗ୍ୟ-ଦୋଷେ ଆହା ତାପସ-ତନୟ—
ରୂପେ ଆଶ୍ରା-କଲେ ତାପସ-ଆଳୟ ।
ସଖୀ-ନେତ୍ରୁଁ ବେନି-ଧାର ଜଳ ନେଇ
ଚାଲିଗଲା ଦୁଃଖ ସୁତ-ସ୍ନେହ ଦେଇ ।
କୁମାରଙ୍କ ରୂପେ ସଖୀଙ୍କ ହୃଦୟ
ହୋଇଗଲା ତହୁଁ ଶୁଦ୍ଧ ସୁଖମୟ ।
କୁମାରଙ୍କ ବିନା ଅନ୍ୟତ୍ର ନୟନ
ଚାଳିବାକୁ ଲେଶେ ହେଲା ନାହିଁ ମନ ।
ଜନନୀ-ନେତ୍ରଜ-ସ୍ନେହୋଜ୍ଜ୍ୱଳ ରଙ୍ଗ
ରଞ୍ଜି ମୁହୁର୍ମୁହୁ କୁମାରଙ୍କ ଅଙ୍ଗ,
ସେ ନେତ୍ରେ ଆଣିଲା ପ୍ରଶାନ୍ତ ଏମନ୍ତ,
୪ ସତେ ଆବିର୍ଭୂତ ନବ ପୁଷ୍ପବନ୍ତ ।
ମନରେ ଆନନ୍ଦ ସ୍ଥାପି ସିଂହାସନ
୫ ପ୍ରକାଶିଲା ନିଜ ସାର୍ବଭୌମପଣ ।
କୁମାରଙ୍କ ନାଭି-ଛେଦନ ସତ୍ୱର,
କଲେ ଅନୁକମ୍ପା ହୋଇ ହର୍ଷଭର ।
ତଦୁତ୍ତରେ ମନ୍ତ୍ର-ପୂତ ଜଳେ ସ୍ନାନ
କରାଇ ବିହିଲେ ସକଳ ବିଧାନ ।

---

୧ । ପୃଥୁରୋମା—ମତ୍ସ୍ୟ । ୨ । କେଶଗୁଚ୍ଛକୁ ଦୁଇ ଖଣ୍ଡ କଲେ ଅଗ୍ରଖଣ୍ଡକୁ କୁଶମୁଷ୍ଟି ଏବଂ ନିମ୍ନଖଣ୍ଡକୁ ଲବ ବୋଲାଯାଏ । ୩ । ବୃହଦ୍ଭାନୁ—ଅଗ୍ନି । ୪ । ପୁଷ୍ପବନ୍ତ—ଚନ୍ଦ୍ର, ସୂର୍ଯ୍ୟ ।
୫ । ସାର୍ବଭୌମ—ଚକ୍ରବର୍ତ୍ତୀ ।

କୁମାରଙ୍କୁ ଚାହିଁ ତାପସୀ-ମଣ୍ଡଳ
ଆନନ୍ଦଗଦ୍‌ଗଦେ କଲେ କୋଳାହଳ
ଦଳ ଦଳ ମୁନି-କୁମାର ନର୍ତ୍ତନେ
ଲାଗିଲେ ଶ୍ରୀରାମ-ନାମ-ସଂକୀର୍ତ୍ତନେ ।
ଦୁର୍ଦ୍ଧର୍ଷ-ଦୁର୍ଜୟ ଲବଣ-ଅସୁର—
ବିନାଶନ ଅର୍ଥେ ଶତ୍ରୁଘ୍ନ ଶୂର
ଯିବା ପଥେ ସେହି ରାତ୍ରେ ଦୈବବଶେ
ରହିଥିଲେ ପତି ବାଲ୍ମୀକି ଆଶ୍ରମେ ।
ଆଶ୍ରମର ସେହି ଆନନ୍ଦ-ନାଦରେ
ମଜ୍ଜିଗଲେ ଆପେ ଆନନ୍ଦ-ନଦରେ ।
ସତୀଙ୍କୁ ପ୍ରଶଂସି ବୋଇଲେ ଉତ୍‌ଫୁଲ୍ଲେ,
"ଅଟ ମା, ପାବନୀ ତୁମ୍ଭେ ରଘୁକୁଳେ ।
୧ ଜନନୀ ତୁମ୍ଭର ଯେଣୁ ସର୍ବଂସହା,
୨ ନିଜେ ଅଟ ମା ଗୋ, ତେଣୁ ସର୍ବଂସହା ।
ବସୁମତୀ-ସୁତେ, ନିଜ ଗର୍ଭେ ବସୁ
ଥୋଇଥିଲ ଏକା ଆମ୍ଭ ଭାଗ୍ୟବଶୁଁ ।
ଯେଉଁ ବସୁ ଆଜି ଦେଲ ରଘୁକୁଳେ,
ଶୋଭିବ ଅଯୋଧ୍ୟା-ରାଜଲକ୍ଷ୍ମୀ-ଚୂଳେ ।"
ମୁନି-କୁମାରଙ୍କ ଆନନ୍ଦ-ଚହଳେ
ଯୋଗଦେଲେ ଖଗ ମୃଗ ଦଳେ ଦଳେ ।
ଶ୍ରାବଣୀ ବାର୍ଷିକୀ ଶ୍ୟାମା ବିଭାବରୀ
ଶେଷ ହୋଇଗଲା ମୁହୂର୍ତ୍ତକ ପରି ।
ଲବଣ ଉଦ୍ଦେଶେ ସୁମିତ୍ରା-ନନ୍ଦନ
ବିଜେ କଲେ କରି ମୁନିଙ୍କି ବନ୍ଦନ ।
ଦ୍ରବ୍ୟେ ତୋଷିବାକୁ ତାପସୀ-ତାପସ
ସ୍ୱଭାବେ ବଳିଲା ସତୀଙ୍କ ମାନସ ।
ସତୀଙ୍କର ମନ-ଅନୁରୂପ ଧନ
କାହିଁ ? ସେ ତ ଆସେ ଆଶ୍ରିଛନ୍ତି ବନ ।
ଚନ୍ଦ୍ରିକା ବାଣ୍ଟିଇ ତୋଷିବ ଜଗତ,
କିନ୍ତୁ ଗଗନରେ ମେଘ ଉପଗତ ।

ଯେତେବେଳେ ସତୀ ଆସିଲେ ଭବନୁ,
ମନେ ଥିଲା ଜବେ ବାହୁଡ଼ିବେ ବନୁ ।
ମୁନି-କୁମାରୀଙ୍କ ପାଇଁ ଉପହାର
ଆଣିଥିଲେ କଚ୍ଛ୍‌ବାସ ଅଳଙ୍କାର ।
ତା' କରି ସଲଜ୍ଜେ ବିନୟେ ବଣ୍ଟନ
ତୋଷିଲେ ତାପସ-ତାପସୀଙ୍କ ମନ ।
ହୃଦ-ସିନ୍ଧୁ ତାଙ୍କ ବିଧୁ-କର ପରି
ଲଭି ତା ମେଲିଲା ଆନନ୍ଦ-ଲହରୀ ।
ସଞ୍ଚିଥିଲେ ଯାହା ଫଳ ତୃଣ-ଧାନ୍ୟ,
କୁରଙ୍ଗେ ବିହଙ୍ଗେ କଲେ ସମ୍ପ୍ରଦାନ ।
ଭୁଞ୍ଜିଲେ ସେମାନେ ଟଣାଟଣି କରି,
କେତେ ପକ୍ଷୀ ଉଡ଼ିଗଲେ ଥଣ୍ଟେ ଧରି ।
ସାରି-ଶାବେ ଥିଲେ ମାତେ ମେଲି ପାଟି,
ଜନନୀ ଆହାର ଦେଲା ତାଙ୍କୁ ବାଣ୍ଟି ।
ମୟୂର-ମୟୂରୀ କରି ହର୍ଷ-ରବ
ପାଦପ ଉପରେ ରଚିଲେ ତାଣ୍ଡବ ।
ଦ୍ୱୀପ-ଦ୍ୱୀପାନ୍ତରେ କୋକିଳ ପ୍ରଚାର—
କଲା ଯାଇ ସେହି ଶୁଭ-ସମାଚାର ।
କୈଳାସେ ଦେବାକୁ ସେ ଶୁଭ-ସମ୍ବାଦ
ରାଜହଂସ ଗଲା କରି ହର୍ଷ-ନାଦ ।
ଜନମାଇବାକୁ ଗଉରୀ-ପ୍ରତ୍ୟୟ
୪ ପତ୍ର ଧରିଥାଏ ବିସ କିଶଳୟ ।
ସେ ସମ୍ବାଦେ ଭରି ହୃଦୟେ ଉଲ୍ଲାସ,
ହରଙ୍କୁ ଜଣାଇ ତେଜି କଇଳାସ,
ସତୀ-ହସ୍ତ-ପୂଜା ଘେନିବା ଲାଳସେ,
ଷଷ୍ଠୀଦେବୀ ରୂପେ ଗୌରୀ ବିହାୟସେ ।
୫ କାଦମ୍ବିନୀ ସଙ୍ଗେ ଇରମ୍ମଦ-ଛଳେ
ବାଲ୍ମୀକି ଆଶ୍ରମେ ଆସିଲେ ଚଞ୍ଚଳେ ।
ସପତ ତାପସ କୁମାରୀଙ୍କ କାୟେ
ବିରାଜି ସପତ-ମାତୃକା ପରାଏ ।

୧ । ସର୍ବଂସହା—ପୃଥିବୀ । ୨ । ସର୍ବଂସହା—ଯେ ସବୁ ସହେ । ୩ । ତୃଣଧାନ୍ୟ—ନୀବାର ।
। ବିସ—ମୃଣାଳ । ୫ । ଇରମ୍ମଦ—ମେଘଜ୍ୟୋତି ବା ବଜ୍ରାଗ୍ନି ।

ଷଷ୍ଠ ଦିବସରେ ସତୀ-ହସ୍ତ-ପୂଜା
ସାଗ୍ରହେ ଗ୍ରହଣ କରି ବରଭୁଜା,
କୁମାର-ଯୁଗଳ-ଅରିଷ୍ଟ ସକଳ
ନାଶି ଦେଇଗଲେ ମୃଗରାଜ-ବଳ ।
କ୍ରମେ ହେଲା ଏକବିଂଶତି ବାସର,
ନାମ-କରଣର ଶୁଭ ଅବସର ।
ଶୁଣିବାକୁ ସତୀ-ସୁତଙ୍କର ନାମ
ଅମ୍ବରେ ଆସିଲେ ତେଜି ସ୍ୱର୍ଗଧାମ ।
ଅମରୀ-ମଣ୍ଡଳୀ ସେହି କୁତୂହଳେ
ଗୋଡ଼ାଇଲେ ତାଙ୍କ ପଛେ ଦଳେ ଦଳେ ।
ଶରତର ଶୁଭାଗମନ ସକାଶେ
ପଥ ଛାଡ଼ିଥିଲା ଜଳଦ ଆକାଶେ ।
ରବି-ରଶ୍ମି ସହି ସହଜେ ସେ ପଥେ
ଆସିଲେ ସମସ୍ତେ ଜ୍ୟୋତିର୍ମୟ ରଥେ ।
ଆସି ଆଶ୍ରମରେ କୁସୁମ ଉପରେ
ମନୋମୁଗ୍ଧକର ସୌରଭ ରୂପରେ
ବସିଗଲେ ଦିବ୍ୟ ସୁଷମା ପ୍ରକାଶି
ବିକାଶ-ବ୍ୟାଜରେ ହୋଇ ଦରହାସୀ ।
କେତେ ବା ତାପସ ତାପସୀ-ହୃଦୟ—
ମଧ୍ୟେ ପଶିଗଲେ ହୋଇ ମୁଦମୟ ।
ବାଲ୍ମୀକି-ନିଦେଶେ ତାପସ ତାପସୀ
ଦ୍ୱିଗୁଣ ମୁଦରେ ଉପବନେ ପଶି
ବିବିଧ କୁସୁମ ନବପତ୍ରମାନ
ଆଣି କଲେ ମଞ୍ଜୁ ମଣ୍ଡପ ନିର୍ମାଣ ।
ରଜନୀ ପ୍ରଥମ ପ୍ରହରରେ ଆଶ୍ରମ
ପ୍ରଦୀପ-ମାଳରେ ହେଲା ମନୋରମ ।
୧ ପ୍ରଦୀପେ ଐଙ୍ଗୁଦି ତଇଳ ପ୍ରଚୁର
ତାପସଙ୍କ କରୁ କରୁଥାନ୍ତି ଦୂର ।
ଚୌଦିଗେ ପୁଷ୍ପିତ ପାଦପ-ବଲ୍ଲରୀ
ହସୁଥାନ୍ତି ପାଇ ଆଲୋକ-ଲହରୀ ।
ଥିଲା ସେ ସମୟ ପ୍ରସୂନଙ୍କ ପର୍ବ
୨ ବଢ଼ିଥିଲା ଚକ୍ରବର୍ତ୍ତିନୀର ଗର୍ବ ।

ସାଗରସମୂହ ଯଥା କ୍ଷୀରାର୍ଣ୍ଣବ,
୩ ବୃନ୍ଦାରକବୃନ୍ଦେ ଯେମନ୍ତ ବାସବ ।
ଅବା ହିମାଚଳ-ସମୁଚ୍ଚ-ଶିଖର—
ମଣ୍ଡଳେ ଯେମନ ଗୌରୀଶଙ୍କର,
ମୁନିବୃନ୍ଦ ମଧ୍ୟେ ମହା ତପୋଧନ
ବିଶୋଭିଲେ କରି ମଣ୍ଡପେ ଆସନ ।
ଅଶ୍ୱିନୀକୁମାରେ ତ୍ୱଷ୍ଟା ସଂଜ୍ଞା ପରି
କୁମାର-ଯୁଗଳ କର-ପଦ୍ମେ ଧରି
ସତୀ ଅନୁକମ୍ପା ଆସିଲେ ମଣ୍ଡପେ,
ଶୋଭା ତହିଁ ଉଭା ହୋଇଗଲା ଦର୍ପେ ।
କୃଷ୍ଣା ତ୍ରୟୋଦଶୀ ସୁଧାକର ପାଶେ
ପ୍ରଭାତୀ ତାରକା ଉଦିତ ଆକାଶେ,
ପ୍ରତିବିମ୍ବ ତାଙ୍କ ସରୋବର-ଗର୍ଭେ
ଯେନ ପ୍ରାଚୀ ଯେହ୍ନେ ରହିଅଛି ଗର୍ବେ ।
ସରଳ-ହୃଦୟା ପ୍ରସନ୍ନ-ବଦନା
ସତୀ ସହଚରୀ ତାପସ-ନନ୍ଦନା
ଶରୀର ଆବରି ସତୀ-ଦତ୍ତ ବାସେ
୪ ସମ୍ମଦରେ ବସିଗଲେ ସତୀ ପାଶେ,
ଲଭି ଉଷା-ଦତ୍ତ ନବୀନ କିରଣ
ଉଷା ପାଶେ ଯଥା କମଳିନୀ-ବନ ।
ବେଦମତେ ହେଲା ଦେବ-ଆରାଧନା
ବାଜିଗଲା ଶଙ୍ଖ ଶିଙ୍ଗାର ବାଜଣା ।
ଜ୍ୟେଷ୍ଠ କୁମାରକୁ ଦେଇ ଶୁଭାଶିଷ
ପ୍ରସନ୍ନେ ବୋଇଲେ ମୁନିକୁଳାଧୀଶ,
କୁଶାଗ୍ରେ ମାର୍ଜିତ ହୋଇଅଛି "କୁଶ"—
ନାମେ ହେବ ରିପୁ କରୀନ୍ଦ୍ର-ଅଙ୍କୁଶ ।
ସେରୂପେ କନିଷ୍ଠ କୁମାରକୁ "ଲବ"—
ନାମ ଦେଲେ ମୁନି ମନୀଷି-ପୁଙ୍ଗବ ।
ମୁନିଗଣ କଲେ ରାମ-ନାମ-ଧ୍ୱନି
ବଜାଇ ମୁରଜ ମନ୍ଦିରା ଖଞ୍ଜଣୀ ।
ତାପସ-କୁମାରୀମାନେ ବାଇ ବୀଣା
ଗାଇଲେ ମଧୁର-ଗୀତି ସୁଧା-ଜିଣା ।

୧ । ଐଙ୍ଗୁଦି—ଇଙ୍ଗୁଦୀ ଫଳ । ୨ । ଚକ୍ରବର୍ତ୍ତିନୀ—ଗଜଦନ୍ତ ପୁଷ୍ପ ।
୩ । ବୃନ୍ଦାରକ—ଦେବତା । ୪ । ସମ୍ମଦ—ଆନନ୍ଦ ।

ସୁରଭି-ସ୍ୱରୂପୀ ଅମର-ଅମରୀ
ନୃତ୍ୟ କଲେ "ତହିଁ ପ୍ରମୋଦେ ସଞ୍ଚରି ।
ଚତୁର୍ଦ୍ଦିଗେ ଥାଇ ମୃଗ-ମୃଗୀଗଣ
ଚାହୁଁ ଥାନ୍ତି ହୋଇ ଚକିତ-ନୟନ ।
ଆଶ୍ରମର ମହା-ଆନନ୍ଦ-ଚହଳେ
ଯୋଗଦେଲା ବନ ପ୍ରତିଧ୍ୱନି-ଛଳେ ।
ସଙ୍ଗୀତେ ରତ ବା ତରୁଲତା ସର୍ବେ
ହେଲେ ବିଦ୍ୟାଧର ବିଦ୍ୟାଧରୀ ଗର୍ବେ ।
ଆଶ୍ରମ ଉଜ୍ଜ୍ୱଳ ହୋଇଗଲା ମୁଦେ,
ତମ କିନ୍ତୁ ସତୀ ବଦନ-କୁମୁଦେ
ରହିଗଲା ଏକା ରାମଚନ୍ଦ୍ର ବିନା;
୧ ପରବ ତାଙ୍କର ଅମାବାସ୍ୟା ସିନା ।
ତମ ବଢ଼ାଇଲା ମହିମା ତାଙ୍କର,
ତମ ଯୋଗୁଁ ସିନା ଚନ୍ଦ୍ରିକା-ଆଦର ।

ଦିଶୁଥିଲେ ସୁତ-ରତନେ ସୁନ୍ଦର,
ଯଥା ରତ୍ନ-ସାନୁ ଗମ୍ଭୀର କନ୍ଦର ।
ଋଷି ଦେବେ ମିଳି ସତୀଙ୍କ ଗୌରବ
ବୃଦ୍ଧି କଲେ ବହି ଆନନ୍ଦ-ଉତ୍ସବ ।
ମହତଙ୍କ ଏହା ନୈସର୍ଗିକ ରୀତି,
ସୁପାତ୍ରେ ସମ୍ମାନ-ଦାନେ ତାଙ୍କ ପ୍ରୀତି ।
ଶେଷେ କୁମାରଙ୍କ ମଙ୍ଗଳ-କାମନା
କରି ଆଶିଷିଲେ ମୁନି ମହାମନା ।
ତାପସଙ୍କ ହୃଦ-କମଳେ ଆସନ
କରି ଦେବେ କଲେ ତଥାସ୍ତୁ ଭାଷଣ ।
ବନ-ତରୁ-ଲତା ସୁଗମ୍ଭୀର ରବେ
ଉଚ୍ଚାରିଲେ ମୁଦେ ତଥାସ୍ତୁ ସରବେ ।
ଦିଗ ବିଦିଗରୁ ଦିଗପାଳଗଣ
ତଥାସ୍ତୁ ଶବଦ କଲେ ଉଚ୍ଚାରଣ ।

## ଦଶମ ସର୍ଗ

( କଲ୍ୟାଣ ପଡ଼ତାଳ )

ସତୀ ପାଇ ଦୁଇ ପୁତ୍ର-ରତନ
ପ୍ରାଣରୁ ଅଧିକ କରି ଯତନ
ଲାଳନ ପାଳନେ ନିହିଲେ ମନ
ଲାଗିଗଲା ଦୃଢ଼ ସ୍ନେହବନ୍ଧନ,
ଛାଡ଼ିଲେ ନାହିଁ ନିମିଷେ ପାଶ,
ମଣିଲେ ଜୀବନ-ଭାର ଉଶ୍ୱାସ । ୧ ।
ସ୍ନାନ ପାଇଁ ଦିନେ ଥରେ ମାତର
ହୁଅନ୍ତି ଯଦ୍ୟପି ପାଶୁ ଅନ୍ତର,
ଜଳ-ଜରଜର ବସନେ ବେଗେ
ଧାଇଁ ଆସିଥାନ୍ତି ଅତି ଉଦ୍‌ବେଗେ,
ପରାଣ ହେଉଥାଏ ଚଞ୍ଚଳ
ଚାହିଁବାକୁ ସୁତ-ମୁଖ-କମଳ । ୨ ।

ଶଶି-କଳା-ଗର୍ବ କରି ମର୍ଦ୍ଦନ,
ହେଲା କୁମାରଙ୍କ ଅଙ୍ଗ-ବର୍ଦ୍ଧନ,
ପୂର୍ଣ୍ଣ-ସୁଧାକର ପ୍ରାୟେ ବଦନ
ଦିନୁ ଦିନ ହେଲା ଶୋଭା-ସଦନ;
ପାରିଲେ ଚିହ୍ନି ଜନନୀ-ମୁଖ,
କୋଳେ ଉଠିବାକୁ ହେଲେ ଉନ୍ମୁଖ । ୩ ।
ହସନ୍ତି ଅନାଇ ମାତା-ବହନ,
କୋଳ ଲୋଡ଼ି ସେହିକ୍ଷଣି ନନ୍ଦନ;
ସ୍ନେହଭରେ ମାତା ଧଇଲେ କୋଳେ,
ଦୋଳୁଥାନ୍ତି ତହିଁ ଆନନ୍ଦ ଦୋଳେ;
ଥରକୁ ଥର ବଦନ ଚାହିଁ
ହସି ହସି ଦେଉଥାନ୍ତି ହସାଇ । ୪ ।

୧ । ଅଷ୍ଟମୀ, ଚତୁର୍ଦ୍ଦଶୀ, ଅମାବାସ୍ୟା, ପୂର୍ଣ୍ଣିମା ଓ ସଂକ୍ରାନ୍ତି—ଏମାନଙ୍କୁ ପର୍ବ ବୋଲିଯାଏ ।

ନ ଥିଲା ସଖୀଙ୍କ ମନେ ସ୍ୱପନେ
ହାସ ଅଙ୍କୁରିବ ଦଗ୍ଧ-ଲପନେ;
ଅପୂର୍ବ ସୁଖର ଅପୂର୍ବ ହାସ
ସ୍ୱତଃ ଆସି ହୋଇଯାଏ ପ୍ରକାଶ;
ନ ନେଲେ କାନ୍ତ ସେ ସୁଖଭାଗ
ବୋଲି ସଖୀ ନିତ ନିନ୍ଦନ୍ତି ଭାଗ୍ୟ । ୫ ।
ବଦନ କମଳେ-ରଦନ-ଛଳେ
ବିରାଜି ଭାରତୀ ଦେବୀ ଉଜ୍ଜ୍ୱଳେ
ପ୍ରକାଶିଲେ ନିଜ ନିସର୍ଗ-ଜ୍ୟୋତି,
ନିନ୍ଦି କୁନ୍ଦ-ଇନ୍ଦୁ-ତୁଷାର-ମୋତି;
ବାଇଲେ ବୀଣା ଆଦ୍ୟେ ମୃଦୁରେ,
୧ ମା ମା ମା ମା ମା ମା ସ୍ୱର ମଧୁରେ ।୬ ।
ମଳୟ ରୂପେ ସେ ସ୍ୱର୍ଗୀୟ ସ୍ୱନ
ପଲ୍ଲବିତ କରେ ମାତା-ଜୀବନ,
ପ୍ରବାଳ-ପାଟଳ-ବର୍ଣ୍ଣ ସତ୍ୱରେ
ଫୁଟିପଡ଼େ ମାତା-ଓଷ୍ଠ-ଅଧରେ;
ତହିଁରେ ଦନ୍ତ-କୁସୁମ-କଢ଼ି
କୌମୁଦୀ-କାନ୍ତିରେ ଉଠଇ ବଢ଼ି । ୭ ।
ଭାସ୍କର ପରାଏ ଭାସ୍ୱର ମନ
୨ ଅଧିକାର କରି ଇନ୍ଦ୍ର-ଆସନ
୩ ଅଗ୍ରସର ହୋଇ କୁବେର-କୋଷେ
ବଦନ-ପ୍ରଭାବ ବଢ଼ାଏ ତୋଷେ,
ମଣଇ ନିଜ କରେ ଜଗତ
ସୁଖ ସଉଭାଗ୍ୟ ସମୁପାଗତ । ୮ ।
ଦର-ବିକସିତ କମଳ ଜାଣି
ଭାଷିଲେ କୁମାରେ ଦରୋଟି ବାଣୀ,
୪ ସେ ଭାରତୀ ହାବ ଗୁରୁ-ଗୁହାଣି,
ମନୋହର-ବେଶ ଲାବଣ୍ୟ-ଠାଣି
ଦର୍ଶନେ ପ୍ରାଣ ପୁଲକେ ପୂରେ,
ମୋହ ନାଚ ଉଠେ ମାନସ-ପୁରେ । ୯ ।

କ୍ରମରେ କୁମାରେ ଅବନୀ-ତଳେ
୫ ବସିଲେ ଗୁଳିଲେ ଜାନୁ ପ୍ରତଳେ;
ଦୂରେ ଥାଇ ଓକି ଆହ୍ଲାଦେ ସଖୀ
ବଢ଼ାଇଲେ ସେହ୍ନ ଗତି-ଶକତି;
କୁମାରେ କୁତୂହଳେ ସହାସେ
ବେଗ ବେଗ ଯାନ୍ତି ଜନନୀ ପାଶେ । ୧୦ ।
କେତେବେଳେ କରେ ମୃତ୍ତିକା ଧରି
ଦିଅନ୍ତି ରସନା ପଙ୍କିଳ କରି
ମାତା ଧରାଇଲେ ସୁନ୍ଦର ଫଳ,
ଫିଙ୍ଗନ୍ତି ହଲାଇ ମୁଖମଣ୍ଡଳ
ସୁଗୁରୁ ଚୂର୍ଣ୍ଣକୁନ୍ତଳ ଚଳି
ଦିଶେ ଯେସନ୍ତେ କଞ୍ଜ-କ୍ରୀଡ଼ିତ ଅଳି । ୧୧ ।
ଉଭାହେଲେ ଧରି ଜନନୀ-କର,
ତହୁଁ ନିଜ ପଦେ କରି ନିର୍ଭର
ଗତି କଲେ କରି କର ଧାରଣ,
ନିଜେ ନିଜେ ପୁଣି ଗୁଳି ଚରଣ,
ଗମନେ ପଡ଼ି କଲେ ରୋଦନ,
ତୋଷନ୍ତି ଜନନୀ ଚୁମ୍ବି ବଦନ । ୧୨ ।
ଡାକନ୍ତି କୁମାରେ ବନ-ବିହଙ୍ଗ
କୁତୂହଳେ ଚାହିଁ ସୁରମ୍ୟ ରଙ୍ଗ,
ମୟୂର-ପୁଚ୍ଛରେ ମନ ବଳାଇ
ଧାଇଁଥାନ୍ତି ତାକୁ ଧରିବା ପାଇଁ,
ଖେଳନ୍ତି ମୃଗ-ଶାବକ ଧରି
କୁସୁମେ ତା' ବେଶ ରଚନା କରି । ୧୩ ।
ତାପସ-ତାପସୀ ପ୍ରଫୁଲ୍ଲ ମନେ
କୁମାରଙ୍କୁ ନେଇ ବୁଲନ୍ତି ବନେ,
ପୁଷ୍ପମାଳ ମଣ୍ଡି ଶିର କପାଳେ
ଦୋଳାନ୍ତି ପୁଷ୍ପିତ-ଲତିକା-ଦୋଳେ,
ଫୁଟାଇ ପୋଏ ଆନନ୍ଦ କଳି,
ଆଉ ଆଉ ବୋଲି କରନ୍ତି ଅଳି । ୧୪ ।

୧ । ସା, ରି, ଗା, ମା, ପା, ଧା, ନି ମଧ୍ୟରୁ 'ମା' ସ୍ୱର । ୨ । ଇନ୍ଦ୍ରାସନ—ଇନ୍ଦ୍ରଙ୍କ ଆସନ ଓ ପୂର୍ବଦିଗ । ୩ । କୁବେର-କୋଷ—କୁବେରଙ୍କ ଭଣ୍ଡାର ଓ ଉତ୍ତରଦିଗ । ୪ । ହାବ—ଅଙ୍ଗଭଙ୍ଗୀ । ୫ । ପ୍ରତଳ—ବିସ୍ତୃତାଙ୍ଗୁଳି ହସ୍ତ (କରତଳ) ।

କୁମାରଙ୍କ ତନୁ ଉଜ୍ଜ୍ୱଳ ଶ୍ୟାମ
ପୁଷ୍ପ-ଦୋଳେ ହୁଏ ନେତ୍ରାଭିରାମ,
ବନଲକ୍ଷ୍ମୀ ଯେହ୍ନେ ସୁରମ୍ୟ ଦଣ୍ଡୀ,
ତେହ୍ନେ ଗୃହେ ହରିନ୍ମଣିରେ ମଣ୍ଡି,
ପାଦପ ଶାଖା କକ୍ଷେ ଯା' ସଙ୍ଗେ,
ଅନ୍ୟଶୋଭା ପ୍ରତି ହସେ ଭ୍ରୂଭଙ୍ଗେ । ୧୫ ।
୧ ପଞ୍ଚବର୍ଷ ପଞ୍ଚବକ୍ତ୍ର ବିକ୍ରମେ
ସାଜି କୁମାରଙ୍କୁ ଚଳିଲେ କ୍ରମେ,
ସ୍ୱଚ୍ଛନ୍ଦେ କୁମାରେ କଲେ ଭ୍ରମଣ
୨ ସରିତ ଶାଦ୍ୱଳ ଉଦ୍ୟାନ ବନ,
ଶ୍ୱାପଦ ଆପଦକୁ କୁଣ୍ଠିତ
ନ ଗଣଇ ତାଙ୍କ ନିର୍ଭୀକ ଚିତ୍ତ । ୧୬ ।
କୁମାରଙ୍କ ଚୂଡ଼ାକର୍ମ ସବିଧି
ସମ୍ପାଦି ବାଲ୍ମୀକି ଜ୍ଞାନ-ବାରିଧି,
ଆଣି ସୁଦୁର୍ଗମ ବିଦ୍ୟା-କାନନ-
ମଧ୍ୟେ କରିଦେଲେ ପଞ୍ଚ-ଆନନ,
କୁମାରେ ତହିଁ କରି ସଞ୍ଚାର
ଅଜ୍ଞାନ-ମାତଙ୍ଗ କଲେ ସଂହାର । ୧୭ ।
ରସ-ରତ୍ନ-ମୟ କାବ୍ୟ-ଶିଖଣ୍ଡୀ,
ବିରାଜନ୍ତି ଯହିଁ ରାମ-କେଶରୀ,
ରାବଣ-ବାରଣ-ରକତ-ଧାର
ଝରଇ ଝର୍ଝର-ନିର୍ଝରାକାର,
କାନ୍ଦନ୍ତି ସିଂହୀ କନ୍ଦରେ ରହି
ଦନ୍ତ-ଦନ୍ତାଘାତ-ବେଦନା ସହି । ୧୮ ।
କୁମାରଙ୍କୁ ସେହି ଗିରି-ଶିଖର
ଚଢ଼ାଇ କୌଶଳେ ଋଷି-ଶେଖର
ଖେଳାନ୍ତେ ହରିଣ-ଶାବକ କରି,
ଖେଳିଲେ କୁମାରେ ଶାର୍ଦ୍ଦୂଳ ପରି;
ରାମଙ୍କୁ କଲେ ମୃଗେନ୍ଦ୍ର ଜ୍ଞାନ,
ଜନକ ନ ଚିହ୍ନି ସିଂହ-ସନ୍ତାନ । ୧୯ ।
କରନ୍ତି ଜନନୀ-ପାଶେ ଗାୟନ
ମହର୍ଷି-ରଚିତ ସେ ରାମାୟଣ,
ତାନ-ଲୟ-ସ୍ୱରେ ବୀଣା ବଜାଇ,
ରାମ-ଭକ୍ତି-ରସେ ମନ ମଜାଇ,
ହିଅନ୍ତି ଗୃହ ନୟନ ନୀର,
ପ୍ରେମ-ତରଙ୍ଗରେ ହୋଇ ଅସ୍ଥିର । ୨୦ ।
ତର୍ଜନ, ଗର୍ଜନ, ବିଳାପ, ହାସ
ଗାନେ ଗାନେ ହେଉଥାଏ ପ୍ରକାଶ,
ଫୁଲଉଠେ ବକ୍ଷ ବାହୁ-ଯୁଗଳ,
ବେଳେ ବେଳେ ବହେ ନୟନ-ଜଳ;
ପ୍ରାଣରେ କାବ୍ୟ-ଭାବ ତଡ଼ିତ
ହୋଇଯାଉଥାଏ ଗାଢ଼େ ଜଡ଼ିତ । ୨୧ ।
ବାଲ-ରସନାରେ ନବ୍ୟା ଭାରତୀ
ନିର୍ମଳା ଉଜ୍ଜ୍ୱଳା ମଞ୍ଜୁ ମୂରତି
ବିରଚି ବିଚିତ୍ର ମଧୁର ଲାସ୍ୟ
ବିତରଣ କରୁଥାନ୍ତି ଉଲ୍ଲାସ,
ଉଲ୍ଲାସ ହୋଇ ଜୀମୂତାକାର
ପ୍ରାଣେ ପ୍ରାଣେ ମୁଞ୍ଚେ ଅମୃତାସାର । ୨୨ ।
ଜାନକୀ ସହିତ ତାପସୀମାନେ
ବିଶୁଦ୍ଧ ସଙ୍ଗୀତ-ପୀୟୂଷ-ପାନେ
ହରଷ, ବିଷାଦ, ଶାନ୍ତି, ସନ୍ତାପ,
ସୁଖ, ଦୁଃଖ ଲଭୁଥାନ୍ତି ଅମାପ;
ଆନନ୍ଦ, କ୍ଷୋଭେ ହୃଦୟ ଦ୍ରବି
ଲୋଚନୁ ଲୋତକ ପଡ଼ଇ ସ୍ରବି । ୨୩ ।
ଯେଉଁ ସୀତା ରାମାୟଣ-ନାୟକ—
୩ ରାଘବ-ହୃଦୟ-ହାର-ନାୟକ,
ସେ ଯେ କୁମାରଙ୍କ ଗର୍ଭ-ଧାରିଣୀ,
ଭାଗୀରଥୀ-ତୀର-ବନ-ଚାରିଣୀ,
କୁମାରେ ତାହା ଜାଣନ୍ତି ନାହିଁ,
ମହର୍ଷି-ନିଷେଧ ଥିଲା ଲୁଚାଇ । ୨୪ ।
ରାମ-ସୀତା-ଗୁଣ-ଗୌରବମାନ
ଅତି କୁତୂହଳେ କରନ୍ତି ଗାନ,
ଶୁଣି ସତୀମଣି ହୋଇ ଲଜ୍ଜିତ
କରୁଥାନ୍ତି ସୁଖେ ମନ ମଜ୍ଜିତ;

୧ । ପଞ୍ଚବକ୍ତ୍ର—ସିଂହ । ୨ । ଶାଦ୍ୱଳ—ନବତୃଣଦ୍ୱାରା ହରିଦ୍‌ବର୍ଣ୍ଣ ସ୍ଥାନ ।
୩ । ନାୟକ—ହାର-ମଧ୍ୟ ମଣି ।

ସତର୍କେ ଆତ୍ମଗୋପନ କରି
ହରନ୍ତି ସମସ୍ତ ତାପସୀ ପରି । ୨୫ ।
ରମ୍ୟ ରାମାୟଣ କରି ଶ୍ରବଣ
ମୁଗ୍‌ଧ ମୃଗେ ଥାନ୍ତି ଡେରି ଶ୍ରବଣ,
୧ ନିଶ୍ଚଳ ଲୋଚନେ ଉବିତ୍‌ଥ ପରି
ଆହାର ବିହାର ତୃଷା ବିସ୍ମରି
ବିହଙ୍ଗବୃନ୍ଦ ହୋଇ ନୀରବ
ହୃଦେ ଭରୁଥାନ୍ତି ଶ୍ରୁତି-ବିଭବ । ୨୬ ।
ବିଟପିଏ ପର୍ଣ୍ଣ-କୁଣ୍ଡ-କବରୀ—
ଗରଭେ କୁସୁମ-ସ୍ତବକ ଭରି
ଅନୁରାଗେ ହେଉଥାନ୍ତି ନିରତ,
ଅଭିନୟେ ଟଳି ବଲ୍ଲରୀ-ହସ୍ତ;
ପ୍ରମୋଦେ ଗଡ଼ିଯାଏ ତମସା,
ଅପୂର୍ବ ପ୍ରମୋଦେ ହୋଇ ବିବଶା । ୨୭ ।
ବହିଯାଏ ମହୀ-ଉରେ ଅମୃତ
କରି ଧନ୍ୟବାଦ-ନାଦରେ ନୃତ୍ୟ;
ଆସି ଚଉଦିଗ କାନନବାସୀ
ଯାନ୍ତି ସେ ଅମୃତ-ସ୍ରୋତରେ ଭାସି,
ଅଶେଷ ଶ୍ରୁତି-ବିବରେ ପୂରି
ସ୍ରୋତ ପ୍ଲାବିଦିଏ ଅମର-ପୁରୀ । ୨୮ ।
ବ୍ରହ୍ମା, ଇନ୍ଦ୍ର, ରୁଦ୍ର ଶୁଣି ସେ ଗାନ
କରୁଥାନ୍ତି ଧନ୍ୟବାଦ ପ୍ରଦାନ;
୨ ଉଦୀଚୀ ପ୍ରତୀଚୀ ପ୍ରାଚୀ ଅବାଚୀ
ଦିଗ-ସୀମନ୍ତିନୀ ଉଠନ୍ତି ନାଚି;
ପକାଇ ଗାନ ଗର୍ବ-ପସରା
ନାଚନ୍ତି ଗନ୍ଧର୍ବ ସଙ୍ଗେ ଅପ୍‌ସରା । ୨୯ ।
ଲୋକେ ଲୋକେ ଭ୍ରମି ଭ୍ରମି ନାରଦ
ମୁକ୍ତକଣ୍ଠେ ବ୍ୟକ୍ତ କଲେ ଆନନ୍ଦ,
ପ୍ରଶଂସି ବାଲ୍ମୀକି କବିତା-ରସ,
ଶ୍ରୀରାମ-ଜାନକୀ-ବିଶୁଦ୍ଧ-ଯଶ;
ଗାୟନ ତାଙ୍କ କୁମରଙ୍କର
୩ ପୀୟୂଷ-ବରଷୀ ବଲ୍ଲକୀ-ସ୍ୱର । ୩୦ ।
ନିଜ ବୀଣା ଯାର ବିଶ୍ୱ-ବିଦିତ
ବାଳକ-ବୀଣାରେ ହୋଇ ମୋହିତ,
ପ୍ରଶଂସିଲେ ତାଙ୍କୁ ବୋଲି ଉତ୍ତମ,
ଧନ୍ୟ ଧନ୍ୟ ସେହି ମୁନି-ସତ୍ତମ,
ପ୍ରଫୁଲ୍ଲେ ପର-ପ୍ରଶଂସା ଗାଇ
ସ୍ୱକୀୟ ମହିମା ଦେଲେ ବଢ଼ାଇ । ୩୧ ।
ନିଜ ଗୁଣ ଥାଉଁ ପର ସଦଗୁଣ—
ପ୍ରଶଂସାରେ ଜନ ହୋଇ ନିପୁଣ
ନିଜ ଗୁଣ ତହିଁ କରେ ଫଳିତ,
ଧନୁର୍ଗୁଣେ ଯିମା ଶର ଚାଳିତ;
ପବନ ବହି ପ୍ରସୂନ-ବାସ
ଜଗତେ ଅଧିକ ଦିଏ ଉଲ୍ଲାସ । ୩୨ ।
କୁମାରଙ୍କ ଏକାଦଶ ହାୟନ
ବୟସରେ ହେଲା ଉପନୟନ
ତହୁଁ ପରେ କରି ବେଦାଧ୍ୟୟନ
ଲଭିଲେ କୁମାରେ ଜ୍ଞାନ-ନୟନ,
ବେଦଜ୍ଞ ପୁତ୍ର-ପ୍ରତିଭା ଦେଖି
ବୈଦେହୀ ଦିଅନ୍ତି ଦୁଃଖ ଉପେକ୍ଷି । ୩୩ ।
୪ ତପନ-ତନୟା-ଜଳେ ଅରୁଣ—
କିରଣ ପଶିପ୍ରେ ନବ ତରୁଣ—
ମନୋହର ଛବି, ଆଣି ବରୁଣ—
୫ ଭଣ୍ଡାର-ରତନ-ମୟୂଖ ଋଣ,
କୁମାରଯୁଗ ଶ୍ୟାମ-ଶରୀରେ
ବିଚିତ୍ର କୌଶଳେ ମଣ୍ଡିଲା ଧୀରେ । ୩୪ ।
ଜ୍ଞାନ-ସମ୍ମାର୍ଜିତ ଭାଷା ତାଙ୍କର
ହେଲା ଶ୍ରୁତି-ହୃଦ-ପବିତ୍ର-କର,
ବ୍ୟବହାର ହୋଇ ଭାଷାନୁଗତ
ଚରିତ୍ରେ ରଚିତ ହେଲା ଦେବତ୍ୱ;

୧ । ଉବିତ୍‌ଥ—କାଷ୍ଠମୟ ମୃଗ । ୨ । ଉଦୀଚୀ—ଉତ୍ତର ଦିଗ । ପ୍ରତୀଚୀ—ପଶ୍ଚିମ ଦିଗ । ପ୍ରାଚୀ—ପୂର୍ବଦିଗ । ଅବାଚୀ—ଦକ୍ଷିଣ ଦିଗ । ୩ । ବଲ୍ଲକୀ—ବୀଣା । ୪ । ତପନତନୟା—ଯମୁନା ୫ । ମୟୂଖ—କିରଣ ।

ପ୍ରଦୀପ୍ତ ମନ-ବଚନ-ଅଙ୍ଗ,
ସୃଜିଲେ ଜୀବନେ ପ୍ରଭା-ତରଙ୍ଗ । ୩୫ ।
ଜନନୀ-ଜୀବନ ସୁଖ-ଆଲୋକେ
ପୂରିଯାଏ ପୁତ୍ର-ପଠିତ-ଶ୍ଳୋକେ,
ଅଧିକୁ ଅଧିକ ମନୋରଞ୍ଜନୀ
ହେଉଥାଏ ଶୋକ-ସ୍ମୃତି-ରଜନୀ;
ବୁଝଇ ଦୁଃଖୀ ସୁଖର ମୂଲ୍ୟ,
ଚିର-ସୁଖି-ସୁଖ ତହିଁ ଅତୁଲ୍ୟ । ୩୬ ।
କୁମାରଙ୍କ ନବ ପ୍ରଫୁଲ୍ଲ ରୂପ
ମାତା-ନେତ୍ର ମଣେ ରତନ-ସ୍ତୂପ,
ପୁତ୍ର-ପରଶଂସା ମାତା-ଶ୍ରବଣେ
୧ ପରଣତ ହୁଏ ସୁଧା-ସ୍ରବଣେ;
ତହିଁକି ସ୍ୱାମୀ-ସୁଯଶଃ-ଶ୍ରେଣୀ
ସତୀ-ପକ୍ଷେ ହେଲା ସ୍ୱର୍ଗ-ନିଶ୍ରେଣୀ । ୩୭ ।
ଯେଉଁ ଦିନୁ ସୁତେ ଜନନୀ-ଅଙ୍କ
ତେଜି ବାହାରିଲେ ହୋଇ ନିଃଶଙ୍କ,
ସେଦିନୁ ଜାନକୀ ତପସ୍ୟା-ବ୍ରତ
ଅନୁଷ୍ଠାନ କଲେ ଅନବରତ,
ସମର୍ପି ମନ ସ୍ୱାମୀ-ଚରଣେ
ଲଗିଲେ ଜୀବନ ଶେଷ କରଣେ । ୩୮ ।
ନିଦାଘ ସରିତ-ସ୍ରୋତ-ସଦୃଶ
ସତୀ-ପ୍ରାଣ ହୋଇ ଆସିଲା କୃଶ,
ଅସିତ ପକ୍ଷର ଶଶାଙ୍କ ପରି
ଲକ୍ଷ୍ୟ କଲା ମୃତ୍ୟୁ ଅମା-ଶର୍ବରୀ,
ସ୍ୱାମୀଙ୍କି ମଣି ଦିନେଶ ସମ,
୨ ଆଶା କଲା ତହିଁ ହେବ ସଙ୍ଗମ । ୩୯ ।
ଭାବୁଥାନ୍ତି, "ଅରେ କେଉଁ ଉପାୟେ
ଦୃଷ୍ଟି ଦେଇ ସ୍ୱାମି-ପବିତ୍ର-ପାଏ
ସମର୍ପଣ କରି ପୁତ୍ର-ଯୁଗଳ
ଦିଅନ୍ତ ଭାଙ୍ଗି ମୋ ତନୁ-ଅର୍ଗଳ;
ପରାଣ-ମୃଗ ଯାଇ ସତ୍ୱର
ସେ ମୁକ୍ତ-ବିପିନେ କରନ୍ତା ଘର" । ୪୦ ।

# ଏକାଦଶ ସର୍ଗ

ଏକ ଦିନ ଦିନନାଥ ପୃଥ୍ୱୀ-ପ୍ରଦକ୍ଷିଣ-
ଶ୍ରମ-କ୍ଲମେ ଅବୟବ-ତେଜ କରି କ୍ଷୀଣ,
ପଶ୍ଚିମ-ଜଳଧି-ନୀଳ ସଲିଳରେ ସ୍ନାନ—
ଲାଳସାରେ ଯାଇ ଗାଢ଼େ ହେଲେ ମଜ୍ଜମାନ ।
ମୂରୁଛି ନ ପାରି ନାଥେ ହୋଇ ଅତି ଦୀନ,
ମୁହୂର୍ତ୍ତେ ନ ରହି ତାଙ୍କ ପଛେ ଗଲା ଦିନ ।
ନ ଜାଣଇ ପତି ବିନା ପତ୍ନୀର ଯେ ଦଶା,
ସରଳା ନଳିନୀ ବାଳା ନ ଛାଡ଼ିଲା ବସା ।
କ୍ଷଣମାନେ ଲୁଟି ତାର ରଙ୍ଗବାସ କୋଷ
ରଜନୀ ପାଇଡ଼ା କଲା ଗଗନେ ପ୍ରଦୋଷ ।
ସୁକୁମାରୀ ନଳିନୀର ଚାହିଁ ଅପମାନ
୩ ତ୍ରପାରେ ଶିରୀଷ-ତରୁ ହେଲା ମ୍ରିୟମାଣ ।
ଭାନୁ-ଅସ୍ତେ ବୃହଦ୍ଭାନୁ କରି ଆରାଧନା
ସ୍ମରିଲେ ମହେଶ-କୃପା ମୁନି ମହାମନା
ବସିଥାନ୍ତି ଆଶ୍ରମରେ ମଣ୍ଡି କୁଶାସନ,
ଭାବୁଥାନ୍ତି ମନେ ମନେ ରାମ-ସୁଶାସନ ।
ତହିଁ ସଙ୍ଗେ କୁମାରଙ୍କ ଯୋଗ୍ୟତା ବିଷୟେ,
କରୂପେ ଘଟିବ ପିତା-ପୁତ୍ର-ପରିଚୟେ ।
ଧନୁର୍ବେଦ ରାଜଧର୍ମ ଶିକ୍ଷାର ଦୁଆରେ
ଉପଗତ ହୋଇଛନ୍ତି ଏକାଳେ କୁମାରେ ।
ତାପସଙ୍କ ସଙ୍ଗେ ଯେବେ ବନେ ଥିବେ ରହି
ମୂଲ୍ୟମୟ ସମୟଟି ବୃଥା ଯିବ ବହି ।
ରାଜପୁତ୍ର ରାଜଧର୍ମେ ନ ହେଲେ ନିପୁଣ,
ବନ୍ଧ୍ୟ ତରୁ ପରି ବ୍ୟର୍ଥ ହେବ ସର୍ବଗୁଣ ।

୧ । ସ୍ରବଣ—କ୍ଷରଣ । ୨ । ଅମାବାସ୍ୟାରେ ସୂର୍ଯ୍ୟ-ଚନ୍ଦ୍ରର ସଙ୍ଗମ ହୁଏ, ଏହେତୁ ତାକୁ ସୂର୍ଯ୍ୟେନ୍ଦୁ-ସଙ୍ଗମ କହନ୍ତି । ୩ । ତ୍ରପା—ଲଜ୍ଜା ।

ବୀରପୁତ୍ର ନ ଲଭିଲେ ବୀରତ୍ୱ-ଭୂଷଣ,
ବୀରବଂଶ ପ୍ରତି ହେବ ଦୁଃସହ ଦୂଷଣ ।
କେ କରିବ କୋଶଳର ରାଜସିଂହାସନ
ନ ଲୋଡ଼ିବ ଦିନେ ରାମ-ଦାୟାଦ-ରତନ ।
ତେତେବେଳେ ରାଜମାନ ରକ୍ଷଣ-କ୍ଷମତା
ନ ଥିଲେ ପଡ଼ିବ ଫୁଟି ନୀତି-ଅଧମତା ।
ଆଦର୍ଶବିହୀନେ ତହିଁ କେମନ୍ତେ କୁଶଳ
ହେବେ ଥାଇ କାନନରେ କୁମାରଯୁଗଳ ?
ବିଶେଷତଃ ରଘୁବଂଶ-ନୃପେ ଦାନ-ବୀର,
ସେ ଆଦର୍ଶ ଦେବ କାହିଁ ଋଷିର କୁଟୀର ?
ଅବିକଳ ରାମରୂପ, ପ୍ରତିବିମ୍ବ ପରି
କୁମାରଯୁଗଳ ଛନ୍ତି ଅବୟବ ଧରି ।
ଚାହିଁଲେ ଚିହ୍ନିବେ ରାମ ନିଜର ନନ୍ଦନ,
ଶତ୍ରୁଘନ କରିଦେବେ ସନ୍ଦେହ ଖଣ୍ଡନ ।
କୁମାରଙ୍କୁ ନେଇ ଦେଲେ କରିବେ ଗ୍ରହଣ,
ତା'ହେଲେ ନ ହେବ ଆଉ ଆମ୍ଭର ଗର୍ହଣ ।
କିନ୍ତୁ ସେ ତ ଏକମାତ୍ର ଅପବାଦ ଭୟେ
ପତିବ୍ରତା ଜାଣି ଜାଣି ନିଷ୍ଠୁର ହୃଦୟେ
୧ ଦୋହଦନୀ ଦୟିତାକୁ ବିପିନେ ପ୍ରେରଣ
୨ କରିଛନ୍ତି ଛଳ କରି ଦୋହଦ-ପୂରଣ ।
୩ ସନ୍ତାନ-ମମତା ତାଙ୍କ ହୃଦୟେ ସମ୍ଭବ
ବାର ବର୍ଷ ପରେ ହେବା ନୁହଇ ସମ୍ଭବ ।
ପୁତ୍ର-ସ୍ନେହ ଅର୍ପିଛନ୍ତି ପ୍ରକୃତିଙ୍କ ପ୍ରତି,
ନିଶ୍ଚୟେ ଲୋଡ଼ିବେ ତାଙ୍କ ସମ୍ମତି ସମ୍ପ୍ରତି ।
ନିଜର ବିଶ୍ୱାସ ପ୍ରତି ଆସ୍ଥା ନାହିଁ ଯାର,
କି ହେବ ବୁଝାଇ ଆମ୍ଭେ କହିଲେ ହଜାର ।
୪ ଏ ବିଷୟେ ବିଧିସୁତ ଲକ୍ଷ୍ମଣ ସହିତ
ପରାମର୍ଶ କରିବାର ଅବଶ୍ୟ ବିହିତ ।
ଏ ସମୟେ ରାଜଦୂତ ଯୋଡ଼ି କରପଦ୍ମ
ପ୍ରଣମି ବାଲ୍ମୀକି କରେ ଦେଲା ଏକ ପତ୍ର ।

ପାଠ କରି ମୁନିବର ହେଲେ ଅବଗତ
ଆବିଷ୍କୃତ ହୋଇଅଛି ବାଞ୍ଛାସିଦ୍ଧି-ପଥ ।
କରିଛନ୍ତି ରାମଚନ୍ଦ୍ର ରାଜା ନିମନ୍ତ୍ରଣ
ଅନୁଷ୍ଠିତ-ଅଶ୍ୱମେଧ-ଯଜ୍ଞର କାରଣ ।
ଭାବିଲେ ମୁନୀନ୍ଦ୍ର, ବିଧି ହୋଇ ଅନୁକୂଳ
ଭାବନା-ସାଗର ପାଶେ ଦେଖାଇଲେ କୂଳ ।
ଯଜ୍ଞ-ଦରଶନ ପାଇଁ ମୁନିପୁତ୍ର ବେଶେ
କୁମାରଙ୍କୁ ଘେନିଯିବା ଶିଷ୍ୟ ବ୍ୟପଦେଶେ !
କୁଶ ଲବ ଯଜ୍ଞକ୍ଷେତ୍ରେ ବୁଲି ସ୍ଥାନ ସ୍ଥାନ
କରିବେ ନବୀନ କାବ୍ୟ ରାମାୟଣ ଗାନ ।
ରାମ-କଥା କରି ପ୍ରୀତି-ପୀୟୂଷ-ବର୍ଷଣ
ନିଶ୍ଚୟେ କରିବ ଜନ-ମନ ଆକର୍ଷଣ ।
ଶ୍ରୀରାମ ସଦୃଶ ଦେଖି କୁମାରଙ୍କୁ ଜନେ
ରାମ-ପୁତ୍ର ବୋଲି ନିଶ୍ଚେ ବିଚାରିବେ ମନେ
ନିଜେ ରାମଚନ୍ଦ୍ର ନିଜ ପ୍ରତିବିମ୍ବ ରୂପେ
ହୃଦୟ ମଜ୍ଜାଇ ଦେବେ ପ୍ରୀତି-ସୁଧା-କୂପେ ।
ରାମ ହେଲେ କୁମାରଙ୍କୁ ଗ୍ରହଣେ କୁଣ୍ଠିତ,
କଉଶଲ୍ୟା ନ ହେବେ କି ଅବନୀ-ଲୁଣ୍ଠିତ ?
କରି ନାହିଁ ବୈଦେହୀଙ୍କି ରାବଣ ସ୍ପରଶ,
ରାମାୟଣେ ଶୁଣି ସର୍ବେ ଲଭିବେ ହରଷ ।
ଅନଳରେ ହୋଇଛନ୍ତି ସତୀ ପରୀକ୍ଷିତ,
ଶୁଣିଲେ ନ ହେବ କାହା ତନୁ କଣ୍ଟକିତ ?
ପ୍ରକାଶିବ ରାମାୟଣ ଭାରତୀ-ଆଲୋକ,
ଅପବାଦ-ତମ ଛାଡ଼ି ଦେବ ତିନି ଲୋକ ।
ଏହିରୂପେ ମନେ ମନେ ଭାବି ମୁନିବର,
ଅତୀବ ହରଷେ ହେଲେ ପ୍ରଫୁଲ୍ଲ-ଅନ୍ତର ।
ବିଶ୍ରାମ ଆଦେଶ ଦେଇ ଦୂତେ ମିଷ୍ଟଭାଷେ
ଶିଷ୍ୟଗଣେ ନିୟୋଜିଲେ ତରଗୁ ସକାଶେ ।
ଜନନୀ ନିକଟେ ଯାଇ ହର୍ଷେ ମୁନିବର
ଜଣାଇଲେ ଅଶ୍ୱମେଧ-ଯଜ୍ଞର ଖବର ।

୧ । ଦୋହଦନୀ—ଗର୍ଭବତୀ । ଦୟିତା—ଭାର୍ଯ୍ୟା । ୨ । ଦୋହଦ—ଗର୍ଭିଣୀର ସ୍ପୃହା ।

୩ । ସମ୍ଭବ—ଜାତ । ୪ । ବିଧିସୁତ—ବଶିଷ୍ଠ ।

ଆସିଅଛୁ ରାମଦୂତ ଧରି ନିମନ୍ତ୍ରଣ,
ଶିଷ୍ୟଗଣ ଘେନି କାଲି କରିବି ଗମନ ।
ତହିଁ ସଙ୍ଗେ କୁଶ ଲବ ଯିବେ ଯଥାଶିଷ୍ୟ
ଦେଖିବେ ବହୁତ ମୁନି ଲଭିବେ ଆଶିଷ ।
ମହର୍ଷି ପ୍ରସ୍ତାବ ସର୍ବ କରି ସମର୍ଥନ,
କୁମାରଙ୍କ ଭାର ଗାଢ଼େ କଲେ ସମର୍ପଣ ।
୧ ତହୁଁ ଋଷି ଅନ୍ତେବାସୀମାନଙ୍କୁ କହିଲେ,
ଅଶ୍ୱମେଧ ଦେଖିଯିବା ଯାମିନୀ ପାହିଲେ ।
୨ କୁଶ ଲବ ସହିତରେ ସତୀର୍ଥ ସକଳ
ସଜ ହୋଇ ଧରିଥିବ ପାଥେୟ ସମ୍ବଳ ।
ବାବା କୁଶ ଲବ ବୀଣା ସଙ୍ଗେ ଥିବ ଧରି,
ସଫଳ କରିବ ଶିକ୍ଷା ସୁସଙ୍ଗୀତ କରି ।
ଯେଉଁ ରାମ ରାମାୟଣ-କାବ୍ୟର ନାୟକ
ହୋଇଛନ୍ତି ତୁମ୍ଭ ହୃଦ-ଆନନ୍ଦ-ଦାୟକ,
ସେହି ରାମ କରୁଛନ୍ତି ଏହି ମହାଯାଗ,
ଆସିବେ ବହୁତ ଦେଶୁ ବହୁ ମହାଭାଗ ।
ଆସିଥିବେ ବିଭୀଷଣ ଲଙ୍କା-ଅଲଙ୍କାର
ଅସୁର-ସହିତ ସହି ସିନ୍ଧୁ ହୋଇ ପାର ।
୩ ଭଲ ଭଲ ଭଲ୍ଲ କପି ଅଙ୍ଗଦ-ପ୍ରମୁଖ,
ଆସିବେ ସୁଗ୍ରୀବ ସଙ୍ଗେ ହର୍ଷେ ମାଜି ମୁଖ ।
ମଣନ୍ତି ଯେ ଲୋଷ୍ଟ୍ରଖଣ୍ଡ ସମ ସାନୁମାନ
ଅମିତ-ବିକ୍ରମ-ଶାଳୀ ବୀର ହନୁମାନ ।
ମୁଦେ ହୃଦେ ଘେନି ସୀତାଦତ୍ତ ମୋତିହାର
କରୁଥିବେ ତହିଁ ସିଂହ ସଦୃଶ ବିହାର ।
୪ ବିବିଧ-ପାଳକ-ମାଳେ ମଣ୍ଡି କଳେବର
ଆସିଥିବେ ଗୁହ ସଙ୍ଗେ ଅସଂଖ୍ୟ ଶବର ।
ଯେ ଦୁର୍ଲଭ ରାଜଲକ୍ଷ୍ମୀ-ପ୍ରେମ ଆଲିଙ୍ଗନ
ଭ୍ରାତୃଭକ୍ତି ବଳେ ହେଳେ କରି ଉଲ୍ଲଙ୍ଘନ
ଅଗ୍ରଜ-ପାଦୁକା ଥୋଇ ରାଜ-ସିଂହାସନେ
ଯାପିଲେ ଚଉଦ ବର୍ଷ ଫଳମୂଳାସନେ,
ଜୀବନ ଉନ୍ନତ କଲେ ବାନ୍ଧି ଜଟାଜୁଟ,
ଉର୍ଦ୍ଧ୍ୱମୁଖେ ଚୁହେଁ ଯାହା ହିମାଚଳକୂଟ,
ସେ ଭରତ ଥିବେ ତହିଁ ରାମେ ଅନୁସରି,
୫ ବିଷ୍ଣୁପଦେ ବିଧୁଭୁଲି କାନ୍ତିକାନ୍ତ ଧରି ।
କ୍ଷଣଜନ୍ମା ଲକ୍ଷ୍ମଣଙ୍କୁ ଦେଖିବ ତହିଁରେ,
ଯା' ସମ ଦ୍ୱିତୀୟ ଜଣେ ନାହାନ୍ତି ମହୀରେ ।
ନିଜେ ବଜ୍ରଧର ଯାର ଭୟରେ ଚଳିତ,
ତା' ଦର୍ପ ସେ କରିଛନ୍ତି ପଦରେ ଦଳିତ ।
ମେଘନାଦ-ବଧ-ବାର୍ତ୍ତା ହୋଇ କାଳାନଳ
ରାବଣ-ହୃଦୟେ ପଶି ଜଳିଲା ପ୍ରବଳ ।
ତହିଁ ସଙ୍ଗେ ଅଙ୍ଗ-ବଳ ଆହୁତି ପ୍ରଦାନ
କରି ଉଗ୍ରତର କଲା ରାକ୍ଷସ-ପ୍ରଧାନ ।
ତହିଁ ତପ୍ତ କରି ତାର ପ୍ରଦୀପ୍ତ ଶକତି
ନିକ୍ଷେପିଲା ଧରି କୋପେ ସଉମିତ୍ର ପ୍ରତି ।
୬ ଶକତି-ଆଘାତ-ଜାତ କ୍ଷତର ଲକ୍ଷଣ
ବକ୍ଷେ ପୃଷ୍ଠେ ବହି ସାର୍ଥନାମା ସେ ଲକ୍ଷ୍ମଣ ।
ଅକ୍ଷିରେ ଦେଖିବ ଯାହା ଦେଖିଛ ଅକ୍ଷରେ,
ଗାଇବ ସଭିଙ୍କ କଥା ସର୍ବସମକ୍ଷରେ ।
ସଙ୍ଗୀତ ଶୁଣିବେ ଶତ ଶତ ନରପତି,
ତପଃପ୍ରଭାପୂର୍ଣ୍ଣତନୁ ଶତ ଶତ ଯତି ।
କେହି ପଚାରିଲେ ତହିଁ ତୁମ୍ଭ ପରିଚୟ,
ବୋଲିବ,"ବାଲ୍ମୀକି-ଶିଷ୍ୟଆମ୍ଭେ ଭ୍ରାତୃଦ୍ୱୟ"
ରାଜା ରାମଚନ୍ଦ୍ର ଯେବେ କରିବେ ଆହ୍ୱାନ
କରିବ ସମ୍ମୁଖରେ ତାଙ୍କ ରାମାୟଣ ଗାନ
ପଚାରିଲେ ପରିଚୟ ଘେନି କୌତୂହଳ
ବୋଲିବ, "ବାଲ୍ମୀକି-ଶିଷ୍ୟ ସୋଦରଯୁଗଳ"
ଧନ ଦେଲେ ଲୋଭତେଜି ବୋଲିବ ବିନୟେ,
"କି କରିବୁଁ ଧନ ନେଇ ତାପସ-ନିଳୟେ?"
ତେଣେ ଶୁଣି ମୁନି-ମୁଖୁଁ ଅଶ୍ୱମେଧ-କଥା
ବୈଦେହୀ-ହୃଦୟେ ହେଲା ଆକସ୍ମିକ ବ୍ୟଥା ।

---

୧ । ଅନ୍ତେବାସୀ—ଶିଷ୍ୟ । ୨ । ସତୀର୍ଥ—ସହାଧ୍ୟାୟୀ । ୩ । ଭଲ୍ଲ—ଭଲ୍ଲୁକ ।

୪ । ପାଳକ—ପକ୍ଷିଲୋମ । ୫ । ବିଷ୍ଣୁପଦ—ଆକାଶ । ୬ । ଲକ୍ଷଣ—ଚିହ୍ନ ।

ଭାବିଲେ ନିଶ୍ଚୟ ରଘୁକୁଳ ଚୂଡ଼ାମଣି
ଅଙ୍କେ ବସାଇଲେ ଆଣି ଦିଗ୍ୱିଜୟୀ ରମଣୀ ।
ଧନ୍ୟ ସେହି ଭାଗ୍ୟବତୀ, ଫଳିଲେ ତା' ତପ
ପାଦପେ ସଗର-ବଂଶ-ସିନ୍ଧୁ-ସୀତାତପ ।
କାହିଁ କେଉଁରୂପେ କଲା କି ଘୋର ତପସ୍ୟା,
ତପସ୍ୟାକୁ ତାର ମୋର ବଳୁଛି ଲାଳସା ।
କିଏ କହିଦେବ ସେହି ତପର ନିୟମ,
ନିଶ୍ଚୟ କରିବ ତହୁଁ ତପ ଗୁରୁତମ ।
କେ ଜାଣିବ ତାହା ପୂର୍ବତପ ବିବରଣ,
ଜାଣିଥିବେ ବଶିଷ୍ଠାଦି ମହାଋଷିଗଣ ।
ନହେଲେ କି କଲେ ତାକୁ ରାଜ୍ଞୀ ମନୋନୀତ ?
ତାଙ୍କ ମତେ ହୋଇଥିବେ ପ୍ରଭୁ ପରିଣୀତ ।
ଉପାୟେ ଆଣିବି ସେହି ନିଗୂଢ଼ ମନ୍ତର,
ବିଚିତ୍ର ଲେଖିଲେ ସଖି ବିନୟ ପତର ।
"ଶରଣ-ବତ୍ସଳ-ଧ୍ୱଜ ଶତ୍ରୁ-ଗଜାଙ୍କୁଶ,
୧ ଦୁଃଖ-ଗିରି-ବଜ୍ର ଯହିଁ ଦେଖନ୍ତି ବିଦୁଷ,
ରାଜାରାଜେଶ୍ୱରଙ୍କ ସେ ପଦପଦ୍ମଦ୍ୱନ୍ଦ୍ୱେ
ଦୀନ ଭିଖାରିଣୀ ଦୂରୁ ନତଶିରେ ବନ୍ଦେ ।
କରିବାକୁ ମଧୁ-ଆଶା-ତିମିର-ଭେଦନ
କାତରେ କାନ୍ତାରେ ଥାଇ କରେ ନିବେଦନ ।
ମହାରାଜ ମହାଯଜ୍ଞେ ହୋଇଛ ଦୀକ୍ଷିତ,
୨ ନବ-ବାମା ହେଉଥିବ ବାମାଙ୍କେ ବୀକ୍ଷିତ ।
ମୁଗଧ-ବଧୂ ମୁଗ୍‌ଧ ହେବ ବୋଲି ଶତ ଗୁଣ
ବଢ଼ିଯାଉଥିବ ତୁମ୍ଭ ସକଳ ସଦ୍‌ଗୁଣ ।
ଆଚରିତ ମହାଯଜ୍ଞେ କରିବ ପ୍ରଦାନ
୩ ଅଶେଷ ରତନ ଧନ କ୍ଷୌମ ବସ୍ତ୍ରମାନ ।
ସିଦ୍ଧ-କାମ ହେବେ ତହିଁ ଅର୍ଥୀ ସମୁଦୟ,
ମୋ ମାନସେ ଭିକ୍ଷା ଏକ ହୋଇଛି ଉଦୟ ।
ଏ ଗୁରୁ ଭିକ୍ଷାରେ ନାଥ, ନ ହେବ କୃପଣ,
ଦୟା-ରତ୍ନମୟ-ଦାନ-ବାରିଧି ଆପଣ ।
ମୁଁ କିଏ, ତା' ଜାଣିବାର ନୁହେ ଆବଶ୍ୟକ
ସଦା ତୁମ୍ଭେ, ତାପସଙ୍କ ଅଶାନ୍ତି-ନାଶକ ।
ତାପସଙ୍କୁ କିଛି ତୁମ୍ଭ ନ ଥାଏ ଅଦେୟ,
ମୁହିଁ ତପସ୍ୱିନୀ ମୋତେ ନ କରିବ ହେୟ ।
ଯେ ହୋଇଛି ଆଜି ତୁମ୍ଭ ଅଙ୍କର ଭାଜନ,
ଭକ୍ତିଭରେ ଦେଖୁଥିବେ ଜଗତର ଜନ ।
ପୂର୍ବେ ସେହୁ କରିଥିଲେ କେଉଁ ଘୋର ତପ,
କେଉଁଠାରେ କେତେ କାଳ କେଉଁ ମନ୍ତ୍ର ଜପ,
ଏହା ମାତ୍ର ପ୍ରଭୋ,ମୋତେ ଦେବଟି ଜଣାଇ
ଅନ୍ୟ କିଛି ଧନେ ମୋର ପ୍ରୟୋଜନ ନାହିଁ
କୋଟି ଅଶ୍ୱମେଧେ ଯେତେ ଧନ ହୁଏ ଦାନ
ତହିଁରୁ ଅଧିକ ତାହା ହେବ ମୋର ଜ୍ଞାନ ।
ଆଉ ଏକ କଥା ମାତ୍ର ଅଛି ଅନୁରୋଧ,
ଦୁଃଖିନୀର ପୁତ୍ରଯୁଗ ଅତ୍ୟନ୍ତ ଅବୋଧ ।
ନାହିଁ ତାଙ୍କ ପିତୃ-କୋଳ-ଆରୋହଣ ଭାଗ୍ୟ,
ନ ଜାଣନ୍ତି ଜନ୍ମକାଳୁ ପିତୃ-ଅନୁରାଗ ।
ଜାଣିଛନ୍ତି ଜନନୀର ଜୀବନ କନ୍ଦାଇ
ବୀଣା-ତନ୍ତ୍ରୀ-ସହକାରେ ରାମାୟଣ ଗାଇ ।
କିଏ ନ କାନ୍ଦିବ ବହି ମାନବ-ହୃଦୟ ?
ତରୁଲତାଚୟ ଯହିଁ ହୁଅନ୍ତି ଅଥୟ ।
ତୁମ୍ଭର ଚରିତେ ନିଜେ ହୋଇ ବିମୋହିତ
ଯାଉଛନ୍ତି ଶିଶୁଦ୍ୱୟ ମହର୍ଷି ସହିତ ।
କରିବାକୁ ତୁମ୍ଭ ପଦ-ପଙ୍କଜ-ଦର୍ଶନ
ମନ ତାଙ୍କ ନେଉଅଛି କରି ଆକର୍ଷଣ ।
ଶୁଣାଇବେ ତୁମ୍ଭ ଗତ ଦୁଃଖର କାହାଣୀ,
ଯା' ଶୁଣିଲେ ଦୁଃଖିନୀର ହୃଦ ହୁଏ ହାଣି ।
ନ ଶୁଣିଲେ ତହିଁ ପ୍ରତି ଧାଉଁଥାଏ ମନ,
ନ ହୁଅଇ କରି ତାର ଔତ୍ସୁକ୍ୟ-ଦମନ ।
ଧୀରବର, ସେ କଥାକୁ ଘେନ ତୁମ୍ଭ ଶ୍ରୁତି
ଆଣିବ ଯଦ୍ୟପି ଦୀନା ବୈଦେହୀର ସ୍ମୃତି,
ବୈଦେହୀର ପ୍ରଣୟକୁ ମଣିବ ସ୍ୱପନ
ଗୃହିଁ ନବ-ପ୍ରଣୟିନୀ-ପ୍ରଫୁଲ୍ଲ-ଲପନ ।"

୧ । ବିଦୁଷ—ପଣ୍ଡିତ । ୨ । ବୀକ୍ଷିତ—ଦୃଷ୍ଟ । ୩ । କ୍ଷୌମ—ପଟ୍ଟବସ୍ତ୍ର ।

ଲେଖୁଥାନ୍ତି ପତ୍ର ସେଥି ହୃଦୟ-ବଳକଲେ,
ପତ୍ର ଧୌତ ହେଉଥାଏ ନୟନର ଜଳେ ।
ଆଜି କି ଲେଖିବ ବୋଲି ଭାବୁଥିଲେ ବସି
ଆସିଗଲେ କୁଶ ଲବ ମୁଦେ ହସି ହସି ।
ବୋଇଲେ,"ଗୋ ମାତଃ,ଧନ୍ୟଧନ୍ୟ ରଘୁପତି
ଧନ୍ୟ ତାଙ୍କ ପ୍ରଣୟିନୀ ସତୀ ଭାଗ୍ୟବତୀ ।
ଅଶ୍ୱମେଧ କରୁଛନ୍ତି କୌଶଲ୍ୟା-ନନ୍ଦନ,
ଦୂତ ଏକ ଆସିଅଛି ଧରି ନିମନ୍ତ୍ରଣ ।
ଦୂତକୁ ପଚାରି ଯାହା ହେଲୁ ଅବଗତ,
ରାମଚନ୍ଦ୍ର ଯୋଗୁଁ ଆଜି ଧନ୍ୟ ଏ ଜଗତ ।
ଜନ-ଅପବାଦ ରାମ କଲେ ବିଭଞ୍ଜନ
ପ୍ରାଣ-ପ୍ରଣୟିନୀ ସୀତା କରି ବିସର୍ଜନ ।
ଅଶ୍ୱମେଧ-ଯଜ୍ଞେ ସହଧର୍ମିଣୀ ସକାଶେ
୧ କାନକୀ ଜାନକୀ ରାମ ରଖିଛନ୍ତି ପାଶେ ।
ଥିଲି କି ଜନନି, ତାଙ୍କୁ ଦୟିତା ଦୁର୍ଲ୍ଲଭ ?
ଅନ୍ୟ ଜାୟା ନ ଇଚ୍ଛିଲେ ଜାନକୀ-ବଲ୍ଲଭ ।
କାହିଁ ଗଲେ ଜାନକୀ ମା, ନ ଥିବେ ଜୀବନେ
ନ ପାରିଲୁଁ ଜାଣି ସେହି କଥା ରାମାୟଣେ ।
ଯିବୁଁ ମା, ଦେଖିବୁଁ ରାମ କମଳ-ପୟର,
ସଙ୍ଗେ ନେବ ବୋଲି କହୁଛନ୍ତି ମୁନିବର ।"
କୁମାରଙ୍କ ବାଣୀ-ସୁଧା-ସାଗର-ଲହରୀ
ସତୀ-ଜୀବନକୁ ଦେଲା ନିମଜ୍ଜିତ କରି ।
ହୃଦ ହୋଇଥିଲା ଯେତେକ ତପ୍ତ ବାଲିମୟ
ପ୍ଳାବିଦେଲା ରାମ-ପ୍ରୀତି-ପୟୋଦର ପୟ ।
ମନେମନେବୋଇଲେ,"ହା ! ମୁଁ ଚିରପାପିନୀ,
ଲେଖୁଥିଲି ଭାଷା ପ୍ରଭୁ-ହୃଦୟ-ତାପିନୀ ।
ମୁଁ ସିନା ଅବଳା ଅତି ଦୁର୍ବଳ-ହୃଦୟା,
ଅନନ୍ତ ଅଗାଧ ମୋର ପ୍ରଭୁଙ୍କର ଦୟା ।
ଅପରାଧ କ୍ଷମ ନାଥ, କ୍ଷମାର-ସାଗର,
୨ବିଧି କଲା ମୋତେ ତୁମ୍ଭ ହୃଦୟର ଗର ।"

ବୋଇଲେ ଲୁଚାଇ ପତ୍ର ପ୍ରକାଶି ହରଷ,
"ଯାଅ ବତ୍ସେ, ଦେଖି ରାଜ-ପୟର-ସାରସ ।
କହୁଥିଲେ ତାତ, ତହିଁ କରିବ ସଙ୍ଗୀତ,
୩ ସ୍ୱଭାବେ ଅଟଇ ତା'ତ ପୀୟୂଷ-ସମ୍ମିତ
ପୁଣ୍ୟମୟ ଯଜ୍ଞ-କ୍ଷେତ୍ରେ ହୋଇ ସୁଧା-ସ୍ରୋତ
୪ ହୃଦୟେ ହୃଦୟେ ହୋଇଯିବ ଓତପ୍ରୋତ ।
ଡାକିଲେ ରାଘବ ଯିବ ତାଙ୍କ ସନ୍ନିଧାନେ,
ବନ୍ଦିବ ଚରଣେ ଭକ୍ତିପୂର୍ଣ୍ଣ ପ୍ରଣିଧାନେ ।
୫ ଦେଖିବ ତହିଁରେ ତାଙ୍କ ଅବରଜଦ୍ୱୟ,
ତାଙ୍କ ପଦେ ପ୍ରଣମିବ ଦେଖାଇ ବିନୟ ।
ରାଜମାତାଙ୍କର ପୂତ-ଚରଣ-କମଳ—
ରଜ ଶିରେ ଘେନି ପ୍ରାଣ କରିବ ସଫଳ ।
ଜାନକୀ-ଭଗିନୀ ତିନି ଥିବେ ତାଙ୍କ ପାଶେ,
ବନ୍ଦିବ ଚରଣ ତାଙ୍କ ଜାନକୀ-ବିଶ୍ୱାସେ ।
ପଚାରିବେ କେହି ଯେବେ କାହାର ନନ୍ଦନ,
ଉତ୍ତରେ ବୋଲିବ,"ଆମ୍ଭେ ତପସ୍ୱିନୀ-ଧନ"।
କୁମାରଙ୍କୁ ହୃଷ୍ଟ କଲା ମାତାଙ୍କ ବଚନ,
ନବ କୌତୂହଳେ ତାଙ୍କ ପୂର୍ଣ୍ଣ ହେଲା ମନ ।
ଭୋଜନେ ଶୟନେ ଆଉ ନ ହେଲା ଆଦର,
ହୃଦେ ନୃତ୍ୟ ହେଲା ରାମ-ପ୍ରଶଂସା-ବାଦର ।
ରାମ-କଥା କୁହାକୁହି କରି ପରସ୍ପର
ନିଦ୍ରା-ଅଭିଭୂତ ହେଲେ ଉଭୟ ସୋଦର ।
୬ ଜାନକୀ-ଜୀବନ ପତି-ଭକ୍ତିନଦୀ-ରୟେ
ଭାସୁଥାଏ, ଭ୍ରମୁଥାଏ ଆବର୍ତ୍ତେ ଅଥୟେ ।
କୋଳେ ଆଣିବାକୁ ତାକୁ ନିଦ୍ରାର ଶକତି
ନ ହେବାରୁ ଜଣାଇଲା ଯୋଗମାୟା କତି ।
ବୋଇଲା,"ଦେବି ଗୋ, ଆଜି ଜାନକୀଜୀବନ
କରିଛି ମାନବୀ-ହୃଦ-ସୀମାକୁ ଲଙ୍ଘନ ।
ବାର ବର୍ଷ ହେଲା ଶଯ୍ୟା ପ୍ଳାବି ନେତ୍ରନୀରେ
ଥରେ ହେଲେ ଆସୁଥିଲିମୋକୋଳକୁ ଧୀରେ ।

୧ । କାନକୀ— ସ୍ୱର୍ଣ୍ଣମୟୀ । ୨ । ଗର—ବିଷ । ୩ । ସମ୍ମିତ—ସମାନ । ୪ । ଓତପ୍ରୋତ—ସମ୍ପୂର୍ଣ୍ଣ ବ୍ୟାପ୍ତ । ୫ । ଅବରଜ—କନିଷ୍ଠଭ୍ରାତା । ୬ । ରୟ—ସ୍ରୋତ ।

ଆଜି ଯେତେ ସୁମଧୁରେ କରୁଛନ୍ତି ଆହ୍ୱାନ,
ନ ଶୁଣି କରୁଛି ସ୍ୱର୍ଗ-ରାଜ୍ୟକୁ ପ୍ରୟାଣ ।
ନୟନ-ପ୍ରତିମା ତାର ସେ ବେନି କୁମର,
ଏହିକ୍ଷଣି ହୋଇଯିବେ ନୟନୁ ଅନ୍ତର ।
ଦଶ ଦିଗ ହେବ ତାକୁ ଅନ୍ଧକାରମୟ,
ଏ ଜୀବନେ ନାହିଁ ତାର ସୁଖ-ସୂର୍ଯ୍ୟୋଦୟ ।
ପତି-ପ୍ରାଣା ହୋଇ ତାର ହେଲା କେଉଁ ଫଳ?
ଦେଖୁ ତ ଦୁଃଖିନୀ କରି ଭବିଷ୍ୟ ଉଜ୍ଜ୍ୱଳ ।
ପ୍ରାଣ-ଆଲବାଳେ ନେତ୍ର-ଜଳ କରି ଦାନ
ଅବଳା ରଚିଲା ପତି-ଭକତି-ଉଦ୍ୟାନ ।
ନ ଫୁଟିଲା ଫୁଲ ତହିଁ ନ ଫଳିଲା ଫଳ,
କହ ତ ଜୀବନ ହେବ କି ଘୋର ବିକଳ ?"
ଯୋଗମାୟା ଆଜ୍ଞାଦେଲେ, "ଚାଲଲୋ ସଜନି,
ଶେଷ ହୋଇ ଆସିଲାଣି ଶୀତଳା-ରଜନୀ ।
ଏବେ ଯାଉଁ ବେଗେ ଦୁହେଁ ସତୀ-ସନ୍ନିକଟ,
କରିଦେବା ତା' ଭବିଷ୍ୟ ରହସ୍ୟ-ପ୍ରକଟ ।"
ନିଦ୍ରା ସହ ଯୋଗମାୟା ଆସି ଲେ ସତ୍ୱରେ
ପଶିଲେ ଜାନକୀ-ପର୍ଣ୍ଣ-କୁଟୀର-ଭିତରେ ।
ସ୍ୱର୍ଗୀୟ-ଜ୍ୟୋତିରେ ହେଲା କାନନ ଉଜ୍ଜ୍ୱଳ,
ସ୍ୱର୍ଗୀୟ ସୌରଭେ ପୂର୍ଣ୍ଣ ହେଲା ମହୀତଳ ।
ସୌରଭେ ଜାନକୀ-ପ୍ରାଣ ହେଲା ପୁଲକିତ,
ପ୍ରଭା ପ୍ରଭାବରେ ହେଲା ନେତ୍ର ନିମୀଳିତ ।
ଦିଶିଲା ଜାନକୀ ହୋଇଛନ୍ତି ଜ୍ୟୋତିର୍ମୟୀ,
ତାଙ୍କ ଜ୍ୟୋତି ଆଲୋକିତ କରୁଅଛି ମହୀ ।
ଜ୍ୟୋତିର୍ମୟ ରାମଚନ୍ଦ୍ର ରତ୍ନ-ସିଂହାସନେ
ବସିଛନ୍ତି ଯେନି ତାଙ୍କୁ ପ୍ରସନ୍ନ ଆନନେ ।
ରାମଚନ୍ଦ୍ର-କୋଳେ କୁଶ,ସୀତାକୋଳେ ଲବ,
ଛତ୍ର ଧରି ପାଶେ ଉଭା ଊର୍ମିଳା-ବଲ୍ଲଭ ।
ଚନ୍ଦ୍ରିକା-ଧବଳ-ଚାରୁ-ଚାମର ଚାଳନ
କରନ୍ତି ଭରତ କରି ସ୍ୱଧର୍ମ-ପାଳନ ।
ଶିଖଣ୍ଡି-ଶିଖଣ୍ଡ-ଜାଲେ ରଚିତ ବ୍ୟଜନ
କରେ ଧରି ଶତ୍ରୁଘ୍ନ କରନ୍ତି ବୀଜନ ।
ସଭିଙ୍କ ଜୀବନ-ଜ୍ୟୋତି ଭବିଷ୍ୟ-ମୁଖରେ
ସ୍ରୋତସ୍ୱତୀ-ସ୍ରୋତାରୂପେ ବହୁଛି ପ୍ରଖରେ ।
କେତେ କୋଟି ନର-ନାରୀ ମହାତୀର୍ଥ ଜ୍ଞାନ
କରି ସେ ପବିତ୍ର-ସ୍ରୋତେ କରୁଛନ୍ତି ସ୍ନାନ ।
ଚାଲିଛି ସୁଦୂର-କାଳ-ସିନ୍ଧୁ ପ୍ରତି ଧାରି
ବେଳୁ ବେଳ କରି ନିଜ ଆକାର ପ୍ରସାର ।
ଉପରୁ ଅମରଗଣ ବିଦ୍ୟାଧରଗଣ
କରୁଥାନ୍ତି ମନୋହର କୁସୁମ ବର୍ଷଣ ।
ଅମର ଅସୁର ନାଗ ନର ଅପସରୀ
"ଜୟ ସୀତା-ରାମ"ନାଦେ ପୂରାଇଲେ ଧରା ।
ଘରେ ଘରେ ପ୍ରାଣେ ପ୍ରାଣେ ନଗରେ ନଗରେ
ନଦୀ-ନାବେ ସିନ୍ଧୁ-ପୋତେକନ୍ଦରେକନ୍ଦରେ,
ରଜନୀ ବାସରେ ସନ୍ଧ୍ୟା ପ୍ରଭାତ ସମୟେ,
ସୁଖେ ଦୁଃଖେ ଧନୀ ଧନ-ହୀନର ହୃଦୟେ ।
ଉଚ୍ଚାରିତ ହେଉଅଛି "ଜୟ ସୀତା ରାମ",
ଚାହିଁ ମୁଗ୍ଧ ହେଲେ ସତୀ-ଲଳନା-ଲଲାମ ।

# ପ୍ରଶସ୍ତ ମଣ୍ଡଳ

ସମ୍ବଲପୁର ଜିଲ୍ଲା ବୋଡ଼ାସମ୍ବରର

ଉଦାର ହୃଦୟ ଦାନଶୀଳ ଜମିଦାର

**ଶ୍ରୀମାନ୍ ରାୟ ଲାଲ ରାଜେନ୍ଦ୍ର ସିଂହ ବରିହା ବାହାଦୁରଙ୍କର**

ସମ୍ପୂର୍ଣ୍ଣ ବ୍ୟୟରେ

ଏବଂ

ତଦୀୟ ଦେବାନ୍ ସ୍ୱଦେଶହିତୈଷୀ

**ଶ୍ରୀଯୁକ୍ତ ରାୟ ଭୁବନେଶ୍ୱର ବହିଦାର ସାହେବଙ୍କ**

ହିତୈଷଣାରେ

ଏହି ପୁସ୍ତକ ପ୍ରକାଶିତ ହୋଇଥିବାରୁ

ଗ୍ରନ୍ଥକାର ସେମାନଙ୍କ ନିକଟରେ

ହୃଦୟର ଗଭୀର କୃତଜ୍ଞତା

ଅର୍ପଣ କରୁଅଛି ।

# ଭୂମିକା

ମେନକା ଅପ୍‌ସରାର ସୌନ୍ଦର୍ଯ୍ୟ-ଦେବତା ଓ ପ୍ରଲୋଭନ-ଅସୁର ମିଳି ବିଶ୍ୱାମିତ୍ରଙ୍କର ତପଃସିନ୍ଧୁ ମନ୍ଥନ କରିବାରୁ ଶକୁନ୍ତଳାରୂପିଣୀ ଲକ୍ଷ୍ମୀଙ୍କର ଆବିର୍ଭାବ ଓ ତଦୀୟ ଚରିତାମୃତର ଉତ୍ଥାନ ହେଲା । ସେହି ଅମୃତକୁ ବୈୟାସିକୀ କବିତା ମୋହିନୀରୂପରେ ବିବୁଧରୂପ ବିବୁଧସମାଜରେ ପରିବେଷଣ କରିଦେଲା । ମହାକବି କାଳିଦାସ ସେହି ଅମୃତରେ ନାଟକରୂପ ମିଷ୍ଟାନ୍ନ ପ୍ରସ୍ତୁତ କରି ବିବୁଧସମାଜରେ ପ୍ରଶଂସନୀୟ ହୋଇଅଛନ୍ତି । ପୃଥିବୀର ଅନ୍ୟତମ ମହାକବି ଜର୍ମାନ ସାହିତ୍ୟାକାଶର ପୂର୍ଣ୍ଣଚନ୍ଦ୍ର ମହାତ୍ମା ଗେଟେ କାଳିଦାସଙ୍କର ଶକୁନ୍ତଳା ନାଟକର ସ୍ୱର୍ଗୀୟ ମାଧୁର୍ଯ୍ୟରେ ମୁଗ୍ଧ ହୋଇ ମହାକବିଙ୍କର ଭାରତପ୍ରଥିତ ଯଶକୁ ଅବନୀପ୍ରଥିତ କରିଦେଇଅଛନ୍ତି । ଗୁଣର ମହତ୍ତ୍ୱ ଗୁଣୀ ବୁଝେ । ମହାତ୍ମା ଗେଟେ ମୁକ୍ତକଣ୍ଠରେ ଗୁରୁଗମ୍ଭୀର ସ୍ୱରରେ କହିଅଛନ୍ତି—

"Wouldst thou the young years's blossoms
and the fruits of its decline,
And all by which the soul is charmed,
enraptured, feasted, fed ?
Wouldst thou the earth and heaven
itself in one sole name combine ?
I name thee, O Sakuntala !
and all at once is said. "

ଆଜି କାଳିଦାସଙ୍କର ଶକୁନ୍ତଳା ପୃଥିବୀର ବିଭିନ୍ନ ବହୁ ଭାଷାରେ ଅନୁବାଦିତ ହୋଇ ବିଜ୍ଞମାନଙ୍କର ହୃଦୟକୁ ଅମୃତରସରେ ପ୍ଲାବିତ କରୁଅଛି । ଭିନ୍ନ ଭାଷାରେ ମୂଳ କବିତାର ଭାବ ପୂର୍ଣ୍ଣରୂପେ ପ୍ରକାଶ କରିବା ସୁକଠିନ କାର୍ଯ୍ୟ । ଗୋଟିଏ ହସ୍ତୀ ସ୍ୱାଧୀନଭାବରେ ଚାଲିଗଲେ ତାହାର ଗତିର ଯେଉଁ ଶୋଭା ଥାଏ, ଅନ୍ୟ ଗୋଟିଏ ହସ୍ତୀ ପୂର୍ବଗାମୀ ହସ୍ତୀର ଠିକ୍ ପଦଚିହ୍ନ ଉପରେ ପଦକ୍ଷେପ କରି କରି ଚାଲିଲେ ସେ ଶୋଭା ରହିପାରେ ନାହିଁ; କିନ୍ତୁ ସେହି ମାର୍ଗରେ ହଂସର ନୈସର୍ଗିକ ଗତି ଦର୍ଶନୀୟ ହୋଇଥାଏ । ମହାକବି କାଳିଦାସଙ୍କର ଗତିପଥ ଲକ୍ଷ୍ୟକରି ଏହି ପୁସ୍ତକର ରଚନା ହୋଇଅଛି ଏବଂ ଚରିତଟି ପ୍ରଣୟ-ପ୍ରଧାନ ଥିବାରୁ 'ପ୍ରଣୟ-ବଲ୍ଲରୀ' ନାମ ଧାରଣ କରିଅଛି ।

ମହାକାବ୍ୟ ମହାଭାରତ ପଥ ପରିତ୍ୟାଗ କରି ପଦ୍ମପୁରାଣର ମାର୍ଗରେ ମହାକବି କାଳିଦାସଙ୍କର ଶକୁନ୍ତଳା ନାଟକ ରଚିତ ହୋଇଥିବାର କଥିତ ହୁଏ;

ତଥାପି କବି ନିଜର ସ୍ୱାତନ୍ତ୍ର୍ୟ ରକ୍ଷାକରିବାକୁ ଛାଡ଼ି ନାହାନ୍ତି ଓ ତହିଁ ନିମନ୍ତେ ସେ ପ୍ରଶଂସ୍ୟ ହୋଇଅଛନ୍ତି । କେହି କେହି କହନ୍ତି ଯେ ନାଟକରେ ନାୟକ-ନାୟିକାଙ୍କର ହୃଦୟର ପ୍ରଶସ୍ତ ଚିନ୍ତାସବୁ ବିସ୍ତୃତରୂପେ ପରିସ୍ଫୁଟ ହୋଇପାରେ ନାହିଁ, ଏହି କଥାମାନ ଚିନ୍ତିତ ହୋଇ ଏହା ଉତ୍କଳ ଭାଷାରେ କାବ୍ୟରୂପେ ସ୍ଥାନେ ସ୍ଥାନେ ଲେଖକର ସ୍ୱତନ୍ତ୍ରତା ପ୍ରଯୁକ୍ତ ହୋଇଅଛି ।

ବିଜ୍ଞ ପାଠକବୃନ୍ଦ ! ଏଥିରେ ମୂଳ କବିତାର ରସାସ୍ୱାଦ ଲୋଡ଼ିଲେ ନିଶ୍ଚୟ ବଞ୍ଚିତ ହେବେ । ଯେପରି ,ଅମୃତ ଅଭାବରେ ନବାତର ବ୍ୟବହାର ହୋଇଥାଏ, ମୂଳ କବିତାର ପ୍ରକୃତ ରସ ଅଭାବରେ ଏହି କବିତା ସେହିପରି ବ୍ୟବହାରରେ ଆସିପାରିବ କି ନା ସନ୍ଦେହ । ତହିଁ ଉପରେ ନବାତପଣାରେ ଲେମ୍ବୁରସ ପ୍ରକ୍ଷେପ ପ୍ରାପ୍ତ ଆଦର୍ଶର ଅନୁକରଣରେ ମୂଳ କବିତାରସ ଉପରେ ଉତ୍କଳ-ଲେଖକର ସ୍ୱକୀୟ କବିତାରସ ପ୍ରକ୍ଷିପ୍ତ ହୋଇଅଛି । ତହିଁ ନିମନ୍ତେ ଏହା କିଦମ୍ଳ କିମ୍ବା ଅତ୍ୟମ୍ଳ ଦୋଷରୁ ଅପେୟ ହୋଇ ନ ଥିଲେ ରକ୍ଷା ।

ମତ୍ପ୍ରଣୀତ "କବିତାକଲ୍ଲୋଳ"ରେ ପ୍ରଣୟାଙ୍କୁର ପାଠକର ମାନନୀୟ ଶ୍ରୀମାନ୍ ରାମନାରାୟଣ ମିଶ୍ର, M. A , B. L. ପ୍ରମୁଖ ଅନେକ ସାହିତ୍ୟପ୍ରେମିକ ମହାତ୍ମା ପ୍ରଣୟାଙ୍କୁରକୁ ପରିବର୍ଦ୍ଧିତ ପ୍ରଣୟ-ବଲ୍ଲରୀ ରୂପେ ଦେଖିବାକୁ ସସ୍ନେହାକାଙ୍କ୍ଷା ପ୍ରକାଶ କରିଥିଲେ ଏବଂ ମୋର ପରମହିତୈଷୀ ସୁହୃତ୍ ଶ୍ରୀମାନ୍ ବ୍ରଜମୋହନ ପଣ୍ଡା ମହୋଦୟ ଅନବରତ ପୃଷ୍ଠପୋଷକତାସମ୍ବଳିତ ଉତ୍ତେଜନା ପ୍ରଦାନ କରିଅଛନ୍ତି । ଏହା ସେମାନଙ୍କର ତଥା ଉତ୍କଳର ସହୃଦୟ କାବ୍ୟରସିକବୃନ୍ଦଙ୍କର କିଞ୍ଚିତ୍ ରୁଚିକର ବୋଧ ହେଲେ ମୁଁ ନିଜକୁ କୃତାର୍ଥ ଜ୍ଞାନ କରିବି । ଇତି ।

ପଦ୍ମପୁର
ତା ୨୫ । ୧୦ । ୧୯୧୫

ବିନୟାବନତ
ଗ୍ରନ୍ଥକାର

# ପ୍ରଣୟ ବଲ୍ଲରୀ

## ପ୍ରଥମ ସର୍ଗ

### ପ୍ରଣୟାଙ୍କୁର

ଜୟ ବେଦବ୍ୟାସ  ଜୟ କାଳିଦାସ
ଭାରତୀ-ପ୍ରିୟ-ନନ୍ଦନ,
ତୁମ୍ଭେ ଜ୍ଞାନଗୁରୁ  କବିମଣ୍ଡଳୀର
ଲଲାଟ-ଶୋଭି-ଚନ୍ଦନ ।
ତୁମ୍ଭ ଚରଣରେ  ଲଗାଉଛି ବାନ୍ଧି
ମୋ ହୃଦ-ଦୃଢ଼-ବନ୍ଧନ,
ତୁମ୍ଭ ପଛେ ଥାଇ  ଭାରତୀ-ଚରଣେ
ବିନୟେ କରେଁ ବନ୍ଦନ ।
ଯେଉଁ ପଥେ ଗମି  ଭ୍ରମିଛ ଗୁରୁ ହେ,
ଭାରତୀ-କୁସୁମ-ବନେ,
ସେହି ପଥେ ଚାଲି  ତୋଳିବି କୁସୁମ
ପଡ଼ିବ ଯେତେ ନୟନେ ।
ନୟନେ ପଡ଼ିବ  ଯତନେ ଯାହାଙ୍କ
ନ ପାଇବ ମୋର ହସ୍ତ,
ସେ ଉଚ୍ଚ ଡାଳର  କୁସୁମ ଚୟନେ
ରହିବି ହୋଇ ନିରସ୍ତ ।
ତୋଳିଲା କୁସୁମେ  ହାର ଗୁନ୍ଥି ଦେବି
ଉତ୍କଳ-ଜନନୀ-ହୃଦେ,
ଭକ୍ତିରେ ଜନନୀ-  ପାଦ-ପଦ୍ମେ ପୂଜି
ମନ ମଜାଇବି ମୁଦେ ।
ମୃଗୟା-ବିନୋଦେ  ଦୁଷ୍ମନ୍ତ ନରେଶ
ବିହାର କରନ୍ତି ବନେ,
ପ୍ରଫୁଲ୍ଲହୃଦୟେ  ଧନୁଶର କରେ
ଶୋଭିତ ହୋଇ ସ୍ୟନ୍ଦନେ ।

ଭ୍ରମୁଁ ଭ୍ରମୁଁ ଏକ  ମୃଗ ଆସି ହେଲା
ଅକସ୍ମାତ ନୃପ ଅଗ୍ରେ,
ଧନୁଶରଧାରୀ  ନରେଶଙ୍କୁ ଚାହିଁ
ପଳାଇଲା ତହୁଁ ବ୍ୟଗ୍ରେ ।
ପଳାୟିତ ମୃଗ-  ପଛେ ନୃପାଦେଶେ
ସୂତ ଚଳାଇଲା ରଥ,
କିନ୍ତୁ ଅଗିଥିଲା-  ରଶ୍ମି କରିଥାଏ
ବିଲୋକି ବନ୍ଧୁର ପଥ ।
ସ୍ୱଭାବ-ସୁଲଭ  ଲମ୍ଫେ କୃଷ୍ଣସାର
ଗଗନେ ଅଧିକ ଯାଇ,
ଥରେ ଥରେ ମାତ୍ର  ଦେଉଥାଏ ବନ
ଭୂମିରେ ପାଦ ପକାଇ ।
ପୁଚ୍ଛ ଲପଟାଇ  ଫୀତ ସଙ୍କୁଚାଇ
ଆଶୁଗ-ପତନ-ଭୟେ,
ଗ୍ରୀବା ଭଙ୍ଗି ଥରେ  ଥରେ ରଥେ ଚାହିଁ
ପଳାଏ ପୁଣି ଅଭୟେ ।
ଶରମ-ବିବୃତ-  ମୁଖ-ଚ୍ୟୁତ-ଦର-
କବଳିତ କୁଶମାନ,
ଗମନ-ପଥରେ  ଇତସ୍ତତଃ ପଡ଼ି-
ଯାଉଥାଏ ସ୍ଥାନ ସ୍ଥାନ ।
ସମସ୍ଥାନ ଦେଖି  ରଶ୍ମି ଛାଡ଼ି ସୂତ
ଘୋଟକ ଦେବାରୁ ଚାଳି,
କର୍ଣ୍ଣ ସପଟାଇ  ଲଇଁ ଲମ୍ବପଦେ
ଅଶ୍ୱ ହେଲେ ବେଗଶାଳୀ ।

ପୁଚ୍ଛ ଟେକ ଖୁର-   ଧୂଳି ଦୂରେ ଗୁଡ଼ି
ଆଗକୁ ଥାନ୍ତି ଦଉଡ଼ି,
ବାରି ହେଲା ନାହିଁ   ପାଦ ତାଙ୍କ ତଳେ
ପଡ଼େ କବା ଯାନ୍ତି ଉଡ଼ି ।
ନରେଶଙ୍କୁ ଯାହା   ଆଗେ ଦୂରେ ଥାଇ
ଦିଶୁଥିଲା ସାନ ସାନ,
ସହସା ନୟନ-   ଅଗ୍ରେ ବଡ଼ ବଡ଼
ଦିଶିଲା ସେ ଦ୍ରବ୍ୟମାନ ।
ବେନି ପାର୍ଶ୍ୱ ବନ   ଦ୍ରବ୍ୟମାନ ତହିଁ
ଆଣିଲେ ସରଳ ଭ୍ରମ,
ଭିନ୍ନ ଭିନ୍ନ ଦ୍ରବ୍ୟ   ଅଭିନ୍ନ ଦିଶିଲେ
ବନ୍ଧୁର ଦିଶିଲା ସମ ।
ଦେଖୁଁ ଦେଖୁଁ ରଥ   ଉପଗତ ହେଲା
ସାରଙ୍ଗ କତି ସତ୍ୱର,
ସମକ୍ଷରେ ମୃଗ   ଦେଖି ବସାଇଲେ
ଧନୁର୍ଗୁଣେ ରାଜା ଶର ।
"ମାର ନା, ମାର ନା, ଆଶ୍ରମ-ମୃଗ ଏ"
ଏକାଳେ ହେଲା ଏ ଶବ୍ଦ,
ଶବ୍ଦ ଲକ୍ଷ୍ୟକରି   ତପସ୍ୱି ଯୁଗଳ
ଦେଖି ରାଜା ହେଲେ ସ୍ତବ୍ଧ ।
ସସମ୍ଭ୍ରମେ ପୁଣି   ସାରଥିକି କହି
ରୁହାଇଲେ ତହିଁ ରଥ,
ବେଗେ ଆସି ବେନି   ତପସ୍ୱୀ ନିକଟେ
ଆଶିଷିଲେ ଟେକ ହସ୍ତ ।
ବୋଇଲେ, "ଭୋ ନୃପ, ଆଶ୍ରମ-ମୃଗ ଏ
ବଧ୍ୟ ନୁହେ ଗୁମୁଙ୍କର,
ତୂଳାକୁଡ଼େ ବହ୍ନି   ପ୍ରାୟେ ମୃଦୁ-ମୃଗ-
ଶରୀରେ ନ ଗୁଞ୍ଜ ଶର ।
କାହିଁ ବଜ୍ର-ସାର   ଶର ତୁମ୍ଭ, କାହିଁ
କୃଷ୍ଣସାର କ୍ଷୀଣପ୍ରାଣ,
ନୁହେ ତୁମ୍ଭ ଶର   ଦୁର୍ବଳ ମାରଣେ,
କରଇ ଆର୍ତ୍ତ ତ୍ରାଣ ।"
ବିନୟେ ନମିଲେ   ମୁନିଙ୍କି ନୃପତି
ସାଧୁଙ୍କ ପ୍ରତିସହର,

ସହର୍ଷେ ଋଷିଏ   ପ୍ରଶଂସିଲେ "ସାଧୁ
ସାଧୁ ହେ ନୃପକେଶରି !
ସାଧୁ ପୁରୁବଂଶ-   ଅବତଂସ କଲ
କୁଳ ଅନୁରୂପ କାମ,
ଲଭ ପୁତ୍ରରତ୍ନ   ଶୂରଚକ୍ରବର୍ତ୍ତୀ
ନିଖିଳ ସଦ୍‌ଗୁଣ ଧାମ ।
ବିପୁଳ ଆନନ୍ଦ   ହେଉଅଛି ମନେ
ଗୁମୁଙ୍କର ଆଗମନେ,
ସେ ଆନନ୍ଦ ଶିରେ   ଆହ୍ଲାଦ ଢାଳନ୍ତୁ
ଅତିଥି ହୋଇ ଏ ବନେ ।
କଣ୍ୱ ମୁନିଙ୍କର   ଆଶ୍ରମ ଦିଶୁଛି
ଦେଖନ୍ତୁ ମାଳିନୀ-ତୀରେ,
ତୀର୍ଥ ଯାଇଛନ୍ତି   ମହର୍ଷି, ତାହାଙ୍କ
ଦୁହିତା ଛନ୍ତି କୁଟୀରେ ।
ଗୁମୁଙ୍କ ରାଜ୍ୟରେ   ରହି ଧର୍ମ କର୍ମେ
ନ ଲଭୁ କେବେ ଅଶାନ୍ତି,
ଗୁମୁଙ୍କ ଶାସନ-   ପ୍ରଭାବକୁ ମୁନି
ସତତ ପ୍ରଶଂସୁଥାନ୍ତି ।
କର୍ମଶେଷେ ପ୍ରଭୁ-   ପାଶେ କରୁଥାନ୍ତି
ଗୁମୁଙ୍କ ଶୁଭ-କାମନା,
ଥାନ୍ତେ ଯେବେ ଆଜ   ଗୁମୁଙ୍କ ଦର୍ଶନେ
ହୋଇଥାନ୍ତେ ପ୍ରୀତମନା ।
ଆସିଛନ୍ତି ଗୁମୁ   ବାହୁଡ଼ିବେ ଯେବେ
ଆଶ୍ରମେ ନୋହି ସତ୍କୃତ,
ମହର୍ଷି ଶୁଣିଲେ   ଆଶ୍ରମବାସିଏ
ନିଷ୍ଟେ ହେବୁଁ ତିରସ୍କୃତ ।"
ତପସ୍ୱୀ ଆଗ୍ରହ   ଅନୁଗ୍ରହ ବୋଲି
ସ୍ୱୀକାର କରି ବଚନେ,
ସଶ୍ରଦ୍ଧେ ତହିଁରୁ   ଚଳିଲେ ନରେଶ
ଆଶ୍ରମପଦ ଦର୍ଶନେ ।
ତପୋବନ ମଧ୍ୟେ   ଉପଗତ ହୋଇ
ଦେଖିଲେ ସକୌତୂହଳେ,
ଶୁକ-ମୁଖ-ଭ୍ରଷ୍ଟ   ତୃଣଧାନ୍ୟମାନ
ପଡ଼ିଛି ପାଦପତଳେ ।

ବୋଧହେଲା ବ୍ୟାଧ- ଭୟ ଶୁକଗଣ
ଛାଡ଼ି ଦୂର ବିସ୍ମରଣେ,
ସୁଖେ ରହି ବନ- ଶୋଭାକୁ ବଢ଼ାନ୍ତି
ମରକତ-ଅପଘନେ ।
ପଦ୍ମରାଗ ଚଞ୍ଚୁ ଶବକଣ୍ଠ ଶୋଭା
ସେହିକାଳେ ଏକବାରେ,
ଉପସ୍ଥିତ ହୋଇ ଗଲେ ନୃପଙ୍କର
ଭାବରାଜ୍ୟ ଅଧିକାରେ ।
ପଡ଼ି କେଉଁଠାରେ ଇଙ୍ଗୁଦୀ ନିର୍ଯ୍ୟାସ-
ସ୍ନିଗ୍ଧ-ଶିଳା-ଖଣ୍ଡ-ଚୟ,
ଦେଉଛନ୍ତି ଋଷି- ହସ୍ତରେ ଇଙ୍ଗୁଦୀ-
ବିଦାରଣ ପରିଚୟ ।
ମୁନିକୁମାରଙ୍କ ହସ୍ତୁଁ କୁଶାଙ୍କୁର
ଭକ୍ଷଣରେ ଚିରାଭ୍ୟସ୍ତ,
ଚରୁଛନ୍ତି ମୃଗ- ଗଣ କାହିଁ ନୃପ-
ଦର୍ଶନେ ନ ହୋଇ ତ୍ରସ୍ତ ।
ବାୟୁବିଚଳିତ କୁଲ୍ୟାଜଳେ ଧୌତ-
ମୂଳ ତହିଁ ତରୁମାନ,
କିନ୍ତୁ ହୋମଧୂମ ଲାଗି ଲାଗି ତାଙ୍କ
ପତ୍ରଚୟ ଦିଶେ ମ୍ଳାନ ।
କିଛି ଦୂରେ ରାଜା ମୃଗୟାର ବେଶ
ତେଜି ସୂତେ ଦେଇ ରଥ,
ବିନୀତ ବେଶରେ ଗଲେ ଲକ୍ଷ୍ୟକରି
ଆଶ୍ରମ-କୁଟୀର-ପଥ ।
ଆଶ୍ରମ-ମାଧୁରୀ ଦେଖି ଦେଖି ରାଜା
ଚାଲୁଥାନ୍ତି ଧୀରେ ଧୀରେ,
ଯେଉଁ ଦିଗେ ଦୃଷ୍ଟି ଯାଏ ସେ ଦିଗରୁ
ନ ପାରେ ଫେରି ଅଚିରେ ।
ଯଦି ବଳେ ଫେରେ ଅନ୍ୟ ଦିଗ ପୁଣି
କରିନଏ ଆକର୍ଷଣ,
ଆକର୍ଷଣ ନୁହେ, କରୁଥାଏ ସିନା
ପୀୟୂଷ-ଧାର ବର୍ଷଣ ।
ବିଶ୍ୱଜନ ମନେ ପ୍ରୀତି-ପ୍ରସ୍ରବଣ
ଢାଳଇ ଯାହାଙ୍କ ରୂପ,
ତପୋବନ ଦୃଶ୍ୟ ଦରଶନେ ମୁଗ୍ଧ
ହୁଅନ୍ତି ଆଜ ସେ ଭୂପ ।
ତରୁଛାୟା ସ୍ନେହ ପାଇ ନରନାଥ
କରନ୍ତି ମନେ ବିଚାର,
"ଏ ଶୀତଳ ଶାନ୍ତି- ପ୍ରଦ ଛାୟା ସମ
ନୁହେ ଛତ୍ର-ଛାୟା ଛାର ।
ଏଣୁ ପୁତ୍ରହସ୍ତେ ରାଜ୍ୟଭାର ଦେଇ
ରଘୁବଂଶ ନୃପଗଣ,
ଶେଷେ ଗମୁଥିଲେ ଶାନ୍ତି ଲଭିବାକୁ
ଶାନ୍ତିମୟ ତପୋବନ ।"
ଦୃଶ୍ୟେ ଭାସୁଥାଏ ଦୃଷ୍ଟି ନୃପଙ୍କର
ଭାବେ ଭାସୁଥ ଏ ମନ,
ଏକାଳେ କର୍ଣ୍ଣରେ ପଡ଼ିଲା, ରମଣୀ-
ରମଣୀୟ-କଣ୍ଠସ୍ୱନ ।
ଚମକି ଚାହିଁଲେ ପାଶେ କେହି ନାହିଁ
ଶବ୍ଦ ଲକ୍ଷ୍ୟକରି ଯାଇ,
ଲତାଜାଳ ଭେଦି ଦେଖିଲେ ଅଦୂରେ
ପାଦପ ଉହାଡ଼େ ଥାଇ ।
ଆନନ୍ଦ-ପ୍ରତିମା ପ୍ରାୟେ ମନୋହର-
ମୂରତି ଯୁବତୀ ତିନି,
ରୂପ-ଗୁଣେ ଦଳି ଦେବେ ଯେହ୍ନେ ଗୁରୁ-
ଚରଣେ ସୁର-କାମିନୀ ।
ବାମ କକ୍ଷେ ଜଳ- କୁମ୍ଭ ଧରି ଅଙ୍ଗ-
ଲତିକା ଦକ୍ଷିଣେ ଢାଳି,
ବାମେତର ଭୁଜ ହଲାଇ ହଲାଇ
ଆସନ୍ତି ମନ୍ଥରେ ଚାଲି ।
ଚାଲୁଥାନ୍ତି କେହି ନୋହି କାହା ଅତି
ଆଗେ କି ଅତି ପଛରେ,
ପ୍ରେମାଳାପ କରି କରି କଉତୁକେ
ନାନା ମତେ ପରସ୍ପରେ ।
କଥାରୁ ତାଙ୍କର ଚିହ୍ନିଲେ ନୃପତି
ଏକ ନାମ 'ଶକୁନ୍ତଳା',
ଥିଲେ 'ଅନସୂୟା', 'ପ୍ରିୟମ୍ବଦା' ନାମ
ଅନ୍ୟ ଯେ ବେନି ଅବଳା ।

ଶକୁନ୍ତଳା କଣ୍ୱ- ଦୁହିତା, ଅପର
ବେନି ତାର ସହଚରୀ,
ଶକୁନ୍ତଳା ବିଶୁ- ଥିଲି ବେନି ପତ୍ର
ମଧ୍ୟରେ ପ୍ରସୂନ ପରି ।
ତା' ରୂପ-ମାଧୁରୀ କଲା ଅଧିକାର
ହୃଦ-ରାଜ୍ୟ ରାଜାଙ୍କର,
ଅନ୍ତଃପୁର-ନାରୀ- ରୂପ-ସ୍ମୃତି ତାଙ୍କୁ
ଯୋଡ଼ିଲା କର-ପତର ।
ଭାଙ୍ଗିଦେଲା ବନ- ବଲ୍ଲରୀ-ଉଦ୍ୟାନ—
ଲତିକାର ଅଭିମାନ,
ଗୋଲାପ କଣ୍ଟକ- ବନବାସୀ ବୋଲି
ବାସଙ୍ଗ କି ତା ସମାନ ?
ସୁନ୍ଦରୀ-ଦର୍ଶନ ଶୁଭ-ଅବସର
ପାଇ ଅବଲମ୍ବେ ମନ,
ଆନନ୍ଦ ବିସ୍ମୟ- ଯୁଗ ଯୁଗପତ
କରିନେଲା ଆଲିଙ୍ଗନ ।
ସୁକୁମାରୀ କକ୍ଷ- କଳଶ ସତ୍ୱର
କରାଇଲା ଆମନ୍ତ୍ରଣ,
ଶମ୍ପା-ସହଚରୀ- କୁଳଶ ନଳମା-
ନାଡ଼ି-କଣ୍ଟକ ସ୍ଫୁରଣ ।
ମୃଦୁ ମନୋହର କଳେବରେ ଦେଖି
ବଲ୍କଲର ପରିଚ୍ଛଦ,
ବିଚାରିଲେ, "ଆହା ରାଜଲକ୍ଷ୍ମୀ ତନୁ
ସମର ଚନ୍ଦ୍ରା ଆସ୍ପଦ !
ବସ୍ତ୍ରାବୃତ ହୋଇ ପଡ଼ୁଛି ତଥାପି
ଲଲନା-ଲାବଣ୍ୟ ପ୍ରଭା,
ଯଥା ଶିବ-କଣ୍ଠ- ଚନ୍ଦ୍ରିକା, ଶୈବାଳ-
ବେଷ୍ଟିତ-ପଦ୍ମିନୀ ଅବା ।
କଳଙ୍କ ହିଁ ଥାଇ କଳାକର-କୋଳେ
କରଇ ନେତ୍ର ରଞ୍ଜନ,
ସ୍ୱଭାବ-ସୁନ୍ଦର ଅଙ୍ଗକୁ ଜଗତେ
ନ ହୁଏ କିସ ମଣ୍ଡନ ?"
ଯଉବନ-ପ୍ରଭା- ସମୁଜ୍ଜ୍ୱଳ-ମୁଖ-
ମଣ୍ଡଳର ସ୍ୱେଦକଣ,

ଗୃହିଁ ବିଚାରିଲେ, "ନବ-ବିକଶିତ-
କମଳେ ହିମ-ପତନ ।
ଏ କଠିନ କର୍ମ ଦେଲେ କୁମାରୀଙ୍କ
ମୁନି କି ବିଚାରି ମନେ,
ପାଟଦଉଡ଼ିକୁ ଲଗାଇଅଛନ୍ତି
କାନନ-ଗଜ ବନ୍ଧନେ ।
ତପୋବନେ ଏକା ଅସମ୍ଭବ କଥା
ଜଗତେ ସମ୍ଭବ ପାରେ,
ଶମୀ ତରୁ ଏହା କାଟୁଛନ୍ତି ମୁନି
ନୀଳୋତ୍ପଳ-ଦଳ-ଧାରେ ।"
ସଖୀଦ୍ୱୟ ଆସି ସଲିଲ ଢାଳିଲେ
ବାଲ-ତରୁ-ଆଲବାଳେ,
ଶକୁନ୍ତଳା ଆସି ସହକାର ତଳେ
ଉପଗତ ଏହି କାଳେ ।
କୁମ୍ଭ ତଳେ ଥୋଇ ସୁଢ଼ୋଳ ଶ୍ରୀଅଙ୍ଗ
ସଳଖାଇ ହେଲେ ଛିଡ଼ା,
ରାଜା ହୃଦେ ରାଜ- ପୁର-ସ୍ୱର୍ଣ୍ଣ-ବଲ୍ଲୀ-
ଛବିର କରାଇ କ୍ରୀଡ଼ା ।
ପାଣି ପଦ୍ମରାଗ- ପଲ୍ଲବ ଯହିଁରେ
ନଖ ହୀରା-ପୁଷ୍ପ କଢ଼ି,
ତାହା ଗଢ଼ା ସ୍ୱର୍ଣ୍ଣ- ଶିଳ୍ପୀ ହସ୍ତେ, ଏହା
ବିଶ୍ୱଶିଳ୍ପୀ ଛନ୍ତି ଗଢ଼ି ।
ଭାବନ୍ତି ନରେଶ, "ଶୋଭିବ କି ନା ଏ
ନର-ଭାଗ୍ୟ-ଉପବନେ,
ଅବା ଚିରଦିନ ଥିବ ତପୋବନ-
ସଉନ୍ଦର୍ଯ୍ୟ ସମ୍ପାଦନେ ।
ଲତା ନୁହେ ବାମା ବିଧାତା-ମାନସ-
ଲତା-ଚୂଡ଼-ଶୋଭୀ ଫୁଲ,
ଭାଗ୍ୟଦେବୀ ଶିର- ଯୋଗ୍ୟ ଏ ଭୂଷଣ
ଫୁଲ ଅମୂଲ୍ୟ-ଅତୁଲ୍ୟ ।
ଯାହା ପୂଜା ପାଇଁ ଥାଉ ଏ କୁସୁମ,
ଧନ୍ୟ ମୋ' ନେତ୍ର-ଭ୍ରମର,
ଭାଗ୍ୟେ ତା' ମାଧୁରୀ- ସୁଧା ପାନ କଲା
ପାଇ ଶୁଭ ଅବସର ।"

ସୁନ୍ଦରୀ ଗୁହିଁଲା ସହକାର-ସଙ୍ଗୀ
ନଆଳୀ-ଲତାକୁ ଥରେ,
ତିନି ଦିନ ପରେ ପଡ଼ୁଛି ନଆଳୀ
ସୁନ୍ଦରୀ ନେତ୍ରପଥରେ ।
ନଆଳୀ ପ୍ରଶାଖା ମୂଳମାନଙ୍କରେ
ହୋଇଥାଏ ପୁଷ୍ପକଢ଼ି,
କେତେ କଢ଼ି ଗର୍ଭ- ଆବରଣ ତେଜି
ବାହାରକୁ ଥାନ୍ତି ବଢ଼ି ।
କେତେ ଅବା ତହୁଁ ରଜପୂର୍ଣ୍ଣ ଅଙ୍ଗେ
ହୋଇଣ ବିକାଶୋନ୍ମୁଖ,
କେବଳ ପ୍ରତୀକ୍ଷା କରୁଥାନ୍ତି ଶୁଭ-
ମୁହୂର୍ତ୍ତ ରଜନୀ-ମୁଖ ।
ଦୁଇ ଗୁରି ଗୋଟି ବିକଶିତ ହୋଇ
ଲୂତାଜାଲେ ଥାନ୍ତି ପଡ଼ି,
ଦୁଇ ଗୁରିଗୋଟି ଭୃଙ୍ଗ ଉପଦ୍ରବେ
ତଳେ ଶୋଇଥାନ୍ତି ଝଡ଼ି ।
ସ୍ୱହସ୍ତ-ବର୍ଦ୍ଧିତ ନଆଳୀର ଦେଖି
ନବପୁଷ୍ପ-ଉଦ୍‌ଗମନ,
ଆନନ୍ଦ-ପ୍ରଫୁଲ୍ଲ ହେଲା ଶକୁନ୍ତଳା
ନୟନ ସହିତ ମନ ।
ନ ଫୁଟି ଫୁଟିଲା ପରି ହୋଇଗଲା
ପ୍ରସନ୍ନ-ବଦନେ ହାସ,
ରହି ନ ପାରିଲେ ନ କରି ସେ କଥା
ସଖୀଙ୍କଠାରେ ପ୍ରକାଶ ।
ଆନନ୍ଦଗଦ୍‌ଗଦେ ବୋଇଲେ ସଖୀଙ୍କି,
"ଆସ ଆସ ବେଗେ ମିତ,
ଦେଖ ମୋ ନଆଳୀ ହୋଇ ଯାଇଅଛି
ଆଜ ନବକୁସୁମିତ ।"
ଅସ୍ଫୁଟ ମଧୁର ହାସ ମିଶିଥାଏ
ବରବର୍ଣ୍ଣିନୀ ବଚନେ,
ଇକ୍ଷୁରସ ମଧ୍ୟେ ନ ଫୁଟି ଯେସନ
ଶର୍କରା ଥାଏ ଗୋପନେ ।
ବାମା ଆମନ୍ତ୍ରଣେ 'କାହିଁ କାହିଁ' ବୋଲି
ଆସି ସହଚରୀ ଦୟ,

ଦେଖି ଆରମ୍ଭିଲେ ଚଉକଡି ବୁଲି
ନଆଳୀ-ପ୍ରଶାଖାଚୟ ।
କେ ବୋଇଲା ଦେଖି, "ଏ କଢ଼ଟି ଆଜ
ଫୁଟିବ ସତେ ସଜନି,"
ଅପର ବୋଇଲା, "ଏହି କୁସୁମଟି
ଫୁଟିଛି ଗତ ରଜନୀ ।"
ପ୍ରିୟମ୍ବଦା ତହିଁ ବୋଇଲା, "ସଙ୍ଗାତ,
ହୋଇଛି ଶୁଭସମୟ,
ସହକାର ସଙ୍ଗେ ବନ-ତୋଷିଣୀର
କରିଦିଅ ପରିଣୟ ।"
ଶକୁନ୍ତଳା ହସି ବୋଇଲେ, "ବିବାହ-
ରୀତି ମୋତେ ଜଣା ନାହିଁ;
ଜାଣିଥିଲେ ତୁମ୍ଭେ ପୁରୋହିତ ହୋଇ
ସେ ବିଧି ଦିଅ ବତାଇ ।"
ପ୍ରିୟମ୍ବଦା ତହିଁ ବୋଇଲା, "କୁମାରି,
କରିଥାଅ ତେବେ ସତ୍ୟ,
ତୁମ୍ଭ ପରିଣୟ- ପୁରୋଧା ହେବାକୁ
ଅକ୍ଷୁଣ୍ଣ ଥିବ ମୋ' ସ୍ୱତ୍ୱ ।"
ସଲଜ୍ଜବଦନେ ବୋଇଲେ ଶ୍ରୀମତୀ,
"କେତେ କଥା ତୁମ୍ଭେ ଜାଣ,
ଉପସ୍ଥିତ କାର୍ଯ୍ୟ ନ କରି ପ୍ରଥମେ
ଭବିଷ୍ୟତ କଥା ଆଣ ।"
ଏହା ଶୁଣି ବାଳା- ପରିଣୟ-ଆଶା
ଅଙ୍କୁରିଲା ନୃପ ମନେ,
ସେ ଆଶା-ବଲ୍ଲରୀ ପଲ୍ଲବିତ ହେଲା
ଦକ୍ଷିଣ-ବାହୁ ସ୍ପନ୍ଦନେ ।
ମନ ପ୍ରତି ରାଜା ବିବେକ ବୋଇଲା
ସସ୍ନେହ-ମିଷ୍ଟ-ଭର୍ତ୍ସନେ,
"ନବ ସ୍ୱାଧୀନତା ଏ କି ଆଜ ତୋର
ପରଦ୍ରବ୍ୟ ପ୍ରଲୋଭନେ ?"
ମନ ବୋଲେ, "ଏ ତ ଆକର-ଗରଭ—
ଅନଧିକୃତ-ରତନ,
ରାଜତ୍ୟାଜ୍ୟ ନୁହେ ହେଲାଠାରେ ତହିଁ
ପ୍ରଥମ-ଦୃଷ୍ଟି-ପତନ ।"

ବିବେକ ବୋଲନ୍ତି, "ଋଷିନନ୍ଦିନୀ ଏ
କୂପ-ପ୍ରତିବିମ୍ବ-ତାରା,
ଖନି-ମଣିଜ୍ଞାନେ ଲୁବ୍ଧ-ମୁଗ୍ଧ-ଜନ
ଝସାଇଲେ ଯିବ ମାରା ।"
ପ୍ରିୟମ୍ବଦା ତେଣେ ବୋଇଲା,"ସୁନ୍ଦରି,
ଏଡ଼ ରାଜ-ପୁରୋହିତ,
ସ୍ମରିବ କି ମୋତେ ରାଜବର-ପ୍ରେମ-
ଲୋଲୁପ ତୋ' ଚଳ-ଚିତ୍ତ ?"
ଭାବିଲେ ନରେଶ, "ଗଗନ-ବିହାରୀ
ଉଲ୍‌କା ମଣୁଥିଲି ଯାହା,
ସ୍ୱର୍ଗ-ଚ୍ୟୁତ-ମୃଦୁ- ଜ୍ୟୋତି-ପୁଣ୍ୟରାଶି
ପରି ଦିଶିଲାଣି ତାହା ।
ରାଜକୁଳ-ସିନ୍ଧୁ- ସମ୍ଭୂତ ରମା ଏ
କଥାରୁ ଯାଉଛି ଜଣା,
କିନ୍ତୁ ନ ଜାଣିଲି ବନ-ବିନୋଦିନୀ
କି କାରଣେ ବରାନନା ।
ମୁନି କହିଛନ୍ତି, ଆଶ୍ରମେ ଅଛନ୍ତି
ମୁନି-ସୁତା ଶକୁନ୍ତଳା,
ସଖୀ ବାକ୍ୟ କହେ, ରାଜବଂଶୀୟା
ସୁକୁମାରୀ ଶକୁନ୍ତଳା ।"
କୌତୂହଳ-ରଥ ଚଢ଼ି ରାଜା ମନ
ଏ ରହୋବ୍ୟୂହ ଭେଦନେ,
କିନ୍ତୁ ରହିଯାଏ କୌତୁକ ଦର୍ଶନ
ପ୍ରଲୋଭର ନିବେଦନେ ।
ଭାବେ, "ଭାଗ୍ୟ ଯଦି ନାହିଁ ଏହି ସୁଖ-
ସ୍ୱର୍ଣ୍ଣମଣି-ରୂପ-ନିଧି,
ଝୁରାଇ ମାରିବା- ପାଇଁ ଆଜୀବନ
ଦେଖାଇଲା ଆଜ ବିଧି ।
ଦେଖୁଅଛି ଯାହା ସତ୍ୟ ନା ସ୍ୱପନ
ଯିବ କି ସହସା ଭାଙ୍ଗି,
ସୁଖ-ସୁପ୍ତି ଆଉ ଦେଖି ନ ପାରିବ
ଦେବ-ଦୁର୍ଲଭ-ଶୁଭାଙ୍ଗୀ ।
ଦୃଷ୍ଟି-ସିଂହାସନ ତେଜି ଯିବ ଯେବେ
ଏ ମୋ' ହୃଦ-ରାଜ୍ୟ-ରାଣୀ,
ଦୁଷ୍ଟ ସ୍ମୃତି ପ୍ରାଣ— ପ୍ରଜାଙ୍କୁ ସହଜେ
ବିପ୍ଳବେ ପ୍ଲାବିବ ଆଣି ।"
ଅନସୂୟା ତେଣେ ବୋଲେ, "ପ୍ରିୟମ୍ବଦେ,
ଏଥି ତୋ ପୁରୋଧାପଣ,
ନ ପାରିବ ରହି, ଅଛନ୍ତି ନିଆଳୀ-
ସମାଜର ଦ୍ୱିଜଗଣ ।
ତାରା-ବିଖଚିତ- ଗୁରୁ-ଚନ୍ଦ୍ରାତପ
ଲମ୍ବିତ ହେବ ଉପରେ,
ମହୀଧରଗଣ ଚୌଦିଗେ ରହିବେ
ପ୍ରଦୀପ୍ତ-ଦିହୁଡ଼ି-କରେ ।
ଫୁଟୁଥିବ ବାଣ ବଂଶ-ବନେ ଉଠୁ-
ଥିବ ଉଲ୍‌କା ରୂପେ ନଭେ,
ହୁଳହୁଳ ପଡ଼ୁ- ଥିବ ମଲ୍ଲୀବନେ
ମଧୁପ-ମଧୁର-ରବେ ।
ଚକୋର ଚଇଁଣ୍ଡୋଇ କରୁଥିବେ ମୋଦେ
ମଙ୍ଗଳ-ସଙ୍ଗୀତ ଗାନ,
ସେକାଳେ ନିଆଳୀ- କର ବୃନ୍ତ-କରେ
ସମର୍ପିବେ ପବମାନ ।"
ଅନସୂୟା-ବାକ୍ୟେ ହସି ଶକୁନ୍ତଳା
ବୋଇଲେ, "କହିଲ ସତ,"
ହସାହସି ହୋଇ ସଖୀଦ୍ୱୟ ଗଲେ
କାର୍ଯ୍ୟେ ଗୃହ ମନୋରଥ ।
ଶକୁନ୍ତଳା ଜଳ ସିଞ୍ଚି ଆରମ୍ଭିଲେ
ନବମାଳିକାର ମୂଳେ,
ମଧୁକର ଏକ ଉଡ଼ିଲା ଏକାଳେ
ଯେ ଥିଲା ନିଆଳୀ ଫୁଲେ ।
ଉଡ଼ି ପୁଣି ବସି ବସେ ବାରମ୍ବାର
ସୁନ୍ଦରୀ-ମୁଖ-ମଣ୍ଡଳେ,
ବିତାଡ଼ିତ ହେଲେ ଉଡୁଥାଏ ପୁଣି
ମୁହୁର୍ମୁହୁ ଊର୍ଦ୍ଧ୍ୱେ ତଳେ ।
ଦୀର୍ଘ ଗୁଣୁସ୍ୱରେ କେତେବେଳେ ଥରେ
କରିନିଏ ପ୍ରଦକ୍ଷିଣ,'
ଯହିଁ ଯାଏ ତହିଁ ଥାଏ ଚପଳାର
ନୟନ ପଲକହୀନ ।

କର ଚୂଳ ଲଇଁ ଉଠି ବୁଲି ବକ୍ଷ
ଉଦର କଟି ଗ୍ରୀବା ଭଙ୍ଗି,
ଅଳି ତଡ଼ି ତଡ଼ି ନର୍ତ୍ତକୀ ଭଙ୍ଗିରେ
ପଡ଼ୁଥାଏ ଚଳାପାଙ୍ଗୀ ।
ଏ ନୃତ୍ୟଦର୍ଶନ- ଭାଗ୍ୟ ଲଭିବାକୁ
କେହି ତ ନ ଥିଲେ କତି,
ସୁରାଙ୍ଗନା ନୃତ୍ୟ ନୀରସ ମଣନ୍ତେ
ଦେଖିଥିଲେ ସୁରପତି ।
ଲଜ୍ଜା-ବିରହିତ ସ୍ୱାର୍ଥ-ବିଜଡ଼ିତ
ତ୍ରିଦଶ-ବନିତା-ନାଟ,
ସାରଲ୍ୟ-ଶୋଭିତ ଲାସ୍ୟ କେବେ କାହିଁ
ଦେଖିଥାନ୍ତି ସୁରରାଟ ?
ନ ପାରିଲେ ଦେଖି ଅଶ୍ୱିନୀ-ପ୍ରଣୟ-
ଚଳଚିତ୍ତ ବିବସ୍ୱାନ,
ଘନ-ପଲ୍ଲବିତ- ତରୁ-ଅନ୍ତରାଳ
ରକ୍ଷାକଲା ତାଙ୍କ ମାନ ।
କେବଳ ହସ୍ତିନା- ସାର୍ବଭୌମ ଚାହିଁ
ହୋଇଗଲେ ସ୍ତମ୍ଭୀଭୂତ,
ଦ୍ରବ ନ ଯାଇ ଯା ପବି କଲେ ହୃଦ
ଏ କଥା ଏକା ଅଦ୍ଭୁତ ।
ଅଧୀରେ ସୁନ୍ଦରୀ ସଖୀଙ୍କି ଡାକିଲା,
"ଆସ ଆସ ପ୍ରାଣ ମିତ,"
ସେ ଗମ୍ଭୀର ବାଣୀ ହୋଇଗଲା ସେହି
ଲାସ୍ୟ-ସହଚର-ଗୀତ ।
ବନୁ ପ୍ରତିଧ୍ୱନି ଉଠି ହେଲା ସେହି
ରମ୍ୟ-ସ୍ୱର-ସହଚରୀ,
ଚନ୍ଦ୍ରଚ୍ୟୁତ ସୁଧା- ମୋହନ ମନ୍ତ୍ରେ କି
ମନ୍ତ୍ରି ଦେଲା ହର-ଅରି ?
ସଜାଇ ଥିଲା ବା ବୀଣା କାମ-ବଧୂ
ବଜାଇ ଦେଲା ଝଙ୍କାର,
ହଜାଇଲେ ରାଜା ଧୈର୍ଯ୍ୟ, ମଣି ତା'
କୁସୁମ-ଧନୁ-ଟଙ୍କାର ।

ପୁଣି ଡାକ ଦେଲା, "ଆସ, ସଖି ଥରେ,
ଦୁରାସଦ ମଧୁବ୍ରତ,
ନଆଳୀରୁ ଆସି ବାରଣ ନ ମାନି
କରୁଛି ମୋତେ ବିବ୍ରତ ।"
ଜାଣି ନ ଜାଣିଲା- ପରି ପ୍ରିୟମ୍ବଦା
କହିଲା କରି ବ୍ୟଞ୍ଜନା,
ପୁରୁରାଜ୍ୟେ ପୁଣି ତପୋବନ ମଧ୍ୟେ
୧ ମଧୁବ୍ରତର ଗଞ୍ଜନା !
ସଜନୀକି ଆମ୍ଭ ନଆଳୀ ମଣିଛୁ
ଆଳୀଏ ଥାଉଁ ଗହଣେ,
କେଉଁ ଦୁର୍ଜନ ସେ, ଦୁଷ୍ମନ୍ତ-ପ୍ରତାପ
ପଡ଼ି ନାହିଁ କି ତା' କର୍ଣ୍ଣେ ?"
ପାଇ ଅବସର ନୃପତି ସତ୍ୱର
ଯାଇ ଶକୁନ୍ତଳା ପାଶ,
ବୋଇଲେ, "କି ହେଲା, କି ହେଲା ସୁଶୀଳେ,
କେଉଁ ଖଳ ଦିଏ ତ୍ରାସ ?
ଭୟ ନାହିଁ, ଭୟ ନାହିଁ ଚାରୁଶୀଳେ,
ପୌରବ ଭୂପତି ଥିଲେ,
ଅବଳା ଅରକ୍ଷ- ଉପଦ୍ରବ କେହି
କାହିଁକି ସହିବ ତଳେ ?"
ଦେଖିଲା ସୁନ୍ଦରୀ ସମ୍ମୁଖେ ଅପୂର୍ବ-
ସୁନ୍ଦର ଯୁବକ-ବର,
ଅଙ୍ଗବନ୍ତ କି ସେ ଅନଙ୍ଗ ଅଥବା
ନରରୂପୀ ସୁଧାକର ?
ବଦନ-ଧାଧିତ ଥରେ ଚାହିଁ ତାଙ୍କ
ମୁଖ କଲା ଅବନତ,
ଲାଜକୁଳୀ ଲତା- ଅଙ୍ଗେ କି ସହସା
ଲାଗିଗଲା କାହା ହସ୍ତ ?
କି କହିବ କିସ କରିବ କିଛି ହିଁ
ଭାବି ନ ପାରିଲା ମନେ,
ବିସ୍ମୟ-ଅମୃତ ବ୍ୟାପିଗଲା ତାର
ସହସା ହୃଦ-ଗଗନେ ।

୧ । ମଧୁବ୍ରତ—ଭ୍ରମର ଓ ମହୁଆ ।

ଲଜ୍ଜା-ସହଚରୀ ସଜାଡ଼ିଲେ ବାଳା-
ଶରୀର-ବ୍ୟସ୍ତ-ବଲ୍‌କଲ,
ନମ୍ରନୟୁଗଳ ରହିଲା ନୃପତି-
ଚରଣ-ଦ୍ୱନ୍ଦ୍ୱେ କେବଳ ।
ମଣିଲା ବଲ୍ମୀକ ତଳେ ରଙ୍ଗ-ପାଦ
ସମୁଜ୍ଜ୍ୱଳ ନଖପଂକ୍ତି,
ମୃଦେ ସ୍ମିତମୁଖୀ ବନ୍ଧୁଜୀବାଧରୀ-
କୁନ୍ଦ-ଦନ୍ତୀ-ବସୁମତୀ ।
ନୀରବେ ନିଶ୍ଚଳେ ଠିଆହୋଇଁ କ୍ଷଣେ
ସଖୀଏ ପଡ଼ିଲେ ମନେ,
ତାଙ୍କ ପ୍ରତି ଚାହିଁ ନ ଚାହିଁ ସେ ଦୁହେଁ
ଉପଗତ ତତକ୍ଷଣେ ।
ସଖୀଦ୍ୱୟ ଦେଖି ଯୁବା-ମୂର୍ତ୍ତି ଶାନ୍ତ
ଗମ୍ଭୀର ପ୍ରତିଭାନ୍ୱିତ,
"ସତେ କି ଦୁଷ୍ମନ୍ତ ?" ବୋଲି ଭାବି ମନେ
ମନେ ହେଲେ ଆଚମ୍ବିତ ।
ମଧୁରେ ବୋଇଲେ, "ତପୋବନେ ଆମ୍ଭ
ନାହିଁ ଅନ୍ୟ କିଛି ଡର,
କରୁଥିଲା ଆମ୍ଭ ପ୍ରିୟସଖୀ ପ୍ରତି
ଉପଦ୍ରବ ମଧୁକର ।"
ସମ୍ଭ୍ରମେ ବିନୟ- ବାକ୍ୟେ ପ୍ରିୟମ୍ୱଦା
ଡାକି ତାଙ୍କୁ ତରୁତଳ,
ପ୍ରସାରିତ କର- ଯୁଗେ ଦେଖାଇଲା
ଆସନ ଚକ୍‌କଣୋପଳ ।
ବସନ୍ତେ ନରେଶ ପାଦ୍ୟ ଅର୍ଘ୍ୟ ପାଇଁ
ସଖୀଙ୍କି କଲା ଇଙ୍ଗିତ,
ଜାଣି ତା ନୃପତି ବୋଇଲେ, "ଅତିଥି
ହୋଇଅଛୁ ସୁସେବିତ ।
ମଧୁମୟ ପ୍ରିୟ ବ୍ୟବହାର ତୁମ୍ଭ
କରଅଛି ଆପ୍ୟାୟିତ,
କ୍ଷଣେ ତୁମେ ସ୍ଥିରେ ବସିଲେ ହେବ ମୋ'
ଆନନ୍ଦ ଶତଗୁଣିତ ।"
ଅତିଥିତୋଷଣ ଉପରୋଧ ଛଳେ
ତୋଷେ ତରୁଣୀଏ ରହି,
"ତୁ ବସ, ତୁ ବସ" ବୋଲି ଇଙ୍ଗିତରେ
ହେଲେ ଥରେ କହାକହି ।
ବସିଲେ ତିନହେଁ ପରସ୍ପରେ ହସ
ଗୁପି ଗୁପବଳ ଛଳେ,
ଏ ରହସ୍ୟ ହେତୁ- ଥାଏ ଯେହ୍ନେ ନୃପ
ଅଲକ୍ଷ୍ୟରେ କଉଶଳେ ।
ନୃପ ହିଁ କୌତୁକ ଦେଖୁଥାନ୍ତି ଜାଣି
ନ ଜାଣିଲା ପରି ବସି,
ତରୁଣୀ-ସୁଲଭ- ଅସ୍ଫୁଟ-ମଧୁର-
ଗୁପଳ୍ପରେ ତାଙ୍କ ରସି ।
ମୁନିକୁମାରୀଙ୍କି କୁଶଳ ବାରତା
ପଚାରନ୍ତେ ନୃପବର,
"ଭବଦୀୟ କୃପା- ବଳେ ସର୍ବ ଶୁଭ"
ସଖୀଏ ଦେଲେ ଉତ୍ତର ।
ନରେଶ ବୋଇଲେ, "ତୁମ୍ଭମାନଙ୍କର
ବଦନର ପ୍ରଫୁଲ୍ଲତା,
କହି ଦେଉଅଛି ପ୍ରଥମରେ ତପୋ-
ବନର ଶୁଭବାରତା ।
ପୁଣି ତିନଙ୍କର ସମ ରୂପ ବୟଃ
ଅମାୟିକ ବ୍ୟବହାର,
କରିଅଛି ଏହି ପବିତ୍ର ବନକୁ
ମୁଦମୟ ପ୍ରେମାଗାର ।"
ପଚାରିବା ପାଇଁ ମନୋହର-ବପୁ
ଅତିଥିଙ୍କ ପରିଚୟ,
ସିନ୍ଧୁ-ବୀଚି ପରି ଉଠି ପଡ଼ୁଥାଏ
ବାଳାଙ୍କ ଋଜୁ ହୃଦୟ ।
ଅନସୂୟା ସଙ୍ଗେ ପ୍ରିୟମ୍ୱଦାଙ୍କର
ଲାଗିଥାଏ ଠାରାଠାରି,
ବିଳମ୍ବ ନ ସହି ପ୍ରିୟମ୍ୱଦା ତହିଁ
ପୁଚ୍ଛିଲା ଆଗ୍ରହ ଭରି ।
"ଧୀରମଣି କେଉଁ ବଂଶ-ଭୂଷା, କେଉଁ
ରାଜ୍ୟ କର ଅସୁନ୍ଦର,
ଏଡ଼େ ଅନୁଗ୍ରହେ କଲେ ସୁଶୋଭିତ
ଏ ବନେ ଅର୍ପି ପୟର ?"

ବାଳା ବାକ୍ୟେ ନୃପ ପ୍ରତିବାଣୀ ଦେଲେ
ପୁରୁବଂଶେ ମୋର ଜନ୍ମ,
ଦୁର୍ଦ୍ଦମ-ଦମନ ପରଜା-ରଞ୍ଜନ
ଚିରାଗତ କୁଳ-କର୍ମ ।
ମୃଗୟାବିହାରେ ମଧ୍ୟେ ତପୋବନ
ଦରଶନେ ହେଲା ମନ,
ତପୋବନେ ଭ୍ରମୁଁ ରାଜ-ନାମ ଶୁଣି
କରିଅଛୁଁ ଆଗମନ ।
ଦେଖୁଅଛୁଁ ସଖୀ- ଦ୍ୱୟ ତୁମ୍ଭେ ଏହି
ତପୋବନ-ଅଳଙ୍କାର,
ତପସ୍ୟାର ଫଳ- ରୂପିଣୀଙ୍କ ପୁଣି
ତପସ୍ୱିନୀ ବ୍ୟବହାର ।
ବୟସ୍ୟ ସହିତ କୌତୂହଳ ଆସି
ଜାତ ହେଉଛି ମୋ ମନେ,
ଚିର ବ୍ରହ୍ମଚାରୀ କଣ୍ୱ ମହାଋଷି
ପୁତ୍ରୀ ପାଇଲେ କେସନେ ?"
ଶୁଣି ପ୍ରିୟମ୍ବଦା କହିଲା, "ଏକଦା
କଉଶିକ ତପୋଧନ,
କଠୋର ତପସ୍ୟା କରିବାର ଦେଖି
ଶଙ୍କିଲେ ମେଘ-ବାହନ ।
ତପୋଧନଙ୍କର ତପୋଧନ ହରି-
ନେବା ପାଇଁ କଉତଳେ,
ମଘବା ପ୍ରେରଣେ ମେନକା ସୁନ୍ଦରୀ
ଆସିଲେ ଅବନୀତଳେ ।
ତାଙ୍କ କ୍ଷେପେ କଲେ ରାଜର୍ଷିପ୍ରବର
ଅମୋଘ ତେଜଃକ୍ଷେପଣ,
ଶକୁନ୍ତଳା ନବ- ରମଣୀୟ ରତ୍ନ-
ଲତା ତହୁଁ ଉତପନ୍ନ ।
ତାତ କଣ୍ୱଙ୍କର ଯତନେ ଏ ବନେ
ହୋଇଅଛି ପ୍ରବର୍ଦ୍ଧିତ,
ମହର୍ଷି ଦେଖିଲେ ଅନୁରୂପ ପାତ୍ରେ
ବାଳା ହେବ ସମର୍ପିତ ।"
ସେ ବାଣୀ-ବସନ୍ତେ ନୃପ-ଆଶା-ତରୁ
ହୋଇଗଲା କୁସୁମିତ,

ଭାବିଲେ ରତ୍ନ ସେ ହେଉଥିଲା ଯାହା
ଅନଳ-ଖଣ୍ଡ ପ୍ରଶାନ୍ତ ।
ସ୍ୱର୍ଗୀୟ ଲତାର ନବ କୁସୁମ ଏ
ସ୍ୱର୍ଗୀୟ ସୁଷମାନ୍ୱିତ,
ସ୍ୱର୍ଗୀୟ ସୌରଭ ସ୍ୱର୍ଗୀୟ ମାର୍ଦ୍ଦବ
ଅନାଘ୍ରାତ ଅଚୁମ୍ବିତ ।
ନୃପ-ମୁଖେ ଦିଏ କଟାକ୍ଷ ତରୁଣୀ
ନୃପ-ଦୃଷ୍ଟି ଥିଲେ ଆନେ,
ଆବର୍ତ୍ତିଲେ ନୃପ- ଚକ୍ଷୁ ତାର ଦିଗେ
ବେଗେ ଅପସାରି ଆଣେ ।
ଲଜ୍ଜାବଶେ ଉଠି- ଗଲେ ହେବ ବୋଲି
ଅତିଥିଙ୍କ ଅବମାନ,
ଗମନ ଉନ୍ମୁଖୀ ପ୍ରାୟ ବସିଥାଏ
ଯେଣିକି ମନ କରି ଆନ ।
ସପ୍ତପର୍ଣ୍ଣ-ପତ୍ର ଶିରା ଗଣି ଗଣି
ନତ କରିଥାଏ ମୁଖ,
ମଧ୍ୟେ ଥରେ ଥରେ ନୃପଙ୍କୁ ଅପାଙ୍ଗେ
ଚାହିଁ ଲଭୁଥାଏ ସୁଖ ।
ନୃପ ଦେଖୁଥାନ୍ତି ପୁନଃ ପୁନଃ ତାର
ଦିବ୍ୟ-ପ୍ରଭା-ପୂର୍ଣ୍ଣ-ମୁଖ,
ଗୌଣ କରିଥାନ୍ତି ଆଳାପନ ତହିଁ
ବଦନ-ଦର୍ଶନ ମୁଖ୍ୟ ।
ଅଯତ୍ନ-ଅଳକ- ମଣ୍ଡିତ ଲଲାଟ
ସୀମନ୍ତରେଖା ସରଳ,
କଳ ଅଳି ଚୁମ୍ବି- ଶୋଭିତ ବାମାର
ଗଣ୍ଡ ଶତଦଳଦଳ ।
ସୁନୀଳ ନିବିଡ଼ ଭ୍ରୂଲତା ପରଶି
କପାଳ କପୋଳ-ସୀମା,
ପକ୍ଷ୍ମବିଶୋଭିତ ନୟନ ସହିତ
ଦୀର୍ଘେ ରଖେ ବଡ଼ିମା ।
ସୁଗଠିତ ନାସା ବର୍ତ୍ତୁଳ ଚିବୁକ
ମନୋହର ଓଷ୍ଠାଧର,
ଜଗୀଷା-ମୋହନେ ସୁଷମା ବିବାଦେ
ଲଗିଥାନ୍ତି ପରସ୍ପର ।

ଶ୍ରବଣଯୁଗଳ, ମୁଖ-ଶୋଭା-ରାଜ୍ୟ
କରିବାକୁ ରାଜପଣ,
ସୀମା ପ୍ରାନ୍ତେ ଥାଇ ଉଭୟ ଦିଗରୁ
କରୁଥାନ୍ତି ଆକ୍ରମଣ ।
ନୃପତି-ନୟନ- ଅତିଥି କଲେ
ଶୋଭାରାଶି ଝଣାଝଣି,
ନୃପ-ନେତ୍ର ହେଲା ସେ ଶୋଭା-ସାଗର-
ତରଙ୍ଗେ କ୍ଷୁଦ୍ର ତରଣୀ ।
ଥରେ ଥରେ ମିଶା- ମିଶି ହୋଇଯାଏ
ଦୋହିଙ୍କର ଚାରି ନେତ୍ର,
ଆଲୋକିତ କରେ ଚମକାଇ ପ୍ରେମ-
ସୌଦାମିନୀ-ହୃଦ-କ୍ଷେତ୍ର ।
ଦେଖିବାକୁ ଅଙ୍ଗ- ଲାବଣ୍ୟ ନୃପଙ୍କୁ
ନ ମିଳଇ ଅବସର,
କିନ୍ତୁ ନତମୁଖୀ ବାମା ଦେଖୁଥାଏ
ତାହାଙ୍କ ଚାରୁ ପୟର ।
ଲାଗିଥାଏ ଯାହା ପାଦରେ ଆଶ୍ରମ-
ପଥର ପଦଙ୍କ ଧୂଳି,
ଧୋଇଦେଇ ପୋଛି- ଦେବା ପାଇଁ କରୁ-
ଥାଏ ତରୁଣୀ-ମଣ୍ଡଳୀ ।
ଶ୍ରଦ୍ଧା କଲା ମନେ ମସ୍ତକେ ତିଳକ
ଦେଇ ଅତିଥିସତ୍କାର
କରନ୍ତା, କରନ୍ତେ ସଖୀମାନେ ଯଦି
ତହିଁ ପାଇଁ ବଳାତ୍କାର ।
ଏକାଳେ ସହସା ବନଗଜ-ଭୟ
ଚହଲ ପଡ଼ିଲା ବନେ,
ଉଠିଲେ ବାମାଏ ଅନାଇ ସନ୍ତ୍ରସ୍ତ-
ଭୟ-ଚଞ୍ଚଳ-ନୟନେ ।
ପୁଣି କେ କହିଲା, “ଦୁଷ୍ମନ୍ତ ନରେଶ
ମୃଗୟାବିହାରେ ଆସି,
ତପୋବନ ମଧ୍ୟେ ବିଜେ କରିଛନ୍ତି,
ସାବଧାନ ବନବାସି !
ଅଶ୍ୱ-ଗଜ-ଦଳ- ବଳ ଅଗଣିତ
ବନେ ଆସିଲେଣି ମାଡ଼ି,

ଭୟେ ଜୀବଗଣ ଇତସ୍ତତଃ ହେଉ-
ଛନ୍ତି ଚରିବାର ଛାଡ଼ି ।
ଅଶ୍ୱଖୁରୋତ୍‌ଥିତ ଧୂଳିପଟଳରେ
ଆଚ୍ଛନ୍ନ ହେଲାଣି ବନ,
ସେ ଧୂଳିପଟଳ ବନ-ତରୁ ଗ୍ରାସି
ଉଠୁଛି ଭେଦି ଗଗନ ।”
ଦେଖୁଁ ଦେଖୁଁ ଏକ କୁରଙ୍ଗ-ଶାବକ
ଦଉଡ଼ି ଆସି ଚଞ୍ଚଳେ,
ଠିଆହୋଇଗଲା ଶକୁନ୍ତଳାଙ୍କର
ଲମ୍ବିତ ବଲ୍‌କଳାଞ୍ଚଳେ ।
ପୁଣି ଶୁଣାଗଲା, “ପ୍ରକାଣ୍ଡ ମାତଙ୍ଗ
ହେଉଅଛି ଭୟପ୍ରଦ,
ପ୍ରକାଣ୍ଡ ପାଦପ- ଶାଖା ଭାଙ୍ଗୁ ଭାଙ୍ଗୁ
ଭାଙ୍ଗିଗଲାଣି ତା ରଦ ।”
ସସମ୍ଭ୍ରମେ ନୃପ ଗାତ୍ରୋତ୍ଥାନ କରି
ଉଦ୍ୟତ ହେଲେ ଗମନେ,
କିନ୍ତୁ ତରୁଣୀଙ୍କ ସଙ୍ଗ ଛାଡ଼ିବାକୁ
ଖେଦ ହେଉଥାଏ ମନେ ।
ସଖୀଙ୍କି ବୋଇଲେ, “ଯାଉଛି ଦେଖିବି
କିରୂପେ ଆସି ବାରଣ,
ତପୋବନେ ପଶି ଉପଦ୍ରବ କରେ
କରିବି ତା ନିବାରଣ ।
ଧୃଷ୍ଟତା ମୋ’ ମନେ ନ ଧରିବ ବୋଲି
ଭରସା କରେ ମୋ’ ମନ,
ତଥାପି ଅଚିରେ ଆସି ପୁଣି ତାହା
କରାଇନେବି ମାର୍ଜନ ।”
ସଖୀଏ ବୋଇଲେ, “ଅତିଥିସତ୍କାର
ନ କରି ହେଉଛୁଁ କ୍ଷୁଣ୍ଣ,
ପୁନର୍ଦରଶନ ନ ଦେଲେ ଆର୍ଯ୍ୟ ହେ !
ହୃଦ ହେବ ଦୁଃଖପୂର୍ଣ୍ଣ ।”
ନୃପତି ବୋଇଲେ, “ଏପରି କଥାକୁ
ନ କହ ନ କହ ଆଉ,
ତୁମ୍ଭ ପ୍ରୀତିପୂର୍ଣ୍ଣ ବ୍ୟବହାର ଭୁଲି
ନ ପାରିବ ଜୀବ ଥାଉଁ ।

ଯେବେ ଯାଉଅଛୁଁ ମୁନି-ତନୟାଙ୍କ
ନିକଟରୁ ପ୍ରୀତି-ଋଣ,
ବନ୍ଧକ ନ ଦେଲେ କିରୂପେ ବିଶ୍ୱାସ
କରିବ କି ଦେଖି ଗୁଣ ?"
ଏହା କହି ହେମ- ଅଙ୍ଗୁରୀୟ କାଢ଼ି
ଅଙ୍ଗୁଳିରୁ ତରତରେ,
ଶକୁନ୍ତଳା କର ଧରି ଅଙ୍ଗୁଳିରେ
ମଣ୍ଡି ଦେଲେ ପ୍ରେମଭରେ ।
ଚଳିଲେ ନୃପତି ତରତର କିନ୍ତୁ
ପଛକୁ ଘୂଞ୍ଚଇ ମନ,
ପ୍ରଧାବିତ ରଥ- ପଛକୁ ଉଡ଼ଇ
ଦୁକୂଳ-ଧ୍ୱଜ ଯେସନ ।
କର-ପରଶର ସୁଖରେ ପରାଣ
ହେଉଥାଏ ପୁଲକିତ,
ପୁଲକ ବଳରେ ବଳ ହିଁ ତାଙ୍କର
ହୋଇଗଲା କବଳିତ ।
ସଖୀଯୁଗ ଧରି ଶକୁନ୍ତଳା କର
ମୁଦ୍ରିକା କଲେ ଦର୍ଶନ,
'ଦୁଷ୍ମନ୍ତ' ବିବର୍ଣ୍ଣ ଧରିଅଛି ସେହି
ନବ-ପ୍ରେମ-ନିଦର୍ଶନ ।

ପରସ୍ପର ମୁଖ ଚାହାଁଚାହିଁ ହେଲେ
ତିନହେଁ ହୋଇ ଚକିତ,
ଶକୁନ୍ତଳା ପ୍ରାଣ ଅଛି କି ନା ଦେହେ
ନ ହେଲା ତାଙ୍କୁ ବିଦିତ ।
କି ଏକ ନବୀନ ଭାବ-ସ୍ରୋତ-ବେଗେ
ଭାସିଚଲା ତାର ପ୍ରାଣ,
ହସି ହସି "ଯାଉଁ କୁଟୀରକୁ" ବୋଲି
ସଖୀଏ କଲେ ପ୍ରୟାଣ ।
ସଖୀଙ୍କ ସଙ୍ଗରେ ଚାଲିବାକୁ ବାଳା-
ପାଦରେ ନ ହେଲା ଶକ୍ତି,
ଚାଲୁଁ ଚାଲୁଁ ଦୃଷ୍ଟି ଆକର୍ଷିତ ହେଲା
ପୁନଶ୍ଚ ନୃପତି ପ୍ରତି ।
"କୁରୁବକ କଣ୍ଟା ଲାଗିଗଲା" ବୋଲି
ସଖୀଙ୍କି କହିଲା ଛଳି,
ପ୍ରିୟମ୍ବଦା ବୋଲେ, "କୁରୁବକ ଥଣ୍ଟ
ମୀନାକ୍ଷି ଗଲା କି ଗଳି ?"
ନ ଦିଶିଲେ ରାଜା ବାଳା ନେତ୍ରେ କିନ୍ତୁ
ହୃଦରୁ ନ ହେଲେ ଦୂର,
ଜନ୍ମିଗଲା ବଳେ ଅବଳା ଜୀବନେ
ନବୀନ **ପ୍ରଣୟାଙ୍କୁର** ।

## ଦ୍ୱିତୀୟ ସର୍ଗ

## ପ୍ରଣୟ-ପଲ୍ଲବ

ଶିବିରେ ସତ୍ୱର ଯାଇଁ ନରବର
ଆଦେଶିଲେ ଭୃତ୍ୟଗଣେ,
"ଗଜ ବାଜି ସବୁ ନ ଛାଡ଼ି କାନନେ
ବନ୍ଧନେ ରଖ ଯତନେ ।"
ଶିବିରମଣ୍ଡପେ ବସି ଅଙ୍ଗୁରୀୟ-
ହୀନ ଅଙ୍ଗୁଳିକି ଚାହିଁ,
ଭାବିଲେ, "ସୁନ୍ଦରୀ କରସ୍ପର୍ଶ ସୁଖ
ପାଇଲା ଅଙ୍ଗୁରୀ ପାଇଁ ।"

ବନୁ ଆଣିଥିଲେ ନିଆଳୀ କୁସୁମ
ଗୋଟା ଚାରି ଥିଲା କରେ,
ସୁନ୍ଦରୀମଣିର ପ୍ରିୟ ପୁଷ୍ପ ମଣି
ଆଘ୍ରାଣିଲେ ସ୍ନେହଭରେ ।
କୁସୁମ-ବାସକୁ ଭାବିଲେ ନରେଶ,
"ଅଙ୍ଗୁରୀୟ ବିନିମୟେ,
ସୁନ୍ଦରୀର କର- କମଳ-ସୌରଭ
ଆସିଛି ସ୍ପର୍ଶ ସମୟେ ।"

ସୁନ୍ଦରୀର କରୁ ପଲ୍ଲବ ମାଧୁରୀ
ବାରମ୍ବାର ସ୍ମରି ସ୍ମରି,
ଫୁଲ ଶୁଙ୍ଘି ଶୁଙ୍ଘି ଅପୂର୍ବ ଆମୋଦେ
ପରାଣକୁ ଦେଲେ ଭରି ।
ଆମୋଦ-ହ୍ରଦରେ ଆଶା-ବୀଚି ଉଠି
ବାହାରି ହୃଦୟ-ଧାର
ବହିଗଲା, ଲଭି ବାମା-ନବ-ପ୍ରୀତି-
ଲକ୍ଷଣ-ସୃଷ୍ଟି-ଆସାର !
ଯୋଷା ଥିଲା ଶୋଭା- ରତ୍ନାକର, ତାର
ସାରଲ୍ୟ ସ୍ୱଚ୍ଛ ଗଗନ,
ନୃପତି-ଆଷାଢ଼- ଆଗମନ ଗୃହିଁ
ଢାଙ୍କିଥିଲା ଲଜ୍ଜା-ଘନ ।
ଅପାଙ୍ଗ-ଦର୍ଶନ- କ୍ଷଣପ୍ରଭା ତହିଁ
ନର୍ତ୍ତ୍ୟ କରି ବାରମ୍ବାର,
ନାଶ କରିଥିଲା ନୃପ-ଚିତ୍ତ-ଦେଶ-
ନୈରାଶ୍ୟ ଅନ୍ଧକାର ।
ରାଜା-ହୃଦ-ଧାର ଚଳିଲା ଚଞ୍ଚଳ
ସେହି ରତ୍ନାକର ଲକ୍ଷେ,
ପଥ ଖୋଜି ଖୋଜି ବିବାହ-ନୟମ-
ନିବିଡ଼-କାନନ-ବକ୍ଷେ ।
ଦେଖିଲା ନିକଟେ ବାମା-ସଖୀ-ଦ୍ୱୟ
ହୋଇ ତାର ଅନୁକୂଳ,
ସଙ୍ଗମ-ସରଣୀ ଗୁଡ଼ି ଦେଇଛନ୍ତି
ଦୁହେଁ ହୋଇ ଦୁଇ କୂଳ ।
ସସ୍ମିତେ ମୁଦ୍ରିକା- ଗ୍ରହଣ ସେ ପଥେ
ଜୁଆରି ଆସିଛି ବଢ଼ି,
ରାଜା-ହୃଦ-ଧାର ସାଗର-ଅଙ୍ଗରେ
ଅନାୟାସେ ଗଲା ପଡ଼ି ।
ହୃଦୟ ଗଲାରୁ ବିବେକ ଲୋଡ଼ିଲା
ଅଙ୍ଗ-ସମ୍ମିଳନ-ପଥ,
ଉଭା ହୋଇ ମନ ବୋଇଲା, "ବିବେକ,
ପୂରିଛି ତୋ ମନୋରଥ ।
ପ୍ରତ୍ୟକ୍ଷ ଦେଖିଛୁ ହୋଇଯାଇଅଛି
କର କର ସମ୍ମିଳନ,
କର ସମର୍ପଣେ ବୁଝିଛୁ ଅମତ
ନ ଥିଲା ବାଳାର ମନ ।
ମନର ସମ୍ମତି ଥିବା ବିଷୟରେ
ପ୍ରମାଣ ଯଦ୍ୟପି ଗୃହ୍ଣୁ,
କୁରୁବକ କଣ୍ଟା ଲଗାଇ ଗୃହିଁଲା,
କହ କି କରନ୍ତା ଆଉ ?
ବୋଲିବୁ ଅବା ତୁ ବାଳିକାର ମନ
ଅଧୀନ ଅଟେ ପିତାର,
ବାଳିକା ନୁହେ ସେ ଯୁବତୀ, ତା ମନେ
ନାହିଁ ପିତୃ-ଅଧିକାର ।
ସ୍ୱାଧୀନ ଯୁବତୀ ସ୍ୱାଧୀନ ମନରେ
କରିଛି କର ଅର୍ପଣ,
ସାକ୍ଷୀ ସଖୀଦ୍ୱୟ, ସାକ୍ଷୀ ତା ହୃଦୟ,
ସାକ୍ଷୀ ପାଖ ଶାଖିଗଣ ।"
ବିବେକ-"ସେହି ସ୍ୱେଚ୍ଛାଚାର ଶୁଣି ମୁନିବର
ହୁଅନ୍ତ ଯଦ୍ୟପି କ୍ରୁଦ୍ଧ ?"
ମନ-"ଚିର ତପଃଶୀଳ ମୁନିଙ୍କ ବିବେକ
ନୁହେ କି ତୋଠୁଁ ପ୍ରବୁଦ୍ଧ ?"
ବିବେକ-"ସେ କର ବନ୍ଧନେ ହୁଳହୁଳି କାହିଁ
ତଳା ହୋଇ ନାହିଁ ପାଣି",
ମନ-"ସାରିକା-ବଦନେ ହୁଳହୁଳି ଦେଲେ
ସହର୍ଷେ ପ୍ରକୃତି-ରାଣୀ ।
ଜାଣି ନ ପାରିଲୁ, ସିକ୍ତ ହୋଇଥିଲା
ରମଣୀ-ହସ୍ତ-କମଳ,
ସ୍ୱେଦ ଯା ମଣିଲୁ, ନିଜେ କୁଶଧର
ଢାଳିଥିଲେ ପୂତଜଳ ।"
ବିବେକ-"ଦ୍ୱିଜତ ନ ଥିଲେ, କିଏ ଉଚାରିଲା
ବେଦ ମନ୍ତ୍ର ଆଦି କଥା ?"
ମନ-"ବସନ୍ତ କୋକିଳ ଉଚ୍ଚେ ଭାଷୁଥିଲା,
'ଶ୍ରୀରାମସ୍ୟ ସୀତା ଯଥା' ।"
ବିବେକ-"ସ୍ୱଚ୍ଛନ୍ଦେ ଅବଳା କର ଧରିବାର
ନୁହଇ କି ବଳାତ୍କାର ?"
ମନ-"ପ୍ରଣୟେ ଯୁବତୀ କର ଯାଚିଦେବା
ସମ୍ମତି ନାହିଁ ଲଜ୍ଜାର ।

ପ୍ରଣୟ-ରାଜ୍ୟରେ ପ୍ରଣୟୀର ବଳ
ପ୍ରଣୟିନୀ ଲୋଡ଼ୁଥାଏ,
ଘନ ସଂଘର୍ଷଣ ବ୍ୟତୀତ ବିଦ୍ୟୁତ
କୋଳକୁ ଛାର ନ ଯାଏ ।”

ବି—“ଘନବଳେ ଯେବେ ପ୍ରୀତି-ବିଦ୍ୟୁତର
ଗର୍ଜନ କାହିଁକି ଭୀମ ?”
ମନ—“ଗର୍ଜନ କି ତାହା ଜଗତେ ବାଜଇ
ଦମ୍ପତି-ପ୍ରେମ-ଡିଣ୍ଡିମ ।”

ହୃଦୟ ବୋଇଲା, “ମୁଁ ଯହିଁ ଯାଇଛି
ତହିଁ କି ନ ଗଲେ ଅଙ୍ଗ,
ବିଷମ-ବିରହ- ବିଷେ ହୋଇଯିବ
ଜୀବନର ସୁଖ-ଭଙ୍ଗ ।

ତା ସଙ୍ଗ ବ୍ୟତୀତ ଜଗତ ପ୍ରତୀତ
ହେବ ନୀରସ ବିସ୍ମୟ,
ନୀରସ ଲାଗିବ ରତ୍ନ-ସିଂହାସନ
ରାଜପୁର-ମଣିମୟ ।

ସର୍ବ ଶୋଭା ଯେନ ରାଜଲକ୍ଷ୍ମୀ ସେ ତ
ହୋଇଅଛି ମୂର୍ତ୍ତିମତୀ,
ତା ଆଲୋକ ବିନା ପ୍ରଭାହୀନ ହେବ
ମଣିମୟ ରାଜଛତ୍ରି ।

ତା କର-କମଳ ଅଧର-ବିମଳ
ପ୍ରଭାର ସାହାଯ୍ୟ ଲଭି,
ପଦ୍ମରାଗମଣି- ଅଙ୍ଗରୁ ଉଠିବ
ଉଜ୍ଜ୍ୱଳ ପ୍ରଭା ପଲ୍ଲବି ।

ତା ନୀଳ କୁନ୍ତଳ ଭ୍ରୂଲତାଯୁଗଳ
ଉଜ୍ଜ୍ୱଳ ନୟନ-ତାରା,
ସମୀପସ୍ଥ ହେଲେ ନୀଳମଣି-ଅଙ୍ଗୁ
ଝରିବ ପ୍ରତିଭା-ଧାରା ।

ମୁକୁତାପଟଳ ପାଇଗଲେ ତାର
ନଖ-ରଦ ଅଳଙ୍କାର,
ଜନ-ନୟନରେ କରିବେ ନବୀନ
ମଧୁର ଶୋଭା ବିସ୍ତାର ।

ଚନ୍ଦ୍ର ଗୃହେଁ ଯଥା ଚନ୍ଦ୍ରକାନ୍ତ ମଣି,
ସୂର୍ଯ୍ୟ ସୂର୍ଯ୍ୟକାନ୍ତ ମଣି;
ରତନ ସକଳ ଉଲ୍ଲସିତ ହେବେ
ଗୃହେଁଦେଲେ ଏ ରମଣୀ ।

ଲଭ ପଥ ହୋଇ- ଅଛି ସୁପ୍ରଶସ୍ତ
ବିଳମ୍ବ ନ କର ଚଳ,
ପାଟି ମେଲି ତରୁ- ତଳେ ଶୋଇଥିଲେ
ମୁଖେ ନ ପଡ଼ଇ ଫଳ ।”

ଏକାଳେ ଶିବିରେ ବାଜିଲା ଗମ୍ଭୀରେ
ମଧ୍ୟାହ୍ନକୃତ୍ୟର ବାଜା,
ମଣ୍ଡପରୁ ଉଠି ଶିବିର ମଧ୍ୟକୁ
ବିଜେ କରି ଗଲେ ରାଜା ।

ଶକୁନ୍ତଳା ତେଣେ କୁଟୀରକୁ ଗଲା,
ସ୍ଥିର ହେଉ ନାହିଁ ମନ,
ସଖୀଙ୍କି ଲୁଚାଇ ପୁନଃ ପୁନଃ କରେ
ଅଙ୍ଗୁରୀୟ ଦରଶନ ।

କେତେବେଳେ ଅବା ଛଳ କରି କଛି
ସଖୀଙ୍କ ସମୀପୁ ଯାଇ,
ଅଙ୍ଗୁରୀ-ଅଙ୍କିତ ଅକ୍ଷର ପଠନେ
ପ୍ରାଣ ଦିଏ ଉଲ୍ଲସାଇ ।

ହୃଦୟ-ମନ୍ଦିରେ ନବପ୍ରତିଷ୍ଠିତ
ନୃପତି-ପ୍ରୀତି-ପ୍ରତିମା,
କରି ଜୀବନରେ ଭରି ଦେଉଥାଏ
ଦିବ୍ୟ ନବ ମଧୁରିମା ।

ପ୍ରୀତି-ପ୍ରତିମାର ପ୍ରଭା କରି ତାର
ହୃଦୟ-ମନ୍ଦିର ଦୀପ୍ତ,
ମନ୍ଦାକ୍ଷ-ତମିର- ଆଚ୍ଛାଦିତ ମୁଖ-
ପ୍ରାଙ୍ଗଣରେ ହେଲା କ୍ଷିପ୍ତ ।

ପୁଲକିତ ହୁଏ ଯୋଷା ନୃପ-କର—
ସ୍ପରଶ-ସୁଖ ସ୍ମରଣେ,
ବିକଶିତ ହୁଏ ମଲ୍ଲୀକଳି ଯଥା
ବିଭାବରୀ ପ୍ରସରଣେ ।

ମନେ ଭାବେ, “ଯାଙ୍କୁ ହୃଦୟେ ପୂଜୁଛି,
ପୂଜିପାରିବି କି କରେ ?
ପୁନର୍ଦରଶନ ଆଶା ଦେଇଛନ୍ତି,
ସତେ କି ଆସିବେ ଥରେ ?

ଆହା କି ମଧୁର ମୂରତି ତାଙ୍କର
କି ମଧୁମୟ ବଚନ,
ବଚନ ନୁହେ ତା' କେବଳ ଜୀବନ-
ଅଙ୍କୁରେ ସୁଧାସେଚନ ।
ସେ ବଚନାମୃତେ ପ୍ରାଣ ପଲ୍ଲବିତ
ହେବାର ନୁହଇ ବଡ଼,
ରାମ-ପଦ-ରଜେ ଅହଲ୍ୟା ପରାଏ
ଜୀବନ ଲଭିବ ଜଡ଼ ।
ଦରଶନ ଦେବେ ସତ, କିନ୍ତୁ ଯଦି
ଦାସୀ ନ କରିବେ ପଦେ,
ନାମେ ତପସ୍ୱିନୀ ଥାଇ ମରୁଥିବି
ଝୁରି ଏ ଆଶ୍ରମ-ପଦେ ।"
ମନ ତା ରହିଲା ନୃପ-ଭବନାରେ
କାର୍ଯ୍ୟ କରୁଥାଏ ହସ୍ତ,
କରଣୀୟ କାର୍ଯ୍ୟ ଅତିକ୍ରମ କରି
ଅନ୍ୟ କର୍ମେ ହୁଏ ନ୍ୟସ୍ତ ।
ଦେବପୂଜା ପାଇଁ ସଂଗୃହୀତ ଫୁଲେ
ବିରଚି ବସିଲା ହାର,
ଉଦୁମ୍ବର ତେଜି ଚନ୍ଦନ-ଇନ୍ଧନେ
ନୟନ ରହିଲା ତାର ।
କାର୍ଯ୍ୟାବଳୀ ଗୃହିଁ ସଖୀଦ୍ୱୟ ଜାଣି-
ପାରିଲେ କାମିନୀ ମନ,
ଏକ ସଖୀ ଦେଖି ଅପର ସଖୀକି
ଦେଖାଏ ଠାରି ନୟନ ।
ବୃଦ୍ଧା ତପସ୍ୱିନୀ ଗୌତମୀ କୁଟୀରେ
ନିକଟରେ ଥାନ୍ତି ରହି,
ତେଣୁ ସଖୀଦ୍ୱୟ ବାମାକ୍ଷ କୌତୁକେ
କିଛୁ ନ ପାରନ୍ତି କହି ।
ଏତିକି ମାତର ଗୌତମୀ ଆଗରେ
ଜଣାଇଲେ ସଖୀଦ୍ୱୟ,
ଆସିଛନ୍ତି ଏହି ବନକୁ ହସ୍ତିନା-
ନରପତି ସଦାଶୟ ।
ସମ୍ଭବତଃ ଆସି- ପାରନ୍ତି ଆମ୍ଭର
ଆଶ୍ରମ ଦର୍ଶନ ପାଇଁ,
କିଏ ସତକାର କରିବ, ନାହାନ୍ତି
ତାତ ମୁନିକୁଳସାଇଁ ?"
ଗୌତମୀ ବୋଇଲେ, "ଜଳ ଫଳ ଫୁଲ
ନାହିଁ କି ଆମ୍ଭ ଅର୍ଜିତ ?
ଶକୁନ୍ତଳା କରେ ସହଜେ ନରେଶ
ପାରିବେ ହୋଇ ଅର୍ଚ୍ଚିତ ।
ଜାଣ ଶକୁନ୍ତଳା ଅଟଇ ବିଶୁଦ୍ଧ
କ୍ଷତ୍ରିୟବରସନ୍ତତି,
ନିଜେ ପାଦ ଧୋଇ ଅର୍ଚ୍ଚନେ ତୋଷିବ
କ୍ଷତ୍ରିୟବର ଭୂପତି ।"
ପ୍ରିୟମ୍ବଦା ଗୃହିଁ ଶକୁନ୍ତଳା ପ୍ରତି
ବୋଇଲା, "ଶୁଣିଲୁ ସଖି,
ରାଜ-ସତକାର କରିବୁଟି ତୁହି
ଉପଦେଶ ମନେ ରଖି ।"
ଶୁଣି ଶକୁନ୍ତଳା ପ୍ରେମଜରଜର
ଲାଜେ ମୁଖ କରି ନତ,
ସ୍ୱଗତେ ବୋଇଲା, "ସଜନୀଙ୍କ ଏ ତ
ଅନୁକୂଳ ଗଳହସ୍ତ ।"
ଶକୁନ୍ତଳା ପୂର୍ବ- ସ୍ୱଭାବ ସହିତ
ଦିବାକର ହେଲେ ଅସ୍ତ,
ନବୀନ-ପ୍ରକୃତି— ସଙ୍ଗେ ତାର ନବ-
ସନ୍ଧ୍ୟା ହେଲା ଉପଗତ ।
ଗଗନ ପବନ ବନ ଅଭିନବ
ହେଲା ତା ନବ-ଜୀବନେ,
ସନ୍ଧ୍ୟାରାଗ ସହି ନବ-ରାଗ ଜାତ
ହେଲା ନବୀନାର ମନେ ।
ନବ ପ୍ରତିଭାତ ହେଲେ ନୟନରେ
ତାରକାପଟଳୀ କାନ୍ତ,
ପୁଷ୍ପାବଳୀ ନବ- ସୌରଭ ବିତରି
ଦେଖାଇଲେ ନବ-ଭ୍ରାନ୍ତି ।
ଯେମନ୍ତେ ସରସ ବୋଧହେଲା ସବୁ
ତେମନ୍ତ ଲୋଡ଼ିଲା ମନ,
ଏକପ୍ରାଣ ହୋଇ ଭୋଗିବାକୁ ସବୁ
ପରାଣର ପ୍ରିୟଜନ ।

ଯେଉଁ ସଖୀଙ୍କର ସଙ୍ଗେ ଖେଳ ବୁଲି
ସୁଖେ ବଞ୍ଚୁଥିଲ ଦିନ,
ଆଜି ତାଙ୍କ ସଙ୍ଗ ସେହି ଲୀଳା ଖେଳା
ବୋଧ ହେଲା ରସହୀନ ।
ଅଲଣା ବ୍ୟଞ୍ଜନ ଚିରାଭ୍ୟାସବଶେ
ଭୋଜନରେ ଭଲ ଲାଗେ,
ଆଉ କି ତାହାଙ୍କ ମନ ବଳେ ଯଦି
ରସନେ ଲବଣ ଲାଗେ ?
ମନାସିଲା ବାମା ଚନ୍ଦ୍ରାଲୋକେ ପ୍ରିୟ-
ସଙ୍ଗେ କରନ୍ତା ବିହାର,
ଚିତ୍ତତୋଷେ ପୂର୍ଣ୍ଣ କରନ୍ତା ହୃଦୟେ
ଦେଇ ରମ୍ୟ ଫୁଲହାର ।
ଉଦ୍ୟାନର ଧୀର ଗନ୍ଧବହ ଲାଗୁ-
ଥାନ୍ତା ପ୍ରିୟ ଅଧରନେ,
ନିଜେ ଲାଗିଥାନ୍ତା ସ୍ୱକର-ବର୍ଦ୍ଧିତ
ବୃକ୍ଷ-ବଲ୍ଲୀ ପ୍ରଦର୍ଶନେ ।
ଚନ୍ଦ୍ରମା କିରଣେ ମଣ୍ଡିତ-ପଲ୍ଲବ
ଧୀର ସମୀରଣେ ଥରି,
କୃତାର୍ଥ କରନ୍ତା ରଜତ-କାନ୍ତିରେ
ପ୍ରିୟବର-ଚିତ୍ତ ହରି ।

ପ୍ରିୟ-ତନୁ ଛୁଇଁ ଶାଖା-ଶିର-ଫୁଲ୍ଲ-
କୁସୁମଗୁଚ୍ଛ-ସକଳ
ନିତ ଜଳ ଦେବା ସ୍ନେହେ ବଢ଼ାଇବା
ଶ୍ରମ କରନ୍ତେ ସଫଳ ।
ଫୁଲବନକୁ ଗଲେ କୌମୁଦୀ-ଦୀପିତ
ମାଳତୀର ମୃଦୁ-ହାସ,
ପ୍ରିୟେ ତୋଷ ଦାନ କରନ୍ତା ହୀରକ-
ପ୍ରଭବ ଶୀକର ସିଞ୍ଚି ।
ପ୍ରସାଦ-ପୂରିତ ପ୍ରିୟ-ମୁଖ ନିଜେ
ଚାହିଁ ଚାହିଁ ପୁନଃ ପୁନଃ,
ନୟନ ପ୍ଲାବିତ କରି ପ୍ରୀତି-ଝରେ
ପ୍ରାଣ କରୁଥାନ୍ତା ପୂର୍ଣ୍ଣ ।
ଏହିରୂପେ କେତେ କଥା ଭାବି ଭାବି
ନବ ଆଶାବତୀ ବାମା,
ନବୀନ ଉଲ୍ଲାସେ ନବୀନ ଲାଳସେ
ଯାପିଲା ନବ ନିଯାମା ।
ପ୍ରିୟ ଦରଶନ ପ୍ରିୟ-ଦରଶନ-
ଆଶା-ଆସାରେ ପ୍ଲାବିତ,
ହେବାରୁ ହୃଦୟେ **ପ୍ରଣୟ-ପଲ୍ଲବ**
ପଟଳ ହେଲା ରଜିତ । ୭୫ ।

# ତୃତୀୟ ସର୍ଗ

## ପ୍ରଣୟ-ପ୍ରସୂନ

କେତେ ମଧୁମୟୀ— ଚିନ୍ତାରେ ନୃପଙ୍କ
ରଜନୀ ହୋଇଛି ଶେଷ,
ପ୍ରଭାତେ ପ୍ରକୃତି ଫିଟାଇଲା ଆସି
ନବମଧୁମୟ ବେଶ ।
ପ୍ରାତଃକୃତ୍ୟ ନୃପ କରି ସମାପନ
କାନନ-ଭ୍ରମଣ ଛଳେ,

ଏକା ବିଜେ କଲେ ସୁନ୍ଦରୀ-ମାଧୁରୀ
ପୂରାଇ ହୃଦ-କମଳେ ।
କାଲି ଯା ସୁନ୍ଦର ଦେଖିଥିଲେ ଆଜି
ଦିଶୁଛି ସୁନ୍ଦରତର,
ସୁନ୍ଦରୀର ରୂପ- ସୁଧାରେ ଯେମନ୍ତ
ସବୁ ସୁଧା-ଜରଜର ।

ଯହିଁ ଦୃଷ୍ଟି ପଡ଼େ  ସେ ଯେହ୍ନେ କହୁଛି
ସୁନ୍ଦରୀ ଅଛି ଏ ବନେ,
ଯହିଁ ମନ ଯାଏ  ଦିଶଇ ସୁନ୍ଦରୀ-
ମୂରତି ସ୍ମୃତି-ଦର୍ପଣେ ।
କାଲି ଯାହା ସବୁ  ନୃପ-ହୃଦୟକୁ
ହୋଇଥିଲା ଶାନ୍ତିମୟ,
ଆଜି ସେ ସକଳ  ବୋଧ ହେଉଅଛି
ମଧୁମୟ କାନ୍ତିମୟ ।
କାଲି ଯାହା ମନେ  ଭାବିଥିଲେ ନୃପ
ପୂତ ଧୂମ ଭସ୍ମପୂର୍ଣ୍ଣ ।
ଆଜି ଭାବୁଛନ୍ତି  ଲେପିତ ହୋଇଛି
ତହିଁରେ ହୀରକଚୂର୍ଣ୍ଣ ।
ଯେଉଁ ଫୁଲ ଫୁଲ-  କାନ୍ତି ଫୁଲଗନ୍ଧ
ଭକ୍ତି ଦେଉଥିଲେ ଢାଳି,
ସେହି ଫୁଲ ଫୁଲ-  କାନ୍ତି ଫୁଲ-ଗନ୍ଧ
ପ୍ରେମ ଦେଉଛନ୍ତି ଜାଳି ।
ଯେଉଁ ଡାଳେ ବସି  ଶୁକ କରୁଥିଲା
ତାପସ-ଯଶ-ଘୋଷଣ,
ଦମ୍ପତିର ଭାଗ୍ୟ  ବର୍ଣ୍ଣୁଛି କପୋତ
ସେ ଡାଳ କରି ଆସନ ।
ମୃଗ ମୃଗୀ ଯାହା  ତାପସ ସ୍ୱଭାବ
ବୋଧ ହେଉଥିଲେ ମନେ,
ଆଜି ଦିଶୁଛନ୍ତି  ଅଛନ୍ତି ମଧୁର
ଦମ୍ପତି-ପ୍ରେମ-ବନ୍ଧନେ ।
ନବମୁକୁଳିତ  ବାହାଡ଼ା ପାଦପୁଁ
ଆସିଲା ମଧୁର ଗନ୍ଧ,
ଡାଳେ ଡାଳେ ତାରି  କ୍ରୀଡ଼ା କରୁଥିଲେ
ନବଦୃଷ୍ଟ ଖଗବୃନ୍ଦ ।
ସମୁତ୍ତୁଙ୍ଗ-ଶାଳ  ପ୍ରକାଣ୍ଡ-ପ୍ରସୂନ
ସ୍ତବକେ ମଣ୍ଡିଛି ମୁଣ୍ଡ,
ବନଲକ୍ଷ୍ମୀ-ଫଗୁ-  ଶୋଭା ସମ୍ପାଦୁଛି
କମଳାଗୁଣ୍ଡିର ଗୁଣ୍ଡ ।
ଅବହିତ ବହୁ  ଲତା ବହୁ ତରୁ
ବିବିଧ ବରଣ ଫୁଲେ,
ପରସ୍ପର ତନୁ-  ମଣ୍ଡନେ ନିରତ
ହୋଇଛନ୍ତି ପ୍ରେମାକୁଳେ ।
ଷଟ୍‌ପଦେ ଷଟ୍-  ପଦେ ପୁନଃ ପୁନଃ
କରି ପୁଷ୍ପ ଆଲିଙ୍ଗନ
ପ୍ରେମ-ଗୀତ ଗାଇ  ପୁନଃ ପୁନଃ କରୁ-
ଅଛନ୍ତି ମୁଖଚୁମ୍ବନ ।
ପ୍ରଜାପତି ପ୍ରଜା-  ପତିର ଘଟଣା
ସଫଳ କରୁଛି କାହିଁ,
ବର୍ଣ୍ଣେ କଳେବର  ମଣ୍ଡି ନବବର-
ବେଶେ ଫୁଲପୁର ଯାଇ ।
ନରେଶ ମାଳିନୀ  ତୀରେ ତୀରେ ଧୀରେ
ଧୀରେ କରୁଥିଲେ ଗତି,
ଚାହିଁ ସେ ସକଳ  ଅଚିରେ ଚଞ୍ଚଳ
ହୋଇଗଲା ତାଙ୍କ ମତି ।
ଯା ମନ ଯେପରି  ତା ପାଇଁ ସେପରି
ଫଳ ଥୋଇଥାଏ ବିଶ୍ୱ,
ଉଚ୍ଚମନା ଉଚ୍ଚେ  ଅମୃତ ଲଭଇ
ନୀଚମନା ପାଏ ବିଷ ।
ଉଜ୍ଜ୍ୱଳ ଉନ୍ନତ  ବିବେକାନୁଗତ
ମନ ଜନ-ନାଥଙ୍କର,
ସ୍ୱର୍ଗର ଆକର-  ଜାତ-ରତ୍ନ ପ୍ରତି
କଲା ତାଙ୍କୁ ଅଗ୍ରସର ।
ତୀର ତେଜି ନୀର  ନିକଟ ପୁଳିନେ
ପୁଳିନେ କରି ଗମନ,
ଦେଖିଲେ ନରେଶ  ଲାଗିଛି ନିବିଡ଼
ସୁରମ୍ୟ ବେତସ ବନ ।
ନର-ପଦଚିହ୍ନ  ଯାଇଛି ବେତସ-
କାନନ-ସୈକତ-ପଥେ,
ପ୍ରତିଆଗମନ  ପଦାଙ୍କ ନ ଦେଖି
ବିଚାରି କଲେ ସ୍ୱଗତେ ।
"କିଏ କିଏ ପଶି-  ଛନ୍ତି ଭିତରକୁ
କିସ କରୁଛନ୍ତି ରହି,
ଖରା ତ ପ୍ରଖର  ହେଲାଣି ଲେଉଟି
ନାହାନ୍ତି କି ଆଶା ବହି ?

ବେଳୁଁ ବେଳ ଏବେ ତପତୁଁ ତପତ-
ତର ହେଉଅଛି ବାଳି,
ଏତେବେଳେ ଫେରି ନାହାନ୍ତି କଦାପି
ଆଉ କି ପାରିବେ ଚାଲି ?
ମଧ୍ୟାହ୍ନ ସମୟ କରିବାକୁ କିବା
ବେତସ-କୁଞ୍ଜେ ଅତୀତ,
ମୁନି-କୁମାରୀଏ କରିଛନ୍ତି ଏହି
ରମ୍ୟ ସ୍ଥଳ ମନୋନୀତ ।
କଳକଳ ନାଦେ ବହୁଛି ନିକଟେ
ମାଳିନୀ ନିର୍ମଳ-ଧାରା,
ପୁଲିନ-ନିକୁଞ୍ଜ ନ ହେବ ଏ କାଳେ
କାହାର ହୃଦୟ-କାରା ?
ରଥାଙ୍ଗ-ମିଥୁନ ହେଇ ତ ବେତସ-
ଘନ ଛଦ-ଗୁମ୍ଫତଳେ,
ଏକ ଡାଳେ ବସି କିସ ଭାବୁଛନ୍ତି
ନୀରବେ ରହି ନିଶ୍ଚଳେ ।"
ଶୀତଳ ଚିକ୍କଣ ଉପଳକୁ ତହିଁ
ସୁଆସନ କରି ମନେ
ଅଲକ୍ଷିତେ ବସି ରହିଲେ ନରେଶ
ସେ ରମ୍ୟ ବେତସ-ବନେ ।
ଅଚିରେ ଅଦୂରେ ଶୁଭିଲା ରମଣୀ-
କୋମଳ କଣ୍ଠ-ସଙ୍ଗୀତ,
ମନ ଧ୍ୟାନ ଦେଇ ଶୁଣିଲେ ନରେଶ
ଥରେ ହୋଇ ଚମକିତ ।

[ ଗାନ ]

"ବିପିନ ଭିତରେ ସରେ କମଳିନୀ
ଥିଲା ଗିରି ଅନ୍ତରାଳେ,
ଜନମକାଳରୁ ଦର୍ଶନ ନ ଥିଲା
ଦିବାକର-କରଜାଳେ ।
ଦକ୍ଷିଣ ଭ୍ରମଣ ଶେଷ କରି ଏବେ
ଦର୍ଶନ ଦେଲେ ଭାସ୍କର,
ଦରଶନ ମାତ୍ର ଦେଲେ ଚଳିଥାନ୍ତା,
ବଢ଼ାଇଲେ ପୁଣି କର ।
ସେ କର-ପରଶ ଲଭି କମଳିନୀ
ହୋଇଗଲା ମୁହ୍ୟମାନ,
ଏକାଳେ ଜଳଦ- ଜାଲ ଆଚ୍ଛାଦିଲା
ରବି ହେଲେ ଅନ୍ତର୍ଦ୍ଧାନ ।
ପ୍ରଭାତରେ ପୁଣି ଉଇଁବାକୁ ରବି
ଦେଇ ଯାଇଥିଲେ ଆଶା,
ନଳିନୀ ରହିଛି ପ୍ରଭାତରୁ ଗାଢ଼େ
ଅନାଇ ଉଦୟ-ଆଶା ।
ବୁଝିଛନ୍ତି କି ନା କେ ଜାଣି ଜଗତ-
ଦ୍ୟୋତକ-ଦିବସ-ପତି,
ତିନି ଭୁବନରେ ତାଙ୍କ ବ୍ୟତିରେକେ
ନାହିଁ ନଳିନୀର ଗତି ।"
ସଙ୍ଗୀତ-ଶବଦେ ସ୍ତବ୍ଧ ହୋଇଗଲା
ନଦୀ-କଳ-କଳ ତାନ,
ନିଃଶବଦ ବନ ଝିଲ୍ଲି ରବ ରୋଧି
ଲଗାଇଲା ଅନୁଗାନ ।
ନ ଥିଲା ସଙ୍ଗୀତ ଅତି ଉଚ୍ଚ ଥିଲା
ମଧୁର ଗମ୍ଭୀର ଧୀର,
ନ ଥିଲା ତା ବଳ ଲଙ୍ଘି ଯିବା ପାଇଁ
ନଦୀ-ତୀର-ବନ-ଶିର ।
ସେ ସଙ୍ଗୀତ ଶୁଣି ଚକ୍ରବାକୀ-ମୁଖ
ଅନାଇଲା ଚକ୍ରବାକ,
ନଦୀ-କୂଳ-ବନ୍ଧୁ ପ୍ରିୟ ବାନ୍ଧବୀକି
ଶୁଣିବାକୁ ଦେଲା ଡାକ ।
କପୋତ ଚମକି ତୁନି ହୋଇ ଥରେ
ପୁଣି ତାଳଦେଲା ସ୍ୱର,
କୁହୁ କରି ଗୀତ- ସ୍ୱର ପ୍ରଶଂସିଲା
କୋକିଳ ଗାୟକବର ।
ସଙ୍ଗୀତ-ନିର୍ଝରେ ନୃପଙ୍କର ପ୍ରେମ-
କୁଣ୍ଡ ହୋଇ ଉଚ୍ଛଳିତ
ବଢ଼ିଗଲା ପ୍ରାଣ- ସରିତ ହୃଦୟ-
ପୁଳିନ ହେଲା ପ୍ଳାବିତ ।
ଉନ୍ମଥିତ ହୋଇ ଉନ୍ମତ୍ତ ପରାଏ
ପ୍ରବାହରେ ଗଡ଼ପଡ଼ି,
ନବୀନ ବଳରେ ମନ-ମୀନ ବେଗେ
ଉପରକୁ ଗଲା ଚଢ଼ି ।

ଶମ୍ପାଲୋକ ପଛେ ଶବଦ ପରାଏ
ମନ ପଛେ ନରବର,
ସିକତିଲ ପଥେ ନିକୁଞ୍ଜ ନିକଟ
ଗମନ କଲେ ସତ୍ୱର ।
ଅଲକ୍ଷରେ ଥାଇ ଲକ୍ଷ କଲେ କୁଞ୍ଜ-
ଗର୍ଭେ ପାଇ ରନ୍ଧ୍ର-ପଥ,
ଅନସୂୟା ସଖୀ କୁସୁମର ହାର-
ଗ୍ରନ୍ଥନେ ହୋଇଛି ରତ ।
ଶକୁନ୍ତଳା ଫୁଲ- ହାର ଚାହିଁ ପୁଣି
ମନେ ଭାବୁଥାଏ ଆନ,
ବୋଧ ହେଲା ତହିଁ ପ୍ରିୟମ୍ବଦା ସଖୀ
ଶେଷ କରିଥିଲା ଗାନ ।
ପ୍ରିୟମ୍ବଦା ହସି ଅନସୂୟା ପ୍ରତି
ବୋଇଲା, "ଥାଉ ତୋ' ହାର,
ମୁଁ ଯାହା ଜାଣିଲି ଗାଇଲି, ତୁ ଏବେ
ଗାଅ କିନା ଏକବାର ?"
ଅନସୂୟା ହସି ବୋଇଲା, "ତୋ ଗୀତ,
ପରି ନୁହଇ ମୋ' ଗୀତ,
ମୁଁ ଗୀତ ଗାଇଲେ ପରାଣ-ଦେବତା
ହୋଇଯିବେ ଉପନୀତ ।
ହାର ନୋହିଥିଲେ କି ଦେଇ ପୂଜିବ
ଶକୁନ୍ତଳା ପ୍ରାଣେଶ୍ୱରେ ?"
ଶକୁନ୍ତଳା-ଚିତ୍ତ ଆନେ ଥିଲା,ଶ୍ରୁତି
ନ ଥିଲା ତାଙ୍କ ଭାଷାରେ ।
ପ୍ରିୟମ୍ବଦା ତାହା ଜାଣି ଶକୁନ୍ତଳା-
କେଶ ସଜାଡ଼ିବା ଛଳେ,
ପୁଷ୍ପ ଆଭରଣେ ମଣ୍ଡିଦେଲା ତାର
କେଶ କର୍ଣ୍ଣ କଉଶଳେ ।
ଅନସୂୟା ଏଣେ ଅବସର ପାଇ
ପୂର୍ଣ୍ଣ କରିଦେଲା ହାର,
ପ୍ରିୟମ୍ବଦା ପୁଣି ବୋଇଲା, "ସଜନି !
ଗାଅ ଏବେ ଏକବାର ।"
ଅନସୂୟା ସମେ ବସି ହସି କରି
ସଙ୍ଗୀତକ ସାବଧାନ,
"ଦେଖ ଆସିଯିବେ ପରାଣ-ଦେବତା,"
ବୋଲି ଆରମ୍ଭିଲା ଗାନ ।
"ଚୂତ ପକ୍ୱ ହେଲେ କୋକିଳ ଆସଇ
ଭାଷଇ ମଧୁର ଭାଷା,
ପୁଣ୍ୟ ପକ୍ୱ ହେଲେ ପରାଣ-ଦେବତା
ପୂରଣ କରନ୍ତି ଆଶା ।
ନିର୍ମଳ ଗଗନେ ଚନ୍ଦ୍ର ଥିଲେ ସିନା
ଦିଶନ୍ତି କର-ଦର୍ପଣେ,
ନିର୍ମଳ ପୀରତି ଜାତ ହୋଇଥିଲେ
ପାଶକୁ ଆସନ୍ତି ଜନେ ।
ସୁଜନ ପ୍ରକୃତି ଲଭଇ ବିକୃତି
ଶୁଣା ନାହିଁ କାଳେ କାଳେ,
ସେ କଥା ଅନ୍ୟଥା ହେବାର ବ୍ୟବସ୍ଥା
ଅଛି କି ମୋ ସଖୀ ଭାଲେ ?
ରତ୍ନ-ପରୀକ୍ଷକ ରତନ ପାଇଲେ
ଦେଇ କି ପାରଇ ଛାଡ଼ି ?
ବିକସିତ ଫୁଲ ହସ୍ତରେ ପଡ଼ିଲେ
କେ ଦେଇଛି ପଦେ ମାଡ଼ି ।
ରସନା ବିକୃତ ନ ଥିଲେ ଅମୃତ
କାହାକୁ ଲାଗିଛି ପିତା ?
ଯା' କଣା ଲଭିଲେ ବିଶୁଷ୍କ ବଲ୍ଲରୀ
ହୋଇଯାଏ ପଲ୍ଲବିତା ।
ଆସ ମୋ' ସଖୀର ପରାଣ-ଦେବତା,
କାହିଁକି ଲୁଚିଛ ହୃଦେ ?
ସମ୍ମୁଖରେ ଥରେ ବିରାଜିତ ହୁଅ
ମୋ' ସଖୀ ପୂଜିବ ମୁଦେ ।"
"ଗାନ ଦିଅ ରଖି" ପ୍ରିୟମ୍ବଦା ସଖୀ
ବୋଇଲା ପରିହାସରେ,
"ବିଦ୍ୟୁତ ବେଗରେ ଆସିଲେଣି ନୃପ
ତୋ' ଦର୍ଦ୍ଦୁର-ବର-ସ୍ୱରେ ।"
"ଆସିଲେଣି ନୃପ" ଶବଦେ ଚମକି
ଶକୁନ୍ତଳା ଦେଲା ଚାହିଁ,
ନିକୁଞ୍ଜ ଦୁଆରେ ଉଭା ହୋଇଛନ୍ତି
ପ୍ରାଣପ୍ରିୟ ନରସାଇଁ ।

ଦୁହିଁ ସଖୀଦ୍ୱୟ ଉଭା ହୋଇଗଲେ,
ଉଭା ହେଲା ଶକୁନ୍ତଳା,
ସଖୀଯୁଗଳର ପାଦୁଁ ମୁଖଯାଏ
ଲଜ୍ଜା-ସ୍ରୋତେ ବୁଡ଼ିଗଲା ।
ଶକୁନ୍ତଳା ପ୍ରାଣ ଦୋଳାୟିତ ହେଲା
ପ୍ରେମ-ତରଙ୍ଗରେ ଭାସି,
ତିନିହେଁ ବିନତ- ବଦନା, କାହାକୁ
କେହି ନ ପାରନ୍ତି ଭାଷି ।
ପ୍ରିୟମ୍ବଦା ଦୁହିଁ ଭାବ ଜଣାଇଲା
ଶକୁନ୍ତଳା ପ୍ରତି ଠାରି,
ପଦପ୍ରକ୍ଷାଳନେ ବିଳମ୍ବ ନ କର
ତୁମ୍ଭି କାରେ ଅଛି ବାରି ।
ଶକୁନ୍ତଳା ସେହି ଭାର ଅରପିଲା
ଠାରି ଅନସୂୟା ପ୍ରତି,
କିନ୍ତୁ ଅନସୂୟା ଅସମ୍ମତା ହେଉ,
ବୋଲୁଥାଏ ତାର ମତି ।
ଅନସୂୟା ହସି ବୋଇଲା, "ସଜନି !
ନିଜେ ବହ ନିଜ ଭାର,
ବିଧି ଦେଇ ନାହିଁ ଅରଜି ନାହିଁ ମୁଁ
ସେ ଭାଗ୍ୟର ଅଧିକାର ।"
ପ୍ରେମ-ବିକମ୍ପିତ କରେ ଶକୁନ୍ତଳା
କଲା ପଦ ପ୍ରକ୍ଷାଳନ,
ପ୍ରିୟମ୍ବଦା ଏଣେ ସାଜିଦେଲା ନବ-
ପଲ୍ଲବେ କୋମଳାସନ ।
ସ୍ପରଶରେ ପର- ସ୍ପରେ ମନେ କଲେ
ଯୋଷାକର ଯୁବାପଦ,
ଗୁରୁ ନୁହେ ଏହି ଗଉରବ ତୁଲେ
ସ୍ୱରଗ-ପତି-ସମ୍ପଦ ।

ସଖୀ ଅନୁରୋଧେ ବସିଲେ ନରେଶ
କୋମଳ ପଲ୍ଲବାସନେ,
ରତ୍ନ-ସିଂହାସନେ ବସିବା ସୁଖରୁ
ବଳି ସୁଖ ହେଲା ମନେ ।
ସଖୀଙ୍କ ନିଦେଶେ ଶକୁନ୍ତଳା ଦେଲା
ନରପତି-ଗଳେ ହାର,
ପ୍ରାଣପତି ମଣି ମନେ ଦେଲା ଫୁଲ-
ହାର ସଙ୍ଗେ ପ୍ରେମ-ଭାର ।
ପ୍ରିୟମ୍ବଦା ହସି ବୋଇଲା, "ନରେଶ,
କି ଦେଇ ସଖୀ ଆମ୍ଭର,
*ତପସ୍ୱିନୀ କନ୍ୟା ତାପସ-ନିକୁଞ୍ଜେ
ତୋଷିବ ଅତିଥିବର ?
୧ ପାଣିଗ୍ରହଣରୁ ବୁଝିଅଛୁଁ କାଲି
ସ୍ୱଭାବେ ତୁମ୍ଭେ ଉଦାର,
୨ ବାହୁଲ୍ୟେ ମାତର କହୁଅଛୁଁ ଆମ୍ଭେ
ମୁନିକନ୍ୟା ହେ ଉଦାର ।
୩ କୁମାରୀ-ସୁମନ- ଦାମ ମାତ୍ର ଅଛି
ସମ୍ବଳ ଏ ତପୋବନେ,
ଚରିତାର୍ଥ କର ତାପସ-କୁଳକୁ
ତହିଁ ତୃପ୍ତି ଭରି ମନେ ।"
ଭାଗ୍ୟ ପରଶଂସି ରାଜା ମନେକଲେ,
ରୋଗୀ ଲୋଡ଼ୁଥିଲା ଯାହା,
ରୋଗ ପ୍ରଶମନ ବ୍ୟବସ୍ଥା ଶ୍ଳୋକରେ
ଭିଷକ ଭାଷିଲା ତାହା ।
ପ୍ରକାଶେ ବୋଇଲେ, "ତପସ୍ୟାର ଫଳ
ରାଜ-ପ୍ରାପଣୀୟ କର,
୪ ହୃଦୟର ହାର କରିଦେଲି ସିନା
ତାହା ତପସ୍ୱିନୀକର ।"

---

* ଅତିଥିସ୍ୱାମୀ ଓ ଅତିଥିଶ୍ରେଷ୍ଠ ।

୧-୨ । କାଲି ପାଣିଗ୍ରହଣରୁ (ହସ୍ତଧାରଣରୁ) ବୁଝିଅଛୁଁ, ତୁମ୍ଭେ ସ୍ୱଭାବେ ଉଦାର; ହେ ଉଦାର, ଆମ୍ଭେ ମୁନିକନ୍ୟା । ବାହୁଲ୍ୟ ମାତ୍ର କହୁଅଛୁଁ । ଅନ୍ୟ ପକ୍ଷେ କାଲି ପାଣିଗ୍ରହଣରୁ (ବିବାହବ୍ୟଞ୍ଜକ କାର୍ଯ୍ୟରୁ) ବୁଝିଅଛୁଁ, ତୁମ୍ଭେ ସ୍ୱଭାବେ ଉଦାର; ଆମ୍ଭେ ବାହୁଲ୍ୟ ମାତ୍ର କହୁଅଛୁଁ, ମୁନିକନ୍ୟା (ଶକୁନ୍ତଳା) ଦାର (ଭାର୍ଯ୍ୟା) ହେଉ ।

୩ । କୁମାରୀ-ସୁମନ-ଦାମ—କୁମାରୀର ସୁମନଦାମ । ଅନ୍ୟପକ୍ଷେ କୁମାରୀରୂପକ ସୁମନଦାମ ।

୪ । ତପସ୍ୱିନୀକର—ତପସ୍ୱିସମୂହ, ଅନ୍ୟ ପକ୍ଷେ ତପସ୍ୱିନୀକର—ଶକୁନ୍ତଳାର ହସ୍ତ ।

ପ୍ରିୟମ୍ବଦା ସଖୀ ନୃପଙ୍କୁ କହିଲା,
"ବନଫୁଲ ସମାଦୃତ
୧ ହେବ କି ପ୍ରମଦା- ରଣ୍ୟ ସାର ପୁଷ୍ପ
ସବୁ ଯହିଁ ସମାବୃତ ?"
ନରେଶ ବୋଇଲେ, "କରଗତ ହେଲେ
ନନ୍ଦନର ପାରିଜାତ,
ସହଜେ ପାଥି ବ ପ୍ରସୂନ ସକଳ
ହୋଇଥାନ୍ତି ଅବଜ୍ଞାତ ।"
୨ ସଖୀ ପଗ୍ଭରିଲା ସଖୀ ପ୍ରତି, "ସଖୀ-
ନନ୍ଦନ ପାଇବ କିସ ?
ବିଶ୍ୱାସଭାଜନ ନୁହନ୍ତି ଜଗତେ
ନଦୀ ନଖୀ ନରାଧୀଶ ।"
୩ ସେ ବୋଇଲା, "ଭାବୀ ନନ୍ଦନର କଥା
କି ହେବ ଆମ୍ଭେ ପଗ୍ଭରି ?"
୪ ନୃପତି ବୋଇଲେ, "ସତ ସତ ସତ
ସେ ମୋ ଉତ୍ତରାଧିକାରୀ ।"
ତାପସିକ ରସେ ନାଗରିକ ରସ
ତହିଁ ପ୍ରେମରସ ପଡ଼ି
ଅମା-ସ୍ୱାଷ୍ଟ-ଶନି ପ୍ରାପ୍ତେ ମିଳି କଲେ
ଆନନ୍ଦର ମହାଝଡ଼ି ।
ଝଡ଼ି-ଅନ୍ଧକାରେ ଭାସ୍କର ପରାଏ
ରାଜା ରାଜ-ଅଭିମାନ
ପ୍ରେମ-ପ୍ରାବଲ୍ୟରେ ନିକୁଞ୍ଜ-ଗଗନେ
ହୋଇଗଲା ଅପିଧାନ ।
ତପସ୍ୱିମାନଙ୍କର ଚିର-ଶୁଷ୍କ-ପ୍ରାଣ-
ଠାଙ୍ଗର ହିଁ ଗଲା ବୁଡ଼ି,
ଦୃଶ୍ୟ ହେଲା ନାହିଁ ଜ୍ଞାନ-ପଥ ସବୁ
ମନ ଗଲା ପଥ ହୁଡ଼ି ।
ଶକୁନ୍ତଳା ତହିଁ ସବୁ ଜାଣି ଜାଣି
କିଛି ନ ବୁଝିଲା ପରି,
ପୁଲକିତ ପ୍ରାଣେ ଲଜ୍ଜାଭରେ ଥାଏ
ମୁଖ ଅବନତ କରି ।
ମୃଗଶିଶୁଟିଏ ଦେଖିଲେ ସଖିଏ
ନିକୁଞ୍ଜ ପ୍ରାଙ୍ଗଣେ ଛିଡ଼ା,
ଜନନୀକି ତାର ଲୋଡ଼ୁଛି ଯେମନ୍ତ
ପାଇ କ୍ଷୁଧା ତୃଷା ପୀଡ଼ା ।
ପ୍ରିୟମ୍ବଦା ଉଠି "ଆହା ମୃଗ-ଶାବ
ହୋଇଅଛି କ୍ଷୁଧାତୁର,
ତା ମା ନିକଟକୁ ନେଇ ଦିଏଁ" ବୋଲି
ନିକୁଞ୍ଜରୁ ହେଲା ଦୂର ।
ଅନସୂୟା ଉଠି "ଶିଶୁଟିକୁ ଜଳ
ଦେଇ ତୁ ଯତନ କର,
ମୃଗୀକୁ ମୁଁ ଧରି ଆଣୁଅଛିଁ" ବୋଲି
ତା ସଙ୍ଗେ ଗଲା ସତ୍ୱର ।
ଶକୁନ୍ତଳା ହୋଇ ଉତ୍‌ଥିତ ବୋଇଲା,
"ମୁଁ ହେଲି ଯେ ଏକାକିନୀ ?"
ରାଜା-"କିଏ ସେ ରଖିଛି ନିକୁଞ୍ଜରେ ମୋତେ
ପ୍ରେମଧନେ ଏକା କିଣି ?"
୫"ମୁଁ ନ ଜାଣେ" କହି ଶକୁନ୍ତଳା ହେଲା
ଯିବା ପାଇଁ ତରତର,
୬ରାଜା-"ମୁଁ ନଜାଣେହେଲେ ବସିଏନିଭୃତେ
ସୁବର୍ଣ୍ଣ ରଚନା କର ।"

---

୧ । ପ୍ରମଦାରଣ୍ୟ—ରାଜାଙ୍କର ଅନ୍ତଃପୁରସ୍ଥ ଉଦ୍ୟାନ, ଅନ୍ୟପକ୍ଷେ ସ୍ତ୍ରୀସମାଜ ।

୨ । ସଖୀ ପ୍ରତି ସଖୀ ପଗ୍ଭରିଲା, ଗୋ ସଖି, ନନ୍ଦନ (ଇନ୍ଦ୍ରୋଦ୍ୟାନ) କିସ ପାଇବ ? ଅନ୍ୟପକ୍ଷେ ସଖୀ ସଖୀ ପ୍ରତି ପଗ୍ଭରିଲା, ସଖୀନନ୍ଦନ (ଶକୁନ୍ତଳାର ପୁତ୍ର) କିସ ପାଇବ ? ୩ । ସେ ବୋଇଲା, ନନ୍ଦନର (ଇନ୍ଦ୍ରୋଦ୍ୟାନର) କଥା ଆମ୍ଭେ ଭାବି (ଚିନ୍ତାକରି) ପଗ୍ଭରି କି ହେବ ? ଅନ୍ୟପକ୍ଷେ ସେ ବୋଇଲା, ଭାବୀ ନନ୍ଦନର ( ଭବିଷ୍ୟତ ପୁତ୍ରର ) କଥା ଆମ୍ଭେ ପଗ୍ଭରି କି ହେବ ?

୪ । ଉତ୍ତରାଧିକାରୀ—ଉତ୍ତରର ଅଧିକାରୀ, ଅନ୍ୟପକ୍ଷେ ପରବର୍ତ୍ତୀ ଅଧିକାରୀ ।

୫ । ମୁଁ ନ ଜାଣେ—ମୁଁ ଜାଣେ ନାହିଁ ।

୬ । ମୁଁ ନ ଜାଣେ ହେଲେ— ଲେଖନୀ-ମୁଖ ଜାଣ ହେଲେ, ସୁବର୍ଣ୍ଣ— ଉତ୍ତମ ଅକ୍ଷର ।

ଶକୁ-"ନ ଜାଣଇଁ ମୁହିଁ କାନନବାସିନୀ
ରଚନାଟି ସୁଧା କଣ ?"
ରାଜା-"ସତ କହିଲ ଗୋ ସୁଧାସୁଭାଷିଣୀ
ରଚନା ତ ସୁଧାକଣ ।"
ଶକୁ-"ସୁଧାକଣା କାହୁଁ ପାଇବି, ତା ପରା
ଥାଏ ପୂର୍ଣ୍ଣ ଶଶଧରେ ?"
ରାଜା-"ସେ ତ ସକଳଙ୍କ ପୂର୍ଣ୍ଣ ଅଛି ସୁଧା
ଅକଳଙ୍କ ତୋ ଅଧରେ ।"
ଏରୂପେ ବିବିଧ କୌତୁକେ ବିନୋଦେ
ବେଳ ହେଲା ଅବସାନ,
କୁଞ୍ଜ-ରନ୍ଧ୍ର-ପଥେ ଗୃହିଁ ତାଙ୍କ ରାତି
ସ୍ନିଗ୍ଧ ହେଲେ ବିବସ୍ୱାନ ।
ପର ପ୍ରେମ ଗୃହିଁ ନିଜ ପ୍ରେମ ସଦା
ହୋଇଥାଏ ବିସ୍ତାରିତ,
ଛାୟା ଲୋଭେ ତରୁ- ମୂଳକୁ ଭାସ୍କର
କର କଲେ ପ୍ରସାରିତ ।
ଭାନୁ ଆଲିଙ୍ଗନେ ପ୍ରଫୁଲ୍ଲ ବିଗ୍ରହେ
ଛାୟା ତେଜି ତରୁ-ତଳ,
ଉଦୟାଦ୍ରି-କୁଞ୍ଜ ବିଳାସ-ଲାଳସେ
ଚଳିଲା ହୋଇ ଚଞ୍ଚଳ ।
ଗଲାବେଳେ ଲମ୍ବ ହୋଇ ପଡ଼ି ଛାୟା
ତରୁବର-ପଦ ଧରି,
ବୋଇଲା, "ଆସିବି, ଆସିବେ ଯଦ୍ୟପି
ମୋ ଚନ୍ଦ୍ରିକା-ସହଚରୀ ।"
ଅଦୂର କାନନେ ପ୍ରିୟମ୍ବଦା ତେତେଣେ
ଇଙ୍ଗିତରେ ଦେଲା ଡାକ,
"ନଳିନୀକି ତେଜି ମିହିର ଗଲେଣି
ଚକ୍ରବାକ ଚକ୍ରବାକୀ !"
ଶିବିରକୁ ଗଲେ ନୃପତି, ସୁନ୍ଦରୀ
କୁଟୀରକୁ ହେଲା ମାତ,
ସୁନ୍ଦରୀ-ହୃଦୟେ **ପ୍ରଣୟ-ପ୍ରସୂନ**
ହୋଇଗଲା ବିକସିତ ।
ବିଦାୟକାଳୀନ ସତୃଷ୍ଣ-ଦର୍ଶନ
ନୃପତିଙ୍କ ସ୍ମରି ସ୍ମରି,
ପ୍ରଣୟ-ପ୍ରମୋଦ- ବିମୁଗ୍ଧା ସୁନ୍ଦରୀ
ଯାପନ କଲା ଶର୍ବରୀ ।
ଦିନା ଚାରି ରହି ସେ ବନେ ନରେଶ
ପ୍ରମୋଦେ କରି ବିଳାସ,
ନଗରୀକୁ ଗଲେ ସୁନ୍ଦରୀକି ଦେଇ
ପରେ ଘେନିଯିବା ଆଶ । ୯୧ ।

# ଚତୁର୍ଥ ସର୍ଗ

## ପ୍ରଣୟ-ସୌରଭ

ନରପତି ଗଲେ ନିଜ ନଗରୀକୁ
ସୁନ୍ଦରୀ ରହିଲା ବନେ,
ନରପତିଙ୍କର ବିଳାସ ସକଳ
ଲୀଳା କଲା ବାମା-ମନେ ।
ଚିର ଆଚରିତ କରମେ ବାମାର
ମନ ହେଲା ଉଦାସୀନ,
ନବ ନବ ସୁଖ- ମୟୀ ସ୍ମୃତି ଆସି
ତହିଁ ହେଲେ ସମାସୀନ ।
ରାଜପୁର, ରାଜ- ବିଭବ, ନଗର,
ଅଶ୍ୱ, ଗଜ, ଦାସ, ଦାସୀ,
ବିଚରଣ କଲେ ବନବାସିନୀର
କଳ୍ପନା-କ୍ଷେତ୍ରରେ ଆସି ।
ମନେ ମନେ ସଜ ହୋଇ ଯାଉଥାଏ
ପତିପୁର ଯିବା ପାଇଁ,
ଦୁଃଖ କରେ ପୁଣି ଚିରସଙ୍ଗିନୀଙ୍କ
ଭାବୀ ବିରହକୁ ଧ୍ୟାୟି ।

ସେନେହ-ପୋଷିତ ମୃଗ ବିହଙ୍ଗଙ୍କୁ
ଏବେ ଛାଡ଼ିଯିବ ବୋଲି,
ସ୍ନେହମୟୀ-ଦୃଷ୍ଟି ଦେଉଥାଏ ତାଙ୍କ
ସୁନ୍ଦର ଅଙ୍ଗରେ ବୋଳି ।
କେବେ ଉଭା ହୋଇ ସ୍ୱହସ୍ତ-ବର୍ଦ୍ଧିତ
ପାଦପ-ବଲ୍ଲରୀ-ପାଶେ,
କରୁଥାଏ ତାଙ୍କ ଭବିଷ୍ୟତ ଚିନ୍ତା
କଳ୍ପିତ-ବିରହୋଚ୍ଛ୍ୱାସେ ।
ଆଶ୍ରମର ସ୍ନେହ- ବରଷାରେ ମିଶି
ହସ୍ତିନାର ପ୍ରେମ-ବାତ,
ମୁହୁର୍ମୁହୁ କରି- ଦେଉଥାଏ ତାର
ପରାଣେ ପୁଲକ ଜାତ ।
ପ୍ରଥମେ ପ୍ରଥମେ ସମୟର ସ୍ରୋତ
ପ୍ରବାହିତ ହେଲା ଖର,
ଦିନୁଦିନ ହୋଇ ଆସିଲା ତା ଗତି
କ୍ରମେ ମନ୍ଦ ମନ୍ଦତର ।
କାନ୍ତ-ଦରଶନ ଉତ୍କଣ୍ଠା ବାମାର
କ୍ରମଶଃ ହୋଇ ଉନ୍ନତ,
ସ୍ଥିରୁ ସ୍ଥିରତର କଲା ସମୟକୁ
ରୁଦ୍ଧ କରି ଗତି-ପଥ ।
ଶକୁନ୍ତଳା ମନ ସହିତ ସମୟ
ଉଜାଣି ରଚିଲେ ଗତି,
କଳ୍ପନା ଆଣିଲା ଆଶ୍ରମ-ଅତିଥି
ହସ୍ତିନା-ଅବନୀ-ପତି ।
କୁଞ୍ଜ-ଆଳାପନେ, କାନନ-ଭ୍ରମଣେ
ହେଲା ତାଙ୍କ ସଙ୍ଗେ ରତି,
ମନ କାଳ ସୃଷ୍ଟି ଅବଲୋକି ଜ୍ଞାନ
ହେଲା ତାଙ୍କ ଅନୁଗତ ।
ଶକୁନ୍ତଳା-ଦେହ ମାତ୍ରକ ରହିଲା
ଆଶ୍ରମ-କୁଟୀରେ ବସି,
ନିକଟେ ନ ଥିଲେ ସଖୀମାନେ କିମ୍ବା
ଅନ୍ୟ ତାପସ ତାପସୀ ।
କୁଟୀର-ପ୍ରାଙ୍ଗଣେ ଉପଗତ ହେଲେ
ଅତିଥିରୂପେ ଦୁର୍ବାସା,
ଦେଖିଲେ କୁମାରୀ ବସିଅଛି, କିନ୍ତୁ
ନ କହିଲା ତାଙ୍କୁ ଭାଷା ।
"ଅତିଥି ମୁଁ" ବୋଲି ଉଚ୍ଚାରିଲେ ମୁନି
କୁମାରୀ ଶୁଣିଲା ନାହିଁ,
କେମନ୍ତେ ଶୁଣନ୍ତା ତା ମନ-ଅତିଥି
ହୋଇଥିଲା ଦୂରେ ଯାଇ ।
ତହିଁ ମୁନିବର ବିସ୍ମୟ ସହିତ
ମନେ ବହି ଅପମାନ,
ଉଚ୍ଚରେ ବୋଇଲେ, "ଅଭିମାନିନି ଲୋ,
କାହିଁ ଥାଇ ତୋ କି ଧାନ ?
ମୁନି-ଆଶ୍ରମରେ ଥାଇ ତୋ ଆଶ୍ରମ-
ବିଧାନରେ ଅବହେଳା,
କର୍ତ୍ତବ୍ୟ କରମ ଏଡ଼ି ତୋ ମାନସ
ଦୂରେ କରୁଅଛି ଖେଳା ।
ଯେନ ପୂଜ୍ୟ-ପୂଜା- ବ୍ୟତିକ୍ରମ-ଫଳ
ଯା'ଠାରେ ରଖିଛୁ ଲୟ,
ସେ ତୋତେ ଚିହ୍ନିବ ନାହିଁ ତୁ ଦେଲେହେଁ
ଆପଣାର ପରିଚୟ ।"
ଏହା କହି ମୁନି ଚଳି ଯାଉଥିଲେ,
ଜାଣିଲେ ସଜନୀଦ୍ୱୟ,
ନିକଟ କାନନେ ଫୁଲ ତୋଳୁଥିଲେ
ଲଭିଲେ ଘୋର ବିସ୍ମୟ ।
ଧାଇଁ ମହର୍ଷିଙ୍କ ପାଦତଳେ ପଡ଼ି
ବହୁତ କରି ବିନୟ
ବୋଇଲେ,"ତାତ ହେ, କ୍ଷମ ଦୋଷ ହୋଇ
ବାଳିକା ପ୍ରତି ସଦୟ ।"
ତାପସୀଙ୍କ ଅତି କାରୁଣ୍ୟରେ ହେଲା
ମୁନିଙ୍କ କୋପ ଶୀତଳ,
ଦାବ-ଦଗ୍ଧ-ଗିରି ହୁଅଇ ଯେସନ
ଲଭି କାଦମ୍ବିନୀ-ଜଳ ।
ବୋଇଲେ ମହର୍ଷି, "ଯା'କୁ ଚିନ୍ତୁଥିଲୁ,
ଥିଲେ ତାର ନିଦର୍ଶନ,
ପୂର୍ଣ୍ଣ ପରିଚୟ ପାଇବ ତାହାକୁ
କଲେ ତାହା ପ୍ରଦର୍ଶନ ।"

ତାପସୀଏ ଶୁଣି ଫେରି ବିଚାରିଲେ,
"ବିପଦ-ସାଗର ତଟ
ମିଳିଲା, ଏ କଥା ହେବ ନାହିଁ କିନ୍ତୁ
କୁମାରୀ-ପାଶେ ପ୍ରକଟ ।
କୁମାରୀଙ୍କ ନୃପ ହେମ-ଅଙ୍ଗୁରୀୟ
ଅଛନ୍ତି କରି ପ୍ରଦାନ,
ସେହି ଅଙ୍ଗୁରୀୟ କରିବ ତାହାଙ୍କ
ବିଲୁପ୍ତ-ସ୍ମୃତି ଉତ୍ଥାନ ।
ବିଶେଷତଃ ତହିଁ ହୋଇଛି ନିର୍ମଳେ
'ଦୁଷ୍ମନ୍ତ' ନାମ ଉତ୍କୀର୍ଣ୍ଣ,
କଭୁରୀ ହୋଇ ସେ କରିଦେବ ତାଙ୍କ
ସଂଶୟ-ବନ୍ଧନ ଛିନ୍ନ ।"
ସଖୀଏ ବୋଇଲା, "ସଖି, ଏକ କଥା
ସଂଶୟ ମଣୁଛି ମନେ,
ଦୁଇ ଦୁଇ ଅର୍ଥ ହେଉଥିଲା ତାଙ୍କ
ସହିତ ଆମ୍ଭ ବଚନେ ।
ଯଦି କୁମାରୀର ପ୍ରତିକୂଳେ ନୃପ
ପ୍ରକାଶନ୍ତି ସବୁ ଅର୍ଥ,
ତେବେ ତ କୁମାରୀ କଳଙ୍କ-ସାଗରେ
ଜୀବନ କରିବ ବ୍ୟର୍ଥ ।"
ଅପରୀ ବୋଇଲା, "ମନ୍ଦ ତେଜି ଭଲ
ଭାବ ଘେନିଥାନ୍ତି ସନ୍ତ,
ମନ ବଚନରେ କର୍ମର ଏକତା
ରଖନ୍ତି ଚରିତ୍ରବନ୍ତ ।
ପ୍ରତିକୂଳ ଅର୍ଥ କେମନ୍ତେ କରିବେ
କରି ଅନୁକୂଳ କର୍ମ,
କର୍ମେ ତାହାଙ୍କର ଫଳିତ ହୋଇଛି
ମନ-ବଚନର ମର୍ମ ।
ବଦନର ଭାବ ମାନବ-ହୃଦୟ-
ପୁସ୍ତକର ସୂଚୀପତ୍ର,
ବଚନେ ବର୍ଣ୍ଣିତ ହୋଇଥାଏ ସେହି
ପୁସ୍ତକର ପ୍ରତି ଛତ୍ର ।
ମୋହୋ ଜାଣିବାରେ ନୃପଙ୍କ ହୃଦୟ
ପ୍ରସନ୍ନ ପ୍ରଶସ୍ତ ପୂତ,
କପଟତା କମ୍ପା ଶଠତା ତହିଁରେ
ନ ପାରେ ହୋଇ ସମ୍ଭୂତ ।
କିନ୍ତୁ ସେ ତ ରାଜା ରାଜଧର୍ମବଶେ
ରାଜକର୍ମେ ଥିବେ ରତ,
ମୁନି ଅଭିଶାପ ରୋଧିଦେବ ତାଙ୍କ
ପ୍ରଣୟ-ସ୍ମରଣ-ପଥ ।
କହି ଯାଇଛନ୍ତି ଆସିବାକୁ ଯାହା
ଆଉ ତ ଆସିବେ ନାହିଁ,
ଉପାୟ କେବଳ ଆବଶ୍ୟକ ଏବେ
ତାଙ୍କ ଦରଶନ ପାଇଁ ।
ତାତ କହିଥାନ୍ତି, 'ଯହିଁ ଯେତେ ସୁଖ
ତହିଁ ଥାଏ ତେତେ ବିଘ୍ନ,
ସୁଖ ନ ମିଳଇ ଦୁଃଖ ଭୟ କରି
ଚିତ୍ତ କଲେ ଉଦବିଗ୍ନ' ।"
ତା ପରେ ତାପସ- କନ୍ୟାଦ୍ୱୟ ଗଲେ
ଶକୁନ୍ତଳା ସନ୍ନିଧାନ,
ଦେଖିଲେ ସୁନ୍ଦରୀ ବାମକରେ ଗଣ୍ଡ
ଥୋଇ କରୁଅଛି ଧ୍ୟାନ ।
ପୁତ୍ତଳିକା ପରି ବସିଛି, ସମ୍ମୁଖେ
ଭୂତଳେ ହୋଇଛି ଲେଖା,
'ଦୁଷ୍ମନ୍ତ', ଅକ୍ଷର- ନୟେ ମୁହୁର୍ମୁହୁ
ଚଳୁଛି କଠିନୀ-ରେଖା ।
'ଦୁଷ୍ମନ୍ତ' 'ଦୁଷ୍ମନ୍ତ' ପଢ଼ନ୍ତେ ସଖୀଏ
ଅନାଇଦେଲା ସୁନ୍ଦରୀ,
ନାହିଁ ନରପତି, ଉଭା ହୋଇଛନ୍ତି
ମାତ୍ର ବେନି ସହଚରୀ ।
ନ ଜାଣଇ କିସ ଲେଖିଅଛି ତଳେ
ସଖୀଏ ହସନ୍ତି ଚାହିଁ,
ନିଜେ ପଢ଼ି ପରେ ମେଣ୍ଟାଇଲା ଖରେ
ପ୍ରେମାଙ୍କିତ ଲଜ୍ଜା ପାଇ ।
ସଖୀ-ପରିହାସ ନ ଗଣି ସତ୍ୱରେ
ଶିରେ ପୋଛିଦେଲା କର,
ସଖୀଏ ବୋଇଲା, "ଲଲାଟ ବିଭୂତି-
ଲେଖା ହେଉ ଦୁଃଖହର ।"

ଆଣିଥିଲେ ଫୁଲ    ସଜମାଦ୍ଧିଚୟ
ନିଚୟ ବିମଳ ମନେ,
ନେଇ ଦେବାଳୟେ    ଗୌତମୀ ସହିତ
ଲାଗିଲେ ଦେବ-ଅର୍ଚ୍ଚନେ ।
କେତେ ଦିନ ପରେ    ଆଶ୍ରମେ ଆସିଲେ
କଣ୍ୱ ମୁନି ସୁଧୀବର,
ଶକୁନ୍ତଳା ତାଙ୍କ,    ପଦ ବନ୍ଦି ପାଶୁଁ
ଅନ୍ତର ହେଲା ସତ୍ୱର ।
ଆଉ ଯେତେ ଥିଲେ    ତାପସ ତାପସୀ
ବନ୍ଦି ମୁନି ପାଦତଳେ,
ମୁନି ପଚାରନ୍ତେ    ବୋଇଲେ ସମସ୍ତେ
ଅଛନ୍ତି ରହି କୁଶଳେ ।
ପୁଣି ନିଜ ନିଜ    କାର୍ଯ୍ୟରେ ଲାଗିଲେ
ମୁନିଙ୍କ ଆଦେଶ ପାଇ,
କେ କଲା ଯଜନ    କେ ବା ଅଧ୍ୟୟନ
ପୂର୍ବ ରୀତି ଅନୁଯାୟୀ ।
ସଖୀ ସଙ୍ଗେ ଥାଏ    ଶକୁନ୍ତଳା, କିନ୍ତୁ
ମୁନିଙ୍କୁ କଲେ ଦର୍ଶନ,
କିଛି ଛଳ କରି    ଦୂର ହୋଇଯାଏ
ବିନତ କରି ବଦନ ।
କୁମାରୀ-ସୁଲଭ    ସରଳତା ତାର
ସ୍ୱଭାବକୁ ପରିହରି,
ଭୟେ ଭୟେ ଲଜ୍ଜା    ପଛେ ଲୁଚିଥାଏ
ତନୁ ସଙ୍କୁଚିତ କରି ।
ଦିନେ ମହାଋଷି    ତରୁମୂଳେ ବସି
ଭାବୁଥାନ୍ତି ମନେ ମନେ,
ଭିନ୍ନ ଭିନ୍ନ ରୀତି    ଦିଶୁଅଛି କିପାଁ
ଶକୁନ୍ତଳା ଆଚରଣେ ।
ପୂର୍ବପରି ଆସି    ମୋ' ଆଗେ ଭରସି
କହୁ ନାହିଁ କିପାଁ କଥା,
ସମକ୍ଷେ ପଡ଼ିଲେ    ଅପସରି ଯାଏ,
ଅବନତ କରି ମଥା ।
ତନୁ ଆବରଣେ    କେତେବେଳେ ତାର
ଦିଶୁ ନାହିଁ ଅବହେଳା,
ମୁଖ କାନ୍ତି ତାର    ଭିନ୍ନ ଦିଶୁଅଛି
ଜୀବନେ ତା କିସ ହେଲା ?
କାକ ବସିଥିଲା    ପାଦପ ଉପରେ
କଲା କିସ କିସ ରବ,
ଧ୍ୟାନ ଦେଇ ମୁନି    ଶୁଣି ଅବଗତ
ହେଲେ ସେ ରହସ୍ୟ ସର୍ବ ।
ବିଦେ-ବିଦିତ    ହେଲେ ଶକୁନ୍ତଳା-
ଦୁଷ୍ମନ୍ତ-ପ୍ରଣୟ-କଥା,
ମନେ କଲେ ଚୂତ-    ପାଦପ ବରିଛି
ଯୋଗ୍ୟ ସହକାର ଲତା ।
ଆନନ୍ଦିତ ହେଲେ    ଆତୁର ଜାଣି ସେ
ଲତିକା ଧରିଛି କଷି,
ନିଜ ଅଭିଳାଷ    ସଫଳ ମଣିଲେ
ସୁତାଭାଗ୍ୟ ପରଶଂସି ।
ବିଚାରିଲେ ମନେ    ପିତାପୁରେ ସୁତା
ଥିବା ନୁହେ ଶ୍ରେୟସ୍କର,
ନିଜ ଲୋକ ସଙ୍ଗେ    ପତି ସମୀପକୁ
ପଠାଇଦେବା ସତ୍ୱର ।
ଗୌତମୀଙ୍କି ଡାକି    ବୋଇଲେ, "ସୁସିଦ୍ଧ
ହୋଇଛି ମୋ ସଙ୍କଳପ,
ଶକୁନ୍ତଳା ଯୋଗ୍ୟ-    ବର ପାଇଁ ଯାହା
କରି ଯାଇଥିଲି ତପ ।
ଆସି ଅବଗତ    ହେଲି, ବିଜେ ନିଜେ
କରି ହସ୍ତିନା-ଭୂପତି,
ପ୍ରୀତିସହକାରେ    ଶକୁନ୍ତଳା-କର
ଗ୍ରହଣ କରିଅଛନ୍ତି ।
ହସ୍ତିନାକୁ ଏବେ    ଯାଉ ଶକୁନ୍ତଳା
ସେବିବ ସ୍ୱାମୀଚରଣ,
ଉଚିତ ନୁହେ ତା    ପକ୍ଷେ ଆଉ ଏହି
କାନନେ ତପଶ୍ଚରଣ ।
କାଲି ପ୍ରଭାତରୁ    ଉଠି ତୁମ୍ଭେ ଘେନି
ସଙ୍ଗରେ ତାପସଦ୍ୱୟ,
ଶକୁନ୍ତଳାକୁ ମୋ'    ଦେଇଆସ ଯାଇ
ହସ୍ତିନାରାଜ-ନିଳୟ ।"

କାଶ୍ୟପ-ବଚନ ଗୌତମୀ ଶ୍ରୁତିକ
ହୋଇ ଆନନ୍ଦର ଝର,
ହୃଦୟ-କ୍ଷେତ୍ରକୁ ବିକ୍ଷୋଭିତ କରି
ଦାରୁଣେ ବହିଲା ଖର ।
ଆଜନମ କୋଳ- ଲାଳିତା ସ୍ନେହର
ମୂର୍ତ୍ତି ହେବ ରାଜରାଣୀ,
ଚରିତାର୍ଥ ହେବ ନାହିଁ କା ଶ୍ରବଣ
ଶୁଣିଲେ ସେ ମଧୁବାଣୀ ?
ନୟନ-ପ୍ରତିମା ଚିରଦିନ ପାଇଁ
ନୟନରୁ ହେବ ଅନ୍ତର,
ସେ କଥା ଭାବିଲେ ଦୁଃଖେ ବିଦାରିତ
ସହଜେ ହୁଏ ଅନ୍ତର ।
କ୍ଷଣକେ ସେ କଥା ବିସ୍ତାରିତ ହେଲା
କୁଟୀରେ କୁଟୀରେ ଯାଇ,
ଦୂରଗମେ ଯଥା ବଢ଼ିଥାଏ ଦୀପ
ନିକଟ ବସ୍ତୁର ଛାଇ ।
ହସି ହସି କେହି ତାପସୀ କହିଲା,
"ପୂର୍ବରୁ ମୁଁ ଥିଲି ଜାଣି,
ଶକୁନ୍ତଳା ଦିନେ ଅଳଙ୍କୃତା ହେବ
ଦୁଷ୍ମନ୍ତଙ୍କ ରାଜଧାନୀ ।"
କେ ବୋଇଲା,"ଆମ୍ଭ ଶକୁନ୍ତଳା ଯାଇ
ଲଭିଲେ ରାଜ-ସମୃଦ୍ଧି,
ଅଧିକୁ ଅଧିକ ହେବ ଏବେ ଆମ୍ଭ
ଆଶ୍ରମର ଭାଗ୍ୟବୃଦ୍ଧି ।"
କେ ବୋଇଲା, "ଏତେ କଥା ହୋଇଅଛି,
କିଛି ମୁଁ ନ ଥିଲି ଜାଣି,
କିଏ ବା ଜାଣିବ ଉପବାସୀ ଜନ
ନିମନ୍ତ୍ରି ପିଇଲେ ପାଣି ?"
କେ ବୋଇଲା, "ଏହୋ ଶକୁନ୍ତଳା ହସେ
କିଛି ନ ଜାଣିଲା ପରି,
ଦେଖ କି କୌଶଳେ ସୌଭାଗ୍ୟ-ମନ୍ଦିର
ନେଇଛି ପ୍ରସ୍ତୁତ କରି ।"
ଅପରା ବୋଇଲା, "ଜାଜ୍ୱଲ୍ୟ ଗୌରବ
ଚାହିଁ ଭାଗ୍ୟ ନିଏ ବରି,

କ୍ଷତ୍ରିୟନନ୍ଦିନୀ ବୋଲି ସିନା ତାକୁ
ଚିହ୍ନିଲେ ନୃପକେଶରୀ ।
ଆଉ ଏକ କଥା ଲୋକଙ୍କୁ ନିପୁଣ
କରାଏ ପ୍ରକୃତିଗୁଣ,
ଶିକ୍ଷଣ କରିବାକୁ ଯାଇ ନ ଥାଏ କେ
ବନ କଣ୍ଟକର ମୁନ ।
ସମ ଜାତି ଦେଖି ପରସ୍ପର ମନ
ସ୍ୱଭାବେ ହୁଅଇ ସମ,
ବାୟସ-ପାଳିତ ପିକ-ଶାବ ପିକେ
ମିଶିବାକୁ ହୁଏ କ୍ଷମ ।"
ପ୍ରିୟମ୍ବଦା ଶୁଣି ସହାସ୍ୟେ କହିଲା,
ଅନସୂୟା ମୁଖ ଚାହିଁ,
"ସଜନି ! ସଂଶୟ- ତରଣୀ ଲଗିଲା
ସୁବର୍ଣ୍ଣ ଭୂମିରେ ଯାଇ ।"
ଅନସୂୟା ମୁଦ ସମୁଦିତ ହେଲା
ପ୍ରକାଶିଲା ନିଜ ଭାଷ,
"ସତେ ସଖି ! ସତ- କାର୍ଯ୍ୟରେ ସହାୟ
ଚନ୍ଦ୍ରାମଣି ବିଶ୍ୱବାସ ।"
ଶକୁନ୍ତଳା କର୍ଣ୍ଣେ ପଡ଼ନ୍ତେ ସେ କଥା
ବିଚାରିଲା ନିଜ ମନେ,
"ଦୁହିତାର ଦୋଷ କ୍ଷମିବାକୁ ପିତା
ତୁଲ୍ୟ ନାହିଁ ତ୍ରିଭୁବନେ ।
ପାଳିଛନ୍ତି ମୋତେ ତାତ ପିତୃ-ମାତୃ-
ସ୍ନେହ କରି ସମନ୍ୱୟ,
କଥା ପଦେ ସୁଦ୍ଧା ତାଙ୍କୁ ନ ପଚାରି
ଜୀବନ କଲି ବିନିମୟ ।
ଧନ୍ୟ ଧନ୍ୟ ପିତା ! ଗେହ୍ଲାଇ ସୁତାର
କିଛି ନ ଧରିଲେ ଦୋଷ,
ତ୍ରୁଟି ଚାହିଁ ସ୍ନେହ ନ ତୁଟି ତାଙ୍କର
ଅଧିକ ବଢ଼ିଛି ତୋଷ ।
ହୃଦୟ ତାଙ୍କର ନ କଲି ହୃଦୟ
ହେଉଥିଲା ମୋ' ଅସ୍ଥିର,
ପ୍ରବାଳ ଲତିକା କେମନ୍ତେ ଜାଣିବ
ସାଗର କେତେ ଗଭୀର ?

ଆସିବାକୁ କାନ୍ତ କହି ଯାଇଥିଲେ
ନ ଆସିଲେ ଆଜଯାଏ,
ତାଙ୍କ ପ୍ରେମ ଅବା କେମନ୍ତେ କଳିବ
ତାହା ତ ସିନ୍ଧୁ ପରାଏ ।
କାନ୍ତ-ପ୍ରେମ ହେବେ ସାଗର ମୋ' ପ୍ରେମ
ହେବ ତ ସରିତ ସର,
ସାଗର ଅଙ୍କକୁ ସରିତ ଯିବାକୁ
ନ ଥାଏ ତ ଅପସର ।
ଉଚ୍ଚ ଲୋକଠାରେ ଉଚ୍ଚ ଆଶା କଲେ
ନ ହୁଏ କେବେ ନିଷ୍ଫଳ,
ଜଳସ୍ତମ୍ଭ ଯେବେ ଊର୍ଦ୍ଧ୍ୱକୁ ଉଠଇ
ବରଷଇ ମେଘଜଳ ।
ହସିବେ କି ତାଙ୍କ ରମଣୀମଣ୍ଡଳ
ମୋର ସେହି ଚିତ୍ତ ଗୃହିଁ ?
ତରଙ୍ଗ-ଭ୍ରୂଭଙ୍ଗ ନ ଗଣି ତଟିନୀ
ସାଗରେ ପଶଇ ଯାଇଁ ।"
ଏହିରୂପେ କେତେ କଳ୍ପନା ଜଳ୍ପନା
ଲାଗିଗଲା ତପୋବନେ,
ସମସ୍ତେ ଜାଣିଲେ, ଶକୁନ୍ତଳା ଯିବ
ପରାହେ ପତିଭବନେ ।
ଦିନକ ମାତର ଥାଇ ତପୋବନେ
ରାଜରାଣୀ ହେବ ଯାଇ,
ମୁନି-କନ୍ୟାଗଣ ଜାଣି ତାକୁ ସ୍ନେହ
ସିନ୍ଧୁରେ ଦେଲେ ଭସାଇ ।
ନିକଟୁଁ ଅନ୍ତର ହେବାକୁ ନ ହେଲା
କୁମାରୀମାନଙ୍କ ମନ,
ପ୍ରଗାଢ଼ ପ୍ରୀତିରେ କରୁଥାନ୍ତି ତାକୁ
ପୁନଃ ପୁନଃ ନିରୀକ୍ଷଣ ।
ଅନ୍ୟ ଚିନ୍ତା ପାଇଁ ଶକୁନ୍ତଳା ଆଉ
ନ ପାଇଲା ଅବସର,
ଯେ ଆସେ ପାଖକୁ କରୁଥାଏ ତାକୁ
ଦ୍ୱିଗୁଣ ସ୍ନେହ ଆଦର ।
ତପୋବନେ ମାତ୍ର ମମତାକୁ ଗୃହିଁ
ଭାନୁ ହେଲେ ଈର୍ଷାନ୍ୱିତ,
ତଜି ତଜି ଯେହ୍ନେ ରାଗ-ରକ୍ତ ମୁଖେ
ବେଗେ ହେଲେ ଅସ୍ତମିତ ।
ମାନବ ଧରମ- ସୀମାକୁ ଲଙ୍ଘିଲେ
ଦେବେ ନ ପାରନ୍ତି ସହି,
ନିଜେ ନିଜେ ଯେଣୁ ଧର୍ମ-ସୀମା-ମଧ୍ୟେ
ଚିର-କାଳ ଥାନ୍ତି ରହି ।
ସନ୍ଧ୍ୟା ଉପଗମେ ମୁନି-ବନ ହେଲା
ବେଦସ୍ୱନେ ମୁଖରିତ,
ଚଞ୍ଚଳମତିର ସନ୍ଧ୍ୟା ହିଁ ଚଞ୍ଚଳ
ଗତିରେ ଗଲା ଉଭିତ ।
ସନ୍ଧ୍ୟାବନ୍ଧି ସାରି କୁମାରୀ ଶୋଇଲା
ପ୍ରିୟ ସଖୀଦ୍ୱୟ ସଙ୍ଗେ,
ନାମ ମାତ୍ର ତନୁ ଶଯ୍ୟାରେ ରହିଲା,
ଲାଗିଲେ ଆଳାପ ରଙ୍ଗେ ।
ତିନି ସଖୀଙ୍କର ମନ, ମନକଥା
ସବୁ କରିଦେବେ ଶେଷ,
ଏକର କଥନ ନ ସରୁ ଅନ୍ୟର
କଥା କରେ ପରବେଶ ।
ନିଦ୍ରା ଆଜ ମୁନି- ସୁତାଙ୍କ କୁଟୀର-
ସୀମା ମାଡ଼ି ପାରୁ ନାହିଁ,
ବାରମ୍ବାର ଆସି ଲେଉଟି ଯାଉଛି
ଦୁଆର ମୁଖକୁ ଗୃହିଁ ।
ଅବଶେଷେ ନିଦ୍ରା ସ୍ୱପନ ସହିତ
କୁଟୀରେ ପ୍ରବେଶି ବଳେ,
କୁମାରୀଙ୍କ କର୍ଣ୍ଣ- ପଟେ ଆପୁଡ଼ିଲେ
ମୃଦୁମନ୍ଦେ କଉଶଳେ ।
ବାରମ୍ବାର ଚେଇଁ କୁମାରୀଏ ପୁଣି
କରୁଥାନ୍ତି କଥାରମ୍ଭ,
ସ୍ୱପନର ସ୍ନେହ- ଆଲିଙ୍ଗନେ ଚେତା
ମାନିଗଲା ପରାଭବ ।
ସ୍ୱପ୍ନ କୋଳେ ବସି ଶକୁନ୍ତଳା ହେଲା
ହସ୍ତିନାରେ ଉପଗତ,
ଦେଖିଲା ନଗରେ ପୂରିଛି କୁଟୀର-
ଶ୍ରେଣୀ ଯେହ୍ନେ ପରବତ ।

ଧାତ୍ରୀ ହରିତକୀ ଫଳରୂପେ ରାଜ-
ପୁରେ ଝୁଲେ ହୀରା ମାଳା,
ମୁନିପତ୍ନୀଙ୍କର ପରି ଲାଗିଅଛି
ପୁରନାରୀଙ୍କର ଲୀଳା ।
ଅକୁଣ୍ଠିତ ଗଜ- ଦନ୍ତ-ପାଦ-ଖଟ
ବାହୁ ତା ସୁବର୍ଣ୍ଣ-ଦଣ୍ଡ,
ଆକାରେ ଯେସନ ଗ୍ରାମ୍ୟ ବର୍ଦ୍ଧକିର
କରଚଞ୍ଚା-କାଷ୍ଠଖଣ୍ଡ ।
ରଜତ ଦଉଡ଼ି ଗୁନ୍ଥା ହୋଇଅଛି
ବକ୍ଷେ ତାର କପାଗଦା,
ସୁବର୍ଣ୍ଣ-ରୁଖାରେ ରତ୍ନ ବଇଠାରେ
ସଳିତା ଜଳୁଛି ସଦା ।
ବଲ୍‌କଲ ପରାଏ ସୂକ୍ଷ୍ମ-ହେମ-ପତ୍ର
ପିନ୍ଧିଛନ୍ତି କେତେ ରାଣୀ,
ଘୋଟକୀ ଦର୍ଶନେ ମୃଗୀ ପରି କଲେ
ତା ପ୍ରତି ବକ୍ରଚାହାଣି ।
ବାୟସ ନ ଡାକୁଁ ଗଉତମୀ ଆସି
"ଶକୁନ୍ତଳା, ଶକୁନ୍ତଳା",
ଡାକ ଉଠାଇଲେ ସେ ଡାକ ତାହାର
ସ୍ୱପନରେ ମିଶିଗଲା ।
ସ୍ୱପନର ଅଙ୍କ- ଶୃରଣୀକି ତାହା
ଏମନ୍ତ ପ୍ରତୀତ ହେଲା,
ରାଜପୁର ମଧୁଁ କେହି "ଶକୁନ୍ତଳା,
ଶକୁନ୍ତଳା" ଡାକ ଦେଲା ।
ଚେଇଁ ପ୍ରିୟମ୍ବଦା ଉଠି ହଲାଇଲା
ସ୍ୱପନ-ମଜ୍ଜିତା-ଦେହ,
ମଣିଲା ସେ ରାଜ- ପୁର ନାରୀ ଏକ
ଧରି କରୁଅଛି ସ୍ନେହ ।
ଗାଢ଼ ଆଲୋଡ଼ନେ ଭାଙ୍ଗିଲା ସ୍ୱପନ,
ଚମକି ଚାହିଁଲା ଚାରୁ,
ଅଟବୀ-କୁଟୀରେ ରହିଅଛି ଦୂରେ
ସମ୍ପଦର ଅଟବୀରୁ ।
ପୁନଶ୍ଚ ଗୌତମୀ ଡାକିଲେ, "ସତ୍ୱର
ଶକୁନ୍ତଳା ତେଜ ତଳ୍ପ,

ଆସ ପ୍ରିୟମ୍ବଦା, ଆସ ଅନସୂୟା,
ବିଭାବରୀ ଅଛି ଅଳ୍ପ ।
କଜ୍ଜଳବର୍ଣ୍ଣୀଏ କେତେବେଳୁଁ ବନେ
ରାବିଲେଣି ବାରମ୍ବାର,
ଖଣକ ଭିତରେ ଦୂର ହୋଇଯିବ
ନିଶା-ଶେଷ-ଅନ୍ଧକାର ।
ହେଲେଣି ଅଦୃଶ୍ୟ ସାନ ତାରାସବୁ
ବଡ଼ ବଡ଼ ତାରା ମ୍ଳାନ,
ଅରୁଣ-ଉଦୟ— ପଥ ପରିଷ୍କାର
ହେଉଛି ପ୍ରତୀୟମାନ ।"
ଚମକିଲା ପରି ଉଠି କାକଗଣ
ସେହି କାଳେ କଲେ ରଡ଼ି,
ସତେ କି ତାଙ୍କର ଧନ କେ ନେଉଛି
ଥିବାରୁ ସେ ଶୋଇପଡ଼ି ।
ଗୌତମୀ ସହିତ ପ୍ରିୟମ୍ବଦା ଆଦି
ତହିଁ ଯାଇ କଲେ ସ୍ନାନ,
କେତେ ମୁନିସୁତ ଆଗୁଁ ସ୍ନାନ କରି
ସାରିଦେଲେ ବେଦଗାନ ।
ଶକୁନ୍ତଳା ସ୍ନାନ କରାଇଲା ସଖୀ
ଅଙ୍ଗେ ଲେପି ତୀର୍ଥ ମାଟି,
ବିଲେପି କୁଙ୍କୁମ ସଙ୍ଗେ ଗୋରୋଚନା
ନାଗେଶ୍ୱର ଚୂର୍ଣ୍ଣ ବାଟି ।
ସ୍ନାନ ଅବଶେଷେ ପିନ୍ଧି ମୁକ୍ତକେଶୀ
ମନୋରମ ସୂକ୍ଷ୍ମବାସ,
ଗୁରୁ-ଜନ-ପଦେ ପ୍ରଣମି ଘେନିଲା
ମଙ୍ଗଳ -ଆଶିଷ-ଭାଷ ।
ଗୌତମୀ ବୋଇଲେ, "ମହାରାଜ୍ଞୀ-ପଦେ
ହୁଅ ବତ୍ସେ ! ଗୌରବିଣୀ",
ଅନ୍ୟ କେ ବୋଇଲା, "ସୀତା ପରି ହୁଅ
ମହାବୀର ପ୍ରସବିନୀ ।"
ଅନ୍ୟ କେହି ସେହି ଆଶୀର୍ଭାଷ ଶୁଣି
ବିଚାରିଲା ମନେ ମନେ,
ସୀତା ନିର୍ବାସିତା ହୋଇ ବୀରପୁତ୍ର
ପ୍ରସବିଥିଲେ ଯେ ବନେ ?

ଏଣେ କଳାକର 'ଚନ୍ଦ୍ରିକା ସହିତ
ବଦନରେ ଭରି ମ୍ଲାନି,
ବାରୁଣୀ ମଧ୍ୟର ସମୀପସ୍ଥ ହେଲେ
ଲୋକମାନେ ଦେଇ ଗ୍ଲାନି ।
ଅନ୍ୟ ଦିଗେ ରବି କରି ସମୁଜ୍ଜ୍ୱଳ
ଅରୁଣଙ୍କୁ ଅଗ୍ରସର,
ଉଦୟ-ପର୍ବତେ ପଦକ୍ଷେପ କରୁ-
ଛନ୍ତି ହୋଇ ତରତର ।
ଜ୍ୟୋତିଷ୍କ ଯୁଗଳ ଦେଖାଇଲେ ଭବେ
ନିଜ ଦଶା-ବିପର୍ଯ୍ୟୟ,
ଦେଖୁଁ ଦେଖୁଁ ଏକ ଅଧୋଗତ, ତେଣେ
ଅପରର ଅଭ୍ୟୁଦୟ ।
ଧରାଧର-ଗୁରୁ ମେରୁ-ଶିରେ ପାଦ
ଦେବାର ଗରବ ଫଳେ,
ଶ୍ରୀହୀନ ଶଶାଙ୍କ ନିପତିତ ହେଲେ
ଅସ୍ତାଚଳ ପାଦ-ତଳେ ।
କୁମୁଦିନୀ-ଶୋଭା ଦୃଷ୍ଟି-ପଥୁଁ ଯାଇ
ସ୍ମୃତିପୁରେ କଲା ବାସ,
କାହା ଜୀବନରେ ଉଲ୍ଲାସ ରହିଛି
ପ୍ରଣୟୀ ଗଲେ ପ୍ରବାସ ?
କୁମୁଦିନୀପୁର ତେଜି ମଧୁକର
କମଳିନୀ ଦ୍ୱାରେ ଆସି,
ପ୍ରଭାତ-ଭିଖାରୀ ହୋଇ ଗାନସ୍ୱରେ
ଦେଲା ତାର ନିଦ୍ରା ନାଶି ।
ପକ୍ୱ କୁବଳୟ- ଫଳେ ହିମକଣା
ପ୍ରାତଃ ସମୀରଣେ ହାଲି,
ଅରୁଣାଲିଙ୍ଗନ ମୁଦେ ଦେଉଅଛି
ମାଣିକ୍ୟର ଦର୍ପ ଦଳି ।
ବୀତନିଦ୍ର ହୋଇ ଉଠେଇ ଉପରୁ
ଓହ୍ଲାଇ ମୟୂରମାନେ,
ଶିଖଣ୍ଡ-ରତନ- କାନ୍ତି ମାଜିନେଲେ
ଅରୁଣ-କିରଣ-ଶାଣେ ।
କ୍ଷୁର-କ୍ଷୁଣ୍ଣ ବେଦି- ପ୍ରାନ୍ତେ ଉଭା ହୋଇ
ହରିଣ ହରିଣୀଗଣ,
ଗ୍ରୀବା ସଳଖାଇ ଆଗେ, ପଛେ କଲେ
ଅପଘନ ପ୍ରସାରଣ ।
ଏକାଳେ ହାରୀତ ନାମେ ଋଷିପୁତ୍ର
କାଶ୍ୟପ ଆଦେଶ ପାଇ,
ଅଳଙ୍କାର-ପୂର୍ଣ୍ଣ ଥାଳି ଏକ ଆଣି
ଦେଲା ଶକୁନ୍ତଳା ପାଇଁ ।
ରୁଣ୍ଡ ହୋଇଥିଲେ ତାପସୀ-ମଣ୍ଡଳୀ
ଗୃହିଁ ସବୁ ଅଳଙ୍କାର,
ବୋଇଲେ, "ଏ ଭୂଷା ସବୁ କାହିଁ ଥିଲା,
ଆହା କେଡ଼େ ଚମତ୍କାର !"
କେ ବୋଇଲା, "ଏହି ବିଚିତ୍ର ଭୂଷଣ
କଦାପି ନୁହେ ପାର୍ଥିବ,
ସ୍ୱର୍ଗୀୟ ଭୂଷଣ ସ୍ୱର୍ଗ ଅପସରା
ଗିବେ ଆଣି ଦେଇଥିବ ।
ଭୂଲୋକର ସୁଖ ଦୁଃଖ ଭଲ ମନ୍ଦ
ସ୍ୱର୍ଗକୁ ଦିଶଇ ପରା,
ଦୁହିତାର ସ୍ନେହ- ବଶେ ଆସିବାକୁ
ଦୂର ନୁହେ ତାକୁ ଧରା ।
ସ୍ତ୍ରୀ କଥା ସ୍ତ୍ରୀ ଜାଣଇ, ସ୍ତ୍ରୀଏ
ଭୂଷଣ-ଅନୁରାଗିଣୀ,
ସ୍ୱର୍ଗେ ଥାଇ ତାର ସ୍ନେହ କି ଛୁଡ଼ିଛି
ଯେ ଯାହା ଗର୍ଭଧାରିଣୀ ।"
କେ ବୋଇଲା, "ମୁନି ଜାଣି ଜାଣି କରି-
ଥିଲେ ଏସବୁ ସଞ୍ଚିତ,
ପ୍ରିୟ ସୁତା ତାଙ୍କ ପ୍ରିୟ ଭୂଷଣରୁ
ନ ହେବ ବୋଲି ବଞ୍ଚିତ ।"
ହାରୀତ ବୋଇଲେ, "ମୁନି ମହିମାରେ
ନୁହେ ଏହା ଚମତ୍କାର,
ତାଙ୍କ ଉଦ୍ୟାନର ଏକ ଏକ ତରୁ
ଏକ ଏକ ଧନାଗାର ।
ପୁଣି ଏକ ଏକ ରାଜା ମୁନୀନ୍ଦ୍ରଙ୍କ
ଏକ ଏକ ମହାତରୁ,
ଏତିକ ଭୂଷଣ ମିଳିବାର କେଉଁ
ଚିତ୍ର ତାଙ୍କ ନିକଟରୁ ?

ସିଦ୍ଧତାପଙ୍କର ଶରୀରା ନ ଥାଏ
ଧନ ରତ୍ନ ଅଳଙ୍କାରେ,
ପୂତ ହେବା ଆଶେ ଧନ ରତ୍ନ ଆଦି
ଉଭା ହୋଇଥାନ୍ତି ଦ୍ୱାରେ ।
ମୁନୀନ୍ଦ୍ର ଆଦେଶେ ଉଦ୍ୟାନେ ବୁଲି ମୁଁ
କର ବଢ଼ାଇବା ମାତ୍ରେ,
କେଉଁଠାରୁ କେଉଁ ଅଳଙ୍କାର ଆସି
ପୂରିଗଲେ ଏହି ପାତ୍ରେ ।
ଭୂଷା ଖଞ୍ଜିବାକୁ ତାପସୀମାନଙ୍କ
ବୁଦ୍ଧି ହୋଇଗଲା ବଣା,
କେଉଁ ଭୂଷା କେଉଁ ଅଙ୍ଗେ ଯୋଜନୀୟ
ତାଙ୍କୁ ତ ନ ଥିଲା ଜଣା ।
କହିଦେଲା ତାହା ପରିବ୍ରାଜିକା ଏ
ଥିଲା ତାପସୀଙ୍କ ସଙ୍ଗେ,
ମୁଦେ ପ୍ରିୟମ୍ବଦା ଭୂଷା ନେଇ ମଣ୍ଡି-
ଦେଲା ଶକୁନ୍ତଳା-ଅଙ୍ଗେ ।
ନିସର୍ଗ-ସୁନ୍ଦରୀ— ଶକୁନ୍ତଳା ଦେହେ
ସ୍ଥାନ ଲଭି ଅଳଙ୍କାରେ,
ପ୍ରଫୁଲ୍ଲିତ ହେଲେ ରବି ରଶ୍ମି-କୋଳେ
ପଙ୍କଜନୀ ପରକାରେ ।
ଭୂଷଣମଣ୍ଡିତା ଶକୁନ୍ତଳା ଅଙ୍ଗେ
ପଡ଼ି ନବ-ରବି-କର,
ଧନ୍ୟ ହେଲି ବୋଲି ଉଷତେ ନାଚିଲା
ଉଲ୍ଲସାଇ କଳେବର ।
ଭୂଷା ଶେଷେ ଯୋଷା 'ସଖୀ କରୁଁ' ନେଇ
ସୁରଙ୍ଗ-ଦୁକୂଳ ଶାଢ଼ୀ,
ପରିଧାନ କଲା କ୍ଷୀଣ-କଟି ଗୌର-
ଦେହେ କରି ପରିପାଟୀ ।
ସେଦିନ ଜାଣିଲା ଯହିଁ ପାଇଁ ତାର
ହୋଇଥିଲା କର୍ଣ୍ଣବେଧ,
ସେଦିନ ଜୀବନେ ଅନୁଭବ କଲା
ବଲ୍‌କଳ-ଦୁକୂଳ-ଭେଦ ।

ଏକାଳେ ମୁନୀନ୍ଦ୍ର ଆସି ସ୍ନେହ-ଦୃଷ୍ଟି
ଦେଇ ଶକୁନ୍ତଳା ପ୍ରତି,
ବିଚାରିଲେ ମନେ ଶକୁନ୍ତଳାହୀନ
ହେବ ମୋ' ବନ ସମ୍ପତ୍ତି ।
ସେ ବିଚାରେ ହୃଦ ବିକ୍ଷୋଭିତ ହୋଇ-
ଗଲା ମୁନିବରଙ୍କର,
ମୃଣାଳ-ଲାଲସୀ ଗଜ ପ୍ରବେଶିଲେ
ଯେସନେ କମଳାକର ।
ହୃଦ ଆନ୍ଦୋଳନେ ନୟନଯୁଗଳେ
ଜଳ ହେଲା ଛଳ ଛଳ,
ବିକମ୍ପିତ ସରେ ସ୍ୱତଃ ଆସିଥାଏ
ଜଳଜ-ଦଳକୁ ଜଳ ।
ସେହି କାଳେ ଯଦି କଥା କହିଥାନ୍ତେ
ଅଶ୍ରୁ ଯାଇଥାନ୍ତା ବହି,
*ପାନ୍ଥତରୁ ଦେହେ ପଥ ଫିଟିଗଲେ
ପାଥ କି ପାରଇ ରହି ? .
ସମୟ ପାଇଲେ ଜୀବନେ ପ୍ରବୃତ୍ତି
ଫୁଟି ପଡ଼ୁଥାଏ ଆସି,
ପ୍ରବୃତ୍ତି-ବର୍ଜିତ କେ ଅଛି ଜଗତେ
କି ଗୃହୀ କି ବନବାସୀ ?
ମୁନି ଆଗମନ ଗୃହିଁ ଶକୁନ୍ତଳା
ସଲଜ୍ଜେ ଚରଣ-ତଳେ,
ଗୌତମୀ ଆଦେଶେ ପ୍ରଣିପାତ କଲା
ନୟନ ପୂରାଇ ଜଳେ ।
ଆନନ୍ଦ-ପୁଲକେ ବାଷ୍ପ-ଗଦଗଦ-
କଣ୍ଠେ ଆଶିଷିଲେ ମୁନି,
"ସମସ୍ତ କୁଶଳେ ପତି-ରତ୍ନାକରେ
ହୁଅ ମା ତୁ ସୁରଧୁନୀ ।
ପୁତ୍ର ଲାଭ କର ଚକ୍ରବର୍ତ୍ତୀ-ଚିହ୍ନ
ବିମଣ୍ଡିତ କଳେବର ।"
ସହର୍ଷେ ଗୌତମୀ ବୋଇଲେ, "ଏହିଟି
ଆଶୀର୍ବାଦ ଛଳେ ବର ।"

* ପାଥ—ଜଳ ।

ବସି ମୁନି ପାର୍ଶେ ସୁତାକୁ ବସାଇ
କ୍ଷଣେ ସ୍ଥିର କରି ମନ,
ସସ୍ନେହେ ବୋଇଲେ, "ମାଆ ଗୋ, ତୁ ଆଜ
ଗମିବୁ ପତିସଦନ ।
ଥିଲୁ ତପୋବନେ ଶାନ୍ତିର ଭବନେ
ସଖୀ ସଙ୍ଗେ ଖେଳି ରଙ୍ଗେ,
ପଶିବୁ ଏଥର ସମ୍ପତ୍ତି-ସଲିଳ-
ସଂସାର-ସିନ୍ଧୁ-ତରଙ୍ଗେ ।
ନାବ ବିନା କେହି ସାଗରେ ପଶିଲେ
ଲଭଇ ଘୋର ବିପଦ,
ସଂସାର-ସାଗର ପାଇଁ ମହାପୋତ
ଏକମାତ୍ର ସ୍ୱାମି-ପଦ ।
ନାରୀମାନଙ୍କର ସ୍ୱାମୀଟି ଈଶ୍ୱର
ସ୍ୱାମୀଙ୍କ ଚରଣ ସ୍ୱର୍ଗ,
ଲକ୍ଷ୍ମୀ ସଦା ପତି- ବ୍ରତାର ସଙ୍ଗିନୀ
ସ୍ୱାମି-ପ୍ରୀତି ଅପବର୍ଗ ।
ସ୍ୱାମୀ ଗୁରୁ ସ୍ୱାମୀ ପରମ ବାନ୍ଧବ
ସ୍ୱାମି ସେବା ନାରୀ-ଧର୍ମ୍ମ,
ସ୍ୱାମି-ପଦେ ଭକ୍ତି ଅର୍ଚ୍ଚନାରେ ମତି
ଅର୍ପି ତୁ କରିବୁ କର୍ମ୍ମ ।
ସ୍ୱାମୀ ଯା କହିବେ ଦୁଷ୍କର ହେଲେହେଁ
ପାଳନେ ହେବୁ ତତ୍ପର,
ଥରେ ଯା ବାରିବେ ଆଉ ତହିଁ କେବେ
ହେବୁ ନାହିଁ ଅଗ୍ରସର ।
ଦୁଃଖ ଥିଲେ ମନେ ଦୂର କରିବୁ ତା
ସ୍ୱାମି-ଦରଶନ ମାତ୍ର,
ପରିହାସ କଲେ ତାଙ୍କୁ ନ ମଣିବୁ
ପ୍ରତି-ପରିହାସ ପାତ୍ର ।
ସ୍ୱାମୀଙ୍କ ଭୋଜନ ପରେ ତୁ ଭୁଞ୍ଜିବୁ
ଶୋଇବୁ ଶୟନ ପରେ,
ସ୍ୱାମୀଙ୍କର ଶଯ୍ୟା ତେଜିବା ପୂର୍ବରୁ
ଉଠୁଥିବୁ ପ୍ରତ୍ୟୁଷରେ ।
ଅବସର ଦେବୁ ନାହିଁ ତୋ ନେତ୍ରକୁ
ପର ପୁଂସ-ନିରୀକ୍ଷଣେ,
ସୋଦର ହେଲେହେଁ ନିର୍ଜ୍ଜନେ ନିକଟେ
ରହି ଦେବୁ ନାହିଁ କ୍ଷଣେ ।
ସ୍ୱାମୀ ଯେବେ ରୋଷ କରିବେ ଅଥବା
କରିବେ ଯଦ୍ଧ ଭର୍ତ୍ସନା,
ସେ ଦୋଷ ନ ଘେନି ନତ-ଶିରେ ସହି
କରିବୁ ତାଙ୍କ ଅର୍ଚ୍ଚନା ।
ନିଜ କରେ ରାନ୍ଧି ନିଜେ ଦେଉଥିବୁ
ପତିଙ୍କି ଅନ୍ନ ବ୍ୟଞ୍ଜନ,
ଭୋଜନ ସମୟେ ପାଶେ ଉଭାହୋଇ
ଗ୍ରହିଳବୁ ଧରି ବ୍ୟଜନ ।
ସ୍ୱାମି-ସେବା-କାର୍ଯ୍ୟେ ନାରୀ ପ୍ରତିନିଧି
କଦାପି କରିବୁ ନାହିଁ,
ବିନା ବେତନରେ ପରିଚାରିକାକୁ
ଘରୁଁ ଦେବୁ ଘଉଡ଼ାଇ ।
ସ୍ୱାମୀ ତୋ ଅବନୀ- ଭାର ବହିଛନ୍ତି
ତୋ ଶିରେ ତାଙ୍କ ଚରଣ,
କେତେ ଧୈର୍ଯ୍ୟ ତୋହୋ ପାଇଁ ପ୍ରୟୋଜନ
ରଖିବୁ ସଦା ସ୍ମରଣ ।
ବାସ ଭୂଷଣରେ ଗର୍ବ ନ କରିବୁ
ଅବା ତହିଁ ପାଇଁ ଅଳି,
ଯାହା ଦେବେ ତୋଷେ ସନ୍ତୋଷେ ଘେନିବୁ
ଜାଣିବୁ ତାହା ତୋ ଭଲ ।
ଶାଶୁଙ୍କ ଚରଣ ସେବୁଥିବୁ ନିତି
ଗୃହର ଦେବତା ମଣି,
ଶାଶୁଟି ସ୍ୱାମୀର ପୂଜା-ସିଂହାସନ
ସର୍ବ ସମ୍ପଦର ଖଣି ।
ନଣନ୍ଦ ଅଳରେ କେବେ ନ ଚଳିବୁ
ଅଧିକେ କରିବୁ ସ୍ନେହ,
ବିମନା ହେଲେ ସେ କୋଳକୁ ଆଣିବୁ
ଆଉଁସି ତା ମୁଖ ଦେହ ।
ଆଉ ଯେତେ ପୁର- ନାରୀ ଥିବେ ତାଙ୍କୁ
କରିବୁ ଭଗିନୀ ଜ୍ଞାନ,
ସେ କଥା କଦାପି ନ କରିବୁ ଯହିଁ
ହେବ ତାଙ୍କ ଅପମାନ ।

ଗୁରୁଜନ କେହ୍ନ ପାଶକୁ ଆସିଲେ
ଉଠିବୁ ତେଜି ଆସନ,
ଉଚ୍ଚାସନ ଦେଇ ବନ୍ଦ ସବିନୟେ
କରିବୁ ମୃଦୁ ଭାଷଣ ।
ଉଚ୍ଚହାସ କେବେ ନ କରିବୁ ପୁଣି
ନ କରିବୁ ଉପହାସ,
ପରିହାସ ଛଳେ କରିବୁ ନାହିଁଟି
ସଖୀଜନ-ମାନ ହ୍ରାସ ।
ନିଜେ ପରିଷ୍କୃତ ଥାଇ ନିଜ ଗୃହ
ରଖିଥିବୁ ପରିଷ୍କାର,
ପରିଜନଙ୍କର ଦୁଃଖ ଶୁଣୁଥିବୁ
କରୁଥିବୁ ପ୍ରତିକାର ।
ଅନାହୃତ ହୋଇ ଆସି କେହ୍ନ ତୋର
ଅଯଥା ପ୍ରଶଂସା କଲେ,
ଜାଣିଥିବୁ ତାର ଆଗମନ ତୋତେ
ଠକିବାକୁ କଉଶଳେ ।
ସ୍ୱାମୀ ଦୋଷ, ରୋଷ ଜନ୍ମାଇବାକୁ ତୋ
ବର୍ଣ୍ଣିବ ଆସି ଯେ ନାରୀ,
ତା କଥା ବିଷମ ବିଷ ମଣିଥିବୁ
ସେ ଏକା ତୋର ଭଗାରି ।
ଏତେ ଦିନଯାଏ ମଣିଥିଲୁ ପ୍ରିୟ
ସମ୍ପତ୍ତି ତୋ ତପୋବନ,
ଏଥର ମଣିବୁ ଅଖିଳ-ଅବନୀ
ହେଲା ତୋର ପ୍ରିୟଧନ ।
ତପୋବନ-ମହୀ- ରୁହ-ଗତ-ସ୍ନେହ
ମହୀରେ କରିବୁ ନ୍ୟସ୍ତ,
ମୃଗ-ମୃଗୀ ଗତ ମମତା କରିବୁ
ମାନବ-ସମାଜଗତ ।
ସ୍ୱାମୀ ତୋର ଋଷି- ସ୍ୱରୂପ ମଣ୍ଡିତ
କରିଛନ୍ତି ରାଜ୍ୟାଶ୍ରମ,
ସେ ଆଶ୍ରମ-ମାତ ରକ୍ଷଣେ ନିଜର
ଜୀବନ କରିବୁ କ୍ଷମ ।
ଉଠ ମା, ଏଥର ଚାଲ ଶୁଭକ୍ଷଣେ
ସ୍ୱାମି-ପଦ-କଞ୍ଜ-ଧ୍ୟାୟି,

ଗୌତମୀ ସହିତ ଶିଷ୍ୟ ଦୁଇ ତୋତେ
ଛଡ଼ିଁ ଦେବେ ପହଞ୍ଚାଇ ।
ଆଗେ ଶାରଦ୍ୱତ, ଚାଲ ଦେଖାଅ ତୋ
ଭଗିନୀର ଗନ୍ତପଥ,
ଗୌତମି, ଦୁହିତା ସଙ୍ଗେ ଚାଲ, ହେଉ
ଶାର୍ଙ୍ଗରବ ଅନୁଗତ ।"
ଚାଲିଲେ ଗୌତମୀ ହସ୍ତିନାଭିମୁଖେ
ଶକୁନ୍ତଳା କର ଧରି,
ଚାଲିଲେ ମୁନୀନ୍ଦ୍ର ତାପସ-ମଣ୍ଡଳ
ସହ ସବୁ ସହଚରୀ ।
ଶକୁନ୍ତଳା ପଥେ ଯାଉଁ ଯାଉଁ ତାର
ତରୁ-ଲତା ଚାହିଁ ଚାହିଁ,
ହୃଦୟ-ପଟରେ ଚିତ୍ରି ନେଉଥାଏ
ସେନେହ-ରଙ୍ଗେ ରଙ୍ଗାଇ ।
ଥରେ ଥରେ ସବୁ ତରୁ-ଲତା-ଅଙ୍ଗ
କରି ଦେଉଥାଏ ସ୍ପର୍ଶ,
ବିକାଶ ବ୍ୟାଜରେ ତରୁ-ଲତାଙ୍କର
ହେଉଥାଏ ଲୋମହର୍ଷ ।
କେତେକ ଶିଶିର- ଛଳେ କେତେ ଅବା
କୁସୁମ-ବର୍ଷଣ-ଛଳେ,
ଶକୁନ୍ତଳା-କର- ସ୍ପରଶ ମାତ୍ରକେ
ଲୋତକ ମୋଚନ କଲେ ।
ଯେଉଁସବୁ ତରୁ- ଲତାକୁ ସୁଶୀଳା
ଛାଡ଼ି ଦେଉଥାଏ କ୍ରମେ,
ବିରହ-ବେଦନା ଅନୁଭବ ଯେହ୍ନେ
କରୁଥାନ୍ତି ମର୍ମେ ମର୍ମେ ।
ବନେ ମୁହୁର୍ମୁହୁ ଶ୍ରୁତିଗତ ହେଲା
କପୋତ କରୁଣ ଗାନ,
ସତେ ଯେହ୍ନେ କାନ୍ଦ ପକାଇଲେ ଦୁଃଖ-
ଭରେ ତରୁ-ଲତାମାନ ।
କୁହୁ କୁହୁ ସ୍ୱନେ ମଧୁରେ ଭାଷିଲା
କୋକିଳ ବନବାନ୍ଧବ,
ଶୁଭ ଗମନରେ ବନଦେବୀ ଯେହ୍ନେ
କଲେ ହୁଳହୁଳି ରବ ।

ହରିଣ ହରିଣୀ ମୟୂର ମୟୂରୀ
ଆହାର ବିହାର ଛାଡ଼ି,
ଦୁଃଖିତ ନୟନେ ଅନାଇ ରହିଲେ
ପଥ-ପାର୍ଶ୍ୱେ ଧାଡ଼ି ଧାଡ଼ି ।
ମୃଗଶିଶୁ ଏକ ଆସି ଶକୁନ୍ତଳା-
ଚରଣ-ଦୁକୂଳାଞ୍ଚଳେ,
ଲୁଚି ଲୁଚି ସଙ୍ଗେ ସଙ୍ଗେ ଚାଲୁଥାଏ
ନ ରହି ହରିଣୀ-ଦଳେ ।
କେତେ ଦୂରେ ତାହା ଜାଣି ଶକୁନ୍ତଳା
ଆଉଁସି ତା ଦେହ ମୁଖ,
ସଜଳ ନୟନେ ପିତାଙ୍କୁ କହିଲା
ପ୍ରକାଶି ହୃଦୟ-ଦୁଃଖ ।
"ଜାଣ ତାତ, ମୋତେ ଯେମନ୍ତ ସ୍ନେହରେ
ପାଳିଅଛ ତପୋବନେ,
ଆଜନ୍ମ ଜନନୀ- ହୀନ ଏ ଶିଶୁକୁ
ପାଳିଅଛି ମୁଁ ତେସନେ;
ସ୍ନେହ-ରଜ୍ଜୁ ତାର ଛିଣ୍ଡାଇ ଯିବାକୁ
ମୋ ପ୍ରାଣେ ହେଉଛି କଷ୍ଟ,
ଛାଡ଼ିଗଲେ ମୋତେ କେତେ ଦିନଯାଏ
ଲୋଡ଼ିବ ହୋଇ ଉତ୍କଣ୍ଠ ।
ଅନୁମତି ହେଲେ ନିଅନ୍ତି ଏହାକୁ
ବୋଲି ହେଉଅଛି ମନ,
ନ ହେଲେ ଛଡ଼ାଇ ନିଅ ଏ ଶିଶୁକୁ
ମୋତେ ଛାଡ଼ୁଛି ଯେସନ ।"
ଶୁଣି ମୁନିବର ମୃଗକୁ ଧଇଲେ
ନୟନୁ ବୁହାଇ ବାରି,
ବୋଇଲେ,"ମା ମୋର, ଜାଣିଲି ମୋ' ହୃଦ-
ବ୍ୟଥା ଅଛୁ ଜାଣିପାରି ।
ମୃଗଶିଶୁ-ରୂପ ଉଦୟ-ପର୍ବତେ
ଉଇଁଛି ଯେ ସ୍ନେହ-ରବି,
ବ୍ୟାପିବ ତା କର ହସ୍ତିନା ନଗର
ରାଜ୍ୟ ଅଚଳ ଅଟବୀ ।
ଅରୁଣ ଲୋହିତ ବରଣ ପରିଏ
ମୃଗଶିଶୁ ଥାଉ ବନେ,
ଯାଆ ମା, ଅଶୁଭ ଧୂଳିସାତ ହୋଇ
ଲୋଟୁ ତୋ ରଙ୍ଗ-ଚରଣେ ।"
କାନନକୁ ଚାହିଁ ବୋଇଲେ ମୁନୀନ୍ଦ୍ର,
"ଆହେ ତରୁ-ଲତାମାନେ,
ତୁମ୍ଭ ଆଜନମ ସଖୀ ଯାଉଅଛି
ଆଜ ପତିସନ୍ନିଧାନେ ।
ଜଳ ପାନ କରୁ ନ ଥିଲା ଯେ ଆଗେ
ତୁମ୍ଭଙ୍କୁ ନ ଦେଇ ଜଳ,
ହେଉଥିଲା ତୁମ୍ଭ ଅଙ୍ଗେ ନବ ପୁଷ୍ପ
ଦେଖିଲେ ମୁଦେ ବିହ୍ୱଳ;
ତହିଁପାଇଁ ସଖୀ- ବୃନ୍ଦ ଘେନି କେତେ
କରୁଥିଲା ମହୋତ୍ସବ,
କେତେ ଯତନରେ ରଖୁଥିଲା ତୁମ୍ଭ
ନୈସର୍ଗିକ ସଉଷ୍ଠବ;
ଭୂଷଣରଙ୍କୁଣୀ ହୋଇ ଯେ ତୁମ୍ଭର
ଅଙ୍ଗଭଙ୍ଗ ହେବ ଜାଣି,
କେବେହେଁ ତୁମ୍ଭର ପଲ୍ଲବ ଛେଦନେ
ବଢ଼ାଇ ନ ଥାଏ ପାଣି;
ତୁମ୍ଭେମାନେ ଏବେ ପ୍ରସନ୍ନଭାବରେ
କର ଅନୁମତି-ଦାନ,
ମଧୁମୟ ଶୁଭ- ମୟ ହେଉ ସେହି
ଶକୁନ୍ତଳାର ପ୍ରସ୍ଥାନ ।
ସରୋଜ-ଶୋଭିତ ସରୋବରେ ହେଉ
ଗତି-ପଥ ମନୋହର,
ପଦ୍ମ-ବାସ ବହି ଗନ୍ଧବହ ହେଉ
ଅନୁକୂଳ ସୁଖକର ।
ନବ ନବ ଦୃଶ୍ୟ ନୟନ ପଥରେ
ହେଉ ତାର ମନୋରମ,
ଛାୟାତରୁ ଶ୍ରମ ନାଶନ୍ତୁ ଆତପ-
ତାପ କରି ଉପଶମ ।"
କୁମାରୀ ବୋଇଲା, "ତାତ, ମୋ ସଙ୍ଗରେ
ନ ଯିବେ କି ସଖୀଦ୍ୱୟ ?"
ମହର୍ଷି ବୋଇଲେ, "ହୋଇଲାଣି ତାଙ୍କ
ବିବାହର ଯୋଗ୍ୟ ବୟଃ ।

ରାଜସଦନକୁ ନଗରକୁ ତାଙ୍କ
ଯିବାର ଉଚିତ ନୁହେଁ,
ତୋ ସଙ୍ଗେ ଗୌତମୀ ଯିବେ, ଆଶ୍ରମରେ
ରହିବେ ତୋ ସଖୀ ଦୁହେଁ ।"
କୁମାରୀ ବୋଇଲା, "ପିତୃକୋଳ ତେଜି
ସଖୀଙ୍କି ଅନ୍ତର କରି,
ଅଚହ୍ନିତା ନାରୀ- ମଣ୍ଡଳୀରେ କେହ୍ନେ
ରହିବି ଜୀବନ ଧରି ?
ମଳୟ-ପର୍ବତୁଁ ଉନ୍ମୂଳିତ ହୋଇ
ଚନ୍ଦନ-ଲତା ଯେସନ,
ଉଦ୍ୟାନକୁ ଗଲେ ଝାଉଁଳି ପଡ଼ଇ
ମୋ' ଦଶା ହେବ ତେସନ ।"
ମହର୍ଷି ବୋଇଲେ, "ତୋତେ ଲଭକରି
ରାଜପୁର ନାରୀମାନେ,
ତୋ ପ୍ରାଣ ତୋଷିବେ ମଧୁର ଭାଷଣେ
ମଧୁମୟ ସୁସମ୍ମାନେ ।
ପତିଙ୍କ ସମ୍ପତ୍ତି- ବନେ ମନ ତୋର
ସୁଖେ କରି ପରବେଶ,
ଆଶ୍ରମ ସ୍ମରଣ ପାଇଁ ଅବସର
ତୋତେ ଦେବ ନାହିଁ ଲେଶ ।
ପ୍ରାଚୀକୋଳେ ରବି ପରାଏ ତୋ କୋଳେ
ଶୋଭିତ ହୋଇ ନନ୍ଦନ,
କରିଦେବ ରାଜ- ପୁର ଆଲୋକିତ
ତୋ ହୃଦ-ମୁଦ-ବର୍ଦ୍ଧନ ।"
ସଖୀଏ ବୋଇଲେ, "ଆମ୍ଭଙ୍କୁ ସଜନି,
ସମର୍ପୁଛୁ କାହା କରେ ?
ନେ କରୁଥିବୁ ରାଜ-ଉପବନେ
ବିଚରଣ ସମସ୍ୱରେ ।"
ସୁଶୀଳା ବୋଇଲା, "ତରୁ-ଲତା ଭାର
ରହିଲା ତୁମ୍ଭ ଉପରେ,
ନ ଝୁରିବ ମୋତେ ମୃଗଶିଶୁ ମଞ୍ଜି
ତୁମ୍ଭର ସ୍ନେହ-କୂପରେ ।
ପାଶୁଁ ଗଲି ବୋଲି ଜାଣୁଛି ଅନ୍ତରୁ
ଅନ୍ତର ମୁଁ ହେବି ନାହିଁ,
ନଆଳୀ-ମୂଳରେ ଜଳସେକ କରି
ଦେଉଥିବ ମୋହ ପାଇଁ ।"
ମୁନିପାଦେ ପଡ଼ି ଉଠି ଶକୁନ୍ତଳା
ଆଲିଙ୍ଗିଲା ସଖୀଦ୍ୱୟେ,
ବଲ୍କଳ-ଦୁକୂଳ ତିନ୍ତାଇ ଲୋତକେ
ଲଗାଇ ହୃଦ ହୃଦୟେ ।
ପ୍ରିୟମ୍ବଦା ସଖୀ ବୋଇଲା, "ସଜନି,
ପାସୋରିଛୁ ଅଙ୍ଗୁରୀୟ,
ସେ ତୋ ପ୍ରଣୟର ଆଦ୍ୟ ଉପହାର
ସଯତନେ ସଙ୍ଗେ ନିଅ ।
ତାକୁ ନ ଦେଖିଲେ ପୀରତି ଲଭିବ
ମଣିପାରେ କାନ୍ତ-ମନ,
କାନ୍ତ-ପ୍ରୀତି-ରୂପେ ନାମାକ୍ଷର ତାଙ୍କ
କରିଥିବୁ ଗଣ୍ଠି ଧନ ।"
"ଦୂର ହେଲୁ ଏବେ" ବୋଲି ପ୍ରିୟମ୍ବଦା
ଅନସୂୟା କାନ୍ଦି କାନ୍ଦି,
ଆବାଲ୍ୟସଙ୍ଗିନୀ ଦୁକୂଳ-ଅଞ୍ଚଳେ
ଅଙ୍ଗୁରୀୟ ଦେଲେ ବାନ୍ଧି ।
ଲେଖି ମୁଦିଥିଲେ ପତ୍ରଟିଏ ମୁନି
ଦେଇ ଶାରଦ୍ୱତ କରେ,
କହିଲେ ନନ୍ଦିନୀ ସଙ୍ଗେ ତା ଦେବାକୁ
ଦୁଷ୍ମନ୍ତଙ୍କ ନିକଟରେ ।
ପୁନଶ୍ଚ କୁମାରୀ ବୋଇଲା, "ପିଅରି,
କେବେ ପୁଣି ଦରଶନ,
କରିବି ତୁମ୍ଭର ଚରଣ-କମଳ
ଆସି ଏହି ତପୋବନ ?"
ମହର୍ଷି ବୋଇଲେ, "ଯେ କାଳେ ଶୋଭିବ
ତୋ ପୁତ୍ର ମସ୍ତକେ ଛତ୍ର,
ସେହି ଛତ୍ର-ଛାୟା- ତଳେ ସ୍ନିଗ୍ଧ ହେବ
ସସାଗରା ବସୁମତୀ ।
ତୋ ପତି ଏ ବନେ ବାନପ୍ରସ୍ଥରୂପେ
ହେବେ ମୋକ୍ଷ-ଅଭିଳାଷୀ,
ମୋକ୍ଷ ପାଇଁ ତୁହି ତାଙ୍କ ପଦ-ସେବା
କରିବୁ ଏ ବନେ ଆସି ।"

ଆଜ୍ଞା ଦେଲେ ଅଥିଲେ ତାପସ-ତାପସୀ
ସମସ୍ତଙ୍କୁ ଶକୁନ୍ତଳା,
କା'ପଦ ବନ୍ଦନ କା'ମୁଖ ଚୁମ୍ବନ
କାହାକୁ ଆଶ୍ଳେଷ କଲା ।
ଚଳିଲେ ଗୌତମୀ ଶକୁନ୍ତଳା ସହ
ଶାରଦ୍ୱତ ତାଙ୍କ ଆଗେ,
ଚଳିଲେ ତାହାଙ୍କ ପୃଷ୍ଠରକ୍ଷୀରୂପେ
ଶାର୍ଙ୍ଗରବ ପଛଭାଗେ ।

ପ୍ରଣୟ-ସୌରଭ କ୍ରମେ ବିସ୍ତାରିତ
ହୋଇ ଶକୁନ୍ତଳା ମନେ,
ପଥ କଷ୍ଟ ବଳ- ପ୍ରାବଲ୍ୟକୁ ତାହା
ବିନାଶ କଲା ଗମନେ ।
ଆଶ୍ରମେ ଆସିଲେ ମୁନି ମହାମନା
ସୁଖ ଦୁଃଖ କରି ସମ,
ତାଙ୍କ ସଙ୍ଗେ ଆସି ତାପସ-ତାପସୀ
କଲେ ନିଜ ନିଜ କର୍ମ ।

---

# ପଞ୍ଚମ ସର୍ଗ

---

## ପୁଷ୍ପେ କୀଟ

ହସ୍ତିନା-ଭୂପତି ବିଜେ କରିଛନ୍ତି
ରତ୍ନମୟ ସିଂହାସନେ,
ସତେ କି ଧରମ- ମୂର୍ତ୍ତି-ପ୍ରତିବିମ୍ବ
ଉଜ୍ଜ୍ୱଳ ଜ୍ଞାନ-ଦର୍ପଣେ ?
ଉଭୟ ପାର୍ଶ୍ୱରେ ଶୋଭନ୍ତି ସଚିବ
ଆଦି ସଭାସଦଗଣ,
ନ୍ୟାୟ, ବିବେକାଦି ରହିଛନ୍ତି ଯେହ୍ନେ
ଧରି ନର-ଅପଘନ ।
ସଭ୍ୟ ସହ ନୃପ- ବଦନ ପ୍ରସନ୍ନ
ଉଜ୍ଜ୍ୱଳ ନିର୍ମଳ ଶାନ୍ତ,
ଯଥା ଶାରଦୀୟ ନକ୍ଷତ୍ର-ମଣ୍ଡଳ-
ମଣ୍ଡିତ ରଜନୀକାନ୍ତ ।
ସିଂହାସନ ପାଦ- ପୀଠରେ ଉଜ୍ଜ୍ୱଳ
ରତ୍ନରାଜି ଥାନ୍ତି ଲଗି,
ରାଜନ୍ୟ-ମଣ୍ଡଳ- ମୁକୁଟ-ରତନେ
ଆଲିଙ୍ଗନ ଦେବା ଲାଗି ।
ପାଶେ ରତ୍ନଘଟେ ରଖା ହୋଇଥାଏ
ଯମୁନାର ସ୍ୱଚ୍ଛ ଜଳ,

ଯାଚକ-ଭୂସୁର ବାଞ୍ଛା ମହୀରୁହ
କରିବା ପାଇଁ ସଫଳ ।
ନୃପ ଦକ୍ଷ କରେ ପ୍ରଚଣ୍ଡ ପ୍ରଭାରେ
ରାଜୁଥାଏ ରାଜଦଣ୍ଡ,
ଦୂରୁ ଦେଖି ତାହା ରିପୁବର୍ଗ-ଗର୍ବ
ହୋଇଯାଏ ଖଣ୍ଡ ଖଣ୍ଡ ।
ଅଚଳ ସକଳ ଦେଉଥିଲେ ଯେଉଁ
ଗଜମୁକ୍ତା ଉପହାର,
ବାଛି ବାଛି ଯେଉଁ ରତ୍ନ ଉପହାର
ଦେଇଥିଲା ପାରାବାର;
ସଭାମଣ୍ଡପରେ ଝୁଲୁଥିଲେ ତାହା
ହୋଇ ଅବନତ ମୁଖ,
ପ୍ରଫୁଲ୍ଲିତ ହେଉ- ଥିଲେ ଲଭି ରାଜ-
ଦଣ୍ଡର ଚଣ୍ଡ-ମୟୂଖ ।
ନୃପ ଧନୁର୍ନାଦେ ରାକ୍ଷସସକଳ
ରାଜ୍ୟ ସହ ତେଜି ଦର୍ପ,
ଦୂରେ ଲୁଚିଥିଲେ ଗରୁଡ଼-ଗର୍ଜନ
ଶ୍ରବଣରେ ଯଥା ସର୍ପ ।

ହୃଦୟ ଭିତରେ କ୍ଷମା ନରେଶଙ୍କ
ହୃଦୟ ଉପରେ କ୍ଷୌମ,
ପରିଚ୍ଛଦ ରୂପେ ଥାଇ ହୋଇଥିଲେ
ଶୋଭା-ରାଜ୍ୟ ସାର୍ବଭୌମ ।
ଅତି ହିଁ ପ୍ରବଳ ଥିଲା ତାଙ୍କ ଲୋଭ
ଗୁଣିଗଣଙ୍କର ଗୁଣେ,
ରତ୍ନକୁ ଶିରିର- ବନ୍ଧ ମଣୁଥିଲେ
ମାନବ-ଶରୀର ଭୂଷଣେ ।
ଜୀବନେ ତାଙ୍କର ସତ୍ୟ ସହ ଯଶ
ନିତ କରୁଥାନ୍ତି କଳି,
ସ୍ୱଚ୍ଛତା, ଉଚ୍ଚତା ଗୁଣରେ ଥିବାର
ଏକରୁ ଅପର ବଳି ।
ଲୋକଙ୍କ ବିବାଦ ବିଚାରେ ନିପୁଣେ
ଥିଲେ ନିଜେ ନରପତି,
ସତ୍ୟ ଯଶ ବାଦ ବିଚାର କ୍ଷମତା
ଦେଇଥିଲେ ଲୋକ ପ୍ରତି ।
ପର-ପରଶଂସା ଶୁଣିଲେ ନୃପତି
ହୋଉଥିଲେ ଆହ୍ଲାଦିତ,
ତାଙ୍କ କାର୍ଯ୍ୟଠୁଁ ଭଲ କାର୍ଯ୍ୟ କରିବାକୁ
କିନ୍ତୁ ଦେଉଥିଲେ ଚିତ୍ତ ।
ଅବିଶ୍ରାମେ ଯଥା ଚଳନ୍ତି ଭାସ୍କର,
ଅହୋରାତ୍ର ବହେ ବାତ,
କରଗ୍ରାହୀ ନୃପ ପ୍ରଜାହିତେ ତଥା
ରହିଥାନ୍ତି ଅବିଶ୍ରାନ୍ତ ।
ନିଜେ ଦୁଃଖ ସହି ହରୁଥିଲେ ସଦା
'ପ୍ରକୃତି-ପୁଞ୍ଜର ଦୁଃଖ,
ପାଦପ ଯେମନ୍ତ ଛାୟା ଦିଏ ସହି
ପ୍ରଚଣ୍ଡ ଭାନୁ-ମୟୂଖ ।
ଶାସନେ ତାଙ୍କର ଆଲୋକ ଥିଲେହେଁ
ତମ ଥିଲା ଘୋର ତମ,
ସେତ୍ର ତମ ଭେଦି କୁପଥ ଗମନେ
କେହି ନୋହୁଥିଲେ କ୍ଷମ ।
ସଭା ସମ୍ମୁଖରେ ଉଭାହୋଇ ଆସି
କରଯୋଡ଼ି ପ୍ରତିହାରୀ,
ଜଣାଇଲା, "ଦେବ, କଣ୍ୱ-ଆଶ୍ରମରୁ
ଆସିଛନ୍ତି ତପସ୍ୱାରୀ ।
ଦୁଇ ଜଣ ଋଷି- ଶିଷ୍ୟ ଛନ୍ତି ପୁଣି
ନାରୀ ଛନ୍ତି ଦୁଇ ଜଣ,
କେଜାଣ କି କାର୍ଯ୍ୟେ ଇଚ୍ଛା କରୁଛନ୍ତି
ଶ୍ରୀମୁଖଙ୍କ ଦରଶନ ।
ନାରୀଙ୍କ ମଧ୍ୟରେ ଏକ ଅଛି ବୃଦ୍ଧା
ତରୁଣୀ ଅଛି ଅପର,
ମନେ କରେଁ ସେ ଋଷିକନ୍ୟା ନୁହେ,
ହେଲେ ବା ହେବ ଅପ୍ସରା ।
ତାପସଙ୍କ ମଧ୍ୟେ ତରୁଣୀର ରୂପ
ଦିଶୁଛି ଲାବଣ୍ୟମୟ,
ପାଣ୍ଡୁର-ପତ୍ରର- ମଧ୍ୟେ ମନୋରମ
ଯଥା ନବ କିଶଳୟ ।
ପଠାଇଅଛନ୍ତି ପରା ମୁନିବର
ପତ୍ର ଦେଇ ତାଙ୍କ ହସ୍ତେ,
ଆଜ୍ଞା ହେବ ଯେବେ ଉପଗତ ହେବେ
ସମ୍ମୁଖରେ ଆସି ସମସ୍ତେ ।"
ପ୍ରତିହାରୀ କଥା ଶୁଣି ମହାରାଜ
ଚମତ୍କାର ମଣି ମନେ,
ବୋଇଲେ, "ସତ୍ୱର ନିଅ ତାଙ୍କୁ ମୁହିଁ
ଯାଉଛି ଅଗ୍ନି-ଭବନେ ।"
ଶକୁନ୍ତଳା ଏଣେ ସିଂହଦ୍ୱାରେ ଥାଇ
ବିଚାରୁଛନ୍ତି ଅନ୍ତରେ,
"ଏହିକ୍ଷଣି କାନ୍ତ ଆସିଯିବେ ପରା
ମୋ ଆସିବା ଉଦନ୍ତରେ ।
କେଜାଣି ଆପଣେ ନିଜେ ହସି ହସି
ନେବେ ମୋର କର ଧରି,
ଅଥବା ସାଦରେ ଘେନିଯିବା ଲାଗି
ପଠାଇବେ ସହଚରୀ !
ଯାହା ହେଉ ଆଉ ସ୍ୱାମୀ-ଦରଶନେ
ଅଧିକ ବିଳମ୍ବ ନାହିଁ,
କେଉଁ ଠାକୁ ନେବେ, ହେବ ସୁସଜ୍ଜିତ
କେଉଁ ଗୃହ ମୋହ ପାଇଁ ?

କେତେ କେତେ ଘର   କେମନ୍ତ ସୁନ୍ଦର
ଶାଳତରୁ ଜିଣି ଉଚ୍ଚ,
କେମନ୍ତ ଧବଳ   ରାଜହଂସ-କାନ୍ତ
ଏହା ଭୁଲେ ହେବ ତୁଚ୍ଛ !
କେମନ୍ତେ ଚିହ୍ନିବ   କିଏ ଶ୍ୱଶ୍ରୂ ଦେବୀ,
କିଏ ବା ଥିବେ ନଣନ୍ଦ,
କାହାକୁ ସାଦରେ   ଆଲିଙ୍ଗିବ ତହିଁ
ବନ୍ଦିବ କାହାର ପଦ ?"
ବୃଥା କପାଁ ଏତେ   ଭାବନା ଭାବନ !
ଭବିତବ୍ୟ ଅଛି ଆନ,
ଭବିଷ୍ୟତ-ପୁର-   ପ୍ରବେଶ-କ୍ଷମତା
ଲଭି ନାହିଁ ନର-ଜ୍ଞାନ ।
ଏମନ୍ତ ସମୟେ   ପ୍ରତିହାରୀ ଆସି
ଜଣାଇ ରାଜସମ୍ମତି,
ଆଗନ୍ତୁକ ଗୁରୁ-   ଜଣେ ଘେନଗଲା
ଅଗ୍ନିଗୃହେ ନୃପ କତି ।
ଦେଖିଲେ ନରେଶ   ତାପସଙ୍କ ମଧ୍ୟେ
ତୁଚ୍ଛବେଶୀ ସୁକୁମାରୀ,
ପ୍ରସ୍ତର ଭିତରେ   ହୀରାଖଣ୍ଡ ପରି
ସହଜେ ହେଉଛି ବାରି ।
ତାପସମାନଙ୍କୁ   ପ୍ରସନ୍ନ ବଦନେ
ରାଜା କରି ସମାଦର,
ପୁଚ୍ଛିଲେ କୁଶଳ   ତାଙ୍କ, ମୁନିଙ୍କର,
ତଥା ଆଶ୍ରମପଦର ।
ଶାରଦ୍ୱତ ଦେଲେ   ଉତ୍ତର କୁଶଳ
ଥିବାର ସେ ସମୁଦାୟ,
ପୁଣି ପଚାରିଲେ   ନରେଶ ତାଙ୍କର
ଆଗମନ-ଅଭିପ୍ରାୟ ।
ଶାରଦ୍ୱତ କଣ୍ୱ-   ପ୍ରେରିତ-ପତ୍ରିକା
ଦେଲେ ନରବର-କରେ,
ମୁଦ ଫେଇ ମୁଦେ   ପଢ଼ୁଁ ପଢ଼ୁଁ ନୃପ
ବିସ୍ମିତ ହେଲେ ଅନ୍ତରେ ।
ଶକୁନ୍ତଳା ଆଶା   ଦଗ୍ଧ ହୋଇଯିବ
ଅନଳ-ଗୃହ-ଅନଳେ,
ଏ ବିଶ୍ୱାସ ତିଳ-   ମାତ୍ର ଥିଲା ନାହିଁ
ତାହାର ହୃଦ-କମଳେ ।
ପତ୍ର ପଢ଼ି ଥରେ   ଶୂନ୍ୟେ ଅନାଇଲେ
ସେ ପତ୍ର ପଢ଼ିଲେ ପୁଣି,
କେମନ୍ତ କଥା ଏ   ବୋଲି ପୁନଃ ପୁନଃ
ମନେ ମନେ ହେଲେ ଗୁଣି ।
ବିସ୍ଫାରିତ ନୟନେ   ଶକୁନ୍ତଳା ପ୍ରତି
ଚାହିଁ ଚାହିଁ ବାରମ୍ବାର,
ବିଷଣ୍ଣ ହୃଦୟେ   ପୁଣି ବିଚାରିଲେ,
"ଏ ତ ବଡ଼ ଚମତ୍କାର !
ଚିର ନୁହେ ଶଠ-   ଜନ ଶତ ଶତ
ଶାଠ୍ୟ କଲେ ଏ ସଂସାରେ,
ଚିର ଶତାଂଶରେ   ଶାଠ୍ୟ ଦେଖାଗଲେ
ଏକା ସାଧୁ-ଜନଠାରେ ।
ଶତ ଶାଠ୍ୟଁ ବଳି   ମୁନିଙ୍କ ପତ୍ରରେ
ପୂରିଅଛି ଯେଉଁ ଶାଠ୍ୟ,
ମୁନି ହେଲେ ଜଡ଼   ଛୁଣ୍ଡାଇ ମରନ୍ତେ,
ଏ କି ଶ୍ରାବ୍ୟ, ଏ କି ପାଠ୍ୟ ?
ସତ୍ୟ ନା କୁହୁକ   ବୁଝିପାରୁ ନାହିଁ,
କି ଦେବି ଏଥି ଉତ୍ତର ?"
ପଠନଭ୍ରମ ବା   ବୋଲି ଆଉ ଥରେ
ପଢ଼ିଲେ ପୁଣି ପତର ।
ଯାହା ପଢ଼ିଥିଲେ   ତାହା ଲେଖା ଅଛି
ପୁନଶ୍ଚ ବିଚାର କଲେ,
"ନିଶ୍ଚୟ ଦଇବୀ   ମାୟା ଏହା ମୋତେ
ଠକିବାକୁ କଉଶଳେ ।
ନ ହେଲେ ଏପରି   ସୁନ୍ଦରୀ ହୁଏ କି
ଅବନୀ ତଳେ ସମ୍ଭବ ?
ପୁଣି ବୃଦ୍ଧ କଣ୍ୱ   ମୁନିଙ୍କ ଦୁହିତା
ହେବା ତହୁଁ ଅସମ୍ଭବ ।
ମୁନି-କନ୍ୟା ଦେହେ   ମଣ୍ଡିତ ହୋଇଛି
ସ୍ୱର୍ଗୀୟ ଭୂଷଣରାଶି,
ମୁଁ କି ଏଡ଼େ ମୂର୍ଖ,   ଏତିକ ନ ବୁଝି
ଏ ପତ୍ରେ ହେବି ବିଶ୍ୱାସୀ ?

ଆସ ଜ୍ଞାନ, ଆସ   ବିବେକ, ମୋ' ହୃଦେ
ବସି ଦିଅ ମୋତେ ବଳ,
ଉଚିତ ଉତ୍ତର   ଦେବି, ଏ ଘଟଣା
ହେଉ ସତ୍ୟ ଅବା ଛଳ ।"
ବୋଇଲେ, "ତାପସ- କୁମାର, ପଠନେ
ବୁଝିଲି ପତ୍ରିକା ମର୍ମ,
ଯାହା ଲେଖିଛନ୍ତି   ମୁନି ତାହା ମୋର
ଧର୍ମ ନୁହେ, ନୁହେ କର୍ମ ।
ଏ ନାରୀ ସହିତ   କେବେ କାହିଁ ମୋର
ହୋଇ ନାହିଁ ପରିଣୟ,
ପୁରୁବଂଶୀ ଆଗେ   ଦେଖାଗଲା ଆଜ
ଅଭିନବ ଅଭିନୟ ।
ଯଦି ଗର୍ଭବତୀ   ନ ଥାନ୍ତା ଯୁବତୀ,
ନୋହିଥାନ୍ତି ବିବାହିତା,
ତେବେ ମହର୍ଷିଙ୍କ   ଆଦେଶ ପାଳନେ
ନ ଥିଲି ମୋ କିଛି ଚିନ୍ତା ।
କେମନ୍ତେ ବିନିଲି   ମନ ମୁନିଙ୍କର
ନିଜେ ହୋଇ ପୁରୁବଂଶୀ,
ସ୍ୱକୀୟ ବଂଶର   କୀର୍ତ୍ତି-କଳାକର-
ଅଙ୍ଗେ ଢାଳିବାକୁ ମସୀ !"
ଶାରଦ୍ୱତ ଚଳି ବୋଇଲେ, "ନରେଶ,
ସବୁ କଥା କି ଅନୃତ ?"
ହସି ନରପତି   ବୋଇଲେ, "ତାପସ,
ଇନ୍ଦ୍ରଜାଲ ଏ ପ୍ରକୃତ !"

ଶାର—
"ଦେଖ ଶକୁନ୍ତଳା,   ଫିଟାଅ ନରେନ୍ଦ୍ର-
ନୟନ-ତିରସ୍କରଣୀ,
ପ୍ରତିପନ୍ନ କର   କେଉଁ ରୂପେ ତୁମ୍ଭେ
ହୋଇଛ ତାଙ୍କ ଘରଣୀ ?"

ଶକୁ—
"ବୁଝିପାରୁ ନାହିଁ,   ସତ୍ୟ କି ଏ କଥା
ଚଳୁଅଛି ପରିହାସ,
ମୋ' ମନ ପରୀକ୍ଷା   କରୁଛନ୍ତି ବୋଲି
ହେଉଛି ଦୃଢ଼ ବିଶ୍ୱାସ ।
କେତେ ରଙ୍ଗେ ଭଷ   କରନ୍ତି ନରେଶ
ବୁଝିବ ବୁଝିବା ଲୋକ,
ଭିନ୍ନ ଭିନ୍ନ ଅର୍ଥ   ବହି ବିରଚିତ
ହୋଇଥାଏ ତାଙ୍କ ଶ୍ଲୋକ ।"

ଦୁଷ୍ମନ୍ତ—
"ସତେ କି ସୁନ୍ଦରି,   ଚିହ୍ନିଅଛ ମୋତେ
ମୁଁ ଧରିଛି ତୁମ୍ଭ କର ?
ସତେ କି ବଲ୍ଲଭ-   ରୂପେ ଦେଖିଅଛ
ବଦନକୁ ଦୁଷ୍ମନ୍ତର ?"

ଶକୁ—
"ଯେଉଁ ବଚନ ମୋ'   ଜୀବନ କିଣିଲା
ଶୁଣୁଅଛି ସେହି ସ୍ୱର,
କମଳିନୀ କେବେ   ବିକଶିଅଛି କି
ନ ଚାହିଁ ନିଜେ ଭାସ୍କର ?"

ଦୁଷ୍ମନ୍ତ—
"ଭଲକରି ଥରେ   ଦେଖ କି ନା ମୁଁ କି
ପାଇଥିଲି ତୁମ୍ଭ ପାଣି ?
ତୁମ୍ଭ ପରିଣେତା   ମୁହିଁ ଥିବାର କି
କରୁଛ ଦୃଢ଼ ବିଶ୍ୱାସ ?"

ଶାର—
"ଦେଖ ନା ନୃପଙ୍କ   ବଦନ, ବିବାହ-
କଥା କର ପ୍ରତିପନ୍ନ ।"

ଶକୁ—
"ସ୍ୱାମୀ ଥିବା ଯେବେ   ସମ୍ମତ ନୁହନ୍ତି
ଦେଖିବ କାହିଁ ଲପନ ?
ତେବେ ତାଙ୍କ ପ୍ରୀତି-   ଉପହାର ଅଛି
ନାମାଙ୍କିତ ଅଙ୍ଗୁରୀୟ,
ପ୍ରଣୟ-ପ୍ରମାଣ   ତାହା ମୋର ନେଇ
କରପଦ୍ମେ ତାଙ୍କ ଦିଅ ।"
ନରେଶ ବୋଇଲେ,   "ତାହା ଯଦି ଅଛି
ଏତେ କଥା କାହିଁ ପାଇଁ ?"
ସୁନ୍ଦରୀ ଚାହିଁଲେ   ଦେଖିଲା ଅଞ୍ଚଳେ
ଗଣ୍ଠି ନାହିଁ, ମୁଦି ନାହିଁ ।

ଏ କାଳ ସେ କାଳ ଦେଖିଲେ ବ୍ୟାକୁଳେ,
ସନ୍ଧି ନାହିଁ ମୁଦ୍ରିକାର,
ପୂର୍ବରୁ ବିପଦ କରି ଦେଇଅଛି
ନିଜ ପଥ ପରିଷ୍କାର ।
ଶୁଣି ନରପତି ସହାସେ ବୋଲନ୍ତି,
"ଦେଖ କରି ଅନ୍ୱେଷଣ,
ପ୍ରମାଣିତ ହେଉ, ଦୁଷ୍ମନ୍ତ ନୃପତି
କରଇ ମିଥ୍ୟା ଭାଷଣ ।
ଦେଖ ହେ ତାପସ, ବିଳମ୍ବ କାହିଁକି
ଦେଖାଅ ମୁଦ୍ରିକା ଆଣି,
ହେବ ଏହିକ୍ଷଣି ତୁମ୍ଭ ତପସ୍ୱିନୀ
ହସ୍ତିନାର ପାଟରାଣୀ ।"
ଅପମାନଭରେ ଶକୁନ୍ତଳା-ହୃଦ
କମ୍ପିଗଲା ଥରଥର,
ନୟନ-ଯୁଗଳୁଁ ଅଶ୍ରୁ ଦୁଇ ଧାର
ବହିଗଲା ଦରଦର ।
ସଖୀ କହିଥିଲା, ଯାହା ତା ପ୍ରାଣର
ପ୍ରଣୟ-ମନ୍ଦିର-କଞ୍ଚି;
ହଜାଇ ତା ହେଲେ ଅସମ୍ଭବ ମନେ
ହେଲା ରହିବାର ବଞ୍ଚି ।
ଅନ୍ଧକାରମୟ ଦିଶିଲା ଜଗତ,
ସ୍ଫୁରି ନ ପାରିଲା ଭାଷା,
ରେଣୁ ପରିଣତ ହୋଇ ଉଡ଼ିଗଲା
ହିମାଳୟ ତୁଲ୍ୟ ଆଶା ।
ଜାଣି ନ ପାରିଲେ ଅପଘନେ ତାଙ୍କ
ଅଛି କି ନା ଆଉ ପ୍ରାଣ,
କାହିଁ ଯିବେ ଅବା କେମନ୍ତେ ରହିବେ
ତହିଁକି ନ ହେଲା ଜ୍ଞାନ ।
ତଳ ପଡ଼ୁ ପଡ଼ୁ ଗଉତମୀ ଧରି
ବସିଗଲେ ଭୂମିତଳେ,
ପରାଣ ଅଛି କି ନାହିଁ ବୋଲି ମୁଖ
ଶୁଙ୍ଘିଲେ ଅତି ବିକଳେ ।
ହାହାକାର କରି ତପସ-ଯୁଗଳ
ବଦନେ ସିଞ୍ଚିଲେ ଜଳ,
ଦେଖିଲେ ନାସିକା- ବାୟୁ ଅଛି, କିନ୍ତୁ
ନୟନ-ତାରା ନିଶ୍ଚଳ ।
ନୃପତି ବୋଇଲେ, "କାହିଁକି କରୁଛ
ଏ ଦାରୁଣ ଅଭିନୟ,
କେଉଁ ଲାଭ ଆଶା ଅଛି ତାହା ବେଗେ
କହନା କରି ନିଶ୍ଚୟ ।"
ଶାର୍ଙ୍ଗରବ କ୍ରୋଧେ ବୋଇଲେ, "ଆମ୍ଭର
ନାହିଁ ଧନେ ପଣେ ଆଶ,
ଏଡ଼ ଅଭିନୟ ଅଧିନାୟକର
ହେବ ଏକା ସର୍ବନାଶ !
ଆବାଲ୍ୟ ଆଶ୍ରମ- ଲାଳିତା ସରଳା
ମାୟାବିନୀ ହେବା ବାଣୀ,
ହାୟ ରେ ଦଇବ, ହାୟ ଧର୍ମଦେବ,
ଏଥି ଶୁଣାଇଲ ଆଣି !
ପର-ପ୍ରବଞ୍ଚନା ଅବଳା-ଗଞ୍ଜନା
ହେଲା ଏବେ ରାଜଧର୍ମ,
ଲକ୍ଷ୍ମୀଦେବି, ତୁମ୍ଭେ କେଉଁ ଲୋଭେ ପଡ଼ି
ଛେକିପାରୁ ନାହିଁ ହର୍ମ୍ୟ !"
ବୋଇଲେ ନରେଶ, "ତରୁଣ ତାପସ,
କରୁଣେ ମିଶାଇ କ୍ରୋଧ,
ବାଳ-ଚପଳତା କିପାଁ ଦେଖାଉଛ
ନ ନେଇ ବିଷୟବୋଧ ?
ତରୁଣୀର ଦଶା ଦର୍ଶନେ ସହସା
ତନୁ ହୁଏ ଲୋମାଞ୍ଚିତ;
ମଣଇଁ, ମୋ ନାମ କହି କେହି ତାକୁ
କରିଅଛି ପ୍ରବଞ୍ଚିତ ।
ଶୋଭାବତୀ ଶୋଭା- ସରିତରେ ଦେବେ
ହୋଇଯିବେ ଲୋଭାନ୍ୱିତ;
କପଟେ ଲମ୍ପଟେ କେହି ତହିଁ ଶୁଣି
ହୋଇଥିବ ନିମନ୍ତ୍ରିତ ।
ଶାର୍ଙ୍ଗ—
"ଦେବେ ଯେବେ ଲୋଭେ ପଡ଼ନ୍ତେ କାହିଁକି
ନେଇଥାନ୍ତେ ତୁମ୍ଭ ନାମ ?
ଦିବ୍ୟ ରୂପ ବହି ପ୍ରଣୟୀ କି ହୋଇ
ନ ପାରନ୍ତେ ସିଦ୍ଧକାମ ?"

ଦୁଷ୍ମନ୍ତ—

"ସ୍ୱଭାବତଃ ନାରୀ   ଦେବେ ଏଡ଼େ ଲୋଡ଼-
ଥାଏ ନର-ପ୍ରୀତି-ପାଶେ,
ନଳ ରୂପ ଧରି-   ଥିଲେ ଦେବେ ବହୁ
ଦମୟନ୍ତୀ-ଲାଭ-ଆଶେ।"

ଶାର୍ଙ୍ଗ—

"ମିଥ୍ୟା ଅପଲାପ   ନ ହେଉ, ସନ୍ତାପ
ନ ପଶୁ ସାଧୁ ଜୀବନେ,
ଏହା ଆମ୍ଭ ଶିକ୍ଷା   ଏହା ଧର୍ମଦୀକ୍ଷା,
ଏହା ଆମ୍ଭ କାର୍ଯ୍ୟେ ମନେ।
କର୍ମଫଳ ପ୍ରାଣୀ   ଅବଶ୍ୟ ଭୁଞ୍ଜଇ,
କେ କହିପାରିବ ଆନ?
ଶତ ପ୍ରତିଷେଧ   ଲଙ୍ଘି ପଶିଥାଏ
କର୍ମଫଳ ବଳବାନ।
ରହ ଶକୁନ୍ତଳା,   ଧର୍ମ ଅନୁସରି,
କର୍ମଫଳ କର ଭୋଗ,
ବୃଥା ଆମ୍ଭେ ଆଉ   କରି ନ ପାରିବୁଁ
ଅପଧର୍ମ ଅନୁଯୋଗ।
ଶାରଦ୍ୱତ ଭାଇ,   ଗୁରୁ ଆଗ ହୋଇ
ରହି ନ ପାରିବା କ୍ଷଣେ,
ଗୁରୁ ଗଉତମି,   ନ ହେଲେ ପଡ଼ିବା
ମହାପାପ-ଆକ୍ରମଣେ।"
ତାପସଙ୍କ ସହ   ଚଳିଲେ ଗୌତମୀ
ଦୁଃଖିନୀକି ଦେଇ କାନ୍ତେ,
ଜ୍ଞାନ-ତୃଷ୍ଣା ଲଭି   ମଣିଲା ଦୁଃଖିନୀ
ସମର୍ପିତ ହେଲା କାନ୍ତେ।
ତାପସଙ୍କ ପ୍ରତି   ବିଲୋକି ବୋଇଲେ
ନରପତି ଉପହାସେ,
"ଧନ୍ୟ ହେ ତାପସ!   କର୍ମଫଳ ରଖି
ଦେଇଯାଉଛ ମୋ ପାଶେ।
ପୁରୁବଂଶ ହେବ   ବିସ୍ତୃତ-ବିଶ୍ରୁତ-
କୀରତି ଜାର-ସନ୍ତାନେ!"
ଶୁଣି ବିମୁଗ୍ଧାର   ଆଶା-ଲତା ନବ
ପଲ୍ଲବିତ ହେଲା ପ୍ରାଣେ।

'ଜାର' ଶବ୍ଦ 'ଯାର'   ବୁଝିଲା ସରଳା
ଅକ୍ଷରଭେଦ ନ ବାରି,
ଭୀମ-ବଜ୍ର-ନାଦ   ନ ଗଣି ଚାତକୀ
ପାନ କରେ ଘନ ବାରି।
ଯେଉଁ ସୁଧାକରୁଁ   ସୁଧା ପାନ କରି
ଚକୋରୀ ଥାଏ ଜୀବନେ,
ସେହି ଚନ୍ଦ୍ରମାରୁ   ଗରଳ ଝରିବା
କେମନ୍ତେ ଭାବିବ ମନେ?
ଯେଉଁ ନୃପ-ପ୍ରେମ-   ଜଳେ ନିମଜ୍ଜିତ
ହୋଇଅଛି ପ୍ରେମଶୀଳା,
କେମନ୍ତେ ମଣନ୍ତା   ସେହି ପ୍ରେମ-ଜଳ
ପାଲଟିଛି ହିମଶିଳା।
ସମୁଚେ "ତଥାସ୍ତୁ"   ଉଚାରି ତାପସେ
ବାହାରିଗଲେ ଚଞ୍ଚଳ,
କାଳେ ପୁରୁବଂଶେ   କୁନ୍ତୀର ଉଦରେ
ଫଳିଲା ସେହି ସୁଫଳ।
ସାଧୁ ପ୍ରତି କରି   ଉପହାସ କେହି
ପାଇ ନ ପାରନ୍ତି ପାର,
ସାଧୁ-ଅଙ୍ଗେ ପଡ଼ି   ଉପହାସ ପୁଣି
ସାଧିଥାଏ ଉପକାର।
ଶକୁନ୍ତଳା ଯେଉଁ   ଭାବରେ ବୁଝିଲେ
ତାହା ମଧ୍ୟ ନୁହେ ବ୍ୟର୍ଥ,
ପୁତ୍ର ତାଙ୍କ ହେଲେ   ଜନନୀ-ମାନସ-
ସିଦ୍ଧି ସାଧନେ ସମର୍ଥ।
ସ୍ୱଭାବ-ସାଧବୀ   ସରଳ ହୃଦୟେ
ହୁଡ଼ିଯାନ୍ତି ଯେବେ ପଥ,
ବିଧାତା ସେ ଦୋଷ   କ୍ଷମି ସିଦ୍ଧ କରେ
ତାଙ୍କ ଶୁଭ-ମନୋରଥ।
ସଞ୍ଜ୍ଞା ଉପଗତ   ହୋଇଗଲା ଆସି
ବିମୁଗ୍ଧାର ଅପଘନେ,
ପ୍ରତ୍ୟାଖ୍ୟାନ କଥା   ସବୁ ପରିହାସ
ବୋଲି ବୋଧକଲେ ମନେ।
ପରିହାସ-ପଟୁ   ନୃପମଣି ବୋଲି
ଜାଣି ତ ଥିଲେ ଦୁଃଖିନୀ,

ବାଳକୁ ପୀୟୂଷ ବିଶ୍ୱାସେ ପିଇଲେ
ଥିବାରୁଁ ପ୍ରେମ-ଭିଖାରିଣୀ ।
ବିରାଜିଲା ତାଙ୍କ ବଦନର ଜ୍ୟୋତି
ବିମାର୍ଜିତ ହେଲା କାନ୍ତି,
ରାଜଲକ୍ଷ୍ମୀ କିଏ ମୂର୍ତ୍ତିମତୀ ବୋଲି
ରାଜା-ମନେ ହେଲା ଭ୍ରାନ୍ତି ।
ରାଜଲକ୍ଷ୍ମୀ ଭାର ହୋଇଥିଲା ତାଙ୍କ
ଜୀବନର ସୁଖକର,
ଏହି ରାଜଲକ୍ଷ୍ମୀ ଭାର ହେଲା କିନ୍ତୁ
ଦୁର୍ବହ ଦୁଃସହତର ।
କର୍ତ୍ତବ୍ୟ ବିମୂଢ଼ ହୋଇ ମହାରାଜ
ରହିଲେ ବିଷମ କଷ୍ଟେ,
ବିଚାରିଲେ ମନେ ଚୁଚୁନ୍ଦ୍ରା ସହସା
ପଶିଗଲା ନାଗ-କଣ୍ଠେ ।
ନୃପ-ଭାବ ଦେଖି ପୁରୋଧା ବୋଇଲେ,
"ନରେନ୍ଦ୍ର ନ ହୁଅ ଖିନ୍ନ,
ତୁମ୍ଭର କୁମର ଜନ୍ମିବ ଶରୀରେ
ବହି ଚକ୍ରବର୍ତ୍ତୀ ଚିହ୍ନ ।
କେତେ ମୁନି କେତେ ଗଣକେ ଏ କଥା
କହିଛନ୍ତି ବାରମ୍ବାର,
ସେହିଟି କେବଳ ଉତ୍କୃଷ୍ଟ ଉପାୟ
କଣ୍ୱ-ପଥ ପରୀକ୍ଷାର ।
ପ୍ରସୂତିକା ହେବା- ଯାଏ ବରାରୋହା
ରକ୍ଷିତା ହେଉ ଯତନେ,
ତା ପରେ ଗ୍ରହଣ ଅବା ନିଗ୍ରହଣ
ଯା ହେବ ତୁମ୍ଭଙ୍କ ମନେ ।"
ସଂକେତେ ସମ୍ମତି ବିଜ୍ଞାପିଲେ ନୃପ
ତାଙ୍କ ଗୃହେ ନେବା ପାଇଁ,
ସରଳହୃଦୟା ବିନମ୍ରବଦନା
ବାମା ତା ଜାଣଇ ନାହିଁ ।

ବାମାକୁ ପୁରୋଧା ବୋଇଲେ, "ଆସ ମା,
ସଦନକୁ ଯିବା ଆସ,
ଧର୍ମବଳ ତୋର ସୁଖ ସମ୍ପାଦିବ,
ଧରମେ ରଖ ବିଶ୍ୱାସ ।"
ଚାଲିଲେ ପୁରୋଧା, ଗଲେ ଶକୁନ୍ତଳା
ତାଙ୍କ ପଦ କରି ଲକ୍ଷ୍ୟ,
ଅଭାଗିନୀ ମନେ କଲେ ଯାଉଛନ୍ତି
ପ୍ରାଣେଶ-ନିବାସ-କକ୍ଷ ।
ଜାଣିଥାନ୍ତେ ଯଦି ଗତି ହେଉ ନାହିଁ
ପତିଙ୍କ ପୁଣ୍ୟ ପ୍ରାସାଦ,
ଜୀବନ ସଂଶୟ ହୋଇଥାନ୍ତା, କାହିଁ
ଚାଲିଥାନ୍ତା ଅବା ପଦ ?
କିଛି ଦୂର ଯାଇଁ ପଥେ ଉଭା ହୋଇ
ଅପୂର୍ବ ଏକ ସୁନ୍ଦରୀ,
'ଆସ ବତ୍ସେ, ଆସ ମୋ ପୁରକୁ' ବୋଲି
ନେଲା ବାଳା-କର ଧରି ।
'ଏ କି, ଏ କି' ବୋଲୁଁ ବୋଲୁଁ ପୁରୋହିତ
ଜାଣି ନ ପାରିଲେ ଆଉ,
କେଉଁ ଦିଗେ ଘେନି- ଗଲା ସେ ରମଣୀ,
ଆସିଥିଲା ଅବା କାହୁଁ ?
ବାମା ନିରୁଦ୍ଦେଶ ବାରତା ଜାଣିଲେ
ପୁରୋଧା-ମୁଖୁଁ ନରେଶ,
ଜାଣି ନ ପାରିଲେ କରିଛି **ପ୍ରଣୟ-**
**ପୁଷ୍ପେ କୀଟ** ପରବେଶ ।
ମତି ଯାର ଶୁଭ ଗତିରେ ତା ଶୁଭ
ଉଭା କରିଦିଏ ଧର୍ମ,
ଶକୁନ୍ତଳା ଯହିଁ ରହିଲା ସେ ପୁର
ଦୁଃଖ-ବିଶିଖର ବର୍ମ ।

# ଷଷ୍ଠ ସର୍ଗ

## ପ୍ରଣୟ-ଫଳ

ଶିଶିର-ସଦନେ ଜନ୍ମିଲା ନନ୍ଦନ
ମନୋହର ରୂପବନ୍ତ,
ତା ଦେଖି ଶିଶିର ଆନନ୍ଦେ ଅଧୀର
ହେଲା ଯେହ୍ନେ ଉନମତ୍ତ ।
ସ୍ଥୂଳ ଊର୍ଣ୍ଣ-ବାସ ବାଛି ବାଛି ଦେଲା
ପେଡ଼ି ସକଳଙ୍କୁ ଦାନ,
ସୁପକ୍ୱ ଗୋଧୂମ- ରାଶି ଦାନେ କଲା
ଦାନ୍ରଭୋଜ ସମାଧାନ ।
ଇକ୍ଷୁ ଦଣ୍ଡ-ମାନ ଖଣ୍ଡ ଖଣ୍ଡ କରି
କ୍ଷେପିଲା କେଦାର ଗର୍ଭେ,
କୁସୁମ-କୁସୁମ- ରଞ୍ଜିତ ବସନ
ପାଇଲେ ରସିକ ସର୍ବେ ।
ଦିଗେ ଦିଗେ ହେଲା ହରିଦ୍ରାରଞ୍ଜିତ
ମଧୁମୟ ଶୁଭ ପନ୍ଥ,
ଆତପ-ତାପିତ ଜନେ ବିତରିଲା
ଲକ୍ଷ ଲକ୍ଷ ଆତପତ୍ର ।
ଗଗନଗୃହୀଙ୍କି ଦେବା ପାଇଁ ପଥ
ନେଲା ଚନ୍ଦ-ପବମାନ,
କରିନେଲା ପଥ ଧୂଳି-ବିରଚିତ
ଭଉଁରି-ଖମ୍ବ-ସୋପାନ ।
ନବାସିତ ପଦ୍ମ- ସବୁଙ୍କୁ ଆଣିଲା
ହୃଦେ ହୋଇ ଦୟାଯୁକ୍ତ,
ଶୀତବିକମ୍ପିତ ପ୍ରଭାତକୁ କଲା
କୁଜ୍ଝଟିକା-କାରାମୁକ୍ତ ।
ରବି ହେଉଥିଲା ସୁଦୀର୍ଘ ସମୟ
ହସନ୍ତୀ ବଦନ ଦଣ୍ଡ,
କ୍ଷମାକର ତାକୁ ପୁରସ୍କାର ଦେଲା
ଚନ୍ଦ୍ରିକା-ପୀୟୂଷ-ଖଣ୍ଡ ।

ଦିଗଙ୍ଗନାମାନେ ହଟି ହଟି ନେଲେ
ପାଟଳ-ପାଟଳ-ପାଟ,
ଚିର-ଜ୍ୟୋତି-ଲୋଭୀ ଜ୍ୟୋତିଷ୍କ-ମଣ୍ଡଳ
ଜୁରି କଲେ ଜ୍ୟୋତି-ହାଟ ।
ସୁନାରୀ ଖର୍ଜୁର ରହିଲେ ସୁବର୍ଣ୍ଣ-
ହାର-ସଂଗଠନେ ବ୍ୟସ୍ତ,
ଚନ୍ଦ୍ରାତପ ପାଇଁ ଶାଳ୍ମଳୀଏ ହେଲେ
ଅହୋରାତ୍ର ସୂଚି-ହସ୍ତ ।
ପଥ ପାଇ ବନ- ନଗର-ଉଦ୍ୟାନ-
ଜନପଦୁଁ ତରୁ ଲତା,
ଶିଶିର-ମନ୍ଦିରେ ଉପଗତ ହେଲେ
ହୃଦେ ଭରି ପ୍ରଫୁଲ୍ଲତା ।
ବଟାଳ ରସାଳ ଶାଳ ସହିତରେ
ପଳାସ-ପାଦପଗଣ,
ସଂହତିବଳରେ ତରୁ-ସଂଘ ମଧ୍ୟେ
ଦେଖାଇଲେ ବଡ଼ପଣ ।
ତାଙ୍କ ପଛେ ପଛେ ମଧୂକ-ଶିରୀଷ-
କାଞ୍ଚନ ଭୂରୁହଶ୍ରେଣୀ,
ଉଭା ହୋଇଗଲେ ବିଭବାନୁରୂପ
ବସନ-ଭୂଷଣ ଘେନି ।
ଶୁଭ୍ର ପରିଚ୍ଛଦେ ଅଭ୍ର ଚମକାଇ
ଦମ୍ଭେ ନମ୍ର ମହୀରୁହ,
ତରୁ-ସମ୍ମିଳନୀ- ମଣ୍ଡପେ ବସିଲା
ଭେଦକରି ତରୁ-ବ୍ୟୂହ ।
କନ୍ନର ସ୍ୱରୂପେ କନ୍ନରୀ ସ୍ୱରୂପେ
ସାଜି ଦିବ୍ୟ ବିଭୂଷଣେ,
ମାଧବୀ ନଆଳୀ ମଲ୍ଲୀ ନେଇଥିଲା
ଚମ୍ପକ ମଧ୍ୟ ପ୍ରାଙ୍ଗଣେ ।

ସେବା ପାଇଁ କତ ଥିଲେ ମଞ୍ଜୁ ଆଶା
କର୍ଣ୍ଣିକାର କୁରୁବକ,
ବକୁଳ ବକମ କଣ୍ଠେ ଶିରେ ଘେନ
ମଞ୍ଜୁଳ-ପୁଷ୍ପ-ସ୍ତବକ ।
ଆସିଲେ ସୁମନ ଦଳ ଦଳ ହୋଇ
ଆସିଲେ ଦ୍ୱିଜ-ମଣ୍ଡଳ,
ସ୍ୱଦେଶୀ ବିଦେଶୀ ଶୋଭା-ସମ୍ଭାରରେ
ମଣ୍ଡିଦେଲେ ସଭାସ୍ଥଳ ।
ଅଗସ୍ତ୍ୟଙ୍କ ଶୁଭ- ଆଶିଷ-ବାରତା
ସମୀର ଆଣିଲା ବହି,
ମଳୟ-ଭୂଧର- ଚନ୍ଦନ-ସୌରଭ
ଲୋଭେ ତହିଁ କ୍ଷଣେ ରହି ।
ଶଙ୍ଖ ବଜାଇଲା ମଧୁପ ମଧୁରେ
ନାମକରଣ-ଉତ୍ସବେ,
ନବ-ନନ୍ଦନର "ବସନ୍ତ" ନାମରେ
ଏକମତ ହେଲେ ସର୍ବେ ।
ମଧୁ ଭୋଜି ହେଲା ପରଷିଲେ ଫୁଲ୍ଲ
ହୃଦୟେ ସୁମନ-ଦଳ,
ଲୁଟି କରୁଥିଲା ମଧୁପ ଶଙ୍ଖୁଆ
ଲଗାଇ କୌଶଳ ଛଳ ।
ଦ୍ୱିଜଗଣ ମଧୁ ସହିତ ଭକ୍ଷଣ
କରୁଥାନ୍ତି ମଧୁଭଣ୍ଡ,
ମହୀରୁହଗଣ ସ୍ତମ୍ଭୀଭୂତ ହୋଇ
ରହିଲେ ଚାହିଁ ସେ କାଣ୍ଡ ।
ସୁଦୂର ଆଗତ କୋକିଳ ମଧୁରେ
କଲା ଶୁଭ ଆଶୀର୍ବାଦ,
ଦ୍ୱିଜଗଣ ତାହା ସମର୍ଥନ କଲେ
ଉଚ୍ଚରି 'ତଥାସ୍ତୁ' ନାଦ ।
କ୍ରମେ ବୃଦ୍ଧ ହେଲା ଶିଶିର ଶରୀର
ହୋଇଗଲା ବଳହୀନ,
ଶଶିକଳା-ମତ ବଢ଼ିଲା ବସନ୍ତ
କରମେ ହେଲା ପ୍ରବୀଣ ।
ପୁତ୍ରେ ରାଜ୍ୟ ଦେଇ ଶିଶିର ପର୍ବତ-
ତଳେ ଯାଇ କଲା ବାସ,
ତନୁ ତ୍ୟାଗ କଲା ଘୋର ତପେ ଗିରି-
କନ୍ଦରେ ଜାଳି ଆଶ୍ରୟାଶ ।
ଜନ୍ମି ଥିଲା ବୋଲି ମରଣ ଲଭିଲା,
ଜନମିବ ସେହିପରି,
ଦେଲା ଯାହା ଯାହା ଜନ୍ମାନ୍ତରେ ତାହା
ଭଣ୍ଡାରେ ରହିବ ଭରି ।
ବସନ୍ତ-ମାଧୁରୀ ଦର୍ଶନ-ମାନସେ
ଦୁଷ୍ମନ୍ତ ନୃପତି ବନେ ,
ଏକାକୀ ଭ୍ରମଣ କରୁଥିଲେ ଯାଇ
ତଟିନୀ-ତଟ-ବିପିନେ ।
ଶ୍ରବଣେ ତାଙ୍କର ପ୍ରବେଶିଲା ଏକ
ରମଣୀ-କଣ୍ଠର ଗାନ,
ଜଳଧର-ନାଦେ ଶିଳୀନ୍ଧ୍ର ପରିଏ
ପୁଲକ ଉଠିଲା ପ୍ରାଣ ।
ସ୍ୱର ଲକ୍ଷ୍ୟକରି ଲୁଚି ଉପଗତ
ହୋଇଲେ ଗାନ ସନ୍ନିଧାନେ,
ମୁହୂର୍ତ୍ତେ ଶ୍ରବଣ କଲେ ସେ ମଧୁର
ଗୀତ ଶ୍ରୁତି-ପ୍ରଣିଧାନେ ।
ଯେତକ ଶୁଣିଲେ ତେତକ ନୃପଙ୍କ
ଜୀବନ ହେଲା ବ୍ୟାକୁଳ,
ବିସ୍ମୃତି-ସାଗର- ମଧ୍ୟେ ପଶି ଯେହ୍ନେ
ଖୋଜି ପାଉ ନାହିଁ କୂଳ ।
ଦେଖିଲେ ନରେଶ, ନାରୀ ଏକ ଅଛି
ଶିଶୁଟିଏ ଧରି କୋଳେ,
ତରୁଣୀ ଏ ବନ ପୁଲକାଉଅଛି
ସଙ୍ଗୀତ-ସ୍ୱର-ହିଲ୍ଲୋଳେ ।
ଗୀତେ ଥିଲା,"ଅଳି ନବ-ବିକସିତ
ନଳିନୀକି ପରିହରି,
ବଂଶ ରନ୍ଧ୍ରେ, ରନ୍ଧ୍ରେ, ଭ୍ରମି ମରୁଥାଏ
କେଉଁ ସୁଖ-ଆଶା କରି ?"
ପୁରୁଷ ଗୋଟିଏ ଆସିଲା ସେଠାକୁ
ନାନାବିଧ ଫୁଲ ଧରି,
ତାକୁ ଚାହିଁ ଶିଶୁ ହରଷେ ଉଠିଲା
ମାତା-କୋଳ ତ୍ୟାଗକରି ।

'ବାବା, ବାବା' ବୋଲି ବାଳକ ପୁରୁଷ-
ବକ୍ଷେ କଲା ଆରୋହଣ,
ପୁରୁଷ ହିଁ ତାକୁ ସାଦରେ ଧଇଲା
କରି କର ପ୍ରସାରଣ ।
ରୂପ-ସମ୍ପଦରେ ତିନିଙ୍କର କେହି
କାହାକୁ ନ ଥିଲେ ନ୍ୟୂନ,
ତିନି ଜଣଙ୍କର ଆନନ୍ଦରେ ଶୋଭା
ହୋଇଗଲା ଚତୁର୍ଗୁଣ ।
ଚାତକ-ନୟନେ ଅକସ୍ମାତ ତିନି
ମେଘ-ସମ୍ମିଳିତ ନଭେ;
ପ୍ରାୟେ ନୃପତିଙ୍କ ହୃଦେ ଉତ୍କଣ୍ଠା
ଜନମାଇଦେଲେ ଲବେ ।
ଶାର୍ଦ୍ଦୂଳର ଗନ୍ଧ ପାଇଲେ ଯେସନ
ହୁଅନ୍ତି ହରିଣ-ଦଳ,
ଚକିତେ ଚୌଦିଗ ଚାହିଁଲେ ସେମାନେ
ହୃଦୟ କରି ଚଞ୍ଚଳ ।
ଚାହିଁ ଚାହିଁ ପଶି କାନନେ ନୃପଙ୍କ
ନୟନୁ ହେଲେ ଅନ୍ତର,
ନାଚି ନାଚି ତାଙ୍କ ଶୋଭା ନରେଶଙ୍କ
କମ୍ପିତ କଲା ଅନ୍ତର ।
ନୃପ-ନେତ୍ରେ ବନ ନୀରସ ଦିଶିଲା,
ନୀରସ ଦିଶିଲା ମହୀ,
ରସ-ଲୁବ୍ଧ-ହୃଦେ ଲେଉଟି ଆସିଲେ
ପଥେ ଧୀରେ ରହି ରହି ।
ରାଜ-ପଣ, ରାଜ- ସମ୍ପଦ ସକଳ
ପ୍ରତୀତ ହେଲା ନୀରସ,
ନୀରସ ଲାଗିଲା ମଧୁମୟ ମଧୁ
ମାସର ରାତ୍ରି ଦିବସ ।
କେଉଁ ସୁଖେ ଇଚ୍ଛା ତହିଁର ବିବକ୍ଷା
ମନେ ତାଙ୍କ ହେଲା ନାହିଁ,
ଯେଉଁ ସୁଖେ ଚିନ୍ତା ପଶଇ ଲେଉଟି
ଆସେ ତା ରୁକ୍ଷତା ଚାହିଁ ।
ଦୁର୍ବାସାଙ୍କ ଶାପ- ବଳେ ନୃପ-ହୃଦେ
ଶକୁନ୍ତଳାର ପ୍ରଣୟ,
ପିଞ୍ଜର-ନିବଦ୍ଧ- କ୍ଷୁଧିତ-ଶାର୍ଦ୍ଦୂଳ-
ପରାଏ ହେଲା ଅଥୟ ।
ବସିଥାନ୍ତି ରାଜା ବାହାର-ମଣ୍ଡପେ
ନଗର-ରକ୍ଷକ ଆସି,
ମୁଦ୍ରିକା ଗୋଟିଏ ନୃପ-ହସ୍ତେ ଦେଲା
ପ୍ରଣମି ଏମନ୍ତ ଭାଷି ।
"ମହାରାଜ, ଆଜ ନଗର ଭ୍ରମଣ-
ସମୟରେ ଅପହୃତ,
ଏହି ମୁଦ୍ରିକାର ସହିତ ଧୀବର
ଜଣେ ହୋଇଅଛି ଧୃତ ।
ଧୀବର କହେ, ସେ ମାଛ ମାରିଥିଲା
ଶଚୀ-ତୀର୍ଥ-ଜଳେ ଜାଲେ,
ମୁଦ୍ରିକା ପାଇଲା ଗର୍ଭେ ତାକୁ ଖଣ୍ଡ-
ଖଣ୍ଡ କରିବାର କାଳେ ।
ମୁଦ୍ରିକା ଆମିଷ- ଗନ୍ଧ କରୁଅଛି
ସେ କଥାକୁ ସମର୍ଥିତ,
ମୁଦ୍ରିକାରେ ହୋଇ- ଅଛି ଶ୍ରୀମୁଙ୍କର
ନାମ ଅକ୍ଷର ଖୋଦିତ ।"
"ସତ କି ହେ" ବୋଲି ନରେଶ ନିଅନ୍ତି
ମୁଦ୍ରିକାର ପରିଚୟ,
ଫିଟିଗଲା ସ୍ମୃତି- କପାଟ, ଦିଶିଲା
ଶକୁନ୍ତଳା-ପରିଣୟ ।
ଜାଣିଲେ ଅକ୍ଷରେ ଅକ୍ଷରେ ସତ୍ୟ, ଯା
ଲେଖିଥିଲେ କଣ୍ୱ ମୁନି,
ବିସ୍ମୟେ ବିଷାଦେ କ୍ଷୋଭେ ରହିଗଲେ
ରାଜା ହୋଇ କ୍ଷଣେ ତୁନି ।
କିମ୍ଭୂତ ଘଟଣା ବୋଲି କେତେ କେତେ
ଚିନ୍ତା କଲେ ମନେ ମନେ,
ପଶିବାରେ କିନ୍ତୁ ସମର୍ଥ ନ ହେଲେ
ନିବିଡ଼-ରହସ୍ୟ-ବନେ ।
ନୃପ ଆଦେଶରେ ଧୀବର ସତ୍ୱର
ସମ୍ମୁଖକୁ ହୋଇ ନୀତ,
କମ୍ପିତକଳେବରେ ବିଚଳିତ ସ୍ୱରେ
କହିଲା ହୋଇ ବିନୀତ ।

"ମହାରାଜ ଧର୍ମ- ଅବତାର, ଜଣେ
ଧୀବର ମୁଁ ନୁହେ ଚୋର;"
ନରେଶ ବୋଇଲେ, "ଜାତ ପରିଚୟେ
ଆବଶ୍ୟକ ନାହିଁ ମୋର ।"
ଧୀବର—
"ଧର୍ମପ୍ରଭୋ, ମାଛ ମାରି ଆଣିଥିଲି,
ଦୋଷ ବୁଝି ଦିଅ ଦଣ୍ଡ;"
ରାଜା—
"ମାଛ ମାରିବାର ବିଷୟ ବର୍ଣ୍ଣନ
କରିବାର ସବୁ ପଣ୍ଡ ।"
ଧୀବର—
"ମହାରାଜ, ମୁହିଁ ଜଣେ କର୍ମ କରି
ପୋଷେଁ ବହୁ ପରିବାର ;"
ରାଜା—
"ଧୀବର ତୁମର ବୃଥା ମାନ ଏତେ
ବାଚାଳତା କରିବାର ।"
"ରକ୍ଷା କର" ବୋଲି ଧୀବର ପଡ଼ିଲା
ନୃପତି-ଚରଣତଳେ,
ଭୂମି ଭିଜିଗଲା ଶରୀର-ଘର୍ମରେ
ନୟନ-ନିଃସୃତ-ଜଳେ ।
କୋଷାଧ୍ୟକ୍ଷେ ଚାହିଁ ନରେଶ ବୋଇଲେ,
"ଶତ ସ୍ୱର୍ଣ୍ଣମୁଦ୍ରା ଆଣ",
ଶୁଣି ଧୀବରର ସାହସ ଉଡ଼ିଲା,
ହଜିଗଲା ପୁଣି ଜ୍ଞାନ ।
ଭୂତଳେ କପାଳ ଲଗାଇ ଧୀବର
ହୋଇଥିଲା ଦଣ୍ଡବତ,
ବୁଝିଲା ସେ ଆଜ୍ଞା ଅର୍ଥଦଣ୍ଡ ତାକୁ
ହେଲା ସ୍ୱର୍ଣ୍ଣମୁଦ୍ରା ଶତ ।
ଭୀତ ମାନବକୁ ହିତ ହିଁ ଅହିତ
ବୋଧ ହୋଇଥାଏ ସଦା,
ବନପ୍ରିୟ-ଧ୍ୱନି ପ୍ରେତ-ବାଣୀରୂପେ
ହୁଏ ତା ଚମକପ୍ରଦା ।
କାନ୍ଦି ଉଚ୍ଚସ୍ୱରେ ଧୀବର କହିଲା,
"ମହାରାଜ, ସାହି ସାହି,
ଶତ ସ୍ୱର୍ଣ୍ଣମୁଦ୍ରା ସତର ମୁ ଚୁଟେ
କେହି ମୋର ଦେଖି ନାହିଁ ।
ନ ବୁଝି ଦୀନକୁ ଦଣ୍ଡ ଦେବା ପାଇଁ
ଯଦ୍ୟପି କଟିଲ ବିଚାର,
ସଦୟ ହୃଦୟେ ଆଜ୍ଞା ହେଉ ମୋତେ
ଯିବା ପାଇଁ କାରାଗାର ।"
କୋଷାଧ୍ୟକ୍ଷ ଶତ ସ୍ୱର୍ଣ୍ଣମୁଦ୍ରା ଘେନି
ଉପଗତ ନୃପ-ପାଶେ,
ଧୀବରକୁ ନୃପ ବୋଇଲେ, "ଏ ମୁଦ୍ରା
ପୁରସ୍କାର ନିଅ ଦାସେ !"
ପାରିତୋଷିକ କି ପାରିହାସିକ, ତା
କେହି ନ ପାରିଲେ ବୁଝି,
ଉଠି ନମ୍ର-ମୁଖେ ରହିଲା ଧୀବର
ମୁଦ୍ରା ଚାହିଁ ନେତ୍ର ବୁଜି ।
ଆତୁର ବୋଇଲା, "ତୁମ୍ଭଙ୍କ ମୁଦ୍ରିକା
ଥିବାର ନ ଥିଲି ଜାଣି,
ନିରକ୍ଷର ଦାସ କେମନ୍ତେ ଜାଣନ୍ତା,
ନତୁ ଦେଇଥାନ୍ତା ଆଣି ।
ତୁମ୍ଭଙ୍କ ମୁଦ୍ରିକା ତୁମ୍ଭ ରଖି ମୋତେ
ଆଜ୍ଞା ଦେଲେ ଯିବି ଘର,
ଦୟା ଯେବେ ହୁଏ ତାମ୍ର ମୁଦ୍ରା କିଛି
ବିଚାରି ପ୍ରଦାନ କର ।"
ରାଜାଦେଶ-ମତେ ନଗର-ରକ୍ଷକ
ସ୍ୱର୍ଣ୍ଣ-ମୁଦ୍ରା ସବୁ ଧରି,
ବଳେ କୈବର୍ତ୍ତର ବଦ୍ଧାଞ୍ଜଳି ମୁକ୍ତ
କରି ତହିଁ ଦେଲା ଭରି ।
"ଯାଅ, ଯାଅ" ବୋଲି କହିଲେ ନରେଶ
ଚଳିଲା ଧୀବରବର,
କିଛି କିଛି ଦୂରେ ପଛକୁ ଅନାଇ
ଅନାଇ ଥରକୁ ଥର ।
ଅଙ୍ଗୁରୀୟ ପାଇ ନରେଶ ରହିଲେ
ଜୀବନେ ଜନ୍ମିଲା କ୍ଲେଶ,
ରାଜ୍ୟ-କାର୍ଯ୍ୟେ ଅବା ଆମୋଦେ ପ୍ରମୋଦେ
ମନ ନ ଲଗିଲା ଲେଶ ।

ଯହିଁ ଥିଲେ ତହିଁ ଶୁଣନ୍ତି ଯେସନେ
ଜଗତ କରୁଛି ଗାନ,
ସହଧର୍ମିଣୀକି ଦୁଷ୍ମନ୍ତ ନରେଶ
ଦେଲେ ଘୋର ଅପମାନ ।
ରାଜସିଂହାସନେ ବସିଲେ ଯେସନେ
କହେ ରାଜସିଂହାସନ,
ସହଧର୍ମିଣୀକି ଅଦୋଷେ ତେଜିଲ
ତୁମ୍ଭେ କି ମୋର ଭାଜନ ?
ଘରେ ଥିଲେ ଯେବେ ଘର କହେ, ତୁମ୍ଭେ
ଘରକୁ କରିଛ ପର,
ଉଦ୍ୟାନକୁ ଗଲେ ଦିଶନ୍ତି ପାଦପେ
ଗାଢ଼-କ୍ରୋଧ ଥରଥର ।
ନଗରେ ଭ୍ରମିଲେ ଦେଖନ୍ତି, ପ୍ରଜାଏ
କହୁଛନ୍ତି ପରସ୍ପରେ,
ବିନା ଦୋଷେ ଆହା ସୁନ୍ଦରୀ ପତ୍ନୀକି
ରାଜା ନ ରଖିଲେ ଘରେ ।
ରଜନୀରେ କହେ ଚକ୍ରବାକୀ ଦୁଃଖେ
କାନ୍ଦି କାନ୍ଦି ହୋଇ କ୍ଳାନ୍ତ,
ଦୁଷ୍ମନ୍ତ ନୃପଙ୍କ ନୀତି ବଳେ ମୋତେ
ଛାଡ଼ିଦେବେ କି ମୋ କାନ୍ତ ?
ନିଶାନ୍ତେ ଶୁଣନ୍ତି, ଦୁଷ୍ମନ୍ତଙ୍କ ଦୋଷ
ଗାଉଛି କଜ୍ଜଳପାନ୍ତି,
ପ୍ରଭାତେ ଦେଖନ୍ତି, ପୁଷ୍ପେ ଭୃଙ୍ଗ କହେ
ଦୁଷ୍ମନ୍ତ ବିଶ୍ୱାସଘାତୀ ।
ଗଗନେ ବିହଙ୍ଗ- ଦଳ କହୁଛନ୍ତି,
ପୁରୁବଂଶେ ହୋଇ ଜନ୍ମ,
ଦୁଷ୍ମନ୍ତ ନୃପତି ଧର୍ମପତ୍ନୀ ତେଜି
କଲେ ଅତି ନୀଚ କର୍ମ ।
ସରେ ହଂସଦଳ କହୁଛନ୍ତି ବିସ
ଗ୍ରାସି କରି କଳକଳ,
ବିସ-ଖଣ୍ଡ-ଗ୍ରାସେ ଗ୍ରାସ କଲେ ରାଜା
ଘୋର ବିଷ ହଳାହଳ ।
ଏରୂପେ ପ୍ରକୃତି- ବିଦ୍ରୂପ ଭ୍ରମରେ
ଭାବିଲେ ରାଜା ଦୁଷ୍ମନ୍ତ,

"ପ୍ରିୟ ବଲ୍ଲଭୀକି ପରିହାର କରି
ହେଲି ବଡ଼ ଦୋଷବନ୍ତ ।
ମହର୍ଷିଙ୍କ ମଧୁ- ମୟ-ପଦ ପିତା
ମଣିଲି ବାତୁଳପ୍ରାୟ,
ହିତ-ବୁଦ୍ଧି ତେଜି ହତ-ବୁଦ୍ଧି ହେଲି
ଏବେ ଅଛି କି ଉପାୟ ?
କିସ ବୋଲୁଥିବେ ମହର୍ଷି, କିସ ବା
ପ୍ରିୟା ବୋଲୁଥିବେ ମନେ,
କେଉଁ ଧର୍ମବଳେ ଦଣ୍ଡିବ ଆଉ ମୁଁ
କପଟୀ ଲମ୍ପଟ ଜନେ ?
ଯେଉଁ ରାଜା ଯେଉଁ ଦୋଷେ ଲିପ୍ତ ଥାଇ
ପରକୁ ଦଣ୍ଡେ ସେ ଦୋଷେ,
ଧର୍ମରାଜ ତାଙ୍କୁ ତହୁଁ ଶତ ଗୁଣ
ଦଣ୍ଡ ଦେଇଥାନ୍ତି ରୋଷେ ।
କେଉଁ ଗୁଣ ପାଇଁ ମୋ ପ୍ରତି ରହିବ
ରାଜଲକ୍ଷ୍ମୀଙ୍କର ପ୍ରୀତି,
ମିଥ୍ୟା ପ୍ରବଞ୍ଚନା ନାରୀହେ ଲାଞ୍ଛନା
ହେଲାଠାରେ ରାଜନୀତି ।
କେଉଁ ଭୂତ ଏବେ ଭ୍ରମ ଜନ୍ମାଇଲା
ମସ୍ତକରେ ମୋର ବସି,
ଭୁଜ-ବଳୟକୁ ଭୁଜଙ୍ଗ ମଣିଲି,
ଲକ୍ଷ୍ମୀଙ୍କୁ କଲି ରାକ୍ଷସୀ ।
ଆଉ ଲଭିବି କି ପ୍ରିୟ ବଲ୍ଲଭୀକି
ଦୁଃଖୀ ହେଲି ଦେଇ ଦୁଃଖ,
ବିଜନ ତପୋବନେ ଲୋଡ଼ି ବା ଲଭନ୍ତି
କେମନ୍ତେ ଦେଖାଇବି ମୁଖ !
ସଖୀ-କଷ୍ଟ ଶୁଣି କିସ କହୁଥିବେ
ଅନସୂୟା, ପ୍ରିୟମ୍ବଦା,
ବଳ ଦେଖାଇଲି ଶିରୀଷ-କୁସୁମେ
ପ୍ରହାରି ଦାରୁଣ ଗଦା ।
ତାଙ୍କ ଅମାୟିକ ହୃଦ-ଉଦ୍ୟାନେ ମୁଁ
ଲଗାଇଲି ମାୟାନଳ,
ତାଙ୍କୁ ଦହି ନିଜେ ଦଗଧ ହେଉଛି
ଯନ୍ତ୍ରଣା ବଡ଼ ପ୍ରବଳ ।

କି କରେଁ ଏ ଦେହେ ହେଉଅଛୁ ଦଗ୍ଧ
ମାର୍ତ୍ତ-ପକ୍ଷୀ ପ୍ରାୟ ଚିତ୍ତ,
ଧର୍ମଶାସ୍ତ୍ର ହେବ କୁଣ୍ଠିତ କଥନେ
ଏ ପାପର ପ୍ରାୟଶ୍ଚିତ୍ତ ।
ନିଜ କରେ ଅଙ୍କି ପ୍ରିୟାର ମୂରତି
ଶୋଭିତ କରିଛି ଘର,
କେମନ୍ତେ ଚାହିଁବି, ଡରିବ ପରା ସେ
ମୁଖ ଚାହିଁ ଏ ବ୍ୟାଘ୍ରର ।
ଲଜ୍ଜାବଶେ ମୋର ନିକଟୁଁ ସୁନ୍ଦରୀ
ଯେକାଳେ ହୁଏ ଅନ୍ତର,
ବୋଲୁଥିଲି, "ସଖି, କଦାପି ବିରଜି
ନ ପାରିବୁ ମୋ ଅନ୍ତର ।
ଦିବା ଅବସାନେ ଛାୟା ଯେବେ କରେ
ଦୂରକୁ ଦୂରକୁ ଗତି,
ପ୍ରେମ-ପରବଶେ ମୂଳେ ତାକୁ ଧରି
ରଖିଥାଏ ବନସ୍ପତି ।
ସୁକୁମାରି, ତୋର ଶରୀର କୋମଳ
ଶିରୀଷ କୁସୁମ ପରି,
ତା ବୃନ୍ତ ଧରିଏ ହୃଦୟକୁ ତୋର
ଦେଉଛି କଠିନ କରି ।"
ଏବେ ନିଜେ ମୁହିଁ ଦୂର କଲି ତାକୁ
ଶରୀର କରି ପଥର,
ହୃଦୟ ମୋହର ହୋଇ ଯାଇଅଛି
କୁଳିଶୁଁ କଠିନତର ।
ଦିବ୍ୟ ପରିବାର ସଂଭ୍ରମେ, ଉତ୍କଣ୍ଠେ
ଗନ୍ଧ ପାଇ ମୋର ବନେ,
ପାପ ପ୍ରବେଶିବ ବୋଲି ଭୟେ ପରା
ରହି ନ ପାରିଲେ କ୍ଷଣେ ।
ଆହା ପୁତ୍ର ସ୍ନେହ କେମନ୍ତ ମଧୁର
ସେ ଦିବ୍ୟ ପୁରୁଷଙ୍କର,
ସ୍ନେହ-ସ୍ନିଗ୍ଧ-ସୁତ ଧାଇଁଲା କୋଳକୁ
ନିଜେ ନ ବଢ଼ାଉଁ କର ।
ପିତା-କୋଳେ ପୁତ୍ର ହର୍ଷେ ହସି ହସି
ପରବେଶ କରି ବଳେ,
ତିନି ପୁର ଶୋଭା- ସୁଖ ରାଶି ଯେହ୍ନେ
ଥୋଇଦେଲା ପାଦତଳେ ।
ଯା କୋଳେ ବାଳକ କ୍ରୀଡ଼ା କରୁଥିଲା
ଜନନୀ ଥିବେ ସେ ତାର,
ମାତା-କୋଳୁଁ ଯାଇ ଅଳଙ୍କୃତ କଲା
କି ସୁଖେ କୋଳ ପିତାର !
ପର ଗୁଣ ଡିଳେ ଥିଲେ ତାଳରୂପେ
ଶିକ୍ଷଣେ ଥିଲି ଅଭ୍ୟସ୍ତ,
ପୁତ୍ରବତ୍ସଳତା ଗୁଣକୁ ହରାଇ
ଦେଇଅଛି ମୋର ହସ୍ତ ।
ବସନ୍ତ-ଅମୃତ- ମାଧୁରୀ ପିଇବା-
ପାଇଁ ଦିବ୍ୟ-ପରିବାର,
ସ୍ୱର୍ଗୁଁ ଆସିଥିଲେ ସୁଖକର ମଣି
କାନନେ ବିଚରିବାର ।
ବସନ୍ତ-ମାଧୁରୀ- ମୂର୍ତ୍ତିମତୀ ମୋର
ପ୍ରିୟା ବନ-ଅଳଙ୍କାର,
ତାକୁ ଯା ଅସୁଖ ମଣିଲି ମୋହର
ଜ୍ଞାନକୁ ଶତ ଧିକ୍କାର ।
ମୋ ପ୍ରିୟା ମାଧୁରୀ ଶର୍କରୀ ନିକଟେ
ବସନ୍ତ-ମାଧୁରୀ ଗୁଡ଼,
ଶର୍କରକୁ ଯାହା କର୍କରେ ଗଣିଲି
ମୋଠାରୁ କେ ଅଛି ମୂଢ଼ ।
ପ୍ରିୟା ସଙ୍ଗ କରି- ଥିଲା ଜଗତର
ଶୋଭାର ଶୋଭା ବର୍ଦ୍ଧନ,
ପ୍ରିୟାର ବିରହ କରୁଛି ସକଳ
ଶୋଭାର ଶୋଭା ମର୍ଦ୍ଦନ ।
ତପୋବନେ ଦେଖି- ଥିଲି ଯେଉଁ ଫୁଲ
ଯେଉଁ ତରୁ ଲତାମାନ,
ସଦ୍ୟ-ସ୍ୱର୍ଗ-ଚ୍ୟୁତ ପରି ହେଉଥିଲେ
ନେତ୍ରକୁ ପ୍ରୀତିପ୍ରଦମାନ ।
ଆଜି ତହୁଁ ବଳି ଲୋକ ପ୍ରଶଂସିତ
ଫୁଲ୍ଲ-ଫୁଲ ଲତା ବୃକ୍ଷ,
ନୟନକୁ ମୋର ପ୍ରତୀତ ହେଉଛି
କର୍କଶ ମଳିନ ରୁକ୍ଷ ।

ପ୍ରିୟା-ସଙ୍ଗ ଥିଲା ଶ୍ରବଣ-ଶକତି
ସ୍ୱରର ମଧୁଗ୍ରାହିଣୀ,
ତା ଯୋଗୁଁ କାନନ- ପକ୍ଷିଧ୍ୱନି ଥିଲା
ହୃଦୟ-ପ୍ରୀତି-ଦାୟିନୀ ।
ସ୍ୱଭାବତଃ ଶୁକ ପିକ ସାରୀ ସ୍ୱର
ଶ୍ରବଣ-ତୋଷଣ-ପଟୁ,
କିନ୍ତୁ ପ୍ରିୟା ବିନା ସେହି ସ୍ୱନ ଏବେ
ହେଉଅଛି କର୍ଣ୍ଣକଟୁ ।
ପ୍ରିୟା କରେ ଥାଇ ଯେଉଁ ଫୁଲ ମୋତେ
ଦେଉଥିଲା ମଧୁ-ଗନ୍ଧ,
ତାହା ବାସ ଏବେ ନାସାରନ୍ଧ୍ରେ ପଶି
ମନେ ଲଗାଉଛି ଦ୍ୱନ୍ଦ୍ୱ ।
ପ୍ରିୟା-କର-ଫଳ ଭୋଜନ କରି ମୁଁ
ତୁଚ୍ଛ ମଣିଥିଲି ସୁଧା,
ସ୍ମୃତି-ମୁଖେ ତିକ୍ତ ଲାଗୁଛି ତା ବିନା
ତହୁଁ ଭଲ ଫଳ ସୁଦ୍ଧା ।
ପ୍ରିୟା ସଙ୍ଗେ ବସି ବୁଝିଥିଲି ଏକା
ପଲ୍ଲବ-ଆସନ-ମୂଲ୍ୟ,
ତା ବିନା ଶାଳ୍ମଳୀ- ତୂଳ-ଶଯ୍ୟା ହେଲା
ଶାଳ୍ମଳୀ-କଣ୍ଟକ ତୁଲ୍ୟ ।
ଜଗତର ସୁଖ ଶୀତ-ଗ୍ରୀଷ୍ମ-ସମ-
ସମ୍ମିଳନେ ପରସ୍ପର,
ଏକର ଅଭାବେ ଅନ୍ୟ ହୋଇଥାଏ
ଦାରୁଣ ଦୁଃଖର ଘର ।
ପ୍ରିୟା ମୋର ଶୀତ, ଭିନ୍ନ ଥାଇ ଏବେ
କମ୍ପୁଥିବ ଥରହର,'
ଗ୍ରୀଷ୍ମ ହୋଇ ମୁହିଁ ତା ବିନା ହେଉଛି
ଦହ୍ୟମାନ-କଳେବର ।
ଆଉ କି ଏ ଦଗ୍ଧ- ଜୀବନେ ମିଳନ-
ସୁରଭି ସମୟ ଆସି,
ତା କଷ୍ଟ-ରଜନୀ ମୋ ତାପ-ଦିବସ-
ଦାରୁଣତା ଦେବ ନାଶି ?
ବଲ୍ଲରୀ ହେମନ୍ତ- ବିଭାବରୀ ହୋଇ
ବର୍ଷୁଥିବ ଅଶ୍ରୁକଣ,
ନୟନ ମୋହର ବାରି ବରଷୁଛି
ହୋଇ ପ୍ରାବୃଟର ଘନ ।
ତା ଶୋକ-ତୁହିନ ମୋ ଦୁଃଖ-ଦୁର୍ଦ୍ଦିନ
ପ୍ରାବଲ୍ୟ ହେବ କି ନାଶ,
ମିଳନ-ଶରଦେ ସୁଖେନ୍ଦୁ-ଶୋଭିତ,
ହେବ ସ୍ୱଚ୍ଛ ଭାଗ୍ୟାକାଶ ?"
ସଜଳ-ନୟନେ ଅଙ୍ଗୁରୀୟ ଚାହିଁ
ମଧୁର ଭର୍ତ୍ସନା କରି,
ବୋଇଲେ, "ହା ହତ- ଭାଗ୍ୟ ଅଙ୍ଗୁରୀୟ
ଥିଲୁ ଖଣ୍ଡତପ କରି ।
ଯେଉଁ ପୁଣ୍ୟ-ବଳେ ଥିଲୁ ସୁନ୍ଦରୀର
ସୁନ୍ଦର କର-ପଲ୍ଲବେ,
ସେହି ପୁଣ୍ୟ କ୍ଷୟ ହୋଇଯିବା ବେଳୁଁ
ରହି ନ ପାରିଲୁ ଲବେ ।"
ସୁନ୍ଦରୀର ଛବି ଥିଲା ଯେଉଁ କକ୍ଷେ
ତହିଁକି କରି ଗମନ,
ଛବି ଧରି କରେ ଲଗାଇ ବକ୍ଷରେ
ବଦନେ ଦେଲେ ଚୁମ୍ବନ ।
ଛବିତା ସୁନ୍ଦରୀ- ଭାଲେ ସ୍ୱେଦକଣା
ଦିଶୁଥାଏ ଝଲ ଝଲ,
ସିକ୍ତ ହୋଇ ତହିଁ ଲିପ୍ତ ହୋଇଥାଏ
କୁଟିଳ ଚୂର୍ଣ୍ଣକୁନ୍ତଳ ।
ସଲଜ୍ଜ ଅପାଙ୍ଗେ ଚକ୍ଷୁ-ତାରା ତଳ
ବଦ୍ଧ ହୋଇଥାଏ ଦୃଷ୍ଟି,
ଯେଉଁ ଦୃଷ୍ଟି ତା'ର ହୃଦେ କରିଥିଲା
ନବ-ପ୍ରେମାଙ୍କୁର ସୃଷ୍ଟି ।
ପୁନଃ ପୁନଃ ତାହା ଅନାଇ ନୃପଙ୍କ
ଦୃଷ୍ଟିଶକ୍ତି ହେଲା ହ୍ରାସ,
ହୃଦୟରେ ହେଲା ତପୋବନ ସହ
ବାମା-ମୂର୍ତ୍ତି ପରକାଶ ।
ସେ ମୂର୍ତ୍ତି ଭିତରେ ମନ ପଶିଗଲା
ବାହ୍ୟଜ୍ଞାନ ଗଲା ଚଳି,
କାଷ୍ଠମୂର୍ତ୍ତି ପରି ଅବନୀ ଉପରେ
ନୃପତି ପଡ଼ିଲେ ଢଳି ।

ବହୁ କ୍ଷଣ ପରେ ସଂଜ୍ଞା ଲଭି ଉଠି
ଚିନ୍ତ ଗୃହିଁ ପୁନଃ ପୁନଃ,
ଦୁର୍ଲ୍ଲଭ-ପବିତ୍ର- ପ୍ରଣୟ-ଗୌରବ
ବୃଦ୍ଧି କଲେ ଶତ ଗୁଣ ।
ପ୍ରିୟାସଙ୍ଗ-ସୁଖ- ସ୍ମୃତି ଦୁଃଖେ ନୃପ
ସମୟ ଯାପନ କଲେ,
ମନ ଜ୍ଞାନ ଧ୍ୟାନ ବିବେକ ରହିଲା
ଆଶା-ଲତା ଛାୟାତଳେ ।
ସୁଖ ଦୁଃଖ ଚିର ନୁହନ୍ତି ଜଗତେ
ସଭିଙ୍କର ଅଛି ସ୍ୱପ୍ନ,

ଆଜ ଯା ବଦନ ହରଷରେ ପୂର୍ଣ୍ଣ,
କାଲିକି ବିଷାଦମୟ ।
ଯାହା ଲାଗି ପ୍ରାଣ ଯେତିକି ପ୍ରଫୁଲ୍ଲ
ତା ଲାଗି ତେତେ ବିକଳ,
ତେତିକି ତପତ ହୋଇଥାଏ, ଯାହା
ଯେତିକି ହୁଏ ଶୀତଳ ।
ତେତିକି ତିମିରେ ମଜ୍ଜଇ ଅବନୀ
ଯେତିକି ହୁଏ ଉଜ୍ଜ୍ୱଳ,
ଯେମନ୍ତ ମଧୁର ତିକ୍ତ ହିଁ ତେମନ୍ତ
ପ୍ରକୃତ **ପ୍ରଣୟ-ଫଳ** ।

# ସପ୍ତମ ସର୍ଗ

## ପ୍ରଣୟ-ଛାୟା

ଦିନେ ସିନ୍ଧୁ-କୂଳେ ନୀଳାଚଳ-ତଳେ
କରୁଥିଲେ ବିଚରଣ,
ଶାନ୍ତି, ଶ୍ରଦ୍ଧା, ଦୟା, କ୍ଷମା, ଭକ୍ତି, ଧୃତି
ଆଦି ଦେବକନ୍ୟାଗଣ ।
ହୋଇଥିଲେ ମଲ୍ଲୀ ମାଧବୀ ନିଆଳୀ
କୁସୁମ-ଚୟନେ ରତ,
ଥରେ ପୁଷ୍ପେ ଥରେ ଡାଳୀରେ ତାଙ୍କର
ଭ୍ରମୁଥିଲା ମଧୁବ୍ରତ ।
ମନର ଆନନ୍ଦ ସହିତରେ କାହା
କଣ୍ଠରୁ ମଧୁର ଗୀତ,
ଉଠି ନିଜ ପ୍ରାଣ ସହ ସଙ୍ଗିମାଙ୍କ
କରୁଥାଏ ଉଲ୍ଲସିତ ।
ଚରମେ ତାଙ୍କର ଲମ୍ବି ଦୋଳୁଥାଏ
କ୍ରମ-ସୂକ୍ଷ୍ମ-ଅଗ୍ର-ବେଣୀ,
ବେଣୀ ଅଗ୍ରେ କ୍ରମ- ସ୍ଥୂଳ ହୋଇଥାଏ
ସ୍ତବକିତ-ମୋତିଶ୍ରେଣୀ ।

ଝୀନ ବସନରେ କୁମାରୀଙ୍କ ତନୁ-
କାନ୍ତି ହେଉଥାଏ ବାର,
ବଦନପ୍ରଭାରେ ଅମୃତାୟମାନ
ହେଉଥାଏ ଦିଗ ଚ୍ଛର ।
କୋକନଦକାନ୍ତି- ପାଦେ ହୋଇଗଲା
ବନଭୂମି ଶୋଭାମୟ,
ସେହି ପାଦ ସଦା ଦେବତ୍ୱ-ଲୋଲୁପ
ମୁନି-ମନ-ଲୋଭମୟ ।
କର- କମମୀୟ- କାନ୍ତି ଚୁମ୍ବି ହେଲେ
କିଶଳୟଚୟ ହୃଷ୍ଟ,
ଫୁଲ୍ଲେ ଫୁଲମାନ କର-କୋଳ ଗଲେ
ଦେଖି ତରୁ-ଲତା ତୁଷ୍ଟ ।
ଖଗ ମୃଗଗଣ ପୁନି ପ୍ରାପ୍ତେ ତାଙ୍କ
ପାଶେ ଆସି କଲେ ଲୀଳା,
କେ ଚଞ୍ଚୁ ବିସ୍ତାରି, ସତୃଷ୍ଣେ କେ ଚୁହିଁ
କ୍ଷୁଧା ତୃଷା ଜଣାଇଲା ।

ଏମନ୍ତ ସମୟେ ରକ୍ଷ-ରାଜ-ସୁତା
ହିଂସା ହେଲା ଉପଗତ,
ବାଜ-ଚଞ୍ଚୁ ପରି ନଖପଂକ୍ତି ତାର
ଶାର୍ଦ୍ଦୂଳ-ସଦୃଶ ଦନ୍ତ ।
ଭଲ୍ଲୁକ-ଲୋଚନା ଉଲୂକ-ବଚନା
ଉଚ୍ଚାରି କର୍କଶ ଭାଷ,
ଦସ୍ୟୁ ସନ୍ନିକଟେ ଦମ୍ଭେ କଲା ନିଜ
ଆଧିପତ୍ୟ ପରକାଶ ।
ରାକ୍ଷସୀକି ଚାହିଁ ଖଗମୃଗଗଣ
ପଳାଇଲେ ଇତସ୍ତତଃ,
କମ୍ପିଲା ପାଦପ- ବଲ୍ଲରୀ ସହିତ
ବନଭୂମି ହୋଇ ତ୍ରସ୍ତ ।
ଦେବକନ୍ୟା-ଦଳେ ତଡ଼ିବାକୁ କଲା
ରକ୍ଷ-ରାଜ-ସୁତା ବଳ,
ଏକ ମୁଖେ ତାଙ୍କ ଅନେକ ମୁଖକୁ
ବାକ୍ୟ ବାଦେ ଗଲା ବଳି ।
ଦେବକନ୍ୟାଗଣ ବହୁ-ବାକ୍ୟେ ତାକୁ
ବହୁତ କଲେ ଭର୍ତ୍ସନା,
କେ ବୋଇଲା, "ମୃଗପକ୍ଷୀ ଦରଶନେ
ଲମ୍ବି ପଡ଼େ ତୋ ରସନା ।"
କେ ବୋଇଲା, "ପଳା, ଛୁଅଁ ନା ଛୁଅଁ ନା
ନିତି ଖାଉ ଗୋରୁ ଅଶ୍ୱ",
କେ ବୋଇଲା, "ତନୁ ସ୍ଥୂଳ କରିଅଛୁ
ପିଇ ଦୁଷ୍ଟ-ମାଂସ-ରସ ।"
କୋପେ ରାକ୍ଷସୀର ତନୁ କମ୍ପିଗଲା
ଚଳାଇଲା ନଖଦନ୍ତ,
କଟିଦେଲା ଦେବ- କନ୍ୟାକାଗଣର
ଶରୀର କ୍ଷତବିକ୍ଷତ ।
ରକତ-ପ୍ରବାହେ ଦେବକନ୍ୟାଙ୍କର
ତନୁ ହେଲା ଜରଜର,
କ୍ଷମା ପ୍ରବୋଧନେ ସମସ୍ତେ ନିବର୍ତ୍ତି
ଗଲେ ନିଜ ନିଜ ଘର ।
ହିଂସା ଯାଇ ପିତା ନିକଟେ କହିଲା
ଦେବକନ୍ୟାଙ୍କର କଥା,
କଲହେ ତାହାକୁ ଭର୍ତ୍ସନା ସହିତ
ଘୃଣା କରିଥିଲେ ଯଥା ।
ରାକ୍ଷସ-ଭୂପତି ଶୁଣିଲା ସେସବୁ
ରକ୍ଷଜାତି ଅପମାନ,
ବିଘୂର୍ଣ୍ଣିତ ହେଲା ନୟନ ତାହାର
ତନୁ ହେଲା କମ୍ପମାନ ।
ରାଜମନ୍ତ୍ରୀ କ୍ରୋଧ ଗରଜି କହିଲା,
"ଦେବେ ତ ଖାଇଲେ ସୁଧା;
ତଥାପି ଆମ୍ଭର ଭକ୍ଷ୍ୟ ନେଇଥାନ୍ତି
ନିବର୍ତ୍ତି ନ କରି କ୍ଷୁଧା ।
ଯଜ୍ଞ ଛଳ କରି ଖାଇଯାଇଛନ୍ତି
ଅଶ୍ୱ ବୃଷ ମେଷ ଛାଗ,
କେବେ ନ ଛାଡ଼ିଲେ ଲୁଟି ଘେନତାକୁ
ଆମ୍ଭର ଭୋଜନ ଭାଗ ।
ନୀଳାଚଳ ତଳ- ସିନ୍ଧୁ-କୂଳ ଯହିଁ
ଶବରେ ବୁଣନ୍ତି ଜାଲ,
ସେହି ରମ୍ୟ-ବନ ଆମ୍ଭ ଅଧିକାର
ରହିଅଛି ଚିରକାଳ ।
ଦେବସୁତାମାନେ ନିର୍ଭୟେ ବୁଲିଲେ
ଆମ୍ଭର ରାଜ୍ୟକୁ ଆସି,
ରାଜ-ନନ୍ଦିନୀଙ୍କି ଗାଳି ଦେଲେ ପୁଣି
ବିବିଧ ଭର୍ତ୍ସନା ଭାଷି ।
ଅଙ୍ଗୁଳି ପ୍ରବେଶୁଁ ବାହୁ ପ୍ରବେଶିବ
କରୁଁ ଯେବେ ଅବହେଳା,
କ୍ଷୁଦ୍ର ଛିଦ୍ର ପଥେ ଜଳ ପଶି ପଶି
ବୁଡ଼ାଇଦଏଟି ଭେଳା ।
ମତତ ଆମ୍ଭଙ୍କୁ ଠକୁଛନ୍ତି କରି
ନାନା ଛଳ କଉଶଳ,
ସତେ କି ଆମ୍ଭଙ୍କୁ ପାରିବେ ସେମାନେ
ଦେଖାଇବୁଁ ଯଦି ବଳ ?"
"ସତ, ସତ" ବୋଲି ଉଚ୍ଚ ନାଦ କଲେ
ରାଜ-ସଭାସଦଗଣ,
ଲୋଭ ମଦ ଦ୍ୱେଷ କପଟ ପ୍ରଭୃତି
ଉଭା ହୋଇ ଜଣ ଜଣ ।

ଦଳବଳ ସହ           ରାକ୍ଷସ-ଭୂପତି
     ସତ୍ୱର ହୋଇ ବାହାର,
ମହା-ଆସ୍ଫାଳନେ        ଗର୍ଜି କମ୍ପାଇଲେ
     ଅମରାବତୀର ଦ୍ୱାର ।
ରହିଁ ସୁରପତି          ନଗର ଦୁଆରେ
     ଅସୁରଙ୍କ ଆକ୍ରମଣ,
ପ୍ରଥମେ ପେଶିଲେ       ସେନାମାନଙ୍କୁ ଦେଇ
     ପ୍ରବୀଣ ସୈନିକଗଣ ।
ଶ୍ରେଷ୍ଠ ଥିଲେ ତହିଁ       ଉତ୍ସାହ ସାହସ
     ଧୈର୍ଯ୍ୟ ବୁଦ୍ଧି ପରାକ୍ରମ,
ଅସୁରଙ୍କ ସହ          ଯୁଦ୍ଧେ ପ୍ରବର୍ତ୍ତିଲେ
     ପ୍ରକାଶି ଘୋର ବିକ୍ରମ ।
କାମ-ଲୋଭ ମଦ        ଆଳସ୍ୟ ବିଳାସ
     ଆଦି ଶଂସପ୍ତକଦଳ,
ରାକ୍ଷସ ପକ୍ଷରୁ        ଆସି ଗ୍ରାସି ଦେଲେ
     ଦେବ-ବାହିନୀର ବଳ ।
ଉତ୍ଥାନେ ପଡ଼ି କେ     ଯୋଷା-ଚେଳାଞ୍ଚଳେ,
     କେ ବଂଶ-ପାଦପ-ତଳେ,
କେହି ଅର୍ଥ-ପୂର୍ଣ୍ଣ       ପ୍ରାସାଦ ଭିତରେ
     ଘୋର ଘର୍ମ ନାଶ କଲେ ।
କାହା ଶିରେ କାହା     ବକ୍ଷେ କା' ମରମେ
     କାହା ସର୍ବ ଅବୟବେ
ବାଜିଥିଲା ବିଷ-       ଦଗ୍ଧ ଶରମାନ
     ଭୀଷଣ ରାକ୍ଷସାହବେ ।
ଜନ୍ମିଲା ବେଦନା      ତହିଁ ଦେବସେନା-
     ଗଣ ହେଲେ କଳବଳ,
ଅଶ୍ୱିନୀସୁତଙ୍କ         ଚିକିତ୍ସାରେ ମଧ
     ନ ଦିଶିଲା ଆଶୁଫଳ ।
ସେନାପତି ଯାଇ       ସୁରେଶେ କହିଲେ,
     ଦୁର୍ଜୟ ଆସୁରୀ ନୀତି,
ନେ ଶ୍ରୁତି-ପଥେ       ହୃଦୟେ ପଶିଲା
     ଦାରୁଣ ଅସୁର-ଭୀତି ।
ପୁରୋଧାଙ୍କୁ ଚାହିଁ      ମଘବା ବୋଇଲେ,
     "କହ ଗୁରୋ, ପ୍ରତିକାର,
ନ ହେଲେ ଅସୁର-     ଉପଦ୍ରବେ ହେଲା
     ସୁର-ପୁର ଛାରଖାର ।
ନୀଳାଚଳ ପ୍ରତି        ଯତ୍ନ କରିବାକୁ
     କହିଛନ୍ତି ଦେବ ହରି,
ସ୍ୱର୍ଗକୁ ରାକ୍ଷସେ       ବଳେ ପଶିଲେଣି,
     ମର୍ତ୍ତ୍ୟେ କି ରହିବେ ଡରି ?"
ଜ୍ଞାନ-ପ୍ରତିଚକ୍ଷୁ       ଲଗାଇ ଗୀଷ୍ପତି
     କାଟିଲେ ଧରମ-ଗଡ଼,
ତ୍ରିଦଶାଧିପଙ୍କୁ        କହିଲେ ଧରମ-
     ନୀତି-ଫଳ ଶ୍ଳୋକ ପଢ଼ି ।
"ସାଧବ-ବଞ୍ଚନ       ମାୟା ପ୍ରଲୋଭନ
     ମହାପାପ ଦେବରାଜ,
ବିଶ୍ୱାମିତ୍ରଙ୍କର        ତପୋଭଙ୍ଗ-ତରୁ-
     ଫଳିତ ହୋଇଛି ଆଜ ।
ପୂଜ୍ୟଜନ ମଧ୍ୟେ       ନାରୀମାନଙ୍କର
     ପତି ଏକା ପୂଜ୍ୟତମ,
ନ ବୁଝି ଦୁର୍ବାସା      ଶକୁନ୍ତଳା ପ୍ରତି
     ଶାପ ଦେଲେ ବହି ତମ ।
ସେହି ଶାପବଳେ      ନର୍ଦୋଷ ଦୁଷ୍ମନ୍ତ
     ଭୋଗୁଛନ୍ତି ଘୋର କଷ୍ଟ,
ଧାର୍ମିକ ମାନବ        ଦୁଃଖେ ସୁରପୁରୀ
     ହୋଇଅଛି ଶିରିଭ୍ରଷ୍ଟ ।
ନରେଶ ଦୁଷ୍ମନ୍ତ        ନୀତି-ଧର୍ମବନ୍ତ,
     ତାଙ୍କୁ କଲେ ସମାଦର,
ତାଙ୍କ ଧର୍ମ-ନୀତି-     ପ୍ରଭାବେ ଅନ୍ତର
     ହୋଇଯିବ ରକ୍ଷ-ଡର ।
ସେହି ନରପତି        ଅଙ୍ଗେ ବହିଛନ୍ତି
     ବହୁ ଦେବତାଙ୍କ ଗୁଣ,
ବୈଷ୍ଣବୀ ଶକତି       ପ୍ରୟୋଗେ ଦାନବ-
     ବଳ ନାଶେ ସୁନିପୁଣ ।"
ଶୁଣି ସୁରପତି         ମାତଳିର ପ୍ରତି
     ସତ୍ୱର ଆଦେଶ କଲେ,
"ଯାଅ ସୂତ, ରଥ       କରି ସୁସଜ୍ଜିତ
     ସତ୍ୱର ଅବନୀତଳେ ।

ପ୍ରିୟ-ବନ୍ଧୁ ରୂପେ ଦୁଷ୍ମନ୍ତ ନୃପଙ୍କୁ
କହି ଆମ୍ଭ ନିମନ୍ତ୍ରଣ,
ଅତି ସମାଦରେ ସ୍ୟନ୍ଦନେ ବସାଇ
ସ୍ୱର୍ଗେ କର ଆନୟନ ।"
ଆଜ୍ଞା ଶିରେ ଧରି ପ୍ରଣିପାତ କରି
ଚଳିଲା ସାରଥିବର,
ସ୍ୱର୍ଗୀୟ-ରତନେ ନନ୍ଦନ-ପ୍ରସୂନେ
ରଥ କରି ମନୋହର ।
ନରେଶ ସମ୍ମୁଖେ ଉପଗତ ହୋଇ
ସୁରେଶଙ୍କ ନିମନ୍ତ୍ରଣ,
ବିନୋଦେ ବିନୋଦ କହିଲା ସ୍ୟନ୍ଦନେ
କରିବାକୁ ଆରୋହଣ ।
ଶୁଚିବନ୍ତ ହୋଇ ପ୍ରଦକ୍ଷିଣ କରି
ନରେଶ ଚଢ଼ିଲେ ରଥେ,
ମାତଲି ଚାଳନେ ଧେଇଁଗଲେ ଅଶ୍ୱେ
ସୁରରଥ ସୁରପଥେ ।
ଅମର-ନଗରୀ ପୂର୍ବଦ୍ୱାରେ ଯାଇ
ରଥ ହେଲା ଉପଗତ,
ରତ୍ନମୟ-ତୁଙ୍ଗ ତୋରଣ ଯହିଁରେ
ହୋଇଅଛି ଶୋଭାବନ୍ତ ।
ରତ୍ନାକର-ରତ୍ନ ସକଳ ଯହିଁରେ
ଜଗତବ୍ୟାପୀ ଘନ ପରି,
ଘନେ ଗୁଚ୍ଛା ହୋଇ ନକ୍ଷତ୍ର-ପ୍ରଭାରେ
ନଭ ଦେଉଛନ୍ତି ଭରି ।
ରତ୍ନମୟ ନଭ ଦେଖିଲେ ମାନବ-
ଲୋଭ ରହେ ଅପସରି,
ବରୁରଇ ବୃଷ୍ଟି- ଜଳ ସବୁ କୂପ-
ଗର୍ଭେ କି ପାରଇ ଧରି ?
ଗୁଣ ଦେଖିବାର ଲୋଭେ ପୂର୍ଣ୍ଣ ଥିଲା
ନରପତିଙ୍କର ହୃଦ,
ସୁର-ଶିଳ୍ପି-ଗୁଣ- ଦର୍ଶନେ ତା ଗଲା
ଦେଖିଲେ ନିର୍ମଳ ମୁଦ ।
ପ୍ରଶସ୍ତ ତୋରଣ- ପଥେ ନୃପ ସୁର-
ପୁରେ କରି ପରବେଶ,

ଦେଖିଲେ ନଗର- ନିବାସୀଙ୍କ ରମ୍ୟ
ରୂପ, ମନୋହର ବେଶ ।
ନିର୍ମଳ-ଶରୀର ଉଜ୍ଜ୍ୱଳ ବସନେ
ମଣି ନୂରବ ଲାଗଣି,
ପ୍ରସନ୍ନ-ବଦନେ ସତୃଷ୍ଣ ଲୋଚନେ
ନୃପ କଲେ ନିରୀକ୍ଷଣ ।
ଏକ ନାରୀ ଏକ ଉଦ୍ୟାନ ପାଦପ-
ମୂଳେ ଦେଉଥିଲା ଜଳ,
ନରେଶଙ୍କୁ ଚାହିଁ ବିଷଣ୍ଣ ବଦନେ
ଦୃଷ୍ଟି କରିଦେଲା ତଳ ।
ନରପତି ପୁନଃ ପୁନଃ ନିରୀକ୍ଷଣ
କଲେ ସେ ଯୋଷା-ଆନନ,
ମନେକଲେ ସେହି ମଣ୍ଡିଥିଲା ପରା
ତଟିନୀ-ତଟ-କାନନ !
ପୁଣି ଅନାଇଲେ ଉଦ୍ୟାନେ ଭ୍ରମଣ
କରୁଛି ତା ସହଚରୀ,
ବନେ ଦେଖିଥିଲେ ଯେଉଁ ଶିଶୁ ସେହି
ଶିଶୁଟିକୁ କୋଳେ ଧରି ।
ବନେ ଯେ ଯୁବକ କୁସୁମ ଆଣିଲା
ସେହି ଦେଖୁଛି ଉଦ୍ୟାନ,
ନୃପ ଆଗମନେ ଅବା ରଥସ୍ୱନେ
ନାହିଁ ତାଙ୍କ କିଛି ଧ୍ୟାନ ।
ମାତଲିକି ନୃପ ପଚାରିଲେ, "ଏହି
ଉଦ୍ୟାନର ଚାରି ଜଣ,
ସତତ ସ୍ୱର୍ଗରେ ଥାଆନ୍ତି, ନା ସମୟେ
କରନ୍ତି ମର୍ତ୍ତ୍ୟେ ଭ୍ରମଣ ?
ଜାଣିବାକୁ ମୁଁ କି ଇଜନ ସାରଥି,
ନାମ ତାଙ୍କ କହ କହ,"
ସାରଥି ବୋଇଲା, "ଶୁଣିବା ହେଉନ୍ତୁ
ହସ୍ତିନା-ମଣ୍ଡଳାଧୀଶ ।
ପୁଂସ ନାମ ପ୍ରେମ, ଯୋଷା ନାମ ପ୍ରୀତି,
ସୁଖ ତାଙ୍କ ସୁତ ନାମ,
ନିର୍ମଳ-ପବନ ସ୍ଥାନ ବିଲୋକିଲେ
ଯାଇଥାନ୍ତି ମର୍ତ୍ତ୍ୟଧାମ ।

ଯା କୋଳେ ବାଳକ ରହିଛି ହରଷେ,
ମୈତ୍ରୀ ନାମ ଅଟେ ତାର,
ଏହାଙ୍କ ଉଦ୍ୟାନ- ଫଳେ ପରିପୁଷ୍ଟ
ସତତ ସୁର-ସଂସାର ।”

ଶୁଣି ନରପତି ବୁଝିନେଲେ ତାଙ୍କ
ବନେ ଦୂର ହେବା କଥା,
ସ୍ୱର୍ଗେ ଆସି ସ୍ୱର୍ଗ- ସୁଖରୁ ବଞ୍ଚିତ
ଭାବି ନତ କଲେ ମଥା ।

ସୁରପତି ପାଇ ନରପତିଙ୍କର
ଆଗମନ ସମାଚାର,
କର ଧରି ନେଇ ଆସନେ ବସାଇ
କଲେ ଦିବ୍ୟ ସତକାର ।

ବିସ୍ତାରି କହିଲେ, ନିଶାଚରଙ୍କର
ଉପଦ୍ରବ ବିବରଣ,
ଶୁଣି ନରପତି ଅସୁର ନାଶନେ
ବାହାରିଲେ ତତକ୍ଷଣ ।

ଅସୁର ଡଗର ଜଣାଇଲା ତେଣେ
ଅସୁର-ଭୂପତି ପାଶେ,
“ରକ୍ଷରାଜ, ରଣ ସକାଶେ ଦୁଷ୍ମନ୍ତ
ଆସୁଛନ୍ତି ମହୋଲ୍ଲାସେ ।”

ଆଚାର୍ଯ୍ୟ ବଦନ ଚାହିଁ ରକ୍ଷରାଜ
ପଚାରିଲେ ଅଭିମତ,
ଆଚାର୍ଯ୍ୟ ବିଚାରି କହିଲେ ତାହାଙ୍କୁ
ବିଗତ କଥା ସମସ୍ତ ।

“ରକ୍ଷରାଜ, ଯେତେ- ବେଳେ ଦେବଗଣ
ଅସୁରଙ୍କୁ ଥାନ୍ତି ଡରି,
ଦୈବ-ବଳ ଦେଇ ମାନବୀ-ବୁଦ୍ଧିକି
ରହନ୍ତି ଭରସା କରି ।

ଅମରବୃନ୍ଦକୁ ଜୟ କରିଥିଲା
ମହାବୀର ଦଶାନନ,
ନର-କର-ଶର ପୀଡ଼ାରେ ସର୍ବଶେ
ମାନିଲା କାଳ-ଶାସନ ।

ରାବଣ-ଭଗିନୀ ସୂର୍ପଣଖା ଥିଲା
ସେ ମହା-କଳହ-ମୂଳ,
ତୁମ୍ଭ ସୁତା ଯୋଗୁଁ କୋପାନ୍ୱିତ ଏବେ
ହୋଇଛୁଁ ରାକ୍ଷସକୁଳ ।”

ଶୁଣି ରକ୍ଷରାଜ ଆଚାର୍ଯ୍ୟ ବଚନ
ମନେ ମନେ ନେଲା ବୁଝି,
ପ୍ରକାଶେ ବୋଇଲା, “କି ଯଶ ବଢ଼ିବ
ମାନବ ସଙ୍ଗରେ ଯୁଝି ?

ମାନବକୁ ଯେବେ ଭରସା କଲେଣି
ଦେବେ ଲଭି ଆମ୍ଭ ଭୟ,
ଦେବତାଙ୍କ ବଳ ଜଣାଗଲା, ଏହା
ନୁହେ କି ଆମ୍ଭର ଜୟ ?

ଚାଲ ଯିବା ଜୟ- ପତାକା ଉଡ଼ାଇ
ବଜାଇ ବିଜୟ-ଢକ୍‌କା,
ଚିରଦିନ ପାଇଁ ରହିଥାଉ ଦେବ-
ହୃଦୟେ ରାକ୍ଷସ-ଶଙ୍କା ।”

ଦଳ-ବଳ ସହି ରାକ୍ଷସ-ଭୂପତି
ବାହୁଡ଼ିଲା ନିଜ ଦେଶ,
ଅମର-ଡଗର ସୁରେଶ ଛାମୁରେ
କହିଲା ସେହି ସନ୍ଦେଶ ।

ଦୁଷ୍ମନ୍ତ ନୃପଙ୍କ ଅଭିଯାନ ହେଲା
ଉତ୍ସବରେ ପରିଣତ,
କୁସୁମ ବର୍ଷଣ କଲେ ତାଙ୍କ ଶିରେ
ଅମର-ଯୋଷା ସମସ୍ତ ।

ଅପ୍‌ସରା-ନର୍ତ୍ତନେ କିନ୍ନରୀ-ଗାୟନେ
ସ୍ୱର୍ଗ ହେଲା ମଧୁମୟ,
ସୁରବନ୍ଦୀଗଣ ଉଚ୍ଚେ ଉଚ୍ଚାରିଲେ,
“ଜୟ ପୁରୁବଂଶୀ ଜୟ ।”

ଅମରଶରୀରେ ଯଯାତି ହରଷେ
ଆଶିଷିଲେ ବାରମ୍ବାର,
ଅମର-ବିଗ୍ରହ ପୂରୁ ଆସି ଦେଲେ
ସ୍ୱର୍ଗୀୟ କୁସୁମ-ହାର ।

ଜୟନ୍ତଙ୍କୁ କୋଳୁ ଓହ୍ଲାଇ ବାସବ
ଦୁଷ୍ମନ୍ତଙ୍କୁ କଲେ କୋଳ,
ନିଜ ବକ୍ଷ-ହାର ଦେଲେ ତାଙ୍କ ବକ୍ଷେ
ମହାନନ୍ଦେ ହୋଇ ଭୋଳ ।

ପ୍ରେମ ପ୍ରୀତି ଦୁହେଁ ଆସି ନିକଟକୁ
ସ୍ନେହେ ଆଲିଙ୍ଗନ କଲେ,
ଆନନ୍ଦେ ବୋଇଲେ, "ଯାଅ ନୃପ, ସୁଖ
ଲଭିବ ଅବନୀ ତଳେ।"
ସୁରପତି-ପଦେ ପ୍ରଣମିଲେ ନୃପ
ବିନୟେ ମେଲାଣି ମାଗି,
ମାତଳିକି ଶକ୍ର ଆଜ୍ଞା ଦେଲେ ତାଙ୍କୁ
ପହଞ୍ଚାଇଦେବା ଲାଗି ।
ନିଜେ ସୁରପତି ନୃପ-କର ଧରି
ଆରୋହାଇ ଦେଲେ ରଥେ,
ଆନନ୍ଦେ ବୋଇଲେ, "ଯାଅ ବତ୍ସ, ତବ
ବାଞ୍ଛା ସିଦ୍ଧ ହେଉ ପଥେ।"
ବାହୁଡିବା ପଥେ ନରପତି କଲେ
ଦର୍ଶନ ନନ୍ଦନ-ବନ,
ସୁବର୍ଣ୍ଣ-କୁସୁମ- ବୀଥିରେ ପାଦପେ
ରଚିତ ହୋଇଛି ବର୍ଣ୍ଣ ।
ଅମର ଅକ୍ଷର ପଠନେ ଜାଣିଲେ
ରଚିତ ହୋଇଛି ଶ୍ଳୋକ,
"ଦୁଷ୍ମନ୍ତ ନୃପଙ୍କ ପୁଣ୍ୟ-ସୁରଭିରେ
ଆମୋଦିତ ଦେବଲୋକ ।
ଦୁଷ୍ମନ୍ତଙ୍କ ଯଶ- ପଟଳ ଫୁଟିଛି
ନନ୍ଦନେ କୁସୁମ ଛଳେ,
ଉଜ୍ଜ୍ୱଳ କନକ- ବର୍ଣ୍ଣ ହୋଇଅଛି
ମନ ତାଙ୍କ ପୁଷ୍ପଦଳେ ।
ପବିତ୍ର ପ୍ରେମ ହିଁ ରହିଅଛି ସେହି
ପୁଷ୍ପଗର୍ଭେ ହୋଇ ମଧୁ,
ହିମବିନ୍ଦୁ ରୂପେ ଆଶୀର୍ବାଦ ତହିଁ
ଢାଳିଛନ୍ତି ବିଶ୍ୱବନ୍ଧୁ।"
ନିଜ ପରଶଂସା ଅଧିକ ନ ପଢ଼ି
ନୃପ ନେଲେ ବେଗେ ରଥ,
ସ୍ୱର୍ଣ୍ଣଦୀ-ପୁଳିନେ ଉହ୍ଲାଇ ଦେଖିଲେ
ଲିପିଅଛି ଶତ ଶତ ।
ଶମ୍ବୁକ-ପଟଳ ଲେଖି ଦେଇଛନ୍ତି
"ଧନ୍ୟ ଧନ୍ୟ ପୁରୁବଂଶ,"

ଫଡ଼ି ଜଳେ ପଶି ଘୋଷୁଛନ୍ତି ତାହା
ଅଗଣିତ ରାଜହଂସ ।
ଶୁଣି ଶୁଣି ତାହା ଭ୍ରମି ଥରେ ପୁଣି
ବାସବ-ସ୍ୟନ୍ଦନେ ବସି,
ଚଳିଲେ ଭୂପତି ମାତଳି ନିକଟେ
ନିଜ ଭାଗ୍ୟ ପରଶଂସି ।
ନିର୍ମଳ ମରୁତ- ମଣ୍ଡଳକୁ ଲଙ୍ଘି
ରଥ ପ୍ରବେଶିଲା ବେଗେ,
ଉଚ୍ଚ ପରବତ ମସ୍ତକକୁ ଯହିଁ
ଚୁମ୍ବନ କରନ୍ତି ମେଘେ ।
ଘନ-ଘୃଷ୍ଟ-ରଥ ପଦ-ବିକୀରିତ-
ନିର୍ମଳ-ସଲିଳ-କଣ,
ପାନ କଲେ ସୁଖେ ପର୍ବତ-ବିବରୁ
ବାହାରି ଚାତକଗଣ ।
ତଡ଼ିତ-କାନ୍ତିରେ ଅଶ୍ୱତନୁ ହେଲା
ମୁହୁର୍ମୁହୁ ସମୁଜ୍ଜ୍ୱଳ,
ତା ପରେ ଦୃଷ୍ଟିରେ ଆବିର୍ଭୂତ ହେଲା
ଶ୍ୟାମଳ ଅବନୀ-ତଳ ।
ପର୍ବତ-ଶିଖର ଦିଶିଲା ଗଗନ-
ସୋପାନେ ଚଢ଼ିଲା ପରି,
ଭୂତଳ ଦିଶିଲା ପର୍ବତକୁ ଯେହ୍ନେ
ଟେକି ଦେଉଅଛି ଧରି ।
ଅଥବା ବିଦିବ- ବିଳାସୀ ନୃପତି
ପ୍ରୀତ ହୋଇ ମାନବତୀ,
ନିକଟ ନିକଟ ହେଲେ ଦୂର ଦୂର
ହେଉଅଛି ବସୁମତୀ ।
କ୍ରମଶଃ ଦିଶିଲା କେହି ସହଚରୀ
ମହୀକି ମଧୁରଶ୍ୱାସ
ଦେଇ, ଆଣୁଅଛି ସ୍ୱର୍ଗ-ପ୍ରତ୍ୟାଗତ
ପ୍ରଶଂସିତ ନୃପ ପାଶ ।
ପାଦପେ ମସ୍ତକ ଉତ୍ତୋଳନ କଲେ
ଅବନୀ ଲୁଣ୍ଠନ ଗୁଡ଼ି,
ସୁପ୍ତ ବିହଙ୍ଗମେ ଶିର ଟେକି ଯଥା
ଉଠିଥାନ୍ତି ଡେଣା ଝାଡ଼ି ।

ମାର୍ଗରେ ପଡ଼ିଲା    ହେମକୂଟ ନାମେ
କିଂପୁରୁଷ ପରବତ,
ଗୋଧୂଳିକାଳୀନ-    ଭାନୁକର-ଧୌତ
ମେଘ ପ୍ରାୟେ ପ୍ରଭାବନ୍ତ ।
ବାସବ ବରୁଣ    ସାଗର ହିଲ୍ଲୋଳେ
ଧୋଉଛନ୍ତି ଯାର ପାଦ,
ଉଦୟାସ୍ତ ରବି-    ପ୍ରଦୀପେ ଆରତି
ଦେଇ ଗାଇ ସ୍ତୁତିବାଦ ।
କାଦମ୍ବିନୀ ଲଭି    ବିରାଟ ବିଗ୍ରହ
ମଧୁମୟ ଘରଷଣ,
ଅଙ୍ଗରାଗରୂପେ    ଅଙ୍ଗେ ଜଡ଼ି ଯାର
ଭୁଲେ ବାରିବରଷଣ ।
ବାର ମାସ ଯହିଁ    ବସନ୍ତ ବିହାରେ
ଫୋଟେ ସର୍ବବର୍ଣ୍ଣ ଫୁଲ,
ମହାନନ୍ଦଭରେ    ଭ୍ରମନ୍ତି ଭ୍ରମରେ
କୂଜନ୍ତି କୋକିଳ-କୁଳ ।
ସରେ ସରେ ଯହିଁ    ସ୍ୱର୍ଣ୍ଣ-କମଳିନୀ
ଶୋଭା ବିକଶିତ କରେ,
ରତ୍ନରାଜି ଯହିଁ    ତିମିର ନାଶନ୍ତି
କିନ୍ନରଙ୍କ ଘରେ ଘରେ ।
ସ୍ୱର୍ଣ୍ଣ-କମଳିନୀ-    ଅଙ୍ଗ ଛୁଇଁବାକୁ
ଦିବାକର-କର ଥରେ,
ମଧ୍ୟାହ୍ନେ ନଭରୁ    ଲଭି ଲୁଚି ତେଣୁ
ପଶିଥାଏ ତରେ ତରେ ।
କିନ୍ନରୀ ଗାୟନେ    ବିହଙ୍ଗ କୂଜନ
ମାନ ବାଦ ହୁଏ ତହିଁ,
ବରଷା ବୋଇଲେ    ବୃଷ୍ଟନ୍ତି ତହିଁରେ
ତରୁପୁଷ୍ପ ବରଷଇ ।
ଯେତିକରେ ଫୁଲ    ଫଳ ଉପୁଜିବ
ତେତିକ ପଡ଼େ କାକର,
କିନ୍ତୁ ଫଳ ମୂଳ    ବଳି ପଡ଼ୁଥାଏ
ପୂରାଇ ଲୋକ ଉଦର ।
ତପସ୍ୱୀ-ମଣ୍ଡଳ    ତପ ସାଧୁଥାନ୍ତି
ତହିଁ ରହି ନିରାପଦେ,

ସିଦ୍ଧି ହିଁ ସେ ସ୍ଥଳ    ନ ପାରନ୍ତି ତେଜି
ନିତି ପୂଜା ଲଭି ପଦେ ।
ସୁରାସୁର-ପିତା    କଶ୍ୟପ ସେ ନଗେ
କରନ୍ତି ସସ୍ତ୍ରୀକ ବାସ,
ସୁରାସୁରଙ୍କର    ଭକତି ତହିଁରେ
ବଳସେ ଲଭି ଉଲ୍ଲାସ ।
ସମସ୍ତେ ଅଜାତ-ଶତ୍ରୁ,    ସେ ପର୍ବତେ
ନିବସନ୍ତି ଯେତେ ଜନ୍ତୁ,
ପରସ୍ପର ହିତ-    ସାଧନେ ନିରତ
ହୋଇଥାନ୍ତି ଅଧିକନ୍ତୁ ।
କୁଶାଙ୍କୁର ଆଣି    ଶାର୍ଦ୍ଦୂଳ ସସ୍ନେହେ
ଦିଏ ମୃଗ-ଶିଶୁ-ମୁଖେ,
ଗଜ-ଶିଶୁ ପାଇ    କେଶରୀ ହସ୍ତରୁ
କପିତ୍ଥ ଭୁଞ୍ଜଇ ସୁଖେ ।
ମାତଳିଙ୍କି ନୃପ    ସାଗ୍ରହେ ପୁଚ୍ଛିଲେ
ପର୍ବତର ପରିଚୟ,
ପ୍ରଶଂସି ମାତଳି    କହିଲା ଗିରିର
ମନୋରମ କଥାଚୟ ।
କଶ୍ୟପ ଚରଣେ    ଅର୍ଚ୍ଚିବାକୁ ନୃପ
ରଥ ଓହ୍ଲାଇଲେ ତଳେ,
ଦେଖିଲେ ସ୍ୟନ୍ଦନ    ଗଗନେ ଯେସନ
ଭୂତଳେ ତେସନ ଚଳେ ।
ଚକ୍ର ନ ପଶଇ    ଧୂଳି-ବାଲି ମଧ୍ୟେ
ନ ନାଚେ ଅସମ ତଳେ,
ଚଳେ ଯଥା ହଂସ    ଅବାତ କମ୍ପିତ
ଗଭୀର ସରସୀ-ଜଳେ ।
ତହିଁ ଲାଗି ନୃପ    ସାରଥି ବଦନ
ଅନାଇଲେ ଚମତ୍କାରେ,
ସୁରେଶ-ନରେଶ-    ରଥ-ତାରତମ୍ୟ
ଜ୍ଞାତ ହେଲେ ସେହିଠାରେ ।
ଅଦୂରେ ଦେଖିଲେ    ମୁନି ଏକ ଛନ୍ତି
ନିଶ୍ଚଳ ଅଚଳରୂପେ,
ପାଦୁଁ କଟିଯାଏ    ତାହାଙ୍କ ମଜ୍ଜିତ
ହୋଇଛି ବଲ୍ମୀକ-ସ୍ତୂପେ ।

ବିଷଧର-ଚର୍ମ୍ମ- ଉପବୀତ ସହ
ହୋଇଅଛି ଉପବୀତ,
ଜୀର୍ଣ୍ଣ-ଲତା-ଜାଲ ବେଢ଼ି କଣ୍ଠଦେଶ
କରୁଅଛି ନିପୀଡ଼ିତ ।
ରବି-ଅଭିମୁଖୀ ହୋଇ ସ୍ଥାଣୁ ପରି
ରହିଛନ୍ତି ମୁନିବର,
ସ୍କନ୍ଧ-ବିଲମ୍ବିତ ଜଟା-ମଣ୍ଡଳରେ
ପକ୍ଷୀ କରିଛନ୍ତି ଘର ।
ରଥୁଁ ଅବତରି ନରପତି ସେହି
ମୁନିଙ୍କି ପ୍ରଣାମ କରି,
ଆଶ୍ରମ-ଦର୍ଶନ- ସୁଖ-ପୀୟୂଷରେ
ମନ ପ୍ରାଣ ଦେଲେ ଭରି ।
ଦେଖିଲେ ଆଶ୍ରମ କଳପ-ପାଦପ-
ଛାୟା-ସୁଶୀତଳ ତଳ,
ସୁଲଭ ତହିଁରେ ହେମ-କମଳିନୀ-
ସୁରଭି-ବାସିତ ଜଳ ।
ପଥର ପରିଏ ପଡ଼ି ରହିଅଛି
ଯହିଁ ତହିଁ ମଣିଶିଳା,
ସ୍ନେହ ବିତରଣ କରୁଛନ୍ତି ବୁଲି
ସୁରବାଳା ସ୍ନେହଶୀଳା ।
ସୁର-ବନିତାଙ୍କ ଗତି ସ୍ଥିତି ଦେଖି
ସ୍ୱତଃ ହେଲା ନୃପ ମନେ,
ବନ୍ଦନ୍ତେ ଚରଣ, ତୋଷନ୍ତେ ଶ୍ରବଣ
'ମାଆ' ଶବ୍ଦ ସମ୍ବୋଧନେ ।
କେମନ୍ତେ ତପସ୍ୟା- ଫଳ-ସ୍ଥଳେ ପୁଣି
ତପସ୍ୟା ରହିଛି ଲାଗି,
ବିଚାରିଲେ ନୃପ ସେହି ତାପସଙ୍କ
ତପ ନୁହେ ନିଜ ଲାଗି ।
ସ୍ୱର୍ଗରୁ ଅଧିକ ମନୋରମ ପୁଣି
ସୁଖକର ଏହି ସ୍ଥଳ,
ଅବଶ୍ୟ ଜଗତ- ଜନ-ଭୋଗ୍ୟ ହେବ
ଏଠାର ତପସ୍ୟା-ଫଳ ।
ନିଜ ପାଇଁ ଲୋକେ ତପ କରିଥାନ୍ତି
ଦୁଃଖ ପରେ ସହି ଦୁଃଖ,
ପରସୁଖ ପାଇଁ ତପ-ସାଧନରେ
ତ୍ୟକ୍ତ ହୋଇଥାଏ ସୁଖ ।
ତଳୁ ଉପରକୁ ଉଠିଥିବା ଲୋକ
ଜାଣିଥାଏ ତଳ କଥା,
ଉଚ୍ଚାସନେ ଥାଇ ଯତ୍ନ କରିଥାଏ
ହରିବାକୁ ତଳବ୍ୟଥା ।
ମୋ' ସୁଖ ଜଗତେ ବିତରିବା ପାଇଁ
ହେଉଛି ଏଠାରେ ମନ,
ନିଜ ସୁଖ କାହିଁ ଏକାକୀ ଭୁଞ୍ଜିବେ
ସ୍ୱଭାବ-ତିତିକ୍ଷୁ-ଜନ ?
ଶକ୍ର-ସୂତ ଗଲା ସେଠାରୁ କଶ୍ୟପେ
ସମାଚାର ଦେବା ପାଇଁ,
ଅଶୋକ-ପାଦପ- ତଳେ ନରପତି
ରହିଲେ କାନନ ଚାହିଁ ।
"ଛାଡ଼ ଛାଡ଼ ଦୁଷ୍ଟ, ଛାଡ଼ ରେ" ଶବଦ
ପଡ଼ିଲା ନୃପତି-କର୍ଣ୍ଣେ,
ଦେଖିଲେ କେଶରୀ- ଶାବକ-କେଶର
ଧରିଛି ବାଳକ ଜଣେ ।
ଚମତ୍କୃତ ହୋଇ ହସ୍ତିନା-ଭୂପତି
ବାଳକର ପରାକ୍ରମେ,
କୌତୁକଦର୍ଶନ- ମାନସେ ତାହାର
ସମୀପକୁ ଗଲେ କ୍ରମେ ।
ତାପସୀଏ ପୁଣି ବୋଇଲା ଶିଶୁକୁ,
"ଛାଡ଼ିଦିଅ ଆରେ ଦୁଷ୍ଟ,
ବାଳ-ଚପଳତା ଛାଡ଼ିଯିବ ତୋର
କେଶରଣୀ ହେଲେ ରୁଷ୍ଟ ।
ଏ କି ଦୁଃସାହସ, ସିଂହଶିଶୁ ସୁଖେ
କରୁଥିଲା ସ୍ତନ୍ୟପାନ,
ବଳେ ଆଣି ତାର ଦନ୍ତ ଗଣୁଅଛୁ,
କରିଛୁ କି ମୃଗ ଜ୍ଞାନ ?"
ଅଧର ଲମ୍ବାଇ "ଏତିକେ ଡରିଲି"
ବୋଲି ଉପହାସ ଛଳେ,
କେଶରୀ-ଶାବକ- କେଶରକୁ ଶିଶୁ
ଧରିଲା ଅଧିକ ବଳେ ।

ଅନ୍ୟ ତପସ୍ୱିନୀ ବୋଇଲା, "ସଜନ,
କେବେବ କ ଟେ ଥାଏ ଡର,
ମୁନି ମୁଖୁଁ ସର୍ବ- ଦମନ ନାମ ସେ
ପାଆନ୍ତା ଆଉ କିପରି ?"
ସଙ୍କେତେ ବୋଇଲା, କ୍ରୀଡ଼ାଦ୍ରବ୍ୟ ଦାନ
ପ୍ରଲୋଭନେ ତାକୁ ଭଣ୍ଡି,
ନ ହେଲେ କେଶରୀ- ଶାବକକୁ ଧରି
ଦେଉଥିବ କେତେ ଦଣ୍ଡ ।
ପ୍ରଥମା ବୋଇଲା, "ମୃଗେନ୍ଦ୍ର-ଶାବକ
ଛାଡ଼ିଦିଅ ମୋର ବାପ,
ସୁତ-କଷ୍ଟ ଚାହିଁ ଜନନୀ ତାହାର
ମନେ ଲଭୁଥିବ ତାପ ।
ଖେଳିବା ନିମନ୍ତେ ମୋହଠାରୁ ଏବେ
ଅନ୍ୟ କ୍ରୀଡ଼ନକ ନିଅ,"
ତା ଶୁଣି ବାଳକ କର ପ୍ରସାରିଲା
କହି,"ଦିଅ, ଦିଅ, ଦିଅ ।"
ଚାହିଁଲେ ନୃପତି ଶିଶୁ-ହସ୍ତ ଯେହ୍ନେ
ନବ-ବିକଶିତ ପଦ୍ମ,
ଚକ୍ରବର୍ତ୍ତୀ-ଚିହ୍ନ ସକଳ ତହିଁରେ
ରହିଛନ୍ତି କରି ସଦ୍ମ ।
"ଆଣୁଅଛୁଁ" ବୋଲି ଉଭୟ ତାପସୀ
ସତ୍ୱରି ସେଠାରୁ ଗଲେ,
"ଆଣିଲେ ଛାଡ଼ିବି" ବୋଲି ଶିଶୁ ସିଂହ-
ଶିଶୁକୁ ଧରିଲା ବଳେ ।
ମାଗୁଁ ତାପସୀଏ ଲେଉଟି କହିଲା
ନୃପତିଙ୍କ ମୁଖ ଚାହିଁ,
"ଦେଖ ମହାଶୟ, ଏ ଦୁଷ୍ଟ ବାଳକ
ସିଂହ-ଶିଶୁ ଛାଡ଼ୁ ନାହିଁ ।"
କୁମାରଙ୍କୁ ଚାହିଁ ନୃପଙ୍କର ହୃଦ
ହୋଇଗଲା ଦ୍ରବୀଭୂତ,
ମନେ ବୋଲୁଥିଲେ,"ଧନ୍ୟ ସେହି ଲୋକ,
ଏ ଶିଶୁ ଯାହାର ସୁତ ।
କୋଳେ ଧରି ମୁଖେ ଚୁମ୍ବନ ଦେବାକୁ
ହେଉଅଛି ମୋର ଚିତ୍ତ,

କେମନ୍ତେ ମୋ ସ୍ନେହ ଘେନିବ ବାଳକ
ମୁଁ ଯେ ତା ଅପରିଚିତ ।
ଦରଶନ ଯା'ର ଏତେଡ଼େ ସୁଖକର
ସ୍ପରଶ କେତେଡ଼େ ମଧୁର ।
ସ୍ପରଶ-ଲାଳସା ଲାଗିଛି ଦର୍ଶନ-
ସୁଖ କରିବାକୁ ଦୂର ।"
ସ୍ପରଶ-ଲାଳସା ଦରଶନ-ସୁଖ-
ସଙ୍ଗେ କରି ଘୋର ଯୁଦ୍ଧ,
ନୃପତି-ହୃଦୟ- ସମର-ଭୂମିକୁ
କରିଦେଲେ କ୍ଷଣେ କ୍ଷୁବ୍ଧ ।
ନୃପତି ବୋଇଲେ, "ତାପସ-କୁମାର,
କ୍ଷମା ଏତେଡ଼ ହରବର,
ସିଂହ-ଶିଶୁ ସହ ଖାରଖିବ ତେଜ
ତାପସ ସ୍ୱଭାବ ଧରି ।"
ନୃପଙ୍କୁ ତାପସୀ ବୋଇଲା, "ଏ ଶିଶୁ
ତାପସ-ନନ୍ଦନ ନୁହେ,"
ନୃପତି ବୋଇଲେ, "ତାପସ ମଣିଲି
ଥିବାରୁ ତାପସ-ଗୃହେ ।"
ତା ପରେ ନୃପତି ସ୍ନେହ ସହକାରେ
ଧରି ବାଳକର କର,
ହୃଦ-କ୍ଷୋଭ ସହ କେଶରୀ-ଶିଶୁକୁ
କରାଇଦେଲେ ଅନ୍ତର ।
ଦ୍ରବୀଭୂତ ସ୍ୱର୍ଣ୍ଣ- ଖଣ୍ଡଦ୍ୱୟ ଯଥା
ମିଶି ହୁଏ ଏକ ଦେହ,
ସ୍ନେହର ବାଳକ ନୃପେ ମିଶିଗଲା
ପାଇ ମଧୁମୟ ସ୍ନେହ ।
ନୃପ ସହ ସର୍ବ- ଦମନର ଚାହିଁ
ଏକରୂପ ଏକାକାର,
ତାପସୀ-ହୃଦୟେ ଆହ୍ଲାଦ ସହିତ
ନୃତ୍ୟ କଲା ଚମତ୍କାର ।
ଶିଶୁ-କର ଧରି ରାଜା କରି କରି
ସ୍ପର୍ଶସୁଖ ଅନୁଭବ,
ବୋଇଲେ, "ସୁଶୀଳେ, ଏ କୁମରମଣି
କେଉଁ ବଂଶେ ସମ୍ଭବ ?

"ପୁରୁବଂଶେ" ଏହା ଉତ୍ତର ଶ୍ରବଣେ
ପୁଣି ବିଚାରିଲେ ମନେ,
ପୁରୁବୃଦ୍ଧମାନେ ଚରମ ସମୟେ
ବାସ କରିଥାନ୍ତି ବନେ ।
ପୁଣି ପଚାରିଲେ, "ଏ ସ୍ଥାନକୁ ହୋଇ-
ପାରେ କି ମାନବ-ଗତି ?"
ଉତ୍ତର ପାଇଲେ, "ସେ ବିଧି ନ ଖଟେ
ଶିଶୁର ଜନନୀ ପ୍ରତି ।
ଦେବଗୁରୁ-ବଂଶ- ଗରଭ-ସମ୍ଭୂତା
ଶିଶୁର ଗର୍ଭଧାରିଣୀ,
ଭାଗ୍ୟ-ଦୋଷେ ଆସି ପୁତ୍ର ଜାତ କଲା
ହୋଇ ଏ ବନଚାରିଣୀ ।"
ଭାବିଲେ ନୃପତି, "ଆଶା-ମରୀଚିକା
ଧରୁଅଛି ହୃଦାକାର,
ଜଣାଯିବ ଏବେ ଅଛି କି ନା ତହିଁ
ପ୍ରବେଶର ଅଧିକାର ।"
ବୟସ୍ୟେ ବୋଇଲେ, "ବାଳକର ପିତା
ନାମ କିସ ଅଛି ଜଣା ?"
ତାପସୀ ବୋଇଲା, "ଅଧାର୍ମିକ ନାମ
ଉଚ୍ଚାରିବା ଏଥି ମନା ।"
ଜନନୀର ନାମ ଜାଣିବାକୁ ନୃପ
କରୁଥିଲେ ଅଭିଳାଷ,
ଭାବିଲେ, ତା ହେଲେ ହେବ ଏକା ସିନା
ଅଭଦ୍ରତା ପରକାଶ ।
ଅପର ତାପସୀ ମୃତ୍ତିକା ମୟୂର
ଏକ ଆଣି ଧରି କରେ
ବୋଇଲା ଶିଶୁକୁ, "ଶକୁନ୍ତ-ଲାବଣ୍ୟ
ଦେଖ ଦେଖ ବତ୍ସ ! ଥରେ ।"
"ଶକୁନ୍ତଳା" ବୁଝି ବୋଇଲା ବାଳକ,
"କାହିଁ ମୋ ଜନନୀ କାହିଁ ?"
ତାପସୀ ବୋଇଲା, "କହୁଛି ସୁନ୍ଦର
ମୟୂର ଦେଖିବା ପାଇଁ ।"
ନୃପ ବିଚାରିଲେ, ଶିଶୁର ଜନନୀ
ନାମ ହେଲା ଶକୁନ୍ତଳା,
କେତେ ଭାଗ୍ୟବତୀ ସେ ନାମ ବହନ୍ତି,
ତା ଯେଣେ ଦ୍ୱିଧା ନ ଗଲା ।
ମୃତ୍ତିକା-ମୟୂର ଧଇଲା ବାଳକ
ଯାଇ ତପସ୍ୱିନୀ ପାଶ,
ସନ୍ତୋଷ ସୂଚନା କଲା ତା ଅଧରେ
ଫୁଟି ମନ୍ଦ ମନ୍ଦ ହାସ ।
ଦେଖିଲା ତାପସୀ, ଶିଶୁ-ମଣିବନ୍ଧେ
ରକ୍ଷା କାଣ୍ଡ ତାର ନାହିଁ,
କାହିଁ ପଡ଼ିଗଲା ବୋଲି ଅନ୍ୱେଷଣ
କଲା ଇତସ୍ତତଃ ଚାହିଁ ।
ଏଣେ ନରପତି ରକ୍ଷା-କାଣ୍ଡଟିକି
ତକ୍ଷୁ ଉଠାଇଲେ କରେ,
"ଛୁଅଁ ନା, ଛୁଅଁ ନା" ବୋଲି ତପସ୍ୱିନୀ
କହୁଁ କହୁଁ ତରତରେ ।
ଚାହିଁ ତପସ୍ୱିନୀ- ଯୁଗଳ ବିସ୍ମୟେ
ବକ୍ଷସ୍ଥଳେ ଦେଇ ହସ୍ତ,
ଭୟ ହୃଦେ ଭରି "କି ହେଲା, କି ହେଲା"
ବୋଲି ହେଲେ ମହାବ୍ୟସ୍ତ ।
ନୃପତି ବୋଇଲେ, "କିସ ହେଲା କାହିଁ-
ପାଇଁ ଏତେ ଉଦବିଗ୍ନ,
ମୋହୋ ସ୍ପର୍ଶରେ ଶିଶୁ-ରତନର
ମଙ୍ଗଳେ ହେବ କି ବିଘ୍ନ ?"
ତାପସୀ ବୋଇଲେ, "ଅମଙ୍ଗଳ କିଛି
ନାହିଁ ଶିଶୁରତନର,
ପିତା ବିନା ଅନ୍ୟ- ହସ୍ତକୁ ଗଲେ ତା
ହୋଇଥାଏ ବିଷଧର ।
ନିଜେ ଶିଶୁ ଅବା ଜନନୀ ତାହାର
କରିପାରେ ତା ଗ୍ରହଣ,
ଅନ୍ୟ ଲୋକ ତାହା ଗ୍ରହଣ କରିବା
କେବଳ ମୃତ୍ୟୁବରଣ ।
ଜାତକର୍ମବେଳେ ଶିଶୁ କରେ ଦେଇ-
ଥିଲେ ତା ବାସବ ପିତା,
ଅଶୁଭ-ନାଶନ ସୁର ମହୌଷଧି
ନାମ ତା 'ଅପରାଜିତା' ।"

ନୃପତି ବୋଇଲେ, "ଅନ୍ୟ କରେ ଯାଇ
ପ୍ରାଣ ନାଚିଛି କି କାର ?"
ତାପସୀ ବୋଇଲା, "ଅରେ ନୁହେ ତାହା
ଘଟିଅଛି ବହୁବାର ।"
ନୃପତି ଭାବିଲେ, "ଏତେ ପ୍ରମାଣରୁ
ଆଉ କି ଅଛି ସଂଶୟ,
ନିଶ୍ଚୟ ବାଳକ ମୋହୋ ପ୍ରଣୟିଣୀ
ଶକୁନ୍ତଳାର ତନୟ ।"
"ମୋ ପୁତ୍ର, ମୋ ପୁତ୍ର" ବୋଲି ବାଳକକୁ
ଧରି କଲେ ଆଲିଙ୍ଗନ,
ଆନନ୍ଦ-ଜନିତ ଲୋତକେ ବେନିଙ୍କ
ତିନ୍ତିଗଲା ଅପଘନ ।
ବାଳକ ବୋଇଲା, "ଛାଡ଼, କମ୍ପା ଆସି
ଏମନ୍ତ ହୁଅ ମୋ କତି,
ତୁମ୍ଭେ ନୁହ ମୋର ଜନକ, ମୋ' ପିତା
ଦୁଷ୍ମନ୍ତ ହସ୍ତିନା-ପତି ।"
ବାଳକ ଆପତ୍ତି ନ ଘେନି ନୃପତି
ଚୁମ୍ବ ଦେଲେ ବାରମ୍ବାର,
ତା ଗୁହିଁ ବାଳକ, ଗୁହିଁ ତାପସୀଏ
ମଣୁଥାନ୍ତି ଚମତ୍କାର ।
ଆନନ୍ଦ ଉପରେ ଆନନ୍ଦ ନୃପଙ୍କ
ହୃଦୟରେ କଲା ନୃତ୍ୟ,
ମନ ସହିତରେ ଜୀବନ ଉଲ୍ଲସି
ହୋଇଗଲେ କୃତକୃତ୍ୟ ।
ତାପସୀଏ ଯାଇ କହିଲା ସେ କଥା
ସବୁ ଶକୁନ୍ତଳା ପାଶ,
ଶକୁନ୍ତଳା ଅଶା ସହ ସମ୍ମିଳିତ
ନ ହେଲା କିନ୍ତୁ ବିଶ୍ୱାସ ।
ଶକୁନ୍ତଳା ଅସି ସ୍ୱନେତ୍ରେ ଦେଖିଲେ
ପୁତ୍ର ଅଛି ପିତା-ଅଙ୍କେ,
ରହିଗଲେ ହର୍ଷ- କମଳ-ମଣ୍ଡିତ
ବିଷମ-ବିଷାଦ-ପଙ୍କେ ।
ଚକିତେ ବିସ୍ମୟେ କୁମାର ବୋଇଲା
ଜନନୀ-ବଦନ ଗୁହିଁ,

"ମା ଗୋ, ଏହି ଲୋକ ପୁତ୍ର ବୋଲି ମୋତେ
ଧରୁଛନ୍ତି କାହିଁ ପାଇଁ ?
ବାରମ୍ବାର ମୋତେ କୋଳ କରୁଛନ୍ତି
ଘେନୁ ନାହାନ୍ତି ମୋ' ମନା,
ଦେଖ ତ କାହିଁକି ହୋଇ ଯାଉଛନ୍ତି
ଏମନ୍ତ ଉନ୍ମନା ?"
କହି କହି ଶିଶୁ ଏକ କର ନେଇ
ଧଇଲା ଜନନୀ-କର,
ଅପର ହସ୍ତଟି ରହିଥିଲା ସ୍ନେହ-
ବନ୍ଧେ ନରପତିଙ୍କର ।
ନ ନିଏ ନୃପତି- କରୁଁ କର ଶିଶୁ
ନ ଛାଡ଼େ ଜନନୀ-କର,
ଆକର୍ଷଣେ ଦୁଃଖ ତଡ଼ି ସୁଖ ବୃଦ୍ଧି
କରିଦେଲା ଦୁହିଁଙ୍କର ।
କେହି କାହା କଥା କହିବାକୁ ଆଉ
ହେଲା ନାହିଁ ଅବସର,
ଭଗୀରଥ ହୋଇ ମିଳାଇଲା ଶିଶୁ
ସୁରଧୁନୀ ରତ୍ନାକର ।
କୁମର-ବଚନେ ଶକୁନ୍ତଳା ପ୍ରାଣ
ହୋଇଗଲା ସୁଧାସ୍ନାତ,
କାନ୍ତ-ଦରଶନେ ପୁଲକ ଛଳରେ
ପ୍ରେମାଙ୍କୁର ହେଲା ଜାତ ।
ହାସ ତା ଅଧରେ ନ ଫୁଟି ବଦନେ
ନେତ୍ରେ ହେଲା ସଞ୍ଚାରିତ,
ନବୀନ ମୃଦ୍‌ଘଟ- ଜଳ ବାହାରକୁ
ହୁଏ ଯଥା ସଂକ୍ଷରିତ ।
ବୁଝିଥିଲା ବାମା ମାତା ଲାଗି ତାର
ଘଟିଛି ପତି-ବିରହ,
ପତି-ପ୍ରେମ ସ୍ମରି ଦର୍ଶନ ଲାଳସେ
ଥାଏ ତହିଁ ଅହରହ ।
ମନେ କରୁଥାଏ ପ୍ରଣୟ-ପାଳନେ
ହୋଇଛି ନିଜେ ଅକ୍ଷମା,
ପତି-ଦରଶନ ଲଭିଲା ଚରଣେ
ବିନୟେ ମାଗନ୍ତା କ୍ଷମା ।

ରାଜା ଭାବୁଥିଲେ ପ୍ରେମ-ମୂରତିଙ୍କି
ପ୍ରଣୟ-ପୀଠେ ଆରାଧି,
ନ ପାରି ଧରମ ଲଙ୍ଘି ନିଜେ ହୋଇ-
ଛନ୍ତି ମହା ଅପରାଧୀ ।
କେଉଁ କଥା କହି କେମନ୍ତେ କ୍ଷାଳନ
କରାଇବେ ନିଜ ଦୋଷ,
ଅଙ୍ଗୁରୀୟ ଲଭି- କଥା କହିଲେ କି
ଜନ୍ମିବ ପ୍ରିୟାର ତୋଷ ?
ଛଅ ବରଷର ବିରହ-ଯାତନା
କେଉଁ ଆଡ଼େ ଗଲା ଉଡ଼ି,
ପରସ୍ପର ମୁଖ ଦେଖି ସୁଖାମୃତ-
ପାରାବାରେ ଗଲେ ବୁଡ଼ି ।
କୁମାର-ଚନ୍ଦ୍ରମା ତହିଁକି ଉଲ୍ଲାସେ
ବଢ଼ାଇ ଦେଇଛି କର,
ଲହରୀ ଉପରେ ଲହରୀ ମେଲିଲା
ଦମ୍ପତି-ସୁଖ ସାଗର ।
ପବିତ୍ର ଦମ୍ପତି- ପ୍ରେମ ସୁଖ ଚାହିଁ
ଗିରି ହୋଇଲା ପୁଲକିତ,
ଫୁଟିଗଲା ଫୁଲ- କଳିକା, ଫୁଟିଲା
କୁସୁମ ହୋଇଲା ସ୍ଖଳିତ ।
ନବୀନ ଆନନ୍ଦେ ବିହଙ୍ଗମଗଣ
କଲେ ମଧୁମୟ ଗାନ,
ସ୍ତନ୍ୟପାନ ତେଜି ଆନନ୍ଦେ ନାଚିଲେ
ହରିଣ-ଶାବକମାନ ।
ଏମନ୍ତ ସମୟେ ସୁରାସୁର-ଗୁରୁ
ହୋଇଲେ ତହିଁ ଉପଗତ,
ଚରଣେ ତାଙ୍କର ପଡ଼ିଲେ ତିନିହେଁ
ଯୁଗ୍ମ ଯୁଗ୍ମ କରି ହସ୍ତ ।
ହସି ମହାମୁନି ଆଶିଷିଲେ, "ତୁମ୍ଭ
ସର୍ବଦୁଃଖ ହେଉ କ୍ଷୟ,
କୁମର-ରତନ ହେଉ ତୁମ୍ଭ କୁଳେ
ବୁଦ୍ଧି ଶୀଳ-ଜ୍ୟୋତିର୍ମୟ ।
ଉଦୟାଶା-କୋଳୁ ଉଦୟ ଭୂଧର
ମଣ୍ଡିଅଛି ଦିନମଣି,
ନାଶ ହେଉ ତୁମ୍ଭ ବିଷାଦ-ତିମିର-
ଆବୃତ-ଶୋକ-ରଜନୀ ।"
ସାଦରେ ସସ୍ନେହେ ମହାମୁନି ତାଙ୍କୁ
ନେଇ ଅଦିତିଙ୍କ ପାଶ,
କଲେ ଶକୁନ୍ତଳା- ପତି-ନୃପତିଙ୍କ
ପରିଚୟ ପରକାଶ ।
ପତ୍ନୀ-ପୁତ୍ର ସହ ବିନୟେ ଭୂପତି
ବନ୍ଦିଲେ ଅଦିତି-ପାଦ,
ଅଦିତି ତାହାଙ୍କୁ ଆନନ୍ଦେ ମଧୁରେ
ଦେଲେ ଶୁଭ ଆଶୀର୍ବାଦ ।
ଦଳ ଦଳ ଆସି ଦେଖିଲେ ନୃପଙ୍କୁ
ତାପସ-ତାପସୀଗଣ,
କେହି ସୁର, କେହି ନର ବୋଲି ତାଙ୍କୁ
କଲେ କେତେ ବିତର୍କଣ ।
ନୃପତିଙ୍କି ଚାହିଁ କଶ୍ୟପ ବୋଇଲେ,
"ନ କରିବ ଅନୁତାପ,
ତୁମ୍ଭ ସ୍ମୃତି-ଲୋପ କରି ଦେଇଥିଲା
ଦୁର୍ବାସା ମୁନିଙ୍କ ଶାପ ।
ଉଦ୍ଭାବିତ ହୋଇ- ଥାନ୍ତା ପୁଣି ସ୍ମୃତି
ଯେଉଁ ଅଙ୍ଗୁରୀୟ ବଳେ,
ଶକୁନ୍ତଳା ସ୍ନାନ- କାଳେ ହରାଇଲା
ତାହା ଶଚୀତୀର୍ଥ-ଜଳେ ।
ତୁମ୍ଭ ପ୍ରତି ତାର ମନ ରହିଥିଲା,
ତୁମ୍ଭ ପଦେ ଥିଲା ଧ୍ୟାନ,
ଅଙ୍ଗୁଳୁ ମୁଦ୍ରିକା ଖସି ପଡ଼ିବାର
ପ୍ରତି ନ ରହିଲା ଜ୍ଞାନ ।
ଜଳେ ଖେଳୁଥିଲା ମୀନ ତା ଆହାର
ବିଚାରି ଭକ୍ଷଣ କଲା,
ଧୀବର ସେ ମୀନ ମାରନ୍ତେ ମୁଦ୍ରିକା
ତୁମ୍ଭ ସମକ୍ଷକୁ ଗଲା ।
ଶକୁନ୍ତଳା-ମାତା ଦୁହିତା ବିପଦ-
ସମୟ ପ୍ରବେଶ ଚାହିଁ,
ଦୁହିତାକୁ ଆଣି ଦେଇଗଲା ଆମ୍ଭ
ଆଶ୍ରମେ ରଖିବା ପାଇଁ ।

ଦେଖୁଛ ତ ଏହି ସ୍ଥାନର ପ୍ରଭାବ,
ଏଥି ନାହିଁ ଶୋକ ତାପ,
ତୁମ୍ଭ ବ୍ୟବହାରେ ହୋଇ ନାହିଁ ମଧ
ସତ୍ୟ ପ୍ରତି ଅପଲାପ ।
ଅଧିକନ୍ତୁ ଘୋର ଅନୁତାପେ ତୁମ୍ଭ
ମହିମା ଯାଇଛି ବଢ଼ି,
ତାହା ଯୋଗୁଁ ପୁଣି ଅବମାର ପାପ-
ବୀଜ ଯାଇଅଛି ସଢ଼ି ।
ପତ୍ନୀ ପୁତ୍ର ଘେନ ଯାଅ ଏବେ ସୁଖେ
ଅବନୀ ପାଳନ କର,
ତୁମ୍ଭ ପରି ପତି- ବିରହେ ଅବନୀ
ଅଛି ଦୁଃଖ-ଜରଜର ।”
ବିଦାୟ-ପ୍ରଣାମ କରି ନରପତି
ମହର୍ଷି-ଦମ୍ପତି-ପଦେ,
ପତ୍ନୀ ପୁତ୍ର ସହ କିଛି ଦୂର ଚାଲି
ଗଲେ ସେ ଆଶ୍ରମପଦେ ।
ତହୁଁ ରଥେ ବସି କୁମରମଣିକି
କୋଳେ ବସାଇଲେ ନେଇ,
ପାଶେ ବସାଇଲେ ବଲ୍ଲଭମଣିକି
କର-ପଦ୍ମେ କର ଦେଇ ।
ମାତଳି-ଚାଳନେ ବାସବ-ସ୍ୟନ୍ଦନ
ମୁହୂର୍ତ୍ତେ ମଧ୍ୟରେ ଆସି,
ହସ୍ତିନା ନଗର- ରାଜପଥେ ହେଲା
ଦିବ୍ୟ ଶୋଭା ପରକାଶି ।
ପୁରବାସିଗଣ ଗୃହିଁ ଜୟନାଦେ
ଗଗନ କମ୍ପିତ କଲେ,
ମାତଳି ବିଦାୟ କରି ନରବର
ଅନ୍ତର୍ଭବନକୁ ଗଲେ ।
ପାଟରାଣୀ ହେଲେ ଶକୁନ୍ତଳା, ତାଙ୍କ
ପୁତ୍ର ହେଲେ ପାଟରଜା,
ଦିଗ ଦିଗନ୍ତରେ ବାଜିଗଲା ରାଜା-
ରାଣୀଙ୍କ ସୁଯଶ-ବାଜା ।
ଏକପ୍ରାଣ ହେଲେ ନୃପତି-ଦମ୍ପତି,
ଭିନ୍ନ ମାତ୍ର ଥିଲା କାୟା,
ସ୍ନିଗ୍ଧ କରୁଥିଲା ଜୀବନକୁ ସଦା
ପବିତ୍ର **ପ୍ରଣୟ-ଛାୟା** ।

# କୀଢ଼କ ବଧ

# ଭୂମିକା

"ପ୍ରଜାବନ୍ଧୁ"ର ସମ୍ପାଦକ ଶ୍ରୀଯୁକ୍ତ ବାବୁ ନୀଳମଣି ବିଦ୍ୟାରତ୍ନଙ୍କ ଉତ୍ତେଜନାରେ ଏହି କ୍ଷୁଦ୍ର ଗ୍ରନ୍ଥ ରଚିତ ହୋଇ ପାଣ୍ଡୁଲିପି ପ୍ରଥମରେ କବିବର ଶ୍ରୀଯୁକ୍ତ ରାୟ ରାଧାନାଥ ରାୟ ବାହାଦୁରଙ୍କ ନିକଟକୁ ପ୍ରେରିତ ହୋଇଥିଲା । ରାୟ ମହୋଦୟ ସେ ସମୟରେ ବର୍ଦ୍ଧମାନ ବିଭାଗର ସ୍କୁଲ ଇନ୍‌ସ୍ପେକ୍‌ଟର୍ କାର୍ଯ୍ୟରେ ହୁଗୁଳିରେ ଅବସ୍ଥାନ କରୁଥିଲେ । ସେ ନିଜର ଅଶେଷ କାର୍ଯ୍ୟ ସତ୍ତ୍ୱେ ବିଶେଷ ପ୍ରଣିଧାନପୂର୍ବକ ଆଶାତୀତ ସ୍ୱଳ୍ପ ସମୟ ମଧ୍ୟରେ ଗ୍ରନ୍ଥର ଆମୂଳଚୂଳ ଦେଖି ନିଜର ମତ ବ୍ୟକ୍ତ କରିବାଦ୍ୱାରା ଗ୍ରନ୍ଥକାରକୁ ଚିରକୃତଜ୍ଞତାପାଶରେ ବଦ୍ଧ କରିଅଛନ୍ତି । "ପ୍ରଜାବନ୍ଧୁ"ର ଓ "ପ୍ରଜାବନ୍ଧୁ"ରେ ପ୍ରକାଶିତ କବିବର ରାୟ ମହୋଦୟଙ୍କର ମନ୍ତବ୍ୟ ପାଠକରି ମାନନୀୟ ଶ୍ରୀଯୁକ୍ତ ମଧୁସୂଦନ ଦାସ, ଏମ୍. ଏ. ସି. ଆଇ. ଇ. ମହୋଦୟ ପୁସ୍ତକର ମୁଦ୍ରଣ-ବ୍ୟୟ ଦାନର ଅଙ୍ଗୀକାର କରିବାରୁ ଗ୍ରନ୍ଥ ପ୍ରକାଶିତ ହେଲା । ଏଥିନିମିତ୍ତ "ପ୍ରଜାବନ୍ଧୁ"ର ସମ୍ପାଦକ ଏବଂ ଦାସ ମହୋଦୟଙ୍କ ନିକଟରେ ଗ୍ରନ୍ଥକାର ନିଜର ଆନ୍ତରିକ ଗଭୀର କୃତଜ୍ଞତା ଜ୍ଞାପନ କରୁଅଛି ।

କବିବରଙ୍କ ମନ୍ତବ୍ୟ ଦେଖିବାକୁ କୌଣସି କୌଣସି ପାଠକଙ୍କର କୌତୂହଳ ଜାତ ହୋଇପାରେ । ସେହି କୌତୂହଳନିବୃତ୍ତି ଏବଂ ଗ୍ରନ୍ଥର ଗୌରବବିବୃଦ୍ଧି ସକାଶେ ଉକ୍ତ ମନ୍ତବ୍ୟ ଗ୍ରନ୍ଥର ପୁରୋଭାଗରେ ମୁଦ୍ରିତ ହେଲା । ଗ୍ରନ୍ଥ ପ୍ରତି ସାଧାରଣଙ୍କ ଆଗ୍ରହ କିଞ୍ଚିତ୍ ଆକର୍ଷିତ ହେଲେ ଗ୍ରନ୍ଥକାର ଚରିତାର୍ଥ ହେବ ।

ସମ୍ବଲପୁର,
ତା ୧୧ । ୫ । ୧୯୦୪ .

ବିନୀତ
ଗ୍ରନ୍ଥକାର

# ମନ୍ତବ୍ୟ

"କୀଚକ-ବଧ" ମହାଭାରତର ଗୋଟିଏ କୌତୁକାବହ ଏବଂ ଶିକ୍ଷାପ୍ରଦ ଆଖ୍ୟାନ । ହିନ୍ଦୁ-ସଂସାରରେ କି ଶିକ୍ଷିତ, କି ଅଶିକ୍ଷିତ, କି ପୁରୁଷ, କି ସ୍ତ୍ରୀ ପୁସ୍ତକଦ୍ୱାରା ଏବଂ ଯାତ୍ରାଦିଦ୍ୱାରା ଏ ଆଖ୍ୟାୟିକାର ବିବରଣ ପ୍ରାୟ ସମସ୍ତେ ବିଦିତ ଅଛନ୍ତି । ଏହି ପ୍ରାଚୀନ କାହାଣୀକୁ କବି ଗଙ୍ଗାଧରଙ୍କର ରସମୟୀ ଲେଖନୀ ସମ୍ପୂର୍ଣ୍ଣ ନୂତନ ମୂର୍ତ୍ତିରେ ସାଧାରଣଙ୍କ ସମ୍ମୁଖରେ ଉପସ୍ଥାପିତ କରିଅଛି । ପୁରାତନରେ ନୂତନତା ଏବଂ ଆହୃତରେ ମୌଳିକତା ପ୍ରତିଫଳିତ କରିବାର ପ୍ରତିଭାର ବିଧି-ପ୍ରତିପାଦିତ ଅଧିକାର ଅଟେ । ଏ ସମ୍ବନ୍ଧରେ କବି ଗଙ୍ଗାଧର ଯେପରି ଶକ୍ତିମତ୍ତା ଦେଖାଇଅଛନ୍ତି, ତାହା କି ପ୍ରାଚୀନ କି ଆଧୁନିକ ଯେ କୌଣସି ଉତ୍କଳୀୟ କବିଙ୍କ ପକ୍ଷରେ ଗୌରବାବହ ହୁଅନ୍ତା !

ଗଙ୍ଗାଧର ଉଚ୍ଚ ଶ୍ରେଣୀର କବି । କି ବହିଃପ୍ରକୃତି କି, ଅନ୍ତଃପ୍ରକୃତି ଉଭୟର ଯଥାଯଥ ଚିତ୍ରାଙ୍କନରେ ଗଙ୍ଗାଧର ସିଦ୍ଧହସ୍ତ । ଗ୍ରନ୍ଥାଧ୍ୟୟନ କରି ଲୋକେ ପଣ୍ଡିତ ହୋଇପାରନ୍ତି; ମାତ୍ର କବି ହେବାକୁ ହେଲେ କେବଳ ଗ୍ରନ୍ଥାଧ୍ୟୟନ ପର୍ଯ୍ୟାପ୍ତ ନୁହେ, ପ୍ରକୃତିଗ୍ରନ୍ଥାଧ୍ୟୟନ ମଧ୍ୟ ଅପରିହାର୍ଯ୍ୟରୂପେ ଆବଶ୍ୟକ । ଗଙ୍ଗାଧର ଯେତେବେଳେ ଯାହା ଲେଖନ୍ତି, ପ୍ରକୃତିକୁ ସ୍ୱଚକ୍ଷୁରେ ଦେଖି ଲେଖନ୍ତି । ଏହି ହେତୁରୁ ତାହାଙ୍କର ଉକ୍ତିଗୁଡ଼ିକ ଭାବପ୍ରଧାନ ନ ହୋଇ ରସପ୍ରଧାନ ହୁଏ । ଏହାର ଭୂରି ଭୂରି ପ୍ରମାଣ ତାହାଙ୍କ ରଚନାରେ ସୁଲଭ । ତାହାଙ୍କର ପ୍ରଭାତବର୍ଣ୍ଣନା, ସନ୍ଧ୍ୟାବର୍ଣ୍ଣନା ଓ ଋତୁବର୍ଣ୍ଣନା ପ୍ରଭୃତି ବହିଃପ୍ରକୃତିର ଆଲେଖ୍ୟଗୁଡ଼ିକ ଯେମନ୍ତ ଉଜ୍ଜ୍ୱଳ ଏବଂ ମନୋହର, ତାହାଙ୍କର ମନୁଷ୍ୟ-ଚରିତ୍ର ଚିତ୍ର ମଧ୍ୟ ତଦପେକ୍ଷା କୌଣସି ଅଂଶରେ ହୀନକଳ୍ପ ନୁହେ । "କୀଚକ-ବଧ"ରେ କୀଚକର ବୀର୍ଯ୍ୟୋନ୍ମାଦସୁଲଭ ଦାମ୍ଭିକତା ଏବଂ ଲମ୍ପଟତା, କୀଚକଦୂତୀର ଶମ୍ଭଳୀସୁଲଭ ନାରକୀୟ ଗୃତ୍ନୁତା, ଦ୍ରୌପଦୀଙ୍କର ସେବାଧର୍ମର କର୍ତ୍ତବ୍ୟଜ୍ଞାନ ସହିତ ସାଧ୍ୱୀସୁଲଭ ଜାଗରୂକତା, ବିରାଟର ଅରାଜୋଚିତ ସ୍ୱାର୍ଥୈକଦର୍ଶିତା, ସୁଦେଷ୍ଣାଙ୍କର ରମଣୀସୁଲଭ କୋମଳତା ଏବଂ ଧର୍ମଭୀରୁତା ସହିତ ଅଯଥା ଭ୍ରାତୃବତ୍ସଳତା କିପରି ନୈପୁଣ୍ୟସହକାରେ ଚିତ୍ରିତ ହୋଇଅଛି, ସହୃଦୟ ପାଠକ ପାଠିକାମାନେ ତାହା ବୁଝିପାରିବେ ।

"ଇନ୍ଦୁମତୀ"ଦ୍ୱାରା ଯେଉଁ ସ୍ଫୁଟୋନ୍ମୁଖ ପ୍ରତିଭାର ଆଦ୍ୟସୌରଭ ବିକୀର୍ଣ୍ଣ ହୋଇ ଉତ୍କଳୀୟ ସାହିତ୍ୟ-ସଂସାରକୁ ଆମୋଦିତ କରିଥିଲା, "କୀଚକ-ବଧ"ରେ ସେହି ପ୍ରତିଭା ପୂର୍ଣ୍ଣ ବିକାଶ ପାଇଥିବାର ପ୍ରତୀୟମାନ ହୁଏ ।

ଗଙ୍ଗାଧରଙ୍କର ଦୁର୍ଭାଗ୍ୟ, ସେ ଓଡ଼ିଶାରେ ଜନ୍ମଗ୍ରହଣ କରିଅଛନ୍ତି । ଅନନ୍ତ-ସୌନ୍ଦର୍ଯ୍ୟୋଦ୍ଭାସିନୀ ପ୍ରକୃତିଦେବୀ ଏବଂ ପ୍ରକୃତିଦେବୀଙ୍କର ପଟ୍ଟପୁରୋହିତ ବ୍ୟାସ, ବାଲ୍ମୀକି ଯାହାଙ୍କର କଳ୍ପନାର ଚିରସହଚର, ଦୁଷ୍ପୂର ଉଦରପୂର୍ତ୍ତି ସକାଶେ ଏକୁଆଳ, ଏକପଦିଆ, ଭେଆଣ, ଓଆରିଜା ପ୍ରଭୃତିର ଜଟିଳ ସମସ୍ୟା ସମାଧାନ ତାହାଙ୍କର ବାସ୍ତବ ଜୀବନର ପ୍ରଧାନ ବ୍ୟବସାୟ ହୋଇଅଛି ।

ହୁଗୁଳି,
ତା ୧୨ । ୮ । ୧୯୦୩

**ଶ୍ରୀ ରାଧାନାଥ ରାୟ**

# କୀଚକ ବଧ

## ପ୍ରଥମ ସର୍ଗ

ବିରାଟ ନଗର ମହୀ ମଧ୍ୟେ ମନୋହର,
ବିଶ୍ୱମନୋରମା ରମାଦେବୀ-କେଳିଘର ।
ବିପଣୀ ସକଳ ଶୁଭ୍ର-ସଉଧ-ମାଳିନୀ,
ରଜତ ପର୍ବତ ସମ ସୁଷମାଶାଳିନୀ ।
ଧବଳ ପ୍ରାସାଦମାନ ସ୍ୱର୍ଣ୍ଣକୁମ୍ଭ ଧରି,
ହସନ୍ତି ବିଭୂତି-ଅଙ୍ଗ ଚନ୍ଦ୍ରଚୂଡ଼ ପରି ।
ବାରନାରୀ ପରି ତହିଁ ସଜ୍ଜିତ ଆପଣେ,
ବିଚକ୍ଷଣ ଜନ-ମନ-ଧନ ଆକର୍ଷଣେ ।
ସ୍ୱର୍ଣ୍ଣଦୀ ପରାଏ ରାଜପଥ ମନୋହର,
ଯହିଁ ଶିଶୁ ବ୍ୟାଜେ ସ୍ୱର୍ଣ୍ଣପଦ୍ମ ବିକସ୍ୱର ।
କୁସୁମଗୁମ୍ଫିତ ଖୋଷା ଯେନ ବାମାକୁଳ,
ଶୋଭନ୍ତି ପୁଷ୍ପିତା ଲତା ପାରିଜାତ ଭୁଲ ।
ଯେନ କମଳବଦନୀ କୋମଳାଙ୍ଗୀଗଣ,
ପୁର ମନୋହର ଯଥା ନବ ପଦ୍ମବନ ।
ଶଙ୍ଖ ଶୁଭ୍ର ଉଚ୍ଚତମ ଭୂପତିଭବନ,
ଇନ୍ଦ୍ରଧନୁ ପ୍ରଭାବନ୍ତ ବିଚିତ୍ର ତୋରଣ ।
ତୋରଣ ରତନପୂର ଜଡ଼ିତ କନକ,
ସହସ୍ରଦୀଧିତି କରେ କରେ ଜକଜକ ।
ଅନ୍ତଃପୁର-ଭିତ୍ତି ଅତି ରମ୍ୟ ରତ୍ନମୟ,
ରତ୍ନଭବା ପ୍ରଭାବଳେ କରେ ତମ କ୍ଷୟ ।
ଭିତ୍ତିରେ ଜଡ଼ିତ ସ୍ୱର୍ଣ୍ଣ-ପାଦପ-ପତର,
ମାଣିକ୍ୟ କୁସୁମ ଇନ୍ଦ୍ରନୀଳର ଭ୍ରମର ।
ନବ ରତ୍ନ ପୁଷ୍ପ କେଉଁ ସ୍ୱର୍ଣ୍ଣବଲ୍ଲୀବରେ,
ହୀରକ କୋରକ କାହିଁ ଜକଜକ କରେ ।
ରତନଖଚିତ ଗୃଧ୍ର ମୟୂର ଖଞ୍ଜନ,
ହେମ ଶୁକ ରୌପ୍ୟ ପାରି ମାଣିକ୍ୟ-ନୟନ ।
ସ୍ୱର୍ଣ୍ଣସେତୁ ସରସୀରେ ସ୍ଫଟିକର ଜଳ,
ରଜତ-କୁମୁଦ ଇନ୍ଦ୍ରନୀଳ-ନୀଳୋତ୍ପଳ ।
ସ୍ୱର୍ଣ୍ଣ-ବରାଟକ ପଦ୍ମରାଗର କମଳ,
ମରକତ ପଦ୍ମନାଳ ମରକତ ଦଳ ।
ଜମ୍ବୁନଦ ଚଞ୍ଚୁପଦ ରୌପ୍ୟ ରାଜହଂସ,
ରୌପ୍ୟବକ ନତମୁଖେ ଦେଖେ ରୌପ୍ୟଝଷ ।
ଜ୍ୱଳେ ଦୀପ ଯେତେବେଳେ ଭୁବନ ଭିତର,
ନାଚେ ପ୍ରଭା-ଲହରୀରେ ସେହି ସରୋବର ।
ମର୍ମର ପ୍ରସ୍ତରପୃଷ୍ଠେ ଦୃଢ଼ ଦେଇ ପାଦ,
ଉଚ୍ଚ ଉଚ୍ଚ ସ୍ତମ୍ଭ ଧରିଥାନ୍ତି ସ୍ୱର୍ଣ୍ଣଛାଦ ।
ରାଜଜାୟା-ସ୍ନେହଲାଳୀ ମୃଗୀଶିଶୁଗଣ,
ଶୋଭିତ କରନ୍ତି ଖେଳି ଶୁଦ୍ଧାନ୍ତ ପ୍ରାଙ୍ଗଣ ।
ନିର୍ଝର-ଶୀକର-ସ୍ନାତ କନ୍ଦର ଭ୍ରମଣ,
ଗଭୀର କାନନ-ହ୍ରଦ-ଜଳ ସନ୍ତରଣ;
ଯୂଥସଙ୍ଗ, କରିଣୀର ପ୍ରେମ ଆଲିଙ୍ଗନ,
ସ୍ୱଚ୍ଛନ୍ଦ ବିହାର, ନବପଲ୍ଲବ-ଭକ୍ଷଣ;
ଏ ସମସ୍ତ ସୁଖ ଥରେ ମନେ ନ ସୁମରି,
ସିଂହ ନଖୁ ତୀକ୍ଷ୍ଣ ମଣି ଅଙ୍କୁଶକୁ ଡରି;
ଲମ୍ବ-ପୀନ ଦନ୍ତବନ୍ତ ଦନ୍ତାବଳଶ୍ରେଣୀ,
ବାରୀ ବିଶୋଭନ୍ତି ଆସି ରାଜାଦେଶ ଯେନ ।
ବାଜିଗତି ବାଜିରାଜି ସୁନ୍ଦର ଚିକ୍କଣ,
ପରବ୍ୟୂହ ପରିବେଶେ ଅତି ବିଚକ୍ଷଣ;

---

ବିପଣୀ—ବଜାର । ସଉଧ—କୋଠାଘର । ବାରନାରୀ—ବେଶ୍ୟା । ଆପଣେ—ଦୋକାନମାନ । ବ୍ୟାଜେ—ଛଳରେ । ବିକସ୍ୱର—ପ୍ରସ୍ଫୁଟିତ । ତୋରଣ—ବହିର୍ଦ୍ୱାର, ଫାଟକ । ସହସ୍ରଦୀଧିତି—ସୂର୍ଯ୍ୟ । ଭିତ୍ତି—କାନ୍ଥ । ବଲ୍ଲୀ—ଲତା । କୋରକ—କଢ଼ । ବରାଟକ—ପଦ୍ମର ବୀଜକୋଷ । ଜମ୍ବୁନଦ—ସୁବର୍ଣ୍ଣ । ଝଷ—ମତ୍ସ୍ୟ । ରାଜଜାୟା—ରାଜପତ୍ନୀ । ଶୁଦ୍ଧାନ୍ତପ୍ରାଙ୍ଗଣ—ଅନ୍ତଃପୁରର ଅଗଣା । ନିର୍ଝର-ଶୀକର-ସ୍ନାତ—ଝରଣା ଜଳକଣାରେ ଧୋଇ ହୋଇଥିବା । ପୀନ—ପୃଥୁଳ । ବାରୀ—ହସ୍ତିଶାଳା ।

ହ୍ରେଷା ଯାର ଦିଏ ଶତ୍ରୁ-ହୃଦୟେ କମ୍ପନ,
କରୁଥାନ୍ତି ରାଜାଙ୍କର ମନ୍ଦୁରା ମଣ୍ଡନ ।
ନାନା ରଙ୍ଗ ଅବଦାତ ବିବିଧ ବରଣ,
ଲକ୍ଷ ଲକ୍ଷ ପୟସ୍ୱିନୀ ଗାଭୀ ବ୍ରଜଧନ ।
ଶୃଙ୍ଗଶାଳୀ ବଳବନ୍ତ ସୌରଭେୟଗଣ,
ନିଃଶଙ୍କେ ହୁଙ୍କାରି କରୁଥାନ୍ତି ବିଚରଣ ।
ବତ୍ସଗଣ ପୟଃପାନେ ପୂରି ଉଦର,
ଧାବନ କୁର୍ଦ୍ଦନ ଖେଳେ ରତ ନିରନ୍ତର ।
ନଗର ଚୌଦିଗେ ରମ୍ୟ ସହକାରବନ,
ସୁନ୍ଦର ଶ୍ୟାମଳପତ୍ର ତହିଁ ତରୁଗଣ ।
ଗାଢ଼େ ଆଲିଙ୍ଗନ କରି ଶାଖା ପରସ୍ପର,
ନିଜ ନିଜ ତନୁ କରିଥାନ୍ତି ଘନତର ।
ଘନତରୁ ରନ୍ଧ୍ରଭେଦୀ ପ୍ରଭାକର-କର,
ବିଚ୍ଛୁରିତ ହୋଇ ଛାୟା ଭୂମିରେ ସୁନ୍ଦର ।
ଅନନ୍ତ ମସ୍ତକେ ଯେହ୍ନେ ମଣି ସମୁଜ୍ଜ୍ୱଳ,
ଯମୁନା-ବକ୍ଷରେ କିବା ଶ୍ୱେତ ଶତଦଳ ।
ରଜନୀ ବିଗ୍ରହେ କିବା ବିକଶିତ ମଲ୍ଲୀ,
କିବା ପାପି-ଜୀବନର ପୂର୍ବ ପୁଣ୍ୟାବଳୀ ।
କିବା ଊର୍ଦ୍ଧ୍ୱବାହୁ ଯୋଗୀ ପାଦପଟଣର,
ଶୁଭ୍ରବିନ୍ଦୁଚୟ, ମୃଗଚର୍ମ ଆସନର ।
ଶ୍ୟାମ-ଆମ୍ରବନ ମଧ୍ୟେ ଧବଳ ନଗରୀ,
ଗୃହଁ ଦୂରୁ ଶୋଭେ ଭାବୁଥାନ୍ତି ବ୍ୟୋମଚରୀ ।
ଅବନୀ ଖୋଷାରେ କି ସେ ଯୂଇ ଫୁଲଗଭା,
କାଳିନ୍ଦୀରେ ପୁଞ୍ଜୀଭୂତ ହଂସଗଣ କିବା ।
ବନ ମଧ୍ୟେ ନାନା ଜାତି ପକ୍ଷୀ ଦଳ ଦଳ,
ମଧୁମୟ କାକଳିରେ କରନ୍ତି ଚହଲ ।
ଖଗଗଣ ତନୁକାନ୍ତି ବିବିଧ ବରଣ
ଦୃଷ୍ଟିପଥେ କରେ ପ୍ରୀତି-କୁସୁମ ବର୍ଷଣ ।
ପ୍ରପତିତ ଉଲ୍‌କା ପରି କେଉଁ ପକ୍ଷୀ ଥରେ,
ବୃକ୍ଷୁଁ ତଳେ ଉଡି ପୁଣି ବସଇ ବୃକ୍ଷରେ ।
ଯକ୍ଷବଧୂ-ବକ୍ଷଚ୍ୟୁତ ମୋତିଶୋଭା ବହି
ଖସନ୍ତି ଗଗନୁ କେତେ ପକ୍ଷୀ ଲକ୍ଷି ମହୀ ।
କେ ପକ୍ଷ ହଲାଇ ଥରେ ସ୍ଥିର ପକ୍ଷେ ଥରେ;
ପ୍ରୀତି-ସ୍ରୋତେ ଭାସିବାୟୁ-ସାଗରେ ସନ୍ତରେ ।
ଯାଉଥାଏ ଚାଲି ପୁଣି ଆସୁଥାଏ ଦୁଞ୍ଚି,
ଦେଉଥାଏ ଥରେ ଥରେ ସ୍ୱର-ବୀଚି ମୁଞ୍ଚି ।
ତରଙ୍ଗିତ ଉଡ଼ା ଦେଇ କେତେବେଳେ ଯାଏ,
କେତେବେଳେ ଊର୍ଦ୍ଧ୍ୱେ କେତେବେଳେ ନିମ୍ନେ ଥାଏ ।
କୁମାର କୁମାରୀଗଣ ଶାଖା ଲହଁସାଇ,
ଦୋଳନ୍ତି ମଧୁର କ୍ଷୀଣ ସ୍ୱରେ ଗୀତ ଗାଇ ।
ବନଦେବୀ ପ୍ରୀତି ବହି ସେ ମଧୁର ଗାନେ,
ମିଶାନ୍ତି ନିଜର ମନ୍ଦ୍ର ତାନ ଶେଷ ତାନେ ।
ଛାୟା ତଳେ ଶୋଇ କାହିଁ କୃଷ୍ଣସାରଗଣ,
ଚକ୍ଷୁ ବୁଜି କରୁଥାନ୍ତି ଚର୍ବିତଚର୍ବଣ ।
ସହକାରବନ ମଧ୍ୟେ ସର ସ୍ୱଚ୍ଛୋଦକ,
କାନନଲକ୍ଷ୍ମୀର ଯେହ୍ନେ ହୃଦୟପଦକ ।
ନିଶାରେ ହସଇ ସର କୁମୁଦ ବନରେ,
କମଳକାନନ ଯେନ ହସଇ ଦିନରେ ।
ତାରା ସ୍ୱର୍ଣ୍ଣ ପଦ୍ମହାର ନିଶୀଥରେ ଧରେ,
ଶିର ତରୁ ପୁଷ୍ପହାର ଯେନେ ପ୍ରଭାତରେ ।
ପାଇ କେଳିରତ ନବଯୁବତୀଙ୍କ ସଙ୍ଗ,
ପ୍ରେମେ ଆଲିଙ୍ଗନ କରେ ବଢ଼ାଇ ତରଙ୍ଗ ।
ମତ୍ତମାନ ଗଜବ୍ରଜ ଆନନ୍ଦ-ଗର୍ଜନ,
(ଯହିଁରେ ଗମ୍ଭୀରେ ପ୍ରତିଧ୍ୱନିତ କାନନ;)
ତାମରସ ମଧୁମତ୍ତ ମଧୁପ ଗୁଞ୍ଜନ,
(ମଦନବଧୂର ଯେହ୍ନେ ବଲ୍ଲକୀ-ନିକ୍ୱଣ; )
ଜଣି ମୁଗ୍ଧବଧୂ ମୃଦୁ ମଧୁର ବଚନ,
ଜଳଚର ଖଗଦଳ କଳକଳ ସ୍ୱନ ।
ଏ ସକଳ ଛଳେ କର୍ଣ୍ଣ ପୀୟୂଷ-ବରଷୀ,
ସଙ୍ଗୀତରେ ରତ ଥାଏ ସତତ ସରସୀ ।
ବ୍ୟାଜମାନ ନୀରବନ୍ଧ କମଳ ପସର,
ପ୍ରେମ-ଅଶ୍ରୁକଣା ତାର ବିଶାଳନେତ୍ରର ।
ସଚ୍ଛାୟା ଦ୍ୱିତୀୟା ଚନ୍ଦ୍ର ପରି ଦନ୍ତ ଯାର,
ସିନ୍ଦୂର-ଲଲାଟ ରାଜଗଜର ସଞ୍ଚାର ।

ଅବଦାତ— ଶୁକ୍ଳ । ସୌରଭେୟ—ଷଣ୍ଢ । ସହକାର— ସୁବାସିତ ଆମ୍ର । ତମରସ— ପଦ୍ମ ।
ବଲ୍ଲକୀ—ବୀଣା । ନିକ୍ୱଣ—ବୀଣାର ଶବ୍ଦ । ମୁଗ୍ଧବଧୂ— ନୂଆ ବୋହୂ ।

ଗୃହିଁ କୋକ ତହିଁ ମଣି ସନ୍ଧ୍ୟା ଆଗମନ,
ବିଷଣ୍ଣ ବଦନେ ଗୃହେଁ ପ୍ରିୟାର ବଦନ ।
ବ୍ୟୋମେ ଭାନୁ ଗୃହିଁ ପୁଣି ଭ୍ରମ ଦୂର କରେ,
ବିଳସଇ ପ୍ରିୟା ସଙ୍ଗେ ଦ୍ୱିଗୁଣ ପ୍ରେମରେ ।
ଏସବୁ ସୌନ୍ଦର୍ଯ୍ୟ ସୁଖ ଉପଭୋଗ କରି,
ବିଳସନ୍ତି ସେ ନଗର ନାଗର ନାଗରୀ ।
ସମ୍ପଦଦୋଳାରେ ଦୋଳି ବିରାଟ ରାଜନ,
ସୁଖେ କରୁଥାନ୍ତି ରାଜକାର୍ଯ୍ୟ ସମ୍ପାଦନ ।
ଲକ୍ଷ ନରପତିଙ୍କର ଶିରୋରତ୍ନରାଜି,
ଶୋଭୁଥିଲେ ଯା ଚରଣ ପୂଜା-ଦୀପ ସାଜି ।
ସତ୍ୟବୀର ଯୁଧିଷ୍ଠିର କଙ୍କ ନାମ ବହି,
ରାଜସଭାସଦରୂପେ ସୁଖେ ଥାନ୍ତି ତହିଁ ।
ବିଚଳିତ ଶତଶୃଙ୍ଗ ଯାର ଶିଶୁଲୀଳେ,
ବଳଗଣ ରଣଯଜ୍ଞ-ବଳି ଯାର ହାତେ ।
ଧରଣୀ କମ୍ପଇ ଭୀମ ଗଦା ଦେଖି ଯାର,
ଭୀମସେନ ହୋଇଥାନ୍ତି ରାଜ-ସୂପକାର ।
ଧୂର୍ଜଟି ଯା ବୀର୍ଯ୍ୟ ଦେଖି ତୋଷେ ଦେଲେ ବର
ଯେ ପ୍ରାଣବାନ୍ଧବ ଯଦୁପତି କେଶବର;
ସୁରେଶ୍ୱର-ବନ୍ଦନୟ ନିଷଙ୍ଗ-ପ୍ରବର,
ଧନଞ୍ଜୟ ଥାନ୍ତି ତହିଁ ହୋଇ ବର୍ଷବର ।
ଅଶ୍ୱିନୀ-କୁମାର ସମ ମାଦ୍ରୀ-ସୁତଦ୍ୱୟ,
ପୋଷୁଥିଲେ ସେଠି ପାଳି ରାଜଧେନୁ ହୟ ।
ପାଣ୍ଡବ-ହୃଦୟ-ପଦ୍ମବନ-ବିଳାସିନୀ,
ଜଗତଲକ୍ଷ୍ମୀର ଲୀଳା-କମଳ-ରୂପିଣୀ;
ସୈରିନ୍ଧ୍ରୀସ୍ୱରୂପେ ତହିଁ ଥାନ୍ତି ଯାଜ୍ଞସେନୀ,
ଅଳଂକୃତ ରାଜ ଅବରୋଧ ତାଙ୍କୁ ଦେନି ।

# ଦ୍ୱିତୀୟ ସର୍ଗ

ବସନ୍ତ ବିଜୟ ବାରତା
ପ୍ରଚରିଲା ଭୁବନେ,
ପାଦପ-ଆମୋଦ ପତର
ପରଭୃତ ପଠନେ ।
ଗ୍ରହରାଜ କର୍ଣ୍ଣେ ପଡ଼ିଲା
ଋତୁ-ସମ୍ରାଟ-ଭାଷା,
ଗମିଲେ ସରଳ ପଥରେ
ତେଜି ଦକ୍ଷିଣା ଆଶା ।
ଶିଶିର ନାଶଇ ପଦ୍ମିନୀ
ଧନ ରବିଙ୍କ ଗ୍ରାସେ,
ଏଣୁ ଋତୁପତି ନାମରେ
ରବି ରହିଲେ ହାସେ ।
ଗ୍ରହ ରାଜ୍ୟ ହେଲା ପ୍ରସନ୍ନ
ତହିଁ ଗ୍ରହ ସରବେ
ବିଳସିଲେ ମନ୍ତ୍ରି-ବିଗ୍ରହ
ରମ୍ୟ ପ୍ରଭା-ବିଭବେ ।
୧ ପତି-ନୀଚଗତି-ଦୁଃଖରେ
କ୍ଷୀଣ ଥିଲା ବାସର,
୨ ଫୁଲିଇଲା ମୁଦେ ଶରୀର
ମୁଖ କରି ସୁନ୍ଦର ।

କୋକ—ଚକ୍ରବାକ ପକ୍ଷୀ । କଙ୍କ—ଛଦ୍ମବେଶୀ ବ୍ରାହ୍ମଣ । ଧୂର୍ଜଟି—ମହାଦେବ । ନିଷଙ୍ଗପ୍ରବର—ଧନୁର୍ଦ୍ଧରଶ୍ରେଷ୍ଠ । ବର୍ଷବର—ରାଜାଙ୍କ ଅନ୍ତଃପୁରରେ ଥିବା ନପୁଂସକ । ହୟ—ଘୋଡ଼ା । ସୈରିନ୍ଧ୍ରୀ—ପରଗୃହସ୍ଥିତ ସ୍ୱବଶାଶିଳ୍ପକାରିଣୀ । ଅବରୋଧ—ଅନ୍ତଃପୁର । ପରଭୃତ—କୋକିଳ । ଦକ୍ଷିଣା ଆଶା—ଦକ୍ଷିଣଦିଗ । ଦକ୍ଷିଣା—ଉତ୍କୋଚବ୍ୟଞ୍ଜକ ।

୧ । ସୂର୍ଯ୍ୟ ଦକ୍ଷିଣାୟନ ସମୟରେ ଦିନ ଛୋଟ ହୁଏ । ୨ । ବସନ୍ତରେ (ଦିନମୁଖ) ପ୍ରଭାତ ସୁନ୍ଦର ହୁଏ, ଦିନ ବଡ଼ ହୁଏ ।

ହରଷିତ ଦିନ ବର୍ଦ୍ଧନ
ଦେଖି କୋକ ଦମ୍ପତି,
ଆନନ୍ଦ ନ ହୁଏ କାହାର
ଗୃହେଁ ପ୍ରିୟ ସମ୍ପତ୍ତି ।
ଭାନୁ ଯମାଳୟୁ ଗମନ
ଦେଖି ପଦ୍ମିନୀ ସତୀ,
ବିଷ୍ଣୁପଦ-ସ୍ରୁତ ଜଳରେ
ଝାସିଥିଲା ଝଟତି ।
ତପ ଫଳେ ଏବେ ସୁନ୍ଦରୀ
ନବ ଜନମ ଲଭି,
ଧ୍ରୁବ-ସମ୍ମୁଖୀନ ପତିଙ୍କ
ହେଲା ପ୍ରିୟ ବଲ୍ଲଭୀ ।
ବସନ୍ତ ଅତିଥି ଫେରନ୍ତ
ପାଇ ଅବନୀ-ରାଣୀ,
ଯୋଗାଡ଼ି ରଖିଲା ଭଣ୍ଡାରେ
ନାନା ପଦାର୍ଥ ଆଣି ।
ତରଭୁଜ ଆମ୍ର ପନସ
ନାନା ଖାଦ୍ୟସମ୍ଭାର,
ଉପହାର ପାଇଁ ଉଜ୍ଜ୍ୱଳ
ଫୁଲ ମାଣିକ୍ୟ-ହାର ।
ପ୍ରମୋଦ ନିମନ୍ତେ କାନନ
ମଣ୍ଡାଗଲା ଯତନେ,
ମଧୂକ-ମୁକୁତା-ପୁଞ୍ଜରେ
ଗୁର-ନୀଳ-ରତନେ ।
ରତ୍ନମୟ-ସିନ୍ଧୁ-ତରଙ୍ଗ-
ଦୋଳା ବରଜି ରଙ୍ଗେ,
ବିଜେ କଲେ ଧୀର ସମୀର
ଋତୁ ବସନ୍ତ ସଙ୍ଗେ ।
ପୁଷ୍ପଚ୍ଛାୟା ସ୍ନିଗ୍ଧ-ସୁରମ୍ୟ
ପୁଷ୍ପମୟ ମାର୍ଗରେ,
ଆସି ବିହରିଲେ କୁସୁମ—
କୁଞ୍ଜେ ଅନୁରାଗରେ ।

ବିକଶିତ ନବମାଳିକା-
ଅର୍ଘ୍ୟ ଧରି ସମ୍ମୁଖେ,
ଚନ୍ଦ୍ରିକା ସୁନ୍ଦରୀ ସ୍ୱାଗତ
କଲା ଚକୋର ମୁଖେ ।
ଉଜ୍ଜ୍ୱଳ ବସନ ଭୂଷଣ
ମନୋହର ବେଶରେ,
ସୁକାନ୍ତ ସୁମୁଖୀ ସତ୍ୱର
ମିଳିଗଲା ପାଶରେ ।
ସୁକୁମାର ବିଶ୍ୱବିଜୟୀ
ଅନୁପମ ସୁନ୍ଦର,
ପୁଷ୍ପମୟ ବେଶେ ମିଳିଲେ
ତହିଁ କୁସୁମ-ଶର ।
ପାଞ୍ଚ ଜଣ ମିଶି ଆମୋଦେ
ବିରଚିଲେ ତାଣ୍ଡବ,
ତାଣ୍ଡବ ନୁହେ ତା ସରସ-
ଫଳ-ପୂର୍ଣ୍ଣ ଖାଣ୍ଡବ ।
ସେ ଖାଣ୍ଡବ ଫଳ ଭୋଜନେ
ହେଲା ଜଗତ ଲୁବ୍ଧ,
କେ ପାଇ ଆନନ୍ଦେ ନାଚିଲା
କେ ବା ନ ପାଇ କ୍ଷୁବ୍ଧ ।
ସନ୍ତାପିତ ହେଲା ମଧ୍ୟାହ୍ନ
ପିତୃପ୍ରସୂ ସୁନ୍ଦର,
ପଲ୍ଲବିତ ହେଲେ ପାଦପେ,
ଶୁଷ୍କ ନଦୀ-ଉଦର ।
କିଂଶୁକ-ରକତ-ବିଗ୍ରହ-
ବନକାନ୍ତ ବଢ଼ିଲା,
ଚନ୍ଦ୍ରିକାର ନବ-ପ୍ରସୂତି
ବିଭାବରୀ ସଢ଼ିଲା ।
ପ୍ରୀତି-ପାରାବାରେ ବୁଡ଼ିଲେ
ପ୍ରାଣ-ପୋତ ଯୋଗିଏ,
ମଦନ- ଅନଳ ତାପରେ
ବିଚଳିତ ଯୋଗୀଏ ।

ଯମାଳୟୁ—ଦକ୍ଷିଣ ଦିଗ । ବିଷ୍ଣୁପଦ-ସ୍ରୁତ ଜଳ—ଶିଶିର । ତପ—ଗ୍ରୀଷ୍ମ । ଧ୍ରୁବ-ସମ୍ମୁଖୀନ—ଉତ୍ତରାୟଣ । ମଧୂକ—ମହୁଲ । ନବମାଳିକା—ନଅଳୀ । ଚନ୍ଦ୍ରିକା—ଚନ୍ଦ୍ରକିରଣ । ଗୁର—ଏକ ଜାତିର ନୀଳବର୍ଣ୍ଣ ।ଫଳ । ପିତୃପ୍ରସୂ—ସନ୍ଧ୍ୟା । ଯୋଗିଏ—ସ୍ତ୍ରୀ ପୁରୁଷ ଏକତ୍ରସ୍ଥିତ ଲୋକେ । ଯୋଗୀଏ—ଯୋଗୀମାନେ ।

ଏ ସମୟେ ମଧୁ ଶେଷରେ
ହେଲା ମଙ୍ଗଳବାର,
ସମସ୍ତ ବଗାଚ ନାରୀଙ୍କ
ବନଦୁର୍ଗା-ପୂଜାର ।
ସହକାର-ବନ-ବେଷ୍ଟିତ
ସର ଉପକୂଳରେ,
ଶୋଭେ ବନଦୁର୍ଗା ଦେଉଳ
ସ୍ୱର୍ଣ୍ଣକୁମ୍ଭ ଚୂଳରେ ।
ପ୍ରସାଦ-ଦୃଷ୍ଟିରେ କାନନ
ସର ପବନ କରି,
ଅଧିଷ୍ଠାନ ତହିଁ କରନ୍ତି
ବନଦୁର୍ଗା ଈଶ୍ୱରୀ ।
ବାଦ୍ୟ ଶବଦେ କମ୍ପିଲା
ସହକାର କାନନ,
କମ୍ପିଲା ଭ୍ରମର-ଚକ୍ରର
ପଦ୍ମବନ ଆନନ ।
ଜନସ୍ରୋତ ବନ ପୂରାଇ
ପୁଣି ବହେ ଉଜାଣି,
କୋଳାହଳ-ଗୀତ ଉଠିଲା
ସିନ୍ଧୁ ଶବଦ ଜାଣି ।
ବସନ ଭୂଷଣ ପିନ୍ଧଣ
ଯାହା ଥିଲା ଯାହାର,
ଦେବୀପୂଜା ପାଇଁ ନାରୀଏ
ପୁରୁଁ ହେଲେ ବାହାର ।
କେ ଚମ୍ପାଗଉରୀ ପିନ୍ଧିଲା
ରମ୍ୟ ରଙ୍ଗ ଦୁକୂଳ,
ଗୋଧୂଳି-ମସ୍ତକ-ମଣ୍ଡନ
ସ୍ଫୁରୁ ତାରକା ତୁଲ୍ୟ ।
ମଣ୍ଡିତ ହୋଇ କେ ସୁନ୍ଦରୀ-
ମଣି ହରିତ ବାସେ,

ଦୂର୍ବାବୃତ ଧରା ଉରସେ
ଗଙ୍ଗା ଶୋଭା ପ୍ରକାଶେ ।
ଅନୁକରି ଅମା ତାରକା-
ମସୃ ନୀଳ ଅମ୍ବର,
କେ ପିନ୍ଧିଲା ସ୍ୱର୍ଣ୍ଣ-ପୁଷ୍ପିତ
ନବ ନୀଳ ଅମ୍ବର ।
ବାଳଭାନୁ-ପ୍ରଭା-ଗୁମ୍ଫିତ
ଶୃଙ୍ଗଧର ସଦୃଶୀ
ହେଲା ପୀତବାସେ କେ ପୀନ-
ପୟୋଧରୀ ସୁଦୃଶୀ ।
ଶତଭିଷା ଦଳେ ଶୋଭିତ
ପୂର୍ବଭାଦ୍ରବାକାରେ,
ଉରଜ ଯୁଗଳ ଶୋଭିଲା
କାହା ମୁକୁତାହାରେ ।
କେ ନକ୍ଷତ୍ରମାଳା ଉରସୀ
ସ୍ଫୁରୁ ମୁଖ ଲୋକନେ,
ରେବତୀ-ଭବନ-ଅତିଥି
ଗୁରୁ ପଡ଼ନ୍ତି ମନେ ।
କାହା ହେମ ଦଣ୍ଡି ନକଟେ
ମଣି-ନଥ ସୁଷମ
ଆଣଇ ଚତୁର୍ଥୀ ଚନ୍ଦ୍ରମା
ପାଶ ବିଶାଖା ଭ୍ରମ ।
ପୂଜାଥାଳୀ କରେ ଶୋଭିତା
ହେଲେ ସର୍ବ ଯୋଷିତ,
ସୂର୍ଯ୍ୟମୁଖୀ ଉପବନ କି
ହେଲା ନବ-ପୁଷ୍ପିତ ।
ଅମୂଲ୍ୟ ବସନ ଭୂଷଣେ
ହୋଇ ଲୋକ-ଉତ୍ତରା,
ବାହାରିଲେ ରାଣୀ ସୁଦେଷ୍ଣା
ରୂପନିଧି ଉତ୍ତରା ।

---

ମଧୁ—ଚୈତ୍ରମାସ । ଦୁକୂଳ—ପାଟବସ୍ତ୍ର । ଅମା—ଅମାବାସ୍ୟା । ଅମ୍ବର—ଆକାଶ । ଅମ୍ବର—ବସ୍ତ୍ର । ଶୃଙ୍ଗଧର—ପର୍ବତ । ଶତଭିଷା—ଚକ୍ରାକାର ଶହେ ନକ୍ଷତ୍ର । ପୂର୍ବଭାଦ୍ରବ—ଭାର ପରି ଦୁଇ ନକ୍ଷତ୍ର । ନକ୍ଷତ୍ରମାଳ—ସତାଇଶଗୋଟି ମୋତିର ଏକ ମାଳ । ରେବତୀ—ମତ୍ସ୍ୟାକାର ସତାଇଶଗୋଟି ତାରା । ବିଶାଖା—ଅର୍ଦ୍ଧମଣ୍ଡଳାକାର ପାଞ୍ଚଗୋଟି ତାରା ।

ରୂପବନ୍ତୀ-କୁଳ କମଳା
ମହାରତନହାର,
ଦ୍ରୌପଦୀ ସୁନ୍ଦରୀ ତାହାଙ୍କ
ସଙ୍ଗେ ହେଲେ ବାହାର ।
ପୂଜା ଉପଚାର ରାଣୀଙ୍କ
ରାଜ-ସୁତାଙ୍କ ପାଇଁ,
ଧଇଲେ ଦାସୀଏ ଯତନେ
ସ୍ୱର୍ଣ୍ଣଥାଳୀ ପୂରାଇ ।
ରାଜ-ଅବରୋଧବାସିନୀ
ଅନ୍ୟ ଲଳନା-ବ୍ରଜ,
ହେଲେ ରାଣୀ ଅନୁଗାମିନୀ
ହୋଇ ବିବିଧ ସଜ ।
ଭବନୁ ବାହାର ଭାବିନୀ-
ବୃନ୍ଦ ମଣ୍ଡିଲେ ଦାଣ୍ଡ,
ତୂଣରୁ କି କଲା ବାହାର
ମାର ଅମିତ କାଣ୍ଡ ।
ଜମ୍ବୁନଦ ହାର ମଧ୍ୟରେ
ହୀରାପଦକ ପରି,
ଦିଶୁଥିଲେ ନାରୀ ଗହଣେ
ସଇରିନ୍ଧ୍ରୀ ସୁନ୍ଦରୀ ।
ସୁନ୍ଦରୀସମାଜ ଦର୍ଶନେ
ହୃଦ ଏ ଭାବ ପୋଷେ,
ପଶିଲା କି ଦୃଷ୍ଟି ପୟୋଧି-
ଜାତ ରତନ କୋଷେ ।
କି ଅବା ନୟନ-ରଞ୍ଜନ
ଅପସରୀ ଭୁବନେ,
ଆତ୍ମା କରଅଛି ପ୍ରବେଶ
ଭ୍ରମୁ ଭ୍ରମୁ ସ୍ୱପନେ ।
ନୁହେ ରତ୍ନକୋଷ, ନୁହନ୍ତି
ସ୍ୱପ୍ନ ଅପ୍‌ସରାବ୍ରାତ,
କୀଚକ ମରଣସୂଚକ
ଘୋର ଉଲକାପାତ ।

ଋଜୁ ଶକ୍ରଚାପ ଶୋଭାରେ
ମଣ୍ଡି ଅବନୀତଳ,
ଚଳିଲେ ରତନ-ଉଜ୍ଜ୍ୱଳା
ବାମଲୋଚନାଦଳ ।
ସେ ମାଧୁରୀ ତୀର୍ଥ-ଜଳରେ
ନିମଜ୍ଜାଇ ନୟନ,
ନେତ୍ର ପାପ କଲେ ମୋଚନ
ତହିଁ ଦର୍ଶକଗଣ ।
ଦ୍ୱିତଳ ତୋରଣେ କୀଚକ
ଥାଇ ବସି ଆରାମେ,
ମୁଖ-କୁସୁମର କଳନା
କଲା ଲଳନା-ରାମେ ।
ଭ୍ରମୁଁ ଭ୍ରମୁଁ ରସଲୋଲୁପ
ତାର ନେତ୍ର-ଷଟ୍‌ପଦ,
ପାଇଲା ପାଞ୍ଚାଳୀ ବଦନ
ନବ ପୁଷ୍ପ ସମ୍ପଦ ।
ଚହିଁ ଚମତ୍କାରେ ରହିଲା
କ୍ଷଣେ ହୋଇ ସ୍ତମ୍ଭିତ,
ରୂପ-ମକରନ୍ଦ ପାନରେ
କ୍ରମେ ହେଲା ମଜ୍ଜିତ ।
ଭାବିଲା ଚୁମ୍ବିଛି କମଳ
ଚମ୍ପା ମାଧବୀ ମଲ୍ଲୀ,
ନାହିଁ ତ କାହାରି ମାଧୁରୀ
ଏହି କୁସୁମ ଭଳି ।
ବସିଛି ମାଳତୀ ଯୂଥିକା
ନବମାଳିକା ଫୁଲେ,
ମନ ବଳୁ ନାହିଁ ଭୁଲିବା
ପାଇଁ ଏ ପୁଷ୍ପ ଭୁଲେ ।
ଗୋଲାପ ସେବତୀ କାଞ୍ଚନ
ଫୁଲେ ଅଛି ଗମନ,
ତହିଁରେ ସମତା ରଖିବା
ତିଳେ ନୋହୁଛି ମନ ।

ଭାବିନୀ—ସ୍ତ୍ରୀ । ଅମିତ—ଅସଂଖ୍ୟ । ଋଜୁ ଶକ୍ରଚାପ—ଅବକ୍ର ଇନ୍ଦ୍ରଧନୁ । ଲଳନା-ରାମ—ନାରୀ-ଉଦ୍ୟାନ ।

ଭ୍ରମିଅଛୁଁ କାନ୍ତ-ଚମ୍ପକ
ନବ ବକୁଳବନେ,
ତାଙ୍କୁ ଅବା ଆଣି ତୁଳିବ
ଏହା ସଙ୍ଗେ କେସନେ ?
ବିଶ୍ୱରାଜ-ପ୍ରିୟା କ୍ରୀଡ଼ିତ
ନଭଃ ପ୍ରମଦ-ବନ,
ତାରା-ପୁଷ୍ପଚୟ କରନ୍ତି
ଯହିଁ ଚିତ୍ତ ରଞ୍ଜନ;
କୁହୂରଜନୀ-ପୁଷ୍ପକାଳର
ତହିଁ ବିହାର ଦେଖି,
ସେ କୁସୁମ ଯେତେ ଫୁଟନ୍ତି
ତାହା ନ ହେବ ଲେଖି ।
ସେ ବନେ ଥିଲା ଯେ ଶୀରତ୍ତ
ତାହା ହେଲାଣି ନ୍ୟୂନ,
ଦେଖିଲା ବେଳୁଁ ଏ ମଘବା-
ଶିରଭ୍ରଷ୍ଟ ପ୍ରସୂନ ।
ରାକାମାଳମାର କୌମୁଦୀ-
କୁସୁମିତ ଉଦ୍ୟାନ,
କରୁଥିଲା ତହୁଁ ମଧୁର
ମୃଦୁ ପ୍ରୀତି ଆଦାନ ।
ଅଜହୁଁ ତହିଁରେ ମୋହର
ଭାଙ୍ଗିଦେଲା ଶରଧା,
ଏ ମଦନ-କଳ୍ପପାଦପ-
ପୁଷ୍ପ କୃଷ୍ଣା-ବରଦା ।
କାନ୍ତ ତହିଁ ପୁଣି କରଇ
ମନେ ଏ ଆଲୋଚନା,
ରବିରଶ୍ମି ଉପାଦାନେ କି
ଗଢ଼ା ବାମଲୋଚନା ।
୧ ଶନି ବୃହସ୍ପତି ମଙ୍ଗଳ
ଯେଉଁ କରେ ଧାପିତ,

ସେହି ତ୍ରିରାଶି ଏଥିରେ
ହୋଇଅଛି ଗ୍ରଥିତ ।
କୃଷ୍ଣବର୍ଣ୍ଣ ଗୁରୁ କୁନ୍ତଳେ
ପୀତବର୍ଣ୍ଣ ବିଗ୍ରହେ,
ରକ୍ତବର୍ଣ୍ଣ ପ୍ରତିଫଳିତ
ପାଣିଚରଣ ଦ୍ୱୟେ ।
ଅଳଙ୍କୃତ ନବ ଅରୁଣ
ରମା ଓଷ୍ଠ ଅଧରେ,
ବିକଶିତ ମୁଖ-କମଳ
ସ୍ୱଚ୍ଛ ପ୍ରେମ-ରସରେ ।
ପୁଲକ ପାଳକ-ମାନସ
ମତ୍ସ୍ୟ-ରଙ୍କ ଅଧୀରେ,
ମଜ୍ଜିଲା ସେ ମୀନ-ନୟନା-
ରୂପ-ଲାବଣ୍ୟ-ନୀରେ ।
ନୟନ ମନର ଏ ଭାବେ
ଆନ ଇନ୍ଦ୍ରିୟଗଣ,
ସୁଖଲାଭ ଲୋଭେ ସ୍ୱଭାବ-
ବଶେ ନେଲେ ଶରଣ ।
ଦେଖୁଁ ଦେଖୁଁ କରି ଅନ୍ଧାର
କୀଚକର ନୟନ,
ଗଲା ରୋଶନାଇ ମଣ୍ଡିନ
ସେହି କୁସୁମବନ ।
ବସୁମତୀ କରି କ୍ୱଣିତ
ମଞ୍ଜୁ ମଞ୍ଜୀର ନାଦେ,
ମଦନ ପତାକା ଗରବ
ଗଞ୍ଜି ଅଞ୍ଚଳ ବାଦେ ।
ଗତିପଥ କରି ଉଜ୍ଜ୍ୱଳ
ରମ୍ୟ ରତ୍ନ-ମୟୂଖେ,
ସେ ସୌନ୍ଦର୍ଯ୍ୟ-ସ୍ରୋତ ଗଲା
ଦେବୀ ଦେଉଳମୁଖେ ।

କୁହୂ—ଅମାବାସ୍ୟା । ରାକା—ପୌର୍ଣ୍ଣମାସୀ ରାତ୍ରି । ୧ । ସୂର୍ଯ୍ୟକିରଣରେ ତିନିଗୋଟି ମୂଳବର୍ଣ୍ଣ (ନୀଳ, ପୀତ, ଲୋହିତ) ଅଛି । ଶନି—ନୀଳବର୍ଣ୍ଣ; ବୃହସ୍ପତି—ପୀତବର୍ଣ୍ଣ; ମଙ୍ଗଳ—ଲୋହିତବର୍ଣ୍ଣ ଥିବାର ଜ୍ୟୋତିଷଶାସ୍ତ୍ରରେ ଉଲ୍ଲେଖ ଅଛି; ଗ୍ରହମାନେ ସୂର୍ଯ୍ୟକିରଣ ଯୋଗୁ ତେଜସ୍କର ଦିଶନ୍ତି । ପାଳକ—ପକ୍ଷିଲୋମ । ମତ୍ସ୍ୟରଙ୍କ—ପକ୍ଷିବିଶେଷ, ସମ୍ବଲପୁର ଅଞ୍ଚଳରେ ଏହାକୁ କଳକଳା ପକ୍ଷୀ ବୋଲନ୍ତି । ମୟୂଖ—କିରଣ ।

ସୁର-ତରଙ୍ଗିଣୀ ଆଗରେ
ଭଗୀରଥଙ୍କ ଚର
ଆଗେ ଆଗେ ଚାଲି ପ୍ରହରୀ
କାଟେ ଲୋକ-ଲହରୀ ।
ଅପରାହ୍ଣ ରବିକିରଣ
ସ୍ୱର୍ଣ୍ଣ ଜଳସଂକାଶ
ନାରୀଦଳ ଅଙ୍ଗେ, ଗିଲଟୀ-
କାନ୍ତି କଲା ପ୍ରକାଶ ।
ଝକିଲା କପାଳ କପୋଳ
ଦୀପ୍ତ ହେଲା ବଦନ,
ଚକଚକାୟିତ ଚିକଣ
କେଶେ ରତ୍ନ-ଭୂଷଣ ।
ଝଟକିଲେ ଅଙ୍ଗଭୂଷଣ-
ଚକ୍ଷୁ ଅଧିକ ପ୍ରଭା,
ସେହ୍ନ ଦୀକ୍ଷା ନେଲା ବସନ-
ଜରି, ସ୍ୱର୍ଣ୍ଣଗରଭ ।
ଲୋକ ଲୋଚନରେ ଦୀପିତ
ଦାନଶୌଣ୍ଡ-ଶେଖର
ଦେଉଳ ସୁବର୍ଣ୍ଣ କଳସ
ଦୀପ୍ତ କଲା ପ୍ରଖର ।
ଦେଖି ଦୂରୁ ସମଧର୍ମିଣୀ
ଲୋକେ ଦୀପ୍ତି ଦାନରେ,
ଡାକିଲା କି ନାରୀଶ୍ରେଣୀକି
ଊର୍ଦ୍ଧ୍ୱ ତ୍ରିଶୂଳ କରେ ।
ରବିକରବର୍ଣ୍ଣେ ଭୂଷିତ
ରତ୍ନାକର-ଲହରୀ,
ସିକତାରୋହଣ କ୍ରୀଡ଼ାର
ଗେଲା ଗରବ ହରି ।
ସୁଧା-ଧବଳିତ ସୋପାନେ
ନାନା ରତ୍ନ ଭୂଷିତ,
ରମଣୀ-ପ୍ରବାହ ଚଢ଼ିଲା
ହୋଇ ତରଙ୍ଗାୟିତ ।

ପ୍ରେମ ଭକତିରେ ଅବଳା-
ଦଳ ପୂରାଇ ହିଆ,
ହେଲେ ଯାଇ ଦେବୀ ସମ୍ମୁଖେ
ଅର୍ଦ୍ଧ ମଣ୍ଡଳେ ଠିଆ ।
ସୌନ୍ଦର୍ଯ୍ୟ-ସୌରଭ-ପୂରିତ
ନାନା ପୁଷ୍ପ-କଳିତ
ମାଳା କି ଦେବୀଙ୍କ ଦେଉଳ
ହୃଦୟରେ ଲଳିତ ।
ଦେଇ ଅଙ୍ଗରାଗ କୁସୁମ
ଜାଳି କନକ-ଦୀପ,
ନୀରାଜନା କଲେ ସୁଦେଷ୍ଣା
ଯାଇ ଦେବୀ ସମୀପ ।
ତରତରେ ଆନ ବାମାଏ
ହୋଇ ଦୀପଧାରିଣୀ,
ନେଲେ ସମୁଲ୍ଲାସେ ରାଣୀଙ୍କ
ପୂଜା ଅନୁକାରିଣୀ ।
ଦୀପସମନ୍ୱିତା ଦେବୀଙ୍କ
ଆଗେ ରମଣୀକୁଳ,
ଦୀପହସ୍ତେ ଉଭା ହେବାର
ଶୋଭା ହେଲା ଅତୁଳ ।
କୃଷ୍ଣ-ସହଚରୀ ପ୍ରଭର
ଦେଖି ଶୁଭାଗମନ,
ସ୍ୱର୍ଣ୍ଣ-ବରାଟକ ଭେଟିଲା
କି ସେ ନଳିନୀବନ ?
ନମ୍ରା ସିନ୍ଦୂରିତ ସନ୍ଧ୍ୟାର
ବକ୍ଷେ ରଜନୀ ବାଳା,
ବିଭୂଷିତ କଲା ତାରକା-
ରୂପୀ ହୀରକମାଳା ।
ପ୍ରଦୋଷ ବାରୁଣୀ ଆଗରେ
ଅବା ଶଇଳଶ୍ରେଣୀ,
ଶୋଭିତ ନଦାଧସୁଲଭ
ବହ୍ନି-କଳସ ଯେନ ।

କପୋଳ—ଗଣ୍ଡଦେଶ । ଦାନଶୌଣ୍ଡ—ବଦାନ୍ୟ । ସିକତା—ବାଲୁକାମୟ ଭୂମି । ନୀରାଜନା—ଆରତି । ବରାଟକ—ପଦ୍ମର ବୀଜକୋଷ, କଉଡ଼ି ।

ଧୂପ ଆଲୋକରେ ଝକଲି
ନାରୀ ଅଙ୍ଗଭୂଷଣ,
ତପନ କିରଣ ସ୍ପରଶେ
ଯଥା ଶୀଳିକଣ ।
ଧୂପେ ଆମୋଦିତ ଦେଉଳ
କରି ରମଣୀମାନେ,
ଫୁଟାଇ କାମନା-କୁସୁମ-
ମାନ ହୃଦ-ଉଦ୍ୟାନେ ।

ଘେନି ସୁପ୍ରସାଦ ଦେବୀଙ୍କ
ତେଜି ଦେବୀ-ପ୍ରାସାଦ,
ନିଜ ନିଜ ପୁରମୁଖରେ
ଧୀରେ ଗ୍ଭଳିଲେ ପାଦ ।
ଗୃହରେ ବାଳକମାନଙ୍କୁ
ଫୁଲ ପ୍ରସାଦ ଦେଇ,
ଆନନ୍ଦେ ବୋଇଲେ, ଏହାଙ୍କୁ
ସୁଖେ ରଖନ୍ତୁ ଦେଈ ।

---

# ତୃତୀୟ ସର୍ଗ

ଦିନ ଅଭିନୟ ଅବସାନେ ହେଲା
ସନ୍ଧ୍ୟା ଯବନିକାପାତ,
ଦିବସ ବେଶକୁ ଭିନ୍ନ ଭିନ୍ନ କରି
ବିଭାବରୀ ସମାଗତ ।
ପ୍ରକୃତି ଯନ୍ତ୍ରରେ ଖଣ୍ଡ ଖଣ୍ଡ କରି
ପ୍ରଭାକର ମହାମଣି,
ନିଜ ଅବୟବ ଅଳଂକୃତ କଲା
ଗଢ଼ି ତାରା ନିଶାମଣି ।
ଜ୍ୟୋତ୍ସ୍ନା-ଉଦ୍ଭାସିତ ତାରକୃତ ମାଳ-
ବିହାୟସେ ସୁଧାକର,
କ୍ଷୀରାର୍ଣ୍ଣବ-ଫେଣ-ମଣି ମଧ୍ୟେ ବିଷ୍ଣୁ-
କୌସ୍ତୁଭବତ ସୁନ୍ଦର ।
ଭାନୁ ଗଭସ୍ତିକି ଆଉଟି ଢାଳିଲା
ପ୍ରଦୀପ-ପ୍ରସୂନ ପୁଞ୍ଜେ,
ଚକ୍ରବାକ-ହୃଦ-ସୁଖରନ୍ଧ ନେଲା
ଚକୋରକୁ ଦେବା ପାଞ୍ଜେ ।
ପଦ୍ମବନୁ ଲକ୍ଷ୍ମୀ-ଶିବିରକୁ ନେଇ
ଟେକିଲା ମଲ୍ଲିକାବନେ,
ସୂର୍ଯ୍ୟ-ମୁଖୀ-ମୁଖ-ଲାବଣ୍ୟକୁ ଦେଲା
ନବମାଳିକା ବଦନେ ।

କୁସୁମାଲିଙ୍ଗନ-ବିଲୁଣ୍ଠିତ ଧୂଳି-
ଧୂସରିତ କଳେବର,
ଆମୋଦପ୍ରଦାୟୀ ଧୀର ପବମାନ
ନୃତ୍ୟ କଲା ଘର ଘର ।
ବିଚଳିତ ହେଲେ ବୃକ୍ଷବଲ୍ଲୀଚୟ,
ଦିଗ ହେଲା ଆମୋଦିତ,
ନରନାରୀଙ୍କର ହୃଦୟେ ମଦନ-
ସିନ୍ଧୁ ହେଲା ତରଙ୍ଗିତ ।
ଚନ୍ଦ୍ରକାଳିଙ୍ଗନ-ସୁଖେ ପ୍ରଫୁଲ୍ଲିତ-
ହୃଦୟ ସରିତ-ପତି,
ସରିତଙ୍କ ପ୍ରତି ଅନାଦର କରି
ଠେଲିଦେଲା ପଛକତି ।
ମୁହଁ ଫୁଲାଇଲେ ନଦୀଏ, ସାଗର-
ରୀତିକି ଲୋକେ ଜୁହାରି,
ବୋଲିବାରୁ ତାର ଅପଭ୍ରଂଶେ ଏବେ
ବୋଲନ୍ତି ତାକୁ ଜୁଆରି ।
ସୁଧାକର ନାରୀ-ବଦନକୁ କାନ୍ତି
ପୃଷ୍ଠରେ କରି ରଞ୍ଜନ,
ଲଗାଇଲେ ଆଣି ପୁରୁଷମାନଙ୍କ
ନୟନେ ମଦନାଞ୍ଜନ ।

---

କୀଲାଲ—ଜଳ । ଗଭସ୍ତି—କିରଣ । ପବମାନ—ପବନ । ସରିତ-ପତି—ସମୁଦ୍ର । ସରିତ—ନଦୀ ।

ଚମ୍ପକ-ଗଉରୀ ଚମ୍ପକର ହାର
ଚନ୍ଦନ ଶୁଭ୍ର ବସନ,
ଉପଭୋଗ କରି ପଲ୍ୟଙ୍କର ଅଙ୍କ
ଆଶ୍ରିଲେ ରସିକଗଣ ।
ନଗରରେ କ୍ରମେ ରୁଦ୍ଧ ହୋଇଗଲା
ଗୃହମାନଙ୍କର ବାଟ,
ନିଦ୍ରା ସେହିରୂପେ ପକାଇ ଆଣିଲା
ମାନବ ନେତ୍ର-କପାଟ ।
ନିଦ୍ରା-ମହୋଦଧି-ସ୍ୱପନ-ତରଙ୍ଗେ
ଭାସି ଭାସି ଜୀବଗଣ,
କଲେ କେତେ ମହା-ଅଦ୍ଭୁତ ବିଷୟ
ପ୍ରତିବିମ୍ବ ଦରଶନ ।
କାମତୃଷାକୁଳ କୀଚକ କେବଳ
ତହିଁରୁ ଅଛି ବାହାର,
ଲାଗିଛି ଦଉଡ଼ ବିଷମ ଦୁରାଶା-
ମୃଗତୃଷ୍ଣାକୁ ତାହାର ।
ଯହିଁ ପ୍ରଭାବତୀ ଦ୍ରୌପଦୀ-ମୂରତି
କୁସୁମ-ହସିତ ଲତା,
ପ୍ରତିବିମ୍ବ ପଡ଼ି ନୟନରେ ତାର
ଦେଉଅଛି ଶୀତଳତା ।
ସେହି ଶୀତଳତା କରୁଅଛି କିନ୍ତୁ
ବୃଦ୍ଧି ତା ହୃଦୟ-ଦାହ,
ସ୍ୱଭାବ-ଶୀତଳ ଜଳପାତେ ଯଥା
ତପତ ତୈଳ-କଟାହ ।
ଦାସୀକି ପଚ୍ଛର ଅବଗତ ବୀର
ହୋଇଥିଲା ପୂର୍ବ ଯାମେ,
ରମଣୀରତନ ରାଜଗୃହ ମଧ୍ୟେ
ରହେ ସଇରନ୍ଧ୍ରୀ ନାମେ ।
କେ ତାର ଜନକ ଅଛି କି ନା ପତି
କାହିଁ ବା ପୂର୍ବ ନିବାସ,
କେଉଁ ଉଦ୍ଦେଶ୍ୟରେ ଏ ପୁରେ ଆଗତ
ତାହା ନୁହେ ସୁପ୍ରକାଶ ।

ବାସ ଭୂଷଣରୁ ପ୍ରକାଶିତ ହୁଏ
ସଧବା ଲକ୍ଷଣଯୋଗ,
ଉଚ୍ଚକୁଳ ବଧୂ-ପରିଚୟକ ତା
ଆଚରଣ ଆଉ ବାକ୍ୟ ।
ସୈରନ୍ଧ୍ରୀ ହେଲେହେଁ ରାଜପୁର ମଧ୍ୟେ
ଦେଖିଲେ ତାହାର ଠାଣି,
ବୋଧହୁଏ ତାର ଆଗେ କିଛି ନୁହେ
ଅମର-ନଗରରାଣୀ ।
ଧର୍ମରାଜଙ୍କର ମତିକି ସେ ନିଜ
ବିବେକରେ ପାରେ ଜିଣି,
ରାଜପୁର ନାରୀମଣ୍ଡଳକୁ ସ୍ନେହ-
ମୂଲ୍ୟେ ନେଇଅଛି କିଣି ।
ବିରାଟମହିଷୀ ହୋଇଛନ୍ତି ତାର
ପବିତ୍ର ଚରିତ୍ରେ ବଶ,
ପାଇଛନ୍ତି ପରା ବିଶ୍ୱଲୋଭନୀୟ
ବିଶୁଦ୍ଧ ସୁବର୍ଣ୍ଣ କସ ।
ନାଗରୀର କଥାମାନ ହେଲା ତାର
ହୃଦୟପଟେ ଲିଖିତ,
ପଢ଼ି ପଢ଼ି ତାହା ହେଲା ସ୍ୱଭାବତଃ
ପ୍ରେମ-ଧର୍ମରେ ଦୀକ୍ଷିତ ।
ଯୁବତୀରତନ ଲାଭ କଥା ତାର
ପ୍ରାଣେ ହେଲା ମୂଳମନ୍ତ୍ର,
ମନୋରାଜ୍ୟେ କ୍ରମେ ଚଳିଲା ଶାସନ-
ପ୍ରଣାଳୀ ମଦନତନ୍ତ୍ର ।
ନ୍ୟାୟଦେବଙ୍କର ବ୍ୟବସ୍ଥା ସକଳ
ଅଚିରେ ହେଲା ରହିତ,
ଚଳିଲା ମନ୍ତ୍ରଣା ଅବିରତ ମଦ-
ମୋହ ମନ୍ତ୍ରୀଙ୍କ ସହିତ ।
ସ୍ଥିର କଲା ବୀର ବିବିଧ ଉପାୟେ
ନାରୀକି କରିବି ବଶ,
ମୋ ବୀର ଗୌରବେ ଅତୁଳ ବିଭବେ
ତା ପ୍ରୀତି ହେବ ଅବଶ୍ୟ ।

କଟାହ—କଡ଼େଇ ।

ଗୃହଲକ୍ଷ୍ମୀ କରି ରଖିବି ବାମାକୁ
 ହେବ ଯଦି ତାର ମତ,
ନ ହେଲେ ଜୀବନ ଯାପିବି ହୋଇ ତା
 ଗୁପତ ପ୍ରଣୟେ ରତ ।
କେବେ ଦରଶନ ନେଉଥିବି ତାର
 ସୁରମ୍ୟ ନିକୁଞ୍ଜ ବନେ,
ହୃଦାଚଳ-ତାପ ଶାନ୍ତ କରୁଥିବି
 ତା ତନୁଘନାଳିଙ୍ଗନେ ।
ଢାଳି ଦେଉଥିବ ତହିଁ କୃପାମୟୀ
 ଅନୁକମ୍ପା-ସୁଧାବୃଷ୍ଟି,
ଇନ୍ଦ୍ରପଦେ ପାଦ ଦେଉଥିବି ତାହା
 ପାନରେ ପରାଣ ଭରି ।
ଅଟ୍ଟାଳୀ ଉପରେ ଥାଇ କେବେ ମୋତେ
 ଦେଖି ଦେଉଥିବ ହସି,
ସ୍ୱର୍ଗସୁଖରାଶି ଆସି ତେବେ ମୋର
 ହାତେ ପଡୁଥିବ ଖସି ।
ନିଭୃତ କକ୍ଷରେ ଭେଟି କେବେ ଅବା
 ଚିବୁକ ଚୁମ୍ବିବି ତାର,
ପ୍ରେମ-ବିହ୍ୱଳିତ ଶ୍ରୀମୁଖ-କମଳ
 ଦେଖୁଥିବି ବାରମ୍ବାର ।
ରମଣୀମଣିର ଈପ୍‌ସିତସାଧନେ
 ହୋଇଥିବି ସଦା ରତ,
ପ୍ରୀତି-ବ୍ରତୀର ପ୍ରୀତିସମ୍ପାଦନ
 କରିବି ଜୀବନବ୍ରତ ।
ଆଉ ଅନ୍ୟ କଥା ହୁଏ ଯଦି ତାର
 ପ୍ରୀତି ପାଇଁ ପ୍ରୟୋଜନ,
କୁଣ୍ଠିତ ନ ହେବି କଦାପି ଜୀବନ
 କରିବାକୁ ବିସର୍ଜନ ।
ଏରୂପେ କୀଚକ ଗଢ଼େ ମନେ ମନେ
 ଆଶାର ଅମରାବତୀ,
ନ ଭାବଇ ତିଳେ ପତଙ୍ଗ ଦଉଡ଼ି
 ହେଉଛି ପାବକ ପ୍ରତି ।

ଚଞ୍ଚଳ ହେଲା ସେ କରିବା ପାଇଁକି
 ସଙ୍କଳ୍ପିତ ଅନୁଷ୍ଠାନ,
ବିରକ୍ତିଦାୟିନୀ ନିଶା ତା ପକ୍ଷରେ
 ନ ହେବାରୁ ଅବସାନ ।
ବାରମ୍ବାର ଉଠି ସୌଦାମିନୀ ଗଣ୍ଡ-
 ଚୁମ୍ବି-ଅଟ୍ଟାଳିକା-ଚୂଳେ ।
ପ୍ରଭାଷ୍ଟ ତାହାର ପଥ ଚାହୁଁ ଥାଏ
 ଦୃଷ୍ଟି ଦେଇ ପ୍ରାଚୀ-ମୂଳେ ।
ଭ୍ରାନ୍ତ ବାୟସର ଅସମୟ ସ୍ୱର
 ଶ୍ରବଣରେ ଥରେ ଥରେ,
ନିଶାଶେଷ ମଣି ଦୂତୀ ପେଶିବାକୁ
 ଉଠିପଡ଼େ ତରତରେ ।
ବନ୍ଧୁ ବିଲମ୍ବରେ ସୁଧାକର ଚନ୍ଦ୍ର
 ପଡ଼ିଗଲେ କାଳବଳେ,
ବାରଣ ଗ୍ରାସରେ କପିତ୍ଥ ଯେସନେ
 ବାରୁଣୀ ମହାକବଳେ ।
ଛିଣ୍ଡାଇ କୁସୁମ-ହାର ବିଭାବରୀ
 ବଲ୍ଲଭ-ବିରହ-ଦୁଃଖେ,
କେତେ ବିଳପିଲା ବିକଳ ବାକ୍ୟରେ,
 କଜ୍ଜଳପକ୍ଷୀର ମୁଖେ ।
ଶେଷେ କାବ୍ୟ-ମଣି-କୁନ୍ତଳା ପଶିଲା
 ଅରୁଣ-ଚିତା-ଅନଳେ,
ଧୂମରାଶି ଯାର ବାଷ୍ପ ବ୍ୟପଦେଶେ
 ଉଠିଲା ଜଳଧିଜଳେ ।
ଦ୍ୱିଜରାଜ ହତେ ଦଳଦଳ ହୋଇ
 କାନ୍ଦିଲେ ଦ୍ୱିଜ ସକଳ,
ଦ୍ୱିଜ ଧୋଇ ଦ୍ୱିଜ-ଗଣ ଅପମାନ,
 କରି ଦେଲେ ପ୍ରେତଜଳ ।
ଉଦୟ ପର୍ବତ ଉଚ୍ଚ ସିଂହାସନେ
 ପାରି ସ୍ୱର୍ଣ୍ଣ-ଆସ୍ତରଣ,
ମରୀଚି-ମୁକୁଟେ ଶିରେ ଦିନରାଜ
 କଲେ ଶୁଭ ଆରୋହଣ ।

କକ୍ଷ—କୋଠରୀ । ଈପ୍‌ସିତ—ବାଞ୍ଛିତ । ଅମରାବତୀ—ଇନ୍ଦ୍ରନଗରୀ । ବିକଳ—କରୁଣବାକ୍ୟ; ଅନ୍ୟପକ୍ଷେ ପକ୍ଷୀର କଳନାଦ । ଦ୍ୱିଜରାଜ—ଚନ୍ଦ୍ର । ଦ୍ୱିଜ—ପକ୍ଷୀ, ଦନ୍ତ, ବ୍ରାହ୍ମଣ, ଦ୍ୱିଜନ୍ମା । ମରୀଚି—କିରଣ ।

ଟେକିଲା ନଳିନୀ ପଦ୍ମ-ରାଜଛତ୍ର
 ରବି ପ୍ରତିବିମ୍ବ ଶିରେ,
ମତ୍ସ୍ୟ ଦ୍ୱିଜଗଣ ଅଭିଷେକ କଲେ
 ଉତ୍କ୍ଷିପ୍ତ ବିମଳ ନୀରେ ।
ବେଦ ଉଚ୍ଚାରିଲେ ମଧୁର ବିରୁତ
 ଧବଳ ଗରୁତମାନେ,
ଚକ୍ରବାକ ତହିଁ ବିସଖଣ୍ଡ-ଦଣ୍ଡ
 ଧରି ଆସେ ସନ୍ନିଧାନେ ।
ନିଶାଚରଙ୍କର ଉପଦ୍ରବ ସୌର-
 ରାଜ୍ୟରେ ରହିଲା ନାହିଁ,
ଚୌରେ ହେଲେ ଖ୍ୟାତ ତିମିର-ଅରାତି
 ଲୁଚିଗଲେ କାହିଁ କାହିଁ ।
ସଂସାର-ସାଗରେ ବୁଡ଼ିଲେ ପ୍ରାଣୀଏ
 ନିଜ ନିଜ କର୍ମ-ତରୀ,
କ୍ଷୁଧା-ପଙ୍କ-ବଳି ଲେଉଡ଼ିଲେ ବିହଙ୍ଗେ
 ପବନ ବନେ ସଞ୍ଚରି ।
ଏହି ସମୟରେ ମୁଖ ପ୍ରକ୍ଷାଳନ
 ପାଇଁ ସୁବାସିତ ପାଣି,
ସୁବର୍ଣ୍ଣ ଝାରିରେ କୀଚକ ପାଶକୁ
 ଦାସୀ ଏକ ଦେଲା ଆଣି ।
ସେହି ଦାସୀକି ସେ ଯୋଗ୍ୟ ବୁଝି ମଣି
 ବୋଇଲା, "ଆଲୋ ଚପଳେ,
ମୋ ତପ୍ତ-ତନୁରେ ଶୀତଳ ଚନ୍ଦନ
 ବୋଳି ପାରିବୁ କି ପଳେ ?"
ଚପଳା ବୋଇଲା, "ଏ କି ଚମତ୍କାର,
 ଆଜ୍ଞାହେଲେ ଏକ ପଳେ,
ମର୍ଦ୍ଦି ଦେଇପାରେଁ ଶ୍ରୀଅଙ୍ଗେ ଚନ୍ଦନ
 କର୍ପୂରବାସ-ଉତ୍ପଳେ ।"
କୀଚକ ବୋଇଲା, "ଆଣିପାରୁ ଯେବେ
 ମୋହର ଈପ୍ସିତ-ଚନ୍ଦନ,
ତ୍ରୁଟି ନ କରିବି ଦେବା ପାଇଁ ଲବେ
 ତୋହର ବାଞ୍ଛିତ ଧନ ।

ଯେଉଁ ବସନରେ ଯେଉଁ ଭୂଷଣରେ
 ଅଭିଳାଷ ହେବ ତୋର,
ସେହିକ୍ଷଣି ସେହି ପୁରସ୍କାର ଦାନେ
 ଅସମ୍ମତ ନାହିଁ ମୋର ।"
ଦାସୀ କହେ, "ପ୍ରଭୁ, କେଉଁ ଚନ୍ଦନରେ
 ଏତେ ସ୍ନେହ ସ୍ୱାମୀଙ୍କର,
ଆଜ୍ଞା ହେଉ କିନା ଅତି ଯତନରେ
 ଆଣିବି ଦାସୀ ସତ୍ୱର ।"
କୀଚକ ବୋଇଲା, "ତ୍ରିଦଶ-ଅଙ୍ଗନା-
 ସଦୃଶୀ ଏକ ଯୁବତୀ,
ରାଜଭବନରେ ଅବସ୍ଥାନ କରେ
 ଦେଖିଥିବୁ ବୁଦ୍ଧିମତି !
କେତେଦିନୁ ଆସି ସୈରିନ୍ଧ୍ରୀ ନାମରେ
 ନାରୀଗଣେ ପରିଚିତ,
ପ୍ରାଣସ୍ନିଗ୍ଧକର ତା ଅଙ୍ଗ-ଚନ୍ଦନ
 ଏକା ମୋହର ବାଞ୍ଛିତ ।"
ଚପଳା ବୋଇଲା, "ଜାଣେ ସୈରିନ୍ଧ୍ରୀକି
 ବାସ୍ତବ ସୁନ୍ଦରୀସାର,
ପୁରୁଷର ମନ ଆକର୍ଷିତ ହେବା
 ତହିଁ ନୁହେଁ ଚମତ୍କାର ।
ପତି-ବିରହିଣୀ କପୋତୀ ପରାୟେ
 ହୋଇଅଛି ଏକାକିନୀ,
ସହଜେ ସ୍ୱାମୀଙ୍କ ନାମରେ ବାମାର
 ମନ ଆଣିଦେବି କିଣି ।
ସୁନାସୀର-ପଦ କରଗତ ହେଲେ
 କେ ଠେଲି ଦେଇଛି ପଦେ ?
ଅସମ୍ଭବ କିନା ବିକଶିତ ପୁଷ୍ପ
 ତଡ଼ିଦେବା ଷଟପଦେ ।
ଯାଉଛି ରସିକ, ସୁନ୍ଦରୀମଣୀକି
 ଛଳେ ବଳେ କଉଶଳେ,
ବାନ୍ଧି ରଖିଦେବି ପ୍ରଣୟ-ଫାଶରେ
 ସ୍ୱାମୀଙ୍କ ଚରଣ ତଳେ ।

ବିରୁତ—ଶବ୍ଦ । ଧବଳଗରୁତ୍—ହଂସ । ବିସ—ମୃଣାଳ । ପଳ—ଗୁରୁତୋଳାର ଓଜନ; ଦଣ୍ଡର ଷାଠିଏ ଭାଗରୁ ଏକ ଭାଗ ସମୟ ।

କିନ୍ତୁ ଏ ପ୍ରସଙ୍ଗ ଲବମାତ୍ର ଜାଣି
ନ ପାରିବେ ସାଆନ୍ତାଣୀ,
ତାଙ୍କ କର୍ଣ୍ଣେ ଏହା ପଡ଼ିଲେ ମୋହର
ଉଠିଯିବ ଦାନାପାଣି ।
ଅଲଙ୍କାର କିଛି ନ ନେବି ତୁମ୍ଭ ରୁ
ନ ପିନ୍ଧିବି ପାଟଶାଢ଼ୀ,
ସାଆନ୍ତାଣୀ ଯଦି ସେ ବେଶ ଦେଖିବେ
ମୋ ମୁଣ୍ଡେ ପଡ଼ିବ ବାଡ଼ି ।”
ଏହା କହି ପାଦେ ପ୍ରଣିପାତ କରି
ଚପଳା କଲା ପ୍ରସ୍ଥାନ,
ଉଦ୍ୟାନରୁ ଫୁଲ ଆଣିବା ଭରସା
ହୃଦୟରେ ଦେଇ ସ୍ଥାନ ।
ସୈରିନ୍ଧ୍ରୀ ନିକଟେ ଉପଗତ ହୋଇ
ବସି ହେଲା ହସହସ,
ସୈରିନ୍ଧ୍ରୀ ବୋଇଲେ, “ଦେଖୁଛି ଚପଳେ,
ଆଜ ତୋ ବଡ଼ ହରଷ ।”
ଚପଳା ବୋଇଲା, “ଦେଖିଲେ ତୁମ୍ଭଙ୍କୁ
ଦୁଃଖ ହୋଇଯାଏ ଦୂର,
ତୁମ୍ଭ ମଧୁରିମା ଅଟଇ ଜଗତେ
ଦୁଃଖ-ଭୂଧର-ଭିଦୁର ।
ମୋହୋ କଥା ଛାଡ଼, ପଡ଼ିଥିବ ଥରେ
ଯାହାର ନୟନପଥେ,
ଆନନ୍ଦ-ପ୍ରତିମା ହୋଇ ତା ହୃଦୟେ
ବସିଥିବ ଅବିରତେ ।
କେତେ ଦିନ ହେଲା ଦରଶନ ବିନା
ଧାଣ୍ଡି ହେଉଥିଲା ମନ,
ଉତ୍ସୁକ ମନର ତୃପ୍ତି ସାଧିବାକୁ
କଲି ଏକା ଆଗମନ ।”
ସୈରିନ୍ଧ୍ରୀ ବୋଇଲେ,“କେବେ ତୋ ମୁଖରୁ
ନ ଶୁଣେ ଏପରି କଥା,
କି ହେବ ଚପଳେ, ଆରମ୍ଭି ବସିଲୁ
ବୃଥା ପ୍ରଶଂସା ଅଯଥା ।

ପ୍ରଶଂସ୍ୟ ଜନର ପରଶଂସା ଛାଡ଼ି
ମୋ ପ୍ରଶଂସାରେ କି ଫଳ,
କି ଲଭ ଉଦ୍ୟାନ ପୁଷ୍ପିତରୁ ଛାଡ଼ି
ବନ୍ୟ ବୃକ୍ଷେ ଦେଲେ ଜଳ ।”
ଚପଳା ଚପଳେ ବୋଇଲା, “ଏ କଥା
କହିଲ ସତ ସୁନ୍ଦରି !
ଭୋଗ୍ୟ ନୋହି ତୁମ୍ଭ ସୌନ୍ଦର୍ଯ୍ୟ ଝଡ଼ୁଛି
ଅରଣ୍ୟ କୁସୁମ ପରି ।
ଯଦି ସେ କୁସୁମ ଆଦରେ କେ ନେଇ
ଚଢ଼ାଇବ ଦେବ-ଶିରେ,
କୁସୁମର ଶୋଭା, ଦେବ ସନ୍ତର୍ପଣ
ବଢ଼ିବ କି ନା ସେଥିରେ ?”
ସୈରିନ୍ଧ୍ରୀ ବୋଇଲେ, “ତୋ କଥାମତେ ମୁଁ
କାନନ-କୁସୁମ ସତ,
କିନ୍ତୁ ମୋତେ ଭୋଗ କରିବାକୁ ଛନ୍ତି
ପାଞ୍ଚ ଗନ୍ଧର୍ବ ମତତ ।
କୁସୁମ ତୋଳିବା ଦୂରେ ଥାଉ, କାହା
କୁସୁମ ଲୋଭରେ ବନେ
ପରବେଶ କଥା ଗନ୍ଧର୍ବେ ଜାଣିଲେ
ସଂଶୟ ତାର ଜୀବନେ ।”
ଚପଳା ବୋଇଲା, “ମୋ ମତେ ସୁନ୍ଦରୀ
ଦେଖାଇ ଏପରି ଛଳ,
ନିଜ ସୁଖ ଶିରୀ ଅବଜ୍ଞା କରିବା
ତୁମ୍ଭ ପକ୍ଷେ ନୁହେ ଭଲ ।
ଯଦି ଇଚ୍ଛା କରୁ ଗୁଣାଭିମାନିନୀ,
ନାୟକ ତୋ ଅନୁରୂପ,
ସୁଦେଷ୍ଣା ସୋଦର କୀଚକ ଅଛନ୍ତି
ଦ୍ୱିତୀୟ ବିରାଟଭୂପ ।
ବଳିଷ୍ଠ କୀଚକ ସମ୍ପଦ-ଗର୍ବର
ଶୃଙ୍ଗ ଦେଇଛନ୍ତି ଧରି,
ବିରାଟ ନରେଶ ଆନନ୍ଦରେ ଛନ୍ତି
ସୁଖେ କ୍ଷୀର ପାନ କରି ।

ଭିଦୁର—ବଜ୍ର । ସନ୍ତର୍ପଣ—ତୃପ୍ତି ।

ଏଣୁ ଏ ରାଜ୍ୟରେ କୀଚକ ପ୍ରଭାବ
ହୋଇଅଛି ପ୍ରଭାବନ୍ତ,
ରାଜା ପର ମାନ୍ୟ କରୁଛନ୍ତି ତାଙ୍କୁ
କି ପ୍ରଜା କିବା ସାମନ୍ତ ।
ରାଜମହିଷୀଙ୍କ ସୋଦର, ତହିଁରେ
ରାଜାଙ୍କ ମହା ଆଦର,
ହୋଇଯାଇଅଛି ପତନ ସୁବର୍ଣ୍ଣେ
ସୋହାଗା, କ୍ଷୀରେ ଖଣ୍ଡର ।
କୀଚକ ଶ୍ରୀମୁଖ-କମଳରୁ ଆଜ୍ଞା-
ପାଖୁଡ଼ା ଝଡ଼ଇ ଯାହା,
ମହେଶ୍ୱର ଛଡ଼ା-କୁସୁମ ପରାୟେ
ଲୋକେ ଘେନୁଛନ୍ତି ତାହା ।
ସ୍ରୋତରୂପେ ବହି-ବସେ ଯେଉଁ ଦିଗେ
କୀଚକ ମନ-କଲ୍ଲୋଳ,
ରାଜଶକ୍ତି ସେହି ଦିଗକୁ ସତ୍ୱର
ଖୋଳି କରିଦିଏ ଖାଲ ।
ଧନ ଦେଖି ଜନ ମନ ଭୁଲିଯାଏ
ଜଗତେ ଅଛି ଏ ଖ୍ୟାତି,
ଧନ ପାଇଁ ଲୋକେ ଜୀବନ ଦିଅନ୍ତି
ଘୋର ଆହବରେ ମାତି ।
ଧନ କରେ ଦାନୀ ଧନ କରେ ମାନୀ
ଜ୍ଞାନୀ କରିପାରେ ଧନ,
ଧନେ ବଢ଼େ ଠାଣି ଧନେ ବଢ଼େ ଆଣି
ଧନର ସେବକ ଜନ ।
ଧନ ସଙ୍ଗେ ପ୍ରଭୁ-ପଣ ରହିଥାଏ
ଧନହୀନ ସିନା ଦାସ,
ଧନ ଥିଲେ କିପାଁ ହୁଅନ୍ତା ତୁମ୍ଭର
ପର ଭବନରେ ବାସ ।
ଆଜନ୍ମ ମରଣ ଧନର ଉପରେ
ଜୀବନ ରଖଇ ଭର,
ଏହା ଜାଣି ବସ୍ତୁ ପ୍ରିୟା କରେ ଦେଇ-
ଛନ୍ତି ଧନ ଅଧିକାର ।

ପ୍ରମଦା-ମାନସ ଆକର୍ଷିତ ହୁଏ
ସ୍ୱଭାବେ ଧନିକ ଜନେ,
ବିଳସଇ ଶମ୍ପା ସେହି ଗୁଣ-ବଶେ
ଜଳଧନ ପୃଷ୍ଠି ଘନେ ।
ଆଉ ଏକ କଥା, ସୁନ୍ଦରୀ ଲୋଡ଼ଇ
ସଦା ପରାକ୍ରମଶାଳୀ,
ପଣ କରି ସୀତା ଶ୍ରୀରାମେ, ଅର୍ଜ୍ଜୁନେ
ବାଛିଲେ ଦ୍ରୌପଦୀ ବାଳୀ ।
କୀଚକ ନବର ହୋଇଅଛି ଆଜ
ଦିଶାପୂ ବାସବ-ବାସ,
ବିରାଟ ନରେଶ କରିଛନ୍ତି ତାଙ୍କ
ଭୁଜବିକ୍ରମକୁ ଆଶ ।
ଭାଗ୍ୟ କଥା ସିନା ହେବାର ଏଭଳି
ଲୋକ କୋଳ-ପ୍ରଣୟିନୀ,
ବିଭାବସୁ-କର-ସୁଖ ମଧୁରିମା
ଜାଣିପାରେ କମଳିନୀ ।"
ସୈରିନ୍ଧ୍ରୀ ବୋଇଲେ, "ତୁହେଁ କମଳିନୀ,
ବିଭାବସୁ ଲୋଡ଼ା ନାହିଁ,
ବନ କୁସୁମ ମୁଁ ପଡ଼ିଅଛି ବନ-
ଦେବଙ୍କ ପୀରତି ପାଇଁ ।"
ଚପଳା ବୋଇଲା, "ମୋ କଥା ନ ଘେନି
କଲେ ବୃଥା ଅଭିମାନ,
ସୁଖେ ହେବା କଥା ଦୁଃଖେ ହେବ, ତହିଁ
ଲାଭ ହେବ ଅପମାନ ।
ତରୁଚୂଡ଼-ଶୋଭୀ ସୁପକ୍ୱ ରସାଳ
ସହଜେ ନ ପଡ଼େ ହାତେ,
ଶିଶୁଏ ଦେଖିଲେ ନଅନ୍ତି ସେ ଫଳ
ପକାଇ ପ୍ରସ୍ତରଘାତେ ।
ଏ ରାଜ୍ୟେ ରହିଲାଦିନୁ ଶିଖିଛ କି !
ପତିବ୍ରତା ଅଭିମାନ,
ହୋଇସାରିଛି ତୋ କୀଚକ-ମାନସ-
ତରଙ୍ଗରେ ଭାସମାନ ।

ଶମ୍ପା- ବିଜୁଳି । ବାସବ—ଇନ୍ଦ୍ର । ବିଭାବସୁ—ସୂର୍ଯ୍ୟ ।

ଦେଖୁଛୁ ସୁନ୍ଦରି, ଗଗନ-ରାଜ୍ୟରେ
ଯେ ରାଶିରେ ରବି ଥାନ୍ତି,
ସେହି ରାଶିବାସୀ ଗ୍ରହ ଋକ୍ଷେ ରଖି
ପାରନ୍ତି କି ନିଜ କାନ୍ତି ?"
ସୈରିନ୍ଧ୍ରୀ ବୋଇଲେ, "ଜଳପ ଜଳପ
ଜଳପିଲେ ଏହି କଥା,
ନ ଟଳିବ କେବେ ସୈରିନ୍ଧ୍ରୀର ମନ
ସାର ହେବ ହୃଦବ୍ୟଥା ।
ଉଜ୍ଜ୍ୱଳ ଉଜ୍ଜ୍ୱଳ ଗ୍ରହେ କରିଥାନ୍ତି
ଭିନ୍ନ ଭିନ୍ନ ସ୍ଥଳ ଆଶା,
କ୍ଷୁଦ୍ର ଧ୍ରୁବତାରା ଆଶ୍ରୟେ କେବଳ
ସତତ ଉତ୍ତର ଆଶା ।"
ଚପଳା ବୋଇଲା, "ତୁମ୍ଭ କାନ୍ତେ ଥିଲେ
ସେମାନେ ଜାଣିବେ ନାହିଁ,
ଅତୁଳ ବିଭବ ଭୋଗ କରୁଥାଅ
କିତବ ପ୍ରଣୟେ ଥାଇ ।
ସୁଧାକର-ପ୍ରୀତି-ପ୍ରଫୁଲ୍ଲ ବଦନା
ସୁଧାଂଶୁ-ଚିତ୍ତ-ମୋଦିନୀ,
ଚନ୍ଦ୍ର ଅନୁଦୟେ ତିମିର ସଙ୍ଗମେ
ନ ଫୁଟେ କି କୁମୁଦିନୀ ?"
ସୈରିନ୍ଧ୍ରୀ ବୋଇଲେ, "ଜାଣିପାରିଲି ମୁଁ
ତୋ ମତି ନୁହଇ ଭଲ,
ଆଉ ମୋ ପାଶକୁ ନ ଆସିବୁ କେବେ
ଆଜ ଏବେ ଶୀଘ୍ର ଚଳ ।
ନିଶ୍ଚେ ଜାଣିଥାଅ ମୋହପ୍ରମତ୍ତ ଯେବେ
ହୁଏ କାହା ଅତ୍ୟାଚାର,
ସ୍ୱାମୀଏ ମୋହର ଯମ-ସଦନକୁ
ଜୀବନ ପେଶିବେ ତାର ।
ନ କରିବ ନିନ୍ଦା ବିରାଟ ନୃପଙ୍କୁ,
ଖାଏଁ ତାଙ୍କ ଅନ୍ନ ଜଳ,
ସେ ଯେବେ ଅନୀତି ଆଚରିବେ ଧର୍ମ
ନ ଦେବ କି ପ୍ରତିଫଳ ?
ଅପବ୍ୟବହାର କରଇ ଯେ ନୃପ
ମୋହେ ରାଜକ୍ଷମତାର,
ଦାବାନଳତ୍ରସ୍ତ ଇନ୍ଧନ ପରାୟେ
ଅଚିରେ ବିନାଶ ତାର ।"
ସୈରିନ୍ଧ୍ରୀ ମୁଖରୁ ଚପଳା ଦାରୁଣ
ନିରାଶ ଉତ୍ତର ପାଇ,
କୃଷିରକ୍ଷି-ଲୋଷ୍ଟ୍ରେ ଶସ୍ୟଭକ୍ଷୀ ମୃଗ-
ପରାୟେ ଗଲା ପଳାଇ ।
ଦ୍ରୌପଦୀର ମନ ପଡ଼ନ୍ତା କି ଗୁର
ଚପଳାର ବାକ୍ୟ-ଜାଲେ,
ଶଶକ ବିତଂସେ ସିଂହିକା ବନ୍ଧନ
ଶୁଣାଅଛି କେଉଁ କାଳେ ?

## ଚତୁର୍ଥ ସର୍ଗ

ଚପଳା ଚପଳତା ଅନ୍ତରେ ଥୋଇ,
ବିଷାଦେ ବାହୁଡ଼ିଲା ନିରାଶ ହୋଇ ।
ଜାନକୀ ପାଶୁଁ ଯେସନ୍ତେ ରାବଣ ଦୁଷ୍ଟ,
ବାସି କୁସୁମ ପରି ହେଲା ତା ଦ୍ୟୁତି ।
କୀଚକ ପାଶେ ନତଶିରେ ରମଣୀ
ବୋଇଲା, "ହେ ରସିକ-ମୁକୁଟ-ମଣି !
ରସାଇ ଯେତେ ପରକାରେ କହିଲି,
ରସିଲା ନାହିଁ ତହିଁ ନବଛଇଳୀ ।
ମଦନ ରାହୁ ପାଇଁ ଯେ ସୁଦର୍ଶନ,
ଗନ୍ଧର୍ବ ଛନ୍ନ ପରା ତା ପାଞ୍ଚ ଜନ ।
ମଣିଲି ଚମତ୍କାର ଯା ପାଞ୍ଚ ପତି,
ଷଷ୍ଠ ପାଇଁ କି ପୁଣି ତାର ଆପତ୍ତି !

ଋକ୍ଷ—ତାରା । ବିତଂସ—ମୃଗ ଧରିବା ଜାଲ । ଦ୍ୟୁତି—କାନ୍ତି । ସୁଦର୍ଶନ—ବିଷ୍ଣୁଚକ୍ର ।

ସ୍ଥିର କରିଛି ଭାବ ଅନ୍ୟ ଉପାୟେ,
ତା ଯେବେ ଆପଣଙ୍କ ମନକୁ ପାଏ ।
ହୋଇ ମୁଁ ସେ ଉପାୟ ଶୃଣିଧାରିଣୀ,
ଆଣିବି ବାମା ନବ ବନ-କରିଣୀ ।”
କୀଚକ ଉତ୍ତରିଲା, “କପାଇ କହୁ,
ନ କର ଆଗେ ତାହା କାହିଁକି ରହୁ ?
ଆତୁର କରୁଅଛି ଯାହାକୁ କ୍ଷୁଧା,
ପରୁଁ ଥରେ ତାକୁ ଦେବାକୁ ସୁଧା ?”
ଦାସୀ ଭଣିଲା, “ପ୍ରଭେ ନାମୀଙ୍କ ପାଶେ,
କହିବି କିଛି ଛଳ କରି ବିଶ୍ୱାସେ ।
ଗତ ନିଶାରେ ସ୍ୱପ୍ନ ଦେଖିଲେ ଭାଇ,
ନାରୀଏ ଦେଖାଦେଇ ଗଲା ଉଭାଇ ।
ସେତିକି ବେଳୁ ଭାଇ ଅସ୍ଥିର ପ୍ରାଣେ,
ନିରତେ ବସିଛନ୍ତି ତା ରୂପଧ୍ୟାନେ ।
ଯାବତ ନ ହେବ ତା ସାକ୍ଷାତକାର,
ତାବତ ନାହିଁ ତାଙ୍କ ପାନ ଆହାର ।
ରମଣୀ ନାମ ନାମୀ ପୁଚ୍ଛିଲେ ମତେ,
ସୈରନ୍ଧ୍ରୀ ବୋଲି କହିଦେବି ଗୁପତେ ।
ନାମୀ ତ ଉପରୋଧ ଭାଙ୍ଗିବେ ନାହିଁ,
ଯତ୍ନ କରିବେ ନିଶ୍ଚେ ତୁମ୍ଭର ପାଇଁ ।
ଲଙ୍ଘିବ ତାଙ୍କ ଆଜ୍ଞା ଅଛି କା ସାଧ,
ଆଜ୍ଞାପାଳନେ ହେବ ସୈରନ୍ଧ୍ରୀ ବାଧ ।
ଦେଖିଲେ ବାମା ଆସି ତୁମ୍ଭ ବଦନ,
ଆଉ କି ଛାଡ଼ିଦେବ ତାକୁ ମଦନ ?
ଦର୍ଶନ ବିନା କାହିଁ ଫୁଟିଛି ପ୍ରୀତି,
ଦେଖୁଛ ନିତ ଭାନୁ-ପଦ୍ମିନୀ ରୀତି ।
ଭଜିବ ତୁମ୍ଭଙ୍କୁ ତା ପତିଙ୍କି ଛଳି,
ଲତା ଲଳନାପ୍ରୀତି ନ ହୁଏ କଳି ।
ଲତିକା ଏକ ତରୁ ଆଶ୍ରୟେ ଥାଏ,
ପାଶେ ଯଦ୍ୟପି ଅନ୍ୟ ବିଟପ ପାଏ;
ହୁଅଇ ଅଗ୍ରସର ତା ଆଲିଙ୍ଗନେ,
ନବ କୋମଳ ପ୍ରେମେ ଭିଡ଼ଇ ଘନେ ।”

କୀଚକ ବୋଇଲା, “ତୋ ପ୍ରିୟ ବଚନ,
ମୋ ପ୍ରାଣ-ଚାତକର ଜଳଦ ସ୍ୱନ;
ଆସାର ଅଶନି ତୋ ହସ୍ତରେ ବାକ,
ଆସିବାଯାଏ ତୋର ବସିଛି ଟାକ ।”,
କୀଚକ ହୃଦୟରେ ଦେଇ ଆଶ୍ୱାସ,
ଚପଳା ଗଲା ବେଗେ ସୁଦେଷ୍ଣା ପାଶ ।
ବିନୟେ ଭୂମି ଛୁଇଁ ପଦେ ଜୁହାରି,
ବୋଇଲା, “ଦେବି, ଅଛି ଏକ ଗୁହାରି ।
ଗତ ନିଶାରେ ସ୍ୱପ୍ନ ଦେଖିଲେ ଭାଇ,
ନାରୀଏ ଦେଖାଦେଇ ଗଲା ଉଭାଇ ।
ସେତିକି ବେଳୁଁ ଭାଇ ଅସ୍ଥିର ପ୍ରାଣେ,
ନିରତେ ବସିଛନ୍ତି ତା ରୂପ ଧ୍ୟାନେ ।
ଯାବତ ନ ହେବ ତା ସାକ୍ଷାତକାର,
ତାବତ ନାହିଁ ତାଙ୍କ ପାନ ଆହାର ।
ଏ କଥା କର୍ଣ୍ଣେ ପାଶେ ଗୁପତେ ମତେ
କହି ବୋଇଲେ, ‘କର ତୋ ସାଧ୍ୟମତେ ।’
ଜାଣଇ ପୁତ୍ର କଥା ଗର୍ଭଧାରିଣୀ,
ସେରୂପେ ଭାଇ କଥା ଜାଣେ ଭଗିନୀ ।
ତା ସୁଖ ଦୁଃଖ ସୁଖ ଦୁଃଖେ ତାଙ୍କର,
ନୁହଇ ଉପଲବ୍ଧ ଆଉ ଅନ୍ୟର ।
ନଦ ଶୁଣିଲେ ନଗ ହୃଦୟ ଜ୍ୱଳେ,
ସେକାଳେ ନଦୀ ରହେ ଅତି ବିକଳେ ।
ନଦ ବଢ଼ିଲେ ନଗ ଶାନ୍ତି ଲଭଇ,
ତା ଦେଖି ନଦୀ-ହୃଦ ଫୁଲି ଉଠଇ ।
ଦ୍ରୁମନିକର ନଦୀ ତଟରେ ଥାଇ,
ତା କ୍ଷୟ କଥା କିଛି ଜାଣନ୍ତି ନାହିଁ ।
ନିଶ୍ଚଳେ ଥାଇ ଦେଖୁଥାନ୍ତି ମଉନେ,
ଆତୁର ହସୁଥାନ୍ତି ପତ୍ର ପ୍ରସୂନେ ।
କୀଚକ ସୁଖ ଦୁଃଖ ଜାଣିବ କେବେ,
ମହାଦେବୀଙ୍କ ବିନା କେ ଅଛି ଭବେ ?
ପ୍ରଭୁ ଉତ୍କଣ୍ଠା ଦାସୀ ସହି ନ ପାରି,
ଆଶ୍ରୟ ଜାଣି କରୁଅଛି ଗୁହାରି ।”

ଶୃଣି—ଅଙ୍କୁଶ । ବିଟପ—ଶାଖା । ଅସାର—ଜଳଧାରାପାତ । ଅଶନି—ବଜ୍ର । ନଗ—ପର୍ବତ ।

ଚପଲା ବାକ୍ୟେ ରାଣୀ ହୋଇ ଚଞ୍ଚଳ
ବୋଇଲେ, "କା ପାଇଁ ମୋ ଭାଇ ବିକଳ ?
ମହୀରେ ଅଛି ଏତେ କେ ରାଜକନ୍ୟା ?
ମୋ ଭାଇ କର ଧରି ନ ହେବ ଧନ୍ୟା ?
କହ, ଫିଟିଛି କାହା ଭାଗ୍ୟ-ଭଣ୍ଡାର ।
ଅଚିରେ ଘୁଞ୍ଚିବ ତା ଦୁଃଖ-ଅନ୍ଧାର ।
ଆଜ ସତ୍ୱର ରାଜଦୂତ ପଠାଇ,
ଯତ୍ନ କରିବ ତାକୁ ଆଣିବା ପାଇଁ ।"
ଦାସୀ କହିଲା, "ଦେବି ! ନାହିଁ ସେ ଦୂରେ,
ରାଜ ଅନ୍ତରେ ବସେ ଏ ରାଜପୁରେ ।
ସୈରନ୍ଧ୍ରୀ ବୋଲି ବୋଲୁଛନ୍ତି ଯାହାକୁ,
ଭାଇ ସ୍ୱପନେ ଦେଖିଛନ୍ତି ତାହାକୁ ।"
ସୈରନ୍ଧ୍ରୀ ନାମ ଶୁଣି ବିରାଟରାଣୀ,
ଜିହ୍ୱା କାମୋଡ଼ି ଦେଲେ କର୍ଣ୍ଣରେ ପାଣି ।
ବୋଇଲେ,"ଏ ତ ହେବା ବଡ଼ ଦୁରୂହ,
ଏ କଥା ଛାଡ଼ି ଅନ୍ୟ ଉପାୟ କହ ।"
ଦାସୀ ବୋଇଲା, "ଦେଖିଛନ୍ତି ସ୍ୱପନ,
ଦେଖିବେ ଥରେ ମାତ୍ର ତାର ଲପନ ।
ତୋଷିବେ ମାତ୍ର ତୃଷାତୁର ନୟନ,
ଛୁଇଁବେ ନାହିଁ ତ ସେ ତା ଅପଘନ ।"
ରାଣୀ ବୋଇଲେ,"ଏଥୁଁ ହୋଇଲେ ଆନ,
ଦେଖ, ଚପଳେ ! ତୋ ନ ବଞ୍ଚିବ ପ୍ରାଣ ।
ସାମାନ୍ୟ ନୁହେ ପ୍ରତିବ୍ରତା-ମହିମା,
ରହି ନ ପାରେ ତହିଁ କାହା ଗରିମା ।"
ଚପଲା ମନେ ଭାବେ, ଯା ପାଞ୍ଚ ପତି,
ସେ ନାରୀ ହେଲା ପୁଣି କି ରୂପେ ସତୀ ?
ଏ ନୁହେ ଯାଜ୍ଞସେନୀ ପାଣ୍ଡବ-ପ୍ରାଣ,
ପାଣ୍ଡବେ ଆସି ତାକୁ କରିବେ ତ୍ରାଣ ।
ଥିଲେହେଁ ପତି ତାର ମୋ ଭୀତି କାହିଁ ?
କୀଚକ-ବୀରବର ରାଣୀଙ୍କ ଭାଇ ।
ତାହାଙ୍କ ମନ ତୋଷି ଧନ ବହିବ,
ସ୍ନେହ ଅରଜି ଚିର ସୁଖେ ରହିବ ।
ନିଶା-ଶଶିର ସନ୍ଧ୍ୟା କରି ମିଳନ,
ପାଏ ଉଜ୍ଜ୍ୱଳ ରତ୍ନ ରଙ୍ଗ ବସନ ।
ରାହୁ ଗ୍ରାସର ଆସି ଚନ୍ଦ୍ରକୁ ଘେରେ,
ସନ୍ଧ୍ୟାର ଦୋଷ କାହିଁ ଦୋଇଛି କେବେ ?
ଚପଲା ପ୍ରତି ରାଣୀ ବୋଇଲେ ପୁଣି,
"କପଟ ଅଛି କି ତୋ ହେଲୁ ଯେ ତୁମା ।
କପଟ ଥିଲେ ଯାଇ ବୁଝାଇ କହ,
ଏ ପାପେ ପରମାୟୁ ହୁଅଇ କ୍ଷୟ ।
ନିଶା-ବିଳାସୀ ଶଶୀ ଭଜିଲେ ଉଷା,
ହୁଅଇ ଚକ୍ର-ନାଗ ଆଗରେ ମୂଷା ।
ପ୍ରଭାତ ତାରା-ଦୃଷ୍ଟି ପ୍ରଭାନଚୟ,
କ୍ଷଣେ ଚମକ ହୁଏ ଅଚିରେ କ୍ଷୟ ।"
ଚପଲା ଚମକିଲା ଶୁଣି ଏ ବାଣୀ,
ଭାବିଲା ମନ କଥା ଜାଣିଲେ ରାଣୀ ।
ଦମ୍ଭେ ବୋଇଲା, "ଏଥି କୈତବ ନାହିଁ,
ଧରମ ନୀତି କି ନ ଜାଣନ୍ତି ଭାଇ ?
ସ୍ୱପନେ ମେଣ୍ଟି ନାହିଁ ନେତ୍ର-ପିପାସା,
ଜାଗ୍ରତେ ମେଣ୍ଟାଇବା କରନ୍ତି ଆଶା ।
ନୟନ ପବିତ୍ରତା ସାଧନ ପାଇଁ,
ସୌନ୍ଦର୍ଯ୍ୟ ସୃଜି ନାହିଁ କି ବିଶ୍ୱସାଇଁ ।"
ରାଣୀ ବୋଇଲେ, "ତେବେ କହ ତୁ ଯାଇ,
ସଇରନ୍ଧ୍ରୀକି ଦେଉଅଛି ପଠାଇ ।
ପାନପାତ୍ରରେ କିଛି ପାନୀୟ ନେବେ,
ନିକଟେ ଥୋଇ ଥରେ ଦର୍ଶନ ଦେବେ ।"
ଚପଲା ନମି ପଦେ ବିଦାୟ ନେଲା,
କୀଚକ ପାଶେ ଶୁଭ ସମ୍ବାଦ ଦେଲା ।
ବୋଇଲା, "ପ୍ରଭୁଙ୍କର ରହିଲା ଟେକ,
ଧଇଲା ଅବଳାର ଗୁମାନ-ବେକ ।
ଆସିବ ଛାମୁକୁ ସେ ପାନୀୟ ଧରି,
ଦେଖ ଶ୍ରୀମୁଖ ଥରେ ନବସୁନ୍ଦରୀ ।
ଶୁଣିବ ଯେବେ ମିଷ୍ଟ ବଚନ ପଦେ,
ମଦନ ଛାଡ଼ିବ କି ନ ବାନ୍ଧି ପଦେ ।"
ହସି କୀଚକ ପ୍ରୀତି-ତରଙ୍ଗେ ଭାସି
ବୋଇଲା, ଚପଳାର ବୁଦ୍ଧି ସାବାସି,
"ଲବଣ-ନିଧି ମୋର ନେତ୍ର-ପଥରେ,
ମର୍ତ୍ତ୍ୟ-ବଲ୍ଲୀ ହୋଇ ଆସୁ ତ ଥରେ ।

ବାମା-ମାଧୁରୀ ସୁଧା-ନିର୍ଝର-ଧାର,
ମସ୍ତକେ ଛୁନ୍ତୁ ମୋର ନୟନତାର ।
ଧୋଇ ସନ୍ତାପ-ପାପ କ୍ଳାନ୍ତ ବିନାଶୁ,
ହୃଲ୍ଲେଳ ଶାନ୍ତି-ଗନ୍ଧବହ ପ୍ରକାଶୁ ।
ସତ୍ୱର ସ୍ନାନ ସାରି ପିନ୍ଧି ବସନ,
ଅଙ୍ଗରେ ଅଙ୍ଗରାଗ କରି ଲେପନ;
ପୁରି ମଣ୍ଡାଇ ଅତି ଉତ୍ସୁକ ମନେ,
ବସିଲି ହର୍ମ୍ମ୍ୟେ ରମ୍ୟ ହେମ-ଆସନେ ।
ସଜାଇ ଗୁଚ୍ଛ ଗୁଚ୍ଛ କୁସୁମ ଆଗେ,
ଝୁଲାଇ ପୁଷ୍ପମାଳ ଉପରି ଭାଗେ ।
ମନାଇ ବାଳୀ ଅଙ୍ଗେ ବୋଳିବି ବୋଲି,
ଚନ୍ଦନ ଘନରସ ରଖିଲି ଗୋଳି ।
ତନୁ ରହିଲା ମାତ୍ର ହେମ-ଆସନେ,
ମନ ରହିଲା ବାମା-ପଥ-ନୟନେ ।
ପ୍ରାତେ କି ଚକ୍ରବାକ କମଳବନେ,
ଦେଖଇ ପ୍ରିୟା ପଥ ସ୍ଥିର ନୟନେ ।
ଯାଜ୍ଞସେନୀଙ୍କ ଏଣେ ବିରାଟବଧୂ,
ଡାକି ବୋଇଲେ ବାକ୍ୟେ ମିଶାଇ ମଧୁ ।
"ଅୟି ସୁଶୀଳେ ! ମଧୁ ଚଷକ ନେଇ,
ଆଶୁ ଆସିବ ମୋର ଭାଇକି ଦେଇ ।"
କୃଷ୍ଣା ବୋଇଲେ,"ତୁମ୍ଭ ଭାଇଙ୍କ ଘର
ଯିବାକୁ ମୋତେ ବଡ଼ ମାଡୁଛି ଡର;
କରୁଣାମୟି, ମୋର ଆତଙ୍କ ହର ।
କରୁଣା ବହି ଆଜ୍ଞା ପ୍ରତିସଂହର ।"
ରାଣୀ ବୋଇଲେ, "ସଖି ! ଅଛି କି ଭୟ ?
କି ହେତୁ କରୁଅଛ ମନ ଅଥୟ ?
କି ଦେଖି ହୃଦୟରେ ପୋଷୁଛ ଡର,
ନୁହେ ତା ପୁର ବନ ଅବା ସାଗର ।
ନାହିଁ ପଞ୍ଚାସ୍ୟ ତହିଁ, ନାହିଁ ମକର,
ରଜୁ ହୃଦୟେ, କିମ୍ପା ଛଳନା କର ?"
କୃଷ୍ଣା ବୋଇଲେ, "ଦେବି, ଘେନ ଉତ୍ତର,
ନାହିଁ ପଞ୍ଚାସ୍ୟ ତହିଁ, ନାହିଁ ମକର ।
ଅଛି ପଞ୍ଚେଷୁକର ମକର-କେତୁ,
ଏ ହେତୁ ଭୟ ତୁମ୍ଭ ଭାଇଙ୍କ ହେତୁ ।"
ରାଣୀ ବୋଇଲେ, "ଭୀତି ନାହିଁ ସଙ୍ଗିନି,
ମୁଁ ଯଥା ତଥା ତୁମ୍ଭେ ତାର ଭଗିନୀ ।
ବିଶେଷ ଧର୍ମ-ଶୈଳ-ଚୂଡେ ଯା ବାସ,
ପାପପ୍ରବାହେ ତାର କି ଥାଏ ତ୍ରାସ ?
ସର୍ବଦା ଧାର୍ମିକର ଧରମ ସାହା,
ଧାର୍ମିକ ରକ୍ଷା ପାଇଁ ପ୍ରଭୁ ଚୌବାହା ।
ସୁଦତି ଐରାବତୀ ଜୀମୂତଜାୟା,
ବ୍ୟୋମପ୍ରାଙ୍ଗଣେ ହୁଏ କ୍ରୀଡ଼ିତ କାୟା;
ତା ଲୋଭେ ଘନ ପଛେ ଧାଇଁ ଅନ୍ଧାର
ଧରମ ନାଶେ କ୍ଷମ ହୁଏ କି ତାର ?
ସତୀ-ରତନ ଥରେ ରଖ ମୋ ସତ,
ଚରଣ ସ୍ଖଳନରେ ନୁହ ନିସତ ।
ଭୀତି ନ ରଖି ଚିତ୍ତେ ଧରମ ପ୍ରାଣେ,
ଚ ଷକ ଟେକି ଚଳ ମୋହରି ରାଣେ ।"
ରାଣୀଙ୍କ ଅନୁରୋଧ ନ ପାରି ଭଙ୍ଗି,
ଚଷକ ଧରି ଉଭା ସ୍ୱତଃ-ଶୁଭାଙ୍ଗୀ;
ଯିବାକୁ ମନ ତାଙ୍କ ବଳି ନ ବଳେ,
ମୃଦୁ ଚରଣ ଯୁଗ ଚଳି ନ ଚଳେ ।
ପ୍ରବାହେ ଭାସମାନ ପ୍ରସୂନ ପରି,
ରାଣୀଙ୍କ ପ୍ରେରଣାରେ ଚଳି ସୁନ୍ଦରୀ;
ଚକ୍ର ଆବର୍ତ୍ତେ ହେଲେ ପଥରେ ଠିଆ,
ସ୍ୱଭାବବଶେ ନାଚି ଉଠିଲା ହିଆ ।
ଭାବିଲେ, ପ୍ରଭାତରୁ ହେଲଣି ଜ୍ଞାତ,
ହୋଇଛି କୀଚକର କୁମତି ଜାତ ।
ସେ ମତି ଫଳବତୀ କରିବା ପାଇଁ,
ଅଛି ଏ ବଳବତୀ ମାୟା ଭିଆଇ ।

ଛୁଇଁବା—ଉତ୍ସୃଷ୍ଟ ପଦାର୍ଥ ଧାରଣ ବା ଗ୍ରହଣ କରିବା । ଚଷକ—ମଦ୍ୟପାନ ପାତ୍ର । ଆଶୁ—ଶୀଘ୍ର । ପ୍ରତିସଂହର—ନିବର୍ତ୍ତନ କର । ଐରାବତୀ—ବିଜୁଳି । ଜୀମୂତ—ମେଘ । ଜାୟା—ଭାର୍ଯ୍ୟା ।

ସୋଦର ସ୍ନେହ ଦୃଢ଼-ବନ୍ଧନେ ପଡ଼ି
ମାୟା-ଜାଲରେ ରାଣୀ ଅଛନ୍ତି ଜଡ଼ି;
ସ୍ନେହଚକ୍ଷୁରେ ତାଙ୍କ କୀଚକ-କାଚ
ହେଉଛି ଶୁଦ୍ଧ ହୀରା ସଦର ବାଚ୍ୟ ।
ଊର୍ଦ୍ଧ୍ୱେ ଅନାଇ ସତୀ ହୋଇ ବିକଳ
ବୋଇଲେ, "ଧର୍ମ, ତୁମ୍ଭେ ଅବଳା-ବଳ,
ବଞ୍ଚୁଛି ଆସି ଅନ୍ନ ବସନେ ଯାର,
ସାହସ ହୁଅ ଆଜ୍ଞା ପାଳିବି ତାର ।
ସତୀତ୍ୱ-ରତ୍ନ ଅଛି ଗଣ୍ଠିରେ ମୋର,
ହେଉଛି ଭୀତ କାଳେ ହରିବ ଚୋର;
ଆପଣେ ଆଗେ ମୋର ହୁଅ ପ୍ରହରୀ,
ସୃଷ୍ଟି ରକ୍ଷଣ ପାଇଁ ଅଛନ୍ତି ହରି ।
ହରି ସୁମରି କଲେ ପଦଚାରଣ,
ଯେ ଗତି କରେ ଯତିମତି ହରଣ
ଚାଲିଲେ ଧୀରେ ଧୀରେ ସଉଧତଳେ,
ପର୍ବତ-ପଥେ କିବା ପାର୍ବତୀ ଚଳେ ।
ହସ୍ତ ଚଷକ ଶୋଭା ବିକାଶ କରେ,
ସୁଧା-କଳସ ଯେହ୍ନେ ମୋହିନୀ-କରେ ।
କି ସରସ୍ୱତୀ ଧରି କବିତା-ରସ,
ମର୍ତ୍ତ୍ୟେ ଚାଲନ୍ତି ହୋଇ ଭକ୍ତର ବଶ ।
ପଡ଼ିଲା ପୁଣି ଉପବନ-ସରଣି,
ଚାଲିଲେ ଧନୀ ତହିଁ ମଣ୍ଡି ଧରଣୀ ।
ଦୂରୁ ଦେଖିଲା ଜନେ ଭାବିବେ ମନେ,
ଚଳେ କି ରାଜହଂସୀ ନଳିନୀବନେ ।
ତରୁ ଉଡ଼ାଳେ ରହି ନ ଦିଶେ ଥରେ,
ତତ୍କ୍ଷଣେ ଖେଳେ ପୁଣି ନେତ୍ର-ପଥରେ ।
ଚଳିତ ଖଣ୍ଡ ଖଣ୍ଡ ମେଘପୃଷ୍ଠରେ,
ଲୁଚି ଦିଶଇ ତାରା ଯଥା ପୁଷ୍କରେ ।
ଲାଗିଲା ପାଦ ତାଙ୍କ କୀଚକ-ଦ୍ୱାରେ,
ପଣ୍ଡିତ ଦୃଷ୍ଟି ଯଥା ଅଧମଠାରେ ।
ତରଙ୍ଗ-ଦୋଳାୟିତ ଚନ୍ଦ୍ରିକା ପରି,
ସୋପାନ ପଥେ ଧୀରେ ଚଢ଼େ ସୁନ୍ଦରୀ ।
ପୁରି ପ୍ରାଙ୍ଗଣେ ତହିଁ ପଡ଼ିଲା ପଦ,
ପଦ ନୁହେ ତା କୀଚକର ଆପଦ ।

ଦାବାଗ୍ନି ଧରି ଛଦ୍ମ ରମଣୀ ବେଶ,
କୀଚକ କୁଳାଚଳେ କଲା ପ୍ରବେଶ ।
ପୁରି କମଳା ତହିଁ ସ୍ମିତବଦନେ,
କୃଷ୍ଣାକୁ ଅଭ୍ୟର୍ଥିଲା ସ୍ନେହାଲିଙ୍ଗନେ ।
ହେଲେ ସେ ପରସ୍ପରେ ଶୋଭା-ବର୍ଦ୍ଧିନୀ,
ପ୍ରୟାଗେ ଯଥା ଗଙ୍ଗା ଭାନୁନନ୍ଦିନୀ ।
ଦାସୀଏ ଯିବା ଦେଖି ସେ ପଥେ ଚାଲି,
"କୀଚକ କାହିଁ ?" ପଚାରିଲେ ପାଞ୍ଚାଳୀ ।
ଦେଖାଇଦେଲା ଦାସୀ ଏକ ସଦନ,
ଯେ ପୁରେ କୀଚକର ଉପବେଶନ ।
ଦ୍ରୌପଦୀ ଯାଇ ରାଣୀ ଭାଇ ସମ୍ମୁଖେ,
ଚଷକ ଥୋଇଦେଇ ବିନତମୁଖେ ।
ପଛକୁ ବଢ଼ାଇଲେ ଚାରୁଚରଣ,
ଦେଖି ଅଥୟ ହେଲା କୀଚକ ମନ ।
ଆସନୁ ଉଠି ବୋଲେ, "ରହ ସଙ୍ଗିନି !
କୃପାରେ ନେଉ କିନା ଦାସକୁ କିଣି ।
ସେ ସ୍ତୁତି ଚାହିଁ ସତୀ ଅତି ଚଞ୍ଚଳ,
ଚାଲିଲେ ବେଗ ବେଗ ଧରି ଅଞ୍ଚଳ ।
କୀଚକ ଭାବିଥିଲା ଭାବିନୀ ମୁଖ,
ଦେଖି ହରିବ ଆଜ ଆଜନ୍ମ ଦୁଃଖ ।
ବିଦ୍ୟୁତ ପରି ଦୃଶ୍ୟ ହେଲା ବଦନ,
ସେ ଆଶା-ଶିରେ ହେଲା ବଜ୍ରପତନ ।
ମାଗିବା ପାଇଁ ପୁଣି ଆଶା-ଜୀବନ,
କୀଚକ କଲା କୃଷ୍ଣା ପଛେ ଧାବନ ।
ଦ୍ରୌପଦୀ ଦ୍ରୁତପଦେ ଧାଆଁନ୍ତି ଆଗ,
ମୃଗୀ ପଳାଏ ଯେହ୍ନେ ଦେଖିଲେ ବାଘ ।
ପଛକୁ ଉଡ଼େ ବାମା ଅଞ୍ଚଳ-ବୀଚି,
ମୁକ୍ତ କୁନ୍ତଳ ପୃଷ୍ଠେ ହୁଅଇ ବିଛି ।
ହାଲଇ କଟି, ହାଲେ ବାହୁଯୁଗଳ,
ଚକୁରି ନାଚେ ଶୋଭି ମୁଖମଣ୍ଡଳ;
ବନ୍ଧ ଅଧର ଓଷ୍ଠ ରୁଦ୍ଧ ନିଶ୍ୱାସ,
ଉରି ବସନ ନାଚେ ହୋଇ ଉଶ୍ୱାସ;
ପଛରୁ ଦିଶି ପାଦ ରକତ କାନ୍ତି,
ଜନ୍ମାଉଥାଏ ସ୍ଥଳ-କମଳ ଭ୍ରାନ୍ତି ।

ଲଇଁ ଦଉଡ଼େ କାହିଁ ପାଦପ ତଳେ,
ସଲଖେ ଧାଏ ପୁଣି ମୁକତ ସ୍ଥଳେ ।
ପାର୍ଶ୍ୱ ପାଦପ ନବପଲ୍ଲବଗଣ,
କାହିଁ ବା କରୁଥାନ୍ତି ପଦ ଚୁମ୍ବନ ।
କୀଚକ କୃଷ୍ଣା ପଛେ ଥାଏ ଦଉଡ଼ି,
ତା ଗଳେ ଲଗିଥାଏ ମୋହ-ଦଉଡ଼ି ।
ସେ ରଜ୍ଜୁ କୃଷ୍ଣା କରେ ସେ ଯଥା ଧାଏଁ,
କୀଚକ ପଛେ ପଛେ ଆକୃଷ୍ଟ ଥାଏ ।
ଏରୂପେ ହୋଇ ପ୍ରାପ୍ତ ଉଦ୍ୟାନ ପାର,
ଦ୍ରୌପଦୀ ଚକ୍ଷୁ କ୍ରମେ ହେଲା ଅନ୍ଧାର ।
କ୍ରମ ମନ୍ଥର ହୋଇ ଆସିଲା ଗତି,
ଆସିଲା ହ୍ରାସ ହୋଇ ପାଦଶକତି ।
ଦ୍ରୌପଦୀ ଠେଲେ ଉଚ୍ଚ କୀଚକ କର,
ବାଜିଲା ପ୍ରାପ୍ତ ହେଲା ଥରକୁ ଥର ।

ଏକାଳେ ଅଧ ଉର୍ଦ୍ଧ୍ୱେ ନୟନ ତାର
ନ ରହି, ରହିଥାଏ ଅଙ୍ଗେ କୃଷ୍ଣାର ।
ଡ଼କାଣ୍ଡ ତରୁଶାଖା ଏକ ତା ଶିରେ
ବାଜନ୍ତେ ଧୁଞ୍ଚି ବସିଗଲା ମହୀରେ ।
ଶିର ଆଉଁସି ଶାଖା ଗ୍ରହିଁଲା ବସି,
ଉଠି ଭାଙ୍ଗିଲା ତାକୁ ରୋଷେ ଆକର୍ଷି ।
ଦ୍ରୌପଦୀ ଆସି ଏଣେ ନିଜ ଭବନେ,
ବସିଲେ ଅବସାଦପୂର୍ଣ୍ଣ ଜୀବନେ ।
ପ୍ଲାବିତ ହେଲା ତନୁ ସ୍ୱେଦ-ନିର୍ଝରେ,
ଅଞ୍ଚଳେ ପୋଛୁ ବଞ୍ଚିହେଲେ ସ୍ୱକରେ ।
ବୋଇଲେ, "ଧନ୍ୟ ପ୍ରଭୁ ଆରତତ୍ରାଣ,
ବହିଛ ଏକ କରେ କୃପା-କୃପାଣ ।
ସେ ଯୁଗ ଯୁଗପତ ପ୍ରୟୋଗ କରି,
ଦୀନ ଦଳିତ ଦୁଷ୍ଟ ଗରବ ହରି ।"

# ପଞ୍ଚମ ସର୍ଗ

ପୂରଶୃଙ୍ଗେ ଗରଜଇ କୀଚକ-କେଶରୀ,
କୀରପଣେ ବସୁଧାରେ ମୋ ତୁଲେ କେ ସରି!
ମେଦିନୀ କମ୍ପଇ ମୋର ଭୁଜପରତାପେ,
ପରଗଣ ସନ୍ତପତ ସତତ ମୋ ତାପେ ।
ଜଗତରେ ଉଡୁଅଛି ମୋ ଯଶ କେତନ;
ଧନୁର୍ନାଦେ ଚମକାଇ ଯମ ନିକେତନ ।
ମୋହୋ ବଳେ ବଳ ଯିନା ବିରାଟ ରାଜାର,
ଅପମାନ ଦେଲା ମୋତେ ସଇରିନ୍ଧ୍ରୀ ଛାର ।
ରଥୀଗଣ ପୃଷ୍ଠ ଦେଉଛନ୍ତି ମୋତେ ଡରି,
ପୃଷ୍ଠ ଦେଲା ଦାସୀ ଛାର ଅବଜ୍ଞା କରି ।
ନିଶ୍ଚେ ତାକୁ ପଦ୍ମ ରୂପେ ସେବାଇବି ପାଦ,
କେ ରଖିବ ତାକୁ ଆସି ଲଗାଇ ବିବାଦ ।

କାମଯୁଦ୍ଧେ ନ କଲେ ମୁଁ ସୈରିନ୍ଧ୍ରୀକି ରଥ,
ନ ରଖିବି ହୀନ ପ୍ରାଣ ଏ ଦୃଢ଼ ଶପଥ ।
୧ ଗନ୍ଧର୍ବେ ଅଛନ୍ତି ଯେବେ ତାର ପଞ୍ଚ ପତି,
୨ ଗନ୍ଧର୍ବ କରିବି ତାଙ୍କୁ ମୋର ଶରପଂକ୍ତି ।
ଏ ସମ୍ବାଦ ଚହଟିଲା ତା କାନୁ ତା କାନେ,
କିନ୍ତୁ ଗୋପ୍ୟ ବୋଲି କହୁଥାନ୍ତି ଏକ ଆନେ ।
ପୂର୍ବଦିନୁ ଘଟି ଆସିଥିଲା ଯାହା ଯଥା,
ଘରେ ଘରେ ସ୍ଥାନେ ସ୍ଥାନେ ପଡ଼ୁଛି ସେ କଥା ।
କରି ପକାଉଛି କେହି ଅବା ଆଲୋଚନା,
କେବା ତାହା କହିବାକୁ କରୁଅଛି ମନା ।
କେ ବୋଲଇ କୀଚକର ମତି ଭଲ ନୁହେଁ,
କେ ବୋଲଇ ଏହା ବଡ଼ ଲୋକଙ୍କର ହୁଏ ।

୧ । ଗନ୍ଧର୍ବ—ଯକ୍ଷ । ୨ । ଗନ୍ଧର୍ବ—ମୃଗ ।

କୀଚକ ଭବନେ ହେଲା ଯେତେକ ବ୍ୟାପାର,
ଧୋବା ଭୂଠେ ପ୍ରତିବିମ୍ବ ପଡ଼ିଅଛି ତାର ।
କାଷ୍ଠୀକବଗଣ ମୁଣ୍ଡେ କାଷ୍ଠବୋଝ ବହି,
ବନୁ ଆସୁଛନ୍ତି ତାହା ହୋଇ କହାକହି ।
ଯାଜ୍ଞସେନୀ କୀଚକର ଶୁଣି ପାପ-ପଣ,
ମଣିଲେ ବିପତ୍ତି ପୃଷ୍ଠେ ବିପତ୍ତି ପତନ ।
ଭାବିଲେ କି ଅବଲମ୍ବି ଏଥୁଁ ହେବି ପାର,
ସଙ୍କଟ-ଜୁଆର ହେଉଅଛି ଦୁର୍ନିବାର ।
କରି ନ ପାରିବେ ରାଣୀ ଭଇକ ନିବୃତ୍ତି,
ସ୍ୱଭାବେ ତ ଆଚରିବେ ରାଜା ମୌନବ୍ରତ ।
ଧର୍ମସୁତଙ୍କର ଯଦି ହେବ ଜ୍ଞାତସାର,
ହେବ ସିନା ତାଙ୍କ ହୃଦଖେଦ ମାତ୍ର ସାର ।
ଜାଣିବେ ଯଦ୍ୟପି ଏହା ଗାଣ୍ଡୀବଧାରଣ,
ଚିହ୍ନା ପଡ଼ିଯିବୁଁ ଯେବେ ଆଚରିବେ ରଣ ।
କନିଷ୍ଠ ଯୁଗଳେ ହେବ ନାହିଁ ଏହି କାର୍ଯ୍ୟ,
ଦାବାନଳ ନୁହେ କରଶୀକର ନିବାର୍ଯ୍ୟ ।
ଜଣାଇବି ଯାଇ ମହାମଲ୍ଲ ସନ୍ନିଧାନ,
ଅବଶ୍ୟ କରିବେ ଏଥି ସେ ପ୍ରତିବିଧାନ ।
କିନ୍ତୁ ସେ ଲେଡ଼ିବେ ଜ୍ୟେଷ୍ଠଭ୍ରାତାଙ୍କ ଆଦେଶ,
ତାଙ୍କ ଆଜ୍ଞା ବିନା କିଛି ନ କରିବେ ଲେଶ ।
ଆଗ ଜଣାଇବି ଧର୍ମନନ୍ଦନ-ସମ୍ମୁଖରେ,
ଆଜ୍ଞା ଘେନି ଯିବି ବକନିସୂଦନ-ପୁରେ ।
ଧର୍ମସୁତ ବସିଥିବେ ରାଜା-ସନ୍ନିଧାନେ,
ଜଣାଇବି ତାଙ୍କୁ ଏହା ରାଜା ଅବିଦ୍ୟମାନେ ।
ରାଜାଙ୍କ ଗୋଚର, ସ୍ୱାମୀପାଶେ ନିବେଦନ,
ଏକକାଳେ ହେବ ଦୁଇ କାର୍ଯ୍ୟର ସାଧନ ।
ଏହା ଭାବି କୃଷ୍ଣା ଗଲେ ଯେଠାରେ ବିରାଟ,
ଅକ୍ଷେ ରତ ହୋଇଥିଲେ ଘେନି ଧର୍ମରାଟ ।
ନତମୁଖେ ଉଭାହୋଇ ନରେଶ ସମକ୍ଷ,
ବୋଇଲେ ବିକଳସ୍ୱରେ କାନ୍ତେଙ୍କର ଲକ୍ଷ୍ୟ ।

"ହେ ନରେନ୍ଦ୍ର ଚୂଡ଼ାମଣି, ଧର୍ମ ଅବତାର,
ଆଶ୍ରୟ ଲୋଡ଼ୁଛି ଦାସୀ ପ୍ରଭୁ ଚମତ୍କାର ।
କୀଚକ ପୋଷିଛି ତାର ହୃଦେ କୁବିଚାର,
ଆରମ୍ଭିଛି ଧର୍ମପଥ ଲଙ୍ଘି ଅତ୍ୟାଚାର ।
ରାଣୀଙ୍କ ଆଦେଶେ ଆଜ ନେଇ ମଧୁପାତ୍ର,
କୀଚକ ସମୀପେ ଦେଇ ଆସୁଥିଲି ମାତ୍ର;
ଅନୁଚିତ ଅନୁରୋଧ କରି ସେ କହିଲା,
ନ ଶୁଣନ୍ତେ ଧରିବାକୁ ପଛେ ମୋ ଧାଇଁଲା
କରିଛି ପ୍ରତିଜ୍ଞା ଯେଣୁ ନ ପାରିଲା ଧରି,
ଖଟାଇବ ପାଦେ ପରା ମୋତେ ପତ୍ନୀ କରି ।
ଦୁର୍ବଳର ବଳ ରାଜା ରଖ ରାଜଧର୍ମ,
ସୀମାବଦ୍ଧ ହୋଇ ରହୁ କୀଚକର ନର୍ମ ।"
ସୈରନ୍ଧ୍ରୀ ବଚନ ଶୁଣି ବୋଇଲେ ବିରାଟ,
"କୀଚକର ପ୍ରତିଜ୍ଞାଟି ଅଟଇ ବିରାଟ ।
ଭାଗ୍ୟ କଥା ସିନା ହେବା ତାକୋଳ-ନର୍ମଦା,
କି ଲାଭ ସୈରନ୍ଧ୍ରୀ-ଦୁଃଖେ ରହିବା ସର୍ବଦା?"
ଧର୍ମରାଜ କଙ୍କ ତହିଁ ନିଃଶଙ୍କ-ବଚନେ
ବୋଇଲେ, "ଗୋ ବିକଶିତପଙ୍କଜଲୋଚନେ,
ସାଧିବ ଏଥିରେ ଏକା ଭୀମ-ପରାକ୍ରମ
କୀଚକର ଅଭିଳାଷ ସମୁଚିତ କର୍ମ ।
ଏ ରାଜ୍ୟରେ ନାହିଁ ତୋର ଅନ୍ୟ ପ୍ରତିକାର,
'ଦ୍ୱିତୀୟ ସ୍ୱାମୀକି ଭଜ' ଏ ଆମ୍ଭ ବିଚାର ।"
ବିରାଟ ବୋଇଲେ, "କଙ୍କଭାଷଣ ଉଚିତ,
ହୋଇଯାଉ କାଞ୍ଚନରେ ମଣି ବିଖଚିତ ।"
ଦ୍ରୌପଦୀ ଭାବିଲେ ଏବେ ମରିବ କୀଚକ,
ଏକଚକ୍ରାପୁରେ ଯଥା ମଲା ଦୁଷ୍ଟ ବକ ।
କୃତ୍ରିମ ବିଷାଦ ତହିଁ କରି ପ୍ରଦର୍ଶନ,
ବାହୁଡ଼ିଲେ ଯାଜ୍ଞସେନୀ ନିଜ ନିକେତନ ।
କୀଚକର ଦୂତୀ ଏଣେ ପୂର୍ବରୁ ଆଗତ,
ଅନାଇ ରହିଛି ବସି ସୈରନ୍ଧ୍ରୀର ପଥ ।

କରଶୀକର—ହସ୍ତିଶୁଣ୍ଢର ଜଳ । ମହାମଲ୍ଲ—ଭୀମ । ବକନିସୂଦନ—ଭୀମ (ଭୀମ ଏକଚକ୍ରା ନଗରରେ ବକାସୁରକୁ ବଧ କରିଥିଲେ ) । ଅକ୍ଷେ—ପଶାଖେଳରେ । ଧର୍ମରାଟ—ଯୁଧିଷ୍ଠିର । ନର୍ମ—କ୍ରୀଡ଼ା, ପରିହାସ । ନର୍ମଦା—କ୍ରୀଡ଼ାଦାୟିନୀ । ଦ୍ରୌପଦୀର ଦ୍ୱିତୀୟ ସ୍ୱାମୀ—ଭୀମ ।

ସୈରନ୍ଧ୍ରୀଙ୍କ ଗୃହେଁ ହସି ବୋଇଲା, "ସୁମୁଖି,
ତୋ ବିନା କୀଚକ ବୀରମଣି ମହାଦୁଃଖୀ ।
ନିରଙ୍କୁଶ ପ୍ରଭୁପଣ ଏ ରାଜ୍ୟରେ ଯାର,
କରନ୍ତି ଯା' ପୁରେ ରାଜଲକ୍ଷ୍ମୀ ଅଭିସାର ।
ରାଜସୁତାମାନେ ଯାର ପ୍ରୀତି-ଭିଖାରିଣୀ,
କୁଣ୍ଠିତା ତୁ ହେବାକୁ ତା ଚିତ୍ତବିନୋଦିନୀ ।
ଆଜି ମୋତେ ବୀର କରିଛନ୍ତି ଯେ ଆଦେଶ,
ସଂକ୍ଷେପରେ କହୁଅଛି ନିଶ୍ଚିତ ସନ୍ଦେଶ ।
ଯହିଁ ତୋ ଘୁଞ୍ଚିବ ପ୍ରୀତି-କୃପଣତା-ରୋଗ,
ସେଭଳି ଔଷଧି ଆଜି ହେବଟି ପ୍ରୟୋଗ ।
ଶଫରୀ-ଲୋଚନେ, ଜଳଗୃହିଣୀ ଶଫରୀ
ରହି କି ପାରଇଡେଇଁ ଶୈତ୍ୟେହେତୁ କରି?"
ଦ୍ରୌପଦୀ ବୋଇଲେ,"ଆଜି ନାହିଁକହିବାକୁ,
ରକ୍ଷକ ଭକ୍ଷକ ହେଲେ କହିବ କାହାକୁ ?
କିନ୍ତୁ ଆଜି ମାତ୍ର ମୋତେ ଦିଅ ଅବସର,
କାଲି ଆସି ନେଇଯିବୁ ନିଶ୍ଚିତ ଉତ୍ତର ।
ପୁଳିନ୍ଦନଗରେ ବାସ ହୋଇଛି ଯାହାର,
କେତେବେଳେଫଳକେତେବେଳେମାଂସାହାର
'ହେଉ' ବୋଲି ଦାସୀ ଯାଇଦେଇ ଆଶ୍ୱାସନା,
କୀଚକେ ବୋଇଲା କାଲି ପୂରିବ ବାସନା ।
ବାମା ମନ-ତୁରଙ୍ଗମ-ରଶ୍ମି ଆକର୍ଷିତ
ହେବାରୁ ହୋଇଛି ତୁମ୍ଭ ଆଡ଼କୁ ଚଳିତ ।
କୀଚକର ଆଶା-ତରୁ ହେଲା ପଲ୍ଲବିତ,
ପ୍ରାଣଭୂମି ହେଲା ଶୀତ-ସ୍ନିଗ୍ଧ-ଛାୟାନ୍ୱିତ
ବସନ୍ତ-ନିଶୀଥ ବ୍ୟୋମେ ରାଜନ୍ତି ଚନ୍ଦ୍ରମା,
ଖେଳଇ ପ୍ରକୃତି-କୋଳେଜ୍ୟୋତ୍ସ୍ନାମନୋରମା
ଚନ୍ଦ୍ରିକା ମାଧୁରୀ ମୁଗ୍ଧ ଅନନ୍ତ ଗଗନ,
ଆସମୁଦ୍ର କୁଞ୍ଜ ପୁଞ୍ଜ ମଣ୍ଡିତ ଗହନ ।
ସୁଧାକର-କର-ଧୌତ ପାଦପ ପତର,
ମଳୟମରୁତେ ହାଲି କରେ ମରମର ।
ଶୁଭେ କୋକ-ଦମ୍ପତିର କରୁଣ-କ୍ରନ୍ଦନ,
ଶୁଷ୍କକଣ୍ଠ ଚାତକର ନିରାଶ ନିସ୍ୱନ ।
କାହିଁ ରାବ ବୁଲୁଥାଏ ଟେଣ୍ଡୋଇ ଗଗନେ,
ସେ ଜାଣଇ ସୁଖ କିବା ଦୁଃଖ ତାର ମନେ ।
କାହିଁ ବା ସୁଧୀରେ କଳନାଦିନୀ ସରିତ,
ଚଳିଛି ନାୟକ ପାଶେ ଗାଇ ଗାଇ ଗୀତ ।
ସେ ସଙ୍ଗୀତେ ନଦୀକୂଳ ବନ୍ଧୁର ଉଲ୍ଲାସ,
ବେନି କୂଳେ କରୁଥାନ୍ତି ଆନନ୍ଦ ପ୍ରକାଶ ।
ଗୌର-ସଂହନନ ଭୀମ ଶୀତରଶ୍ମି କରେ,
କରିଛି ଶୟନ ପାକମନ୍ଦିର-ଚତ୍ୱରେ ।
ଗୌର ଦେହେ ବିଲେପିତ ଧବଳ ଚନ୍ଦନ,
ତହିଁରେ କୁସୁମପୁଷ୍ପ ରଞ୍ଜିତ ବସନ ।
କନକ ପର୍ବତ କି ସେ ତୁଷାରମଣ୍ଡିତ,
ତା ଉପରେ ବାଳଭାନୁ-କରେ ଆଲିଙ୍ଗିତ ।
ନିଦ୍ରାରେ ନିମଗ୍ନ ବୀର ମସିଣା ଉପରେ,
ମୃଗରାଜ ସୁପ୍ତ କି ସେ କୋମଳ ତୃଣରେ ।
ବିଜନ ସମୟ ଦେଖି ଦ୍ରୁପଦନନ୍ଦିନୀ,
ଭୀମ ପାଶେ ଉଭା ଆସି ହୋଇ ଏକାକିନୀ ।
ଆପାଦ-ମସ୍ତକ ଚାହିଁ ପରିଚୟ ନେଇ,
ପ୍ରଗାଢ଼େ ହଲାଇଦେଲେ ପାଦେ ହସ୍ତ ଦେଇ ।
ଚଢ଼ବଢ଼ ହୋଇ ବୀର ଉଠିଣ ସତ୍ୱର,
'କେ ତୁ' ବୋଲି ପଚାରନ୍ତେ ଦେଲେ ଏ ଉତ୍ତର;
"କାହିଁକି ଚହିଁବ ନାଥ ! ଦାସୀ ଅଭାଗିନୀ,
ସର୍ବସ୍ୱ ସତତ ସେ ତ ବିପଦ-ସଭାଗିନୀ ।
କମଳିନୀ କପାଳରେ ଆଣିଛି ଲେଖାଇ,
ସନ୍ତତ ଦ୍ୱିରଦ-ପାଦେ ମଥି ହେବା ପାଇଁ ।"
ଚାହିଁ ବୀର କର ଧରି ବସାଇ ଅଙ୍କରେ,
ବୋଇଲେ,"କି ହେଲା ସଖି,କହନିଃଶଙ୍କରେ
ହେଲେ ହେବପଛେ ଆଜି ଥରେ ବନବାସ,
କେ ଦେଲା ବିପଦ ? ତାକୁ କରିବ ବିନାଶ ।

ପୁଳିନ୍ଦ—ଶବର । ରଶ୍ମି—ଲଗାମ । ନଦୀକୂଳ ବନ୍ଧୁ—ପକ୍ଷିବିଶେଷ । ସଂହନନ—ଦେହ । କୁସୁମପୁଷ୍ପ—କୁସୁମ ଫୁଲ ।

କେଶରୀ ପ୍ରାଙ୍ଗଣେ ମୃଗଧୂର୍ତ୍ତି ନୃତ୍ୟ ହେଲେ,
କେତେହେଁ ସହିବ ତାହା ମୃଗରାଜ
ହେଲେ ।
କହ ସହି, ସହି ଆଉ ନ ପାରେଁ ବିଳମ୍ବ,
ବଜ୍ରେ ମୁଣ୍ଡ ପାତିବାକୁ କେ କରିଛି ଦମ୍ଭ ?"
ଦ୍ରୌପଦୀ ବୋଇଲେ ନାଥ,
"କୀଚକ ଦୁର୍ଜନ
ମୋରେ ପାପପ୍ରଣୟରେ ବଳାଇଛି ମନ ।
ଆଜ ତାର ଦୂତୀ ଯାହା ଯାଇଅଛି କହି,
କୀଚକର ଉପଦ୍ରବେ ହେବ ନାହିଁ ରହି ।
ସ୍ୱାମିହୀନ ରାଜ୍ୟ, ଧନ, ଯୁବତୀ, ରତନ
ସ୍ୱତଃ କରିଥାନ୍ତି ପରଚିତ୍ତ ଆକର୍ଷଣ ।
ରକ୍ଷକବିହୀନ ମଣି ଏକା ମୋର ପ୍ରତି,
ହୋଇଛି ଲୋଳିତ-ଜିହ୍ୱ କୀଚକ ଦୁର୍ମତି ।
ଜଣାଇଛିଁ ଆଗ ଧର୍ମନନ୍ଦନଙ୍କ ଆଗେ,
ଏହା ଭାର ଦେଇଛନ୍ତି ସେ ତୁମ୍ଭର ଭାଗେ ।
ଦୂତୀକି କହିଛିଁ ଶେଷେ ଏତିକି ମାତର,
କାଲି ଆସି ଘେନିଯିବ ନିଶ୍ଚିତ ଉତ୍ତର ।
କାଲି ଆସି ଦୂତୀ ମୋତେ କରିବ ଆକଟ,
ପ୍ରତିକୂଳ ମତ ହେଲେ ଆଣିବ ସଙ୍କଟ ।"
ଶୁଣି କ୍ରୋଧେ ଥରଥର ବୃକୋଦର ଅଙ୍ଗ,
ସହସା ତା ଗୌରମୁଖ ହୋଇଗଲା ରଙ୍ଗ ।
ନିର୍ନିମେଷ ବିସ୍ଫାରିତ ଲୋହିତ ନୟନେ,
ଭୟଙ୍କର ହେଲା ତୀବ୍ର ତାରକ ଘୂର୍ଣ୍ଣନେ ।
ଶିରେ ପ୍ରତିଶିରେ ତାର ଉପତ ରକତ,
ଘନ ଘନ ବହି କଲା ରକ୍ତିମା ବ୍ୟକତ ।
ବିଚଳିତ ହୋଇ ଥରେ ମନେ କଲା ବୀର,
ସେହିକ୍ଷଣି ମୋଡିଦେବ କୀଚକର ଶିର ।
ସ୍ତବ୍ଧହୋଇ କ୍ଷଣେ ପୁଣି ସ୍ଥିର କଲା ମନେ,
ଦୁଷ୍ଟର ନିଧନ ଏକା ବିହିବ ବିଜନେ ।
ଯେ ପାପପ୍ରଣୟେ ପାପୀ କରିଅଛି ଆଶ,
ସେ ପାପପ୍ରଣୟ ବ୍ୟାଜେ କରିବି ବିନାଶ ।
ମଧୁରେ ବୋଇଲା ଧରି ଦ୍ରୌପଦୀର କର,
"ପ୍ରାଣପ୍ରଣୟିନି, ଆଉ ଭାବନା ନ କର ।
ଦୂତୀକି ବୋଲିବୁ କାଲି ହେବ ଅଭିସାର,
ସଙ୍କେତ ସ୍ଥଳକୁ ଯିବ ରଜନୀରେ ଜାର ।
ପୁର ଉପକଣ୍ଠେ ଅଛି ଯେ ରଙ୍ଗ-ନିଳୟ,
ତାହାକୁ ସଙ୍କେତ ସ୍ଥାନ କରିବ ନିଶ୍ଚୟ ।
ଥିବାକାଳେ ସଙ୍କେତକୁ ତୋହ ବେଶ ଧରି,
ଯାଇ ମୁଁ ଆସିବି ଯାହା କର୍ତ୍ତବ୍ୟ ତା କରି ।"
ଭୀମ ବାକ୍ୟେ ଯାଜ୍ଞସେନୀ ଚିନ୍ତା କରି ଦୂର,
କାନ୍ତେ ପରଶଂସି ଫେରିଗଲେ ନିଜ ପୁର ।
ପୂର୍ବ କଥା ସବୁ କରି ହୃଦେ ଆନ୍ଦୋଳନ,
ଶିଥିଳ ସୁପ୍ତିରେ କଲେ ଯାମିନୀ ଯାପନ ।

---

ମୃଗଧୂର୍ତ୍ତି—ଶୃଗାଳ ।

# ଷଷ୍ଠ ସର୍ଗ

ପାହିଲା ରଜନୀ ନଭେ ଉଦିତ ଭାସ୍କର,
ଦୂତୀ ଆସି ଉପଗତ ନେବାକୁ ଉତ୍ତର ।
ଦୂତୀକି ବୋଇଲେ କୃଷ୍ଣା, "ନାହିଁ ମୋର ସାଧ
ନ ହେବାକୁ ପରଚିତ୍ତ-ସେବନରେ ବାଧ ।
କେହି ନ ଜାଣିବେ କିନ୍ତୁ ଆମ୍ଭର ଏ ସ୍ଥିତି,
ଲୋକହସା କଥାରେ ମୋ ହେଉଅଛି ଭୀତି ।"
ଦୂତିକା ବୋଇଲା, "ଏହା ମୋ, ତୋ,
ତାଙ୍କ ବିନେ,
ଅନ୍ୟ କେ ପାରିବ ଜାଣି ପୀରତି-ପ୍ରମାଣେ !
ଅଭିସାର ମନୋମତ ସଙ୍କେତ ସଦନେ
ହେଉଥିବ ଅକଳଙ୍କ ସୁଧାଂଶୁ-ବଦନେ !
କହ ଆଜ କେଉଁଠାରେ ତୋ ମୁଖ କମଳ,
ଚୁମ୍ବି ଚରିତାର୍ଥ ହେବ ସେ ଲୋଭୀ ଭ୍ରସଳ ?"
ଦ୍ରୌପଦୀ ବୋଇଲେ, "ପୁରପ୍ରାନ୍ତ ନୃତ୍ୟଘର
ରଜନୀଶ-କରେ ହୋଇଥିବ ମନୋହର ।
ସୌରଭ ସତତ ଯହିଁ ଉଦ୍ୟାନ ପବନେ,
ବଳୀ ଭେଟ ହେବ ତହିଁ ନିଶୀଥେ ନିର୍ଜନେ ।"
ବଳୀ ବୋଲି ଯାଜ୍ଞସେନୀ କହିଲେ ଯା ଛଳି,
ଅନ୍ୟତର ବୋଲି ଦୂତୀ ନ ପାରିଲା କଳି ।
ହରଷରେ ହସି ହସି ବାହୁଡ଼ି ସତ୍ୱର,
କୀଚକେ କହିଲା ହିତ ମଣି ସେ ଉତ୍ତର ।
ଶ୍ରବଣେ କୀଚକ ହେଲା ଆନନ୍ଦ-ମଗନ,
ଆଜନ୍ମ ଦରିଦ୍ର ଯେହ୍ନେ ଲଭିଲେ ରତନ ।
ରାଜପୁର ଅନୁରୂପ ନୃତ୍ୟନିକେତନ,
ସଜାଇଲା କରି ତାକୁ ଅଧିକ ଯତନ ।
ଦ୍ରୌପଦୀ ଆଶାରେ ତାର ନିମଜ୍ଜାଇ ମନ,
ଅନାଇଲା ବସି ଏକା ନିଶା ଆଗମନ ।
ଆସିଲେ ଚନ୍ଦ୍ରମା ସଙ୍ଗେ ଚନ୍ଦ୍ର-ବିନୋଦିନୀ,
ମଲ୍ଲିକା ବିକାଶ ବ୍ୟାଜେ ହସିଲା ମେଦିନୀ ।
ପ୍ରଥମ ଯାମରେ ହୋଇ ଚନ୍ଦନଚର୍ଚ୍ଚିତ,
କୁସୁମର ହାର କରି ହୃଦୟେ ଲମ୍ବିତ;
ସୂକ୍ଷ୍ମୀନ ଧବଳ ବାସ କରି ପରିଧାନ,
ଘେନି ଅଙ୍ଗେ ମନୋହର ଅଲଙ୍କାରମାନ;
ନୃତ୍ୟପୁର ଯାଇ କାମୀ କୀଚକ ଅଧୀର,
ନ ପାଇଲା ଦରଶନ ରତନ-ନିଧିର ।
ବିଚାରିଲା ମୋତେ ଅବା ଆଗୁଁ ଠାକ ଠାକ,
ବାହୁଡ଼ିଲା ବିପ୍ରଲବ୍ଧା ହୋଇ ଖଞ୍ଜନାକ୍ଷୀ ।
କିବା ଆସି ଉଦ୍ୟାନରେ କରୁଛି ଭ୍ରମଣ,
ଭାବି କଲା ଉଦ୍ୟାନରେ ବାମା ଅନ୍ୱେଷଣ ।
କାହିଁ ଗୁହିଁ ତରୁ-ଗର୍ଭ-ଭେଦୀ ଚନ୍ଦ୍ରକର,
ଦଉଡ଼ଇ ବାମା-ମଣି ମଣି ଝରତର ।
କାହିଁ ଦୂରୁ କୁସୁମିତ ବଲ୍ଲରୀକ ଗୁହିଁ,
ସତୃଷ୍ଣ ଜୀବନେ ବାମା ବୋଲି ଯାଏ ଧାଇଁ ।
କୌମୁଦୀମାର୍ଜିତ ଆଳବାଳ ଜଳକାନ୍ତି,
ବାରମ୍ବାର ଦିଏ ତାକୁ ବାମା-ପଦ ଭ୍ରାନ୍ତି ।
ଭଗ୍ନନିଦ୍ର ଖଗସ୍ୱନ ପଡ଼େ ଯେବେ କର୍ଣ୍ଣେ,
ରମଣୀର ଶିଞ୍ଜି ମଣି ଦଉଡ଼େ ତତ୍କ୍ଷଣେ ।
ତା ହୃଦକୁ ଆସେ ଯେବେ ନୈରାଶ୍ୟ ଦଉଡ଼ି,
ମାୟାବିନୀ ଆଶା ଦିଏ ତ୍ୱରିତ ଘଉଡ଼ି ।
ଖୋଜି ଖୋଜି ନ ଦେଖି ସେ ପାଇଲା ବିଷାଦ,
ତୃତୀୟ ଯାମରେ ଆସି ରଖି ଦେଲା ପାଦ ।
ପ୍ରଥମ ପ୍ରହରେ ଏଣେ କାର୍ଯ୍ୟ କରି ଶେଷ,
ଦ୍ୱିତୀୟ ପ୍ରହରେ ଭୀମ ଧରି ନାରୀବେଶ ।
ନୃତ୍ୟ-ନିଳୟରେ ଯାଇ ହୋଇ ଉପଗତ,
ସଙ୍କୋଚେ ରହିଛି ଚାହିଁ କୀଚକର ପଥ ।
ତିମିର-ବିଦାରୀ ମଣିମୟ ନିକେତନ,
ଚୌଦିଗେ ଯା ପୁଷ୍ପମୟ ରମ୍ୟ ଉପବନ;
କୁସୁମ-ସୁରଭି-ବାହୀ ଧୀର ସମୀରଣ,
ସୁଶୀତଳ ସୁଧାମୟ ସୁଧାଂଶୁ କିରଣ;
ନାହିଁ ତାର ଦୃଷ୍ଟି ଏଥି ନାହିଁ ତାର ମନ,
ନେତ୍ର ଖୋଜୁଥାଏ ଏକା କୀଚକ-ବଦନ ।
କୀଚକ ଉଦ୍ୟାନ ଭ୍ରମି ସୈରିନ୍ଧ୍ରୀ ନ ପାଇ,
ପୁଣି ଥରେ ଅନ୍ୱେଷିଲା ନୃତ୍ୟପୁର ଯାଇ ।

ମନ୍ଦିର ଭିତରେ ଦେଖି ଧବଳ ମୂରତି,
'ମୋ ପ୍ରାଣବାନ୍ଧବୀ' ବୋଲି ଧଇଲା ତତ୍‌ କ୍ଷତି ।
ଭୀମ ବସିଥିଲା ଯେସନେ କ୍ଷୁଧାର୍ତ୍ତ ଶାର୍ଦ୍ଦୂଳ,
ଧଇଲା ଗରଜି ଜବେ ତାର ଗ୍ରୀବା-ମୂଳ ।
ବାମା ନୁହେ ବାମ ବୋଲି ଗର୍ଜିଲା କୀଚକ,
ପ୍ରଭଞ୍ଜନ ପ୍ରବାହରେ ଯେସନେ କୀଚକ ।*
ଲାଗିଗଲା ମଲ୍ଲଯୁଦ୍ଧ ଘୋରୁଁ ଘୋରତର,
ବୀରଯୁଗ ପଦଭରେ କମ୍ପିଲା ନଗର ।
ସେ କମ୍ପନ ସ୍ୱପନରେ ପୁରବାସିଗଣେ,
କାହାକୁ ବିଳସାଇଲା ନୌକା-ଆରୋହଣେ ।
କାହାକୁ ବା ଦୋଳାଇଲା ବନଲତା ଦୋଳେ
କାହାକୁ ବସାଇ ନେଲା ଅଶ୍ୱଯାନ କୋଳେ ।
ମୁଷ୍ଟିର ଉପରେ ମୁଷ୍ଟି ପଡ଼େ ଦୁର ଦୁର,
ପର୍ବତ ଉପରେ ଯେସନେ ପଡ଼ଇ ଭିଦୁର ।
ଗଡ଼ାଗଡ଼ି ଭିଡ଼ାଭିଡ଼ି କଚଡ଼ା କଚଡ଼ି,
ଘନ ଘଡ଼ଘଡ଼ି ଜିଣି ଦେଉଥାନ୍ତି ରଡ଼ି ।
ତର୍ଜ୍ଜନ ଗର୍ଜ୍ଜନ ତହିଁ ହୁଙ୍କାରାହୁଙ୍କାର,
ଗଜଯୁଦ୍ଧେ ଗଜ, ସିଂହଯୁଦ୍ଧେ ସିଂହ ପରି ।
ପରସ୍ପରେ ବୋଲୁଥାନ୍ତି ବଞ୍ଚିବୁ କି ଆଜି,
ବିଧି ମୋତେ ଦେଇଅଛି ମନୋମତ ଆଜି ।୧
"କେ ବୋଲି" ବୋଇଲେ ଭୀମ ଦିଅଇ ଉତ୍ତର,
"ଶତ୍ରୁ ଚିହ୍ନି କିସ ହେବ ଇଷ୍ଟଦେବ ସ୍ମର ।"
ନ ସହି ଭୀମର ବଜ୍ର-ମୁଷ୍ଟି ମହାଘାତ,
ଶେଷେ ହେଲା କୀଚକର ଶରୀର ନିପାତ ।
କରି ଏକ ଭୟଙ୍କର ଗଭୀର ଗର୍ଜ୍ଜନ,
ଓଲଟାଇ ଚକ୍ଷୁ କଲା ପ୍ରାଣ ବିସର୍ଜ୍ଜନ ।
ନିର୍ଜୀବ ଶରୀର ଗୁହିଁ ଭୀମ ମହାବୀର,
ଗୁଡ଼ି ତାକୁ ବାହୁଡ଼ିଲା ରନ୍ଧନମନ୍ଦିର ।

## ସପ୍ତମ ସର୍ଗ

ଅଇଲା ଉଷା-ଯୋଷିତ
କୁସୁମେ ହୋଇ ଭୂଷିତ
ଭ୍ରମର-ଅଞ୍ଜନାଞ୍ଚିତ ପଦ୍ମନୟନା,
ବିହଙ୍ଗସ୍ୱନ କିଙ୍କିଣି
ନିକ୍ୱଣିଲା କଣିକଣି
ନବଚନ୍ଦ୍ର ନେଲା କିଣି କୁନ୍ଦଦଶନା,
ଅରୁଣ ଚରଣ ସୁନ୍ଦର,
ପ୍ରଭାତୀ ତାରକା ମଥାମଣି ଭାସ୍ୱର ।
ନୃତ୍ୟମନ୍ଦିର ପ୍ରହରୀ
ଧାଇଁଆସି ଥରି ଥରି
କାନ୍ଦି କହେ କରଯୋଡ଼ି ନୃପ ଆଗରେ,
"ହେ ମହିମା ମହାରାଜ !
ବିଚିତ୍ର ଘଟଣା ଆଜ
ଦେଖି ଆସିଅଛି ଦାସ ନର୍ତ୍ତନ-ଘରେ,
ନ ଦେଖି ନ ଯିବେ ପରତେ,
କି ବୋଲି ବା ଜଣାଇବ ରାଜ-ଅଗ୍ରତେ ।"
ନୃପତି ହୋଇ ଚକିତ
ବୋଇଲେ, "କି ଆଚମ୍ବିତ
କହ କହ ପ୍ରହରି ରେ ନ କର ଭୟ,
ଶୁଣିଲା ବେଳୁଁ ତୋ କଥା
ହୃଦେ ଜନମୁଛି ବ୍ୟଥା,
ସଂଶୟରେ ହେଉଅଛି ମନ ଅଥୟ,
ଅମଙ୍ଗଳ ତ ଘଟି ନାହିଁ ?
କହ ଆଗ ଶୁଣି ପଛେ ଦେଖିବି ଯାଇ ।"
ପ୍ରହରୀ ବୋଲେ, "ସମ୍ରାଟ,
ଫିଟିଛି କଳା-କପାଟ
ଧୂଳି ଉଡ଼ିଅଛି ନାଟମନ୍ଦିରଯାକ,
ପଡ଼ିଛି ପ୍ରକାଣ୍ଡ ତନୁ
ଜୀବହୀନ ଭଗ୍ନ-ହନୁ
ରକତରେ ଜରଜର ହୋଇଛି ନାକ,
ପାଟକୁ ଚଲି ଡରି ଡରି,
ଦେଖିଲି ବିଶୁଦ୍ଧ ଶବ କୀଚକ ପରି ।

ବାମ—ଶତ୍ରୁ । *କୀଚକ—ବାୟୁସଂଯୋଗରେ ଶବ୍ଦକାରକ ବାଉଁଶ । (୧) ଆଜି—ଯୁଦ୍ଧ । ହନୁ-ଗାଲ

ଶୁଣି ରାଜା ବିଚଳିତ
ଧାଇଁଲେ ହୋଇ ତ୍ୱରିତ
ଧାଇଁଲେ ରାଜାଙ୍କ ସଙ୍ଗେ ସେବକଗଣ,
ରାଜାଙ୍କ ବ୍ୟସ୍ତ ଗମନ
ପଥେ ଦେଖି ପୌରଜନ
ଦଳ ଦଳ ହୋଇ କଲେ ଅନୁଗମନ,
ନୃତ୍ୟପୁରେ କରି ପ୍ରବେଶ,
ନିର୍ଜୀବ ଶରୀରେ ଦୃଷ୍ଟି ଦେଲେ ନରେଶ ।
ବିରୂପ ବିକଟ ବଦନ
ଉତ୍ସୃଷ୍ଟ ଶୁଭ୍ର ଲୋଚନ
ଲମ୍ବିଛି ରସନା ହୋଇ ରଦନେ ଚାପି,
ବହୁଅଛି ରକ୍ତଧାର
ଭେଦି ନାସା ମୁଖଦ୍ୱାର
ପଡ଼ୁଛି ଭୂମିରେ ଗ୍ରୀବା କପୋଳ ବ୍ୟାପି,
ହୋଇ ସ୍ୱେ ରକ୍ତଭକ୍ଷିକା,
ଭଣ ଭଣ କରି ବେଢ଼ିଛନ୍ତି ମକ୍ଷିକା ।
ଧୂସରିତ ବ୍ୟସ୍ତ କେଶ
କେତେ ଲୋଟେ ଭୂମିଦେଶ,
କେତେ ଆସି ପଡ଼ିଅଛି ମ୍ଳାନ ବଦନେ,
କରୁଣରସେ କି ବହି
ବୀଭତ୍ସ ତରଙ୍ଗ ବହି-
ଅଛି, ମଜ୍ଜାଇବା ପାଇଁ ବନ୍ଧୁ ସ୍ୱଜନେ,
ବିଲୋକି ଚହିଲେ ନରେଶ,
କିନ୍ତୁ ନ ପଶଇ ଚିତ୍ତେ ବିଶ୍ୱାସ ଲେଶ ।
ଜଗତେ ଅଛି ପ୍ରବାଦ
ଶ୍ରୁତି ନୟନ ବିବାଦ
ଦେଖାଗଲା ବାଧା ଏବେ ନୟନେ ମନ,
ମନ ନୟନର କଳି,
ଏଣେ ଶୌର୍ଯ୍ୟ ଧୈର୍ଯ୍ୟବଳି
ରାଜାଙ୍କ ହୃଦୟୁ ତେଜି କଲେ ଗମନ,
ରାଜା ଲେଉଟିଲେ ଉଦ୍‌ବେଗେ,
ସମ୍ବାଦ ଲଗିଲା ପୁରେ ବିଦ୍ୟୁତ ବେଗେ ।
କୀଚକର ଭ୍ରାତୃଗଣ
ଥିଲେ ଅନେଶ୍ୱତ ଜଣ

ବ୍ୟାକୁଳରେ ଭ୍ରାତୃଶବ ବିଲୋକି ଯାଇ,
ମଣିଲେ କି ଅକସ୍ମାତ
ଶିରେ ହେଲା ବଜ୍ରପାତ,
ବୁଝିଲେ ଅଗ୍ରଜ-ନାଶ ସୈରିନ୍ଧ୍ରୀ ପାଇଁ,
ସ୍ଥିର କଲେ ମନେ ବହନ,
ଶବ ସଙ୍ଗେ ସୈରିନ୍ଧ୍ରୀର ହେବ ଦହନ ।
କେତେ ଜଣ ନେଲେ ଶବ,
କେତେ ଜଣ ଯାଇ ଜବ
ଚନ୍ଦନ ଇନ୍ଧନେ କଲେ ଚିତା ନିର୍ମାଣ,
ଶୋକେ କ୍ରୋଧେ କମ୍ପମାନ
ଅବଶିଷ୍ଟ ଭାଇମାନ
ସୈରିନ୍ଧ୍ରୀ ସମୀପେ ଗଲେ ବହି ଗୁମାନ,
ଆକର୍ଷି ବସିଲେ କୁନ୍ତଳ,
ତହୁଁ ଯାଜ୍ଞସେନୀ ହେଲେ ପ୍ରାଣେ ବିକଳ ।
ଏ ସମୟେ ବୃକୋଦର
କ୍ରୋଧେ ହୋଇ ଥରଥର
ସର୍ବାଙ୍ଗରେ ହାଣ୍ଡିକଳା ବୋଳି ସୁଧନେ,
ଧରି ଭୟଙ୍କର ବେଶ
ସେ ଦଳେ କଲା ପ୍ରବେଶ
ମତ୍ତ ଗଜରାଜ ଯଥା ନଳିନ-ବନେ,
କାହାକୁ କରି ପଦାଘାତ,
କଲା ମୁଷ୍ଟି ପ୍ରହାରେ କା ଶରୀରପାତ ।
ବୁଲାଇ ଧରି କା ବାଳ
ଫିଙ୍ଗି ଦୂରଇଲା କାଳ,
ଜୀବନ ନେଲା ତଣ୍ଟି ଚିପି କାହାର,
କାହାର ଟେକି ଚରଣ
କରିଡ଼ି ଦେଲା ମରଣ,
କାହା ଶିର ଚୂର୍ଣ୍ଣ କଲା କରି ପ୍ରହାର,
କେତେ ଭୟେ ଧରି ଜୀବନ
ପଳାଇଲେ ତେଜି ଯାଜ୍ଞସେନୀ-ଭବନ ।
ଯେ ତହୁଁ ଗଲେ ପଳାଇ
ତାହାଙ୍କ ପଛେ ଗୋଡ଼ାଇ
ଗଲା ଭୀମସେନ ଭୟଙ୍କର ମୂରତି,
ଚାଲିଥାଏ ଖରତର
କେଶ ଉଡ଼େ ଫରହର

ଦଶାଇ କରାଳ ଶୁଭ୍ର ଦଶନ-ପଂକ୍ତି,
ଦେଖି ଭାବିଲେ ପୁରଜନେ,
ଯମ କି ଆସିଲା କ୍ରୋଧ ପୂରାଇ ମନେ ?
ନର ନାରୀଗଣ ଡରେ
ଲୁଚିଲେ ଯେ ଯାହା ଘରେ
ସନ୍ତତିଗଣର ତତ୍ତ୍ୱ ନେଇ ବିକଳେ,
ପୁତ୍ରକୁ ନ ଚାହିଁ ପାଶେ
ଖୋଜଇ କେ ଦୀର୍ଘଶ୍ୱାସେ,
ପୁତ୍ର ଘେନି ପୁରକୁ କେ ଧାଇଁ ଚଳିଲେ,
ଭୟସ୍ତବ୍ଧ ସର୍ବେ ନଗରେ,
ବାଜ ଭୟେ ଯଥା ଖଗଗଣ ବନରେ ।
ଏଣେ ଶବବାହିଗଣ
ଜାଳି ଚିତା-ହୁତାଶନ
ଠାକିଛନ୍ତି ସୈରିନ୍ଧ୍ରୀକି ଆଣିବା ଜନେ,
ସୈରିନ୍ଧ୍ରୀ ଆଣନ୍ତେ କାହିଁ
ଅଛନ୍ତି ନିକେ ପଳାଇ
ପଛେ ଗୋଡ଼ାଇଛି ଘୋର କାଳଯୂଥ ଜଣେ,
କ୍ଷୁଧାରେ ହୋଇ କି ଆକୁଳ
ମୃଗଯୂଥ ପଛେ ଧାଏଁ କୃଷ୍ଣ ଶାର୍ଦ୍ଦୂଳ ।
ପଳାନ୍ତିତେ ଊର୍ଦ୍ଧ୍ୱଶ୍ୱାସେ
ପହଞ୍ଚି ଚିତାର ପାଶେ
ଭାଇଙ୍କି ବୋଇଲେ, "ନାହିଁ ଜୀବନେ ଆଶ,
ଏ କାଳଯୂଥ କାହୁଁ ଆସି
ଅନେକ ଭାଇ ବିନାଶି
ଧାଇଁଛି ଆମ୍ଭଙ୍କୁ ନେବ ଶମନବାସ"
ଶୁଣି ଭାଇଗଣ ସଗର୍ବେ
ବୋଇଲେ, "ଏହାକୁ ଆସ ମାରିବା ସର୍ବେ ।"
କେ ବୋଇଲା, "ମାର ମାର,
ବ୍ୟସ୍ତ କେଶ ଧରି ତାର,"
କେ ବୋଲେ, "ଫୋପାଡ଼ ଦେଉଁ ଧରି ଚରଣ
ପ୍ରଚଣ୍ଡ ଶିଖା ଚିତାର
ବ୍ୟାଦାନେ ବିଗ୍ରହ ତାର
ପଡ଼ି ପୋଡ଼ିଯାଉ, କରୁ ମୃତ୍ୟୁ ବରଣ"

ଦେଖୁଁ ଦେଖୁଁ କୃଷ୍ଣ ପୁରୁଷ,
ଆସି ଆରମ୍ଭିଲା ବ୍ୟବହାର ପରୁଷ ।
ବଳେ ଜଣ ଜଣ କରି
କା କେଶ କା କର ଧରି
ନିକ୍ଷେପିଲା ପ୍ରଜ୍ୱଳିତ ଚିତା କବଳେ,
ଛଟପଟେ ସଜୀବନେ
ପଡ଼ି ପ୍ରଚଣ୍ଡ ଦହନେ
କୀଚକ ଅନୁଜଗଣ ମଲେ ବିକଳେ,
କୀଚକ ତନୁ ହିଁ ପଡ଼ିଲା,
ପ୍ରଚୁର ଆହାରେ ବହ୍ନିଶିଖା ବଢ଼ିଲା ।
ଚିଇଁ ଚିଇଁ ସିଇଁ ସିଇଁ,
ଶବଦେ ରୁଧିର ପିଇ
ଲୋହିତ ଶିଖାରେ ଧରି ରୂପ ଭୈରବ,
କଟ କଟ ଫଟ ଫଟ ଶବଦ କରି ପ୍ରକଟ
ଗ୍ରାସିବାଇ ଗ୍ରାସିବାଇ ବହ୍ନି ଖାଇଲା ଶବ,
ମହୀବ୍ୟାପୀ ମହିମା ଯାର,
କ୍ଷଣକ ଭିତରେ ଆହା ହେଲା ସେ ଖାର ।
ସ୍ନାନ ସାରି ବୃକୋଦର
ପ୍ରକ୍ଷାଳି ମାଳ ନିକର
ଲାଗିଲା କାର୍ଯ୍ୟରେ ଆସି ରନ୍ଧନଘରେ,
ଭାସିଲା କୀଚକ ଘର
ରାଜନବର ନଗର
ଭୟ-ଭୀତ-ବିକମ୍ପିତ ଶୋକସାଗରେ,
କୀଚକ ପୁରବଧୂଗଣ-
ନୟନ-କନ୍ଦରୁ ହେଲା ଅଶ୍ରୁ ଝରଣ ।
ମୁକ୍ତକେଶ ବ୍ୟସ୍ତ ବାସେ
ଊର୍ଦ୍ଧ୍ୱ ଦୀର୍ଘ ଉଷ୍ଣ ଶ୍ୱାସେ
ଶିରେ ଉରେ କର ମାରି ଦୀନ ନୟନେ
ପଙ୍କିଳ କଲେ ଚତ୍ୱର
ପଡ଼ି ଗଡ଼ି ଥରଥର
ଲୋତକ-ପଙ୍କିଳ-ଗଣ୍ଡ-ଉରଜାଗଣେ,
ଗଭୀର କ୍ରନ୍ଦନ ନିସ୍ୱନ
ପୁର ପ୍ରତିଧ୍ୱନି ଘେନି ହେଲା ସୁଘନ ।

ହ୍ରଦ ଶୋକ ହୃଦେ ଧର
ଯଥାବଧି କ୍ରିୟା କର
ରହିଲେ ବଧବାଗଣ କର୍ମ ଆଦର,'
ଗନ୍ଧର୍ବ କୋପକୁ ଡର

ସୈରନ୍ଧ୍ରୀର ମନ ଧର
ରହିଲେ ସୁଦେଷ୍ଣା ଉଚ୍ଚ ବାଚ ନ କର,
ନରେଶ, ନବର, ନାଗର୍ଯ୍ୟ,
ସମସ୍ତେ ରହିଲେ ମନେ ସନ୍ତ୍ରାସ ଭର ।

# ଈଷ୍ଟଗତା

# ଉତ୍ସର୍ଗ

ବିଦ୍ୱତ୍‌କୁମୁଦବନତୋଷିଣୀ-ଚନ୍ଦ୍ରଭାପ୍ରଦାୟକ ଉତ୍କଳାକାଶ-ସୌନ୍ଦର୍ଯ୍ୟସମ୍ପାଦକ

ଚବଂଶବଂଶାନାୟକ ଶ୍ରୀଳ ଶ୍ରୀଯୁକ୍ତ ଶ୍ରୀରାମଚନ୍ଦ୍ର ଭଞ୍ଜ ଦେବ

ମହାରାଜ ବାହାଦୁର ମୟୂରଭଞ୍ଜାଧୀଶ୍ୱର

ମ ହା ମ ହି ମେ ଷୁ !

ସବିନୟ ନିବେଦନମିଦମ୍

ମହାରାଜ,

ବରପାଲି ଯୁବରାଜଙ୍କ ବିବାହ ସମୟରେ ବାରିପଦା ରାଜଧାନୀର ଉପକଣ୍ଠବର୍ତ୍ତୀ ମଧୁବନୋଦ୍ୟାନରେ ଶ୍ରୀଶ୍ରୀମୁଖଙ୍କର ମୁଖାରବିନ୍ଦ ଦର୍ଶନ କଲି ମାତ୍ରେ ମୋହର ହୃଦୟରେ ଏକ ଅନିର୍ବଚନୀୟ ଭାବ ଉଦିତ ହେଲା । ପରେ ରାଜନୀତିପରାୟଣତା, ପ୍ରଜାରଞ୍ଜକତା ପ୍ରଭୃତି ରାଜୋଚିତ ସମସ୍ତ ଲକ୍ଷଣ ଓ ଉଦାରହୃଦୟତା, ନିରହଂକାରିତା, ସୁଶୀଳତାଦି ଦେବୋପମ ବହୁବିଧ ସଦ୍‌ଗୁଣରେ ଭୂରି ଭୂରି ପ୍ରତ୍ୟକ୍ଷ ପ୍ରମାଣ ସନ୍ଦର୍ଶନ କରିବାରୁ ଅନୁପମ ଭକ୍ତିର ସଞ୍ଚାର ହେଲା । ଶ୍ରୀଶ୍ରୀମୁଖଙ୍କର ଚରଣାର୍ଚ୍ଚନ କରି ସେହି ଭକ୍ତି ଚରିତାର୍ଥ କରିବାକୁ ଉତ୍ସୁକ ଥାଇ ଆଜସୁଦ୍ଧା କୌଣସି ସୁଯୋଗ ପାଇପାରି ନ ଥିଲି । ସମ୍ପ୍ରତି ନିଃସ୍ୱ ଭକ୍ତର ସାମାନ୍ୟ ଦ୍ରବ୍ୟ କୃପାମୟ ପ୍ରଭୁର ଅବଜ୍ଞେୟ ହୁଏ ନାହିଁ ଭାବି ମୋହର ନବୋଦ୍ୟମ-ପ୍ରସୂତ ଏହି କ୍ଷୁଦ୍ର କାବ୍ୟଖଣ୍ଡ ଶ୍ରୀ ମହାରାଜଙ୍କ କରକମଳରେ ଅର୍ପଣ କଲି ।

। ଇତି ।

ତା ୨୨ । ୮ । ୯୪
ବରପାଲି,
। ଜି । ସମ୍ବଲପୁର

କୃପାକାଙ୍କ୍ଷୀ

**ଶ୍ରୀ ଗଙ୍ଗାଧର ମେହେର**

କବିଗୁରୁ
ରାୟ ରାଧାନାଥ ରାୟ ବାହାଦୁରଙ୍କ

# ମନ୍ତବ୍ୟ

(୧)

'ଇନ୍ଦୁମତୀ' କାବ୍ୟ ମୁଁ ଆଦ୍ୟୋପାନ୍ତ ପାଠକରି ଆଶାତୀତ ପ୍ରୀତି ଲାଭ କରିଅଛି । ଏ କାବ୍ୟର କବି ସାମାନ୍ୟ ଶକ୍ତିଶାଳୀ ଲେଖକ ନୁହନ୍ତି । ମୂଳଚରିତ ରଘୁବଂଶରୁ ସଂଗୃହୀତ ହୋଇଥିଲେହେଁ ଏହାର ଭାବ ଏବଂ ଭାଷା ଦୃଷ୍ଟିରେ ମୁଁ ଏହାକୁ ଅଭିନବ ଏବଂ ଉତ୍କୃଷ୍ଟ କାବ୍ୟରୂପେ ଗ୍ରହଣ କରିବାକୁ ଲବମାତ୍ର କୁଣ୍ଠିତ ହେବି ନାହିଁ । ଗ୍ରନ୍ଥକାର ଏଥିରେ ଅନେକ ନୂତନ ଏବଂ ସୁନ୍ଦର ଭାବ ସନ୍ନିବେଶିତ କରିଅଛନ୍ତି । ଏହାର ଭାଷା ସରଳ, ଅକ୍ଲିଷ୍ଟ ଏବଂ ଶ୍ରୁତିମଧୁର ହୋଇଅଛି । ମୋହ ମତରେ 'ଇନ୍ଦୁମତୀ' ସ୍ୱଭାବସୁନ୍ଦରୀ ଉତ୍କଳଭାରତୀଙ୍କର ଅନୁପଯୁକ୍ତ ଭୂଷଣ ନୁହେ ।

କଟକ
ତା ୨୨ । ୨ । ୯୪ } ଶ୍ରୀ ରାଧାନାଥ ରାୟ

# ମନ୍ତବ୍ୟ

(୨)

'ଇନ୍ଦୁମତୀ'ର ପାଣ୍ଡୁଲେଖ୍ୟ ଅବସ୍ଥାରେ ମୁଁ ତାହା ଆଦ୍ୟୋପାନ୍ତ ପାଠକରି ଗ୍ରନ୍ଥକାର ମହାଶୟଙ୍କୁ ମୋହର ମତ ଜଣାଇଥିଲି । ଗ୍ରନ୍ଥକାର ସେହି ମତ ପୁସ୍ତକ ମୁଖବନ୍ଧରେ ସଂଯୋଜିତ କରିଅଛନ୍ତି ।

ପୁସ୍ତକର ଉତ୍କର୍ଷ ସମ୍ବନ୍ଧରେ ମୋହର ଅଧିକ କହିବାର ଅନାବଶ୍ୟକ । ମୁଁ ଆଶା କରେ, ଉତ୍କଳର ସାହିତ୍ୟରସିକମାନେ କାବ୍ୟ ଖଣ୍ଡିକ ସମଗ୍ର ପାଠକରି ନିଜ ନିଜ ମତ ସ୍ଥିର କରିବେ । ଉତ୍କଳୀୟ ପାଠକଙ୍କର ତ କଥା ନାହିଁ, ଯେଉଁମାନେ ସଂସ୍କୃତ ରଘୁବଂଶରେ ଇନ୍ଦୁମତୀଚରିତ ପାଠ କରିଅଛନ୍ତି, ସେମାନେ ସୁଦ୍ଧା ଏହି କାବ୍ୟ ପାଠକରି ପଠନଶ୍ରମକୁ ପଣ୍ଡଶ୍ରମ ମଣିବେ ନାହିଁ ।

ଗ୍ରନ୍ଥକାର ଉଚ୍ଚଶିକ୍ଷାର ସୁବିଧା ପାଇ ନ ଥିଲେ, ମାତ୍ର ତାହାଙ୍କର ନୈସର୍ଗିକ ପ୍ରତିଭା ସେହି ଅଭାବ ପୂରଣ କରି ଦେଇଅଛି । ସେହି ପ୍ରତିଭା ବଳରେ ସେ ପ୍ରକୃତିର ସୌନ୍ଦର୍ଯ୍ୟ ପରୋକ୍ଷଭାବରେ ପୁସ୍ତକରେ ନ ଦେଖି ସେଥିର ଚକ୍ଷୁଷ ପ୍ରତ୍ୟକ୍ଷ କରିଅଛନ୍ତି ଏବଂ ଯାହା ଦେଖିଅଛନ୍ତି, ତାହା ଯଥାଯଥ ବର୍ଣ୍ଣନା କରିଅଛନ୍ତି । ଏଥିରେ ଥିବା ଉଦ୍ୟାନବର୍ଣ୍ଣନା ମୋର ଏହି କଥାର ଏକତର ପ୍ରମାଣରୂପେ ଗୃହୀତ ହୋଇପାରେ ।

'ଇନ୍ଦୁମତୀ'ର ଆଉ ଗୋଟିଏ ପ୍ରଧାନ ଗୁଣ ଏହି ଯେ, ଏଥିରେ ଏପରି କୌଣସି ଭାବ ବା ଶବ୍ଦ ନାହିଁ, ଯାହା ଆଧୁନିକ ରୁଚି ଅନୁସାରେ ବର୍ଜନୀୟ ବୋଲି ବିବେଚିତ ହେବ । ମୋହ ମତରେ ଏହା ଉତ୍କଳବିଦ୍ୟାଳୟମାନଙ୍କରେ ପାଠ୍ୟପୁସ୍ତକରୂପେ ପ୍ରବର୍ତ୍ତିତ ହେବାର ସମ୍ପୂର୍ଣ୍ଣ ଉପଯୁକ୍ତ ଅଟେ ।

ପୁସ୍ତକର ସ୍ଥାନେ ସ୍ଥାନେ ଯେଉଁ ଦୋଷ ଅଛି, ଗୁଣ ସହିତ ତୁଳିତ ହେଲେ ତାହା ନିତାନ୍ତ ସାମାନ୍ୟ ଅଟେ । ଇତି ।

ତା ୭ । ୧୨ । ୯୪ ଶ୍ରୀ ରାଧାନାଥ ରାୟ

## 'ଇନ୍ଦୁମତୀ' କାବ୍ୟପ୍ରଣେତା
## ଶ୍ରୀ ଗଙ୍ଗାଧର ମେହେରଙ୍କ ପ୍ରତି *

"But knowledge to their eyes her ample page
"Rich with the spoils of time did ne'er unroll
"Chill penury repress'd their noble rage
"And froze the genial current of the Soul."

ଆହେ ଭ୍ରାତଃ, ତୁମ୍ଭଙ୍କୁ ମୁଁ କେବେ ଦେଖି ନାହିଁ,
ତବ କଥା ମନେ ମୋର ପଡ଼ଇ କିପାଇଁ ?
ଚିହ୍ନ କି ନ ଚିହ୍ନ ମୋତେ ତୁମ୍ଭେ, ଜାଣେ ନାହିଁ,
ତୁମ୍ଭଙ୍କୁ ମଣଇ କିନ୍ତୁ ମୁହିଁ ନିଜ ଭାଇ ।
ଲୋଡ଼େ ନାହିଁ ଦେଖିବାକୁ ମୁଁ ତୁମ୍ଭ ମୂରତି,
ଦେଖି କାଳେ ତୁଟିଯିବ ମାୟା ତବ ପ୍ରତି ।
ପଢ଼ିଅଛି 'ଇନ୍ଦୁମତୀ' କାବ୍ୟ କେତେ ଥର,
ସେହିଠାରେ ପରିଚୟ ତୁମ୍ଭର ମୋହର ।
ଲାବଣ୍ୟ-କାସାର-ହଂସ, ପୁରୁଷ ଅଦ୍ଭୁତ,
କାଳିଦାସ ଭାରତୀୟ ବାଣୀ-ବରସୁତ,
ଯୋଗ୍ୟ ଅନ୍ତେବାସୀ ତୁମ୍ଭେ ଅଟ ତାହାଙ୍କର,
ବଳିହାରି, ଗୁରୁ ପ୍ରତି ସମ୍ଭାର ଅର୍ଘ୍ୟର ।
ପବିତ୍ର ପ୍ରଣୟ ଏ ମୋ ଭାରତୀ-ନନ୍ଦନ,
ମହାର୍ଘ ଭାବଣ ପ୍ରିୟ କର ହେ ଗ୍ରହଣ ।
ସଂସାର ଆବିଳ ସୁତ ହାଟେ ଘାଟେ ମିଳେ,
ଏ ମୋହର ସ୍ନେହେ ନାହିଁ ସ୍ୱାର୍ଥଭାବ ତିଳେ ।
ଖଣ୍ଡେ କାବ୍ୟ ଲେଖିଦେଇ ରହିଲ ନିଶ୍ଚିନ୍ତ,
ଐଶୀ ଶକ୍ତି ନାଶି କର୍ମେ ହେଲା କି ଉଚିତ ?
ଶୁଣିଅଛି ଦରିଦ୍ରତା କଠୋର ନିର୍ଘାତ
ସହି କଷ୍ଟେ କବି, ତୁମ୍ଭେ କର ଦିନପାତ ।
ସୁଦୂରେ ତୁମ୍ଭର ପରି ମୁହିଁ ଆଉ ଜଣେ,
ଦାରୁଣ ଦୁଃଖ-ପ୍ରହାରେ ବଞ୍ଚେ କ୍ଷୁଣ୍ଣ ମନେ ।
ଅଛି କବି, ବାଣୀ "ଦୁଃଖୀ ପାଇ ଦୁଃଖୀ ଜନ
ଯେଉଁ ସୁଖ ପାଏ, ନ ପାଏ ତା ସୁଖୀ ଜନ ।"

---

* ଲେଖକ—ଉତ୍କଳର ସୁପ୍ରସିଦ୍ଧ କବି ଶ୍ରୀଯୁକ୍ତ ନନ୍ଦକିଶୋର ବଳ, ବି. ଏ., ବି. ଟି

ତେଣୁ ମୋର ତୁମ୍ଭ ପ୍ରତି ଏ ସହାନୁଭୂତି,
ନାଚଇ ମୋ ନେତ୍ରେ 'ଇନ୍ଦୁମତୀ' କବିମୂର୍ତ୍ତି ।
ଜନ୍ମିଥାନ୍ତ ଯେବେ ସଭ୍ୟ ଉନ୍ନତ ଦେଶରେ,
ବାଜୁଥାନ୍ତା ନାମ ତବ ଦିଗଦିଗନ୍ତରେ ।
ଆବାଳବୃଦ୍ଧବନିତା ଦୁଃଖି' ପ୍ରିୟ କବି;
ହୃଦ ମଧ୍ୟେ ରଖିଥାନ୍ତେ ତବ ଧ୍ୟାନ ଛବି ।
ପୂର୍ବ ସୁକୃତିବିହୀନେ ପଡ଼ି ଏ ଉଷର,
ସୁପ୍ରତିଭା-ମଣି ଆଭା ବିନଷ୍ଟ ତୁମ୍ଭର ।
କବିତା-ଲତାରେ ଏକମାତ୍ର ଫୁଲ ଫୁଟି
ଅନାଦରେ ସେ ଲତିକା ଗଲା ତୁଟିଉକୁଟି !
ଶୁଣିଅଛି, ଅଟ ତୁମ୍ଭେ ସୁଶୀଳ ବିନୀତ,
ତେଣୁ ତୁମ୍ଭ ନାମେ ଆଜି ଭଣିଲି ଏ ଗୀତ ।
କଠୋର ଶୃଙ୍ଖଳ ଫିଙ୍ଗି ଦିଅ ବିଷାଦର,
ପଦାଘାତ କର ଅତ୍ୟାଗ୍ରରେ ସମାଜର ।
ଦରିଦ୍ରତା ନୁହେ କବି ପ୍ରତିଭା-ନାଶକ,
ବିଘ୍ନ ବିନା ଭେଲା ଖାଣ୍ଟି ସୁନା ପରୀକ୍ଷକ ।
ପବିତ୍ର ସୁନ୍ଦର କାବ୍ୟ ଲେଖି ପ୍ରିୟ କବି,
ସମୁଜ୍ଜ୍ୱଳ କର ମାତୃଭୂମି ମୁଖଛବି ।
କର୍ମନାଶା ମାରେ ହେଉ ଜାତି ବିସର୍ଜନ,
ବୈଶ୍ୟଠୁଁ ଶିଖନ୍ତୁ ଆଜି କ୍ଷତ୍ରିୟ ବ୍ରାହ୍ମଣ ।
ଭିକ୍ଷୁକ ସଙ୍ଗତେ ନୃପ ମୁକୁଟ-ମଣ୍ଡିତ,
କାଳବଳେ ହେବେ ସର୍ବେ ଭବୁଁ ଅନ୍ତର୍ହିତ ।
କିନ୍ତୁ ତୁମ୍ଭେ ଧ୍ୟାନ କବି ରହିବ ଜୀବିତ,
ଯେତେ ଦିନ ଭବେ ଥିବ ଓଡ଼ିଆ ସାହିତ୍ୟ ।
ଯେତେ ଛପାଇଲେ ନ ଲୁଚଇ ଅଗ୍ନି ସତ୍ୟ,
ଲୁଚିଲେ କି ଚର୍ମ୍ମ,କବି ବଳଦେବ ରଥ ?

# ଇନ୍ଦୁମତୀ

## ପୂର୍ବଭାଗ

( ରାଗ—ବଙ୍ଗଳାଶ୍ରୀ )

ବିଦର୍ଭ ନଗରେ ପୁରବାସିଗଣ
ଆଜ ଅତି ଉଲ୍ଲାସିତ,
ଆନନ୍ଦ-ସାଗର— ତରଙ୍ଗେ ନଗର
ହୋଇଛି ଉଦବେଳିତ ।
ବିଦର୍ଭାଧିପତି ଅନୁଜା ନିମନ୍ତେ
କରିଛନ୍ତି ସ୍ୱୟମ୍ବର,
ସମାଗତ ହୋଇ— ଅଛନ୍ତି ଅନେକ
ଦେଶର ନୃପକୁମର ।
ଚୌଦିଗେ ଶୋଭଇ ଖଡ଼ିଶୈଳ ପ୍ରାୟେ
ତୁଙ୍ଗ ଶୁଭ୍ର ବସ୍ତ୍ରାବାସ,
ମାତଙ୍ଗ ବୃଂହିତ ଅଶ୍ୱ ହ୍ରେଷାରବେ
ପୂର୍ଣ୍ଣ ହେଉଛି ଆକାଶ ।
ବିବିଧ ଦେଶୀୟ ବିବିଧ ବାଜଣା
ବାଜି ନାନାରଙ୍ଗ ସ୍ୱରେ,
ଜନକୋଳାହଳ ସହିତରେ ମିଶି
ଶ୍ରବଣକୁ ସ୍ତବ୍ଧ କରେ ।
ଯୁବତୀମାନଙ୍କ ଆନନ୍ଦଚହଳେ
ପୂରିଅଛି ରାଜପୁର,
ବିରସ ତହିଁରେ ଅବସର ବିନା
ରହିଅଛି ହୋଇ ଦୂର ।

ଜେମାଙ୍କୁ ସୁବେଶ କରିବା ନିମନ୍ତେ
ତତ୍ପର ସକଳ ଆଳି,
କେ ଘୋରେ ଚନ୍ଦନ କେ ଘୋରେ କସ୍ତୂରୀ
କେ ଗୁନ୍ଥଇ ପୁଷ୍ପମାଳୀ ।
ଅଳଙ୍କାରପେଡ଼ି ଆଣି କେଉଁ ସଖୀ
ଫେଡ଼ି ଥୋଇଅଛି ପାଶେ,
ବାଛି ବାଛି ଯୋଷା ଲାଗି ହେବ ଭୂଷା
ଯେ ଅବା ରୁଚିକ ଆସେ ।
ନାନା ରଙ୍ଗ ପାଟ— ଶାଢ଼ୀମାନ ଆଣି
ଦେଖାଉଛି କେଉଁ ଆଳୀ,
ଯହିଁ ଅଭିରୁଚି ହେବ ସେହି ଶାଢ଼ୀ
ଲାଗି ହେବ ବୋଲି ବାଳୀ ।
ସ୍ୱର୍ଣ୍ଣକଙ୍କତିରେ ସାମଳ କୁନ୍ତଳ
ଗୁନ୍ଥି ଦେଉଛି କେ ବେଣୀ,
କେ ସଖୀ ସମକ୍ଷେ ଠିଆ ହୋଇଅଛି
କନକ-ମୁକୁର ଘେନି ।
ଏଣେ ରାଜସଭା ମନୋହର ବେଶେ
ହୋଇଲାଣି ସୁସଜ୍ଜିତ,
ଅନେକ ଉପମା ? ଯା ଶୋଭା ଚାହିଁଲେ
ସୁଧର୍ମା ହେବ ଲଜ୍ଜିତ ।

ଜଣେ ଜଣେ ହୋଇ ସଭାଗତ ହେଲେ
କ୍ରମେ ସର୍ବ ନରପତି,
ସନ୍ଧ୍ୟାଦେବୀ କୋଳେ ଉଇଁ ଆସିଲେ କି
ଉଜ୍ଜ୍ୱଳ ତାରକାପଂକ୍ତି ।
ବସିଲେ ତହିଁରେ ଅତି ମନୋହର
ସ୍ୱର୍ଣ୍ଣମୟ ସିଂହାସନେ,
ଆରମ୍ଭିତେ ଅବା କମଳ ସକଳ
ଫୁଟିଗଲେ ପଦ୍ମବନେ ।
ତହିଁ ମଧ୍ୟେ ବିଜେ କୋଶଳ ନୃପତି-
ସୁତ ଅଜ ଯୁବରାଜ,
ସୁରବୃନ୍ଦ ସଙ୍ଗେ ମହୀକି ଆଗତ
ହେଲେ କି ସେ ଦେବରାଜ ।
ଅବା ଅକମ୍ପିତ ସ୍ୱଚ୍ଛ ନୀର ଫୁଲ୍ଲ-
କୁମୁଦଶୋଭିତ ସରେ,
ବାଳାର୍କମଣ୍ଡଳ ପ୍ରତିବିମ୍ବ ଆସି
ପଡ଼ିଗଲା ତରତରେ ।
ପୂର୍ଣ୍ଣ କଳାକର ସମୁଦିତ ହେଲେ
ତାରାକୁଳ ଯଥା ମ୍ଳାନ,
ଅଜ ଆଗମନେ ନୃପମାନଙ୍କର
ହ୍ରସ୍ୱ ହେଲା ଅଭିମାନ ।
କନ୍ୟା ଲାଭ ଆଶା ଦୂର ହୋଇଗଲା
ମାନସରୁ ତାହାଙ୍କର,
ଶରଦ ଆଗମ ଦରଶନେ ଯଥା
ଆକାଶରୁ ଜଳଧାର ।
ରାଜନ୍ୟମଣ୍ଡଳ ମଧ୍ୟେ ବିରାଜିଲା
ଏକାଳେ ରାଜନନ୍ଦିନୀ,
ଇନ୍ଦ୍ର ଶରାସନ ତଳେ ବିଳସିଲା
କିବା ଗୁରୁ ସୌଦାମିନୀ ।
ଅଥବା ରତନ— ଖଣିଗର୍ଭେ ହେଲା
ଦୀପଶିଖା ପ୍ରଜ୍ୱଳିତ,
ନବ ବିକସିତ କମଳକାନନେ
କମଳା ବା ବିରାଜିତ ।
ରାଜସୁତ ଚିତ୍ତ— ଆହ୍ଲାଦଦାୟିନୀ
ବରମାଳୀ ଅଛି ଧରି,
କୁମୁଦମାଳିନୀ ଶରଦ-କୌମୁଦୀ
ଶୋଭା-ଗର୍ବ ଅପହରି ।
ତହିଁ ଅବଲୋକେ ଅପୂର୍ବ ଲାବଣ୍ୟ
ରୂପସୀ ରୂପସାଗରେ,
ରୂପଲୋଭୀ ନୃପ— କୁମାରଙ୍କ ମନ-
ମୀନେ ବୁଡ଼ିଗଲେ ଖରେ ।
ମାଳା ଲଭିବାକୁ ନୃପସୁତମାନେ
ସମସ୍ତେ ଲୋଲୁପଚିତ୍ତ,
ବୁଭୁକ୍ଷିତ ଅଳି— ବୃନ୍ଦ ତହିଁ ଯଥା
ଏକ ପଦ୍ମ ବିକସିତ ।
କାହା ଭାଗ୍ୟ-ବନ— ଫୁଲର ସେ ମାଳା
ଅଧିକାରୀ କିଏ ତାର,
ମଘବା ପଦକୁ ତୁଚ୍ଛ ମଣିବ ସେ
ଯା ଗଳାକୁ ଯିବ ହାର ।
ଇନ୍ଦୁମତୀ ସଙ୍ଗେ ଥିଲା ସୁବଚସୀ
ସୁନନ୍ଦା ସୁବଚକ୍ଷଣା,
ରାଜଗଣଙ୍କର କୁଳ ଶୀଳ ସବୁ
କଥା ତାକୁ ଥାଏ ଜଣା ।
ପ୍ରଥମେ ମଗଧ— ନାଥଙ୍କ ସମ୍ମୁଖୁ
ଜେମାକୁ ନେଇ ମହଲା ।
ଲଳିତ ବଚନେ ତାଙ୍କ ଯଶ ଗୁଣ-
ଚୟ ବିସ୍ତାରି କହିଲା ।
ଚାହାଁ ଲୋ ସୁନ୍ଦରି ! ପୁରତେ ମଗଧ-
ପତି ଜଗଦେକଇନ୍ଦୁ,
ମହୀ-ମହିଳାର ଲଲାଟମଣ୍ଡିତ
ସୁରମ୍ୟ ସିନ୍ଦୂର ବିନ୍ଦୁ ।
ପରଜାବତ୍ସଳ ଦେବପରାୟଣ
ରୂପ ଅତି ଅଭିରାମ,
ପ୍ରବଳ ପ୍ରତାପୀ ପରବଳତାପୀ
ସ୍ୱାର୍ଥ ପରନ୍ତପ ନାମ ।
ଇଚ୍ଛା ହେଲେ ତୋର ଏହି ନୃପଙ୍କର
ଶ୍ରୀକର କର ଧାରଣ,
ଶାରଦୀୟ ଚନ୍ଦ୍ର ସମୀପେ ରୋହିଣୀ
ପରାୟେ ହୁଅ ଶୋଭନ ।

ମୁହଁ ମୋଡ଼ ଦେଇ ସେଠାରୁ ଗମନ
କଲା ସେ ଗଜଗାମିନୀ,
ନିଶାକରଠାରେ କେବେ କି ପ୍ରସନ୍ନା
ହୋଇଅଛି କମଳିନୀ ?
କିଶୋରୀମଣିକି ତହୁଁ ପ୍ରିୟସଖୀ
ନେଇ ଅଙ୍ଗପତି ପାଶେ,
ରାଜାଙ୍କ ସୁନ୍ଦର— ପଣକୁ ବଖାଣି
କହିଲା ମଧୁର ଭାଷେ ।
ଦେଖ ଖଞ୍ଜନାକ୍ଷି ! ବିଜେ କରିଛନ୍ତି
ଦ୍ୱିତୀୟ ଅନଙ୍ଗରୂପ,
ନବୀନ କିଶୋର— ମୁକୁଟ ଏହିଟି
ଅଙ୍ଗମଣ୍ଡଳର ଭୂପ ।
ଅତି ସୁକୁମାର ନୃପତିକୁମାର
ନିଖିଳଗୁଣମଣ୍ଡିତ,
ବିଭବସମ୍ପନ୍ନ ଅତି ବିଚକ୍ଷଣ
ନାନା ବିଦ୍ୟାରେ ପଣ୍ଡିତ ।
ପରିପନ୍ଥି କୁଳ- ଭୟଦ ବୀର ଏ
ସୁହୃଦଶୁଭଦ ଧୀର,
ନୀତିବିଶାରଦ ସମରକୁଶଳ
ଦୃଷ୍ଟିଭେଦୀ ଯାର ତୀର ।
ନୟନସୁଭଗ ସୁନ୍ଦର ମୂରତି
ଅପସରୀଲୋଭନୀୟ,
ଧରଣୀମଣ୍ଡଳେ ଅଟନ୍ତି ଏ ତୋର
ପତିପଦେ ଶୋଭନୀୟ ।
ଗନ୍ଧାଢ଼୍ୟ ହେଲେହେଁ ଭ୍ରମରୀରେ ଯଥା
କେତକୀ ନୁହେ ସେବିତ,
ତରୁଣ ରୂପରେ ରାଜନନ୍ଦିନୀର
ଚିତ୍ତ ନ ହେଲା ମୋହିତ ।
ତହୁଁ ନେଇ ତାକୁ ଅବନ୍ତୀନୃପତି
ସମକ୍ଷରେ ସହଚରୀ
ବୋଲେ, ଦେଖ ଦେଖ ଥରେ ଚଳାପାଙ୍ଗି !
ପୁରତେ ନୃପକେଶରୀ ।
ଊର୍ଦ୍ଧ୍ୱ କଳେବର ମହାଶକ୍ତିଶାଳୀ
ବୃଷସ୍କନ୍ଧ ବୀରବର,
ନୃପତିଶାର୍ଦ୍ଦୂଳ— ସମାଜେ ଦିଶନ୍ତି
କେଶରୀ ପ୍ରାୟେ ଭାସ୍ୱର ।
ଶ୍ରୀମୁଖ-ମୁକୁରେ ଉତ୍ସାହ ସାହସ
ହେଉଛି ପ୍ରତିବିମ୍ବିତ,
କ୍ଷତ୍ରିୟଧର୍ମ କି ବୀରରସ ଅବା
ବିଗ୍ରହ ଧରି ଶୋଭିତ ।
ରାଜଧାନୀ ପାଶେ ବହେ ଯାର ସ୍ୱଚ୍ଛ-
ନୀରା ଶିପ୍ରା ସ୍ରୋତସ୍ୱିନୀ,
କଳ ରାଜହଂସ— ରାଜି ବିରାଜିତ
ଘନକଲ୍ଲୋଳମାଳିନୀ ।
ରମ୍ୟ ଶୁଭ୍ର ଅଭ୍ରଂ— ଲିହାଗ୍ର ବିଚିତ୍ର
ରାଜପ୍ରାସାଦ ତା ତୀରେ,
ସଦା ସମୁଜ୍ଜ୍ୱଳ ମହାକାଳ-ଶିର
ସୁଧାକର-କୌମୁଦୀରେ ।
ଶିବସେବାର୍ଥିନୀ ବାମାଏ ପ୍ରଭାତେ
ଶିପ୍ରାସ୍ରୋତେ କରି ସ୍ନାନ,
ଶିବ ପୂଜି ମୃଦୁ ମଧୁସମ ସ୍ୱରେ
କରନ୍ତି ସଙ୍ଗୀତ ଗାନ ।
ପ୍ରତିଧ୍ୱନି ଛଳେ ଦେଉଳ ହିଁ ତାଙ୍କ
ରାଗିଣୀରେ ଯୋଗ ଦିଏ,
ସେ ସଙ୍ଗୀତ ଶୁଣି ନରଦନ୍ତ କେତେ,
ତରଳିଯିବେ ପବିଏ ।
ରତ୍ନବିଖଚିତ ଚାମର ଚାଳନ୍ତି
ପାଶେ ବାରବାମାକୁଳ,
କ୍ଷୀଣକଟିତଟେ ଶୋଭା ଦିଶେ ତାଙ୍କ
ସ୍ୱର୍ଣ୍ଣପୁଷ୍ପିତ ଦୁକୂଳ ।
ସେହି ଶୋଭାଶାଳୀ ପୁରେ ପୂଜନୀୟା
ଲକ୍ଷ୍ମୀ ହେବାକୁ ଲାଳସ
ଥିଲେ, ଧରି ଏହି ନରବରଙ୍କର
ସୁନ୍ଦର କର-ତାମରସ ।
ନିଶାନ୍ତ ଉଦିତ ଭାର୍ଗବ ନିକଟୁଁ
ଚଳଇ ଯଥା ଯାମିନୀ,
ମୃଦୁ ପାଦଚାରେ ତହୁଁ ଚାଲିଗଲା
ମତ୍ତମାତଙ୍ଗଗାମିନୀ ।

ତହୁଁ ମତ୍ତକାଶୀ କାର୍ତ୍ତବୀର୍ଯ୍ୟବଂଶୀ
ପ୍ରଖ୍ୟାପ ନୃପତି ଆଗେ,
କ୍ଷଣପ୍ରଭା ପ୍ରାୟେ କ୍ଷଣେ ଦେଖାଦେଇ
ଗମନ କଲେ ସ୍ୱରାଗେ ।
ମଥୁରାନରେଶ ସମୀପରେ ଠିଆ
ହୁଅନ୍ତେ ସେ ବରାଙ୍ଗନା,
ସମ୍ବୋଧନ କରି ଉଚ୍ଚଭାଷେ କହେ
ବୟସୀ ପିକବଚନା ।
ଶୁଣିଥିବୁ ଶଶୀ— ମୁଖି ! ବୃନ୍ଦାବନ
ପ୍ରକୃତି-ଶୋଭାସଦନ,
ସ୍ଥାନେ ସ୍ଥାନେ ଗୂଢ଼ ଲତାକୁଞ୍ଜପୁଞ୍ଜ-
ତମ୍ବୁ ଟେକିଛି ମଦନ ।
କୁସୁମିତ ହୋଇ ଶୋଭା କେତେ ତହିଁ
ତରୁସମାଶ୍ରିତା ବଲ୍ଲୀ,
ଦିଗ ଆମୋଦିତ କରନ୍ତି ବିକଶି
ମାଧବୀ ମାଲତୀ ମଲ୍ଲୀ ।
ମନ୍ଦାନିଳ ହସ୍ତେ ତୋଳାଇ ପ୍ରଭାତେ
ପ୍ରଫୁଲ୍ଲ ପ୍ରସୂନାବଳୀ,
ପ୍ରକୃତି-ସୁନ୍ଦରୀ ଦେଉଥାଏ ନିତି
ସ୍ମରଶିରେ ପୁଷ୍ପାଞ୍ଜଳି ।
ସଚପଳ ନବ— ଘନପଟଳକୁ
ହସଇ ଯା ବୀଚିବଲ୍ଲୀ,
ଅଙ୍କେ ଧରି ଦଗ୍ଧ— ରଜତବରଣ
ନଷ୍ଟପୃଷ୍ଠ ମୀନାବଳୀ ।
ପ୍ରବାହିତ ବନ ମଧ୍ୟରେ ଯମୁନା
କମ୍ବୁଶ୍ୟାମରୁଚି ଧାରା,
ବନଲକ୍ଷ୍ମୀଙ୍କର ଉରସୁଶୋଭିତ
ଇନ୍ଦ୍ରନୀଳମଣିହାରା ।
ଘନ-କଟଳୟୁ କଦମ୍ବକାନନ
ମନୋହର ଚୂତବନ,
ଶୁଭେ ଯହିଁ ସଦା ପିକଦମ୍ପତୀର
ଶ୍ରବଣସୁଭଗ ସ୍ୱନ ।
ଜମ୍ବୁବନେ ଯହିଁ ଶୁକକୁଳ ବସି
ସୁଖେ କରନ୍ତି ବିଶ୍ରାମ,
କପୋତଯୁଗଳ କୁହୁ କୁହୁ ରବେ
ମୁଖରିତ ଯେଉଁ ଧାମ ।
ସେ ବିପିନତଟେ— ବିହାରରସିକ
ଏହି ନରନାଥଙ୍କର,
କର-କଞ୍ଜ ଧରି କରକ-ରଦନ !
ବିଳାସରେ ଦିନ ହରି ।
ତହିଁରେ ଚତୁରୀ ବରବର୍ଣ୍ଣିନୀର
ମାନସ ଭୁଲିଲା ନାହିଁ,
ମାନସର କେଳି— ଲାଳସୀ ମରାଳୀ
କାସାରେ ରସିବ କାହିଁ ?
ତଦନ୍ତେ ଗୁହିଁଲ ଅଗ୍ରତେ ମହେନ୍ଦ୍ର
ଶୈଳ-ଅଧିତ୍ୟକାରୂଢ଼ୀ,
ରଙ୍ଗେ ବସିଥିଲେ ଦାକ୍ଷିଣାତ୍ୟ ମହୀ-
ପତି ବୀରପଦଧାରୀ ।
ଲବଙ୍ଗଲତାର କୁସୁମ ସୁବାସେ
ପୁର ଯାର ସୁରଭିତ,
ରମଣୀ ମଣିର କରୁଣା ବହ୍ନିନେ
ହେଲେ ଅତି ସନ୍ତାପିତ ।
ତପୂରେ ନୟନ— ଅୟନେ ଆଗତ
ପାଣ୍ଡ୍ୟ ଦେଶ ଅଧୀଶ୍ୱର,
ପାଣ୍ଡ୍ୟ ମହାରାଜ ରିପୁଭୟଦାୟୀ
ଯାର ବ୍ରହ୍ମଶିରା ଶର ।
ଶୌର୍ଯ୍ୟ-କୀର୍ତ୍ତି-ରବି ପ୍ରଚଣ୍ଡ କିରଣ
ଭବେ ଯାର ପ୍ରକାଶିତ,
ଥାଉ ଆନ ଜନ ପ୍ରତାପରେ ଯାର
ରାବଣ ସଦା ଶଙ୍କିତ ।
ମଳୟ ଶଇଳ ନାନା ଉପହାରେ
ସେବା କରେ ଯା ପୟରେ,
ଇନ୍ଦୁମତୀ ତାଙ୍କୁ ନମସ୍କାର ଦେଲା
ଲଙ୍କା-ଜଳଧି-ପୟରେ ।
ବାଳା-ଭାଗୀରଥୀ ପ୍ରୟାଣ ରଚିଛି
ସାଗରସଙ୍ଗମ ପାଇଁ,
ଉପନଦୀ ପରି ରାଜାଙ୍କର ଚିତ୍ତ
ତା ପଛେ ଗଲେ ଗୋଡ଼ାଇ ।

ତହୁଁ ଚାହିଁଦେଲା ତରୁଣରତନ
ଶତମଦନସୁନ୍ଦର,
ଦିବାକରକୁଳ- ସମୁଦ୍ରସମ୍ଭୂତ
ସୁବିମଳ ସୁଧାକର ।
ମୁଖମଣ୍ଡଳରୁ ଦରହାସ-ସୁଧା-
ଧାର ଯାଉଅଛି ସ୍ରବି,
ଚାହିଁ ରାଜସୁତା ଚିତ୍ତ-ଚନ୍ଦ୍ର-ଶିଳା
ସହଜରେ ଗଲା ଦ୍ରବି ।
ହୃଦ-ସରସୀରେ ପ୍ରେମ-କୁମୁଦିନୀ-
ବନ ହେଲା ବିକଶିତ,
ନେତ୍ର-ଜୀବଞ୍ଜୀବ ରଙ୍ଗେ ନୃତ୍ୟ କଲା
ହୋଇ ଅତି ଉଲ୍ଲାସିତ ।
ଅନିମେଷନେତ୍ରେ ଚାହିଁ ଜେମାମଣି
ମନେ ମନେ ହେଲା ସୁଖୀ,
ନବୋଦିତ ସୂର୍ଯ୍ୟ- ମଣ୍ଡଳ ଚାହିଁଲେ
ପ୍ରୀତେ ଯଥା ସୂର୍ଯ୍ୟମୁଖୀ ।
ସଂଶୟିତ ମନେ ଭାବୁଥିଲେ ଅଜ
ଲଭିବି କି ନା ଶୁଭାଙ୍ଗୀ,
ବାମେତର ବାହୁ ସ୍ପନ୍ଦ ହୋଇ ସେହି
ସଂଶୟକୁ ଦେଲା ଭାଙ୍ଗି ।
ଜେମା ମନ ଜାଣି କହିଲା ସୁନନ୍ଦା
ସବିସ୍ତରେ ଅଜ ଯଶ,
ଏହି ଟି ଅମଳ- କମଳଲୋଚନ !
ରବିବଂଶ-ଅବତଂସ ।
ନୟନର ପ୍ରୀତି ସମ୍ପାଦଇ ଆହା
ମୂରତି କି ମନୋହର,
ଜାନୁଲମ୍ବି-ଭୁଜ ପ୍ରସନ୍ନ ବଦନ
ସୁଲଳିତ କଳେବର ।
ରାଜଲକ୍ଷ୍ମୀଙ୍କର ହୃଦରହାର
ରଘୁ ରାଜାଙ୍କର ସୁତ,
ଶ୍ରୀଅଙ୍ଗରେ ରହି ଅଳଙ୍କାରମାନେ
ହୋଇଛନ୍ତି ଅଳଙ୍କୃତ ।
ରଘୁ ମହାରାଜ ପ୍ରବଳ ପ୍ରତାପୀ
ଅଦ୍ୱିତୀୟ ଧନୁର୍ଦ୍ଧର,
ଧନୁର୍ନାଦ ଯାର ଶୁଣି ଅବିଳମ୍ବେ
ସଭୟେ କିନ୍ନରେଶ୍ୱର ।
ରଜନୀରେ କଲେ ଅଶେଷ ସୁବର୍ଣ୍ଣ
ରାଜକୋଷେ ବରଷଣ,
ସ୍ୱର୍ଣ୍ଣରାଶି ଦେଇ ନୃପତିପୁଙ୍ଗବ
ତୁଷ୍ଟ କଲେ ମୁନିମନ ।
ପିତୃକୃତ ଶତ- ତମ ଅଶ୍ୱମେଧେ
ଯାଇ ଅଶ୍ୱସଂରକ୍ଷଣେ,
ତୁରଙ୍ଗମଚୋର ବଜ୍ରଧର ସଙ୍ଗେ
ମାତିଗଲେ ମହାରଣେ ।
ଅମୋଘ କୁଳିଶ ମୋଘ ହୋଇଗଲା
ପଡ଼ି ରଘୁ ଶିଶୁ ଅଙ୍ଗେ,
ସୁରପତି ଦେଇ ବହୁ ଧନ୍ୟବାଦ
ସନ୍ଧି କଲେ ରଘୁ ସଙ୍ଗେ ।
ଦିଗ୍‌ବିଜୟ କରି ବଜାଇଅଛନ୍ତି
ଚୌଦିଗେ ବିଜୟବାଜା,
ଅଖିଳ ଧରଣୀ— ମଣ୍ଡଳରେ ଏକ
ଚକ୍ରବର୍ତ୍ତୀ ମହାରାଜା ।
ନୃପତିମଣ୍ଡଳ ନତଶିର ହୋଇ
ପୂଜୁଛନ୍ତି ରଘୁ ପଦେ,
ରଘୁଙ୍କ ଭବନ ହୋଇଅଛି ପୂର୍ଣ୍ଣ
ଦେବଦୁର୍ଲ୍ଲଭ ସମ୍ପଦେ ।
ହିମାଦ୍ରି-ନିର୍ଝର- ଧୌତ-ରମ୍ଯାବନ-
ବିହାରୀ ବାରଣଗଣ,
ସିନ୍ଦୂରଚର୍ଚ୍ଚିତ- ମସ୍ତକେ ପ୍ରାଙ୍ଗଣେ
କରୁଛନ୍ତି ବିଚରଣ ।
କଇଳାସ ଗିରି ଉପତ୍ୟକାଶ୍ରୟୀ
ଚମରୀ ଶ୍ୱେତ ଚାମର,
ଶୋଭା ସମ୍ପାଦଇ ଶିରେ ସଞ୍ଚାଳିତ
ହୋଇ ମହାରାଜାଙ୍କର ।
ହିମଗିରି ଗୁହା- କୁଞ୍ଜେ ଯେଉଁ ମଣି
ନାଶୁଥିଲେ ଅନ୍ଧକାର,
ପୁଞ୍ଜ ପୁଞ୍ଜ ହୋଇ ସଦା ଉଜ୍ଜ୍ୱଳିତ
କରୁଛନ୍ତି ନୃପାଗାର ।

ମହୋଦଧି ତୁଙ୍ଗ ତରଙ୍ଗକ୍ଷାଳିତ
ଉଜ୍ଜ୍ୱଳ ମୁକ୍ତାପଟଳ,
ମାଳ ମାଳ ହୋଇ ରାଜପୁରେ କେତେ
ଝୁଲି ହସେ ଝଲମଲ ।
ଅମରାବତୀକି ହସେ ରାଜଧାନୀ-
ସୁନ୍ଦରୀ ସୁନ୍ଦରପଣେ,
ସୁଧାଧବଳିତ ବଦନକୁ ଚାହିଁ
ସରଯୂନୀର-ଦର୍ପଣେ ।
ସରଯୂ ତଟସ୍ଥ ରମ୍ୟ ଉପବନ
ସୁବାସ ପୁଷ୍ପପରାଗ,
ବୋଳି ଦେଉଥାଏ ନଗରୀ ଅଙ୍ଗରେ
ବହି ଅତି ଅନୁରାଗ ।
ବିଳାସିନୀକୁଳ ମୃଦୁଲ ଅଙ୍ଗୁଳି-
ତାଡ଼ିତ ମୃଦଙ୍ଗନାଦ,
ଅଭ୍ରଂକଷ ସୌଧେ ନିନାଦିତ ହୋଇ
ଘୋଷଇ କେତେ ପ୍ରସାଦ ।
ଅବିଶ୍ରାନ୍ତ ତହିଁ ବହି ଯାଉଥାଏ
ଆନନ୍ଦର ପ୍ରସ୍ରବଣ,
ସୁଷମା-ବାଳାର ଅଟଇ ସେ ପୁର
ବିଚିତ୍ର ରଙ୍ଗସଦନ ।
ମେଦିନୀମଣ୍ଡନେ ! ବରମାଲ୍ୟ ଦିଅ
ଏହି ଯୁବରାଜ ଗଳେ,
ମରକତ-ବୃକ୍ଷେ ହେମ-ଲତା ପ୍ରାୟେ
ଶୋଭା ହେବୁ ଭୂମଣ୍ଡଳେ ।
କେବେ ପୁଷ୍ପବନେ କେବେ ତୁଙ୍ଗ ସୌଧ-
ଚୂଳେ ପ୍ରିୟନାଥ ସଙ୍ଗେ,
ନବ ଯଉବନ କୃତାର୍ଥ କରିବୁ
ବିଳସି କୌତୁକ ରଙ୍ଗେ ।
ସରଯୂପୁଳନେ ବିହାର ସମୟେ
ତଟସ୍ଥ ପାଦପାବଳୀ,
ମୁଗଧବଧୂ ଜାଣି ନବ ଅନୁରାଗେ
ଶିରେ ଦେବେ ପୁଷ୍ପାଞ୍ଜଳି ।
ସରଯୂ ଅନାଇ ମୀନ-ନୟନରେ
ବଢ଼ାଇ ଲହରୀ-କର,
ସ୍ନେହବଚନ ଚାରୁ ପଦପ୍ରକ୍ଷାଳନେ
ହେଉଥିବ ତରତର ।
ରାଜସୁତା ତହିଁ — ପ୍ରତିମା ପରାୟେ
ରହିଲେ ଅଜଙ୍କୁ ଚାହିଁ,
ଲଜ୍ଜା ଅନୁରୋଧେ ମନୋଗତ ଭାବ
ପ୍ରକାଶି ପାରିଲେ ନାହିଁ ।
ସାତ୍ତ୍ୱିକ ଲକ୍ଷଣ ବାଳାମନୋଭାବ
କରିଦେଲା ସୁପ୍ରକାଶ,
ରଜନୀ ତିମିରେ ଲୁଚି ପାରଇ କି
ବନମଲ୍ଲିକାର ବାସ ।
ତା ଜାଣି ସୁନନ୍ଦା ନ ଜାଣିଲା ପରି
ବୋଲେ, ରାଜହଂସଗତି !
ଅନ୍ୟ ନରପତି ସମୀପକୁ ଚାଲ
ଯିବା ବଳେ ଯେବେ ମତି ।
ତା ଶୁଣି କୁମାରୀ ସୁନନ୍ଦା ଉପରେ
କଲେ କୋପଦୃଷ୍ଟିପାତ,
ବନବିହାରିଣୀ କରିଣୀ ଯେମନ୍ତେ
ପାଇଲେ ଅଙ୍କୁଶାଘାତ ।
ସୁଶୀଳାମଣି ସେ ସୁନନ୍ଦା ହସ୍ତକୁ
ମାଳିକା ଦେଇ ବଢ଼ାଇ,
କଳକଣ୍ଠସ୍ୱରେ ବୋଲେ ଯୁବରାଜ
ଗଳାରେ ଦିଅ ଲମ୍ବାଇ ।
ଅନୁଜ୍ଞାତ ହୋଇ ସୁଧାନିସଂହନୀ
କୁସୁମମାଳା ରଚିତ,
ନେଇ ସହଚରୀ ଯୁବରାଜହୃଦେ
କରିଦେଲା ବିମଣ୍ଡିତ ।
ବାଜିଲା ବିବିଧ ମଙ୍ଗଳ ବାଜଣା
ବାଜିଲା ମଙ୍ଗଳ ଶଙ୍ଖ,
ଉଚ୍ଚରେ ମଙ୍ଗଳ— ଶ୍ଳୋକ ଉଚ୍ଚାରିଲେ
ସଭାସ୍ଥ ଦ୍ୱିଜ ଅସଂଖ୍ୟ ।
ନୃପ-ତାରକିତ ସଭା-ଗଗନକୁ
ଘୋଟିଲା ବିଷାଦ-ଘନ,
ଅଜ-ହୃଦକ୍ଷେତ୍ରେ ଅବିରଳ ଧାରେ
ହେଲା ସୁଧା ବରଷଣ ।

ଭାଗ୍ୟବାନ ସଦା ଭାଗ୍ୟଫଳ ଲଭେ
ଅଭାଗା ଲଭେ ଅଶିବ,
ସାଗର ମନ୍ଥନେ କେଶବ କମଳା,
ଗରଳ ଲଭିଲେ ଶିବ ।
ନରପତିମାନେ ଶିବିରକୁ ଗଲେ
କପାଳରେ ମାରି କର,
ଭୋଜରାଜ ଗଲେ ରାଜଭବନକୁ
ସଙ୍ଗେ ଘେନି କନ୍ୟା ବର ।
ରତ୍ନବିଖଚିତ ପରିସ୍ତୋମାବୃତ
କରେଣୁ ପୃଷ୍ଠରେ ବସି,
ଶଚୀ ଶକ୍ର ପରି ନବବଧୂ ସଙ୍ଗେ
ବିଜେ ବିଭବସୁବଂଶୀ ।
ନଗରବାସୀଏ ଅବଗତ ହୋଇ
ବର ଶୁଭ ଆଗମନ,
ପୂର୍ଣ୍ଣକୁମ୍ଭମାନ ତୋରଣେ ତୋରଣେ
କରିଥିଲେ ସଂସ୍ଥାପନ ।
ରଞ୍ଜିମାପ୍ଲୁତ ବେଶ ଧରିଥିଲେ ପୁଣି
ପୁର ଅଟ୍ଟାଳିକାରାଜି,
ଘାଲେ ସହକାର- ପଲ୍ଲବତୋରଣ
ଚକୁରପନ୍ତିକୁ ସାଜି ।
ହୋଇଥାଏ ରମ୍ଭା- ପାଦପ ପ୍ରୋଥିତ
ବେନି ପାର୍ଶ୍ୱେ ରାଜପଥେ,
ମନ୍ଦାନିଳେ ମନ୍ଦେ ଦୋହଲି ଦୋହଲି
ନାଚୁଥାନ୍ତି ଅବିରତେ ।
ଯେତେବେଳେ ରାଜ- ପଥେ ବିଜେ ଅଜ
ସଂଙ୍ଗେ ବରଯାତ୍ରିଦଳ,
ନଗର ମଧ୍ୟରେ ଉଠିଗଲା ମହା-
ଆନନ୍ଦର କୋଳାହଳ ।
ମନୋହର ବର- ଦର୍ଶନ ଲାଳସେ
ପୁରନରନାରୀଗଣ,
କୌତୁକ-ନଦରେ ମନ-ତରୀ ମେଲି
ସତ୍ୱରେ କଲେ ଗମନ ।
କୁଳବଧୂମାନେ ସୌଧ ଉପରକୁ
ଦ୍ରୁତପଦେ କଲେ ଗତି,

ସ୍ରସ୍ତବସନକୁ ହସ୍ତ-ପଦ୍ମେ ଧରି
ଧାଇଁଲା କେଉଁ ଯୁବତୀ ।
ମୁଖରିତ କଲା ସୌଧ ଗର୍ଭକୁ ଯା
ଚରଣଭୂଷଣ ଧ୍ୱନି,
ବର ବନ୍ଦାପନକୁ ମଙ୍ଗଳ-ସଙ୍ଗୀତ
ଗାଇଲା ସିନା ଅବନୀ ।
ଗତିବେଗେ କାହା ଖୋସା ଫିଟି ଖସି-
ପଡୁଥିଲା ପୁଷ୍ପଗଭା,
ରାହୁକବଳରୁ ଚନ୍ଦ୍ରମାମଣ୍ଡଳ
ମୁକ୍ତ ହୋଇଗଲା ଅବା ।
ସୁନୀଳ ନିର୍ମଳ ଗଗନ କୋଳରୁ
ସ୍ଖଳିତ ତାରକା ତୁଲ,
କେ ଘନକୁନ୍ତଳା ଗୁରୁ କବରୀରୁ
ଖସି ଯାଉଥିଲା ଫୁଲ ।
କେ ରଙ୍ଗଦୁକୂଳ କେହ୍ନି ପୀତଚେଲ
କେବା ଶୁକ୍ଳାମ୍ବର ଶାଢ଼ୀ,
ପିନ୍ଧିଥିଲେ ତ ବରାଙ୍ଗନାମାନେ
ଠିଆହେଲେ ଧାଡ଼ି ଧାଡ଼ି ।
ନାରୀ ନୁହନ୍ତି ସେ ନଗରୀ-ଲଲନା
ସୁରମ୍ୟ କୁସୁମହାର,
ମଲ୍ଲିକା ଚମ୍ପକ ସଙ୍ଗରେ ମିଶାଇ
ଗୁନ୍ଥା ହୋଇଛି ମନ୍ଦାର ।
ଅଥବା ଗୋମେଦ ପଦ୍ମରାଗ ସଙ୍ଗେ
ମୁକୁତା ଗ୍ରଥିତ ମାଳୀ,
ଅତି ସ୍ନେହ ଭାବେ ହୃଦୟ ଉପରେ
ଘେନିଛି ନଗରୀ-ବାଳୀ ।
ଗବାକ୍ଷ ସକଳ ପରିପୂର୍ଣ୍ଣ ହେଲା
ଯୁବତୀ-ପଦ୍ମବଦନେ,
କୁଟ୍ଟିକାସ୍ତବକ ପ୍ରତିବିମ୍ବ କି ସେ
ହେଲା ଅଶେଷ ଦର୍ପଣେ ।
ଅନୁପମ ବର ବର ଶୋଭା ଦେଖି
ସକଳ ନଗରବାସୀ,
ଆନନ୍ଦ-କଲ୍ଲୋଳ ଚମତ୍କାରଜଳ-
ଜଳଧିରେ ଗଲେ ଭାସି ।

ସ୍ତମ୍ଭୀଭୂତ ହୋଇ ରହିଲେ ବାମାଏ
ଯେସନେ ହେମ-ପ୍ରତିମା,
ଶ୍ରୁତି ମନସାଦ୍ଧ ଇନ୍ଦ୍ରିୟ ସକଳ
ଆଶ୍ରେ କଲେ ଚକ୍ଷୁସୀମା ।
ପୁଣି ପରସ୍ପରେ କୁହାକୁହି ହେଲେ,
"ଆହା କେଡ଼େ ସୁକୁମାର !
ନବ ଅବତାର ଧରିଛି କି ହର-
କୋପାନଳଦଗ୍ଧ ମାର ?
ନବ ସମୁଦିତ ସୁଧାକର ଜିତ
ବଦନ କେଡ଼େ ରଞ୍ଜନ !
ନୟନଯୁଗଳେ ଦେଉଅଛି ବଳେ
ବୋଳି ସେ ଅମୃତାଞ୍ଜନ ।
କି ନବ ବୟସ ଅଳପ ଅଳପ
ଫୁଟି ଆସୁଅଛି ନଶ,
ଆହାଲ୍ଲାଦକର ଯଉବନ କାନ୍ତି
ପ୍ରତିଭାତ କରେ ଦଶ ।
ଧନ୍ୟା ଇନ୍ଦୁମତୀ ଅତି ଭାଗ୍ୟବତୀ
ଭାଗ୍ୟେ କଲେ ସ୍ୱୟମ୍ବର,
ଭାଗ୍ୟଦେବୀଙ୍କର କରୁଣା ନ ହେଲେ
ଲଭିଥାନ୍ତେ କି ଏ ବର ?
ରାଜନନ୍ଦିନୀ ସେ ସହଜେ ଚତୁରୀ
ପ୍ରତିଭାଶାଳିନୀ ଧୀରା,
ନିର୍ବାଚନ କଲେ ସ୍ଫଟିକମାଳାରୁ
କଷି ଏକମାତ୍ର ହୀରା ।
କରିବର ପୃଷ୍ଠେ ବର-ବଧୂ ବେନି
ଦିଶନ୍ତି କେଡ଼େ ସୁନ୍ଦର !
ପୂର୍ବାଚଳ-ଚୂଳେ କାନ୍ତା ଯେନ କୋଳେ
ଉଦିତ କି ଦିନକର ?"
କହୁଁ କହୁଁ ଅଜ ପରିବେଶ ଭୋଜ-
ରାଜାଙ୍କ ସିଂହଦୁଆରେ,
ଦର୍ଶକମଣ୍ଡଳ ପ୍ରହର୍ଷ ବାରଣେ
ରହିଗଲେ ସେହିଠାରେ ।
ଅନ୍ତଃପୁରବାସୀ କାମିନୀଏ ଆସି
ସେଠାରୁ କନ୍ୟା ବରଙ୍କୁ,
ମହା ଆହ୍ଲାଦରେ ଘେନିଗଲେ ବେଗେ
ଅନ୍ତଃପୁର ଚତ୍ୱରକୁ ।
କନକ-ବେଦୀରେ ତୋରଣମଣ୍ଡିତ
ରତ୍ନମୟ ଆସ୍ତରଣେ
ବସାଇଲେ ମଞ୍ଜୁ ହୁଳହୁଳୀ ଦେଇ
ଅନ୍ତଃପୁର ନାରୀଗଣେ ।
ବର ମନେ ବର- ବର୍ଣ୍ଣିନୀ ମନ ଯା
ପ୍ରେମେ ହୋଇଥିଲା ବନ୍ଦୀ,
ଜଗତଜନଙ୍କୁ ଦେଖାଇଲେ କୁଶେ
ପରସ୍ପର କର ଛନ୍ଦି ।
ଅଜ କିଣାଙ୍କିତ କରେ କୁମାରୀର
ପ୍ରବାଳପାଟଳ କର,
ଘନାସ୍ତୃତ ରଶ୍ମି- ରେଖାରେ ଅରୁଣ
ସଦୃଶ ହେଲା ସୁନ୍ଦର ।
କର ସଂସ୍ପର୍ଶେ ପରସ୍ପର ତନୁ
ହୋଇଗଲା ଲୋମାଞ୍ଚିତ,
ମଳୟେ ଯେସନ ପାଦପ ବଲ୍ଲରୀ
ହୋଇଥାନ୍ତି ମୁକୁଳିତ ।
ହୋମ ଅନଳକୁ ସାକ୍ଷୀ କରି ବର
କନ୍ୟା କଲେ ପ୍ରଦକ୍ଷିଣ,
ସଂକଳପ କଲେ ଆଜୀବନ ପ୍ରୀତି-
ବନ୍ଧନ ନ ହେବ ଛିନ୍ନ ।
ଅନଳକୁ ସଦା ପ୍ରଦୀପ୍ତ ଉନ୍ନତ
କରଇ ଅନଳଶିଖା,
ପତ୍ନୀ ଯୋଗେ ପତି ସେପରି ହେବାର
ଧର୍ମନୀତି କଲେ ଶିକ୍ଷା ।
ଅନଳ-ପ୍ରଭାରେ ବର-ବଧୂଙ୍କର
ମୁଖ ହେଲା ସ୍ୱେଦସିକ୍ତ,
ସ୍ୱେଦ ବିନ୍ଦୁ ବିମ୍ବ ପଡ଼ି ବଦନର
ପ୍ରଭା ହେଲା ଅତିରକ୍ତ ।
ବସନ ଭୂଷଣ ରତନପଟଳ
ଲଭି ଅନୁକୂଳ କାଳ,
ନିଜ ନିଜ ଶୋଭା ପ୍ରଦର୍ଶନ କଲେ
ପ୍ରକାଶି କିରଣଜାଳ ।

ବଧୂ ମୁଖ ଲଜ୍ଜା ବର ବଦନର
ପ୍ରହୃଷ୍ଟ ପ୍ରୀତିଲକ୍ଷଣ,
ସେହି ସୁଯୋଗରେ କରି ନେଉଥାନ୍ତି
ପରସ୍ପରେ ଆଲିଙ୍ଗନ ।
ବର ବଧୂଙ୍କର ପ୍ରଭାପୂର୍ଣ୍ଣ ରୂପ
କରି କରି ଦରଶନ,
ପୁରବାସିମାଏ ନବୀନ ଆନନ୍ଦ
ଆଲୋକେ ଭରିଲେ ମନ ।
ସ୍ନାତକମଣ୍ଡଳ ଭୋଜରାଜ ନୃପ
ରାଜପ୍ରିୟ ବନ୍ଧୁଗଣ,
ବର ବଧୂ ଶିରେ ହରିଦ୍ରାରଞ୍ଜିତ
ତଣ୍ଡୁଳ କଲେ ବର୍ଷଣ ।
ତା ପରେ ତଣ୍ଡୁଳ ବରଷଣ କଲେ
ରମଣୀମଣ୍ଡଳ ଆସି,
କଙ୍କିଣୀ କଙ୍କଣ ନୂପୁର ନିକ୍ୱଣ
ସହିତ ହର୍ଷ ପ୍ରକାଶି ।
ଆଉ ଯାହା ଥିଲା କୁଳପ୍ରଥାମତେ
ପରିଣୟର ବିଧାନ,
ଭୋଜରାଜ ତାହା ସମାରୋହ ସହି
କରିଦେଲେ ସମାଧାନ ।
ତହୁଁ ଜେମାମଣି ପରିଜନବର୍ଗ
ସମ୍ମୁଖରେ କରୁଣ ସ୍ୱନେ,
ଗଦଗଦେ କହି ମେଲାଣି ମାଗିଲେ
ଲୋତକପୂର୍ଣ୍ଣ ନୟନେ ।
ବିନୟରେ କରି ଗୁରୁଜନଙ୍କର
ଚରଣଯୁଗେ ବନ୍ଦନ,
ପ୍ରିୟ ବାକ୍ୟ କହି ସଙ୍ଗିନୀମାନଙ୍କୁ
ପ୍ରେମେ କଲେ ଆଲିଙ୍ଗନ ।
କାନ୍ତ ଲଭି ସୁଖୀ, ପରିଜନଙ୍କର
ବିରହେ ମନ ବିରସ,
ଜେମା ହୃଦୟରେ ଆନନ୍ଦ-ରସରେ
ମିଶିଗଲା ଶୋକ-ରସ ।
ଭଗିନୀ ବିଦାୟ କଲେ ଭୋଜରାଜ
ଦେଇ ବହୁବିଧ ଧନ,

ଆପେ ତିନି ଦିନ ସଙ୍ଗେ ସଙ୍ଗେ ଯାଇ
ଫେରିଲେ ନିଜ ଭବନ ।
ଯୁବରାଜ ନିଜ ଦଳବଳ ଘେନି
ପ୍ରିୟା ସଙ୍ଗେ ରମ୍ୟ ରଥେ,
ବସି ନିଜ ରାଜ୍ୟ- ଅଭିମୁଖ ହୋଇ
ଚାଲିଯାଉଥିଲେ ପଥେ ।
ରମଣୀ ରତନ— ଲାଭରୁ ବଞ୍ଚିତ
ହୋଇ ନୃପତିକଳାପ,
ହୃଦୟ-କାନନେ ଈର୍ଷାନଳ ଜାଳି
କରୁଛନ୍ତି ମନସ୍ତାପ ।
ମସ୍ତକେ ଆମ୍ଭର ପାଦ ଦେଇଛନ୍ତି
ଦିଗ୍‌ବିଜୟେ ରଘୁ କାଲି,
ଆଜି ତାଙ୍କ ପୁଅ ସଭାରେ ଆମ୍ଭର
ବଦନେ ଘଷିଲେ କାଳି ।
ଏତେ ଅପମାନେ କେଉଁରୂପେ ଯାଇ
ପୁରେ ଦେଖାଇବା ମୁଖ,
ବାରମ୍ବାର ଏଡ଼େ ଲାଞ୍ଛନାକୁ ସହି
ଜୀଇବାର ବଡ଼ ଦୁଃଖ ।
କ୍ଷତ୍ରିକୁଳେ ଜନ୍ମି କାପୁରୁଷପଣେ
ଜୀଇଲେ ଜୀବିତ ଯେବେ,
କହ ତେବେ ଆଉ ଜୀବନ୍ମୃତ ବୋଲି
କାହାକୁ କହନ୍ତି ତେବେ ?
କନ୍ୟାଟିକି ଘେନି ଅଜ ଯାଉଅଛି
ଆଚ୍ଛାଦି ସୈନିକ-ଜାଲ,
କପୋତ-ଦମ୍ପତି ପରାୟେ ତାହାକୁ
ବାନ୍ଧି ଘେନିଯିବା ଭଲ ।
ଏକମେଳ ହେଲେ ବିଶ୍ୱଭବନରେ
ଅସାଧ୍ୟ ହୁଏ ସହଜ,
ସୂକ୍ଷ୍ମ ଶଣସୂତ୍ର ମେଳ ହେଲେ ଦେଖ
ବନ୍ଧ ହୁଏ ମତ୍ତଗଜ ।
ଏମନ୍ତ ବିଚାରି ନରପତିମାନେ
ସଦର୍ପେ କରି ଗମନ,
ବହୁ ଦଳବଳ ସହ ଯୁବରାଜ
ପ୍ରତି କଲେ ଆକ୍ରମଣ ।

ଦେଖିଲେ କୁମାର ଭୟଙ୍କରରୂପୀ
ବରଷାକାଳ ସମ'ନେ,
ଅସଂଖ୍ୟ ବାହିନୀ ଯେହ୍ନ ଆସୁଛନ୍ତି
ବିଦ୍ୱେଷୀ ନରେଶମାନେ ।
ଖଡ୍ଗ ତଲବାର ଚପଳା ଝଲକେ,
ସ୍ତନିତ ଗଜଗର୍ଜନ,
ପତାକା ଉଡ୍ଡୀନ ବକପନ୍ତି, ସେନା-
ତର୍ଜନ ଡାହୁକସ୍ୱନ ।
କେତକୀ ଶାଣିତ କରବାଳପୁର୍ଣ୍ଣୀ,
ଧନୁ ଇନ୍ଦ୍ର ଶରାସନ,
ଯେହ୍ନ ଅଜ-ଭାନୁ ଗ୍ରାସ ଲାଳସରେ
ଧାଉଁଛନ୍ତି ସୈନ୍ୟ-ଘନ ।
ଅଜ-ସେନାନଳେ ବର୍ଷଣ କରିବେ
ଅବିରଳ ଶରଧାର,
ଜାଣି ଯୁବରାଜ ଅମାତ୍ୟଙ୍କୁ ଦେଲେ
ପ୍ରିୟାସଂରକ୍ଷଣ ଭାର ।
ଧରି ଧନୁଶର ହେଲେ ଅଗ୍ରସର
ରଣସ୍ଥଳୀକି ଆପଣେ,
ନିଜ ବାହିନୀକି ଉତ୍ତେଜନା କରି
କହିଲେ, "ହେ ବୀରଗଣେ !
ଦେଖ ଦେଖ ବାବୁ, ଧାଇଁ ଆସୁଅଛି
ଆତତାୟି-ଅକୂପାର,
ଭୁଜବଳ-ପୋତ ଅବଲମ୍ବନରେ
ଆସ ହୋଇଯିବା ପାର ।
ପୋତ ମଜ୍ଜନକୁ ଭୟ ନ କରିବ
ଅଜ ଯହିଁ କର୍ଣ୍ଣଧାର,
ପ୍ରାଣପଣେ ରଣେ ଅଗ୍ରସର ହୋଇ
ରିପୁବଳ ବେଗେ ମାର ।
ସଂଗ୍ରାମରେ ନାଶ ହେଲେ ସ୍ୱର୍ଗବାସ,
ଜିତିଲେ ଭୋଗ ସମ୍ପତ୍ତି,
ପଶ୍ଚାତ୍ପଦ ହେଲେ ଅପଯଶ ଲଭି
ସହଜେ ନରକଗତି ।"
କହୁଁ କହୁଁ ବେନି ଦଳେ ଲାଗିଗଲା
ଅତି ଭୟଙ୍କର ରଣ,

ରଥୀ ସଙ୍ଗେ ରଥୀ ପଦାତି ପଦାତି
ଆଧୋରଣେ ଆଧୋରଣ ।
ସାଦିବର ସଙ୍ଗେ ସାଦିଏ ଯୁଝିଲେ
କରେ ଧରି କରବାଳ,
ସମରକ୍ଷେତ୍ରକୁ ତିମିରେ ଆବୃତ
କରିଦେଲେ ଶରମାଳ ।
ଯୋଦ୍ଧୃଗଣ ତହିଁ ଆତ୍ମ-ପର ବଳ
ବାରି ତ ପାରିଲେ ନାହିଁ,
ଆପେ ଆପଣାର ଦଳ ସଙ୍ଗେ ରଣ-
ରଙ୍ଗେ ମାତିଗଲେ କାହିଁ ।
ନୃପଗଣ ସଙ୍ଗେ ଯୁଝିଲେ ନିଃଶଙ୍କେ
ଏକା ଅଜ ମହାବଳୀ,
ଦନ୍ତାବଳଯୂଥେ କେଶରୀ ପରାଏ
ରିପୁ ଦେଉଥାନ୍ତି ଦଳି ।
କ୍ଷଣେ ଧନୁଷ୍କର କ୍ଷଣେ ଖଡ୍ଗପାଣି
କ୍ଷଣେ କ୍ଷଣେ ଧରି ଗଦା,
ପ୍ରହାର-ଘାତରେ ରିପୁ-କାନନକୁ
କରି ଦେଉଥାନ୍ତି ପଦା ।
ରାଜଗଣ ଥରେ ଥରେ ଚୌଦିଗରୁ
ବେଢ଼ି ହୋଇ କୋପଭରି,
ଅଜଙ୍କ ଉପରେ ଅବିଚ୍ଛିନ୍ନ ଧାରେ
ବରଷାଉଥିଲେ ଶର ।
ଅଜ ପ୍ରତିଶରେ ଶତ ଖଣ୍ଡ କରି
ଆଗତ ମାର୍ଗଣାବଳୀ,
ଆପେ ପରଚକ୍ର ଆଶୁଗରେ ଛାଇ
ଦେଉଥିଲେ ରଣସ୍ଥଳୀ ।
ଏହିରୂପେ ବେଳୁଁ ବେଳ ଲାଗିଗଲା
ସମର ଭୀଷଣତର,
ଦିଗ ଅନ୍ଧାରିତ ଦିଶୁଥିଲା ଏକା
ଆଶୁଗପ୍ରଭା ମାତର ।
ଥରେ ହୋଇଗଲା ରଣସ୍ଥଳ ଲୋମ-
ହରଷଣ ରଙ୍ଗାନୟୂ,
ଗାଉଥିଲେ ଗୀତ ଗଜ-ବାଜିଗଣେ
ଉଚ୍ଚେ କରି ତାନ ଲୟ ।

ବାଉଥିଲେ ଧନୁ— ଶୁଣି ବୀରଗଣେ
କବନ୍ଧର ହୁଏ ନାଚ,
ଦେଖୁଥିଲେ ତାହା ସୁରାଙ୍ଗନାମାନେ
ଯେନ ବେନି କୂଳ ଥାଟ ।
ଥରେ ହେଉଥାଏ ପ୍ରବଳ ବାହିନୀ
ଉଭୟାବଦ୍ଧ ପ୍ରବାହିନୀ,
ବାରଣ ସଂହତି— ଶିଳାବିଷମରେ
ଘୋର ସଂକଟଦାୟିନୀ ।
ହୁଂକାର ଗର୍ଜିତ ଘନ ରକ୍ତସ୍ରୋତ
ଫେନିଳ ଶିରସ୍ତ୍ରଜାଳେ,
ଚଞ୍ଚଳଭାବରେ ଖେଳୁଥିଲେ ତହିଁ
ଅସି ଛୁରୀ ମୀନମାଳେ ।
ବୀରଗଣ ଦମ୍ଭେ ତରବାରି ଆଣେ
ଆଶ୍ରେ କରି ନୃପ-ତୃଷା,
ରିପୁ-ଗଣ୍ଡ ମଧ୍ୟେ ବାହି ନେଉଥିଲେ
ମାର୍ଗଣ-କ୍ଷେପଣୀ ଧରି ।
ପୁଣି ଅଜ ଅଙ୍ଗେ ଶରବୃଷ୍ଟି କଲେ
ଅଗଣିତ ରାଜବୀର,
ଯୁବରାଜଙ୍କର ଗଭୀର ହୃଦୟ
ନ ହେଲା ତିଳେ ଅଧୀର ।
ଆପେ ଛାଡ଼ିଦେଲେ ପ୍ରସ୍ୱାପନ ବାଣ
ବାଣବର ବେଗେ ଯାଇ,
ସମରବ୍ୟଥିତ ରାଜସେନାବୃନ୍ଦ
ନିଦ୍ରାରେ ଦେଲା ମଜ୍ଜାଇ ।
ନିଦ୍ରା ଭଜିଲା କେ ସ୍ୟନ୍ଦନ ଉପରେ
କେବା ଗଜ-ବାଜି-ସ୍କନ୍ଧେ,
କେ ଅବା ଲୋହିତ— ପ୍ଲାବିତ କୋମଳ
ଧରଣୀତଳେ ସ୍ୱଚ୍ଛନ୍ଦେ ।
ରଣ ଜୟ କରି ଯୁବରାଜ କଲେ
ଶଙ୍ଖନାଦ ଘନ ଘନ,
ନାଚିଲେ ତାଙ୍କର ସୈନିକ ନିକର
ହୋଇ ହରଷିତମନ ।
ଆତ୍ମ-ପର ବଳ ବିଚାର ନ କରି
କ୍ରୋଧବଶ ହେଲେ ଜନ,

ଏହିରୂପେ ମହା- ସଂକଟ-ସାଗର
ଗର୍ଭେ ହୁଅନ୍ତି ପତନ ।
ସୁଷୁପ୍ତି ଜଡ଼ିତ ହୋଇ ପଡ଼ିଥିଲେ
ସର୍ବ ରାଜସେନାଗଣେ,
ଚାହିଁଥିଲେ ଅଜ ଅକ୍ଳେଶରେ ନାଶ
କରିଥାନ୍ତେ ସେହିକ୍ଷଣେ ।
ବଳବନ୍ତଠାରେ ବଳବନ୍ତ ସିନା
ପ୍ରକାଶଇ ପରାକ୍ରମ,
ବଳହୀନଠାରେ ବଳ ଦେଖାଇବା
ନୁହଇ କ୍ଷତ୍ରିୟ ଧର୍ମ ।
ନିଦ୍ରିତ ନିରସ୍ତ୍ର ଶରଣ ଆଗତ
ଅବଳା ଦୂତ ବାଳକ,
ଏମାନଙ୍କୁ ବଳେ ନାଶ କଲେ ଲାଗେ
ବୀର-ଯଶରେ କଳଙ୍କ ।
ମିତପରାୟଣ ମିତ ଅବଲମ୍ବି
ରକ୍ଷାକଲେ ପରଦଳ,
ପ୍ରତିବନ୍ଧକ ନ ଥିଲେହେଁ କୂଳକୁ
ଲଙ୍ଘେ କି ଜଳଧିଜଳ ?
ମହତ ଜନର ଦୟା ସବୁଠାରେ
ସମେ ହୁଏ ବିତରିତ,
କର୍ତ୍ତିକ ମସ୍ତକୁଁ ନ କରଇ ତରୁ
ସ୍ୱଚ୍ଛାୟା ଅପସାରିତ ।
ପରଦୁଃଖ ଦେଖି ଦୟାଳୁ ହୃଦୟ
ସହଜରେ ହୁଏ ଦୁଃଖୀ,
ତେଣୁ ରଣକ୍ଳାନ୍ତ ବିପକ୍ଷଦଳକୁ
ସୁପ୍ତି ଦେଇ କଲେ ସୁଖୀ ।
ପରେ ପ୍ରପୀଡ଼ିତ ହେଲେହେଁ ମହତ
ଭାବ ସଦା ଅକର୍କଶ,
ନ ହେଲେ କି ଇକ୍ଷୁ ନିଷ୍ପେଷିତ ହୋଇ
ଦିଅନ୍ତା ମଧୁର ରସ ?
ସୈନ୍ୟ-ସାଗରକୁ ମନ୍ଥି କଉଶଳେ
ରଣବିଶାରଦ ଅଜ,
ହର୍ଷେ ବିଜେ କଲେ ପ୍ରିୟା ସମୀପକୁ
ପଦ୍ମବନକୁ ଯେହ୍ନେ ଗଜ ।

କାନ୍ତ ରଣେ ରତ ଚାହିଁ ନବ କାନ୍ତା
ନେଇଁ ବହୁଥିଲ ନୀର,
ନିଶା ଅବସାନେ ଗଗନମଣ୍ଡଳୁଁ
ଝରଇ ଯେସନେ ଶିଶିର ।
ସମର ବିଜୟୀ ପତିଙ୍କି ଅନାଇ
ଲଭିଲେ ଅମୂଲ୍ୟ ସୁଖ,
ପଦ୍ମିନୀ-ସୁନ୍ଦରୀ ଦର୍ଶନ କଲା କି
ମେଘମୁକ୍ତ ରବି-ମୁଖ ?
ଯୁବରାଜ ପ୍ରିୟା ବଦନକୁ ଚାହିଁ
ବୋଲନ୍ତି,"ଗୋ ବିମ୍ବାଧରି,
ଦେଖ ଦେଖ ଥରେ ସମରକ୍ଷେତ୍ରକୁ
କଟାକ୍ଷ ଚାଳନ କରି ।
ତୋହ ପାଇଁ କେତେ ନୃପତିନନ୍ଦନ
ଦମ୍ଭେ ଆସି କ୍ରୋଧବଶୁଁ,
ଅଦୂରଦରଶୀ- ପତଙ୍ଗ ପ୍ରାଣ ଦେଲେ
ରଣ-ଯଜ୍ଞେ ହୋଇ ପଶୁ ।

କେତେ କେତେ ସେନା ପତଙ୍ଗମ ହେଲେ
ପ୍ରଦୀପ୍ତ ସମରାନଳେ,
ଏ ବାରତା ପାଇ ପରିଜନେ ତାଙ୍କ
ଭାସିଯିବେ ଶୋକ-ଜଳେ ।
କେତେ ନରପତି କୁସୁମରଚିତ
କୋମଳ ପଲଙ୍କ ଛାଡ଼ି,
ଶିବାଗଣ ସଙ୍ଗେ ଲୋହିତାକ୍ତ ମୁଖେ
ଶୋଇଛନ୍ତି ମୁହଁ ମାଡ଼ି ।"
ଶୁଣି ଇନ୍ଦୁମତୀ ତଳକୁ ବଦନ
କଲେ ମନ୍ଦ ମନ୍ଦ ହସି,
ଲଜ୍ଜାବଶୁଁ ସଖୀ— ବଦନେ କହିଲେ
କାନ୍ତେ ବିଜ ପରଶଂସି ।
ଏହିରୂପେ ରଘୁ— ଛେଦିତ ନାକରେ
ଲବଣ ଲଗାଇ ଅଜ,
ବିଜେ କଲେ ନିଜ ପୁର ଅଭିମୁଖେ
ଉଡ଼ାଇ ବିଜୟ-ଧ୍ୱଜ ।

# ଉତ୍ତର ଭାଗ

କୁମାର ବିରହେ ବ୍ୟାକୁଳହୃଦୟେ
ଅଯୋଧ୍ୟାର ରାଜରାଣୀ,
ଦୁଃଖେ କହୁଛନ୍ତି ସଖୀ ପାଶେ ସୁଦ୍ଧ
ଉଦନ୍ତ କିଛି ନ ଜାଣି ।
"ନିଶା ଅବସାନେ ଦେଖିଲି ଗୋ ଆଜ
ସ୍ୱପ୍ନ ସୁବିସ୍ମୟକର,
ସ୍ମରି ଏତେବେଳେ ତନୁ ଥରେ ଯଥା
ସମୀରେ ରମ୍ଭାପତର ।
ମୃଦୁଳବପୁ ମୋ ପୁତ୍ର ଆସୁଥିଲା
ଆରୋହି ଶ୍ୱେତ ବାରଣ,
ଡାକୁଥିଲା ଶିରେ ପରିଚାରୀ କରି
ଶ୍ୱେତ ଚାମର ଧାରଣ ।
ବେନି ପାର୍ଶ୍ୱେ ପୁଣି ଧବଳ ଚଞ୍ଚଳ
ତରଳଥିଲା ଫରହର,

ମୋ ପୁତ୍ର ଅଙ୍ଗରେ ଶୋଭା ପାଉଥିଲା
ଶୁକ୍ଳାମ୍ବର ବଧୂବର ।
ବିଶାଳ ବକ୍ଷରେ ଝୁଲୁଥିଲା ଚାରୁ
ଧବଳ କୁସୁମହାର,
ଲୀଳା-ପୁଣ୍ଡରୀକ ଚଳା ହେଉଥିଲା
ହସ୍ତେ ନବ ଅବଳାର ।
ଶିରେ ପଡ଼ୁଥିଲା ବିଦ୍ୟାଧର କର
ବିମୁକ୍ତ କୁସୁମରାଶି,
ଚାହିଁ ମୋ ନୟନ— ଯୁଗ ଯାଉଥିଲା
ସୁଖ-ସଲିଳରେ ଭାସି ।
ଆଉ ଥରେ ପୁଣି ଦେଖିଲି ଚୌଦିଗେ
ଆକ୍ରମି ନୃପତିଗଣ,
ଏକାକୀ ମୋ ଶିଶୁ କୁମାର ସଙ୍ଗରେ
କରୁଥିଲେ ଘୋର ରଣ ।

ଘର ଘରଚଣ୍ଡ   ବାଣେ ଫୁଟି ତାର
ସୁକୁମାର କଳେବର,
ଅନର୍ଗଳବାହୀ   ରକ୍ତପ୍ରସ୍ରବରେ
ହୋଇଥିଲା ଜରଜର ।
କାରୁଣ୍ୟସାଗର   ଅବାର୍ଯ୍ୟ ତରଙ୍ଗ-
ପରମ୍ପରା ଉଠି ଖରେ,
ଧୈର୍ଯ୍ୟ-ପୋତ ମୋର   ଗ୍ରାସିଦେଲା ସଖି,
ଗୃହୁଁ ଗୃହୁଁ କ୍ଷଣକରେ ।
ଅକସ୍ମାତେ ମୋର   ସୁଷୁପ୍ତି ଭଞ୍ଜନ
ହୋଇଗଲା ସେହିକ୍ଷଣି,
ଉଠି ପଲ୍ୟଙ୍କରେ   ବସି ଅନାଇଲି
କାହିଁ ସେ କୁମରମଣି ।
ନବ ବିକଶିତ   ନୀପ ପ୍ରାୟେ ତନୁ
ହୋଇଥିଲା କଣ୍ଟକିତ,
ସ୍ୱିନ୍ନ ହେଲା ପୁଣି   ନିଶାନ୍ତେ ଯେସନ
ପଦ୍ମିନୀ ଶିଶିରସିକ୍ତ ।
ସେତିକି ବେଳରୁ   ନୟନରେ ଆଉ
ନିଦ୍ରା ତ ଆସିଲା ନାହିଁ,
କୁମାର ପ୍ରସଙ୍ଗ   ଭାବନାରେ ଏକା
ବିଭାବରୀ ଗଲା ପାହି ।
ଅଦ୍ଭୁତ ସ୍ୱପନ   ଦେଖିଲା ବେଳୁ ମୋ
ମନ ହେଉଅଛି ଧାଣ୍ଡି,
ଶରବିଦ୍ଧ ତନୁ   କୁମାରକୁ ସ୍ମରି
ହୃଦୟ ଯାଉଛି ଫାଟି ।
କେମନ୍ତେ ଦେଖିବି   ଜୀବଜୀବନର
ଅମଳ କମଳମୁଖ,
କେବେ ଆସି ମୋର   ନୟନ-ପ୍ରତିମା
ଦୂରେ ତଡ଼ିଦେବ ଦୁଃଖ ।
ନିସର୍ଗ-ସୁନ୍ଦର   ପୁନ ମୋ ଯାଇଛି
ସ୍ୱୟମ୍ବର ସଭାସ୍ଥଳ,
ରାଜାଗଣ ଗୃହୁଁ   ଅସୂୟାରେ ଅବା
ବାଞ୍ଛା କଲେ ଅମଙ୍ଗଳ ।
ଅଳପ ବୟସ   ସରଳ ସ୍ୱଭାବ
ଅଟଇ ମୋର କୁମାର,
ରାଜାଗଣେ ତାର   କପଟ ରଚିଲେ
କେମନ୍ତେ ହୋଇବ ପାର ।
ଅନାଥର ନାଥ   ଅରକ୍ଷ-ରକ୍ଷକ
ଆହେ ପ୍ରଭୁ ଚକ୍ରଧର,
ଚକ୍ର ଅନ୍ତରାଳେ   ଅସହାୟ ମୋର
ନନ୍ଦନକୁ ରକ୍ଷା କର ।"
ଏହିରୂପେ ଖିନ୍ନ—   ହୃଦୟା ମହିଷୀ
ପ୍ରିୟସଖୀ ପାଶେ କହି,
ନିଦାଘ-ଶଇଳ   ପ୍ରାୟେ ବସିଥିଲେ
ହୃଦୟରେ ତାପ ବହି ।
ବଦନମଣ୍ଡଳ   ଥୋଇଥିଲେ ଭାର
ଦେଇ ସବ୍ୟେତର କରେ,
ପର୍ଯ୍ୟୁଷିତ ଶ୍ଳଥ—   ବୃନ୍ତ କୁସୁମ କି
ଢଳିଅଛି ପଲ୍ଲବରେ !
ସଭାମଣ୍ଡପରେ   ସଭ୍ୟ ରାଜବୃନ୍ଦ
ଘେନି ରଘୁ ନରବର
ବସିଥିଲେ, ଏହି   କାଳେ ଉପଗତ
ଯୁବରାଜଙ୍କ ଡଗର ।
ନତମସ୍ତକରେ   କରଯୋଡ଼ି ବନ୍ଦି
ମହାରାଜ ପଦ୍ମପାଦ,
ଆନନ୍ଦଗଦ୍‌ଗଦ   ବଚନେ କହିଲା
ବିଦର୍ଭପୁର ସମ୍ବାଦ ।
"ହେ ଦେବ ମହିମା   ରାଜରାଜେଶ୍ୱର !
ଶୁଭେ ହେଲା ସ୍ୱୟମ୍ବର,
ତ୍ରିଲୋକସୁନ୍ଦରୀ   ବରମାଳ୍ୟ ଦେଲେ
ଗଳେ ଯୁବରାଜଙ୍କର ।
ଆସିଥିଲେ କେତେ   କେତେ ନରପତି
ଶୁଷ୍କ କରିଦେଲେ ମୁଖ,
ନ ଲଭି ବିଦର୍ଭ—   ଗଗନ-ସୁନ୍ଦର-
ଚନ୍ଦ୍ରମା-କୃପା-ମୟୂଖ ।
ମହା ଆଡ଼ମ୍ବରେ   ଉଦ୍‌ବାହ ବିଧାନ
ଶୁଭେ କରି ସମାପନ,
ବଧୂରତ୍ନ ଘେନି   ଯୁବରାଜ ପୁରେ
କରୁଥିଲେ ଆଗମନ ।

ସହି ନ ପାରି ତା     ଦଳବଦ୍ଧ ହୋଇ
    ମତ୍ସରୀ ନୃପତି ସର୍ବେ,
ଆସି କୁମାରଙ୍କୁ     ପଥେ ଆକ୍ରମିଲେ
    ଯୁଯୁତ୍ସାରେ ମହାଗର୍ବେ ।
ଏକା ଯୁବରାଜ—     ହସ୍ତେ ମହାରଣେ
    ହାରିଲେ ରାଜା ସକଳ,
ମୃଗରାଜଶିଶୁ     ସଙ୍ଗେ ରଣ କଲେ
    ଜିତିବେ କି ଛାଗପଲ !
ସେମାନଙ୍କ ଶିରେ     ବାମ ପଦ ଦେଇ
    ପରତାପୀ ଯୁବରାଜ
ବିଜେ କରୁଛନ୍ତି,     ଜାହ୍ନବୀ-କୂଳରେ
    ତମ୍ବୁ ରହିଥିବ ଆଜ ।”
ଏ ବାରତା ଶୁଣି     ରଘୁ ନୃପମଣି
    ଲଭିଲେ ମୁଦ ଅପାର,
ଅକସ୍ମାତେ କେବା     ଶ୍ରୁତିଯୁଗଳରେ
    ଢାଳିଦେଲା ସୁଧାଧାର ।
ଅମାତ୍ୟଗଣଙ୍କୁ     ଆଜ୍ଞା ଦେଇ ବେଗେ
    ନଗରମଣ୍ଡନ ପାଇଁ,
ରାଣୀଙ୍କୁ କହିଲେ     ଶୁଭସମାଚାର
    ଅନ୍ତର୍ଭବନକୁ ଯାଇ ।
ସୁଖରାଜ୍ୟ ସୀମା     ନ ରହିଲା ତାହା
    ଶୁଣି ମହାରାଣୀଙ୍କର,
ଆତପତାପିତ     ଜନ ଶିରେ କିବା
    ପଡ଼ିଲା ଗିରି-ନିର୍ଝର ।
ସେ ବାରତା ପୁଣି     ବିଘୋଷିତ ହେଲା
    ନଗରେ ସାହିକି ସାହି,
ପୁରବାସୀଙ୍କର     ଆନନ୍ଦର ଆଉ
    ଇୟତ୍ତା ରହିଲା ନାହିଁ ।
ଅଯୋଧ୍ୟା ନଗର     ହୋଇଗଲା ସ୍ୱଚ୍ଛ
    ଆନନ୍ଦ-କୌମୁଦୀମୟ,
ସମସ୍ତଙ୍କ ମୁଖେ     ବିଘୋଷିତ ହେଲା
    ଜୟ ଯୁବରାଜ ଜୟ ।
ଏ ବାରତା ଶୁଣି     ସାମନ୍ତ ସକଳ
    ମହାଡ଼ମ୍ବର ଦେଖାଇ,
ସମବେତ ହୋଇ     ଗଲେ କୁମାରଙ୍କୁ
    ପାଛୋଟି ଆଣିବା ପାଇଁ ।
ଆଗତ ସାମନ୍ତ-     ମଣ୍ଡଳେ କୁମାର
    ହୋଇଣ ଅଭିନନ୍ଦିତ,
ସାମରିକ କଥା     କହି କହି ତାଙ୍କୁ
    ପୁରେ ହେଲେ ବିରାଜିତ ।
ପୁରବାସୀଙ୍କର     ନୟନରେ ଦେଇ
    ସୁଦୁର୍ଲଭ ଆହ୍ଲାଦ,
ବଧୂ ସଙ୍ଗେ ଯାଇ     ଭକ୍ତିରେ ବନ୍ଦିଲେ
    ଜନକ-ଜନନୀ-ପାଦ ।
ନବବଧୂସଙ୍ଗୀ     କୁମାରଙ୍କୁ ଦେଖି
    ରାଜା-ରାଣୀ ହର୍ଷଭର,
ପୌର୍ଣ୍ଣମାସୀଶୋଭି     ଚନ୍ଦ୍ରମାମଣ୍ଡଳ
    ଦର୍ଶନେ ଯଥା ସାଗର ।
କେତେ କାଳ ପରେ     କୁମାରଙ୍କୁ ରାଜା
    ରାଜ୍ୟ କରି ସମର୍ପଣ,
ଆପେ ବାନପ୍ରସ୍ଥ     ଧର୍ମ ଅବଲମ୍ବି
    ସ୍ୱର୍ଲୋକେ କଲେ ଗମନ ।
ଅଜ ବହି ହେଲେ     ଜନକପ୍ରଦତ୍ତ
    ଅଖଣ୍ଡ ମେଦିନୀଭାର,
ବିଦ୍ୟା-ଆଲୋକିତ     ହୃଦେ ନ ରଖିଲେ
    ତିଳେ ରାଜ-ଅହଙ୍କାର ।
ଅପକ୍ଷପାତରେ     ଅପତ୍ୟସ୍ନେହରେ
    ପରଜାମଣ୍ଡଳ ପାଳି,
ପ୍ରଚଣ୍ଡପ୍ରତାପ—     ବୈଶ୍ୱାନରେ ରିପୁ-
    ତୃଣରାଶି ଦେଲେ ଜାଳି ।
ଅଖଣ୍ଡିତ ନ୍ୟାୟ     ସୁଧାକର ସୁଧା
    ଧବଳ ଚନ୍ଦ୍ରିକାଜାଳ,
ରାଜ୍ୟରୁ ତାଙ୍କର     କରୁଥିଲା ଦୂର
    ଅନୀତି ତିମିରମାଳ ।
ପରଶ୍ରୀକାତର     କର୍ଣ୍ଣେଜପଙ୍କର
    ପର ଖଳକଥାମାନ,
କର୍ଣ୍ଣପଥେ ପଶି     ପାରୁ ତ ନ ଥିଲେ,
    ହୃଦେ କି ପାଇବେ ସ୍ଥାନ !

ଦୁଃଖୀ ପ୍ରଜାଙ୍କର ଦୁଃଖ ଜର୍ଜରିତ
ଗୃହାଶ୍ରମମାନ ଭ୍ରମିତ,
ଦୟା-ରତ୍ନପୂର୍ଣ୍ଣ ହୃଦ-ପ୍ରାସାଦରେ
ହେଉଥାଏ ନିନାଦିତ ।
ପ୍ରଜା ଉପକାର କାରଣେ ସଞ୍ଚିତ
ଭଣ୍ଡାରଟି ଅଜଙ୍କର,
ବଞ୍ଚକ ବଞ୍ଚନା— କଥାରେ ନ ଯାଏ
କପର୍ଦ୍ଦ ଏକମାତର ।
ଭୋଗାସକ୍ତ ନୋହି ସଦା ଜାଗରିତ
ପ୍ରଜାଙ୍କ ହିତସାଧନେ,
ପ୍ରଜା-ସୁଖ ଦେଖି ଆପେ ମହାସୁଖ
ହେଉଥିଲେ ସ୍ୱଚ୍ଛମନେ ।
ରଘୁବରହିତ ରଘୁସୁଶାସନ-
ପାଳିତ ପରଜାଗଣ,
ଅଜ ରାଜତ୍ୱରେ ରଘୁଙ୍କ ବିରହ
କରିଦେଲେ ବିସ୍ମରଣ ।
ସର୍ବେ ମୁକ୍ତକଣ୍ଠେ ଘୋଷୁଥାନ୍ତି ସଦା
ଅଜଙ୍କ ନିର୍ମଳ ଯଶ,
ଇନ୍ଦୁ ଥିଲେ ଏକା ଆଶ୍ରୟୀଭବରୁ
ଆଳସ୍ୟ ଗର୍ବ ରାକ୍ଷସ ।
ଲମ୍ପଟ୍ୟ ଚାତୁର୍ଯ୍ୟ ଆଦି ହୀନବୃତ୍ତି
କୃତ୍ରିମ ରୂପ ଦେଖାଇ,
ଅଜରାଜ୍ୟ ଜନ— ମାନସକୁ କେବେ
ଭୁଲାଇପାରନ୍ତି ନାହିଁ ।
ଇନ୍ଦୁମତୀଠାରେ ଅଟଳ ସୁସ୍ନେହ
ଅଜ କରି ସଂସ୍ଥାପନ,
ଦମ୍ପତି-ପ୍ରଣୟ— ବିଳାସରେ ସୁଖେ
ସମୟ କଲେ ଯାପନ ।
କେତେ କାଳ ପରେ ଇନ୍ଦୁମତୀଙ୍କର
ହୋଇଣ ଗର୍ଭସଞ୍ଚାର,
ଯଥାସମୟରେ ଜାତ ହେଲେ ଏକ
ସୁନ୍ଦର ନବ କୁମାର ।
ଦଶ ଦିଶେ ରଥ ଗମିବ ଏହାର
ରାଜା ଏହା ଭାବି ମନେ,
ଦଶରଥ ନାମେ ଖ୍ୟାତ ହେଉ ସୁତ
ବୋଇଲେ ବିଶ୍ୱଭବନେ ।
ଶୁକ୍ଳେ ଶଶିକଳା ପ୍ରାୟେ ଦିନୁଦିନ
କୁମାର ହେଲେ ବର୍ଦ୍ଧିତ,
ଚାହିଁ ହେଉଥାନ୍ତି ଜନକ-ଜନନୀ
ଅତିଶୟ ଆନନ୍ଦିତ ।
ଧରଣୀ-ରାଣୀର ସେବା ଅର୍ଥେ ଆସି
ବସନ୍ତ ପ୍ରବେଶ ହେଲା,
ଲୋହିତ କୋମଳ ପଲ୍ଲବ-ଦୁକୂଳେ
ଆଗ ତନୁ ମଣ୍ଡିଦେଲା ।
ଲଲାଟରେ ଲତା ଅଳକାବଳୀକି
ଅତି ଯତନରେ ସାଜି,
ମଣ୍ଡିଦେଲା ଶିରେ ନବ ବିକଶିତ
ମଞ୍ଜୁଳ କୁସୁମରାଜି ।
ଉରଜରେ ଦିଏ ଲମ୍ବାଇ ହୃଦୟେ
ହିମବିନ୍ଦୁ-ମୋତିମାଳୀ,
କର ପ୍ରସାରି ଯା ହରି ନେଉଥାନ୍ତି
ପ୍ରଭାତରେ କରମାଳୀ ।
ଦକ୍ଷିଣସାଗର— ତରଙ୍ଗ-ଶୀକର-
ସିକ୍ତ-ଶୀତ-ମୃଦୁ-ବାତେ,
ମଳୟ ଶଇଳୁଁ ସୁଗନ୍ଧିକି ହରି
ବିଞ୍ଚୁଥାଏ ମହୀଗାନେ ।
ଗାଇଲେ ସଙ୍ଗୀତ ମଧୁମତ୍ତ ମଧୁ-
କରଏ ମଧୁରରାବେ,
ବନ ଉପବନ ମଧୁରିତ ହେଲା
କଳକଣ୍ଠ କଳରବେ ।
ମହୀପତି ଅଜ ମହୀ-ମହିଳାର
କମନୀୟ ଛବି ଚାହିଁ,
ମହୀ-ରତ୍ନହାରା ପ୍ରିୟା ସଙ୍ଗେ ଗଲେ
ଉଦ୍ୟାନ ବିହାର ପାଇଁ ।
ପ୍ରେମାଳାପେ ଭ୍ରମୁ ଭ୍ରମୁ ସେ ଦମ୍ପତି
ପୁଷ୍ପବନେ କୁତୂହଳେ,
ପୁଷ୍ପହାର ଏକ ଗଗନୁ ପଡ଼ିଲା
ଇନ୍ଦୁମତୀ ବକ୍ଷସ୍ଥଳେ ।

ସେ ଦିବ୍ୟ କୁସୁମ— ହାର ଦରଶନ
ମାତ୍ରେ ଇନ୍ଦୁମତୀଙ୍କର
ପ୍ରାଣ-ବିହଙ୍ଗମ ଉଡ଼ିଗଲା, ତନୁ
ପଡ଼ିଲା ଧରା ଉପର ।
ଛିନ୍ନମୂଳ ତରୁ ପରାୟେ ଭୂମିରେ
ପଡ଼ିବାରୁ ପ୍ରିୟଜାୟା,
ଜ୍ଞାନଶୂନ୍ୟ ହୋଇ ପଡ଼ିଲେ ନୃପତି
କାୟା ସଙ୍ଗେ ଯଥା ଛାୟା ।
କେତେକ୍ଷଣେ ଜ୍ଞାନ ଲଭି ନରପତି
ପାରିଷଦ ଯତନରେ,
ସତୃଷ୍ଣେ ଦେଖିଲେ ଜ୍ଞାନ ନାହିଁ ପ୍ରାଣ-
ସଙ୍ଗିନୀ ଅପଘନରେ ।
ଝଟକଧାଟକ— ତନୁ ଦିଶୁଅଛି
ନିଷ୍ପ୍ରଭ ନିରତିଶୟ,
ଅକସ୍ମାତେ କିବା ହୋଇଗଲା ହେମ
ପ୍ରତିମା ପାରଦମୟ ।
ସସମ୍ଭ୍ରମେ ଉରେ କର ପକାଇଲେ
ଲାଗିଲା ଅତି ଶୀତଳ,
ଅନାବୃତ ସ୍ଥାନେ ଥିଲେ ଯଥା ଶୀତ-
ନିଶାନ୍ତେ ଲୌହଶାବଳ ।
ଦେଖିଲେ ବଦନ— ମଣ୍ଡଳେ ନାହିଁ ତ
ପୂର୍ବତନ ସ୍ମିତଭାବ,
ମୁଦ୍ରିତ ଖଞ୍ଜନ— ଗଞ୍ଜନ ନୟନ
ଗଣ୍ଡ ଭଲ ପାଣ୍ଡୁଭାଭ ।
ନାସିକାରେ କର ନିବେଶି ଦେଖିଲେ
ନ ଆସଇ ପ୍ରାଣବାୟୁ,
କୋଳେ ଧରି ଉଚ୍ଚେ ବିଳପିଲେ ଶୋକ
ସମ୍ବରି ନ ପାରି ଆଉ ।
"ଆହା ବରାନନେ ସରଳ-କୋମଳ-
ହୃଦୟା ସୁଦୟାବତି !
ଛାଡ଼ିଗଲୁ କେଉଁ ଅପରାଧ ଦେଖି
ହୋଇଣ ନିଷ୍ଠୁରମତି !
କେତେ ଅପରାଧ କରି ସଖି ! ଦିନେ
ଦେଖି ନାହିଁ ତୋର ମାନ,
ଦିନେ ତୋ ମୁଖରୁ କର୍କଶ ବଚନ
ପାଇ ନାହିଁ ମୋର କାନ ।
କଳନାଦ-ବୀଣା— ଗର୍ବ ଖର୍ବକର
ବଚନ ନ କହୁ ପଦେ,
ଗଲୁ ନମସ୍କାରି ଦେଇ ଶୋକମୟ
ଦୁସ୍ତର ଘୋର ବିପଦେ ।
ଦୟା ଉପାଦାନେ ଗଢ଼ା ହୋଇଅଛି
ପ୍ରିୟେ ! ତବ କଳେବର,
ପ୍ରେମ-ରସାଣରେ ରସାଣି ଦେଇଛି
ତଦୁପରି ବେଦବର ।
କଠିନ ହୃଦୟ ଜାଣି ଅବା ମୋତେ
ହୋଇଅଛୁ ବିରାଗିଣୀ,
କଠିନ ହେଲେହେଁ କୁଳଶକୁ କେବେ
ଛାଡ଼ଇ କି ସୌଦାମିନୀ ?
ଉଠ ଉଠ ଅରେ ପଙ୍କଜନୟନା !
ନେତ୍ର ଉନ୍ମୀଳନ କର,
ନବୀନ ଦୁଃସହ ସନ୍ତାପକୁ ମୋର
ପୀୟୂଷ ଦୃଷ୍ଟିରେ ହର ।
ବାନ୍ଧବ ! ତୋ ବିନା ଗାଢ଼ ତମୋମୟ
ଦୃଶ୍ୟ ହେଉଛି ଧରଣୀ,
ବିଦ୍ୟୁତ୍‌ପ୍ରଭାହୀନ ଘନ ଘନାଚ୍ଛନ୍ନ
ଯେମନ୍ତ ଦର୍ଶ ରଜନୀ ।
ଘନପଲ୍ଲବିତ ସହକାରବନ
ସୁଶୀତଳ ଛାୟାପଥ,
ରବି ରଶ୍ମିକଣା ପଡ଼ି ଦିଶେ ଯହିଁ
ନୀଳନଭେ ତାରାବତ ।
ତରୁଗଣ ଯହିଁ ପୁଷ୍ପିତ ମାଧବୀ
ଲତିକାରେ ଆଲିଙ୍ଗିତ,
ହୋଇ ସୁବାସରେ ଚଉଦିଗ ଭୂମି
କରୁଥାଇ ସୁରଭିତ ।
ଝିଙ୍କାରିଏ ବସି ଭାବୁଥାନ୍ତି ଯହିଁ
ଅଚ୍ଛିନ୍ନ ଗମ୍ଭୀରସ୍ୱରେ,
କଳକଣ୍ଠକୁଳ କଳକଳ ଧ୍ୱନି
ଯହିଁ ମନ ମୁଗଧ କରେ ।

ଲଙ୍ଗୁଳ ହଲାଇ          ଗୁଣ୍ଡୁଚିଏ ଯହିଁ
   ନାଚୁଥାନ୍ତି ପ୍ରମୋଦରେ,
ଯଷ୍ଟିରେ ଡାଳେ ବସି      କଜ୍ଜଳପର୍ବିଏ
   ରଡ଼ିଥାନ୍ତି ଥରେ ଥରେ ।
ମଧ୍ୟାହ୍ନେ ତୋହର       ସୁକୋମଳ କର
   ଧରି ତହିଁ ବୁଲିବାର,
ସୁସ୍ନିଗ୍ଧ ମାଧବୀ—      ମଣ୍ଡପରେ ବସି
   ପ୍ରେମାଳାପ କରିବାର ।
କୌତୁକେ କୁସୁମ        ବଞ୍ଚାବଞ୍ଚି ହୋଇ
   ପ୍ରେମ-ଖେଳ ଖେଳିବାର,
ସ୍ମୃତିପଥେ ପଡ଼ି        ହୃଦୟ କରତି
   ହେଉଅଛି ବାରମ୍ବାର ।
ଅତୈଳପୂରିତ          ରତ୍ନଦୀପ ତହିଁ
   କରଇ ତିମିର ନାଶ,
ଉଠୁଥାଏ ଯେଉଁ        ପୁରେ ଅବିରତେ
   ଅଗୁରୁଧୂପର ବାସ ।
ତହିଁ ଗଜଦନ୍ତ         ନିର୍ମିତ ପଲ୍ୟଙ୍କ
   ଦୁଗ୍ଧଫେନନିଭ ଶଯ୍ୟା,
ଶରଚ୍ଚନ୍ଦ୍ରୋପମ        ଉପାଧାନ ଦେଇ
   ହୋଇଥାଏ ଯାହା ସଜ୍ଜା,
ତାହା ତେଜି ଆଜ      ଶ୍ମଶାନେ ଶୋଇବୁ
   ପ୍ରଜ୍ୱଳିତ ଚିତାକୋଳେ,
ସେ ଭୀଷଣ ଛବି        ପ୍ରତିବିମ୍ବ ଆସି
   ନାଚୁଥିବ ମୋର ଡୋଳେ ।
ଏଥୁଁ ବଳି ବିଶ୍ୱେ,       ହୃଦବିଦାରଣୀ
   କି କଥା ଅଛି ଅଧିକ ?
ଏତେବେଳ ଯାଏ        ଫାଟି ନାହିଁ ମୋର
   ପାଷାଣ ହୃଦୟ ଧିକ !
କେ ଗାଇବ ବୀଣା-      ଝଙ୍କାର ମିଶ୍ରିତ
   ପ୍ରେମ-ସୁଧାମୟ ଗୀତ ?
କାହା ସଙ୍ଗେ ବସି       ଉଲ୍ଲାସେ କରିବି
   ମନୋହର ସୁସଙ୍ଗୀତ ?
ସକଳ ବିଷୟ—        ବିଳାସରେ ମୋତେ
   ଦିଆଇ ତୁ ଜଳାଞ୍ଜଳି,
ଅତ୍ୟନ୍ତ ଗଭୀର        ଦୁଃଖ-କୂପଗର୍ଭେ
   ପେଲି ଦେଇ ଗଲୁ ଚଳି ।
ହିମକର-କଳା—        ସୁକୋମଳ ରୁଚି
   ଅଳ୍ପବୟସ କୁମର,
କେତେ ବ୍ୟାକୁଳିତ      ହେଉଥାଉ ତିଳେ
   କୋଳରୁ ହେଲେ ଅନ୍ତର ।
ଆଜି ତାକୁ ଶୋକ-      ସ୍ରୋତରେ ଭସାଇ
   ଛାଡ଼ିଗଲୁ ସଖି କାହିଁ ?
ଅଭିନ୍ନହୃଦୟା          ସଖୀଗଣଠାରୁ
   ମେଲାଣି ତ ହୋଇ ନାହିଁ ।”
ଫୁଲମାଳ ଗୃହିଁ        ବୋଲନ୍ତି, "ଆହା କି
   ଅଦ୍ଭୁତ ମୋର କପାଳେ !
ପ୍ରିୟ ଗଳାହାର        ଗଳା କାଟିବାର
   ଶୁଣା ନାହିଁ କେଉଁ କାଳେ ?
ଏହିପରି ଏକ          ପୁଷ୍ପମାଳା ମୋତେ
   ପ୍ରିୟା ସଙ୍ଗେ କଲା ଯୋଗ,
ଏହି ପୁଷ୍ପମାଳ        ଆଜି ମୋହଠାରୁ
   ପ୍ରିୟାକୁ କଲା ବିୟୋଗ ।
ଏଣୁ ବିଜ୍ଞରଇଁ        ସୌଭାଗ୍ୟ ସମୟେ
   ସମ୍ପଦରେ ଯାକୁ ଗଣି,
ଅଭାଗ୍ୟ ସମୟେ        ସେହି ପୁଣି ହୁଏ
   ସବୁ ବିପଦର ଖଣି ।
ଜଳରୁ ଜନମି         ପଦ୍ମିନୀ ସୁନ୍ଦରୀ
   ଥରେ ଚହଟାଏ ବାସ,
ସମୟରେ ପୁଣି        ସେହି ଜଳକଣା
   ପଦ୍ମିନୀକି କରେ ନାଶ ।
ଅବା କାନ୍ତା ମୋର      ରାଜେନ୍ଦ୍ରନନ୍ଦିନୀ
   ଅଟେ ଅତି ସୁକୁମାରୀ,
ପୁଷ୍ପମାଳ ତାକୁ        କଠିନ ହେବାରୁ
   ଜୀବନ ଦେଲା ସଂହାରି ।”
ରାଜା ଶୋକ ଗୃହିଁ      ସଘନେ କାନ୍ଦିଲେ
   ପାର୍ଶ୍ୱଚର ଭୃତ୍ୟଗଣ,
ପ୍ରତିଧ୍ୱନି ଛଳେ        ଉଦ୍ୟାନ ହିଁ ତହିଁ
   ଗମ୍ଭୀରେ କଲା ରୋଦନ ।

କ୍ଷଣକ ମଧ୍ୟରେ    ଅଯୋଧ୍ୟାନଗରୀ
ବୁଡ଼ିଗଲା ଘୋର ଦୁଃଖେ,
ହାହାକାର ଧ୍ୱନି    ଉଚ୍ଚାରିତ ହେଲା
ସର୍ବସ୍ଥଳେ ଜନମୁଖେ ।
ରାଜମହର୍ଷୀଙ୍କ    ନିଧନବାରତା
ଶୁଣି ରାଜବନ୍ଧୁ ଜନେ,
ରାଜା ସମୀପରେ    ଉପସ୍ଥିତ ହେଲେ
ସତ୍ୱରେ ବିଷଣ୍ଣମନେ ।
ଇନ୍ଦୁମତୀଙ୍କର    ମୃତ କଳେବର
ରାଜାଙ୍କ କୋଳରୁ ବଳେ,
ନେଇ ଦହିଦେଲେ    ଚନ୍ଦନସମିଧ-
ବିରଚିତ ଚିତାନଳେ ।
ଉଦ୍ୟାନରେ ରହି    ପ୍ରିୟା ପ୍ରେତକାର୍ଯ୍ୟ
ଯଥାବିଧି ସମାପନ,
କରି ନରପତି    ବିଷଣ୍ଣବଦନେ
ପୁରକୁ କଲେ ଗମନ ।
ମଣି ହରାଇଲା    ଫଣୀ ପ୍ରାୟେ ଦୁଃଖେ
ନିଭୃତ ମନ୍ଦିରେ ରହି,
ରମଣୀ ବିରହ-    ଅନଳ-ଶିଖାରେ
ତନୁ ଦେଉଥାନ୍ତି ଦହି ।
ଆହାର ବିହାର    ରାଜକାର୍ଯ୍ୟ ଆଦି
ମଣିଲେ ଗରଳବତ,
ନିବିଡ଼ ନିର୍ଜନ    କାନନ ପରାୟେ
ପ୍ରତୀତ ହେଲା ଜଗତ ।
ରାଜକୁଳଗୁରୁ    ବଶିଷ୍ଠ ମହର୍ଷି
ସିଦ୍ଧତପା ମହାଜନ,
ଜ୍ଞାନ-ଚକ୍ଷୁ ଯାର    ଉନ୍ମୀଳିତ ହେଲେ
କରତଳେ ତ୍ରିଭୁବନ ।
ତ୍ରିକାଳଘଟନା    ନିର୍ମଳେ ଚିତ୍ରିତ
ହୋଇଥାଏ କରପଦ୍ମେ,
ଅବଗତ ହେଲେ    ସକଳ ଘଟନା
ଘଟିଲା ଯା ରାଜସଦ୍ମେ ।
ନୃପତି-ହୃଦୟ—    ଆଚ୍ଛାଦିତ ମୋହ-
ତମସ ନାଶନ ପାଇଁ,
ଋଷିକୁଳ ରବି-    ରଶ୍ମି ଛଳେ ଜଣେ
ଶିଷ୍ୟଙ୍କୁ ଦେଲେ ପଠାଇ ।
ଋଷିଶିଷ୍ୟ ଆସି    ନୃପ ସମୀପରେ
ଯଥାବିଧି ସମାଦୃତ
ହୋଇ ମହର୍ଷିଙ୍କ    ଉପଦେଶାବଳୀ
ରାଜନେ କଲେ ବିବୃତ ।
"ଯଜ୍ଞରେ ଦୀକ୍ଷିତ    ଥିବାରୁ ମହର୍ଷି
ଆମ୍ଭଙ୍କୁ କଲେ ପ୍ରେରଣ,
କହିଛନ୍ତି ଯାହା    ଅବହିତଚିତ୍ତେ
ଶ୍ରବଣ କର ରାଜନ !
ଯେରୂପେ ଗଗନ    ଗଗନ ସଦୃଶ,
ସାଗର ସାଗରୋପମ,
ଅବନୀମଣ୍ଡଳେ    ସର୍ବ ରାଜଗୁଣେ
ତୁମ୍ଭେ ଏକା ତୁମ୍ଭ ସମ ।
ମହୋଦଧି ପ୍ରାୟେ    ତୁମ୍ଭର ହୃଦୟ
ଅତ୍ୟନ୍ତ ଗମ୍ଭୀର ଧୀର,
ସାଧାରଣ କ୍ଷୋଭ    ମୋହ ତାକୁ କରି-
ପାରନ୍ତି ନାହିଁ ଅସ୍ଥିର ।
ଭବେ ଭବିତବ୍ୟ    ଅବଶ୍ୟ ଘଟଇ
ନ ହୁଏ କେବେ ଅନ୍ୟଥା,
ମୂଢ଼ ଜନେ ସିନା    ତହିଁପାଇଁ ବୃଥା
ହୃଦେ ପୋଷୁଥାନ୍ତି ବ୍ୟଥା ।
ବିଧିବିଧାତବ୍ୟ    ବିଷୟେ ନ ବୁଝି
କ୍ଷୋଭ କରିବାର ମନେ,
ପ୍ରାକୃତ ମାନବ    ପରାୟେ ଉଚିତ
ନୁହେଁ ଭବାଦୃଶ ଜନେ ।
ନଦପ୍ରବାହରେ    ଭାସିଯାନ୍ତି ସିନା
ତଟସ୍ଥିତ ତରୁମାନ,
ପ୍ରବାହ ଉପରେ    ପ୍ରବାହ ଆସିଲେ
ଟଳଇ କି ସାନୁମାନ ?
କର୍ମଫଳ ଯୋଗେ    ଜନ୍ମ ଲଭୁଛନ୍ତି
ଜୀବଗଣ ବସୁଧାରେ,
ଫଳ ଭୁଞ୍ଜି ସାରି    ଯାଉଛନ୍ତି ପୁଣି
କୃତକର୍ମ ଅନୁସାରେ ।

ଜୀବନ-ପ୍ରଦୀପ ଜଳୁଥାଏ ଦେହେ
ଆୟୁସ୍ତୈଳ ଥିବାଯାଏ,
ଆୟୁସ୍ତୈଳସବୁ ନିଃଶେଷିତ ହେଲେ
ନିର୍ବାଣ ସେ ହୋଇଯାଏ ।
ଅଚିନ୍ତ୍ୟ ପୁରୁଷ— ହସ୍ତେ ଅଛି ସେହି
ତୈଳ ଦେବା ଅଧିକାର,
ଅପକ୍ଷପାତରେ ବଣ୍ଟନ କରନ୍ତି
କର୍ମ ଦେଖି ଯେ ଯାହାର ।
ମର୍ତ୍ତ୍ୟମଣ୍ଡଳରେ ଜନମିଲେ ଜନେ
ଅବଶ୍ୟ ଅଛି ମରଣ,
ସର୍ବଗ୍ରାସୀ କାଳ ପ୍ରତି ନିମେଷରେ
କରୁଛି ଆୟୁ ହରଣ ।
ଥିଲେ କେତେ କେତେ ଅମିତତେଜସ୍ୱୀ
ବସୁନ୍ଧରାପତିମାନେ,
ନାମ ମାତ୍ର ଅଛି ତନୁ ପାଇଅଛି
ଭୟଙ୍କର ଶମଶାନେ ।
ତବ ବଂଶେ ଥିଲେ ନୃପତି ମୁକୁଟ-
ମଣି ପୁରଞ୍ଜୟ ନାମେ,
ନରଲୋକ ଲଙ୍ଘି ବ୍ୟାପିଥିଲା ତାଙ୍କ
କୀର୍ତ୍ତି ଅମରଧାମେ ।
ସେହି ଯଶୋଧନ ବୀରଗଣାଗ୍ରଣୀ
ଆଜ ଏ ମହୀରେ କାହିଁ ?
କାଳର ଅଜେୟ ପରାକ୍ରମକୁ ସେ
ଲଙ୍ଘି ତ ପାରିଲେ ନାହିଁ ।
ତୁମ୍ଭ ପିତାମହ ଦିଲୀପ ଭୂପତି,
ପିତା ରଘୁ ମହାରାଜ,
ଦୋର୍ଦ୍ଦଣ୍ଡକୁ ଯାର ମଘବା ଶଙ୍କର
ସେହି ଅଛନ୍ତି କି ଆଜ ?
ଚିରସ୍ଥାୟୀ ନୁହେଁ ଶରୀର-ପାଦପ
ଭବ-ତରଙ୍ଗିଣୀତୀରେ,
ପ୍ରାଣ-ମୂଳମାଟି ଧୌତ ହୋଇଗଲେ
ଖସିଯାଏ କାଳ-ନୀରେ ।
କେହି ତ କାହାର ନୁହନ୍ତି ସ୍ୱଜନ
ମାୟାମୟ ଭବ-ହାଟେ,
ଆପଣା ଆପଣା କଉଡ଼ି ସରିଲେ
ଫେରୁଛନ୍ତି ନିଜ ବାଟେ ।
ତୁମ୍ଭେ ଯାହା ପାଇଁ ବିଳାପ କରୁଛ,
ତୁମ୍ଭଙ୍କୁ ସେ ଭୁଲି ମନୁ,
ମହାପ୍ରମୋଦରେ ସୁରପୁରେ ଅଛି
ଲଭି ଅପସରା-ତନୁ ।
ଦୁଷ୍କର ତପସ୍ୟା କରୁଥିଲେ ବନେ
ମହାତପା ତୃଣବିନ୍ଦୁ,
ଇନ୍ଦ୍ର ଆଦେଶରେ ହରିଣୀ ନାମରେ
ଆସି ଏକ ସୁରବଧୂ ।
ତପୋଭଙ୍ଗ ପାଇଁ ଅନଙ୍ଗ-ବିଳାସ
ଦେଖାଇଲା ମୁନି ଆଗେ,
ବିଲୋକି ମହର୍ଷି 'ମର୍ତ୍ତ୍ୟରେ ମାନୁଷୀ
ହୁଅ ତୁ' ବୋଇଲେ ରାଗେ ।
ମୁନି ଅଭିଶାପେ ପଡ଼ିଲା କିନ୍ନରୀ
ଅତି ଦୁସ୍ତର ବିପଦେ,
କୃତାଞ୍ଜଳି ହୋଇ ପ୍ରତିକାର ପାଇଁ
ଜଣାଇଲା ମୁନିପଦେ ।
କୂର୍ମଶିର ପରି ଇତର ବଚନ
କ୍ଷଣେ କ୍ଷଣେ ବାହାରଇ,
ଗଜଦନ୍ତବତ ମହତ ବଚନ
ବାହାରିଲେ ନ ଘୁଞ୍ଚଇ ।
ମୁନିଙ୍କ ହୃଦୟ— ଅଭ୍ୟନ୍ତର ସଦା
ସ୍ୱାଭାବିକ ସୁକୋମଳ,
ବହିରାବରଣ ମାତ୍ରକ କଠିନ
ଯଥା ନାରିକେଳ ଫଳ ।
ସୁରବନିତାର ବିନୟରେ ହେଲା
ଋଷିଙ୍କ କୃପା ସଞ୍ଚାର,
ସାନୁଗ୍ରହଚିତ୍ତେ କହିଦେଲେ ତାକୁ
ଶାପତ୍ରାଣ ପ୍ରତିକାର ।
'ଯେଉଁ ଦିନ ତୋର ଦୃଷ୍ଟିରେ ପଡ଼ିବ
ସ୍ୱର୍ଗୀୟ କୁସୁମ-ହାର,
ସେହିକ୍ଷଣି ନିଜ ଶରୀର ଲଭିବୁ
ଭବାବ୍ଧିରୁ ହୋଇ ପାର ।'

ବିକଶିଲ କ୍ରଥ- କଉଶିକ ବଂଶ-
ସରେ ବାଳା-କୁମୁଦିନୀ,
ଭୁବନଚନ୍ଦ୍ରମା ହେତୁ ହୋଇଥିଲ
ତୁମ୍ଭ ଚିତ୍ତ-ବିନୋଦିନୀ ।
ବୁଲୁଥିଲ ବେଳେ ପ୍ରିୟା ସଙ୍ଗେ ତୁମ୍ଭେ
ପ୍ରେମପୂର୍ଣ୍ଣ ମନୋରଥେ, .
ବୀଣାବିନୋଦିଆ ଦେବର୍ଷି ନାରଦ
ଯାଉଥିଲେ ସୁରପଥେ ।
ଦୈବଯୋଗେ ବାୟୁ- ବଳେ ଖସି ତାଙ୍କ
ବୀଣାଗ୍ର କୁସୁମମାଳା,
ଉରେ ପଡ଼ିବାରୁ ଶାପରୁ ମୁକତି
ଲଭିଅଛି ସୁରବାଳା ।
ତୁମ୍ଭେ ଏବେ ତାକୁ ଦେଖି ନ ଚିହ୍ନିବ,
ସେ ଅବା ଚିହ୍ନିବ କାହିଁ,
ତାହା ପାଇଁ ବୃଥା ଶୋକ କରିବାର
ତୁମ୍ଭ ପ୍ରତି ନ ଯୋଗାଇ ।
ଗଲା କଥା ଗଲା ସ୍ମୃତି-ପଟୁଁ ତାହା
ପୋଛିଦିଅ ମହାମନା,
ଗତ କଥା ସ୍ମରି ଶୋଚନା କରିବା
ନୀତିଶାସ୍ତ୍ରେ ଅଛି ମନା ।
ପ୍ରଜାବତ୍ସଳ ହେ, ପ୍ରଜାରଞ୍ଜନରେ
ନିବେଶିତ କର ମନ,
ଜଗତରେ ଏକା ରାଜାମାନଙ୍କର
ପରଜା ପରମ ଧନ ।”
ଏରୂପେ ନୃପଙ୍କୁ ନାନା ଉପଦେଶ-
ବାକ୍ୟ କରି ପ୍ରବୋଧନ,
ମେଲାଣି ହୋଇଣ ବଶିଷ୍ଠଙ୍କ ଶିଷ୍ୟ
ଆଶ୍ରମେ କଲେ ଗମନ ।
ରାଜାଙ୍କ ହୃଦୟ — ପ୍ରାସାଦରେ ଯେଉଁ
ଜ୍ଞାନ-ଦୀପ ଜାଳି ଗଲେ,
ଲିଭିଗଲା ତାହା ଶୋକ-ଜଳ-ସିକ୍ତ
ମୋହ-ପ୍ରଭଞ୍ଜନ ବଳେ ।
ଶୋକକ୍ଷୀଣତନୁ ନୃପତିଙ୍କି ହେଲା
ଦୁର୍ବହ ମେଦିନୀଭାର,
ବୋଧ କଲେ ବିଷ ପରି ସେ ବିଷୟ
ଦୁଃଖମୟ ଏ ସଂସାର ।
କିଛି ଦିନ ପରେ ଯୋଗ୍ୟ କୁମାରଙ୍କୁ
ରାଜ୍ୟେ କରି ଅଭିଷିକ୍ତ,
ଜାହ୍ନବୀ-ସରଯୂ ସଙ୍ଗମ ସ୍ଥାନରେ
ଯାଇ ହେଲେ ଅବସ୍ଥିତ ।
ସେଠାରେ ମରଣ — 'ଧର୍ମଶୀଳ ତନୁ-
ଗୋଟି ବିସର୍ଜନ କରି,
ଅମରପୁରକୁ ବିଜେ କରି ଗଲେ
ଦିବ୍ୟ କଳେବର ଧରି ।

# ଉତ୍କଳ ଲକ୍ଷ୍ମୀ

# ଭୂମିକା

"ଉତ୍କଳ-ଲକ୍ଷ୍ମୀ" ଅସମ୍ପୂର୍ଣ୍ଣ ରୂପେ ୧୮୯୪ ଖ୍ରୀଷ୍ଟାବ୍ଦରେ ପ୍ରକାଶିତ ହୋଇଥିଲା । ବିଂଶତି ବର୍ଷ ପରେ ଆଜି ସେ ପୂର୍ଣ୍ଣାଙ୍ଗିନୀ ହେଲା । ପୁରାତନ ଅଂଶରେ ସାମାନ୍ୟ ପରିବର୍ତ୍ତନ ହୋଇଅଛି । ନୂତନ ଅଂଶରେ ଉଲ୍ଲେଖ ହୋଇଥିବା କେତେକ ପର୍ବତାଦିର ନାମ ଗଡ଼ଜାତ ଗେଜେଟିଅରରୁ ଜାଣିବାକୁ ହୋଇଅଛି ଏବଂ ଟୀକାରେ ଥିବା ପର୍ବତ-ମାନଙ୍କର ଉଚ୍ଚତା ମଧ୍ୟ ତାହା ସାହାଯ୍ୟରେ ଲିଖିତ । ତହିଁ ନିମନ୍ତେ ଉକ୍ତ ଗେଜେଟିଅରକର୍ତ୍ତାଙ୍କ ନିକଟରେ ଲେଖକ କୃତଜ୍ଞ ।

ସ୍ୱଦେଶପ୍ରେମିକ ସାହିତ୍ୟରସିକ ଉଦୀୟମାନ ସୁଲେଖକ ଶ୍ରୀମାନ୍ ବ୍ରଜମୋହନ ପଣ୍ଡା ଏହି ପୁସ୍ତିକାକୁ ପୂର୍ଣ୍ଣ କରିବା ନିମନ୍ତେ ଯେଉଁ ଉତ୍ସାହ ଦେଇଅଛନ୍ତି, ତାହା ଲେଖକ ପକ୍ଷରେ ଅତି ଦୁର୍ଲଭ ଅଟେ । ସେ ତାଙ୍କର ଜ୍ୟେଷ୍ଠ ଭ୍ରାତା ଶ୍ରୀମାନ୍ ମଧୁସୂଦନ ପଣ୍ଡାଙ୍କ ସହିତ ଏହାର ପ୍ରକାଶଭାର ଗ୍ରହଣ କରିବାଦ୍ୱାରା ଲେଖକଙ୍କୁ ବନ୍ଧନ କରିଥିବାର କୃତଜ୍ଞତା-ରଜ୍ଜୁ ଉପରେ ଜଳସେଚନ କରିଅଛନ୍ତି । ଏହି କ୍ଷୁଦ୍ର ପୁସ୍ତିକା ସ୍ୱଦେଶବାସୀଙ୍କର ଅଣୁମାତ୍ର ଅନୁରାଗର ପାତ୍ରୀ ହେଲେ ଲେଖକ କୃତାର୍ଥମ୍ମନ୍ୟ ହେବ । ଇତି ।

ବଜେପୁର<br>
ତା ୧୧।୪।୧୯୧୪

ଶ୍ରୀ ଗଙ୍ଗାଧର ମେହେର

# ନିବେଦନ

ପ୍ରିୟ ପାଠକପାଠିକାବୃନ୍ଦ,

ମୋହର ସୁହୃତ୍ତସତ୍ତମ କବିବର ଶ୍ରୀଯୁକ୍ତ ଗଙ୍ଗାଧର ମେହେର ଯେଉଁ ଭୂମିରେ ଜନ୍ମଗ୍ରହଣ କରିଅଛନ୍ତି, ମୋର ମଧ୍ୟ ସେହି କଳ-କଲ୍ଲୋଳିନୀ ପୁଣ୍ୟତୋୟା ଚିତ୍ରୋତ୍ପଳାଶୋଭିନୀ, ନିସର୍ଗସୌନ୍ଦର୍ଯ୍ୟସମ୍ପାଦିନୀ, ଐତିହାସିକଘଟନାକଷ୍ଟିନୀ, ସୁଧା-ନିସ୍ୟନ୍ଦିନୀ ପୁଣ୍ୟମୟୀ ସମ୍ବଲପୁରଭୂମିରେ ଜନ୍ମ । ଏକ ପକ୍ଷରେ ସ୍ନେହମୟୀ ଜନନୀ ପ୍ରତି ଆଂଶିକ କର୍ତ୍ତବ୍ୟସମ୍ପାଦନ, ତଥା ଅପର ପକ୍ଷରେ କବିବରଙ୍କ ସହିତ ଶୁଭସମ୍ପର୍କର ସାମାନ୍ୟ ପୁଷ୍ଟିସାଧନ, ଏହି ଉଭୟ କାର୍ଯ୍ୟ ଏକସଙ୍ଗରେ ଓ ଏକାଧାରରେ ସମ୍ପାଦିତ ହେବ ଭାବି ମୁଁ ସ୍ୱତଃପ୍ରଣୋଦିତ ହୋଇ ଏହି କ୍ଷୁଦ୍ର ପୁସ୍ତିକାର ପ୍ରକାଶଭାର ଗ୍ରହଣ କରିବାକୁ କବିବରଙ୍କ ନିକଟରେ ଇଚ୍ଛାପ୍ରକାଶ କରିଥିଲି । ସେ ସ୍ୱଭାବସୁଲଭ ସାରଲ୍ୟଗୁଣରେ ମୋର ଆନ୍ତରିକ ଇଚ୍ଛା ବୁଝିପାରି ସମ୍ମତି ପ୍ରଦାନ କରିବାଦ୍ୱାରା ମୋତେ ପ୍ରଭୂତ ଆନନ୍ଦ ଦାନ କରିଅଛନ୍ତି ।

ପୁଣି ଏହି ପୁସ୍ତିକାରେ ତାହାଙ୍କର ପ୍ରତିକୃତି ଖଣ୍ଡିଏ ସନ୍ନିବେଶିତ କରିବା ପାଇଁ ମୋର ସାଗ୍ରହ ଅନୁରୋଧ ରକ୍ଷାକରି ସେ ମୋତେ ଅନୁମତି ପ୍ରଦାନ କରିଥିବାରୁ ମୁଁ ତାହାଙ୍କ ସମୀପରେ ମୋର ଅନ୍ତର୍ଗତ ଭକ୍ତିଜଡ଼ିତ କୃତଜ୍ଞତା ଜ୍ଞାପନ କରୁଅଛି । ଇତି ।

ଇଣ୍ଡିଅନ ହିନ୍ଦୁ ହଷ୍ଟେଲ,
କଲିକତା
ତା ୧୧ । ୧୧ । ୧୯୧୪

ଶ୍ରୀ ବ୍ରଜମୋହନ ପଣ୍ଡା

# ଉତ୍କଳ-ଲକ୍ଷ୍ମୀ

ଜୟ ଗୋ ଉତ୍କଳ- ଲକ୍ଷ୍ମୀ ଏକମାତ୍ର
ସୁନ୍ଦରୀ ତୁ ବସୁଧାରେ,
ପ୍ରାକୃତିକ ଶୋଭା- ରାଶି ରହିଛନ୍ତି
ତୋ ଅଙ୍ଗରେ ଏକାଧାରେ ।
ତୋହୋ ବାସ ପାଇଁ ଅଛି କେତେ ତୁଙ୍ଗ
ସୁନ୍ଦର ଶୈଳ-ଶିଖର,
ଦୃଶ୍ୟଚୟ ଯାର ବର୍ଣ୍ଣନାକରଣେ
ଶକତ ନାହିଁ କବିର ।
ପ୍ରିୟ ମୃଗମୃଗୀ ବୁଲୁଛନ୍ତି ତୋର
ତମ୍ବୁ ତଳ ଭୂମିଖଣ୍ଡେ,
ବୁଲୁଛନ୍ତି ମତ୍ତ ମତଙ୍ଗଜଯୂଥ
ଦାନବାରିପ୍ଲୁତଗଣ୍ଡେ ।
ତୋ ବିହାର ପାଇଁ ସ୍ଥାନେ ସ୍ଥାନେ କେତେ
ରମ୍ୟ ଉପବନମାନ,
ବିବିଧ ସୁବାସ ଫୁଲେ ପୂର୍ଣ୍ଣ ହୋଇ
ରହିଅଛି ବିଦ୍ୟମାନ ।
କାହିଁ ଗିରିତଳ ନିବିଡ଼ କାନନେ
ତୋ ପାଳିତ ଜନ୍ତୁଗଣ,
ଅତି ପ୍ରମୋଦରେ ଦଳ ଦଳ ହୋଇ
କରୁଛନ୍ତି ବିଚରଣ ।
କାହିଁ ଧେନୁ ଦଳ ନବ ଦୂର୍ବାଦଳ-
ଶ୍ୟାମଳ ଧରଣୀ ବକ୍ଷେ,

ଚରି ଚରି ପୁଚ୍ଛ- ଚାମର ଢାଳନ୍ତି
ଏକା ତୋହୋ ସେବା ଲକ୍ଷ୍ୟେ ।
କାହିଁ କୁସୁମିତ ଲତାଦୋଳମାନ
ହୋଇଅଛି ସୁସଜ୍ଜିତ,
ତୋତେ ଦୋଳାଇବା- ପାଇଁ ବିହଙ୍ଗମେ
ବସି ଗାଉଛନ୍ତି ଗୀତ ।
କାହିଁ ସୁଶୀତଳ ଧବଳ ଉପଳ
ହୋଇଛି ପଲଙ୍କାୟିତ,
ପଲ୍ଲବ-ବ୍ୟଜନ ଧରି ତରୁଗଣ
ଚଉଦିଗେ ଦଣ୍ଡାୟିତ ।
ଚିଲିକା ଅଂଶୁପା ଅଟନ୍ତି ପରା ତୋ
ପ୍ରିୟ କେଳିସରୋବର,
ତହିଁ ମଧ୍ୟେ କେତେ କେତେ ଗିରି କେଳି-
ମଣ୍ଡପ ଅତି ସୁନ୍ଦର ।
ପ୍ରିୟ ସହଚରୀ ପ୍ରକୃତିସୁନ୍ଦରୀ
ହୋଇ ଅତି ସାବଧାନ,
ସ୍ଥାନେ ସ୍ଥାନେ ତୋହୋ ପାଇଁ ଥୋଇଅଛି
କେତେ ଅଳଙ୍କାରମାନ ।
ପ୍ରଧାନ ପାଠରେ[୧] ସମ୍ଭାଳି ଥୋଇଛି
ଉଜ୍ଜ୍ୱଳ ରତ୍ନ ସୀମନ୍ତ,
ଲୋକମୁଖେ ଯାର ସୁନ୍ଦରିମା କଥା
ବ୍ୟାପିଛି ଜଗଦଗନ୍ତ ।

---

୧ । ବାମଣ୍ଡାର ପ୍ରଧାନ ପାଠ ଏକ ମନୋହର ଦୃଶ୍ୟ । ଏଥିରେ ସୂର୍ଯ୍ୟରଶ୍ମିଢ଼ି ଇନ୍ଦ୍ରଧନୁ ଜାତ ହୋଇଥାଏ ।

କେମନ୍ତ କୌଶଳେ ଗୋଧୂଳି ମସ୍ତକେ
କାଚଖଣ୍ଡେ ଦେଇ ଖଚି,
ତୋ ଲାଗି ଥୋଇଛୁ 'ଗୁମ୍ଦର୍ହ', ୧ ଗର୍ଭେ
ଦିବ୍ୟ ମଥାମଣି ସଞ୍ଚି ।
ଗର୍ବ ଖର୍ବ ହେବ ତାରାମାନଙ୍କର
ଯନ୍ତ୍ରିକ ଗୁହିଁଲେ ଯାର,
ସମୁଦ୍ର-ପୁଳିନେ ଥୋଇଅଛୁ ଦେଖ
ତୋ ଲାଗି ମୁକୁତା-ହାର ।
ତୋ ହୃଦେ ବିରାଜେ ଗଡ଼ଜାତ ଦେଶ
ଉଜ୍ଜ୍ୱଳ ପଦକହାର,
ନୃପତି ଖନିଜ— ରତନ ଖଚିତେ
ପ୍ରଭା ବିକାଶୁଛି ତାର ।
ଶ୍ରୀରାମ, ସୁଚଳ୨ ରତ୍ନଯୁଗ ଯୋଗୁଁ
ତନୁ ତୋର ସମୁଜ୍ଜ୍ୱଳ,
ଆଉ କେତେଗୋଟି ସ୍ୱଳ୍ପପ୍ରଭ ହୋଇ
ଦିଶୁଛନ୍ତି ଜଳଜଳ ।
କେତେ ମଣି ଅତି ମ୍ଳାନ ଦିଶୁଛନ୍ତି
ଥାଇ ସେ ନ ଥିଲା ପରି,
କେତେ ଗୋଟି ରତ୍ନ କ୍ରୂର କାଳ ଚୌର
ବଳେ ନେଇଅଛି ହରି ।
ମସ୍ତକେ ଶୋଭୁଛି ସୁନ୍ଦର ସୌରଭ
ବିସ୍ତାରି କୁସୁମଝରୀ,
ଯଶସ୍ୱୀ ପଣ୍ଡିତ କବି ଏ ବିବିଧ
ଫୁଲେ ଜନମନୋହରା ।
ସର୍ବାଙ୍ଗେ ଆବୃତ ବ୍ରିଟିଶ ରାଜତ୍ୱ
ଶୁକ୍ଳ ବନାରସୀ ଶାଢ଼ୀ,
ସୁକାନ୍ତି ସୁବର୍ଣ୍ଣ ଜରିଫୁଲ ଯହିଁ
ପଡ଼ିଅଛି ଧାଡ଼ି ଧାଡ଼ି ।
ଯାମିନୀ କାମିନୀ ପ୍ରିୟସଖୀ ଭାବେ
କରୁଥାଏ କେତେ ସଜ,
କୋମଳ ଶ୍ରୀଅଙ୍ଗେ ବୋଳ ଦେଉଥାଏ
ନୀହାର-କର୍ପୂରରଜ ।
କେବେ ବୋଳିଦିଏ ସ୍ନେହବଶେ ଚନ୍ଦ୍ର
ଚନ୍ଦ୍ରିକା ଶୁଭ୍ର ଚନ୍ଦନ,
ତିମିର ଛଳରେ ମୃଗମଦ ଘୋର
କେବେ କରେ ପ୍ରଲେପନ ।
ତୋହୋ ରୂପେ ମୁଗଧ ହୋଇ ଜଗନ୍ନାଥ
ଛାଡ଼ି ଦ୍ୱାରବତୀପୁର,
କଳିନ୍ଦଜାତଟ ବିପିନବିହାର
ସୁଖ କରି ମନୁ ଦୂର ।
ପୂର୍ବାଚଳ ଚୂଳେ ଦିନମଣି ପ୍ରାୟେ
ବିଜେ କରି ନୀଳାଚଳେ,
ପ୍ରେମେ ଆଲିଙ୍ଗନ କରୁଛନ୍ତି ତୋତେ
ପ୍ରକାଣ୍ଡ ବାହୁଯୁଗଳେ ।
କାଶୀଧାମ ଛାଡ଼ି ଆସି ତ୍ରିଲୋଚନ
ରହିଲେ ଏକାମ୍ରବନେ,
ତିନି ଲୋଚନକୁ ତୃପ୍ତ କରୁଛନ୍ତି
ତୋ ରମ୍ୟ ରୂପଦର୍ଶନେ ।
ସେ ବିଶ୍ୱପାବନ ବିଶ୍ୱନାଥଙ୍କର
ଗମନକୁ ଅନୁସରି,
ଜାହ୍ନବୀ ଆସିଲେ କଇତବ ବେଶେ
ଚିତ୍ରୋତ୍ପଳା ନାମ ଧରି ।
ଯେଥେ ଦେଖି ତାଙ୍କୁ 'ସମଲାଈ' ୩ ଦେବୀ
ଭାବେ ଆଲିଙ୍ଗନ କଲେ,
ସମଲାଈ କର ଲାଗି ହୃଦହାର
ଛିଡ଼ି ପଡ଼ିଗଲା ତଳେ ।
ସେହିଠାରେ ଭୂମି ହୋଇଲା ଗମ୍ଭୀର
ଦେବୀ ଖୋଜି ଖୋଜି ହାର,
ଖନିତ ବାଲୁକା- ରାଶି ପଡ଼ି ଯହିଁ
ହୋଇଅଛି ସ୍ତୂପାକାର ।

୧ । ଗୁମ୍ଦର୍ହ—ସମ୍ବଲପୁର ନିକଟସ୍ଥ ମହାନଦୀର ଗର୍ତ୍ତ । ୨ । ମୟୂରଭଞ୍ଜର ଭୂତପୂର୍ବ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ । ବାମଣ୍ଡାର ଭୂତପୂର୍ବ ମହାରାଜା ସୁଚଳ ଦେବ ୩ । ସମଲାଈ—ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ।

ଏବେ ହୀରାକୁଦ ୧      ନାମେ ଅଭିହିତ
ହୋଇଅଛି ସେହି ସ୍ଥାନ,
କେତେ ହୀରା ତହୁଁ      ପାଇ ତୋ କୁମରେ
ହୋଇଛନ୍ତି ଧନବାନ ।
ତହୁଁ କିଛି ଦୂରେ      'ହୁମା'୨ ମହେଶ୍ୱର
ଗୃହିଁ ତା ଗୃହୁ ମୃରତି,
ସ୍ନେହେ ଡାକିବାରୁ      ନିକଟକୁ ତାଙ୍କ
ଯିବାକୁ ଦେଇ ସମ୍ମତି ।
ମହେଶ-ଅଙ୍ଗୁଳି-      ରେଖାଙ୍କିତ ପଥେ
ଉତ୍ତରକୁ ଏକ ଧାର
ଗଲା ଘୋର ଶିଳା-      ସଙ୍କୁଳ ଦୁର୍ଗମ
ବନପଥ ହୋଇ ପାର ।
ତେବେ ତାଙ୍କୁ ପୁଣି      ପୂର୍ବ ଧାରେ ମିଶି
ଗମନ କରି ସତ୍ୱରେ,
ଆସି ତୋ ପାଶରେ      ମିଳନ୍ତେ ସସ୍ନେହେ
ବସାଇଅଛୁ ଅଙ୍କରେ ।
ପରସ୍ପର ଶୋଭା-      ବର୍ଦ୍ଧନ କାରଣେ
ହୋଇଅଛି ସମାହାର,
ସୁନ୍ଦର ପ୍ରତିମା      ଗଳେ ଦେଲୁ ବାନ୍ଧି
ଚନ୍ଦ୍ରମାଳମଣି ହାର ।
ଶରଦ୍‌ଇନ୍ଦିରା      ଶୋଭିତ କରନ୍ତି ଯେ
କୌମୁଦୀ କୁସୁମମାଳେ,
ମଞ୍ଜୁ ରହିଟିଏ      ଦେଇଅଛନ୍ତି ଯେ
ଉଷା ଦିବ୍ୟଯୋଷା ଭଲେ;
ପୂର୍ଣ୍ଣ ବଦନେ      ଦେଇଅଛନ୍ତି ଯେ
ଜଗତମୋହିନୀ କାନ୍ତି,
ଯେହ୍ନ ଦେଇଛନ୍ତି      କୁସୁମେ ସୌରଭ,
ସାଧୁ ହୃଦପୂରେ ଶାନ୍ତି ।

ଯୋଗ୍ୟକୁ ଯୋଗ୍ୟରେ      ଯୋଜନାକରଣେ
ତିଳେ ଭ୍ରାନ୍ତ ନାହିଁ ଯାର,
ସେହି ବିଧି ଏକା      ଦେଇଛନ୍ତି ତୋତେ
ଏନ୍ନି ଦିବ୍ୟ ଅଲଙ୍କାର ।
ଋତୁମାନେ ତୋର      ଫୁଲମାଳ ରୂପେ
ଦେଉଥାନ୍ତି କେତେ ଫୁଲ,
ଫୁଲବେଣୀ ଫୁଲ-      ଲଳସୀ କାହାକୁ
ଦେଖି ନାହିଁ ତୋହ ତୁଲ ।
ବସନ୍ତ ଯୋଗାଏ      ମୁକୁଳ ମାଧବୀ
କଞ୍ଚନ ନବମଲ୍ଲିକା,
ସୌରଭ ଲୋଭରେ      ନ ଗୁଞ୍ଜନ୍ତି କ୍ଷଣେ
ଯା ପଛ ଅଳିମାଳିକା ।
ଗ୍ରୀଷ୍ମ ଦିଏ ସୁର-      ଚାଞ୍ଚୁର ଚମ୍ପକ
ବକୁଳ ନବମାଳିକା,
ବରଷା କୁଟଜ      କୁସୁମସ୍ତବକ
ସହିତେ ଜାତି ଯୂଥିକା ।
ଶରଦ କେତକୀ      କୁମୁଦେ, ହେମନ୍ତ
ଶତବର୍ଗ ତୋଷ କରେ,
ଶିଶିର ପୂଜଇ      ସୁନ୍ଦର ସେବତୀ
ସହ ଆମ୍ରବଉଳରେ ।
ନଦୀଧାରେ ଦିନେ      ମଧ୍ୟାହ୍ନ କାଳରେ
ବସିଥିଲି ତୃଣବନେ,
ତୋ ସେବାରେ ବଂଶୀ      ବାଉଥିଲେ ତହିଁ
ଝିଙ୍କାରି ଗମ୍ଭୀର ସ୍ୱନେ ।
ମଧୁରସପୂର୍ଣ୍ଣ      ସୁବର୍ଣ୍ଣବରନ
ପକ୍ୱ ଚୂତଫଳମାନ,
ତୋହ ଭୋଗ ଅର୍ଥେ ଯତ୍ନେ ତୋଳି ଦେଉ-
ଥିଲେ ଦେବ ପବମାନ ।

---

୧ । ହୀରାକୁଦ—ସମ୍ବଲପୁର ଉପରେ ମହାନଦୀଗର୍ଭରେ ସ୍ଥିତ ଗୋଟିଏ ପ୍ରକାଣ୍ଡ କୁଦ । ଏଠାରେ ହୀରା ମିଳୁଥିବାର କିମ୍ବଦନ୍ତୀ ଅଛି । ୨ । ହୁମା—ସମ୍ବଲପୁରର ଗୋଟିଏ ତୀର୍ଥସ୍ଥାନ । ଏଠାରେ ପ୍ରତିବର୍ଷ ଶିବରାତ୍ରିରେ ମେଳା ହୁଏ । କିମ୍ବଦନ୍ତୀ ଅଛି ଯେ ହୁମା ମହାଦେବଙ୍କର ଅହ୍ୱାନକ୍ରମେ ତାଙ୍କର ଅଙ୍ଗୁଳିରେଖା ଅନୁସରି ମହାନଦୀର ଏକ ଧାର ଉତ୍ତର ଦିଗକୁ ବହି ଯାଉଅଛି । ଏହି ଦୁଇ ଧାର ମଧ୍ୟସ୍ଥିତ ଭୂମିଖଣ୍ଡକୁ 'ତିବଡ଼ୀକୁଦ' କହନ୍ତି । ଏଠାରେ ୬ ଖଣ୍ଡ ଗ୍ରାମ ଅଛି ।

ଭକତ ଭାବରେ ତହୁଁ ଗୋଟାକେତେ
ତୋହର ପ୍ରସାଦ ପାଇ,
ପ୍ରମୋଦ ମାନସେ ଆସିଲି ଜନନି !
ତୋହ ଯଶ ଗାଇ ଗାଇ ।
ପ୍ରାବୃଟ ସମୟେ ଦିନେ ଅସ୍ତମୁଖ
ହୋଇଥିଲେ ଦିନକର,
ପୂର୍ବଦିଗେ ଏଣେ ଘୋଟି ଆସୁଥିଲା
ନୀଳତମ ଜଳଧର ।
ଜଳଧର କୋଳେ ଦେଲା ଯା ବିଚିତ୍ର
ବାସବଧନୁ ଲକ୍ଷିତ,
ନୀଳାମ୍ବର ପ୍ରାଚୀ ସପତ ରତନ
ଲଲାମେ ହେଲା ଭୂଷିତ ।
ସୁବର୍ଣ୍ଣ ବରନ କିରଣ ବସନ
ପିନ୍ଧି ପ୍ରତୀଚୀ-ରମଣୀ,
ଛିଡ଼ା ଅନ୍ୟ ଦିଗେ ମସ୍ତକଦେଶରେ
ଯେହ୍ନ ରବି-ମଥାମଣି ।
ସୁନ୍ଦରୀଯୁଗଳ ଦିବ୍ୟ ଛଟାରେ
ନୃତ୍ୟ କଲେ ତୋର ଆଗେ,
ବିହଙ୍ଗମଗଣ ଗାଇଲେ ସଙ୍ଗୀତ
ମନୋମୁଗ୍ଧକର ରାଗେ ।
ପ୍ରଭାତରେ ଦିନେ ଦେଖିଲି ସେମାନେ
ସେହି ବେଶ ବଦଳାଇ,
ତୋ ସିଂହଦୁଆରେ ଠିଆ ହୋଇଥିଲେ
ନୃତ୍ୟ ଦେଖାଇବା ପାଇଁ ।
ଏହି ପରକାରେ ଷଡୃତୁଶୋଭାରାଶି
କରୁଛନ୍ତି ତୋତେ ସେବା,
ତୋହ ସଙ୍ଗେ ବିଶ୍ୱେ ତୁଳନୀୟ ହେବ
ଭାଗ୍ୟବତୀ ଅଛି କେବା ?
ପୂର୍ବେ ଦିନେ ହୋଇ- ଥିଲା ମାର୍ଗଶିର
ପୌର୍ଣ୍ଣମାସୀ ବିଭାବରୀ,
ବସିଥିଲି ମୋର ପଲ୍ଲାଳ କୁଟୀରେ୧
ତୋତେ ଚିନ୍ତା କରି କରି ।

ଚନ୍ଦ୍ର ଆସି ହେଲେ ମଧ୍ୟ ଗଗନରେ
ନୀରବ ହୋଇଲା ମହୀ,
ଅର୍ଦ୍ଧନିଶି ହେଲା ବୋଲି ଗ୍ରାମ ପ୍ରାନ୍ତେ
ଶିବାଗଣ ଦେଲେ କହି ।
ଏହି ସମୟରେ ଘଟିଲା ଯା' ଏକ
ଘଟଣା କି ଆଚମ୍ବିତ,
ସ୍ମୃତିପଥେ ଏବେ ପଡ଼ିଗଲେ ତନୁ
ହୋଇଯାଏ ପୁଲକିତ ।
ଅକସ୍ମାତେ ଏକ ପରମା ସୁନ୍ଦରୀ
ଦେବୀ ଆସି ମୋର ଆଗେ
ଉଭା ହୋଇ "ବତ୍ସ, ଭାବ ନା, ଭାବ ନା"
ସମ୍ଭାଷିଲେ ଅନୁରାଗେ ।
"ଉତ୍କଳର ଗୂଢ଼ ରହସ୍ୟ ଗୋଟିଏ
ଆଜ ଦେଖାଇବି ତୋତେ,
ତୋହ ପ୍ରତି ମୋର କୃପା ସଞ୍ଚରିଛି
ଆରାଧିଲୁ ଯେଣୁ ମୋତେ ।"
କହି କର ଧରି ବସାଇଲେ ନେଇ
ଦ୍ରୁତଗାମୀ ଏକ ରଥେ,
ନିମେଷ ମଧ୍ୟରେ ବାହିନେଲେ ସେହି
ଦିବ୍ୟରଥ ଶୂନ୍ୟପଥେ ।
ଯାଉଁ ଯାଉଁ ଏକ ବିଚିତ୍ର ଭୁବନେ
ରଥ ପ୍ରବେଶିଲା ଯାଇ,
ଏମନ୍ତ ସୁନ୍ଦର ପୁର ଥିବା କଥା
କେବେ ଶୁଣିଥିଲି ନାହିଁ ।
ରୌପ୍ୟମୟ ଏକ ସୁନ୍ଦର ମନ୍ଦିର
ତହିଁ ମଧ୍ୟେ ବିରାଜିତ,
ହୀରକଖଚିତ ସ୍ଫଟିକସ୍ତମ୍ଭରେ
ହୋଇଥାଏ ସୁଶୋଭିତ ।
ତହିଁ ଗଜଦନ୍ତ- ନିର୍ମିତ ଧବଳ
କୁସୁମମୟ ଆସନେ,
ଉଜ୍ଜ୍ୱଳବରନ ଧବଳବସନ
ବସିଥିଲେ ଯୁବା ଜଣେ ।

୧ । ପଲ୍ଲାଳ—ନଡ଼ା, ପୁଆଲ ।

ଶ୍ରୀଅଙ୍ଗ ପ୍ରଭାରେ ହୋଇ ଯାଉଥାଏ
ଚୌଦିଗ ଆଲୋକମୟ,
ଅସ୍ୱପ୍ନକଳ୍ପିତ ରୂପ ଦୃଷ୍ଟେ ମୋର
ନେତ୍ର-ପାପ ହେଲା କ୍ଷୟ ।
ବିଶାଳ ବକ୍ଷରେ ଦୃଶ୍ୟ ହେଉଥିଲା
କଣ୍ଠଦେଶୁ ମାଳ ଚିହ୍ନ,
ଭାବିଲି ମୁଁ ତାହା କିଛି ନୁହେଁ ସ୍ନେହ-
ଲେପିତ କସ୍ତୁରୀ ଭିନ୍ନ ।
ବାମଭାଗେ ତାଙ୍କ ବସିଥିଲେ ଏକ
ଅପୂର୍ବ ସୁନ୍ଦରୀ ନାରୀ,
ପିନ୍ଧିଥିଲେ ଶ୍ୱେତ ଝିନ ବାସ, ତନୁ-
କାନ୍ତି ହେଉଥାଏ ବାରି ।
ଶ୍ରୀମୁଖମାଧୁରୀ ବୁଡ଼ି ଯାଇଥିଲା
ପ୍ରବଳ ବିଷାଦ-ବିଷେ,
ତଥାପି ଆନନ୍ଦ- କଳପଲତାର
ଜନ୍ମସ୍ଥଳ ପରି ଦିଶେ ।
କି ଜାଣି କି ଚିନ୍ତା ପୋଷି ହୃଦୟରେ
ବସି ସେ ବରଯୋଷିତ,
ଅନର୍ଗଳ ଅଶ୍ରୁ- ପ୍ରବାହେ ଧରଣୀ
କରୁଥିଲା ଅଭିଷିକ୍ତ ।
ବିନମ୍ର ବଦନେ ବସିଥିଲା ବାମା
ବାମହସ୍ତେ ନ୍ୟସ୍ତଗଣ୍ଡା,
ଢଳିଥିଲେ ଯଥା ପ୍ରଫୁଲ୍ଲ କୁମୁଦେ
କମଳିନୀ ଭଗ୍ନଦଣ୍ଡା ।
ଆହା ମୀନଦୃଗୀ ଅଟଳ ବୟସୀ
ଅପୂର୍ବ ଶୋଭାଶାଳିନୀ,
ଜଗତର ସାର ସାର ଶୋଭା ଘେନି
ପ୍ରେମ କି ସେ ଶରୀରିଣୀ ?
ସୁନ୍ଦରୀ ସମାନ ଉପମା ଦେବାକୁ
ବହୁତ କଲି କଳ୍ପନା,
ମୋହ କଲା ଚିତ୍ତ ଉପମାସବୁକୁ
ବଳିଗଲା ବରାନନା ।
ଅତଏବ ଉକ୍ତ ଅଳଙ୍କାର ତହିଁ
ଲଗାଇ ବସିଲି ଯେତେ,

ସେ ଅଳଙ୍କାରର ଅଳଙ୍କାର ହୋଇ
ଗଲା ବାଳାମଣି ତେତେ ।
ଏମନ୍ତ ସୁନ୍ଦରୀ ବୁଡ଼ି ଯାଇଥିଲା
ଗଭୀର ଶୋକ-ସାଗରେ,
ରାମ ବନବାସ ବାରତା ଅବା କି
ପଡ଼ିଛି ସୀତା ଆଗରେ ।
କୃଷ୍ଣ କଂସପୁର ଯିବା କଥା ଶୁଣି
ରାଧା କି ବସିଛି ଦୁଃଖେ,
ପଡ଼ିଛି କି ମରୁ — ଭୂମି ପଥଶ୍ରାନ୍ତ
ପଥିକ ଜନ ସମ୍ମୁଖେ ।
ଦୁଃଖ-ଦାବାନଳ କେମନ୍ତେ ପଶିଲା
ଏ ସୁଖ-କୁସୁମବନେ,
ଜାଣିବା ନିମନ୍ତେ କୌତୂହଳ-ଶିଖା
ପ୍ରଦୀପ୍ତ ହେଲା ମୋ ମନେ ।
ପ୍ରଜ୍ଞା ଆସି ମୋର କର୍ଣ୍ଣରେ କହିଲେ—
"ଯୁବକଟି କଳାକର,
ଜଗତ ତିମିର— ରାଶି ଦୂର କରେ
ଯାର ସୁଧାମୟ କର ।
ସତାଇଶଗୋଟି ଜାୟା ରହିଛନ୍ତି
ଏ ପୁଂସକୁ କରି ଆଶ,
ତୋଷନ୍ତି ଏ ପ୍ରତି ପତ୍ନୀ-ଭବନରେ
ଦିନେ ଦିନେ କରି ବାସ ।
ରୋହିଣୀ ପାଶରୁ ବିଦା ନେଉଛନ୍ତି
ଯିବେ ମୃଗଶିରା ଘର,
ଏଣୁ ରୋହିଣୀକି ଜଗି ବସିଲାଣି
ବିଷମ ବିରହ-ଜ୍ୱର ।"
ନବ ବିକଶିତ କୁସୁମକୁ ଆହା
ପକାଇ ସଉର କରେ,
ନିର୍ମମ ପୁରୁଷ ଗୁଡ଼ି ଯାଉଛନ୍ତି
ଦୟା ନାହିଁ ହୃଦୟରେ ।
ଅହୋ କି ନିଷ୍ଠୁର ହୃଦୟ ଯେ ଜନ
ବହୁ ବାଳା କର ଧରେ,
ଏମନ୍ତ ହୃଦୟ ଆଗରେ କୁଳିଶ
ପରାଭବ ସ୍ୱୀକାର କରେ ।

ଏଣୁ କାମିନୀଏ ନ ବାଞ୍ଛନ୍ତି କେବେ
ବହୁସ୍ତ୍ରୀକ ରାଜବର,
କୁଟୀରକୁ ସୁଖ ମଣିଥାନ୍ତି ଧରି
ଏକପତ୍ନୀକର କର ।
ସୁଧାଂଶୁ ବୋଇଲେ, "ହରଷେ ମେଲଣି
ଦିଅ ହୋଇ ଦରହାସୀ,
ପ୍ରିୟେ, ତୋ ସଦନୁ ଯାତ୍ରା କରିବାକୁ
ସମୟ ହେଲାଣି ଆସି ।
ମଥା ଟେକି ବାରେ କଥା କହ ସଖି,
ମାନ କରି ମନୁ ଦୂର,
ପଥ ଚାହୁଁ ଥିବୁ ସପ୍ତବିଂଶ ଦିନେ
ଆସିବି ତୋହର ପୁର ।
ବିଚ୍ଛେଦ ଶେଷରେ ପୁନଃସମାଗମ
ହୁଏ ବଡ଼ ସୁଖକର,
ନିଶ୍ଚୟ ଆସିବି, ନିଶ୍ଚୟ ଆସିବି
ଆନ ବିଚାର ନ କର ।"
ପଦେ ପଦେ ମଞ୍ଜୁ- ଥିଲା ସୁକୁମାରୀ
ବଜ୍ରାଘାତ ପରକାର,
ଶିରୀଷ ଉପରେ ପଡ଼ିଲା କି ଜଳ-
ଧାରୋପରେ ଜଳଧାର ।
ବାଷ୍ପ ଗଦଗଦ ସ୍ୱରେ କହେ ବାଳା,
"କପାଳେ ଅଛି ଏ ଯୋଗ,
ସତାଇଶ ଦିନେ ଦିନକରୁ ବେଶି
କେବେ ନାହିଁ ସୁଖଭୋଗ ।
ଆଉ ତ ବହୁତ ଅଛନ୍ତି ହେ କାନ୍ତ,
ତୁମ୍ଭ ଚିତ୍ତବିନୋଦିନୀ,
କି କଥାରୁ ମୋତେ ଜଗତେ ବୋଲନ୍ତି
ଦ୍ୱିଜରାଜବିଳାସିନୀ ?
ସୁଧାକର କର ଧରି କେବେ ମୋର
କ୍ଷୁଧା ଦୂର ହେଲା ନାହିଁ,
ସଦା ବିରହିଣୀ ସଦା ବିରହିଣୀ
ଏହି ସୁଖସ୍ୱର୍ଗେ ଥାଇ ।"
ସୁନ୍ଦର ବୋଇଲେ, "ଆଗୋ ସୁରୂପିଣି,
ନାହିଁ ମୋର ଅଧିକାର,
ରହିବାକୁ ଦଣ୍ଡେ, ଈଶ୍ୱର ନିୟମ
ଲଙ୍ଘିବ ଶକତି କାର ?"
ସୁନ୍ଦରୀ ବୋଇଲେ, "ଦେଖ ଦେଖ ନାଥ,
ମର୍ତ୍ତ୍ୟବାସୀ ଜୀବଗଣ,
ଦାମ୍ପତ୍ୟ-ପ୍ରେମରେ ମାତି ମହାହ୍ଲାଦେ
କରୁଛନ୍ତି ବିଚରଣ ।
ରାଜା ଅଛି ରାଜ- ପ୍ରାସାଦରେ ଧରି
ପଟ୍ଟମହିଷୀର କର,
ପ୍ରଜା ବସିଅଛି ପଲ୍ଲବ-କୁଟୀରେ
ସଙ୍ଗେ ଘେନି ବାମାବର ।
ରାହି ମାନ ବସି ବସି ବିରହରେ
ଦୁଃଖମାନସେ ଏକାକୀ,
ଊଷା-ଦୃଷ୍ଟି ପଥ ଚାହିଁ ରହିଥାନ୍ତି
ଚକ୍ରବାକ ଚକ୍ରବାକୀ ।
ଆଉ ପକ୍ଷୀ ସବୁ ବିହରନ୍ତି ସଦା
କୁତୂହଳେ ପ୍ରିୟା ସଙ୍ଗେ,
କେ ଜଳେ କେ ସ୍ଥଳେ କେବା ତରୁଡାଳେ
ଭାସନ୍ତି ପ୍ରେମ-ତରଙ୍ଗେ ।
ବନଭାଗେ ଦେଖ ପ୍ରମୋଦ ଚିତ୍ତରେ
ହରିଣ ହରିଣୀଗଣ,
ପରସ୍ପରେ ପ୍ରେମ— ଦାମ-ବଦ୍ଧ ହୋଇ
କରୁଛନ୍ତି ବିଚରଣ ।
ସ୍ଥାବର ଜନ୍ତୁଙ୍କୁ ଦେଖ କାନ୍ତ, ଥରେ
ଥାଉ ଜଙ୍ଗମର କଥା,
ରସାଳ କୋଳରେ ଆଲିଙ୍ଗିତ ହୋଇ
ରହିଛି ମାଧବୀ ଲତା ।
ମର୍ତ୍ତ୍ୟବାସୀଙ୍କର ସୁଖେ ମୋହ ସୁଖ
କେଉଁ ଗୁଣେ ହେବ ସରି ?
ତୁମ୍ଭେ ତ ବିବେକୀ ଜାଣିଥିଲେ ନାଥ,
କହ କହ କୃପା କରି ।"
ଚନ୍ଦ୍ରମା ବୋଇଲେ, "ତୁହି ସିନା ଏକା
ମୋହର ପ୍ରାଣ-ସଙ୍ଗିନୀ,
ମୋ ମନ ମରାଳ— କେଳିଯୋଗ୍ୟ ଏକା
ତୋହ୍ର ପ୍ରେମ-ତରଙ୍ଗିଣୀ ।

ଏକମାତ୍ର ପାରି— ଜାତକ ଫୁଲ ତୁ
ମୋ ହୃଦ-ନନ୍ଦନବନେ,
ଆଉମାନେ ସବୁ ଇତର କୁସୁମ
ତହିଁ କି ଶରଧା ମନେ ?
ତୋହ ସଙ୍ଗେ ସଦା ବିହାର କରନ୍ତି
ଏକାନ୍ତ ମୋର ବାସନା,
ଏ ବାସନା ଏଥି ସଫଳ କରୁଛି
ଏକା ସିଦ୍ଧିବନ୍ତମନା ।
ତୋତେ ଘେନି ବନ୍ଧି, ଏକାନ୍ତ ବିହାର
କରିବଇଁ କିଛି କାଳ,
ମର୍ତ୍ତ୍ୟମଣ୍ଡଳରେ ଅବତୀର୍ଣ୍ଣ ହେବା
ନରଦେହେ ସଖି, ଚାଲ ।
କଳିଯୁଗେ ମନୋ- ହର ପୁଣ୍ୟଧାମ
ଅଟଇ ଉତ୍କଳ ଦେଶ,
ଯହିଁ ବିରାଜ କରି- ଛନ୍ତି ଭଗବାନ
ଧରି ଦାରୁବ୍ରହ୍ମ ବେଶ ।
ରହିଲେଣି ମହା- ଯୋଗୀ କୃତ୍ତିବାସ
ଜପ ତପ ଦୂର କରି,
ଗଲେଣି ଯହିଁକି ଜଗତପାବନୀ
ସ୍ୱଚ୍ଛତୋୟା ସୁରେଶ୍ୱରୀ ।
ସୂର୍ଯ୍ୟକାନ୍ତ ଯହିଁ କୋଣାର୍କ ମନ୍ଦିରେ
ରହିଲେଣି କରି ବାସ,
ଦେବଗୁରୁ ଯାଇ ଦେବଦୁର୍ଗଠାରେ
ହୋଇଲେଣି ପରକାଶ ।
ସଦାଶିବ ରୁଦ୍ର ସୂତଳ ନାମରେ
ଲୋକେ ହେବେ ପରିଚିତ,
ତାହାଙ୍କ ଉଜ୍ଜ୍ୱଳ କାନ୍ତିରେ ଉତ୍କଳ
ହୋଇଯିବ ଆଲୋକିତ ।
କାବ୍ୟ ହିଁ ଗଲେଣି କାବ୍ୟ ରଚିବାକୁ,
ରାଧାନାଥ ନାମ ବହି,
ତାହାଙ୍କ ଭାରତୀ— ବଳେ ହେବ ଖ୍ୟାତ
ଭାରତେ ଉତ୍କଳ ମହୀ ।

ଏହିରୂପେ ଗ୍ରହ— ଗଣ ଦେବଗଣ
ନେଇଛନ୍ତି ଅବତାର,
ଚାଲ ପ୍ରିୟେ, ସେହି ପବିତ୍ର ରାଜ୍ୟରେ
କରିବା ସୁଖେ ବିହାର ।
ଉତ୍କଳେ ମୟୂର— ଭଞ୍ଜ ନାମେ ଅଛି
ଏକ ରାଜ୍ୟ ମନୋହର,
ରାଜା ଛନ୍ତି ତହିଁ ରବିବଂଶମଣି
ଶ୍ରୀରାମର ବଂଶଧର ।
ଧର୍ମଶୀଳ ଜ୍ଞାନୀ ରାଜଚୂଡ଼ାମଣି
କୃଷ୍ଣଚନ୍ଦ୍ର ନାମେ ଖ୍ୟାତ,
ତାହାଙ୍କ ପବିତ୍ର ସୁନ୍ଦର ମନ୍ଦିରେ
ମୁହିଁ ଯାଇ ହେବି ଜାତ ।
ରାମବଂଶେ ମୋର ଜନମ ହେବାରୁ
ରାମଚନ୍ଦ୍ର ହେବ ନାମ,
ମନୋହର ରୂପ ଦେଖି ମୋତେ ଲୋକେ
ବୋଲିବେ ଦ୍ୱିତୀୟ କାମ ।
ନୟନ ପାର୍ଶ୍ୱରେ ଅଳପ ଅଳପ
ଆଭା ଥିବ କଳଙ୍କର,
'ପ୍ରଭା' ୧ ଛଳେ ମୋର ପ୍ରଭା ପରକାଶି
ଯିବ ଦିଗ ଦିଗନ୍ତର ।"
ଏହି କଥାମାନ ଶୁଣି ହେଉଥିଲି
ଆହ୍ଲାଦିତ ଅତିଶୟ,
ଉଠିଗଲେ ମୋର ଆନନ୍ଦସାଗରେ
ଅବାର୍ଯ୍ୟ ତରଙ୍ଗଚୟ ।
ମନେ ମନେ କେତେ ମୁଁ ବୋଇଲି. ଧନ୍ୟ
ଧନ୍ୟ ଗୋ ଉତ୍କଳ ମାତ !
ସବୁ ଦେବଦେବୀ ହେଉଛନ୍ତି ତୋର
ବିଶୁଦ୍ଧ କୋଳରେ ଜାତ ।
ଏଣୁ ବିଜ୍ଞଜନେ ବୋଲୁଥାନ୍ତି ପରା
ସର୍ବ ତୀର୍ଥ ଘେନି ହରି,
ପତିତପାବନ- ରୂପେ ରହିଛନ୍ତି
ନୀଳାଚଳେ ବିଜେ କରି ।

୧ । ପ୍ରଭା—'ଉତ୍କଳପ୍ରଭା' ନାମକ ମାସିକପତ୍ର ମୟୂରଭଞ୍ଜରୁ ପ୍ରକାଶିତ ହେଉଥିଲା ।

ଏଣୁ ଆର୍ଯ୍ୟ କବି କହିଯାଇଛନ୍ତି
"କଳୌ ବେତ୍ରୋତ୍ପଳା ଗଙ୍ଗା",
ଶ୍ୱେତ ତରଙ୍ଗିଣୀ ରୂପରେ ହୋଇଛି
ମଞ୍ଜୁଳଶ୍ୟାମତରଙ୍ଗା ।
ସହସା ଦିଶିଲା ବିରାଟ ମୂରତି
ବିରାଜିତ ସମ୍ମୁଖରେ,
୧ ରାଜରାଜେଶ୍ୱରୀ ବେଶେ ରଥପଦ
ଗଦା ପଦ୍ମ କମ୍ବୁ କରେ ।
ସୁନୀଳ ଚିକ୍କଣ ଚରଣଲମ୍ବିତ
କୁଟିଳ କୁନ୍ତଳ କାନ୍ତି,
ଜନ୍ମାଉଛି ମନେ ବୀଚି-ବିକ୍ଷୋଭିତ
ସରିତପତିର ଭ୍ରାନ୍ତି ।
ଅଭ୍ରଲିହ ଶୃଙ୍ଗ ରଚିତ କିରୀଟ
ବିଭ୍ରାଜିତ ମସ୍ତକରେ,
କିଏ ନ କହିବ ମୁକୁଟ ଗଢ଼ିଛି
ବିଶ୍ୱକର୍ମା ନିଜ କରେ ।
କିରୀଟ ଶୋଭାକୁ ଶୋଭିତ କରୁଛି
କର୍ଣ୍ଣଭୂଷା ମଲ୍ଲୀକଢ଼ି,
ମଲ୍ଲୀକଢ଼ି ତଟ ଚୁମ୍ବିନେ କୁନ୍ତଳ
ଶୋଭା ହିଁ ଯାଇଛି ବଢ଼ି ।
ବକ୍ଷ କରେ ବଙ୍ଗ—ଭୂଷଣ ତୈଲଙ୍ଗୀ—
ଭୂଷଣ ଦକ୍ଷିଣେତରେ,
ଚରଣଯୁଗଳେ ଲଙ୍କପୁରୀ ଭୂଷଣ
ଶୋଭା ସମ୍ପାଦନ କରେ ।
କଟିତଟେ ହେମ- ଦାମ ମନୋରମା
ବସନ ଗୁମ୍ଫନେ ରହି,
ବ୍ୟଞ୍ଜିତ ହେଉଛି ଖଚିତ ରତନ
ତେଜେ ନେତ୍ରପାପ ଦହି ।

ସାଧୁ ଭକ୍ତ ଜଣେ ସରସ୍ୱତୀ ଜଳେ
ତାଙ୍କ ଅଭିଷେକ କରି,
ରତ ଥିଲେ ସ୍ତବେ ଦିଶିଲେ ମୋତେ ସେ
ରାଧାନାଥ ରୂପ ପରି ।
ବୋଲୁଥିଲେ, "ଧନ୍ୟ ଲଲାଟ କେଶରୀ ୨
କାରୁ-କଳା-ପଣ୍ଡିତ,
କରିଛନ୍ତି ଯେହୁ ଦେବୀଙ୍କ ମଣ୍ଡଳ
କିରୀଟ ବରେ ମଣ୍ଡିତ ।
ଧନ୍ୟ ସେ ଲାଙ୍ଗୁଲା ନରସିଂହ ଦେବ, ୩
ଅନଙ୍ଗଭୀମ ଭୂପାଳ,
ମଲ୍ଲୀକଢ଼ି ଦେଇ ଯଶୋରାଜ୍ୟେ ରାଜା
ହୋଇଛନ୍ତି ଚିରକାଳ ।
୪ ଶୃଙ୍ଗ ପଦାବଳୀ ଲେଖିଛନ୍ତି ଯେଲେ
ବୌଦ୍ଧ ନୃପଗଣ ଧନ୍ୟ,
ନ ଥିଲେହେଁ ତାଙ୍କ ମତେ ଲଭିଛନ୍ତି
ପରକାଳସୌଭାଗ୍ୟ ଧନ ।
କି ଦେଇ ପୂଜିବି ଉତ୍କଳ ଲକ୍ଷ୍ମୀ ଗୋ,
କି ଅଛି ପୂଜାସମ୍ବଳ,
ଅଭିଷେକ ମାତ୍ର କଲି ଦୂରୁ ଆଣି
ଶୁଦ୍ଧ ସରସ୍ୱତୀ ଜଳ ।"
ରମ୍ୟ କଣ୍ଠଦାମ ଦେବା ଲୋକ ନାମ
ନ ଶୁଣି ହେଲି ବିକଳ,
ଭାବିଲି ଦାୟକ ଥିଲେହେଁ ଗାୟକ
ନ ଥିଲେ ଦେବା ବିଫଳ ।
୫ ପ୍ରଜ୍ଞା କହିଦେଲେ ସେହି ଶୃଙ୍ଗଭୂଷା
ଚୌହାଣ ଭୂପତିବର୍ଗ
ଦେଇ, ଲଭିଛନ୍ତି କେହି ଅପବର୍ଗ
କେହି ମଣ୍ଡିଛନ୍ତି ସ୍ୱର୍ଗ ।

---

୧ । ଚକ୍ରକ୍ଷେତ୍ର—ଭୁବନେଶ୍ୱର, ଗଦାକ୍ଷେତ୍ର—ଯାଜପୁର, ପଦ୍ମକ୍ଷେତ୍ର—କୋଣାର୍କ, ଶଙ୍ଖକ୍ଷେତ୍ର—ପୁରୀ । ୨ । ଲଲାଟକେଶରୀ—ଭୁବନେଶ୍ୱର ମନ୍ଦିରର ନିର୍ମାଣକର୍ତ୍ତା । ୩ । ଲାଙ୍ଗୁଲା ନରସିଂହଦେବ—କୋଣାର୍କ ମନ୍ଦିରର ନିର୍ମାଣକର୍ତ୍ତା । ଅନଙ୍ଗଭୀମଦେବ—ପୁରୀ ମନ୍ଦିରର ନିର୍ମାଣକର୍ତ୍ତା । ୪ । ଖଣ୍ଡଗିରି ଏବଂ ଧବଳଗିରିରେ ବୌଦ୍ଧ ରାଜାମାନଙ୍କର ଖୋଦିତ ପ୍ରସ୍ତରମୂର୍ତ୍ତି ଏବଂ ଅନୁଶାସନଲିପି ଅଛି । ୫ । ସମ୍ବଲପୁର, ପାଟଣା, ସୋନପୁର, ବାମଣ୍ଡା ଓ ଖଡ଼ିଆଳର ଚୌହାନ ନୃପତିମାନେ ଅନେକ କୀର୍ତ୍ତି କରିଅଛନ୍ତି ।

ପଢ଼ନ୍ତେ ମନ୍ତ୍ରର ସେ ଭକ୍ତପ୍ରବର,
ଆସିଲେ ହୋଇ ସତ୍ୱର
ମୃତ ପ୍ରାଣିଗଣ ନବ ପ୍ରାଣ ଲଭି
ବହି ନବ କଳେବର ।
ସ୍ଥାବର ସକଳ ହିଁଗ ସମୁଜ୍ଜ୍ୱଳ
କରି କଲେ ଆଗମନ,
ଉପରୁ ଯେମନ "ଜୟ ଗୋ ଉତ୍କଳ—
ଲକ୍ଷ୍ମୀ" କରି ଉଚ୍ଚାରଣ ।
ଆସିଲେ ଯଯାତି ଉଲ୍ଲାସେ ଘେନି
ଜଇତ ପତାକା ଧରି,
ସେ ଧ୍ୱଜେ ଚିହ୍ନିତ ହୋଇଥିଲା ଲୋଳ—
ରସନ ଧୂମକେଶରୀ ।
ଶ୍ରୀ ପୁରୁଷୋତ୍ତମ ନରେନ୍ଦ୍ର ଆସିଲେ
ଯେନି ରତ୍ନମୟ ଛତ୍ର,
କାଞ୍ଚୀ ଗର୍ବ ଚୂର୍ଣ୍ଣେ ମଜା ହୋଇଥିଲା
ସେ ଛତ୍ର ରତନପଂକ୍ତି ।
ଚୋଡ଼ଗଙ୍ଗ ଦେବ ଉପନୀତ ହୋଇ
ଢାଳିଲେ ଶ୍ୱେତ ଚାମର,
ଚାଳିତ ଚାମର ଦିଶିଲା ଯେସନ
ଆଦ୍ୟ ଭାଗୀରଥୀ ଝର ।
ଜୟନ୍ତ ଆହିଲେ ମୟୂରଚନ୍ଦ୍ରିକା-
ଚଳିତ ବ୍ୟଜନକରେ,
ମୟୂରଚନ୍ଦ୍ରିକା ଶୋଭୁଥିଲା ତାଙ୍କ
ରତ୍ନମୟ ଉଷ୍ଣୀଷରେ ।
ଗଙ୍ଗେଶ୍ୱର ଦେବ ବିନତବଦନେ
ପୁଷ୍ପଭାରେ ହୋଇ ଛୁଡ଼ା,
ଦେବୀଙ୍କ ରତନ ଫଣିତକାନରେ
ଢାଳୁଥିଲେ ମୁଖକ୍ରୀଡ଼ା ।
ତା ପରେ ଆସିଲେ ରମଣୀମଣ୍ଡଳ
କରେ ଧରି ଅର୍ଘ୍ୟଥାଳୀ,
ମନୋହର ଫୁଲ ଧୂପ ଗନ୍ଧ ସହ
ରତନ ପ୍ରଦୀପ ଜାଳି ।
ଆସିଲେ ଲଳିତା ବିମଳା ସହିତ
ପରସ୍ପରେ ଛନ୍ଦ କରି,
ପଦ୍ମାବତୀ ଦେବୀ ଆସିଲେ ରତନେ
ବଦନ କରି ଭାସ୍ୱର ।
ନନ୍ଦିକା ଆସିଲା କଣ୍ଟକିତ ପଥେ
ଲକ୍ଷ୍ମୀ-ଉପାନହପଦେ,
ଉପାୟନରୂପେ ଜୈନମଣି ଧରି
ନବପ୍ରେମଗଦଗଦେ ।
ଏକ କରେ ଧନୁ ଅନ୍ୟ କରେ ଧରି
ମାର୍ତ୍ତଣ୍ଡ ପ୍ରଚଣ୍ଡ ଶର,
ନମେଷ ମାନକେ ଦଉଡ଼ି ଆସିଲା
ଉଷା ବୀରନାରୀବର ।
କୌଶଲ୍ୟା ଆସିଲା ମୁଖ ଢାଙ୍କି ବାସେ,
କଟାର କରେ ପାବଣି,
ଥିଲେ ତାଙ୍କ ସଙ୍ଗେ ଅନ୍ନପୂର୍ଣ୍ଣା ଶୁଭ—
ତାରା ସମ ଜ୍ୟୋତିଷ୍ମତୀ ।
ନବୀନ ରବିଙ୍କ ଗାଢ଼ ଅନୁରାଗ
ନେଷଣେ, ଚରଣତଳ
ରଙ୍ଗ ହୋଇଥିଲା, ଚନ୍ଦ୍ରଭାଗା ସତୀ
ଆସିଲେ ହୋଇ ଚଞ୍ଚଳ ।
୧ ଘାଣ୍ଟି ହେଲା ମନ ନ ଦେଖି ତହିଁରେ
ରମାଇ ବଂଶର ଜଣେ,
୨ ବଳରାମ ଦେବ କମଳକୁମାରୀ
ପଡ଼ିଲେ ସେକାଳେ ମନେ ।
୩ ମେଘାସନ ଗନ୍ଧ— ମାଦନ ଟୋନାସା
ଅରଣ୍ୟେ ପଥ ନ ହୁଡ଼ି,
ଉଭା ହେଲେ ଦେବୀ-ପଦେ ଉର୍ଦ୍ଧ୍ୱେ ଠେକି
ଗଗନଚୁମ୍ବୀ ବଦନ ।

---

୧ । ରମାଇ ଦେବ—ଓଡ଼ିଶାର ଚୌହାଣବଂଶର ଆଦିପୁରୁଷ । ୨ । ବଳରାମ ଦେବ— ସମ୍ବଲପୁରର ଆଦିରାଜା ଓ କମଳକୁମାରୀ ତାଙ୍କର ପଟ୍ଟମହିଷୀ । ୩ । ମେଘାସନ—ମୟୂରଭଞ୍ଜର ଉଚ୍ଚ ପର୍ବତ । ଉଚ୍ଚ ୩୮୨୦ ଫୁଟ । ଗନ୍ଧମାଦନ—କେଉଁଝରର ଉଚ୍ଚପର୍ବତ । ଉଚ୍ଚ ୩୪୭୯ ଫୁଟ ।

୧ ଥିଲେ ତାଙ୍କ ସଙ୍ଗେ ମାଲ୍ୟଗିରି ବାରି
ସପ୍ତଶଯ୍ୟା କପିଳାସ,
ଶରଣ୍ଡା ଚର୍ଚ୍ଚିକା ଦ୍ୱିଶିର ବାରୁଣୀ
ହୃଦୟେ ଭରି ଉଲ୍ଲାସ ।
ବିଶ୍ୱନାଥ ତାରି- ଦେବୀଙ୍କ ଶଇଳ
ପ୍ରକୃତିରେ ଥିଲେ ସାନ,
ମନ୍ତ୍ରପ୍ରଭାବରୁ ଉଚ୍ଚ ଉଚ୍ଚଗିରି-
ଶ୍ରେଣୀରେ ପାଇଲେ ସ୍ଥାନ ।
୨ ଘନ-ଶିରସ୍କ ମହେନ୍ଦ୍ର ଅଇଲା
ମନ୍ତ୍ରେ ହୋଇ ସମାହୃତ,
ଭଲେଶ୍ୱ ସାଲେଶ୍ୱ କାଳୀଜୟୀ ଆଦି
ତା ସଙ୍ଗେ ଥିଲେ ବହୁତ ।
ମଣିଭଦ୍ରା ମଣି- ମଣ୍ଡପ ସଦୃଶ
ବିରାଜିଲା ମଧ୍ୟସ୍ଥଳେ,
ମୁଖରିତ ହୋଇ ଶୁକ ଶାରି ପିକ
ଶ୍ରୁତିସୁଧା-କଳକଳେ ।
ଅତି କମନୀୟ ରତ୍ନମୟ ଝରି
ହସ୍ତରେ ପ୍ରଧାନ-ପାତ୍ର,
ରାଜପୁରୋହିତ- ରୂପେ ଉଭାହେଲା
ଯେହ୍ନ ନିଜ କୁଳ ଆଠ ।
ମନ୍ତ୍ରେ ଉଚ୍ଚାରିତ ନୋହି ସ୍ୱେଚ୍ଛାକ୍ରମେ
ବେଢ଼ିଗଲେ ରହି ଅଲକ୍ଷେ ।

ଉଚ୍ଚ ଗିରିଶ୍ରେଣୀ ସେନାନୀ ସ୍ୱରୂପେ
ଦିଗବ୍ୟାପୀ ସ୍ଥୂଳବକ୍ଷେ ।
୩ ନିମାଇ ନଗେନ୍ଦ୍ର, ଦିଶୁଥିଲା ସବୁ
ଗିରିଠାରୁ ଉଚ୍ଚତମ,
କୁମ୍ଭସୁତ ଦିଶୁ- ଥିଲେ ତା କଣ୍ଠେ-
ରତ୍ନ ପ୍ରାୟେ ମନୋରମ ।
୪ ନିମାଇ ସମାନେ ଥିଲା ବଙ୍କାସାମ
ବିଦ୍ୟୁତଭାସ୍ୱରବକ୍ଷ,
୫ ତା ପାଖେ କରଲା-- ପାଟ ଥିଲା ଯେହ୍ନ
ସମସ୍ତ କନ୍ଧ ଅସଂଖ୍ୟ ।
୬ ଉନ୍ମୁଖ ଟିକିରି-- ଗୁଡ଼ା ହୋଇଥିଲା
ଅର୍ପିବାକୁ ଉପହାର,
ନୟନ-ରସନା-- ପ୍ରମୋଦଦାୟକ
କମଳା ଅପୂର୍ବ ଭାର ।
୭ ଉଭା ଥିଲେ ହରି - ଶଙ୍କର ସହିତ
ନରସିଂହନାଥ ଦ୍ୱାରେ,
ଅଭିଷେକ ଯଥା— କାଳେ କରିବାକୁ
ପବିତ୍ର ସହସ୍ର ଧାରେ ।
ଗହଣେ ତାଙ୍କର ଥିଲେ ହୃଷ୍ଟପୁଷ୍ଟ
ତୁଙ୍ଗ ଘନ ବନଶ୍ରେଣୀ,
ଫୁଲ୍ଲ ନାଗେଶ୍ୱର— ସୁମନ ସୁନ୍ଦର
ସୁପକ୍ୱ ନାରଙ୍ଗ ଯେହ୍ନ ।

୧ । ମାଲ୍ୟଗିରି--ଲହଡ଼ାର ଉଚ୍ଚ ପର୍ବତ । ଉଚ୍ଚ ୩୮୯୫ ଫୁଟ । ୨ । ମହେନ୍ଦ୍ର—ଗଞ୍ଜାମରେ ଥିବା ଉତ୍କଳର ଏକ ପ୍ରଧାନ ପର୍ବତ, ଉଚ୍ଚ ପ୍ରାୟ ୫୦୦୦ ଫୁଟ । ୩ । ନିମାଇଗିରି—ପ୍ରାକୃତ କ ଓଡ଼ିଶାର ସର୍ବୋଚ୍ଚ ପର୍ବତ, ଗଞ୍ଜାମ ଜିଲ୍ଲାରେ ଅଛି । ଉଚ୍ଚ ୪୯୭୨ ଫୁଟ । ୪ । ବଙ୍କସାମ— କଳାହାଣ୍ଡିର ସର୍ବୋଚ୍ଚ ପର୍ବତ । ଏହା ପ୍ରାକୃତିକ ଓଡ଼ିଶାର ପର୍ବତମାନଙ୍କ ମଧ୍ୟରେ ଉଚ୍ଚତାରେ ଦ୍ୱିତୀୟ ସ୍ଥାନୀୟ । ଉଚ୍ଚ ୪୧୮୨ ଫୁଟ । ୫ । କର୍ଲାପାଟ—କଳାହାଣ୍ଡିର ପର୍ବତ । ଉଚ୍ଚ ୩୯୮୧ ଫୁଟ । ଓଡ଼ିଶାର ସମସ୍ତ ଗଡଜାତରେ କନ୍ଧସଂଖ୍ୟା ୨୨୩୪୨୪, ଏଥିମଧ୍ୟରୁ ଏକା କଳାହାଣ୍ଡିରେ ୧୦୩୦୮୬ । ୬ । ଟିକିରିଗୁଡ଼ା—କଳାହାଣ୍ଡିର ପର୍ବତ । ଉଚ୍ଚ ୩୬୮୩ ଫୁଟ । କଳାହାଣ୍ଡିରେ ଉତ୍ତମ କମଳା ମିଳେ । ୭ । ହରିଶଙ୍କର ଓ ନୃସିଂହନାଥ ସମ୍ବଲପୁର ଅଞ୍ଚଳର ଗୋଟିଏ ତୀର୍ଥସ୍ଥାନ । ନୃସିଂହନାଥ ବୋଡାସମ୍ବର ଜମିଦାରୀ ଅନ୍ତର୍ଗତ ଗୋଟିଏ ପର୍ବତରେ ଅଧିଷ୍ଠିତ । ପର୍ବତ ଅପରପାର୍ଶ୍ୱରେ ହରିଶଙ୍କର ଅଧିଷ୍ଠିତ । ଏହି ପର୍ବତରେ ଗୋଟିଏ ପ୍ରପାତ ଅଛି, ତାହାର ଅଂଶବିଶେଷର ନାମ ସହସ୍ରଧାରା ଅଟେ । ଏଠାରେ ନାଗେଶ୍ୱର ଓ ନାରଙ୍ଗ ବହୁ ପରିମାଣରେ ମିଳେ । ନୃସିଂହ ଚତୁର୍ଦ୍ଦଶୀରେ ଏଠାରେ ମେଳା ହୁଏ ଏବଂ ସୂର୍ଯ୍ୟ ଓ ଚନ୍ଦ୍ରଗ୍ରହଣ ସମୟରେ ବହୁତ ଯାତ୍ରୀ ସେଠାକୁ ସ୍ନାନ କରିବାକୁ ଯାନ୍ତି । ଏ ତୀର୍ଥର ଅପର ନାମ "ପାପହରଣ" ।

୧ ପାଟଣା-ଈଶ୍ୱରୀ ପୀତ ପଟ୍ଟବାସେ
ଆବରଣ କରି ଗାତ୍ର,
ରତନ କଙ୍କଣ— ଭୂଷିତ ହସ୍ତରେ
ଧରିଥିଲେ ଧୂପପାତ୍ର ।
୨ ରଜତ ଥାଳରେ ଆତପ ତଣ୍ଡୁଳ
ନେଇଥିଲେ ରାମଚଣ୍ଡୀ,
ତଣ୍ଡୁଳକୁ ଚାହିଁ ହୀରା ରେଣୁ ବୋଲି
ନେତ୍ର ହେଉଥାଏ ଭ୍ରାନ୍ତି ।
୩ ଶିଶୁପାଳ ବାର— ପାହାଡ଼ ଛେଲିଆ
ଝରଘାଟୀ ବଡ଼ପାଟୀ,
ଗିରିମଲ୍ଲୀମାଳ ଧରି ପ୍ରାଙ୍ଗଣରେ
ଦିଶୁଥିଲେ ପରିପାଟୀ ।
୪ ବୁଢ଼ାରଜା ଗଙ୍ଗ— ଶିଉଳୀ ସ୍ତବକ
ହସ୍ତରେ ତହିଁ ଥିବାରୁ,
ଦେଖି ଗାଢ଼ପ୍ରେମ- ପୂରିତ ଲୋଚନେ
ନିରେଖିଲି ବାରମ୍ବାର ।
୫ ମୋତିଝରଣର ମୋତିମାଳରୂପୀ
ଆମଳକୀ ଫଳମାଳ,
ଉପହାର ଘେନି ଉଭା ହୋଇଥିଲେ
ତୁଙ୍ଗ ତୁଙ୍ଗ ବନ୍ଧୁ ଶାଳ ।
୬ ଅଗଣିତ ଗଜ- ବଳ ଘେନି ତେଣେ
ମାଙ୍କଡ଼ନଗ୍ର ଉତ୍ତରେ
୭ ରହିଲ, ବାଦାମ— ଗଡ଼ ଆଦି ତିନି
ଯୋଗୀ ଭଳି ସମାହିତରେ ।

୮ ଶୃଙ୍ଗସୁଶୋଭିତ— ହରିଣବାହିନୀ
ସୁସଜ୍ଜିତ କରି 'ମାନ',
ଲଳିତଗଣ ସଙ୍ଗେ ତାଙ୍କ ସମୀପରେ
ରଖିଥିଲ ନିଜ ମାନ ।
ତରଙ୍ଗିଣୀଗଣ ନୃତ୍ୟ ଆରମ୍ଭିଲେ
ମନୋହର ବେଶ ଧରି,
ବିବିଧ ଭୂଷଣେ ବିଭୂଷିତ ହୋଇ
କୁସୁମେ ସାଜି କବରୀ ।
ହୀରକମଣ୍ଡିତ— ବେଣୀ ଶନୋପମା
ଯହିଁ ଥିଲ ଅଗ୍ରଗଣ୍ୟା,
ଅମରଭୁବନେ ନର୍ତ୍ତକୀମଣ୍ଡଳେ
ଉର୍ବଶୀ ଯେସନ ଧନ୍ୟା ।
ତା ପଛକୁ ଥିଲ ବ୍ରାହ୍ମଣୀ ସୁବର୍ଣ୍ଣ
କୁସୁମରେ ମଣ୍ଡି ଚୂଳ,
ନୃତ୍ୟବେଳେ ଗଣ୍ଡୁ ନ ଥିଲ ଚୂଳରୁ
ଖସୁଥିଲ ସ୍ୱର୍ଣ୍ଣ ଫୁଲ ।
ସିଂହଭୂମି ରାଜ— ଉଦ୍ୟାନ କୁସୁମ
ରଚିତ ସୁରମ୍ୟ ହାର,
୯ ଉରେ ମଣ୍ଡି 'ଦେବ' 'କୋଇଲ' ସହିତ
ସଙ୍ଗେ ନାଚୁଥିଲ ତାର ।
ଗାଉଥିଲେ ମଧୁ— ସ୍ୱରେ ମଧୁମୟ
ବେଦବ୍ୟାସ ଗୀତାବଳୀ,
୧୦ କୋଇଲ ମସ୍ତକେ ବ୍ରାହ୍ମଣୀ ଶିଖରୀ
ଦେଉଥିଲେ ପୁଷ୍ପାଞ୍ଜଳି ।

୧ । ପାଟଣେଶ୍ୱରୀ—ପାଟଣାର ଅଧିଷ୍ଠାତ୍ରୀ ଦେବତା । ୨ । ରାମଚଣ୍ଡୀ—ସମ୍ବଲପୁର ଅଞ୍ଚଳର ପ୍ରଧାନ କୃଷକ କୁଳିତାମାନଙ୍କର ଇଷ୍ଟଦେବୀ । ସମ୍ବଲପୁରର ସୂକ୍ଷ୍ମ ତଣ୍ଡୁଳ ଅତି ପ୍ରଶଂସନୀୟ । ଇବ ନଦୀ କୂଳର ଗୋଟିଏ ପର୍ବତରେ ରାମଚଣ୍ଡୀ ଅଧିଷ୍ଠିତ । ୩ । ଶିଶୁପାଳ, ବାରପାହାଡ଼, ଝରଘାଟୀ ଓ ବଡ଼ପାଟୀ ସମ୍ବଲପୁର ଜିଲ୍ଲାରେ ଥିବା ପୃଥକ୍ ପୃଥକ୍ ପର୍ବତଶ୍ରେଣୀ । ଛେଲିଆ—ପାଟଣାରାଜ୍ୟାନ୍ତର୍ଗତ ପର୍ବତବିଶେଷ । ୪ । ବୁଢ଼ାରଜା— ସମ୍ବଲପୁର ସହର ନିକଟବର୍ତ୍ତୀ ପର୍ବତ । ଏଠାରେ ଅଧିକ ପରିମାଣରେ ଗଙ୍ଗଶିଉଳୀ ଗଛ ଅଛି । ୫ । ମୋତିଝରଣ—ସମ୍ବଲପୁର ନିକଟବର୍ତ୍ତୀ ସୁଦୃଶ୍ୟ କ୍ଷୁଦ୍ର ପର୍ବତ । ୬ । ମାଙ୍କଡ଼ନଗ୍ର—ବଣାଇର ଉଚ୍ଚ ପର୍ବତ । ଉଚ୍ଚ ୩୬୩୯ ଫୁଟ । ୭ । ବାଦାମଗଡ଼—ବଣାଇର ପର୍ବତ । କୁମୁରିଟାର ଓ ଛେଲିଆଟୋକା ନାମକ ଆଉ ଦୁଇଗୋଟି ଉଚ୍ଚ ପର୍ବତ ବଣାଇରେ ଅଛି । ୮ । ମାନ—ଗାଙ୍ଗପୁରର ପର୍ବତ । ୯ । ଦେବ—ସିଂହଭୂମିର ଏକ ନଦୀ । କୋଇଲ—ଗୋଟିଏ ନଦୀ । ଏହା ବେଦବ୍ୟାସ ଗିରି ନିକଟରେ ଶଙ୍ଖ ସହିତ ମିଳିତ ହୋଇ ବ୍ରାହ୍ମଣୀ ନାମ ଧାରଣ କରିଅଛି । ୧୦ । ବ୍ରାହ୍ମଣୀ—କୋଇଲର ତଟବର୍ତ୍ତୀ ପର୍ବତ ।

ସିଂହ ଭୂପଙ୍କର ସ୍ୱର୍ଣ୍ଣକଳସମୟ
ଶୁଭ୍ର କୀର୍ତ୍ତିଧ୍ୱଜ ଧରି,
ସ୍ୱର୍ଣ୍ଣମୟୀ ସ୍ୱର୍ଣ୍ଣ— ରେଖା ଆସିଥିଲା
ଯେସନ ବନ୍ଧୁ ସହଚରୀ ।
ବୈତରଣୀ ରମ୍ୟ କାନନ କୁସୁମ
କରିଥିଲା ଆଭରଣ,
ବାସ ଲୋଭେ ତାକୁ ଭୃଙ୍ଗରୂପେ ବେଢ଼ି
ଥିଲେ ଦେବଦେବୀଗଣ ।
ଭାର୍ଗବୀ ବିରୂପା ଦୟା ରତ୍ନଚିରା
ଆଦି ତରଙ୍ଗିଣୀଶ୍ରେଣୀ,
ଚମ୍ପା ଛୁରିଅନା ପୁନ୍ନାଗ ବିବିଧ
ପୁଷ୍ପେ ମଣ୍ଡିଥିଲେ ବେଣୀ ।
୧ ଉତ୍ସବ ଦର୍ଶନ ଛଳେ ଦୂରେ ମନେ
ମନେ ନାଚୁଥିଲା 'ଇବ',
ସୁନ୍ଦର ଶ୍ୟାମଳ ଝିନ ବସନରେ
ଘୋଡ଼ାଇ ମୁଖରାଜୀବ ।
୨ 'ଅଙ୍ଗ' ଧାଇଁଥିଲା ନୃତ୍ୟମଣ୍ଡଳୀକି
ଚନ୍ଦ୍ରୋତ୍ପଳା କଲା ମନା,
କଣ୍ଠେ ମୁଖ ଦେଇ କହିଦେଲା ହୋଇ
ନାହୁଁ ନୃତ୍ୟବିଚକ୍ଷଣା ।
୩ ଅଳକ୍ଷରେ 'ତେଲ' ଥାଇ ନ ପାଇଲା
ଲାସ୍ୟବିଳାସିନୀ ଯଶ,
କିନ୍ତୁ ହୃଦୟରେ ବହୁଥିଲା ତାର
ମଧୁର ସଙ୍ଗୀତରସ ।

୪ ଖଡ଼ିଆଳପତି ବ୍ରଜରାଜଙ୍କର
ସଙ୍ଗୀତ ଲଳିତ ରାଗେ,
୫ ଗାଉଥିଲେ ବେନି କଲ୍ଲୋଳିନୀ 'ତେଲ'
'ଚନ୍ଦ୍ରୋତ୍ପଳା' ପଛଭାଗେ ।
ଖଡ଼ିଆଳ ବନ- ସୁମନସ୍ତବକେ
ଶୋଭୁଥିଲା ତାଙ୍କ ଖୋସା,
ଜନ ମନ ଟାଣି ନେଉଥିଲେ ଫୁଲ-
ବାସେ ସେହି ବେନି ଯୋଷା ।
ଋଷିକୁଲ୍ୟା ସୁଧା— ମଧୁର ସଙ୍ଗୀତ
ତୈଲଙ୍ଗୀ ଭଙ୍ଗିରେ ଗାଇ,
୬ କବି-ରବିଙ୍କର ରାଗେ ଦେଲା ତହିଁ
ସଭିଙ୍କ ମନ ରଞ୍ଜାଇ ।
୭ ଜିରା, ଦନ୍ତା, ଝାଉଁ, ରାଞ୍ଜି, କୁଲଆଣୀ
ଉତ୍ସବେ ହୋଇ ଯାଜିକ,
ନିଜ ଦଳ ମଧ୍ୟେ କରୁଥିଲେ ମୋଦେ
ମନୋହର ତୌର୍ଯ୍ୟତ୍ରିକ ।
୮ ଭେଡ଼ନ, ମାଳତୀ, ଅଣିକା, ଘୋଷାଳୀ
ହିତ ମିଳି ଉତ୍ସଳୀ,
ସରଳ ତରଳ ଗୀତ ଗାଇ ମୁଦେ
ମାରୁଥିଲେ କରତାଳି ।
୯ ଅଳକ୍ଷରେ ଖରେ ଆସି ସେ ପାଖରେ
ନୃତ୍ୟ କଲା 'ଖରଖରୀ',
୧୦ 'ହରଡ଼' ହରଷେ ହରବର ହୋଇ
ଧାଇଁଥିଲା 'ବାଣୀ' ଧରି ।

୧ । ଇବ—ମହାନଦୀର ଉପନଦୀ । ୨ । ଅଙ୍ଗ—ମହାନଦୀର ଉପନଦୀ । ୩ । ତେଲ—ମହାନଦୀର ଉପନଦୀ । ୪ । ବ୍ରଜରାଜ ସିଂହ—ଖଡ଼ିଆଳର ରାଜକବି ବିକ୍ରମ ଦେବଙ୍କର ପିତା । ସେ ପ୍ରାଚୀନ ଧରଣର ଜଣେ ସୁକବି ଥିଲେ । ତାହାଙ୍କୁ ଦ୍ୱିତୀୟ ଉପେନ୍ଦ୍ର ଭଞ୍ଜ ବୋଲାଯାଇ-ପାରେ । ୫ । ଖଡ଼ିଆଳର ଗୋଟିଏ ନଦୀ ତେଲ ନଦୀରେ ଏବଂ ଗୋଟିଏ ମହାନଦୀରେ ମିଶିଅଛି । ୬ । କବିରବି—କବିସୂର୍ଯ୍ୟ ବଳଦେବ ରଥ । ୭ । ଜିରା—ମହାନଦୀର ଉପନଦୀ । ଦନ୍ତା, ଝାଉଁ, ରାଞ୍ଜି ଓ କୁଲଆଣୀ ସମ୍ବଲପୁର ଜିଲାର କ୍ଷୁଦ୍ର କ୍ଷୁଦ୍ର ଉପନଦୀ । ୮ । ଭେଡ଼ନ, ମାଳତୀ, ଅଣିକା, ଘୋଷାଳୀ ଓ ଉତ୍ସଳୀ ସମ୍ବଲପୁର ଜିଲାର କ୍ଷୁଦ୍ର କ୍ଷୁଦ୍ର ଉପନଦୀ । ୯ । ଖରଖରୀ—ବୋଡ଼ା-ସମ୍ବରର ଗୋଟିଏ କ୍ଷିପ୍ରଗାମିନୀ ନଦୀ । ୧୦ । ହରଡ଼ ନଦୀ—ସମ୍ବଲପୁର ସହର ନିକଟରେ ପୂର୍ବ-ଦିଗରେ ପ୍ରବାହିତ; 'ବାଣୀ' ତାହାର ଶାଖା ।

ଅମ୍ବୁପତି ଅତି ଗମ୍ଭୀର ନାଦରେ
ବଜାଇଲେ କୋଟି କମ୍ବୁ,
ସାଗର ସଲିଳେ ଆଦ୍ୟ ଅଭିଷେକ
କଲେ ଲୋକନାଥ ଶମ୍ଭୁ ।
ତା ପରେ ସହସ୍ର- ଧାରେ ଅଭିଷେକ
କଲେ ନରସିଂହ ନାଥ,
୧ ଢାଳିଲେ ସଲିଳ କ୍ରମେ ଖଣ୍ଡାଧାର
ପ୍ରଧାନପୀଠ ପ୍ରପାତ ।
୨ କଲେ ଅଭିଷେକ ମହେଶ୍ୱର ନାଥ
'କୋଇଲ ଘୋଘର' ଜଳେ,
ସେ ସ୍ୱଚ୍ଛ ସଲିଳ ନିପତିତ ହେଲା
'କୋଡ଼ାବଗାଭୂମି' ତଳେ ।
ଢାଳିଲେ ସଲିଳ ରମଣୀୟ ବେଶେ
ସପ୍ତମାତୃକା ଆସି,
ଅଗଣିତ ଦେବ ଦେବୀ ତହିଁ ପଛେ
ହୃଦମୁଦ ପରକାଶି ।
ଚହ୍ଲିଲ ତହିଁରେ ଲଲାଟ ଭୂଷଣ
ହୀରାଖଣ୍ଡ ଲକ୍ଷ କରି,
ଥିଲେ ସମଲାଈ ମନ୍ଦାର-ମଣ୍ଡିତ
ଲୋହିତ ପାଟ ପହରି ।
ସମଲାଈ ଦେଲେ ରାଜରାଜେଶ୍ୱରୀ
ଲଲାଟେ ସିନ୍ଦୂର ବିନ୍ଦୁ ।
ବିନ୍ଦୁ ଯୋଗେ ହେଲା ଶ୍ରୀମୁଖ ଶୋଭିତ
ବାଳସୂର୍ଯ୍ୟ ଯଥା ସିନ୍ଧୁ ।
ମରାଳମାଳିକା ଚଳିକା ମୁକୁତା-
ମାଳ ଗୁନ୍ଥି କଉଶଳେ
ଥୋଇଥିଲା, ଅତି ଯତନେ ଲମ୍ବାଇ-
ଦେଲା ଆସି ଦେବୀ ଗଳେ ।
କାରଣ୍ଡବ କଣ୍ଠେ ହୁଳହୁଳୀ ଦେଇ
ଲକ୍ଷ ଶତଦଳମାଳା,
ଦେବୀଙ୍କ ହୃଦୟେ ଭକ୍ତିଭରେ ଦେଲା
ତା ପଛେ ଅଂଶୁପା ବାଳା ।
୩ 'ଗନ୍ଧଗିରି' ଦେଲା ସୌରଭପୂରିତ
ନାଗେଶ୍ୱର ପୁଷ୍ପାଞ୍ଜଳି,
ଆମୋଦିତ ହୋଇ- ଗଲା ତା ସୌରଭେ
ରମ୍ୟ ଅଭିଷେକସ୍ଥଳୀ ।
୪ ଭୂଷଣପ୍ରଭାରେ ଦିଗ ଦୀପ୍ତ କରି
ଯାଇଥିଲେ ସୁରେଶ୍ୱରୀ,
ନୀରାଜନା କଲେ କରପଲ୍ଲବରେ
ସୁବର୍ଣ୍ଣ ପ୍ରଦୀପ ଧରି ।
୫ 'ପଦ୍ମାସନୀ' 'ଚନ୍ଦ୍ର- ଆସନୀ' ଉଭୟେ
ଉଭା ହୋଇଥିଲେ ଆଗେ,
ସ୍ତବ ପାଠ କଲେ ଭକତିପୂରିତ
ଲଳିତ ମଧୁର ରାଗେ ।
୬ ସ୍ୱଚ୍ଛନୀର ସର- ଭୂଷା ଇନ୍ଦୀବର-
ଭୂଷିତ 'କେଦାରନାଥ',
ଜୟ ଲକ୍ଷ୍ମୀନାଦ ଉଚ୍ଚାରିଲେ ଟେକି
ତ୍ରିଶୂଳଶୋଭିତ ହାତ ।
ବ୍ୟାସ ପରାଶର ଗୌତମ ଭାର୍ଗବ
ସହିତ ମୁନୀନ୍ଦ୍ର ଗଣ,
ଆସି ଉଚ୍ଚସ୍ୱରେ "ଜୟ ଉତକଳ-
ଲକ୍ଷ୍ମୀ" କଲେ ଉଚ୍ଚାରଣ ।

୧ । ଖଣ୍ଡାଧାର—କେଉଁଝର ଅନ୍ତର୍ଗତ ଗନ୍ଧମାଦନ ପର୍ବତର ପ୍ରପାତ । ୨ । ମହେଶ୍ୱରନାଥ — ସମ୍ବଲପୁର ଜିଲ୍ଲାର କୋଡ଼ାବଗା ଜମିଦାରୀସ୍ଥିତ ଗୋଟିଏ ପର୍ବତଶିଖରରେ ଅଧିଷ୍ଠିତ । ଏହି ପର୍ବତରେ 'କୋଇଲ ଘୋଘର' ନାମକ ଗୋଟିଏ ପ୍ରସ୍ରବଣ ଅଛି । ୩ । ଗନ୍ଧଗିରି—ସମ୍ବଲପୁର ଅନ୍ତର୍ଗତ ବୋଡ଼ାସମ୍ବରସ୍ଥ ପର୍ବତ; ଏହା ନାଗେଶ୍ୱର ବନାକୀର୍ଣ୍ଣ । ୪ । ସୁରେଶ୍ୱରୀ—ସୋନପୁରର ଅଧିଷ୍ଠାତ୍ରୀ ଦେବୀ । ୫ । ପଦ୍ମାସନୀ—ପଦ୍ମପୁରର ଅଧିଷ୍ଠାତ୍ରୀ ଦେବୀ । ଚନ୍ଦ୍ରାସନୀ—ଚନ୍ଦ୍ରପୁରର ଅଧିଷ୍ଠାତ୍ରୀ ଦେବୀ । ୬ । କେଦାରନାଥ—ଅମାବନାର ମହାଦେବ ।

ଅଶୋକ ପରଶ- ନାଥ ବାନା ଧରି
ବୌଦ୍ଧ ଜୈନ ଦଳ ଦଳ,
ଉଚ୍ଚସ୍ୱରେ 'ଜୟ ଲକ୍ଷ୍ମୀ' ନାଦେ ଦେଲେ
କମ୍ପାଇ ନଭୋମଣ୍ଡଳ ।
ବିବିଧ ଆକାରେ ଚିତା କାଟି ଶିରେ
ବୈଷ୍ଣବମଣ୍ଡଳୀ କାହିଁ,
ଖୋଳ କରତାଳ ନାଦେ ନୃତ୍ୟକଲେ
'ଜୟ ଜୟ ଲକ୍ଷ୍ମୀ' ଗାଇ ।
ଦିଗ ଆମୋଦିତ କଲା ହୋଇ ସେହି
ସମୟେ କୁସୁମବୃଷ୍ଟି,
କାହୁଁ ଆସୁଅଛି କୁସୁମ ବୋଲି ମୁଁ
ଗଗନକୁ ଦେଲି ଦୃଷ୍ଟି ।
ଦେଖିଲି ପ୍ରଫୁଲ୍ଲ ଧବଳ କୁସୁମ-
ରଚିତ ବହୁ ବିମାନ,
ଶାରଦ ଜୀମୂତ ପ୍ରାୟେ ହେଉଛନ୍ତି
ଗଗନେ ଉଡ୍ଡୀୟମାନ ।
ବିମାନ ମଧ୍ୟରେ ଜ୍ୟୋତିର୍ମୟ ବପୁ
ଜଣେ ଜଣେ ବସିଛନ୍ତି,
ଦିଶନ୍ତି ଯେସନେ ଘନ କୋଳେ ସ୍ଥିର
ହୋଇଅଛି ଐରାବଣ ।
ବିମାନ ମସ୍ତକେ ଲେଖା ହୋଇଅଛି
ବିରଳ ବୃହତ ବର୍ଣ୍ଣେ,
ଲିପିମାଳା କିବା ଗଢ଼ା ହୋଇଅଛି
ବିଶୁଦ୍ଧ ଖନିଜ ସ୍ୱର୍ଣ୍ଣେ ।
'ଜଗନ୍ନାଥ ଦାସ' 'ବଳରାମ ଦାସ'
କରଣ 'କୃଷ୍ଣଚରଣ',
ନାମ ଦେଖି ତହିଁ ଆନନ୍ଦେ ପ୍ରଫୁଲ୍ଲ
ହେଲା ମୋ ନୟନ ମନ ।
ପୁଣି ପାଠ କଲି 'ରାଜା କୃଷ୍ଣସିଂହ'
ମୁମ୍ଭାନ୍ଦ୍ 'ସାରଳା ଦାସ,'
'ଦୀନବନ୍ଧୁ ଦାସ' 'ଉପଇନ୍ଦ୍ର ଭଞ୍ଜ'
ନାମ ହେଲା ସୁପ୍ରକାଶ ।
କରଣୀ ଅକ୍ଷରେ ଥିଲା 'ଅଭିମନ୍ୟୁ-
ସାମନ୍ତ ସିଂହାର' ନାମ,
କେତନେ ଅଙ୍କିତ ହୋଇଥିଲା ତାଙ୍କ
ଯୁଗ୍ମ ମୂର୍ତ୍ତି ରାଧା-ଶ୍ୟାମ ।
ବହୁ ରଥ ଥିଲା ଚଳିବାକୁ ସବୁ
ହେଉଥିଲା ତରତର,
ରୁଦ୍ଧ କରିଦେଲା ନୟନଯୁଗଳ
ଆନନ୍ଦ ଲୋତକ ଝରି ।
ସେ ଝରେ ପ୍ଲାବିତ ହେଲା ବକ୍ଷସ୍ଥଳ
ପ୍ରାଣ ହେଲା ପୁଲକିତ,
ମନେ ହେଲା ତହିଁ ନଖୁ ନାକଯାଏ
ହୋଇଅଛି ନିମଜ୍ଜିତ ।

# ଅଯୋଧ୍ୟା ଦୃଶ୍ୟ

# ଉତ୍ସର୍ଗ

ଯେ ମୋତେ ପ୍ରିୟବନ୍ଧୁରୂପେ ଗ୍ରହଣ କରି

ମୋର ସାହିତ୍ୟଚର୍ଚ୍ଚାର ପଥ ପ୍ରଶସ୍ତ ଓ

ସୁଗମ କରିବାରେ ସତତ ଯତ୍ନଶୀଳ,

ସେହି କବିତ୍ୱ ରସିକ

ସୁହୃତ୍‌ସତ୍ତମ

**ଶ୍ରୀମାନ୍ ବ୍ରଜମୋହନ ପଣ୍ଡାଙ୍କର**

ଲେଖନୀଶୋଭିତ କରକମଳରେ

ଏହି ପୁସ୍ତକ ପ୍ରୀତିର

ନିଦର୍ଶନ ସ୍ୱରୂପ

ଅର୍ପଣ କଲି ।

—ଗ୍ରନ୍ଥକାର

# ଭୂମିକା

ମୋର ରଚିତ ପଦ୍ୟ ଅପକୃଷ୍ଟ ହେଲେ ମଧ୍ୟ ବିଦ୍ୟା ଓ ବୁଦ୍ଧିର ତୁଳନାରେ ମୁଁ ନିନ୍ଦନୀୟ ହୋଇପାରିବି ନାହିଁ—ଏହା ମୋର ଗୋଟିଏ ପ୍ରଧାନ ଭରସା । ବୋଧକରେଁ, ସେହି ଭରସା ସୁଫଳ-ପ୍ରସବିନୀ ହୋଇଅଛି । ଉତ୍କଳର ଅନେକ ସମ୍ଭ୍ରାନ୍ତ ଓ ସୁଶିକ୍ଷିତ ମହାତ୍ମାଙ୍କ ନିକଟରୁ ପଦ୍ୟ ରଚନା ନିମନ୍ତେ ଉତ୍ସାହ ଲଭିକରି ଉତ୍ସାହରୂପ ଦୀପଶିଖାର ଆଲୋକରେ କବିତା-ରାଜ୍ୟକୁ ଅଗ୍ରସର ହୋଇଅଛି । ଏମନ୍ତ ଅବସ୍ଥାରେ ମୋ ପରି ଅନଗ୍ରଦର୍ଶୀର ଦିଗ୍‌ଭ୍ରମ ହେବାର ସ୍ୱାଭାବିକ । ଏହି ପୁସ୍ତକ ରଚନାଦ୍ୱାରା ମୁଁ କେଉଁ ଦିଗକୁ ଚାଲିଅଛି, ତାହା ସୁବିଜ୍ଞ ପାଠକବୃନ୍ଦ ଅବଧାରଣ କରିବେ ଏବଂ ସୁପଥ ପ୍ରଦର୍ଶନ କରିବା ହେତୁ ଅନୁଗ୍ରହ ପ୍ରକାଶ କଲେ ମୁଁ ଚିରୋପକୃତ ହେବି ।

ପାଟଣା ରାଜ୍ୟର ସୁପ୍ରବୀଣ ଦେୱାନ ସାହିତ୍ୟପ୍ରେମିକ ଶ୍ରୀମାନ୍ ବାଳମୁକୁନ୍ଦ ବହିଦାର ମହୋଦୟ ମୋର ଜଣେ ପ୍ରଧାନ ଉତ୍ସାହଦାତା ଅଟନ୍ତି । ସେ ଏହି ପୁସ୍ତକର ତତ୍ତ୍ୱ ନେଇ ମୁଦ୍ରଣାଙ୍କର ଗ୍ରହଣ କରିବାଦ୍ୱାରା ନିଜ ଦତ୍ତ ଉତ୍ସାହକୁ ଫଳବାନ୍ କରିଅଛନ୍ତି ।

ଏହି ସତ୍କାର୍ଯ୍ୟ ନିମନ୍ତେ ମୁଁ ତାହାଙ୍କ ନିକଟରେ ଚିରକୃତଜ୍ଞ ରହିଲି । ଏହି ପୁସ୍ତକ ସାଧାରଣଙ୍କର ସାଧାରଣ ଆନନ୍ଦ ଜନ୍ମାଇପାରିଲେ ନିଜକୁ କୃତାର୍ଥ ଜ୍ଞାନ କରିବି । ଇତି ।

ବିଜେପୁର
ତା ୨୦ । ୧ । ୧୯୧୪

ବିନୀତ
**ଶ୍ରୀ ଗଙ୍ଗାଧର ମେହେର**

# ଅଯୋଧ୍ୟା ଦୃଶ୍ୟ

## ପ୍ରଥମ ସର୍ଗ

ରାମ ରାଜା ହେବେ ବୋଲି ଅଯୋଧ୍ୟାନିବାସୀ,
ଆନନ୍ଦ-ସରିତ-ସ୍ରୋତେ ଯାଉଛନ୍ତି ଭାସି ।
ଦ୍ୱାରେ ଦ୍ୱାରେ ରମ୍ଭାତରୁ ହୋଇଛି ପ୍ରୋଥିତ
ଲମ୍ବିଛି କୁସୁମମାଳ ହୋଇ ସୁଗ୍ରଥିତ ।
ଚକୁର ସାଜିଛି ଚୂତପଲ୍ଲବେ ତୋରଣ,
କଳସ ରହିଛି ହୋଇ ସଲିଳ ପୂରଣ ।
ନଗରୀ ହୋଇଛି ଧ୍ୱଜମାଳେ ମନୋହର,
ଧ୍ୱଜବିଶୋଭିତ ବାତେ ଉଡ଼ି ଫରହର ।
ରାଜପୁର ଅଭିମୁଖେ ଧାଇଁଛନ୍ତି ଲୋକେ,
ବଦନ ଉଜ୍ଜ୍ୱଳ କରି ହରଷ ଆଲୋକେ ।
ଧରିଛନ୍ତି ନାନା ରଙ୍ଗ ବସନ ଭୂଷଣ,
କରୁଛନ୍ତି ପରସ୍ପର ଚିତ୍ତ ଆକର୍ଷଣ ।
ଦରିଦ୍ରଙ୍କ ଯାହା ଥିଲା ଘେନିଛନ୍ତି ଅଙ୍ଗେ,
ଧନୀଗଣ ଭାସୁଛନ୍ତି ରତନ-ତରଙ୍ଗେ ।
କେତେ ଶିଶୁ ଯିବା ପାଇଁ କରୁଛନ୍ତି ଅଳି,
କା ଘରେ ବସନ ପାଇଁ ଲାଗିଅଛି କଳି ।
ଜନତାରେ ପୂର୍ଣ୍ଣ ହୋଇଅଛି ରାଜପଥ,
ଚାଲିଛି କେ ଅଶ୍ୱେ ଗଜେ କେବା ଚଢ଼ି ରଥ
ହ୍ରେଷାରବ ଘଣ୍ଟି ନାଦ ଘର୍ଘର ଶବଦ,
ଆନନ୍ଦେ କରୁଛି ପୁର-ହୃଦୟ ଗଦ୍‌ଗଦ ।
ଲାଭ ଆଶେ ଫୁଲ୍ଲ କରି ବଦନମଣ୍ଡଳ,
ଦ୍ୱିଜଗଣ ଧାଇଁଛନ୍ତି ହଲାଇଁ କୁଣ୍ଡଳ ।
କେତେ ନଟୀ ଲାଗିଛନ୍ତି ଯାଇ ନୃତ୍ୟରଙ୍ଗେ,
କେତେ ଅବା ଧାଇଁଛନ୍ତି ଉଦ୍‌ବେଗରସଙ୍ଗେ
୧ ରସନା ଶବଦ ପୁଣି ନୂପୁର ନିଃସ୍ୱନ,
ଶୁଣି ତାଙ୍କ ପଛେ ଧାଇଁଛନ୍ତି କେତେ ଜନ ।
ଦେଖିଯିବା ପାଇଁ ଏଣେ ସରଯୂ ଆକୁଳ,
ମନ ବଳାଉଛି ଯେହ୍ନେ ଲଙ୍ଘିବାକୁ କୂଳ ।
କୁମ୍ଭ ଧରି ଆସିଗଲେ ପୁରବାମାକୁଳ,
୨ ଅମୃତ ଯୋଗରେ ତହିଁ କଲା ଅନୁକୂଳ ।
କୁସୁମ ସୁରଭି କରି ଅଙ୍ଗ ଆଭରଣ,
ବନ ଉପବନ ଲଙ୍ଘି ଆସେ ସମୀରଣ ।
ରଙ୍ଗାଧରେ ହସି ହସି ଆସନ୍ତି ଭାସ୍କର,
ରାଜାସନେ ଦେଖିବାକୁ ନିଜ ବଂଶଧର ।
ଖଣ୍ଡ ଖଣ୍ଡ ମେଘ ଚାରୁବର୍ଣ୍ଣବିଭୂଷିତ,
୩ ଆସୁଛନ୍ତି ସୁରପଥେ ହୋଇ ବିଭାସିତ ।
ରାମ ଶିରେ ଅଭିଷେକ କରନ୍ତେ ଲାଳସୀ,
ଦେବକନ୍ୟାଗଣ ଧରି ରତନ କଳସୀ ।
୪ ମାର୍ଗରେ ପୂରଣ କରି ମନ୍ଦାକିନୀ-ଜଳ,
ଆସୁଅଛନ୍ତି କି ରଥେ ବସି ଦଳ ଦଳ ।
ହରଷ ପ୍ରଫୁଲ୍ଲ ହୃଦେ ବିହଙ୍ଗମମାନେ,
ବୃକ୍ଷେ ବୃକ୍ଷେ ମାତିଛନ୍ତି ସୁମଧୁର ତାନେ ।
ପକ୍ଷୀବେଶ ଧରି କିବା ଅପସରାଗଣ,
ତୋଷୁଛନ୍ତି ଆସି ପୁରବାସୀଙ୍କ ଶ୍ରବଣ ।

---

୧ । ରସନା—ସ୍ତ୍ରୀକଟି ଆଭରଣବିଶେଷ । ୨ । ଅମୃତ—ଜଳ । ୩ । ସୁରପଥ—ଆକାଶ ।
୪ । ମନ୍ଦାକିନୀ—ସ୍ୱର୍ଗଙ୍ଗା ।

ସର ଉନ୍ମୀଲନ କର କମଲଲୋଚନ,
ଚାହିଁବାକୁ ରାଜା ରାମ କମଲ-ଲୋଚନ ।
ରବିକର ଶାଣେ ଶୋଧି କରେ ସମୁଜ୍ଜ୍ୱଳ,
ହୃଦ ହାର ହେମ ବିନ୍ଦୁ ରତନ ପଟଳ ।
କୁମୁଦମା କରୁ ନାହିଁ ନୟନ ମୁଦ୍ରିତ,
ତହିଁପାଇଁ ରାତ୍ରିପାଳ ରହି ଅନିଦ୍ରିତ ।
କଳଶ ଶାଳ୍ମଳୀ ଚିତ୍ର ପରିଚ୍ଛଦ ଧରି,
ରବିରଶ୍ମି ହେମମୟ ପାଗ ଶିରେ ଭରି,
ଗିରିଶ୍ରେଣୀ ଉପରକୁ ଟେକିଛନ୍ତି ମୁଖ,
ରାମ ରାଜବେଶ ଚାହିଁ ଲଭିବାକୁ ସୁଖ ।
ଅଚଳ ହେତୁରୁ ନିଜେ ନ ପାରିଲେ ଯାଇ,
ପ୍ରତିନିଧିରୂପେ ଦେଲେ ମୁନିଙ୍କୁ ପଠାଇ ।
ରାଜପୁରେ ଫିଟିଅଛି ଆନନ୍ଦନିର୍ଝର,
ନୂପୁର ନିକ୍ୱଣେ ପୁର ହେଉଛି ମୁଖର ।
ରତ୍ନ ବିଭୂଷଣେ ରମ୍ୟ ରାଣୀଙ୍କ ବଦନ,
ପ୍ରସନ୍ନତା କରିଅଛି ତହିଁରେ ସଦନ ।
ସମସ୍ତଙ୍କ ଅଙ୍ଗେ ଶୋଭେ ମହାମୂଲ୍ୟ ବାସ,
ତରଙ୍ଗିତ ହେଉଅଛି କୁସୁମର ବାସ ।
ଦିଆ ନିଆ ଲାଗିଅଛି ରମ୍ୟ ଅଙ୍ଗରାଗ,
ବାଛି ବାଛି ନେଉଛନ୍ତି ଯହିଁ ଯା ସରାଗ ।
ରତ୍ନ-ଲତା ପରି ଶତ ଶତ ଯୋଷାବର
ଚଧନ, ତାରାପୂର୍ଣ୍ଣ ନଭ ସଦୃଶ ନବର ।
କୈକେୟୀର ପୁରେ କିନ୍ତୁ ରହିଛି ଯନ୍ତ୍ରଣା,
କି ଜାଣି ତହିଁରେ କିସ ଲାଗିଛି ମନ୍ତ୍ରଣା ।
ଚନ୍ଦ୍ର ରଜନୀରେ କି ତା ତମଗର୍ଭ ଦରୀ,
ରାମ-ପିତା ସାରିଛନ୍ତି ତହିଁରେ ଶର୍ବରୀ ।
ଆନନ୍ଦ ରାଜତ୍ୱ କଲା ନବରେ ନବରେ,
ପଳାଇ ବିଷାଦ ଥିଲା ପଟହ ୧ ମୁଖରେ ।
ତହିଁ ପୁଣି ପଡ଼ିବାରୁ କଠୋର ତାଡ଼ନା,
ବିଷାଦ ଶରୀରେ ହେଲା ବିଷମ ବେଦନା ।

ଜଣ ଜଣ ଘର ଘର ପ୍ରାସାଦ ପ୍ରାସାଦ,
ଲୋଡ଼ି ସ୍ଥାନ ନ ପାଇଲା ବିପନ୍ନ ବିଷାଦ ।
ବ୍ୟବହାର-ଜୀବୀ ୨ ରୂପେ ମନ୍ଥରାକୁ ଧରି,
ଅଛି ଏହି ରାଜପୁରେ ପରିବେଶ କରି ।
ଓହୋ ଅବଲମ୍ବେ ହେବ ବିଷାଦର ଜୟ,
ଆନନ୍ଦ ଚଉଦ ବର୍ଷ ଯିବ କାରାଳୟ ।
ପ୍ରକୃତ ଆନନ୍ଦସୀମା ଯାଉଅଛି ମାଡ଼ି,
ସୂଚୀ ଅଗ୍ର ସମ ଭୂମି ହେଉ ନାହିଁ ଛାଡ଼ି ।
ନ ବାରି ଦରିଦ୍ର ଧମା କରୁଅଛି କୋଳ,
ଆପାମରେ କରୁଅଛି ମଦ ଦେଇ ଖେଳ ।
ସୁସଜ୍ଜିତ ହୋଇଅଛି ଅଭିଷେକ ଘର,
ରତ୍ନସିଂହାସନ ତହିଁ ମଧ୍ୟେ ମନୋହର ।
ଧବଳ ଚାମର ହେମଦଣ୍ଡ ରାଜଛତ୍ର,
ଅକ୍ଷତ ତଣ୍ଡୁଳ ଦୂର୍ବା କୁବଳୟ ୩ ପତ୍ର ।
ସ୍ୱର୍ଣ୍ଣପାତ୍ରେ ଶ୍ୱେତ ପୁଷ୍ପ କର୍ପୂର ଚନ୍ଦନ,
ସ୍ୱର୍ଣ୍ଣ ଆଦି ଧାତୁ ସହ ବିବିଧ ରତନ ।
ଶତ ଶାତକୁମ୍ଭ ୪ କୁମ୍ଭେ ପୂର୍ଣ୍ଣ ତୀର୍ଥ ଜଳ,
ମୁଖେ ଧରିଛନ୍ତି ରକ୍ତ ଅସିତ କମଳ ।
ଶ୍ୱେତ ସୁରଞ୍ଜିତ ପଟ୍ଟ ଯୁଗଳ ଯୁଗଳ,
ଶ୍ୱେତ ହୟବର ୫ ପୁଷ୍ପମଣ୍ଡିତ ଧବଳ ।
ଅଳଂକୃତା ସୁବସନା ପୁଷ୍ପ ସୁକୁମାରୀ,
କୁସୁମେ ଶୋଭିତ ବେଶ ଆଠଟି କୁମାରୀ ।
ଅଖଣ୍ଡିତ ବ୍ୟାଘ୍ରଚର୍ମ ସ୍ୱର୍ଣ୍ଣଶୃଙ୍ଗ ବୃଷ,
ଶ୍ୱେତ ଗଜରାଜ ଇନ୍ଦ୍ରବାଣର ସଦୃଶ ।
ମଧୁ ସର୍ପି ୬ ଲାଜ ଆଦି ହୋଇ ସୁସଜ୍ଜିତ,
ଯଥାସ୍ଥାନେ ହୋଇଛନ୍ତି ଯତନେ ରକ୍ଷିତ ।
ବସିଛନ୍ତି ବଶିଷ୍ଠାଦି ମହର୍ଷିସକଳ,
ଋତ୍ୱିଯାଜୀ ପୁରୋହିତ ସଚିବମଣ୍ଡଳ ।
ଅଳିନ୍ଦରେ ୭ ବସିଛନ୍ତି ସାମନ୍ତ ସମାଜ,
ପ୍ରତି ଅଙ୍ଗେ ରାଜୁଅଛି ରତ୍ନମୟ ସାଜ ।

---

୧ । ପଟହ—ବାଦ୍ୟଯନ୍ତ୍ର । ୨ । ବ୍ୟବହାରଜୀବୀ—ଓକିଲ । ୩ । କୁବଳୟ—ବଟକୋଳ ୪ । ଶାତକୁମ୍ଭ—ସ୍ୱର୍ଣ୍ଣ । ୫ । ହୟ—ଅଶ୍ୱ, ଘୋଡ଼ା । ୬ । ସର୍ପି—ଘୃତ । ୭ । ଅଳିନ୍ଦ—ବାରଣ୍ଡା ।

ତଦୁତ୍ତରେ ବସିଛନ୍ତି ଗଣ୍ୟ ମାନ୍ୟଗଣ,
ପୁରବାସୀସମୂହରେ ପୂରିଛି ପ୍ରାଙ୍ଗଣ ।
ସହସ୍ର ସହସ୍ର ସାଦୀ[୧] ହୋଇ ସୁସଜ୍ଜିତ,
ବେନି ଶ୍ରେଣୀ ହୋଇ ଅଗ୍ରେ ଅଛନ୍ତି ରାଜିତ ।
ସ୍ୱର୍ଣ୍ଣମୟ ପରସ୍ତୋମେ ମଣ୍ଡି ଗଜପୃଷ୍ଠ,
ହସ୍ତିପକେ[୨] ବସିଛନ୍ତି ଗଜେ ହୋଇ ହୃଷ୍ଟ ।
କଟିତଟେ ଅସି ବାନ୍ଧି ଶୂର ଯୋଦ୍ଧାଗଣ,
କରୁଛନ୍ତି ସମୁନ୍ନତ ବକ୍ଷେ ବିଚରଣ ।
ବାଜୁଛି ଅଦୂରେ ମନ୍ଦ୍ର ଗମ୍ଭୀର ବାଜଣା,
ବାଦ୍ୟକ୍ରମେ ନାଚୁଛନ୍ତି ବିଗେ ବିଗଙ୍ଗନା ।
ଅଭିଷେକ ଆୟୋଜନ କିଛି ନାହିଁ ବାକି,
ଅଛନ୍ତି କେବଳ ରାମ ଆଗମନ ଠାକି ।
ବଶିଷ୍ଠ ଦେଖିଲେ ଏବେ ସମୟ ନିକଟ,
ନ କଲେ ନ ଚଳେ ତାହା ନରେଶେ ପ୍ରକଟ
ସୁମନ୍ତ୍ର ଚଳିଲେ ତହୁଁ ବଶିଷ୍ଠ ଆଦେଶେ,
ଉପଗତ ହେଲେ ଯାଇ ରାଜଦ୍ୱାରଦେଶେ ।
ଭିତରକୁ ଯାଇ ପୁଣି ପାଇ କି ଆଦେଶ,
ଶ୍ରୀରାମ ସଦନେ ଯାଇ ହେଲେ ପରବେଶ ।
ବାହାରିଲେ ରାମଚନ୍ଦ୍ର ରମ୍ୟ ରଥେ ବସି,
ପୂର୍ଣ୍ଣିମା ପ୍ରଦୋଷେ ଯଥା ପ୍ରାଚୀଶିରେ ଶଶୀ ।
ଉଚ୍ଚସ୍ୱରେ ସ୍ତବପାଠ କଲେ ବନ୍ଦିଗଣ,
ଚନ୍ଦ୍ର ଦରଶନେ କି ସେ ସାଗର-ଗର୍ଜନ ।
ଲକ୍ଷ୍ମଣ ଧଇଲେ ଶୁଭ୍ର ଧବଳ ଚାମର,
ମହୋଦଧି-ବକ୍ଷେ କି ସେ ଫେନ ମନୋହର ।
କୁସୁମ ବର୍ଷଣ କଲେ ପୁରବାଳାଗଣ,
ସାଗର-ବୀଚିରୁ ଯେହ୍ନେ ଉଠେ ଜଳକଣ ।
ଜନତା ଚାହିଁଲା ରାମେ ଅସଂଖ୍ୟ ନୟନେ,
କୁମୁଦିନୀବନ ଯଥା ଚାହେଁ ପ୍ରାଣଧନେ ।
ଦରହାସ ଚନ୍ଦ୍ରିକାରେ ସର୍ବଜନ ମନ,
ଆଲୋକିତ କରି କଲେ ଶ୍ରୀରାମ ଗମନ ।
ପିତାଙ୍କ ଭବନ ମଧ୍ୟେ ହେଲେ ଉପଗତ,
ଚାହିଁଥାନ୍ତି ଲୋକେ ତାଙ୍କ ଆଗମନ ପଥ ।

କିଛିକ୍ଷଣ ପରେ ରାମ କଲେ ଆଗମନ,
ପୂର୍ବପରି ଦରହାସମଣ୍ଡିତ ବଦନ ।
ତହିଁ ଗାଢ଼ ଗମ୍ଭୀରତା ହୋଇ ସୁବ୍ୟଞ୍ଜିତ,
କରୁଅଛି ସାଧାରଣ ମାନସ ରଞ୍ଜିତ ।
ରକ୍ତିମାରେ ମିଶି କିନ୍ତୁ ବିଷାଦର ଛାଇ,
ଲକ୍ଷ୍ମଣଙ୍କ ବଦନକୁ ଦେଇଅଛି ଛାଇ ।
ନ ଚାଳି ଚାମର କରେ ମାତ୍ର ଛନ୍ତି ବହି,
ଅନର୍ଗଳ ଅଶ୍ରୁଧାର ଯାଉଅଛି ବହି ।
ଭାବୁଛନ୍ତି ଜନେ ଏବେ ଶ୍ରୀରାମ ଆସିବେ,
ଅଭିଷିକ୍ତ ହୋଇ ରାଜ-ଆସନେ ବସିବେ ।
ବନ୍ଦିବାକୁ ଯାଇଥିଲେ ଜନକ ଚରଣ,
ପିତାଦେଶ ଘେନି କରୁଛନ୍ତି ଆଗମନ ।
ବନ୍ଦିଗଣ ସ୍ତବ ଗାନ କଲେ ଉଚ୍ଚସ୍ୱରେ,
ବାଜିଲା ବିବିଧ ବାଦ୍ୟ ବିବିଧ ରଙ୍ଗରେ ।
ତେଣେ ଭେଦି ରାଜାଙ୍କର ମହୋଚ୍ଚ ସଦନ,
ଉଠିଲା ରମଣୀକଣ୍ଠେ ମହୋଚ୍ଚ ରୋଦନ ।
କି ହେଲା କି ହେଲା ବୋଲି ଚକିତ ଲୋଚନେ
କୁହାକୁହି ହେଲେ ଲୋକେ ବିସ୍ମିତ ବଚନେ
ଶ୍ରୀରାମ ଆସନ୍ତେ କରି ଚରଣ ଚାରଣ,
ବନ୍ଦିଗଣ ବନ୍ଦ କଲେ ଉଚ୍ଚ ଉଚ୍ଚାରଣ ।
କ୍ରମେ ସ୍ତମ୍ଭୀଭୂତ ହେଲେ ବାଦ୍ୟକରଗଣ,
ଜନ କୋଳାହଳ କିନ୍ତୁ ଭେଦିଲା ଗଗନ ।
ଚାଲି ଚାଲି ଗଲେ ରାମ ଜନନୀ ସଦନ,
ତହୁଁ ପୁଣି ଚତୁର୍ଗୁଣେ ଉଠିଲା ରୋଦନ ।
ପୁଣି ଯାଇ ପ୍ରିୟତମା ବୈଦେହୀ ସମ୍ମୁଖେ,
ତାଙ୍କୁ ଘେନି ବାହାରିଲେ ଅମଳିନ ମୁଖେ ।
ସଙ୍ଗେ ସଙ୍ଗେ ଚାଲିଥାନ୍ତି ସୁଶୀଳ ଲକ୍ଷ୍ମଣ,
ଦଶରଥ ଭବନକୁ ଗଲେ ତିନି ଜଣ ।
ବାହୁଡ଼ିଲେ ଜନକଙ୍କ ନିକଟୁ ଅଚିରେ,
ଦୁକୂଳ ବଦଳେ ଶୋଭି ମୁନିଯୋଗ୍ୟ ଚୀରେ[୩]
ଚାହିଁ ଲୋକେ ଶ୍ରୀରାମଙ୍କ ଅବିକୃତ ଭାବ,
ମୁଖେମୁଖେ ବ୍ୟକ୍ତକଲେ "ଏ କି ଏ କି" ରାବ ।

୧ । ସାଦୀ—ଅଶ୍ୱାରୋହୀ । ୨ । ହସ୍ତିପକ—ଗଜାରୋହୀ । ୩ । ଚୀର—ଛିନ୍ନ ବସ୍ତ୍ରଖଣ୍ଡ ।

ଯେ ଦେଖିଲା ସେ ବୁଡ଼ିଲା ଗାଢ଼ ଖେଦରସେ,
ଜ୍ଞାନ ନ ପାରିଲା ପଶି ସେ ଘୋର ରହସ୍ୟେ ।
କାନ୍ଧ କାନ୍ଧ ରାଣୀବୃନ୍ଦ ଅଟ୍ଟାଳୀ ଉପରେ,
ଉଠି ଦୃଷ୍ଟିଦେଲେ ରାମ ଯୋଗୀନ୍ଦ୍ର ରୂପରେ ।
ନୟନୁ ନୟନୁ ତାଙ୍କ ହୋଇ ଅଶ୍ରୁବୃଷ୍ଟି,
ବାରମ୍ବାର ରୋଧ କରି ଦେଉଥାଏ ଦୃଷ୍ଟି ।
ରାଜପୁରୁଁ ବାହାରିଲା ଦାରୁଣ ନିଃସ୍ୱନ,
ରାଜ୍ୟ ତେଜି ରାମଚନ୍ଦ୍ର ଯାଉଛନ୍ତି ବନ ।
କୈକେୟୀଙ୍କି ମହାରାଜ ଦେଇଛନ୍ତି ବର,
ରାଜ୍ୟେ ଅଧିକାରୀ ହେବ କୈକେୟୀକୁମର ।
ସଞ୍ଚରିଲା ସେ ଶବଦ ବଦନେ ବଦନେ,
ସ୍ଥାନେ ସ୍ଥାନେ ପଥେ ପଥେ ସଦନେ ସଦନେ
ସଙ୍ଗେ ସଙ୍ଗେ ଉଠିଗଲା ମହା ହାହାକାର,
ଗଣ୍ଡେ ଗଣ୍ଡେ ପ୍ଲାବିଗଲା ନେତ୍ର ନୀରଧାର ।
ଉଠିଲା କ୍ରନ୍ଦନ-ଧ୍ୱନି-ଲହରୀ-ପଟଳ,
ଶୋକ-ସିନ୍ଧୁ-ବକ୍ଷେ ପୁରୀ ହେଲା ଟଳଟଳ ।
ଭାସିଲା ସୁବର୍ଣ୍ଣମୟ ନରେନ୍ଦ୍ର ଭବନ,
ସଙ୍ଗେ ଘେନି ଅଲଂକୃତ ରାଜ-ଜାୟାଗଣ ।
ଭାସିଲା ସୁରମ୍ୟ ରାଜରତ୍ନସିଂହାସନ,
ଭାସିଲା ଧବଳ ଛତ୍ର ଚାମର ବସନ ।
ରତନକବାଟ ଦ୍ୱାର ହେଲେ ଭାସମାନ,
ତହିଁ ସଙ୍ଗେ ସ୍ୱର୍ଣ୍ଣରଥ ଗଜ ଅଶ୍ୱମାନ ।
ଶସ୍ତ୍ରଧାରୀ-ଶୂରଦଳ ଭାସିଲେ ଆକୁଳେ,
ବଶିଷ୍ଠାଦି ଋଷି ବସି ଦେଖୁଥାନ୍ତି କୂଳେ ।
ବୁଝିଲେ ସଚିବବୃନ୍ଦ ସକଳ ଘଟନା,
ରାମ ଯହିଁ ଅଗ୍ରସର କେ କରିବ ମନା ।
କଲେ ମାତ୍ର କୈକେୟୀଙ୍କ ସହସ୍ର ଧିଗ୍‌ଦାନ,
ବୋଇଲେ ଅଖଣ୍ଡନୀୟ ବିଧିର ବିଧାନ ।
ଗମନ୍ତେ ଲକ୍ଷ୍ମଣ ସୀତା ସଙ୍ଗେ ରଘୁବର,
ଲୋକାରଣ୍ୟେ ଗତିପଥ ହେଲା କଷ୍ଟକର ।
ଶ୍ରାବଣ-ସରିତ-ସ୍ରୋତରୂପେ ଜନଗଣ,
ଆର୍ତ୍ତନାଦ ଛଳେ କରି ଗଭୀର ଗର୍ଜ୍ଜନ,
ରାମ ଗତି ପ୍ରତିକୂଳେ ହେଲେ ପ୍ରବାହିତ,
ଚଳିଲେ ଶ୍ରୀରାମ ତହିଁ ଯେସନେ ରୋହିତ ।
ଲୋକଦଳ ଭେଦି ଲୋକ ଦଳ ଦଳ ଆସି,
ଚାହାନ୍ତି ଶ୍ରୀରାମ-ମୁଖ ବିସ୍ମୟ ପ୍ରକାଶି ।
ଭସାଇ ନୟନ-ଜଳେ ସର୍ବ ଅପଘନ,
କରୁଥାନ୍ତି ରାମ ଗତିରୋଧର ଯତନ ।
ରାମ ତାଙ୍କୁ ବୋଲୁଥାନ୍ତି ଟେକି ବେନି କର,
"ପିତୃସତ୍ୟ-ପଥେ ମୋତେ କଣ୍ଟକ ନ କର
ପିତାଦେଶ ପାଳିବାର ପୁତ୍ରର ଧରମ,
ସୁପବିତ୍ର ବ୍ରତ ପୁଣି ପ୍ରଧାନ କରମ ।
ସର୍ବ ଦେବତାରୁ ପିତା ଅଟନ୍ତି ପରମ,
ଏକା ପିତୃଭକ୍ତି ସର୍ବ ତପର ଚରମ ।
ସେ ମହାତପର ମୋତେ ମିଳିଛି ସମୟ,
ଶୁଭବାଞ୍ଛା କର ମୋର ବିଘ୍ନ ହେଉ କ୍ଷୟ ।
ପିତୃକାର୍ଯ୍ୟେ ଦେବା ପାଇଁ ପିତୃଦତ୍ତ ପ୍ରାଣ,
କୁଣ୍ଠିତ ଯେ ତାହାଠାରୁ କେ ଅଛି ଅଜ୍ଞାନ ।
ରାଜଭକ୍ତ ପ୍ରଜା ତୁମ୍ଭେ ରାଜାଙ୍କର ଧନ,
ରାଜକାର୍ଯ୍ୟେ ଦେଇପାର ଦୁର୍ଲ୍ଲଭ ଜୀବନ ।
ମଣୁଥାଅ ନୃପତିଙ୍କି ସାକ୍ଷାତ ଈଶ୍ୱର,
ସତ୍ୟଭ୍ରଷ୍ଟ, ସତ୍ୟସନ୍ଧ ନୃପଙ୍କୁ ନ କର ।
ଆଜଠାରୁ ଏ ରାଜ୍ୟରେ ଭରତ ନୃପତି,
ତାଙ୍କ ପ୍ରତି ରଖ ଚିର ଅଟଳ ଭକତି ।"
ଶ୍ରୀରାମଙ୍କ ଏ ଅପ୍ରିୟ ମଧୁମୟ-ବାଣୀ,
ପ୍ରଜାବୃନ୍ଦ ଶୋକ-ସ୍ନିଗ୍ଧ-ହୃଦ ଦେଲା ହାଣି
ବୋଇଲେ, "ନୃପତି କିମ୍ପା କଲେ ଅବିଚାର,
ନାରୀର ବଚନେ ହେଲା ନଗରୀ ସଂହାର ।
ଅବିବେକ ନୃପ ରାଜ୍ୟେ କରିବାର ଘର,
ସସର୍ପ ଗୃହରୁ ବଳି ଅଟେ ଭୟଙ୍କର ।
ତୁମ୍ଭ ପରି ସୁବିବେକ ଭୂପେ ବନେ ବାସ,
ଦୁଃଖି-ହୃଦେ ଦେବ ସ୍ୱର୍ଗସୁଖର ଆଭାସ ।
ନିଶ୍ଚେ ରାମ ଯଦି ତୁମ୍ଭେ ଯାଉଅଛ ବନ,
ଚାଲ ଆମ୍ଭେ ତୁମ୍ଭ ସଙ୍ଗେ କରୁଛୁଁ ଗମନ ।"
କହି ରାମ ସଙ୍ଗେ ସଙ୍ଗେ ପୁରବାସୀ ଜନେ,
ଚଳିଲେ ବିଷାଦ-ପ୍ରେମ-ପୂରିତ-ଜୀବନେ ।
ଅସିତ ଯମୁନା ଜଳେ ଶୁଭ୍ର ଗଙ୍ଗାଜଳ—
ଆଭାନ୍ୱିତ ହେଲା ତାଙ୍କ ବଦନମଣ୍ଡଳ ।

ଚନ୍ଦ୍ରପରିବେଶ ୧ ଚନ୍ଦ୍ର ସଙ୍ଗରେ ଯେସନ,
ରାମଚନ୍ଦ୍ର ବେଢ଼ି କଲେ ପ୍ରଜାଏ ଗମନ ।
ଅଟ୍ଟାଳୀ ଉପରେ ଥାଇ ପୌରନାରୀଗଣ,
ନୟନନୀରେ କରୁଥାନ୍ତି ରାମ ନିରୀକ୍ଷଣ ।
କୁଙ୍କୁମାକ୍ତ-ଗଣ୍ଡେ ତାଙ୍କ ସାଞ୍ଜନାଶ୍ରୁ ଧାର,
ରକ୍ତବର୍ଣ୍ଣ ସୃଜି ମୁଖ କଲା କଦାକାର ।
ସେହି ଦୃଶ୍ୟେ ବୋଧହେଲା ଅଯୋଧ୍ୟା ନଗରୀ,
ଦୁଃଖେ ଭଳି କାନ୍ଦିବାକୁ ବହୁମୁଖ ଧରି ।
ଅନୁରୂପ ଅଶ୍ରୁ କରି ଅସ୍ର ୨ ବିସର୍ଜନ,
ମୁଖେ ମସୀ ଘଷି ହେଲା ଆପଣେ ଆପଣ ।
ବିଟଙ୍କ ୩ ମଧ୍ୟରେ ଥାଇ ଗୃହବଧୂ ପରି,
ପାରାବତେ କାନ୍ଦୁଥିଲେ ଘୁଟୁରୁକୁ କରି ।
ବୃକ୍ଷୁଁ ବୃକ୍ଷେ ଉଡ଼ି ଅନ୍ୟ ବିହଙ୍ଗ ସକଳ,
ରାମ ଯିବା ଦିଗେ ଗଲେ କରି କୋଳାହଳ ।

ମୟୂର ମୟୂରୀ କରି ଗମ୍ଭୀର ଆରବ,
କଲେ ରାମ ସଙ୍ଗେ ବନ ଗମନ ଆରମ୍ଭ ।
ଗୋପବୃନ୍ଦ ଗୋଡ଼ାଇଲେ ଘେନି ଧେନୁପଲ,
ଅଗ୍ରସର ହୋଇଥାନ୍ତି ବାଛୁରୀସକଳ ।
ହୁଁ ହୁଁ ସୁଁ ସୁଁ ଶବ୍ଦ କରି ଗାଈ ଥାନ୍ତି ଧାଇଁ,
ସତୃଷ୍ଣ ନୟନେ ରାମ ଆଡ଼କୁ ଅନାଇ ।
ସେ ଦିଗେ ଲହଁସି ହେଲେ ତରୁ ତୃଣମାନ,
ସେ ଦିଗେ ସରଯୂସ୍ରୋତ ହେଲା ଧାବମାନ ।
ମାର୍ଜାରୀଏ ଘରେ ଘରେ କଲେ ଘୋର କଳି,
ପୁରୀ ଛାଡ଼ି ରାମ ସଙ୍ଗେ ଯିବା ପାଇଁ ଚଳି ।
ତାଙ୍କ କଳି ଶୁଣି ପୋଷା ବିହଙ୍ଗମଗଣ,
ବନ ଯିବା ପାଇଁ କଲେ ପଥ ଅନ୍ୱେଷଣ ।
ଏମନ୍ତେ ନଗରେ ହେଲା ମହାକୋଳାହଳ,
ଏକା ରାମଚନ୍ଦ୍ର ପାଇଁ ସମସ୍ତେ ବିକଳ ।

# ଦ୍ୱିତୀୟ ସର୍ଗ

ରାମ ରାଜସିଂହାସନ କରି ବିସର୍ଜନ,
କରିବାକୁ ବିମାତାର ତୋଷ ବିବର୍ଦ୍ଧନ,
ବିମାତା ବଦନୁ ଶୁଣି ପିତାଙ୍କ ଆଦେଶ,
ଗହନ ଗମନକଲେ ଧରି ଯୋଗିବେଶ ।
ରାଜପୁର ରାଜସୁଖ ବିଷ ତୁଲ୍ୟ ମଣି,
ପତିଙ୍କ ପୟରସେବା ସ୍ୱର୍ଗସୁଖେ ଗଣି,
ପତିଭକ୍ତିପରାୟଣା ଜନକନନ୍ଦିନୀ,
ହେଲେ ପ୍ରାଣପତିଙ୍କର କାନନସଙ୍ଗିନୀ ।
ରଖିବାକୁ ଭବେ ଭ୍ରାତୃଭକ୍ତିନିଦର୍ଶନ,
ଅକପଟ ସଦ୍‌ଭାବ କରି ପ୍ରଦର୍ଶନ,
ବିପଦବାନ୍ଧବରୂପେ ସେ ସଙ୍ଗେ ଗମନ,
କଲେ ବିମାତାଙ୍କ ସୁତ ଅନୁଜ ଲକ୍ଷ୍ମଣ ।

ପୁତ୍ରଶୋକେ ପ୍ରାଣ ଦହି ରାଜା ଦଶରଥ,
ସତ୍ୟବୀର ସତ୍ୟବର ଚଢ଼ି ଦିବ୍ୟରଥ,
ଫଳାଇ ତପସ୍ୱି-ଶାପ ପବିତ୍ର ଜୀବନେ,
ଦିବ୍ୟଦେହେ ବିଜେକଲେ ଅମରଭୁବନେ ।
ପୁତ୍ର ଯାର ପିତ୍ରାଦେଶ ପାଳନେ ତତ୍ପର,
ସ୍ୱର୍ଗ ସିଂହାସନ ତାର କେତେକ ମାତର ।
ଶ୍ରୀରାମଙ୍କ ପଣ ଦେଖି ଅଟଳ ଅଚଳ,
କୈକେୟୀନନ୍ଦନ ବୀର ଅଗ୍ରଜବତ୍ସଳ,
ହୋଇ ରାଜସୁଖ ରାଜଭୋଗରୁ ବିରତ,
ଯୋଗିବେଶେ ନନ୍ଦୀଗ୍ରାମେ ରହିଲେ ଭରତ ।
ରାମ ହେଲେ ବନବାସୀ ସ୍ୱାମୀ ହେଲେ ନାଶ,
ପୁତ୍ରର ହିଁ ଯୋଗିବେଶ ନନ୍ଦୀଗ୍ରାମେ ବାସ,

୧ । ଚନ୍ଦ୍ରପରିବେଶ—ଚନ୍ଦ୍ରମଣ୍ଡଳ । ୨ । ଅସ୍ର—ରକ୍ତ । ୩ । ବିଟଙ୍କ—ପାରାଭାଡ଼ି

ରାଜନବରର ଶତ ଶତ ରାଣୀ ମୁଖେ
କ୍ରନ୍ଦନ କୈକେୟୀ ରହିଁ ବୁଡ଼ିଗଲା ଦୁଃଖେ ।
ହୃଦୟକନ୍ଦରେ ତାର ଅନୁତାପାନଳ,
ପ୍ରଧୂମିତ ହୋଇ କଲା ଜୀବନ ବିକଳ ।
ଲଗାଇଲେ ହୁତାଶନ ପଡ଼ୋଶୀ ଭବନେ,
ନିଜ ଗୃହ ଦହେ ଏହା ନ ଥିଲା ତା ମନେ ।
ରାଣୀମାନଙ୍କର କରୁ ଯାଇଛି କଙ୍କଣ ୧,
ନୟନରେ ଅବିରତ ହୋଇଛି କଙ୍କଣ ୨ ।
ଲଲାଟରେ ନାହିଁ ଆଉ ସିନ୍ଦୂରର ବିନ୍ଦୁ,
ବିଷାଦ-ଝଟିକାକୁଳ ମୁଖ ଶୋଭା ସିନ୍ଧୁ ।
ପୁତ୍ରର ବିରହ ପୁଣି ସ୍ୱାମୀର ବିରହ,
କୌଶଲ୍ୟା-ହୃଦୟ ଦାହ କରେ ଅହରହ ।
ମନ ଦୁଃଖ ମନେ ମାରି ସୁମିତ୍ରା ସଜନୀ,
ନିକଟେ ତାଙ୍କର ଥାନ୍ତି ଦିବସ ରଜନୀ ।
ସର୍ବ ରାଣୀ ଧରିଛନ୍ତି ବିଧବାର ବେଶ,
ରାମ ହେତୁ ସଭିଙ୍କର ହୃଦୟରେ କ୍ଲେଶ ।
ନାହିଁ ଆଉ ଶିରବାସ ଗୃହରୁ ଅଳଙ୍କାର,
ବାହାରୁଛି ସମସ୍ତଙ୍କ ମୁଖୁଁ ହାହାକାର ।
ରାଜପୁର ହୋଇଥିଲା ବସନ୍ତ-କାନନ,
ହସୁଥିଲା ପୁଷ୍ପରୂପେ ରାଣୀଙ୍କ ଆନନ ।
ରାମ ତହିଁ ଚନ୍ଦ୍ର ସୀତା ଚନ୍ଦ୍ରିକା ସୁନ୍ଦର,
ଖେଳୁଥିଲେ ସଉମିତ୍ରି ହୋଇ ପିକବର ।
ମନ୍ଥରା-ମନ୍ତ୍ରଣା-ମେଘ ଆସି ଅକସ୍ମାତ,
ସବୁ ନଷ୍ଟ କଲା କରି କରକା ବିଘାତ ।
ନାହିଁ ଚନ୍ଦ୍ର ନାହିଁ ଆଉ ଚନ୍ଦ୍ରିକାର ଛଟା,
ଘୋଟିଛି କେବଳ ଗାଢ଼ ବିଷାଦର ଘଟା ।
ଶୁଭୁ ନାହିଁ କୋକିଳର ମଧୁର କୂଜନ,
ନଷ୍ଟ ଭ୍ରଷ୍ଟ ହୋଇଅଛି ମନୋହର ବନ ।
ଆଶା ଥିଲା କୈକେୟୀର ରାଜସିଂହାସନେ,
ଭରତ ବସିବ ନିଶ୍ଚେ ପ୍ରସନ୍ନ ବଦନେ ।
ଭରତ-ଜନନୀ ହେବ ପାଟମହାଦେଈ,
ଆନନ୍ଦେ ମଜ୍ଜିବ ନିଜେ ମନ୍ଥରାକୁ ନେଇ ।
ଅଇଲା ବିଷାଦ-ସିନ୍ଧୁ-ତରଙ୍ଗ ପ୍ରବଳ,
ଆଶା-ବାଲିବନ୍ଧ ଶିରେ ମାଡ଼ିଗଲା ଜଳ ।
ଯେଉଁ ପୁର ହୋଇଥିଲା ଆନନ୍ଦର ଘର,
ନୃତ୍ୟ କରୁଥିଲା ଯହିଁ ଶୋଭା ନିରନ୍ତର,
କାମିନୀ-କୋମଳ-କଣ୍ଠ-ମଧୁର-ସଙ୍ଗୀତ,
କଲ୍ଲୋଳିତ ହୋଇ ଯହିଁ ମୋହୁଥିଲା ଚିତ୍ତ,
ବାଜି ଯହିଁ ମନୋମୁଗ୍ଧକର ବାଦ୍ୟମାନ,
ଅମୃତରେ ଅଭିଷିକ୍ତ କରୁଥିଲା ପ୍ରାଣ,
ଅଗୁରୁ ଧୂପର ଘଟା କୁସୁମର ବାସ,
ଆମୋଦିତ କରୁଥିଲା ଯେ ପୁର ଆକାଶ;
ସେ ପୁରେ ପୂରିଛି ଆଜି କେବଳ ବିଷାଦ,
ସୁଖ ନାହିଁ ଶାନ୍ତି ନାହିଁ ନାହିଁ ହର୍ଷନାଦ ।
ରମଣୀ ନୂପୁରଧ୍ୱନି ଶ୍ରବଣଦୁର୍ଲ୍ଲଭ,
ରାଜଯୋଷା କେଶେ ଆଉ ନାହିଁ ପୁଷ୍ପଗନ୍ଧ ।
ଯୋଗୀ ଭିଖାରୀଏ ରାମମାତା ପାଶେ ଆସି,
ଭିକ୍ଷା ନେଇଯାନ୍ତି ରାମ ମଙ୍ଗଳ ମନାସି ।
ଯୋଗୀ ବନବାସୀ ଦେଖି ଶ୍ରୀରାମଜନନୀ,
ଦିଅନ୍ତି ବାଞ୍ଛିତ ଦ୍ରବ୍ୟ ପୁତ୍ର ପ୍ରାୟେ ମଣି ।
ପଚାରନ୍ତି ବାବା, ତୁମ୍ଭେ ବାସ କର ବନେ,
ଖାଇବାକୁ କି କି ଦ୍ରବ୍ୟ ମିଳଇ କେସନେ ?
ପ୍ରାଣ କି ବଞ୍ଚଇ ବାବା ଫଳମୂଳ ଖାଇ,
ତାହାହେଲେ ନଗରକୁ ଆସନ୍ତି କିପାଇଁ ?
ବର୍ଷା ଶୀତ ଆତପରେ ରହୁଥିବ କ୍ଲେଶେ,
କି ଉପାୟ କରିବ ବା ଘୋର ବନଦେଶେ ?
କି କାରଣେ ବନେ ରହି ନଗରେ ନ ଆସି,
ବିମାତା କି ହରିନେଲା ତୁମ୍ଭ ସୁଖରାଶି ?
ହେଉଥିବ ତୁମ୍ଭ ମାତା ହୃଦୟ ଆକୁଳ,
ଘର ଛାଡ଼ି କିମ୍ପା ଆଶ୍ରା କଲ ତରୁମୂଳ ।
ଏରୂପେ ସସ୍ନେହେ ସ୍ମରି ନାନା କଷ୍ଟମାନ,
ବିବିଧ ପଦାର୍ଥ ତାଙ୍କୁ କରନ୍ତି ପ୍ରଦାନ ।
ଛତ୍ର ଉପାନହ ୩ ଗୃହରୁ ଶୀତହର ବାସ
ଦିଅନ୍ତି, କରାଇ ଆଗେ ଦିବ୍ୟ ଅନ୍ନ ଗ୍ରାସ ।

---

୧ । କଙ୍କଣ—କରଭୂଷଣ । ୨ । କଙ୍କଣ—ଲୋତକଧାରା । ୩ । ଉପାନହ—ପାଦତ୍ରାଣ ।

ବୋଲନ୍ତି ଏ ଦ୍ରବ୍ୟମାନ ଥାଏ ଯଦି ମନା,
ଅନୁରୋଧ ରଖି ନେଇନ ନ ହୋଇ ବିମନା ।
ବାତ୍ସଲ୍ୟ-ମମତା-ମିଶା ସେ ମିଷ୍ଟ ବଚନ,
ଆନନ୍ଦେ ବୁଡ଼ାଇ ଦିଏ ନେବା ଲୋକ ମନ ।
ଅଯାଚିତ ଭାବେ ହୁଏ ଏ ସକଳ ଦାନ,
ସବୁ ଦାନଠାରୁ ଏହି ଦାନ ହିଁ ପ୍ରଧାନ ।
ବନବାସୀ ପଡ଼ିଗଲେ କୌଶଲ୍ୟା-ନୟନେ,
ରାମ ପ୍ରତିବିମ୍ବ ପଡ଼େ ହୃଦୟ-ଦର୍ପଣେ ।
କୌଶଲ୍ୟା-ନୟନେ ରାଜବିଭବ ସକଳ,
ରାମ କଷ୍ଟ ସ୍ମୃତିପଥ କରନ୍ତି ଉଜ୍ଜ୍ୱଳ ।
ରତନ ପଲ୍ୟଙ୍କ ଦେଖି ପଲ୍ଲବ ଆସନ,
ସ୍ୱର୍ଣ୍ଣପାତ୍ରମାନ ଦେଖି ପତ୍ରର ବାସନ ।
ହର୍ମ୍ମ୍ୟ ଦେଖି ତରୁତଳ ନିତି ପଡ଼େ ମନେ,
ସେ ସକଳ ଦୁଃଖଦାୟୀ ହୁଅନ୍ତି ଜୀବନେ ।
ବୃକ୍ଷମୂଳେ ବାସ ଫଳପାନରେ ଆହାର,
ଭୂମିରେ ମସିଣା ଶେଯରୂପେ ବ୍ୟବହାର
କଲେ, ତାର ଉପଶମ ହୁଏ କିଛି ଦୁଃଖ,
ପୁତ୍ର ଯାର ବନବାସୀ କାହିଁ ତାର ସୁଖ ।
ସମୟେ ସମୟେ ଆସି ବଶିଷ୍ଠତନୟ,
ବଖାଣନ୍ତି ପୁରାଣର କଥା ମଧୁମୟ ।
ଧାର୍ମିକ ଉପରେ ଧର୍ମ ରଖେ ପ୍ରାଣପଣେ,
ଧର୍ମ ପାଇଁ ଦୁଃଖରାଶି ସୁଖ ବୋଲି ମଣେ ।
ଧାର୍ମିକକୁ ଯେଉଁ ପରି ରଖଇ ଧରମ,
ଆଖ୍ୟାନରେ ଥାଏ ତାଙ୍କ ତହିଁର ମରମ ।
ସେ ସକଳ କଥା ଶୁଣି ଶ୍ରୀରାମଜନନୀ,
ଧରମକୁ ଧ୍ୟାୟୁଥାନ୍ତି ଦିବସ ରଜନୀ ।
ବୋଲୁଥାନ୍ତି ହେ ଧରମ ବିଶ୍ୱମୂଳାଧାର,
ତୁମ୍ଭର ଆଜ୍ଞାରେ ଗତି ରବି ଚନ୍ଦ୍ରମାର ।
ହୋଇ ତୁମ୍ଭ ବଶଙ୍କର ଗ୍ରହ ତାରାଗଣ,
ନିତି ନିତି କରୁଛନ୍ତି ଗଗନ ଭ୍ରମଣ ।
ତୁମ୍ଭର ଆଦେଶେ ଏକା ବରଷଇ ଜଳ,
ବସୁନ୍ଧରା ଦେଉଛନ୍ତି ନାନାବିଧ ଫଳ ।
କାଟି ଦେଇଅଛ ଯେଉଁ ଅମେଣ୍ଟନ ଗାର,
ନ ଲଙ୍ଘଇ କେବେ ମହାଉର୍ମି ପାରାବାର ।

ଆଶ୍ରିତବତ୍ସଳ ବାନା ବିହିଅଛ କରେ,
ତୁମ୍ଭଙ୍କୁ ଯେ ଆଶ୍ରା କରେ ସଙ୍କଟରୁ ତରେ ।
ପିତୃସତ୍ୟ ପାଇଁ ମୋର ବିମାତା ବଚନ,
ମୋ ପ୍ରାଣପ୍ରତିମ ରାମ ଯାଇଅଛି ବନ ।
ପତିପଦସେବା ପାଇଁ ଜନକ-ନନ୍ଦିନୀ,
ବନବାସେ ହୋଇଛନ୍ତି ତା ଦୁଃଖଭାଗିନୀ ।
ଅଗ୍ରଜସେବାକୁ ମଣି ସୁପବିତ୍ର ଧର୍ମ,
ଲକ୍ଷ୍ମଣ ମୋ କରୁଛି ତା ଜୀବନର କର୍ମ ।
ତୁମ୍ଭର ଚରଣେ ମୋର ସୁଦୃଢ଼ ଭରସା,
ବିଖଣ୍ଡନ କର ତାଙ୍କ ସବୁ ମନ୍ଦ ଦଶା ।
ଧର୍ମସେବା ବ୍ରତ ରାଣୀ କରିଥାନ୍ତି ମୂଳ,
ଧର୍ମସେବା ପାଇଁ ତୋଳି ନିଜ ହସ୍ତେ ଫୁଲ
କରିବାକୁ ଧର୍ମଦେବ ମାନସ ତର୍ପଣ,
ଅର୍ଘ୍ୟ ସହ ନିତ୍ୟ ତାହା କରନ୍ତି ଅର୍ପଣ ।
କେବେ ଉପବନେ କେବେ ସରଯୂର କୂଳେ,
ବୁଲି ବୁଲି ତୋଳୁଥାନ୍ତି କୁସୁମ ଆକୁଳେ ।
ପୁଷ୍ପ ତୋଳି ତୋଳି ଯାନ୍ତି ବହୁ ଦୂର ଚାଲି,
ରାମ ମୋର ଆସୁଥିବ ଅବା ବୋଲି ଭାଳି ।
ଯେଉଁ ମାର୍ଗେ କରିଥିଲେ ଶ୍ରୀରାମ ଗମନ,
ସେହି ମାର୍ଗ ଦେଖିବାକୁ ସବୁବେଳେ ମନ ।
ନ ଭେଟି ତୁମର ପୁଣି ଆସନ୍ତି ଲେଉଟି,
ପାଦପମୂଳରେ ବାରମ୍ବାର ବସି ଉଠି ।
ଗହଣରେ ସଖୀଗଣ ଥାନ୍ତି ଅନୁସରି,
ରାଣୀଙ୍କି ବାରଣ କେହି ନ ପାରନ୍ତି କରି ।
କେହି ଯଦି ବୋଲେ ମୁହିଁ ଆଣିଦେବି ଫୁଲ
ବୋଲନ୍ତି ମହିଷୀ ତା ମୋ ଧର୍ମପ୍ରତିକୂଳ ।
କାୟ ମନ ବଚନର ଏକତା ନ ଥିଲେ,
ପରହସ୍ତ ଧରମରେ ଫଳ ନାହିଁ ମିଳେ ।
କେବେ ଅବା ହୋଇ ଜମ୍ବୁବନକୁ ବାହାର,
ପ୍ରିୟ ଖାଦ୍ୟରୂପେ ଜମ୍ବୁ କରନ୍ତି ଆହାର ।
କେବେ କେବେ ଉଠି ଉଚ୍ଚ ଅଟ୍ଟାଳୀ ଉପରେ,
ମାନସ ନିବେଶ କରି ଶ୍ରୀରାମ ରୂପରେ ।
ନିବେଶନ୍ତି ଦୃଷ୍ଟି ରାମ ଗମନ-ଅୟନେ,
ଦେଖନ୍ତି ଶ୍ରୀରାମ ରୂପ ମାନସ-ନୟନେ ।

ପ୍ରାବୃଟରେ ପଡ଼େ ଯେବେ ବରଷାର ଧାର,
କୌଶଲ୍ୟା-ନୟନୁ ଝରେ ଲୋତକ ଆସାର ।
ବୃଷ୍ଟିଧାରେ ଚଉଦିଗ ଦିଶେ ଅନ୍ଧକାର,
ନ ଦିଶଇ ପାଶେ ଥିବା ତରୁର ଆକାର ।
ତେତେବେଳେ ଦିଶେ ତାଙ୍କ କଳ୍ପନାର ଦେଶେ
ରାମଚନ୍ଦ୍ର ତରୁ ତଳେ ଯୋଗିବର ବେଶେ ।
ଜାନକୀ ସହିତ ତାଳପତ୍ର ଛତ୍ର ଧରି,
ବୃଷ୍ଟି-ଜଳ-ସ୍ରୋତେ ପାଦପଦ୍ମ ମଗ୍ନ କରି ।
ଅଯୋଧ୍ୟାରେ ରାଜଛତ୍ର ରାଜସିଂହାସନ,
ରାଜଶୂନ୍ୟ ହୋଇ ଏବେ ଦିଅନ୍ତି ଦର୍ଶନ ।
ଦୃଶ୍ୟ ଯୁଗ ଯୁଗପତ ହୃଦେ ହୋଇ ଠିଆ,
ବହ୍ନିରୂପେ ଦହୁଥାନ୍ତି ରାମ-ମାତା-ହିଆ ।
ରଜନୀ ଯେ କାଳେ ମେଘମାଳେ ଭୟଙ୍କର,
ତିମିର ହିଁ ହୋଇଥାଏ ଗାଢ଼ୁଁ ଗାଢ଼ତର ।
ଚମକି ଚପଳା କରି ଦ୍ୟୁତି ଚମକିତ,
ବଜ୍ରନାଦ ଗାଢ଼ ହୋଇଯାଏ ତିରୋହିତ ।
ପୁଣି ଆସି ପୁଣି ନାଦେ ଗାଢ଼େ ଘୋରତର,
କମ୍ପାଏ ଗଗନ ବନ ମହୀ ମହୀଧର ।
ଦିଗୁଁ ଦିଗନ୍ତର ଭେଦି ଚଳେ ଘଡ଼ ଘଡ଼,
ଚତୁର୍ଦ୍ଦିଗେ ଉଠୁଥାଏ ଦର୍ଦ୍ଦୁରଙ୍କ ରଡ଼ି ।
ଶିଶୁ ଥାଏ ଭୟେ ମାତାକୋଳକୁ ଆଦରି,
ଘରେ ଜନେ ଲୁଚିଥାନ୍ତି କୁଳିଶକୁ ୧ ଡରି ।
ଘରେ ଘରେ ବନ୍ଦ ଥାଏ ସଭିଙ୍କର ମନ,
ପ୍ରାଙ୍ଗଣକୁ ସୁଦ୍ଧା କେହି ନ କରେ ଗମନ ।
ସେ ତେତେବେଳେ ରାଣୀ ରାମଜନନୀ ହୃଦୟ,
ବନେ ବନେ ଭ୍ରମୁଥାଏ ଆକୁଳ ଅଥୟ ।
କେତେବେଳେ ଭେଟେ ରାମ ପର୍ବତକନ୍ଦରେ
କେତେବେଳେ ବନେ ପର୍ଣ୍ଣକୁଟୀର ଭିତରେ ।
ଉଦିଲେ ବାସବ ଧନୁ ନବ ନୀଳଘନେ,
ରୂପଧାରୀ ରାମ ଶ୍ୟାମ ମୂର୍ତ୍ତି ପଡ଼େ ମନେ ।
ନିଦାଘେ ଯେ କାଳେ ଭାନୁ ପ୍ରଚଣ୍ଡ କିରଣ,
ଅବନୀ ଉପରେ କରୁଥାନ୍ତି ବିକିରଣ,
ଜଳ ତାପେ ମୀନଗଣ ବ୍ୟାକୁଳ ଜୀବନ,
ପାଟି ମେଲି କୁଞ୍ଜେ ଲୁଚିଥାନ୍ତି ଖଗଗଣ;
ସେକାଳେ କୌଶଲ୍ୟା ମନ ବୁଲି ବନ ବନ,
କରୁଥାଏ ପୁତ୍ର ପୁତ୍ରବଧୂ ଅନ୍ୱେଷଣ ।
ନିର୍ଝର-ଶୀକର-ସ୍ନିଗ୍ଧ-ନିକୁଞ୍ଜ-ସଦନେ,
ଘନ-ପର୍ଣ୍ଣବଟତଳେ ନିବିଡ଼ ଗହନେ ।
ନ ଭେଟି ଲେଉଟିଆସେ ହୋଇ କ୍ଳାନ୍ତଶ୍ରାନ୍ତ,
ଦୁଃଖ-ଜଳଧିରେ ହୁଏ ନାବିକ ଦିଗ୍‌ଭ୍ରାନ୍ତ ।
ବସନ୍ତେ ବଲ୍ଲରୀ ହେଲେ ନବପଲ୍ଲବିତ,
ପ୍ରମଦ ଉଦ୍ୟାନ ହେଲେ କୋକିଳକୂଜିତ ।
ମାଧବୀ-ମଣ୍ଡପ ହୋଇ କୁସୁମ-ମଣ୍ଡିତ,
ଭ୍ରମର ଭ୍ରମଣେ ଯେବେ ହୁଏ ବିଲୋଡ଼ିତ,
ପଲ୍ଲବ-ଅଧରା ସୀତା ମଧୁରବଚନା,
ମନୋହର ତାଙ୍କ ପୁଷ୍ପ-ଭୂଷଣ ରଚନା,
ରଞ୍ଜନ ଅଞ୍ଜନାଞ୍ଚିତ ନୟନ ତାରକା,
ହେଉଥାନ୍ତି କୌଶଲ୍ୟାର ସ୍ମୃତି-ବିସ୍ତାରକ ।
ଉଇବ ଅସିତେ ଯେଉଁ କାଳେ ସୁଧାକର,
ପୂଷା-ଭବନକୁ ଆସି ହୁଅନ୍ତି ଭାସ୍ୱର ।
କୌଶଲ୍ୟାର ଶୋକସିନ୍ଧୁ ହୋଇ ଉଦ୍‌ବେଳିତ,
ତରଙ୍ଗରେ କରେ ଜ୍ଞାନ-ପୁଳିନ ପ୍ଲାବିତ ।
ବୋଲନ୍ତି ଏ ଦିନେ, ଦିନେ ମୋ ରାମରତନ,
ମଣ୍ଡିବାର କଥା ଥିଲି ରାଜସିଂହାସନ;
ରାଜଛତ୍ରେ ରାମ ହୋଇଥାନ୍ତା ସୁଶୋଭିତ,
ଶିରେ ହୋଇଥାନ୍ତା ରାଜ-ମୁକୁଟ ରାଜିତ;
ରାଜପରିଚ୍ଛଦ ରତ୍ନ ଆଭରଣମାନ,
ଶ୍ରୀରାମର ଅଙ୍ଗେ ହୋଇଥାନ୍ତେ ଶୋଭମାନ;
ନାଗରଜନା ଦେଳେ ତାର ବଦନମଣ୍ଡଳ,
ରତ୍ନ କିରଣରେ ଦିଶୁଥାନ୍ତା ସମୁଜ୍ଜ୍ୱଳ;
ଭାବୁଥିଲି ରାମ ହେବ ଭୁବନମଣ୍ଡନ,
କରିବ ପ୍ରକୃତି ପୁଞ୍ଜ-ବିପଦ ଖଣ୍ଡନ;
ଏହି ଆଶା ମୋ ହୃଦୟ-ଉଦ୍ୟାନ-ରୋପିତ
ହୋଇଥିଲା ପଲ୍ଲବିତ ପୁଣି କୁସୁମିତ ।

୧ । କୁଳିଶ—ବଜ୍ର ।

ଫଳିବାର କାଳେ ତାକୁ ଚିରିଦେଲେ ମିଶି,
ମନ୍ଥରା-ଗ୍ରୃଗୀର ସହ କୈକେୟୀ-ମହିଷୀ ।
ରାଜା କି ହୁଅନ୍ତା ରାମ ହେଲା ନିର୍ବାସିତ,
ବିଧାତାର ଯାହା ଇଚ୍ଛା ତା ହେଲା ଫଳିତ ।
ସେହି ରାମ ଚିତ୍ରକୂଟେ ହେଲା ପ୍ରଦର୍ଶିତ,
ତରୁତଳେ ଜଟା-ଶିର ବିଭୂତି-ଭୂଷିତ ।
ବାପଧନ, ବନ ଗଲୁ ଜନକ ଆଜ୍ଞାରେ,
ମାତାର ଦଶାକୁ କାହିଁ ନ ଚାହିଁଲୁ ବାରେ ।
ଜୀବନ ଛାଡ଼ିଲେ ପିତା ତୋହର ବିରହେ,
ନ ଦେଖିଲୁ ମୁଁ ଦୁଃଖିନୀ କି ଦୁଃଖରେ ରହେ ।
ଜନକ ତୋ ଦେଖୁଥିବେ ଶୂନ୍ୟେ ଥାଇ ତୋତେ
ସେ ଭାଗ୍ୟ ତ ଦେଲା ନାହିଁ ନିଠୁର ବିଧି ମୋତେ
ନାହିଁ ପରା ମୋର ପୂର୍ବ ତପସ୍ୟାର ବଳ,
ପାପ ଭୋଗ ପାଇଁ ପ୍ରାଣ ଧରିଛି କେବଳ ।
ଶେଷ ଜୀବନରେ ପାଇ କୁମାରରତନ,
କରିଥିଲି ପ୍ରାଣଠାରୁ ଅଧିକ ଯତନ ।
ତାକୁ ବନେ ପେଷି ମୋତେ ରଖାଇଛି ଘରେ
ହେ ଇଚ୍ଛି ସୁନ୍ଦର ଏହା ବିଧି ବିବେକରେ ।
ଦେହ ମାତ୍ର ଘରେ ଅଛି ତୋଠାରେ ଜୀବନ,
ବେନି ନାବେ ପାଦ ଦେଇ ମରୁଅଛି ମନ ।
ମରୁଅଛି ମନ କିନ୍ତୁ ପାରୁ ନାହିଁ ମରି,
କିମ୍ବା ବୁଡ଼ିଯାଉ ନାହିଁ ମୋ ଜୀବନ-ତରୀ ।
ଯାବତ ନ ହେବ ମୋର ପାପଫଳ ଶେଷ,
ତାବତ ଏ ଦଶା ପରା ନ ଘୁଞ୍ଚିବ ଲେଶ ।
ହେ ବିଧେ ! ଏତିକି ତୁମ୍ଭ ପାଦେ ନିବେଦନ.
ଯେତେ କଷ୍ଟ ଦେବ ତାହା ସହିବ ଜୀବନ ।
କିନ୍ତୁ କୁଶଳରେ ଫେରୁ ମୋ ହୃଦନନ୍ଦନ,
ଦେଖିବି ତା' ସୁଧାମୟ-ଚନ୍ଦ୍ରମା-ବଦନ ।
ଆସୁ ମୋ ଜାନକୀ ମହୀ-ହୃଦୟର ହାର,
ତହିଁ ସଙ୍ଗେ ସଙ୍ଗେ ମୋର ଲକ୍ଷ୍ମଣକୁମାର ।

ଥରେ ମାତ୍ର ଦେଖେଁ ଯଦି ଶ୍ରୀରାମର ମୁଖ,
ନ ଗଣିବି ଚତୁର୍ଦ୍ଦଶ ବର୍ଷ-ବ୍ୟାପୀ ଦୁଃଖ ।
ପତି ସଙ୍ଗେ କରିଥାନ୍ତି ତ୍ରିଦିବ ୧ ପ୍ରୟାଣ,
ଏକା ରାମ ଦେଖିବାକୁ ରଖିଅଛି ପ୍ରାଣ ।
ପୂର୍ବଜନ୍ମେ କରିଥିଲି କେତେ କେତେ ପାପ,
କା' ପୁତ୍ର ଛଡ଼ାଇ ତାକୁ ଦେଇଥିଲି ତାପ ।
ପକ୍ଷୀର ଶାବକ ଅବା ଆଣିଥିଲି ଧରି,
କାନ୍ଦୁଥିଲା ପକ୍ଷିଣୀ ତା କୁମରକୁ ସ୍ମରି ।
କିବା ଗାଈଠାରୁ ଭିନ୍ନ କରିଥିଲି ବତ୍ସ,
ରବି ରବି ଫାଟୁଥିଲା ସେ ଗାଈର ବକ୍ଷ ।
ସେସବୁ ପାତକ ମୋର ହୋଇଯାଉ ଭୋଗ,
ଥାଉ ରାମଚନ୍ଦ୍ର-ମୁଖ-ଦର୍ଶନର ଯୋଗ ।
ତା ପାଇଁ ଧରିଛି ମୋର ନିର୍ଲଜ୍ଜ ଜୀବନ,
କୁଶଳରେ ଫେରୁ ମୋର ଶ୍ରୀରଘୁନନ୍ଦନ ।
ଏହିରୂପେ କେତେ କଥା କେତେରୂପେ ଭାଷି,
ଅବିରଳ ଲୋତକର ପ୍ରବାହରେ ଭାସି ।
ହା ରାମ ହା ରାମଭଦ୍ର ହା ରାମରତନ,
କହି ପୁଣି ପଡ଼ିଯାନ୍ତି ହୋଇ ଅଚେତନ ।
ଏହି ଭାବେ ବର୍ଷ ପରେ ବର୍ଷ ହେଲା ଗତ,
ଚତୁର୍ଦ୍ଦଶ ବର୍ଷ ଆସି ହେଲା ସମାଗତ ।
ଦିନେ ରାଣୀ ନିଶା ଶେଷେ ଦେଖିଲେ ସ୍ୱପନ,
ରାମ ଯେମନ୍ତ ଶୋଭୁଅଛି ରାଜସିଂହାସନ ।
ଜନକ ନନ୍ଦିନୀ ଯେମନ୍ତ ଶୋଭେ ରାମ କୋଳ,
ବଜ୍ର୨ଅବତଂସେ୩ଶୋଭେ ଜାନକୀକପୋଳ
ପାର୍ଶ୍ୱେ ଛତ୍ର ଧରି ଉଭା କୈକେୟୀ-କୁମର,
ଢାଳନ୍ତି ସୌମିତ୍ରି-ଯୁଗ ଧବଳ ଚାମର ।
ଅସଂଖ୍ୟ ନୃପତି ହୋଇ ଭୂଷଣେ ଭାସ୍ୱର,
ରାମେ ଅର୍ଚ୍ଚିବାକୁ ମଣ୍ଡିଛନ୍ତି ସଭାଘର ।
ବ୍ୟୋମଯାନେ ଥାଇ ଜ୍ୟୋତିର୍ମୟ ଯୁବଗଣ,
କରୁଛନ୍ତି ରାମ-ଶିରେ କୁସୁମ ବର୍ଷଣ ।

୧ । ତ୍ରିଦିବ—ସ୍ୱର୍ଗ । ୨—ବଜ୍ର—ହୀରା । ୩—ଅବତଂସ—କର୍ଣ୍ଣଭୂଷଣ ।

# ତୃତୀୟ ସର୍ଗ

ରାମ ବନବାସ ଦିନୁ ଚଉଦ ବରଷ,
ଅଯୋଧାରେ ଘୋଟିଅଛି ପ୍ରଗାଢ଼ ବିରସ ।
ଚଉଦ ବରଷ ଏବେ ହୋଇଗଲା ଶେଷ,
ନ ମିଳିଲା ଶ୍ରୀରାମର କିଛି ହିଁ ସନ୍ଦେଶ ।
ଶ୍ରୀରାମ-ଦର୍ଶନ ଆଶା ହୋଇ ପଲ୍ଲବିତ,
ନଗରବାସୀଙ୍କ ପ୍ରାଣ କରେ ଉତ୍କଣ୍ଠିତ ।
କରିବା ପାଇଁ କି ରାମେ ପ୍ରତିଉଦ୍‌ଗମନ,
ସଜ୍ଜିତ ହେବାକୁ ବଳେ ସଭିଙ୍କର ମନ ।
ଯାଇ ଚିତ୍ରକୂଟ କରି ଭକ୍ତି ପ୍ରଦର୍ଶନ,
ଆଣିବାକୁ ସମୁତ୍ସୁକ ସଭିଙ୍କ ଜୀବନ ।
ଭାବୁଥାନ୍ତି ବାହାରିବେ ଅବଶ୍ୟ ଭରତ,
ତାହେଲେ ସକଳେ ହେବେ ତାଙ୍କ ଅନୁଗତ
ବାଳ ବନିତାଙ୍କୁ ମାତ୍ର ରଖିଯିବେ ଘରେ,
ଏ ବିଚାର କରୁଥାନ୍ତି ସମସ୍ତେ ହୃଦରେ ।
କେ ବୋଲେ ରାମ ଯେବେ ନ ଆସିବେଘରେ
ନୃପତି ନହେବେ ଏହି ସାକେତ ୧ ନଗରେ
ଯହିଁ ରାମ ତହିଁ ଧାମ କରିବ ନିଶ୍ଚୟ,
ଦେଖୁଥିବ ନିତି ରାମରୂପ ମଧୁମୟ ।
କେ ବୋଲେ ମୁଁ ଧରିଥିବ ଡୋର କଉପୀନ
ନିଶ୍ଚେ ରାମ ନ ଛାଡ଼ିବେ ଯଦ୍ୟପି ବିପିନ ।
ରହିବ ତାଙ୍କର ପାଶେ ଯୋଗିବେଶ ଧରି,
ରାମ ବିନା ଗ୍ରାମ ନୁହେ ଅରଣ୍ୟର ସରି ।
ତା ସହଧର୍ମିଣୀ ଶୁଣି ସ୍ୱାମୀର ବଚନ,
ବୋଲେ ତେବେ ତୁମ ସଙ୍ଗେ କରିବି ଗମନ
ତୁମ୍ଭେ ଯଦି ଯୋଗୀ ହେବ ମୁଁ ହେବି ଯୋଗିନୀ
ହୋଇଥିବି ସଦା ସୁଖ ଦୁଃଖର ଭାଗିନୀ ।
ଦେଖ ସୀତା ନେଇ ବନ ଗଲେ ରଘୁପତି,
ମୋତେ ନେବା ପାଇଁ ତୁମ୍ଭ କି ଅଛି ଆପତ୍ତି ?
ହସି କାନ୍ତ ବୋଲେ ତାହା ଭାଗ୍ୟ ସିନା ମୋର
ବନ-କଷ୍ଟ ନ ଗଣିବି ସଙ୍ଗେ ଥିଲେ ତୋର ।

ବଶିଷ୍ଠଙ୍କୁ ପଚାରନ୍ତି ଶ୍ରୀରାମଜନନୀ,
କହ ବିଜ୍ଞବର ବର୍ଷ ମାସ ତିଥି ଗଣି ।
ଚଉଦ ବରଷ ହୋଇ ନାହିଁ କି ପୂରଣ,
କେବେ ବାହୁଡ଼ିବ ମୋର ଶ୍ରୀରାମ ରତନ ।
ଯେବେ ପଚାରିଲି ତୁମ୍ଭ ଚରଣ-କମଳେ,
ବୋଲୁଅଛ ରାମଭଦ୍ର ଅଛନ୍ତି କୁଶଳେ ।
ଆଉ କେତେ ଦିନ ବନେ ରହିବ ମୋ ରାମ,
ଅଦ୍ୟାପି କି ହୋଇ ନାହିଁ ବିଧି ପୂର୍ଣ୍ଣକାମ ।
ଆଉ କେତେ କଷ୍ଟ ମୋତେ ସହିବାକୁ ହେବ,
ସଦୟହୃଦୟେ ଆଜ୍ଞା କର ଗୁରୁଦେବ !
ଦିନଯାକ ବସି ଛୁଡ଼ି ଗାଈ ପାରେ ରହି,
ସନ୍ଧ୍ୟା ହେଲେ ସେ ବିରହ ନପାରଇ ସହି,
ଅବଶିଷ୍ଟ ଅଛି ଯଦି ଦୁଇ ଚାରି ଦିନ,
ରାମ ଲେଉଟିବାର କି ହେବ ବିଧିହୀନ ?
ଭରତର ହୃଦୟରେ ଅଛି କି ବିଚାର,
ରାମର ସମ୍ବାଦ ପାଇଁ ପେଷିଛି କି ଚର ?
ଯଦ୍ୟପି ସେ ରାଜ୍ୟ ଛାଡ଼ି ନ ପାରିବ ଯାଇ,
ମୋ ଯିବାର ଆୟୋଜନ କରନ୍ତୁ ଗୋସାଇଁ ।
ବନେ ବନେ ଲୋଡ଼ି ଲୋଡ଼ି ଆଣିବି ଶ୍ରୀରାମ,
ଯା ଉଚିତ ଆଜ୍ଞା ମୋତେ ଦିଅ ଜ୍ଞାନଧାମ !
ସ୍ୱପନରେ ଦେଖିଥିଲେ ଦେବୀ ଯେ ସକଳ,
ମୁନି ଆଗେ ବିବରିଲେ ତାହା ଅବିକଳ ।
ବିଧିସୁତ ସବୁ ଶୁଣି ବୋଇଲେ ଗୋ ବତ୍ସେ,
ରାମର ମଙ୍ଗଳ ତାହା ସୂଚୁଅଛି ସ୍ୱଚ୍ଛେ ।
ସ୍ୱପନ ତୁମ୍ଭର ଆଶୁ ହୋଇବ ସଫଳ,
କଷ୍ଟ ଶେଷ ହୋଇଅଛି ନ ହୁଅ ବିକଳ ।
ଦୁଗ୍ଧ ଦେବା ପାଇଁ ଗାଈ ସହିଥାଏ କଷ୍ଟ,
ଦୁହିଁଲାରୁ ବାଛୁରିରେ ନ ଥାଏ ଆକଟ ।
ନିରୂପିତ କାଳ ଏବେ ହୋଇଗଲା ପୂର୍ଣ୍ଣ,
କୁଶଳେ ଶ୍ରୀରାମଭଦ୍ର ବାହୁଡ଼ିବେ ତୂର୍ଣ୍ଣ ୨ ।

---

୧ । ସାକେତ—ଅଯୋଧ୍ୟା । ୨ । ତୂର୍ଣ୍ଣ—ଶୀଘ୍ର ।

କହି ତହିଁ ବାହୁଡ଼ିଲେ ମୁନି ନିଜାଶ୍ରମେ,
କୁମାର ବିଦୂଷ ରାଣୀ ବୁଝି କଲେ ଛମେ ।
ନନ୍ଦିଗ୍ରାମେ ଲଭିଅଛି ଭରତ ଭବନା,
କେବେ ହେବେ ପ୍ରତ୍ୟାଗତ ରାମ ମହାମନା ।
କେଉଁ ମାର୍ଗେ ବାହୁଡ଼ିବେ ଜାଣିବି କପରି,
ଯାଉଥାନ୍ତି ପଥକୁ ମୁଁ ନେଇ ରଥ, କରୀ ।
ନେଇଥାନ୍ତି ରାଜଭୂଷା ବିଜଚ୍ଛେଦ,
ଅମାତ୍ୟ ସହିତ ଯାଇଥାନ୍ତେ ସହ୍ଲାଦ ।
ରଘୁନାଥ ହୋଇ ରାଜବେଶେ ସୁସଜ୍ଜିତ,
ଅଯୋଧ୍ୟା ନଗରେ ହୋଇଥାନ୍ତେ ବିରାଜିତ ।
ସୁବର୍ଣ୍ଣ-ଶିବିକା ନେଇଥାନ୍ତି ଦେବୀ ପାଇଁ,
ବେଶଭୂଷା ଧରି ଦାସୀଗଣ ଥାନ୍ତେ ଯାଇ ।
ଅହେଁ କପାଇଁ ପ୍ରଭୁ ନ ଦେଲେ ସମ୍ବାଦ,
ତୁଟି କି ପାରିଲା ନାହିଁ ଅସୁର-ବିବାଦ !
ସୈନ୍ୟ ନେଇ ଶତ୍ରୁ-ଶୂନ୍ୟ କରି ନିଜ ଦେଶ,
ଯିବା ପାଇଁ ହୋଇ ନାହିଁ ପ୍ରଭୁଙ୍କ ଆଦେଶ ।
ଏହିରୂପେ ଘାରିହେଲା ଭରତଙ୍କ ଚିତ୍ତ,
ବିଚାରିଲେ ବଶିଷ୍ଠଙ୍କୁ ପୁଛିବା ଉଚିତ ।
ଏକାଳେ ମାନବ ଏକ ଧୀରଙ୍କ ସମ୍ମୁଖେ,
ଦୂରେ ପ୍ରଣମି ଉଭା ଅବନତମୁଖେ ।
ବୋଇଲା,"ହେ ଯୋଗିବର, କହ କି କାରଣ
ଗ୍ରାମେ ରହି ଯୋଗିବେଶ କରିଛ ଧାରଣ ।
ଏଥି ରାଜୋଚିତ ଛତ୍ର ଚାମର କାହାର,
ମନ୍ଦିରଟି ଅଟଇ ବା କେଉଁ ନୃପତିର ?
ରାଜଭୃତ୍ୟ ବେଶଧାରୀ ନାହିଁ କେହି ଜଣେ,
ସମସ୍ତେ ରହୁଛ ଜଟା ବିଭୂତି ଭୂଷଣେ ।
ଉପାସନା କରୁଅଛ ଅଥବା କାହାର,
ଏ ବିଭବେ ଥାଇ କିସ କରୁଛ ଆହାର ।
କରିଛ ତ ଯୋଗି-ଯୋଗ୍ୟ ମୃଗ-ଚର୍ମାସନ,
ପାଶେ କିପାଁ ରଖିଅଛ ଶର ଶରାସନ ।
ବଦନେ ପଡ଼ୁଛି କିଆଁ ବିଷାଦର ଛାୟା,
କହିବ କି ଯୋଗବୀର, ମନୁ ତେଜି ମାୟା ?
ଜୟ ରାମ ରଘୁବୀର ବିପିନବିହାରୀ,
ସତ୍ୟସନ୍ଧ ସୀତାନାଥ ରକ୍ଷୋଦର୍ପହାରୀ ।"

ଏତେ କହି ମୌନ ହେଲା ଆଗନ୍ତୁକ ନର,
ଦେଖିତେ ଚିହ୍ନିଲେ ତାଙ୍କୁ କୈକେୟୀକୁମର
ବହୁ ପ୍ରେମେ ଦେଦେ ଅଶ୍ରୁ ବିସର୍ଜନ,
ସମ୍ଭ୍ରମେ ଉଠି ତାଙ୍କୁ କଲେ ଆଲିଙ୍ଗନ ।
ହସ୍ତରେ ଧରାଇ ଏକ ସୁବର୍ଣ୍ଣ ଆସନ,
ତହିଁ ବସିବାକୁ କଲେ ସ୍ନେହ ପ୍ରଦର୍ଶନ ।
ଆସନ ସ୍ପର୍ଶ କରି ଆଗନ୍ତୁକ ନର,
ଭକ୍ତିଭରେ ମସ୍ତକରେ ଲଗାଇଲା କର ।
ତା ଦେଖି ଭରତ ବୋଲେ କହ ମହାଭାଗ,
କେଉଁଠାରୁ ଆସି ମୋତେ କଲ ଅନୁରାଗ ।
ସଙ୍କେତରେ ପ୍ରଭୁ ନାମ କଲ ଉଚ୍ଚାରଣ,
ମରୁକ୍ଷେତ୍ରେ କଲ ଜଳକଣିକା ସେଚନ ।
ଚିରତୃଷାତୁର ତହିଁ ମୁଁ ଘନ ଚାତକ,
ଚଖାଇ ତା ବଢ଼ାଇଲ ପିପାସା ମାନସ ।
ଜାଣିଛ କି କାହିଁ ଛନ୍ତି ରାଜୀବ-ଲୋଚନ,
କହ ବେଗେ କର ମୋର ଦୁଃଖ ବିମୋଚନ ।
କାହିଁ ବା କିରୂପେ କଲେ ଅସୁର ଦମନ,
କରୁଅଛନ୍ତି କି ପ୍ରଭୁ ଶୁଭ ଆଗମନ ?
ଭରତ ମୁଁ ପ୍ରଭୁଙ୍କର ବିମାତୃକୁମାର,
ତାଙ୍କ ବନନିବାସର କାରଣ ମୁଁ ଛାର ।
ଏହି ଶ୍ୱେତ ଆତପତ୍ର ଏ ଶ୍ୱେତ ଚାମର,
ପ୍ରଭୁଙ୍କର ଅଟେ, ତାଙ୍କ ଦାସ ମୁଁ ପାମର ।
ଛତ୍ର ତଳେ ଦେଖ ରତ୍ନପାଦୁକା ରାଜିତ,
ନିତି ନିତି ହେଉଅଛି ଏ ଦାସେ ପୂଜିତ ।
ଏ ଦେଶର ରାଜା ସେହି କୌଶଲ୍ୟାକୁମାର,
କର ମୋତେ ପ୍ରଭୁ ଧନେ ପ୍ରହରୀ ବିଚାର ।
ଚିତ୍ରକୂଟେ ପ୍ରଭୁଙ୍କର ଦେଖି ଯୋଗିବେଶ,
କରିଅଛି ଜଟ ତାଙ୍କ ଦାସ ନିଜ କେଶ ।
ଏଥିଁ ଦେଖୁଅଛ ଯେତେ ରାଜକର୍ମଚାରୀ,
ସର୍ବେ ହୋଇଛନ୍ତି ସେହି ହେତୁ ଜଟାଧାରୀ ।
ଫଳମୂଳ ଖାଆନ୍ତି ପ୍ରଭୁ ବିପିନ-ବିହାରୀ,
ଏଣୁ ଦାସ ହୋଇଅଛି ଫଳମୂଳାହାରୀ ।
ପ୍ରଭୁଧନ ଶତ୍ରୁଗଣ ନ ପାରିବେ ହରି,
ତେଣୁ ଧନୁଶର ପାଶେ ରଖେଁ ମୁଁ ପ୍ରହରୀ ।

ଚିତ୍ରକୂଟେ ତୁମ୍ଭେ କରିଅଛନ୍ତି ଆଦେଶ,
ବାହୁଡ଼ିବେ ଚତୁର୍ଦ୍ଦଶ ବର୍ଷ ହେଲେ ଶେଷ ।
ପୂର୍ଣ୍ଣ ହୋଇଗଲା ଏବେ ଚଉଦ ବରଷ,
ପ୍ରଭୁପଦ ଅଦର୍ଶନୁ ମୋ ମନ ବିରସ ।
ହେ ଭଦ୍ର, ନ କର ଧନେ ବିକୃତ ବିଚାର,
କହ ବେଗେ ପ୍ରଭୁଙ୍କର ଶୁଭ ସମାଚାର ।”
ଆଗନ୍ତୁକ ଶୁଣି ପୁଣି ଅତି ଭକ୍ତିଭରେ,
ବାରମ୍ବାର ପ୍ରଣମିଲା ଭରତ-ପୟରେ ।
ବୋଇଲା, “ଭୋ ନରବର ଜୀବନ ତୋ ଧନ୍ୟ,
ଧନ୍ୟ ରଘୁବଂଶ ଧନ୍ୟ ଅଯୋଧ୍ୟାଭୁବନ ।
ଯହିଁ ଜନମିଲ ତୁମ୍ଭେ ଶ୍ରୀରାମ ଭରତ,
ମହିମା ତୁମ୍ଭର ଧନ୍ୟ, ଧନ୍ୟ ତୁମ୍ଭ ବ୍ରତ ।
ମନରେ ଅଛି କି ବୀର ରଜନୀବିହାର,
କାହା ଅଙ୍ଗେ କରିଥିଲ ବାଟୁଳି ପ୍ରହାର ?
କେ ପଡ଼ିଲା ସେ ପ୍ରହାରେ ହୋଇ ହତଜ୍ଞାନ,
ଶ୍ରୀରାମର ଦାସ ମୁହିଁ ସେହି ହନୁମାନ ।
ଭାଗ ବଳେ ସେହି ରାତ୍ରେ ଗିରିଶୃଙ୍ଗ ନେଇ,
ଧନ୍ୟ ହେଲି ଶ୍ରୀରାମଙ୍କ ସନ୍ନିଧିରେ ଦେଇ ।
ଔଷଧି ତା ଯୋଗ୍ୟ ହେଲା ଲକ୍ଷ୍ମଣ ସେବାର,
ଚରିତାର୍ଥ ହେଲା ମୋର ଜୀବନ ସେବାର ।
ରାବଣର ବଂଶ ରାମ କରି ନିଷୂଦନ,
ଆସୁଛନ୍ତି ମଣ୍ଡିବାକୁ ପୈତୃକ ସଦନ ।
ଆସୁଛନ୍ତି ବଇଦେହୀ ସୁମିତ୍ରାନନ୍ଦନ,
ଆରୋହି ଅମର ପଥେ ପୁଷ୍ପକ ସ୍ୟନ୍ଦନ ।
ସଙ୍ଗେ ଛନ୍ତି ବିଭୀଷଣ ରାବଣ ଅନୁଜ,
ସୈନ୍ୟ ସହ କପିରାଜ ଭାସ୍କର-ତନୁଜ ।
କାଲି ଥିଲେ ଭରଦ୍ୱାଜ ଶୁଭାଶ୍ରମ-ପଦେ,
ବିରାଜିତ ହେବେ ଆଜି ଏହି ଜନପଦେ ।
ବୁଝିବାକୁ ତୁମ୍ଭ ମନ ସରାଗ ବିରାଗ,
ଆଗେ ମୋତେ ପେଷିଛନ୍ତି ରାମ ମହାଭାଗ ।
ଦୋଷ ଯଦି ଦେଖିଥାନ୍ତି ତୁମ୍ଭ ଆଚରଣେ,
ବାହୁଡ଼ି ଜଣାଇଥାନ୍ତି ଶ୍ରୀରାମଚରଣେ ।
ବନରାଜ୍ୟ କରିଥାନ୍ତେ ରାମ ରାଜପଣ,
ଅଯୋଧ୍ୟାନରେଶ ହୋଇ ରହନ୍ତେ ଆପଣ ।
ତୁମ୍ଭ ଦୁଃଖ ନ ଇଚ୍ଛନ୍ତି ଶ୍ରୀରାମ ସ୍ୱପନେ,
ବରଞ୍ଚ ସନ୍ତୁଷ୍ଟ ଥାନ୍ତି ସେ ତାପସପଣେ ।”
ଏତେ କହି ଦେଖାଇଲା ନିଜ କଳେବର,
ବିସ୍ମୟେ ଅନାଇ ତାକୁ କୈକେୟୀକୁମର ।
ସଲଜ୍ଜେ ସାନନ୍ଦେ ହୋଇ ବିନତବଦନ,
ଆଲିଙ୍ଗନ କରି ପୁଣି କଲେ ନିବେଦନ ।
“କହ ନା କହ ନା ଭାଇ, ବାଟୁଳିର କଥା,
ଦହନା ଦହନା ଆଉ ଦେଇ ମର୍ମବ୍ୟଥା ।
ମଜ୍ଜାଇଲ ରାମକଥା-ଅମୃତ-ସାଗରେ,
ବାନ୍ଧି ଇଛ ଭାଇ କି ମୋ ପ୍ରେମାନୁରାଗରେ ।
କି ଦେଇ ପାରିବି କରି ତୁମ୍ଭ ମନ ତୋଷ,
ଏତିକି ମାଗୁଣି ମୋର କ୍ଷମା କର ଦୋଷ ।
ମୁହିଁ ତ ଶ୍ରୀରାମଙ୍କର ଅକିଞ୍ଚନ ଦାସ,
ଶୁଷ୍କ ଆଲିଙ୍ଗନ ଘେନି ଦୂର କର ତ୍ରାସ ।
ଅଧିକ କଥାକୁ ଆଉ ନାହିଁ ଅବସର,
ଶ୍ରୀରାମଜନନୀ ଆଗେ କହୁଛି ସତ୍ୱର ।
ହେଉଛି ସଜ୍ଜିତ ପ୍ରଭୁ ପ୍ରତିଉଦ୍‌ଗମନେ,
ଦେଉଛି ଆଦେଶ ପୁଣି ଭାଇ ଶତ୍ରୁଘନେ ।
ନବରେ ନଗରେ ସର୍ବେ ହେବାକୁ ସଜ୍ଜିତ,
କରିବାକୁ ରଘୁପତି ମାନସ ରଞ୍ଜିତ ।”
ବାତଜ ନିକଟୁଁ ନେଇ ମେଲାଣି ସତ୍ୱର,
କୌଶଲ୍ୟା ଗୃହମୁରେ ଉଭା ଯାଇ ତରତର ।
କରଯୋଡ଼ି କହେ କରି ଚରଣ ବନ୍ଦନ,
“ଜନନୀ ଗୋ, ଆସୁଛନ୍ତି ଶ୍ରୀରଘୁନନ୍ଦନ ।
ସ୍ୱର୍ଣ୍ଣ-ଶିବିକାରେ ବେଗେ ବିଜେକର ମାତଃ,
ଅଦୂରେ ଭେଟିବା ଏବେ ଅଯୋଧ୍ୟାର ନାଥ ।”
ଶୁଣି ଦେବୀ ଆନନ୍ଦରେ ହେଲେ ଗଦଗଦ,
ଦରିଦ୍ର ଲଭିଲା କିବା ବାସବସମ୍ପଦ ?
ଶ୍ରୁତିପଥେ କରି ରାମ-କଥାମୃତ ପାନ,
ନିର୍ଜ୍ଜୀବ ଶରୀରେ ହେଲା ଆବିର୍ଭୂତ ପ୍ରାଣ ।
ବୋଇଲେ, “ବାବୁରେ ଆସୁଅଛି ନା ଲକ୍ଷ୍ମଣ ?
କହ ବାବୁ, ଜାନକୀର କୁଶଳ ଲକ୍ଷଣ ।”
ଭରତ ବୋଇଲେ, “ମାତଃ, ସକଳ ମଙ୍ଗଳ,
ସର୍ବେ ଆସୁଛନ୍ତି ସଙ୍ଗେ ଘେନି ଦଳବଳ ।”

ସମୀପେ ସୁମିତ୍ରା ଥିଲେ ଶୁଣି ସେ ସକଳ,
ଦୁର୍ବଳ ଦେହରେ ତାଙ୍କ ଖେଳିଗଲା ବଳ ।
ପାଦ ହେଲା ଭରତର ମସ୍ତକେ ବନ୍ଦିତ,
ତା ବଚନ ହେଲା ପୁଣି ହୃଦ ଆନନ୍ଦିତ ।
ବଶିଷ୍ଠ ସମୀପେ ତହୁଁ ହୋଇ ଉପଗତ,
ଶ୍ରୀରାମ ବିଜୟ-ବାର୍ତ୍ତା କହିଲା ଭରତ ।
ଆଣିବାକୁ ରାମେ କରି ପ୍ରତ୍ୟୁଦ୍‌ଗମନ,
ସତ୍ୱର ସକଳେ ହେଲେ ଉତ୍କଣ୍ଠି ତମନ ।
ଅଶ୍ୱ ଗଜ ସଜା ହେଲେ ଶତ୍ରୁଘ୍ନ ନିଦେଶେ,
ରାଜଭୃତ୍ୟ ସଜ ହେଲେ ନିଜ ନିଜ ବେଶେ ।
ଚଗ୍ଲ ୧ ପଟଳେ ହେଲା ଗଗନ ମଣ୍ଡିତ,
ଶଙ୍ଖ ଭେରୀ ନାଦେ ହେଲା ଅବନୀ ନାଦିତ ।
ପରିଚ୍ଛଦପରିବୃତା ଶିବିକା ଭିତରେ,
ବସି ବାହାରିଲେ ରାଣୀବୃନ୍ଦ ହୃଷ୍ଟଚିତ୍ତରେ ।
ବାହାରିଲେ ବଶିଷ୍ଠଙ୍କୁ ଘେନି ମୁନିଗଣ,
କେ ରଥେ କେ ଗଜପୃଷ୍ଠେ କରି ଆରୋହଣ ।
ପ୍ରଜାବୃନ୍ଦ ବାହାରିଲେ ଉଲ୍ଲାସରେ ମାତି,
ବାଳବୃନ୍ଦ ବାହାରିଲେ ଉଲ୍ଲସାଇ ଛାତି ।
ରାମ-ଦରଶନ ଆଶେ ସମସ୍ତେ ଆକୁଳ,
ନନ୍ଦିଗ୍ରାମେ ଅତି ବେଗେ ଯାଇ ହେଲେ ଠୁଳ ।
କରି ହେମପାତ୍ରେ ରତ୍ନ-ପାଦୁକା ସ୍ଥାପନ,
ଶିରେ ଧରି ବାହାରିଲେ ଭରତ ଆପଣ ।
ଶଶାଙ୍କଶେଖର ପରି ହେଲେ ମନୋହର,
ରାମ-ପାଦ ଲକ୍ଷ୍ୟ କରି ହେଲେ ଅଗ୍ରସର ।
ପାଦୁକା ଉପରେ ହେଲା ଚାମର ଚାଳନ,
ରାଜଛତ୍ର କଲା ତହିଁ ଆତପ ବାରଣ ।
ଯାଉଁ ଯାଉଁ ଭରତକୁ କହେ ହନୁମାନ,
"ଦେଖ ବୀର, ଦିଶିଲାଣି ପୁଷ୍ପକବିମାନ ।
ହୋଇ ଯେ ଦିଶୁଛି ଦୂରେ ତାରକା ସମାନ,
ସେହିଟି ଆସୁଛି ହୋଇବ୍ୟୋମେ ଭାସମାନ ।"
କାହିଁ କାହିଁ ବୋଲି ତହିଁ ପଡ଼ିଲା ଚହଳ,
କେ ଦେଖିଲା କାହା ଦୃଷ୍ଟି ନ ହେଲା ସଫଳ ।
ଯେ ଦେଖିଲା କରି ସେହୁ କର ଉତ୍ତୋଳନ,
ଅପରକୁ ସେହି ଦୃଶ୍ୟ କରାଏ ଦର୍ଶନ ।
ବୃହତ୍ତରୁ ବୃହତ୍ତର ହୋଇ ସେ ବିମାନ,
କ୍ରମେ କ୍ରମେ ଦୃଶ୍ୟ ହେଲା ଚନ୍ଦ୍ରମା ସମାନ ।
ମନ୍ଦ ମନ୍ଦ ରଥଧ୍ୱନି ଶୁଭିଲା ପ୍ରଥମେ,
ଗମ୍ଭୀରୁଁ ଗମ୍ଭୀରତର ହେଲା କ୍ରମେ କ୍ରମେ ।
ଦେଖୁ ଦେଖୁ ଉପଗତ ପ୍ରକାଣ୍ଡ ସ୍ୟନ୍ଦନ,
ଚଉଦିଗେ କରୁଅଛି ଜ୍ୟୋତି ନିଃସ୍ୟନ୍ଦନ ।
ଭରତକୁ ଚାହିଁ ରାମ ରୁହାଇଲେ ରଥ,
ଦେଖିଲେ ପାଦୁକା ଶିରେ ବହୁଛି ଭରତ ।
ଜଟାଶିର ଶୀର୍ଣ୍ଣକାୟ ଭରତକୁ ଚାହିଁ,
ଶୀଘ୍ର ରଥୁଁ ଓହ୍ଲାଇଲେ ଆଲିଙ୍ଗିବା ପାଇଁ ।
ଲୋତକପ୍ଳାବିତ ହେଲା ସର୍ବ ଅପଘନ,
ବୋଇଲେ "ହେ ପ୍ରିୟ ଭ୍ରାତଃ, ପ୍ରେମ ତୋର
ଧନ୍ୟ ।
ପିତୃ ଆଦେଶରେ ଯିବା ମୁହିଁ ଗଲି ବନ,
ମୋ ପାଇଁ ତୋ ଯୋଗିବେଶ ଧନ୍ୟ ଭାଇ
ଧନ୍ୟ ।
ରତନମୁକୁଟ ଯେଉଁ ଶିରେ ନୁହେ ମନା,
ମୋ ପାଦୁକା ଧରୁ ତହିଁ ଧନ୍ୟ ମହାମନା ।
ତୋହୋ ବ୍ରତ ବଳେ ବଧ୍ରି ଦୁସ୍ତର ସଙ୍କଟ,
ପାରହୋଇ ଉପଗତ ହେଲି ତୋ ନିକଟ ।
ଦେଖି ତୋର ପ୍ରେମପୂର୍ଣ୍ଣ ପ୍ରଫୁଲ୍ଲ ବଦନ,
କରୁଛି ମୋ ନେତ୍ର ପ୍ରୀତିସୁଧା ଆସ୍ୱାଦନ ।
ବନେ ରହି ଯାହା କଷ୍ଟ ପାଇଥିଲି ଦୁଃଖ,
ଆଜି ସବୁ ପାସୋରିଲି ଚାହିଁ ତୋ ଶ୍ରୀମୁଖ ।"
ତହୁଁ ତାକୁ କରିବାକୁ ପ୍ରେମ ଆଲିଙ୍ଗନ,
ବଢ଼ାନ୍ତେ ଶ୍ରୀହସ୍ତ ବୀର ଧଇଲା ଚରଣ ।
ଆନନ୍ଦାଶ୍ରୁଜଳେ ତାହା କରି ପ୍ରକ୍ଷାଳନ,
ଭକ୍ତି ଗଦଗଦ ସ୍ୱରେ କଲା ନିବେଦନ ।
"ଜୟ ରଘୁକୁଳ ସିନ୍ଧୁଜାତ ସୁଧାକର,
କୌଶଲ୍ୟା-ବାସବୀ କୋଳେ ଉଇଁ ମନୋହର ।

୧ । ଚଗ୍ଲ — ଧ୍ୱଜ ।

ବନବାସ-ଘନ କରିଥିଲା ଆବରଣ,
ଭୁବନମଙ୍ଗଳ ଥିଲା ତହିଁର କାରଣ ।
ଦାନବ-ତିମିର-କୁଳ କରି ପରାଜିତ,
ନିର୍ମଳ ଗଗନେ ଆସି ହେଲ ବିରାଜିତ ।
ବୈଦେହୀ-କୌମୁଦୀପଦ ସମ୍ପ୍ରସରଣ କରି,
ଅଯୋଧ୍ୟା-କୁମୁଦ-ବନ ମୁଦେ ଯାଉ ଭରି ।
ଗୁଣର ସାଗର ନାଥ ଦୟାର ଆକର,
ପରଦୋଷ-ନଦୀଜଳ ଗୁଣରୂପେ ଧର ।
ତୁମ୍ଭଠାରେ ପଡ଼ି ତାହା ଗୁଣେ ହୁଏ ଲୀନ,
ଗୁଣ ତୁମ୍ଭ ବୃଦ୍ଧି ବିନା ହୁଏ ନାହିଁ କ୍ଷୀଣ ।
ମୋ ଜନନୀ କଲା ତହିଁ ଅନଳ କ୍ଷେପଣ,
ଦାହ କି କରନ୍ତା ବହ୍ନି ଲଭିଲା ଆପଣ ।
କ୍ଷେପିକାର ହସ୍ତଦାହ ମାତ୍ର ହେଲା ସାର,
ତହିଁ ଶାନ୍ତ-ବାରି ଦିଅ ଶାନ୍ତିର ଭଣ୍ଡାର ।
ମସ୍ତକେ ମୋ ଦେଇଅଛ ଯେଉଁ ଗୁରୁଭାର
ନିଜ ଭାର କରି ନିଜ ହସ୍ତରେ ଉଦ୍ଧାର ।
ସେବୁଥିବି ଶ୍ରୀ ଅମଳ କମଳ-ଚରଣ,
ଶରଣବତ୍ସଳ ସେ ମୋ ଆଜନ୍ମ ଶରଣ ।
ପାଦୁକାବସ୍ଥାନେ ବସୁଅଛି ଅସୁନ୍ଦର”,
ବୋଲି ତାହା ଖଞ୍ଜି ଦେଲେ ଶ୍ରୀରାମ-ପୟର ।
ଶ୍ରୀରାମ ବୋଇଲେ,“ବତ୍ସ ! ଜନନୀ ତୋ ଧନ୍ୟ
ଯାର ଗର୍ଭେ ଜାତ ତୁହି କୁମରରତନ ।
ତାଙ୍କ ଯୋଗୁଁ ପିତା ହେଲେ ଭୁବନବିଶ୍ରୁତ
ସ୍ୱର୍ଗସିଂହାସନ ତାଙ୍କ ହେଲା ସୁବିସ୍ତୃତ ।
ପ୍ରତିଶ୍ରୁତ ଦାନେ ପିତା ହେଲେ ପୁଣ୍ୟଯଶା,
ସମୁନ୍ନତ କଲେ କୁଳ ଧର୍ମର ଦଶା ।
ହୋଇ ନାହିଁ ଜନକଙ୍କ ନିଷ୍ଫଳ ମରଣ,
ଚିରକାଳ ଲୋକ ତାଙ୍କୁ କରିବ ସ୍ମରଣ ।
ଧର୍ମ ଅନୁରୋଧେ ଯେହୁ କରେ ପ୍ରାଣଦାନ,
ସେ ବୋଲାଇଥାଏ ରଘୁବଂଶରେ ପ୍ରଧାନ ।
ନଶ୍ୱର ଶରୀର ମାତ୍ର ପିତା ଦେଲେ ଛାଡ଼ି,
ବସିଛନ୍ତି ସ୍ୱର୍ଗେ ଉଚ୍ଚ ସିଂହାସନ ମାଡ଼ି ।
ବନବାସେ ମୋର ହୋଇ ନାହିଁ ଅମଙ୍ଗଳ,
କଷ୍ଟ ଯାହା ହେଲା ତହୁଁ ଫଳିଲା ସୁଫଳ ।
ପାଇଲି ମୁଁ ବହୁ ସିଦ୍ଧମୁନିଙ୍କ ଦର୍ଶନ,
କେତେ ଅବା ପୁଣ୍ୟତୀର୍ଥ କଲି ପର୍ଯ୍ୟଟନ ।
ଦେଖିଲି ମହୋର୍ମିମୟ ଦକ୍ଷିଣ ସାଗର,
କନକ-ପ୍ରାସାଦମୟ ଅସୁର-ନଗର ।
ଲଭିଲି ସୁଗ୍ରୀବ ପରି ବାନ୍ଧବରତନ,
ଉପକାରୀ ହନୁମାନ, ମିତ୍ର ବିଭୀଷଣ ।
ପାଇଲି ନିଧୁରଜୟୀ ରାବଣର ରଣ,
ବଂଶବୈରି ରକ୍ତେ କଲି ପିତୃ ସନ୍ତର୍ପଣ ।
ଦେଖିଲି ତ୍ରିଦିବବାସୀ ପିତାଙ୍କ ଚରଣ,
ପୁଷ୍ପକରେ ବସି କଲି ବ୍ୟୋମ ବିଚରଣ ।
ରଘୁବଂଶ ପକ୍ଷେ ଏହା ନୁହେଁ କି ଗୌରବ ?
ଏ କୀର୍ତ୍ତି-କୁସୁମେ କିଛି ନାହିଁ କି ସୌରଭ ?
ଯୁବରାଜ ହୋଇ ଯେବେ ବସିଥାନ୍ତି ଘରେ,
ପାରନ୍ତା କି ଘଟି ଏହା ମୋହର ଭାଗ୍ୟରେ !
ବିଲୋକିଲି ଲକ୍ଷ୍ମଣରେ ଦୃଢ଼ ଭ୍ରାତୃ-ଧର୍ମ ।
ଅଟଳ ସାହସ ସହ ପ୍ରବଳ ବିକ୍ରମ ।
ସେପରି ତୁ ରଘୁବଂଶ ସୁଯୋଗ୍ୟ ନନ୍ଦନ,
ତୋତେ ଭ୍ରାତୃରୂପେ ପାଇ ଜୀବନ ମୋ ଧନ୍ୟ
ଏହି ଯେ ବିପଦ-ବନ୍ଧୁ କିଷ୍କିନ୍ଧା-ଭୂଷଣ,
ଏହି ମୋର ଭାଗ୍ୟଲବ୍ଧ ମିତ୍ର ବିଭୀଷଣ ।
ଅସୁର-ଆହବାର୍ଣ୍ଣବେ ହୋଇ କର୍ଣ୍ଣଧାର,
ଆମ୍ଭ ଭାଇ ଦିଓଟିଙ୍କି କରିଛନ୍ତି ପାର ।
ସମ୍ବର୍ଦ୍ଧନା କର ବାବୁ ଏହାଙ୍କୁ ସାଦରେ,”
ବୋଲି ତାଙ୍କୁ ଦେଖାଇଲେ ପ୍ରେମ
ଗଦ୍‌ଗଦରେ ।
ପ୍ରଗାଢ଼େ ଭରତ କରି ପ୍ରେମ ଆଲିଙ୍ଗନ,
ମଧୁର ଭାଷଣେ ମୁଗ୍ଧ କଲେ ତାଙ୍କ ମନ ।
ଅମାୟିକ ଭରତଙ୍କ ଦେଖି ବ୍ୟବହାର,
ଧନ୍ୟ ବୋଲିକଲେ ସର୍ବେ ପ୍ରଶଂସା ଅପାର ।
ପ୍ରଭାତ-ଅରୁଣ-କାନ୍ତି ଜାନକୀ ଚରଣେ,
ତାପରେ ପଡ଼ିଲା ବୀର ସଲଜ୍ଜ ବଦନେ ।
ଶୋକରୁଦ୍ଧ କଣ୍ଠେ କିଛି ନ ପାରିଲା କହି,
ଶୀର୍ଣ୍ଣପଦ ଗୃହିଁ ହୃଦେ ମାତ୍ର ହେଲା ଦହି ।
ଭରତ ଜଟିଲ ଶିରେ ଶ୍ରୀମତୀ ପୟର,
ଶମ୍ଭୁ ଶିରେ ପଦ ପ୍ରାୟେ ହେଲା ମନୋହର

ଅଥବା ଶୈବାଳ-ବନେ ନବ ଇନ୍ଦୀବର,
ବିକଶିତ ହେଲା ପରି ଦିଶିଲା ସୁନ୍ଦର ।
ତହୁଁ ଯାଇଁ ଲକ୍ଷ୍ମଣଙ୍କୁ କଲେ ଆଲିଙ୍ଗନ,
ଦେଖିଲେ ବାଣଜ କ୍ଷତ ଅଙ୍ଗେ ଅଗଣନ ।
ଆଉଁସି ଆଉଁସି ହେଲେ ମରମେ ବ୍ୟଥିତ,
ଲୋତକ-ବାଷ୍ପରେ କରି ଶରୀର ପ୍ଳାବିତ ।
ବୋଇଲେ, "ଏରଘୁବଂଶେଜନ୍ମତୋରଧାର,
ଅକ୍ଷତ ଶରୀର ଦେଖ ମୁହିଁ କୁଳାଙ୍ଗାର ।
ସମସ୍ତଙ୍କୁ ଶତ୍ରୁଘନ ଯଥାବିଧି ମାନ୍ୟ
କରି, ଲଭି କଲେ ସ୍ନେହ ସାଦର ସମ୍ମାନ ।
ଭରତ ଶତ୍ରୁଘ୍ନ କରେ ହୋଇ ଆଲିଙ୍ଗିତ,
ସର୍ବ ସେନାପତି ତହିଁ ହେଲେ ସମ୍ମାନିତ ।
ଶ୍ରୀରାମ ଜାନକୀ ସଙ୍ଗେ ସୁମିତ୍ରାନନ୍ଦନ,
ଯାଇ କଲେ ବଶିଷ୍ଠଙ୍କ ପୟର ବନ୍ଦନ ।
ବନ୍ଦିଲେ କୌଶଲ୍ୟାପଦ, ସୁମିତ୍ରାଙ୍କ ପଦ,
ମଣିଲେ ରାଣୀଏ ତାହା ଦୁର୍ଲ୍ଲଭ ସମ୍ପଦ ।
ସାଗ୍ରହେ ସସ୍ନେହେ ହୋଇ ଅତି ତରତର,
ଆଉଁସିଲେ ମାତାତ୍ରୟ ପୁତ୍ର କଳେବର ।
ଦେଖିଲେ ଶରୀର ହୋଇ ଶରରେ ଆହତ,
ସବୁଆଡେ ରହିଅଛି ଦରଶୁଷ୍କ କ୍ଷତ ।
ବୋଇଲେ ହା ବିଧି ଏହି ରମ୍ୟ ଅପଘନ,
ଏ କ୍ଷତ ଲାଞ୍ଛନା ହେବା ଥିଲା ତୁମ୍ଭ ମନେ ।
ସକଳଙ୍କ ସୁଧାକର କୀଟଦଷ୍ଟ ଫୁଲ,
ଦେଖିବାକୁ ମନ ତୁମ୍ଭ ସତତ ଆକୁଳ ।
ରାମ-ଶ୍ୟାମ ତନୁ ପଡ଼ି ଆନନ୍ଦ-ଆସାର,
ଲୋକବନ୍ଧ ଭାଙ୍ଗି ତାଙ୍କ ବହିଗଲା ଧାର ।
ଆନନ୍ଦ-ସରିତ-ସ୍ରୋତେ ଯାଇ ହେଲା ଲୀନ,
ପରିପ୍ଳୁତ କରିଦେଲା ନୟନଯୁଗଳ ।
ବୈଦେହୀଙ୍କ ଆଣି ପୁଣି ବସାଇଲେ ଅଙ୍କେ,
ଅମୂଲ୍ୟନିଧିକି ଯଥା ଧରିଥାନ୍ତି ରଙ୍କେ ।
ପୁଷ୍ପମାଳ ପରି ବଧୂ ଲଗିଲେ ଉଶ୍ୱାସ,
ଜନକ-ଦୁହିତା ବୋଲି ନ ହେଲା ବିଶ୍ୱାସ ।
ଦ୍ୱିତୀୟା ଶଶାଙ୍କ ପରି ଶୀର୍ଣ୍ଣ କଳେବର,
ଚାହିଁ ତାଙ୍କୁ ଅଶ୍ରୁ ବହିଗଲା ଝର ଝର ।
ଅନାଇଲେ ପୁନଃ ପୁନଃ ଆଉଁସି ଶ୍ରୀମୁଖ,
ବୋଇଲେ, "ହା ବତ୍ସେ ! କେତେ ପାଇଗଲ
ଦୁଃଖ ।
ପୁନଃ ପୁନଃ ମୁଖ ପୋଛି ଦୁକୂଳ ଅଞ୍ଚଳେ,"
ଦେଖି ଦେଖି ଭାସୁଥାନ୍ତି ନୟନର ଜଳେ ।
ଅଯୋଧ୍ୟାବାସୀଏ ଏଣେ କେ ଦେଖଇ ରଥ,
କେବା ବିଭୀଷଣ ମୁଖ ଦର୍ଶନରେ ରତ ।
କେହି ଅବା ସୁଗ୍ରୀବଙ୍କୁ ଲୋଡ଼େ ହୋଇବ୍ୟସ୍ତ,
କେ ଅବା ପୁଷ୍ପକ ଛୁଇଁ ଶିରେ ଦିଏ ହସ୍ତ ।
ବୟୋଃଧିକେ ପ୍ରଶ୍ନ କରି କରି ଶିଶୁଗଣ,
ଚିହ୍ନିଲେ ବିପିନାଗତ ଶ୍ରୀରାମ ଲକ୍ଷ୍ମଣ ।
ବାଳିକାଙ୍କୁ ରାମ ରୂପ ନ ଥିଲେ ତ ଦେଖି,
ହୃଦପଟେ ଭିନ୍ନ ଭିନ୍ନ ରୂପ ଥିଲେ ଲେଖି ।
ଦେଖିଲେ ସେ ରୂପ ଏବେ ଅତୁଳ ସୁନ୍ଦର,
ଏ ହୀରକ ପାଇ ଦୂର କଲେ ସେ ପଥର ।
ସୈନ୍ୟସବୁ ଆସିଥିଲେ ଶ୍ରୀରାମ ଗହଣେ,
ସ୍ୱଚ୍ଛନ୍ଦେ ଲଗିଲେ ଏଣେ ତେଣେ
ବିଚରଣେ ।
ଦୀର୍ଘନଖ ରୁକ୍ଷକେଶ ଶ୍ମଶ୍ରୁଲବଦନ,
ପରିହିତ ଜଡ଼ପୀନ କୌଷେୟ ବସନ ।
ଗୁଞ୍ଜାମାଳ ସଙ୍ଗେ ତାଙ୍କ ରତ୍ନ ଅଳଙ୍କାର,
ଅଯୋଧ୍ୟାବାସୀଙ୍କ ନେତ୍ରେ ଦେଲା ଚମତ୍କାର ।
ଗୋଟିଏ ନ ଥିଲେ ଋକ୍ଷ ରାକ୍ଷସ ବାନର, ।
ବେଶ ମାତ୍ର ଭିନ୍ନ କିନ୍ତୁ ସର୍ବେ ଥିଲେ ନର
ଅଭିଷେକ ଆୟୋଜନ ଲଗିଲା ସତ୍ୱର,
ଜଟା ତ୍ୟାଗକଲେ ରାମ ସୁମିତ୍ରାକୁମର ।
ନଖ କାଟି କ୍ଷୌର କଲା ନିପୁଣ ନାପିତ,
୧ବିନ ସଲିଲେ ଦୁହେଁ ହେଲେ ସୁସ୍ନାପିତ ।
ମହାମୂଲ୍ୟ କ୍ଷୌମବାସ କଲେ ପରିଧାନ,
ଘେନିଲେ ଶ୍ରୀଅଙ୍ଗେ ଦ୍ରବ୍ୟ ଅଙ୍ଗରାଗମାନ ।
ରତ୍ନ ଆଭରଣେ ହେଲା ବିଗ୍ରହ ମଣ୍ଡିତ,
ଭରତ ଶତ୍ରୁଘ୍ନ ହେଲେ ସେରୂପ ସଜ୍ଜିତ ।
ଶ୍ରୀରାମଜାୟାଙ୍କୁ ଦାସୀ କରି ସୁମାର୍ଜିତ,
ଅଲକ୍ତକ ରାଗେ କଲା ଶ୍ରୀପଦ ରଞ୍ଜିତ ।

କଟାଇଲା ପରିଧାନ ଅମୂଲ୍ୟ ବସନ,
ଅବୟବେ ମଣ୍ଡିଦେଲା ଉଜ୍ଜ୍ୱଳ ଭୂଷଣ ।
କପାଳରେ ଦେଲା ରମ୍ୟ ସିନ୍ଦୂରର ବିନ୍ଦୁ,
ଦିଶିଲା ତା ତାରାମୟ ନଭେ ଯଥା ଇନ୍ଦୁ ।
କବରୀ ସାଜିଲା ଦେଇ ମଞ୍ଜୁ ପୁଷ୍ପପୁଞ୍ଜ,
ଦିଶିଲା ଶ୍ରୀଅଙ୍ଗ ଯଥା ଶୋଭାର ନିକୁଞ୍ଜ ।
ଅଭିଷେକ ପାଇଁ ହେଲା କନକ-ମଣ୍ଡପ,
ମଣ୍ଡପେ ମଣ୍ଡିତ ହେଲା ସ୍ୱଚ୍ଛ ଚନ୍ଦ୍ରାତପ ।
ଚନ୍ଦ୍ରାତପେ ନାନା ବର୍ଣ୍ଣ ପୁଷ୍ପ ମାଳ ମାଳ,
ଗୁଚ୍ଛ ଗୁଚ୍ଛ ଲମ୍ବି ଲମ୍ବ କଲେ ଶୋଭା-ଜାଳ ।
କୁସୁମ ସୁବାସେ ବାସମୟ ହେଲା ସ୍ଥଳ,
ଦିଗବ୍ୟାପୀ ନଭବ୍ୟାପୀ ହେଲା ପରିମଳ ।
ରତ୍ନପୀଠେ ରାମଚନ୍ଦ୍ର ହେଲେ ବିରାଜିତ,
ବାମଭାଗେ ହେଲେ ତାଙ୍କ ବୈଦେହୀ ରାଜିତ ।
ବଶିଷ୍ଠ ଉଠିଲେ କରେ ଧରି ତୀର୍ଥଜଳ,
ଢାଳିଲେ ଶ୍ରୀରାମ ଶିରେ ଉଚ୍ଚାରି ମଙ୍ଗଳ ।
ବାମଦେବ ଗଉତମ ସଙ୍ଗେ କାତ୍ୟାୟନ,
ଜାବାଲି କାଶ୍ୟପ ଆଦି ମହା ଋଷିଗଣ ।
ଅଭିଷିକ୍ତ କଲେ ରାମେ ଦେଇ ବାସବାରି,
ସୁଗମ୍ଭୀର ବେଦମନ୍ତ୍ରେ ମଙ୍ଗଳ ଉଚ୍ଚାରି ।
ପରେ ଅଭିଷେକ କଲେ ଋତ୍ୱିକ ବ୍ରାହ୍ମଣ,
ଅମାତ୍ୟ ବଣିକ ଆଦି ପୌରଜନଗଣ ।
ଚରମଚୁମ୍ବିତ ବେଣୀ କୁସୁମଭୂଷଣା,
ସ୍ୱର୍ଣ୍ଣଜରୀ-କୁସୁମିତ-ସୁରଙ୍ଗ ବସନା ।
ସୁକୁମାରୀ କୁମାରୀଏ ଧରି ସ୍ୱଚ୍ଛ ନୀର,
ସଲଜ୍ଜ ବଦନେ ସିକ୍ତ କଲେ ରାମ-ଶିର ।
ବଶିଷ୍ଠ ଶ୍ରୀରାମ ଭାଲେ ସିନ୍ଦୂର ଚନ୍ଦନ,
ଦେଇ କଲେ ମୁକୁଟରେ ମସ୍ତକ ମଣ୍ଡନ ।
ଶତ୍ରୁଘ୍ନ ଧଇଲେ ଛତ୍ର ସୁଗ୍ରୀବ ଚାମର,
ଚାମର ଢାଳିଲେ ପୁଣି ବିଶ୍ରବାକୁମର ।
ବେନି ପାର୍ଶ୍ୱେ ଉଭା ହେଲେ ଭରତ ଲକ୍ଷ୍ମଣ,
ବିଘ୍ନ ନାଶ ପାଇଁ ଧରି ଶର ଶରାସନ ।

ସମକ୍ଷେ କନକ-କୁମ୍ଭ ହୋଇ ସଂସ୍ଥାପିତ,
ସୁବର୍ଣ୍ଣପ୍ରଦୀପ ତେଜେ ହେଲା ପ୍ରଦୀପିତ ।
ଅଗ୍ରେ ଉଭା ନତଜାନୁ ପବନନନ୍ଦନ,
ଯୁଗ୍ମକରେ କଲା ରାମ-ଚରଣ ବନ୍ଦନ ।
ବାଜିଲା ଅସଂଖ୍ୟ ଶଙ୍ଖ ସୁଦୀର୍ଘ ନିଃସ୍ୱନେ,
ଘଣ୍ଟା ଗରଜିଲା ମୁହୁର୍ମୁହୁ ବିତାଡ଼ନେ ।
ବାଜିଲା ବିବିଧ ସ୍ୱରେ ଭେରୀ ବଂଶୀ ବୀଣା,
ଗାଇଲେ ସଙ୍ଗୀତ ବହୁ ସଙ୍ଗୀତପ୍ରବୀଣା ।
ନିନାଦିଲା ମନ୍ଦ୍ରନାଦୀ ମୃଦଙ୍ଗ ମର୍ଦ୍ଦଳ,
ସ୍ଥାନେ ସ୍ଥାନେ ନୃତ୍ୟ କଲେ ନଟ ଦଳ ଦଳ ।
ନାଚିଲେ ଦିକ୍‌ପାଳଗଣ କରି ମନ୍ଦ୍ର ନାଦ,
ଗିରିଦରୀ ନୃତ୍ୟ କଲା ପାଇ ସେ ସମ୍ବାଦ ।
ଉଲ୍ଲାସେ ନାଚିଲା ମହୀ ମଣ୍ଡି ସମୀରଣ,
କାନନରେ ନୃତ୍ୟ କଲେ ତରୁଲତାଗଣ ।
ଅରବିନ୍ଦବୃନ୍ଦ ନୃତ୍ୟ-ସରେ ଆନନ୍ଦରେ,
ଆନନ୍ଦ ନାଚିଲା ଜନ ହୃଦୟ-କନ୍ଦରେ ।
ପାତାଳରେ ନୃତ୍ୟ ସ୍ୱର-ବିମୁଗ୍ଧ ନାଗର,
ଊର୍ମି ତୋଳି ନୃତ୍ୟ କଲା ମହୋର୍ମି ସାଗର ।
ନାଚିଲା କଲ୍ଲୋଳ ବ୍ୟାଜେ ସରଯୂ ଜୀବନ,
ଗାଇଲା ସଙ୍ଗୀତ କରି କଳ କଳ ସ୍ୱନ ।
ବନ୍ଦୀଗଣ ମହୋଲ୍ଲାସେ କରି ଉଚ୍ଚ ରବ,
ଗାଇଲେ ଶ୍ରୀରାମ-କୀର୍ତ୍ତି ମହିମା ଗୌରବ ।
ଜୟତଦେବ ମନୁବଂଶ-ଅବତଂସ-ମଣି,
ଜୟ ଜୟ ରଘୁକୁଳ-କମଳ-ତରଣି ୧ ।
ବୀରଦର୍ପ ହର ହରଧନୁ-ବିଭଞ୍ଜନ,
ତଡ଼ିକା ତାଡ଼ିତ-ମୁନି-ମାନସ-ରଞ୍ଜନ ।
ଦୁର୍ଦ୍ଦମ-ଦାନବଦଳ-ଶଳଭ-ଅନଳ,
ସୁହୃଦୟ ସୁହୃଦ୍‌ବର ଧାର୍ମିକର ବଳ ।
ତ୍ରିଦଶ୨-ଦ୍ୱିଷତ୍୩-ଦଶ-ବଦନ-ମର୍ଦ୍ଦନ,
ଶୂର ସୁର ସୁତପଣ୍ଡ ଆନନ୍ଦବର୍ଦ୍ଧନ ।
ଜୟ ଲୋକ-ଅଭିରାମ ନୟନାଭିରାମ,
ମଙ୍ଗଳ କୁସୁମମୟ ସୁରମ୍ୟ ଆରାମ ।

୧ । ତରଣି—ସୂର୍ଯ୍ୟ । ୨ । ତ୍ରିଦଶ—ଦେବତା । ୩ । ଦ୍ୱିଷତ୍—ଶତ୍ରୁ ।

ବନ୍ଦୀବାକ୍ୟେ ଗାଇ-ତବ ସ୍ତବନ ଭାରତୀ,
ଏହି କାଳେ ଦେଉଅଛନ୍ତି ମଙ୍ଗଳ-ଆରତି ।
ବାଜୁ ଶଙ୍ଖ ବାଜୁ ଘଣ୍ଟା ମଙ୍ଗଳ ମଧୁର,
ଜୟ ରାମ ଜୟ ରାମ ପଡ଼ୁଯାଉ ଦୂର ।
ଧାତ୍ର ହେଉ ସମୁତ୍କୁଠ ବଦନମଣ୍ଡଳ,
ପ୍ରଫୁଲ୍ଲିତ ହେଉ ସୀତା ବଦନ-କମଳ ।
ଦିଅ ଏବେ ବ୍ରାହ୍ମଣଙ୍କୁ ଲକ୍ଷ ଲକ୍ଷ ଗାଈ,
ଦୁଗ୍ଧ ପିଇ ବୁଲୁଥିବେ ତୁମ୍ଭ ଗୁଣ ଗାଇ ।
ତ୍ରିଂଶ କୋଟି ସ୍ୱର୍ଣ୍ଣମୁଦ୍ରା ନଅନ୍ତୁ ତାପରେ,
ସୁକର୍ମନିରତ ଥିବେ ଉତ୍ତମ ରୂପରେ ।
ସୁଗ୍ରୀବଙ୍କୁ ଦିଅ ମଣିମୟ ସ୍ୱର୍ଣ୍ଣହାର,
ବୈଦୂର୍ଯ୍ୟ କେୟୂର ପାଉ ବାଳିର କୁମାର ।
ଚନ୍ଦ୍ରପ୍ରଭ ମୁକ୍ତାହାର ଦିଅ ପ୍ରିୟା କରେ,
ପ୍ରସନ୍ନେ ଦିଅନ୍ତୁ ସେ ତା ପବନକୁମରେ ।
ପାଶେ ଛନ୍ତି ଆଉ ଯେତେ ସେନାପତିଗଣ,
ଦିଅ ତାଙ୍କୁ ପଟ୍ଟବସ୍ତ୍ର କନକ-ଭୂଷଣ ।
ଉତ୍କଳୀୟେ ବସିଅଛନ୍ତି ଯୋଡ଼ି ବେନିକର,
ଆମ୍ଭ ପ୍ରତି ଯଥାଯୋଗ୍ୟ ଅନୁଗ୍ରହ କର ।

# ଗଦ୍ୟ / ଗଳ୍ପ

# ଉତ୍ସର୍ଗପତ୍ର

**ସ୍ୱର୍ଗୀୟ କବିବର ରାୟ ରାଧାନାଥ ରାୟ ବାହାଦୁର**

**ପବିତ୍ରହୃଦୟେଷୁ**

ଦେବ,

ଆପଣ ମୋତେ ଯେଉଁ ଅମୂଲ୍ୟ ବାତ୍ସଲ୍ୟ ଧନ ଦେଇ ଯାଇଅଛନ୍ତି, ଆପଣଙ୍କ ଜୀବଦ୍ଦଶାରେ ମୁଁ ତହିଁର କିଛିମାତ୍ର ପ୍ରତିଦାନ କରି ନ ପାରି ଋଣୀ ହୋଇ ରହିଅଛି । ମୁଁ ଜଣେ ଦୀନ ଅଥଚ ମୋହର ହୃଦୟ ମଧ୍ୟ ହୀନ । ପ୍ରତିଦାନର ଉପଯୁକ୍ତ ପଦାର୍ଥ ମୋଠାରେ ଥିବାର ଅସମ୍ଭବ । ଭାବିଥିଲି, "କୀଚକବଧ"କୁ ଆପଣଙ୍କ ନାମରେ ଉତ୍ସର୍ଗ କରି ହୃଦୟର କୃତଜ୍ଞତା ମାତ୍ର ପ୍ରତିଦାନ କରି କୃତକୃତାର୍ଥ ହୋଇଥାନ୍ତି । କିନ୍ତୁ ଆପଣଙ୍କ ପ୍ରଦତ୍ତ ମନ୍ତବ୍ୟ ତାହାର ଉତ୍କର୍ଷ ପରିଚାୟକ ଶିରୋଭୂଷଣ ଥିବାରୁ ଆପଣ ତାହା ଗ୍ରହଣ କରିବାକୁ କୁଣ୍ଠିତ ହେବେ ବୋଲି ତହିଁରୁ ବିରତ ହେଲି ।

ଆଜିକାଲି ଅନେକଙ୍କର ଧାରଣା ଯେ, ଅଧିକାଂଶ ଲୋକଙ୍କର ଉତ୍ସର୍ଗ ସ୍ୱାର୍ଥମୂଳକ । ସମ୍ପ୍ରତି ଆପଣ ସ୍ୱର୍ଗର ଦେବତା । ମୁଁ ସର୍ବସାଧାରଣଙ୍କ ଧାରଣାକୁ ସମର୍ଥିତ କରିବା ଅଭିପ୍ରାୟରେ ଏହି ମୂଲ୍ୟହୀନ "କବିତାକଲ୍ଲୋଳ" ରେ ଭବଦୀୟ ସ୍ୱର୍ଗୀୟ ଆତ୍ମାର ସନ୍ତର୍ପଣ କରୁଅଛି । ମୋହର ଭକ୍ତିର ଅନୁପାତରେ ଆପଣଙ୍କର ତୃପ୍ତି ହୋଇ ମହିମାଯୁକ୍ତ ନାମୋଚ୍ଚାରଣଦ୍ୱାରା ଏହା ପ୍ରତି ସାଧାରଣଙ୍କ ଦୃଷ୍ଟି ଆକୃଷ୍ଟ ହେଲେ ମୋହର ସ୍ୱାର୍ଥସିଦ୍ଧି ହେବ । ଇତି ।

ସମ୍ବଲପୁର
ଇଂ: ତା ୧୨ । ୩ । ୧୯୧୨

ଭବଦୀୟ ଚିରଭକ୍ତ
**ଶ୍ରୀ ଗଙ୍ଗାଧର ମେହେର**

# କବିତା କଲ୍ଲୋଳ

## ବେଦବ୍ୟାସ

*ବେଦବ୍ୟାସ ଗିରି ମଞ୍ଜୁ କୁଞ୍ଜମୟ,
ବେଦବ୍ୟାସ ପୂତ ଜନମ ନିଳୟ ।
କାନନକୁସୁମ ପରିଚୟୀ କାନନ—
ମଧରେ ଉତ୍କଳେ କରିଛି ଆସନ ।

ପୂର୍ବଭାଗେ ତାର ସୂତିକା କନ୍ଦର,
ବିବିଧ ପାଦପ ପ୍ରସୂନେ ସୁନ୍ଦର ।
ଭାରତମଣ୍ଡଳେ ଯଥା ନୀଳାଚଳ,
ହୋଇଅଛି ପୁଣ୍ୟନିଚୟେ ଉଜ୍ଜ୍ୱଳ ।

କଣ୍ଟାମାଳିଗିରି ପୁଷ୍ପବହୁଳତା,
ସଙ୍ଗେ ବାଦେ ରତ ତହିଁ କୁଞ୍ଜଲତା ।
ନିଜ ନିଷ୍କଣ୍ଟକ ବିଗ୍ରହ ଲମ୍ବାଇ,
ଦର୍ଶକଙ୍କ ଆଗେ ହେଉଛି ଦେଖାଇ ।

ଜମ୍ବୁନଦ କାନ୍ତି ଗୁରୁ ଗନ୍ଧାଫୁଲ,
ଶୋଭାବୃଦ୍ଧି ପାଇଁ ହୋଇଛି ପ୍ରଫୁଲ୍ଲ ।
ଶ୍ୟାମ କିଶଳୟ ପଟଳେ ତା ଦୃଶ୍ୟ,
ନୀଳନଭେ ରମ୍ୟ ତାରକା ସଦୃଶ ।

କେତେ ଅତିଥିଙ୍କ ନାମ-ମାଳା ବହି,
ସାଧୁଭାବେ ଅଛି କି ପାଦପ ରହି ।
ଯା କରେ ହୋଇଛି ଖୋଦିତ ବିଗ୍ରହ,
ତା ନାମ ଜପୁଛି ପ୍ରକାଶି ଆଗ୍ରହ ।

ନ ହୋଇ ବିଶାଳ ଉର୍ଦ୍ଧ୍ୱେ ଟେକି ମୁଣ୍ଡ,
ଶାଳ ତରୁଗଣି ହୋଇଛନ୍ତି ଲୁଣ୍ଡ ।
କୁସୁମ ଗୁମର ଗାଳନ୍ତି ସେ ସନ୍ତେ,
ଅତିଥି ହୁଅନ୍ତି ଯେ ତହିଁ ବସନ୍ତେ ।

କର୍କଶ ବିଗ୍ରହ ତିନ୍ଦୁକ ପାଦପ,
ଗୁପ୍ତ ଦେଉଅଛି ଉଚ୍ଛେ କରି ଦର୍ପ ।
ବାହାରେ କର୍କଶ ଦିଶିଲେ କି ହେବ,
ଉଚ୍ଛେ ସେ ରହିବ ଯେହୁ ଶାନ୍ତି ଦେବ ।

ମଧ୍ୟେ ମଧ୍ୟେ କେଳି କଦମ୍ବନିଚୟ,
ଉଠି ମଣ୍ଡିଛନ୍ତି ରମ୍ୟ ଶିଳୋଚ୍ଚୟ ।
ପ୍ରାବୃଟ ସମୟ ହେଲେ ସମାଗତ,
କୁସୁମାର୍ଘ ଧରି କରନ୍ତି ସ୍ୱାଗତ ।

ଗିରିପାଦେ ଗିରି ଗରବ ସମ୍ଭୂତ,
ଜଳେ ପୂର୍ଣ୍ଣ ବେଦବ୍ୟାସ ସ୍ନାନେ ପୂତ—
ସରସ୍ୱତୀ କୁଣ୍ଡୁଁ ବହେ ସରସ୍ୱତୀ,
କ୍ଷୀଣାଙ୍ଗୀ ଉତ୍କଳେ ଯଥା ସରସ୍ୱତୀ ।

ନିକଟରେ ଶଙ୍ଖ ସ୍ରୋତ ସଙ୍ଗ ପାଇ,
ଦେଉଅଛି ନିଜ ଜୀବନ ମିଶାଇ ।

* ଗାଙ୍ଗପୁର ରାଜ୍ୟର ନାଗରା ଜମିଦାରୀସ୍ଥିତ ଏକ ପର୍ବତ ।

ସଂସ୍କୃତ ଭାରତୀ ଉତ୍କଳେ ଯେସନ,
ମିଶ୍ରିତ କରିଛି ନିଜ ଅପଧନ ।
ଉତ୍ତର ଦିଗରୁ ବହିଆସି ଶଙ୍ଖ,
ଏଠାରେ ଲଭିଛି କୋଇଲିର ଅଙ୍କ ।
ଏକ ଅଙ୍ଗେ ଦୁହେଁ ଯାଉଛନ୍ତି ବହି,
ଟବନ 'ବ୍ରାହ୍ମଣୀ' ନାମଟିକୁ ବହି ।
ବିମିଶ୍ରିତ ହେଲେ ବିଭିନ୍ନ ବରଣ,
ଭିନ୍ନ ନାମ ସଦା କରନ୍ତି ଧାରଣ ।
ନଦୀରୁ ଦେଖିଲେ ବ୍ୟାସ ଜନ୍ମଦରୀ-
ସାନୁଦୃଶ୍ୟ ନିଏ ମନୋଦୁଃଖ ହରି ।
ଥିଲେହେଁ ଅନେକ ଗୁଳ୍ମ ମହୀରୁହ,
ଆବାଳ ବୃଦ୍ଧର ନୁହେଁ ଦୁରାରୁହ୍ୟ ।
ସରିତଶଯ୍ୟାରୁ ସାନୁବକ୍ଷ ଯାଏ,
ସୁରମ୍ୟ ସୋପାନପଂକ୍ତି ଶୋଭା ପାଏ ।
ତହିଁ ଟମତଳେ ମଣ୍ଡପ ଶୋଭିତ,
ତହୁଁ ଊର୍ଦ୍ଧ୍ୱେ ପୁଣି ସୋପାନ ଉତ୍ଥିତ ।
ବ୍ୟାସ ଜନ୍ମସ୍ଥଳେ ପ୍ରଶସ୍ତ ପ୍ରାଙ୍ଗଣ,
ଛାୟା ଦେଉଛନ୍ତି ତାକୁ ତରୁଗଣ ।
ତହୁଁ ଉପରକୁ ସୋପାନରେ ଚଳ,
ସାନୁଶିର ସୁଧା-ଲିପ୍ତ ସମତଳ ।
ପୁଣି ସୋପାନରେ ହୁଅ ସମୁତ୍ଥିତ,
ଶିଖର ମଣ୍ଡପେ ହେବ ଉପସ୍ଥିତ ।
ଏ ମଣ୍ଡପ ସାନୁ ମୁକୁଟ ସଦୃଶ,
ଦର୍ଶକ-ନୟନେ ଦୂରୁ ହୁଏ ଦୃଶ୍ୟ ।
ବେଦବ୍ୟାସଙ୍କର ଲଭି ସୁପ୍ରସାଦ,
*ଅନିରୁଦ୍ଧ ସହ ଚୈତନ୍ୟପ୍ରସାଦ ।
ପ୍ରସାଦର ଟନ୍ତ ସାଧାରଣ ଅର୍ଥେ,
କରି ଦେଇଛନ୍ତି ସାଧାରଣ ଅର୍ଥେ ।
ଜନଗଣ ମୁଖୁଁ ପାଇ ସେ ସମ୍ବାଦ,
କିଏ ବା ନ ଦେବ ତାଙ୍କୁ ଧନ୍ୟବାଦ ।
ଯାହା କରେ ହୋଇପାରେ ଲୋକହିତ,
ସ୍ୱାର୍ଥ ନ ଥିଲେହେଁ କରିବା ବିହିତ ।

ଲୋକହିତ-କର୍ମ ମାନବ ଧରମ,
ତାହା ସିନା ତାର ଉଦ୍ଦେଶ୍ୟ ପରମ !
ଲୋକହିତେ ଯେଉଁ ଲୋକ ଧନ-ପଣ-
ମନ ନିୟୋଗରେ ହୁଅନ୍ତି କୃପଣ,
ସେମାନେ କେବଳ ନିଜ ପାଇଁ ନର,
ଧର୍ମ ଜଗତର ଅପୁଚ୍ଛ ବାନର ।
ଏଠାରେ ମୋ ସ୍ମୃତି କଲା ସୁଧା ପାନ,
ଚଢ଼ି ବୁଢ଼ାରଜା ଶିଖରୀ-ସୋପାନ ।
ମନ ଗଲା ତାରା-ତାରିଣୀ ପୟରେ,
ପାବଚ୍ଛ ପଥରେ ଉଠି ନିର୍ଭୟରେ ।
ତହୁଁ ଜବେ ଯାଇ ପାପକ୍ଷୟ ଘାଟ,
ସୋପାନେ ନ୍ୟଗ୍ରୋଧ ତଳେ କଲା ନାଟ ।
ନ ପାରିଲା ପଶି ନୃସିଂହନାଥରେ,
ଗ୍ରୀଷ୍ମକାଳେ ଯହିଁ ଶୀତେ ତନୁ ଥରେ ।
ଦୁରାରୋହ ଗିରି ଚଢ଼ିବାକୁ ଡର,
ଅତିଥି ବିଶେଷେ ଧରେ ପୁଣି ଜ୍ୱର ।
ନାରଙ୍ଗ ରଙ୍ଗରେ ମନୋହର ବନ,
ତରୁରାଜି ଉଠି ଚୁମ୍ବନ୍ତି ଗଗନ ।
କରିବାକୁ ଡରି ଗିରି ବିଚରଣ,
ଦୂରୁ ପ୍ରଣମିଲା ନୃସିଂହଚରଣ ।
ପ୍ରଣମିଲା ହରିଶଙ୍କର ପୟରେ,
ବାହୁଡ଼ି ଆସିଲା କ୍ଷୋଭ ବିସ୍ମୟରେ ।
ମୁକୁଟ-ମଣ୍ଡପେ ଆସ ଏବେ ଯିବା,
ବ୍ୟୋମଯାନଚଢ଼ା ସୁଖରେ ମଜିବା ।
ତହିଁ ଥାଇ ଥରେ ବୁଲାଇ ନୟନ,
ମନେ କର ନବ ଭାବ ଆନୟନ ।
ଦୂରେ ଚଉଦିଗେ ଧରାଧରରାଜି,
ପ୍ରାଚୀର ପରାଏ ଅଛନ୍ତି ବିରାଜି ।
ଚକ୍ରବ୍ୟୂହ କି ତା ହୋଇଛି ରଚିତ,
ପାପ ଆକ୍ରମଣୁ ହେବାକୁ ରକ୍ଷିତ ।
କ୍ଷଣେ ରହି ପୁଣି ଘୁଞ୍ଚାଇ ଚରଣ,
ବେଘା ପରମ୍ପରେ କର ବିଚରଣ ।

* ଅନିରୁଦ୍ଧ ପଟେଲ—ଗାଙ୍ଗପୁର ରାଜ୍ୟର ଦେବାନ ଓ ଚୈତନ୍ୟପ୍ରସାଦ ଉଦ୍ଧିର ଜଣେ ଡାକ୍ତର ଅଟନ୍ତି ।

ନିଷ୍ଟପ୍ରେ ମନେସେ ହେବ ଅଭିଳାଷ,
କରିବାକୁ ମଧ୍ୟ ପ୍ରଦୋଷେ ବିଳାସ ।
ପୃଷ୍ଠଭାଗେ ଦେଖ ସୁରମ୍ୟ ଅଟବୀ,
ଘନ କିଶଳୟ ତରୁ ଶ୍ୟାମଛବି ।
କୃଷ୍ଣସାରଙ୍କର ପ୍ରିୟ ଲୀଳାସ୍ଥଳ,
ବିହରନ୍ତି ଯହିଁ ବିହଙ୍ଗପଟଳ ।
ମଧ୍ୟେ ପୁଷ୍କରିଣୀ କାନନ-ଦର୍ପଣ,
ଦେଖି କର ମନ ନୟନ ତର୍ପଣ ।
ଜଳେ ତାର ଶ୍ୱେତ ରକତ କୁମୁଦ,
ଫୁଟି ଦେଉଛନ୍ତି ମାନସକୁ ମୁଦ ।
ସେ କୁସୁମ ତହି ଥିବାରୁ ଅଳପ,
ସବୁଣା-ହ୍ରଦୟେ ପ୍ରକାଶ୍ୟ ତଳପ ।
ତାପରେ ଉତ୍ତର, ପୂରୁବ, ଦକ୍ଷିଣ-
ଦୃଶ୍ୟରେ କରାଅ ଦୃଷ୍ଟି ପ୍ରଦକ୍ଷିଣ ।
ସାନୁତଳ ଦେଶେ ଶ୍ରୀଚନ୍ଦ୍ରଶେଖର,
କୁସୁମବାଟିକା ମଧ୍ୟେ ମନୋହର ।
ସମୀପେ ଶଙ୍ଖର ଉଗ୍ରଖର ଧାର,
ନମୁଛି ଶଙ୍କର ପଦେ ବାରମ୍ବାର ।
ତା'ପରେ କୋଇଲି ପ୍ରବାହ ଗଭୀର,
ନିର୍ଭୟରେ ଯହିଁ ବିହରେ କୁମ୍ଭୀର ।
ମଧ୍ୟେ ଶୁଭ୍ର ବାଲି ତ୍ରିକୋଣପୁଳିନ,
ଅଗ୍ର-ସୂକ୍ଷ୍ମ ଶିର ଜଳେ କରେ ଲୀନ ।
ପୃଷ୍ଠଭାଗେ ତାର ତ୍ରିକୋଣ ଆକାର,
ବନଭୂମି ଅନ୍ତରୀପ ପରକାର ।
ଉଭୟ ପାର୍ଶ୍ୱରେ ଶୁଭ୍ର ବେନି ନଦୀ,
ବହନ୍ତି ଯେସନେ ଶତା ରାମାନନ୍ଦୀ ।
ଜୀବ ବ୍ରହ୍ମ ପ୍ରାୟେ ତଟିନୀଯୁଗଳ,
କେତେ ଦୂରୁଁ ବହିଆସି ଅନର୍ଗଳ,
ଏକ ହୋଇ ଏହି ପବିତ୍ର ଧାମରେ,
ଅଭିଖ୍ୟାତ ହେଲେ ବ୍ରାହ୍ମଣୀ ନାମରେ ।
କିବା ଶଙ୍ଖ ପୁଂସ କୋଇଲି ଯୋଷିତ,
ସଙ୍ଗମେ ବ୍ରାହ୍ମଣୀ ହୋଇଛି ଜନିତ ।
ଲମ୍ପଟ୍ୟ ଫଳର ଦେବା ପାଇଁ ସାକ୍ଷ୍ୟ,
ପାଷାଣ ସ୍ୱରୂପ ହୋଇ ସହସ୍ରାକ୍ଷ,
ଶଙ୍ଖ ଗର୍ଭେ ଛନ୍ତି ଯାଇ ସନ୍ନିକଟ,
ଦେଖ ନେତ୍ର ସବୁ ହେଉଛି ପ୍ରକଟ ।
ତହୁଁ ଦୃଷ୍ଟି ଯେବେ ବନ ଶିରେ ଚଳେ,
ଦେଖିବ ଅଦୂରେ ବ୍ରାହ୍ମଣୀ ଅଚଳେ,
ତରୁ ବକ୍ଷେ ତରୁ ତରୁ ତାର ବକ୍ଷ
ଭେଦି ଉଭା ହୋଇଛନ୍ତି ଲକ୍ଷ ଲକ୍ଷ ।
ଯା ସଙ୍ଗେ ଯାହାର ନାହିଁ ତାରତମ୍ୟ,
ସେ ବସୁଛି ଉଚ୍ଚେ ଥାଇ ଉଚ୍ଚତମ ।
ଏହିପରି ସିନା ସଂସାର-ଗହନେ,
ଉଚ୍ଚ ଉଚ୍ଚତର ହୋଇଛନ୍ତି ଜନେ ।
ମଧ୍ୟେ ରହିଅଛି କାନନ ପଥର,
ମାନବୀ ଆକୃତି ବ୍ରାହ୍ମଣୀ ପଥର ।
ବୃଷ୍ଟି ବିନା ଯେବେ ହୁଅନ୍ତି ଆକୁଳ,
ଅନାର୍ଯ୍ୟ କୃଷକ ସୀମନ୍ତିମାକୁଳ ।
ସେହି ମୂରତିର କରନ୍ତି ଅର୍ଚ୍ଚନା,
ବନଫୁଲେ କରି ସୁବେଶ ରଚନା ।
ମଖାଇ ସିନ୍ଦୂର କଜ୍ଜ୍ୱଳ ହଳଦୀ,
କର୍ଦ୍ଦମ ଗୋମୟ ଦେଇଥାନ୍ତି ଲଦି ।
ତାହେଲେ ଅଚିରେ ବରଷି ବାସବ,
ପ୍ରକ୍ଷାଳନ କରିଦିଅନ୍ତି ସେ ସବ ।
ଏଣୁ ସେ ମୂର୍ତ୍ତିକି ବୋଲନ୍ତି ଅହଲ୍ୟା,
ଇନ୍ଦ୍ର ମନ-ଲୌହ ଚୁମ୍ବକ ଅବଳା ।
ମୋହନାର ଗୃହିଁ ପାଷାଣ ମୂରତି,
ପାଶେ କି ପାଷାଣ ରୂପ ସୁରପତି ?
ଅଦ୍ୟାପି ଇନ୍ଦ୍ରଙ୍କ ଯାଇ ନାହିଁ ଆଶ,
ସୁରନାଥ ହୋଇ ସ୍ୱଭାବର ଦାସ ।
ସମ୍ମୁଖରେ ଦେଖ ଗୌତମ ପର୍ବତ,
ବନଲକ୍ଷ୍ମୀଙ୍କର ଶ୍ୟାମ ତମ୍ବୁ ବତ ।
ତା ପଛକୁ ସାନୁ ପୁଗଳ ବର୍ତ୍ତୁଳ,
ମୁଖଶାଳା ସହ ଦେଉଳର ତୁଳ ।
ତାଙ୍କ ପଛେ ରାଜେ ପରାଶର ଗିରି,
ଧରି ଦୃଷ୍ଟିରମ୍ୟ ନୀଳବର୍ଣ୍ଣ ଶିରୀ ।
ଥିଲା ପରାଶର ପୁଣ୍ୟାଶ୍ରମ ଖ୍ୟାତ,
ତେଣୁ ସେହି ନାମେ ହୋଇଛି ଆଖ୍ୟାତ ।

ଏହିଠାରୁ ଆସି ପରାଶର ଯତି,
ଭେଟିଲେ ବ୍ରାହ୍ମଣୀକୂଳେ ସତ୍ୟବତୀ ।
ସତ୍ୟବତୀ ପିତା ଥିଲେ ଦାସପତି,
ପାଶେ ରହିଅଛି ତାହାଙ୍କ ବସତି ।
ନାହିଁ ସିନା ତାଙ୍କ ନିବାସ ଆଗାର,
ରହିଅଛି ବାସଭୂମି ସ୍ତୂପାକାର ।
ଚତୁର୍ଦ୍ଦିଗେ ତାର ବେଢ଼ିଛି ପରିଖା,
ନିକଟକୁ ଯାଇ କର ତା ପରୀକ୍ଷା ।
ଅଦ୍ୟାବଧି ଦାସ ବଂଶଧରମାନେ,
ଅଛନ୍ତି ଏ ରାଜ୍ୟେ ବହୁପରିମାଣେ ।
ଚଡ଼ଖାଇ ଦେଖି ଯଦି "ବୋଲ" ସାନ,
କର୍କରେ ଭୁଲି କି କୋଣ୍ଡ ପାଷାଣ ।
ଦେଖ ଗୋବର୍ଦ୍ଧନ ପ୍ରଭାସ ପୁଷ୍କର,
ଯାହାଙ୍କ ମହତ୍ତ୍ୱ କଳନ ଦୁଷ୍କର ।
ପୁରାଣରେ ଅଛି ଯେ ରୂପ ଉଲ୍ଲେଖ,
ଆଜି କି ସେମାନେ ସେହିପରି ଦେଖ ।
ଦୃଷ୍ଟିଶକ୍ତି-ପ୍ରଦତ୍ତ ଦୃଷ୍ଟିଚକ୍ଷୁ ଲଭି,
ସାନକୁ ହିଁ ବଡ଼ ଦେଖିଥାନ୍ତି କବି ।
ବ୍ରାହ୍ମଣୀ ନଦୀର ଅପ୍ରଶସ୍ତ ଧାର,
କୁମାରୀ ନାବିକା କରୁଥିଲି ପାର ।
ମୁନି ଦାସସୁତା ନଉକାରେ ବସି,
ମୁଗ୍ଧ ହେଲେ ତାର ରମ୍ୟ ରୂପେ ରସି ।
ବାଞ୍ଛିଲେ ସଙ୍ଗମ ବିଧାନ ନ ହୁଡ଼,
ଅନ୍ଧକାର ପାଇଁ ସୃଜିଲେ କୁହୁଡ଼ ।
ଅଦ୍ୟାପି ଏଠାରେ ଗାଢ଼ କୁଜ୍ଝଟିକା,
ଶୀତ ପ୍ରାତେ ନିତି ରହେ ଦ୍ୱିଘଟିକା ।
ଯେ ପୁଣ୍ୟଭୂମିରେ ପର୍ବତ ବ୍ରାହ୍ମଣୀ,
ବ୍ରାହ୍ମଣୀ ହୋଇଛି ପଥର ରମଣୀ ।
ପବିତ୍ରସଲିଳା ସରିତ ବ୍ରାହ୍ମଣୀ,
ମୁନି ସେ ସ୍ଥଳକୁ ବ୍ରହ୍ମମୟ ମଣି,
ଦାସକନ୍ୟା ବୋଲି ନ କରି ବିଚାର,
ବ୍ରହ୍ମଜ୍ଞାନେ କଲେ ପୀରତି ସଞ୍ଚାର ।
ବ୍ରହ୍ମକ୍ଷଣେ କଲେ ବ୍ରହ୍ମରେତ ନ୍ୟାସ,
ଜାତ ହେଲେ ତହିଁ ବ୍ରହ୍ମବିଦ ବ୍ୟାସ ।

ତହିଁ ନବଜାତ ଶିଶୁ ବ୍ୟାସ-ମୁଖ,
ଭାରତ ଭାରତୀ ଉପେକ୍ଷିଲା ଦୁଃଖ ।
ଭକ୍ତ ପାଇଁ ଭକ୍ତ ପୀରତିପ୍ରବଣା,
ସଜାଡ଼ିଲା ନବ ନବ ତାରେ ବୀଣା ।
କୀର୍ତ୍ତିଦେବୀ କୀର୍ତ୍ତିମନ୍ଦିର ସାଜିଲେ,
ଯଶସ୍ୱୀଙ୍କ ପଥ ତହିଁ ବିରାଜିଲେ ।
ଚିରଂବନ୍ଧୁ ହୋଇ ପରମ ପ୍ରସନ୍ନ,
ହୃଦପଦ୍ମେ ତାଙ୍କ ସ୍ଥାପିଲେ ଆସନ ।
ବିଦ୍ୟାଧର କର-ମୁକ୍ତ ପୁଷ୍ପଚୟ,
ଆମୋଦିତ କଲା ସୂତିକା-ଆଳୟ ।
କେତେ ପୁଷ୍ପ ପଡ଼ି ବ୍ରାହ୍ମଣୀ ସଲିଳେ,
ବୀଚିପୃଷ୍ଠେ ବସି ଚଳିଲେ ସଲୀଳେ ।
କିନ୍ନରୀଏ ସୁର-କଣ୍ଠ-ରସାୟନ,
କଲେ ମଧୁମୟ ମଙ୍ଗଳ ଗାୟନ ।
ଜଳଦ ଆକାର ଧରି ଭକ୍ତିରସ,
ବୃଷ୍ଟି ଦାନ କଲା ଢୋଳି ବିହାୟସ ।
ଭବିଷ୍ୟତ ଦେବ ପର୍ବତ ଆକାରେ,
ଗଦା କଲେ ଗ୍ରନ୍ଥ ଭାରତ ଆଗାରେ ।
ଭାରତୀଭୂଷଣ ଉପାଦାନରାଶି,
ଅଇଲେ କୋଇଲି ସ୍ରୋତେ ଭାସି ଭାସି ।
ପର୍ବତ ସରିତ ଆଦି ତୀର୍ଥଗଣେ,
ଅନାଇଲେ ବ୍ୟାସେ ସତୃଷ୍ଣନୟନେ ।
ଘେନିଯିବା ପାଇଁ ତାଙ୍କୁ କୋଳକରି,
ପରସ୍ପରେ ହେଲେ ଉତ୍ତରୋତ୍ତର ।
ପରାଶର ଏଡ଼ି ତାହାଙ୍କ ଜଞ୍ଜାଳ,
ପୁତ୍ରେ ରଖିନେଲେ ନିଜେ କିଛି କାଳ ।
କାହିଁ ଜନ୍ମି ବ୍ୟାସ କେଉଁଠି ବଢ଼ିଲ,
କେତେ କେତେ ବେଦପୁରାଣ ଗଢ଼ିଲ ?
ଜନମ କାସାର ପଙ୍କଜ ଯେସନ,
ତେଜି କରେ ଦେବ-ମସ୍ତକେ ଆସନ ।
ଏ କ୍ଷୁଦ୍ର ଶଇଳଶୃଙ୍ଗେ ହୋଇ ଜାତ,
ହିମାଦ୍ରି ମସ୍ତକେ ଶୋଭି ହେଲେ ଖ୍ୟାତ ।
ଝରୀ ସୀମନ୍ତିନୀ ଲଭିଥାଏ ହୀରା,
ହୀରା ଦେଇ ପୁଣି କିଣିଆଣେ ଜିରା ।

ସେ ହୀରା ଶୋଭଇ ରାଜେନ୍ଦ୍ର ମୁକୁଟେ,
ତୁମ୍ଭେ ହେଲ ତଥା ଗିରିରାଜକୂଟେ ।
ପୂର୍ବାପର ସିନ୍ଧୁ-ଲହରୀ-ପଟଳ,
ଚୁମ୍ବୁଛନ୍ତି ସଦା ଯାର ପାଦତଳ,
ଘନରୂପେ ପୁଣି ଉଠି ବିହାୟସେ,
ସୁରାଗ ରଞ୍ଜନ କରନ୍ତି ଉରସେ,
ମନ୍ଦାକିନୀ ମୁକ୍ତା-ପ୍ରଭାଜୟୀ ନୀର,
ନିତି ଅଭିଷିକ୍ତ କରେ ଯାର ଶିର,
ହିର ବିଦାରିତ କଟିରାଜ ମୋତି—
ପଟଳ ଯା ଦେହେ ବିକାଶନ୍ତି ଜ୍ୟୋତି,
ସେହି ଗିରିରାଜ ହିମାଚଳଶ୍ରେଣୀ,
ହୋଇଥିଲେ ତୁମ୍ଭ କ୍ରୀଡ଼ାର ନିଃଶ୍ରେଣୀ ।
ସସାଗରାଧରା ଚତୁର୍ଦ୍ଦଶପୁର,
ନ ରହିଲେ ତୁମ୍ଭ ନୟନକୁ ଦୂର ।
ବିଶ୍ୱ ଥିଲା ତୁମ୍ଭ ସମକ୍ଷ ଗୋଲକ,
ଅବନୀମଣ୍ଡଳ ହସ୍ତ ଆମଳକ ।
ଅଜ୍ଞାବହ ଥାଇ ଅଷ୍ଟାଦଶ ସିଦ୍ଧି,
ପାଦତଳେ ଥୋଉଥିଲେ ସର୍ବନିଧି ।
ପାଇଥିଲେ ଯେଣୁ ସାୟୁଜ୍ୟ ଶର୍କର,
ମଣୁଥିଲ ଅନ୍ୟ ସବୁକୁ କର୍କର ।
ମହାଭାରତର ସଂଗ୍ରାମକୌଶଳ,
ଭ୍ରାତୃବିବାଦର ବିଷମୟ ଫଳ,
ପଶାଖେଳେ ଯେଉଁ ଦଶା ହୁଏ ଲାଭ,
କୁମନ୍ତ୍ରୀର ଥାଏ ଯେମନ୍ତ ସ୍ୱଭାବ,
ଧର୍ମପଥେ କେତେ ଭୀଷଣ ଆପଦ,
ହେଲେହେଁ ଧାର୍ମିକ ନ ଘୁଞ୍ଚାଏ ପଦ ।
ଅଧରମ ପଥ ପାଶେ ରତ୍ନସ୍ତୂପ,
ତା ପଛ କିଭଳି ଭୟଙ୍କର କୂପ ।
କିରୂପ ଗର୍ବୀର ଗର୍ବ ହୁଏ ଖର୍ବ,
ଗୋଟି ଗୋଟି କରି ଦେଖାଇଲ ସର୍ବ ।
ଶ୍ରୀକୃଷ୍ଣଙ୍କୁ କରି ବିଷ୍ଣୁ ଅବତାର,
ଦେଖାଇଲ ତାଙ୍କ ମହିମା ଅପାର ।
ସେ ଯେ ନ କରନ୍ତି ଜାତିର ବିଚାର,
କଲ ତାହା କେତେ ପ୍ରକାରେ ପ୍ରଚାର ।

ସରଳା ନିର୍ମଳା ଭାଗବତୀ ମତି,
ତହିଁ ଦେଖାଇଲ ଭଗବତପ୍ରୀତି ।
ଶୂଦ୍ର ହୋଇ ସୂତ ଥିବାରୁ ବିଦ୍ୱାନ,
ଦିଆଇଲ ମୁନିସମାଜେ ସମ୍ମାନ ।
ଗରବେ ମହତେ କଲେ ପରିହାସ,
କି ମହାମହିମ ବଂଶର ବିନାଶ ।
ତାହା ଦେଖାଇଲ ହୋଇ ଅକୁଣ୍ଠିତ,
ଧନ୍ୟ ଧନ୍ୟ ମୁନିପୁଙ୍ଗବ ପଣ୍ଡିତ ।
କିନ୍ତୁ ଯେ ତୁମ୍ଭର ଜନମ ଆଗାର,
ନ ପଡ଼ିଲା ତାର ନାମେ ଏକ ଗାର ।
ସଫଳ କଲ କି ବୋଲେ ଯା ସଂସାର,
ପ୍ରଦୀପର ତଳଦେଶ ଅନ୍ଧକାର ।
ପାଶେ ବାଷ୍ପରଥ କରୁଛି ଗମନ,
କରି ବ୍ରାହ୍ମଣୀର ବକ୍ଷ ବିକମ୍ପନ ।
ଲକ୍ଷ ଲକ୍ଷ ଯାତ୍ରୀ ଯାଉଛନ୍ତି ଚଳି,
ଲକ୍ଷ୍ୟ ନ କରନ୍ତି ତୁମ୍ଭ ଜନ୍ମସ୍ଥଳୀ ।
ଏ ଯେ ଶଙ୍ଖ ଗଙ୍ଗା ତ୍ରିଦଶବନ୍ଦନା
କୋଇଲି ଯମୁନା କଳିନ୍ଦନନ୍ଦନା ।
ସରସ୍ୱତୀ ମିଶି ପବିତ୍ର ତ୍ରିବେଣୀ,
ଏ ଭାବକୁ କେହି ନ ପାରନ୍ତି ଘେନି ।
ଶଙ୍ଖ ଗଙ୍ଗା ଘେନି ଶୋଭେ ଯେଣୁ ଉର,
ଏହି ରାଜ୍ୟ ନାମ ପରା ଗାଙ୍ଗପୁର ।
ଶ୍ରୀମୁଖୁ ନିଃସୃତ ହେଲା ନାହିଁ ତାହା,
ଏ ପବିତ୍ର ତୀର୍ଥ ଲୁଚିଗଲା ଆହା !
ହ୍ରସ୍ୱ ହେବ ବୋଲି ମହତ ଲକ୍ଷଣ,
ନିଜ ମହାତ୍ମ୍ୟ କି ନ କଲ ବର୍ଣ୍ଣନ ?
ଜାଣିଛନ୍ତି କିନ୍ତୁ ଆଦିମ ନିବାସୀ,
ପୂର୍ବପୁରୁଷଙ୍କ ଅସ୍ଥି ଧରି ଆସି,
ଏ ତ୍ରିବେଣୀ ଧାରେ ଦିଅନ୍ତି ମଜ୍ଜାଇ,
ବସନ୍ତ ସେମାନେ ଉଚ୍ଚସ୍ୱର୍ଗେ ଯାଇ ।
ଏହି ଯେ ସୁରମ୍ୟ ଶୁଭ୍ର ବାଲିକୁଦ,
ବାଲ୍ୟେ ଖେଳି ଯହିଁ ଲଭୁଥିଲ ମୁଦ ।
ଏହି ଯେ ନିକଟ ତଟ ତରୁଗଣ,
ସୁଜନଙ୍କୁ କରୁଛନ୍ତି ଆଲିଙ୍ଗନ ।

ନ ଥିଲେ କି ଧରି ପୁଷ୍ପ ସେ କାଳରେ,
ତୋଳୁ ନ ଥିଲ କି ଉଠି ସକାଳରେ ?
ପଡ଼ିଲେ ନବୀନ ଭାସ୍କର କିରଣ,
କରୁ ନ ଥିଲ କି ଏଥି ବିଚରଣ ?
ଏ ଯେ ସ୍ରୋତ ଲାଗି ରହିଛି ପାଷାଣ,
କରୁ ନ ଥିଲ କି ଏଥିଁ ବସି ସ୍ନାନ ?
ଏହି କୋକିଳାଦି ବିହଙ୍ଗମମାନେ,
ତୋଷୁ ନ ଥିଲେ କି ମନ ମଧୁଗାନେ ?
ଖେଳୁ ନ ଥିଲେ କି ଡେଇଁ ଡାଳେଡାଳେ,
ଥରେ ଥରେ ରହି ପତ୍ର ଅନ୍ତରାଳେ ?
ଆସୁ ନ ଥିଲେ କି ଏଠାକୁ ଭ୍ରମରେ,
ଏ କେଳିକଦମ୍ବ ପୁଷ୍ପକୁ ଭ୍ରମରେ ?
ସେହି ଯେ ସେ କୂଳ ପାଦପପଟଳ,
ସମୁତ୍ତୁଙ୍ଗେ ରହିଅଛନ୍ତି ଅଟଳ ।
ଦିନାନ୍ତ ଦ୍ୟୁମଣି କନକ କିରଣ—
କାନ୍ତ କରୁଛନ୍ତି ଅଙ୍ଗ ଆଭରଣ ।
ତଟଭୂମି ଦିଶୁଅଛି ହେମମୟ,
ନିଶ୍ଚେ ହେଉଥିବ ତୁମ୍ଭର ହୃଦୟ ।
ସେ ଯେ ବକଯୁଗ ବୁଲି ଅଳ୍ପ ନୀରେ,
ମତ୍ସ୍ୟ ଲୋଡ଼ୁଛନ୍ତି ପାଦ ଚାଳି ଧୀରେ ।
ସେ ଯେ ଚକ୍ରବାକ ଦମ୍ପତି ଆସିଲେ,
ସ୍ରୋତ ପାଶେ ଗାଢ଼ ପ୍ରେମେ ବିଳସିଲେ ।
ଏ ଦୃଶ୍ୟ ବା ପଡ଼ି ନ ଥିବ ଲୋଚନେ,
ନିରତ ଥିବାରୁ ଶାସ୍ତ୍ର ଆଲୋଚନେ ।
ବସନ୍ତ ସୁଧାଂଶୁ ଶୀତଳ କିରଣ,
ଝରି ଆଲିଙ୍ଗନେ ସ୍ନିଗ୍ଧ ସମୀରଣ ।
ବନଫୁଲ ମନମୋହନ ସୁଗନ୍ଧ,
ଆସୁ ନ ଥିଲେ କି ଭେଦି ତରୁରନ୍ଧ୍ର ?
ରମ୍ୟ କଦରିକାଶ୍ରମେ ବୁଲି ବୁଲି,
ବାଲ୍ୟ କଥା କେବେ ନ ଥିବ ତ ଭୁଲି ।
ଏ ସକଳ ବର୍ତ୍ତିଥିବ ସ୍ଥାନାନ୍ତରେ,
ଅନ୍ତର୍ଗତ ଭାବ ଯୋଡ଼ାଇ ଅନ୍ତରେ ।
ମତ୍ସ୍ୟଗନ୍ଧା ରୂପେ ଭୁଲିଥିଲା ମନ,
କରିବାକୁ ସେହି ଲଜ୍ଜା ପ୍ରଶମନ ।

ତୁମ ଆବିର୍ଭାବ କାଳରୁ ଚଞ୍ଚଳ,
ପିତା ଯଦି ଚଳିଥିବେ ଭିନ୍ନାଞ୍ଚଳ ।
ତୁମ୍ଭେ ତହିଁ ଛାଡ଼ିଥିଲେ ଏ ପ୍ରଦେଶ,
ଅକ୍ଷେପ୍ୟ ତୁମ୍ଭର ନୁହେ ସେ ସନ୍ଦେଶ ।
ନିଶ୍ଚେ ଲେଖିଅଛ କଉଣସିଠାରେ,
ନ ଖୋଜିଲୁ ପଡ଼ି ଅଜ୍ଞତା-ଅଠାରେ ।
ଶାସ୍ତ୍ର ଲୋଡ଼ିବାକୁ ଅବସର ନାହିଁ,
ପେଟ ପାଇଁ ବୋଲୁଅଛୁଁ ହାହି ହାହି ।
ଅପ୍ରକାଶ ନୁହେ ଏ ତୀର୍ଥ କେବଳ,
ଏହିରୂପେ ରହିଅଛି ବହୁ ସ୍ଥଳ ।
ତପୋପୂତା ପୃଥ୍ୱୀର ପୂତୋପଳ,
ଯହିଁ ରାଜେ ରାମ ଶ୍ରୀପଦ-କମଳ ।
ପାପ-କ୍ଷୟ-କର ପାପ-କ୍ଷୟ-ଘାଟ,
ମୁକ୍ତ-ପାପ ଯହିଁ ଉତ୍କଳ-ସମ୍ରାଟ ।
ପାପ ଅପସରି ଯେଠାରେ ରହିଲା,
ସାକ୍ଷ୍ୟଦେବା ପାଇଁ ରହିଛି "ରହିଲା" ।*
ବରଦାଶଙ୍କର ରହି ନିଦର୍ଶନ,
କରୁଛନ୍ତି ସେହି ସ୍ଥାନ ପ୍ରଦର୍ଶନ ।
ପରଶୁରାମଙ୍କ ପ୍ରିୟ ବାସସ୍ଥଳ,
ସିଦ୍ଧନିସେବିତ ମହେନ୍ଦ୍ର ଅଚଳ ।
ଉପ୍ତବୀଜ ରୂପେ ଛନ୍ତି ଏ ସକଳ,
ଲଭି ନାହିଁ କବିମାଲ୍ୟ ହସ୍ତଜଳ ।
କିବା ନୀଳାଚଳ ନିକଟବର୍ତ୍ତିତ୍ୱ,
କରୁଅଛି ତାଙ୍କୁ ତହିଁରୁ ବଞ୍ଚିତ ।
ଚନ୍ଦ୍ର ପାଶେ ଯଥା ତାରକାମଣ୍ଡଳ,
ନ ପାରନ୍ତି କରି ପ୍ରତିଭା ପ୍ରବଳ ।
କହିଛ, "ସକଳ ତୀର୍ଥ ଯେନ ହରି,
ଅଛନ୍ତି ଉତ୍କଳ ଦେଶେ ବିଜେ କରି ।"
ତୁମ୍ଭେ ଚିରଜୀବୀ ହରିପ୍ରିୟ ଦାସ,
ନିରତେ ରହିଛ ଶ୍ରୀହରିଙ୍କ ପାଶ ।
ତୁମ୍ଭେ ଥାଉଁ ଥାଉଁ ଆମ୍ଭର ଏ ଦଶା,
ଲୋକେ ପାଉଅଛୁଁ କେତେ ଲୋକହସା ।
ଏ କି ଉତ୍କଳର କପାଳର ଦୋଷ,
ଅଦ୍ୟାପି ରହିଛି ବଧି ଅସନ୍ତୋଷ ।

* ମହାନଦୀକୂଳସ୍ଥ ଏକ ଗ୍ରାମ ।

ନ ହେଲେ କି ଥାଉଁ ଥାଉଁ ସ୍ୱକ୍ଷମତା,
୧ ଶ୍ରୀରାମଚନ୍ଦ୍ରଙ୍କ ନୂହନ୍ତା ମମତା ?
୨ ବାସୁଦେବ ଦେବ ଅବନୀଭୂଷଣ,
ଅକାଳେ ଲୋଡ଼ନ୍ତେ ସ୍ୱର୍ଗର ଆସନ ।
ରାଜାଳୟେ ଜନ୍ମି ଶ୍ରୀ ଚନ୍ଦ୍ରଶେଖର,
ଆଳୟ ହୁଅନ୍ତେ ଦାରିଦ୍ର୍ୟ ଦୁଃଖର ।
ରାଧାନାଥ ହୋଇ ଚିରରୁଗ୍ଣକାୟ,
ନେଇଥାନ୍ତେ ଇହଧାମରୁ ବିଦାୟ ।
ଏତେ ଏତେ ରାଜା ବିଳାସିତାପ୍ରିୟ,
ବ୍ରାହ୍ମଣେ ପାଚକ ଯାଚକ ନିଷ୍କ୍ରିୟ ।
ସୌଭାଗ୍ୟ ଥିଲେ କି ଏ ବିପାକ ଘଟେ,
ଭଲ ଲେଖା ନାହିଁ ଏହା ଭାଲପଟେ ।
ନା ନା ଏହା ମୋର ବୁଝିବା ଭରମ,
ଦେବୀ କହିଦେଲେ ସକଳ ମରମ ।
ସେହି ପରାଶର ସେହି ଗଉତମ,
ଜାଣନ୍ତି ଏ ସ୍ଥଳ ପବିତ୍ର ଉତ୍ତମ ।
ନିତି ଆସି ଏଥି କରୁଛନ୍ତି ସ୍ନାନ,
କରୁଛନ୍ତି ବେଦବ୍ୟାସ ବେଦଗାନ ।
ରହିଛନ୍ତି ସ୍ନେହ ବହି ସତ୍ୟବତୀ,
ବ୍ୟାସବିମୋହିନୀ ଅହଲ୍ୟା ଯୁବତୀ ।
ଅହଲ୍ୟାଙ୍କ ପଦସ୍ପରଶ ଲାଳସେ,
ଅଙ୍ଗ ହୋଇଛନ୍ତି ଇନ୍ଦ୍ର ପ୍ରୀତି ବଶେ ।
ମୁନିମାନେ ନିଜ ନିମନ୍ତେ ଏ ସ୍ଥଳ,
ରଖିଛନ୍ତି ଶାସ୍ତ୍ରେ ନ କରି ଚହଳ ।
ବିଜ୍ଞାନବିନୋଦ ବିଜ୍ଞ ବିଜ୍ଞପ୍ରିୟ,
ବିଜ୍ଞ ଦେଖି ବାଣୀ ସୁଧା ଢାଳିଦିଅ ।

ହେ ସଚ୍ଚିଦାନନ୍ଦ ତ୍ରିଭୁବନ ରାଜା,
ଶୁଭିଲାଣି ତୁମ୍ଭ ବାଣୀ-ବୀଣା ବାଜା ।

ତୁମ୍ଭ ଅନୁରୂପ ଅବରଜଗଣ,
ଭାରତ ଭାରତୀ ଭବେ ବିଚକ୍ଷଣ ।

ଗଙ୍ଗବଂଶ-ପଦ୍ମରାଗମଣି ଗର୍ଭେ
ଜନମିଛ ପଦ୍ମରାଗ-ମଣି ସର୍ବେ ।

ପ୍ରଟାନପାଟରେ ବସନ୍ତନିବାସ,
ନିର୍ମାଣିଛ ତାହା ଦେଖିଲେଣି ବ୍ୟାସ ।

ପ୍ରପାତ-ଶୀକର-ବାହୀ ସମୀରଣ
କରୁଅଛି ତହିଁ ସଦା ବିଚରଣ ।

ଅଟବୀ ଅଚଳ ଘନଶ୍ୟାମ କାନ୍ତି,
ନେନେ ଦେଉଛନ୍ତି ମଧୁମୟ ଶାନ୍ତି ।

ତୁମ୍ଭ ଆମନ୍ତ୍ରଣେ ବ୍ୟାସେ ଲଭି ତୋଷ,
ବସିବେ ସେ ପୁରେ ଫେଇ କାବ୍ୟକୋଷ ।

କୃପାମୟ ଦେବ ପ୍ରତିଭା-ବିନୋଦ,
କବି ବୁଧ ଦେଖି ଲଭିଥାଅ ମୋଦ ।

ଶ୍ରୀ କିଶୋରଚନ୍ଦ୍ର ତାଳଚେରପତି
କୀର୍ତ୍ତିକି ମଣୁଛ ପ୍ରଧାନ ସମ୍ପତ୍ତି ।

ଆଶା ହେଉଅଛି ତୁମ୍ଭେମାନେ ମିଳି,
ଉତ୍କଳ-ଦୁର୍ଦ୍ଦଶା-ଦ୍ୱାର ଦେବ କିଳି ।

ଉତ୍କଳ-ଜନନୀ ଯୋଗ୍ୟତମ ସୁତ,
ଶ୍ରୀ ମଧୁସୂଦନ ସର୍ବଗୁଣଯୁତ,
ଫିଟାଇବେ ପରା ସୌଭାଗ୍ୟର ପଥ,
ସେପରି କାର୍ଯ୍ୟକୁ ସେ ଏକା ସମର୍ଥ ।

# ଚନ୍ଦ୍ର-ରଜନୀ

୧

ପୂର୍ଣ୍ଣିମା ପ୍ରଦୋଷେ ପୂର୍ଣ୍ଣଚନ୍ଦ୍ର ଆଗମନ,
ଗୃହିଁ ତରତରରେ ସଜ ରଜନୀ ରମଣୀ;
ଲଲାଟେ ଯେମନ୍ତ ଶୁକ୍ର ଉଜ୍ଜ୍ୱଳ ରତନ,
କର୍ଣ୍ଣଯୁଗେ ଧ୍ରୁବାଗସ୍ତ୍ୟ ମନୋହର ମଣି ।
ଗଙ୍ଗାଧରେ ମନ୍ଦହାସ କରି ପରକାଶ,
ଦେଖାଇଲା ସୁବିମଳ ପ୍ରସନ୍ନ ବଦନ;
ହୃଷ୍ଟପୁଷ୍ଟ କଳେବରେ ଉଜ୍ଜ୍ୱଳ ଆକାଶ,
ଚନ୍ଦ୍ର ହିଁ କୋମଳ କରେ କଲେ ଆଲିଙ୍ଗନ ।
ମଧୁରେ ମଧୁର ମିଶି ହେଲା ମଧୁମୟ,
ଏ ଯୋଗ ମିଳଇ ହେଲେ ସୌଭାଗ୍ୟସମୟ ।

୨

କୁସୁମ-କୋମଳ ତନୁ ରଜନୀ ଧୀମର,
କାନ୍ତ କର ସ୍ପରଶରେ ହେଲା କଣ୍ଟକିତ;
ପ୍ରେମ ଉଚ୍ଛୁଳିଲା ହୃଦ-ସାଗର ଗମ୍ଭୀର,
କକୁଭ କପୋଳ ହେଲା କାନ୍ତି ବିଭୂଷିତ ।
କିଶୋରୀ କିଶୋର ଲଭି ସଙ୍ଗ ପରସ୍ପର,
କଲେ ନିଜ ନିଜ ପୂର୍ଣ୍ଣ ଶୋଭାର ବିକାଶ;
ଶୋଭାରେ ମଣ୍ଡିତ ହେଲା ବିଶ୍ୱ ଚରାଚର,
ଜଳ ସ୍ଥଳ ସହିତରେ ଅବନୀ ଆକାଶ ।
ସେ ଶୋଭାର ଉପମାକୁ ବିଶ୍ୱେ ନାହିଁ ସ୍ଥାନ,
ମୁକୁତାକୁ ଗରଗଣ୍ଡ କେ କରେ ସମାନ ।

୩

ସେ ଶୋଭାରେ ଉଲ୍ଲସିଲା ପାଷାଣ-ହୃଦୟ,*
ଜଳାଶୟେ ଉଲ୍ଲସିଲା କୁମୁଦ କାନନ;
ଧରାଧରେ ଉଲ୍ଲସିଲା ଓଷଧିନିଚୟ,
ଗଗନେ ଉଲ୍ଲାସମୟ ଚକୋର ଗାୟନ ।
ଜନପଦେ ପୁରେ ପୁରେ ପ୍ରଦୀପ ଉଲ୍ଲାସ,
ଉଲ୍ଲସିତ ଦେବାଳୟ ଶଙ୍ଖଘଣ୍ଟା ସ୍ୱନେ;
ହୃଦୟେ ହୃଦୟେ ମହାଉଲ୍ଲାସ ବିକାଶ,
ଉଲ୍ଲାସେ ଖେଳନ୍ତି ଠାବେ ଠାବେ ଶିଶୁଗଣେ ।
ଉଲ୍ଲାସ ନେଇଛି କରି ବିଶ୍ୱ ଅଧିକାର,
ପ୍ରବଳର ଆଧିପତ୍ୟ ସର୍ବତଃ ସ୍ୱୀକାର ।

୪

ବାଟରେ ଗଉଡ଼ ବେଣୁ ବଜାଇ ବଜାଇ,
ଧାଇଁ ଧାଇଁ ହମ୍ବାରବ କରି ଗୋରୁମାନେ;
ବାଛୁରି ଗୋଶାଳେ ଲଞ୍ଜ ହଲାଇ ହଲାଇ,
ହୁଚୁକ ହୁଚୁକ ହୋଇ ରତ କ୍ଷୀର ପାନେ ।
ହାଟରୁ ହଟାରି ଫେରି ଗୀତ ଗାଇ ଗାଇ,
ଘାଟରୁ କେଉଟ ଆସି ପ୍ରଫୁଲ୍ଲ ବଦନେ;
ନାଟ୍ୟଶାଳେ ନଟ ହସ୍ତ ଖେଳାଇ ଖେଳାଇ,
ନବରଙ୍ଗେ ନାଚି ଗୃହିଁ ବଙ୍କିମ ନୟନେ ।
ଆନନ୍ଦ ପ୍ରକଟ କଲେ ବିବିଧ ମଜାରେ,
କୋଲାହଳ ପଡ଼ିଗଲା ଆନନ୍ଦ ବଜାରେ ।

୫

"ନିର୍ମଳ ଚନ୍ଦ୍ରମଣ୍ଡଳ ପରତେ ବିରାଜ",
ଚନ୍ଦ୍ର ଗୃହିଁ ମୁଦେ ଗାଏ କେ ରସିକବର;
"ହସେ ଯଥା ଦର୍ପକ ଦର୍ପଣ ଥିଲେ ମାଜ",
ଗାଏ ତାର ପଛେ ପୁଣି ପ୍ରିୟ ସହଚର ।
"ଗୃହିଁ କୁମର କାତର" ବୋଲଇ ପ୍ରଥମ,
ଦ୍ୱିତୀୟ ରସିକ କରି ସୁଲଳିତ ସ୍ୱର;
ଉଚ୍ଚାରେ ଚତୁର୍ଥ ପାଦ ଗାଇ ମନୋରମ,
"ଲେଖି ଆରମ୍ଭିଲା ବସି ବିନୟ ପତର ।"
ବୁଲନ୍ତି ଯୁବକଯୁଗ ସୁଧାଂଶୁ କିରଣେ,
ଭଞ୍ଜକବି ବିରଚିତ ପଦ କରି ମନେ ।

୬

କୌମୁଦୀ କୋମଳ ବପୁ କୁମାରୀଙ୍କ ଦଳ,
ନାନା ରଙ୍ଗେ ଯୋଡ଼ାଯୋଡ଼ି ଗୀତ ଗାଇ ଗାଇ;

*ଚନ୍ଦ୍ରକିରଣରେ ଚନ୍ଦ୍ରକାନ୍ତ ମଣି ଦ୍ରବିବା ସୁପ୍ରସିଦ୍ଧ ।

ଖେଳାଇ ଅଞ୍ଜନାଞ୍ଚିତ ନୟନ ଚଞ୍ଚଳ,
କେତେବା ଖେଳନ୍ତେ ଖେଳ ବସି ଉଠି ଧାଇଁ
କର ଚରଣରେ ବାଜି ମଞ୍ଜୁ ଅଳଙ୍କାର,
କରୁଥାନ୍ତି ସମ୍ମୋହନ ଦାନର ବ୍ୟଞ୍ଜନା;
ଅଯତନବଦ୍ଧ ଖୋସା ଫିଟି ଅବା କା'ର,
ପାଉଥିଲା କୁମାରୀର ମଧୁର ଗଞ୍ଜନା ।
ଉଲ୍ଲାସ ନଦୀରେ ହେଉଥିଲା ପ୍ରବଳ ଲହରୀ,
ଖେଳନ୍ତି ବାଳାଏ ତହିଁ ପହଁରି ପହଁରି ।

୭

ରାଜପୁରେ ରାଜସୁତା ସଖୀ ସଙ୍ଗେ ଖେଳେ,
ସାମନ୍ତ ଭବନେ ତଥା ସାମନ୍ତନନ୍ଦିନୀ;
ପ୍ରଜାପୁରେ ପ୍ରଜାସୁତା ପ୍ରଜାସୁତା ମେଳେ,
ଚନ୍ଦ୍ରମା କିରଣେ ହେଲା ଖେଳ ବିନୋଦିନୀ ।
କୁମାରୀ କୋମଳକଣ୍ଠୁ ମଧୁର ବଚନ,
ସୁଧାକର ସୁଧାକରେ ମିଶି ମନୋହର;
ମୂଲ୍ୟ ତାର ତ ବୁଝନ୍ତି ଅଭାବୁକ ଜନ,
ଯେ ବୁଝଇ ତାକୁ ତାହା ଅତି ପ୍ରୀତିକର ।
ବୃନ୍ଦାବନେ ହେଉଥିଲା ମୁରଲୀ ନିଃସ୍ୱନ,
ଆନ କେ ବୁଝିଲା ତାହା ଛାଡ଼ି ଗୋପୀଗଣ ।

୮

ରାଜା ରାଜକାର୍ଯ୍ୟ ସାରି କଟି ସଳଖାଇ,
ବିଚରଣ କଲେ ଥରେ ଚାହିଁ ଚନ୍ଦ୍ରକର;
ପାଠକ ଫିଟାଇ ପୋଥି ଡାକି ସହାଧ୍ୟାୟୀ,
ବୋଲେ ଦେଖ ଭାଇ ପଢ଼ାଯାଉଛି ଅକ୍ଷର ।
କ୍ଷେତ୍ରରୁ କୃଷକ ଆସି ପୁତ୍ର କୋଳକରି,
ଚନ୍ଦ୍ରକରେ ବୁଲି କରେ ବଦନ ଚୁମ୍ବନ;
ଜନନୀ ରୋରୁଦ୍ୟମାନ ପୁତ୍ର କାଖେ ଧରି,
ଜହ୍ନମାମୁଁ ଡାକେ କରି ପ୍ରିୟ ସମ୍ଭାଷଣ ।
ଶିଶୁ ହିଁ ଚନ୍ଦ୍ରମା ଚାହିଁ ଲଭଇ ଆମୋଦ,
ଦିବ୍ୟରୂପେ ନ ହୁଅଇ କାହାର ବିନୋଦ ।

୯

ପଥିକ ଚାଲଇ ପଥଶ୍ରାନ୍ତି ତେଜି ମନୁ,
ବରଞ୍ଚ ଆନନ୍ଦେ ତାର ହୃଦୟ ପ୍ଳାବିତ;
କୌମୁଦୀ-ସ୍ରୋତରେ ଯେହ୍ନେ ଭାସୁଅଛି ତନୁ,
ମନେ ମନେ ଗାଉଥାଏ ମନୋମତ ଗୀତ ।
ଫୁଟି ଯାଉଥାଏ କାହା ଅସ୍ଫୁଟ ଗାୟନ,
ଲାଜବଶେ ଧୀରେ ପୁଣି ସୁକଣ୍ଠର ବୀଣା;
କାହାର ସମୁଚ୍ଚସ୍ୱର ଭେଦଇ ଗଗନ,
ତହିଁ ସଙ୍ଗେ ବାଜୁଥାଏ ବିଦଗ୍ଧ ନାଗରୀ ବୀଣା ।
କାହିଁ ଗୋରୁ ଚାଲୁଥାଏ ମୁଦେ ଟାଣି ଗାଡ଼ି,
ଚାଳକ ଗାଉଛି ଗୀତ ସ୍ଥିର କରି ବାଡ଼ି ।

୧୦

ଯାତ୍ରିଦଳ ଚାଲୁଥାନ୍ତି ଆନନ୍ଦରେ ଭାସି,
ଉଚ୍ଚେ କେହିବୋଲେ,"ଜୟ ଜଗନ୍ନାଥଜୟ";
ତହିଁ ସଙ୍ଗେ ଆଉମାନେ ସେହିପରି ଭାଷି,
କରୁଥାନ୍ତି ଜଗନ୍ନାଥ ପାଦେ ମନ ଲୟ ।
ବିଲରେ କୃଷକ ଥାଇ ସେ ଶବଦ ଶୁଣି,
ବୋଲିଦିଏ ଥରେ, "ଜୟ ଜଗନ୍ନାଥ ଜୟ";
ଦ୍ୱିଗୁଣ ଉଚ୍ଚରେ ସେହି ଯାତ୍ରିଦଳ ପୁଣି,
ଆନନ୍ଦେ ବୋଲନ୍ତି, "ଜୟ ଜଗନ୍ନାଥ ଜୟ ।"
ଜଗନ୍ନାଥ ଜୟ ସ୍ୱର ପୁଣି ଶୁଭେ ଦିଶେ,
ତରୁଲତା ଜଗନ୍ନାଥ ରଟୁଥାନ୍ତି କି ସେ ?

୧୧

ପକ୍ଷୀଟିଏ ଶୋଇଥାଏ ଊର୍ଦ୍ଧ୍ୱେ ଟେକି ପଦ,
ସ୍ୱରଗ ପଡ଼ିଲେ ମାଡ଼ି ତନୁରକ୍ଷା ପାଇଁ;
ଦେଖ କେଡ଼େ ସାବଧାନ ଜଗିଛି ଆପଦ,
ସ୍ୱରଗ ପଡ଼ିଲେ ସୁଦ୍ଧା ଭୟ ତାର ନାହିଁ ।
"କେକେରେ, କେକେରେ" ରାବ ଟେଣ୍ଟୋଇ ଗଗନେ,
ବୁଲୁଥାଏ ପଥିକର ପରତେ ଜିଜ୍ଞାସି;
ପଥିକ ଉତ୍ତର ଦେଇ ବିହଙ୍ଗ ପ୍ରଶ୍ନେ,
ଚାଲିଯାଏ "ଶ୍ରୀରାମଙ୍କ ଲୋକ" ବୋଲି ଭାଷି ।
ବିହଙ୍ଗ ହିଁ ଚାଲିଯାଏ ତହୁଁ ଦିଗନ୍ତର,
ରାମ ନାମ ଦୃଢ଼ ହୁଏ ହୃଦୟେ ପାନ୍ଥର ।

୧୨

କୃଷ୍ଣସାରଗଣ ବଧୂ ଶାବକ ସହିତ,
ଶସ୍ୟକ୍ଷେତ୍ର ଲକ୍ଷ୍ୟକରି କରନ୍ତି ଗମନ;
ଗତିପଥେ କରି କେବେ ବଚନ ଫଳିତ,
ଚୌଦିଗେ ଫେରାନ୍ତି ଚାରୁ ଚକିତ ଲୋଚନ ।
ଥରେ ଥରେ ଆଚମ୍ବିତେ ହୋଇ ଚମତ୍କୃତ,
ଉଆଁନ୍ତି ବିଚିତ୍ର, କରି ଗଗନ ମଣ୍ଡନ;

ଥିବାରୁ କି ମୃଗଧର ପୂର୍ବପରିଚିତ,
ଲୋଡ଼ନ୍ତି ସହସା ଭୟେ ତଦୀୟ ଶରଣ ।
ସବୁଠାରେ ଦେଖାଯାଏ କ୍ଷୁଦ୍ରର ଏ ଦଶା,
ପାଉ ବା ନ ପାଉ ଫଳ ମହତେ ଭରସା ।

୧୩

ଅଦ୍ୱିଜ ବାଦୁଡ଼ିଗଣ ଶମ୍ବୁକର ପରି, *
ତରୁଡ଼ାଳେ ଝୁଲୁଥିଲେ ହୋଇ ନିମ୍ନମୁଖ;
ରଜନୀ ଆଗମ ଦେଖି ଦ୍ୱିଜଭାବ ଧରି,
ଚୌଦିଗେ ଭ୍ରମଣକଲେ ହୃଦେ ଭରି ସୁଖ ।
ପେଟୁକ ବ୍ରାହ୍ମଣ ପରି କରି ଉଦଗୀରଣ,
କଲେ ନବ ନବ ଫଳ ପଲ୍ଲବ ଆହାର;
ଗ୍ରାମେ ଗ୍ରାମେ ଘରେ ଘରେ ଲଭିଲେ ଭୋଜନ,
କଞ୍ଚା ହେଉ ପକା ହେଉ ଯା ଥିଲା ଯାହାର ।
ଅଦ୍ୱିଜର ହୋଇପାରେ ଦ୍ୱିଜ ପରାକ୍ରମ,
ଜଗତରେ ରୁଧ୍ୟ ନୁହେ ପ୍ରକୃତିର ଧର୍ମ୍ମ ।

୧୪

ପୃଥୁଳ ବିଗ୍ରହ ବିଧୁ ମୃଦୁ ମନୋହର,
ବିଧିରେ ଉଠିଲା ତାଙ୍କ ଊର୍ଦ୍ଧ୍ୱକୁ ଆସନ;
କର ଦେଇ ଦେଇ ହେଲେ କୃଶୁ କୃଶତର,
କିନ୍ତୁ ବେଳୁଁ ବେଳ ହେଲା କାନ୍ତି ବରଧନ ।
ଉଚ୍ଚକୁ ଉଠିଲେ ସାଧୁ ହୁଅଇ ଭାସ୍ୱର,
ସ୍ୱଭାବତଃ ସୂକ୍ଷ୍ମତର ହୁଏ ତାର ମନ;
ଲୋକହିତ ପାଇଁ ଦାନେ ନ ହୁଏ କାତର,
ସେହି ଗୁଣେ ଗଣ୍ୟମାନ ଚନ୍ଦ୍ର ମହାଜନ ।
ଚନ୍ଦ୍ରର ସହିତ ଏକା ଚନ୍ଦ୍ରର ତୁଳନ,
ଗଗନର ତୁଲ୍ୟ ଯଥା ଅଟଇ ଗଗନ ।

୧୫

ଏହି ଚନ୍ଦ୍ର ଥାଇ ଦିନେ ପ୍ରଭାକର ଘରେ,
ନିଜର ପ୍ରଭାବ ସବୁ କରିଥିଲେ ନାଶ;
ମୃତ ଜ୍ଞାନ କରି ତାଙ୍କୁ କେତେକ ବା ନରେ,
ଦୁଃଖ ପ୍ରଦର୍ଶନ କଲେ କରି ଉପବାସ ।†
ହେଲେ ଦିନୁ ଦିନ ତହୁଁ ଯେତିକି ଅନ୍ତର,
ତେତିକି ପ୍ରଭାବ ହୋଇ ଆସିଲା ବିକାଶ;
ପୂର୍ଣ୍ଣ ଦୂରେ ଥାଇ ଆଜି ପୂର୍ଣ୍ଣ କଳାକର,
ପ୍ରଭାବଲେ କରୁଛନ୍ତି ତିମିର ବିନାଶ ।
ଯେତେଡ଼ି ଲୋକ ହେଉ କଲେ ପରଗୃହେବାସ,
ନିଜ ଗୁଣ ଯଶ ସବୁ ହୋଇଥାଏ ହ୍ରାସ ।

୧୬

ଏହି ଚନ୍ଦ୍ର ଥିଲେ ଦିନେ କ୍ଷୀଣ ତନୁ ଧରି,
ଉଜ୍ଜ୍ୱଳ ରଜନୀମୁଖ କ୍ଷଣେକ ମାତର
ଗୃହିଗଲା; ସେ ବିରହ-ଦୁଃଖେ ବିଭାବରୀ,
କାଟିଥିଲେ ବିଷାଦରେ ମର୍କି ଅବସର ।
କୁମୁଦିନୀ ସହିତରେ ତାରାଗଣ ମିଶି,
କରିନେଲେ ରଜନୀର ଦୁଃଖାପନୋଦନ;
ସପତ୍ନୀ ବିଚ୍ଛେର କିଛି ମାନସେ ନ ହିଂସି,
ଦେଖାଇଲେ ନିଜ ନିଜ ସହୃଦୟ୍ପାପଣ ।
ପରିବାର ମଧ୍ୟେ ଜଣେ ପଡ଼ିଲେ ଆପଦେ,
ସମ୍ଭାଳି ନିଅନ୍ତି ଆଉମାନେ ପଦେ ପଦେ ।

୧୭

ପଞ୍ଚ ଆଗେ ତାରାଗଣ ନ ଦେଖାଇ ମୁଖ,
ଭାରତ ଲଳନା ପ୍ରାୟ ଲୁଚିଥାନ୍ତି ଘରେ;
ବ୍ରିଟିଶ ରମଣୀ ଭାବ ମଣି ମହାସୁଖ,
ରଜନୀ ଭ୍ରମଇ ସ୍ୱାମୀକର ଛନ୍ଦ କରେ ।
ତାରାଗଣ ସବୁଦିନେ ଥାନ୍ତି ଘରେ ଘରେ,
ସ୍ୱାମୀ ସଙ୍ଗେ ବୁଲିବାକୁ ନାହିଁ ଅଧିକାର;
"ଅଗମ୍ୟ" ନୁହଇ ଲେଖା ନିଶାର ଶାସ୍ତ୍ରରେ,
ବିଦେଶ ବା ନଦ ନଗ ନଗର ବଜାର ।
ମଣୁଥାନ୍ତି ଆପଣାକୁ ଉଚ୍ଚ ତାରାଗଣ,
ରଜନୀ-ରାଜ୍ୟରେ ସିନା ଉଜ୍ଜ୍ୱଳ ବଦନ ।

୧୮

ରଜନୀର ଯୋଗେ ଚନ୍ଦ୍ର ଏତେ ପ୍ରୀତିକର,
ରଜନୀ ହସ୍ତରେ ତାଙ୍କ ବିଭବସକଳ;

* ରାମରାଜ୍ୟରେ ଶମ୍ବୁକ ନାମା ଶୂଦ୍ର ତପସ୍ୟା କରୁଥିବା କଥା ରାମାୟଣରେ ଦ୍ରଷ୍ଟବ୍ୟ ।

† ଅମାବାସ୍ୟା ଦିନ ନଷ୍ଟଚନ୍ଦ୍ରୋପବାସ କରନ୍ତି, ଅମାବାସ୍ୟା ଦିନ ଚନ୍ଦ୍ର ଓ ସୂର୍ଯ୍ୟ ଏକ ରାଶିରେ ଥାଆନ୍ତି ।

ରଜନୀ ଦୁଆରେ ଆସି ହୋଇ ନୃତ୍ୟପର,
ଖଚିଥାନ୍ତି ଗଗନର ଜ୍ୟୋତିଷ୍କମଣ୍ଡଳ ।
ରଜନୀ ଯୋଗିନୀ ଅତି ଶକ୍ତିଶାଳିନୀ,
ଦୃଷ୍ଟିଶକ୍ତିପ୍ରଦାୟିନୀ ଦିବସ ଅନ୍ଧାର;
ସ୍ନେହମୟୀ ଅଦ୍ୟୁତିର ଦ୍ୟୁତିବିଧାୟିନୀ,
ତା ପ୍ରସାଦେ ଖଦ୍ୟୋତ ହିଁ ହୁଏ ଜ୍ୟୋତିଷ୍କର
ଅଭୟଦାୟିନୀ ନିଶା ସଭୟ ଜୀବର,
ଅଜୟର ଜୟ ପାଇଁ ମନ୍ତ୍ରଣାର ଘର ।

୧୯

ସପ୍ତଋଷି ରଜନୀର ମଧୁର ମୂରତି,
ଦଶରଥ ପାଇଁ ଚାହିଁ ବସିଥାନ୍ତି ପଥ;
ସାଦରେ କରନ୍ତି ଆଦ୍ୟ ମଙ୍ଗଳ ଆରତି,
ଉଦୀଚୀ ହସ୍ତରେ ସାଜ ପ୍ରଦୀପ ସପତ ।
ଲାଜରେ ଲୁଚାଇ ମୁଖ ଚାହିଁ ଅରୁନ୍ଧତୀ,
ମନ୍ଦ ମନ୍ଦ ହସି କରୁଥାନ୍ତି ଉପହାସ;
ରଜନୀକି ବୋଲୁଥାନ୍ତି ଧନ୍ୟ ରେ ଯୁବତୀ,
ସ୍ୱର୍ଗୀୟ ମୁନୀନ୍ଦ୍ରଗଣ ହେଲେ ତୋର ଦାସ ।
ତୁ କାଳରୂପିଣୀ! କାଳ ମୋହିଲୁ ଜଗତ,
ମାନବ ଦାନବ ଦେବ ସର୍ବେ ତୋ ଭକତ ।

୨୦

*ସୁକୁମାର ବୁଧ ଦ୍ୱିଜରାଜଙ୍କ କୁମର,
ନାଚି ଖେଳି ମଣ୍ଡେ ଆସି ରଜନୀ ପ୍ରାଙ୍ଗଣ;
କୁମରମଣିର ଗତି ଚାହିଁ ତରତର,
କୋଳୁ କୋଳେ ଘେନି ନେଇଯାନ୍ତି ତାରାଗଣ ।
ଋଷି ବୁଧ ପୁଣି ଆସେ ରଜନୀର କୋଳେ,
ରଜନୀ ଆଉଁସି ଶିଶୁ ସୁନ୍ଦର ବଦନ,
ହୋଇ ସ୍ନେହ ଜରଜର ଭିଡ଼ି ପ୍ରେମଭୋଳେ,
ହାସ ବିଶୋଭିତ ଗଣ୍ଡେ ଦିଅଇ ଚୁମ୍ବନ ।
ମାତାରୁ ନ ମାନେ ଶିଶୁ କଠିନ ବାରଣ,
ଯାର ସ୍ନେହ ତାରି କୋଳେ କରେ ବିଚରଣ ।

୨୧

କିବା ଅବିରତ ଏହି ରଜନୀ ପୟର,
ସେବି ଲଭି ଦିବିଷଦବାଞ୍ଛିତ ପ୍ରସାଦ;
†ଅମିୟଭାବିତ ଛବି ଦେଖାଏ ସ୍ୱର୍ଗର,
ନ ଗଣଇ କୋଳାହଳ ସଂସାର-ପ୍ରମାଦ ।
ସୁଧାକରପ୍ରିୟା ସୁଧାଭଣ୍ଡାର କବାଟ,
ଦେଇଥାଏ ଫେଡ଼ି ପ୍ରିୟ ଭକତର ପାଇଁ,
ଅଭାବୁକ ନୟନକୁ ନ ଦିଶେ ସେ ବାଟ,
ଭ୍ରମଇ ସେ ସୁପ୍ତି ଦେଶେ ସ୍ୱପନକୁ ପାଇ ।
ଭାବି କବି ଭାବ-ରାଜ୍ୟେ ଭୋଗେ ଅଧିକାର,
ତ୍ରିଦିବ କଳ୍ପନା-ରଥେ ସାରଥି ଯାହାର ।

୨୨

ଯୋଗୀ ଭୋଗୀ ସବୁରି ସେ ପ୍ରମୋଦଦାୟିନୀ,
ଯୋଗୀକି ଦେଖାଏ ବିଶ୍ୱ ଘଟନାନିଚୟ;
ଭୋଗୀକି ଭେଟାଏ ରୂଢ଼ ମାନସମୋହିନୀ—
ଭାବିନୀ ବଦନ ମୃଦୁକାନ୍ତି ମଧୁମୟ ।
ଯୋଗୀ ପାଇଁ ଯୋଗତତ୍ତ୍ୱ ଶାଣଶୁଦ୍ଧମଣି,
ପୁଞ୍ଜ ପୁଞ୍ଜ ଘେନି ଶୋଭେ ରଜନୀନିଳୟ;
ଭୋଗୀ ପାଇଁ ସୁକୋମଳ ସୁଷୁପ୍ତି ଜନନୀ—
ଶଯ୍ୟା, ତହିଁ ବିଷୟର ଚିନ୍ତା ଲଭେ ଲୟ ।
ଦୀପାଳୀକି ଚନ୍ଦ୍ରାଲୋକ ବିଦ୍ୟୁତ ଆଲୋକ,
ରଜନୀ-ରାଜ୍ୟରେ ଭୋଗୀ ମୁଗ୍ଧ ଭବଲୋକ ।

୨୩

କିଏ ତୁ ବସିଲୁ ଆସି ହୋଇ ଏକାକିନୀ ?
କିପାଇଁ ବିକଳେ ବସି କରୁଛୁ ରୋଦନ;
କାନ୍ତ କାହିଁ ସଙ୍ଗେ ତୋର ନାହିଁ ଅଭାଗିନୀ ?
କରୁଣ ଭାଷଣେ ତୋର କମ୍ପୁଅଛି ବନ ।
ତୁ ପରା ସେ ଚକ୍ରବାକୀ ପତିସୁହାଗିନୀ,
ପ୍ରେମେ କରୁଥିଲୁ କାନ୍ତ ବଦନ ଚୁମ୍ବନ;
ତୋ କେଳିରେ ଚହଲୁଥିଲା ନବ କମଳିନୀ,
କମ୍ପୁଥିଲା ତା ଜନମ ସରସୀ-ଜୀବନ ।

* ବୁଧଗ୍ରହ ନକ୍ଷତ୍ରମାନଙ୍କଠାରେ ଅନ୍ୟାନ୍ୟ ଗ୍ରହମାନଙ୍କ ଅପେକ୍ଷା ଅତି ଅଳ୍ପଦିନ ରହେ ଏବଂ କିଛି ଦିନ ଅଦୃଶ୍ୟ ହୋଇଯାଏ—କିଛି ଦିନ ପୂର୍ବରେ ଏବଂ କିଛି ଦିନ ପଶ୍ଚିମରେ ଉଦିତ ହୁଏ ।

† ଭାବିତ—ସିକ୍ତ ।

ଅଲଙ୍ଘ୍ୟ ବିଧିର ବିଧି କିର ନୁହେ ଆନ,
ସୁଖ ପଛେ ପଛେ ଦୁଃଖ ବିଧିର ବିଧାନ ।

୨୪

ବିଧିର ଜନନୀ ସୂର୍ଯ୍ୟବଳ୍ଳଭା ନଳିନୀ,
ରହିଛି ବିଷାଦେ କରି ମଳିନ ବଦନ;
ଛାଡ଼ିଯାଇଛନ୍ତି ଏବେ ହରିପ୍ରଣୟିନୀ—
ଲକ୍ଷ୍ମୀ, ଶୂନ୍ୟ କରି ତାର ଅଙ୍କ-ସିଂହାସନ ।
ବିଧାନ ରଚିଲା ବିଧି ମାତାକୁ ନ ହେଜି,
ଲେଖିଦେଲା ସୁଖ ପଛେ ଦୁଃଖ ଏକ ଧାଡ଼ି;
ପାରୁଛି କି ଦୁଃଖ ଏବେ ନଳିନୀକି ତେଜି,
ସୁଖ ପଛେ ପଛେ ଆସି ବସିଅଛି ମାଡ଼ି ।
ଲୋକେ ଯାହା ଭଲ ମନ୍ଦ ଆଚରନ୍ତି ପରେ,
ଅବଶ୍ୟ ଫଳଇ ତାହା ନିଜର ଉପରେ ।

୨୫

*ବିଷ୍ଣୁଶର୍ମାଙ୍କର ଶଶା କହିଥିଲା ଯାହା,
ସେ କଥାକୁ ଲୋକମାନେ ନ ପକାଇ ମନେ;
ଶୀତଳନ୍ତି ବାରଣଗଣ ଉର୍ଦ୍ଧ୍ୱେ ଠେକି ବାହା,
କମ୍ପିତ ଶଶାଙ୍କ ଛାୟା ସରସୀର ବନେ ।
ହିଂସ୍ରା ଶଶାଙ୍କ ସମ ମୂଳ କମଳର,
ଖାଆନ୍ତି କଚୁଡ଼ି ଜଳେ କରି ଉନ୍ମୂଳନ;
ନଳିନୀର ଦଶା ଏବେ ମନ୍ଦରୁ ମନ୍ଦତର,
ରକ୍ଷାର ଉପାୟ ଆଉ ନାହିଁ ତ୍ରିଭୁବନ ।
ଗଜ ମୂର୍ଖେ ଦେଲା ବିଧି ଏତେ ଅଧିକାର,
ବିଧିର ଏ ବିଧାନକୁ ସହସ୍ର ଧିକ୍କାର ।

୨୬

ମଧ-ନଭେ ହେଲେ ଶୋଭା ସାମ୍ରାଜ୍ୟସମ୍ରାଟ,
ନୟନରଞ୍ଜନ ବିଧୁ ଜ୍ୟୋତିଷ୍କଶେଖର;
ରଖିଥିଲେ ବାଛି ବାଛି ଅତି ଅଳ୍ପ ଥାଟ,
ଉଜ୍ଜ୍ୱଳ ଉଜ୍ଜ୍ୱଳ ଋକ୍ଷ ଯୋଗ୍ୟ ସହଚର ।
ଥିଲା ଯେଉଁ ଋକ୍ଷଙ୍କର ପ୍ରତିଭା ପ୍ରବଳ,
ପାଇଥିଲେ ସମାଦରେ ସମୁଚ୍ଚ ଆସନ;
ପ୍ରତିଯୋଗେ ନ ପୂରିଲା ଯାହା ଯାହା ବଳ,
ଦୂରେ ରହିଗଲେ ହୋଇ ମଳିନ ବଦନ ।
ମହତ ମହତ ସଙ୍ଗେ ହୁଏ ସୁଶୋଭିତ,
ଅମହତ ହୁଏ ତହିଁ ସଦା ବିଷୋଭିତ ।

୨୭

କନ୍ଦର ଭିତରେ ରନ୍ଧ୍ର-ଭେଦି-ଚନ୍ଦ୍ରକର,
ଦିଶେ କୃଷ୍ଣ ମଖମଲେ ବଜ୍ରଖଣ୍ଡ ପରି †;
ବିଧୁ କି ତା ମାରିଛନ୍ତି ଦୀପ୍ତିମୟ ଶର,
୧ ସୂତିକାସଦନଶାୟୀ ତମେ ଲକ୍ଷ୍ୟ କରି ।
ବନଗର୍ଭେ ଋହିଁ ଖଣ୍ଡ କୌମୁଦୀନିକର,
ମନେ ହୁଏ ପଳାୟିତ ତମିଶ୍ରର ପିଠି
ପଡ଼ି, ବିଦ୍ଧ ହୋଇଅଛି ନାନାବିଧ ଶର,
ଧାବମାନ ଚନ୍ଦ୍ରମାର ଲଘୁହସ୍ତ ଫିଟି ।
ରୁଧିର ଝରଇ କିବା ହିମବିନ୍ଦୁ ଛଳେ,
ପଡ଼ିଛି ତମିର ମୁହଁ ମାଡ଼ି ଭୂମିତଳେ ।

୨୮

ଦେଖିଲେ ପ୍ରକୃତି-ରାଜ୍ୟ ଶାନ୍ତିର ବିରାଜ,
ଶାନ୍ତେ ବହେ ସୁଶୀତଳ ଧୀର ସମୀରଣ;
ଶାନ୍ତିକୋଳେ ସୁଖସୁପ୍ତ ମାନବସମାଜ,
ଶାନ୍ତ ଲଭିଅଛି ଘରେ ଘରେ ହୁତାଶନ ।
ଶାନ୍ତି ପାଇ କାନନର କୁସୁମସକଳ,
ପ୍ରଫୁଲ୍ଲବଦନେ କଲେ ଗନ୍ଧ ବିତରଣ;
ଘନ ହେଲା ପର୍ବତର ସୁଶୀତଳ ଜଳ,
ଧରଣୀମଣ୍ଡଳ ହେଲା ଶାନ୍ତି ନିକେତନ ।
ଅଚ୍ଛିନ୍ନ ପ୍ରଲମ୍ବ ସ୍ୱରେ ଝିଲ୍ଲିକାନିଃସ୍ୱନ,
ଚତୁର୍ଦ୍ଦିଗେ କଲା ସେହି ଶାନ୍ତି ବିଘୋଷଣ ।

୨୯

ଗାଇଲେ ଶାନ୍ତିର ଗୀତ ମଧୁପମଣ୍ଡଳ,
ବୁଲି ବୁଲି ଜଳ, ସ୍ଥଳ, ବନ, ଉପବନେ;
ବଜାଇଲେ ଶାନ୍ତି-ବାଜା ସହିତ ସକଳ,
ପାଦପ ପଲ୍ଲବଚୟ ମରମର ସ୍ୱନେ ।

---

* ଶଶା ଓ ଗଜର କଥା ହିତୋପଦେଶରୁ ଅନୁସନ୍ଧେୟ ।

† ବଜ୍ର—ହୀରା ।

୧ । ତମ—ରାହୁ (ସିଂହିକାପୁତ୍ର ) ; ସୁତରାଂ ଗିରିକନ୍ଦର ତାହାର ଜନ୍ମସ୍ଥାନ ହେବା ସ୍ୱାଭାବିକ

ସୁଶାନ୍ତେ ନାଚିଲେ ଜଳେ ତରଙ୍ଗପଟଳ,
ତହିଁ ସଙ୍ଗେ ଯୋଗଦେଲେ ମୁଦେ ମୀନଗଣ;
ନାଚିଲେ ମେଦିନୀବକ୍ଷେ ଶ୍ୟାମ ଦୂର୍ବାଦଳ,
ବଲ୍ଲୀରାଜି ନାଚି ନାଚି ମଣ୍ଡିଲେ ଗଗନ ।
ଶାନ୍ତିରସେ ମଜ୍ଜି ବିଧୁ ଗ୍ରହ ତାରା ସର୍ବେ,
ନୃତ୍ୟ କଲେ ପ୍ରତିବିମ୍ବରୂପେ ଜଳଗର୍ଭେ ।

୩୦

ଶୁଣିଲେ ପଶ୍ଚିମେ ବିଧୁ ସାଗର-ଗର୍ଜ୍ଜନ *
ଦେଖିଲେ ଜୁଆର ମାଡ଼ି ଆସୁଅଛି କୂଳ;
କରିବାକୁ ତହୁଁ ଜଳରାଜ୍ୟ ସୁଶାସନ,
ପଶ୍ଚିମକୁ ଗଲେ ସଙ୍ଗେ ଘେନି ଋକ୍ଷକୁଳ ।
ବରୁଣପୁର ପ୍ରାଚୀର ପ୍ରଶାନ୍ତି ଅଚଳ
ଲଙ୍ଘି, ରତ୍ନମୟପୁରେ ହୋଇ ଆମନ୍ତ୍ରିତ;
ଜନକର ସ୍ନେହମୟ କୋଳ ସୁକୋମଳ,
ଶଯ୍ୟାରୂପେ ପାଇ ସୁଖେ ହେଲେ ନିମଜ୍ଜିତ ।
କିବା ଜଳ କିବା ସ୍ଥଳ କି ନଗ ନଗର,
ଯହିଁ ଯାଏ ତହିଁ ପାଏ ଗୁଣୀ ସମାଦର ।

## ବସନ୍ତ ବାସର

ପାହିଲା ରଜନୀ ଧରା ଦିଶିଲା ଉଜ୍ଜ୍ୱଳ,
ଉଜ୍ଜ୍ୱଳ ଦିଶିଲା ଊର୍ଦ୍ଧ୍ୱ ଆକାଶମଣ୍ଡଳ ।
ଅନ୍ଧାରେ ଯା ଦିଶୁଥିଲା ଆଲୋକେ ତା ନାହିଁ,
ଭିନ୍ନ ଦୃଶ୍ୟ ଠିଆହେଲା ଆଲୋକର ପାଇଁ ।
ଯେତେବେଳେ ଥିଲୁଁ ଆମ୍ଭେ ତିମିରମଗନ,
୧ ସାହା ଥିଲେ ନିକଟରେ ବନ୍ଧୁ-ଗ୍ରହଗଣ ।
ସାନ ହୋଇ ବଡ଼ ରୂପେ କଲେ ଉପକାର,
ଅବଶ୍ୟ କରିବୁଁ ଆମ୍ଭେ ସେକଥା ସ୍ୱୀକାର ।
୨ ବଡ଼ ବଡ଼ ବନ୍ଧୁ-ଗ୍ରହ ବଡ଼ ଦୂରେ ଥାଇ,
ଯଥାସାଧ୍ୟ ହିତ କରୁଥିଲେ ଆମ୍ଭ ପାଇଁ ।
ତହୁଁ ଦୂରେ ଦୂରେ ଥାଇ ତାରା-ବନ୍ଧୁକୁଳ,
ବନ୍ଧୁତା ଦେଖାଇ ହୋଇଥିଲେ ଅନୁକୂଳ ।
ଯେତେ ଦୂରେ ଥିଲେ ବନ୍ଧୁ ଆପଦ ସମୟେ,
ଆନୁକୂଲ୍ୟ ପ୍ରଦର୍ଶାଇଥାନ୍ତି ସୁହୃଦୟେ ।
ନ ଦିଶିଲେ ଅ.ଉ ସେହି ଜ୍ୟୋତିଷ୍କସକଳ,
ଯହିଁ ଥିଲେ ତହିଁ ହେଲା ତାଙ୍କ ଅସ୍ତାଚଳ ।
କେ ଥିଲେ ପୂରବେ କେବା ମଧ୍ୟ-ଆକାଶରେ,
କେ'ତ ଚଳି ପଡ଼ିଥିଲେ ପଶ୍ଚିମ ଦିଗରେ ।
ଆଶ୍ରିଥିଲେ କେ ଉତ୍ତର କେ ଅବା ଦକ୍ଷିଣ,
ଯେ ଯହିଁରେ ଥି ଲେ ତହିଁ ହୋଇଗଲେ ଲୀନ ।
ପର୍ବ ଦିଗୁଁ ଉଠ ଏକ ଆଲୋକ ଲହରୀ,
କ୍ଷଣକରେ ଦ୍ୟୁଲୋକକୁ ଦେଲା ଗ୍ରାସକରି ।
ସେ ପ୍ରଳୟ-ଲହରୀର ଆକ୍ରମଣ ସହି,
ଦୁଇ ଏକ ଜ୍ୟୋତିଷ୍କର ଯାଇଥିଲେ ରହି ।
ଆନାସା ପ୍ଲାବନ-ବେଗେ ହୋଇ ସେ ଅସ୍ଥିର,
ଅନାଯୂତ୍ତବଶେ ଶେଷେ ମଜ୍ଜାଇଲେ ଶିର ।
ଜ୍ୟୋତି ଆସି ବିନାଶିଲା ଜ୍ୟୋତିଷ୍କର ଗଣ,
ବୈଶ୍ବରୂପୀ ବନ-କାଷ୍ଠ କାଟେ ଯଥା ବନ ।
ନବ ବନ୍ଧୁ ଜନମିଲେ ବାସବ-ଭବନେ,
ଅନୁଢ଼-ଅନଳ-ଶିଖା ଉଠିଲା ଗଗନେ ।
ଦେଖୁଁ ଦେଖୁଁ ଆସିଗଲେ ସେ ଦିନ-ବାନ୍ଧବ,
ମଧୁର କିରଣେ କଲେ ଶୀତର ଲାଘବ ।

* ପୂର୍ବ ସାଗର (ପ୍ରଶାନ୍ତ ମହାସାଗର) ଅପେକ୍ଷା ପଶ୍ଚିମ ସାଗର (ଆଟଲାଣ୍ଟିକ ମହାସାଗର)ର ଉତ୍ତାଳ ତରଙ୍ଗ ଅତି ଭୟଙ୍କର ।

୧ । ବୁଧ, ଶୁକ୍ର, ମଙ୍ଗଳ ଗ୍ରହ ତ୍ରୟ ପୃଥିବୀର ନିକଟରେ ଅଛନ୍ତି । ସେମାନେ ଅନ୍ୟାନ୍ୟ ଗ୍ରହ ଅପେକ୍ଷା ଶ୍ରେଷ୍ଠ ହେଲେହେଁ ନିକଟବର୍ତ୍ତିତା ହେତୁ ଅଧିକ ଉଜ୍ଜ୍ୱଳ ଦିଶନ୍ତି ।

୨ । ବୃହସ୍ପତି, ଶନି, ୟୁରେନସ୍ ଓ ନେପଚୁନ୍ ଗ୍ରହମାନେ ବୃହଦାକାର ଓ କ୍ରମଶଃ ଦୂରବର୍ତ୍ତୀ ।

ପ୍ରକାଣ୍ଡ ମୂର୍ତ୍ତି ଧରି ଦେଇ ଦରଶନ,
ଆହ୍ଲାଦରେ ହରିନେଲେ ହୃଦ ସଙ୍ଗେ ମନ ।
ଆଉଁସି କଦୁଷ୍ଣ କରେ ଗିରିତରୁ ଶିର,
ପୋଛିଦେଲେ ପ୍ରକୃତିର ନୟନର ନୀର ।
ହସିଲ ଧରଣୀ ରଙ୍ଗ ପଲାଶ-ଦଶନେ,
ଶାଳ୍ମଳୀ ଲଗିଲା ରଙ୍ଗ କୁସୁମ ବର୍ଷଣେ ।
ଲଗିଲା କୌତୁକ ବନେ ଅଠଖା-ଦେଖାର,
ଉଡ଼ିଲା କମଳାଗୁଣ୍ଡି ସୁରଙ୍ଗ ଅବୀର ।
ଧାତକୀ କୁସୁମ ରଙ୍ଗ ନବ କିଶଳୟ,
କାନନ-ଅଙ୍ଗକୁ କରିଦେଲେ ରଙ୍ଗମୟ ।
ଜଳରେ ରକତ-ପଦ୍ମ ସ୍ଥଳେ ସ୍ଥଳପଦ୍ମ,
ଅବନୀ ରଞ୍ଜିତ କଲେ ହୋଇ ପଦ୍ମ ପଦ୍ମ ।
ଜଳରେ ଜଳଜଦଳ ସ୍ଥଳେ ଦୂର୍ବାଦଳ,
ଶ୍ୟାମଳ ବର୍ଣ୍ଣରେ କଲେ ଲୋଚନ ଶୀତଳ ।
ଊର୍ଦ୍ଧ୍ୱରେ ଗଗନ ତାର ପ୍ରତିବିମ୍ବ ତଳେ,
ନୀଳିମାରେ ଭୁବନକୁ ଆଚ୍ଛାଦିତ କଲେ ।
ପ୍ରପାତ-ଶୀକରେ ପୁଣି ସାଗର-ତରଙ୍ଗେ,
ଇନ୍ଦ୍ରଧନୁ ବିଳସିଲା ବହୁବିଧ ରଙ୍ଗେ ।
ନୀଳବାସ ବେଶେ ଉଭା ଦୂରସ୍ଥ ଅଚଳ,
ନିକଟ ପର୍ବତ ବାସ ଘେନିଲା ପାଟଳ ।
ସୌଧେ ସୌଧେ ବିରାଜିଲା ଧବଳ ବରଣ,
ମଲ୍ଲିକା ନଆଳୀ କଲେ ତା ଅଂଶ ଗ୍ରହଣ ।
ନିଦ୍ରା ତେଜି ବିହଙ୍ଗମେ ତରୁଡାଳେ ବସି,
ଜୀବନ-ସଂଗ୍ରାମ ପକ୍ଷ ଧନୁ ଗୁଣେ କସି;
ଚଞ୍ଚୁ କରେ ଲୋମ ସାଞ୍ଚି କରି ସୁସଜ୍ଜିତ,
ଦଳ ବାନ୍ଧି ପଦ୍ମବ୍ୟୂହ କଲେ ବିରଚିତ ।
ଆଲସ୍ୟ-ଅସୁର ରଣେ ମୁଗ୍ଧ ଥିଲେ ଜନେ,
ସନ୍ଧ୍ୟା ଆସି ଢାଳିଦେଲା ଅମୃତ ବଦନେ ।
କଷ୍ଟେ କଷ୍ଟେ ହେଉଥିଲା ନେତ୍ର ଉନ୍ମୀଳନ,
ନବ ବନ୍ଧୁ ନିଜ କରେ ଦେଲେ ସୁଧାଞ୍ଜନ ।

ନବ ପ୍ରାଣ ନବ ବଳ ଲଭି ନବ ମନେ,
ଜନଗଣ ବିଚରିଲେ ସଂସାର-ନନ୍ଦନେ ।
ପ୍ରାଚୀର [୧] ମସ୍ତକେ ବସି ଚଟକନିକର,
ପ୍ରାଚୀର [୨] ମସ୍ତକେ ଚାହିଁ ନବ ଦିନକର,
[୩] ବିହଙ୍ଗ ସ୍ୱଭାବେ ହେଲେ ଫୁଲ୍ଲ ଅପଘନ,
ବିହଙ୍ଗ ସ୍ୱଭାବେ ତେଣେ ଫୁଲ୍ଲ ସଂହନନ ।
ମଶକପଟଳ ପାଇ ତପନ-କିରଣ,
ପୁନଃ ପୁନଃ ଅଧଃ ଊର୍ଦ୍ଧ୍ୱେ କଲେ ସନ୍ତରଣ ।
ପତଙ୍ଗ [୪] ଉତ୍ଥାନେ ଏଣେ ଉତ୍ଥିତ ପତଙ୍ଗ
ନବରଙ୍ଗ [୫] କରେରେ କଲେ ନବ ରଙ୍ଗ ।
ପଶୁମାନେ ନିଦ୍ରା ତେଜି ଉଠିଲେ ଶୟନୁ,
ସଜୃମ୍ଭଣେ ଉନ୍ମୟନେ ସଳଖିଲେ ତନୁ ।
ଡାଳୁଡାଳେ ଡେଇଁ ଲୀଳା ଲଗାଇଲେ କପି,
କେନ୍ଦୁଫଳେ ସୁଧା ଲଡ଼ୁ ପାଉଥିଲେ କସେ !
ସେହି କାଳେ କମଳିନୀ ଚାହିଁ ପତି-ମୁଖ,
ସଜଳନୟନ ହୋଇ ଦେଖାଇଲା ଦୁଃଖ ।
କହି ନ ପାରିଲା ଦରଫୁଟିତ ବଦନା,
ମଧୁକର ଆସି ସବୁ କଥା କଲା ଜଣା ।
ବିନୟେ ବୋଇଲା ଦେବଦେବ ଗ୍ରହରାଜ,
ଲୋକଙ୍କର ବ୍ୟବହାର କି କହିବି ଆଜ;
ମୁଁ ହୀନ ଭିକ୍ଷୁକ ନିତି ଦ୍ୱାରେ ଦ୍ୱାରେ ବୁଲି,
ମଧୁ ଭିକ୍ଷା କରୁଥାଏଁ କାଖେ ଧରି ଝୁଲି;
କମଳିନୀଠାରେ ମୋର ବଡ଼ ଆଶା ଥାଏ,
ତା ମୁଷ୍ଟି ମଧୁରେ ଝୁଲି ଗୋଟି ଭରିଯାଏ;
ନିତି ଭିଖାରିର ଲୋକେ ନ ଥାଏ ଆଦର,
ଏହା ଭାବି ଥରେ ଭ୍ରମି ଗଲି ଦେଶାନ୍ତର;
ଦେଖିଲି ମାନବଙ୍କର ତହିଁ ଅତ୍ୟାଚାର,
ସ୍ୱାର୍ଥ ପାଇଁ ନ କରନ୍ତି ଧର୍ମର ବିଚାର;
ମହୁମାଛିମାନେ ମୋହ ପରି ଭିକ୍ଷା କରି,
ମଧୁ-ଧନ ରଖିଥିଲେ ଭଣ୍ଡାରରେ ଭରି;

୧ । ପ୍ରାଚୀର—କାନ୍ଥ । ୨ । ପ୍ରାଚୀ—ପୂର୍ବଦିଗ । ୩ । ବିହଙ୍ଗ—ପକ୍ଷୀ ଓ ସୂର୍ଯ୍ୟ ।
୪ । ପତଙ୍ଗ—ସୂର୍ଯ୍ୟ ଓ ଶଲଭ । ୫ । ନବରଙ୍ଗ—ନୂତନ ଲାଲ ରଙ୍ଗ ଓ ନାନା କୌତୁକ ।

ମାନବେ ପ୍ରବେଶି ତହିଁ ଲଗାଇ ଅନଳ,
ତଡ଼ି ତାଙ୍କୁ ନେଇଗଲେ ସେ ଧନ ସକଳ;
ଗତକାଲି ଆସୁଥିଲି ଏହି ସରୋବରେ,
ବଡ଼ ବଟବୃକ୍ଷଟିଏ ଦେଖିଲି ବାଟରେ;
ତା ମୂଳରେ ଲୋକମାନେ ଦେଇ ଦେଇ ଜଳ,
ଶୀତଳ ଗୁମ୍ଫାକୁ କରୁଥିଲେ ସୁଶୀତଳ;
ଜନ୍ମକାଳୁଁ ପୁଷ୍ପ ତାର ଦେଖି ନାହିଁ କେବେ,
ଦେଖିଲି ସୁରମ୍ୟ ରଙ୍ଗ ଢଙ୍ଗ କଷି ଏବେ;
ମଣ୍ଡିତ ହୋଇଛି ତହିଁ-ବଟ କଳେବର,
ବୋଇଲି ନିଶ୍ଚୟ ପୁଷ୍ପ ହେବ ପାଦପର;
ଜବେ ଯାଇ ବସି ଚୁମ୍ବି ଆରମ୍ଭିଲି ଲୋଭେ,
ଅଣୁମାତ୍ର ମଧୁ ବିନା ବାହୁଡ଼ିଲି କ୍ଷୋଭେ ।
ଜାତ ନୁହେ ସେ ପାଦପ ଗୁମୁଙ୍କ ପ୍ରତାପେ,
ଅସଂଖ୍ୟ ପାଦରେ ଉଚ୍ଚ ହୋଇଅଛି ଆପେ ।
ଏଡ଼େ ବୃକ୍ଷ ନ ପାଇଲି କରି ମୋତେ ତୁଷ୍ଟ
ମାନିଲି କେବଳ ନିଜ କପାଳ ମୋ ଦୁଷ୍ଟ;
ସେ ତରୁ ପ୍ରଶାଖାଟିଏ ଧରନ୍ତେ ବାରଣ,
ଲୋକମାନେ ମିଳି ତାକୁ କଲେ ନିବାରଣ;
ବାରଣ ଚଳିଲା ତହୁଁ ସର ଅଭିମୁଖେ,
ପଦ୍ମମା ସଦ୍ମରେ ଆସି ପ୍ରବେଶିଲା ସୁଖେ;
ସୁକୁମାରୀ ପଦ୍ମମାକୁ କଲା ଆକ୍ରମଣ,
ନ ସହି ମୁଁ କଲି ଗଜ କପୋଳେ ଦଂଶନ;
ଗଜ ନ ମାନନ୍ତେ ଗଲି ଦଉଡ଼ି ନଗରେ,
କାନ୍ଦି କାନ୍ଦି ଗୁହାରିଲି ପଶି ଘରେ ଘରେ;
ଲୋକମାନେ ମୋଦେଥିଲେ କର୍ଣ୍ଣେ ଖୋସିଫୁଲ,
କାନ୍ଦିଲି ସେ କର୍ଣ୍ଣ ପାଶେ ହୋଇ ମୁଁ ଆକୁଳ;
ରାଗେ ମୋତେ ତଡ଼ିଦେଲେ ଅଇଲି ପଳାଇ,
ଗୁମୁକୁ ଆସିଛି ଏବେ ସେ କଥା ଜଣାଇ;
ଲୋକମାନେ ନେଇଥାନ୍ତି ପଦ୍ମ ଭାର ଭାର,
ବିପଦକାଳକୁ ତାର ପ୍ରତି ଏ ବେଭାର;
କୁସୁମବିହୀନ ବଟେ ଏତେ ସମାଦର,
ଧର୍ମ ଅବତାର ଯାହା ଇଚ୍ଛା ତାହା କର ।
ତରୁଣ ଭାସ୍କର ଉଚ୍ଚ କୃଶ କଳେବର,
ମହୀକି ଲମ୍ବାଉଥିଲେ ଅପ୍ରଖର କର,

ସେତିକି ବେଳଠୁ ତେଜପୂର୍ଣ୍ଣ ଅପଘନ,
କଠୋର ମୂର୍ତ୍ତିରେ କଲେ ଅବନୀ ଶାସନ;
ଆମ୍ଭଠାରେ ନ ରଖିଲେ ନବବନ୍ଧୁ ଭାବ,
ରାଜତ୍ୱ ପ୍ରଚୁର କଲେ ପ୍ରକାଶି ପ୍ରଭାବ;
ଏକଛତ୍ର ଚକ୍ରବର୍ତ୍ତୀ ଦେବ ବିକର୍ତ୍ତନ,
ପ୍ରଚଣ୍ଡ ନିୟମାବଳୀ କଲେ ପ୍ରବର୍ତ୍ତନ;
ପ୍ରଚଣ୍ଡ ଶାସନ-ଦଣ୍ଡ କରେ ଧରି ନିଜେ,
ପ୍ରକାଣ୍ଡ ଗଗନ ଗଜ ପୃଷ୍ଠେ କଲେ ବିଜେ;
ବଢ଼ିଲା ବେଳକୁ ବେଳ ତାହାଙ୍କ ପ୍ରତାପ,
ଅଧିକୁଁ ଅଧିକ ଦେଲେ ଧରଣୀକି ତାପ;
ଗାଢ଼େ କଲେ ଧରଣୀର ଜୀବନ ଶୋଷଣ,
ନ ବୁଝିଲେ ହେବ ତହିଁ ବିପକ୍ଷ ପୋଷଣ;
ଦେଖିଲେ ମହୀକି ସାହା ହେଉଅଛି ଗୁମ୍ଫା,
ତା ପ୍ରତି ନିଷ୍ଠୁର ହେଲେ ତେଜ ପର୍ଣ୍ଣମାୟା;
ଗୁମ୍ଫା କରିଥିଲା ଯେତେ ଭୂମି ଅଧିକାର,
କ୍ରମରେ ହରିଲେ କରି ସ୍ୱକର ବିସ୍ତାର ।
ସ୍ୱାମୀ ଅବାଧ୍ୟତା ଗୃହିଁ ଗୁମ୍ଫା ଅପସରି,
ରହିଗଲା ପାଦପର ତଳ ଆଶ୍ରା କରି ।
ମସ୍ତକ ଉପରେ ଚଢ଼ି ପ୍ରଚଣ୍ଡ ତପନ,
କରାଘାତେ ବିକମ୍ପିତ କଲେ ଜୀବଗଣ;
ପ୍ରଜାପୁଞ୍ଜ ବିଚଳିତ ହୋଇ ରବି ତ୍ରାସେ,
ଆଶ୍ରୟ ଲୋଡ଼ିଲେ ଯାଇ ଗୁମ୍ଫାରାଣୀ ପାଶେ;
ଦର୍ପଣେ ଫଳିତ ହୋଇ କାଚବାଡ଼ ଭେଦ,
ଇଚ୍ଛିଲେ ଭାସ୍କର ଗୃହେ ଗୁମ୍ଫା ତନୁ ଛେଦ ।
ଗୁମ୍ଫାକୁ ଧରିବା ଲାଗି ହୋଇ କ୍ରୋଧଭର,
ଲୋଡ଼ି ଲୋଡ଼ି ଛିଦ୍ରମାନ ଲମ୍ବାଇଲେ କର;
ତପନ ତାପରେ ହେଲା ଧରଣୀ ବିକଳ,
ରସନା ଲମ୍ବାଇ ଶ୍ୱାନ ଲୋଡ଼େ ଗୁମ୍ଫାତଳ;
ତରୁଡାଳେ ବସି ପକ୍ଷୀ ବିବୃତ ବଦନ,
କ୍ୱଚିତ ଶୁଭଇ ତାର ନିଶୀର୍ଣ୍ଣ ନିଃସ୍ୱନ;
କ୍ୱଚିତ ଉଡ଼ଇ ଏକ ବୃକ୍ଷୁଁ ବୃକ୍ଷାନ୍ତର,
ଅବଲମ୍ବେ ବସେ ହୋଇ ଆତପକାତର;
କୁକାଳ ଆସିଲା ବୋଲି ପାରାବତଗଣ,
କୁକୁକୁକୁକୁ ରବ କଲେ ବିଘୋଷଣ;

ନିସ୍ତେଜ ଲୋଳିତ ନବକିଶଳୟଚୟ,
ନତମୁଖେ ଲୋଡ଼ୁଥାନ୍ତି ଛାୟାର ଆଶ୍ରୟ;
ଗୋରୁଏ ପଡ଼ିଲେ ଆଶ୍ରା କରି ତରୁତଳ,
ଧୀରେ ଧୀରେ କରୁଥାନ୍ତି ରୋମନ୍ଥ କେବଳ;
ମାନବେ କେ ଆଶ୍ରା କଲା ପ୍ରାସାଦର ଛାଇ,
କେ ଅବା ରହିଲା ନିଜ କୁଟୀରକୁ ଯାଇ;
ପଥିକ ଚଳିଲେ ପଥ ଛତ୍ର ଧରି କରେ,
ନ ଗଲେ ନ ଚଳେ ବୋଲି ବିଚାରି ମନରେ
ହୋଇଲେହେଁ ତପତ ଶାନ୍ତି ଲଭିବା ଆଶାରେ
ମହିଷ ସକଳ ଯାଇ ପଡ଼ିଲେ କାସାରେ;
ପଲ୍ୱଳ ଭିତରେ ପଶି ସକଳ ବରାହ,
ତପତ ତଟିଲ ପଙ୍କେ କଲେ ଅବଗାହ;
ଝର୍ଝର ଶବଦ ପୂର୍ଣ୍ଣ ନିର୍ଝର ସଲିଳେ,
ବନ ମତଙ୍ଗଜଗଣ ପ୍ରବେଶି ଖେଳିଲେ;
ସର୍ବଂସହା ସହି ନେଲା ସେ ତପ୍ତ ପ୍ରହାର,
ସହିଲା ବୋଲି ତା ହେବ ଭବ ଉପକାର;
ଜୀବନ ୧ କଣିକା ହେବା ନୁହଇ ଅସାର,
ସେ କଣିକା ରାଶି ହୁଏ ଅମୃତର ୨ ଧାର;
କଣିକା କଣିକା ଯାଇଅଛି ଯେ ଜୀବନ,
ଶୋଷକେ ଗ୍ରାସିବ ତାହା କାଳେ ହୋଇ ଘନ
ଯମର ଜନକ ବୋଲି ନ ରହିବ ଭୟ,
କର୍କଟ ୩ ରବିକି ନିଷ୍ଟେ କରିବ ଅଥୟ;
ସିଂହରେ ୪ ବିରାଜ ହୋଇ କାଳକାବତାର ୫
ଚନ୍ଦ୍ର ବର୍ତ୍ତି ନ ରଖିବ ଆଉ ସବିତାର ।
ଦେଖୁଁ ଦେଖୁଁ ଦିବାକର ଖସିଲେ ଗଗନୁ,
କ୍ରମେ କ୍ରମେ ତେଜ ଊଣା ହୋଇଗଲା ମନୁ;
ଯେତିକି ଉପରେ ହୋଇଥିଲେ ସମୁତ୍ଥିତ,
ତେତିକି ତଳରେ ଯାଇ ହେଲେ ନିପତିତ ।
ବୁଡ଼ିଲେ ବୁଡ଼ିଲେ ବୋଲି ପଡ଼ିଲା ଚହଳ,
ହାଟେ ବାଟେ ହେଲା ନର ଯାଦବ ୬ ଗହଳ
ଗଛେ ଗଛେ ପକ୍ଷିଗଣ ହୋଇ ଦଳ ଦଳ,
ବ୍ୟସ୍ତ ହୋଇ ନାନା ରଙ୍ଗେ କଲେ କଳକଳ;
ଉଡ଼ୁଥାନ୍ତି ବସୁଥାନ୍ତି ନ ଛାଡ଼ି କାକଳି,
କାହିଁକି ସେ କୋଳାହଳ ହୁଏ ନାହିଁ କଳି;
କି ଭୟରେ ପୁଣି ସର୍ବେ ଉଡ଼ି ଫରଫର,
ଆଶ୍ରୟ ନିଅନ୍ତି ଯାଇ ଅନ୍ୟ ପାଦପର;
ରବି ଅସ୍ତେ ଆଗମନ ଭୁବନେ ସନ୍ଧ୍ୟାର,
ବେଳୁଁ ବେଳ ଗାଢ଼ ହୋଇ ଆସିଲା ଅନ୍ଧାର
ଶିଶୁ ଥିଲେ ଦିନକର ଯୁବା ହେଲେ କ୍ରମେ,
ବୃଦ୍ଧ ହେବେ ବୋଲି ମନେ ଥିଲା ନାହିଁ ଭ୍ରମେ
ଜରା ଆକ୍ରମଣେ ତାଙ୍କ ତେଜ ହେଲା କ୍ଷୟ,
ଚରମ ଦଶାରେ ତନୁ ପ୍ରାପ୍ତ ହେଲା ଲୟ;
ନାହିଁ ଦିବାକର ଆଉ ନାହିଁ ସେ ପ୍ରତାପ,
କମଳିନୀ ବସିଅଛି କରି ମନସ୍ତାପ;
ଲୋକଲୋଚନକୁ ସବୁ ଦିଶିଲା ଏମନ୍ତ,
ପ୍ରକୃତେ ନୁହନ୍ତି ରବି ଉଦୟ ବା ଅସ୍ତ;
ପ୍ରଥମେ ପଡ଼ିଲେ ନେତ୍ରେ ବୋଲୁଁ ତା ଉଦୟ
ଚକ୍ଷୁରନ୍ତରାଳ ହେଲେ କହୁଥାଉଁ ଲୟ ।
ଅନନ୍ତ କାଳର ରବି ଜ୍ୟୋତିର ସେ ଧାମ,
ଦୃଶ୍ୟ ଅନୁରୂପେ ଭିନ୍ନ ଭିନ୍ନ ମାତ୍ର ନାମ ।
ନ ହୁଅନ୍ତି ଶିଶୁ ଯୁବା ଅଥବା ସ୍ଥବିର,
ଅଟଳ ବୟସ ହିତକାରୀ ପୃଥିବୀର;
ଆଜି ଯେହ୍ନେ ଅସ୍ତ ହେଲେ କାଲି ସେହ୍ନଉଦିତ,
ତାହାଙ୍କ ଏ ଭାବେ ଏକା ବ୍ରହ୍ମ ଉପମିତ;
ପ୍ରକାଶିତ ହେଲେ ବ୍ରହ୍ମ ପ୍ରାଣଟିଏ ଧରେ,
ବ୍ରହ୍ମ ଲୁଚିଗଲେ ଜନ୍ତୁ ପ୍ରାଣମାନ ମରେ;
ଭାସ୍କର ଅନ୍ତର ହେଲେ ଦିନମାନ ଶେଷ,
ଭାସ୍କର ମନରେ ନାହିଁ ସୁଖ ଅବା କ୍ଲେଶ ।
ଦିନକୁ ଗ୍ରାସଇ ଘନ ଆଚ୍ଛାଦି ଆକାଶ,
ଯାଇ ନ ପାରଇ କେବେ ଦିବାକର ପାଶ;
ପ୍ରାଣକୁ ଧରନ୍ତି ରୋଗ ଶୋକ ମୋହ ଆଦି,
ନ ପାରନ୍ତି ବ୍ରହ୍ମଙ୍କର ଅଶୁଭ ସମ୍ପାଦି;
ଯେ ପାଖେ ଦିଶନ୍ତି ରବି ସେହି ପାଖେ ଦିନ
ବ୍ରହ୍ମରେ ଜଡ଼ିଲେ ପ୍ରାଣ ହୁଏ ଦୁଃଖହୀନ ।

୧ । ଜୀବନ—ଜଳ । ୨ । ଅମୃତ—ଜଳ । ୩ । କର୍କଟ—ଶ୍ରାବଣ । ୪ । ସିଂହ—ଭାଦ୍ରବ ।
୫ । କାଳକା—ମେଘମାଳ । ୬ । ଯାଦବ—ଗୋମହିଷାଦି ଧନ ।

ହୁଅ ମନ ସେ ପରମବ୍ରହ୍ମରେ ତନ୍ମୟ,
ତୋ ପକ୍ଷେ ଜଗତ ହେବ ସୁଖର ଆଳୟ ।
କୋଟି କୋଟି ସୂର୍ଯ୍ୟ ଯାର କରକ୍ରୀଡ଼ନକ,
ପ୍ରେମେ କ୍ଷମା କରେ ତାଙ୍କୁ ହୃଦର ପଦକ ।
କରନ୍ତୁ ସେ ଶାନ୍ତି ଦାନ ହୃଦ ତାପ ହରି,
ଶୋକ ମୋହ ନ ରହନ୍ତୁ ପାଶେ ତାଙ୍କୁ ଡରି ।
ସେହି ଏକା ଜୀବନର ଆଜନ୍ମ ବାନ୍ଧବ,
ତାଙ୍କ ଯୋଗୁଁ ଜଗତରେ ସକଳ ବିଭବ ।
ଜଗିଛନ୍ତି ଜୀବ ପଛେ ଜାଗ୍ରତେ ଶୟନେ,
ଶତ ଶତ ଅପରାଧ ନ ଧେନନ୍ତି ମନେ ।
କଦାପି କୁତ୍ରାପି ଯଦି ହୋଇଥାଏ କ୍ଷତ,
ତାହା ପୂର୍ତ୍ତି କରିବାକୁ ହୋଇଥାନ୍ତି ବ୍ୟସ୍ତ ।
ପ୍ରତି ଜୀବ ପ୍ରତି ତାଙ୍କ ଏହି ବ୍ୟବହାର,
ପ୍ରତି କ୍ଷଣେ କରୁଛନ୍ତି ବିଶ୍ୱ ଉପକାର ।

ତାଙ୍କର ବିଧାନେ ଗ୍ରୀଷ୍ମ, ବରଷା, ଶରଦ,
ହେଉଛନ୍ତି କାଳଚକ୍ରେ ଭ୍ରମି ହିତ-ପ୍ରଦ ।
ହେମନ୍ତ, ଶିଶିର ଆସି ନେଲେ ଅବସର,
ହିତ ସାଧି ଆସିଅଛି 'ବସନ୍ତବାସର ।'
କରୁଅଛି ପାଦପଙ୍କ ଜୀର୍ଣ୍ଣ ସଂସ୍କରଣ,
ମାନବ ଶରୀରେ ନବ ରକ୍ତସଞ୍ଚରଣ ।
ପ୍ରଭାତେ, ପ୍ରଦୋଷେ ଦେଇ ମଧୁର ପବନ,
ପଲ୍ଲବିତ କରୁଅଛି ମାନବ-ଜୀବନ ।
ଅମଳ କମଳ ଜଳେ, ଉପବନେ ମଲ୍ଲୀ,
କାନନେ ନିସର୍ଗ କୋଳେ କୁସୁମିତ ବଲ୍ଲୀ;
ନବୀନ ଜୀବନେ ହେଉଛନ୍ତି ଉଲ୍ଲସିତ,
ତହିଁ ସଙ୍ଗେ ମନ ଥରେ ହୁଅ ଉଦ୍ଭାସିତ;
କରି ମହାମହିମଙ୍କ ମହିମା ସ୍ମରଣ,
ନିଅ ସେ ମଙ୍ଗଳମୟ ଚରଣେ ଶରଣ ।

# ସୋମନାଥ ବିଜୟ

୧

ଦେବଦେବ ସୋମନାଥ ଭୂତସହଚର
ଜ୍ଞାନ-ନୟନରେ କରି ଭବିଷ୍ୟ ଦର୍ଶନ,
ଭୂତ ମେଳ ଛାଡ଼ି ଆସି କରିଅଛ ଘର
ମନୋହର ସ୍ଥାନ ଖଣ୍ଡି କରି ନିର୍ବାଚନ,
ବାୟବ୍ୟେ ରହିଛି ଯାର ଛତର ସାଗର
ଶ୍ୱେତଶତଦଳ ମାଳେ ମଣ୍ଡି ଅପଘନ,
ପୂର୍ବେ ବାଲିବନ୍ଧା ରଙ୍ଗ-କମଳ ଆକର
ଆପାଦମସ୍ତକ ସେତୁ ସୋପାନ ସମ୍ପନ୍ନ,
ସୋପାନ ପଥରେ ଉଠି ବାଲିବନ୍ଧା ଜଳ
ନିତି ଧୋଉଅଛି ତୁମ୍ଭ ଚରଣକମଳ ।

୨

ଦକ୍ଷିଣରେ ମହାନଦୀ ହୁଏ ପ୍ରବାହିତ
ବିଶ୍ୱନାଥ ପାଶେ ଯଥା ସୁରତରଙ୍ଗିଣୀ,
କିନ୍ତୁ ସେ ଧବଳବେଣୀ ବୃଦ୍ଧାରେ ଗଣିତ,
ଏ ସୁରମ୍ୟ ନୀଳ ବେଣୀ ମାନସରଞ୍ଜିନୀ ।
ଦିଗ୍‌ଗଜ ପରି ଏ କେତେ ପ୍ରକାଣ୍ଡ ଉପଳ
ମହାନଦୀ ଜଳେ ହୋଇଛନ୍ତି ନିମଜ୍ଜିତ,
କେତେ ଅବା ତୋଳିଛନ୍ତି ମସ୍ତକ କେବଳ,
ପୁଳିନରେ ହୋଇଛନ୍ତି କେତେ ଦଣ୍ଡାୟିତ;
ଭାବିଛନ୍ତି ପରି ମନେ ପୁଳିନ ପଥରେ
ମଜ୍ଜିବା ପ୍ରାବୃଟ କାଳେ ମନୋମତ ଥରେ ।

୩

ଭକ୍ତୋଦ୍ଧାରଆଘାଟ ଚଟନବସଙ୍କ ଘାଟ
ହୋଇଛି ଯା ସୁମଞ୍ଜୁଳ ସୋପାନେ ସଜ୍ଜିତ,
ମହାନଦୀ ମେଳ ପାଇଁ ଏ ସୁଗମ ବାଟ
ହେବ ପରି ଥିଲା ତୁମ୍ଭ ମାନସେ ସଞ୍ଚିତ,
କୈଳାସବିହାରଶଧ ମେଣ୍ଟାଇବା ପାଇଁ
ଝଜ୍ଜିତ ହୋଇଛି ପାଖେ ଗୁରୁଜ ମସ୍ତକ,
ସୁଗମ ସୋପାନପଥେ ଉଠି ଦେବସାଇଁ
ବସି ତହିଁ ପଢୁଥାଅ ପ୍ରକୃତି ପୁସ୍ତକ;
ପାରିବେ ଦର୍ଶନ କରି ତୁମ୍ଭ ଶ୍ରୀଚରଣ
ରାଜଘାଟ-ଶ୍ମଶାନରୁ ତୁମ୍ଭ ଭୂତଗଣ ।

୪

ଛତରସାଗରୁ ଆସି ଶ୍ୱେତପଦ୍ମବାସ
ବକମ କୁସୁମ ବାସ ସଙ୍ଗେ ଯେନି ପଥେ
ନାସିକା ତର୍ପଣ ପାଇଁ ତୁମ୍ଭ ଚଉପାଶ
ପ୍ରଦକ୍ଷିଣ କରୁଥିବ ତହିଁ ଅବିରତେ ।
ବାଲିବନ୍ଧା କମଳର ପରିମଳ ଆସି
ଚଳ-ଦଳ ଦଳବାତେ ହୋଇ ଆମନ୍ତ୍ରିତ
ସେ ସଙ୍ଗେ ମିଶିବ ଜାତି ସେନେହ ପ୍ରକାଶି
ତାଙ୍କ ସେ କୌତୁକେ ନିଶ୍ଚେ ହେବ ହରଷିତ
ହୃଦୟେ ସେକାଳେ ହେବ ଶାନ୍ତିର ବିକାଶ
ଜଗତରେ ଯହିଁ ଶାନ୍ତି ସେହି କଇଲାସ ।

୫

ତେଣେ ଦାମାମଠୁଁ ଏଣେ ରସାଳବନରୁ
ଅସୁଥିବ ପିକଧ୍ୱନି ଶ୍ରବଣ ରଞ୍ଜନେ,
ଜଳଚର ପକ୍ଷିନାଦ ଉଠି ସରୋବରୁ
ମଧୁମୟ ହେଉଥିବ ମଧୁପ ଗୁଞ୍ଜନେ;
ତରଙ୍ଗିଣୀ ତରଙ୍ଗର କଳକଳ ରବ
କର୍ପୂର ଧବଳ ବାଲିବନ୍ଧ ଅତିକ୍ରମି
ନିଭୃତ ସମୟ ପାଇ କରୁଥିବ ସ୍ତବ
ନଗରର କୋଳାହଳ ମଧ୍ୟରେ ନ ଭ୍ରମି ।
ତରଙ୍ଗ-ଶୀକର-ସ୍ନିଗ୍ଧ ଦକ୍ଷିଣ ପବନ
ନିତି ନିତି କରୁଥିବ ପଦ ପ୍ରକ୍ଷାଳନ ।

୬

କାନ୍ଦୁଅଛି ରାଜପୁର କପୋତ ବଦନେ
ବିକଳ ଉଚ୍ଛ୍ୱାସେ କରି ସକରୁଣ ସ୍ୱର,
ପୂର୍ବ ଗଉରବମାନ ସ୍ମରି ସ୍ମରି ମନେ
ତମ ବ୍ୟାଜେ ଦୁଃଖେ ଭରା ହୃଦୟ-କନ୍ଦର;
ଯେ ଉଜ୍ଜ୍ୱଳ ଅବରୋଧ ଉଜ୍ଜ୍ୱଳ ବସନେ
ଉଜ୍ଜ୍ୱଳ ରତନେ ହୋଇଥିଲା ଉଦ୍ଭାସିତ,
ତାକୁ ଆଜ ଲୂତା ତନ୍ତୁ ଜାଲ ତାଙ୍କେ ଘନେ
କରୁଅଛି ଚର୍ମଚଟ୍ଟୀ ମଳ ଦୁର୍ବାସିତ,
ଦେଖ ନାଥ ! ଯାଉଅଛି ଫାଟି ତାର ହୃଦ,
ପାଦେଶ ଥାଉଁ ଥାଉଁ ତୁମ୍ଭେ ଅନାଥସୁହୃଦ ।

୭

ପୂର୍ବ ପଶ୍ଚିମରେ ଥାଇ ରମ୍ୟ ଶ୍ୟାମ ବନ
ଗଗନକୁ ଟେକିଛନ୍ତି ଲମ୍ବ ଲମ୍ବ ଚୂଳ,
ବାଲିବନ୍ଧା ଜଳ ତଳ ପାତାଳ ଭବନ
ମନ୍ତ୍ରୁଛନ୍ତି ନିମ୍ନଶିରେ ଭେଦି ବେନି କୂଳ ।
ଦିଶୁଛନ୍ତି ବେନି ବନ ପରସ୍ପର କରି—
ପ୍ରସାରଣ କରୁଛନ୍ତି ଛୁଇଁବାର ଲୋଭେ,
ଜଳ ଲଙ୍ଘନରେ ହୋଇଛନ୍ତି ଅଗ୍ରସର,
ନ ପାରି ମାରବେ ଯେହ୍ନେ ରହିଛନ୍ତି କ୍ଷୋଭେ ।
ଲୋଭର ପ୍ରକୃତି ନାହିଁ କ୍ଷୋଭ ତାର ଫଳ
ଆଶ୍ରିତ ଫଳାଉଛ କି ? ଆଶ୍ରିତବତ୍ସଳ ।

୮

ମୁଚୁକୁନ୍ଦ ଗନ୍ଧ ଯେବେ ମରୁତ ବାହନେ
ଆରୋହି ସଗର୍ବ କରିଥିବ ଦିଗ୍‌ବିଜୟ,
ନ ପାଇ ସ୍ୱସମ ବୀର ଭୂତଳେ ଗଗନେ,
ନାସାରନ୍ଧ୍ର ପଥେ ପଶି ଜିଣିବ ହୃଦୟ ।
ପଞ୍ଚମନ ବାନ୍ଧି ନେଇ ତା ପଞ୍ଚକଟକେ,
ଅବରୋଧି ଦେବ ଶୁଦ୍ଧ ପ୍ରସାଦ ଆହାର,
ଶ୍ଳାଘ୍ୟ ମଣୁଥିବ ମନ ଥିଲେହେଁ ଅଟକେ,
ନ ବାଞ୍ଛିବ ଆଉ ନିଜ ସ୍ୱଚ୍ଛନ୍ଦ ବିହାର ।
ଭାଗ୍ୟ ଥିଲେ ସେହିକାଳେ ପ୍ରପଞ୍ଚ ଜୀବନ
ସ୍ମରିବ ତୁମ୍ଭର କୃପା ହେ ପଞ୍ଚବଦନ !

୯

ଯେତେବେଳେ ଲାଗିଥିବ ଚନ୍ଦନଉତ୍ସବ
ଜଳେ ସ୍ଥଳେ ହେଉଥିବ ଚନ୍ଦ୍ରିକାର ଲାସ୍ୟ
ବୀଚି ବୀଚି ଫୁଟୁଥିବ ତା କାନ୍ତି ଗୌରବ
ପର୍ଣ୍ଣେ ପର୍ଣ୍ଣେ ପ୍ରକଟିତ ହେଉଥିବ ହାସ୍ୟ,
ହେଉଥିବ ଅଙ୍ଗେ ଅଙ୍ଗେ ଚନ୍ଦନ ବର୍ଷଣ
ସଙ୍ଗେ ସଙ୍ଗେ ପ୍ରାଣେ ପ୍ରାଣେ ପୁଲକ ସଞ୍ଚାର,
କେଳିକଦମ୍ବର ହୋଇ ରୋମ ପ୍ରହର୍ଷଣ
ସଞ୍ଚରେ ଛଳେ ହେବ ହରଷ ପ୍ରଚାର ।
ତୁମ୍ଭ ଯୋଗେ ବର୍ତ୍ତମାନ ଏ ସୁନ୍ଦର ହାଟ,
କର ତାକୁ ବର୍ଦ୍ଧମାନ ପ୍ରମଥ-ସମ୍ରାଟ ।

୧୦

ବସନ୍ତେ ଅନାଇ ଦୂରୁଁ ଶାଳ୍ମଳୀର ରଙ୍ଗ
ନିଶ୍ଚୟ ଆସିବେ ଏଠି ହୋଇ ଦଳ ଦଳ
ଗଗନ ମଣ୍ଡନ କରି ତେଲିଆ-ବିହଙ୍ଗ
କରିବାକୁ ଶାଳ୍ମଳୀର ବିକାଶ ସଫଳ ।
ଫୁଲେ ଫୁଲେ ବସି ପୁଣି ଡେଇଁ ଫୁଲ ଫୁଲ,
ଚୁଷି ଚୁଷି ଦୁଇ ତିନ ମିଶି ମକରନ୍ଦ,
ଚଞ୍ଚଳ ଚଞ୍ଚୁରେ ଖାଉଥିବେ ପୁଷ୍ପଚୂଳ,
ସୁମଧୁର ରବ ରବ ପ୍ରକାଶି ଆନନ୍ଦ ।
ହେଉଥିବ ପୁଣି ତଳେ କୁସୁମ ବର୍ଷଣ,
ସେ ଦୃଶ୍ୟ କରିବ ତବ ଚିତ୍ତ ଆକର୍ଷଣ ।

୧୧

"ବର୍ହାକାମୀ" ଆମ୍ରବନୁ ଆସିବେ ଭ୍ରମରେ,
ସୁଖେ ଲଙ୍ଘି ସ୍ୱଚ୍ଛ ନୀର ସୁନାମୁହୀ ଧାର,
ବଟକୁନ୍ଦୁଳୀରେ କ୍ଷଣେ ଅଂକ ଭ୍ରମରେ,
ଘନସାର ଦ୍ୱୀପମଣି କରିବେ ସଞ୍ଚାର ।
ନ ପାଇ କୁସୁମ ତହିଁ ଉଡ଼ିବେ ସତ୍ୱର,
ପାଇବେ ଏଠାରେ ପୁଷ୍ପ-ବୈଭବ-ଭଣ୍ଡାର,
ଅଳଂକୃତ କରେ ଭୂମି ପ୍ରାସାଦ ଚତ୍ୱର
ଆକାରକୁ ଅନୁକରି ମାଣିକ୍ୟ ଧଣ୍ଡାର—
ହିଞ୍ଜଳ କୁସୁମ ଝୁଲୁଥିବ ମାଳ ମାଳ,
ବିସ୍ମରି ପାରିବେ ନାହିଁ ତାକୁ କାଳ କାଳ ।

୧୨

ସ୍ଥାନେ ସ୍ଥାନେ ନଗରରୁ ସୋପାନ ଆବଳୀ
ଯାଇ ହେଉଅଛି ସାନ ଧାରରେ ପ୍ରବେଶ,
ତହୁଁ ଗୃହୁଁ ନାଗରିକେ ହୋଇ କୃତାଞ୍ଜଳି
ବନ୍ଦିବେ ଶ୍ରୀପଦ ବୋଲି 'ନମୋବ୍ୟୋମକେଶ'
ପୁଣ୍ୟମାଘ ପ୍ରଭାତରେ ପୁରାଙ୍ଗନାଗଣ
ଘାଟେ ଘାଟେ ସ୍ନାନ କରି ବିଶୁଦ୍ଧ ହୃଦୟେ,
ଗାଇ ସୁମଧୁର ଗୀତ ତୋଷିବେ ଶ୍ରବଣ,
ଗୁହାରି କରିବେ ଯାହା ଶୁଣିବ ସଦୟେ,
ମୃଦୁକଣ୍ଠବିନିଃସୃତ ସେ ଅମିୟ ଗାନ
ଶୁଣି କନ୍ଦରାଏ ମନୁ ତେଜିବେ ଗୁମାନ ।

୧୩

ନଗର ଦକ୍ଷିଣ ତହୁଁ ପାଦପସଙ୍କୁଳ,
ଚିତ୍ତେ ଆସି ଉପୁଜିବ କାନନର ଭ୍ରମ,
କ୍ୱଚିତ ଦକ୍ଷିଣ ଖଣ୍ଡ ଖଣ୍ଡ ସୌଧଚୂଳ
ଧରାଧର ଉନ୍ମୁକ୍ତ ବରଫର ସମ ।
ଦୃଶ୍ୟ ହେବ ପଶ୍ଚିମରେ ନଦୀଶରବକ୍ଷେ
କର୍ମକାର ଦାର୍ଢ୍ୟକାର୍ଯ୍ୟ ଭାସମାନ ସେତୁ,
ଲହଣ୍ଡାଗିଣିରୁ ଯେହ୍ନେ ପରପାର ଲକ୍ଷେ
'ମହୋରଗ ଆସେ ରେଳ ବଂଶୀଧ୍ୱନି ହେତୁ
ଜଳ ଦେଖି ତା ଉପରେ ରହିଛି ପହଁରି
ଲୌହ ଖୋଳ ଦିଶେ ଅଙ୍ଗ ନାଳରେଖାପରି

୧୪

ନଦୀଗର୍ଭେ ମନୋହର ଧବଳ ସୈକତ,
ତହିଁ ମଧ୍ୟେ ମନୋହର ସ୍ୱଚ୍ଛ ଜଳଧାର,
ତବ କୋଳେ ଗିରିରାଜସୁତାଃ ଶ୍ୟାମାବୃତ
କରିଅଛି ନୟନରେ ପୀରତି ସଞ୍ଚାର ।
ତହୁଁ ଯେତେ ଦୂର ଦୃଷ୍ଟି କରଇ ଗମନ
ଘନଶ୍ୟାମ ବନ ଗିରିରାଜି ବିରାଜିତ—
ଅବନୀର ସୁଷମାରେ ହୋଇ ନିମଗନ
ହୃଦୟର ଦୁଃଖରାଶି କରେ ବିତାଡ଼ିତ ।
ଆଗ୍ନେୟ ଦିଗରେ ସାନ ପଠଳର ଘନ—
ସନ୍ନିବେଶ ମଧ୍ୟେ ପଶି ରହିଯାଏ ମନ ।

୧୫

ବଢ଼ିଥିବ ନଦୀ ଯେବେ ଚୁମ୍ବି କୂଳଦ୍ୱୟ
ପ୍ରକାଣ୍ଡ ଜଙ୍ଗଲ ପଲ ଯାଉଥିବେ ବୁଡ଼ି,
ନାଚୁଥିବ ଶିରେ ତାଙ୍କ ତରଙ୍ଗନିଚୟ,
ଭାସୁଥିବେ କାଷ୍ଠମାନ ସ୍ରୋତରେ ଦଉଡ଼ି ।
କାଷ୍ଠ ଆଣୁଥିବେ ଲୋକେ କରି ସନ୍ତରଣ,
ନାବକେଳି କରୁଥିବେ କଉତୁକୀ ଦଳ,
କରୁଥିବେ ସୁମଧୁର ସଙ୍ଗୀତ ଗାୟନ,
ତହିଁ ସଙ୍ଗେ ବାଜୁଥିବ ସୁସ୍ୱର ମର୍ଦ୍ଦଳ ।
କୃପାବିନ୍ଦୁ ଦେଉଥିବ ତାହାଙ୍କୁ ଅଭୟ,
ସହର୍ଷେ ବୋଲିବେ "ଜୟ ସୋମନାଥ ଜୟ ।"

୧୬

ସମେଶ୍ୱରି ବିଷମରେ ଯେତେବେଳେ ନାବ
ନାଚୁଥିବ ସମୁଦ୍ରଙ୍କ ତରଙ୍ଗ-କାନନେ,
"ଜୟ ସମଲାଈ ଜୟ" ବୋଲି ଉଚ୍ଚରବ
କରୁଥିବେ ମାଝିଗଣ ଆରକ୍ତ ଆନନେ ।
ଆବର୍ତ୍ତରେ ହେଉଥିବ ସ୍ରୋତ ବାଟବଣା,
ଆରୋହୀଙ୍କ ହେଉଥିବ ଜୀବନ ସଂଶୟ,
ସିକ୍ତ କରୁଥିବ ତାଙ୍କୁ ଶୀତ ଜଳକଣା,
ମାଝୀ ସହ ବୋଲୁଥିବେ, "ସମଲାଈ ଜୟ"
ଦେଖୁଥିବ ନାଥ ତାଙ୍କୁ କରିଦେବ ପାର,
ହୃଦୟରେ କରି ନିଜ ସନ୍ତାନ ବିଚାର ।

୧୭

ନିତି ନିତି ଦେଖୁଥିବ ଲହରୀ ଉପରେ
ସାୟନ୍ତନୀ ପ୍ରକୃତିର ମନୋହର ଖେଳା,
ପାଟଳ ଗଗନ ପଟେ ବିବିଧ ରୂପରେ
ନାନା ରଙ୍ଗ ବାଦଲଙ୍କ ଲଗିଥିବ ମେଳା ।
ନବ ନବ ଅଭିନୟ ନବ ନବ ବେଶ,
ନବ ନବ କାନ୍ତିମୟ ନବ ନବ ଛବି,
ନବ ନବ ଶୋଭା ଯେନ କରିବେ ପ୍ରବେଶ,
* ସମୟେ ସମୟେ ତହିଁ ଯୋଗଦେବେ କବି
ଉଇଁଥିବ ଦ୍ୱିତୀୟାର ଚନ୍ଦ୍ର ଯେଉଁ ଦିନ,
କା ନେତ୍ର ନ ହେବ ତହିଁ ପଲକବିହୀନ ।

୧୮

ପଶ୍ଚିମେ ଉଠିବ ଯେବେ ଜଳଦ-ପଟଳ,
ହେଉଥିବ ସୌଦାମିନୀ ଲାସ୍ୟେ ବିଲୁଣ୍ଠିତ,
ଇନ୍ଦ୍ରଧନୁ ଉଠି ତହିଁ ଦିଶିବ ଉଜ୍ଜ୍ୱଳ,
ଶ୍ୟାମଳ ଅଚଳ ଶିର ହେବ ଶୋଭାଞ୍ଚିତ ।
ନବୋଦିତ ଦିନକର କନକ କିରଣ
ଧୀରେ ହେଉଥିବ ନଦୀବକ୍ଷେ ବିରାଜିତ;
ହାସ୍ୟମୁଖ ହେଉଥିବେ ତଟ ତରୁଗଣ,
ବାଲବନ୍ଧା ହୋଇଥିବ ରାଜୀବ-ରାଜିତ ।
ଉଠାଇ ତ ଥିବେ ଆସି ତୁମ୍ଭ ଭକ୍ତଗଣ
ଆସି ଥରେ ସେହି କାଳେ ମନ୍ଦିର ପ୍ରାଙ୍ଗଣ ।

୧୯

ଯେତେବେଳେ ଉଠିଥିବ ଶଶାଙ୍କ ଗଗନେ,
କୌମୁଦୀରେ ହେଉଥିବ ଦିଗ ଉଦ୍ଭାସିତ,
ନଦୀସ୍ରୋତ ଚାଲୁଥିବ କଳ କଳ ସ୍ୱନେ
ଉପଳ ପଟଳ ଅଙ୍ଗେ ହୋଇ ବିତାଡ଼ିତ,
ଝକଝିକ କରୁଥିବ ବିକମ୍ପିତ ଜଳ
ମୀନାହତ ସମୁତ୍ଥିତ ଜଳକଣାପୁଞ୍ଜ
ଥର ଥର ହେଉଥିବେ ଅର୍ଥିର ସକଳ,
ମନୋହର ଦିଶୁଥିବ ବେତସନିକୁଞ୍ଜ ।
ପାଶେ ଥାଇ କରୁଥିବ ନାଥ ବିଲୋକନ,
ଅବଶ୍ୟ ସେ ଦୃଶ୍ୟ ହେବ ନୟନରଞ୍ଜନ ।

୨୦

ପ୍ରଦୋଷେ ସରିତବକ୍ଷେ ବେତସଗହନେ
ଚଉଦିଗୁ ବକବୃନ୍ଦ ଆସି କଲେ ସଭା,
ବିଚାରିବେ କୂଳେ ଥାଇ ଦୂରୁ ଦେଖି ଜନେ
କୁସୁମିତ ହୋଇଅଛି ମଲ୍ଲୀବନ ଅବା ।
ବାଦୁଡ଼ିଏ ଏଣେ ତୁମ ଦେଉଳ ଉପରେ
ଘିରି ଘିରି ଭ୍ରମୁଥିବେ ହରଷେ ସେ କାଳେ,
କେତେ ବା ଲେଉଟି ନିଜ ଦଳର ଭିତରେ,
ଥରେ ଥରେ ଦୋଳୁଥିବେ ଲମ୍ବିତଚୁଡ଼ାଳେ ।
ଦେବ, ଦେବ ମନେ ମୁଦ ଆସିଲେ ଭାବୁକ,
ଦେଖାଇ ଉଭୟ ଦିଗେ ଦୁଇ କଉତୁକ ।

୨୧

ମାରୁଆଡ଼ିମାନେ କୋପ ନଦୀଜଳେ ଦୁଲା-
ଜାଲି ଜାଲି ବୁଲୁଥିବେ ମତ୍ସ୍ୟଜୀବୀମାନେ;
ବାଲୁକାରେ ସ୍ଥାନେ ସ୍ଥାନେ ଜଳୁଥିବ ଚୁଲି,
ଦୂରେ ଦୂରେ ଦିଶୁଥିବ ବହ୍ନି ସାନୁମାନେ ।
ବାଲିରେ ଗାମୁଛା ପାରି ନଗରନିବାସୀ
ଶୋଇ ବସି କରୁଥିବେ ଘର୍ମ ଉପଶମ;
ଗଳ୍ପ ଜଳ୍ପ ସ୍ରୋତେ ମନ ଯାଉଥିବ ଭାସି,
କାଳଦଣ୍ଡକୁ ଲେଖୁଥିବେ ପଳକ ଉପମ ।
ବହୁ ଦୃଶ୍ୟ ଦେଖି ଦେଖି ଶୀତଳ ଜୀବନ,
ସେ ସମୟେ ହେଉଥିବ ଦୟାର ଭବନ

* କବି—ଗ୍ରନ୍ଥକ ।

୨୨.

ଦେଖିଥିଲି ଥରେ ଆସି ରଜନୀ ସମୟ
ବାଲିବନ୍ଧା ଜଳ ସ୍ଥଳ ସୋପାନ ସହିତ,
ଭିତ୍ତି-ବୀଥି-ଶିରେ ଦୀପ୍ତ ପ୍ରଦୀପନିଚୟ
ରମ୍ୟ ଆଲୋକରେ ହେଉଥିଲା ଉଦ୍ଭାସିତ;
କୋହଳବଧୂ ହଲ୍ଲୀସକ ମାଦଳ ବାଜଣା
ରାଜବୃନ୍ଦ ମାନସରେ ହେଉଥିଲା ତୋଷ,
ସୈକତରେ ହୋଇ ବହ୍ନି କୌତୁକ ସର୍ଜନା
ଉତ୍ଫୁଟିତ କରୁଥିଲା ପ୍ରମୋଦର କୋଷ ।
ଶ୍ରୀସଚ୍ଚିଦାନନ୍ଦ ଦେବ ରାଜସିଂହାସନ—
ଲାଭ ଯୋଗୁ ହୋଇଥିଲା ସେହି ଆୟୋଜନ ।

୨୩

ହେଲ ନାଥ, ଏତେକାଳରେ ହେଉଛୁ ବିରତ,
ଲେଖନୀ ମ ତାର କରି ରଖୁଅଛୁ ବନ୍ଦ,
କିନ୍ତୁ ଚିନ୍ତିବାରେ ସଦା ରହିବ ନିରତ
ତବ ସୁକୋମଳ ପଦ-ଅରବିନ୍ଦଦ୍ୱନ୍ଦ୍ୱ;
ନିତି ନିତି କରୁଥିବ ଏହି ଆବେଦନ—
ବ୍ରିଟିଶକେଶରୀଙ୍କର ହେଉ ଅଭ୍ୟୁଦୟ,
ଅବ୍ୟାହତ ହେଉ ତାଙ୍କ କୋମଳ ଶାସନ,
ଯା ଯତନେ ତୁମ୍ଭ ପାଖେ ଶୋଭାର ଆଳୟ ।
ଜୟ ଜୟ ସୋମନାଥ, ସୋମନାଥ ଜୟ !
ପଞ୍ଚମଜର୍ଜଙ୍କୁ ଦିଅ ଆୟୁ ନିରାମୟ !

# ବର୍ଷା-ଚିତ୍ର

ନାଟ୍ୟକାର ପରି ଆସି ବରଷା ସମୟ
ଦେଖାଇଲା ଲୋକେ ନବ ନବ ଅଭିନୟ ।
କେତେବେଳେ ଏକ ଦିଗୁ ଉଠି ନବଘନ
ଦେଖୁଁ ଦେଖୁଁ ଢାଙ୍କିଦିଏ ସମସ୍ତ ଗଗନ ।
ଅନ୍ତରିତ ହୋଇଯାଏ ସ୍ୱର୍ଣ୍ଣବର୍ଣ୍ଣ ଖରା,
ଶ୍ୟାମ ସ୍ନିଗ୍ଧ ଛାୟାବୃତା ହୋଇଯାଏ ଧରା,
ବସୁମତୀ ରାଣୀ ଅଙ୍ଗୁ ପୀତାମ୍ବର କାଢ଼ି
ପିନ୍ଧାଇ ଦିଏ କି ନବତନ ଶ୍ୟାମ ଶାଢ଼ୀ ?
କେବେ ପ୍ରାଚୀ ନୀଳ ନଭେ ସବିତାମଣ୍ଡଳ
ପ୍ରତୀଚୀ ମୂଳରେ ନୀଳ ନୀରଦପଟଳ,
ସେ ଜଳଦେ ଇନ୍ଦ୍ରଚାପ ମନୋହର ଦିଶେ,
ଦିଗଙ୍ଗନା ଚୁର କେଶ ରତ୍ନଭୂଷା କି ସେ ?
ମୟୂର ମୟୂରୀ ଏଣେ ଶିଖରୀ ଶିଖରେ
ନାଚୁଥାନ୍ତି ଉର୍ଦ୍ଧ୍ୱ ପୁଚ୍ଛେ ପ୍ରେମାନନ୍ଦଭରେ;
ଭଦଭଦଳିଆ ପାଇ ପୁତିକା ଆହାର
ଉଡ଼ି ବସୁଥାଏ ତରୁଚୂଡ଼େ ବାରମ୍ବାର,
କଜ୍ଜଳପକ୍ଷୀ ହିଁ ଥରେ ଥରେ ଗୁଡ଼ା ସ୍ୱନ
ଉଡ଼ି କରୁଥାଏ କଙ୍କି, ଝିଣ୍ଟିକା ଭକ୍ଷଣ,
ବଙ୍କିମେ ସ୍ମରଣି ହେମରୁଚି ରବିକର
ଝଲକାଉଥାଏ ତାଙ୍କ ଚାରୁ କଳେବର,
କଦମ୍ବ କୁଟଜ ପଦ୍ମ ଆଦି ନାନା ଫୁଲ
ନବ ସୌର କରେ ହୁଏ ସୁନ୍ଦର ଅତୁଳ,
ଇନ୍ଦ୍ରନୀଳମଣିରୁଚି ମଞ୍ଜୁ ଜମ୍ବୁ ଫଳ
ତରୁଣ ଅରୁଣ କର କ୍ଷାଳିତ ଉଜ୍ଜ୍ୱଳ,
ଶୁକଗଣ ସୁଖେ କରି ସେ ଜମ୍ବୁ ଆହାର
ଡାଳେ ଡାଳେ କରୁଥାନ୍ତି ଆନନ୍ଦେ ବିହାର;
ମରକତ-ପତ୍ର ପଦ୍ମରାଗ-ଫଳାନ୍ୱିତ
ବହୁପଦ-ତରୁ ରବି କିରଣେ ମାର୍ଜିତ,
ତହିଁ ବସି କ କ କରୁଥାଏ କାଆ କାଆ,
ବୋଲୁଥାଏ ପରା ବଣିପତି "ବାହା ବାଆ
ଦେବାଳୟଚୂଡ଼ା ସ୍ୱର୍ଣ୍ଣ କଳସ ରୁଚିର,
କୁଷ୍ମାଣ୍ଡ କୁସୁମଚୟେ ଶୋଭଇ କୁଟୀର;
ଦିଗମୂଳେ କେବେ ନୀଳ ଘନ ଦିଏ ଦେଖା,
ଶୀର୍ଷରେ ଶୋଭଇ ତାର ଶୁଭ୍ର ଅଭ୍ରରେଖା;
ଦିଗ୍‌ଗଜପୃଷ୍ଠରେ ରମ୍ୟ ରଜତ ଅମାରୀ
ଭ୍ରମ ଉପୁଜାଏ ସେହି ଦୃଶ୍ୟ ମନୋହାରୀ,

ବଳାହକ ତଳେ ନଭେ ବକମାଳ ଉଡ଼ି
ହସେ ଯେସନ୍ତେ ଗଜ ତଳେ ରଜତ ଘାଗୁଡ଼ି !
କେତେବେଳେ ପ୍ରଭଞ୍ଜନତାଡ଼ିତ ଆସାର
ଅବନୀରେ ପଡ଼େ ହୋଇ ଘନବକ୍ର ଧାର,
କେବଳ ହସଇ ତଡ଼ିତ ଧାରାମୟୀ,
ଜଳଧରମୟ ବ୍ୟୋମ ଜଳମୟ ମହୀ,
କ୍ଷୁଦ୍ରକ୍ଷେତ୍ରେ ବହେ ଜଳ ଲଙ୍ଘି କୃଷିବନ୍ଧ,
ପର୍ବତୁଁ ଝରଇ କରି ଝର୍ଝର ନିନାଦ,
ଗଜଶୁଣ୍ଡ ସମ ଧାରା ଅଟ୍ଟାଳରୁ ଝରେ
ରୌପ୍ୟତାର ପରି ଗୃହୁଁ ପଡ଼େ ଘରେଘରେ;
ସ୍ରୋତସ୍ୱିନୀ ବହେ ଖରେ ପ୍ଲାବି ବେନି କୂଳ
ଉତ୍ପାଟନ କରି ତଟ ବିଟପୀଙ୍କ ମୂଳ,
ନଦୀର ଗର୍ଜ୍ଜନ ପୁଣି ବୃଷ୍ଟିର ଶବଦ
କଳରବ ଗ୍ରାସି କରେ ଅବନୀ ସ୍ତବଧ;
କେତେବେଳେ ବାରିବିନ୍ଦୁ ଟପର ଟପର
ଚଢ଼ି ନିନାଦିତ କରେ ପାଦପ ଉପର;
କାସାରେ ନାଚନ୍ତି ମୀନଗଣ ନବଜଳେ,
ଗୃଭକ କ୍ରୀଡ଼ଇ ମୁଦେ ଶ୍ୟାମଘନ ତଳେ;
ଯୂଥ ଯୂଥ ମଦମତ୍ତ ବନଗଜଗଣ
କ୍ରୀଡ଼ନ୍ତି ଗମ୍ଭୀର ନାଦେ କମ୍ପାଇ କାନନ,
କେତେବେଳେ ଖସୁଥାଏ ବିରଳ ଶୀକର,
କେତେବେଳେ ବୃଷ୍ଟିହୀନ ବାଦଲ ମାତର,
କେତେବେଳେ ପରଚଣ୍ଡ ଚଣ୍ଡାଂଶୁ କିରଣ
ଭୂପୃଷ୍ଠେ ଭୂଧର ଅଙ୍ଗେ କରେ ସଞ୍ଚରଣ,
ଭୂଲତା ଭକ୍ଷଣେ ହୃଷ୍ଟ ସାରି ଦଳ ଦଳ
କରନ୍ତି ମଧୁର ରବେ ପୂର୍ଣ୍ଣ ବନସ୍ଥଳ;
ଦାବାନଳ ତାପମୁକ୍ତ ମୃଗଯୂଥ କାହିଁ
ଆନନ୍ଦେ ବୁଲନ୍ତି ନବତୃଣାଙ୍କୁର ଖାଇ,
ମାଣିକ୍ୟମଞ୍ଜୁଳକାହିଁ ଇନ୍ଦ୍ରଗୋପଗଣ
ବାଲିଆ ଭୂମିରେ କରୁଥାନ୍ତି ସଞ୍ଚରଣ;
୧ ଇନ୍ଦ୍ରପୁରେ ଇନ୍ଦ୍ରଧନୁ ରତନ ତୋରଣ
ତୁଙ୍ଗ ତରୁ ଶିରେ ରମ୍ୟ କନକ କିରଣ,
ଲୋକମୁଦ କ୍ଷଣେ ଦେଇ ହୋଇ ମନୋହର
କେବେ ଅବା ହସି ହସି ବୁଡ଼ନ୍ତି ଭାସ୍କର;
ମାଳମାଳ ପକ୍ୱତାଳ ବୃକ୍ଷରେ ସୁନ୍ଦର
ମସ୍ତକେ ଚଢ଼ିବ ବୋଲି ମାନବକୁ ଡର;
ଆପୁ ସ୍ମରଣ ନ କରି ରୂପ ଗର୍ବ ବହି
କନକ ବରଣ ଜହ୍ନି ଫୁଲ ବିକଶଇ,
କେବେ ଦୁଇ ବଗୁ ଉଠି ନୀରଦପଟଳ
ଗ୍ରାସଇ ତାରକାପୂର୍ଣ୍ଣ ଗଗନମଣ୍ଡଳ,
ରତନ ମଣ୍ଡିତ ସୁନାପ୍ରାସାଦର ବାଟ
ରୁନ୍ଧ ହୁଏ କି ତା ଗଢ଼ି ଯାଉଁଳ କବାଟ ?
ଗବାକ୍ଷ ପଥରେ ଜାଲି-ବାସ-ଆବରଣେ
ସୁରବାଳା ମୁଖ ଭ୍ରମ ଜନମାଇ ମନେ
ଏକେ ଏକ ତେଜସ୍କର ତାରା ଗଗନରେ
ନିଷ୍ପ୍ରଭ ଦିଶନ୍ତି କେବେ ବିରଳ ଘନାନ୍ତରେ,
କେତେବେଳେ ନୀଳନଭେ ପୂର୍ଣ୍ଣ କଳାକର
କୌମୁଦୀରେ ଧବଳିତ ବିଶ୍ୱଚରାଚର,
ତରୁ, ତୃଣ, ଗୁଳ୍ମ, ଲତା, ପ୍ରାସାଦ, କୁଟୀର
ପାରଦେ ମଣ୍ଡିତ ପରି ଦିଶନ୍ତି ରୁଚିର;
ଚନ୍ଦ୍ରିକା ଅମିୟ ସ୍ନିଗ୍ଧ ଲୋକ ମୁଦମୟ,
ହୋଇଯାଏ ପ୍ରକୃତିର ଉତ୍ସବ ସମୟ;
ପ୍ରଦୀପ୍ତ ଔଷଧି ଯେହ୍ନେ ହସଇ ଭୂଧର,
ଯେହ୍ନେ ବୀଚି ପରମ୍ପରା ନାଚଇ ସାଗର;
ପ୍ରଫୁଲ୍ଲ ଯୂଥିକା ଯେହ୍ନେ ହସଇ ଉଦ୍ୟାନ;
କାନନ ହସଇ ଯେହ୍ନେ ବନଫୁଲମାନ,
ସୁଗନ୍ଧେ କୁସୁମ ରଜ ଧୀର ସମୀରଣ
ବହି ସ୍ଥାନେ ସ୍ଥାନେ କରୁଥାଇ ବିତରଣ;
ଆମୋଦିତ ବନ, ନଗ, ପଲ୍ଲିକା, ନଗର,
ଭ୍ରମୁଥାନ୍ତି ଫୁଲେ ଫୁଲେ ଉନ୍ମତ୍ତ ଭ୍ରମର;
କେତେବେଳେ ଘନଘଟା କୌମୁଦୀ ଗ୍ରାସଇ,
କରଇ ଯେସନ୍ତେ କ୍ଷୀରପାନ କୃଷ୍ଣ ଅହି ।
ଜ୍ୟୋତ୍ସ୍ନାମୟୀ ନିଶା ହୁଏ ଉଷା ପରି ମ୍ଲାନ;
ଜୀବର ବିଷରୁ ଯଥା ହେଲେ ଗତପ୍ରାଣ;

୧ । ଇନ୍ଦ୍ରପୁର—ପୂର୍ବଦିଗ

କେବେ ଘୋର ଅନ୍ଧକାରେ ଧରଣୀ ମଗନ,
ନାହିଁ ଚନ୍ଦ୍ର, ନାହିଁ ତାରା ନ ଦିଶେ ଗଗନ,
ପଡ଼ିଯାଏ ଦୃଷ୍ଟିପଥେ ତିମିର କବାଟ,
ତମସିନ୍ଧୁ ଗର୍ଭେ ଲୀନ ପ୍ରକୃତି ବିରାଟ,
କେବଳ ଖଦ୍ୟୋତ ତମ-ସାଗର-ରତନ,
ଜ୍ୟୋତିରେ ଫିଟାଉଥାଏ ମାନବ ନୟନ;
ହ୍ରାଦିନୀର ଜ୍ୟୋତିର୍ମୟୀ ରେଖା ଥରେ ଥରେ
ଚମକି ଅଚିରେ ଲୁଚିଯାଏ ତରତରେ;
ନିଦ୍ରାଗତ ଜୀବଗଣ କଲରବ ନାହିଁ,
ରଜନୀ ଗର୍ଜ୍ଜନ ସ୍ରୋତ ଶୁଭେ ଝାଇଁ ଝାଇଁ;
କର୍କଶ ଦର୍ଦ୍ଦୁର ଆହା ଗୁଡ଼ୁଥାନ୍ତି ରଡ଼ି,
କ୍ଷଣେ କ୍ଷଣେ ହେଉଥାଏ ଘନ ଘଡ଼ଘଡ଼ି,
ହୃଦବନ ଦଗ୍ଧ ଯାର ଦୁଃଖ-ଦାବାନଳେ,
ଛଟପଟ ତାର ପ୍ରାଣ-କୁରଙ୍ଗ ବିକଳେ;
ଘୃଣା କରି ନିଦ୍ରା ତାର ନିକଟେ ନ ଯାଏ,
ନିଶି ଭୀଷଣତା ବେଗ ତାହା ପାଇଁ ଥାଏ ।

# অর্ঘ্যথাল

# ଅଭିବାଦନ

ଜୟ ଜୟ ନରଦେବ,
(ଶ୍ରୀ ଶ୍ରୀ) କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ହେ । ଘୋଷା ।

ଉତ୍କଳ ଅତୁଳମୟ ପ୍ରଭୁଙ୍କ ଗୌରବ,
ଦିଗ ଆମୋଦୁଛି କୀର୍ତ୍ତି-କୁସୁମ-ସୌରଭ ହେ । ୧ ।
ଦରଶନ କରି ତବ ମଙ୍ଗଳ ଉଦୟ
ଉଲ୍ଲସି ଉଠୁଛି ମାତୃଭୂମିର ହୃଦୟ ହେ । ୨ ।
ମାଗୁଛନ୍ତି ତବ ପୂତ ଜୀବନେ ଶରଣ
ଦେବୋଚିତ ରାଜୋଚିତ ଦିବ୍ୟ ଗୁଣଗଣ ହେ । ୩ ।
ଭାର୍ଗବୀ ଭାରତୀ ଦୁହେଁ ଲଭି ସମ ତୁଷ୍ଟି
କରୁଛନ୍ତି ପ୍ରଭୁଶିରେ ଦିବ୍ୟ ପୁଷ୍ପବୃଷ୍ଟି ହେ । ୪ ।
ଉତ୍କଳ ଚାହିଁଛି ତବ ସମୃଦ୍ଧି-ଅୟନେ
ଆନନ୍ଦ-ଅମୃତାଞ୍ଜନ ରଞ୍ଜିତ ନୟନେ ହେ । ୫ ।
ମହାରାଜବଂଶୀ ପ୍ରଭୁ ଖ୍ୟାତ ପୃଥିବୀରେ,
ମଣ୍ଡିଲେ ସମ୍ରାଟ ତହିଁ "ରାଜ" ପଦବୀରେ ହେ । ୬ ।
ରଦନ ରତନ ଯୋଗେ ଦିଶିଲା ଉଜ୍ଜ୍ୱଳ,
ସମ୍ମାନିତ ସୁକୃତଙ୍କ ତହିଁରେ ଉତ୍କଳ ହେ । ୭ ।
ନାନା ଉପାୟରେ ଆଜି ପ୍ରଭୁଙ୍କ ଚରଣ
ପୂଜୁଛନ୍ତି ଉତ୍କଳର କବି ବୁଧଗଣ ହେ । ୮ ।
କି ଦେଇ ମୁଁ ଦୀନ ତହିଁ କରିବି ଅର୍ଚ୍ଚନ,
ଭକ୍ତି ସହ **ଅର୍ଘ୍ୟଥାଳୀ** କରୁଛି ଅର୍ପଣ ହେ । ୯ ।
ଆଶା କରେଁ, ନ ହେଲେହେଁ ଶ୍ରୀପ୍ରଭୁଙ୍କ ପାତ୍ର,
ପଡ଼ିବ ଏଥିରେ ଦିବ୍ୟ କୃପାଦୃଷ୍ଟି ମାତ୍ର ହେ । ୧୦ ।
ସେତିକିରେ ଚରିତାର୍ଥ ହେବ ଦୀନଜନ,
ନାହିଁ ମୋର ପ୍ରୟୋଜନ ମଣେ ହେ ରାଜନ ହେ । ୧୧ ।

ପଦ୍ମପୁର
ତା ୨୫ । ୨ । ୧୯୧୮

ଶ୍ରୀପ୍ରଭୁଙ୍କ କୃପାଶାୟୀ
**ଶ୍ରୀ ଗଙ୍ଗାଧର ମେହେର**

# ଭୂମିକା

ମୋର ହୃଦୟ ନିବିଡ଼ ଅରଣ୍ୟତୁଲ୍ୟ; କିନ୍ତୁ ପ୍ରଶସ୍ତ ନୁହେ, କ୍ଷୁଦ୍ର । ତହିଁର ଅଭ୍ୟନ୍ତରକୁ ସତ୍ୟାଲୋକ ପ୍ରବିଷ୍ଟ ହୋଇପାରି ନାହିଁ । ତେବେ ସମଗ୍ର ଧରଣୀରେ ଯେତେବେଳେ ଆଲୋକ ବିକୀର୍ଣ୍ଣ ହେଉଅଛି, ଅରଣ୍ୟର ଉପରିଭାଗ ଆଲୋକିତ ହେବା ସ୍ୱାଭାବିକ । ରନ୍ଧ୍ରପଥରେ ମଧ୍ୟ ଅଭ୍ୟନ୍ତରକୁ ଆଲୋକର ପ୍ରବେଶ ଅବାରଣୀୟ । ଗଛଟିଏ ହେଲେ ଅବଶ୍ୟ ତହିଁରେ ଫୁଲ ଫୁଟେ, ତେବେ ଅରଣ୍ୟରେ ସୁସ୍ପଷ୍ଟ ଫୁଟେ ନାହିଁ । ମୋର ହୃଦୟରେ ନାନା ସମୟରେ ଯେ ନାନା ଭାବ ଉଦିତ ହୋଇଥାଏ, ତହିଁରୁ କେତେକ ପଦ୍ୟାକାରରେ ଲେଖି ପତ୍ର-ପତ୍ରିକାମାନଙ୍କରେ ପ୍ରକାଶ କରିଥିଲି । ତାହା ସୁଗନ୍ଧ ହେଉ ବା ନିର୍ଗନ୍ଧ ହେଉ, ପୁଷ୍ପରୂପେ ଗଣ୍ୟ । ତତ୍ପ୍ରତି ବହୁଦର୍ଶିମାନଙ୍କର ଦୃଷ୍ଟି ଆକୃଷ୍ଟ ହୋଇଥିବାର ବୋଧହୁଏ । ମୋ ପ୍ରତି ଉଦୟମାନ ଯଶସ୍ୱୀ ଶ୍ରୀମାନ୍ ପାରଳାଧିପତି ମହୋଦୟଙ୍କର ଶୁଭଦୃଷ୍ଟି ପତିତ ହୋଇଥିବାର ତଦୀୟ ନବର ସୁପରିଣ୍ଟେଣ୍ଡେଣ୍ଟ୍ ଶ୍ରୀଯୁକ୍ତ ନିତ୍ୟାନନ୍ଦ ପଟ୍ଟନାୟକ ମହାଶୟଙ୍କ ପତ୍ରରୁ ଅବଗତ ହୋଇ ମହାରାଜାଙ୍କ ସମ୍ମୁଖରେ ଅର୍ପଣ କରିବାକୁ ସେହି ସମସ୍ତ ପୁଷ୍ପରେ ଏହି 'ଅର୍ଘ୍ୟଥାଳୀ' ପ୍ରସ୍ତୁତ କରିଅଛି ।

ମୋର ଚିରହିତୈଷୀ ଶ୍ରୀଯୁକ୍ତ ନୀଳମଣି ବିଦ୍ୟାରତ୍ନ ମହାଶୟ ୫।୬ ବର୍ଷ ପୂର୍ବେ ଗ୍ରାମଚିତ୍ରାପୂତ ବିଷୟକ ଗୋଟିଏ ବୃହତ୍ ପଦ୍ୟ ଲେଖିବା ନିମନ୍ତେ ଉପଦେଶ ଦେଇଥିଲେ । ସେ ସମୟରେ ତାହାର ଆରମ୍ଭ ମାତ୍ର କରିଥିଲି । ସମ୍ପ୍ରତି ପ୍ରଶଂସିତ ପାରଳାଧିପତିଙ୍କ କୃପା-ଦୃଷ୍ଟିରେ ତାହା ପୂର୍ଣ୍ଣ-ପଲ୍ଲବିତ ହେବାରୁ ତାହାକୁ ଦୂର୍ବା-ବଦରୀ-ପତ୍ରରୂପେ ଏହି 'ଅର୍ଘ୍ୟଥାଳୀ'ରେ ରଖିଲି ।

ମହାଭାରତ ତୀର୍ଥରାଜ-ସମୁଦ୍ର ତୁଲ୍ୟ । ତହିଁର ଗୋଟିଏ ଗୋଟିଏ ଉପାଖ୍ୟାନ ଗଙ୍ଗାଯମୁନାଦି ପୂତନୀରା ନଦୀସ୍ୱରୂପ । ଉଦ୍‌ଯୋଗ ପର୍ବର 'ବିଦୁର ପ୍ରଜାଗର' ଗୋଟିଏ ଉପାଖ୍ୟାନ । ତାହା ଏପରି ହୃଦୟସ୍ପର୍ଶୀ ନୀତି ଉପଦେଶରେ ପୂର୍ଣ୍ଣ ଯେ, କଣ୍ଠସ୍ଥ କରିବାକୁ ଇଚ୍ଛାହୁଏ ଏବଂ ଏତେ ଦୀର୍ଘ ଯେ ପାଠ କରୁଁ କରୁଁ ଧୈର୍ଯ୍ୟଭଙ୍ଗ ହୁଏ । ଯେତେ ସୁସ୍ୱାଦୁ ହେଲେ ମଧ୍ୟ ଏକଜାତୀୟ ପଦାର୍ଥ ଅଧିକ ଭୋଜନ କଲେ ରୁଚିଭଙ୍ଗ ହେବା ସ୍ୱାଭାବିକ । ମୁଁ ଲୋଭ ସମ୍ବରଣ କରି ନ ପାରି ନିଜ ରଚନାରେ ପାତ୍ର ଗଢ଼ି ତହିଁରେ ସେହି 'ବିଦୁର ପ୍ରଜାଗର'ର ଯେତିକି ପାରିଲି ସେତିକି ପୂର୍ଣ୍ଣ କରି ତୀର୍ଥଜଳରୂପେ 'ଅର୍ଘ୍ୟଥାଳୀ'ରେ ଥୋଇଅଛି ।

ଏହି 'ଅର୍ଘ୍ୟଥାଳୀ' ସାଧାରଣଙ୍କର ମନୋନୀତ ହୋଇପାରିଲେ ମୁଁ କୃତାର୍ଥ ହେବି । ଇତି ।

ପଦ୍ମପୁର,
ତା ୨୫ । ୨ । ୧୯୧୮

ବିନୀତ
ଶ୍ରୀ ଗଙ୍ଗାଧର ମେହେର

# ଅର୍ଘ୍ୟଥାଳୀ

## ଭକ୍ତି

ବିଶ୍ୱଜୀବନ ହେ, ତୁମ୍ଭଙ୍କୁ କରୁଣାସିନ୍ଧୁ
ବୋଲିବାକୁ ମନ ବଳୁ ନାହିଁ ଯେଣୁ
ସିନ୍ଧୁ ତୁମ୍ଭ କୃପାବିନ୍ଦୁ । ପିପାସା ।
ତୁମ୍ଭ ଭଜନରେ ହେବ ନାହିଁ ନାଥ
ମାଳା ଜପିବାକୁ ବାଧ,
କୋଟି କୋଟି ଗ୍ରହ କଣ୍ଠି ସେ ମାଳର
କେ ଜପି କରିବ ସାଧ ?
ଦେଇ ନାହିଁ ବଳ ପାଦଧୂଳି ନେବା
ପାରିବ ନାହିଁ ମୋ ମୁଣ୍ଡ,
କୋଟି କୋଟି ରବି ଧୂଳିରୂପେ ତୁମ୍ଭ
ପାଦେ ହୋଇଛନ୍ତି ଗୁଣ୍ଡ ।
ହୃଦୟର କଥା ଜାଣିବାକୁ ଅଛି
ତୁମ୍ଭର ଅସୀମ ଶକ୍ତି,
ସେତିକି ନେବ ଯେତିକି ଅଛି ମୋ
ହୃଦେ ତୁମ୍ଭ ପ୍ରତି ଭକ୍ତି ।
ଥାପିବାକୁ ତୁମ୍ଭ ମୂରତି ମୋ କ୍ଷୁଦ୍ର
ହୃଦୟରେ ନାହିଁ ସ୍ଥାନ,
ସର୍ଷପ ଗରଭେ ରହି କି ପାରଇ
ହିମାଳୟ ସାନୁମାନ ?
କି ଦେଇ ପୂଜିବି ଯାହା ମୁଁ ଦେଖୁଛି
ସବୁ ତୁମ୍ଭର ପ୍ରସାଦ,
ଯାହା ପରସାଦ ତାକୁ ଅରପିଲେ
ହେବ ସିନା ଅପରାଧ !
ମୁଁ କାର ମାତର ମୋର ନୁହେ ବୋଲି
କହିବାକୁ ନାହିଁ ବାଟ,
ଦୂରୁ ଶ୍ରୀଚରଣେ ଅର୍ପଣ କରୁଛି
ନେବ ତା' ବିଶ୍ୱ-ସମ୍ରାଟ !

# ସମଲାଇ ଦେବୀଙ୍କ ପ୍ରତି

ଜୟ ମାତଃ ସମଲଈ ରତ୍ନକିରୀଟିନୀ,
କବରୀ ଶୋଭିତ ତୋର କେତକୀର ଦଳେ
ଶ୍ୱେତ ଶାନ୍ତ ରୂପେ ହେଉ ତ୍ରିଦଶ-ତଟିନୀ
୧ ଧବଳ କୁସୁମମାଳ ଲମ୍ବୁଥାଏ ଗଳେ ।
ଜବାପୁଷ୍ପ ଗଣ୍ଡ ମଧ୍ୟେ ହୀରକର ଭୂଷା,
ତୁହିଁ ମୋ ହୃଦୟୁ ହୁଏ ଆଶା-ପଦ୍ମାକର,
ମଣି ତୋତେ ସଉଭାଗ୍ୟଦାନଶଂସୀ ଉଷା,
ନିକଟେ ଲଭିବ ବୋଲି ସୁଖ ଦିବାକର ।
ତୁହି ଶକ୍ତି ତୁହି ବୁଦ୍ଧି ତୁହି ସରସ୍ୱତୀ,
ତୁ ପ୍ରତିଷ୍ଠା ତୁହି ମାଗୋ ଲକ୍ଷ୍ମୀସ୍ୱରୂପିଣୀ,
ଜଗତ-ଜନନୀ ତୁହି ଆଦ୍ୟା ଭଗବତୀ,
ସମ୍ପତ୍ତିଦାୟିନୀ ସର୍ବ ବିପଦ-ନାଶିନୀ ।
ଜଗତରେ ଯାହା ଅଛି ସବୁ ତୋର ସିନା,
କି ଦେଇ ପୂଜିବ ପଦେ ପ୍ରେମ-ଭକ୍ତି ବିନା ?

# ଅମୃତମୟ

ନବ ବିକସିତ ଫୁଲ ଗନ୍ଧ,
ନବ ସରସ କବିତା ଛନ୍ଦ,
ବନ ବିହଗ ମଧୁର ତାନ,
ଶିଶୁ ସରଳ ତରଳ ଗାନ,
ନବ ପ୍ରଫୁଲ୍ଲ କମଳ କାନନ
ନବ ସୁକୁମାର ଶିଶୁ ଆନନ,
ଅମୃତମୟ ଅମୃତ ରସ
ଭସାଇ ନେଉଛି ଜୀବନ ।
ଧୀର ଚଳିତ ଶୀତଳ ବାତ,
ଚିର ଲଳିତ କୁମୁଦନାଥ,
କ୍ଷୀର-ଧବଳ ଚନ୍ଦ୍ରିକାଜାଲ,
ନୀରଦାନଦକ୍ଷ ଘନମାଳ,
ମୃଦୁ ମଧୁର ଆଲୋକ ଉଦ୍ଗାର,
ନବପଲ୍ଲବ-ପତିତ ତୁଷାର
ଅମୃତମୟ ଅମୃତ ରସ
ମଜ୍ଜାଇ ଦେଉଛି ସଂସାର ।

ମିଠି ମିଠି ଜକ ଜକ ତାରା,
ଟପ ଟପ ଜଳଧର ଧାରା,
ତମନାଶନେ ଧାବିତ ଧଷ୍ଟି
ତମମୁକ୍ତ ଅବନୀ ହୃଷ୍ଟ,
ଗିରିଗହ୍ୱରପ୍ରସୂତ ନିର୍ଝର,
ଦୂର ଲମ୍ଫିତ ପ୍ରପାତ ଝର୍ଝର,
ଅମୃତମୟ ଅମୃତ ରସ
ପ୍ଲାବନ କରୁଛି ଜର୍ଜର ।
ମୁଁ ତ ଅମୃତ ସାଗରବିନ୍ଦୁ,
ନଭେ ଉଠିଥିଲି ତେଜି ସିନ୍ଧୁ,
ଖସି ମିଶିଛି ଅମୃତଧାରେ,
ଗତି କରୁଛି ସେ ଅକୂପାରେ,
ପଥେ ଶୁଖିଗଲେ ପାପ ତାପରେ,
ହୋଇ ଶିଶିର ଖସିବ ତା ପରେ,
ଅମୃତମୟ ଅମୃତ ରସ
ସହିତ ମିଶିବ ସାଗରେ ।

---

୧ । ଆଶ୍ୱିନ ଅମାବାସ୍ୟା ଦିନ ସମଲଈ ଶୁଭ୍ରାଙ୍ଗୀ ହୁଅନ୍ତି । ଲୋକେ ସେହି ସମଲାଈଦର୍ଶନକୁ ଗଙ୍ଗାଦର୍ଶନ ବୋଲି କହନ୍ତି ।

# ମଧୁମୟ

ବିଶ୍ୱ ଦେଖ ମଧୁମୟ ରେ ଜୀବନ
ବିଶ୍ୱ ଦେଖ ମଧୁମୟ
ମଧୁର ଝରଣ କରିବ ହରଣ
ତୋ ପାପ ମରଣ ଭୟରେ ଜୀବନ । (ଘୋଷା)
ଜନନୀର ସ୍ନେହ ଜାୟାର ପ୍ରଣୟ
ବୁଧ ବନ୍ଧୁ ସଦାଳାପ,
ଜନକ ଆଦର ଏକ ଏକ ଝର
ତଡ଼ି ଦେଉଛନ୍ତି ତାପ ରେ ଜୀବନ ।
ନବ ନବ କର୍ମ ନବ ନବ ମର୍ମ
ନବ ନବ ଜ୍ଞାନପଥ,
ନବୀନ ଆଲୋକେ ଦେଖାନ୍ତି ଏ ଲୋକେ
ମଧୁ ଝର ଶତ ଶତ ରେ ଜୀବନ ।
ମଧୁମୟ ବନେ ମଧୁମୟ ସ୍ୱନେ
ଗାଇ ମଧୁମୟ ଗୀତ,
ବିହଙ୍ଗମଗଣ ପୂରାନ୍ତି ଶ୍ରବଣ
ମଧୁ ଢାଳି ନିତି ନିତି ରେ ଜୀବନ ।
ଦିନେ ଦିନପତି ରାତେ ଋକ୍ଷପତି
ସହିତ କୁମୁଦବନ୍ଧୁ,
ବିଚରି ଗଗନେ ଅଖିଳ ଭୁବନେ
ବିତରନ୍ତି ଜ୍ୟୋତି ମଧୁ ରେ ଜୀବନ ।
ମହୀ ମହୀଧରେ ସରିତ ସାଗରେ
ସରେ ବନ ଉପବନେ,
ଦେଖ ଫୁଲକୁଳ ପଲ୍ଲବ କଲ୍ଲୋଳ
ମଧୁ ମାଖିଛନ୍ତି ଘନେ ରେ ଜୀବନ ।
ବିଶ୍ୱନାଥଙ୍କର କରୁଣାକନ୍ଦର
ମଧୁ ଝର ଜନ୍ମସ୍ଥଳ,
ଯହିଁ ଝର ପ୍ରତି ଉଠେ କଲେ ଗତି
ପାଇବୁ କରୁଣାଚଳ ରେ ଜୀବନ ।
ହେଲେହେଁ ତୁ ସାନ କରୁଣାନିଧାନ
ରାଜ୍ୟରେ କରୁଛୁ ବାସ,
ବଢ଼ାଇଲେ କର ତାଙ୍କ ଶ୍ରୀପୟର
ଲାଭେ ନ ହେବୁ ନିରାଶ ରେ ଜୀବନ ।
ସର୍ପଦଷ୍ଟ ଜନ ମୁଖରେ ଲବଣ
ଦେଲେ ବୋଲଥାଏ ମିଠି,
ଜ୍ଞାନଭ୍ରଷ୍ଟ ମଧୁ ନ ଲାଗେଲେ ସ୍ୱାଦୁ
ଜ୍ଞାନଗଦ ପିଅ ବାଟି ରେ ଜୀବନ ।

# ✻ ଉତ୍କଳ ଭାରତୀଙ୍କ ଉକ୍ତି

ଛିଡ଼ ବାବୁ ମୋର କୋମଳ ବସନ
ଅଙ୍ଗକୁ ଯହିଁରେ ନ ହେବ ପୀଡ଼ା,
ଦେବ ହେଲେ ଦିଅ ଏମନ୍ତ ଭୂଷଣ
ଯାହା ଘେନି ମୋର ନ ହେବ ବ୍ରୀଡ଼ା ।
ଅଙ୍ଗ ଯହିଁ ଦିଅ ଯୋଗ୍ୟ ପରିଚ୍ଛଦ
ପରିଚ୍ଛଦ ଯୋଗୁଁ ନ କାଟ ଦେହ,
କଟା ହେଲେ ହେବ ଜୀବନେ ବିପଦ
ନ କର ମାତାକୁ ସେପରି ସ୍ନେହ ।
ନଖ ବଢ଼ିଥିଲେ କର କରତନ
ରଞ୍ଜିଦିଅ ତହିଁ ଅଲତା ରଙ୍ଗ,
ନାକ ବଡ଼ ଥିଲେ ତା କଲେ ଛେଦନ
ହେବ ନାହିଁ କି ମୋ ସୌଷ୍ଠବଭଙ୍ଗ ?

✻ ଏହି କବିତାଟି ଲିପିସଂସ୍କାର ଆନ୍ଦୋଳନ ସମୟରେ ଲିଖିତ ।

ରୋଗ ଥିଲେ ଦେହେ   ପ୍ରତିକାର କର
ପ୍ରକୃତିସ୍ଥ ହେଉ ଜୀବନ ମୋର,
ଭଗ୍ନ ବର୍ଣ୍ଣେ ଯଦି   ରଞ୍ଜି କଳେବର
ହେବ ମାତ୍ର ତହିଁ ବୀଭତ୍ସ ଘୋର ।
ତୁମ୍ଭେ ମୋତେ ଯେଉଁ   ବେଶରେ ସାଜିବ
ସେ ବେଶ ଦେଖିବେ ଜଗତ ଜନେ,
ତୁମ୍ଭେ ଯଦି ମୋତେ   ଯତନେ ମାଜିବ
ମାର୍ଜିତ ଉଜ୍ଜ୍ୱଳ ହେବ ଭୁବନେ ।
ଦେଉଁ ଦେଉଁ ମୋର   ନୟନେ ଅଞ୍ଜନ
ମୁଖ ଯଦି ହେବ କାଳିମାମୟ,
ପୋଛ ଗଣ୍ଡ କାଳି   ନ ଦେଇ ଗଞ୍ଜନ
ହେବ ମନୋହର କାନ୍ତି ଉଦୟ ।
ଫୁଟିଥିଲେ କିଆ   କଣ୍ଟକିତ ପ୍ରସୂନ
ଥାଏ ଯଦି ତହିଁ କିଛି ସୌରଭ,
ସୌରଭ ନ ଥିଲେ   କାନ୍ତିରେ ନନ୍ଦନ
ନ ଥିଲେ ବଢ଼ିବ ସିନା ଗୌରବ !
ମସ୍ତକେ ମୋ ଟୋପି ନ ଦେବ ବାବା ରେ
ନ କାଢ଼ିବ ମୋର କରୁ କଙ୍କଣ,
ସିନ୍ଦୂରବିନ୍ଦୁ ମୋ   ଭାଲେ ରଖିବାରେ
ନିରନ୍ତର ମନେ ଥିବ ସ୍ମରଣ ।
ଭାଇ ଭାଇ ମଧ୍ୟେ   କଳହ ନ କର
ତୁମ୍ଭ କଳହେ ମୁଁ ହେବ ଦୂଷିତ,
ରତନ ସଂଗ୍ରହେ   ହୁଅ ଯତ୍ନପର
ରତ୍ନ ଗୁନ୍ଥି ମୋତେ କର ଭୂଷିତ ।
ଅଭିମାନ ବେଗେ   ନ କର ପ୍ରଳାପ
ପ୍ରଳାପ ଶୁଣିଲେ କାନ୍ଦେ ମୋ ହୃଦ,
ଜ୍ଞାନେ ଧ୍ୟାନ ରଖି   କର ସଦାଳାପ
ସଦାଳାପେ ସଦା ବଢୁ ମୋ ମୁଦ ।
ମନ୍ଦିରକୁ ମୋର   କର ସୁସଜ୍ଜିତ
ରମ୍ୟ ରମ୍ୟ ଉପକରଣ ଆଣି,
କାଠ ଖମ୍ବମାନ   କର ସୁରଞ୍ଜିତ
ଢାଳିଦିଅ ତହିଁ ସୁବର୍ଣ୍ଣ ପାଣି ।
ନାନା ଦେଶୁ ଆଣି   ତରୁ ବଲ୍ଲୀମାନ
ରୋପଣ କର ମୋ ଉଦ୍ୟାନଗର୍ଭେ,
ଉଦ୍ୟାନ କରିବ   ସୁଫଳ ପ୍ରଦାନ
ଭୁଞ୍ଜିବ ସୁଖେ ମୋ ନନ୍ଦନ ସର୍ବେ ।
ଆବର୍ଜ୍ଜନାହୀନ   କର ମୋ ସଦନ
କର ଆବଶ୍ୟକ ଜୀର୍ଣ୍ଣ ସଂସ୍କାର,
ମାନ୍ୟ ଧର୍ମ ରଖି   କର ବିଚରଣ
ନ କର ମୋ ପୁରେ ଯଥେଚ୍ଛାଚାର ।
ନିଜ ଉନ୍ନତିକି   ଉନ୍ନତି ନ ମଣ
ମୋତେ ନ କରିବା ଯାଏ ଉନ୍ନତ,
ଏକ ତରୁ ତଳେ   ଥିବେ କୋଟି ଜଣ
ବନ୍ଧୁ ଜଳ ଫଳ ଦିଏ ପର୍ବତ ।
ତୁମ୍ଭ ରାଜ୍ୟ ଭୂମି   ପ୍ଳାବି ନ ପାରନ୍ତି
ଆଣି ସାଗରର ଅସଂଖ୍ୟ ଝର,
କେ ହରିବ ତୁମ୍ଭ   ହୃଦୟ ତପତି
ନ ବହିଲେ ପୂତ ସ୍ରୋତ ମୋହର ।
ହୋଇ ଏକପ୍ରାଣ   ହୋଇ ଏକମନ
ଉଚ୍ଚ ତାନେ ଗାଅ, "ଭାରତୀ ଜୟ",
ଉଡ଼େ ଟେକ କୀର୍ତ୍ତି-   ପତାକା ଗଗନ
ହୋଇଯାଉ ଶୁଭ୍ର ପତାକାମୟ ।

# ନର ଓ ମୟୂର

ହସ୍ତୀର ଉପରେ ବସିଥିଲେ ନରବର
ରତ୍ନମୟ ପରିଚ୍ଛଦେ ମଣ୍ଡି କଳେବର ।
ଶିଖରୀ ଶିଖରେ ରହି ଶିଖୀ ତାହା ଚାହିଁ,
ସହି ନ ପାରିଲା ତାଙ୍କ କୃତ୍ରିମ ବଡ଼ାଇ ।
କେକାରବେ ଡାକଦେଲା ବିସ୍ତାରି ସ୍ୱପୁଚ୍ଛ,
ନୁହେ ନୃପ ମୋ ସମାନ ରମ୍ୟ ଅବା ଉଚ୍ଚ ।
ଦେଖ ମୋତେ,ମୋହଠାରୁ ଅଟେ କେଡ଼େ ଖର୍ବ
କି ଦେଖି ନିଜକୁ ଉଚ୍ଚ ମଣି କର ଗର୍ବ ।

ମୋର ପୁଚ୍ଛ ସଙ୍ଗେ ଯଦି କରିବି ତୁଳନା,
ନିଶ୍ଚୟ ମଣିବ ନିଜ ବେଶକୁ ଅଲଣା ।
ତୁମ୍ଭେ ବା ବୋଲିବ ଅଛି ମାନବର ଜ୍ଞାନ;
ପକ୍ଷୀଜାତି ହେବ କାହିଁ ମାନବ ସମାନ ?
ଭେକର ବିକଟ ରବେ ନଥାଏ ମୋ କର୍ଣ୍ଣ,
ନାଚୁଥାଏ ଊର୍ଦ୍ଧ୍ୱେ ଶୁଣି ଜଳଦ ଗର୍ଜନ ।
ନୀଚର କୁବାଣୀ ସହି ଉଚ୍ଚର ଭର୍ତ୍ସନା,
ହିତ ମଣି କର କି ହେ ଉଚ୍ଚର ଅର୍ଚ୍ଚନା ?

ଭୟଙ୍କର ବିଷଧର କରେଁ ଗର୍ଭସାତ,
ନାଶ କି ଜିଘାଂସା ହେଲେ ତୁମ୍ଭହୃଦେ ଜାତ?

ଇନ୍ଦ୍ରଧନୁ ଦରଶନେ ବଢ଼େ ମୋ ଆନନ୍ଦ,
ପରଶିଖି ହୁଅଇ କି ତୁମ୍ଭ ପ୍ରୀତିପ୍ରଦ ?

ପର୍ବତେ ମୋ ଯେଉଁ ସୁଖ ସେ ସୁଖଭୂମିରେ,
ସମ ସୁଖୀ ଥାଅ କି ହେ ପ୍ରାସାଦେ କୁଟୀରେ?

# ବର୍ଷାଋତୁ ପ୍ରତି

ଦାନେ କୁଣ୍ଠିତ କାହିଁକି ବରଷା,
ତୁ ଯେ ମହୀର ସକଳ ଭରସା ।
ତୁ କି ଏମନ୍ତ ଭାବିଥାଉ ମନେ,
ମହୀ ରହିଛି ସାଗରବେଷ୍ଟନେ;
ତାକୁ ନ ଥିବ ଜଳର ଅଭାବ,
ତେବେ ନ ଜାଣୁ ତୁ ଲୋକସ୍ୱଭାବ ।
ବଡ଼ ହେଲେହେଁ ଯେ ନୀଚହୃଦୟ,
କେବେ ହୋଇଛି କି ପରେ ସଦୟ ?
ମହୀ ମଲେହେଁ ହୋଇ ଶୁଷ୍କକଣ୍ଠ
ସିନ୍ଧୁ ସଲିଲ ବିନ୍ଦୁ ଲଭେ କଷ୍ଟ ।
କ୍ଷୁଦ୍ର ହେଲେହେଁ ମହୀକି ଅଚଳ
ଉଚ୍ଚହୃଦୟ ହେତୁ ଦିଏ ଜଳ ।
ମେଘମାନେ ତୋ ଉତ୍ତମ ଚାକର,
ଅତି ଉନ୍ନତ ହୃଦୟ ତାଙ୍କର ।
ମହୀ ଜୀବନ ରକ୍ଷା ଚିରକାଳ
କରୁଅଛନ୍ତି ବିତରି କୀଲାଳ ।

ତୋର ଆଦେଶ ପାଇବା ମାତରେ
ଦାନ କରିବେ ଜଳ ଅକାତରେ ।
କେହି ବୋଲିବେ ଅବା ସିନ୍ଧୁ ନୀର
ଶୋଷେ ହୋଇଛି ସିନା ଦାନବୀର ।
ନିଜେ ବିତରି ନ ଜାଣେ କୃପଣ,
ଖଣ୍ଡେ ନିଅନ୍ତି ବଳେ ତାର ଧନ ।
ଖଣ୍ଡେ ହେଲେହେଁ ପରକୁ ପ୍ରଦାନ
କରି ଜାଣେ ଯେ ସେ ଲୋକ ପ୍ରଧାନ ।
ନିଜେ ତୁ କରି ନାହୁଁ ଖଣ୍ଡପଣ,
ଗ୍ରୀଷ୍ମ କରିଛି ତୋ କରେ ଅର୍ପଣ ।
ତୁହି ମହୀକି ଦେବୁ ଯେତେ ଜଳ,
ଦେବ ସିନ୍ଧୁକୁ ନ ଥୋଇ ସକଳ ।
ନୀଚହୃଦୟ ସଞ୍ଚି ରଖେ ଧନ,
ସାଧୁ ସାଧଇ ଲୋକପ୍ରୟୋଜନ ।
ଫଳ ପ୍ରସୂନ ବସ୍ତ୍ର ଉପାଦାନ
ମହୀ କରିବ ଜୀବକୁଳେ ଦାନ ।

# ଖଦ୍ୟୋତର ଖେଦ

ଖେଦେ କହେ ଖଦ୍ୟୋତ ମୁଁ ଅତି କ୍ଷୁଦ୍ର ଜୀବ
କି ବିଚିତ୍ର ପକ୍ଷ ମୋତେ ଦେଇଛି ଦଇବ
ରଜନୀରେ ଉଡ଼ି ଲୁଚି ଉପହାସ ଡରେ,
ଅବା ଦୂରେ ବସିଥାଏଁ ପାଦପ ପତରେ ।
ଅଙ୍ଗେ ମୋର ଜ୍ୟୋତି ଥିବା
ନାହିଁ ମୋତେ ଜଣା,
ନ ଗୃହେଁ ମୁଁ ଜ୍ୟୋତିଷ୍କରେ
ହେବା ପାଇଁ ଗଣା ।

ତଥାପି ମାନବେ ମୋତେ ଉପହାସ କରି
ବୋଲନ୍ତି ଖଦ୍ୟୋତ କାହିଁ ହେବ ଚନ୍ଦ୍ରସରି ?
କାହିଁ ଚନ୍ଦ୍ର, ମିଳେ ତାଙ୍କୁ ପ୍ରଭାକର କର,
ମୋ ଜ୍ୟୋତିକଣିକା ନିଜ କ୍ଷୁଦ୍ର ଜୀବନର ।
କରି ନ ଜାଣଇ ପର ଧନେ ଅଭିମାନ,
କେମନ୍ତେ ପାରିବ ହୋଇ ଚନ୍ଦ୍ରମା ସମାନ ?
ନ କର ମାନବେ କ୍ଷୁଦ୍ର ଜୀବେ ଉପହାସ,
ନିଜର ଜୀବନ-ଜ୍ୟୋତି କର ପରକାଶ ।

# ଅନ୍ଧକାରର ଆତ୍ମପ୍ରସାଦ

ମନେ ମନେ ହସି ଭାବି ବୋଲେ ଅନ୍ଧକାର,
ବିଚିତ୍ର ଅଟଇ ସିନା ଲୋକବ୍ୟବହାର ।
ଦେଖି ମୋତେ କରିଥାନ୍ତି ଦୁଃଖର ଉପମା,
କରନ୍ତି ଅଜ୍ଞାନ-ବିଷ ବିପଦର ସମ ।
ଆଲୋକରେ ଭ୍ରମି ଭ୍ରମି ପ୍ରାଣୀ ହୁଏ ଶ୍ରାନ୍ତ,
ବଳେ ତାକୁ କୋଳେ ଧରି କରଇ ମୁଁ ଶାନ୍ତ
ଅଜ୍ଞାନର ସମତାରେ ନାହିଁ ମୋର କ୍ଷୋଭ,
ଅଜ୍ଞାନର ସନ୍ତୋଷରେ ବରଞ୍ଚ ମୋ ଲୋଭ ।
କେଉଁ ଶ୍ରେଷ୍ଠ ଅଛି ଭବେ ଜ୍ଞାନୀ ନାମ ବହି,
କେତେ ଜ୍ଞାନବାନ ଶାନ୍ତି ଦେଇଥାନ୍ତି ଦହି ।
ସନ୍ନିପାତେ ହୋଇଥାଏ ବିଷ ପ୍ରୟୋଜନ,
ସୁଖୀ ମୁହିଁ ହୋଇ ତାର ଉପମାଭାଜନ ।
ବିପଥଗାମୀକି କରେ ବିପଦ ବାରଣ,
ଇଚ୍ଛୁକ ମୁଁ ସଦା ତାର ମିତ୍ରତା କାରଣ ।
କେହି ମୋତେ ବୋଲିଥାନ୍ତି ଚୋରର ସହାୟ

ମାନବର କି ଅଦ୍ଭୁତ ବିବେଚନା ହାୟ !
ଆଲୋକରେ ଦେଖି ଚୋର ଧନିକର ଧନ,
ଆଲୋକରେ ତଡ଼ି ମୋତେ କରେ ତା ହରଣ
କେହିଅବା ବୋଲେ ମୋତେ ଲମ୍ପଟର ବନ୍ଧୁ
ମୋ ଯୋଗେ କୁପଥେ ପଡ଼ି ଯାଏ କୁଳବଧୂ
କୁଳବଧୂ ମୁଖ କିଏ କରେ ପ୍ରଦର୍ଶନ,
କିଏ ବା କରଇ ତାର ଚିତ୍ତ ଆକର୍ଷଣ ।
ନ ଧରନ୍ତି କେହି କେବେ
ତେଜସ୍ୱୀର ଦୋଷ,
ସ୍ୱଭାବେ ଶୀତଳ ମୁହିଁ,
ସ୍ୱଭାବେ ମୋ ତୋଷ ।
ଗୁଣ ଚିହ୍ନିବାକୁ ଲୋକେ
ନ ଥିଲେହେଁ ଅନ୍ୟ,
ମୋ ଗୁଣ ବିଚାରି ନିଜେ
ବୋଲେ ମୁହିଁ ଧନ୍ୟ ।

# ସୂର୍ଯ୍ୟ ପ୍ରତି ଦୀପ

ଈଶ୍ୱର ନାମକୁ ସୂର୍ଯ୍ୟ କରୁଛ ସଫଳ,
ଆଲୋକିତ କରି ଚର ଅଚର ସକଳ ।
ମୋର ପ୍ରତି ପ୍ରତିକୂଳ ହେଲ କି କାରଣ,
ଯା' ଥିଲା ମୋ ପ୍ରଭାଟିକ ତା କଲ ହରଣ ।
ତୁମ୍ଭ ରିପୁ ତମ, ତାକୁ ନାଶ ଏ ସଂସାରେ,
ମୁହିଁ ତମ ନାଶିଥାଏଁ ଶକ୍ତି ଅନୁସାରେ ।
ଉଚିତ ଅଟଇ ମୋହଠାରେ ତୁମ୍ଭ ତୋଷ,
କିନ୍ତୁ ମୋ ଆଲୋକ ନାଶ ଦେଖି କେଉଁ ତୋଷ ?
ଅନ୍ଧକାର ସଙ୍ଗେ କଲ ମୋ ଆଲୋକ ଗଣ୍ୟ,
ଧନ୍ୟ ପ୍ରଭାକର ତୁମ୍ଭ ମିତ୍ର ନାମ ଧନ୍ୟ !
* ନୟନ-ଦେବତା ତୁମ୍ଭେ ଏ କି ଚମତ୍କାର,
ନ ପାରିଲ ବାରି ନିଜେ ଆଲୋକ ଅନ୍ଧାର ।
ଏହି ସ୍ୱଭାବରୁ ତୁମ୍ଭେ ହେଲେ ଯେତେ ବଡ଼,
ଚକ୍ଷା ପଡ଼ିଗଲ ଦିନା ଦେବ ନୁହ ଜଡ଼ !

# ବାକ୍ୟବୀର ଓ କର୍ମବୀର

ଭେକ ଗରଜିଲେ ଆସଇ ବରଷା
ଜଳଧାରେ ମହୀ କରେ ପ୍ଲାବିତ,
ବାକ୍ୟବୀର ଡାକ କରଇ ଭରସା
କର୍ମବୀର ଥିବ ବୋଲି ଜୀବିତ ।
ମରୁଦେଶ ଭେକେ ଗରଜଇ ନାହିଁ
ନୀରଦ ସେ ଦେଶେ ନ ଦିଏ ନୀର,
କର୍ମବୀର କର୍ମ— କୁଣ୍ଠିତା ନ ଗ୍ରହି
ନ ଡାକନ୍ତି କେବେ ବଚନବୀର ।
ହେଲେ ବିଦ୍ୟୁଲ୍ଲେଖା ଗର୍ଜନ ଭୀଷଣ
ଜଣାଯାଏ ମେଘ ବର୍ଷିବ ଜଳ,
ତେଜସ୍ୱିନୀ ଲେଖା ସୁତୀବ୍ର ଭାଷଣ
କର୍ମବୀରଠାରେ ନୁହେ ନିଷ୍ଫଳ ।
କୋକିଳ ଭାଷିଲେ ରସାଳ ପାଚଇ,
ଭୁଞ୍ଜନ୍ତି ତା ସୁଖେ ଜଗତ-ଜନ,
ବାକ୍ୟେ କର୍ମବୀର ଶକ୍ତି ସଞ୍ଚରଇ,
ତେବେ କରେ ଲୋକହିତ ସାଧନ ।
କାକ ଡାକ ଶୁଣି ଉଠଇ ମାନବ
କର୍ମେ ରତ ହୁଏ ତେଜି ପଲଙ୍କ,
ଚକ୍ଷୁ ଖୋଲି କାକ ଖାଇଲେହେଁ ଶବ
ପକାଇ ପାରଇ ନାହିଁ ପଲକ ।
ଉତ୍ତେଜିତ ଲୋକ ହୁଏ ଉପଦେଶେ
ଧନ ପଣ ତହିଁ ହୁଅନ୍ତି ଗୁଳି,
ନ ଥାଏ ପୁରୁଷ— କାରି ଯେଉଁ ଦେଶେ
ସହି ନେଇଥାଏ ସହସ୍ର ଗାଳି ।

---

* ବେଦାନ୍ତ ମତରେ ଚତୁର୍ଦ୍ଦଶଟି ଇନ୍ଦ୍ରିୟର ଚତୁର୍ଦ୍ଦଶଟି ଦେବତା ଅଛନ୍ତି । ତନ୍ମଧ୍ୟରୁ ଚକ୍ଷୁର ଦେବତା ସୂର୍ଯ୍ୟ ।

# ସଙ୍ଗ ଫଳ

ସ୍ୱର୍ଣ୍ଣ ବର୍ଣ୍ଣ କନିଅର ପୁଷ୍ପ ମନୋରମ,
କିନ୍ତୁ ତାର ଫଳ ବିଷ ଭୀଷଣ ବିଷମ ।
ଶିବ ପାଶେ ରହିବାରୁ ସଙ୍ଗର କି ଫଳ,
ଗଉରୀ ଗଉର କାନ୍ତି ଭୁଜଙ୍ଗ ଗରଳ ।
ସେରୂପେ ଧୁସ୍ତୂର ଫୁଲ ଜାହ୍ନବୀବରଣ,
ଫଳ କରିଅଛି ସର୍ପ-ବିଷ ଆକର୍ଷଣ ।
ଏହିରୂପେ କେତେ ଲୋକ ଶାସ୍ତ୍ର ସଙ୍ଗ ଗୁଣ,
ହେନ ହୋଇଥାନ୍ତି ହିତ ଭଣନେ ନିପୁଣ ।
କିନ୍ତୁ କର୍ମେ କରିଥାନ୍ତି ଅତନ୍ତ ଅହିତ
ବଦ୍ଧ ହୋଇ ମାତ ଦୁଷ୍ଟ ପ୍ରବୃତ୍ତି ସହିତ ।

# ତାରା-ସୂର୍ଯ୍ୟ

ହେ ତାରକାଗଣ, କିଆଁ ଦିଶ ସାନ ସାନ,
ତୁମ୍ଭେ ପରା ଅଛ କେତେ ରବି ରଶ୍ମିମାନ ?
ଦିବସେ ନ ଦିଶି କିଆଁ ରଜନୀରେ ଦିଶ,
ପ୍ରଭାକର ହୋଇ ତୁମ୍ଭ ମନେ ଭୟ କିସ ?
ତୁମ୍ଭକୁ ଯେ ବୋଲିଥାନ୍ତି ଚନ୍ଦ୍ରଜାୟା ଜନେ,
ସେ କଥାରେ ନ ହୁଏ କି ଲଜ୍ଜା ତୁମ୍ଭ ମନେ?
ଜାଣିଲି ଜାଣିଲି ତୁମ୍ଭେ ସୂର୍ଯ୍ୟ ଅଟ ସତ,
ଆଲୋକିତ କରୁଅଛ ନିଜର ଜଗତ ।
ଆମ୍ଭ ଭାସ୍କରକୁ ତୁମ୍ଭ ରାଜ୍ୟଲୋକ ସାରା,
ବୋଲୁଛନ୍ତି ଗଗନର କ୍ଷୁଦ୍ର ଏକ ତାରା ।
ତୁମ୍ଭ ରାଜ୍ୟେ ତୁମ୍ଭ ଆଗେ ଆମ୍ଭର ଭାସ୍କର,
ନ ଦିଶନ୍ତି ତେଣୁ ଦିନେ ନ ହୁଅ ଭାସ୍ୱର ।
ଯାହାକୁ ଯେମନ୍ତ ଦିଶେ ତେମନ୍ତ ସେ ଭାଷେ,
ସେ କଥାରେ ମହତଙ୍କ କି ଯାଏ, କି ଆସେ ?
କେତେ ଚନ୍ଦ୍ର ଖଟୁଛନ୍ତି ତୁମ୍ଭର ଚରଣେ,
ଆମ୍ଭ ଚନ୍ଦ୍ରେ ପତି ବୋଲି ତୁମ୍ଭରି କେ ଗଣେ ?
ତୁମ୍ଭ ରାଜ୍ୟେ ଦିଅ ତୁମ୍ଭେ ପ୍ରଚୁର କିରଣ,
ତେଣୁ ସେହିଠାରେ ଥିବ ତୁମ୍ଭ ରବିପଣ ।
ଆମ୍ଭ ରାଜ୍ୟେ ଆମ୍ଭ ରବି କରେ ତମ କ୍ଷୟ,
ଏଣୁ ଆମ୍ଭେ ଚାହୁଁଥାଉଁ ତାଙ୍କର ଉଦୟ ।
ତୁମ୍ଭେ ଯେତେ ବଡ଼ ହେଲେ ଆମ୍ଭର କି ଲାଭ,
ଆମ୍ଭ ତମ ନାଶିବାକୁ ନାହିଁ ତ ପ୍ରଭାବ ।
ଯେ ଯାହାର ହିତ କରେ ନ ନେଲେ ତା ନାମ,
ଆମ୍ଭ ଦେଶେ କହୁଁ ତାକୁ ନିମକହାରାମ ।

# ଜ୍ୟେଷ୍ଠ ଜାତିର ଅପକର୍ଷର ପରିଣାମ

ଯେତେବେଳେ ଜ୍ୟେଷ୍ଠ ଜାତି ହୋଇ ଦୁରାଚାର
କନିଷ୍ଠ ଉପରେ କରେ ନାନା ଅତ୍ୟାଚାର;
ଧର୍ମାଧର୍ମ ନ ବିଚାରି ଦେଖାଏ ସ୍ୱବଳ,
ସ୍ୱାର୍ଥସିଦ୍ଧି ପାଇଁ ସୃଜେ ବିବିଧ କୌଶଳ,

ଈଶ୍ବରେ ନ ଗଣି ମଣେ ନିଜକୁ ଈଶ୍ବର,
ବିଶ୍ବରେ ଜୀବନେ ହିତସାଧନ ବିସ୍ମର,
ପର-ଦୁଃଖ ପର-ତାପ ନ କରି କଳନା
ପ୍ରତାପ ଦେଖାଏ ତାର ଅଦ୍ଭୁତ ଛଳନା,
ନିଜ ସୁଖବୃଦ୍ଧି ପାଇଁ କରଇ ଯତନ,
ଘୃଣାରେ ନ ଛୁଇଁ ଚାହିଁ କନିଷ୍ଠ ପତନ,
ତେତେବେଳେ ହରାଏ ତା ଜ୍ୟେଷ୍ଠତା ଗୌରବ,
କନିଷ୍ଠର ଧର୍ମବଳେ ପାଏ ପରାଭବ ।
ଏହିରୂପେ ପୂର୍ବଦେବ ପୁଣ୍ୟଜନମାନେ *
ଅପଧର୍ମେ ଘୃଣ୍ୟ ହେଲେ ରାକ୍ଷସାଭିଧାନେ ।

# ଗଣେଶଙ୍କର ଆତ୍ମକଥା

ଗଣେଶ ବୋଲନ୍ତି ବିଘ୍ନରାଜ ବୋଲି
ପୂଜା କରି ମୋତେ ନରେ,
ବହୁ ଚାଟୁ କରି ପ୍ରବର୍ତ୍ତାଇଥାନ୍ତି
ବିଘ୍ନକୁଳ ନାଶନରେ ।
ଚାଟୁ ଯା' କରନ୍ତି ଚାଟୁ ନୁହେ ତାହା
କେବଳ ଅସହ୍ୟ ଗାଳି,
ନର କେହି ସହି ନ ପାରନ୍ତେ, ଦେବ-
ସ୍ୱଭାବେ ନିଏଁ ସମ୍ଭାଳି ।
କେହି ବୋଲେ ହାତୀ- ମୁଣ୍ଡିଆ, କେହି ବା
ବୋଲଇ ଏକଦନ୍ତିଆ,
କେହି ବୋଲଥାଏ ଦୁଇ ମାଆ ପୁଅ
କେ ବୋଲେ ଲମ୍ବପେଟିଆ ।
ବିଘ୍ନଙ୍କର ଯେବେ ରାଜା ହେଲି ମୁହିଁ
ସେ ତ ହେଲେ ମୋର ପ୍ରଜା,
ପ୍ରଜାନାଶ କରି କାହିଁ ଉଡ଼ାଇବି
ଅପକାରତ୍ୱର ଧ୍ୱଜା ?
ମୃଗରାଜ ସିନା ମୃଗ ନାଶ କରେ
ପାଶବ ସ୍ୱଭାବ ଧରି,
ଦେବତା ହୋଇ ମୁଁ ସେ କ୍ରୂର ଅଧର୍ମ
କର୍ମ କରିବି କିପରି ?
ଦେବତା ହୋଇ କେ ଆଶ୍ରିତ ନାଶିବା
ଦେଖା ନାହିଁ, ଶୁଣା ନାହିଁ,
ଆଶ୍ରିତ ନାଶିଲେ ନରଲୋକେ ମୋତେ
ପୂଜିବେ ଆଉ କିପାଇଁ ?
ନରେ ବାଞ୍ଛୁଛନ୍ତି ବିଘ୍ନଙ୍କ ମରଣ
ପାଇ ସେହି ସମାଚାର,
ନରଙ୍କ ଉପରେ ବିଘ୍ନମାନେ ସିନା
କରୁଛନ୍ତି ଅତ୍ୟାଚାର !
ବିଘ୍ନ ସଙ୍ଗେ ଯେହୁ ମିତ୍ରପଣ କରି
ତୋଷିଥାନ୍ତି ସମାଦରେ,
ବିଘ୍ନ ଦେଇ ତାଙ୍କୁ ସାହସ, ତୋଷଇ
ସିଦ୍ଧିପଥ ସମ୍ବାଦରେ ।
ବିଘ୍ନମାନେ ମୋର ସତତ ଅଛନ୍ତି
ସିଦ୍ଧି ଭଣ୍ଡାର-ପ୍ରହରୀ,
ସିଦ୍ଧି ତା ହସ୍ତକୁ ନ ଯାଏ ଯେ ଥାଏ
ଦୂରୁ ଚାହିଁ ତାଙ୍କୁ ଡରି ।

* ପୂର୍ବଦେବ ଓ ପୁଣ୍ୟଜନ ରାକ୍ଷସମାନଙ୍କର ନାମ ।

# ପରିଶ୍ରମ

ଅବନୀଗର୍ଭେ ରହିଛି
ପୂରି ପ୍ରଚୁର ଜଳ,
ତେତେ ବାହାରିବ ଖୋଳିବ
ଯେତେ ପ୍ରକାଶି ବଳ ।
ସେହି ଜଳ ଆଣି ପ୍ଲାବିତ
କଲେ ଅବନୀ ଉର,
ଫଳ ମୂଳ ଶାକ ଅଳପ
ସ୍ଥାନେ ମିଳେ ପ୍ରଚୁର ।
ପରିଶ୍ରମ କରି ଅଧିକ
ଅଳ୍ପ ଭୂମିରେ ମାଳୀ,
ବାର ମାସ ନିଜ କୁଟୁମ୍ବ
ନିଏ ସ୍ୱଚ୍ଛନ୍ଦେ ପାଳି ।
ବହୁ ଭୂମି ଥାଇ କୃଷକ
ହୋଇ ଶ୍ରମବିମୁଖ,
ଇନ୍ଦ୍ରେ ଦୋଷ ଦେଇ ସଲିଳ
ବିନା ଲଭଇ ଦୁଃଖ ।
ଇନ୍ଦ୍ରଦତ୍ତ ଜଳ ଯତନେ
ପୁଣି ରଖଇ ନାହିଁ,
ଜଳାଭାବ ବେଳେ ସନ୍ତୁଷ୍ଟେ
ଥାଏ ଶୂନ୍ୟକୁ ଚାହିଁ ।
ଅଳସ ଲୋକର ପାଶକୁ
ନ ପଶଇ ସମ୍ପଦ,
ମଧୁ ଆସି ମୁଖେ ନ ପଶେ
ଶୋଇଥିଲେ ଷଟ୍‌ପଦ ।
ଦେଶ ଦେଶାନ୍ତର ବିଚରି
ପକ୍ଷୀ ପୋଷେ ଉଦର,
କ୍ଷୁଧାରେ ମରଇ ଅଳସ
ତେଜି ନ ପାରି ଘର ।
ବାୟା ବିହଙ୍ଗମ କରଇ
କେଡ଼େ ସୁନ୍ଦର ବସା,
କୁଟୀର ଅଭାବେ ଅଳସ
ଭୁଞ୍ଜେ ଘୋର ଦୁର୍ଦ୍ଦଶା ।
ଘାସ ଖାଇ ପଶୁ ସତତ
ନରେ ସାହାଯ୍ୟ କରେ,
ଓହୋ କି ବିଚିତ୍ର ତଥାପି
ନର ଉପାସେ ମରେ !
ନରକୁ ଦଇବ ଜଗତେ
ଅଛି କିସ ନ ଦେଇ ?
ଦ୍ୱାରେ ଦ୍ୱାରେ ବୁଲି ତଥାପି
ବୋଲେ ସେ ଦେହି ଦେହି ।
ନିଜ ନିଜ ପେଟ ପୋଷନ୍ତି
କୀଟ ପତଙ୍ଗଗଣ,
ପେଟ ପାଇଁ ନର ଭିଖାରି
ଧରେ ପର ଚରଣ ।

# କର୍ମଗୁଣ

ଉଚ୍ଚ ସେହି ଉଚ୍ଚ କର୍ମ କରେ ଯେଉଁ ଜନ,
କରମ ନିମନ୍ତେ ନାହିଁ ବଂଶ ପ୍ରୟୋଜନ ।
ନୀଚ ହୋଇ କରେ ଯେବେ ଉତ୍ତମ କରମ,
ତା ଚରଣ ଉଚ୍ଚ ସେବେ ସଂସାର ଧରମ ।
କର୍ମ ଯୋଗୁଁ ଲୌହ ଆସି ରହେ ସମାଦରେ,
ଶୋଭିତ ହେବାକୁ ସ୍ୱର୍ଣ୍ଣ ଲାଗେ ତା ପାଦରେ ।

# ମହାନ୍ଧକାର

୧

ଅନ୍ଧକାର ଅନ୍ଧକାର ଅନ୍ଧକାରରାଶି,
ଅନନ୍ତ ଆକାଶେ ଅଛି ଜଗତକୁ ଗ୍ରାସି ।
ସଉର ଜଗତ ଦୀପ ଆମ୍ଭ ପ୍ରଭାକର
ଅନ୍ଧକାର ନାଶେ ମାତ୍ର ସୌର ଜଗତର ।
ବିଶ୍ୱ ତୁଳନାରେ ଏହି ସଉର ଜଗତ
ପୃଥ୍ୱୀ ତୁଲେ ଗୃହଟିରୁ ନ ହେବ ବୃହତ ।
ପୃଥିବୀର ପୃଷ୍ଠେ ଅଛି ଯେତେ ଯେତେ ଘର,
ତହିଁ ଦୀପ ଏକ ଏକ ତାରା ମନେ କର ।
ପ୍ରଥମ ନିଶାରେ ଉଠି ପର୍ବତ ଶିଖରେ
ଦୃଷ୍ଟିପାତ କଲେ ଏକ ପ୍ରକାଣ୍ଡ ନଗରେ,
ନଗର ଆଲୋକ ଯଥା ହୁଏ ଦୃଶ୍ୟମାନ,
ସ୍ମୃତିପଥ ହୋଇପାରେ ସେ ଦୃଶ୍ୟ ସମାନ ।
ଘୋର ଘନ ସମାଚ୍ଛନ୍ନ ଅମା ରଜନୀରେ
ଅବଶିଷ୍ଟ ଅନ୍ଧକାର ଯେତେ ଅବନୀରେ,
ତହୁଁ ବଳି ତମେ ପୂର୍ଣ୍ଣ ଅସୀମ ଗଗନ,
ଅତି ଦୂରୁ ଦିଶୁଅଛି ସୁନୀଳ ବରଣ ।
ବିଶ୍ୱ ଯଦି ହୋଇଥାନ୍ତା ଶୁଭ୍ରାଲୋକମୟ,
ନ ଦିଶନ୍ତେ ରବି ଚନ୍ଦ୍ର ତାରକାନିଚୟ ।
ପର୍ବତେ ଜଳଇ ବହ୍ନି ଦିଶଇ କି ଦିନେ,
ନ ଦିଶେ ତେଜସ୍ୱୀ-ତେଜ ତିମିରବିହୀନେ ।
କି ସୂର୍ଯ୍ୟ କି ତାରା ସର୍ବେ କ୍ଷୟର ଅଧୀନ,
କାଳେ ମହା ଅନ୍ଧକାର-ଗର୍ଭେ ହେବେଲୀନ ।

୨

ଅଙ୍ଗାର ଗରଭେ ଯଥା ହୀରକ ଜନମ,
ତମୋଗର୍ଭେ ଜନମିବା ଜ୍ୟୋତିଷ୍କଧରମ ।
ଜାତର ମରଣ ସର୍ବେ କରନ୍ତି ସ୍ୱୀକାର,
କିଏ ନ ବୋଲିବ ତେବେ ନିତ୍ୟ ଅନ୍ଧକାର?
ତମୋମୟ ମହାକାଶେ ସୁପ୍ରକାଶ ମାନ
ଆକାଶ ମରୁତ ବହ୍ନି ଜଳ ଭୂମିମାନ;
ଆକାଶ ବହୁଛି ସେହି ତିମିରବରଣ,
ମରୁତେ ତିମିର କାନ୍ତି ହୋଇଛି କ୍ଷରଣ ।
କୃଷ୍ଣ ଅର୍ଚ୍ଚି ନାମ ନିଜେ ବହୁଛି ଅନଳ,
ନୀଳ ଦିଶେ ସ୍ୱଚ୍ଛସିନ୍ଧୁ, ସରିତର ଜଳ ।
ଭୂମିର ଗରଭେ ବିଲେ ଭୂଧର କନ୍ଦରେ
ନିତ୍ୟ ଅନ୍ଧକାର, ଲୁଚି ନାହିଁ ସୂର୍ଯ୍ୟ ଡରେ ।
ରବି କରେ ଅଛି ନୀଳ ବର୍ଣ୍ଣେ ଅନ୍ଧକାର,
ତରୁ ତୃଣ ଶ୍ୟାମଳତା ତାହାର ବିକାର ।
ଆଲୋକେ ଦିଶଇ ସବୁ ଅନିତ୍ୟ ବରଣ,
ତମଃ କୃଷ୍ଣବର୍ଣ୍ଣ ନିତ୍ୟ ଜଗତଶରଣ ।
ଜ୍ୟୋତିଙ୍କ ଜନମଦାତା ସର୍ବ ତମୁ ପର,
ଏକ ମହାଜ୍ୟୋତିର୍ମୟ ପରମ ଈଶ୍ୱର ।

# ଗର୍ବ

ଗର୍ବ ବୋଲେ, ମୁହିଁ ଏକା ଶ୍ରେଷ୍ଠତମ ଭବେ
କ୍ଷୁଦ୍ର ହୋଇଥାଏ ବଡ଼ ମୋ କୃପାବିଭବେ ।
ଅତି କ୍ଷୁଦ୍ର ହୃଦେ ଯେବେ କରେଁ ଅଧିଷ୍ଠାନ,
ଦେଖଇ ସେ ଜଗତକୁ ନିଜଠାରୁ ସାନ ।
ଘୁଷୁରି ଉପରେ ବସି ମୋହର ଭକତ,
ଗଜାରୋହୀଠାରୁ ମଣେ ନିଜକୁ ଉନ୍ନତ ।
ବସିପାରେଁ ଯଦି ଯାଇ ଗଜାରୋହୀ ହୃଦେ,
ଐରାବତାରୂଢ଼ ଇନ୍ଦ୍ର କରେଁ ତ କୁ ମୂଦେ ।

ମୂଁ କରାଇ ପାରେଁ ଯାକୁ ବର୍ଣ୍ଣ ପରିଚୟ,
ନିଜକୁ ସେ ସୁପଣ୍ଡିତ ମଣିବ ନିଶ୍ଚୟ ।
ପଢ଼ାଇ ପାରିବ ଯାକୁ କାବ୍ୟ ଖଣ୍ଡେ ଅଧେ,
ବସିବାକୁ ବାଞ୍ଛିଇ ସେ ବୃହସ୍ପତି ପଦେ ।
ଲେଖାଇ ପାରିଲେ ପଦ ଯୋଡ଼ ମିତାକ୍ଷର,
ମଣାଇବ ଶୁକଠାରୁ କବି ଶ୍ରେଷ୍ଠତର ।
ଦରିଦ୍ର କରିବ ଯେବେ ମୋ ପଦେ ଭକତି,
ମଣିବ ସେ ତାକୁ ସମ ନୁହେ କୋଟିପତି ।
ଅଳ୍ପବିତ୍ତ ହୃଦେ ମୋର ହେଲେ ଅଧିଷ୍ଠାନ,
ମଣିବ ସେ ଆପଣାକୁ କୁବେର ସମାନ ।
ସମସ୍ତେ ବୋଲନ୍ତି ବଡ଼ ଧନଠାରୁ ମନ,
ମନ ବଡ଼ ହୁଏ କଲେ ମୋ ପଦ ଭଜନ ।
ମୋହର ଚରଣ ସେବି ଗ୍ରାମାଧୀଶମାନେ,
ମଣିଥାନ୍ତି ଆପଣାକୁ ଭୂପତି ସମ୍ମାନେ ।
ମୁକୁଟ ପରାଏ ମୁହିଁ ମଣ୍ଡେ ଯାର ମଥା,
ଯାନ ମୁଖେ କହୁଥାଏ ବଡ଼ ବଡ଼ କଥା ।
ନ ଶୁଣେ ଅନ୍ୟର କଥା ମୂଲ୍ୟହୀନ ଜାଣି,
ଯାହା କାଣେ ହୋଇଥାଏ ତହୁଁ ବଡ଼ ଜ୍ଞାନୀ ।
ହିମାଚଳଚୂଡ଼ା ଜିଣି ଉନ୍ନତ ମୋ ଶିର,
ହୃଦୟ ମୋହର ମହାସାଗରୁ ଗମ୍ଭୀର ।
ମୋତେଭଜିମୋରଯୋଗ୍ୟ କର୍ମ ଯେହୁକରେ,
ଶିରେ ବହି ଟେକେ ତାକୁ ଉନ୍ନତିଶିଖରେ ।
ମୋ ଗରଭେ ମଜ୍ଜି ଯେହୁ ହୁଏ କର୍ମହୀନ,
ଅତଳ ଗମ୍ଭୀରେ ପଡ଼ି ହୋଇଯାଏ ଲୀନ ।

# ତାକୁ ମଧ୍ୟ ବୋଲିଥାନ୍ତି ଧର୍ମ ଅବତାର

ମନ ଯାର ବ୍ୟସ୍ତ ସଦା ପରସ୍ୱ ହରଣେ,
ଧନ ଯାର ବିଦଳିତ ଗଣିକା-ଚରଣେ,
ଜୀବନ ଯା ଲକ୍ଷ ଲକ୍ଷ ଲୋକଙ୍କର ଭାର,
ତାକୁ ମଧ୍ୟ ବୋଲିଥାନ୍ତି ଧର୍ମ ଅବତାର ।
ବିଦ୍ୟା ଯାର ମୋଡ଼ୁଥାଏ ଧର୍ମନୀତି ମୁଣ୍ଡ,
ବୁଦ୍ଧି ଯାର କରୁଥାଏ ଶତ ସତ୍ୟ ଗୁଣ୍ଡ,
ଧନେ ସ୍ଫୀତ ହେଉଥାଏ ଯାହାର ବପୁର,
ତାକୁ ମଧ୍ୟ ବୋଲିଥାନ୍ତି ଧର୍ମ ଅବତାର ।
ସୁବର୍ଣ୍ଣ ହରଣ କରି ତାମ୍ର କରେ ଦାନ,
ଧନେ କରିଥାଏ ପ୍ରଭୁ ସନ୍ତୋଷ ବିଧାନ,
ଢାଙ୍କିବାକୁ ଦୋଷ ଦିଏ ନାନା ଉପହାର,
ତାକୁ ମଧ୍ୟ ବୋଲିଥାନ୍ତି ଧର୍ମ ଅବତାର ।
ଭ୍ରମଣ ଖରଚ ପାଇଁ ଖାଇଥାଏ ଭତ୍ତା;
ଖାଇଥାଏ ମୋଡ଼ି ଏଣେ ଦରିଦ୍ରଙ୍କ ମଥା,
କରୁଥାଏ କ୍ଷମତାର ଅପବ୍ୟବହାର,
ତାକୁ ମଧ୍ୟ ବୋଲିଥାନ୍ତି ଧର୍ମ ଅବତାର ।
ବହିର୍ଗତ ହୋଇଥାଏ ଘରୁ ଶୂନ୍ୟକରେ,
ଶଗଡ଼ ଶଗଡ଼ ଦ୍ରବ୍ୟ ଆଣି ଘରେ ଭରେ,
ସେହି ଦ୍ରବ୍ୟମାନ ପୁଣି ଦେଖାଏ ବଜାର,
ତାକୁ ମଧ୍ୟ ବୋଲିଥାନ୍ତି ଧର୍ମ ଅବତାର ।

# ବଳରାମଦେବ*

୧

ମାତାର ଆଦେଶେ ପାଇ ଭ୍ରାତୃଭକ୍ତି ଫଳ,
ଅଙ୍ଗ ତରଙ୍ଗିଣୀ ଅଙ୍ଗ କରି ଉଲ୍ଲଙ୍ଘନ,
ହୀରାଖଣ୍ଡ ରାଜ୍ୟେ ଶୁଭ ପଦାର୍ପଣ କଲ,
ବଳରାମ ଦେବ, ଆଦ୍ୟ ଅବନୀମଣ୍ଡନ ।
ଶୂର ବୀର ଧୀରବର ପୁରୁଷ ରତନ,
ସାହସ କିରଣେ ଦୀପ୍ତ ବଦନମଣ୍ଡଳ,
ତୁହିଁ ଏହି ମହୀ କରି ପ୍ରୀତି ସମ୍ଭାଷଣ
ପଦ ପ୍ରକ୍ଷାଳିଲା ଆଣି ଜିରା-ଦନ୍ତାଜଳ ।†
ଦ୍ୱାଦଶ ପାହାଡ଼ ୧ ଗିରି ମଲ୍ଲୀମାଳ କରି,
ହରଷେ ତବ ସୁବିଶାଳ ବକ୍ଷେ ଦେଲା ଭରି ।

୨

ଗିରି ଉରସିଜ ବନ-କଣ୍ଟକ-ଲୋମଶ,
ଅବମର ବିଳାସରେ ନ ହେଲେ କାତର,
ଭାବିଲ କଣ୍ଟକନାଡ଼େ ଫୁଟେ ତାମରସ,
ତାହା ବିନା କମଳାର ନର ପ୍ରିୟ ଘର ।
ଦ୍ୱିରଦ ଗର୍ଜନ, ଭୀମ ଉରଗ ତର୍ଜନ,
ଭୀତି ଦେଇ ନ ପାରିଲେ ହୃଦୟେ ତୁମ୍ଭର,
ଦେଖିଲ କେବଳ ତାଙ୍କ ମସ୍ତକ ରତନ,
ରାଜଲକ୍ଷ୍ମୀ ଭୂଷଣେ ଯା ହୁଏ ମନୋହର ।
ବ୍ୟାଘ୍ରନାଦ ଶୁଣି କଲ ମନରେ ବିଚାର,
ଅଭିଷେକେ ହେବ ତାର ଚର୍ମ ଉପଚାର ।

୩

ସୁକାନ୍ତତନୟା ଖଟରେ ରମ୍ୟ ତରୁତଳେ,
ଦ୍ୱିରଦ-ରଦନ-ଶୁଭ୍ର ବାଳବେଣୀ ବକ୍ଷେ,
ସିଂହାସନ କରି ଶୁଭ୍ର କୁସୁମପଟଳେ,
ବସାଇ ତୁମ୍ଭଙ୍କୁ ବନ ଦେବତା ପ୍ରତ୍ୟକ୍ଷେ ।
ଆଦ୍ୟ ଅଭିଷେକ ବିଧି କଲେ ସମ୍ପାଦନ,
ଆଣି ରାମ-ପାଦ-ଚିହ୍ନ-ରଜ-ପୂତ-ନୀର,୨
( ଗର୍ଭ ଯାର ହୀରକର ଜନମସଦନ )
କୁସୁମପଟଳେ ମଣ୍ଡିଦେଲେ ତବ ଶିର ।
ଭାଗ୍ୟଦେବୀ ସମଲଈ ରୂପେ ହସି ହସି,
ସ୍ୱହସ୍ତେ ଢାଳିଦେଲେ ଅଭିଷେକ-ଅସି ।

---

* ପ୍ରବାଦ ଅଛି ଯେ, ପାଟଣା ମହାରାଜା ନୃସିଂହଦେବଙ୍କ ରାଣୀ ବର୍ଷାରଜନୀରେ ଆସନ୍ନପ୍ରସବା ହେବାରୁ ଧାତ୍ରୀ ଡାକଆଣିବା ବିଷୟରେ ନୃସିଂହଦେବ ଚିନ୍ତିତ ଥିଲେ । କାରଣ ରାଜାଙ୍କର ନଗର ଓ ଧାତ୍ରୀର ନିବାସ-ଗ୍ରାମ ମଧ୍ୟରେ ଗୋଟିଏ ସ୍ରୋତସ୍ୱତୀ ଥିଲା । ନୃସିଂହଦେବଙ୍କ ଭ୍ରାତା ବଳରାମଦେବ ଅଗ୍ରଜଙ୍କ ଅଜ୍ଞାତସାରରେ ସେହି ଭୀଷଣ ରଜନୀରେ ସନ୍ତରଣଦ୍ୱାରା ନଦୀ ପାରହୋଇ ଧାତ୍ରୀକୁ ନିଜ ପୃଷ୍ଠରେ ଧରି ନଦୀ ପାର କରି ଆଣିଲେ । ଧାତ୍ରୀ ଯଥାସମୟରେ ରାଣୀଙ୍କ ନିକଟରେ ଉପସ୍ଥିତ ହୋଇ ସମ୍ପୂର୍ଣ୍ଣରୂପେ ନିଜର କର୍ତ୍ତବ୍ୟ କାର୍ଯ୍ୟ ସବୁ ସମାଧାନ କଲା । ନୃସିଂହଦେବ ପରେ ସମସ୍ତ ଘଟଣା ଅବଗତ ହୋଇ ଅନୁଜଙ୍କୁ ଆନନ୍ଦର ସହିତ ଛୋଟ ସମ୍ବଲପୁର ଅରଣ୍ୟ ରାଜ୍ୟର ରାଜତ୍ୱ ପ୍ରଦାନ କଲେ । ତେତେବେଳେ ବଳରାମ ଦେବଙ୍କ ଜନନୀ ଅଙ୍ଗନଦୀକୂଳକୁ ଆସି ପ୍ରିୟପୁତ୍ର ବଳରାମ ଦେବଙ୍କୁ ବିଦାୟ ଦେଇ କହିଲେ କି, ତୁ ଆଜିଠାରୁ ଅଙ୍ଗନଦୀର ଉତ୍ତର ଭାଗରେ ରାଜତ୍ୱ କରିବୁ । ଦକ୍ଷିଣ ଦିଗ ରାଜ୍ୟକୁ ଲୋଭ କରିବୁ ନାହିଁ, ଅଥଚ ଜ୍ୟେଷ୍ଠଭ୍ରାତା ସଙ୍ଗେ କଳହ କରିବୁ ନାହିଁ ।

† ଜିରା—ନଦୀବିଶେଷ । ଦନ୍ତା—ନଦୀବିଶେଷ । ୧ । ବାରପାହାଡ଼—ସମ୍ବଲପୁରର ସର୍ବପ୍ରଧାନ ପର୍ବତ । ୨ । ସମ୍ବଲପୁର ନଗରର ୨ ମାଇଲ ପଶ୍ଚିମରେ ମହାନଦୀଗର୍ଭସ୍ଥ ପ୍ରକାଣ୍ଡ ଶିଳାସ୍ତୂପରେ ଦୁଇଟି ପାଦଚିହ୍ନ ଅଛି; ଲୋକେ ତାହାକୁ ରାମ ଲକ୍ଷ୍ମଣଙ୍କର ପାଦଚିହ୍ନ ବୋଲି କହନ୍ତି ।

୪

ଦେଖୁଁ ଦେଖୁଁ ଚଉଦବର୍ଷ କ୍ରମେ କ୍ରମେ ଆସି,
ନୃପତିମଣ୍ଡଳ ତବ ହେଲେ ପାର୍ଶ୍ୱଚର,
ଦିଶିଲା ମୂରତି ତୁମ୍ଭ ପ୍ରତିଭା ପ୍ରକାଶି,
ଋକ୍ଷଗଣ ମଧ୍ୟେ ଯଥା ପୂର୍ଣ୍ଣ ସୁଧାକର ।
ବାମଭାଗେ ବିରାଜିଲେ କମଳକୁମାରୀ ,
ଗାଙ୍ଗପୁର ରାଜସୁତା ରୋହିଣୀ ସଦୃଶା;
ତାଙ୍କ ପାଶେ ମୁକ୍ତାଦେଈ ପୁଷ୍ପସୁକୁମାରୀ,
ଶ୍ରୀ ସମୀପେ ଗୀଃ ସ୍ୱରୂପ ଇନ୍ଦୀବରଦୃଶା ।
ଶ୍ୱେତଛତ୍ର ବିଶୋଭିଲା ମସ୍ତକ ଉପରେ,
ଗିରିଶିରେ ଶରଦର ଜଳଦରୂପରେ ।

୫

ଦେଖୁଁ ବାଲବେଦୀ ହେଲା ଗଜଦନ୍ତମୟ,
ପୁଷ୍ପସିଂହାସନ ହେଲା ସ୍ୱର୍ଣ୍ଣସିଂହାସନ,
ରତ୍ନ ହେଲେ କଣ୍ଠର କୁସୁମନିଚୟ,
ଦଶଦିଗ ଆଲୋକିଲା ଖଡ୍‌ଗର କିରଣ ।
ରାଜଲକ୍ଷ୍ମୀ ଜୟଲକ୍ଷ୍ମୀ ନ କରନ୍ତି ମନ,
କେତେବେଳେ ଛାଡ଼ିବାକୁ ତୁମ୍ଭର ନିକଟ,
କୀର୍ତ୍ତୀଶ୍ୱରୀ ସେହିପରି ହୋଇ ସୁପ୍ରସନ୍ନ,
ଚଉଦିଗେ କରୁଥାନ୍ତି ମହିମା ପ୍ରକଟ ।
ତାଙ୍କଠାରେ ହୋଇଥାଅ ସମର୍ପିତପ୍ରାଣ,
ତେଣୁ ବୃଦ୍ଧି କରୁଥାନ୍ତି ତୁମ୍ଭର ସମ୍ମାନ ।

୬

ଯେତେବେଳେ ଭାରତର ଯବନଦହନେ
ସନ୍ତାପିତ ହେଉଥିଲେ ପ୍ରକୃତି ସକଳ,
ସୁଖ-ସୂର୍ଯ୍ୟ ଉଇଁ ତୁମ୍ଭେ ଏ ରାଜ୍ୟ-ଗଗନେ
ବିକଶାଉଥିଲ ରମ୍ୟ ଶାନ୍ତି-ଶତଦଳ ।
ହଂସରୂପେ ଆସି ତହିଁ ବିବୁଧମଣ୍ଡଳ,
ସୁଖେ ତୁମ୍ଭ ତଳେ କଲେ ବାସ ବିଚରଣ,
ନିଜ ନିଜ ଅଭିଳାଷମତେ ପାଇ ଫଳ,
ସ୍ଥାନାନ୍ତର ଗମିବାକୁ କଲେ ନାହିଁ ମନ ।
ଦୁରାଚାରୀ ଯବନର ଅପବିତ୍ର ନାମ,
ନ ପାରିଲା ସ୍ପର୍ଶ କରି ଏ ପବିତ୍ର ଧାମ ।

# ସ୍ୱର୍ଗୀୟ କବିବର ରାଧାନାଥ ରାୟ

୧

ଆସିଥିଲ ରାଧାନାଥ ବିଧିର ପ୍ରେରଣେ,
ଆବଶ୍ୟକ ସମୟରେ ଉତ୍କଳର ପାଇଁ,
ଭାରତୀଙ୍କି ମଣ୍ଡିବାକୁ ସୁରମ୍ୟ ଭୂଷଣେ,
ରତନଖଣିର ପଥ ଦେବାକୁ ଫିଟାଇ ।
ଅବିଶ୍ରାନ୍ତ ଭ୍ରମି କାବ୍ୟ-କୁସୁମ କାନନେ,
ବାଛି ବାଛି ଦିବ୍ୟ ଫୁଲ କଲ ନବ୍ୟ ହାର,
ସୌରଭ ତା' ମହୀ ବ୍ୟାପି ଉଠିଲା ଗଗନେ,
ଜନ୍ମାଇଲା ଦେବଙ୍କର ହୃଦେ ଚମତ୍କାର ।
ଅବନୀରେ ଥାଇ କଲେ ତୁମ୍ଭର ସମ୍ମାନ,
ଗଙ୍ଗବଂଶ-ଅବତଂସ ଯେ ସୁଢ଼ଳ ଦେବ,
ସ୍ୱର୍ଗେ ଉଠି ଶୂନ୍ୟ ଦେଖି ତୁମ୍ଭ ନିଜ ସ୍ଥାନ,
ଡାକିନେଲେ ସମାଦରେ ସେହି ବାସୁଦେବ ।
ଉତ୍କଳବାସୀଙ୍କି ଦେଇ ବହୁ ଉପଦେଶ,
ସାମାନ୍ୟ ଶରୀର ତେଜି ଚଲ ନିଜ ଦେଶ ।

୨

ପାଠକଙ୍କୁ ରଖିଦେଲ ପୂର୍ଣ୍ଣଶୋକ ଦେଇ,
ପାଣ୍ଡବେ ରହିଲେ ସ୍ୱର୍ଗଗମନର ପଥେ,
କିଏ ତାଙ୍କୁ ଚଢ଼ାଇବ ହିମାଦ୍ରିକି ନେଇ,
କିଏ ନେଇ ବସାଇବ ଇନ୍ଦ୍ରବର ରଥେ ?
ଫିଟାଇ ଦେଇଛ ଶାସ୍ତ୍ର କବି କ୍ଷମତାର,
ଚିହ୍ନାଇ ଦେଇଛ ରଙ୍ଗଜର୍ଜରିତ ତୃଣ,
ଶିଖାଇ ଦେଇଛ ପୁଣି ତାର ବ୍ୟବହାର,
ଆଦର୍ଶ ଦେଇଛ ମନମୋହିନୀ ପିତୁଳୀ ।
କାହା ହସ୍ତେ ନ୍ୟସ୍ତ କରି ଗଲ କାର୍ଯ୍ୟଭାର,
କାହାର ବା ତୁମ୍ଭ ସମ ଅଛି ମନ ଧନ,

ଯାହା ପ୍ରତି କରିଥିଲ ଅଙ୍ଗୀକାର ଠାର,
ଈଶ୍ୱର କି ଦେବେ ତାଙ୍କୁ ତୁମ୍ଭ ପରି ପଣ ?
ଜଣାଅ ସ୍ୱର୍ଗରେ ଥାଇ ଈଶ୍ୱର ସମୀପେ,
ଉତ୍କଳ ଉଜ୍ଜ୍ୱଳ ହେଉ ତୁମ୍ଭ ସମ ଦୀପେ ।

୩

ନ ଥିଲେ ନବୀନ କବି ତୁମ୍ଭ ଅଗୋଚର,
କବି ପଦ୍ମାକର ହେଲେ ହେଉଥିଲ ରବି,
ଫୁଟିଲେ କବିତ୍ୱ-କଞ୍ଜ ହୋଇ ମଧୁକର
ହରିତ ପୂରିତ କରି ସୁମଧୁର ରବି ।
ସୁଜନ ସମାଜେ ଗଣି ହେଉଥିଲ ତଳେ
ଭୁଲିଯାଇ ନିଜ ଭବ ଭାବ ଉଚ୍ଚାସନ,
ପ୍ରତିବିମ୍ବରୂପୀ ଯଥା ସୁନିର୍ମଳ ଜଳେ
ଦିନମଣି ଗ୍ରହରାଜ ଗଗନ-ଭୂଷଣ ।
କାଳ-ସିନ୍ଧୁ ତନୁ ପୋତ-କମ୍ପମାନ ଚୂଳେ
ବସି ଧର୍ମ ଦରବାର ଦୃଶ୍ୟ ଦେଖାଇଲ,
ମିଷ୍ଟ ଭର୍ତ୍ସନାର ଛଳେ ଉଚ୍ଚାରି ଆକୁଳେ
ହସାଇ ହସାଇ କେତେ ନୀତି ଶିଖାଇଲ ।
ହୋଇଛି ଯେ ବାକ୍ୟାବଳୀ ଶ୍ରୀମୁଖୁ କ୍ଷରିତ,
ହେଉଛି ଉତ୍କଳ ଆଜ ତହିଁ ମୁଖରିତ ।

୪

ବଙ୍ଗେ ବସି ବଙ୍ଗବାସୀ ଦେଲେ ଧନ୍ୟବାଦ
ଦୂରୁ ଦୃଷ୍ଟିଦେଇ ତୁମ୍ଭ କୀରତି-କେତନେ,
ଘନ ଘନ ତୁମ୍ଭ ନାମେ ଧନ୍ୟ ଧନ୍ୟ ନାଦ
ପ୍ରବେଶିଲା ଭାରତର ରାଜନିକେତନେ ।
ଭାରତ-ରାଜେନ୍ଦ୍ରମଣି ପାଇ ସେ ସମ୍ବାଦ
ଗୁଣଭୂଷାପୂର୍ଣ୍ଣ ବକ୍ଷେ ପଦ ପୁଷ୍ପହାର
ମଣ୍ଡି ଦେଇ ପ୍ରକାଶିଲେ ଅଖଣ୍ଡ ପ୍ରସାଦ,
କରି ରାଜା ମହାରାଜ ଦେନ ଦରବାର ।
ଋଷି ଥିଲ ଥାଇ ତୁମ୍ଭେ ସଂସାର ଗହନେ,
ବ୍ରତ ଥିଲା ଉତ୍କଳର କଲ୍ୟାଣସାଧନ,
ଗାନ ତୁମ୍ଭ ଉତ୍କଳର ମାନସମୋହନେ,
ଧ୍ୟାନ ତୁମ୍ଭ ଉତ୍କଳର ଗୁଣଗାଥା ଧନ ।
ଅସମୟେ ଉତ୍କଳକୁ କଲ ଯାହା ଦୂର,
ଅଭାଗ୍ୟ ତା ଉତ୍କଳର, ରାୟ ବାହାଦୂର ।

୫

ସୂର୍ଯ୍ୟଜାୟା ଛାୟା ଦେବୀ ବସାଇଲେ ଅଙ୍କେ,
ସାଦର ସ୍ନେହରେ ତୁମ୍ଭ ସ୍ୱର୍ଗୀୟ ମୂରତି
ବିବୁଧମଣ୍ଡଳୀ ତାହା ଚାହିଁ ଅପଲକେ
ନୟନର କଲେ ଚିର ପିପାସା ପୂରତି ।
ଉତ୍କଳମାତାକୁ ଯେତେ ରମ୍ୟ ପୁଷ୍ପହାର
ଦେଇଥିଲ ନନ୍ଦନୁ ତା ବହୁଗୁଣେ ଆଣି
ଦିଆଇଲେ ଗଲେ ତୁମ୍ଭ ପ୍ରୀତି-ଉପହାର
ବିବୁଧଗଣଙ୍କ କରେ ଦେଇ ବୀଣାପାଣି ।
ସେହିପରି ପୁଷ୍ପ ଆଣି ବିଦ୍ୟାଧରଗଣ
ହରଷେ ଫିଙ୍ଗିଲେ ତୁମ୍ଭ ମସ୍ତକ ଉପରେ,
ରମଣୀଏ ହୋଇ ତାଙ୍କ ପ୍ରସନ୍ନବଦନ
ଗାଇଲେ ତୁମ୍ଭର ଗୀତ ସୁମଧୁରସ୍ୱରେ ।
ରହିଲ ଅମରରୂପେ ହୋଇ ସୁଧାପାୟୀ,
ସତ୍ୟହେଲା ବୋଲନ୍ତି 'ଯା ଦେଇଥିଲେ ପାଇ'

# ମଧୁସୂଦନ ରାଓଙ୍କ ସ୍ୱର୍ଗାରୋହଣ

ଉତ୍କଳର ପ୍ରିୟପୁତ୍ର ହେ ମଧୁସୂଦନ,
ମର ତନୁ ତେଜି ଗଲ ଅମର ଭୁବନ ।
ରୋଗ ଯନ୍ତ୍ରଣାରେ ଲବେ ନ ହୋଇ କାତର
ଉତ୍କଳର ହିତ ସାଧୁଥିଲ ନିରନ୍ତର ।
ଭ୍ରମାଇ ଉତ୍କଳେ ମନ, ଅପଘନ ଧ୍ୟାନ
ଉତ୍କଳର ଘରେ ଘରେ ବାଣ୍ଟିଅଛ ଜ୍ଞାନ ।
ଉତ୍କଳର ଦୁଃଖଭାରେ ନ ହୋଇ ଅଧୀର,
ଅସ୍ଥି ସାର ଅବୟବ ଦେନଥିଲ ବୀର !
ଶରୀରବଳରୁ ଜ୍ଞାନବଳର ଉତ୍କର୍ଷ,
ପ୍ରଦର୍ଶନ ପାଇଁ ଥିଲ ଉତ୍ତମ ଆଦର୍ଶ ।
ନିଜର ପ୍ରତିଭା-ଦୀପ ଜୁଳାଇ ଉତ୍କଳେ,
ଜାଳିଲ ଅନେକ ଦୀପ ବିବିଧ କୌଶଳେ ।

ଜନମିଲେ ଦିନେ ଅଛି ଅବଶ୍ୟ ମରଣ,
ଅମର ସେ ଯାକୁ ଲୋକେ କରନ୍ତି ସ୍ମରଣ ।
କେତେ ଲୋକ ଦେଖିଛନ୍ତି ତୁମ୍ଭର ଶରୀର ?
ନାମ ତୁମ୍ଭ ସଂଖ୍ୟାତୀତ ହୃଦେ ଚିର ସ୍ଥିର ।
ଏ ସମସ୍ତ କଥା ଜାଣୁଥିଲେହେଁ ହୃଦୟ,
ଦୁଃଖଭରେ ଆଜି ହୋଇଯାଉଛି ଅଥୟ ।
ଦେଖୁ ତ ନ ଥିଲି ତୁମ୍ଭ ପବିତ୍ର ମୂରତି,
କିପାଁ ଦୁଃଖେ ହୃଦ ମୋର ହେଉଛି କରତି?
ଗୃହିନ୍ଦରେ ଶୁଭୁଅଛି ହାହାକାର ରବ,
ଉତ୍କଳର ଗୁରୁ ମୁଖ ଦିଶୁଛି ନିଷ୍ପ୍ରଭ ।
ଲକ୍ଷ ଲକ୍ଷ ଲୋକ ଆଜ ବହୁ ଦୂରେ ଥାଇ,
ନେତ୍ରନୀର ତେଜୁଛନ୍ତି ତୁମ୍ଭ ଗୁଣ ଗାଇ ।
ବାଳକ ବାଳିକାବୃନ୍ଦ ହୃଦେ ଦୁଃଖ ପୋଷି
କାନ୍ଦୁଛନ୍ତି ବିଦ୍ୟାଳୟେ ତୁମ୍ଭ ଗୁଣ ଘୋଷି ।
ଗ୍ରାମେ ଗ୍ରାମେ ଶୋକରବେ ଶିକ୍ଷଜ୍ଞସକଳ
ଗାଉଛନ୍ତି ଗୁଣାକର ଜୀବନ ବିକଳ ।
ସମ୍ବାଦପତ୍ରର ଶୋକ କରୁଛି ପ୍ରଚୁର
ସୁଗୁରୁ ଗମ୍ଭୀର ନାଦେ ବହି ଦୁଃଖଭର ।

ପ୍ରିୟ ସୁହୃଦ୍‌ବର ତୁମ୍ଭେ ରାଧାନାଥଙ୍କର,
ମଣୁଥିଲ ତାଙ୍କ ପାଖ ଅତି ସୁଖକର ।
ସ୍ୱରଗେ ଲଭିବା ପାଇଁ ସେହି ବନ୍ଧୁବର,
ସତ୍ୱର ତେଜିଲ ପରା ମର କଳେବର ।
ତୁମ୍ଭ ପାଇଁ ଫିଟିଅଛି ସ୍ୱର୍ଗର କବାଟ,
ସରଳ ସୁଗମ ହୋଇଅଛି ପୁଣି ବାଟ ।
କବିତାସକଳ ତୁମ୍ଭ ଦେବକନ୍ୟା ବେଶେ,
ଘେନିଯିବେ ସମାଦର କରି ସ୍ୱର୍ଗଦେଶେ ।
ଦେଇଛ ତାହାଙ୍କୁ କବି କେତେ ଅଳଙ୍କାର,
ସେ ଭୂଷା ଜ୍ୟୋତିରେ ନିଶ୍ଚେ ହେବ ଚମତ୍କାର
ଦେଇଅଛ ଜଗତକୁ ଯେତେ ଉପଦେଶ,
ସେସବୁ ଧରିବେ ତହିଁ ବିଦ୍ୟାଧର ବେଶ ।
କରିବାକୁ ତବ ଚିତ୍ତ ପ୍ରୀତି ଆକର୍ଷଣ,
ନନ୍ଦନ-କୁସୁମ ଶିରେ କରିବେ ବର୍ଷଣ,
ନିଜେ ସୁରପତି ଆସି ଧରି ତୁମ୍ଭ ହାତ
ବସାଇବେ ତହିଁ, ଯହିଁ ଥିବେ ରାଧାନାଥ ।
ଜ୍ୟୋତିର୍ମୟ ରୂପ ଧରି ଗଗନମଣ୍ଡଳେ,
ବିତରଣ କରୁଥିବ ଜ୍ୟୋତି ଏ ଉତ୍କଳେ ।

# ସ୍ୱର୍ଗୀୟା କୃଷ୍ଣକୁମାରୀ

ଧନ୍ୟା କୃଷ୍ଣକୁମାରୀ ମା’ ଭାଗ୍ୟବତୀ ସତୀ,
ତପଫଳେ ପାଇଥିଲ ମୁନିକଳ୍ପ ପତି ।
ଅବତରି ଥିଲ କି ମା’ ସ୍ୱରଗର ଦେବୀ,
ସ୍ୱର୍ଗୀୟ ପ୍ରେମରେ ଥିଲ ପତିପଦ ସେବି ।
ସୁତ ସୁତା ଦେଇ ସେହି ପ୍ରଣୟର ଫଳ
ସଂସାର-ଜଞ୍ଜାଳ କି ମା ମଣିଲ ଗରଳ !
ପତି-ହୃଦ-ଦରପଣେ ପ୍ରତିବିମ୍ବ ରଖି
ଚଳିଗଲ ସ୍ୱର୍ଗପୁର ନିଜ ଧାମ ଲକ୍ଷି ।
ସେ ହୃଦୟଦରପଣ ପ୍ରଶସ୍ତ ନିର୍ମଳ,
ସ୍ଥାନ ପାଇଅଛି ତହିଁ ସମସ୍ତ ଉତ୍କଳ ।

ପତିଦତ୍ତ ଉପହାର କୁସୁମ-ସୌରଭେ
ଆମୋଦିତ କରୁଅଛ ଉତ୍କଳ-ଗୌରବେ ।
କୀରତି-ଶଇଳଚୂଳେ ପତି ବାମଭାଗେ,
ଆସନ ତୁମ୍ଭର ବିଛୁ ରାଜା ରାଣୀ ଆଗେ ।
ଉତ୍କଳବରେଣ୍ୟ କବି ଫକୀରମୋହନ,
କରିଥିଲ ବୋଲି ତାଙ୍କ ପୀରତି ଦୋହନ,
ଧରିଥିଲ ବୋଲି ତାଙ୍କ ପୁଣ୍ୟମୟ କର,
ଆଜି ତୁମ୍ଭ ସମାଧିର ଭୁବନେ ଆଦର ।
ସମାଧି-ମନ୍ଦିର ତୁମ୍ଭ ସ୍ୱକୀୟ ଆଳୟେ
ଦେଖୁଛନ୍ତି ପତି ପ୍ରେମ-ପ୍ଲାବିତ-ହୃଦୟେ ।

ଉତ୍କଳର ତୀର୍ଥ ତୁମ୍ଭ ପିତାଙ୍କର ଘର,
ଯହିଁ ପୂତ ହେଉଛନ୍ତି ଉତ୍କଳର ନର ।
ଚମତ୍କୃତ ହୋଇଥାନ୍ତି କରି ଦରଶନ
ଧର୍ମୀଙ୍କର ଧନରତ୍ନପୂରିତ ସଦନ;
ଯେଉଁମାନେ ଯାଇଥାନ୍ତି ତୁମ୍ଭ ପିତ୍ରାଦ୍ୱାର,
ଦୂରୁ ତାଙ୍କ ହୋଇଥାଏ ଭକତି ସଞ୍ଚାର ।
କାଳେ ଧନ ରତ୍ନ ସବୁ ଲଭଇ ବିନାଶ,
ତୁମ୍ଭ ପିତା ଯଶ ହେବ ଅଧିକେ ବିକାଶ ।

# ଫକୀରମୋହନଙ୍କ ମୃତ୍ୟୁଶଯ୍ୟା ନିକଟରେ

## ଉତ୍କଳମାତାର ରୋଦନ

ଆହା ଫକୀର ମୋର ରତ୍ନମଣି ଧନ,
କିପାଁ ରହିଲୁ ପଡ଼ି ମୁଦ୍ରି ନୟନ,
ଆକୁଳେ ଡାକୁଅଛି ମୁଁ ତୋ ଜନନୀ,
କିପାଁ ନ ଉଠୁ ଏ ତ ନୁହେ ରଜନୀ ରେ ।
ଉଠ ମୋ ବାପ ପଦ୍ମନେତ୍ର ପ୍ରକାଶିତ,
ମଧୁର କଥା ପଦେ କହ ଆଶ୍ୱାସି,
ତୋ ବିନା ଆଉ କେ ବା ଅଛି ଜଗତେ,
ପ୍ରାଣତୋଷିଣୀ କଥା କହିବ ମତେ ରେ ।
ମୋ ଲାଗି ନ ଗଣୁ ତୁ ଖରା ବରଷା,
ସେ ହେତୁ ତୋଠାରେ ମୋ ସବୁ ଭରସା,
ନିଶୀଥେ ଉଠିପଡ଼ୁ ଶୁଣି ମୋ ଡାକ,
ଆଜ ତୋ ମୁଖୁଁ କିପାଁ ନ ସ୍ଫୁରେ ବାକ୍ୟ ରେ
ନ ଗଣୁ ଜ୍ୱରତାପ ମୋହର ପାଇଁ,
ନ ଗଣି ଦୂର ଯାଉ ସତ୍ୱର ଧାଇଁ,
ଆଜି ଯେ କାନ୍ଦୁଅଛି ବସି ତୋ ପାଶେ,
କିପାଁ ନ ଚାହୁଁ ବାପ, ଉଠି ସହାସେ ରେ ।
ନିତି ରାତିରେ ତୁ ଯେ ନୟନ ମୁଦୁ,
ଉଠାଇଥାଏଁ ତୋତେ ରବି ନ ଉଦୁ,
ଶୁଣାଇବାକୁ ମୋତେ ସରସ ଗାନ,
ଶିଖାଇବାକୁ ତୋର ଭାଇଙ୍କି ଜ୍ଞାନ ରେ ।
ଦିବସେ ଥରେ ଥରେ ନୟନ ମୁଦ୍ରି,
ମୋ ଦୁଃଖ ହରିବାକୁ ଲୋଡ଼ୁ ଯେ ବୁଦ୍ଧି,
ପୁଣି ନୟନ ଫେଡ଼ି କଲମ ଧରୁ,
ଆଜି କିମ୍ପାଇ ବାପ, ତାହା ନ କରୁ ରେ ।
ଦୀର୍ଘ ସମୟୁ ଅବା ମୁଦ୍ରି ନୟନ,
ଲୋଡ଼ୁଛୁ ମୋହୋ ପାଇଁ ସୁଖ-ଅୟନ,
ତେବେ କାହିଁକି ଛାଡ଼ୁ ନାହୁଁ ନିଶ୍ୱାସ,
ଯହିଁବୁ ବୋଲି ଦେଉ ନାହୁଁ ବିଶ୍ୱାସ ରେ ।
ଶିଖି ଯେ ଥିଲୁ ବାପ, ଯୋଗସାଧନ,
ରୁଦ୍ଧ କି କରିଅଛୁ ପ୍ରାଣ-ପବନ,
ଏଡ଼େ ଶୀତଳ କିପାଁ ତୋ ଅପଘନ,
ସତେ କି ଛାଡ଼ିଗଲୁ ଜୀବର ଧନ ରେ ।
ଏରୂପେ ରାଧୁ ମଧୁ ଗଲେ ତ କାହିଁ,
ଯେତେ ଡାକିଲେ ପଦେ ଶୁଣିଲେ ନାହିଁ,
ତୁ ଏବେ ମୋ ଡାକକୁ ହେଲୁ ବଧିର,
କିଏ ପୋଛିବ ମୋର ନୟନନୀର ରେ ।
କୋଳେ ବସାଇ ତିନି କୁମର ମଣି
ନିଜକୁ ଥିଲି ଭାଗ୍ୟଶାଳିନୀ ମଣି,
ମନରେ ବହିଥିଲି କେଡ଼େ ଗରବ,
ଦଇବ ହରିନେଲା ଆଜି ସରବ ରେ ।
ଶେଷେ ତୁ ଶୂନ୍ୟ କରି ଜନନୀକୋଳ,
ହୃଦେ ଉଠାଇଦେଲୁ ଶୋକକଲ୍ଲୋଳ,
କୋଟିଏ ସୁତ ମଧ୍ୟେ ଗୋଟିଏ କାହିଁ,
ଦେଖୁ ତ ନାହୁଁ ଶାନ୍ତ ଭଜିବା ପାଇଁ ରେ ।

ମୋ ରାଧୁ ମଧୁ ଗଲେ ଯେଉଁ ସ୍ୱଦେଶ,
ଦେଲେ ତ ନାହିଁ ଆଜଯାଏ ସନ୍ଦେଶ,
ତୁହି କି ସେହି ଦେଶେ ଗଲୁ ରେ ଚାଲି,
ପାରିଲି ନାହିଁ ତୋର ପଥ ଓଗାଳି ରେ ।
ତାଙ୍କ ବିରହେ ଦଗ୍ଧ ହେଲେ ମୋ ପ୍ରାଣ,
କରୁ ଯେ ଶୋକହର ସଙ୍ଗୀତ ଗାନ,
ସେ ପୋଥି ଦେଇଗଲୁ କାହାର ହସ୍ତେ,
କିଏ ଗାଇବ ତୁହି ଗାଉ ଯେମନ୍ତେ ରେ ।
ଯେତିକି ହେଉଥିଲା ତୋର ବୟସ,
ତେତିକି ହେଉଥିଲା ଗାନ ସରସ,
ତୋ ପରି ଜ୍ଞାନସିଦ୍ଧ କୁମର ଥାଉ,
ଦେଖିବି କାହିଁ ବାପ, ଲଭିବା ଥାଉ ରେ ।
ଆଣ ରେ ରାମାୟଣ ମହାଭାରତ,
ଆଉ ତା' ପୋଥି ଅଛି ଘର ଘର ତ,
ଗାଅ ରେ ପୁଏ କରି ସମୁଚ୍ଚ ରବ,
କଣ୍ଠରେ ହେବ ଅବା ଶୋକ ଖରବ ରେ ।
ତା ନାମ ଲେଖ ମୋର ସର୍ବ ଅଙ୍ଗରେ,
ଅକ୍ଷର ଖୋଳି ଭର ଦ୍ରବ୍ୟ ରଙ୍ଗରେ,
ତେବେ ବା ଧୁଞ୍ଚିବ ମୋ ଜୀବନ-ଦାହ,
ତା ପରେ କର ଆଉ ଏକ ଉପାୟ ରେ ।
ତା ନାମାବଳୀ ଦ୍ରବ୍ୟରଙ୍ଗେ ବସନେ
ଲେଖି ଘୋଡ଼ାଇଦିଅ ମୋ ଅପଘନେ,
ସେ ବାସେ ପୋଛ ମୋର ନୟନବାରି,
ତହିଁ ବା ହେବ ଶୋକଜ୍ୱର ନିବାରି ରେ ।
ତା ତନୁ ଭସ୍ମ ଆଣି ବୋଳ ମୋ ଅଙ୍ଗେ,
ତା ପ୍ରତିରୂପ ଦିଅ ମୋର ଉତ୍ସଙ୍ଗେ,
ଲୋତକ ପୋଛି ପୋଛି ତା ଚାହିଁ ଚାହିଁ,
ଜୀବନ କଟାଇବି ତା' ଗୁଣ ଗାଇ ରେ ।

## ମଳୟ ଆବାହନ

ଧୀରେ ଧୀରେ ଆସ ମଳୟ ପବନ
ଧୀରେ ଧୀରେ ଆସ ବହି,
ପୁଲକିତ କର ଉତ୍କଳବାସୀଙ୍କି
ଶୁଭ ସମାଚାର କହି ।
ସ୍ୱାଗତ କରୁଛୁଁ ଉପହାର ଘେନ
ଆମ୍ବ ବଉଳର କଷି,
ଉଦାର ହୃଦୟେ ଗ୍ରହଣ କର ତା
ମୃଦୁ ହିଲ୍ଲୋଳରେ ହସି ।
ସାଧୁ ସମୀପରେ ଉତ୍କର୍ଷ ଲଭଇ
ବନ୍ଧୁଦତ୍ତ ଉପହାର,
ତୁମ୍ଭ କରେ ପଡ଼ି ନିଶ୍ଚୟ ନିଶ୍ଚୟ
ଶ୍ରୀବୃଦ୍ଧି ହେବ ଏହାର ।
ଋଷିକୁଲ୍ୟା ଜଳେ ପୟର ପଖାଳି
ମହେନ୍ଦ୍ର ଆସନେ ବସ,
ଚିତ୍ରୋତ୍ପଳା ଜଳେ ସ୍ନାନ କର ପାନ-
କର ସ୍ୱର୍ଣ୍ଣରେଖା ରସ ।
ମହୋଦଧି ଜଳେ ତର୍ପଣ କରିବ
ବିହରିବ ବନେ ବନେ,
ନୃସିଂହନାଥର ପ୍ରପାତ ଲମ୍ଫନ
ଚାହିଁ ମୁଗ୍ଧ ହେବ କ୍ଷଣେ ।
ତୁମ୍ଭ ଗଲା ଦିନୁ କେତେ ବିପର୍ଯ୍ୟୟ
ଘଟିଅଛି ଏ ଭୁବନେ,
ଶୁଣ ବନ୍ଧୁ ଆଗେ ତୁମ୍ଭଙ୍କୁ କହିବା
ପାଇଁ ରଖିଅଛି ମନେ ।
ବନ୍ଧୁ ନିକଟରେ ମନକଥା ସବୁ
କହିବାକୁ ଲାଗେ ସୁଖ,
ବସନ୍ତ ନିକଟେ ତହିଁପାଇଁ ସିନା
ପିକ ହୁଏ ବାବଦୂକ ।
ଚୂତ ବଉଳାଇ ରସାଳ ଫଳାଇ
ପଚାଉଥିବ ଯା ଭଲ,
ପ୍ରଚଣ୍ଡ ପବନ ନଷ୍ଟ କରିଦେଲା
ଝାଡ଼ିଝୁଡ଼ି ସେ ସକଳ ।

ଯେତେ ଯେତେ ଫୁଲ   ବିକଶାଇଥିଲ
ପଲ୍ଲବାଇଥିଲ ତରୁ,
ଫୁଲସବୁ ଗଲା   କେ ତରୁ ଭାଙ୍ଗିଲା
ଉପୁଡ଼ିଲା କେ ମୂଳରୁ ।
ତୁମ୍ଭ ସମୟରେ   ଦେଉଥିଲେ ଯେଉଁ
ଭାସ୍କର ମଧୁର କର,
ତୁମ୍ଭ ଗଲା ଦିନୁ   ଦିନୁ ଦିନ ହେଲା
ସେ କର ପ୍ରଖରତର ।

ଏତେ ପରଚଣ୍ଡ   ହେଲା ଯେ ତହିଁରେ
ଜୀବନ ହେଲା ଅସ୍ଥିର,
ଦେହ ରକ୍ତ ପାଣି-   ସ୍ୱରୂପେ ବହିଲା
ଭାଙ୍ଗିଲା ବଳ ଅସ୍ଥିର ।
କେତେବେଳେ ବାୟୁ   କାହିଁତେ ନ ବହି
ପ୍ରାଣ କରେ କଲବଲ,
ତୁମ୍ଭଙ୍କୁ ସ୍ମରଣ   କରୁ ସେତେବେଳେ
ଜୀବନଧାରୀ ସକଳ ।

କେବେ ରାତ୍ରେ ଚନ୍ଦ୍ର   ତାରା ନ ଦିଶିଲେ
ଦିନେ ହେଲା ଅନ୍ଧକାର,
ଶୂନ୍ୟ ହେଲା ଘୋର   ନିନାଦ, ଶୂନ୍ୟରୁ
ଖସିଲା ସଲିଲଧାର ।
ଯେଉଁ ସରିତକୁ   ଦେଖୁଅଛ ଏବେ
ନିର୍ମଳ, ମୃଦୁଗାମିନୀ,
ଭୟଙ୍କର ବେଗେ   ଧାଇଁଥିଲେ ହୋଇ
ଆବିଳ, କୂଳପ୍ଲାବିନୀ ।

ଯେତେ ଆବର୍ଜନା   ଥିଲା ଅବନୀରେ
କଲ ଅଙ୍ଗ ଅଳଙ୍କାର,
ପ୍ରଚଣ୍ଡ ଉପଳ   ଶିରେ ନାଚୁଥିଲେ
ଭୀଷଣ କରି ଚିତ୍କାର ।
ଏହି ନଦୀ-ବାଲି   ଗ୍ରୀଷ୍ମ ମଧ୍ୟାହ୍ନରେ
ହୋଇଥିଲେ ଅଗ୍ନିକଣା,
ଶୀତରାତ୍ରେ ପୁଣି   — — ହେଲେ-ବରଫର
ଜନକସ୍ୱରୂପେ ଗଣା ।

ଯେମନ୍ତ ପ୍ରଚଣ୍ଡ   ଗ୍ରୀଷ୍ମ ହୋଇଥିଲା
ତହୁଁ ବଳଗଲା ଶୀତ,
ନିଜେ ବିଭାବସୁ   ଅନଳ କୋଣକୁ
ଦଉଡ଼ିଲେ ହୋଇ ଭୀତ ।
ଯେଉଁ ଦେହେ ଆର୍ଦ୍ର   ବାସ ଢାଙ୍କୁଥିଲୁଁ
ତାପରେ ହୋଇ କାତର,
ସେହି ଦେହେ ସ୍ଥୂଳ   କମ୍ବଳ ରେଜାଇ
ଢାଙ୍କିବା ନ ହେଲା ତର ।

ଶୀତ ସମ୍ମିଶ୍ରିତ   ସୁଧାକର-କର
ବୋଧହେଲା ବିଷ ପ୍ରାୟେ,
ନାରିକେଳଜଳେ   କର୍ପୂର ମିଶିଲେ
ଯଥା ବିଷ ହୋଇଥାଏ ।
ଅବଶ୍ୟ ସେ କାଳେ   ପାଇଅଛୁଁ ଫୁଲ
ଫଳ କେତେ ପରକାର,
କିନ୍ତୁ ଯେତେ ଯେତେ   କ୍ଳେଶ ପାଇଅଛୁଁ
ହୃଦେ ରହିଅଛି ଗାର ।

ଖରାବେଳେ ଶୀତ   ବର୍ଷା ବାଞ୍ଛା କରୁ
ଆସି ସେ ବରଷା ଶୀତ,
ଯେମନ୍ତ ପ୍ରତାପ   ଦେଖାଇଲେ ତହିଁ
ଖରା ହିଁ ହେଲା ବାଞ୍ଛିତ ।
ଆଜି ସେ ସମସ୍ତ   ହୋଇଛନ୍ତି ଶାନ୍ତ
ଲଭିହିଁ ତୁମ୍ଭ ଆଗମନ,
ଆସ ବନ୍ଧୁବର,   ବୁକୁରେ ଭିଡ଼ିଠାଇ
କର ସୁଖ ବିତରଣ ।

ଅନେକ ପାଦପ   ଚନ୍ଦନ ହୁଅନ୍ତି
ପରା ତୁମ୍ଭ ପରଶରେ,
ଆମ୍ଭ ଦେଶ ତରୁ-   ସକଳ ତହିଁରୁ
ବଞ୍ଚିତ କେଉଁ ଦୋଷରେ ?
ଚନ୍ଦନ ନ ହେଲେ   ନୁହନ୍ତୁ ପାଦପେ
ହୁଅନ୍ତୁ ତ କୁସୁମିତ,
ବନ ଉପବନ   ତୁମ୍ଭ ଆଲିଙ୍ଗନେ
ହୋଇଥାନ୍ତୁ ଆମୋଦିତ ।

ସତ୍ୱର ଫିଟାଅ    ପଦ୍ମ ପରିମଳ
ମଲ୍ଲିକା ମଧୁର ବାସ,
ଦିଅ ଦିଅ ଜ୍ୟୋତି—    ପ୍ରକାଶିମା ବର୍ଷୀ
ମ୍ଳାନ ହେବ ବେଗେ ନାଶ ।
ପ୍ରାଣପ୍ରମୋଦନ    ରସ ପ୍ରଦାନରେ
ବିଳମ୍ବ ନ କର ଆଉ,
ଦେଇ ପ୍ରେମାଞ୍ଜନ    ପ୍ରେମେ ଆଲିଙ୍ଗନ
କର ହେ ପ୍ରସାର ବାହୁ ।
ବିଞ୍ଚିଦିଅ ଚଣା    କେଦାରେ କେଦାରେ
ଖାଇ 'ଦେଚଢ଼ାଇ'*ମାନେ,
ଦଳ ଦଳ ଉଡ଼ି    ଗଗନେ ମାତିବେ
ଭୁମ୍ବର ବିଜୟ-ଗାନେ ।

ତଳେ ଗ୍ରାମେ ଗ୍ରାମେ    ବାଳକମଣ୍ଡଳ
ମୁଦେ ହୋଇ ଉଦ୍ବେଳିତ,
ଉଚ୍ଚେ ଡାକି ଡାକି    ଗାଅ ଗାଅ ବୋଲି
କରୁଥିବେ ଉତ୍ତେଜିତ ।
କେଉଁ ଦୂର ଦେଶେ    ଏତେ ଦିନ ଯାଇ
ଥିଲ କହ ବନ୍ଧୁବର,
ହୁଅଇ କି ସେହି    ଦେଶେ ସେହିପରି
ଆତପ ଝଡ଼ି କାକର ।
ଫିଟାଇବ କି ନା    ରସାଳ ଭଣ୍ଡାର
ଆଣିଛ ନା ଏ ବରଷ,
ଦେଇ ଅନୁକୂଳ-    ଉତ୍ତର, ସତ୍ୱର
ବଢ଼ାଅ ଆମ୍ଭ ହରଷ ।

# ମାତୃଭୂମି

ଯେ କାଳେ ବାଳକ    ବୁଲି ଯାଇପାରେ
ପଡ଼ୋଶିମାନଙ୍କ ଘର,
ସେ କାଳେ ଜାଣଇ    ଅନ୍ୟ ଘରସବୁ
ତା ସଙ୍ଗୀ ବାଳକଙ୍କର ।
ପରେ ଯେତେବେଳେ    ଆପଣା ପଡ଼ାରୁ
ଅନ୍ୟ ପଡ଼ା ବୁଲିଯାଏ,
ସେହି ସମୟରେ    ପଡ଼ୋଶୀ ପଡ଼ାକୁ
ଆପଣାର ମଣିଥାଏ ।
ଅନ୍ୟ ଗ୍ରାମେ ପୁଣି    ଯାଏ ଯେବେ ନିଜ
ଗ୍ରାମରୁ ହୋଇ ବାହାର,
ସେ କାଳେ ଜାଣଇ    ନିଜ ଘର ଯହିଁ
ସେ ଗ୍ରାମ ଅଟେ ତାହାର ।
ଆପଣା ଗ୍ରାମର    ନଦୀ ପୁଷ୍କରିଣୀ
ବଗିଚ୍ଚ ଆଦି ସକଳ,

ଆପଣାର ବୋଲି    କହେ; ପୁଣି ସେହି-
ସବୁକୁ ମଣଇ ଭଲ ।
ବଡ଼ ହୋଇ ଯେବେ    କରି ଯାଇପାରେ
ଅନ୍ୟ ରାଜ୍ୟେ ବିଚରଣ,
ବଖାଣଇ ତହିଁ    ନିଜ ରାଜା, ରାଜ୍ୟ-
ଲୋକଙ୍କର ଶ୍ରେଷ୍ଠପଣ ।
ହାତୀ ଘୋଡ଼ାଠାରୁ    ଛେଳି ମେଣ୍ଢାଯାଏ
ସବୁ ତା ରାଜ୍ୟର ଭଲ,
ସକଳ ସୁଖର    ଆକର ତାହାର
ରାଜ୍ୟଟି ଅଟେ କେବଳ ।
ତହୁଁ ବଡ଼ ହୋଇ    ଯାଇଥାଏ ଯେବେ
କେହି କେବେ ଦେଶାନ୍ତର,
ସ୍ୱର୍ଗରୁ ଅଧିକ    ବୋଲି ବୁଝେ ତେବେ
ଯେଉଁ ଦେଶ ତାର ଘର ।

* ଦେଚଢ଼ାଇ—ଗେଣ୍ଡାଳିଆ ।

ଜ୍ଞାନ ବଳେ ଯେବେ ଜାଣେ ସମସ୍ତଙ୍କ
ଜନକ ଜଗତପତି,
ସହୋଦର ଜ୍ଞାନ କରେ ଅବନୀର
ମାନବସମାଜ ପ୍ରତି ।
ତେବେ ସେ ଜାଣଇ ଯେ କରଇ ଯେତେ
ଲୋକଙ୍କର ଉପକାର,
ବିଶ୍ୱପତିଙ୍କର ବିଶ୍ୱଗୃହେ ଅଟେ
ସେ ତେତେ ଯୋଗ୍ୟ କୁମାର ।

ଏହିରୂପେ ଗ୍ରାମ- କଥା, ରାଜ୍ୟକଥା,
ଦେଶକଥା, ବିଶ୍ୱକଥା
ମାନବ-ଜୀବନେ ପ୍ରଷ୍ଟିତ ହେବାର
ଦର୍ଶିତ ହୁଏ ସର୍ବଥା ।
ମାତୃଭୂମି ମାତୃ— ଭାଷାରେ ମମତା
ଯା ହୃଦେ ଜନମି ନାହିଁ,
ତାକୁ ଯେବେ ଜ୍ଞାନ- ଗଣରେ ଗଣିବା
ଅଜ୍ଞାନ ରହିବେ କାହିଁ ?

## ଗୌରୀଶଙ୍କର

## ବା

## ଏଭରେଷ୍ଟ

ସ୍ଥାଣୁ୧ ରୁଦ୍ର୨ ବ୍ୟୋମକେଶ ଗିରୀଶ୩ ଶଙ୍କର୪
ସ୍ୱର୍ଣ୍ଣାଭ କମଳମାଳେ ମଣ୍ଡିତ ମସ୍ତକ,
ଔଷଧୀଶ ଆହା ତହିଁ କେଡ଼େ ମନୋହର,
ବିଦ୍ୟୁଜ୍ଜିହ୍ୱ ନାଗମାଳ ୫ ତୁମ୍ଭ ଗ୍ରୈବେୟକ ।
ତୁଷାର ବିଭୂତିମୟ ଶୁଭ୍ର କଳେବର,
ପାର୍ବତୀ ୬ ସୁଷମା ଯହିଁ ଚିର ଆଲିଙ୍ଗିତ,
ଧ୍ୟାନମଗ୍ନ ଗୋବାହନ ୭ ସଦା ଦିଗମ୍ବର,
ନିର୍ଜ୍ଜନେ ନିସ୍ତବ୍ଧେ ହୋଇଅଛ ବିରାଜିତ ।
ବସି ତୁମ୍ଭ ପାଦତଳେ ମୁନୀନ୍ଦ୍ରମଣ୍ଡଳ
ଲଭୁଛନ୍ତି ବିଷ୍ଣୁପଦୀ ଅମୃତର କଣା,
ମୁଗ୍ଧ ହୋଇଥାନ୍ତି ଶୁଣି ତବ ଅବିରଳ
ସ୍ୱର୍ଗଭେଦୀ ମେଘମନ୍ଦ୍ର ଡମରୁ ୮ ବାଜଣା ।
ସୁଖକର ମଣିଅଛ ଶ୍ୱଶୁର ଆଳୟ,
ଜୟ ଶମ୍ଭୁ ଭୋଳନାଥ ଜୟ ମୃତ୍ୟୁଞ୍ଜୟ ।

## ପ୍ରଧାନ ପାଟ

ଆହା ସେ ପ୍ରଧାନପାଟ ନେତ୍ର-ପ୍ରୀତିକର,
ଭାବୁକର ଭାବମୟ ହୃଦୟରଞ୍ଜନ,
ଗିରିଶିରବିଭୂଷିତ ଶୁଭ୍ର-ସ୍ୱଚ୍ଛ-ଝର,
ଆତପତାପିତ-ତନୁ-ତାପ-ବିଭଞ୍ଜନ ।

୧ । ସ୍ଥାଣୁ—ଲଣ୍ଡା । ୨ । ରୁଦ୍ର—ଭୟଙ୍କର । ୩ । ଗିରୀଶ—ପର୍ବତଶ୍ରେଷ୍ଠ ।
୪ । ଶଙ୍କର—ଶାନ୍ତିକର । ୫ । ନାଗମାଳ—ମେଘମାଳ । ୬ । ପାର୍ବତୀ—ପର୍ବତଜାତା ।
୭ । ଗୋବାହନ—ପୃଥିବୀ ଉପରେ ସ୍ଥିତ । ୮ । ଡମରୁ—ଚମତ୍କାର ।

ସମୁଚ୍ଚ ଶିଖରୁ ଲମ୍ଫ ଦେଇ ବାରମ୍ବାର
ସୁରମ୍ୟ ବିପିନ କୋଳେ ହୁଏ ପ୍ରପତିତ,
ସଦାଶିବ ଶିରୁ ଯେହ୍ନେ ଜାହ୍ନବୀର ଧାର
ତେଜିଅଛି ତାରବାଙ୍କୁ ଭୁବନେ ପତିତ ।
ବିକୀର୍ଣ୍ଣ ହେଉଛି ଦେହୁ ଶୀକରନିକର,
ବୃଷ୍ଟି ହେଉଅଛି ଯେହ୍ନେ ମୌକ୍ତିକପଟଳ,
ମଧୁର ନିନାଦକର ମ୍ଳାନିଗ୍ଳାନିହର,
ଦେଖିଦେଲେ ମନପ୍ରାଣ ହୁଏ ସୁଶୀତଳ ।
ଶୁଭ୍ର କର କୁନ୍ଦ ଫେନ ବୁଦ୍‌ବୁଦନିବହେ
ସୁବିମଳ ସ୍ରୋତ ହୋଇ ବନଗର୍ଭେ ବହେ ।

## ବୁଢ଼ାରଜା

ଦେଉଳ କଗ୍ରଟ-ଶିରେ ବିଜେ ବୁଢ଼ାରଜା,
ବିବିଧ କୁସୁମପୁଞ୍ଜେ ମଣ୍ଡି ଅପଘନ,
କୋହ୍ଲ ସୀମନ୍ତିନୀଙ୍କର ଗୁହିଁ ନୃତ୍ୟମଜା
ତରୁ ଲୋମ ପୁଲକାଇ ମଜ୍ଜାଇଛ ମନ ।
ନିତି ନିତି ରେଲ ଆସି ଖଟୁଅଛି ପାଦେ
ବଜାଇ ବାଜଣା ଉଗ୍ର ହୋଇ ସିଂହଦ୍ୱାରେ,
ରଞ୍ଜୁଛି ମାନସ ତୁମ୍ଭ ରମ୍ୟ ଶଙ୍ଖ ନାଦେ,
ନାଦସ୍ରୋତ ପଡ଼େ ଯାଇ ହୃଦୟ-କେଦାରେ ।
ଦେଖିନେଲ ପ୍ରଥମରେ ଚୌହାଣଙ୍କ ଲୀଳା,
ସହିଲ ମର୍ହଟ୍ଟାଙ୍କର ଦୁର୍ନୀତିନିଚୟ,
ଦେଖିଲ ସୁନ୍ଦର ଯୋଗେ ଯେ କାନ୍ତି ଚଳିଲା,
ଦେଖୁଅଛ ଇଂରେଜଙ୍କ ରମ୍ୟ ଅଭିନୟ ।
ମାଡ଼ି ବସିଅଛ ମହୀ ମହା ସିଂହାସନ,
ତୁମ୍ଭ ଅଭିଷେକ କରେ ଜୀମୂତବାହନ ।

## ପାପକ୍ଷୟ

ଏହି ସେହି ସୁପବିତ୍ର ପାପକ୍ଷୟ ଘାଟ,
ଗଜପତିଙ୍କର ଯହିଁ ହେଲା ପାପକ୍ଷୟ,
ନିଷ୍କଣ୍ଟକ ହୋଇଗଲା ସ୍ୱରଗର ବାଟ,
ମହାବ୍ୟାଧି ମୁକ୍ତ ରାଜା ହେଲେ ନିରାମୟ ।
ବହୁଛି ନିର୍ମଳ ଜଳ ତଟର ନିକଟ,
ଦେଖିଲା ମାତ୍ରକେ ଲୋକନେତ୍ର ପାପହରେ,
ନିମଜ୍ଜିତ ହେଲେ ସୁଖ ଶାନ୍ତି ଲଭେ ଘଟ
ପବିତ୍ର ପ୍ରସାଦରାଶି ଜୀବନରେ ଭରେ ।
କରିଛନ୍ତି ଚୂନଲିପ୍ତ ପାଷାଣ-ସୋପାନ
ଗିରିଧାରୀ*ଗିରିଧାରୀ-ପଦାବ୍ଜ-ଭ୍ରମର,
ବିସର୍ଜିଲେ ବଦରିକା ଆଶ୍ରମରେ ପ୍ରାଣ,
ନାମ ତାଙ୍କ ଏହିଠାରେ ହୋଇଛି ଅମର
ସୁଶୀତଳ ତଟ-ବଟ-ଛାୟା ମନୋରମ,
ମନ୍ଦ ଗନ୍ଧବହ ସହ ଦୂର କରେ ଶ୍ରମ ।

* ଗିରିଧାରୀ ମେହେର ନାମକ ଜଣେ ମହାଜନ । ସେ ସୋନପୁର ଗଡ଼ଜାତ ଅନ୍ତର୍ଗତ ବିନକାରେ ବାସ କରୁଥିଲେ । ପରଶେଷରେ ବୈଷ୍ଣବ ହୋଇ ବଦରିକାଶ୍ରମରେ ପ୍ରାଣତ୍ୟାଗ କରିଥିଲେ ।

# ବାଳ ପାଦପ

କି କୋମଳ ମନୋହର ଚିକ୍‌କଣ ଉଜ୍ଜ୍ୱଳ,
ମହୀମାତୃକୋଳ-ଶୋଭୀ ବାଳ ତରୁମାନ,
ଅଖଣ୍ଡିତ କଟିଳୟ ବର୍ତ୍ତୁଳ ସରଳ
ଦିଶେ ଦରହାସାଞ୍ଚିତ ଅଧର ସମାନ ।
ନୟନେ ମଖାଇ ଦିଏ ପୀରତି-କଜ୍ଜ୍ୱଳ,
ପଦ୍ମରାଗ ମକରତ ବିଜୟ ବରଣ,
ସିକ୍ତ କରେ ମାନସକୁ ସିଞ୍ଚି ମୁଦ ଜଳ,
ଲଭିଲେ ନବୀନ ରବି କନକ କିରଣ ।
ହଲୁଥିଲେ ପବନରେ ଦିଶି ଝଲମଲ,
ଶୋକ-ସିନ୍ଧୁ ସୃଜି କୋଳେ ଲହରୀନର୍ତ୍ତନ,
ହିମବିନ୍ଦୁ ମଧୁମୟ ତା ବିମଳ ଦଳ,
ମଧୁମୟ କରିଦିଏ ସହୃଦୟ ମନ ।
ଧନ୍ୟ ତାର ଶିଳ୍ପକର ଶିଳ୍ପ କଉଶଳ,
ପୁନର୍ଦ୍ଧନ୍ୟ ସେ ଗଢ଼ିଛି ନୟନଯୁଗଳ ।

# ଉଦ୍‌ବୋଧନ

ଉତ୍ସବ

(ଉତ୍କଳ ସମ୍ମିଳନୀର ଏକାଦଶ ଅଧିବେଶନ ଉପଲକ୍ଷେ ରଚିତ)

ଦେଖ ବହୁଛି ହେ ଈଶ୍ୱର-ଆଶିଷଧାର,
ଜ୍ଞାନ କର୍ମ ଗଙ୍ଗା— ଯମୁନା ଦିଗଏ
ଭବୁ କରିବାକୁ ପାର । ଘୋଷା ।

ଦୁହିଁଙ୍କର ଯହିଁ ସଙ୍ଗମ ତହିଁରେ
ବାଞ୍ଛାବଟ ହୁଏ ଜାତ,
ମିଳିବ ସେ ବଟ— ତଳେ ବସି ଯା ଧା
ବାଞ୍ଛି ବଳାଇବ ହାତ ।
ସେ ଧାରଯୁଗଳ ଉତ୍କଳଭୂମିର
ବହୁଦୂରେ ଅଛି ରହି,
କୁଲ୍ୟା ଖୋଳିବାର ପ୍ରୟାସ ନ କଲେ
ଆସି ନ ପାରିବ ବହି ।
କୁଲ୍ୟା ଖୋଳା ହୋଇ ନ ପାରିବ ଭାଇ
ଦୁଇ ଗୁରି ଜଣକରେ,
ଲୋକ ଲକ୍ଷ ଲକ୍ଷ ନ ବାନ୍ଧିଲେ ସଖ୍ୟ
ନ ମିଳିଲେ ପରସ୍ପରେ ।
କୋଟିଏ ସୋଦର ଗୋଟିଏ ଜୀବନ
ନ କରିବା ଯେତେ ଦିନ,
ଧୀର ଗୃହିଁ ଗୃହିଁ ଶୋଷେ ଥିବା ରହି
ଦଶା ହୋଇଥିବ ହୀନ ।
ଆଜି ଏହି ଶୁଭ ସମ୍ମିଳନେ ଶୁଭ
କ୍ଷଣେ କରୁଁ ଶୁଭଦାନ,
ଉତ୍କଳ-ବକ୍ଷରେ ବହିବ ଅଚିରେ
କର୍ମ ସଙ୍ଗେ ଆସି ଜ୍ଞାନ ।
ଈଶ୍ୱରଙ୍କ ଶୁଭ ଆଶୀର୍ବାଦକୁ ଯେ
ଜାଣି ଜାଣି କରେ ହେଳା,
ଦୁରାଶା-କୁହୁଡ଼ି ଗରଭେ ସେ ପଡ଼ି
ଭାଙ୍ଗଇ ଜୀବନ-ଭେଳା ।

# ନବବର୍ଷ

ବର୍ଷଟିଏ ଗଲା ଉତ୍କଳ-ଜୀବନେ
ଘଟାଇ ଗଭୀର ଦୁଃଖ,
ଦୁଃଖ ଉପଶମ ପାଇଁ କରୁ ପୁଣି
ଦେଖାଇ ଦେଇଛୁ ସୁଖ ।
ଦେଇଛୁ ଯେ ଦୁଃଖ ରହିବ ତା ବକ୍ଷ-
ସ୍ଥଳରେ କଳଙ୍କ ହୋଇ,
ଶତ ଚେଷ୍ଟାକଲେ ଶତ ସ୍ରୋତଜଳେ
ନ ପାରିବ ତାହା ଧୋଇ ।
ଯେ ମଧୁସୂଦନ ଉତ୍କଳସଦନ
କରୁଥିଲେ ଆଲୋକିତ,
ତାଙ୍କୁ ନେଇ ଏକ ବର୍ଷ ଅବିବେକ
ହୋଇଗଲା କଳଙ୍କିତ ।
ଗୌରବ ମସ୍ତକେ ବସାଇ କ୍ଷଣକେ
ବୈକୁଣ୍ଠନାଥଙ୍କୁ ହରି,
ତା ପରେ ବର୍ଷର ଘୋର କଳଙ୍କର
ବାନାଟିଏ ଗଲା ଧରି ।
ରାଧାନାଥ ମନ ବଇକୁଣ୍ଠ ଧନ
ହୋଇ ଚିର ସହକୃତ,
ଉତ୍କଳର ବଳ- ବର୍ଦ୍ଧକ ସମ୍ବଳ
ଥିଲା ଯଥା ଖଣ୍ଡ ଘୃତ ।
ଗଲେ ସେ ସକଳେ ଥୋଇ ଏ ଉତ୍କଳେ
ଜୀବନର ପ୍ରତିବିମ୍ବ,
ଦର୍ପଣ ଦୋଷରୁ ସହକାର ତରୁ
କେବେ କାହିଁ ହେବ ଲମ୍ବ ।
ଦେଇଅଛୁ ହର୍ଷ ମଧ୍ୟରେ ଏ ବର୍ଷ
ସତ୍ୟବାଦୀ ବିଦ୍ୟାଳୟ,
ନବ ସଂସ୍ଥାପନେ ଉତ୍କଳର ପ୍ରାଣେ
ହେଲା ନବ ବଳୋଦୟ ।
ଯେଉଁ ଗଙ୍ଗବଂଶ ଉତ୍କଳରେ ଯଶ
ରଟିଛନ୍ତି ବିଦ୍ୟାବଳେ,
ତାଙ୍କ ବଂଶଧର ଶ୍ରୀ ଦିବ୍ୟଶଙ୍କର
ଆରୋହିଲେ ବିଦ୍ୟାଚଳେ ।
ବହି ନବ ଆଶା ଜନମିଛୁ 'ଆଶା'
'ଉତ୍କଳ ସେବକ' ସହ,
ସାହିତ୍ୟ ସମାଜ ତେଜିଅଛୁ ରାଜ
ସାହାଯ୍ୟେ ମରଣ-ଭୟ ।
କରୁଣାବାରିଧି ରାଜପ୍ରତିନିଧି
ଦୁର୍ଦ୍ଦଶା କଟିବେ ବୋଲି,
ଉତ୍କଳକୁ ବିଜେ କରି ଦେଲେ ନିଜେ
ଆଶ୍ୱାସ-ଚନ୍ଦନ ବୋଳି ।
ଉତ୍କଳ ଭବନ ନେତା ବିଚକ୍ଷଣ
ଶ୍ରୀ ମଧୁସୂଦନ ଦାସ,
ନିଜ ପରିବାର ଗୃହିଣୀର ଭାର
ନେଲେ ତେଜି ଅଉଦାସ୍ୟ ।*
ଆସ ଆସ ନବ ସମ୍ବତ୍ସର ତବ
ପଦ୍ମରେ ଅଭିବାଦନ,
ହରି ଦୁଃଖଭାର ଉତ୍କଳ ପ୍ରଜାର
କର ମଙ୍ଗଳସାଧନ ।
ନବ ନବ ବଳ ସୃଜିବା କେବଳ
ଅଟଇ କାଳର ବିଧି,
ହେ ଶୁଭ ସମୟ ହେଉ ସତ୍ୟମୟ
ତୋର ସନାତନୀ ସିଦ୍ଧି ।
ଉତ୍କଳବାସିଏ ଉତ୍କଳଭାଷିଏ
ଯହିଁ ତହିଁ ପଛେ ଥାଅ,
ନବ ପ୍ରତ୍ୟୁଷରେ ନବୀନ ଭାଷରେ
ନବୀନ ସଙ୍ଗୀତ ଗାଅ ।
କୋଟିଏ କଣ୍ଠରେ ଗୋଟିଏ ରାଗରେ
ଉଠିଲେ ସ୍ତବ ସଙ୍ଗୀତ,
କି ଜଗଦୀଶ୍ୱର କି ଭାରତେଶ୍ୱର
ନିଃସନ୍ଦେହ ହେବେ ପ୍ରୀତ ।

* ସନ ୧୯୧୪ ଖ୍ରୀଷ୍ଟାବ୍ଦ ।

କର୍ମକ୍ଷେତ୍ର ମହୀ— ମଣ୍ଡଳରେ ରହି-
ଅଛ ସହି ଯେତେ କଷ୍ଟ,
କର୍ମେ ଅଗ୍ରସର ହୁଅ ହେ ସତ୍ୱର
ତାହା ସବୁ ହେବ ନଷ୍ଟ ।

କର୍ମୀ ଅନୁକୂଳ ଆଜ ରାଜକୁଳ
କର୍ମ ଅନୁସାରେ ବର
ଦେବାକୁ ତତ୍ପର ସଦା ନ୍ୟାୟପର
ସମ୍ରାଟ ଭାରତେଶ୍ୱର ।

## ପ୍ରେତର ଅନୁତାପ

ପ୍ରେତ ବୋଲେ ମୋର ନାମେ ମୋ ପତ୍ନୀଙ୍କ
ନେଲେ କୁଳପୁରୋହିତ,
ମୋ ନାମରେ ଧନ ନେଇ ଖାଇ ତହିଁ
ନିଶ୍ଚିନ୍ତ ହେଲେ ନିଦ୍ରିତ ।
ମୋ ପାଠ୍ୟ ପୁସ୍ତକ ନେଇ ନ ପଢ଼ିଲେ
ପ୍ରକଟ ନ କଲେ ନାମ,
ମୋହ ନାମେ ଘନେ ଦାନ କଲେ ନାହିଁ
ନେଇ ମୋର ଭୂମି ଗ୍ରାମ ।
ବଢ଼ିଲା ତାଙ୍କର ପରିବାର ମୋର
ଦ୍ରବ୍ୟେ ଲଗାଇଲେ ବାଦ,
ମୋ ପୁତ୍ରକୁ ପୁଣି ଭଣ୍ଡିଲେ ସତତ
ଦେଇ ପଣ୍ଡ ଆଶୀର୍ବାଦ ।

ମାନସେ ତାହାଙ୍କ ରହିଲା ମୋ ପୁତ୍ର
ପତ୍ନୀଙ୍କ ଧନରେ ଲୋଭ,
ଶୀଘ୍ର ହସ୍ତଗତ ହେଉ ନାହିଁ ବୋଲି
କରୁଛନ୍ତି କେତେ କ୍ଷୋଭ ।
ମୋର ପିତା ମୁହିଁ ସେହିପରି ଦେଇ
ପଡ଼ିଲୁଁ ନିଜେ ସେ ପାଶେ,
ସେହି ଆଦରଣ ଥୋଇଆସିଲି ହା
ମୋହର ପୁତ୍ର ସକାଶେ ।
ମୋହ ଧନ ଖାଇ ପୁରୋହିତ ଯେତେ
କରୁଛନ୍ତି ଅପକର୍ମ,
ସେହି କର୍ମଦୋଷ- ଭାଗୀ କରି ମୋତେ
ଦଣ୍ଡୁଅଛି ଏଣେ ଯମ ।

## ଉଦ୍‌ବୋଧନ

ନବ ବର୍ଷେ ଆଜ ନବୀନ ପ୍ରଭାତେ
ନବ ଭାଗ୍ୟ-ରବି ନବ ତେଜେ ଭାତେ ।
ନବ ସମ୍ରାଟଙ୍କ ନବୀନ ରଚନ
କରିଅଛି ନବ ପ୍ରଦେଶ ଗଠନ ।
ଉତ୍କଳ ଜୀବନେ ପଶି ନବ ବଳ
ନବ ଆଶା-ପଥ କରୁଛି ଉଜ୍ଜ୍ୱଳ ।
ବାରିଷ୍ଟର ପଦେ ଉତ୍କଳ-ନନ୍ଦନ
ଫେରି ମାତୃପଦେ କରୁଛି ବନ୍ଦନ ।

ଚୌଦିଗେ ଶୁଭୁଛି ଉଠ ଜାଗ ଜାଗ,
ଅଣ୍ଟାଭିଡ଼ି ନିଜ କର୍ମେ ଲାଗ ଲାଗ ।
କର୍ମ-ବାଷ୍ପରଥ ଧାଇଁ ଶଙ୍ଖ ସ୍ୱନେ
ଆସି ଏବେ ଲାଗିଗଲାଣି ଷ୍ଟେସନେ ।
ଚଢ଼ିବା ସମୟ ହେଲାଣି ନିକଟ,
ଶୋଇପଡ଼ିଅଛ ନ କରି ଟିକଟ ?
ଦେଖୁଛ ସମ୍ମୁଖେ କେମନ୍ତ ଉଦ୍‌ବେଗେ
ଚଢ଼ି ଯାଉଛନ୍ତି ଯାତ୍ରିଗଣ ବେଗେ ।

ଶୁଣୁଁ ଥିବ ଯେବେ ଦୃଶ୍ୟ ହୋଇ କାବା,
ବୃକ୍ଷତଳେ ଶୋକେ ମରୁଥିବ ବାବା !
ଯହିଁ ପାଇଁ ଏତେ ଦୂରକୁ ଆସିଛ,
ପଛେ ପଡ଼ିଗଲେ ସବୁ ହେବ ମିଛ ।
ନବ ରବିକରେ ଫୁଟଇ କମଳ,
ଉଡ଼ିପୁଲ୍ଲେ ଉଠନ୍ତି ବିହଙ୍ଗମଦଳ ।
ଆହାର ବିହାର ପାଇଁ ତେଜି ପୁର
ଉଡ଼ି ଯାଇଥାନ୍ତି କେତେ କେତେ ଦୂର ।
ମହୁମାଛି ମଧୁ ସଞ୍ଚୟ ଲାଳସେ
ବହୁ ଦୂର ବନ ପର୍ବତେ ବିଳସେ ।
ବଳ ଥାଉଁ କେହି ନିଶ୍ଚେଷ୍ଟ ମଣ୍ଡନ
ଥାଇ ନ କରନ୍ତି ଜୀବନ ନିଷ୍ଫଳ ।
ସୁପ୍ତ ସିଂହ ମୁଖେ ନ ପଶେ ଆହାର,
ଶ୍ରମେ ପିପୀଲିକା ପୂରାଏ ଭଣ୍ଡାର ।
ମେଲିଥିଲେ ପାଟି ଶୋଇ ବୃକ୍ଷତଳେ
ବୃକ୍ଷଚ୍ୟୁତ ଫଳ ନ ପଡ଼େ କବଳେ ।
ଗଜ ସିଂହ ବ୍ୟାଘ୍ର ଦେହେ ଅଛି ବଳ,
ତାଙ୍କୁ ବାନ୍ଧେ ନର ପ୍ରକାଶି କୌଶଳ ।
କୌଶଳଜନକ ଜ୍ଞାନ ଅଟେ ସିନା,
ଜନମି ନ ପାରେ ଜ୍ଞାନ ଭାଷା ବିନା ।
ଭାଷା ଯୋଗୁଁ ସିନା ଦମି ଜୀବଗଣ
ମାନବ କରଇ ବିଶ୍ୱେ ରାଜପଣ ।
ଯା ଭାଷା ଦୁର୍ବଳା ସେ ନିଶ୍ଚେ ଅଧମ,
କାହିଁ ହେବ ଆନେ ପ୍ରତିଯୋଗେ କ୍ଷମ ?
ଉଚ୍ଚଭାଷୀ ଲୋକେ ତାକୁ ନୀଚ ଗଣି
ଉଚ୍ଚ ସମାଜରେ ହୁଅନ୍ତି ଅଗ୍ରଣୀ ।
ଯେ ନର ନ ବୁଝେ ମାନ ଅପମାନ,
ନୁହଇ କି ସେହୁ ପଶୁର ସମାନ ?
ଯା ଭାଷା ଦୁର୍ବଳା କାହିଁ ତାର ଜ୍ଞାନ ?
କାହିଁ ତାର ରାଜଦୁଆରେ ସମ୍ମାନ ?
ଉଚ୍ଚ ହେବା ପାଇଁ କର ଯେବେ ଆଶା,
ଉଚ୍ଚ କର ଆଗେ ନିଜ ମାତୃଭାଷା ।
ନାହିଁ ଯେବେ ହୃଦେ ଉଚ୍ଚ ଅଭିଳାଷ,
କର ଆମୋଦରେ ପଲଙ୍କେ ବିଳାସ ।
ପ୍ରତିବେଶୀଙ୍କର ଚରଣ ନିହାରି—
ଚନ୍ଦ୍ରଶ୍ରେଣୀ କର ବକ୍ଷଦେଶେ ହାର ।
ଉଚ୍ଚ ପଦ ପାଇଁ ଡାକିଲେ ରାଜନ,
କେତେ ଜଣ ଅଛ ତହିଁକି ଭାଜନ ?
ପ୍ରତିବେଶୀଙ୍କର ସହିତ ତୁଳନା
କରି କର ନିଜ ମଧ୍ୟରେ କଳନା ।
ତହିଁରୁ ବୁଝିବ ନିଜେ କେଉଁ ସ୍ଥାନ,
କରିଅଛ ପୁଣି ମାତୃଭାଷା ହୀନ ।
ମାତୃଭାଷା ପୋଥି ଛୁଇଁବାକୁ କରେ
ଅନ୍ୟ କେଉଁ ଜାତି ଲଜ୍ଜାବୋଧ କରେ ?
ଉଠ ଭାଇ, ଉଠ ନବୀନ ଆଲୋକେ,
ଶୋଇଥିଲେ ଶୁଣି ହସୁଥିବେ ଲୋକେ ।
ଶୁଭ କର୍ମପଥେ ହୁଅ ଅଗ୍ରସର,
ଚକ୍ଷୁ ମଳିବାକୁ ନାହିଁ ଅବସର ।
ମାତୃଭୂମି ମାତୃଭାଷାର ବଦନ
ଦୀପ୍ତ କର ଦେଇ ଧନ ଧ୍ୟାନ ମନ ।
ଶୁଭ ପଥେ ବିଭୁ କରିବେ ମଙ୍ଗଳ,
ଶୁଭ କର୍ମେ ହେବ ଜୀବନ ସଫଳ ।

# ବିଦ୍ୟାର୍ଥୀଙ୍କ ହିତୈଷିଣୀ

ଶରତ ସମୟେ ସରେ ସାରସ କାନନ
ଶୁଣୁଁ ଥିଲି ଟେକି ନବ ପ୍ରଫୁଲ୍ଲ ଆନନ ।
ଆହ୍ଲାଦିତ ହେଉଥିଲେ କୁମୁଦ କହ୍ଲାର,
ଅଳିକୁଳ ଗାଉଥିଲେ ମଧୁର ମହ୍ଲାର ।

ରାଜହଂସକୁଳ ତହିଁ ହୋଇ ନବାଗତ
ପ୍ରୀତ ହେଉଥିଲେ ଲଭି ସାରସ ସ୍ୱାଗତ ।
ଅରୁଣ ବରଣ ଭାଲ କାରଣ୍ଡବଗଣ
ତରୁଣ ବୟସେ କରୁଥିଲେ ବିଚରଣ ।
ଜ୍ୟୋତିଷ୍କମଣ୍ଡଳ ପ୍ରଭା କରି ଷୋଳପଣ
ହର୍ଷେ ଦେଖୁଥିଲେ ସ୍ୱଚ୍ଛ ସରସୀ ଦର୍ପଣ ।
ବିଗତ ବରଷାକାଳ କୀର୍ତ୍ତିଧ୍ୱଜ ପରି,
ଖଣ୍ଡ ଖଣ୍ଡ ଅଭ୍ର ଥିଲେ ଶୁଭ କାନ୍ତି ଧରି ।
ଶାରଦୀୟ ସ୍ୱର୍ଣ୍ଣବର୍ଣ୍ଣ ପକ୍ୱ ଧାନ୍ୟ ବହି
ଅନ୍ନପୂର୍ଣ୍ଣାରୂପେ ଶୋଭା ପାଉଥିଲା ମହୀ ।
"ବୁଧହଂସ କେଳିସର" ଦେବଦୁର୍ଗ ଧାମେ
ଜନମିଲା ସୁପତ୍ରିକା "ହିତୈଷିଣୀ" ନାମେ ।
ଶାପଭ୍ରଷ୍ଟ ଦେବ ଥିଲେ ନରେନ୍ଦ୍ର ସୁଢ଼ଳ,
ଭାରତି-ଉଦ୍ୟାନେ ତାଙ୍କ ଅନେକ ସୁଫଳ ।
ତାଙ୍କ ସେ ଉଦ୍ୟାନେ ପାଇ ସମାଦରେ ସ୍ଥାନ
ବଢ଼ିଗଲା ପତ୍ରିକାର ଅତୁଳ ସମ୍ମାନ ।
ନୀଳମଣି ବିଦ୍ୟାରତ୍ନ ବହୁଗୁଣାଧାର
ନରେନ୍ଦ୍ର ଆଦେଶେ ନେଲେ ତା ରକ୍ଷଣଭାର
ଯନ୍ତ୍ର ନଭେ ଉଠି ପତ୍ର ପୂର୍ଣ୍ଣ ସୁଧାକର
ରମ୍ୟରୂପେ ହେଲା ଲୋକନୟନଗୋଚର ।
ଚଉଦିଗେ କଲା ଜ୍ଞାନଚନ୍ଦ୍ରିକା ପ୍ରକାଶ,
ଅଜ୍ଞାନ-ତମିର ଦୂର ହେଲା ଲଭି ତ୍ରାସ ।
ବୁଧ-ହୃଦ ଜୀବଞ୍ଜୀବ ସେ ଚନ୍ଦ୍ରିକା ପାନ
କରି ସମୁଲ୍ଲାସେ କଲା ମଧୁମୟ ଗାନ ।
ନିର୍ମଳ ହୃଦୟ-ସରେ ଭାଷା-କୁମୁଦିନୀ,
ବିକସିତ ହୋଇ ହେଲା ଚିତ୍ତବିନୋଦିନୀ ।
ଫୁଟିଲା ପ୍ରବନ୍ଧ-ଫୁଲ, ଛୁଟିଲା ସୁବାସ,
ଲାଗିଲା ପାଠକ-ମଧୁଲିଟଙ୍କ ବିଳାସ ।
ଉଠିଲା କବିତା-ସିନ୍ଧୁ-ତରଙ୍ଗପଟଳ,
ପ୍ରତିଭା ଔଷଧି କଲା ପ୍ରତିଭା ପ୍ରବଳ ।
ସମାଜ-କାନନେ ପଶି ସେ ଚନ୍ଦ୍ରକିରଣ
କୁତ୍ସିତ-ତମିର କଲା ଯତନେ ହରଣ ।
ବିଧବାର ଦୁଃଖ-ତମେ ଯେ କନ୍ଦର ପୂର୍ଣ୍ଣ,
ନ ରହିଲା ତହିଁ ପଶି ହେବା ପାଇଁ ଚୂର୍ଣ୍ଣ ।
ବିଧବାର ଏକାଦଶୀ କଷ୍ଟ ଅନୁଭବି
ପଶିଗଲା ରଶ୍ମିଜାଳ ହିମରୂପେ ସ୍ରବି ।
ଶୈଶବ ବିବାହ ପଥେ ଯେ ଭୀଷଣ ଗ୍ରାମ,
ଜଣାଗଲା ତହିଁ ଗୋଟି ଗୋଟିକର ନାମ ।
ଉତ୍କଳରେ ହେଲା ନବ ଯୁଗର ଆରମ୍ଭ,
ଦିଗେ ଦିଗେ ବ୍ୟାପିଗଲା ସାହିତ୍ୟ-ସୌରଭ ।
ଦ୍ରବିଲା ପାବଣି କାବ୍ୟ ଚନ୍ଦ୍ରକାନ୍ତ ମଣି,
ଧନ୍ୟ ହେଲେ ରାଧାନାଥ ସେ ମଣିର ଖଣି ।
ନବ ରକ୍ତ ସଞ୍ଚରିଲା ଉତ୍କଳ-ଜୀବନେ,
ନବ ବଳ ଉପୁଜିଲା ଉତ୍କଳୀ ଯୌବନେ ।
ସାହିତ୍ୟକମଣ୍ଡଳୀର ଗୌରବବର୍ଦ୍ଧନ,
ସଙ୍ଗେ ହେଲା ଦାମ୍ଭିକଙ୍କ ଗରବ ମର୍ଦ୍ଦନ ।
ଗୋପନରେ କରୁଥିଲେ ପାପିଏ ଯେ ପାପ,
ହସି ଲୋକେ ଦେଲେ ତାଙ୍କ ମନରେ ସନ୍ତାପ
ଅବିଚାର ଅତ୍ୟାଚାର ହେଲା ପ୍ରଶମିତ,
ଅଯଥାଡ଼ମ୍ବର ହୋଇଆସିଲା ଦମିତ ।
ଆମୋଦ ପ୍ରମୋଦ୍ ଗଳ୍ପ ଉପନ୍ୟାସ ଛଳେ,
ବିବିଧ ରହସ୍ୟ ହେଲା ପ୍ରକଟ କୌଶଳେ ।
ମନେପଡ଼େ "ଗଜେନ୍ଦ୍ରଙ୍କ ଗଞ୍ଜିଆବତାର" ।
ରମ୍ଭାପତ୍ର ପାଇଁ ଉପବାସୀ ପରିବାର ।
"କଦଳୀଖିଆର କଥା" ନ ହେବ ବିସ୍ମର,
ଉପମେୟ ପାତ୍ର ତାକୁ ବଳେ ଆଣେ ଧରି ।
ଅକବର କବିତାଟି ହୃଦେ ଉପଗତ,
ହୋଇ କରିଦିଏ କ୍ଷଣ କ୍ଷଣକେ ଜାଗ୍ରତ ।
ଯେମାନଙ୍କ ବିୟୋଗପଦ୍ୟ ହେଉଛି ସ୍ମରଣ,
ଲେଖିଥିଲେ ଯାହା ଲାଲ ରାମନାରାୟଣ ।
ପ୍ରକାଶିତ ହେଲା ଯେଉଁ ପ୍ରହେଳିକାମାନ,
ଅଦ୍ୟାପି ମାନସେ ପାଉଅଛନ୍ତି ସମ୍ମାନ ।
ହେବାରୁ ସମ୍ବଲପୁର ନେତ୍ର ଉନ୍ମୀଳିତ,
କଷ୍ଟକୁ ନ ଗଣି ହେଲା ଉତ୍କଳେ ମିଳିତ ।
ହିନ୍ଦୀର ଗ୍ରାସରୁ ହେଲା କି କଷ୍ଟେ ଉଦ୍ଧାର,
ରାହୁକବଳରୁ ସୁଧାକର ପରକାର ।
ଗୁଣିଗଣ ଥିଲେ ଯାହା ଅପ୍ରକାଶ ଲୋକେ,
ମୁଖ ଚୁହାଁରୁହିଁ ହେଲେ ନିର୍ମଳ ଆଲୋକେ ।

ଆନନ୍ଦରେ ବସିଗଲା କବିଙ୍କର ସଭା,
ଦୀପ୍ତ ହେଲା କବିଙ୍କର ଅଲଙ୍କାରପ୍ରଭା ।
ମାଗଣା ଭୂଷଣ ନେଇ କେତେ ସଭାସଦ,
ପାଇଗଲେ ତହିଁ ସଙ୍ଗେ କବିଙ୍କର ପଦ ।
ଲାଗିଲା ମୟୂରଭଞ୍ଜେ ବାଣୀ ଆରାଧନା
ଧୂପଗନ୍ଧେ ମୁଗ୍ଧ ହୋଇଗଲେ ଦିଗଙ୍ଗନା ।
ଆରତି ପ୍ରଦୀପେ ଦେବୀ ବଦନମୟୂଖ
ଦୀପ୍ତ କଲା ମହାପାତ୍ର ପୂଜାହାର ମୁଖ ।
ଭକ୍ତି ଦେଖି ପୂଜାହାରି ବାଣ୍ଟୁଥିଲେ ଭୋଗ,
ସନ୍ଦେଶ ଉଖୁଡ଼ା ଖାଇ ସହିଁର ସେ ଯୋଗ୍ୟ ।
"ଇନ୍ଦ୍ରଧନୁ", "ବିଜୁଳି"ର ହେଲାବାଦ୍ୟପାଳ,
ଚଳିଲା ଦାହକା ଗୀତି ଚଉପଦୀମାଳା ।
କଟକରେ ବିଶ୍ୱନାଥ ସାହିତ୍ୟ-ଜାହାଜ
ଚଳାଇଲେ ପାଇ ଧର୍ମମାମାଙ୍କ ସାହାଯ୍ୟ ।
"ହିତୈଷିଣୀ" ସ୍ୱଚ୍ଛାଲୋକେ ଚୌଦିଗ ଉଜ୍ଜ୍ୱଳ
ହେବାରୁ ଏ ଶୁଭଯୋଗ ଲଭିଲା ଉତ୍କଳ ।

ଧନ୍ୟ ଧନ୍ୟ ବାସୁଦେବ ମହୀପାଳମଣି,
ଧନ୍ୟ ଧନ୍ୟ କ୍ଷଣଜନ୍ମା ବୁଧ ମୌଳମଣି ।
ଉତ୍କଳରେ କରି ଶୁଭ ଯନ୍ତ୍ରର ଆରମ୍ଭ,
ସ୍ଥାପିଦେଲା କାଳଦର୍ପଧ୍ୱଂସୀ ଯୂପସ୍ତମ୍ଭ ।
ରାଧାନାଥ ସରସ୍ୱତୀ ମୂର୍ତ୍ତି ନବ ଯନ୍ତ୍ରେ
ଗଢ଼ିଗଲେ, ଜୀବନ୍ୟାସ କରିଦେଲା ମନ୍ତ୍ରେ ।
ଯାବତ ଉତ୍କଳେ ଥିବ ବାଣୀନିକେତନ,
ତାବତ ଉଡ଼ିବ ତୁମ୍ଭ କୀରତି-କେତନ ।
ଯେତେ ନେତ୍ରେ ଦେଇଅଛ ସୁଜ୍ଞାନ-ଅଞ୍ଜନ,
ନିଶ୍ଚେ ହୋଇଥିବ ତାଙ୍କ ହୃଦୟରଞ୍ଜନ ।
ବୋଲନ୍ତୁପଛକେଲୋକେ ତୋତେ କଏଗଣେ
ସଦା ବୋଲୁଥିବ ମୁହିଁ ତହିଁ ମଧ୍ୟେ ଜଣେ ।
କରିଅଛ ମୋର ଯେତେ ଯେତେ ଉପକାର,
ମୋ ହୃଦେ ରହିଛି ସବୁ ସ୍ୱର୍ଣ୍ଣମୟ ଗାର ।
ତୁମ୍ଭ କୀରତିର ଗୁରୁ ପତାକା ସୀବନେ
ସୂତ୍ର ହେଲେ ଧନ୍ୟ ହେବ ମୁଁ ଦୀନ ଜୀବନେ

# ପଞ୍ଚାୟତ

ପଞ୍ଚଭୂତ ଯୋଗେ ବିଧି ଗଢ଼ି ଅପଘନ
ପ୍ରାଣ ଆଦି ପଞ୍ଚବାୟୁ ୧ କଲା ସଂସ୍ଥାପନ ।
ପଞ୍ଚକୋଷେ ୨ କରେ ସିନା ପରମାତ୍ମା ବାସ
ପଞ୍ଚକାଳେ ପଞ୍ଚମୂଳେ ଆମୟ ବିନାଶ ।
ପଞ୍ଚଗଙ୍ଗା ୩ ସ୍ନାନେ ତାପ ନ ରହେ କଞ୍ଚିତ,
ପଞ୍ଚଗବ୍ୟେ ହୋଇଥାଏ ପାପ ପ୍ରାୟଶ୍ଚିତ୍ତ ।
ପଞ୍ଚଶରେ ପଞ୍ଚଶର କରେ ବିଶ୍ୱ ଜୟ,
ପଞ୍ଚମୁଖ ସିଂହ ବନେ ଭ୍ରମଇ ନିର୍ଭୟ ।

ହସ୍ତ କରେ କାର୍ଯ୍ୟ ପଞ୍ଚ ଅଙ୍ଗୁଳିର ବଳେ,
ପଞ୍ଚ ପଞ୍ଚ ଇନ୍ଦ୍ରିୟରେ ଜ୍ଞାନକର୍ମ ଚଳେ ।
ସେହିରୂପେ ପଞ୍ଚାୟତ ସମାଜ-ଜୀବନେ
ଅଶେଷ କଲ୍ୟାଣକର ଅଟଇ ଭୁବନେ ।
ପୂର୍ବକାଳେ ପଞ୍ଚାୟତେ ଥାନ୍ତି ସଭାସଦ,
ଧର୍ମକୁ ସେ ମଣୁଥିଲେ ଅମୂଲ୍ୟ ସମ୍ପଦ ।
ପକ୍ଷପାତ ମଣି ପାପ ମହାଭୟଙ୍କର
ସମ ଜ୍ଞାନ କରୁଥିଲେ ମନେ ନିଜ ପର ।

୧ । ପଞ୍ଚବାୟୁ—ପ୍ରାଣ, ଅପାନ, ସମାନ, ଉଦ୍ୟାନ, ବ୍ୟାନ । ୨ । ପଞ୍ଚକୋଷ—ଅନ୍ନମୟ କୋଷ, ପ୍ରାଣମୟ କୋଷ, ବିଜ୍ଞାନମୟ କୋଷ, ଆନନ୍ଦମୟ କୋଷ ।
୩ । ପଞ୍ଚଗଙ୍ଗା—ଭାଗୀରଥୀ ଗୋମତୀ ଚ କୃଷ୍ଣବେଣୀ ପିନାକିନୀ । ଅଖଣ୍ଡା ଚୈବ କାବେରୀ ପଞ୍ଚଗଙ୍ଗା ପ୍ରକୀର୍ତ୍ତିତା ।

ଶାସ୍ତ୍ରମତେ ଥିଲେ ସେଣୁ ନ୍ୟାୟପରାୟଣ
ଅଦ୍ୟାପି ବୋଲନ୍ତି ଲୋକେ ପଞ୍ଚନାରାୟଣ ।
ପୂର୍ବକାଳେ ଥିଲା ତାଙ୍କ ଅଟଳ ବିଶ୍ୱାସ,
ଜାଣୁଥିଲେ ପାପ କରେ ବଂଶର ବିନାଶ ।
ଆଜି ସେହି ପଞ୍ଚାୟତ ପାଇଛି ପଞ୍ଚତ୍ୱ,
ପ୍ରେତ ଆତ୍ମା ତାର ଛୁଇଁ ନାହିଁ ଏ ଜଗତ ।
ଦେଖି ପ୍ରତି ଗ୍ରାମେ ହେଲେ ବାଦ ପ୍ରତିବାଦ
ପଞ୍ଚ ପ୍ରତି ଦେଇଥାନ୍ତି ତହିଁର ସମ୍ବାଦ ।
ଯେଉଁ ଗ୍ରାମେ ଥାନ୍ତି ସାଧୁ ସଚ୍ଚରିତ୍ର ଜନ,
କରି ଦେଇଥାନ୍ତି ସେହି ବିବାଦ ଭଞ୍ଜନ ।
ଅନେକ ଗ୍ରାମରେ ଛନ୍ତି ଜଘନ୍ୟ ଦୁର୍ଜନ,
ଶାନ୍ତି ସ୍ଥଳେ କରିଥାନ୍ତି କଳହ ସୃଜନ ।
କ୍ରୋଧେ ଅନ୍ଧ ହୋଇ ଲୋକେ ନପାରନ୍ତି ଜାଣି
କରୁଥାନ୍ତି ବିବାଦରେ ପଡ଼ି ଅର୍ଥହାନି ।
ଦୁଷ୍ଟଙ୍କ ଜୀବନ ଥାଏ ପାପଧନେ ବିକା,
କଳି ଲଗାଇବା ତାଙ୍କ ଜୀବନ-ଜୀବିକା ।
ବାଦୀ ପ୍ରତିବାଦୀ କେହି ଚଳେ ତାଙ୍କ ପାଶ,
କୌଶଳେ ଫନ୍ଦାଇଥାନ୍ତି ଅର୍ଥଟଣା ଫାଶ ।
ଆପଣାକୁ କରିଥାନ୍ତି ମୃଗେନ୍ଦ୍ର ବିଗୃର,
ମଣିଥାନ୍ତି ଗ୍ରାମ ଲୋକେ ତାହାଙ୍କ ଶିକାର ।
କାହିଁ କାହିଁ ଛନ୍ତି ଦୁଷ୍ଟ ଗ୍ରାମ-ଅଧିପତି,
ଭ୍ରୂକ୍ଷେପ କରନ୍ତି ନାହିଁ ଗ୍ରାମ ପଞ୍ଚ ପତି ।
ଧମକ ଚମକେ ପଡ଼ି ଗ୍ରାମ ପଞ୍ଚଜନ
କରି ଦେଇଥାନ୍ତି ତାଙ୍କ ଧନ ଅରଜନ ।
ପାଇଥାନ୍ତି କିଛି କିଛି ପାପ ପୁରସ୍କାର,
ମଣିଥାନ୍ତି କୁକର୍ମ ହିଁ ସୁପୁରୁଷକାର ।
ହୃଦୟରେ ଥାଏ ତାଙ୍କ ଅଟଳ ବିଶ୍ୱାସ
ଗ୍ରାମପତି କରି ଦେଇପାରେ ସର୍ବନାଶ ।
ନୁହଇ ତାଙ୍କର ସେହି ବିଶ୍ୱାସଟି ଭ୍ରାନ୍ତ,
ଦେଖିଛନ୍ତି ଶତ ଶତ ତହିଁର ଦୃଷ୍ଟାନ୍ତ ।
ରହି ନ ପାରଇ ତହିଁ କେବେ ରାଜବିଧି,
ଗ୍ରାମପତି ଯହିଁ ଗ୍ରାମବାସୀଙ୍କର ବିଧି ।
ଯେତେବେଳେ ଜଳ ବିନା ମରୁଥାଏ ଧାନ,
ଗ୍ରାମପତି ଗ୍ରାସିହୁଏ ଆଇନ ବିଧାନ ।

କେତେଠାରେ ପଞ୍ଚମାନେ ହୁଅନ୍ତି ତା ସାହା,
ସର୍ବଗ୍ରାସୀ ଅନଳଙ୍କୁ ଯେଉଁରୂପେ ସ୍ୱାହା ।
ସର୍ବ ଅଗ୍ରେ ଯିବେ ଗ୍ରାମପତିକ୍ଷେତେ ଜଳ,
ତା ପଛକୁ ଯାଇ ଯେତେ ଥିବ ଅର୍ଥବଳ ।
ଜଳ ପାଇଁ ପ୍ରଜା ସଦା ଦିଏ ରାଜ-କର,
ଜଳ ପାଇବାର କିନ୍ତୁ ହୁଏ କଷ୍ଟକର ।
ଏବେ ତ ଆଶ୍ୱିନ ମାସ ଅନ୍ନ ଥିବ ସରି,
ଉପବାସେ ଥିବ ପ୍ରଜା ଜୀବନ୍ମୃତ ସରି ।
ହେଉଥିବ ଅର୍ଥ ବିନା ବୁଦ୍ଧି ତାର ବଣା,
ଅର୍ଜୀ ପାଇଁ ଆବଶ୍ୟକ ହେବ ବାର ଅଣା ।
ଏଣେ ଆସୁଁ ଆସୁଁ ରାଜଦ୍ୱାରରୁ ଆଦେଶ,
ଜଳାଶୟ ଜଳରାଶି ହୋଇଥିବ ଶେଷ ।
କିମ୍ବା ଗ୍ରାମପତି ରଚି ବିବିଧ କୌଶଳ
ଛଳେ କରିଦେବ ରାଜ-ଆଦେଶ ବିଫଳ ।
ଜଳ ପାଇଁ ସ୍ଥଳେ ସ୍ଥଳେ ହୋଇ କଳି ଜାତ
ନିରୀହ ପରଜା-ଶିରୁ କରେ ବଜ୍ରପାତ ।
ଅନାହାରୀ ସଭ୍ୟମାନେ ଏଣେ ଛନ୍ତି ବସି,
ଫଳାହାର ଲୋଭେ ଯାର ଚରି ଏକାଦଶୀ ।
କଳି-ଦେବ ବହି ପ୍ରଜା ଦ୍ରବ୍ୟ ଘର ଘର,
ଯୋଗାଡ଼ କରନ୍ତି ଲେହ୍ୟ ପେୟ ଫଳାହାର ।
ଅନାହାରୁ ଫଳାହାର ଅବା ଜଳଯୋଗ
ମୂଲ୍ୟରେ ଅଧିକ ହୁଏ ସେ ଏକ ସୁଯୋଗ ।
ରୁଚିକର ଫଳାହାର କାହାର କୁଳୁଡ଼ା,
କାହାର ବା ସରୁ ଚୂଡ଼ା, କା' ଶାଲି ଉଖୁଡ଼ା ।
ଅଣ୍ଟାଖୋଷାରୂପେ ଯାହା ଆଣି ହୋଇ ଆସେ,
ମନୋମତ ଫଳାହାର ଚଳେ ତହିଁ ମାସେ ।
ସାଧୁତା ବ୍ୟାଜରେ ନାନା ଅପକର୍ମ କରି,
ଧନ ଦ୍ରବ୍ୟ ଦେଇଥାନ୍ତି ନିଜ ଗୃହ ଭରି ।
ବିରାଡ଼ି କରଇ ଦୁଗ୍ଧପାନ ଚକ୍ଷୁ ବୁଜି,
ସମସ୍ତେ ଯେ ଦେଖିଥାନ୍ତି ନ ପାରେ ତା ବୁଝି ।
ଅନାହାରୀ ହୁଏ ଲୋକ ଥିଲେ ଭାଗ୍ୟବଳ,
ଇହକାଳେ ମିଳିଯାଏ ସଦ୍ୟ ପୁଣ୍ୟଫଳ ।
ଧନ୍ୟ କଳି, ଭାଗି ନୋହୁ ଇଂରେଜ-ଶାସନେ,
ଦେଖୁଅଛୁଁ ବସିଛି ଯେ ଧର୍ମର ଆସନେ,

ହୃଦେ ତାର ତାଳ ତାଳ ନାରକୀୟ ବୁଦ୍ଧି,
ବେଳୁଁ ବେଳ କରୁଅଛ ପାପଭାର ବୃଦ୍ଧି ।
କାହିଁ ବା ଖାତକ ନେଇ ସାହୁଠାରୁ ଟଙ୍କା
ପରିଶୋଧ କଲାବେଳେ ମୁହଁ କରେ ବଙ୍କା ।
କେତେ ବା ବିନୟ କରି ଋଣ ଥାଏ ନେଇ
ଉଗ୍ରମୂର୍ତ୍ତି ଧରି ପୁଣି ନ ପାରିଲେ ଦେଇ ।
କେହି ବା ନ ଦେଇ ଋଣ ହୋଇ ସାହୁକାର
ନିରୀହ ଲୋକଙ୍କୁ କରିଦିଏ ଘରଖାର ।
ଅଳ୍ପ ଅଳ୍ପ ଶିକ୍ଷା ଲଭି କେତେ କ୍ରୂର ଜନ
ମିଥ୍ୟା-ଜାଲେ କରୁଛନ୍ତି ଅର୍ଥ ଅରଜନ ।
ମିଥ୍ୟା ଅସ୍ତ୍ର ତୀକ୍ଷ୍ଣ କରି ଅଦାଲତ-ଶାଣେ
ମାରୁଛନ୍ତି ଅଶିକ୍ଷିତ ପରଜାଙ୍କ ପ୍ରାଣେ ।
ଶାଣକାର ପରି ତହିଁ ଉତ୍କଳମଣ୍ଡଳ
ଟଙ୍କାମୁଣି ଭରୁଛନ୍ତି ବସି ଦଳ ଦଳ ।
ତାଙ୍କଠାକୁ ଯାଉ ବାଦୀ ଅବା ପ୍ରତିବାଦୀ,
ସମସ୍ତରେ ହେଉଛନ୍ତି ତାର ଜୟନାଦୀ ।
ଶିକ୍ଷାଫଳ ହେଉଅଛି ମିଥ୍ୟାପ୍ରସାରଣ,
ସତ୍ୟ ମୁଖେ ପ୍ରହାରଣ, ସାଧୁ ପ୍ରତାରଣ ।
ସମସ୍ତେ ଜଗତେ କିନ୍ତୁ ନୁହନ୍ତି ସମାନ,
ଅଛନ୍ତି ଧାର୍ମିକ ପୁଣି ଛନ୍ତି ଜ୍ଞାନବାନ ।
ଯେହିମାନେ କରିଥାନ୍ତି ଉତ୍ତମ ବିଚାର,
ପ୍ରକୃତ ସେ ଜଣେ ଜଣେ ଧର୍ମ ଅବତାର ।
ସେମାନେ ହୁଅନ୍ତି ଯଦି ଗ୍ରାମେ ଗ୍ରାମେ ପଞ୍ଚ,
ହୋଇ ନ ପାରଇ କେବେ ବିଚାର ପ୍ରପଞ୍ଚ ।
ଗ୍ରାମ ପଞ୍ଚ ଜାଣିଥାନ୍ତି ଗ୍ରାମର ଘଟଣା,
ବଳିଷ୍ଠ ନ ହୁଏ ତହିଁ କପଟ ରଚନା ।
ଚିହ୍ନିଥାନ୍ତି ମିଥ୍ୟାବାଦୀ ଦୁଷ୍ଟ ଦୁରାଚାରୀ,
କେ ସରଳପ୍ରାଣ କେବା ବାହ୍ୟ ଭେକଧାରୀ ।
ଯାହା ହୋଇଥାଏ ଗ୍ରାମ ଲୋକଙ୍କୁ ଅଜଣା,
ସେହି କଥା ଜାଣିଥାନ୍ତି ଗୃହର ଅଙ୍ଗନା ।
ବହୁ କଥା ଜାଣିଥାନ୍ତି ଗ୍ରାମ ଶିଶୁଗଣ,
ତାଙ୍କ ନେତ୍ରେ ପଡ଼ିଥାଏ ପାପ ଆଚରଣ ।
ଜନକ ଜନନୀ ପାଶେ ତେଜି ଲାଜ ଭୟ,
କହିଥାନ୍ତି ସବୁ କଥା ସେମାନେ ନିଶ୍ଚୟ ।
ଯେଉଁ କଥା ଥାଏ ଯେତେ ଲୁଚାଇବା ଭଳି,
ଘଟେ ପ୍ରକାଶିତ ହୁଏ ତାହା ତହୁଁ ବଳି ।
ଗ୍ରାମପଞ୍ଚ ପାଇଥାନ୍ତି ସକଳ ସନ୍ଧାନ,
କରନ୍ତି ଅବସ୍ଥା ଦେଖି ବ୍ୟବସ୍ଥା ପ୍ରଦାନ ।
ବାଛି ବାଛି ସୁଧାର୍ମିକ ପାପଭୀରୁ ଜନ
ହେବ ଯଦି ପଞ୍ଚାୟତ ଗଠନ ସୃଜନ,
ଶିକ୍ଷା ଦିଆଯାଉଥିବ ବିଚାର ବିଧାନ,
କରାଯାଉଥିବ ବାର ବାର ସାବଧାନ ।
ପଞ୍ଚହସ୍ତେ ନ୍ୟସ୍ତ ହେଲେ ଲଘୁ ଅଧିକାର,
ଅବଶ୍ୟ ଦେଶର ହେବ ବହୁ ଉପକାର ।
ବହୁ ଅର୍ଥ ପ୍ରଜାଙ୍କର ଗୃହେ ଯିବ ରହି,
ନ ପାରିବ ଜାଲିଆଙ୍କ କୋପାନଳ ଦହି ।
ଗ୍ରାମେ ଗ୍ରାମେ ହୋଇ ସତ୍ୟଯୁଗ ଆବିର୍ଭାବ,
ନଗରେ ପ୍ରବିଷ୍ଟ ହେବ ତାହାର ପ୍ରଭାବ ।
ନଗରେ ନଗରେ ଛନ୍ତି ଶିକ୍ଷିତ ସୁଜନ,
ସେ କରିପାରନ୍ତି ସତ୍ୟଯୁଗର ସୃଜନ ।
କରିବାକୁ ପରଜାଙ୍କୁ କଳି-ସିନ୍ଧୁ ପାର,
ଋଷିକଳ୍ପ ସେହିମାନେ ଯୋଗ୍ୟ କର୍ଣ୍ଣଧାର ।
ନ ବାଞ୍ଛନ୍ତି ପଦ ସେହୁ ନ ଇଚ୍ଛନ୍ତି ଧନ,
ତାଙ୍କ ଧନେ ରହୁଅଛି ଲୋକଙ୍କ ଜୀବନ ।
ହେଉଛନ୍ତି ବିଧି-ଦତ୍ତ ଧନେ ଭାସମାନ,
ପରଧନ ମଣିଛନ୍ତି ଗରଳ ସମ ନ ।
ପଞ୍ଚାୟତ ନେତା ଯଦି ହୁଅନ୍ତି ସେମାନେ,
ଅବଶ୍ୟ ଚଳିବ ଲୋକ ସତ୍ୟର-ବିଧାନେ ।
ବାଛି ବାଛି ଲୋକ ଯଦି କରିବ ସଂଗ୍ରହ,
ଦେଖାଇବ ତାଙ୍କ କଥା ପାଳନେ ଆଗ୍ରହ ।
ଦେଖିବ ଗୋଖେଲ କେତେ କେତେ ଦାଦାଭାଇ
ସହଜେ ପାରନ୍ତି ଯେହୁ ଭାରତ ଚଳାଇ ।
କେତେ ଗାନ୍ଧି ଉପଗତ ହେବେ ଭୂମି ଆଗେ,
ସ୍ନିଗ୍ଧ କରିଦେବେ ମହୀ ସ୍ୱଚ୍ଛ ଅନୁରାଗେ ।
ଲେଉଟି ଆସିବ ବେଗେ ପ୍ରାଚୀନ ଭାରତ,
ହେବ ଶ୍ୱେତ-କେଶରୀଙ୍କ ଯଶସେବା ରତ ।
ନ ଲୋଡ଼ିବେଲୋକେବିଦ୍ୟାନିମନ୍ତେବେତନ,
ଉଡ଼ିବ ଆକାଶଶୀର୍ଷେ ଧବଳ କେତନ ।

ବିଦ୍ୟାମୃତ ପାନେ ଯାର ପୂରିଛି ଉଦର,
ଅବିଦ୍ୟା-ଜନକ ଧନେ ତାର କି ଆଦର ।
ଧନଜ-ଉନ୍ନତି ବିଶ୍ୱେ ନୁହେ ଚିରସ୍ଥାୟୀ,
ସ୍ଥାୟୀ ସେ ଉନ୍ନତି ଯାହା ଧର୍ମ ଅନୁଯାୟୀ ।
ଧନର ଉନ୍ନତି ଯେଉଁ କାଳ ଧ୍ୱଂସ କରେ,
ଧରମ ଉନ୍ନତି ଗୃହିଁ ରହେ ଯୁକ୍ତକରେ ।
ଯେଉଁ ରାଜ୍ୟେ ଧରମର ପ୍ରଭା ହୁଏ ନାଶ,
ପାପ-ଅନ୍ଧକାର ତାକୁ କରିଦିଏ ଗ୍ରାସ ।
ଲକ୍ଷ ଲକ୍ଷ ଦୀପ କୋଟି ବିଦ୍ୟୁତ ଆଲୋକ
ଗ୍ରାସିଦିଏ ଅମାବାସ୍ୟା-ତମ-ମଗ୍ନ ଲୋକ ।
ଯହିଁ ଧର୍ମ ତହୁଁ କରେ ଲୋଭ ପଳାୟନ,
ଲୋଭ ନାଶେ ସୁନିପୁଣ ଧର୍ମପରାୟଣ ।
ଧାର୍ମିକ ସୁଜନ ଦେଖି କଲେ ପଞ୍ଚାୟତ,
ନିଶ୍ଚୟ ସମାଜ ହେବ ଧର୍ମର ଆୟତ୍ତ ।
ଲୋଭର ଜନକ ଧନ, ଧନକୁ ଯେ ଘୃର
ମଣନ୍ତି, ସେ କରଥାନ୍ତି ନିର୍ମଳ ବିଚାର ।
ଧରମର ଆଧିପତ୍ୟ ରହିଲେ ସମାଜେ,
ସମୃଦ୍ଧି-ଉନ୍ମୁଖୀ ହେବ ଭାରତ-ସାମ୍ରାଜ୍ୟେ ।

# ବିଦୁର ପ୍ରଜାଗର

ସୁଶାନ୍ତ ରଜନୀ, ଶାନ୍ତ ଅବନୀମଣ୍ଡଳ,
ନାହିଁ ଆଉ ହସ୍ତିନାରେ ଜନ କୋଳାହଳ ।
ଜ୍ୟୋତିଷ୍କମଣ୍ଡଳ ଥାଇ ଗଗନେ ନିଶ୍ଚଳେ
ଦେଖୁଛନ୍ତି ମୁଖ ଶାନ୍ତ ଯମୁନାର ଜଳେ ।
ଧୀରେ ଧୀରେ ହରି ପୁଷ୍ପରଜ ସମୀରଣ
ଗୁପତେ ଜଗତେ କରୁଅଛି ବିତରଣ ।
ନିଦ୍ରାର କୋମଳ କୋଳେ ପୁରଜନଗଣ
ପଡ଼ି ହୋଇଛନ୍ତି ଶାନ୍ତି-ସାଗରେ ମଗନ ।
କିନ୍ତୁ ରାଜା ଧୃତରାଷ୍ଟ୍ର ତହିଁରୁ ବଞ୍ଚିତ,
ଆଜ ହୋଇଛନ୍ତି ସୁପ୍ତି-ସ୍ନେହରୁ ବର୍ଜିତ ।
ଯୁବରାଜ ସୁଯୋଧନ ବୀର ଧୁରନ୍ଧର,
ଯାହା ପାଇଁ ଭୀଷ୍ମ ସଦା ରଣେ ଅଗ୍ରସର ।
ମହାବୀର ଦ୍ରୋଣ ଯାକୁ କରିବାକୁ ତ୍ରାଣ
ଅକୁଣ୍ଠିତ ସଦା ରଣେ ଦେବା ପାଇଁ ପ୍ରାଣ
କର୍ଣ୍ଣ ଯାର କର୍ଣ୍ଣଧାର ସମର-ସାଗରେ !
ସେନା ରଥ ନାବ ଶକ୍ତି-କ୍ଷେପଣୀ ଆଗରେ ।
ଜଗତ-ପ୍ରଳୟକାରୀ ଶର-ଜାଲ ଧରି
ରହିଛନ୍ତି ଦ୍ରୋଣି ଯାର ଆଜ୍ଞା ଅନୁସରି ।
ସେ ପୁତ୍ରର ପିତା ହୃଦେ ପଶିଥିବ ଚିନ୍ତା,
କାହିଁ କହିହେବ ଏହା ଛାଡ଼ି ବିବେକିତା ।
ଅସୀମ କ୍ଷମତା ଯାର ଅତୁଲ ବିଭବ,
କି ଦୁଃଖେ ରହିବେ ଏକା ହୋଇ ସେ ନୀରବ?
ଭାର୍ଯ୍ୟା ତ ନୁହନ୍ତି ତାଙ୍କ ଅପ୍ରିୟଭାଷିଣୀ,
ବୁଦ୍ଧି ତ ନୁହଇ ପର-ପଦାର୍ଥଗ୍ରାସିନୀ ।
ଅନ୍ଧ ବୋଲି କିବା ମନେ ଘୃଣା ଉପୁଜାଇ
ଅଛି ନିଦ୍ରା ରାଜନେତ୍ର ପାଶକୁ ନ ଯାଇ ।
କି ଗୂଢ଼ ରହସ୍ୟ ତାହା ବୁଝିବି କେମନେ,
କହ କୃପାବହି ମୋତେ ଶ୍ୱେତପଦ୍ମାସନେ !
ଉପପ୍ଲବ ଗୂଢ଼େ ଆଜ ସଞ୍ଜୟ ସୁମତି
ରାଜାଦେଶେ ଯାଇଥିଲେ ଯୁଧିଷ୍ଠିର କତି;
ଲେଉଟି ସେ କହୁଛନ୍ତି ତାଙ୍କ ସମାଚାର,
ପାଣ୍ଡୁସୁତେ ସ୍ଥିର କରିଅଛନ୍ତି ବିଚାର;
ପାଞ୍ଚ ଖଣ୍ଡି ଗ୍ରାମ ଯେବେ ଦେବେ ନରପତି,
ପୁନସବେ ରହିଥିବେ ସେବି ତାଙ୍କ କତି ।
ତା ନ ହେଲେ ରାଜ୍ୟ ପାଇଁ ଦେଖାଇବେ ବଳ,
ତହିଁ ପାଇଁ ଠୁଳ କରି ସାରିଛନ୍ତି ବଳ ।
ଏଣେ ତାଙ୍କ ପ୍ରିୟତମ ସୁତ ସୁଯୋଧନ,
ଭାଗ ଦେବା ପାଇଁ ତିଳେ କରୁ ନାହିଁ ମନ ।
ବଂଶବନେ ଲାଗିଯିବ ପ୍ରଚଣ୍ଡ ଅନଳ,
ଏହା ଭାବି ନରପତି ହୃଦୟ ବିକଳ ।

ଅସ୍ଥିର ହୃଦୟେ ବସି ବସି ନରପତି,
ବିଦୁରଙ୍କ ଉପଦେଶେ ବଳାଇଲେ ମତି ।
ଡକାଇ ସେ ବିଦୁରଙ୍କୁ ବସାଇ ସାଦରେ,
କହିଲେ ସଞ୍ଜୟ କଥା ସବୁ ବିଷାଦରେ ।
ଆତୁର କହିଲେ, "ତୁମ୍ଭେ ପଣ୍ଡିତ ବିଦୁର,
ଅଜ୍ଞାନ-ଗିରିକି ତୁମ୍ଭ ବଚନ ଭିଦୁର ।
ଆମ୍ଭ ହିତ କାର୍ଯ୍ୟେ ସଦା ଥାଏ ତୁମ୍ଭ ମନ,
ସ୍ୱଭାବତଃ ଅଟ ସେଣୁ ଆମ୍ଭ ଜ୍ଞାତି ଜନ ।
ଧରମ ଅର୍ଥରେ ପୁଣି ଅଟ ସୁକୁଶଳ,
କହ ଭାଇ, କି ଉପାୟେ ହୋଇବ କୁଶଳ ।"
ବିଦୁର ବୋଇଲେ, "ଆହେ ନୃପତିମଣ୍ଡନ,
ଧରମ ଆଚର ସଦା ଧର୍ମେ ଦେଇ ମନ ।
ଯେ ଭାବେ ଧାର୍ମିକ କରେ ଧର୍ମକୁ ରକ୍ଷଣ,
ଧର୍ମ ତାକୁ ରଖେ ସେହି ଭାବେ ଅନୁକ୍ଷଣ ।
ଧରମ ମଙ୍ଗଳମୟ ଧର୍ମେ ସଦା ଜୟ,
ସବୁକାଳେ ସବୁଠାରେ ଧାର୍ମିକ ନିର୍ଭୟ ।
ଯେ ନରପୁଙ୍ଗବ ଧରେ ଧର୍ମରୂପ-ଅସି,
ସନ୍ତାପ କଣ୍ଟକେ ତାର ନ ପାରଇ ପଶି ।
ଧାର୍ମିକ ହୃଦୟ ଥାଏ ସତତ ପ୍ରଫୁଲ୍ଲ,
ବିଭାବସୁ-କର ଯୋଗେ ଯଥା ପଦ୍ମଫୁଲ ।
ବିପଦବାନ୍ଧବ ଧର୍ମ ସମ୍ପଦର ଭାଇ,
ଇହ-ପରକାଳ ସଙ୍ଗୀ ସଦା ଶୁଭଦାୟୀ ।
ଧର୍ମପଥେ ଉଇଁ ରବି ଧର୍ମ ଯେନ ଅସ୍ତ,
ଧର୍ମ ତାଙ୍କୁ ରକ୍ଷାକରେ ହେଲେ ରାହୁଗ୍ରସ୍ତ ।
ଧର୍ମ ଅନୁରୋଧେ ସିନା ଚନ୍ଦ୍ର ହୁଏ କ୍ଷୟ,
ସେହି ଧର୍ମବଳେ ପୁଣି ହୁଏ ତେଜୋମୟ ।
ଧର୍ମ ଅନୁସାରେ ଏକା ବୃକ୍ଷ ଦିଏ ଫଳ,
ଧର୍ମରେ ଜଳଦମାଳ ଦେଉଥାନ୍ତି ଜଳ ।
ଏ ସଂସାର-ଜଳଧିକି ହେବା ପାଇଁ ପାର
ଧର୍ମ ସିନ୍ଧୁ-ଯାନ, ତହିଁ ବିଭୁ କର୍ଣ୍ଣଧାର ।
ଚଳାଏ ଜୀବନ ଯେତୁ ଧର୍ମପଥ ଛାଡ଼ି,
ବୁଡ଼ାଏ ସେ ପରିଜନେ ଆପେ ତାପେ ବୁଡ଼ି ।
ଧର୍ମପଥେ ଗତି ଯା'ର ଧର୍ମେ ସ୍ଥିର ମତି;
ଈଶ୍ୱର ଖଣ୍ଡନ୍ତି ତାର ନିଖିଳ ବିପତ୍ତି ।
ନିୟନ୍ତ୍ରିତ ଧର୍ମ-ମହାଯନ୍ତ୍ରେ ଗ୍ରହଗଣ,
ସତତ ଅନନ୍ତପଥେ କରନ୍ତି ଭ୍ରମଣ ।"
ଧୃତରାଷ୍ଟ୍ର ବୋଇଲେ, "ହେ ଧାର୍ମିକପ୍ରବର,
ଧର୍ମର ବ୍ୟବସ୍ଥା କୃପା କରି ଦାନ କର ।"
ବିଦୁର ବୋଇଲେ, "ଧନ୍ୟ ନୃପତିଶେଖର,
ଲୋଡ଼ିଲ ଯା ଧର୍ମାକାଂକ୍ଷି ମାନସ ତୁମ୍ଭର ।
ମାନବ-ଜୀବନ-ରାଜ୍ୟେ ମନ ନରପତି,
ନ୍ୟାୟଦେବ ସେ ରାଜ୍ୟର ଉପଯୁକ୍ତ ମନ୍ତ୍ରୀ ।
ବୁଦ୍ଧି, ବିବେଚନା, ଧୃତି ରାଜସଭାସଦ,
ବ୍ୟବସ୍ଥା ଦିଅନ୍ତି ଯହିଁ ନ ହେବ ଆପଦ ।
ଜ୍ଞାନେନ୍ଦ୍ରିୟ ପଞ୍ଚ ତହିଁ ରାଜପରିଜନ,
ପରଜା ଅଟନ୍ତି ମାତ୍ର କର୍ମେନ୍ଦ୍ରିୟଗଣ ।
ରାଜ ଅଳଙ୍କାର ଦୟା, କ୍ଷମା, ସରଳତା,
ଉଦାରତା, ସୁଶୀଳତା, ବିନୟ, ସତ୍ୟତା ।
କର୍ମ କୃଷିକ୍ଷେତ୍ର ସୁଖଫଳପ୍ରଦାୟକ,
କିନ୍ତୁ ତହିଁ ପରିଶ୍ରମ-ବୀଜ ଆବଶ୍ୟକ ।
ଅତି ଦୁଷ୍ଟ ଅହଙ୍କାର ମନର ସୋଦର,
ଆଧିପତ୍ୟ ନେବା ପାଇଁ ସତତ ତତ୍ପର ।
କାମ ଆଦି ଷଡ଼ ସୈନ୍ୟ ଯେନ ଅବିରତ
ମହାଘୋର ସଂଗ୍ରାମରେ ହୋଇଥାଏ ରତ ।
କାମ ହସ୍ତେ ଲମ୍ପଟତା, ପାନ-ଦୋଷ ଶର,
କ୍ରୋଧ ଧରେ ନାଗପାଶ ଘୋର ଭୟଙ୍କର ।
ଲୋଭ ମାରେ ମେଘ-ବାଣ ଅତି ଦୁର୍ନିବାର,
କ୍ଷଣକରେ କରିଦିଏ ଚୌଦିଗ ଅନ୍ଧାର ।
ମୋହହସ୍ତେ ସମ୍ମୋହନ-ଶକ୍ତି ଜକଜକ,
ମଦ ପ୍ରହାରଇ ମହା ଅସ୍ତ୍ର ଉନ୍ମାଦକ ।
ମାତ୍ସର୍ଯ୍ୟ ଗୁଡ଼ଇ ସଦା ଅଗ୍ନି ମହାଶର,
ନିଜେ ଜଳି ଜାଳୁଥାଏ ପର କଳେବର ।
ସାଧୁସହବାସ-ବର୍ମ ଧରେ ଯେବେ ଅଙ୍ଗେ,
ସମରସମର୍ଥ ମନ ହୁଏ ରିପୁ ସଙ୍ଗେ ।
'ଜ୍ଞାନ-ମହାଶର ବଳେ ଲଭଇ ବିଜୟ,
ପଦାନତ କରି ରଖେ ବଇରିନିଚୟ ।
ସଦସ୍ୟଗଣର କଥା ହେଉଥାଏ ଧାର୍ଯ୍ୟ,
ମନ୍ତ୍ରୀ ପରାମର୍ଶ ଯେନ ହେଉଥାଏ କାର୍ଯ୍ୟ ।

ଏହାକୁ ମାନବ ଧର୍ମ ବୋଲି ନରବର,
ଇହ ପରକାଳେ ଏହି ଧର୍ମ ଶ୍ରେୟସ୍କର ।
ଅହଙ୍କାର ହୁଏ ଯେବେ ଜୀବନେ ପ୍ରବଳ,
ସୈନ୍ୟେ ତାର ଉପୁଜନ୍ତି ମହାକୋଳାହଳ ।
ଚଉଦିଗୁଁ ମାଡ଼ିଆସେ ଅଶାନ୍ତି-ତରଙ୍ଗ,
ସହଜରେ ହୁଏ ତହିଁ ଧର୍ମ-ସେତୁ ଭଙ୍ଗ ।
ଆଶୁକ୍ଷୟଶୀଳ ସୁଖ ଧରମହୀନର,
ଧର୍ମହୀନ ନର ସର୍ବ ବିପତ୍ତିର ଘର ।
ଜଗତରେ ଅଛି ଭଲ ମନ୍ଦ ଦୁଇ କଥା,
ବୁଧଗଣ ଭଲ ବାଛି ନିଅନ୍ତି ସର୍ବଥା ।
ଭଲ କଥା ହୋଇଥାଏ ଆଗେ ଦୁଃଖପ୍ରଦ,
ପରିଣାମେ ଆଣିଦିଏ ଅକ୍ଷୟ ଆନନ୍ଦ ।
ମନ୍ଦ କଥା ପ୍ରଥମରେ ଦିଶେ ମନୋହର,
ଆଗେ କିଛି ସୁଖ ଦିଏ ପଛେ ଭୟଙ୍କର ।
ତୁମ୍ଭେ ତ ହୋଇଛ ନାନା ମନ୍ଦ କର୍ମେ ପଟୁ,
ଏଣୁ ଭଲ କଥାସବୁ ଲାଗୁଅଛି କଟୁ ।
ଯେଉଁ ରାଜା ଆଳସ୍ୟରେ ଦ୍ରବ୍ୟ କରି ନାଶ,
ପରଦ୍ରବ୍ୟ ଦେଖି ତହିଁ ପ୍ରବର୍ତ୍ତାଏ ଆଶ,
ପ୍ରିୟ ମିତ୍ରଠାରେ କରି ମିଥ୍ୟା ବ୍ୟବହାର,
ଅବ୍ୟାପାରେ ରତ ଥାଏ ମଣି ସୁବ୍ୟାପାର,
କର୍ତ୍ତବ୍ୟ କାର୍ଯ୍ୟରେ ହେଲେ ନ ଲଗାଏ ମନ,
ବଳବନ୍ତଠାରେ କରେ ବିବାଦ ଅର୍ଜ୍ଜନ,
ତୋଷାମୋଦକାରୀ ସଙ୍ଗେ ବିହାର କରଇ,
ନିନ୍ଦନୀୟ କର୍ମ ବୋଲି ତିଳେ ନ ଡରଇ,
ଜୁଆ ପଶା କରିଥାଏ ପ୍ରଧାନ ଜୀବିକା,
ବେଶ୍ୟାଘରେ ଜୀବନ ଯା ହୋଇଥାଏ ବିକା,
ଅବିଶ୍ୱାସୀ ଲୋକଠାରେ ଲଗାଇ ବିଶ୍ୱାସ,
ମୂର୍ଖପଣେ ନ ଛାଡ଼ଇ ମୂର୍ଖଜନ ପାଶ,
ଆପଣାର ଦୋଷ ଥିଲେ ପର୍ବତ ସମାନ,
ସୋରିଷ ସଦୃଶ ତାକୁ ମଣୁଥାଏ ସାନ,
ସୋରିଷ ସମାନ ଯେବେ ପର ଦୋଷ ଦେଖେ
ଅଭିମାନ ବହି ତାକୁ ଗିରି ସମ ଲେଖେ,
ଯେତେବେଳକାର୍ଯ୍ୟ ସେତେବେଳେତାନକରି
କାର୍ଯ୍ୟଦକ୍ଷ ବୋଲିଥାଏ ବୃଥା ଗର୍ବ ଧରି,
କାର୍ଯ୍ୟରେ ଅକ୍ଷମ କିନ୍ତୁ ବାକ୍ୟେ ମହାବୀର,
ଧରିଥାଏ ମିଥ୍ୟା ଗଳ୍ପଯାକ ପୃଥିବୀର,
ସେ ନୃପତି ଅତି ମୂର୍ଖ ବୋଲି ଶାସ୍ତ୍ର କହେ,
ଲକ୍ଷ୍ମୀ ଘୃଣା କରି ତାର ନିକଟେ ନ ରହେ ।
ସୁପାତ୍ରେ ନ ଦେଇ ଯେହୁ ନିଜେ ପିନ୍ଧେ ଖାଏ
ସମୟେ ତା ଧନରାଶି ସମୂଳରେ ଯାଏ ।
ଖଚୁଆଙ୍କ କଥା ଯେବେ ରାଜା ମନେ ଧରେ,
ଦୋଷହୀନ ପରଜାକୁ ଦଣ୍ଡ ଦାନ କରେ,
ହିତାହିତ କଥା କିଛି ନ ପାରଇ ବାରି,
ପୁରସ୍କୃତ ହୁଅନ୍ତି ଯା ତୋଷାମୋଦକାରୀ,
ଲାଳସା ବଢ଼ାଉଥାଏ ଦେଖି ପ୍ରଜା-ଧନ,
ସେ ଧନ ନେବାକୁ କରେ ଉପାୟ ସାଧନ,
ସତସଙ୍ଗ ଛାଡ଼ି ରହେ ଅସତ ସଙ୍ଗରେ,
କୁତ୍ସିତ ଆମୋଦେ ରତ ଥାଏ ନିରନ୍ତରେ,
ଅଭିମାନ ବୃଦ୍ଧି ପାଇଁ ବହେ ଋଣଭାର,
କରେ ରାଜକ୍ଷମତାର ଅପବ୍ୟବହାର,
ଅଧୀନସ୍ଥ କର୍ମଚାରୀ କଲେ ଅତ୍ୟାଚାର,
ପ୍ରଜା ଗୁହାରିରେ କରେ ନାହିଁ ସୁବିଚାର,
ଦୟା ନ ଜନ୍ମଇ କେବେ ପରଜାଙ୍କ ଦୁଃଖେ
ଭାସୁଥାଏ ନାରୀ ପ୍ରେମ-ତରଙ୍ଗର ସୁଖେ,
ରତ ଥାଏ ବଳବନ୍ତ ରାଜା ସଙ୍ଗେ ବାଦେ,
ସେ ରାଜାକୁ ଲକ୍ଷ୍ମୀ ଛାଡ଼ିଯାଏ ଗୃହପାଦେ ।
କ୍ଷମତା ନ ଥାଇ ଲୋକ କ୍ରୋଧ ଯେବେକରେ
ନିଜ କ୍ରୋଧାନଳେନିଜେ ଦଗ୍ଧ ହୋଇ ମରେ
ପର ଧନ ପର ଦାର ଯେ କରେ ହରଣ,
ନିଜ ହାତେ କରେ ମହା ଭିତିକ ବରଣ ।
କୁଣ୍ଠିତ ନ ହେବ ରାଜା ଆଶ୍ରିତ ପୋଷଣେ,
ଅତି ହିଁ କୃପଣ ହେଲେ ବୁଡ଼ଇ ଆପଣେ ।
ଯେଉଁରୂପେ ପୁଷ୍ପରଜ ନିଅଇ ଭ୍ରମର,
ହାନି ନାହିଁ ପ୍ରଜାଧନ ନେଲେ ନରବର ।
ନିତି ପାଣି ଦେଇ ମାଳୀ ବୃକ୍ଷକୁ ବଢ଼ାଏ,
ତେବେ ଏକା ମନୋହର ପୁଷ୍ପ ତହୁଁ ପାଏ ।
କରୁଥିଲେ ପରଜାଙ୍କ ଉନ୍ନତି ସାଧନ,
ହସି ହସି ପ୍ରଜାମାନେ ଦେଉଥାନ୍ତି ଧନ ।

ପ୍ରଜାଗଣ ପାନ୍ତି ଯେଉଁ ରାଜାଠାରୁ ଭୟ,
ଚକ୍ରବର୍ତ୍ତୀ ହେଲେ ମଧ୍ୟ ହୁଏ ତାର କ୍ଷୟ ।
ବାଲି ମଧ୍ୟୁ ସ୍ୱର୍ଣ୍ଣ ଯଥା କରନ୍ତି ସଂଗ୍ରହ,
ସବୁଠାରୁ ନେବ ହିତ-ଉପଦେଶଚୟ ।
ବଳବନ୍ତ ଲୋକଠାରେ ନ କରିବ କଳି,
ଅନଳେ ଲାଗିଲେ କାଠ ନିଜେ ଯାଏ ଜଳି ।
ବଳବନ୍ତ ହୋଇ ଯେବେ ଅଧର୍ମ ଆଚରେ,
ଅଗ୍ନି ପ୍ରାୟେ ନିଜଦୋଷେ ନିଜେ ଜଳିମରେ ।
ବିପତ୍ତି ସମୟ ଯେବେ ହୁଏ ଉପସ୍ଥିତ,
ହୋଇଥାଏ ବୁଦ୍ଧିଜୀବୀ-ବୁଦ୍ଧି ବିପରୀତ ।
ସେକାଳେ ଧଇର୍ଯ୍ୟ ଧରି ହୋଇ ଅଗ୍ରସର,
ଢାଳିବ ବିପତ୍ତି-ଶିରେ ପ୍ରହାର ପ୍ରଚୁର ।
ସକଳ ତୀର୍ଥରେ ସ୍ନାନ କଲେ ଯେଉଁ ଫଳ,
ନିଷ୍କପଟ ବ୍ୟବହାର ସବୁଠାରୁ ଭଲ ।
ରାଜପଦ ପାଇ ଯେହୁ କୀର୍ତ୍ତିରେ ଉଦାସ,
ସ୍ୱର୍ଗପଥ ମଧ୍ୟେ ତାକୁ ନିଦ୍ରା କଲା ଗ୍ରାସ ।
ରାଜା ହୋଇ ନାହିଁ ଯାର ଅପଯଶ ଡର,
ଦରିଦ୍ର ଯଶସ୍ୱୀ ତାହାଠାରୁ ଶ୍ରେଷ୍ଠତର ।
ନୀଚଲୋକ ଆଶ୍ରୟରେ କେବେ ନ ରହିବ,
ନିଷ୍ଠୁର ଅପ୍ରିୟ କଥା କେବେ ନ କହିବ ।
ଧନ ଲୋଭେ କରଇ ଯେ ଅସତ୍ୟ ଆଚାର,
କୁଳମାନ ଲୋକାଦର ନାଶ ହୁଏ ତାର ।
କର୍ପୂର, କାର୍ପାସ, ହୀରା, ଜୀରା, ଅଶ୍ୱ,ଖର;
ଯେ ରାଜସଭାରେ ବିବେଚିତ ଏକ ଦର,
ସେ ରାଜସଭାକୁ ଦୂରୁ କରି ନମସ୍କାର,
ବୁଧଗଣ ରାଜ୍ୟସୀମା ନ ମାଡ଼ନ୍ତି ତାର ।
ସେହି ରାଜ୍ୟେ ଠୁଳହୋଇ ସ୍ୱାର୍ଥପରଗଣ,
ଭୁଲାଇ ଭୁଲାଇ ଖାଉଥାନ୍ତି ରାଜଧନ ।
ନୀଚ ହୋଇଥାଉ ପଛେ ଗୁଣରେ ଭୂଷିତ,
ଲୋଭବଶ ହେଲେ ଲୋକେ ହୁଏ କଳୁଷିତ ।
ପାନରତ ବୈଦ୍ୟ, ବେଦବିହୀନ ବ୍ରାହ୍ମଣ,
ଦୂର କରିଥାନ୍ତି ରାଜା ଥିଲେ ବିଚକ୍ଷଣ ।
ନୀଚ ହେଉ ପଛେ ନୀତିନିପୁଣ ଯେ ଜନ,
ତାହାକୁ ମଣିବ ମନ୍ତ୍ରୀପଦର ଭାଜନ ।

ସର୍ପ ସଙ୍ଗେ ଖଳ ସଙ୍ଗ ଅଟଇ ସମାନ,
ସମୟରେ ତାଙ୍କ ଲାଗି ନାଶ ଯାଏ ପ୍ରାଣ ।
ଖଳ ଲୋକ ପୋଷେ ଯେଉଁ ରାଜା କରି ଧାନ,
ଭୁଜଙ୍ଗେ କରାଇଥାଏ ମାତ୍ର କ୍ଷୀର ପାନ ।
କ୍ଷୀର ପାନ କରି ସର୍ପ ଉଗାରେ ଗରଳ,
ମହାନର୍ଥ ଉପୁଜାଏ ଅନ୍ନ ଖାଇ ଖଳ ।
ଜ୍ଞାନୀ ଦେଖି ଭାଗ୍ୟବାନ ପ୍ରକାଶି ଆଗ୍ରହ,
କରେ ଜ୍ଞାନୀଠାରୁ ବାକ୍ୟ-ରତନ ସଂଗ୍ରହ ।
ସେ ବାକ୍ୟ ପାଳନ କରି ଲଭଇ ମଙ୍ଗଳ,
ନ ପାଳିଲେ ଉପଦେଶ-ବାକ୍ୟ ନାହିଁ ଫଳ ।
ବୈଦ୍ୟଙ୍କୁ ଡାକିଲେ ଦେବ ଔଷଧି ସିନା,
ରୋଗ ତ ଛାଡ଼ିବ ନାହିଁ ତା ସେବନ ବିନା ।
ବନ୍ଧୁ ଯେ ସେ ଦେଖେଯେବେ ବାନ୍ଧବରକ୍ଲେଶ
ଅଯାଚିତେ ଦେଇଥାଏ ହିତ ଉପଦେଶ ।
ସେହି ଉପଦେଶ ଯଦି ନ ହୁଏ ପାଳନ,
ତାହାକୁ ବୋଲନ୍ତି ଲୋକେ ହସ୍ତି ପ୍ରକ୍ଷାଳନା"
ବିଦୁର ବଚନ ଶୁଣି ଅନ୍ଧ ନରପତି,
ଦୃଷ୍ଟିହୀନ ନେତ୍ର ଦେଇ ବିଦୁରଙ୍କ ପ୍ରତି,
ବୋଇଲେ, "ହେଧୀର,ଘଷାହେଲେବାରମ୍ବାର
ମଳିନତା ଅନ୍ତର କି ନ ହୁଏ ଲୁହାର ?
ରତନ ହେଲେହେଁ ଯଦି ରହେ ଅମାର୍ଜିତ,
କାନ୍ତି କି ତାହାର ହୁଏ ନାହିଁ ବିବର୍ଜିତ ?
କହ ଭାଇ, କହ ମୋତେ ହିତ କଥାମାନ,
ବ୍ୟାକୁଳ ହୃଦୟେ ମୋର କର ଶାନ୍ତି ଦାନ"
ବିଦୁର ବୋଇଲେ, "ନୃପ, ଯେ ଘେନେ ବଚନ
ଉପଦେଶ ଦେବା ପାଇଁ ତାକୁ ବଳେ ମନ ।
ହିତ କଥା କହି କହି ଗଲଣି ମୁଁ ଥକି,
କିସ ହେବ ସେହି କଥା ପୁନଃ ପୁନଃ ବକି ?
ଯେଉଁ ଲୋକ କରୁଥାଏ ପର ଉପକାର,
ବିପଦ ସମୟେ ତାକୁ ମିଳେ ଉପଚାର ।,
ପର ଉପକାର କଥା ନ ଭାବି ସ୍ୱପନେ,
ଅପକାର କରୁଅଛି ସତତ ସ୍ୱଜନେ ।
ପାଷାଣ ଉପରେ ହେଲେ ଦାରୁଣ ଆଘାତ,
ସ୍ୱଭାବେ ଅନଳକଣା ହୋଇଥାଏ ଜାତ ।

ସହି ସହି ତୁମ୍ଭ କୃତ ଦୋଷ ଥର ଥର,
ପାଣ୍ଡବଙ୍କ ହୃଦ ହୋଇଯାଇଛି ପଥର ।
ଏଥର ତହିଁରେ ଯଦି ପଡ଼ିବ ଆଘାତ,
ନିଶ୍ଚୟ ହେବଟି ଘୋର ଅନଳ ସଂଜାତ ।
ଜଗତେ ପ୍ରସିଦ୍ଧ ଯେଉଁ ଭରତଙ୍କ ବଂଶ,
ତୁମ୍ଭ ଦୋଷେ ସେ ଅନଳେ ହୋଇଯିବ ଧ୍ୱଂସ ।
ପାଣ୍ଡବ ଧର୍ମ-ସିନ୍ଧୁ ଯୁଧିଷ୍ଠିର ଜଳ,
ପ୍ରଚଣ୍ଡ ତରଙ୍ଗ ତହିଁ ଭୀମ ମହାବଳ;
ସବ୍ୟସାଚୀ ଗମ୍ଭୀରତା ଅତଳସ୍ପରଶ,
ମାଦ୍ରୀସୁତଦ୍ୱୟ ଅତି ପ୍ରଚଣ୍ଡ ଯାଦସ ।
ପୂରିଛି ଅଶେଷ ପୁଣ୍ୟ-ରତନ ଗର୍ଭରେ,
ସଦା ଉଚ୍ଛଳିତ କୃଷ୍ଣ-ଚନ୍ଦ୍ର ସ୍ନେହ-କରେ ।
ପ୍ରୀତି-ପୋତେ ବସି ତାଙ୍କ ବକ୍ଷରେ ବିହରି
ରାଜତ୍ୱ-ବାଣିଜ୍ୟେ ନିଅ ସୁଖେ ଧନ ହରି ।
ତା ନ କରି ଦେଖାଇବ ଯେବେ ବାହୁବଳ,
ତରଙ୍ଗ-ତାଡ଼ନେ ନିଜେ ମରିବ କେବଳ ।
ପାଣ୍ଡୁପୁତ୍ରମାନେ ଅତି ଧର୍ମପରାୟଣ,
ଧର୍ମ ଅନୁରୋଧେ ସହୁଅଛନ୍ତି କଷଣ ।
ଧର୍ମପଥ ଲଙ୍ଘି ଯେବେ ଦେଖାନ୍ତି ସେ ବଳ,
ଜୀବନେ କି ଥାନ୍ତେ ତୁମ୍ଭ କୁମରସକଳ ?
ତୁମ୍ଭ ପୁତ୍ରମାନେ ତାଙ୍କ ଦୁଃଖର କାରଣ,
କିନ୍ତୁ ସେ କଥାକୁ ପୋଷୁ ନାହିଁ ତାଙ୍କ ମନ ।
ଭୀମେ ଦେଲେ ବିଷ,ଦଗ୍ଧ କଲେ ଜତୁଘର,
ସେ ଦୋଷକୁ ଧରୁଛି କି ହୃଦୟ ତାଙ୍କର ?
ସୁଯୋଧନ ଆଦେଶରେ ଦୁଷ୍ଟ ଦୁଃଶାସନ,
କୃଷ୍ଣାକୁ ସଭାରେ କରୁଥିଲା ବିବସନ;
ମହତ ତାଙ୍କର ଆଉ ରଖିଥିଲେ କାହିଁ ?
ଧରମ ରଖିଲା ସିନା ମହତ ବଞ୍ଚାଇ ।
ଧର୍ମ ଅବହେଳ ଥିଲେ ପାଣ୍ଡୁଙ୍କ କୁମରେ,
ଆଜ ତୁମ୍ଭ ପୁତ୍ରେ ଥାନ୍ତେ ଶମନନଗରେ ।
ରାଜ୍ୟ ନେଲ, ନେଉଥିଲ ମହତ୍ତ୍ୱ-ରତନ,
ମାରିବାକୁ କରୁଅଛ ସତତ ଯତନ ।
ଦେଖାଉଛ ତାହାଙ୍କର ବିପକ୍ଷେ କ୍ଷମତା,
ତଥାପି ହୃଦୟେ ତାଙ୍କ ରହିଛି ମମତା ।
ଘୋଷଯାତ୍ରାକାଳେ ଦେଖ ଯକ୍ଷେ ହୋଇ ଦ୍ୱନ୍ଦୀ
ହୋଇଯାଇଥିଲେ ତୁମ୍ଭ ପୁତ୍ରଗଣ ବନ୍ଦୀ;
ଭ୍ରାତୃସ୍ନେହେ କରି ଯକ୍ଷ ସଙ୍ଗରେ ସମର,
ମୁକ୍ତକଲେ ସେ କଥାକୁ ଥରେ ତ ନ ସ୍ମର ।
କୃତଘ୍ନତା ଆଉ ଫଳଥାଏ କି ବୃକ୍ଷରେ,
ବିଚାରି ନରେଶ ମୋତେ କହନ୍ତୁ ତ ଥରେ !
ହସ୍ତିନା ରାଜ୍ୟରେ କହ ନାହିଁ କେଉଁ ଧନ,
ତହିଁ ତୃପ୍ତ ନୁହେ ଯୁବରାଜ ଦୁର୍ଯ୍ୟୋଧନ ।
ଗଳେ ତାର ଲାଗିଅଛି ଧନଲୋଭ-ଡୋରି,
ଛି ଛି ଗଲେ ବିରାଟର ଧେନୁ କରି ଚୋରି,
ତହିଁରେ ପାଇଲେ କେଉଁ ପରି ପରାଭବ !
ଜୀବନ ଯିବାର ଥିଲା କେଉଁ ଅସମ୍ଭବ ?
ଧିକ ତାର ଦୁରାକାଂକ୍ଷା, ଧିକ ତା ବିଚାର,
କୁରୁକୁଳେ ଜନମିଲା ଏଡ଼େ କୁଳାଙ୍ଗାର !
ଧନଞ୍ଜୟ ସ୍ନେହ ଯଦି ଛାଡ଼ିଥାନ୍ତା ମନୁ,
ସୁଯୋଧନ ଫେରିଥାନ୍ତା ଆଉ କି ସେ ରଣୁ!
ଘରେ ଦ୍ରୋହ କରି ପରେ କରିଛି ଭରସା,
ସିଂହ-ଗୃହେ କରାଇଛି ଶୃଗାଳଙ୍କ ବସା ।
ଶୃଗାଳବୁଦ୍ଧିରେ ପୁଣି ପଡ଼ିଅଛ ଆପେ,
ତା ଯୋଗୁଁ ନୃପତି ତୁମ୍ଭେ ବୁଡ଼ିବ ସନ୍ତାପେ ।
ମାନୁ ନାହିଁ ଦୁର୍ଯ୍ୟୋଧନ ଋଷିଙ୍କ ବଚନ,
ଗୁରୁଙ୍କ କଥାରେ ବୁଝୁ ନାହିଁ ତାର ମନ ।
ଶକୁନି, କର୍ଣ୍ଣର କଥା କରିଅଛି ବଳ,
କରିବେ କୌରବ ଯଶଃ-ବହ୍ନିକୁ କବଳ ।
ବିଖ୍ୟାତ ଭରତବଂଶ ଭାରତ ମଣ୍ଡଳେ,
ଶୌର୍ଯ୍ୟବୀର୍ଯ୍ୟେ ଚିରସାମ୍ୟ ଯାର ଆଖଣ୍ଡଳେ
ନଭଶ୍ଚୁମ୍ବି-ଚୂଡ଼ ଯାର ଧର୍ମନିକେତନ,
ତ୍ରିଦିବ-ସ୍ପରଶୀ ତହିଁ କୀରତି-କେତନ,
ସେ ବଂଶେ ଜନମି ନିଜ ଗୌରବ ନ ସ୍ମରି,
ଲଜ୍ଜା ହେଉ ନାହିଁ ତଳେ ପର ପାଦ ଧରି !
ପରକୁ କରନ୍ତା କାହିଁ ବିପଦରୁ ତ୍ରାଣ,
ଲୋଡ଼ୁଅଛି ନେବା ପାଇଁ ଜ୍ଞାତିଙ୍କର ପ୍ରାଣ ।
ପାଣ୍ଡୁପୁତ୍ରେ କଲେ କେବେ କେଉଁ ଅପକାର,
ଆଉମାନେ କଲେ କେବେ କେଉଁ ଉପକାର?

ଶକୁନି ମାତୁଳ, କର୍ଣ୍ଣ ଯାହା ମିତ୍ରବର,
କହୁ ନାହିଁ କରିବାକୁ ତାହାଙ୍କୁ ଅନ୍ତର ।
ଖାଉଥାନ୍ତୁ ଧନ କରି ମନ୍ତ୍ରୀ, ମିତ୍ରପଣ,
ପାଣ୍ଡବଙ୍କ ଭାଗ ତାଙ୍କୁ ଦେଉନ୍ତୁ ଆପଣ ।
ଦୁର୍ଯ୍ୟୋଧନ ସମ ଶତ ପୁତ୍ରଠାରୁ ବଳି,
ଶ୍ରେଷ୍ଠତମ ଅଟେ ଏକା ଭୀମ ମହାବଳୀ ।
କର୍ଣ୍ଣ ପରି ଶତ ଶତ ଥିବେ ଯାହା ଘରେ,
କର୍ଣ୍ଣ ମୋଡ଼ି ପାର୍ଥ ଜୟ ନେବେ ପୃଥିବୀରେ ।
ପାଣ୍ଡୁପୁତ୍ରମାନେ ଯଦି ଥିବେ ତୁମ୍ଭ ପାଶେ,
ଇନ୍ଦ୍ର ପରି ଶତ୍ରୁ ଦେଖି ପଳାଇବେ ତ୍ରାସେ ।
ମୁଁ ତୁମ୍ଭର ଜ୍ଞାତି, ତୁମ୍ଭ କହୁଅଛି ହିତ,
ମୋର କଥା ଘେନିବାର ତୁମ୍ଭର ବିହିତ ।
ପୁତ୍ର ଦୁଷ୍ଟ କର୍ମ ଦେଖି ଯେ ପିତା ନ ବାରେ,
ହ୍ରାସ ହୋଇଥାଏ ତା'ର ଦୁଃଖ-ପାରାବାରେ ।
ପିତାର ବଚନ କରେ ଯେ ପୁତ୍ର ଲଙ୍ଘନ,
ଯମ ହସ୍ତେ ହୋଇଥାଏ ତା କେଶ ଲଗନ ।

ସମ୍ମୁଖେ ବିପତ୍ତି ଦେଖି ଉପାୟ ନ କଲେ
ଧ୍ୱଂସ ହୋଇଥାଏ, ବନ ଯଥା ଦାବାନଳେ ।
ଶୀଘ୍ର କାର୍ଯ୍ୟ କର ନୃପ, ତେଜି ଅବହେଳା,
ବୁଡ଼ିବାକୁ ବସିଅଛି କୁରୁବଂଶ-ଭେଳା ।"
ଏହିରୂପେ କହୁଁ କହୁଁ ଶେଷ ହେଲା ରାତି,
କ୍ରମଶଃ ମଳିନ ହେଲା ପ୍ରଦୀପର ଭାତି ।
ଆସିଲା ଗବାକ୍ଷ-ପଥେ ଶୀତଳ ସମୀର,
ଆନନ୍ଦେ ରାବିଲେ ସ୍ୱର୍ଣ୍ଣ ପିଞ୍ଜରାରେ କୀର ।
ଗବାକ୍ଷ ନିକଟେ ପେଚ୍ଚ କରି ଯେଉଁ ସ୍ୱର
ଉଡ଼ିଗଲା, ନୃପତିଙ୍କ ହେଲା କର୍ଣ୍ଣ-ଜ୍ୱର ।
ବନ୍ଦୀଗଣ କଲେ ରାଜ-କର୍ଣ୍ଣରସାୟନ-
ପବିତ୍ର ଭରତ-ବଂଶ-ଗରିମା ଗାୟନ ।
ଉଠି କେଶ ବାନ୍ଧି ରାଜପରିଚାରିଗଣ
ମାଙ୍ଗଳିକ ଗୀତ ଗାଇ ଝାଡ଼ିଲେ ପ୍ରାଙ୍ଗଣ ।
ନୃପତି ଚରଣ ବନ୍ଦି ସୁମନ୍ତ ବିଦୁର
ନୃପତି ଶୟନ-କଷ୍ଟ ହୋଇଗଲେ ଦୂର ।

ଅହଲ୍ୟାସ୍ତବ, ମହିମା, ଭାରତୀଭାବନା,

କୁମାର ଜନ୍ମୋତ୍ସବ, ଭକ୍ତ ଉପହାର

# ଅହଲ୍ୟାସ୍ତବ

(ରାଗ—ବଙ୍ଗଳାଶ୍ରୀ)

ବିଶ୍ୱାମିତ୍ର ମଖ ଶେଷେ ରାମ ଆଗେ
ମିଥିଳା ଆଗତ ଦୂତ,
ସୀତା-ସ୍ୱୟମ୍ବର ବିଧାନ ସକଳ
ବିସ୍ତରେ କଲା ବିବୃତ ।
"ମିଥିଳାଧିପତି ଜନକ ରାଜର୍ଷି
କରିଛନ୍ତି ଏହି ପଣ,
ଯେ ଭାଙ୍ଗିବ ହର— କାର୍ମୁକ, କରିବେ
ତାକୁ ସୁତା ସମର୍ପଣ ।
ଜନକଦୁହିତା ଧରଣୀସମ୍ଭୂତା
ସାକ୍ଷାତ ଲକ୍ଷ୍ମୀରୂପିଣୀ,
ଅକଥନୀୟ ତା ରୂପ ଗୁଣ କଥା
ହୋଇଛି ବିଶ୍ୱବ୍ୟାପିନୀ ।
କେତେ ମହାବୀର ଧନୁ ଭାଙ୍ଗିବାକୁ
ସଦର୍ପେ ଆସି ଉନ୍ମୁଖେ,
ଭାଙ୍ଗିବାର ଥାଉ, ଉତ୍ତୋଳନ ବିନା
ପଳାଇଲେ ନତମୁଖେ ।"
ସୀତା କମଳିନୀ କଥା-ମଧୁଗନ୍ଧ
ଦୂତ-ମାରୁତେ ଆନୀତ,
ହୋଇ ରଘୁନାଥ ଚିତ୍ତ-ଭ୍ରମରକୁ
କରିଦେଲା ଲୋଭାନ୍ୱିତ ।
ତହୁଁ ଦାଶରଥି ଲକ୍ଷ୍ମଣ ସହିତ
ଉତ୍ସୁକେ ଧନୁ-ଦର୍ଶନେ,
ବିଶ୍ୱାମିତ୍ର ସଙ୍ଗେ ଯାଉଁ ପଥ ମଧ୍ୟେ
ପ୍ରବେଶ ଗୌତମବନେ ।
ଗୌତମ ଆଶ୍ରମ ଅତି ପୁଣ୍ୟଧାମ
ସପୁଷ୍ପ ପାଦପଗଣ,
ପୁଷ୍ପ-ଅର୍ଘ୍ୟ କରେ ସତେ କି ଶ୍ରୀରାମେ
କରୁଛନ୍ତି ଆମନ୍ତ୍ରଣ ।
ଘନ କଟଳୟୁ ଡାଳେ ଖଗଦଳ
କରି ମଧୁ କଳସ୍ୱର,
ବୋଲୁଛନ୍ତି ଯେହ୍ନେ "ଶୀତଳ ଛାୟାରେ
ରାମଚନ୍ଦ୍ର, ବିଜେ କର ।"
ଅହଲ୍ୟା ସୁବର୍ଣ୍ଣ ପତିଅ-ଭିଶାପେ
ସେ ବନେ ହୋଇ ପଥର,
ପଡ଼ିଛନ୍ତି ଚିର— କାଳରୁ ପଦ୍ମର-
ରଜ ଆଶେ ଶ୍ରୀରାମର ।

ମନୋହର ସ୍ଥାନ ଦେଖିଣ ଶ୍ରୀରାମ
ସେଠାରେ କଲେ ବିଶ୍ରାମ,
ବିଶ୍ୱାମିତ୍ର ମୁନି- ମୁଖରୁ ଶୁଣିଲେ
ଇତିହାସ କଥାଗ୍ରାମ ।
ପତିତପାବନ ଶ୍ରୀରଘୁନନ୍ଦନ
ଲଗାନ୍ତେ ପଦପଙ୍କଜ,
ଅହଲ୍ୟା ଉପଲ ସରକ୍ତ ମାଂସଲ
ହେଲା ଲଭି ପଦରଜ ।
ଦିବ୍ୟ ନାରୀବର ଶ୍ୟାମ କଳେବର
ରାମ ଆଗେ ହେଲା ଉଭା,
ବୋଧହେଲା କାବ୍ୟ- ତାରା ଉଇଁ ମଣ୍ଡି-
ଦେଲା ନୀଳ ବ୍ୟୋମକୁ ବା ।
ବିଷ୍ଣୁଚରଣରୁ ସମ୍ଭୂତା ଅଥବା
ମୂରତିମତୀ ଜାହ୍ନବୀ,
ସୁର ନର ମୁନି ମୁଗଧ ହୋଇଯିବେ
ଚାହିଁଲେ ବାମାର ଛବି ।
ରାମପାଦେ ପଡ଼ି ଉଠି କରଯୋଡ଼ି
ବିନୟବତୀ ଯୁବତୀ,
ସ୍ତବ ଆରମ୍ଭିଲା କହି ବୀଣାଜିଣା
ମଧୁର ମୃଦୁ ଭାରତୀ ।

## ( ସ୍ତବାରମ୍ଭ )

ହେ ମହୀମଣ୍ଡନ ଜଗତବନ୍ଦନ
ଭକତମୁକତି ଖଣି,
ସଂସାର-ସାଗର ତାରଣ ତତ୍ପର
କଇବର୍ତ୍ତ ଚୂଡ଼ାମଣି,
ସାଧବପାଳନ ଦୁଷ୍ଟବିନାଶନ
କାରଣେ ଜାତ ଭୂତଳେ,
ତୁମ୍ଭ ଶ୍ରୀଚରଣ କମଳେ ମୋ ମନ-
ଭ୍ରମର ରହୁ ନିଶ୍ଚଳେ ।
କ୍ଷୀରାବ୍ଧିତନୟା ସୁକୋମଳ କରେ
କରନ୍ତି ଯାକୁ ମର୍ଦ୍ଦନ,
ଯହୁଁ ସୁରଧୁନୀ ତ୍ରୈଲୋକ୍ୟପାବନୀ
ହୋଇଛନ୍ତି ଉତପନ୍ନ;
ରଜନୀ ବାସରେ ଯାକୁ ପ୍ରେମଭରେ
ଭାବନ୍ତି ଯୋଗୀନ୍ଦ୍ର ଦଳେ,
ତୁମ୍ଭ ସେ ଚରଣ କମଳେ ମୋ ମନ-
ଭ୍ରମର ରହୁ ନିଶ୍ଚଳେ ।
ବ୍ରହ୍ମା ମହେଶ୍ୱର ଇନ୍ଦ୍ର ଆଦି ସୁର
ଭକତିଭରେ ସାଦରେ
ପ୍ରେମସୁଧା ଢାଳି ହୋଇ କୃତାଞ୍ଜଳି
ସେବନ୍ତି ଯେଉଁ ପାଦରେ,
ବିଷ୍ଣୁପଦେ ନିତି ନିୟମେ ଗମନ୍ତି
ରବି ଚନ୍ଦ୍ର ଯାର ତଳେ,
ତୁମ୍ଭ ସେ ଚରଣ କମଳେମୋ ମନ-
ଭ୍ରମର ରହୁ ନିଶ୍ଚଳେ ।
ବ୍ରହ୍ମାଣ୍ଡ ଉଦ୍ଭବ, ପାଳନ, ପ୍ରଳୟ
କରି ତ୍ରି ମୂରତି ଧରି,
ଦୁଃଖ-ଅନ୍ଧକାର ହର ଦୟାକର
ପ୍ରଦାନ କରି ହେ ହରି ।
ପଙ୍ଗୁ ଲଙ୍ଘି ପାରେ ତୁମ୍ଭର କୃପାରେ
ଅଚଳବର ଚଞ୍ଚଳେ,
ତୁମ୍ଭ ଶ୍ରୀଚରଣ କମଳେ ମୋ ମନ-
ଭ୍ରମର ରହୁ ନିଶ୍ଚଳେ ।
ତୁମ୍ଭେ ସୃଷ୍ଟି ତୁମ୍ଭ ଅଚିନ୍ତ୍ୟ ମହିମା
ପୂରିଅଛି ଜଗତରେ,
କୋଟି କୋଟି ରବି ଗ୍ରହ ଋକ୍ଷଜାତ
ହୁଅନ୍ତି ଇଚ୍ଛା ମାତରେ,
ସର୍ବେ ମଗ୍ନ ତୁମ୍ଭ ଅଗାଧ ଅପାର
ମାୟା-ମହୋଦଧି ଜଳେ,
ତୁମ୍ଭ ଶ୍ରୀଚରଣ କମଳେ ମୋ ମନ-
ଭ୍ରମର ରହୁ ନିଶ୍ଚଳେ ।
ଯୋଗୀଙ୍କ ସମାନ ସ୍ୱଚ୍ଛ ପ୍ରେମରସ—
ପୂର୍ଣ୍ଣ ସର କେଳି ପର,
କଳମଷ ବିଷ ଅଶନେ ସନ୍ତୋଷ —
ହୃଦଶାଳୀ ହଂସବର;
ଦୁରାତ୍ମା ଦନୁଜ ଗଜ ବ୍ରଜ ସିଂହ
ହୋଇ ନାଶ ତାଙ୍କୁ ବଳେ,

ତୁମ୍ଭ ଶ୍ରୀଚରଣ କମଳେ ମୋ ମନ-
ଭ୍ରମର ରହୁ ନିଶ୍ଚଳେ ।
ଦାସେ ବତ୍ସଳତା କରୁଣାଶୀଳତା
ପ୍ରକାଶି ଯାଇଅଛ ରଖି,
ପ୍ରହ୍ଲାଦେ ମଘବା ବିଭୂତି କି ଦେବା
ପ୍ରମାଣ ତାର ପ୍ରତ୍ୟକ୍ଷ ।
ଶ୍ରୀବତ୍ସର ପଦ- ଚିହ୍ନକୁ ପଦକ
କରିଅଛ ବକ୍ଷସ୍ଥଳେ,
ତୁମ୍ଭ ଶ୍ରୀଚରଣ କମଳେ ମୋ ମନ-
ଭ୍ରମର ରହୁ ନିଶ୍ଚଳେ ।
କ୍ଷୀର-ନୀର-ନିଧି ଫଣି ଫଣା ମଣି—
ଉଜ୍ଜ୍ୱଳ କୋମଳ କୋଳେ,
କୌସ୍ତୁଭଭୂଷଣ ତୁମ୍ଭ ନବ ଘନ—
ଶ୍ୟାମ ଅପଘନ ଦୋଳେ,
ତୁମ୍ଭ ଶାନ୍ତମୟ କାନ୍ତି ତରଙ୍ଗରେ
ସୁଧା ବର୍ଷେ ଅବିରଳେ,
ତୁମ୍ଭ ଶ୍ରୀଚରଣ କମଳେ ମୋ ମନ-
ଭ୍ରମର ରହୁ ନିଶ୍ଚଳେ ।
କମ୍ବୁ ଚକ୍ର ଗଦା ପଦ୍ମ ଶୋଭେ ସଦା
କରେ, ପକ୍ଷିପତି ଆଗେ,
ସହାସ୍ୟ ଆସ୍ୟରେ ବିରାଜି ପାଶରେ
ସରସ୍ୱତୀ ସାନୁରାଗେ;
ତୋଷନ୍ତି ଶ୍ରବଣ କରି ବୀଣାସ୍ୱନ
ସୁମଧୁରେ କୌତୂହଳେ,
ତୁମ୍ଭ ଶ୍ରୀଚରଣ କମଳେ ମୋ ମନ-
ଭ୍ରମର ରହୁ ନିଶ୍ଚଳେ ।
କନକବରଣ ଭାସ୍କର କିରଣ
ଯୋଗେ ଯଥା ନୀଳାମ୍ବର,
ନୀଳମଣି ରଙ୍ଗ ତୁମ୍ଭର ଶ୍ରୀଅଙ୍ଗ
ଶୋଭେ ଯେହ୍ନେ ପୀତାମ୍ବର;
ଶ୍ରୀଅଙ୍ଗ ସୌରଭ ପୂରଇ କଳୁଭ
ଉଠଇ ନଭୋମଣ୍ଡଳେ,
ତୁମ୍ଭ ଶ୍ରୀଚରଣ କମଳେ ମୋ ମନ-
ଭ୍ରମର ରହୁ ନିଶ୍ଚଳେ ।

ଅନ୍ତର୍ଯାମୀ ହରି ବହୁରୂପ ଧରି
ରହିଛ ବ୍ୟାପି ସଂସାରେ,
ଜୀବେ ଅହ ରହି ନେତ୍ର ପାଖେ ରହି
ତଥାପି କେ ଦେଖିପାରେ ?
ଯୋଗର ଅୟନେ ଜ୍ଞାନର ନୟନେ
ଜ୍ଞାନୀ ଦେଖେ ଧ୍ୟାନବଳେ,
ତୁମ୍ଭ ଶ୍ରୀଚରଣ କମଳେ ମୋ ମନ-
ଭ୍ରମର ରହୁ ନିଶ୍ଚଳେ ।
ମହା ମହୀୟାନ— ବାହା ଭଗବାନ
ଆସିଲ ଯାହା ମୋ ଭାଗ୍ୟେ,
ମର୍ତ୍ତ୍ୟେ ଧରି ନୃପ— କୁମାର ସ୍ୱରୂପ
ଅବତରି ମହାଭାଗେ;
ରଖିଲ ପାତକୀ ପାବନ କୀର୍ତ୍ତିକି
ସିନା ଏ ମହୀମଣ୍ଡଳେ,
ତୁମ୍ଭ ଶ୍ରୀଚରଣ କମଳେ ମୋ ମନ-
ଭ୍ରମର ରହୁ ନିଶ୍ଚଳେ ।
ଜଗଦାହ୍ଲାଦକନ୍ଦ ସଚ୍ଚିଦାନନ୍ଦ
ଫୁଲ୍ଲ ଅରବିନ୍ଦ ମୁଖ,
ସାଧୁ ଗୋ ବ୍ରାହ୍ମଣ ଦୀନ ଆର୍ତ୍ତଜନ-
ମାନଙ୍କର ହରି ଦୁଃଖ,
ଯେହ୍ନ ତିନି ବର୍ଗ ସଦା ଅପବର୍ଗ
ସ୍ରୋତରୂପେ ଯହିଁ ଗଳେ,
ତୁମ୍ଭ ସେ ଚରଣ କମଳେ ମୋ ମନ-
ଭ୍ରମର ରହୁ ନିଶ୍ଚଳେ ।
କୌଶଲ୍ୟା ଉଦର— କ୍ଷୀର ଅକୂପାର
ସମ୍ଭୂତ ଆହ୍ଲାଦ କର
ଜଗତ ନୟନ— ଚକୋର ତୋଷଣ-
ପଟୁ ପୂର୍ଣ୍ଣ ସୁଧାକର;
କର୍ଣ୍ଣେ ଶୋଭେ କିବ ବୃହସ୍ପତି ଛବି
ଉଜ୍ଜ୍ୱଳ ମଣି କୁଣ୍ଡଳେ,
ତୁମ୍ଭ ଶ୍ରୀଚରଣ କମଳେ ମୋ ମନ-
ଭ୍ରମର ରହୁ ନିଶ୍ଚଳେ ।
ସହସ୍ର ଅତନୁ ଜିତ ରମ୍ୟ ତନୁ
ଧନୁ ରାଜେ ବାମ କରେ,

ନିଶାକର ଭୂପ— ରକତ ଲୋଲୁପ
ଶର ଶୋଭେ ବାମେତରେ;
ଧରିଅଛ କାୟ ସାକ୍ଷାତ କ୍ଷତ୍ରିୟ
ଧରମ ବସୁଧା ତଳେ,
ତୁମ୍ଭ ଶ୍ରୀଚରଣ କମଳେ ମୋ ମନ-
ଭ୍ରମର ରହୁ ନିଶ୍ଚଳେ ।
ଧନ୍ୟ ଭାଗ୍ୟବତୀ ଏହି ବସୁମତୀ
ଧନ୍ୟ ସେ ଅଯୋଧ୍ୟାପୁରୀ,
ବଇକୁଣ୍ଠାଶ୍ରମ ଶୋଭାମୟ ରମ୍ୟ-
ସମ୍ପଦକୁ କଲେ ଜୁରୀ;
ଯେଉଁ ପାଦରଜ ନୁହଇ ସହଜ
ମିଳିବାକୁ ଆଖଣ୍ଡଳେ,
ତୁମ୍ଭ ସେ ଚରଣ କମଳେ ମୋ ମନ-
ଭ୍ରମର ରହୁ ନିଶ୍ଚଳେ ।
ଧନ୍ୟ କଉଶଲ୍ୟା ନୃପତି ମହିଳା
ତୁମ୍ଭଙ୍କୁ ଯା ଧରେ କୋଳେ,
ଧନ୍ୟ ଦଶରଥ ନୃପ ଭାଗ୍ୟବନ୍ତ
ଭାସନ୍ତି ସୁଧା-କଲ୍ଲୋଳେ,
ଜଗତଠାକୁର ହୋଇଛ କୁମର
ତାହାଙ୍କ ତପସ୍ୟା ଫଳେ,
ତୁମ୍ଭ ଶ୍ରୀଚରଣ କମଳେ ମୋ ମନ-
ଭ୍ରମର ରହୁ ନିଶ୍ଚଳେ ।
ବାସବେ ପୀରତି ଦେଖି ମୋର ପତି
ଦେଇଲ ମୋତେ ଅଭିଶାପ,
ଯୁଗ ଯୁଗାନ୍ତର ହୋଇ ମୁଁ ପଥର
ପଡ଼ିଥିଲି ବହି ତାପ;
ମୋର ସେହି ପାପ ପତି ଅଭିଶାପ
ଧୋଇଲ କରୁଣା-ଜଳେ,
ତୁମ୍ଭ ଶ୍ରୀଚରଣ କମଳେ ମୋ ମନ-
ଭ୍ରମର ରହୁ ନିଶ୍ଚଳେ ।
ଯେଉଁ ପାଦଧୂଳି ଶଶାଙ୍କ ମଉଳି
ଲଭିବାର ସୁଦୁଷ୍କର,
ବ୍ରହ୍ମା ହିଁ ଯାହାକୁ ଶିରେ ମଣ୍ଡିବାକୁ
ଲୋଡ଼ୁଥାନ୍ତି ନିରନ୍ତର;
ମୋ ପାଶକୁ ନିଜେ ପ୍ରଭୁ କରି ବିଜେ
ମିଶାଇ ଦେଲ କୋମଳେ,
ତୁମ୍ଭ ଶ୍ରୀଚରଣ କମଳେ ମୋ ମନ-
ଭ୍ରମର ରହୁ ନିଶ୍ଚଳେ ।
ଦେଖୁଛି ପ୍ରତ୍ୟକ୍ଷ ସୁରକଳ୍ପବୃକ୍ଷ
ଦଣ୍ଡାୟମାନ ଆଗରେ,
କରି ଦରଶନ ତୁମ୍ଭ ଶ୍ରୀଚରଣ
ଭାସୁଛି ସୁଧା-ସାଗରେ;
କୋଟିଜନ୍ମକୃତ ଅଘ ଅଗଣିତ
ଛାଡ଼ି ଏବେ ଦୂରେ ଗଲେ,
ତୁମ୍ଭ ଶ୍ରୀଚରଣ କମଳେ ମୋ ମନ-
ଭ୍ରମର ରହୁ ନିଶ୍ଚଳେ ।
ଜୟ ରଘୁବଂଶ ଉଜ୍ଜ୍ୱଳଉତଂସ
ରାଜେନ୍ଦ୍ର-ମୁକୁଟମଣି,
ରୂପ ମଧୁମୟ ଉଦାର ହୃଦୟ
ଧରାଧାରଗଣାଗ୍ରଣୀ;
ଅସୁର ଗହନ ଅଚିରେ ଦହନ
ହେବ ତୁମ୍ଭ ଶରାନଳେ,
ତୁମ୍ଭ ଶ୍ରୀଚରଣ କମଳେ ମୋ ମନ-
ଭ୍ରମର ରହୁ ନିଶ୍ଚଳେ ।
ଅଶେଷ ଆସ୍ୟରେ ଅନନ୍ତ ଭାଷରେ
ନ ସରେ ମହିମା ଯାର,
ପାରିବ କି କହି ନର ତନୁ ବହି
ମୋ ପରି ଅବଳା ଛାର;
ତୋ ଗୁଣ ଗାଇବା ଭେଳା ପକାଇବା
ହୀନା ମହାର୍ଣ୍ଣବ ଜଳେ,
ତୁମ୍ଭ ଶ୍ରୀଚରଣ କମଳେ ମୋ ମନ-
ଭ୍ରମର ରହୁ ନିଶ୍ଚଳେ ।
ସଶରୀର ପ୍ରାଣ ଯେ କରେ ପ୍ରଦାନ
ତାଙ୍କୁ ବନ୍ଦିବାର ଭାଷା,
ନିଜେ ବୀଣାପାଣି ନ ଥିବେ ତ ଜାଣି
ତହିଁ କାହିଁ ମୋର ଆଶା ?
ତଥାପି ନ କହି ହୁଏ ନାହିଁ ରହି
ଯାହାକୁ ଯା ଦିଶେ ଭଲ,

ସେହିପରି ଦୁଇ ଟିରି କଥା କହି
କୃତାର୍ଥ ହେଲ କେବଳ ।

ଏକାଳେ ପବନ ଦେବତା ସୁମନ
ବନରୁ କରି ଚୟନ,
ରାମଚନ୍ଦ୍ର ଶିରେ ଆଣି ଧୀରେ ଧରେ
କରିଦେଲେ ବରଷଣ ।

ଭକ୍ତିଗଦଗଦ ଚିତ୍ତେ ରାମପଦ
ତଳେ ଦଣ୍ଡପ୍ରାୟ ହୋଇ,
ପଡ଼ି ଋଷିଜାୟା ନବଲବ୍ଧ କାୟା
ଉଠି ତନୁ ଲୁହେ ଧୋଇ;

ସଧୂଳି ମସ୍ତକେ ପୁଣି କରଯୋଡ଼ି
ଗୁରୁଙ୍କୁ ମେଲାଣି ମାଗି,
ସ୍ୱାମୀ ଦରଶନ ଆଶେ ପରସନ୍ନ
ହୃଦୟେ ଗଲ ଶୁଭାଙ୍ଗୀ ।
ପରାଶରସୁତ ବାଲ୍ମୀକି ସହିତ
କହି ଯାଇଛନ୍ତି ଶ୍ଳୋକେ,
ଏ ସ୍ତବ ପଠନେ ଶ୍ରୀରାମ ସ୍ମରଣେ
ସଦ୍‌ଗତି ଲଭିବେ ଲୋକେ ।
ବିନାଶି ବିପତ୍ତି ପାଇବେ ସମ୍ପତ୍ତି
ସହିତ ଶାନ୍ତ ସନ୍ତାନ,
ଅହଲ୍ୟାର ପ୍ରାୟେ ପାଷାଣ ହୃଦୟେ
ମୂର୍ତ୍ତିମନ୍ତ ହେବ ଜ୍ଞାନ ।

# ମହିମା

ପର ଉପକାର ପୁଣ୍ୟମୟ ବ୍ରତ
ପାଳନ୍ତି ମହତ ଜନ,
ଉର୍ବୀ, ଦିବାକର ପର ଉପକାରେ
ଦିଅନ୍ତି ଶସ୍ୟ, କିରଣ ।
ପର ତାପ ଲଭି ମହତ କରନ୍ତି
ପରକୁ ଆହ୍ଲାଦ ଦାନ,
ସୁଶୀତଳ ଜଳ ଦାନ କରେ ରବି-
ରଶ୍ମି ଲଭି ହିମବାନ ୧ ।
ଉଚ୍ଚେ ଥାଇ ମଧ୍ୟ ନମ୍ର ହୋଇଥାନ୍ତି
ସତତ ମହତ ଜନ,
ରବି, ଶଶୀ, ତାରା କେଡ଼େ ଊର୍ଦ୍ଧ୍ୱସ୍ଥିତ
ସମସ୍ତେ ନତବଦନ ।
ପରେ ଅପକୃତ ହେଲେହେଁ ମହତ
କରୁଥାନ୍ତି ଉପକାର,
ଘନ ଗ୍ରାସେ ରବି, ରବି-କରାକୃଷ୍ଟ
ବାଷ୍ପରେ ଘନ ସଞ୍ଚାର ।
ବିପଦ-ସାଗରେ ବୁଡ଼ନ୍ତି ମହତ
ବିପନ୍ନ ସାହାଯ୍ୟ ପାଇଁ,
ତୃଷାତୁର ପାନ୍ଥ ତୃଷା ନାଶେ ପାନ୍ଥ-
ତରୁ ୨ ମରୁଭୂମେ ଥାଇ ।

ଅନ୍ୟର ଉନ୍ନତି ଦର୍ଶନେ ମହତ
ହୃଦ ସ୍ୱତଃ ପ୍ରଫୁଲ୍ଲିତ,
ଦିନ ବୃଦ୍ଧି ଦେଖି ଦିନକର-ପ୍ରିୟା
କମଳିନୀ ବିକଶିତ ୩ ।
ଉପକାରକର ପ୍ରତି-ଉପକାର
ସାଧନେ ମହତ ବ୍ୟସ୍ତ,
ଘନଜଳେ ପୂର୍ଣ୍ଣ ଜଳାଶୟ, ବାଷ୍ପ
ପ୍ରତିଦାନେ ଚିରାଭ୍ୟସ୍ତ ।
ଜଗତର ହିତ- କାର୍ଯ୍ୟରେ ମହତ
ଦେଇପାରନ୍ତି ଜୀବନ,
ଅବନୀ ଉଜ୍ଜ୍ୱଳ କରେ ଚନ୍ଦ୍ରଦୀପ ୪
ଦହି ନିଜ ଅପଘନ ।
ମହତ ନିକଟେ ମହାଦ୍ରବ୍ୟ ଥାଏ
ଇତରେ ଦ୍ରବ୍ୟ ଇତର,
ହିମାଚଳେ ମିଳେ ଶ୍ୱେତ ଗଜରାଜ
ବାରପାହାଡ଼େ ୫ ଶୂକର ।
ମହତ ଆଶ୍ରୟେ ମହତ ରହିଲେ
ନ ହୁଏ ମହତ୍ତ୍ୱ ହାନି,
ମହାରଣ୍ୟ ବିନା ଆଶ୍ରୟ ନ ନିଏ
ମୃଗରାଜ ତାହା ଜାଣି ।

---

୧ । ହିମାଳୟର ବରଫ ସୂର୍ଯ୍ୟକିରଣରେ ତରଳି ଶୀତଳ ଜଳ ହୋଇ ବହେ । ୨ । ପାନ୍ଥତରୁ—କଦଳୀଗଛ ପରି ଏକପ୍ରକାର ଗଛ ମରୁଭୂମିରେ ଜନ୍ମେ । ଏହାର କାଣ୍ଡରେ ବିଶେଷ ପରିମାଣରେ ଜଳ ଥାଏ । ୩ । ବସନ୍ତରେ ଦିନର ବୃଦ୍ଧି ହୁଏ, ସେହି ସମୟରେ ପଦ୍ମ ନବ ବିକଶିତ ହୁଏ । ୪ । ଆତସବାଜି ବିଶେଷ । ୫ । ସମ୍ବଲପୁର ଜିଲ୍ଲାର ପ୍ରଧାନ ପର୍ବତ ।

ମହତ ପ୍ରସାଦେ କ୍ଷୁଦ୍ର ହୁଏ ବଡ଼
ପ୍ରକୃତିସିଦ୍ଧ ବିଧାନ,
ବିଲ୍ଵବସ୍ତୁ-କରେ ଅଭ୍ରଖଣ୍ଡ ଦେଖ
ଦିଶେ କେଡ଼େ ତେଜସ୍ଵାନ ।
ମହତ ପ୍ରତାପ ଲଭି ନୀଚ ହୁଏ
ମହତ୍ତୁଁ ପ୍ରତାପଶାଳୀ,
ସୂର୍ଯ୍ୟ-କରୁଁ ବଳି କେତେ ତାପ ଦିଏ
ସୂର୍ଯ୍ୟକର-ତପ୍ତ ବାଲି ।
ମହତ ଜନ୍ମଇ ହୀନଗର୍ଭେ ଏହା
ଭବେ ନୁହେ ଅସମ୍ଭବ,
ପଙ୍କରୁ କମଳ ଶୁକ୍ତିରୁ ମୌକ୍ତିକ
ହୁଅଇ ସଦା ସମ୍ଭବ ।
ବିପଦ ସମୟେ ମହତ ଜନର
ଧଇର୍ଯ୍ୟ ନ ହୁଏ ଭଙ୍ଗ,
ଦାହେ ପ୍ରହାରଣେ ଶୁଦ୍ଧ ଜମ୍ବୁନଦ
ଯେ ରଙ୍ଗକୁ ସେହି ରଙ୍ଗ ।
ଆନନ୍ଦେ ବିଷାଦେ ସମଭାବେ ଥାନ୍ତି
ମହତ ସ୍ଵଭାବ ଧରି,
ପୂର୍ଣ୍ଣିମାରେ ଯଥା ନାଚଇ ସାଗର
ଅମାବାସ୍ୟାରେ ସେପରି ।
ନ ପାରଇ କରି କୁସଙ୍ଗ ମହତ
ସ୍ଵଭାବ ପରିବର୍ତ୍ତନ,
ଥିଲେହେଁ କଣ୍ଟକ— କାନନେ ସୁପୁଷ୍ପ
କରେ ବାସ ବିତରଣ ।
କୁସ୍ଥାନ ବାସରେ ମହତ ଜନର
ସଦ୍‌ଗୁଣ ନ ହୁଏ ନାଶ,
ଶ୍ମଶାନଭୂମିରେ ଜନ୍ମିଲେ ତୁଳସୀ
ହୁଅଇ କି ହୀନବାସ ?
ଉଚ୍ଚକୁଳେ ଜାତ ହେଲେହେଁ ଉଚ୍ଚରେ
ରହି ନ ପାରେ କୁଜନ,
କାଦମ୍ବିନୀ-ଗର୍ଭେ ଜନମି କୁଳିଶ
ନୀଚକୁ କରେ ଗମନ ।
ବିଚଳିତ କରି ନ ପାରେ 'ମହତ
ମନ, ଦୁଷ୍ଟ କୁବଚନ,
ବ୍ୟାଧ ବିଷମୁଖ ଶରେ କିସ ହୋଇ-
ପାରେ ଶୈଳ ଅପଘନ ।
ମୂଢ଼ ଜନମାନେ ବୁଝି ନ ପାରନ୍ତି
ମହତ ବଚନ ମୂଲ୍ୟ,
ସୂର୍ଯ୍ୟ ସମ ତାରା- ଗଣଙ୍କୁ ମଣନ୍ତି
ସାଧାରଣ ଦୀପତୁଲ୍ୟ ।
ମହତ ଚରିତେ ମିଥ୍ୟା ଦୋଷାରୋପ
ନୀଚତାର ପରିଚୟ,
ତହିଁ କିଛି ହୋଇ ନ ପାରେ ମହତ
ମହିମାର ଅପଚୟ ।
ଅକ୍ଷୟ ଚନ୍ଦ୍ରଙ୍କୁ କ୍ଷୟ ଜ୍ଞାନ କଲେ
କ୍ଷତି କିସ ଚନ୍ଦ୍ରଙ୍କର,
ଦୋଷ ସିନା ତାହା ନିଜର ଅଜ୍ଞାନ-
ତମସାନ୍ଧ ନୟନର ।
ଲୋକନେତ୍ରେ ଅସ୍ତ ଦିଶନ୍ତି ମହତ
ଅସ୍ତ କାହିଁ ତାହାଙ୍କର ?
ଆମେରିକା ଖଣ୍ଡେ ନବୋଦିତ ଆମ୍ଭ
ଅସ୍ତଗତ ଦିନକର ।
ମହତ ଯଶରେ ଈର୍ଷାକଲେ ନିଜ
ହୃଦଦାହ ମାତ୍ର ସାର,
ରବିଙ୍କି ଯେ ଦେଖେ କଠୋର ଦୃଷ୍ଟିରେ
ଚକ୍ଷୁତେଜ ନାଶେ ତାର ।
ଆନନ୍ଦ ମନରେ ବୁଲଇ ସୁଜନ
ମହତ ସୁଯଶ ଗାଇ,
ଚନ୍ଦନ ସୌରଭ ବାଣ୍ଟଇ ମଳୟ-
ସମୀରଣ ଧୀରବାହୀ ।
ମହତ ଆହ୍ଲାଦ ଦିଅନ୍ତି ତହିଁରେ
ଦୁର୍ଜନ କରଇ କଳି,
ତପତ ତଇଲ କଟାହେ ସଲିଳ
ଦେଲେ ଯଥା ଉଠେ ଜଳି ।
ମହତର ମୁଖ ମଧୁପୂର୍ଣ୍ଣ, ମୁଖେ
କଟୁ ଥୋଇ ନୀଚ ସୁଖୀ,
ମଧୁପୂର୍ଣ୍ଣ ମଧ୍‌- ଚକ୍ର ଅହୋ ! ବୁଲେ
ଅଗ୍ନି ମୁଖେ ଉଲ୍‌କାମୁଖୀ,

ପରଦୁଃଖ ଦେଖି ମହତ ହୃଦୟ
ଅଧିକେ ହୁଏ ଦୁଃଖିତ,
ମେଘନାଦେ ଯଥା ମହାଶୈଳଖୋଲ
ଅଧିକେ ପ୍ରତିଧ୍ୱନିତ ।
ମହାସଙ୍କଟକୁ ମନେ ନ ଗଣନ୍ତି
ମହତ ଆଶ୍ରିତ ଜନ,
ମହୋଦଧି-ଗର୍ଭେ ବିଚରଇ ପୋତ
ଆଶ୍ରୟ କରି ପବନ ।
ପର-ଉପକାର- ସାଧନମୂଳକ
ମହତ ଆଶ୍ରୟ ସାର,
ବାତାଶ୍ରିତ ପୋତ କେତେ ଜନ ଦ୍ରବ୍ୟ
ସାଗର କରଇ ପାର ।
ଜଗତ ହୁଅଇ ମହତ କର୍ମର
ଶୁଭମୟ ଫଳଭାଗୀ,
ମହତ କୌଶଳେ ଦାସୀ କାର୍ଯ୍ୟକରେ
୧ ବିଦ୍ୟୁତ ଜଗତ ଲାଗି ।
ବ୍ୟୋମ ସଞ୍ଚରଣ- ଶୀଳ ଜଳକଣ ୨
ସାରଥୀ ଧରଣୀତଳେ,
ଅଶ୍ୱ ବିନା ରଥ ବାହେ ବାୟୁବେଗେ
ମହତ କର୍ମ କୌଶଳେ ।
ବିନୟ ସୂଚଇ ମହତ, ପ୍ରଭାତ
ସୂଚେ ସୂର୍ଯ୍ୟ ଆଗମନ,
ବସନ୍ତ ସମୟ- ସୂଚକ କୋମଳ
ମଧୁର କୋକିଳ ସ୍ୱନ ।
ମତ ପ୍ରଶଂସାରୁ ମହତ ଭର୍ତ୍ସନା
ଶତଗୁଣେ ଶ୍ରେୟସ୍କର,
କୁକ୍କୁଟ ମୁକୁଟେ କି କାର୍ଯ୍ୟ, ମୟୂର-
ପୁଚ୍ଛରେ ସିନା ଆଦର ।
ଇହକାଳୁଁ ପର କାଳରେ ଅଧିକ
ଯଶଃ ଖ୍ୟାତି ମହତର,
ନଷ୍ଟ କୁସୁମର ବାସ ହୋଇଥାଏ
ଅତିରେ ଅଧିକତର ।
ସାହସ କଳପ- ତରୁ ଜାତ ନରେ
ମହତ ହୃଦୟ ସ୍ୱର୍ଗ,
ସେ ପାଦପେ ଫଳେ ସୁଧାମୟ ଫଳ
ଭୁଞ୍ଜନ୍ତି ମାନବବର୍ଗ ।
ଧନ୍ୟ ସାହସକୁ ମରଣ ଭୟକୁ
ସାହସ କରଛି ଜୟ,
ଏକା ସାହସର ଭୃତ୍ୟଭାବେ ଥାନ୍ତି
ରାଜଶ୍ରୀ ସମ୍ପଦଚୟ ।
ଅସାଧ୍ୟ ସାଧଇ ଅଲଭ୍ୟ ଲଭଇ
ମାନବ କରି ସାହସ,
ସାହସ ପ୍ରସାଦେ ଆବିଷ୍କାର କଲେ
ଆମେରିକା କଲମ୍ବସ ।
ଅନନ୍ତ ମାର୍ଗରେ ବିଚରଇ ନର
ସାହସର କର ଧରି,
ଦୁଃଖ-ରତ୍ନାକରୁ ସୁଖ-ମହାରତ୍ନ
ସାହସ ପାରେ ଉଦ୍ଧରି ।
ଭାରତ ବିଦିତ ହିମାଦ୍ରି ଶିଖରେ
ହୋଇଛି ମାନବ ବାସ,
ଅସୁର ନଗରେ ୩ ନର ନରପତି
ସାହସେ କରି ବିଶ୍ୱାସ ।
ଯଶରେ ଆଦର ନାହିଁ ମହତର
ଯଶ ଆପେ ଲୋଡ଼ିଯାଏ,
ଲୋଡ଼ା ବିନା ଦେଖ ଗଜରାଜ ଶିରେ
ମୁକ୍ତା ସ୍ୱତଃ ହୋଇଥାଏ ।
ମହତ ପ୍ରତିଭା- କ୍ଷେତ୍ରଜାତ ଯଶ
ନିଜେ ହୁଏ ପ୍ରକାଶିତ,
ଘନେ ଘନଲତା ସଙ୍ଗେ ଘନଘୋଷ
ହୁଏ ଯଥା ବିଘୋଷିତ ।

୧ । ବିଜୁଳି—ତାରରେ ସମ୍ବାଦ ଅଣେ, ଦୀପରୂପେ ଆଲୋକ ଦିଏ, ଶକଟ ଚଳାଏ, ଇତ୍ୟାଦି । ୨ । ବାଷ୍ପବଳରେ ରେଳ ଚଳିବା କଥା କାହାରିକି ଅବିଦିତ ନାହିଁ । ୩ । ଯେଉଁ ଲଙ୍କାରେ ଅଦ୍ୟାପି ଅସୁର ଥିବାର ଲୋକଙ୍କର ବିଶ୍ୱାସ, ସେଠାରେ ନରର ପ୍ରଥମ ପ୍ରବେଶ ଅବଶ୍ୟ ସାହସ ।

ମହତ ମନ୍ଦିରେ ପଦ୍ମାଳୟା ଆସି
ବିଳସନ୍ତି ବିନାଦରେ,*
କିଏ ଡାକିଥାଏ ବାସବ-ଧନୁକୁ
ଖେଳିବାକୁ ପ୍ରପାତରେ ?
ବସନ ଭୂଷଣ ଆଡ଼ମ୍ବର ଯେନି
ମହତ ନ ହୁଏ ଜନ,
ବିବିଧ ରଙ୍ଗରେ ରଞ୍ଜିତ କାଚ କି
ହୁଏ ହୀରକ-ଭାଜନ ?
ମହତ ଏକା ସେ ଯେ ନରପୁଙ୍ଗବ
ପ୍ରକୃତି ଧର୍ମେ ପଣ୍ଡିତ;
ଈଶ୍ୱର-ପୀରତି— ସାଧକ ପବିତ୍ର
ଧରମ-ରତ୍ନେ ମଣ୍ଡିତ ।
ଧର୍ମ ମହାତରୁ ପକ୍ଷରେ ମାନବ
ହୃଦୟ-କ୍ଷେତ୍ର ଉର୍ବର,
ସୁଶିକ୍ଷା-ଲାଙ୍ଗଳେ ଚଷି ଧର୍ମ-ବୀଜ
ତହିଁରେ ରୋପଣ କର ।

ଆବଶ୍ୟକ ତହିଁ ସଦାଚାର ଜଳ
ସତସଙ୍ଗ ଆଳ-ବାଳ;
ବାହାରଇ ଶାଖା ବିନୟ କରୁଣା
ସୌଜନ୍ୟ ସତ୍‌କର୍ମ ଡାଳ † ।
ଈଶ୍ୱର ଭକତି, ପର ଉପକାର
ପଲ୍ଲବେ ହୁଏ ସୁନ୍ଦର,
ଫୁଟଇ ପବିତ୍ର ଶୁଭ୍ର ଦିବ୍ୟ ଫୁଲ
ତା ବାସ ଅବିନଶ୍ୱର ।
ସୌରଭ ଲୋଭରେ ଜଗତ ଈଶ୍ୱର
ଚୁମ୍ବନ୍ତି ହୋଇ ଭ୍ରମର,
ଫଳଇ ଅମୃତ- ପୂର୍ଣ୍ଣ ଯଶଫଳ
ଭକ୍ଷଣେ ନର ଅମର ।
ମହତକୁ ଏକା ମହତ ଚିହ୍ନଇ
ଇତର ତହିଁକି ଅନ୍ଧ;
ସୂର୍ଯ୍ୟୋଦୟ ଦେଖି ପ୍ରକୃତି ହସଇ
ଉଲୂକର ଦୃଷ୍ଟିବନ୍ଧ ।

* ଆଦର —ବ୍ୟତିରେକ । † ଡାଳ—ପ୍ରଶାଖା ଅର୍ଥରେ ପ୍ରଯୁକ୍ତ ।

# ଭାରତୀ ଭାବନା

୧

ଗୋଲୋକ-ମଣ୍ଡଳେ ନାଥେ ଲକ୍ଷ୍ୟକର
କହନ୍ତି ଭାରତୀ କରୋଷି,
ଭାରତ-ମଣ୍ଡଳେ ଯାହା କଲ ନାଥ
ମନୁଁ ହେଉ ନାହିଁ ପାଶୋର;
ଗୋପେନ୍ଦ୍ର, ଛଳେ ଜାତିକୁଳ ନାଶିଲ,
ଯାହା ଥିଲା ଆମ୍ଭ ନିଜତ୍ୱ ତହିଁରେ
ନିଜ ପ୍ରଭୁତା ପ୍ରକାଶିଲ ।

୨

ବିକ୍ରମେ ହରାଇ ବିକର୍ମେ ଡରାଇ
ବଶୀଭୂତ କଲ ସକଳେ,
ବାସର ଯାମିନୀ ଯାପି ନ ପାରିଲୁଁ
ତୁମ୍ଭ ପଦସେବା ନ କଲେ;
ତହିଁରେ, ଉଦାରପଣ ଦେଖାଇଲ,
ଧନ ମନ ପଣ ଗର୍ଭେ ମେଣ୍ଟି କରି
ପଦସେବନ ଶିଖାଇଲ ।

୩

ତୁମ୍ଭ ହାସେ ହାସ ତୁମ୍ଭ ଭାଷେ ଭାଷ
ରହିଲୁ ତୁମ୍ଭ ପଦେ ମତି,
ତୁମ୍ଭ କଥା ବିନା ଜଗତେ ଆମ୍ଭର
ରହିଲା ନାହିଁ ଅନ୍ୟ ଗତି;
ଗୋପେନ୍ଦ୍ର, ତୁମ୍ଭର ରଙ୍ଗିତେ ଚଳିଲୁଁ,
ତୁମ୍ଭ ମଦେ ମାତି ନିଜ ଗଉରବ
ନିଜର ଚରଣେ ଦଳିଲୁଁ ।

୪

ଅଶନେ ବସନେ ଶୟନେ ସ୍ୱପନେ
ତୁମ୍ଭ ପଦେ ମନ ରହିଲା,
ମଦନ ଦେଖିଲେ କ୍ଷଣିକ ବିରହ
ଜୀବନକୁ ଆମ୍ଭ ଦହିଲା;
ଗୋପେନ୍ଦ୍ର, ଜାଣ ତୁମ୍ଭେ ସବୁ ହୃଦର,
ତୁମ୍ଭର ଆସନ ବାସନ କାଶନ
ସମସ୍ତ ଦିଶିଲା ସୁନ୍ଦର ।

୫

ତୁମ୍ଭର କଥାରେ ମଧୁର ରହିଲା
କରିନେଲ ହୃଦ କଳଣା,
ତୁମ୍ଭ ବଦନରୁ କଥା ନ ସ୍ଫୁରିଲେ
ସବୁଯାକ ହେଲା ଅଲଣା;
ଗୋପେନ୍ଦ୍ର, ନିଜ ବାସ ବିଷ ମଣିଲୁଁ,
ମନ୍ତ୍ରରେ ମୋହିଲ ତନ୍ତ୍ରରେ ତୁମ୍ଭର
ମହତ-କଉଡ଼ି ଗଣିଲୁଁ ।

୬

ଆମ୍ଭ କ୍ଷୀର ସର ଲବଣୀରେ ପୁଷ୍ଟ
ବଳକୁ ତୁମ୍ଭର ଅନାଇ,
ଭସ୍ମ ଲଭି ସିନା ଜାତିମଣି ଘରେ
କରି ନ ପାରିଲେ ଲଢ଼ାଇ;
ଗୋପେନ୍ଦ୍ର, ଯେ କଥା କହିଥିଲ ଯାଇ,
ଜୟ ଗର୍ବେ ମାତି କେଉଁ କଥା କଲ
ପୂର୍ବ ପ୍ରତିଜ୍ଞା ଅନୁଯାୟୀ ।

୭

୧ ଗାନ୍ଧିନୀଜ-କାଣ୍ଡ ଘଟାଇଲା ବନ୍ଧୁ
ସ୍ନେହଗଣ୍ଠି ହେଲା ଶିଥିଳ,
ତହୁଁ ଜଣାଗଲା କିସ ହେଲ ତୁମ୍ଭେ
ତହିଁ ପୂର୍ବେ ଅବା କି ଥିଲ;
ପାଞ୍ଚାଳେ,ପରିଚୟ ହେଲା ଯାହାର,
ଯାହା ଲାଗି ହେଲା ସକଳ କଳହ
ମାନ ବଢ଼ାଇଲ ତାହାର ।

୮

୨ ଗାନ୍ଧିନୀଜ କଷ୍ଟ ଗଣନା ନ କରି
ବନ୍ଧପୁର କଲେ ଗମନ,
କାନ ନ ପାତିଲ ଦୂରେ ଥାଇ କଲୁଁ
ଯେତେ ହାହାକାର କ୍ରନ୍ଦନ;
ଜଗତେ, କୀରତିର ବାନା ଉଡ଼ିଲା,
ପାରି ନଆଁ ମେଣ୍ଟି କଉଶଳ ବଳେ
ଉଗ୍ରସେନାନନ୍ଦ ବଢ଼ିଲା ।

୯

୩ ପରେ ଜଣାଗଲା ତୁମ୍ଭ ଆମ୍ଭ ଭେଦ
ତୁମ୍ଭେ ଦ୍ୱୀପାନ୍ତରନିବାସୀ,
ବାଲ୍ୟଜୀବନରେ ଆମ୍ଭର ଧନରେ
ବଢ଼ିବା ପାଇଁ ଥିଲ ଆସି;
ଗୋପେନ୍ଦ୍ର, ତୁମ୍ଭେ ହେଲ ବିଶ୍ୱବିଖ୍ୟାତ
ଆମ୍ଭ ସଙ୍ଗେ ଏକ ବେଶରେ ଚଳିଲେ
ହେଉଛି ଏବେ ଲାଜ ଜାତ ।

୧୦

ଡାକି ତ ନ ଥିଲୁଁ ତୁମ୍ଭ ଘର ଯାଇ
ଆସିଥିଲ ନିଜ ଲୋଭରେ,
ସରଳ-ହୃଦୟ ମଣି ସିନା ଘରେ
ରଖିଲୁ ଅତି ସ୍ନେହାଦରେ;
ଗୋପେନ୍ଦ୍ର, କହିବ କଲ ଉପକାର,
ଯାହା କରିଅଛ ନିଜ ସ୍ୱାର୍ଥ ପାଇଁ
ନ ଥିଲା ଆମ୍ଭ ଦରକାର ।

୧୧

ତୁମ୍ଭର ଆଗରେ ତୁମ୍ଭର ପରାଏ
୪ ମୁଷଳମାନ ଥିଲେ ଆସି,
କୋପନ ସ୍ୱଭାବ ହେଲେହେଁ ଆମ୍ଭର
ସମସ୍ତ ଥିଲେ ନାହିଁ ତ୍ରାସି;
କରି ଠସ, ନ ଥିଲେ ବସନ ହରଣ,
ଦ୍ରୁପଦସୁତା ଚିନ୍ତି କାର ପାଶ
କରି ନ ଥିଲେ ସେ ପ୍ରେରଣ ।

୧୨

ଆମ୍ଭ କର ଧରି ଚାଲି ଚାଲି କ୍ରମେ
ତୁମ୍ଭ ପରାକ୍ରମ ବଢ଼ିଲା,
ତୁମ୍ଭ ବିନା ଆମ୍ଭେ ଚଳି ନ ପାରିବୁଁ
କଥା ଶୁଣିବାକୁ ପଡ଼ିଲା;
ଜୀବନ, ଜୀବିକା ତୁମ୍ଭର ହାତରେ,
ଦେଇ ତୁମ୍ଭ ପଦ ଆଶାରେ ରହିଲୁ
କାନ୍ଦି ମରୁଅଛୁଁ କାତରେ ।

୧୩

ଷଣ୍ଢ ମାରିବାର ଧରମ ତୁମ୍ଭର
ବିଷକୂଟ କରି ଆହାର,
ତୁମ୍ଭ ପୂତନାରି— ମହିମା କରଇ
ନାରୀ ଗଉରବ ପ୍ରସାର;
ତୁମ୍ଭର, ଗର୍ଭ କଳିବାର ଦୁଷ୍କର,
ବନ୍ଧୁ ବୋଲି ଯାକୁ ସେନାବଳ ଦେଲ
ପ୍ରାଣ ନ ରହିଲା ତାଙ୍କର ।

୧୪

କୃଷ୍ଣା କୃଷ୍ଣ ଯେନ ଭାରତ ବିପ୍ଳବ
ଉପୁଜିଲା କପଟପାଶେ,
ଯହିଁ କୃଷ୍ଣ ତହିଁ ବିଜୟ ନିଶ୍ଚୟ
ରହିଗଲା ଲୋକ ବିଶ୍ୱାସେ;
ବୋଇଲେ, ଦୁଃଶାସନ ମୂଳ କାରଣ,
ବିଧାତା ବିଧାନ ଲଙ୍ଘିମାଯୁ ନୁହେ
କେମନ୍ତେ ହୁଅନ୍ତା ବାରଣ ?

୧ । ଗାନ୍ଧିନୀଜ—ଅକ୍ରୂର । ୨ । ଅକ୍ରୂର ଯମୁନା ସ୍ନାନ ସମୟରେ କୃଷ୍ଣଙ୍କୁ ବନ୍ଦନା କରିଥିଲେ । ୩ । ଦ୍ୱୀପାନ୍ତର—ଦ୍ୱାରକା । ୪ । ମୁଷଳମାନ— ମୁଷଳୀ, ବଳରାମ ।

୧୫

ବରାଟ ବଭବ ସୁଖେ ଭୋଗ କଲେ
କୌଶଳେ ପାଣ୍ଡୁର ନନ୍ଦନେ,
ଶେଷେ ଅଧିକାଶ ନଜେ ଅପସର
ରହିଲେ ଚରଣ ବନ୍ଦନେ;
ଉତ୍ତର, ମିଳିଲା ଯାହା ଶେଷକାଳେ,
ପୂର୍ବ ଛଳ ବଳ ହୋଇଲା ବଦିତ
କର ଦେବା ହେଲା କପାଳେ ।

୧୬

ବଡ଼ ବଡ଼ ଘରେ କୁରୁ ଅନ୍ନ ଖାଇ
ପାଣ୍ଡବଙ୍କ ଜୟ ବାଞ୍ଛିଲେ,
ତୁମ୍ଭ ଅପମାନେ ଦୁଃଖ ବହି ମନେ
ଦୁର୍ଯୋଧନ ଦୋଷ ବାଛିଲେ;
ତୁମ୍ଭରେ, ଭକତ ଥାଏ ଉଭଙ୍କର,
ତୁମ୍ଭର ସଦିଚ୍ଛା ଅପାଣ୍ଡବ ପକ୍ଷେ
ନ ହେଲା କେବେ ଶୁଭଙ୍କର ।

୧୭

ନ ଦୋଷି ଅକ୍ଷରେ ଅର୍ଥର ଲକ୍ଷ୍ୟରେ
ଉଚିତ ସ-କାର ଭରିବ,
ଲଘୁ ଗୁରୁ ହ୍ରସ୍ୱ ଦୀର୍ଘ ଯା ଅବଶ୍ୟ
ହେବା ଯୋଗ୍ୟ ତାହା କରିବ;
ପାଠକ, ସେହି ଘର ତୁମ୍ଭ ହାତରେ,
ହେବ ବଗ୍ରରକ ବୋଲି ବରଚକ
ଜଣାଉଛି ନତ-ମାଥରେ ।

# କୁମାର ଜନ୍ମୋତ୍ସବ

ଆସିଗଲା ଆହା କେମନ୍ତ
ସଉଭାଗ୍ୟ ସମୟ,
ବରପଲ୍ଲୀ ହୋଇଯାଉଛି
ସ୍ୱଚ୍ଛ ଆନନ୍ଦମୟ ।
ଶୁଭୁଛି ଅସଂଖ୍ୟ ବନ୍ଧୁକ—
ଧ୍ୱନି ରାଜସଦନେ,
ଧାଉଁଛନ୍ତି ପୁରବାସିଏ
ଶୁଣି ହର୍ଷିତ ମନେ ।
ଦେଉଳ ବବର ମଧ୍ୟରୁ
ଉଡ଼ି ପାରାସକଳ,
ମଣ୍ଡି ଦେଉଛନ୍ତି ଦଳକୁ—
ଦଳ ବ୍ୟୋମମଣ୍ଡଳ ।
ଥରେ ଥରେ ବସିପଡ଼ନ୍ତି
ଉଚ୍ଚ ପ୍ରାସାଦଚୂଳେ,
ଶୋଭୁଛି କି ପୁଷ୍ପ ଗନ୍ଧର୍ବ—
କରସ୍ଖଳିତ ଫୁଲେ ।
ଉଡ଼ି ଉଡ଼ି ହଂସରାଳିଏ
କରୁଛନ୍ତି ନିସ୍ୱନ,
ହୁଳହୁଳି ଦେଉଛନ୍ତି ବା
ସୁରବନିତାଗଣ ।
ଉଡ଼ୁଛନ୍ତି ଭେଜ ତେନ୍ତୁଳୀ—
ତରୁ ବକାଳିମାଳ,
ଦିଗଙ୍ଗନା ଅବା ଆସନ୍ତି
ଧରି ଶ୍ୱେତ ଚରାଳ ।

ବାଜି ବହୁବିଧ ବାଜଣା
ସ୍ତବ୍ଧ କରେ ଶ୍ରବଣ,
ବହୁ ଜନାକୀର୍ଣ୍ଣ ହୋଇଛି
ଆଜ ରାଜଭବନ ।
ସମସ୍ତଙ୍କ ଶିରେ ହୋଇଛି
ଫଗୁଗୁଣ୍ଡ ମଣ୍ଡନ,
ପାଟଳିତ ହୋଇଯାଉଛି
ଫଗୁଗୁଣ୍ଡେ ଗଗନ ।
ପ୍ରାସାଦ ଉପରୁ କୁମାର
କେତେ ପଇସା ଠଙ୍କା
ଫିଙ୍ଗି ଦେଉଛନ୍ତି, ନିଅନ୍ତି
ଜନେ ନ କରି ଶଙ୍କା ।
ନଠାଇ ମିଠାଇ ପାଇଣ
ବାଳ ବାଳିକାଗଣ,
କରତାଳି ଦେଇ କରନ୍ତି
ଡେଇଁ ଡେଇଁ ନର୍ତ୍ତନ ।
ଏମନ୍ତ ଆନନ୍ଦ ଉତ୍ସବ
ହେଉଅଛି କାହିଁକି,
ସୁହୃଦ ପାଠକମଣ୍ଡଳ
ତାହା ଜାଣ ନାହିଁ କି ?
*ବରପଲ୍ଲୀ ଅଧିପତିଙ୍କ
ଏକମାତର ସୁତ—
ଶ୍ରୀ ବୀର ମହୀନ୍ଦ୍ର ମନ୍ଦିରେ
ନବସୁତ ସମ୍ଭୂତ ।

* ନୃପରାଜ ସିଂହ ।

ଆହା କି ସୁନ୍ଦର କୁମର
ଦେଖି ଆନନ୍ଦ ଉଠେ,
ପଦ୍ମବନେ ପଦ୍ମ ନ ଫୁଟି
ଆନ ଫୁଲ କି ଫୁଟେ ?
ହେଲେ ବରପଲ୍ଲୀ ଅଧିପ
ଆଜୁଁ ବୃଦ୍ଧେ ଗଣିତ,
ନାତି ମୁଖ ଚାହିଁ ଆନନ୍ଦ—
ରସେ ହେଲେ ସିଞ୍ଚିତ ।
ପାଇଛନ୍ତି କେତେ ଭାଗ୍ୟରେ
ଚିରବାଞ୍ଛିତ ନିଧି,
ଆଚରିବେ ମହା ଆନନ୍ଦେ
କେତେ ଉତ୍ସବ ବିଧି ।
କେତେ ଉପହାର ପାଇବେ
ତାଙ୍କ ଆଶ୍ରିତମାନେ,
ମୋହୋ କପାଳରେ କି ଅଛି
ତାହା ଦଇବ ଜାଣେ ।
ଏ ବାର୍ତ୍ତା ମୟୂରଭଞ୍ଜକୁ
ଅତି ସତ୍ୱର ଯାଇ,
ରାଜ ପରିଜନଗଣଙ୍କୁ
ଦେବ ହର୍ଷେ ମଜାଇ ।
ନବ ଭଗିନେୟ ଜନମ
ଶୁଭବାରତା ପାଇ,
୧ ମହାରାଜଙ୍କର ଆନନ୍ଦ—
ସୀମା ରହିବ ନାହିଁ ।
ରାଜଠାକୁରମା' ଶୁଣିଲେ
ହେବେ କେତେ ଆନନ୍ଦ,
ବହିଯିବ ଅନ୍ତଃପୁରରେ
ବେଗେ ପ୍ରମୋଦନଦ ।
ଉତ୍ତୁଙ୍ଗ ସଉଧବେଷ୍ଟିତ
ସୁପ୍ରଶସ୍ତ ପ୍ରାଙ୍ଗଣେ,
ମହାନନ୍ଦେ ଫଗୁ ଖେଳିବେ
କୋଠ ଚାକରଗଣେ ।
ଶ୍ରେଷ୍ଠରିପୁଙ୍କର ଆଦେଶେ
କେତେ ବନ୍ଧୁକଧାରୀ,
ଠିଆହୋଇ ପୁର କମ୍ପାଇ-
ଦେବେ ବନ୍ଧୁକ ମାରି ।
ସେ ଶବଦ 'ବେଲଗଡ଼ିଆ' ୨
ରମ୍ୟ ରାଜଭବନେ,
ହେଉଥିବ ପ୍ରତିଧ୍ୱନିତ
ମନ୍ଦ୍ର ଗମ୍ଭୀର ସ୍ୱନେ ।
ହେଉଥିବ 'ମଧୁବନ'ରେ ୩
ଦୀର୍ଘ ପ୍ରତିଧ୍ୱନିତ,
ଉଦ୍ୟାନବିହାରୀ ବିହଙ୍ଗେ
ଶୁଣି ହେବେ ଚକିତ ।
ନବଧୃତ ଗଜ ୪ ସକଳ
ଶୁଣି ବନ୍ଧୁକ-ସ୍ୱନ,
ପଳାୟନୋନ୍ମୁଖ ହୋଇବେ
ତ୍ରସ୍ତେ କରି ଗର୍ଜନ ।
ଏ ବାରତା ଦେବଗଡ଼ରେ ୫
ହେବ ଆମୋଦପ୍ରଦ,
୬ ସୁରଗୁଜା ରାଜସଦନେ
ହେବ ଅତି ସୁଖଦ ।

---

୧ । ମୟୂରଭଞ୍ଜ ମହାରାଜ ଶ୍ରୀ ରାମଚନ୍ଦ୍ର ଭଞ୍ଜଦେବ ନବକୁମାରଙ୍କ ମାତୁଳ ଅଟନ୍ତି । ୨ । ମୟୂରଭଞ୍ଜର ରାଜଧାନୀସ୍ଥିତ ବେଲଗଡ଼ିଆ ନାମକ ରାଜଭବନ ଉତ୍କଳର ଏକ ରମଣୀୟ ମନ୍ଦିର ଅଟେ । ୩ । ଉକ୍ତ ରାଜଧାନୀର ଉପକଣ୍ଠବର୍ତ୍ତୀ ମଧୁବନ ଏକ ସୁରମ୍ୟ ସ୍ଥାନ ଅଟେ । ୪ । ମୟୂରଭଞ୍ଜ ମହାରାଜ ଏ ବର୍ଷ ୧୬ ଗୋଟି ହସ୍ତୀ ଧରିଅଛନ୍ତି । ୫ । ବାମଣ୍ଡା ରାଜଧାନୀ ଦେବଗଡ଼ । ଏଠାରେ ବରପଲ୍ଲୀ ଅଧିପତିଙ୍କ ଜ୍ୟେଷ୍ଠ ଦୁହିତା ଅଛନ୍ତି ଓ ବାମଣ୍ଡା ମହାରାଜ ବରପଲ୍ଲୀ ଅଧିପତିଙ୍କ ହିତାଭିଳାଷୀ ଅଟନ୍ତି । ୬ । ସୁରଗୁଜାର ଦ୍ୱିତୀୟ ରାଣୀ ବରପଲ୍ଲୀ ଅଧିପତିଙ୍କ ଦ୍ୱିତୀୟ ଦୁହିତା ଅଟନ୍ତି ।

ଏହିରୂପେ ଶୁଭବାରତା
ହୋଇ ଦିଗବ୍ୟାପିନୀ,
କେତେ କେତେ ଲୋକ ମାନସେ
ହେବ ତୋଷଦାୟିନୀ ।

———

ଏ ପାଖରେ ଏକବିଂଶତି—
ରାତ୍ରି ଉତ୍ସବ ପାଇଁ,
କି କି ଆୟୋଜନ ହେଉଛି
ଥରେ ଦେଖିବା ଯାଇ ।
ପ୍ରଶସ୍ତ ପ୍ରାଙ୍ଗଣେ ପ୍ରଶସ୍ତ
ଚନ୍ଦ୍ରାତପ ମଣ୍ଡନ
ହୋଇ, କରୁଅଛି ଦର୍ଶକ-
ନେତ୍ର-ଦୁଃଖ ଖଣ୍ଡନ ।
୧ ବନ୍ଧୁ ଉପହାର ନିମନ୍ତେ
କୋଷାବସ୍ତ୍ର ବିଶେଷ,
ପ୍ରସ୍ତୁତ ସକାଶେ କୋଷ୍ଟାଏ
ପାଇଲେଣି ଆଦେଶ ।
ପଣ୍ଡିତ ବ୍ରାହ୍ମଣମାନଙ୍କ
କର୍ଣ୍ଣଭୂଷଣ ଲାଗି,
କୁଣ୍ଡଳ ଗଠନେ ସୁନାରି—
ମାନେ ଗଲେଣି ଲାଗି ।
୨ ସମ୍ବଲପୁରିଆ ଗୁନ୍ଦୁଆ
ପଡ଼ ଶାଢ଼ୀ ଆସିବ,
ବିପ୍ର ସୀମନ୍ତିନୀମାନଙ୍କ
ମାନସକୁ ତୋଷିବ ।
୩ ବିନକା ଗ୍ରାମରୁ ଆସିବ
ହଂସାବଳୀ କପଟା,
ଭଦ୍ରମହିଳାଙ୍କ ପିନ୍ଧିବା
ପାଇଁ ହୋଇବ ବଣ୍ଟା ।
୪ ସାମନ୍ତଙ୍କ ମୁଖରଞ୍ଜନ
ପାଇଁ ହେବ ପ୍ରଦାନ,
୫ ରାୟଗଡ଼ ଶ୍ରେଷ୍ଠ ଖଇର
ସ୍ୱର୍ଣ୍ଣପୁରିଆ ପାନ ।
ନବକୁମାରଙ୍କ ସୁବର୍ଣ୍ଣ—
ହାରେ ହେବ ଖଚିତ,
୬ ହୀରାକୁଦ ଜାତ ହୀରକ
ଆଣିବାର ଉଚିତ ।
କଟକରୁ ଆସିଗଲେଣି
ଏକ ଦଳ ନର୍ତ୍ତକୀ,
୭ ବ୍ରହ୍ମପୁରୀ ଦାସୀ ଆଣିବା
ଆଉ କି ଆବଶ୍ୟକ ।
ଏହିରୂପେ ନାନାପ୍ରକାରେ
ଆୟୋଜନ ଲାଗିଛି,
ରାଜପରିଚରଗଣଙ୍କୁ
ଅବସର କାହିଁଛି ।
ହେ ବିଶ୍ୱପାଳକ କରୁଣା—
ମୟ ଜଗଦୀଶ୍ୱର,
କୃତାଞ୍ଜଳି ହୋଇ ତୁମ୍ଭରେ
ମାଗୁଅଛି ଏ ବର ।
କୃପାମୟ ଜ୍ୟୋତ୍ସ୍ନା ଭିତର
ଆମ୍ଭ ରାଜ-ଆଳୟେ,
ଦୁଃଖ ତମ ପଶି ନ ପାରୁ
କଉଣସି ସମୟେ ।

---

୧ । ବରପାଲିରେ ଉତ୍ତମ କୌଷେୟ ବସ୍ତ୍ର ମିଳେ । ୨ । ସମ୍ବଲପୁରର ଗୁନ୍ଦୁଆ-ପଡ଼ ଶାଢ଼ୀରେ ବ୍ରାହ୍ମଣୀମାନଙ୍କର ବହୁତ ଶ୍ରଦ୍ଧା । ୩ । ବିନକା ଗ୍ରାମର ହଂସାବଳୀ କପଟା (ହଂସାଦି କାରୁକାର୍ଯ୍ୟଯୁକ୍ତ ଶାଢ଼ୀ) ଏ ଅଞ୍ଚଳର ଭଦ୍ରମହିଳାସମାଜରେ ବିଶେଷ ଆଦରଣୀୟ । ୪ । ଏକବିଂଶତି ରାତ୍ରି ଉପଲକ୍ଷେ ଏ ଅଞ୍ଚଳର ବହୁତ ଜମିଦାରମାନେ ଆସିବେ । ୫ । ରାୟଗଡ଼ର ଶ୍ରେଷ୍ଠ ଖଇର ଓ ସ୍ୱର୍ଣ୍ଣପୁର ( ସୋନପୁର )ର ପାନ ଭଲ ଅଟେ । ୬ । ସମ୍ବଲପୁର ନିକଟସ୍ଥ ହୀରାକୁଦରେ ପୂର୍ବେ ହୀରା ମିଳୁଥିବାରୁ ଅତି ପ୍ରସିଦ୍ଧ । ୭ । ନର୍ତ୍ତକୀ ସ୍ତ୍ରୀ ।

ସୁଧାମୟ ସୁଖ ପ୍ରଦାନ
କରୁଥାଅ ପାଳନ,
ଚିରଜୀବୀ ହୋଇ ରହନ୍ତୁ
ନବ ରାଜନନ୍ଦନ ।
ସକଳ ସୁଗୁଣ ଭୂଷଣେ
ତାଙ୍କୁ କର ଭୂଷିତ,
ଦେଶ ବିଦେଶରେ କୀର୍ତ୍ତି
ହେଉ ସୁପ୍ରକାଶିତ ।
ପିତା, ପିତାମହ କୋଳରେ
ହେଉଥାନ୍ତୁ ଶୋଭିତ,
ଦେଖି ଆମ୍ଭ ହୃଦ-ଆନନ୍ଦ
ହେଉଥିବ ବର୍ଦ୍ଧିତ ।

# ଭକ୍ତି ଉପହାର

ଜୟ ଜୟ ରାଜା ବାହାଦୁର ଜୟ ଜୟ,
ଜୟ ଶ୍ରୀ ପ୍ରତାପରୁଦ୍ର ସିଂହ ମହୋଦୟ ୧ ।
ଚୌହାନବଂଶ ପ୍ରଶସ୍ତ ଅଗାଧ ସାଗର-
ଉଦର-ସମ୍ଭୂତ-ଚନ୍ଦ୍ର ଜନମନୋହର ।
ଆର୍ଯ୍ୟ-ଗଉରବ-ରବି ପୃଥ୍ୱୀ ଦିଲ୍ଲୀଶ୍ୱର—
କ୍ଷତ୍ରବଂଶପ୍ରବରଙ୍କ ଯୋଗ୍ୟ ବଂଶଧର ।
ସ୍ୱର୍ଣ୍ଣପୁର ମହୀମଣ୍ଡ ସୁବର୍ଣ୍ଣପ୍ରତିମା,
ରାଜସିଂହାସନ ତାର ମୁକୁଟ ଗରିମା ।
ସେ ମୁକୁଟେ ତୁମ୍ଭେ କୋହିନୁର ତେଜସ୍କର,
ହୋଇଅଛ ଆଜ ଜଗତରେ ମନୋହର ।
ସ୍ୱର୍ଣ୍ଣପୁର ଜନେ ଆଜ ସ୍ୱର୍ଣ୍ଣସିଂହାସନେ,
ବସାଇ ପୂଜିବେ ପାଦ ନାନା ଉପାୟନେ ।
ଶ୍ରୀଗୁମଙ୍କ ମାର୍ଜନା ପାଇଁ ମୋହଠାରେ,
ସୁବର୍ଣ୍ଣପ୍ରଦୀପ ନାହିଁ ନାହିଁ ଘୃତଧାରେ ।
ଶଙ୍ଖତୂରୀ ନାହିଁ ମୋର ମଙ୍ଗଳବାଜଣା,
ବଜାଇ କରିବା ପାଇଁ ଶ୍ରୀପଦ ଅର୍ଚ୍ଚନା ।
ଲେଖନୀ ତୁଳିଇ ଦେବ ମଙ୍ଗଳ ଆରତି,
ଗାଇବ ଶ୍ରୀଗୁମଙ୍କ ଯଶ ମଙ୍ଗଳଭାରତୀ ।
ଭାରତୀଭଣ୍ଡାରେ ଅଛି ତୁମ୍ଭ ଅଧିକାର,
ଅଶ୍ରଦ୍ଧେୟ ହୋଇପାରେ ମୋହୋ ଗାଇବାର
କିନ୍ତୁ ଗନ୍ଧମୟୀ କମଳାଙ୍କ ପ୍ରାଣଧନ,
ବବୁରକୁସୁମ କରିଥାନ୍ତି ତ ଗ୍ରହଣ ।
ଧୀରମଣି ହଜେ କର ପରସନ୍ନମନେ,
ବସ ଥରେ ମୋ ଆଗ୍ରହ-ପାଷାଣ-ଆସନେ ।।

ସୁର୍ଣ୍ଣଦା-ବିହାରି ଦେବ ଅମୃତ କିରଣ,
ମୃଦଘଟଜଳରେ ଦେଇଥାନ୍ତି ଦରଶନ ।
ଘେନ ମୋର ଭକ୍ତି-ବନଫୁଲ ଉପହାର,
କଳଙ୍କ ନ ହେବ ତାହା ତୁମ୍ଭ ମହିମାର ।
ଅଯଥା ପ୍ରଶଂସା ଅତି ଅମଙ୍ଗଳକର,
ପ୍ରଶଂସାକାଙ୍କ୍ଷୀ ପ୍ରଶଂସା ପ୍ରାପ୍ତ ମାନବର ।
ପ୍ରଶଂସା ନ ହେଲେ ପୁଣି ପ୍ରକୃତ ଗୁଣର,
ତତୋଽଧିକ ଅମଙ୍ଗଳ ହୁଏ ଜଗତର ।
ପ୍ରଶଂସା ଗାଇବ ଏଣୁ ପ୍ରକୃତ ଗୁଣର,
ଦୋଷ ଥିଲେ କ୍ଷମା ହେବ ଦୟାର ସାଗର ।
ଶ୍ରୀ ପ୍ରତାପରୁଦ୍ର ସିଂହ ସ୍ୱର୍ଣ୍ଣପୁରେଶ୍ୱର,
ରାଜଧର୍ମ ଧରିଅଛ ନର କଳେବର ।
ତୁମ୍ଭ ଛତ୍ରଚ୍ଛାୟା ବ୍ୟାପି ଚତୁର୍ଦ୍ଦଶ କୋଶ,
ପରଜାଗଣଙ୍କୁ ଦାନ କରୁଅଛି ତୋଷ ।
ସ୍ୱଚ୍ଛ ସୁପ୍ରଶସ୍ତ ତୁମ୍ଭ ମାନସ-ଦର୍ପଣେ,
ନ୍ୟାୟ ଧର୍ମ ମୁଖ ଦେଖୁଛନ୍ତି ପ୍ରତିକ୍ଷଣେ ।
ପବିତ୍ରହୃଦୟ ତୁମ୍ଭ ଅତ୍ୟନ୍ତ ଉଦାର,
ଅଟଇ ପ୍ରିୟ ନିଳୟ ବିନୟ ଦୟାର ।
ଜ୍ଞାନରେ ଉଜ୍ଜ୍ୱଳ ସେହି ଉନ୍ନତହୃଦୟ,
କାର୍ଯ୍ୟରେ ଦେଉଅଛି ତାର ପରିଚୟ ।
ଦରିଦ୍ରପାଳନେ ତୁମ୍ଭେ ସଦା ମୁକ୍ତକର,
ବିଜ୍ଞଜନ ଦେଖି କରିଥାଅ ସମାଦର ।
ବହିଅଛ ରାଜ୍ୟଭାର ରାଜ୍ୟ ଉପକାରେ,
କରୁଛ ରାଜ୍ୟର ଶୁଭ ନାନା ପରକାରେ ।

---

୧ । ଭୂତପୂର୍ବ ସୋନପୁର ରାଜ୍ୟର ରାଜା ।

ରାଜ୍ୟହିତେ ବ୍ୟୟ କର ନେଇ ରାଜକର,
ବିଳାସ ଆମୋଦ ନୁହେ ତୁମ୍ଭ ପ୍ରୀତିକର ।
ଛତ୍ରୋପୂଜା ତୁମ୍ଭ ରାଜ୍ୟ ନଗରେ ନଗରେ,
ପଥ୍ୟୋଦାନ କରୁଅଛି ଧାର୍ମୀ ସ୍ୱରୂପରେ ।
ସ୍ୱର୍ଣ୍ଣମେରୁଦେବ ତୁମ୍ଭ ଭଣ୍ଡାରରକ୍ଷକ,
ଯାହାର ପରଶେ ଲୌହ ହୁଅଇ କନକ ୧ ।
ପାଇଛ ସୁପୁତ୍ର ଆଜ୍ଞାବହ ବିଚକ୍ଷଣ,
ଆଜ୍ଞାବହ ସୁଶୀଳ ତୁମ୍ଭର ଭ୍ରାତୃଗଣ ।
ପାଇଅଛ ମନୋମତ ଅମାତ୍ୟ ଆପଣ,
ବସନ୍ତକୁ ମିଳିଯାଏ ମଳୟ ପବନ ।
ଦୁର୍ଲ୍ଲଭ ବିଭବ ଦେଇଛନ୍ତି ଭଗବାନ,
ପୁଣ୍ୟ ଅନୁରୂପ ଫଳ ଲଭେ ପୁଣ୍ୟବାନ ।
୨"ଘନବନ୍ଧୁ, ପାଇଅଛ ଶୁଭ ଅବସର,
ରଖାଇଣ ରଖିଯାଅ କୀର୍ତ୍ତି ଅନଶ୍ୱର ।
ଅରଜିଛ ବିଦ୍ୟା, ବୁଦ୍ଧି, ଜ୍ଞାନ, ଧନ, ପଣ,
ଅନୁରୂପ କୀର୍ତ୍ତିକି ନ ରଖିବେ ଆପଣ ।"
କଳିରାଜା କଳିରାଜା-ପ୍ରିୟ-କ୍ରୀଡ଼ନକ,
ବିଦ୍ୟାବୁଦ୍ଧିବିରହିତ ଅବିଦ୍ୟାସେବକ ।
ସେହିମାନେ ଜଗତରେ ପ୍ରେତ ସମାନ,
ବ୍ୟସନ-ଶ୍ୱାପଦକୁଳ-ପ୍ରିୟ-କ୍ରୀଡ଼ା-ସ୍ଥାନ ।
କେହୁ କାମାସକ୍ତ କେହୁ ମୃଗୟାରେ ରତ,
ପ୍ରଜା-ନିଲୁଣ୍ଠନ କାହାର ମୂଳବ୍ରତ ।
ନୃତ୍ୟ ଗୀତ ମାଦକରେ ଅର୍ଥକ୍ଷୟ କାର,
ଦ୍ୟୂତ ନ୍ୟାୟବିଳ କାହା ଜୀବନବ୍ୟାପାର ।
ବଢ଼ିଅଛ ରାଜଲକ୍ଷ୍ମୀ ସୁକୋମଳ କୋଳେ,
ଝୁଲୁଅଛ ରାଜଭୋଗ-ସୁଖମୟ ଦୋଳେ ।
ଧନରତ୍ନରାଶି ତୁମ୍ଭ ପାଦତଳେ ପଡ଼େ,
ଅଭାବର ଛାୟା କେବେ ନଜରେ ନ ପଡ଼େ ।

ଏଥି ବେଶ୍ୟାମୁଖ ବିଶ୍ୱମୋହିନୀ ମାଧୁରୀ,
ଋଷିଦମ୍ଭବିଦାରିଣୀ କଟାକ୍ଷଚାତୁରୀ;
ଜଗତମୋହନମନ୍ତ୍ର ଗେଲ ଛଳ ବାଣୀ,
ଅଟଳହୃଦକୁ ତୁମ୍ଭ ନ ପାରଇ ଟାଣି ।
ଜାଣିଲି ଦ୍ରବିଲେ ଧାତୁ ମିଶେ ଧାତୁ ସହ,
କେବେ କାହିଁ ନ ମିଶଇ ହୀରକବିଗ୍ରହ ।
ଏକ କପର୍ଦ୍ଦକ ତୁମ୍ଭ ବେଶ୍ୟାର ଗରଭେ,
ପଡ଼ି ନାହିଁ ଏ କଥା ମୁଁ କହିପାରେ ଦମ୍ଭେ ।
ବ୍ୟସନବର୍ଜିତ ତୁମ୍ଭ ପବିତ୍ର ଜୀବନ,
ଧନ୍ୟ ଧନ୍ୟ ମହାରାଜା ଶତବାର ଧନ୍ୟ ।
ରାଜାଙ୍କ ଶ୍ରୀଅଙ୍ଗ ଫୁଲ ଅତରର ବାସ,
ଆମୋଦିତ କରୁଥାଏ ତାଙ୍କ ଚଉପାଶ ।
ତୁମ୍ଭ ଶ୍ରୀଅଙ୍ଗରେ କେବେ କେହି ଫୁଲଟିଏ,
ଦେଖି ନାହିଁ ଏ କଥା ତ ବୋଲନ୍ତି ସଭିଏଁ ।
ତୁମ୍ଭର ଯେ ସ୍ନେହ ନାହିଁ ଚନ୍ଦନେ ଅତରେ,
ଏ କଥା ବିଖ୍ୟାତ ହୋଇଅଛି ଜଗତରେ ।
କିନ୍ତୁ ତୁମ୍ଭ ଶ୍ରୀଅଙ୍ଗରୁ କି ଏକ ସୁବାସ,
ଚଉଦିଗେ ଦେଶେ ଦେଶେ ହେଉଛି ପ୍ରକାଶ ।
ତୁମ୍ଭ ହୃଦକ୍ଷେତ୍ରେ ଅଛି ସ୍ୱର୍ଗୀୟ ଉଦ୍ୟାନ,
ଫୁଟୁଛନ୍ତି ତହିଁ ଦେବସେବ୍ୟ ଫୁଲମାନ ।
ସେ ଦିବ୍ୟ ଫୁଲର ମନୋମୁଗ୍‌ଧକର ବାସ,
ଜଗତଜନକୁ ଦାନ କରୁଛି ଉଲ୍ଲାସ ।
ଫିଟାଇ ଦିଅ ତ ସେହି ଉଦ୍ୟାନ କବାଟ,
ଦେଖନ୍ତୁ ଆନନ୍ଦେ ଜନେ ପାଇ ତାର ବାଟ ।
ଧର୍ମଭୀରୁ ଧର୍ମୀରଙ୍କ ଧର୍ମପରାୟଣ,
ଧର୍ମେ ଦୃଷ୍ଟି ରଖି କର ନ୍ୟାୟବିଚରଣ ।
ସୁଦୁର୍ଲ୍ଲଭ ଜଗତରେ ବିଦ୍ୱାନ ନୃପତି,
ଶତକେ ଏକର ତହୁଁ ଧର୍ମେ ଥାଏ ମତି ।

୧ । କିଂବଦନ୍ତୀ ଅଛି, ଜଣେ ଲୌହବଣିକ ସ୍ୱର୍ଣ୍ଣମେରୁ ମହାଦେବ ନିକଟରେ ତାହାର ଲୌହ ଖଣ୍ଡ଼ ଥୋଇ ଅଖା ଢିଲଇ କରୁକରୁ ଡାଙ୍ଗକୁ ଟଙ୍କଣ କରିବାକୁ ସ୍ୱର୍ଣ୍ଣମେରୁ ଲିଙ୍ଗ-ପାଷାଣରେ ଘର୍ଷଣ କଲା । ତହିଁରେ ତାହାର ଲୌହଡାଙ୍ଗଣ ସୁବର୍ଣ୍ଣ ଡାଙ୍ଗଣ ହୋଇଗଲା । ତାହା ଦେଖି ସେ ଅପଣା ଖଣ୍ଡ଼ର ସମସ୍ତ ଲୌହ ତହିଁରେ ଛୁଆଇ ସୁବର୍ଣ୍ଣ କଲା । ପରେ ସ୍ୱପ୍ନରେ ଜାଣିଲା ଯେ ସେହି ପାଷାଣ "ସ୍ୱର୍ଣ୍ଣମେରୁ ମହାଦେବ" । ୨ । ସୋନପୁରର ଦେବାନ ।

କୋଟିକେ ଗୋଟିଏ ତହିଁ ସୁଚରିତ୍ରବାନ,
ତୁମ୍ଭେ ଜଣେ ସେହିପରି ଜଗତପ୍ରଧାନ ।
ନାନା ଶାସ୍ତ୍ର ଅଧ୍ୟୟନେ ହୋଇଛ ପଣ୍ଡିତ,
ଗୁଣାଧାର ସୁଚରିତ୍ର-ଭୂଷଣେ ମଣ୍ଡିତ ।
ସତ୍ୟ ହୋଇଅଛ ରାଜସିଂହାସନାସୀନ,
ମାତ୍ର ରାଜସିକ କାର୍ଯ୍ୟେ ଅତି ଉଦାସୀନ ।
ରାଜର୍ଷି ଶବଦ ଥିଲା ପୁରାଣପ୍ରବାଦ,
ଚଳି ଆସୁଥିଲା ଚକ୍ଷୁକର୍ଣ୍ଣର ବିବାଦ ।
କଳିଯୁଗେ ଅବତରି ଧନ୍ୟ ହେ ରାଜନ,
କରୁଅଛ ଚକ୍ଷୁ କର୍ଣ୍ଣ ବିବାଦ ଭଞ୍ଜନ ।
ଧର୍ମ ଅର୍ଥ କାମେ ହୋଇଅଛ କୃତକାର୍ଯ୍ୟ,
କରୁଅଛ ଏବେ ମୋକ୍ଷ ଲଭିବାର କାର୍ଯ୍ୟ ।
ରାଜକାର୍ଯ୍ୟ ଶେଷେ କରି ଶାସ୍ତ୍ର ଆଲାପନ,
ସାଧୁସହବାସେ କର ସମୟ ଯାପନ ।
ଧନ୍ୟ ତୁମ୍ଭ ଶ୍ରୀମୁଖର ମୃଦୁ ମିଷ୍ଟ ପଦ,
ନ କହ ଭୃତ୍ୟଙ୍କୁ ସୁଦ୍ଧା ତୁକାର ଶବଦ ।
ସମ୍ରାଟସଭାରେ ଆଜ ତୁମ୍ଭର ସମ୍ମାନ,
ବଢ଼ାଇଲେ ତୁମ୍ଭ ଦେବଯୋଗ୍ୟ ଗୁଣମାନ ।
ଜାଣଇ ମୁଁ ଉପାଧିରେ ନାହିଁ ତୁମ୍ଭ ଲୋଭ,
ତୁମ୍ଭଙ୍କୁ ନ ଲଭି ତାର ହେଉଥିଲା କ୍ଷୋଭ ।
ଉପାଧି ଅବଶ୍ୟ ଲୋକେ ଗୌରବକର,
କିନ୍ତୁ ସେ ତୁମ୍ଭ ଆଶ୍ରୟେ ଦିଶିଲା ସୁନ୍ଦର ।

ହୋଇଅଛ ପ୍ରଜା-ଦୁଃଖ-ନଦୀ-ସୁଖ-ସେତୁ,
ବୁଝିଅଛ ନିଜ ଜନ୍ମ ଲଭିବାର ହେତୁ ।
ବୁଝିଅଛ ନିଜ ଅଧିକାରର କାରଣ,
ବୁଝିଅଛ ଯହିଁ ପାଇଁ ଯେତେ ରାଜଧନ ।
ପାଇଛ ହୃଦୟ ଜ୍ଞାନ, କରି ସୁବିଚାର
ଶକ୍ତି ସମ୍ପତ୍ତିର କର ସଦବ୍ୟବହାର ।
ଆତ୍ମର ଟିକିଏ ବୃଦ୍ଧି ଦେଖ ନରସାଇଁ,
ତୁମ୍ଭ ଜନ୍ମ ନୁହେ ଏକା ତୁମ୍ଭ ରାଜ୍ୟ ପାଇଁ ।
ନଦୀ ସିନା ଜଳ ଦିଏ ତଟବାସୀ ଜନେ,
ଜଳଦ ଦିଅଇ ଜଳ ସମସ୍ତ ଭୁବନେ ।
ଶୁଭକ୍ଷଣେ ଉଇଁଅଛ ନବଜଳଧର,
ହୋଇଲଣି ଯଶୋରୂପ ବିଦ୍ୟୁତେ ଭାସ୍ୱର ।
ନ ବର୍ଷି କରକା କର ଜଳଧାର ଦାନ,
ଉତ୍କଳବାସୀର ହେଉ ଉନ୍ନତିବିଧାନ ।
ଇତିହାସ ତୁମ୍ଭ ନାମ ସୁବର୍ଣ୍ଣ ଅକ୍ଷରେ,
ରଖିବ ସାଦରେ ତାର ଉନ୍ନତ ବକ୍ଷରେ ।
ଏକଦିଗେ ଶ୍ରୀ ସୁଧଳଦେବ ମହୋଦୟ,
ବର୍ଷ -ଦ ପଦ୍ୟେ ଦଙ୍କ ହୋଇଛି ଉଦୟ ।
ଅନ୍ୟ ଦିଗେ ତୁମ୍ଭର ଏ ମହା ଆବିର୍ଭାବ,
ଦେଖି ମନରେ ଉଦୟ ହେଉଛି ଏ ଭାବ ।
ଉତ୍କଳର ଭାଗ୍ୟ-ଲତା କୁସୁମଦାୟିନୀ,
ହେବାକୁ ଅଧିକ ଆଉ ବିଳମ୍ବ ନାହିଁନ ।

ଜୟ ଜୟ ଜଗନ୍ନାଥ କରୁଣାସାଗର,
ଜୟ ହେ ମଙ୍ଗଳମୟ ଶୁଭ ହିତକର ।
ବିଶ୍ୱରୂପୀ ବିଶ୍ୱବ୍ୟାପୀ ବିଭୁ ବିଶ୍ୱମ୍ଭର,
ଇଙ୍ଗିତେ ଚଳଇ ତୁମ୍ଭ ବିଶ୍ୱ ଚରାଚର ।
ଜ୍ଞାନମୟ ଜ୍ଞାନରୂପେ ଜ୍ଞାନହୃଦବାସୀ,
ସର୍ବ୍ବ ଦେଖାଉଛ ପ୍ରାଣ ରୂପେ ପରକାଶି ।
ଶିଶୁ ପାଇଁ ତୁମ୍ଭେ ପିତାମାତା ଅବତାର,
ତରୁଣରେ ହୁଅ ଜ୍ଞାନ ସ୍ୱରୂପେ ସଞ୍ଚାର ।
ଯେ ଯେତେ ଭଜଇ ତୁମ୍ଭ ଜ୍ଞାନରୂପ ପାଦ,
ଲଭଇ ସେ ଜନ ତେତେ ଅମୂଲ୍ୟ ପ୍ରସାଦ ।
ଭୀଷଣ ଦୁସ୍ତର ଭବସିନ୍ଧୁ ପାର ପାଇଁ,
ଭିଆଇଛ କର୍ମ୍ମ ରୂପ ନାବ ବିଶ୍ୱସାଇଁ ।
ବୁଡ଼ାଇ କୁକର୍ମ୍ମ-ନାବ ଦୁଃଖ-ତରଙ୍ଗରେ,
ସୁକର୍ମ୍ମ-ନଉକା ଲାଗେ ସୁଖ-ସାମ୍ରାଜ୍ୟରେ ।
ଦୁଃଖ ଯନ୍ତ୍ରଣାକୁ ଲାଗୁଅଛି ବଡ଼ ଡର,
ଦୀନବନ୍ଧୋ ! ଜଣାଉଛି ଏଣୁ ଯୋଡ଼ିକର ।
ସୁକର୍ମ୍ମ-ନାବରେ ଦେଇ ଭାଗ୍ୟ-କର୍ଣ୍ଣଧାର,
ଦୟା ବହି ଦୟାନିଧେ କର ମୋତେ ପାର ।
ବନ୍ଧୁରୂପେ ତୁମ୍ଭେ ତହିଁ ଅନୁକୂଳ ବାତ,
ହେବାକୁ କୁଣ୍ଠିତ ନୁହ ବ୍ରହ୍ମାଣ୍ଡର ତାତ ।
ନିଃସ୍ୱାର୍ଥ ପୁଜନେ ବୁଲି କରିବ ସଞ୍ଚିତ,
କ୍ଷାରଣ୍ଡ ରତନରାଶି; ହେଉଛି ମୋ ଚିତ୍ତ ।
ତୁମ୍ଭର କରୁଣା ହେବ ଯଦ୍ୟପି ବାଞ୍ଛିତ,
ନିଶ୍ଚେ ହେବ କୃତକାର୍ଯ୍ୟ ନ ହୋଇ ବଞ୍ଚିତ ।



# ପଦ୍ମିନୀ

## ପ୍ରଥମ ସର୍ଗ

ଜ୍ଞାନାଲୋକପ୍ରଦାୟିନୀ ଭାସ୍ୱତୀ ଭାରତୀ,
ତୋର ଦତ୍ତ ଜ୍ଞାନ-ଦୀପେ ହୁଏ ତୋ ଆରତି ।
ଯେଉଁରୂପେ କରିଥାନ୍ତି ସାଗର ତର୍ପଣ,
ସାଗର ସଲିଳ କରି ସାଗରେ ଅର୍ପଣ ।
ଯେବେଠାରୁ ଆସନ ତୋର ପ୍ରତିଭା-ପଦ୍ମିନୀ,
ବିକାଶେ ବିନାଶ ହେଲା ଅଜ୍ଞତା-ଯାମିନୀ ।
ପୁଣ୍ୟବାନ ମାନବର ହୃଦୟ-ସରସୀ,
ସ୍ୱଚ୍ଛ ପୂତ ହୁଏ ତୋର ପଦ୍ମର ପରଶି ।
ପୁଣ୍ୟହୀନ ଜୀବନ ମୋ ଅଜ୍ଞତାପୂରିତ,
କେମନ୍ତେ ତହିଁରେ ହେବ ପ୍ରତିଭା ସ୍ଫୁରିତ ।
ଲଭି ନାହିଁ ଜ୍ଞାନ ମାତ୍ର କରୁଛୁଁ ଭଜନା,
ଲେଖନୀ ବଦନେ କରି ତୋର ଆରାଧନା ।
ଲେଖନୀ ନୁହଇ ମୋର ଧାତୁବିଜଡ଼ିତ,
କେମନ୍ତେ ଟାଣିବ ତୋର ପ୍ରଭାବ ତଡ଼ିତ ।
ଭକ୍ତି କରିଥାଏ ବୋଲି ଅସାଧ୍ୟ ସାଧନ,
ଦୃଢ଼ମନେ କରୁଅଛୁଁ ତୋର ଆରାଧନ ।
ଘୃଣି ମୋତେ କରୁଥିବୁ ଯଦି ପଳାୟନ,
ପଛେ ପଛ ଯିବ ହୋଇ ଭକ୍ତପରାୟଣ ।
ସମାନ ସମାନ କଷ୍ଟେ ପଡ଼ିବ ତୋ ପାଦ,
ସମସ୍ୱରେ ଉଠୁଥିବ ନୂପୁରନିନାଦ ।

ସେ ନାଦମାଧୁରୀ କରି ଶ୍ରୁତିପଥେ ପାନ,
ଗୋଡ଼ାଉଥିବ ପାଦ ଚିହ୍ନ ତୋଷେ ତୋଷି ପ୍ରାଣ ।
ନଗର ଉପରେ ରାଜେ ଚିତୋର ନଗର,
ଗୌରବ-ମୁକୁଟ ରୂପେ ଆର୍ଯ୍ୟ-ଗୌରବର ।
ଉନ୍ନତ ନଗର ଭଳି ଉନ୍ନତହୃଦୟ—
ବହି ତହିଁ ରହିଥାନ୍ତି ଲୋକ ସମୁଦୟ ।
ସେ ଉଚ୍ଚ ହୃଦୟେ ଉଚ୍ଚ ପ୍ରବୃତ୍ତିସକଳ,
ଅଧିଷ୍ଠିତ ଥାନ୍ତି କରି ସ୍ୱବଳ ପ୍ରବଳ ।
ପ୍ରବୃତ୍ତିର ବଳେ ଧର୍ମ ହୋଇଥାଏ ଉଚ୍ଚ,
ଧରମ ମଣଇଥାଏ ଜୀବନକୁ ତୁଚ୍ଛ ।
ବିପଦ ସମୟେ ନେଇ ଧରମ ଶରଣ,
ପୁରବାସୀ କରିଥାନ୍ତି ମରଣ ବରଣ ।
ଯେତେବେଳେ ଯବନର ପ୍ରବଳ ପ୍ରତାପ,
ଭାରତବାସୀଙ୍କ ହୃଦେ ହେଲା ଘୋର ତାପ ।
ଭରତବଂଶର ଧର୍ମ-ପୂତ-ସିଂହାସନେ,
ମାତିଲା ଯବନ ବସି ବିବିଧ ବ୍ୟସନେ ।
ଦର୍ପଭରେ ବିନ୍ଧ୍ୟଗିରି ଶିରେ ଦେଇ ପାଦ,
ଦାକ୍ଷିଣାତ୍ୟ ମସ୍ତକରେ ଢାଳିଲା ପ୍ରମାଦ ।
ବଳେ କଲା ଦୁର୍ଗମାନ ଭଗ୍ନ ବିଲୁଣ୍ଠିତ,
ସତୀତ୍ୱରତନ ପଦେ ଲଗ୍ନ ବିଲୁଣ୍ଠିତ ।

ସେକାଳେ ଚିତୋରବାସୀ ଧର୍ମେ ଥାଇ ବଳୀ,
ଯବନଙ୍କୁ ମଣୁଥାନ୍ତି ଯୁଦ୍ଧ-ଯଜ୍ଞ-ବଳି ।
ନୃପତି ଲକ୍ଷଣ ସିଂହ ମଣ୍ଡି ସିଂହାସନ,
ଧର୍ମମତେ କରୁଥାନ୍ତି ସ୍ୱରାଜ୍ୟ ଶାସନ ।
ପିତୃବ୍ୟ ଭୀମ ସିଂହ ଭୀମ ପରାକ୍ରମ,
ପୃଷ୍ଠରକ୍ଷୀ ଥାଇ ତାଙ୍କ ବଢ଼ାନ୍ତି ବିକ୍ରମ ।
ଯେ କାଳେ ଲକ୍ଷ୍ମଣ ସିଂହ ଥିଲେ ବାଳବୟ,
ପିତା ତାଙ୍କ ଗମିଥିଲେ ତ୍ରିଦଶ-ଆଳୟ ।
ସେ ସମୟେ ଭୀମ ସିଂହ ବହି ରାଜ୍ୟଭାର,
ଲକ୍ଷ୍ମଣେ ଶିଖାଇଥିଲେ ରାଜନୀତି ସାର ।
ଯୁବକ ଲକ୍ଷ୍ମଣେ ରାଜନୀତି ବିଚକ୍ଷଣ,
ଗୃହିଁ କରିଛନ୍ତି ତାଙ୍କୁ ରାଜତ୍ୱ ଅର୍ପଣ ।
ଲକ୍ଷ୍ମଣ ହିଁ ଚଳୁଛନ୍ତି ତାଙ୍କ ଉପଦେଶେ,
ବସି ରାଜସିଂହାସନେ ନରପତି ବେଶେ ।
ରାଜ୍ୟେ ଥାନ୍ତି ଭୀମ ରାଜ-ଜନକ-ସମରେ,
ସେନାପତି ହୋଇଥାନ୍ତି ବିପକ୍ଷ ସମରେ ।
ରଖିବାକୁ ତାଙ୍କ ପୂର୍ବ ସମ୍ମାନ ସମ୍ଭ୍ରମ,
ନବରେ ନଗରେ ରାଜ୍ୟେ ନ ଥାଏ କା' ଭ୍ରମ ।
ଲକ୍ଷ୍ମଣ ସହିତ ଭୀମ ମହାରାଣୀ ପଦେ,
ଅଧିକାରୀ ଥାନ୍ତି ସଦା ସକଳ ସମ୍ପଦେ ।
ଭୀମ ସିଂହ ପ୍ରିୟା ଥିଲେ ମହିଷୀ ପଦ୍ମିନୀ,
ମହୀୟସୀ ସତୀ ପତି-ଚିତ୍ତବିନୋଦିନୀ ।
ଜୀବନେ ବା ସ୍ୱଭାବରେ ତାହାଙ୍କ ସହିତ,
ପଦ୍ମିନୀକ ତୁଳନାର ନ ହୁଏ ବିହିତ ।
ସେ ପଦ୍ମିନୀ ରଜନୀରେ ଥାଏ ମ୍ଳାନ ବହି,
ଏ ପଦ୍ମିନୀ ଦିବାରାତ୍ର ଥାନ୍ତି ଜ୍ୟୋତିର୍ମୟୀ ।
ସେ ପଦ୍ମିନୀ ହୃଦ ପେଣ୍ଡି ସେବଇ ସବିତା,
ଗୁଣ୍ଠୁବଶେ ହୁଏ ପୁଣି ଭ୍ରମରେ ସେବିତା ।
ଏ ପଦ୍ମିନୀ ହୃଦୟର ପ୍ରେମେ ଅଧିକାର,
ଏକା ଭୀମ ସିଂହ ବିନା ନ ଥାଏ କାହାର ।
ତାକୁ କେହି ନ ରଖନ୍ତି ନାଶେ ଯେବେ ହିମ,
ଏହାଙ୍କୁ ରଖନ୍ତି ସର୍ବ ବିପଦରୁ ଭୀମ ।
କେବଳ ମାର୍ଦ୍ଦବ କାନ୍ତି ମାଧୁରୀ ସୌରଭେ,
ସାମ୍ୟ ବହି ସେ ପଦ୍ମିନୀ ଫୁଟଇ ଗୌରବେ ।

ରାଜପୁରେ ପଦ୍ମିନୀଙ୍କ ସମ୍ପୂର୍ଣ୍ଣ କ୍ଷମତା,
ବିସ୍ତାରିତ କରିଥାଏ ବାତ୍ସଲ୍ୟ-ମମତା ।
ରୂପେ ତାଙ୍କ ପ୍ରମୋଦିତ ରାଣୀଙ୍କ ନବର,
ଗୁଣେ ହୁଏ ଆମୋଦିତ ଚିତୋର ନଗର ।
ଯଶ ହୋଇ ପ୍ରଭାବିତ ସମସ୍ତ ମିବାରେ,
ହୁଏ ପୁଣି ପ୍ରଧାବିତ ମହୀ ଭ୍ରମିବାରେ ।
ଶସ୍ତ୍ର ହୁଏ ଆଲୋକିତ ରାଣା ବୀରଗଣେ,
ଶାସ୍ତ୍ର ହୁଏ ଆଲୋକିତ ଶୁଦ୍ଧାନ୍ତ ପ୍ରାଙ୍ଗଣେ ।
ରାଜପୁରେ ହେଉଥାଏ ନିତି ରାମାୟଣ,
ପାଠ କରୁଥାନ୍ତି ତାହା ସ୍ଥବିର ବ୍ରାହ୍ମଣ ।
ଉଚ୍ଚାରି ସଂସ୍କୃତ ଶ୍ଳୋକ ସ୍ୱଭାଷାରେ ଅର୍ଥ,
ବୁଝାଇଦେବାରେ ଥାନ୍ତି ପାଠକ ସମର୍ଥ ।
ଯବନିକା ଅନ୍ତରାଳେ ପୁରବାମାଗଣ,
ବସି କରୁଥାନ୍ତି ସେହି ଶ୍ଳୋକାର୍ଥ ଶ୍ରବଣ ।
ବାଳକ ବାଳକାମାନେ ଥାଇ ତାଙ୍କ ପାଶେ,
ପରସ୍ପରେ ଲାଗିଥାନ୍ତି ସୁମଧୁର ହସେ ।
ବେଳେ ବେଳେ ନିଜ ପ୍ରଶ୍ନ ସମାଧାନ ପାଇଁ,
ଦେଉଥାନ୍ତି ଜନନୀଙ୍କ ଚିବୁକ ହଲାଇ ।
କାହିଁ ବା ସଙ୍ଗିନୀ ଯୁଗ ବସି ପରସ୍ପରେ,
ଆଳାପରେ ଲାଗିଥାନ୍ତି ଭିତରେ ଭିତରେ ।
ଦିନେ ପାଠସାରି ଉଠିଗଲାରୁ ବ୍ରାହ୍ମଣ,
ଆଲୋଚନାରତ ହେଲେ ପୁରାଙ୍ଗନାଗଣ ।
ପଦ୍ମିନୀଙ୍କି ପଚାରିଲେ ଲକ୍ଷ୍ମଣଙ୍କ ରାଣୀ,
"କାକି, ତୁମ୍ଭେ ଲଙ୍କା କଥା ସବୁଥିବ ଜାଣି ।
ଅଛନ୍ତି କି ରାଜା ରୂପେ ତହିଁ ବିଭୀଷଣ,
ଅଟନ୍ତି କି ରକ୍ଷଗଣ ବିକଟ ଭୀଷଣ ?
ହୋଇଛି କି ସ୍ୱର୍ଣ୍ଣକାନ୍ତେ ସେମାନଙ୍କ ଘର,
ତ୍ରାସନ୍ତି କି ରକ୍ଷେ ପାଶେ ହାବୋଡ଼ିଲେ ନର
ଦିବତର ସେତୁ ସତେ ଅଛି କି ସାଗରେ,
ଯିଲ ସେ ପଥେ କିବା ଆରୋହି ନାବରେ ?
ସୁବଳ ନାମରେ ଗିରି ଅଛି କି ତହିଁରେ,
ରହିଥିଲେ ରାମ ସୈନ୍ୟ ସହିତ ଯହିଁରେ ?
ମହାର୍ଣ୍ଣବ ବେଢ଼ିଛି କି ଲଙ୍କା ସମନ୍ତାତ,
ସ୍ନାନ କି କରନ୍ତି ତହିଁ ନିତି ତୁମ୍ଭ ତାତ ?

ସାଗର କେମନ୍ତ ଦିଶେ କେତେ ତହିଁ ଜଳ,
ଦିଶଇ କି ନାହିଁ ତାର ସେପାରି କି ସ୍ଥଳ ?"
ପଦ୍ମମା କହିଲେ ହସି ରାଣୀଙ୍କି ଉତ୍ତର;
"ବିଭୀଷଣ ନାମେ ତହିଁ ନାହିଁ ନରବର ।
ସେଠାରେ ଅମର ହୋଇ କେହି ରାଜପଣ,
କରୁଥିବା ନ ଜାଣନ୍ତି ପୁରବାସୀଗଣ ।
ନୁହନ୍ତି ସେଠାର ଲୋକେ ବିକଟ ଭୀଷଣ,
ଅଛନ୍ତି ସରଳ ନର ସୁଧର୍ମ୍ମଭୂଷଣ ।
ସୁବର୍ଣ୍ଣର କାନ୍ଥ ତହିଁ ନାହିଁ କାହା ଘରେ,
ଅଛି ଚୂନଲିପା କାନ୍ଥ ଦଗ୍ଧ ଇଷ୍ଟକରେ ।
ନ କରନ୍ତି କେହି ତହିଁ ମାନବ ଭକ୍ଷଣ,
ଜୀବହିଂସା ସେ ଦେଶର ଅଧର୍ମ୍ମ ଲକ୍ଷଣ ।
କିନ୍ତୁ ଶୁଣିଥିଲି ଏହି ଭାରତମଣ୍ଡଳ,
ଅସୁର-ବିପ୍ଳବେ ହୋଇଅଛି କଲବଲ ।
କେଉଁ ଦିଗୁଁ ଆସି ପରା ନିଶାଚରଗଣ,
ସୁନ୍ଦରୀ ଯୁବତୀ ଦେଖି କରନ୍ତି ହରଣ ।
ଭଙ୍ଗ ଦେଇଥାନ୍ତି ବଡ଼ ବଡ଼ ଦେବାଳୟ,
କରନ୍ତି ହରଣ ଦେବ ଧନରତ୍ନଚୟ ।
ସେ କଥା ଶ୍ରବଣେ ମୋର ଜନ୍ମିଥିଲା ଭୟ,
ଜନକ ଫେଡ଼ିଲେ ମୋର ସକଳ ସଂଶୟ ।
ବୋଇଲେ ଦେବତା, ନର, ନିଶାଚରମାନେ
ଜନ୍ମ ଲଭିଥାନ୍ତି ଧରାତଳେ ସବୁ ସ୍ଥାନେ ।
ଚକ୍ଷୁକୁ ଦିଶନ୍ତି ସର୍ବେ ମାନବ ଆକାର,
ଦିଏ ଜାତି ପରିଚୟ ତାହାଙ୍କ ଆଚାର ।
ଦୁଃଖ ସହି କରଇ ଯେ ଲୋକ ଉପକାର,
କରଇ ଲୋକଙ୍କୁ ନାନା ବିପଦୁ ଉଦ୍ଧାର,
ଉପାୟେ ଅର୍ଜନ କରିଦିଏ ପରଧନ,
ପରଦୁଃଖ ଧ୍ୱଂସି କରେ ସୁଖ ବରଧନ,
ଜ୍ଞାନ ଲଭି କରିଥାଏ ଜ୍ଞାନ ବିତରଣ,
ତା ଜୀବନ ଦେବତାଙ୍କ ଶୁଭାବତରଣ ।
ଯେଉଁ ଲୋକ ନ କରଇ ପର-ଅପକାର,
ପର ଦାରେ କରିଥାଏ ଜନନୀ ବିଚାର,
ଧର୍ମପଥେ ଥାଇ କରେ ଧନ ଅରଜନ,
ନ ବଳାଏ ମନ ତହିଁ ଗୃହିଁ ପରଧନ,
ଗୁରୁଜନେ ମାନ୍ୟ କରି କରିଥାଏ ଘର,
ଜ୍ଞାନୀ-ଜନ ଗୃହିଁ ସଦା କରେ ସମାଦର,
ପାପକର୍ମ୍ମେ ନିରନ୍ତର ଥାଏ ତାର ଡର,
ଚିହ୍ନିଥିବ ସେ ଲୋକଟି ପ୍ରକୃତରେ ନର ।
ପରଦୁଃଖ ଦେଖି ଯାର ମନେ ହୁଏ ସୁଖ,
ପରେ ଦୁଃଖ ପ୍ରଦାନେ ଯେ ନ ହୁଏ ବିମୁଖ,
ଅତ୍ୟାଚାର କରିଥାଏ ପର ନାଶି ପ୍ରୀତି,
ପରଧନ ଛଳେବଳେ ଗ୍ରହଣେ ଯା ମତି,
ପଙ୍କରେ ମହିଷ ପ୍ରାୟେ ପାପେ ଯେ ମଗନ,
ଭୀଷଣ ରାକ୍ଷସ ବୋଲି ସେ ଲୋକକୁ ଗଣ ।
ନ ଦିଶେ ସାଗର ଥିଲେ ମୋ' ପିତୃନଗରେ,
ମୋ ପିତା କରନ୍ତି ସ୍ନାନ ନଦୀ ତଡ଼ାଗରେ ।
ସେ ଦେଶରୁ ଏ ଦେଶକୁ ମୋର ଆସିବାର,
ସମୟରେ ପଡ଼ିଥିଲା ପଥେ ପାରାବାର ।
ଲଙ୍ଘିଲି କାନନ ଗିରି ସୁବଳ କୁବଳ,
ଚିହ୍ନିବାକୁ ନ ଥିଲା ମୋ ମନେ କୌତୂହଳ ।
ଯେତେବେଳେ ପ୍ରବେଶିଲି ପାରାବାରଶିରେ,
ଶିବିକାରୁ ଓହ୍ଲାଇଲି ନତମୁଖେ ଧୀରେ ।
ଯବନିକା ଅନ୍ତରାଳେ ସହଚରୀ କରେ,
କର ଦେଇ ନୀତ ହେଲି ରମ୍ୟ ଏକ ଘରେ
ସୁକୋମଳ ମଖମଲେ ଆସ୍ତୃତ ତା' ତଳ,
ଆସନ ହିଁ ଥିଲା ତହିଁ ସୁରମ୍ୟ କୋମଳ ।
ମଖମଲ ଭିତ୍ତିପଟେ ସୁବର୍ଣ୍ଣର ଲତା,
ରତ୍ନଫୁଲେ ବଢ଼ୁଥାଏ ତାର ମଞ୍ଜୁଳତା ।
ବର୍ଣ୍ଣ ଅନୁରୂପ ରତ୍ନ ବିରଚିତ ଅଙ୍ଗେ,
ସଜୀବତା ଭ୍ରାନ୍ତି ଦେଇ କ୍ରୀଡ଼ନ୍ତି ବିହଙ୍ଗେ ।
ଊର୍ଦ୍ଧ୍ୱପଟ ସେହିପରି ହେଲା ମନୋହର,
ମାଳ ମାଳ ଝୁଲୁଥାଏ ରତନ ଝାଲର ।
ଲମ୍ବିତ ରତନ ପୁଷ୍ପେ ଲମ୍ବିତ ଭ୍ରମରେ,
ପ୍ରଥମେ ମୁଁ ସତ୍ୟ ମଣିଥିଲି ତା' ଭ୍ରମରେ ।
ସୁଖାସନେ ବସି ତହିଁ ସଲଜ୍ଜ ନୟନେ,
ଅନାଇଲି ଭିତ୍ତିପଟେ ଗବାକ୍ଷ ଅୟନେ ।
ଜଳର ତରଙ୍ଗମାନ କରି କରି ନାଟ,
ଆସିଯାଇ କରୁଛନ୍ତି ବିଷମ ବିଭ୍ରାଟ ।

ଗୃହ କେଉଁଠାରେ ଥାଇ ଲୋକ ଏକ ଦଳ,
'ଜୟ ରାମଚନ୍ଦ୍ର' ନାଦେ କରନ୍ତି ଚହଳ ।
ଦୂରକୁ ଦିଶିଲା ନୀଳ ଅଚଳ କାନନ,
କ୍ଷୁଦ୍ର କ୍ଷୁଦ୍ର ବୃକ୍ଷ ତହିଁ ଲାଗିଥାଏ ଘନ ।
ଦୂରତରେ ଦୃଷ୍ଟ ହେଲା ଉଚ୍ଚ ପରବତ,
ଦୂରତମେ ନୀଳନଭେ ହେଲା ପରିଣତ ।
ସେହିପରି ଦୃଶ୍ୟ ପୁଣି ବିଲୋକିଲି ଥରେ,
ଅନ୍ୟ ପାଖ ଭିତ୍ତିପଟ୍ଟ ଗବାକ୍ଷ ପଥରେ ।
ମଧ୍ୟେ ମଧ୍ୟେ ଜଳୁ ଖଣ୍ଡେ ଖଣ୍ଡେ ପରବତ,
ଉପରକୁ କରିଥାନ୍ତି ମସ୍ତକ ଉନ୍ନତ ।
ଏକ ଦିଗେ ଏକ ମୁଖେ ବେଗେ ଥାନ୍ତି ଧାଇଁ,
ଆଚମ୍ବିତ ହେଲି ତାଙ୍କ ବ୍ୟଗ୍ରଗତି ଚାହିଁ ।
ନିକଟ ପ୍ରକୋଷ୍ଠେ ଥିଲେ ମହାରାଣୀ ବସି,
ମୋ ନିକଟେ ଉପଗତ ହୋଇ ହସି ହସି,
ବୋଇଲେ ସଖି ଗୋ ଏ ଯେ ଦେଖୁଛ ପର୍ବତ
ଏହା ରାମଚନ୍ଦ୍ରଙ୍କର ସେତୁବନ୍ଧ-ପଥ ।
ଏହି ପଥେ ରଘୁବେନ୍ଦ୍ର ଲଙ୍ଘି ପାରାବାର,
ନାଶିଲେ ରାବଣ ସହ ତା'ର ପରିବାର ।
ବାହୁଡ଼ିଲେ ସୀତା ଘେନି ପୁଷ୍ପକ ରଥରେ,
ସୈନ୍ୟ ସହ ଅଯୋଧ୍ୟାକୁ ପୁଷ୍କର ପଥରେ ।
ଆଜି ମୁହିଁ ଭାଗ୍ୟବଳେ ତୁମ୍ଭ ସଙ୍ଗ ଲଭି,
ରାଘବେନ୍ଦ୍ର ଗଉରବେ ହୋଇଛି ଗୌରବୀ ।
ସେ ବଚନେ କରି ମୁହିଁ ତଳକୁ ବଦନ,
ନିଜ ଭାଗ୍ୟ ବାଖାଣିଲି ବିକାଶି ରଦନ ।
ଜାଣି ମୋ ଆକାଂକ୍ଷା ପୁଣି କଥା ଆକର୍ଣ୍ଣନେ,
ଲାଗିଲେ ନରେଶ ସେତୁ ବିଷୟ ବର୍ଣ୍ଣନେ ।

ବୋଇଲେ ସୁଶୀଲେ, ଖଣ୍ଡ ଖଣ୍ଡ ପରବତ,
ମଜ୍ଜି ଅଛି ମଧ୍ୟେ ମଧ୍ୟେ ସେତୁବନ୍ଧ-ପଥ ।
ଥିଲା ଉଚ୍ଚ ବାଲି ମାଟି ପାଦପ ପଥରେ,
ଭାଙ୍ଗିଯାଇଅଛି ସିନ୍ଧୁତରଙ୍ଗାଘାତରେ ।
ଯୁଗେ ଯୁଗେ କ୍ରମେକ୍ରମେ ଧୋଇ ଧୋଇ ତନୁ,
ହୋଇଛି ସାଗର-ସାତ ସେତୁବନ୍ଧ-ତନୁ ।
ତନୁ ଗଲେ କିସ ହେଲା ବଢୁଛି ଗୌରବ,
ଏହି ରୂପେ ବଢ଼ିଥାଏ ଆଦର୍ଶ ପୌରବ ।
ତାଙ୍କ ସେ ବଚନ ଶୁଣି ମୁଁ ହୋଇ ଲଜ୍ଜିତ,
ଆନନ୍ଦ-ସାଗରେ ହୋଇଗଲି ନିମଜ୍ଜିତ ।
ପିତାପୁରେ ମୋର ମଧ୍ୟ କରିଛି ଶ୍ରବଣ,
ଏହିପରି ପଣ୍ଡିତଙ୍କ ମୁଖୁଁ ରାମାୟଣ ।
ତହିଁ ଯାହା ହୋଇଅଛି କଳିକା ଆକାର,
ଏଥି ଫୁଟି କରୁଅଛି ସୌରଭ ପ୍ରସାର ।
ସେତୁ ଚିହ୍ନ ଗିରି ମାନ ମୋ' ନେତ୍ର-ପଥିକ,
ଶ୍ରୁତିପ୍ରୀତିକର ଆଉ ଯେସବୁ ଅଧିକ ।
ସେ ଦେଶେ ମିଳଇ ବହୁ ନାରିକେଳ ଫଳ,
ଏ ଦେଶରେ ବଟତରୁଚ୍ଛାୟା ସୁଶୀତଳ ।
ଶୁଣି ରାଣୀ ହସିହସି ବୋଇଲେ, "ଗୋ କାକ,
ହାସ୍ୟଧର କଥା ଏବେ ରହିଗଲା ବାକି ।"
ପଦ୍ମିନୀ ବୋଇଲେ, "ତୁମ୍ଭେ ଶୁକରସିକାର,
ବିଷୟ ବର୍ଣ୍ଣିବା ପାଇଁ କରିଛ ସ୍ୱୀକାର ।
କହିବ କାଲିକି" ବୋଲି ଉଠି ହସି ହସି,
ଚାଲିଗଲେ ସ୍ୱ-ସଦନେ ପରମ ରୂପସୀ ।
ରାଣୀ ହସି ଉଠିଗଲେ ସ୍ୱକୀୟ ସଦନ,
ସେହିରୂପେ ହସି ଗଲେ ଅନ୍ୟ ବାମାଗଣ ।

## ଦ୍ୱିତୀୟ ସର୍ଗ

ଭାରତର ରାଜଧାନୀ ଦିଲ୍ଲୀ ସିଂହାସନେ,
ଯବନସମ୍ରାଟ ରାଜେ ମଦମତ୍ତ ମନେ ।
ଅଭିହିତ ହୁଏ ଅଲ୍ଲାଉଦ୍ଦୀନ ନାମରେ,
ଅଧମ ପ୍ରବୃତ୍ତି ପୋଷେ ହୃଦୟ-ଧାମରେ ।
ଜୀବନେ ପୂରିଛି ତାର ଅଧର୍ମ-ତିମିର,
ତାରକା ସଦୃଶ ରତ୍ନେ ମଣ୍ଡିତ ଶରୀର ।

ମାନସ ହୋଇଛି ତାର ଅମାବାସ୍ୟା-ତିଥି,
ବୁଡ଼ିଛି ବିବେକ ରୂପ ସହସ୍ର-ଦୀଧିତି ।
ତହିଁ ସଙ୍ଗେ ଯାଇଅଛି ନ୍ୟାୟ କଳାକର,
ପ୍ରତାପ ନିଦାଘ ତାର ଦୁର୍ଦ୍ଧମ ପ୍ରଖର ।
ଲାଗିଛି ତା ଦ୍ୱେଷାନଳ ଆର୍ଯ୍ୟ-କୁଳାଚଳେ,
ପଡ଼ିଛି ସଚ୍ଛାସ୍ତ୍ର-ଫୁଲ ତାହାର କବଳେ ।
ନୀଚ ଲୋକ ପାଏ ଯଦି ବଡ଼ ଅଧିକାର,
ନ ଥାଏ ତା ପାପ ପୁଣ୍ୟେ ବିବେକ ବିଚାର ।
ଜଲାଲଉଦ୍ଦୀନ ଥିଲେ ଦିଲ୍ଲୀ ଅଧୀଶ୍ୱର,
ଏ ଆଲ୍ଲାଉଦ୍ଦୀନ ଥିଲା ଦାସ ତାହାଙ୍କର ।
ଖଳମତି କୁପ୍ରବୃତ୍ତି କରି ବଳବତୀ,
କଉଶଳେ ହୋଇଗଲା ରାଜ ସେନାପତି ।
ପବନକୁ ଲୋଡ଼ୁଥାଏ ଯେମନ୍ତ ଅନଳ,
ଯବନସମ୍ରାଟ ତାକୁ ପାଇଗଲେ ବଳ ।
ସେ ପବନ ଆଣେ ଯେବେ ପ୍ରବଳ ବରଷା,
ନ ଭାବିଲେ ଅନଳର ହୁଏ ଯେଉଁ ଦଶା ।
ଦାକ୍ଷିଣାତ୍ୟ ଦେବଗିରି ଲୁଣ୍ଠନ କାରଣେ,
କଲେ ଆଲ୍ଲାଉଦ୍ଦୀନକୁ ସମ୍ରାଟ ପ୍ରେରଣ ।
ଦେବଗିରି ଲୁଟି ଘେନି ଧନରତ୍ନରାଶି,
ବାହୁଡ଼ିଲା ଅଲ୍ଲା ପଦ-ମଦ-ସ୍ରୋତେ ଭାସି ।
ସେହି ଧନରତନକୁ ଗ୍ରାସିଲା ତା' ଲୋଭ,
କିନ୍ତୁ ରାଜପ୍ରାପ୍ୟ ବୋଲି ଆକ୍ରମିଲା କ୍ଷୋଭ ।
ଲୋଭ ସଙ୍ଗେ ମିଶି ତାର କପଟ କୌଶଳ,
ସହଜେ ବଢ଼ାଇଦେଲା ପାପବୃଦ୍ଧି ବଳ ।
ବିଶ୍ୱାସଘାତକ ପୁଣି ପ୍ରଭୁର ଘାତକ,
ହେବା ପାଇଁ ଶିକ୍ଷାଦେଲା ତାହାକୁ ପାତକ ।
ବୋଇଲା ସମ୍ରାଟ ତୁଳେ କ୍ଷୋଭ କରି ନାଶ,
ରାଜଲକ୍ଷ୍ମୀ-କୋଳେ କର ସ୍ୱାଧୀନ ବିଳାସ ।
ସେ ମୋହନେ ମଜ୍ଜି ଅଲ୍ଲା ବ ହୁଡ଼ିବା ପଥେ,
ଭାବିଲା ରତନ ଯେତେ ଅଛି ମୋର ହସ୍ତେ ।
କେତେ ବଳେ ଛଳେ ଏହା କରିଛି ଅର୍ଜ୍ଜନ,
ଯଦ୍ୟପି କରିବି ରାଜଭଣ୍ଡାରେ ଅର୍ପଣ,
ଘରେ ବସି ବୃଦ୍ଧ ରାଜା ଭୋଗିବ ସକଳ,
ତା'ପରେ ଭୋଗିବ ତାର କୁମର କେବଳ ।
ଯେତେ ରତ୍ନ ଦେଖି ନାହିଁ ବୃଦ୍ଧ ସ୍ୱ-ଜୀବନେ,
ମୋ ଭୁଜ ବିକ୍ରମେ ଆଜି ଲଭିବ ଭବନେ ।
ନିଜେ ଯଦି ଯାଇଥାନ୍ତା ଏ ଧନ ଲୋଭରେ,
ନିଶ୍ଚେ ପ୍ରାଣ ଦେଇଥାନ୍ତା ପରିପନ୍ଥୀ କରେ ।
ଯଦିବା ନ ମରିଥାନ୍ତା ଅନ୍ତିମ ସମୟ,
ନିକଟ ହେଲାଣି ଆସି ଅଶୀ ବର୍ଷ ବୟ ।
ଅଳ୍ପଦିନେ ସିଂହାସନେ ବସିବ ତା' ସୁତ,
ସହଜେ ପାରିବ କରି ମୋତେ ପଦଚ୍ୟୁତ ।
ମୋ' ଅର୍ଜିତ ଧନରତ୍ନେ ବସି କରି କ୍ରୀଡ଼ା,
ପ୍ରଭୁ ହୋଇ ମୋ ଜୀବନେ ଦେଉଥିବ ବ୍ରୀଡ଼ା
ମୂର୍ଖ ହେଉ, ପାପୀ ହେଉ ରାଜାର ନନ୍ଦନ,
ସିଂହାସନେ ବସି ହୁଏ ଜଗତବନ୍ଦନ ।
ଥାଉଁ ଥାଉଁ ନିଜ ବୁଦ୍ଧିବଳ ବାହୁବଳ,
ପ୍ରଜାରୂପେ ହେଉଥାଏ ନର କଳବଳ ।
ସର୍ବ ଦଳବଳ ଆଜି ମୋର ଆଜ୍ଞାଧୀନ,
କାଲି ପୁଣି ହୋଇଯିବ ଭୃତ୍ୟଠାରୁ ହୀନ ।
କି କରିପାରିବ ବୃଦ୍ଧ ନ ଦେଲେ ଏ ଧନ,
ଏହି ଧନବଳେ ତାର ସାଧିବି ନିଧନ ।
ଏହିଠାରେ ଅଛି ମୋର ପୂର୍ଣ୍ଣ ପରାକ୍ରମ,
ଦିଲ୍ଲୀ ଗଲେ ପଣ୍ଡ ହେବ ମୋ' ସକଳ ଶ୍ରମ ।
ଏହିଠାରେ ମୋ ଉପରେ ସ୍ୱାମୀ ନାହିଁକେହି,
ଦିଲ୍ଲୀ ଗଲେ ଭୃତ୍ୟ ହେବି ଧନରତ୍ନ ଦେଇ ।
କାଳ ଜାଣି କର୍ମ କଲେ ଫଳଇ ସୁଫଳ,
ସବୁବେଳେ ନ ପାରଇ ରହି ଭାଗ୍ୟବଳ ।
ମୋହଠାରେ ଅଛି ଆଜି ଯେଉଁ ଧନପଣ,
ଛାଡ଼ିଲେ ହସିବେ କାଲି କାପୁରୁଷଗଣ ।
ଜନମି ନ ଥାଏ କେହି ରାଜଛତ୍ର ଧରି,
ପରାକ୍ରମୀ ଗୃହେଁ ନିଏ ରାଜଲକ୍ଷ୍ମୀ ବରି ।
ଜଲାଲର କେଉଁ ବାପ ଥିଲା ରାଜପଦେ,
ସେ ତ ଦିଲ୍ଲୀ ଦଖଳିଅଛି ଆସି ଆଜି ପଦେ ।
କପଟେ କାଇକୋବାଦେ ଦେଇ ବିଷାସନ,
ଭୃତ୍ୟ ଥିଲା, ମାଡ଼ି ବସିଅଛି ସିଂହାସନ ।
ପର ରାଜ୍ୟ ବଳେ ନେଲେ କିଛି ନାହିଁ ପାପ,
ସୁଯୋଗ ଛାଡ଼ିଲେ ପରେ ମିଳଇ ସନ୍ତାପ ।

ଯାର ବେଶୀ ପରାକ୍ରମ ରାଜ୍ୟ ହିଁ ତାହାର,
ସିଂହ କରିଦିଏ ବନୁ ବ୍ୟାଘ୍ରକୁ ବାହାର ।
ରାଜଲକ୍ଷ୍ମୀ ନ ବାଛଇ ପାପୀ ପୁଣ୍ୟବାନ,
ପ୍ରଚଣ୍ଡ ଯା ଖଡ୍‌ଗ ତାର ଅଙ୍ଗେ କରେ ସ୍ଥାନ।
ସମ୍ରାଟ ଶ୍ୱଶୁର ମୋର ତହିଁ ପିତୃଭ୍ରାତା,
ମୁଁ ଖଡ୍‌ଗ ଧଇଲେ ତାର ନଥିବ କେଦାତା
ଜାତି ବନ୍ଧୁ ନାଶେ ନାହିଁ ବୀର ଧର୍ମେ ଦୋଷ
ତହିଁପାଇଁ ରାଜଲକ୍ଷ୍ମୀ ନ କରନ୍ତି ରୋଷ ।
ପିତୃବ୍ୟ ମାତୁଳ ଗୁରୁ ପିତାମହ ନାଶି,
ହୁଅନ୍ତି ଭାରତେ ରାଜଲକ୍ଷ୍ମୀ-ଅଭିଳାଷୀ ।
ଆଜ ରାଜଲକ୍ଷ୍ମୀଙ୍କର ମୋହନ ମନ୍ତର,
ଶ୍ରବଣେ ମୋହର ପଡ଼ୁଅଛି ନିରନ୍ତର ।
ଭାଗ୍ୟେ ଯାଇଥିଲି ଦେବଗିରି ଆକ୍ରମଣେ,
ଭାଗ୍ୟେ ନ ପଡ଼ିଲି ରବି-ସୁତ ସଂକ୍ରମଣେ ।
ଭାଗ୍ୟ ମୋର ହୋଇଅଛି ଉଜ୍ଜ୍ୱଳ ଉଦୟ,
ନ ପାରିବ ହେଳା ଏହି ଭାଗ୍ୟର ସମୟ ।
ନ ଛାଡ଼ିବ ଧନ ରତ୍ନ ନେବ ରାଜପଣ,
ନିଜେ ଆସି ମରୁ ବୃଦ୍ଧ ସମ୍ରାଟ ଆପଣ ।
ଜାଣଇଁ ମୁଁ ବୃଦ୍ଧ ନୃପ ଅତିବ କୃପଣ,
ସେହିପରି ଲୁବ୍‌ଧ ହୁଏ ଗୃହିଁ ପରଧନ ।
ତା' ଲୋଭ-ଗରଭେ ଧନ ପୂରାଇବା ପାଇଁ,
ହୋଇଅଛି ସିନା ମୁହିଁ ପଦ-ମଦ୍ୟପାୟୀ ।
କହନ୍ତି ଲୋଭରୁ ପାପ, ପାପରୁ ମରଣ,
ହେଉ ବୃଦ୍ଧ ନରପତି ତା' ଉଦାହରଣ ।
କେତେ ଲୋକ ନଷ୍ଟହେଲେ ତା' ଲୋଭର ଲାଗି,
ମରୁ ବୃଦ୍ଧ ହୋଇ ଏବେ ସେ ପାପର ଭାଗୀ ।
ଲୁବ୍‌ଧକର ଘଣ୍ଟି ନାଦେ ମୁଗ୍‌ଧ ମୃଗ ପରି,
ମଧୁର ବଚନେ ତାକୁ ଦିଏଁ ଲୁବ୍‌ଧ କରି ।
ବଡ଼ିଶର ଖାଦ୍ୟ କରେ ମୀନ ଆକର୍ଷଣ,
ଭଲ ରତ୍ନ କିଛି ଦିଏ ଉପଢଉକନ ।
ନାଦ ସ୍ୱାଦ ମୋହେ ଧାଇଁ ଆସୁ ମୋର ପାଶ,
ଏଥରେ ଲଗାଇ ଦେବ ଶମନର ପାଶ ।
ଏହିରୂପେ ଭାବି ନିଜ ପୀଡ଼ା କରି ଛଳ,
ଲେଖିଲା ପତର ବୃଦ୍ଧ ସମ୍ରାଟକୁ ଖଳ ।

"ହେ ମହାମହିମ ଦେବ ଦିଲ୍ଲୀ ଅଧୀଶ୍ୱର,
ଅଧୀନ ମୁଁ ହେଉ ତୁମ୍ଭ ଶୁଭାଶିଷ ବର ।
ଜୟ ଆଶେ ଦାକ୍ଷିଣାତ୍ୟ କରି ଅଭିଯାନ,
ଚୂର୍ଣ୍ଣ କଲି ଦେବଗିରି-ପତି ଅଭିମାନ ।
ଦୁର୍ଗଦେବୀ ଧରିଥିଲା ଯେ ଅବଗୁଣ୍ଠନ,
ବଳେ ଫେଇ କଲି ତାର ଭୂଷଣ ଲୁଣ୍ଠନ ।
ବିବିଧ ଭୂଷଣପୂର୍ଣ୍ଣ ବିବିଧ ରତନେ,
ଶ୍ରୀମୁକୁ ନେଉଛିଁ ସବୁ ଅତିବ ଯତନେ ।
କିନ୍ତୁ ଦେବ ଲେଖିବାକୁ ହେଉଛି ବ୍ରୀଡ଼ିତ,
ଯାଇପାରୁ ନାହିଁ ପଥେ ହେବାରୁ ପୀଡ଼ିତ ।
ସାମନ୍ତସକଳ ଏଣେ ଲୋଭେ ଭରି ମନ,
ରତ୍ନ ବାଣ୍ଟି ଦିଅ ବୋଲୁଛନ୍ତି ଘନ ଘନ ।
ସେନା ତ ଅଛନ୍ତି ଏଥି, ଏକା କରି ବଜେ,
ରତ୍ନରାଶି ହସ୍ତଗତ କରିନିଅ ନିଜେ ।
ରତ୍ନ ଫୁଲ ସବୁ ବଡ଼ କଷ୍ଟେ ଅବଚିତ,
ବିଳମ୍ବିଲେ ହୋଇପାରି ଲୋଭରୁ ବଞ୍ଚିତ ।
ପୋଷିଛି ଦାସକୁ ଦେବ ଦେଇ ବରତନ,
ପେଟିଲେ ଲୁଚାଇ ତେଣୁ ଲୋଡୁଏ ରତନ ।
ଅଶେଷ ରତନ ଅଛି ରାଜପ୍ରାପଣୀୟ,
ଜଣାଇଲି ଲେଖି ପତ୍ର ଅତି ଗୋପନୀୟ ।"
ପତ୍ର ସହ ପଠାଇଲା କେତେକ ରତନ,
ଲୋଭେ ଯହିଁ ମଜ୍ଜିଯିବ ସମ୍ରାଟର ମନ ।
ସମ୍ରାଟ ରତନ ସହ ପତ୍ରଟିକୁ ପାଇ,
ମୁଗ୍‌ଧ ଲୁବ୍‌ଧ ହୋଇଗଲେ ଅଶ୍ୱଚଢ଼ିଧାଇଁ ।
ପ୍ରବେଶିଲେ ଯାଇ ଅଲ୍ଲାଉଦ୍ଦୀନ ଶିବିର,
ଥିଲା ତହିଁ ଗୁପ୍ତ ରିପୁ ଧର୍ମଧ୍ୱଂସୀ ବୀର ।
ସାଦରେ ବସାଇ ଅଲ୍ଲା ରମ୍ୟ ସିଂହାସନେ,
ଭୁଲାଇଲା ସମ୍ରାଟକୁ ମଧୁର ଭାଷଣେ ।
ଯେଉଁରୂପେ ଦେବଗିରି ଦୁର୍ଗ କଲା ଜୟ,
ବର୍ଣ୍ଣିଲା ସକଳ ହୋଇ ପ୍ରଫୁଲ୍ଲ ହୃଦୟ ।
ପ୍ରଚଣ୍ଡମୂରତି ହେଉ ହୋଇ ଅବିନୟ,
ଉଲଙ୍ଗ ଖଡ଼ଗ ଧରି କଲା ଅଭିନୟ ।
ବୋଲି ଏହିରୂପେ କଲା ପରିପନ୍ଥୀ ନାଶ,
ଛେଦିଲା ସମ୍ରାଟ ଶିର ମନୁ ତେଜି ତ୍ରାସ ।

ଯେ ଖଡ଼ଗ ଥିଲା ତାର ପ୍ରଭୁର ପ୍ରସାଦ,
ସେ ଖଡ଼ଗେ ଘଟାଇଲା ପ୍ରଭୁର ପ୍ରମାଦ ।
ପ୍ରଭୁର ଭକତ ଲୋକେ ହୁଅନ୍ତି ଜଗତେ,
ଅଭିଷିକ୍ତ ହେଲା ଆଲ୍ଲା ପ୍ରଭୁର ରକତେ ।
ସୈନ୍ୟ ସହ ଆସି କରି ଦିଲ୍ଲୀ ଅଧିକାର,
ଭରିଅଛି ହୃଦୟରେ ସବୁ ଅବିଚାର ।
ଗୁର୍ଜ୍ଜରମହିଷୀ କରି ପ୍ରୀତି ଉଚ୍ଚାରଣ,
ନିର୍ବିକାରେ କରୁଛନ୍ତି ତା' ପଦସେବନ ।
ରତନ ପ୍ରଭାରେ ତାର ପୁର ଆଲୋକିତ,
ବ୍ୟସନ ସମ୍ଭାରେ ସଦା ହୁଏ ଆଲୋଡ଼ିତ ।
ବିବିଧ କୁସୁମେ ପୁର ହୋଇ ସୁବାସିତ,
ଗଣିକା ଗାୟନେ ହେଉଅଛି ଉଦ୍ଭାସିତ ।
ପିଞ୍ଜରସ୍ଥ ପକ୍ଷୀ ଶିଖି କରି ଉଚ୍ଚ ତାନ,
ପୁନଃ ପୁନଃ କରୁଅଛି ପ୍ରେମଗୀତ ଗାନ ।
ଥରେ ରତ୍ନଭୂଷା ଥରେ କୁସୁମ ଭୂଷଣେ,
ବାମାବୃନ୍ଦ ଲାଗିଛନ୍ତି ନୟନ ତୋଷଣେ ।
ଦୁର୍ଲ୍ଲଭ ପଦାର୍ଥ ଯେତେ ହେଉଅଛି ଲଭ,
ସମ୍ରାଟ ହୃଦୟୁ ତେତେ ମିଶୁଛି ଅଭାବ ।
ଯେତିକ ବ୍ୟସନ ରସ କରୁଛି ସମ୍ଭୋଗ,
ତେତିକ ବଢ଼ୁଛି ତାର ଅସନ୍ତୋଷ ରୋଗ ।
ଯାହା ଥରେ ମଞ୍ଜୁମଣି ରଖଇ ଆଦରେ,
ଦୁଇ ଦିନ ପରେ ତାକୁ ପେଲଇ ପାଦରେ ।
ଭୋଗକରି ଉଚ୍ଚ ଗୃହ୍ଟୁ ଭାରତୀ ଆସବ,
ପ୍ରମୋଦେ ମିଶୁଛି ନିଜେ ଭାରତ-ବାସବ ।
ଛଳ ବଳ କଉଶଳେ ପ୍ରବଳ ଓଜରେ,
ଦିଗ୍ବିଜୟୀ କାହାକୁ ଆଉ ନ ଆଣେ ନଜରେ ।
ଶୁଣିଲା ସୁନ୍ଦରୀ ଏକ ଚିତୋର ନଗରେ,
ବିରାଜୁଛି ପୁରନ୍ଦରୀ ପରି ସ୍ୱରଗରେ ।
ସୁନ୍ଦରୀଏ ପରଶଂସି ବୋଲନ୍ତି ତା' ରୂପ,
ସିନ୍ଧୁ ହେଲେ ଅପରଙ୍କ ଶୋଭା ହେବ କୂପ ।
ଭିନ୍ନ ଭିନ୍ନ ଶୋଭା ଯେତେ ଜଗତେ ଅତୁଳ,
ସୁକୁମାର ଅଙ୍ଗେ ତାର ହୋଇଛନ୍ତି ଠୁଳ ।
ରତନମାନର କାନ୍ତି ଜ୍ୟୋତିଷ୍କଙ୍କ ପ୍ରଭା,
ଅନୁରୂପ ସ୍ଥାନେ ବସି କରିଛନ୍ତି ସଭା ।
ପୁଷ୍ପଙ୍କ ମାଧୁରୀ ଇନ୍ଦ୍ରଧନୁର ବରଣ,
ଫୁଟି ଉଠିଛନ୍ତି ଲଭି ତା ଅଙ୍ଗେ ଶରଣ ।
ବରଞ୍ଚ ସେମାନେ ଥିଲେ ନିର୍ଜୀବ ନିର୍ବଳ,
ଅଙ୍ଗେ ତାର ହୋଇଛନ୍ତି ସଜୀବ ଉଜ୍ଜ୍ୱଳ ।
କଉଣସି ବର୍ଣ୍ଣ ରଖି ନାହିଁ ନିଜ ଜାତି,
ଏକ ବର୍ଣ୍ଣେ ମିଶିଅଛି ଅନ୍ୟ ବର୍ଣ୍ଣ ଭାତି ।
ପରସ୍ପର ଜ୍ୟୋତି କରି ଆଦାନ ପ୍ରଦାନ,
ଏକତା-ବନ୍ଧନେ ହୋଇଛନ୍ତି ପ୍ରାଣବାନ ।
ଯେଉଁରୂପେ ପଞ୍ଚଭୂତ ହେଲେ ସମ୍ମିଳିତ,
ଉଠଇ ଜୀବନ ତହିଁ ହୋଇ ସଞ୍ଚରିତ ।
ଜୀବନ୍ତ କେବଳ ତାର ଅଙ୍ଗେ ହୋଇ ପୂରି,
ଉଜ୍ଜ୍ୱଳ ହେଉଛି ସର୍ବ ଅବୟବେ ପୂରି ।
ରୂପ ଅନୁସାରେ ବାମା ସଦ୍‌ଗୁଣସକଳ,
ପରସ୍ପର ସମ୍ମିଶ୍ରଣେ ଅଛନ୍ତି ସବଳ ।
ଦୟା ତାର ବୋଲେ ଯେବେ ଦୁଃଖିଦୁଃଖହର
କ୍ଷମା ବୋଲିଥାଏ ଦୋଷ ମନରେ ନ ଧର ।
ଦୁହିଁଙ୍କ ବଚନ-ରସେ ସ୍ନିଗ୍ଧ ହୋଇ ମନ,
କରୁଥାଏ ସଦା ଲୋକ ମଙ୍ଗଳସାଧନ ।
ମଧୁର କୋମଳ ତାର, ସତ୍ୟ ସୁବଚନ,
କର୍ଣ୍ଣେ ପଡ଼ି ପ୍ରାଣେ କରେ ଅମୃତ ସେଚନ ।
ଯେ ଥରେ ଶୁଣିଛି ତାର ଆହ୍ଲାଦିନୀ ବାଣୀ,
ସେ ବୋଲୁଛି ମୂର୍ତ୍ତିମତୀ ବାଗ୍‌ଦେବୀ ସେ ରାଣୀ
ଯେ କେହି ଯାହାକୁ ଥରେ କରିଛି ଦର୍ଶନ,
ବୋଲୁଛି ହୋଇଛି ନେତ୍ରେ ପୀୟୂଷ ବର୍ଷଣ
ନେତ୍ର ଦେଇ ତା ପ୍ରାଣକୁ ସୁଖ ଉପହାର,
ଲଭୁଅଛି ଉଚ୍ଚ ଧନ୍ୟବାଦ ବାରମ୍ବାର ।
ବହୁମୁଖୁଁ ପଦ୍ମିନୀର ପ୍ରଶଂସା ଶ୍ରବଣେ,
ଲାଳସା ଉଠିଲା ବଢ଼ି ଯବନ ଜୀବନେ ।
ଭାବିଲା ଯା' ରୂପ ଗୁଣ ଏତେ ପ୍ରଶଂସିତ,
ସମ୍ରାଟ ମୁଁ କପାଁ ହେବ ତା ଭୋଗେ ବଞ୍ଚିତ ।
ଯେତେବେଳେ ଯାହା ମୋର ବାଞ୍ଛିଅଛି ମନ,
ତେତେବେଳେ କରିଅଛି ସେ କର୍ମ୍ମ ସାଧନ ।
ବିଷ ଥିଲା ବିଷ ପୁଣି ହୋଇଅଛି ଆଜି,
ଭାଗ୍ୟ ସଦା ରହିଅଛି ମୋ କଥାରେ ରାଜି ।

ଥିଲି ଯବନେ ଜଲାଲର, ସାମାନ୍ୟ ଚାକର
ଯତ୍ନବଳେ ଲଭି କଲି ତା' ଦୁହିତା-କର ।
ଯତ୍ନବଳେ ହେଲି ପୁଣି ତା'ର ସେନାପତି,
ପୁଣି ଯତ୍ନେ ଆଣିଅଛୁଁ ତା' ମସ୍ତକ ଛିଡି ।
ଯତ୍ନବଳେ ରତ୍ନ ମିଳେ ଧ୍ରୁବ ସତ୍ୟ କଥା,
ଯତନ ବିହୀନ ଲୋକ ବସି ଭୋଗେ ବ୍ୟଥା ।
ଶାସ୍ତ୍ରେ ମୋର ଲେଖା ନାହିଁ ଧରମାଧରମ,
ଯହିଁ ଲାଭ ତାହା ମୋର କର୍ତ୍ତବ୍ୟ କରମ ।
ପଦ୍ମିନୀ ଲଭିବା ନୁହେ ମୋ' ପକ୍ଷେ କଠିନ,
ଭାରତ ଭୂପତିବୃନ୍ଦ ମୋ ଆଜ୍ଞା ଅଧୀନ ।
ଦେବଗିରି ଆଣିଅଛୁଁ ନିଜ ଅଧିକାରେ,
କନୌଜ ରହିଛି ମୋର ଚିତ୍ତ ତୋଷିବାରେ ।
ଗୁର୍ଜ୍ଜରୁ ଆଣିଛିଁ ରାଜ ସ୍କନ୍ଧରୁ କମଳା,
ତହିଁ ସଙ୍ଗେ ରାଜ ଅଙ୍କଶୋଭିନୀ କମଳା ।
ଅବଶିଷ୍ଟ ଅଛି ଏବେ ଚିତୋର ପଦ୍ମିନୀ,
ଯତନେ କରିବ ତାକୁ ଚିତ୍ତର ମୋହିନୀ ।
ତଦୁଦ୍ଦେଶରେ ନେଇ ସବୁ ଚିତୋର ସମ୍ବାଦ,
ଭାବିଲି ଉଚିତ କିନା ପ୍ରଥମେ ବିବାଦ ।
ସ୍ଥିର କଲି ନ ଫଳିଲେ ଛଳ କଉଶଳ,
ଅବଶେଷେ ପ୍ରକାଶିବ ଭୁଜଦଣ୍ଡ ବଳ ।
ଯେ ମନ୍ତ୍ରେ କରୁଛି ଦିଲ୍ଲୀ ରାଜଲକ୍ଷ୍ମୀ ଭୋଗ,
କରିବ ଚିତୋର ଲକ୍ଷ୍ମୀ ପାଇଁ ତା' ପ୍ରୟୋଗ ।
ଏବେ ସନ୍ଧି ଦେଇ ବହୁ ରମ୍ୟ ଉପହାର,
ଚିତୋରକୁ ଅବିଳମ୍ବେ ପଠାଇଲି ଚାର ।

# ତୃତୀୟ ସର୍ଗ

ଆନନ୍ଦ ବିରାଜୁଅଛି ଚିତୋର ନଗରେ,
ଉଡ଼ୁଛି ବିଜୟବାନା ପ୍ରାସାଦ-ଶିଖରେ ।
ପରାଭବ ଲଭିକରି ନିକଟେ ଗୁର୍ଜ୍ଜର,
ପ୍ରଭାବ ବଢ଼ାଇଅଛି ଚିତୋର ଦୁର୍ଗର ।
ନିକଟେ ବସିବ ଏକ ଉଚ୍ଚ ଦରବାର,
ଯୋଗାଡ଼ ହେଉଛି ତାର ସକଳ ସମ୍ଭାର ।
ଯାହାର ଯେପରି ଅଛି ସୁପୁରୁଷକାର,
ମିଳିବ ତାହାକୁ ସେହିପରି ପୁରସ୍କାର ।
ନବ ନବ ପରିଚ୍ଛଦ ସମସ୍ତଙ୍କ ପାଇଁ,
ନାନାବିଧ ବସନରେ ହେଉଛି ସିଲାଇ ।
ସୁମାର୍ଜ୍ଜିତ ହେଉଅଛି ରତ୍ନସିଂହାସନ,
ବ୍ୟସ୍ତ ରହିଛନ୍ତି ତହିଁ ରତ୍ନଶିଳ୍ପିଗଣ ।
ରତ୍ନମୟ ଛତ୍ର ରତ୍ନଦଣ୍ଡ ମନୋହର,
ରତନଖଚିତ ସ୍ୱର୍ଣ୍ଣ ମୁଷ୍ଟିକ ଚାମର ।
ସ୍ୱର୍ଣ୍ଣମୟ ଟେରସନ ଶର କରବାଳ,
ମୁଦ୍‌ଗର ପରିଘ ଛୁରୀ ଢାଲ ଭିନ୍ଦିପାଳ,
ଯାହା ଯାହା ମୁଷ୍ଟିଅଛି ସୁବର୍ଣ୍ଣ ଜଡ଼ିତ,
ଯହିଁ ଯହିଁ ହୋଇଅଛି ରତନ ଖଚିତ,
କରାଯାଉଅଛି ସବୁ ମାର୍ଜ୍ଜନେ ଉଜ୍ଜ୍ୱଳ,
ଭିନ୍ନ ହେଉଅଛି ଖୋଲୁଁ ଜୀର୍ଣ୍ଣ ମଖମଲ ।
ଲାଗିଛନ୍ତି ପୁଣି ରାଜଦରବାରୀ ଦଳ,
ସାଜିବାରେ ନିଜ ନିଜ ପୋଷାକ ସକଳ ।
ନାହିଁ ତହିଁ ଧନବଳ ଅଭାବ ବିଚାର,
ପୋଷାକେ ଯେମନ୍ତ ହେବ ପ୍ରଭାବ ପ୍ରଚାର ।
ସହସ୍ର ସହସ୍ର ବାଜୀ ଶତ ଶତ ଗଜ,
ସମସ୍ତଙ୍କ ବାସଭୂଷା ହେଉଅଛି ସଜ ।
ତୁନ୍ନବାୟଗଣ ଲାଗିଅଛନ୍ତି ସୀବନେ ।
ଅଙ୍ଗୁଳିନ ସୂଚୀ କରେ ପ୍ରହୃଷ୍ଟ ଜୀବନେ,
ପ୍ରବୀଣଙ୍କ ସଙ୍ଗେ ବସି ନବୀନ ବାଳକ,
ସୂଚୀ ଧରି ହେଉଅଛି ସ୍ୱହସ୍ତ ଚାଳକ ।
ଦୁର୍ଗବାସୀ ସମସ୍ତଙ୍କ ହୃଦୟ ସଂପ୍ରୀତ,
ସମୁଲ୍ଲାସେ ଉଠୁଅଛି ବିଜୟ ସଙ୍ଗୀତ ।

କେତେ ଲୋକ ଗାଉଛନ୍ତି ତାହା ମନେ ମନେ
କେତେ ଅବା ଗାଉଛନ୍ତି ଅସ୍ଫୁଟ ବଚନେ ।
କେହି କେହି ଗାଉଛନ୍ତି ଟେକି ଉଚ୍ଚସ୍ୱର,
ତୋଷ ତାଙ୍କ ହେଉଅଛି ଅନ୍ୟ ତୋଷକର ।
ବାଳକ ବାଳିକାଗଣ ତା' ଅନୁକରଣେ,
ସେ ଗୀତକୁ ଗାଉଛନ୍ତି ନିଜର ବଚନେ ।
ଶିଶୁଙ୍କ ବଦନ ଗୀତ ମଧୁମୟ ପଦ,
ହେଉଛି ଅଧିକତର ପ୍ରାଣପ୍ରୀତିପ୍ରଦ ।
ଆନନ୍ଦର କଲ୍ଲୋଳରେ ସମସ୍ତ ନଗର,
ବାଟ ଘାଟ ହାଟ ସବୁ ହେଉଛି ମୁଖର ।
ବସିଛନ୍ତି ଭୀମସିଂହ ସ୍ୱକାର୍ଯ୍ୟ ସଦନେ,
ଗୁର୍ଜ୍ଜର ବିଜୟାନନ୍ଦ ପ୍ରଫୁଲ୍ଲ ବଦନେ ।
ଦେଖୁଥିଲେ ଲିପିଶିଳ୍ପ ଉପହାରମାନ,
କବିମାନେ କରିଥିଲେ ତାଙ୍କୁ ଯା' ପ୍ରଦାନ ।
ବର୍ଣ୍ଣିଥିଲେ ଗୁଜୁରାଟ ରଣର ବିଷୟ,
ଯେଉଁରୂପେ ହୋଇଥିଲା ରାଣାଙ୍କ ବିଜୟ ।
ରଚନାରେ ଅଛି କିନା ପ୍ରକୃତ ଘଟନା,
ମିଶିଅଛି ଅବା ତହିଁ ଅନୃତ ରଚନା ।
ବାଣୀପୀଠେ କେଉଁପରି କା' ପୁରଶ୍ଚରଣ,
ହୋଇଅଛି ଭାରତୀଙ୍କ କି ପୁରସ୍କରଣ ।
ହୋଇଅଛି ଯେଉଁ ଭାବ ଭାଷା ବିରଚିତ,
ଉତ୍ତେଜିତ ହୁଏ କିନା ତହିଁ ବୀରଚିତ୍ତ ।
ଏ ସମୟେ ଦ୍ୱାରେ ଉଭା ହୋଇ ଦ୍ୱାରପାଳ
ଜଣାଇଲା ଯୁକ୍ତକରେ ଲଗାଇ କପାଳ ।
"ମହାରାଜ, ଆସିଅଛି ଦିଲ୍ଲୀପତି ଚର,
ସଙ୍ଗେ ଘେନି ଉପହାର ଲେଖ୍ୟ ସମାଚାର ।
ଆସିଅଛି ଆଉ ଏକ କଷାୟବସନା,
ବେଶେ ସନ୍ନ୍ୟାସିନୀ କିନ୍ତୁ ରଞ୍ଜିତଦଶନା ।"
ରାଣା ଆଜ୍ଞା ଦେଲେ ତାଙ୍କୁ ଆଣ ଯା ସତ୍ୱର
ଦେଖିବା କି ଉପହାର କେମନ୍ତ ପତର ।
ଯେ ଆଜ୍ଞା ଉଚ୍ଚାରି ହସି ଦେଖାଇ ସମ୍ମାନ,
ଲେଉଟି ଚରକୁ ନେଲା ରାଜ ସନ୍ନିଧାନ ।
ଚର ସଙ୍ଗେ ଗଲା ଜଣେ ମଞ୍ଜୁଷାଏ ବହି,
ସନ୍ନ୍ୟାସିନୀ ଗଲା ତାଙ୍କ ପଛେ ଦୂରେ ରହି ।
ଉପଗତ ହେଲେ ଯାଇ ମଣ୍ଡପ ଦୁଆରେ,
ଚର ବିନା ଅନ୍ୟ ଦୁହେଁ ରହିଲେ ବାହାରେ
ଚର ନେଇ ମଞ୍ଜୁଷାକୁ ଭୀମ ସନ୍ନିଧାନେ,
ପତ୍ର ସହ ଥୋଇଦେଲା ବହୁସାବଧାନେ ।
ପତ୍ର ଘେନିଥିଲା ପଟ୍ଟବାସ ଆବରଣ,
ଥିଲା ଯହିଁ ସ୍ୱର୍ଣ୍ଣଲତା ପୁଷ୍ପ ଆଭରଣ ।
ସୁବର୍ଣ୍ଣଥାଳୀରେ ତାର ଥିଲା ଅଧିଷ୍ଠାନ,
ଥାଳି ଅଙ୍ଗେ ଲଗିଥିଲା ମଣିରତ୍ନମାନ ।
ବିଚିତ୍ର ବସନେ ଥିଲା ମଞ୍ଜୁଷା ଆବୃତ,
କଞ୍ଚିକା ଗୋଟିଏ ଥିଲା ତାର ସହକୃତ ।
ପାଠକଲେ ଭୀମସିଂହ ପତ୍ର ନେଇ କରେ,
ଫିଟାଇ ଦେଖିଲେ ଯାହା ଥିଲା ସିନ୍ଦୁକରେ ।
ଚରକୁ ବୋଇଲେ ଯାଅ ଅତିଥି ନିବାସେ,
ରହିବ ଉତ୍ତର ଆମ୍ଭ ନେବାର ସକାଶେ ।
ଚର ସଙ୍ଗୀ ଦେବା ପାଇଁ ଭୃତ୍ୟକୁ ଆଦେଶ-
ଦେଇ, ପୁଣି ପତ୍ରେ କଲେ ନୟନ ଆବେଶ ।
ଏ ସମୟେ ଆଗେ ଉଭା ହୋଇ ସନ୍ନ୍ୟାସିନୀ,
ମନ୍ଦ୍ରସ୍ୱରେ ହେଲା ଜୟ ଶଙ୍କର ଭାଷିଣୀ ।
ପଚାରନ୍ତେ କାହିଁ ପାଇଁ ତାଙ୍କ ଆଗମନ,
ବୋଇଲା କରୁଛୁ ଆମ୍ଭେ ଅବନୀ ଭ୍ରମଣ ।
ଯେଉଁଠାରେ ଦେଖୁ ଶୁଦ୍ଧ ଶଙ୍କର ଭକତ,
ହୋଇଥାଉଁ ତାଙ୍କ ଗୃହ ପୁରେ ଅଭ୍ୟାଗତ ।
ଏକ ଦୁଇ ଦିନ ଥାଉଁ ଦେଖିଲେ ଆଦର,
ନତୁବା ତୁରନ୍ତ ଚଳିଯାଉଁ ସ୍ଥଳାନ୍ତର ।
ଅଧୁନା କରୁଛୁଁ ରାଜସ୍ଥାନ ବିଚରଣ,
ଶଙ୍କର ଆଶିଷ କର କର ବିତରଣ ।
ବଚନେ ବଚନେ ତାର ଆଏ ମୃଦୁହାସ,
ତହିଁ ଫୁଟି ପଡୁଥାଏ ଔଦାର୍ଯ୍ୟ ଆଭାସ ।
ଭୀମସିଂହ କରି ତାର ଚକ୍ଷୁ ପରୀକ୍ଷଣ,
କଲେ ଅତି ସୂକ୍ଷ୍ମ ଲୋମରାଜି ନିରୀକ୍ଷଣ ।
ପ୍ରକୃତ ସେ ନାରୀ ବୋଲି ହେବାରୁ ବିଶ୍ୱାସ,
ସତ୍ୱରେ ପଠାଇଦେଲେ ପଦ୍ମିନୀଙ୍କ ପାଶ ।
ନିଜେ କଲେ ପତ୍ରିକାର କଥା ଆଲୋଚନା,
କେଉଁପରି ହୋଇଅଛି କୌଶଳ ରଚନା ।

ଲେଖିଛି ଯବନ କରି ସୁହୃଦ ବିଚାର,
ପଠାଇଛି ମୋହଠାକୁ ପ୍ରୀତି ଉପଚାର ।
କରିଛି ଆହ୍ୱାନ ସଙ୍ଗେ ନେଇ ପରିବାର,
ପାଇବି ତାଂ ପୁରେ ଯାଇ ବାନ୍ଧବ ସତ୍କାର ।
ମୋ ଉନ୍ନତି ପଥେ ସଦା ହେବ ସେ ସହାୟ,
ମୋଠାରୁ ପାଇବ ତାର ଶ୍ରୀବୃଦ୍ଧି ଉପାୟ ।
ପୂରିଛି ଯବନ ହୃଦେ ଆର୍ଯ୍ୟ-ଦ୍ୱେଷାନଳ,
ହଠାତ କିପରି ହେଲା ଏମନ୍ତ ଶୀତଳ ।
ଅଦ୍ଭୁତ ତା ହୃଦୟର ଏ ପରିବର୍ତ୍ତନ,
ମୁହିଁ ହୃଦେ ହେଉଅଛି ସଂଶୟ ନର୍ତ୍ତନ ।
ମୋଠାରେ ତ ମିବାରର ନାହିଁ ରାଜପଣ,
ଏତେ ସମାଦରେ କିମ୍ପା ମୋତେ ନିମନ୍ତ୍ରଣ ।
ଯଦିବା ସେ ଶୁଣିଥିବେ ମୋହର କ୍ଷମତା,
ପରିବାର ପ୍ରତି ମୋର କିମ୍ପା ତା ମମତା ।
କିପରି କରିବ ସେ ମୋ ଶ୍ରୀବୃଦ୍ଧି ସାଧନ,
କେଉଁଠାରୁ ଦେବ ମୋତେ ରାଜ୍ୟର ସାଧନ
ଯାହା ଅଛି ତାହା ସୁଦ୍ଧା ନୁହେ ତ ତାହାର,
ଆର୍ଯ୍ୟରାଜ୍ୟ କରିଅଛି ବଳେ ଅଧିକାର ।
କେମନ୍ତେ ମୁଁ ଦେବ ତାକୁ ସମୃଦ୍ଧିର ବାଟ,
ଆର୍ଯ୍ୟଲକ୍ଷ୍ମୀ ଶିରେ ଚଢ଼ି କରିବାକୁ ନାଟ ।
ପରନାରୀ ପରବିତ୍ତ ହରଣ ଯା' ବ୍ରତ,
ସେ କି ହେବ ପରହିତ ଆଚରଣେ ରତ ?
ଅଙ୍ଗାର ପାଲଟିଯିବ ଦିନକରେ ଖଡ଼ି,
ଯାବନୀ ଚତୁରୀ ପାଠ ଭୀମ ଅଛି ପଢ଼ି ।
ଭଲ ଥରେ ବୁଝିନେଉଁ ଲକ୍ଷ୍ମଣଙ୍କ ମତ,
ସଚିବ ସକଳ ଅବା କହିବେ କେମନ୍ତ ?
ଏହିରୂପେ ଭୀମସିଂହ ଭାବି ମନେ ମନେ,
ଉପଗତ ହେଲେ ଯାଇ ଲକ୍ଷ୍ମଣ ସଦନେ ।
ଦେଖାଇଲେ ତାଙ୍କୁ ପତ୍ର ସହିତ ଭୂଷଣ,
ବୋଇଲେ, "ଏ ଯବନର ନବ ନିମନ୍ତ୍ରଣ ।
ଦିଲ୍ଲୀରୁ ଆସିଛି ଏହା ନେଇ ଏକ ଚର,
କରି ବାବା, ଏଥିପ୍ରତି ବିହିତ ବିଚାର ।"
ପତ୍ର ପଢ଼ି କାକା ମୁଖ ଅନାଇ ଲକ୍ଷ୍ମଣ,
ବୋଇଲେ, "ଏ ଅଦଭୁତ ରହସ୍ୟ ଲକ୍ଷଣ ।

ଶତ୍ରୁ ବୋଲି ଯାକୁ ଆମ୍ଭ ମଣୁଅଛି ମନ,
କେମନ୍ତେ କରିବା ତାର ପୁରକୁ ଗମନ ।
କରିଅଛୁଁ ଆମ୍ଭେ ତାର କେଉଁ ଉପକାର,
କି ପ୍ରୀତିରେ ପଠାଇଛି ଏହି ଉପହାର ।
ଏକ ଅଛି ପୁରୁଷର ମସ୍ତକଭୂଷଣ,
ଅନ୍ୟ ଭୂଷା ପତିବ୍ରତା ହୃଦୟ ଦୂଷଣ ।
ମସ୍ତକେ ଶୋଭିବ ଆମ୍ଭ ଯବନର ଦାନ,
ତା' ପ୍ରୀତି ପାଇବ ରାଣୀ ହୃଦୟରେ ସ୍ଥାନ ।
ମଣିଛି ଆମ୍ଭଙ୍କୁ ତାର ସାମନ୍ତ ସମାନ,
କି ବୋଲନ୍ତି କାକା ଏତ ଘୋର ଅପମାନ!"
ଭୀମସିଂହ ବୋଇଲେ, "ଏ କଳି ସୂତ୍ରପାତ,
ଭାବୁଛିଁ ଏଥିରୁ ନିଶ୍ଚେ ଦ୍ୱନ୍ଦ୍ୱ ହେବ ଜାତ ।
ପଚାରୁଁ କି ବୋଲୁଛନ୍ତି ସଚିବମଣ୍ଡଳ,
ନ ଥିବ ପଛକୁ ନିନ୍ଦା ଉଠିଲେ କନ୍ଦଳ ।"
ପରଦିନ ସମାହୃତ ହେଲେ ମନ୍ତ୍ରିଗଣ,
ପ୍ରକାଶିତ ହେଲା ତହିଁ ସବୁ ବିବରଣ ।
ମନ୍ତ୍ରିବୃନ୍ଦ ପ୍ରକାଶିଲେ ହୋଇ ଏକମତ
ଆର୍ଜବ, କୃଟତା ଆଗେ ହେଉଁ ଅବଗତ ।
ଉପହାର ଦ୍ରବ୍ୟମାନ ରାଜକୋଷେ ଥାଉ,
ଉତ୍ତର ଗୋଟିଏ ନେଇ ଚର ଫେରିଯାଉ ।
ଲେଖାଯାଉ ଦିଲ୍ଲୀଶଙ୍କ ପ୍ରୀତି ଉପହାର,
କରିଛି ରାଣୀଙ୍କ ହୃଦେ ସଂପ୍ରୀତି ସଞ୍ଚାର ।
କୁଳାଚାର ନେଇ କ୍ଷତ୍ରକୁଳବଧୂଗଣ,
ଲେଉଟି ଦେଖନ୍ତି ନାହିଁ ଜନକ ପ୍ରାଙ୍ଗଣ ।
ନ ଥିଲେ ବିଶେଷ ବିଧି ଅଲଂଘ୍ୟ କାରଣ,
ନ କରନ୍ତି ଅନ୍ତଃପୁରୁ ଚରଣ ଚାରଣ ।
ଦିଲ୍ଲୀ ଆଉ ମିବାରର ସୀମା ମଧ୍ୟଦେଶ,
ତହିଁ ହେବ ଉଭୟଙ୍କ ଶିବିର ନିବେଶ ।
ସେ ଶିବିରେ ଦିଲ୍ଲୀପତି ମିବାର ଭୂପତି,
ସମାନ ସମ୍ମାନ ରଖି ପରସ୍ପର ପ୍ରତି
କରିବେ ଯଦ୍ୟପି ହେବ ସୁସାକ୍ଷାତକାର,
ଥିବ ଯଦି ଥିବ ଉଭ ଅଙ୍ଗେ ତରବାର ।
ତା' ନ ହେଲେ ଉପହାର ହେବ ବିନିମୟ,
ପଶ୍ଚାତ ସାକ୍ଷାତ ଦେଖି ଉଚିତ ସମୟ ।

ତହିଁରେ ସମ୍ମତ ହେଲା ରାଣୀ ଦୁହିଁଙ୍କର,
ସେହି ମର୍ମେ ଲେଖାଗଲା ଉତ୍ତର ପତ୍ରର ।
ପତ୍ରର ସହିତ ପାଇ ଯୋଗ୍ୟ ପୁରସ୍କାର,
ଚଟୋର ଭୂପତି ପୁତ୍ର ବାହୁଡ଼ିଲା ଘର ।
ସନ୍ନ୍ୟାସିନୀ ଆସି ଏବେ ରାଣୀଙ୍କ ନିକଟରେ,
ଉଲ୍ଲସିଲା ପ୍ରାଣ ଜୟ ଶଙ୍କର ରବରେ ।
ବସାଇ ପ୍ରଦ୍ୟୁମ୍ନ ତାଙ୍କୁ ଶ୍ରଦ୍ଧା ସମାଦରେ,
ସମ୍ଭାଷିଲେ ତୋଷ ତାର ସଙ୍ଗେ ସମ୍ବାଦରେ ।
ମଧ୍ୟେ ମଧ୍ୟେ ଭାଷେ ଜୟ ଶଙ୍କର ଶଙ୍କର
ସନ୍ନ୍ୟାସିନୀ କହୁଥାଏ ବାକ୍ୟ ତୋଷକର ।
ବାକ୍ୟେ ତା’ ନଥାଏ ଲୋଭ ଥାଏ ପ୍ରଲୋଭନ,
କରୁଥାଏ ଅନ୍ତଃ ଆଉ ବାହ୍ୟର ଶୋଭନ ।
ସେ ଦିବସ କରି ଦେବ ଆରାଧନା ଛଳ,
ଅଳପ ଆଳାପ ପରେ ଚଳିଲା ଚଞ୍ଚଳ ।
ପ୍ରଦ୍ୟୁମ୍ନାଙ୍କ ଅନୁରୋଧେ ବୋଇଲା ନିଶ୍ଚୟ,
କାଲି ଆସି କହିବ ମୋ ବିଷୟ ନିଶ୍ଚୟ ।
ଅନ୍ୟ ଦିନ ଆସି ପୁଣି ହୋଇ ଉପଗତ,
ଜଳ୍ପିଲା କଳ୍ପି ନିଜ ବୃତ୍ତାନ୍ତ ଯାବତ ।
ସଂକ୍ଷେପରେ କହି କେତେ ତୀର୍ଥର ମହିମା ।
ବିସ୍ତାରିତ କଲା ଏକା ଯମୁନା ଗରିମା ।
ବୋଇଲା, "ଯମୁନା ଗ୍ରହରାଜଙ୍କ ତନୁଜା,
ପାତକନାଶିନୀ ଧର୍ମରାଜଙ୍କ ଅନୁଜା ।
ସ୍ୱର୍ଗଧାମୁଁ ଅବତରି ଆସୁଛନ୍ତି ବହି,
ଅମୃତର ଧାରାରୂପେ ପବିତ୍ରତାମୟୀ ।
କୃଷ୍ଣବେଣୀ ବିଶୋଭିତ ବନିତାବଦନେ,
ଢାଳନ୍ତି ଅମୃତ ନିଜ ଭକତ ସଦନେ ।
ଗ୍ରହଗଣ ତାରାଗଣ ସ୍ତୁତି ପ୍ରୀତିନୁ ବହି ।
ଯମୁନା ଚରଣ ତଳେ ନିତି ଥାନ୍ତି ରହି ।
ତରଙ୍ଗ ପଟଳ ତାଙ୍କ ସ୍ୱର୍ଗର ସୋପାନ,
ଝଟକ ଉଠନ୍ତି ତହିଁ ହୀରାମାଳାମାନ ।
ପୁଣ୍ୟେ ଭାସି ଲୋଟି ଲୋଟି ତହିଁ ଭକ୍ତଗଣ,
କରିଥାନ୍ତି ସ୍ୱର୍ଗସୁଖ ଲୁଟି ଆହରଣ ।
ଯମୁନା ଚରଣାମୃତ ମସ୍ତକେ ଧାରଣ,
ନ କଲେ ମାନବ ଜନ୍ମଲାଭ ଅକାରଣ ।

ଯହିଁରେ ଯମୁନା ସର୍ବତୀର୍ଥ ମଧ୍ୟେ ସାର,
ବିଷ୍ଣୁ ତହିଁ ନେଇଥିଲେ କୃଷ୍ଣ ଅବତାର ।
ତାଙ୍କୁ ସେବା କରେ ଯେଉଁ ତାଙ୍କ ତଟେ ବାସ,
ହୁଏ ତାର ଶତଜନ୍ମ କଳୁଷ ବିନାଶ ।
ଭାଇ ବନ୍ଧୁ ପରିବାର କରି ପରିହାର,
ପବିତ୍ର ପୁଳିନେ ତାଙ୍କ କରେଁ ମୁଁ ବିହାର ।
ଯମୁନା ପ୍ରସାଦ ସର୍ବ ସମ୍ପଦର ଖଣି,
ତାହା ଲଭି ଧନରତ୍ନ ଥାଏ ତୁଚ୍ଛ ମଣି ।"
ପ୍ରଦ୍ୟୁମ୍ନ ବୋଇଲେ, "ତୀର୍ଥ ପୁରୁଷଙ୍କ ପାଇଁ,
ପତି ସେବା ନାରୀ ଥାଏଁ ଚତୁର୍ବର୍ଗ ପାଇ ।
ପଣ୍ଡା ମାନେ ତୀର୍ଥଭୂମି କରି ଅଧିକାର,
ଲୋଭବଶେ କରୁଥାନ୍ତି ନାନା ଅବିଚାର ।
ଶୁଣିଅଛୁଁ ଗୟାକ୍ଷେତ୍ରେ କରି ଲୋଭପଣ,
ସୀତାଙ୍କ ପଣତ କାଟିନେଲେ ପଣ୍ଡାଗଣ ।
ବିଶେଷତଃ ଆଜିକାଲି ଯବନ ବିପ୍ଳବେ,
ଉପଦ୍ରବ ହେଉଅଛି ସତୀତ୍ୱ ବିଭବେ ।
ଯେଉଁ ନାରୀ ସ୍ୱଭାବତଃ ଥାଏ ପତିବ୍ରତା,
ଜୀବନେ ତାହାର ପୂରିଥାଏ ପବିତ୍ରତା ।
ତାହା ଯୋଗୁଁ ତାହା ପିତା ଭ୍ରାତାଙ୍କର ଯଶଃ
ଉଠଇ ସ୍ୱର୍ଗକୁ ଶୁଭ୍ର କରି ବିହାୟସ ।
ପତିବ୍ରତା ହୃଦ ହୋଇ ସ୍ୱର୍ଗରୁ ଉନ୍ନତ,
ଦେବାଧିଦେବଙ୍କଠାରେ ହୁଏ ଉପଗତ ।
ପତିରେ ଭକତି ତାର ମୁକତି ସୋପାନ,
ପତି ତାର ଅଦ୍ୱିତୀୟ ଈଶ୍ୱର ସମାନ ।
ସତୀର ଚରିତ ପଡ଼ି ଶ୍ରବଣେ ଶ୍ରବଣେ,
କରଇ ପୀୟୂଷ ବୃଷ୍ଟି ଜୀବନେ ଜୀବନେ ।
ପତିବ୍ରତା ନ ଲୋଡ଼ଇ ନିଜର ଭକତ,
ନିଜେ ଥାଏ ସଦା ପତି ଭଜନେ ନିରତ ।
ଗ୍ରହତାରା ଯେ ହେଉନ୍ତୁ ବିନା ସୁଚରିତ୍ର,
ନ ପାରନ୍ତି ହୋଇ ପରେ ଆଶ୍ରୟେ ପବିତ୍ର ।
ସତୀତ୍ୱ ରତନ କାନ୍ତି ଶୋଭେ ଯା’ ହୃଦରେ,
ଦେବଗଣ ସଦା ତାକୁ ତୋଷିଥାନ୍ତି ବରେ ।
ଯମରାଜା ନେଇଥିଲେ ସତ୍ୟବାନ ପ୍ରାଣ,
ସତୀତ୍ୱ ପ୍ରଭାବେ କଲେ ସାବିତ୍ରୀ ଆଦାନ ।

ପତିର ଚରଣ ସତୀ ଜୀବନର ଭେଳା,
ତାହା ଧେନି ଭବସୁଣ୍ୟ ଜଳେ ତାର ଖେଳା।
ନ ବାଞ୍ଛଇ ସ୍ୱର୍ଗ ସତୀ ନ ଲୋଡ଼େ ରତନ,
ସକଳ ସମ୍ପଦ ପତିପଦେ ତା' ଯତନ।
ପତି-ପଦରେଣୁ କଲେ ମସ୍ତକେ ବହନ,
ସହସ୍ର ଜୀବନ ପାପ ହୁଅଇ ଦହନ।
କୋଟିତୀର୍ଥ ଦର୍ଶନେ ଯେ ପୁଣ୍ୟ ଥାଏ ଫଳ,
ପତିପଦସେବା ପୁଣ୍ୟ ତାକୁ ଯାଏ ବଳ।
ପତିପ୍ରୀତି ହୁଏ ଯେବେ ହୃଦୟମଣ୍ଡନ,
ସକଳ ବିପତ୍ତି ହୁଏ ଜୀବନେ ଖଣ୍ଡନ।
ପତିପଦ ନ ସେବିଲେ ଯୁବତୀ ଅସତୀ
ଚିରକାଳ ହୁଏ, ତାର ନରକେ ବସତି।"
ସନ୍ନ୍ୟାସିନୀ ବୋଇଲା,"ମୁଁ ହୋଇ ସନ୍ନ୍ୟାସିନୀ
ସ୍ୱାମୀପ୍ରୀତି ପାଇଁ ଚିନା ଯମୁନାବାସିନୀ।
ପ୍ରଭୁ ମୋର ଲୋକନାଥ ଯମୁନାର ତଟେ,
ଆବିର୍ଭୂତ ହୋଇଛନ୍ତି ଯମୁନା ନିକଟେ।
ଅଭୀଷ୍ଟ ଫଳଦ ସେହି ପ୍ରଭୁଙ୍କ ଚରଣ,
ଭଜନାରେ ମନ୍ତୁ କରେଁ ସମୟ ହରଣ।
ଦେଇଛନ୍ତି ପ୍ରଭୁ ମୋତେ ସ୍ୱପନେ ଆଦେଶ,
ବେଗେ ଦାସୀ ଚାଲିଯାଅ ଭୀମ ସିଂହ ଦେଶ।
ଭୀମପତ୍ନୀ ପତିବ୍ରତା ପଦ୍ମିନୀ ସୁନ୍ଦରୀ,
କହିବୁ ନିକଟେ ତାର ମୋର ନାମ ଧରି।
ପ୍ରବଳ ହୋଇଛି ଏବେ ଯବନ ପ୍ରଭାବ,
ହେଉଛି ପ୍ରଭୁଙ୍କ ଯୋଗ୍ୟପୂଜାର ଅଭାବ।
ପତି ସଙ୍ଗେ ସତୀ କରି ଶୀଘ୍ର ଆଗମନ,
କରୁ ମୋର ହୃଦୟର ତାପ ପ୍ରଶମନ।
ଯବନର ଦର୍ପ ଭୀମ ସିଂହ କରି ନାଶ,
କରୁ ତାହାଁ ପଦ୍ମିନୀର ଗୌରବ ବିକାଶ।
ଯମୁନାରେ ଅବଗାହି ଦେଲେ ମୋତେ ପାଣି
ନିଶ୍ଚୟ ପଦ୍ମିନୀ ହେବ ଭାରତ-ଇନ୍ଦ୍ରାଣୀ।
ତା' ନ ହେଲେ ଈଶ୍ୱରଙ୍କ ପ୍ରକୋପ ଉଦୟ,
କରିଦେବ ଏହି ରାଜ୍ୟ ବହୁ ଲୋକ କ୍ଷୟ।
ପ୍ରଭୁଙ୍କ ଆଦେଶ ଘେନି ମନ୍ଦିରୁ ବାହାରି,
ଜଣାଇ ତୁମ୍ଭଙ୍କୁ ତାହା କରୁଛି ଗୁହାରି।
ବିଗ୍ରହ ନ କର ଯଦି ପ୍ରଭୁଙ୍କର ତୋଷ,
ତୁମ୍ଭ ଯୋଗୁଁ ହେବ ମହା ଲୋକକ୍ଷୟ ଦୋଷ।
ମୁହିଁ ଭିଖାରୁଣୀ କିଛି ନାହିଁ ମୋର ଊଣା,
ଦେଖିନିଅ ଏଥି ମୋର ପ୍ରଭୁଙ୍କ କରୁଣା।"
ଏହା କହି ସନ୍ନ୍ୟାସିନୀ ଝାଡ଼ିଦେଲା କର,
ଝଡ଼ିଲେ ତହିଁରୁ ମଣିମାଣିକ୍ୟ ନିକର।
ଉଚ୍ଚେ କରି ଉଚ୍ଚାରଣ ଶଙ୍କର, ଶଙ୍କର,
ବୋଇଲା,"ସାଧବି, ହେଲା ମେଲାଣି ଏଥର।"
ଶୁଣି ସବୁ କଥା ପୁଣି ଦେଖି ଏ ଘଟନା,
କ୍ଷଣକେ ପଦ୍ମିନୀ ହୋଇଗଲେ ଛନ୍ନମନା।
ପୁଣି କ୍ଷଣେ ସବୁ କଥା ଆଲୋଚନା କରି,
ଉତ୍ତର ଆରମ୍ଭ କଲେ ଗୋଟି ଗୋଟି ସ୍ମରି।
"କହୁଛ ସାଧବି, ତୁମ୍ଭେ ପ୍ରଭୁ ଆଜ୍ଞାକ୍ରମେ
ଆସିଅଛ ନ କହିଲ କିନ୍ତୁ ତା' ପ୍ରଥମେ।
ପ୍ରଥମ ଦିବସ କଲ ଅଳପ ଆଳାପ,
ନ କହିଲ ଏ ଅଦ୍ଭୁତ ଆଦେଶ କଳାପ।
ତା' ପରେ କହିଲ ଯାହା ନିଜର ପ୍ରସଙ୍ଗ,
ପର କଥା ତା' ସହିତ ହେଉ ନାହିଁ ସଙ୍ଗ।
ତା' ପରେ ଲାଗିଲ ଦେବସୁତା ପ୍ରଶଂସାରେ;
ବୋଇଲ ଅଧମ ତୀର୍ଥ ଆଉ ଯା' ସଂସାରେ।
ସର୍ବଶେଷେ ଶୁଣାଉଛ ପ୍ରଭୁଙ୍କ ଆଦେଶ,
ତହିଁ ପାଇଁ ଏକା ଛାଡ଼ି ଆସିଅଛ ଦେଶ।
କଥାରୁ ପ୍ରକାଶ ତୁମ୍ଭଠାରୁ ବଳି ସତୀ,
ହୋଇ ନ ପାରିବେ ଶିବଜାୟା ଭଗବତୀ।
ଯେ ପ୍ରଭୁ କରିବେ କୋପେ ବହୁ ଲୋକ କ୍ଷୟ,
ତୁମ୍ଭ ପାଣି ପାଇ ତୋଷ ଲଭନ୍ତେ ନିଶ୍ଚୟ।
ତୁମ୍ଭ ସେବା ଏଡ଼ି ମୋତେ କରିବେ ଇନ୍ଦ୍ରାଣୀ,
ଏହା ତ ପ୍ରଭୁଙ୍କ ପକ୍ଷେ ଅନୁଚିତ ବାଣୀ।
ଯବନପ୍ରତାପ ସେହୁ ନ ପାରନ୍ତି ସହି,
ତହିଁର ପ୍ରକୋପେ ଦେବେ ଅନ୍ୟଲୋକ ଦହି।
ତୁମ୍ଭେ ନିଜେ ହେଲେ ଖଣ୍ଡା ଖର୍ପରଧାରଣୀ,
କ୍ଷଣକରେ ହୋଇପାର ଲୋକସଂହାରଣୀ।
ଭାଗ୍ୟ ଥିଲା ପାଇଗଲୁଁ ତୁମ୍ଭ ଦରଶନ,
ନ କର ଅଧିକ ଆଉ ଲୋମହରଷଣ।

ପ୍ରଭୁ କୃପା ନିଦର୍ଶନ ରତନସକଳ,
ଆମ୍ଭ ଯୋଗ୍ୟ ନୁହେ ତାହା ଭକ୍ତଙ୍କ ସମ୍ବଳ ।
ବିବିଧରୂପିଣୀ ଦେବି, ହେଉନ୍ତୁ ମେଳଣି,
ଚାହିଁ ଚାହିଁ କେତେ ଆମ୍ଭ ରୋମାଞ୍ଚ ହେଲାଣି ।
କିଏ ତୁମ୍ଭେ କାହିଁ ପାଇଁ ତୁମ୍ଭ ଆଗମନ,
ନ ପାରିଲୁଁ ଜାଣି ହୋଇ ବିସ୍ମୟମଗନ ।
ଶୁଣି ଶୁଣି ପଦ୍ୟୁମ୍ନଙ୍କ ବିଦ୍ରୂପ ବ୍ୟଞ୍ଜନା,
ହୃଦୟ ଭିତରେ ଭରି ବିଷମ ଗଞ୍ଜନା,
ସଭିର ଚଭିର ଲଙ୍ଘି ନବରୁ ବାହାରି,
ଚାଲିଗଲେ ପଥେ ମୁଖ ନ ଚାହିଁ କାହାରି ।
ଦୁର୍ଗ ତେଜି ପଥେ ଭେଟି ସହଚରୀ ଚାରି,
ହସି ହସି କହିଗଲେ ନିଜ ସମାଚାର ।
ବୋଇଲେ ଚୌହାଣସୁତା ବଡ଼ ବୁଦ୍ଧିମତୀ,
ନ ପୂରିଲା ତାକୁ ମୋର ଠକିବା ଶକତି,
ଚିତା କାଟି ଦେଇଅଛୁଁ କେତେ ନରବରେ,
ପରାଜିତ ହେଲି ଆଜ ପଦ୍ୟୁମ୍ନ ନବରେ ।

# ଚତୁର୍ଥ ସର୍ଗ

ଗଜଦନ୍ତସମନ୍ୱିତ ରତନ ଖଚିତ,
ସ୍ୱର୍ଣ୍ଣମୟ ମନୋହର ପଲ୍ୟଙ୍କ ରଚିତ ।
ଚାରି କୋଣେ ଚାରି ମୂର୍ତ୍ତି ସ୍ୱର୍ଣ୍ଣ ବିଦ୍ୟାଧରୀ,
ଏକ ଏକ କରେ ଛତ୍ର ଚନ୍ଦ୍ରାତପ ଧରି ।
ଅନ୍ୟ କରେ ଧରିଛନ୍ତି କୁସୁମ ବ୍ୟଜନ,
ବ୍ୟଜନ କରୁଛି ତହିଁ ସୁରଭି ସର୍ଜନ ।
କୁସୁମଭୂଷଣ ତାଙ୍କ ଅତି ମନୋରମ,
ହେଉଅଛି ଭୂଷଣରୁ ସୁରଭି ଉଦ୍‌ଗମ ।
ପଲ୍ୟଙ୍କେ ପଡ଼ିଛି ଚାରୁ ମଖମଲ ଶେଯ,
ଚୌଦିଗେ ତା' ରତ୍ନଲତା ବିକାଶୁଛି ତେଜ ।
ଗର୍ଭେ ଭରି ଶାଲ୍ମଳୀର ତୂଳା ଉପାଦାନ,
ଦୁଇଦିଗେ ଦୁଇଗୋଟି ଉଚ୍ଚ ଉପାଧାନ ।
ସେ ପଲ୍ୟଙ୍କେ ବିଜେ କରି ଦିଲ୍ଲୀର ସମ୍ରାଟ,
ଦେଖୁଅଛି ଭବନର ଶୋଭାମୟ ହାଟ ।
ଊର୍ଦ୍ଧ୍ୱ ପଟେ ଆଚ୍ଛାଦିତ ନୀଳ ମଖମଲ,
ତାରାରୂପେ ରତ୍ନମାନ ତହିଁ ଝଲମଲ ।
ଅଷ୍ଟକୋଣ ଊର୍ଦ୍ଧ୍ୱେ ଅଷ୍ଟ ରତ୍ନମୟ କେକୀ,
ଏକ ଏକ ପୁଷ୍ପହାର ଚଞ୍ଚୁପୁଟେ ଟେକି ।
ନୃତ୍ୟ କରି ଥାଏ ତାଙ୍କ ପୁଚ୍ଛ ବିସ୍ତାରିତ,
ରତ୍ନ ଜ୍ୟୋତି ହେଉଥାଏ ତହିଁ ବିସ୍ତାରିତ ।
ଚିତ୍ରିତ ହୋଇଛି ପୁରି ଭିତ୍ତିପଟେ ବନ,
ଚଣେ କରେ ହରିଣକୁ ବ୍ୟାଘ୍ର ଆକ୍ରମଣ ।
କେହି ମୃଗ ଲମ୍ଫଦେଇ ଉଠିଛି ଗଗନେ,
କେହି ବା ପଳାଉଅଛି ନିବିଡ଼ ଗହନେ ।
ଦୂରେ ତାରି ମୃଗଯୂଥ ଅଛନ୍ତି ଅନାଇଁ,
ଭୟବିସ୍ତାରିତ ନେତ୍ରେ ପଳାଇବା ପାଇଁ ।
ଭୟେ ଲୁଚି ରହିଛନ୍ତି ବିହଙ୍ଗମଗଣ,
ଅନାଇ ଉପରଭାଗେ ସଞ୍ଚାଣ ଭ୍ରମଣ ।
ଦଳେ ଦଳେ ଉଡ଼ିଯାଉଛନ୍ତି ପ୍ରାଣଡରେ,
କୋଟରେ ପଶୁଛି ଶିଶୁ ଧେବ କେ କୋଡ଼ରେ
ଗଜଶିରେ ସିଂହ କାହିଁ ବସିଅଛି ମାଡ଼ି,
ଅଲପ ଦିଶୁଛି ମୁଖ ପାର୍ଶ୍ୱେ ଦନ୍ତଧାଡ଼ି ।
ଦୀର୍ଘ ଦନ୍ତେ ପାଦ ନଖେ ବିଦାରି ଚରମ,
କରୁଛି ରକତ ପାନ ପୀଡ଼ି ତା' ମରମ ।
ଅନାୟତ୍ତ କଳେବର ନତ କରି ଶିର,
ବସିପଡ଼ି ଶୁଣ୍ଢ ଟେକି ହେଉଛି ଅଧୀର ।
ପ୍ରକାଣ୍ଡ ତା' ଦନ୍ତଯୁଗ ହୋଇଛି ଉଦରେ,
ଗଣ୍ଡ ଦେଇ ତଳେ ପଡ଼େ ରକତର ଝର ।
ପଳାଉଅଛନ୍ତି ଆଗେ ଦୂରେ ଗଜଦଳ,
ସଙ୍ଗେ ଧାଇଁଛନ୍ତି ତାଙ୍କ ଶାବକସକଳ ।

କାହିଁ ବହିଯା ଉଡ଼ଅଛି ନିର୍ମଳ ଝରଣ,
କାହିଁ ବ୍ୟାଧ କରୁଅଛି ମୃଗାନୁସରଣ ।
ଏଣେ ଥରେ ତେଣେ ଥରେ ପକାଇ ଲୋଚନ,
କରୁଛନ୍ତି ପଦ୍ମ କଥା ଅଜ୍ଞା ଆଲୋଚନ ।
ଏ ସମୟେ ଲୀଳାବତୀ ଦାସୀ ଉପଗତ,
ସମକ୍ଷରେ ଉଭାହୋଇ ଶିର କଲା ନତ ।
ହରଷିତ ହେଲା ଅଜ୍ଞା ଅନାଇ ଚଞ୍ଚଳ,
ବୋଇଲା କି ହୋଇଅଛି ମାନସ ସଫଳ ?
ଦାସୀ ଜଣାଇଲା, "ଦେବ, ସତ୍ୟଗର ଗୃଧ,
ହାତକୁ ଆସଇ ନାହିଁ ପକାଇଲେ ଫାନ୍ଦ ।
ଯାହାକୁ ବିଧାତା ଯାହା କରିଛନ୍ତି ପ୍ରଦାନ,
ତାହା ଲଭି ନିଜ ଭାଗ୍ୟେ ନିଜେ ସେ ପ୍ରଧାନ ।
ପରଭାଗ୍ୟଲବ୍ଧ ଧନେ ଅନ୍ୟ କଲେ ଲୋଭ
ଭୋଗ୍ୟହୋଇ ନ ପାରଇ ବଢ଼େମାତ୍ର କ୍ଷୋଭ ।
ଭାଗ୍ୟବଳେ ଲଭିଥାନ୍ତି କେତେ ଲୋକ ଧନ,
କେତେ ଲୋକପଣ ପୁଣି କେତେ ଲୋକଜନ ।
କେହି ପାଇଥାଏ ମନ କେହି ଅବା ଜ୍ଞାନ,
ଏକାଧିକ ଲଭିଥାନ୍ତି କେତେ ଭାଗ୍ୟବାନ ।
ଯାହାକୁ ଯା' ମିଳିଥାଏ ତହିଁ ତାର ତୋଷ,
ପରଭାଗ୍ୟେ ଲୋଭକଲେ ଉପୁଜଇ ଦୋଷ ।
ମନେକର ପାଇଛନ୍ତି କେ ପ୍ରତିଭା ଶକତି,
ଅନ୍ୟ ତା' ନ ପାରେ ନେଇ ବଳାଇଲେ ମତି
ସେହିପରେ କାହା ଭାଗ୍ୟେ ରମଣୀ ତା' ସତୀ,
ସେ ନାରୀ କେମନ୍ତେ ଦେବ ମନ ଅନ୍ୟପ୍ରତି ।
ବଳେ କରାଯାଏ ନାହିଁ ତାହାକୁ ହରଣ,
ବଳ ଉପଗତ ହେଲେ ବରଇ ମରଣ ।"

ଅଜ୍ଞା—

ରୁହଁ ନାହିଁ ଏତେ ତୋର ମିତ ଉପଦେଶ,"
ସାତ ଦିନ ସାତ ରାତି ନ ହେବ ତା' ଶେଷ ।
ଭାଗ୍ୟ ମଣି ତୁଷ୍ଟ ଥାଏ ଦୁର୍ବଳ ଯେ ଜନ,
ଭାଗ୍ୟବେଦେ ବଳିଷ୍ଠର ନାହିଁ ପ୍ରୟୋଜନ ।
କହ ମାତ୍ର ପଦ୍ମମାର ମାଧୁରୀ କେମନ୍ତ,
ଏଠାକୁ ଆସିବା ପାଇଁ ତାହାର କି ମତ ?

ଲୀଳା—
ହେ ସମ୍ରାଟ, ପଦ୍ମମାଙ୍କ କରି ଦରଶନ,
ନେତ୍ରେ ମୋର ହୋଇଗଲା ସୁଧା ବରଷଣ ।
ଶୁଣିବାରୁ ତା' କୋମଳ ମଧୁମୟୀ କଥା,
ଗୁଡ଼ିଲା ମୋ ଜୀବନର ଚିର ତାପବ୍ୟଥା ।
ତା'ଠାରେ ରଚିଲି ଯେତେ ଛଳ କଉଶଳ,
ନ ଛୁଇଁ ତାହାକୁ ହେଲା ସକଳ ବିଫଳ ।
ପତି ତା' ପରମ ଗୁରୁ, ପତି ତା'ଜୀବନ,
ପତିର ଚରଣ ତାର ସୁଖର ସଦନ ।
ଅଜ୍ଞା —
ପଦକରେ ଶୋଭା ତାର କରିବାକୁ ଶେଷ,
ଲୀଳାବତୀ ପ୍ରତି ନୁହେ ଅଜ୍ଞାର ଆଦେଶ ।
ତୋର ବ୍ୟଥାଦୂରହେଲେ ମୋ'ରକେଉଁ ସୁଖ,
ତୋ କୌଶଳବ୍ୟର୍ଥହେଲେ ମୁଁ ନୁହେଁ ବିମୁଖ ।
ମୁଖେ ମୁଖେ କରିପାରୁ କବିତା ରଚନା,
କର ଥରେ ପଦ୍ମମାର ସ୍ୱରୂପ ବର୍ଣ୍ଣନା ।
ଲୀଳା—
ପଦ୍ମମାର ଶୋଭାରାଶି ନୁହେ ବର୍ଣ୍ଣନୀୟ,
ପୁଣ୍ୟପୂତ ଭାଗ୍ୟଯୁତ ଜନ-ଦର୍ଶନୀୟ ।
ଅଜ୍ଞା—
ତୋଠାରୁ କି ପାପୀ ମୁହିଁ ତୋ'ଠାରୁଅଭାଗୀ,
ନ ପାରିବି ହୋଇ ଥରେ ଶ୍ରୁତି-ସୁଖଭାଗୀ ?
ଲୀଳା—
ଭାଗ୍ୟଦେବୀ ତୁମ୍ଭ ପ୍ରତି ସଦା ସୁପ୍ରସନ୍ନ,
ପୁଣ୍ୟବଳେ ଲଭିଅଛ ରାଜେନ୍ଦ୍ର ଆସନ ।
ଭାଗ୍ୟବନ୍ତ ପୁଣ୍ୟଯୁକ୍ତ ତୁମ୍ଭର ଦର୍ଶନ,
କଉଶଳେ କରିପାରେ ସେ ରୂପ ସ୍ପର୍ଶନ ।
ନେତ୍ରପ୍ରୀତି ହୁଏ ଦୃଷ୍ଟି ପଡ଼ିଲେ ସାଗରେ,
କିନ୍ତୁ ତାହା ବର୍ଣ୍ଣି ହୁଏ ନାହିଁ କା' ଆଗରେ ।
ଅମୃତ କେମନ୍ତ ସ୍ୱାଦୁ କିଏ କହିପାରେ ?
ସେ ଜାଣିବ ଯେ ଚାଖିବ ନିଜ ରସନାରେ ।
ଅଜ୍ଞା—
ତା' ପାଶେ ମୋ କଥା କିଛି କଲୁ କି ବର୍ଣ୍ଣନ ?
କରି କି ପାରିବ ସେ ମୋ ଆଦର ଲଂଘନ ?
ମୋ ପ୍ରତାପ ମୋ ବିଭବ ପାରିଲା କି ଜାଣି ?
ବୁଝିଲା କି ମୋର କୋପେ ହେବ ଯାହା ହାନି ?

ଲୀଳା—
ପ୍ରଭୋ ଯେବେ ତୁମ୍ଭ ନାମ ଥାନ୍ତା ତହିଁ ଧରି,
ପାରି ମୁଁ ନ ଥାନ୍ତି ତା'ର ମାନସ ଉଦ୍ଧରି ।
ତୁମ୍ଭ ଦାସୀ ବୋଲି ଯେବେ ଯାଇଥାନ୍ତି ଜଣା,
ମାଡ଼ି କି ମୁଁ ପାରିଥାନ୍ତି ରାଜାର ଅଗଣା ?
ସ୍ଥଳ କାଳ ପାତ୍ର ଜାଣି କଲେ ବ୍ୟବହାର,
ତେବେ ସିନା ହୋଇପାରେ ସୁଫଳ ସଞ୍ଚାର ।
କିନ୍ତୁ ଯା' କହୁଛି ତୁମ୍ଭ ନାମୁଁ ତା' ଅଧିକ,
ତଥାପି ସେ ନୁହେ ତୁମ୍ଭ ବାଞ୍ଛାର ପଥିକ ।
ତୁମ୍ଭର ପ୍ରତାପୁ ବଳି ତା' ହୃଦ ଉନ୍ନତ,
କିନ୍ତୁ ତା' ସ୍ୱଭାବ ନୁହେ ସେପରି ଉଦ୍ଧତ ।
ଦିଲ୍ଲୀର ସମ୍ରାଟ ତୁମ୍ଭେ କରବାଳ ଧରି,
ହୃଦ-ରାଜ୍ୟ ପଦ୍ମୁମ୍ନା ତ ଭାରତ-ଈଶ୍ୱରୀ ।
ଧର୍ମର ବିରୋଧେ ଯେବେ ହେବ ଲୋକକ୍ଷୟ,
ଧର୍ମଦୃଢ଼ ହୃଦେ ତାର ନ ଦେଖିଲି ଭୟ ।
ଶୁଣି ଯେଉଁରୂପେ କଲି ତା' ପୁର ଗମନ,
ଯେରୂପେ ପରୀକ୍ଷା କଲି କୌଶଳେ ତା'ମନ ।
ଏହା କହି କହିଗଲା ଦାସୀ ଅବିକଳ,
ପଦ୍ମୁମ୍ନା ଆଳାପ ଆଦି ବୃତ୍ତାନ୍ତସକଳ ।
ତା'ପରେ ଚିତୋର ସିଂହ ଭୀମଙ୍କର ଲେଖା,
ହସ୍ତେ ଦେଇ ଆଲ୍ଲା ଆଗେ ଦୂତ ଦେଲା ଦେଖା ।
ଆଲ୍ଲା ନେଇ ପତ୍ର ପାଠ କରି ମନେ ମନେ,
ନୀରବ ରହିଲା କ୍ଷଣେ ବିଷଣ୍ଣ ବଦନେ ।
କୁକୁର ପାଇଲେ ଯଥା କଠିନ ପ୍ରହାର,
ରହିଥାଏ କ୍ଷଣେ କରି ନ ପାରି ଚିତ୍କାର ।
ଦୂତ ଦାସୀ ହୋଇଗଲେ ତହିଁରୁ ଅନ୍ତର,
ପୁନଶ୍ଚ ପଢ଼ିଲା ଅଲ୍ଲା ଭୀମଙ୍କ ପତର ।
ତା'ପରେ ଲାଗିଲା ହୃଦ-ବନେ କୋପାନଳ,
ପ୍ରତାପ ସ୍ମରଣ ବାତ ଦେଲା ତାକୁ ବଳ ।
ଉଠିଲା ଦୀର୍ଘଶ୍ୱାସ ଧୂମ ତହୁଁ ଘନ ଘନ,
ଚିତୋର ଦିଗକୁ ହେଲା ଧୂମର ଗମନ ।
ବୋଇଲା ସେ ଗର୍ବଯେନ ଭିତରେ ଭିତରେ,
ସିଂହ କି ଶୃଗାଳ ଭୀମ ଦେଖିଯିବା ଥରେ ।
ଦେଖିବା ପଦ୍ମୁମ୍ନା ଅଟେ କିପରି ସୁନ୍ଦରୀ,
ତା ରୂପ ପାରିବ କି ନା ମୋ ହୃଦୟ ହରି ।

ପ୍ରଥମେ ଭୀମକୁ କରି ଦଣ୍ଡରେ ଶାସନ,
ପରେ ଦେବ ପଦ୍ମୁମ୍ନାକୁ ଅଙ୍କରେ ଆସନ ।
ସେହିଦିନ ପ୍ରଚରିଲା ଆଲ୍ଲାର ଆଦେଶ,
ଅବିଳମ୍ବେ ହୋଇଗଲା ସୈନ୍ୟସମାବେଶ ।
ସହସ୍ର ସହସ୍ର ଅଶ୍ୱ ଶତ ଶତ ହାତୀ,
ଲକ୍ଷ ସଂଖ୍ୟା ଅତିକ୍ରମି ସଶସ୍ତ୍ର ପଦାତି ।
ଅସଂଖ୍ୟ ଶକଟ ବହି ବିବିଧ ସମ୍ଭାର,
ଭାରବାହୀ ଦଳ ଉଭା ବହି ବହୁ ଭାର ।
ଚିତୋର ଦିଗରେ କଲେ ସର୍ବେ ଅଭିଯାନ,
ଚଳିଲା ସମ୍ରାଟ ହୃଦେ ବହି ଅଭିମାନ ।
ଆଗେ ଆଗେ ଚାଲିଗଲେ ଭାରବାହୀ ଦଳ,
ତାଙ୍କ ପଛେ ପଛେ ଗଲା ଶକଟସକଳ ।
ତହୁଁ ଦୂରେ ଆଗେ ଆଗେ ବାଦ୍ୟକାରଗଣ
ଚାଲିଲେ ବଜାଇ ବାଜା କମ୍ପାଇ ଶ୍ରବଣ ।
ତାଙ୍କ ପଛେ ଧାଡ଼ି ଧାଡ଼ି ପଦାତିକ ସେନା,
କରେ ଧରି କରବାଳ ଅଙ୍ଗେ ଭରି ସେହ୍ନା ।
ଅଶ୍ୱାରୋହୀ ଦଳ ତହୁଁ ହୋଇ ଶ୍ରେଣୀବଦ୍ଧ,
ତାଙ୍କ ପଛେ ଚାଲିଥାନ୍ତି ସଶସ୍ତ୍ର ସନ୍ନଦ୍ଧ ।
ଗଜପୃଷ୍ଠେ ଦେଇ ମଖମଲ ଆସ୍ତରଣ,
ତା'ପରେ ଚାଲିଲେ ହସ୍ତୀ ଗଜାରୋହୀଗଣ ।
ଯେନ ଅଲ୍ଲା ହୃଦ ପରି ବଙ୍କ ଚନ୍ଦ୍ର ଖଣ୍ଡ-
ଧ୍ୱଜ ତାର ଅଲ୍ଲାପଦ ପରି ଉଚ୍ଚ ଦଣ୍ଡ ।
ଗଜ ବ୍ରଜ ମଧ୍ୟେ ଥାଏ ଏକ ଦନ୍ତାବଳ,
ପୃଷ୍ଠେ ପଡ଼ିଥାଏ ରତ୍ନମଣ୍ଡିତ କମ୍ବଳ ।
ତା' ଉପରେ ରତ୍ନମୟ ହାଉଦା ଶୋଭିତ,
ଊର୍ଦ୍ଧ୍ୱଦେଶେ ଚନ୍ଦ୍ରାତପେ ରଉଦ୍ର ରୋଧିତ ।
ଚଉପାଶେ ପଞ୍ଚବାସେ ରତନ ଝାଲର,
ପ୍ରବେଶବାରକ ରବିକରଣ-ଜାଳର ।
ମଧ୍ୟେ ତାର ମଖମଲ କୋମଳ ଆସନେ,
ଦିଲ୍ଲୀନାଥ ବସିଥାଏ ରୂପଲୁବ୍ଧ ମନେ ।
ସ୍ୱର୍ଣ୍ଣମୟ ଧୂମନଳ ଧରିଥାଏ କରେ,
ଥରେ ଥରେ ଦେଉଥାଏ ଲଗାଇ ମୁଖରେ ।
ହୁକା ଧରିଥାଏ ଜଣେ ଅନ୍ୟ ଦନ୍ତାବଳେ,
ସୁବର୍ଣ୍ଣ ଚିଲମ କରି ପୂରିତ ଅନଳେ ।

ସେ ଗଜରୁ ଏ ଗଜକୁ ଲମ୍ବି ଥାଏ ନଳ,
ଘୁ ରୁଡ଼ୁ ଘୁ ରୁଡ଼ୁ ନାଦୁଥାଏ ହୁକାଜଳ ।
ସମ୍ରାଟ-ବଦନୁ ଏଣେ ଉଠି ଧୂମରାଶି,
ସୁବାସରେ ଦେଉଥାଏ ଚୌଦିଗ ଉଲ୍ଲାସି ।
ଚଉଦିଗେ ଗଜପୃଷ୍ଠେ ମଧୁର ବାଦନ,
କରୁଥାଏ ସମ୍ରାଟର କର୍ଣ୍ଣାଭିବାଦନ ।
ଶୀଘ୍ର ହେଉଥାଏ ତହିଁ ସଙ୍ଗୀତ ଯେତକ,
ଆଦରସେ ସମ୍ରାଟର ମାନସ-ଦ୍ୟୋତକ ।
ଏଠାରେ ବୋଲୁଛି ମନ ଲେଖନୀ ତୁ ସ୍ଥିର,
ଏଡ଼େ ବଡ଼ ସମ୍ରାଟକୁ କରୁଛୁ ତୁକାର ।
ଲେଖନୀ ବୋଲୁଛି ମନ କହିଲୁ ଯା ସତ,
ତା' ମହତ୍ତ୍ୱ ମାନିବାକୁ ବଳୁ ନାହିଁ ସତ ।
କି ଯୋଗ୍ନ ବୋଲିବା ତାକୁ ମାନମାପୁ ବଡ଼,
ଧରମ-ଜଗତେ ସେ ତ କ୍ଷୁଦ୍ର ଗରଗଡ଼ ।
ବୋଲିବ ଯଦ୍ୟପି ତାର ଅଛି ବାହୁବଳ,
ତାକୁ ବଳି ବନେ ଛନ୍ତି କେତେ ମହାବଳ ।
ଅଥବା ବୋଲିବ ବଡ଼ ବୁଦ୍ଧି ଅଛି ତାର,
କି ବୁଦ୍ଧି ଯେ କରେ ପାପ ପଥ ଆବିଷ୍କାର ।
ଯଦ୍ୟପି ବୋଲିବ ତାର ଅଛି ବହୁ ଧନ,
ସେ କି ଧନ ଯାହା ଯୋଗ୍ନ ନଶାହ୍ନ ନଧନ ।
କେଡ଼େ ଅପକର୍ମ୍ମ ପାଇଁ କେଡ଼େ ଆଡ଼ମ୍ବର,
ଆଡ଼ମ୍ବରେ ନାହିଁ ଧର୍ମଦେବଙ୍କ ଆଦର ।
ସତୀତ୍ୱ-ରତନ ବଳେ ହରିବାର ପାଇଁ,
କେତେଦୂରୁ କେତେଦୂରଯାଉଛି ସେ ଧାଇଁ ।
ହୃଦରେ ପୂରିଛି ତାର ପାପ-ଅଭିଳାଷ,
ତା ଏକା କରୁଛି ତାର ମହତ୍ତ୍ୱ ବିନାଶ ।
ଅମେଧ ପଦାର୍ଥ ଯଦି ଥାଏ ହେମ ଘଟେ,
କେ ତାକୁ ଆଗ୍ରହ କରି ରଖିବ ନିକଟେ ।
ଛାଡ଼ ତାର ମାନ୍ୟ, ଏବେ ହେଉଁ ଅଗ୍ରସର,
ଦେଖ୍ ଯୁଦ୍ଧଯାତ୍ରା ଲେଖ୍ ତା ଦୃଶ୍ୟ ନିକର ।
ଚାଲିଲା ବାହିନୀ ବ୍ୟାପି ବହୁଦୂର ପଥ,
ଉଦ୍‌ଗାରିଲା ଧୂଳି ମହୀ ହୋଇ ପଦାହତ ।
ସେ ଧୂଳିପଟଳ ଉଠେ ବ୍ୟାପିଲା ଗଗନ,
ସୁଦୀର୍ଘ ବାହିନୀ ହେଲା ତହିଁରେ ମଗନ ।

ସୁଦୂର ବିସ୍ତରିଲା ଯେସନ୍ତେ ମହା ଅଜଗର,
ହୋଇଅଛି ଗିରିଗ୍ରାସ-ଆଶେ ଅଗ୍ରସର ।
ବାଦ୍ୟନାଦ ଅଶ୍ୱହ୍ରେଷା ଗଜଘଣ୍ଟି ନାଦ,
ମହା ଗଣ୍ଡଗୋଳେ ମହୀ ଗଣିଲା ପ୍ରମାଦ ।
ଲେଉଟି ଲେଉଟି ଭୁକି ଭୁକି ବାରମ୍ବାର,
ପଳାଇଲେ ପଥପାର୍ଶ୍ୱ ଗ୍ରାମ-ଶ୍ୱାନ ବାର ।
ଗ୍ରାମେ ଗ୍ରାମେ ଘରେ ଘରେ କୁଳବଧୂକୁଳ,
ଘରବେ ରହିଲେ ଲୁଚି ହୋଇ ଭୟାକୁଳ ।
ପଥପାର୍ଶ୍ୱ ବିଟପିରୁ ବିହଙ୍ଗମଗଣ,
ରବି ରବି ଦଳ ଦଳ କଲେ ପଳାୟନ ।
ଶିବାମାନେ ପଳାଇଲେ ଲେଉଟି ଲେଉଟି,
ମଣ୍ଡଳିଲେ ଗୃଧ୍ରଗଣ ନଭୋଦେଶେ ଉଠି ।
ଚଟି ଚଟି ହୋଇଅଛି ରସଦ ସଂଗ୍ରହ,
ପ୍ରଜାବୃନ୍ଦ ଜଗିଛନ୍ତି ରହି ଅହରହ ।
ଫାଟିଅଛି ବେତ୍ରାଘାତେ ଶରୀର କାହାର,
ମସ୍ତକୁ ହୋଇଛି କାହା ରକତ ବାହାର ।
ତାଙ୍କେଛନ୍ତି ଆଘାତକୁ ମଳିନ ବସନେ,
କମ୍ପୁଛନ୍ତି ଶୀତେ ଶୀର୍ଣ୍ଣ ହୋଇ ଅନଶନେ ।
ନିଶିରେ ପାଇଛି ପାଣି କାହା ଅପଘନ,
ତହିଁ ସଙ୍ଗେ ପାଇଅଛି କୁଲ୍ଲର ପବନ ।
ଭ୍ରମୁଅଛି ଚପରାସୀ ହୋଇ ବେତ୍ର-କର,
ତାକୁ ଚାହିଁ ପ୍ରଜାଙ୍କର ପ୍ରାଣ ଥରହର ।
କାହାଠାରେ ଥିଲେ କିଛି ଦ୍ରବ୍ୟର ଅଭାବ,
ଦେଖାଉଛି ଚପରାସୀ ବେତ୍ରର ପ୍ରଭାବ ।
ଏକ ଦୁଇ ନୁହନ୍ତି ସେ ବହୁ ଚପରାସୀ,
ପ୍ରତାପରେ ଦେଉଛନ୍ତି ଧଇର୍ଯ୍ୟ ବିନାଶି ।
ଚପରାସୀଦଳ ମୂଳେ ଛନ୍ତି ଜମାଦାର,
ଲୋକ ଜାଣି ହେଉଛନ୍ତି ସେହୁ କ୍ଷମାକାର ।
ବିକ୍ରୟ କରନ୍ତି କ୍ଷମା ମୂଲ୍ୟ ଅନୁସାରେ,
ପ୍ରହାର ସହୁଛି ମୂଲ୍ୟ ନାହିଁ ଯାହାଠାରେ ।
ଯେ ଦ୍ରବ୍ୟ ନପଡ଼େ କେବେ ପ୍ରଜାର ନୟନେ,
ଲାଗିଛନ୍ତି କେତେ ଲୋକ ତାହା ଆନୟନେ ।
ଯେଉଁ ଦ୍ରବ୍ୟ ନ ମିଳଇ ଗ୍ରାମରେ ହଜାର,
ତହିଁ ପାଇଁ ଧାଇଁଛନ୍ତି ନଗର ବଜାର ।

ହେବାକୁ ଯେ ଗଜ-ବାଜୀ-ରସନା-ରସଦ,
ସଂଗୃହୀତ ହୋଇଅଛି ବିବିଧ ରସଦ ।
ଆରବ-ପାରସ୍ୟଜାତ ଫଳମୂଳମାନ,
ରସଦଭଣ୍ଡାରେ ଆସି ପାଇଅଛି ସ୍ଥାନ ।
ଅଶ୍ୱାରୋହୀ ପଦାତିକ ଆସି ଦଳ ଦଳ,
ନେଉଛନ୍ତି ପ୍ରଜାମୁଣ୍ଡେ ବୁହାଇ ସକଳ ।
ମନୋମତ ଦ୍ରବ୍ୟ ଲାଭେ ହେଲେ କାଛି ତ୍ରୁଟି,
ଗ୍ରାମେ ଗ୍ରାମେ ପଶି ପୁଣି କରୁଛନ୍ତି ଲୁଟି ।
ଏହିରୂପେ କରି ବହୁ ପ୍ରତାପ ପ୍ରକଟ,
ଲାଗିଲା ବାହିନୀ ଯାଇ ଚିତୋର ନିକଟ ।

# ପଞ୍ଚମ ସର୍ଗ

ଅଭେଦ୍ୟ ଚିତୋର ଦୁର୍ଗ ସୁଦୃଢ଼ ପ୍ରାଚୀର,
ଚିରକାଳୁ ରହିଅଛି ଥିବ ଯେହ୍ନେ ଚିର ।
ଚତୁର୍ଦ୍ଦିଗେ ଭ୍ରମୁଅଛି ଯବନବାହିନୀ,
ବହୁବିଧ ଭୟଙ୍କର ଆୟୁଧବାହିନୀ ।
ଆବରଣ କରି ଶିର ଶିରସ୍ତ୍ରାଣ-ଜାଲେ,
ବାରବାଣେ ତନୁ, କଟି ସାରସନମାଳେ ।
ତୁରଙ୍ଗମ ହ୍ରେଷାରବ ଗଜର ଗର୍ଜନ,
ସଙ୍ଗେ ନୃତ୍ୟ କରୁଅଛି ଅସ୍ତ୍ରର ଝନ୍‌ଝନ ।
ମୁହୁର୍ମୁହୁ ଉଠି ଘୋର ବନ୍ଧୁକର ଧ୍ୱନି,
କମ୍ପାଉଛି ବନ ସହ ଗଗନ ମେଦିନୀ ।
ଦୁର୍ଗଦ୍ୱାରେ ପଡ଼ିଅଛି ସୁଦୃଢ଼ କବାଟ,
ମିଳୁ ନାହିଁ ଯବନଙ୍କୁ ସୂତ୍ର-ମୁନେ ବାଟ ।
ସେନା-ପିପୀଲିକାକ୍ରାନ୍ତ ଚିତୋର ନଗରୀ,
ରହିଅଛି ବନ୍ଧମୁଖ ଗୁଡ଼ କୁମ୍ଭ ପରି ।
ଭୟଙ୍କର ଜଳରାଶି ତରଙ୍ଗପଟଳ,
ମଧ୍ୟେ ଯଥା କପିଳଙ୍କ ଆଶ୍ରମ ଅଟଳ ।
ଏହିରୂପେ ଚାଲିଅଛି ମାସ ପରେ ମାସ,
ଭାଗ୍ୟଦେବୀ ନ ଛାଡ଼ନ୍ତି ଚିତୋର-ନିବାସ ।
କିଛି ଦୂରେ ପଡ଼ିଅଛି ସମ୍ରାଟ-ଶିବିର,
ଧାଡ଼ି ଧାଡ଼ି ଗଗନକୁ ଟେକିଛନ୍ତି ଶିର ।
କରିବାକୁ ଜୟ-ଲକ୍ଷ୍ମୀ ମୂର୍ତ୍ତି ପ୍ରତିଷ୍ଠିତ,
ହୋଇଛି ସେସବୁ ପରି ମଣ୍ଡପ ନିର୍ମିତ ।
ଉଡ଼ି ତାଙ୍କ ଜୟ ସୂକ୍ଷ୍ମ ଚୂଡ଼ାରେ ଚପଳ,
ରଣଦେବୀ-ଜିହ୍ୱା ପରି ହୁଏଇ କରାଳ ।
ପଟବସ୍ତ୍ରାବାସ ମଧ୍ୟେ ରତ୍ନବିଖଚିତ—
ମହୋଜ୍ଜ୍ୱଳ ସ୍ୱର୍ଣ୍ଣମୟ ଆସନ ରଚିତ ।
ଚତୁର୍ଦ୍ଦିଗେ ବସିଅଛି ସୁଷମାର ହାଟ,
ମଧ୍ୟେ ବିଜେ ଦିଲ୍ଲୀପତି ଯବନସମ୍ରାଟ ।
ଶିବିର ବାହାରେ ବେଢ଼ି ଶସ୍ତ୍ରଧାରୀଗଣ,
ରହିଛନ୍ତି ଝଲକାଇ କୃପାଣ-କିରଣ ।
ଦିଲ୍ଲୀ ଆଜି ମରୁବାର ନଗର ସମାନ,
ସମ୍ରାଟ ସଦନେ ସର୍ବ ରତ୍ନ ଭାସମାନ ।
ଅବରୋଧ ରମଣୀଙ୍କ ବଦନମଣ୍ଡଳ,
ଚାହିଁଦେଲେ ବିଚଳିତ ହେବେ ଆଖଣ୍ଡଳ ।
ମଧୁର ମୋହନ କଣ୍ଠ ଅମିୟ ଗାୟନ,
ଶୁଣିଲେ ଚକିତ ହେବେ ଋଷି ଦ୍ୱୈପାୟନ ।
ସହାସ ଅଧରମୁକ୍ତ ସପ୍ରେମ ବଚନ,
ଜିତେନ୍ଦ୍ରିୟ ଅପାଙ୍ଗେ କରେ ଲୋମାଞ୍ଚନ ।
ପ୍ରଫୁଲ୍ଲ କମଳ କାନ୍ତ ଅଙ୍ଗୁଳି ସ୍ପରଶ,
କହିଦିଏ ହେମପୁଷ୍ପ ଶିରୀଷ କର୍କଶ ।
ସମ୍ରାଟଙ୍କୁ ସେ ସମସ୍ତ ଲାଗିଛି ଅଲଣା,
ଦୃଷ୍ଟିଦୋଳେ ଝୁଲୁଛନ୍ତି ଚୌହାଣଦୁଲଣା ।
ଶୁଣିଛି ଚିତୋର ଦୁର୍ଗେ ଫୁଟିଛି ପଦ୍ମିନୀ,
ଦିଲ୍ଲୀ ରୂପସୀଙ୍କ ରୂପ-ଗରବମର୍ଦ୍ଦିନୀ ।
ଦିଲ୍ଲୀରୁ ବିମୁଗ୍ଧ ହୋଇ ପଦ୍ମିନୀ ବାସରେ,
ନିଦ୍ରା ନାହିଁ ସମ୍ରାଟଙ୍କୁ ରଜନୀ ବାସରେ ।
ଯେ ପଦ୍ମିନୀ ଭୀମ ସିଂହ ସିଂହର ଘରଣୀ,
ପାତିବ୍ରତ୍ୟ ବିଭୂଷଣେ ମଣ୍ଡୁଛି ଧରଣୀ ।

ବଳେ ତାକୁ ନେବା ପାଇଁ କରି କୁବିଚାର,
ଧାଇଁଛନ୍ତି ଯବନ-ବ୍ୟାଘ୍ର ଦୁଷ୍ଟ ଦୁରାଚାର ।
ପଦ୍ମିନୀଙ୍କ ଛାଡ଼ିଦେଲେ ନ କରିବ ରଣ,
କହି କଲା ଭୀମଙ୍କର ମର୍ମ୍ମ ବିଦାରଣ ।
ଭୀମପରାକ୍ରମ ଭୀମ ଭୀମର ସମାନ
ସହି କି ପାରନ୍ତେ ସେହି ଗୁରୁ ଅପମାନ ।
ସମ୍ରାଟଙ୍କୁ ଦେଲେ କ୍ରୋଧେ କର୍କଶ ଖବର,
ଦେଖାଅ ତୋ ବଳ ଥିଲେ ଯବନ ବର୍ବର ।
ସିଂହ ସଙ୍ଗେ ସମ୍ରାଟର ଲାଗିଅଛି ଯୁଦ୍ଧ,
ନ ପାରି ଧରିବେ ସିଂହେ ହୋଇଅଛି କ୍ଷୁବ୍ଧ ।
ଶିବିରେ ବସିଛି ମାତ୍ର ସୁବର୍ଣ୍ଣ ଆସନେ,
ହୃଦାରଣ୍ୟ ଜଳୁଅଛି ହିଂସା-ହୁତାଶନେ ।
ଦିଲ୍ଲୀଶ୍ୱର ପରଦାରହରଣେ ଲାଲସ,
ଛି, ଛି, ଛି, ପୁରୀଷପୂର୍ଣ୍ଣ ସୁବର୍ଣ୍ଣ କଳସ ।
ଧନ୍ୟ ବିଧି ତୁମ୍ଭର କି ବିଚିତ୍ର ବିଧାନ,
ନରକରୁ ସ୍ୱର୍ଗର କି ନାହିଁ ବ୍ୟବଧାନ !
ହୃଦୟରେ ଯାର ଅତି ଜଘନ୍ୟ ବିଚାର,
ତାକୁ ତୁମ୍ଭେ ଦିଅ ପୁଣି ରାଜ୍ୟ ଅଧିକାର ।
ଜୀବନ ଯାହାର ନାନା ପାପର ପସରା,
ହସ୍ତେ ତାର ଦେଇଥାଅ ଧନଧାନ୍ୟ ଧରା ।
ଜୟଲକ୍ଷ୍ମୀ ! ତୁମ୍ଭେ ଅତି ଦୁର୍ବଳ ହୃଦୟା,
ଯହିଁ ଅସ୍ତ ପର କ୍ଷଣେ ତହିଁରେ ଉଦୟ ।
ପୁଣ୍ୟେ ନାହିଁ ଅଭିରୁଚି ପାପେ ନାହିଁ ଘୃଣା,
ନାହିଁ ଦ୍ୱେଷ ଦୁଷ୍ଟ ପ୍ରତି ନ ସ୍ନେହ କରୁଣା ।
ଯାହାଠାରେ ଦେଖ ଛଳ କଉଶଳ ବଳ,
ତାହାଠାରେ ହୁଏ ତୁମ୍ଭ ମମତା ପ୍ରବଳ ।
ତୁମ୍ଭ ପ୍ରୀତି ପାଇଁ ଲୋକେ କେତେ ମନ୍ଦକର୍ମ
କରିଥାନ୍ତି, ଦେଖି ପୁଣି ସହିଥାଏ ଧର୍ମ ।
ରାଜଲକ୍ଷ୍ମୀ ବରପୁତ୍ର ସେ ଆଲାଉଦ୍ଦୀନ,
ନିଜକୁ ମଣୁଛି ଆଜ ଦୀନଠାରୁ ହୀନ ।
ସନ୍ତୋଷ-ରତନ ନାହିଁ ହୃଦୟରେ ଯାର,
ସୁଖ କାହିଁ ପାଇଲେହେଁ ଇନ୍ଦ୍ରତ୍ୱ ହଜାର ।
ବୋଲୁଛି ନ ହେଲା ଲାଭ ରମଣୀ-ରତନ,
ଧିକ୍ ମୋ ସମ୍ରାଟପଣ ଧିକ୍ ମୋ ଜୀବନ ।
ଧିକ୍ ବସିଥିବା ବୋଲି ଉଠିପଡ଼ି ଥରେ,
ଅଗ୍ରସର ହେଲା ଯାଇ ଚିତୋର ପଥରେ ।
ଶୁଣିଲା ପ୍ରାଚୀର-ଶିରୁ ବର୍ଷୁଛି ପଥର,
ଲେଉଟିଆସିଲା କ୍ରୋଧେ କମ୍ପି ଥରଥର ।
ଅସ୍ତାଚଳ-ଶିରେ ଥାଇ ସହସ୍ରକିରଣ,
କରୁଛନ୍ତି ଚିତୋରର ଭବିଷ୍ୟ ଗଣନ ।
ଧଇର୍ଯ୍ୟ ଗାମ୍ଭୀର୍ଯ୍ୟ ସହ ମଧୁର ମାର୍ଦ୍ଦବ,
ହୋଇଅଛି ଏବେ ତାଙ୍କ ବାର୍ଦ୍ଧକ୍ୟ ବିଭବ ।

( ଅସମ୍ପୂର୍ଣ୍ଣ )

# କବିତାମାଳା

# କବିତାମାଳା

## ପ୍ରାର୍ଥନା

ଜୟ ଜୟ ଜଗନ୍ନାଥ କରୁଣାସାଗର,
ଜୟ ହେ ମଙ୍ଗଳମୟ ବିଶ୍ୱହିତକର ।
ବିଶ୍ୱରୂପୀ, ବିଶ୍ୱବ୍ୟାପୀ, ବିଭୁ ବିଶ୍ୱମ୍ଭର,
ଇଙ୍ଗିତେ ଚଳଇ ତୁମ୍ଭ ବିଶ୍ୱଚରାଚର ।
ଜ୍ଞାନମୟ ଜ୍ଞାନରୂପେ ଜ୍ଞାନି ହୃଦବାସୀ,
ସତ୍ୟ ଦେଖାଉଛ ପ୍ରାଣରୂପେ ପରକାଶି ।
ଶିଶୁ ପାଇଁ ତୁମ୍ଭେ ପିତାମାତା ଅବତାର,
ତରୁଣରେ ହୁଅ ଜ୍ଞାନ ସ୍ୱରୂପେ ସଞ୍ଚାର ।
ଯେ ଯେତେ ଭଜଇ ତୁମ୍ଭ ଜ୍ଞାନରୂପ-ପାଦ,
ଲଭଇ ସେ ଜନ ସେତେ ଅମୂଲ୍ୟ ପ୍ରସାଦ ।
ଭୀଷଣ ଦୁସ୍ତର ଭବ-ସିନ୍ଧୁ ପାର ପାଇଁ,
ଭିଆଇଛ କର୍ମରୂପ ନାବ ବିଶ୍ୱସାଇଁ ।
ବୁଡ଼ାଇ କୁକର୍ମ-ନାବ ଦୁଃଖ-ତରଙ୍ଗରେ,
ସୁକର୍ମ-ନଉକା ଲାଗେ ସୁଖ-ସାମ୍ରାଜ୍ୟରେ ।
ଦୁଃଖଯନ୍ତ୍ରଣାକୁ ଲାଗୁଅଛି ବଡ଼ ଡର,
ଦୀନବନ୍ଧୋ ! ଜଣାଉଛି ଏଣୁ ଯୋଡ଼ି କର ।
ସୁକର୍ମ-ନାବରେ ଦେଇ ଭାଗ୍ୟ-କର୍ଣ୍ଣଧାର,
ଦୟାବହ ଦୟାନିଧେ, କର ମୋତେ ପାର ।
ବନ୍ଧୁ ରୂପେ ତୁମ୍ଭେ ତହିଁ ଅନୁକୂଳ ବାତ,
ହେବାକୁ କୁଣ୍ଠିତ ନୁହ ବ୍ରହ୍ମାଣ୍ଡର ତାତ ।
ନିଃସ୍ୱାର୍ଥ ପୁଜନେ ବୁଲି କରିବ ସଞ୍ଚିତ—
ଭାରତ ରତନରାଶି, ହେଉଛି ମୋ ଚିତ୍ତ ।
ତୁମ୍ଭର କରୁଣା ହେବ ଯଦ୍ୟପି କିଞ୍ଚିତ,
ହେବ ନିଶ୍ଚେ କୃତକାର୍ଯ୍ୟ ନ ହୋଇ ବଞ୍ଚିତ ।

## ଉତ୍କଳ ଗୌରବ

ଜନ୍ମଦାତ୍ରୀ ମାତୃଭୂମି ପୁଣ୍ୟକୀର୍ତ୍ତିଶାଳିନୀ,
ପାପତାପଧ୍ୱଂସୀ ଦେବସେବ୍ୟ ତୀର୍ଥମାଳିନୀ ।
ସର୍ବଧର୍ମ ସୂକ୍ଷ୍ମ ମର୍ମ ପୂର୍ଣ୍ଣ ତାର ଗର୍ଭରେ,
ପାଦସ୍ପୃଷ୍ଟନାଦ ହୃଷ୍ଟ ସିନ୍ଧୁ ନାଚେ ଗର୍ବରେ ।
ଶାନ୍ତ ଗାତ୍ରୀ କାନ୍ତ କୁଞ୍ଜ-ପୁଞ୍ଜ ଶୈଳବର୍ଗରେ,
ଯହିଁ ମୁଗ୍ଧ ଥାଇ ଲୁବ୍ଧ ସ୍ୱର୍ଗବାସୀ ସ୍ୱର୍ଗରେ
ଶୂନ୍ୟ ଶଙ୍କେ ପୁଣ୍ୟ ଅଙ୍କେ କୋଟିପୁତ୍ରଧାରିଣୀ
ପୁଷ୍ପମାଳେ ଶସ୍ୟ-ଜାଲେ ତୁଷ୍ଟ ପୁଷ୍ଟକାରିଣୀ ।
ଶୁଭ୍ରଫେଣୀ କୃଷ୍ଣବେଣୀ ବକ୍ଷେ ତାରବାହିନୀ,
କାନ୍ତି ବର୍ଣ୍ଣ ଶୁଦ୍ଧ ସ୍ୱର୍ଣ୍ଣ ବଜ୍ରଖଣ୍ଡକାୟିନୀ ।
ପାଣି ନାମ ଅମୃତ ତା' ବାଣୀଧାମ ସଂସ୍କୃତ,
ଅନ୍ନ ତାର ଆର୍ଯ୍ୟାବର୍ତ୍ତ ଲଙ୍କାଯାଏ ସଞ୍ଚିତ ।
ଭ୍ରାତୃବର୍ଗ ଆଜି ସ୍ୱର୍ଗ ସେବ୍ୟ ମାତୃ ପଦ୍ମରେ,
କୋଟି ଚଉଗୋଟି ବାନ୍ଧ ଲୋଟି ପାଦପଦ୍ମରେ
ମାଗିଭିକ୍ଷା ନେଉଁ ଦୀକ୍ଷା ଥାଇ ପ୍ରେମବନ୍ଧନେ,
ଭାଗ୍ୟଭାଗୀ ହେଉଁ ଜାଗିଲାଗି ଦୁଃଖଖଣ୍ଡନେ ।
ଜ୍ଞାନେ ମଗ୍ନ କର୍ମେ ଲଗ୍ନ ହେଲେ ହେବ ସତ୍ୱର
ସର୍ବବିଘ୍ନ ଗର୍ବଭଗ୍ନ ଋଦ୍ଧି ବୃଦ୍ଧି ସତ୍ୱର ।
ଏକ ଭେକ ଏକ ଟେକ ଦୂରେ ଫିଙ୍ଗୁ ପାର୍ଥକ,
ମିଳଣେଳ ସାମ୍ୟମୈତ୍ରୀ ପ୍ରାଣେ ହେଉ ସାର୍ଥକ

# ଉଦ୍ଭୂତ ପ୍ରାର୍ଥନା

ଦୀନବନ୍ଧୁ ଦୀନଶରଣ,
ଧନ୍ୟ ନାଥ ରୀତି କରିଛ ଅରୀତି
ଭସ୍ମଚସ୍ମ ମୋର ହରଣ ।
ଏବେ ଚକ୍ଷୁ ଫେଡ଼ି ଦେଇଅଛ ଛାଡ଼ି
ଚଳିବାକୁ ନିଜ ମନରେ,
ପୂର୍ବ କଥାମାନ କଲ ବିଦ୍ୟମାନ
ପୁଣି ମୋ ସ୍ମୃତି-ସଦନରେ । ୧ ।
ଦେବ ବିଭାବସୁ ନିଜ ଭାବବଶୁ
ଉଠି ଆସୁଛନ୍ତି ଗଗନ,
ଉଠିବାର ଶେଷେ ଖସି ବିଧିବଶେ
ଅସ୍ତ ନଗେ ହେବେ ମଗନ । ୨ ।
ଏହି ଦିନ ମଧ୍ୟେ ଏହି ଦାନ ମଧ୍ୟେ
ଥାଇ ନାଥ ଦିଅ ସୁପଥ,
ତୁମ୍ଭର କାମନା କରିବି ସାଧନା
କହୁଅଛି କରି ଶପଥ । ୩ ।
ଭୂତ କଥାମାନ ହୋଇ ସାବଧାନ
ସ୍ମରଣ-ସଦନେ ଥୋଇବି,
ପୁଣି ତୁମ୍ଭ କୋଳେ ପଡ଼ିଯିବି ଭୋଳେ
କୃପାଜଳେ ପାଦ ଧୋଇବି । ୪ ।
କରିଛି ଯେ ପାପ କରି ଅନୁତାପ
ହେଉଅଛି କୃପା-ଭିଖାରୀ,
ସେ ପଥେ ଗମନ କରିବାର ମନ
ନ ଦିଅ କରୁଣାବିହାରୀ ! ୫ ।

# ଭରସା

ଦୃଢ଼ ଭରସା କରିଛି ଚରଣେ
ଦିନେ ନାହିଁ ଦିନେ କରୁଣା ଲଭିବି
ଜୀବନେ ନ ହେଲେ ମରଣେ ।
ତୁମ୍ଭ ଚରଣ ଜଗତ ଶରଣ
କେହି କରୁ ବା ନ କରୁ ବରଣ,
ଚିର ଦୁଃଖ ଦେଇ ପାରିବ କି ନାହିଁ
ଭବସାଗର ସନ୍ତରଣ । ୧ ।
ଗଳିଯାଉଛି ରଜନୀ ବାସର
ଚଳିଯାଉଛି ମାସ ସମ୍ବତ୍ସର
ମୋର ଦଶା ଚିର ରହିଥିବ ସ୍ଥିର
ବାହାର ସେ ମୋ ବିଶ୍ୱାସର । ୨ ।
ତୁମ୍ଭେ ନିଜେ ଯାକୁ ଅଛ ସରଜି,
ତାକୁ କେମନ୍ତେ ପାରିବ ବରଜି
ତୁମ୍ଭର ଦଣ୍ଡନ ମଣିବି ମଣ୍ଡନ
କେମନ୍ତେ ନ ହେବ ମରଜି । ୩ ।
ତୁମ୍ଭେ ମାରିବ ଅଥବା ତାରିବ
ଯାହା ଇଚ୍ଛା ତାହା କରିପାରିବ,
ଯାହା କର ତାହା ତୁମ୍ଭ ଇଚ୍ଛା ବୋଲି
ମୋ ଜୀବ ସମସ୍ତ ସାରିବ । ୪ ।
ପ୍ରଭୁ ଶୁଣିଅଛି ଏକ ମନ୍ତର
ତାହା ଭାବୁଛି ବସି ନିରନ୍ତର
ଯେତେ ଦୋଷ କଲେ ତୁମ୍ଭ ଦେଶୁଁ ବଳେ
କରି ନ ପାରିବ ଅନ୍ତର । ୫ ।

# ଅର୍ପଣ

ଜୟ ଜଗଦୀଶ    ଜୟ ସର୍ବଧୀଶ
ଜୟ ମୋ ଜୀବନ କାରଣ,
ମନ ମୋର ଯେବେ    ଅପଥେ ଚଳଇ
କାହିଁକି ନ କର ବାରଣ ।
ଯେବେ କରିବାକୁ ତବ ତର୍ପଣ,
କରେଁ ତାକୁ ପଦତଳେ ଅର୍ପଣ
ପାପେ ଘୃଣାକରି    ଫିଙ୍ଗିଦିଅ କିପାଁ
ତୁମ୍ଭେ ପରା ଜନତାରଣ । ୧ ।
ତବେ ତୁମ୍ଭେ ମହା ପାପହରଣ
ବୋଲି ପଶିଲି ଚରଣେ ଶରଣ,
ପାପେ ଯଦି ଡରି    ଯିବ ଅପସରି
କେମନ୍ତେ ହେବ ତା ତାରଣ । ୨ ।
ଯଦି ବୋଲିବ ମୋର ଭରମ
ପାପ ମୋର ଅରଜିତ କରମ
ଅରଜିଛୁଁ ଯାହା    ଅରପିଲି ତାହା
କୃପା ବହି କର ଧାରଣ । ୩ ।
ମନ ନୁହେ କି ତୁମ୍ଭର ପ୍ରଦାନ
କଣ ନୁହେ ସେ ପ୍ରାଣର ପ୍ରଧାନ,
ଦେଇଅଛ ଯାହା    ନେବ ନାହିଁ ତାହା
ଏ କେମନ୍ତ ଅବଧାରଣ ।

# ଫକୀରମୋହନଙ୍କ ସ୍ୱର୍ଗାରୋହଣ

ସ୍ୱରଗ ନଗରେ ଆଜି
କିପାଁ ଏତେ କଳକଳ,
ଯାଉଛନ୍ତି ଆସୁଛନ୍ତି
ଦେବଗଣ ଦଳ ଦଳ ।
ରତ୍ନମାନେ ମଣ୍ଡୁଛନ୍ତି
କେତେ ଜଣ ସଭାଘର,
ସାଜୁଛନ୍ତି ରତ୍ନ-ଯାନ
କେତେ ହୋଇ ହରବର ।
କେତେ ଜଣ ସାଜୁଛନ୍ତି
ତୋରଣ ମଣ୍ଡପ ଶିର,
ବାନ୍ଧୁଛନ୍ତି ଧ୍ୱଜ ତହିଁ
ସିଇଁ ସ୍ୱର୍ଣ୍ଣମୟ ଚୀର ।
ନନ୍ଦନକାନନେ ପଶି
ଅମର ଅବଳାଗଣ,
ବାଛି ବାଛି ଫୁଲସବୁ
କରୁଛନ୍ତି ଆହରଣ ।
ତରତର ଗୁନ୍ଥୁଛନ୍ତି
ସରଳ ସୁନ୍ଦର ହାର,
ସାଜୁଛନ୍ତି ସ୍ୱର୍ଣ୍ଣଥାଳେ
କାହା ପାଇଁ ଉପହାର ।
କାହାକୁ ସେ ଆଗେ କରି
ଚାଲିଛନ୍ତି ବେଗ ବେଗ,
କାହାକୁ ଦେଖିବା ପାଇଁ
ମନେ ଏତେ ଉଦବେଗ ।
ଦେଖୁଁ ଦେଖୁଁ ରୁଣ୍ଡ ହୋଇ
ମଣ୍ଡିଦେଲେ ସ୍ୱର୍ଗଦ୍ୱାର,
ପ୍ରଫୁଲ୍ଲ ନୟନେ ଚାହିଁ
ରହିଛନ୍ତି ଅନିବାର ।
ଫକୀରମୋହନ ତହିଁ
ଯାଇ ହେଲେ ଉପଗତ,
ବନ୍ଧୁ ମୁଖେ ଉଚେ ହେଲା
ହୁଳହୁଳୀ ସମୁଦ୍‌ଗତ ।
ପ୍ରିୟା ତାଙ୍କ ଗଲେ ଆଗେ
ଦେଇ ରମ୍ୟ ପୁଷ୍ପମାଳ,
ପାଦତଳେ ପଡ଼ିଗଲେ
ପ୍ରେମେ ହୋଇ ଅସମ୍ଭାଳ ।

ଅନ୍ୟ ଦେବଯୋଷାମାନେ
ପେଲାପେଲି ହରବର-
ହୋଇ ପୁଷ୍ପହାର ଧରି
ଊର୍ଦ୍ଧ୍ୱକୁ ଟେକିଲେ କର ।
ନ ପାରନ୍ତେ ଶିରକୁ ହେଲେ
ହସାହସି ପରସ୍ପର,
ଶିର ନତ କରି ହାର
ଘେନିଲେ କବିଶେଖର ।
ନ ପାରି ଭିଡ଼କୁ ପଶି
ଦୂରେ ଥାଇ କେତେ ଜଣ,
ସୁକୁମାରୀ ଦେବବାଳା
କଲେ ପୁଷ୍ପ ପ୍ରକ୍ଷେପଣ ।
ଫକୀରମୋହନ ଧରି
ପ୍ରଣୟିନୀ ମୃଦୁ କର,
ଉଠାଇ ଦେଖିଲେ ଉଭା
ତେଣେ ସବୁ ବନ୍ଧୁବର ।
କବିଗୁରୁ ରାଧାନାଥ
ମଧୁସୂଦନ ସହିତ,
ଆଗେ ଥାଇ ଚାହିଁଛନ୍ତି
ଚିତ୍ତ କରି ଅବହିତ ।
ପ୍ରିୟା କର ଛାଡ଼ି କଲେ
ତାଙ୍କ କର ମରଦନ,
ପରସ୍ପର ଆଲିଙ୍ଗନେ
ହେଲା ମୁଦ ବରଧନ ।
ଅନ୍ୟ ବନ୍ଧୁଗଣ ସଙ୍ଗେ
ସେହିପରି କୋଲାକୋଲି,
ସ୍ୱର୍ଗୀୟ ସୁବାସ ତୈଳ
ଅଙ୍ଗେ ହେଲେ ବୋଳାବୋଳି ।

ଦେବେ ଥିଲେ ରଖି ପାଶେ
ସ୍ୱର୍ଣ୍ଣମୟ ରଥଶ୍ରେଣୀ,
ତହିଁରେ ବସାଇ ବସି
ଫକୀରଙ୍କୁ ଗଲେ ଘେନି ।
ଆଗେ ଆଗେ ବାଜୁଥାଏ
ଅମର-ଦୁନ୍ଦୁଭି ବାଜା,
ଯାଇ ହେଲେ ଉପଗତ
ଯହିଁ ଥିଲେ ଦେବରାଜା ।
ଫକୀରଙ୍କୁ ଚାହିଁ ହେଲେ
ଦେବରାଜ ହରଷିତ,
ବିଦ୍ୟାଧରୀ କରମୁକ୍ତ
ପୁଷ୍ପ ହେଲା ବରଷିତ ।
ଦେବଗଣ କଲେ ତହିଁ
ଫକୀରଙ୍କ ଗୁଣଗାନ,
ଗାଇଲେ ଗନ୍ଧର୍ବଗଣ
ଲୟରେ ମିଶାଇ ତାନ ।
ଫକୀରଙ୍କ ଗଳେ ଶଚୀ
ଦେଲେ ବୈଜୟନ୍ତୀ ମାଳା,
ଉଚ୍ଚରବେ ହୁଳହୁଳୀ
ଦେଲେ ସର୍ବ ଦେବବାଳା ।
ଶିରେ ତାଙ୍କ ଇନ୍ଦ୍ର ଦେଲେ
ସ୍ୱର୍ଣ୍ଣମୟ ଜରିପାଗ,
ଝୁଲୁଥିଲା ଲଗି ତହିଁ
ହୀରା ମାଳା ପଦ୍ମରାଗ ।
କୃଷ୍ଣକୁମାରୀଙ୍କି କରି
ତାଙ୍କ କରେ ସମର୍ପଣ,
ବୋଇଲେ ସ୍ୱପୁରେ ରହି
ଭୋଗ ନିତ୍ୟ ସନ୍ତର୍ପଣ ।

# ଉଦ୍‌ବୋଧନ

ଭାରତନନ୍ଦନ ଉଠ ହେ ବହନ
ଉପଗତ ଏବେ ଶୁଭ ସମୟ,
ଦିଅ ମନ କର୍ଣ୍ଣ ଉଚ୍ଚେ ଘନଘନ
ଡାକ ଆସୁଅଛି ଓଜସମୟ ।
ନୁହେ ତାହା ଡାକ ଦେବତାଙ୍କ ବାକ୍ୟ
ତୁଚ୍ଛ ବାକ୍ୟ ନୁହେ, ଗୌରବବର,
ଦେଉଛନ୍ତି ନର- କଳେବର ଧରି
ଦେବତା ଆମ୍ଭର ଭାରତେଶ୍ୱର ।
ଭାରତ ଭୂପତି ଧରମ ମୂରତି
ଯୁଗେ ଯୁଗେ ରକ୍ଷଦଳନେ ଦକ୍ଷ,
ନିଶାଚର ବଳ ହେଲେ ପରବଳ
ଇନ୍ଦ୍ର ହିଁ ଲୋଡ଼ନ୍ତି ତାଙ୍କ ସାପକ୍ଷ ।
ଭାରତୀୟ ବୀର ସଦା ପୃଥିବୀର
ବକ୍ଷେ ରଖିଯାଇଛନ୍ତି କୀରତି,
ଗର୍ଭରୁ ଶିକ୍ଷିତ ହୁଅନ୍ତି ବୀକ୍ଷିତ ୧
ସମର-ମରଣେ ତାଙ୍କ ପୀରତି ।
ଜିଣିଲେ ବସୁଧା ମଲେ ସ୍ୱର୍ଗସୁଧା
ଭୋଗ କରିଥାନ୍ତି ଭାରତ ବୀର,
ନ ମିଳିଲେ ଅସ୍ତ୍ର କୁଶ କରି ଶସ୍ତ୍ର ୨
କରନ୍ତି ସମର ନୋହି ଅଧୀର ।
ନବ୍ୟ ସଭ୍ୟଦଳ ହାସରେ କେବଳ
ଉଡ଼ାଇ ନ ଦିଅ ଏ କଥାମାନ,
ତୁମ୍ଭ ପୂର୍ବବଂଶ ବୀରତ୍ୱର ଯଶ
ଗ୍ରୀକ୍‌ବୀରେ କରିଅଛନ୍ତି ଗାନ ।
ନବ ଯୁବାଦଳ ବୀରେନ୍ଦ୍ର ବାଦଲ
ସମ ହୋଇପାରି ରଣ-ପଣ୍ଡିତ,
ସମ୍ରାଟ ସକାଶ ଭୂଷଣ ସଙ୍କାଶ
କରି ହେ ଭାରତ-ବକ୍ଷ ମଣ୍ଡିତ ।
ରାଜା ପାଇଁ ଧନ ଜୀବନ କି ମନ
ଦାନେ ଏତେବେଳେ ହେଲେ କୁଣ୍ଠିତ,
ବର ଏଡ଼ ଦର- ଭକ୍ତ ବପଦର-
ପଦେ, ପଦେ ପଦେ ହେବ ଲୁଣ୍ଠିତ ।

# ଅମୂଲ୍ୟ ଓ ମୂଲ୍ୟବାନ

ଅମୂଲ୍ୟ ପଦାର୍ଥ କରେ ଲୋକ ଉପକାର,
ମୂଲ୍ୟବାନ ପାଇଥାଏ ଲୋକେ ଉପଚାର ।
ମୂଲ୍ୟବାନ ରହେ ଲୋକେ ସୁପ୍ରୀତି ବାଦରେ,
ଅମୂଲ୍ୟ ନ ଥାଏ କେବେ ତା ପ୍ରତିବାଦରେ ।
ଗୁଣବଳେ ନ ହେଲେହେଁ ଅମୂଲ୍ୟ ସମାନ,
ମୂଲ୍ୟଗୁଣେ ମୂଲ୍ୟବାନ ଲଭଇ ସମ୍ମାନ ।
ଅମୂଲ୍ୟର ମୂଲ୍ୟ ନାହିଁ ଗୁଣ ଅନୁସାରେ,
ତା' ଯୋଗ୍ୟ ଆଦର ତେଣୁ ନହୁଏ ସଂସାରେ
ଅମୂଲ୍ୟ ଅତୁଲ୍ୟ ହିତକର ଉବକର,
ଲୋକେ କରି ନ ପାରନ୍ତି ତା ଯୋଗ୍ୟ ଆଦର
କିନ୍ତୁ ବହୁମୂଲ୍ୟ ଦେଇ ବିବିଧ ଆଲୋକ,
ରଜନୀରେ ଆଲୋକିତ ହୋଇଥାନ୍ତି ଲୋକେ,
କ୍ଷଣେ ବାୟୁ ବିନା ପ୍ରାଣ ହୁଏ କଲବଲ,
ତା' ମୂଲ୍ୟକୁ ଧନ ନାହିଁ ଲୋଡ଼ା କଲ ବଲ ।
ବ୍ୟଞ୍ଜନ ନିମନ୍ତେ ହୁଏ ଧନ ପ୍ରୟୋଜନ,
ତା ଯେଣୁ ବ୍ୟଞ୍ଜନ ହୁଏ ଆଦରଭାଜନ ।
ମୂଲ୍ୟବାନ ଲୋକ ବସେ ରାଜଦରବାରେ,
ଅମୂଲ୍ୟ ପ୍ରଜାଏ ଦୂରେ ରହନ୍ତି ବାହାରେ ।
ଅମୂଲ୍ୟ ପଦାର୍ଥ ଯହିଁ ହୁଏ ଉପଗତ,
ସରିଯାଏ ତହିଁ ମୂଲ୍ୟବାନର ମହତ ।
ମୂଲ୍ୟହୀତ ଦ୍ରବ୍ୟ କରେ ଗୃହ ଅଧିକାର,
ଅମୂଲ୍ୟ ଅନ୍ୱେଷୁ ଗଲେ ମନାହୁଏ ଦ୍ୱାର ।

୧ । ଅଭିମନ୍ୟୁ । ୨ । ଅଶ୍ୱତ୍ଥାମା ।

# ସୁଭାବ ଓ ସ୍ୱଭାବ

କୁକୁର ଗଳାରେ ଯଦି ଖଞ୍ଜିବ କେଶର,
ସିଂହ ନୋହିବ ଗୃହିବ ସେ ଅଇଁଠା ପତର ।
ସୁବର୍ଣ୍ଣ ଅମାରି ଯୋଗେ ମଣ୍ଡିଲେ ଶୂକର,
ସମ ହେବ ନାହିଁ ଗଜରାଜ ଶାବକର ।
ବରଡ଼ାଳ ଭୁଞ୍ଜି ତାର ତୃପ୍ତି ହେବ ନାହିଁ,
ତା ଖାଦ୍ୟ ଲୋଡ଼ିବ ଗ୍ରାମ ଉପକଣ୍ଠେ ଯାଇ ।
ଚଣ୍ଡାଳକୁମାର ନାମ ହେଲେ ରାଜାରାମ,
ହୁଏ ନାହିଁ ଦାଶରଥି ସମ ଗୁଣଧାମ ।
ଚୋର ଯେବେ ବସିଥିବ ଜପାମାଳୀ ଧରି,
ପରଧନ ଲୋଭ ତାର ହୃଦେ ଥିବ ଭରି ।
କନ୍ତୁ ମାତ ଉଚ୍ଚ ହେବା ନିମନ୍ତେ ଶକ୍ତି,
ମାନବକୁ ଦେଇଛନ୍ତି ଜଗତର ପତି ।
କୁକୁର ସମାନ ମତି ଥିବ ଯେଉଁ ଜନ,
ଶିକ୍ଷା ଫଳେ ହେବ ନର ମଧ୍ୟେ ପଞ୍ଚାନନ ।
ଶୂକର ସମାନ ଯାର ଥିବ ମତିବୃଦ୍ଧି,
ଗଜେନ୍ଦ୍ର ସମାନ ଭଲେ ହୋଇପିବ ବୃଦ୍ଧି ।
ଚଣ୍ଡାଳ କୁଟୀରେ ଜନ୍ମ ହେଲେ କସ ହେବ,
ସାଧୁତାରେ ନରମଧ୍ୟେ ହୋଇପାରେ ଦେବ ।
ଚୋର ଯଦି ନିରନ୍ତର ସାଧୁସଙ୍ଗ କରେ,
ଜଗତର ହିତ ଚିନ୍ତା ହେବ ତା ମନରେ ।
ତଥାପି ଅନେକ ଥାନ୍ତି ସ୍ୱଭାବ ଦୁର୍ଜନ,
କର ନୁହେ ତାଙ୍କ ପ୍ରାଣେ ସୁଭାବ ସର୍ଜନ ।
ନାନା ଶିକ୍ଷା ଦେଇ ତାଙ୍କୁ ବହୁ ଯତ୍ନ କର,
ବଳେ ନେଇ ଦିବ୍ୟ ଭାବ ହୃଦେ ତାଙ୍କ ଭରି
ଭନ୍ମସବେ ଉପୁଜିବ ସୁଶିକ୍ଷାର ଫଳ,
ରହିଥିବେ ମାତ୍ର ସେହୁ ଯେ ଖଳ ସେ ଖଳ ।

# ମହାଜନ

ମିଥ୍ୟାବାଦୀ ପ୍ରବଞ୍ଚକ କପଟ ଆଗ୍ରହୀ,
ଅଳଂକାରବିମଣ୍ଡିତ ଉଚ୍ଚପଦଧାରୀ ।
ପରମୁଣ୍ଡ ପିଟି କରେ ବିଭବ ଅର୍ଜନ,
ତହିଁପାଇଁ କରେ ନାନା କୌଶଳ ସର୍ଜନ ।
ଧନଲୋଭେ ନାଶୁଥାଏ ନରୀହଙ୍କ ପ୍ରାଣ,
ଉତ୍କୋଚର ବଳେ ପାଏ ବାରମ୍ବାର ତ୍ରାଣ ।
ବେଠିଆ ବଳରେ କରି ପ୍ରସ୍ତୁତ ପ୍ରସାଦ,
ସୁଖେ ଭୋଗ କରୁଥାଏ କମଳାପ୍ରସାଦ ।
ମୁକ୍ତକଣ୍ଠେ ସର୍ବେ ତାକୁ ବୋଲି ମହାଜନ,
ତଥାପି ସେ ଲୋକ ନୁହେ ସେ ପଦଭାଜନ ।
ସତ୍ୟବାଦୀ ସୁଚରିତ ବିଶୁଦ୍ଧ ଆଚାରୀ ।
ସୁଲଭ ବସନ ତୃପ୍ତ ଅପଦ-ଭିଖାରୀ ।
ପରଦୁଃଖ ହରି କରେ ଆଶିଷ ଅର୍ଜନ,
ତହିଁପାଇଁ କରେ ନାନା ଉପାୟ ସର୍ଜନ ।
ପ୍ରାଣ-ଆଶା ତେଜି ରଖେ ବିପନ୍ନର ପ୍ରାଣ,
ସତ୍ସାହସେ ପାଉଥାଏ ବିପଦରୁ ତ୍ରାଣ ।
ନ୍ୟାୟପଥେ ଅର୍ଜି କରେ କୁଟୀରେ ନିବାସ,
ପର ପରସାଦ ଲୋଭେ ନ କରେ ପ୍ରୟାସ ।
ନ କରି ତାହାକୁ ପଚ୍ଛ କେହି ସମ୍ଭାଜନ,
ଜଗତରେ ସେହି ଲୋକ ଏକା ମହାଜନ ।

## ଗୁରୁଶିଷ୍ୟ

ଯାଠାରୁ ଯେ ବେଶି ଜାଣେ ଗୁରୁ ସେ ତାହାର,
ଯୋଗ୍ୟ ସେହି ପାଇବାକୁ ଗୁରୁ ବ୍ୟବହାର ।
ତହୁଁ ବଡ଼ ତହୁଁ ବଡ଼ ଗୁରୁ ଏ ଜଗତେ,
ନିଜକୁ ଗଣଇ ଜ୍ଞାନୀ ସଦା ଶିଷ୍ୟମତେ ।
ଅନନ୍ତ ଜଗତ ଯେଣୁ ଧରି ଗୁରୁବେଶ,
ମାନବକୁ ଦେଇଥାଏ ନିତି ଉପଦେଶ ।
ଯାହା ଦେଖୁ ଅଛି ତହିଁ ଶିଖିବାର କଥା,
ତହୁଁ ଶିକ୍ଷା ଲଭେ ଜ୍ଞାନୀ ନତ କରି ମଥା ।
ଯେ ଦିନୁ ମାନବଜାତି ସମ୍ଭୂତ ଜଗତେ,
ସେହିଦିନୁ ଚାଲିଛି ତା' ଶିକ୍ଷା ଅବିରତେ ।
ଯାବତ ନ ହେବ ନର ଅବନୀରେ ଲୀନ,
ଶିଖିବା ବିଷୟ ତାର ଅଛି ତେତେ ଦିନ ।
ଯେ ଲୋକ ମନରେ ପୋଷେ ଗୁରୁ ଗଉରବ
ସେ ଗରବେ ଜ୍ଞାନ ତାର ହୁଅଇ ଖରବ ।
ନିଜକୁ ଯେ ନିରନ୍ତର ଶିଷ୍ୟରୂପେ ଗଣେ,
ନିଶ୍ଚୟ ସେ ଯୋଗ୍ୟତମ ଗୁରୁ ମଧ୍ୟେ ଜଣେ ।

## ପ୍ରାର୍ଥନା

ଯୁକ୍ତ କରେ ମୁକ୍ତ ହୃଦେ ଭରି ଭକତି,
ଉତ୍କଳୀୟ ସମ୍ମିଳନୀ ମାଗେ ଶକତି ।
ବିଶ୍ୱପତି ନିଃସ୍ୱ ପ୍ରତି ସଦା ସଦୟ,
ବାଳ ଦେହେ କର ସ୍ନେହେ ଶକ୍ତି ଉଦୟ ।
ଦିଅ ନାଥ କୋଟି ମନ ଗୋଟିଏ କରି,
ରେଣୁ ରେଣୁ ମିଶି ହେଉ ତୁଙ୍ଗ ଶିଖରୀ ।
ଝୋଧାନ୍ଧ ହୋଇ ଉଠୁ ମନରେ ଧନ,
ଉଚ୍ଚୁ ଉଚ୍ଚତର ହୋଇ ମଣ୍ଡୁ ଗଗନ ।
ଧର୍ମବଳ କର୍ମବଳ ହେଉ ଉନ୍ନତ,
ତୁମ୍ଭ କୃପାଫଳ ମୁଗ୍ଧ କରୁ ଜଗତ ।

## *ହୀରାଖଣ୍ଡର ଜନ୍ମ

୧

ଶୁଭ ଆଜ୍ଞା ହେଉ ମଙ୍ଗଳମୟ,
ଅବନୀର ହେଉ ମଙ୍ଗଳୋଦୟ,
ତବ କୃପାକରେ ତିମିର ପରାଏ
ଦୂର ହୋଇଯାଉ ଦୁରିତଚୟ ।

୨

ଲାଜେ ସଢ଼ିଲୁଣି ନ ପାଇ ବାସ,
ଅନ୍ନ ବିନା ପ୍ରାଣ ହେଉଛି ନାଶ,
ହଟହଟା ସହି କଲବଲ ହୋଇ
ରହିଅଛୁଁ କରି ଶ୍ରୀପଦେ ଆଶ ।

୩

ହେଲାଣି ଅବନୀ ଅତି ବିକଳ,
ସହିବାକୁ ଆଉ ନାହିଁନି ବଳ,
ଏଥିରୁ ଅଧିକ ହେଲେ ମହାବାହୁ,
କୃପାମୟ ନାମ ହେବ ବିଫଳ ।

୪

ଦିଶିଲାଣି ତୁମ୍ଭ କୃପାଲକ୍ଷଣ,
ନିବୃତ୍ତ ହେଲେଣି ଦୁର୍ବୃତ୍ତଗଣ,
ଦାନବୀ-ଗରବ ହେଲାଣି ଖରବ
ଉଠିଲାଣି ନଭେ ଶାନ୍ତି-କେତନ ।

* ହୀରାଖଣ୍ଡ ମାସିକ ପତ୍ରିକା ।

୫

ତପତ ଜୀବନେ ଦେବାକୁ ଜଳ
ଉଠିଲେଣି ନଭେ ଘନପଟଳ,
ତୁମ୍ଭ କୃପା ଘେନି ବରଷି ଅବନୀ—
ଅପଘନ କରୁଅଛି ଶୀତଳ ।

୬

ନିର୍ବାଣ ହେଲଣି ଦାବ ଦହନ,
ଶାନ୍ତ ଲଭିଲେଣି ଗିରି ଗହନ,
କଦମ୍ବ କେତକୀ କୁଟଜ ଯୂଥିକା
କଲେଣି କୁସୁମ ଶିଖୀ ବହନ ।

୭

ତୁମ୍ଭ କୃପା ଲଭି ତୁମ୍ଭ ଆଦେଶେ,
'ହୀରାଖଣ୍ଡ' ହୀରାଖଣ୍ଡ ପ୍ରଦେଶେ,
ଲଭିଛି ଜନମ ତୁମ୍ଭର ଧରମ
ପ୍ରଚାରିବା ପାଇଁ ନବୀନ ବେଶେ ।

୮

ତୁମ୍ଭର ମହିମା କରି ସ୍ମରଣ,
ଉତ୍କଳମଣ୍ଡଳ ମାନବଗଣ,
ରଥଯାତ୍ରା ସହ ତା' ଜନ୍ମ ଉତ୍ସବେ
ମାତି କରୁଛନ୍ତି ମୁଦ ବର୍ଦ୍ଧନ ।

୯

ଶଙ୍ଖ ଘଣ୍ଟା ତାଳ ମୃଦଙ୍ଗ ନାଦ,
ବର୍ଣ୍ଣନ କରୁଛି ତବ ପ୍ରସାଦ,
ଟାଣୁଛନ୍ତି ଲୋକେ ରଥର ଦଉଡ଼ି
କରେ, ହୃଦେ ଧରି ତୁମ୍ଭର ପାଦ ।

୧୦

ଜୟ ଜଗଦୀଶ ଶିବ ନିଧାନ,
ହୀରାଖଣ୍ଡ ତବ ଶିବ ବିଧାନ—
ବିଚରଣେ ଦେଉ ସମରଥ, କରି
ତାକୁ ଜ୍ଞାନ ଆୟୁ ଶକତି ଦାନ ।

## *ମଧୁପର ମଧୁଭିକ୍ଷା

ଜୟ ମଧୁମୟ ବିଧୁର ଉଦୟ—
ଭୂମି ମଧୁ ବିହାୟସ ହେ,
ବିଶ୍ୱ ସମୁଦୟ ତୁମ୍ଭ ମଧୁମୟ,
ଦିଅ ମଧୁମୟ ଯଶ ହେ ।
ଦିନେ ଦିନକରେ ରାତେ ଗ୍ରହ ତାରେ
ମଧୁର ଜ୍ୟୋତି ପ୍ରକାଶ ହେ,
ଅଚଳ ଅନଳ ଜଗତ ଅଖିଳ
କରିଛ ମଧୁ ଆବାସ ହେ ।
କୋକିଳ ନିସ୍ୱନେ ବଲ୍ଲକୀ ନିକ୍ୱଣେ
ଦେଇଛ ମଧୁ ଲେପନ ହେ,
ପୁଷ୍ପିତ କାନନେ ଶିଶୁର ଆନନେ
କରିଛ ମଧୁ କ୍ଷେପଣ ହେ ।
ଫୁଲ ଫଳ କାଣ୍ଡ ତରୁ ଇକ୍ଷୁଦଣ୍ଡ
ତୁମ୍ଭ ମଧୁ ଛନ୍ତି ବହି,
ସରିତ ନିର୍ଝରେ ସରେ ଜଳଧରେ
ତୁମ୍ଭ ମଧୁ ଅଛି ରହି ହେ ।
ପ୍ରୀତିର ଲୋଚନେ ଜ୍ଞାନ ଆଲୋଚନେ
ଦେଇଅଛ ମଧୁ ଧାର,
ତୁମ୍ଭ ଶ୍ରୀଚରଣ-କଞ୍ଜେ ଅନୁକ୍ଷଣ
'ମଧୁପ' ମଧୁ ଭିକାରୀ ହେ ।

## ଆତ୍ମକଥା

ପାପ କରିବାକୁ ଯିବ କାହିଁକି ?
ବାପ ଯା ଅଛନ୍ତି ଜଗତର ପତି
କେଉଁ କଥା ତାର ନାହିଁ କି ?
ପଞ୍ଚ ମହାଭୂତ ଘେନି ମୁଁ ଜନିତ
ସେ ଭୂତ ପୋଷଣ ପାଇଁ କି,

* ମଧୁପ—'ଉତ୍କଳ ମଧୁପ' ମାସିକ ପତ୍ର ।

ସଦା ମୋ ସକାଶେ    ଅବନୀ ଆକାଶେ
ସବୁ ନୁହେଁ ଚିରସ୍ଥାୟୀ କି ? ୧ ।
ଥାଉଁ ଶତ ଶତ    ଆଲୋକିତ ପଥ
ଅନ୍ଧାରିତ ପଥେ ଧାଇଁ କି,
ସାଧୁ ଶୁଭାଶିଷ    ଏଡ଼ି ଆଶୀବିଷ—
ଗରଳ ଲୁଟୁଇ ଖାଇ କି ? ୨ ।
ବହୁ ସଦାଚାର    ଥାଉଁ କଦାଚାର
ନିକଟିକୁ ମନ ଯାଇ କି,
କରି ଅରଜନ    ପୋଷି ପରିଜନ
ଥିଲେ କିଛି ଦୁଃଖ ଥାଇ କି ? ।୩।
ପାଇଛୁ ସୁମନ    ତୋଷିବି ସୁମନ
ଦୁଷ୍ଟ ସେବି ହେବି ବାଇ କି,
ନିଜେ କଲେ ପାପ    ନିଜଲଭ୍ୟ ତାପ
ଜନକ ତହିଁରେ ଦାୟୀ କି ? ୪ ।

## ମନ ପ୍ରତି

ମନ, ଭ୍ରମୁଛୁ କାହିଁକି ରେ
ନିଜ ଧନେ କରି ହେଳା,
ଭବସିନ୍ଧୁ ଖେଳା ତେଜି ଧର ବେଳା-
ଥାଉଁ ଏ ଜୀବନ-ଭେଳା ।
ଭୂତରୁ ଜନମି    ଅଭୂତରେ ଭ୍ରମି
ପାରିବା ତୋ' ଅଧିକାର,
ଭୂତ ପାଇଁ ଶ୍ରମୀ    ନୋହି ଅନ୍ତନମି
ଯାଇ ଧର ଅବିକାର । ୧ ।
ହବ ହୋଇ ଧୀର    ଭୂତ ଧନ ଚିର-
ସ୍ଥାୟୀ ନୁହେ ଜଗତରେ,
ନିଜେ ହୋଇ ବୀର    ଟାଣ ପୃଥିବୀର
ଯଶଧନ ନିରନ୍ତରେ । ୨ ।
ଯେତିକ ଟାଣିବୁ    ତେତିକ ଜାଣିବୁ
ହେଉଥିବ ବରଧନ,
ଅମର ଅକ୍ଷୟ    ତା' ପରି ନିଷ୍କ୍ଷୟ
ନାହିଁଟି ଅପର ଧନ । ୩ ।
ଭୂତ ଧନେ ବନ୍ଧ    ହୋଇଥିଲେ ଗଧ
ପରି ରହିଥିବୁ ବନ୍ଧି,
ବୁଡ଼ିଗଲେ ନାବ    ଛୁଟିଯିବ ଭାବ
କେହି ନ ତାରିବ ରହି । ୪ ।
ତୋ ଆଦେଶମତେ    ଇନ୍ଦ୍ରିୟ ସମସ୍ତେ
କରନ୍ତି ନିଜ କରମ,
ତୁ ନିଜ କରମ    ନ କଲେ ଭରମ
ସହିବ ନିକ ଧରମ । ୫ ।

## ଧନ ପ୍ରତି

ଧନ, ଯାରବେ ଆସିବୁ ରେ
ଗରବ ନ ଦେବୁ ମନେ,
ବିରତ ନ କରି ଅବିରତ ଥିବୁ
ବିବେକ ଅନୁଗମନେ ।
ପଡ଼ିଲେ ତୋ ପାଦ    ଦେବି ଧନ୍ୟବାଦ
ତୋଷିବି ମୁଁ ସମାଦରେ,
କିନ୍ତୁ ଏ ଜଗତେ    ଅନ୍ୟକୁ ବା ମତେ
ନ ପେଲିବୁ ପ୍ରମାଦରେ । ୧ ।
ଜଳୁଛୁଁ ଆପ୍ରାସ    ହସି ହସି ଆସ
ହସାଇ ଆସିବା ଭଲ,
ରସାଇବୁ ନାହିଁ    ଭସାଇବା ପାଇଁ
କରିବୁ ନା କଲବଲ । ୨ ।

ବଡ଼ାଙ୍କରୁ ଶାଖା ତହିଁରୁ ପ୍ରଶାଖା
ହେଉଥିବୁ ପଲ୍ଲବିତ,
କୁସ୍ଥାନ ନ ଯିବୁ କୁସ୍ତ୍ରୀ ନ ଅର୍ଜିବୁ
ନ ହେବୁ ଅପହ୍ନୁତ । ୩ ।
ଦେଶ ଆଦରଣେ ବିପଦ ହରଣେ
ନ ହେବୁ ଗତିକୁଣ୍ଠିତ,
ନୋହି ମୋରେ ଗୁରୁ ହେଉଥିବୁ ଗୁରୁ
ଭାବରେ ଅବଗୁଣ୍ଠିତ । ୪ ।
ଗୁଣ ଅରଜନେ ଗୁଣ ସରଜନେ
ନ ଦେଖିବୁ ନିଜ ପର,
ଗୁଣ ସଙ୍ଗେ ମିଶି— ଗଲେ ଦିଶି ଦିଶି
ଦିଶିବୁ ହୋଇ ଅମର । ୫ ।

## ସମ୍ବଲପୁର ହିତୈଷିଣୀର ନବବର୍ଷ ଉପଲକ୍ଷରେ ଲିଖିତ

ଆଜି ନବ ଦିନେ ନବୀନ ଜୀବନେ
ହୋଇଅଛୁଁ ଉପଗତ,
ଶିରେ ଦେଇ ହାତ ଜଣାଉଛୁଁ ନାଥ
ଚରଣେ ହୋଇ ପ୍ରଣତ,
ଲୋକବାନ୍ଧବ ହେ—
ଦିଅ ମୋତେ ନବବଳ,
ଲୋକସେବା ବ୍ରତ କର୍ମେ ହୁଏ ରତ
ଜୀବନ ହେବ ସଫଳ ।
ଉଠୁଛନ୍ତି ରବି ଉନ୍ନତ ପଦବୀ
କ୍ଷୀଣ ହେବ ବିଭାବରୀ,
ତୁମ୍ଭ ଦତ୍ତ ଜ୍ଞାନ ହେଉ ବର୍ଦ୍ଧମାନ
ଜାଡ଼୍ୟ ଯାଉ ଅପସରି,
ଜ୍ୟୋତିନିଧାନ ହେ—
ପ୍ରାଣେ ଦିଅ ଜ୍ୟୋତି-କଣା,
ତା' ଧରି ଚଳିବି ସଂସାର-ଅଟବୀ
ବିପଥେ ନ ହୋଇ ବଣା ।
ଦିଅ ହେ କ୍ଷମତା ଲୋଭର ମମତା
ଲୀନ ହେବ ମୋ' ମନରେ,
ବାଧା ଉପଗତ ହେଲେ ସମରଥ
ହେବ ତାହା ସହନରେ,
ଶକ୍ତିସାଗର ହେ—
ଶକ୍ତିକଣା କର ଦାନ,
ଲୋକ-ଆରାଧନା ପରମ ସାଧନା
କର୍ମେ ହେବ ଶକ୍ତିମାନ ।
ବାଳକର ଖଡ଼ୀ— ଗାରମାନ ପଡ଼-
ଗଲେ ପଣ୍ଡିତ ନୟନେ,
ଅକ୍ଷର ବାହାର କରନ୍ତି ତାହାର
ଅଜ୍ଞତା ନ ଘେନି ମନେ,
ବୁଧ ବାଞ୍ଛିତ ହେ—
ବୁଧ ହୃଦେ କର ବାସ,
ମୋ' ସେବାର ଦୋଷ ମଧ୍ୟରେ ସନ୍ତୋଷ
ଦେଖାଅ ତୋଷ ବିଳାସ ।

## ଉତ୍କଳ-ସେବକର ନବବର୍ଷ ଉପଲକ୍ଷରେ ରଚିତ

ଦୀନ ବରଷେ ନବୀନ ହରଷେ
ଘେନି ନବ ଉପହାର,
ପାଞ୍ଚ ବରଷର ବାଳୁତ ସେବକ
ଦେଇ ବୁଲ ଦ୍ୱାର ଦ୍ୱାର ।

ଦେଶହିତ କଥା        ସ୍ୱଦେଶ ବାରତା
କହିବୁ ତୁ କାନେ କାନେ,
ଥରେ ନ ବୁଝିଲେ       ବାରମ୍ବାର କହି
ଭେଦାଇବୁ ପ୍ରାଣେ ପ୍ରାଣେ ।
ସେ ତୋର ଧରମ    ସେ ତୋର କରମ
ତହିଁରେ ନ ହେବୁ ଋଠା,
କେହି ଯଦି ତୋତେ   କଡ଼ା କଥା କହେ
ତୁହି କହୁଥିବୁ ମିଠା ।
ଆଦର ନ ରହି        ଅତିଥି ପରାଏ
ଯିବୁ ବାବୁ ଘର ଘର,
ଝରଗ୍ନ ନ ଦେଲେ      ଚରଗ୍ନ ନ କଲେ
ତାକୁ ନ ମଣିବୁ ପର ।
ଦିନାକେତେ ଗଲେ      ପୁଷପୁନି ହେବ
ସେ ଦିନ ଦେଖିବୁ ପ୍ରାତେ,
ଛେରଛେରା କୁହି       ବୁଲିବେ ପିଲାଏ
ଥରି ଥରି ଶୀତବାତେ ।
ଥିବା କା ଓଢ଼ଣୀ       ହାତରେ ଟୁପୁଲି
ଭୁଜମା ହାତରେ ବାଡ଼ି,
କେ ଥିବ ଉଲଗ       ଉଡ଼ିଥିବ କେହି
ମାଆର ପୁରୁଣା ଶାଢ଼ୀ ।
ଶାଢ଼ୀ ବେଢ଼ିଥିବ       ବେକୁଁ ପଦଯାଏ
ବେକ ପଛେ ଥିବ ଗଣ୍ଠି,
ଦୁଇହସ୍ତ ଶାଢ଼ୀ        ଦୃଢ଼ହସ୍ତ ହୋଇ
ବେଢ଼ି ଦେଇଥିବ ଟାଣି ।
କଏ ବା ପିତାର       କରଆ ଖଣ୍ଡିଏ
ଯା' ଥିବ ଛିଣ୍ଡା ପୁରୁଣା,
ଅଧା ପିନ୍ଧା ଅଧା    ବେକେ ଦେଇ କାନ-
ଯୋଡ଼ି କରିଥିବ ମୁଣା ।

କେ ଛିଣ୍ଡା କରଆ       ପିନ୍ଧିଥିବ, ଦୁଇ
ତିନଠାରେ ଦେଇ ଗଣ୍ଠି,
ଛେରଛେରା ଲଭ       ଧରିବାକୁ ପୁଣି
ରଜି କରିଥିବ ଅଣ୍ଟି ।
ମହା ଆନନ୍ଦରେ       ଦଳ ଦଳ ହୋଇ
ଘର ଘର ବୁଲି ବୁଲି,
ଧାନ ଗୃଡ଼ଳରେ        ପୂରାଇ ଆଣିବେ
ଯେ ଯାହା ଅଣ୍ଟି ଟୁପୁଲି ।
ପିଲାମାନଙ୍କର        ଛେରଛେରା ରାବ
ବାଡ଼ି ଠୁକୁ ଠୁକୁ ସ୍ୱରେ,
ପ୍ରତି ପଲ୍ଲୀ ହେବ       ମୁଖରିତ, ତାହା
ଶୁଣିବୁ କଉତୁକରେ ।
ଯେ ଯାଏ ପିଲାଙ୍କୁ      ନ ଦେବ ଗୃହସ୍ଥ
ଗୃଡ଼ଳ ଅଥବା ଧାନ,
ବାଡ଼ୀ ଠୁକ ଠୁକ       ଉଚ୍ଚେ କରୁଥିବେ
ଛେରଛେରା ଗୀତ ଗାନ ।
ତୁ ପାଞ୍ଚ ବରଷ       ବାକ୍ରୁତ ସେବକ
ଧରି ସେ ବାଳକ ଦୀକ୍ଷା,
ରାଜପୁରୁଷଙ୍କ        ଘର ଘର ଯାଇ
କରିବୁ କରୁଣା ଭିକ୍ଷା ।
ଯାବତ ନ ହେବୁ      ସିଦ୍ଧକାମ, ବାର-
ବାର କରୁଥିବୁ ଅଳି,
ପୁନରୁକ୍ତି ଦୋଷ      ନ ଧେନିବେ କେହି
ନ ମଣିବେ କେହି କଳି ।
ମନେ ରଖିଥିବୁ        ଯାବତ ପିଲାଙ୍କୁ
ମିଳି ନାହିଁ ଭଲ ବାସ,
ତାବତ ତୋହର       ଭରି ନାହିଁ ଝୁଲି
ପୂରି ନାହିଁ ତୋର ଆଶ ।

## ମଙ୍ଗଳାଚରଣ

ପୂଜାକର ଶକ୍ତିଶୂନ୍ୟ-ଶକ୍ତିପ୍ରଦ ପାଦ,
ପାଇ ତହୁଁ ନବ ବଳ ନବୀନ ପ୍ରସାଦ,
ରଖି ସେ ପବିତ୍ର ପଦକମଳେ ଭରସା,
ବଳାଉଛୁ ଲୋକସେବା-ଧର୍ମରେ ଲାଳସା ।
ଜଗତଜନନୀଙ୍କର କୁମାର ସକଳ,
ପାଇଛନ୍ତି ଆଜି ନବ ପ୍ରାଣ ନବ ବଳ ।
ଚାହିଁ ତାଙ୍କ ପ୍ରଭାପୂର୍ଣ୍ଣ ବଦନମଣ୍ଡଳ,
ଫୁଟି ଉଠୁଅଛି ଆମ୍ଭ ହୃଦୟ-କମଳ ।
ଦେବୀଙ୍କି ବସାଇ ସେହି ଫୁଲ୍ଲ ପଦ୍ମାସନେ,
ତାଙ୍କ ରାଜ୍ୟେ ତାଙ୍କ ଶୁଭକାମନା ସାଧନେ ।
ତାଙ୍କର ପ୍ରେରଣେ ହେଉଅଛୁଁ ଅଗ୍ରସର,
ବାଧାବିଘ୍ନ ଦଳୁଥିବ ତାଙ୍କ ଶ୍ରୀପୟର ।
ଦେଖୁଛୁଁ ସେ ଦେବୀ ପ୍ରାଣେ ପ୍ରାଣେ ବିରାଜିତ
କରାଉଅଛନ୍ତି ବହୁ ମଙ୍ଗଳ ସାଧିତ ।
ପ୍ରତି ପ୍ରାଣେ ଚାହିଁ ତାଙ୍କ ପ୍ରତିଭା ବିସ୍ତାର,
ଜଗତଜନନୀଙ୍କୁ କରୁଅଛୁଁ ନମସ୍କାର ।
ତାଙ୍କ ମଧୁମୟୀ ଦୃଷ୍ଟି ହେବ 'ହିତୈଷିଣୀ',
ନବ ବର୍ଷେ ହେଉ ଜନ-ହୃଦୟ-ତୋଷିଣୀ ।
ହୃଦେ ହୃଦେ ଫୁଟୁ ରମ୍ୟ ପ୍ରତିଭା-କମଳ,
ଦିଗେ ଦିଗେ ସଞ୍ଚରୁ ତା ଦିବ୍ୟ ପରିମଳ ।

## ଉତ୍କଳ ସମ୍ମିଳନୀ ଉପଲକ୍ଷରେ ରଚିତ

ନିଜ ଘରେ ବସି ନିର୍ବାସନ ଦୁଃଖ
ଆମ୍ଭ କି ଲଲାଟ ଲିଖନ
ମାତୃଭାଷା-ମନା ଭାଇ ସଙ୍ଗ ବିନା
ବିକଳ ହେଉଛି ଜୀବନ । ପଦ ।
ଗୁହାରିଲେ ଦୁଃଖ ନୃପତି ଆଗରେ,
ତଡ଼ି ଦେଉଛନ୍ତି ଗ୍ରାମୁରୁ ରାଗରେ;
ନୁହେଁ ତାଙ୍କ ଦୋଷ, ବୁଝନ୍ତି ନାହିଁ ସେ
ଆମ୍ଭର କଥିତ ବଚନ । ୧ ।
ବିଦେଶୀ ସଦସ୍ୟ ଛନ୍ତି ନିକଟରେ,
କହି ଦେଉଛନ୍ତି ଶ୍ରବଣପଟରେ;
ହସୁଛନ୍ତି ବୋଲି ବୁଝାଉଅଛନ୍ତି
କରୁଅଛୁଁ ଯେତେ ରୋଦନ । ୨ ।
ପରଦେଶୁ ଆସି ପରଦେଶବାସୀ,
ଦେଉଛନ୍ତି ଆମ୍ଭ ଅନ୍ନଜଳ ଗ୍ରାସି;
ଭକୁଆ ପରାଏ ଭକ ଭକ ଚାହିଁ—
ରହିଅଛୁଁ ତାଙ୍କ ବଦନ । ୩ ।
ଆମ୍ଭ ଧନ ଯୋଗେ ଲଭି କରି ଜ୍ଞାନ,
ଆମ୍ଭର ମସ୍ତକେ ଚରଣ ପ୍ରଦାନ—
କରି ଉଠୁଛନ୍ତି ସମ୍ରାଟ-ସଭାକୁ
ହରଷେ ବିକାଶି ରଦନ । ୪ ।
ଆସିଅଛ ବଡ଼ ସୋଦରସକଳ,
ଦେଖି ଦଶା, କରି ବୁଦ୍ଧି କଉଶଳ;
କୋଟିକଣ୍ଠେ ଗୋଟିସ୍ୱରେ ଉଠେ ଡାକ
କମ୍ପିଯାଉ ରାଜ ସଦନ । ୫ ।

# *ସ୍ୱର୍ଗତ ଧନଞ୍ଜୟ ସିଂହ

ଆଶା ଥିଲା ଧନଞ୍ଜୟ ଉଚ୍ଚପଦ ଲଭି,
ଶୋଭିତ କରିବ ବୋଲି ଉନ୍ନତି ପଦବୀ ।
ଆଶାର ଅଙ୍କୁର ଗୋଟି ନୋହୁଁ ପଲ୍ଲବିତ,
ହେଲା ତହିଁ ନିଦାରୁଣ କୁଳିଶ ପତିତ ।
ଆଶା ଭସ୍ମ-ସ୍ମୃତି ରୂପେ ରହି ଜନ୍ମସ୍ଥଳ—
ହୃଦକୁ ବିଷମ ତାପେ କରୁଛି ବିକଳ ।
ଲଭିଥିଲ ଜନ୍ମ ତୁମ୍ଭେ ଦରିଦ୍ର କୁଟୀରେ,
ସନ୍ତୃଷ୍ଟେ ପହଞ୍ଚିଥିଲ ସୁଧା-ସିନ୍ଧୁତୀରେ ।
ପାଠରେ ସ୍ୱଭାବେ ଯା ଆପାତମଧୁର,
ପାଶେ ରହିଁ ନ ଛୁଇଁ ତା କରିଥିଲ ଦୂର।
ପାଇଥିଲ ସୁନିର୍ମଳ ବିନୟ ଭୂଷଣ,
କରୁଥିଲ ତହିଁ ଜନମନ ଆକର୍ଷଣ
ଦେବଲୋଭନୀୟ ଥିଲା ଚରିତ୍ର ତୁମ୍ଭର,
ତେଣୁ ଅବା ବରିନେଲେ ଦେବେ ନିଜ ଘର

# *†କାଶୀନାଥ ପଣ୍ଡାଙ୍କ ସ୍ମୃତି

ସ୍ୱର୍ଗବାସୀ କାଶୀନାଥ, ସ୍ମରୁଛି ମୋ ମନ,
କହୁଥିଲ ଯେଉଁ ମଧୁମିଶ୍ରିତ ବଚନ ।
ଦେଖିଥିଲ ଥରେ ତୁମ୍ଭ କାର୍ଯ୍ୟର କୌଶଳ,
ଖଣ୍ଡେ କାଷ୍ଠେ କରିଥିଲ ଗୃହଟି ଲାଙ୍ଗଳ ।
ସ୍ୱାଧୀନ ଜୀବନେ ତୁମ୍ଭେ ଥିଲ କର୍ମବୀର,
ଯୁ । ପରି ଦକ୍ଷ ଥିଲ ହେଲେହେଁ ସ୍ଥବିର ।
ଗର୍ବ ଅଭିମାନ ଦେଇ କର୍ମପୀଠେ ବଳି,
ଜୀବନ-ସଂଗ୍ରାମେ ଥିଲ କ୍ଷତ୍ରିୟଙ୍କୁ ବଳି ।
ବୁଝିଥିଲ କୃଷିକର୍ମ ଜୀବନ ଆଧାର,
କୃଷି ବିନା ସୂର୍ଯ୍ୟ ଥାଉଁ ଜଗତ ଅନ୍ଧାର ।
ହେଉ ରାଜା ମହାରାଜା ବିଶ୍ୱେ ଉଡ଼ୁ ବାନା,
କୃଷିର ଅଭାବେ ତାକୁ ନ ମିଳନ୍ତା ଦାନା ।
ତେଣୁ କୃଷି ପ୍ରସାରିଲ ହୋଇ ମହାଜନ,
ଧନ ଦେଇ କଲ ବହୁ ଭୂମି ଅରଜନ ।
ପିତାଠାରୁ ପାଇଥିଲ ଯେଉଁ ମୂଳଧନ,
ସ୍ୱହସ୍ତ ଗୁଣରେ କଲ ଉନ୍ନତିସାଧନ ।
ଲଲମ୍ବର ହୋଇ ତୁମ୍ଭେ ଚତୁର୍ଥାଂଶଭାଗୀ,
ଚଳିଆ ପାଲିକ ଦେଇଥିଲ ସଉଭାଗୀ ।
ଶେଷେ ଦେଖେ ଏ ଜିଲ୍ଲାର ଶତ ଶତ ଗ୍ରାମ,
ଜମାବନ୍ଦୀ ବକ୍ଷେ ଶୋଭୁଅଛି ତୁମ୍ଭ ନାମ ।
କାହିଁ ବା କୃଷକ ତୁମ୍ଭେ କାହିଁ ଗ୍ରାମାଧିପ,
ହୋଇ ଶୋଭୁଥିଲ ମହୀରାଣୀଙ୍କ ସମୀପ ।
ବଳାସର ବିନାଶରେ ହୋଇ ଖଡ଼୍‌ଗକର,
ବିକାଶିଛ ପଦ୍ମାଙ୍କର ପ୍ରିୟ ପଦ୍ମାକର ।
ଦେଖୁଅଛି ପୁତ୍ର ତୁମ୍ଭ ସୁଶୀଳ, ସୁଧୀର,
ନ ଟଳନ୍ତି ତରଙ୍ଗରେ ଧନ ଜଳଧିର ।
ହୃଦୟ ସରଳ ଶୁଦ୍ଧ ପ୍ରଶାନ୍ତ ଗମ୍ଭୀର,
ଗୁଣ-ପଦ୍ମାକରେ ନାହିଁ ଗରବ-କୁମ୍ଭୀର ।

* ଧନଞ୍ଜୟ ସିଂହ ବରପାଲିନିବାସୀ ଜଣେ ଛାତ୍ର । ସେ କଟକରେ ଆଇ. ଏ. କ୍ଲାସରେ ଅଧ୍ୟୟନ କରୁଥିବାବେଳେ ବସନ୍ତକା ରୋଗରେ ପ୍ରାଣତ୍ୟାଗ କରିଅଛନ୍ତି ।

† କାଶୀନାଥ ପଣ୍ଡା—ସ୍ୱଦେଶପ୍ରେମିକ ବାବୁ ବ୍ରଜମୋହନ ପଣ୍ଡା, ବି.ଏ. ଙ୍କ ପିତାମହ ଅଟନ୍ତି

ଫଳରୁ ମିଳଇ ଲୋକେ ବୃକ୍ଷ ପରିଚୟ,
ପୁଣ ପ୍ରକାଶିବେ ତୁମ୍ଭ ସଦ୍‌ଗୁଣନିଚୟ ।
୧ ଆସିଥିଲ ଅବନୀକି ଅମା ଅନ୍ଧକାରେ,
୨ ସ୍ୱର୍ଗକୁ ଚଳିଲ ପୂର୍ଣ୍ଣଚନ୍ଦ୍ର ଚନ୍ଦ୍ରିକାରେ ।
କାଶୀନାଥ ସ୍ୱଦେଶର ଗୌରବଭାଜନ,
କରିଅଛ ସ୍ୱଦେଶର କୀର୍ତ୍ତି ଅର୍ଜନ ।
ଯେତେ କାର୍ଯ୍ୟ କରିଅଛ ଦେଶପ୍ରୀତିକର,
ସେ ଯେନ ସ୍ୱର୍ଗରେ ଲଭ ଦେବଙ୍କ ଆଦର ।

# ମୃଗୟା ଦର୍ଶନ*

ବନ୍ଦଇ ନୃସିଂହନାଥ ତୁମ୍ଭ ଶ୍ରୀଚରଣ,
ଯେଉଁ ପାଦ କରେ ପାପି-ପାତକ ହରଣ,
ଯେଉଁ ପାଦତଳେ ପାପହରଣ ଝରଣ,
ଶିଖରୀଶିଖରୁ ଡେଇଁ ମାଗଇ ଶରଣ ।
ବନଲକ୍ଷ୍ମୀ ଯେନ ବନପୁଷ୍ପ ଆଭରଣ,
ରଖିଛନ୍ତି କରି ଯା'ଙ୍କୁ ମନ ଆବରଣ ।
ବନପୁଷ୍ପେ ଯା' ପୂଜାଫୁଲ ରେଣୁ ଆହରଣ,
କରି ସମୀରଣ କରେ ଲୋକେ ବିତରଣ ।
ଯା' ପାଶେ ଅଚଣ୍ଡ ହୋଇ ମାର୍ତ୍ତଣ୍ଡକିରଣ,
ଭୟେ କ୍ଷୀଣଦେହେ କରେ ମୃଦୁ ବିଚରଣ ।
ତବାଶ୍ରିତ ଲୋକ ଦୁଃଖ ଅନ୍ତର କରଣ,
ମାତ୍ର ସିନା ଥାଏ ତାର ପ୍ରବେଶ କାରଣ ।
ସେ ସୁଯୋଗେ ମାଗେ ନିଜ ରତନବରଣ,
ପ୍ରପାତ ଆସାରେ କରି ମୁହୁଃ ସଞ୍ଚରଣ ।
ପ୍ରଭୁସେବା ଛଳେ ପରଦୁଃଖ ନିବାରଣ,
କେବଳ ଜୀବନେ ପୁଣ୍ୟଜ୍ୟୋତି ପ୍ରସାରଣ ।
ବହୁଦିନୁଁ ସେହି ଆଶା ପୋଷି ମୋର ମନ,
ଲୋଡ଼ୁଥିଲା ନାଥ ଥରେ ତବ ଦରଶନ ।
ଋଣୀ ଯେବେ ଭୁଲିଥାଏ ଧରି ସ୍ୱର୍ଣ୍ଣଝସା,
ମାଟି ଘଟୀ ୧ ଭୁଲେ ତା' କାଣୀ କଙ୍କସା ।
ସେହି ମାତ୍ର ସିନା ମୋର କାହିଁ ସୂର୍ଯ୍ୟକର,
କାହିଁ ମୁହିଁ ଦୀନହୀନ ମାନବ ପାମର ।
କିନ୍ତୁ ଯେଉଁ ବାତେ ହୁଏ ସୁରଭି ଲୁଣ୍ଠିତ,
ତହିଁ ଧୂଳି ଉଡ଼ିବାକୁ ନ ହୁଏ କୁଣ୍ଠିତ ।
ଜଗତ ଅଟଇ ଏକା ସ୍ୱଭାବ ଅଧୀନ,
ସ୍ୱଭାବେ ଚାଳିତ ହେବ ହେଲେହେଁ ମୁଁ ଦୀନ ।
କୁସୁମ ସୁରଭି ଲୋକେ ଇଚ୍ଛନ୍ତି ଆଦରେ,
ଧୂଳି ଯାଇ ବଳେ ବଳେ ଲାଗଇ ପାଦରେ ।
ପ୍ରଭୁ ଛଡ଼ା କୁସୁମରେ ମସ୍ତେ କେ ମଉଳି,
କେବା ଭକ୍ତିଭରେ ନିଏ ପ୍ରଭୁପାଦଧୂଳି ।
ତୁମ୍ଭ ପାଦତଳେ ଯେବେ କରିବି ମୁଁ ସ୍ନାନ,
କାଲେ ପାଇଯିବି ତୁମ୍ଭ ଭକତେ ସମ୍ମାନ ।
ଭକତର ମନ ସଙ୍ଗେ ମିଶିଲେ ମୁଁ ଦୀନ,
ନିଶ୍ଚେ ତୁମ୍ଭ ପାଦପଦ୍ମେ ହୋଇଯିବି ଲୀନ ।
ଭାସ୍କରକିରଣଠାରୁ ଭକ୍ତ ମନ ବଡ଼,
ଭକ୍ତ ମନ ଜ୍ଞାନମୟ ରବିରଶ୍ମି ଜଡ଼ ।
ରବିରଶ୍ମି ବ୍ୟାପିପାରେ ସଚର-ଜଗତ,
ଅଖିଳ ଜଗତବ୍ୟାପୀ ଭକ୍ତ ହୃଦଗତ ।
ବାନ୍ଧି ରଖିଅଛି ମୋତେ ଯେଉଁ କର୍ମଦାମ,
ତାହା ଯୋଗୁଁ ଦରଶନେ ହେଲି ସିଦ୍ଧକାମ ।

୧-୨ । କାଶୀନାଥ ପଣ୍ଡାଙ୍କ ଜନ୍ମ ଶ୍ରାବଣ ଅମାବାସ୍ୟା ଓ ମୃତ୍ୟୁ ଚୈତ୍ରପୂର୍ଣ୍ଣିମା ।

* କବି ବୋଡ଼ାସମ୍ବର ଅବସ୍ଥାନ କାଳରେ ଏ ଅଞ୍ଚଳରେ ସର୍ବପ୍ରଧାନ ଦର୍ଶନୀୟ ତୀର୍ଥସ୍ଥାନ 'ନୃସିଂହନାଥ' ସମ୍ବନ୍ଧରେ ଗୋଟିଏ ଲେଖାରମ୍ଭ କରିଥିଲେ । କିନ୍ତୁ ତାହା ଅସମ୍ପୂର୍ଣ୍ଣ ରହିଯାଇଥିବାରୁ ଓ ବିଷୟଟି ମୁଖ୍ୟତଃ ମୃଗୟାଦର୍ଶନମୂଳକ ଥିବାରୁ ଉପରୋକ୍ତ ନାମରେ ପ୍ରକାଶ ହେଲା ।

—ପ୍ରକାଶକ

କରମ ଦେଉଛି କେତେ ଦୁଃଖ କେତେ ସୁଖ,
ଆପତ୍ତି ମୋ ନାହିଁ, କର୍ମ ହେବାକୁ ବିମୁଖ ।
ରୁଚି ଅନୁକୂଳ କର୍ମ ଲୋକେ ସୁଖକର,
ପ୍ରତିକୂଳ ରୁଚିର ଏ ଦୁଃଖର ଆକର ।
କର୍ମ ଏକା ଦେଇଥାଏ ସମାଜେ ସମ୍ମାନ,
ଜୀବନର ଭାର ମାତ୍ର କର୍ମହୀନ ଜ୍ଞାନ ।
ଜଗତେ କରମ କରେ ଜୀବନ ପୋଷଣ,
ଜ୍ଞାନର ଧରମ ସଦା ଜୀବନ ତୋଷଣ ।
ତପସ୍ୟାର ଫଳ ଯେବେ ଫଳଇ ସଂସାରେ,
ପୋଷକ ତୋଷକ ରହିଥାନ୍ତି ଏକାଧାରେ ।
ଶାଳଗ୍ରାମ ମହତ୍ତ୍ୱ ନ ବୁଝି ଚର୍ମକାର,
ଅସ୍ତ୍ର ଘରଷଣେ କରିଥିଲା ବ୍ୟବହାର ।
ଚର୍ମକାର ମୁଖୁଁ ଶୁଣି ପ୍ରେମମୟ ଗୀତ,
ଘର୍ଷଣ ନ ଗଣି ଶାଳଗ୍ରାମ ଥିଲେ ପ୍ରୀତ ।
ଯେ ଯେଉଁ କରମେ ହୋଇଥାଉ ନିୟୋଜିତ,
ନିଜେ ନିଜ ପ୍ରେମେ ମୁଗ୍ଧ ଥିବାର ଉଚିତ ।
କର୍ମ ଭାଗ୍ୟ ଦୁହେଁ ମୋର ହୋଇ ବଳବନ୍ତ,
କରାଇଲେ ଆଜି ତବ ଦର୍ଶନେ ସମର୍ଥ ।
କର୍ମଲବ୍ଧ ବୃଷଯାନେ କରି ଆରୋହଣ,
ତୁମ୍ଭଙ୍କୁ ହୃଦୟେ ସ୍ଥାପି ଚଳିଲି ଗମନ ।
ଏକ ବୃଷେ ଚଢ଼ି ଶିବ ହୋଇଥାନ୍ତି ଧନ୍ୟ,
ଦ୍ୱିବୃଷକ ଯାନେ ହେଲି ମୁଁ କୃତାର୍ଥମନ୍ୟ ।
ତଥାପି ବୃଷଙ୍କ ଗତି ହେଲା କଷ୍ଟକର,
ବିଚାରିଲି ଶିବଠାରୁ ମୁଁ କି ଗୁରୁତର !
ବୃଷ ବଦଳାଇ କଲି ମହିଷ ଯୋଜନ,
ତଥାପି ମୋ ହେଲା ପାଦଗତି ପ୍ରୟୋଜନ ।
ନିଜ ବଳ ଅବହେଳି ପରର ଭରସା
କଲି, ଲୋକ ସବୁକାଳେ ଲଭଇ ଦୁର୍ଦ୍ଦଶା ।
ଖରଶ୍ୱାସେ ଧୀରପାଦେ ହୋଇ ଫେନମୁଖ,
ମହିଷ ଯୁଗଳ କେତେ ଜଣାଇଲେ ଦୁଃଖ ।
ଭାବିଲି ଭ୍ରମନ୍ତି ଯମ ଗୋଟିଏ ମହିଷେ,
ମୋତେ ନପାରନ୍ତି ନେଇ ଯୁଗଳହୋଇ ସେ ।
ତହୁଁ ବୁଝିନେଲି ନିଜେ ନିଜ ମୂର୍ଖପଣ,
ବୃହସ୍ପତି ସଙ୍ଗେ କରେଁ ବୃହସ୍ତି ଗଣନ ।

ମନେକଲି ଯେଉଁ ଭାର ବିଧାତା ବିନ୍ୟସ୍ତ,
ସହଜେ ତା' ବହେ ପ୍ରାଣୀ ହୋଇ ଚିରଭ୍ୟସ୍ତ ।
ଯେଉଁ ଭାର ବହିବାକୁ ନୁହଇ ଯେ ଯୋଗ୍ୟ,
ସେ ଭାର ପଡ଼ିଲେ ତାକୁ ମଣଇ ସେ ରୋଗ ।
ସହଜେ ଦୁର୍ବହ ଶିଳା ବହେ ଯେଉଁ ଖର,
ସାମାନ୍ୟ ସ୍ୱର୍ଣ୍ଣର ଭାର ତାକୁ କଷ୍ଟକର ।
ମୋ ହୃଦେ ନୃସିଂହନାଥ ଥିଲେ ତୁମ୍ଭେ ରହି,
ତେଣୁ ଅବା ଗୋ-ମହିଷ ନ ପାରିଲେ ବହି ।
ପଥେ ସେହିଦିନ ମୋର ହେଲା ଅବସ୍ଥାନ,
ସେଠାରେ ଦେଖିଲି ବନ ଗିରି ଦୃଶ୍ୟମାନ ।
ହିନେ ଯାଇଥିଲି କରି ମୃଗୟା ଦର୍ଶନ,
ଭୟ ଭାବନାରେ କରି ଲୋମହରଷଣ ।
ମୃଗୟା ବିନୋଦେ ମରିଛନ୍ତି ଯେତେ ଲୋକ,
ତାଙ୍କ ଦଶା, ତାଙ୍କ ସ୍ତ୍ରୀ ବାଳକଙ୍କ ଶୋକ,
ମୃତ୍ୟୁମୂଳକ ବନଗମନ ପଥରେ,
ପଡ଼ି ଯାଉଥାନ୍ତି ଆସି ମୋ ସ୍ମୃତିପଥରେ ।
ଅବ୍ୟାପାରେ କରିଥିଲା ବ୍ୟାପାର ଯେ କପି,
ତାର ଦଶା ଭାବି ପ୍ରାଣ ଯାଉଥାଏ କମ୍ପି ।
ପୁଣି ଭାବେଁ ଯେଉଁ ପଥ ମହତେ ଗମିତ,
ଅପଥ ହେଲେହେଁ ହୁଏ ସୁପଥେ ଗଣିତ ।
ପାଞ୍ଚ ଲୋକ ସଙ୍ଗେ ଥାଇ କରିବି ଦର୍ଶନ,
କିରୂପେ କାନନେ ଥାନ୍ତି ବନ୍ୟଜନ୍ତୁଗଣ ।
ମାରିବାକୁ ଦେଖିବାକୁ ତାଙ୍କ ମୃତ୍ୟୁକ୍ଳେଶ,
ହୃଦୟେ ବାସନା ମୋର ରହି ନାହିଁ ଲେଶ ।
କୌତୂହଳେ କରୁଅଛୁଁ ସଦିଚ୍ଛା ପୋଷଣ,
ନୃସିଂହ କରିବେ ମୋର ବିପଦ ଶୋଷଣ ।
ନିବିଡ଼ କାନନେ ବୃକ୍ଷବକ୍ଷବଦ୍ଧ ଖଟେ,
ବସିଲି ମୁଁ ଅନଭ୍ୟାସ ବଶୁଁ ଚଢ଼ି କଷ୍ଟେ ।
ଭୂପତି ଅନୁଜ ଧରି ମୃଗୟାର ବେଶ,
ଯାଇଥିଲେ ସଙ୍ଗେ ପାଇ ଅଗ୍ରଜ ନିଦେଶ ।
ତାଙ୍କ ପାଇଁ ସେହି ଖଟ ଥିଲା ନିରୂପିତ,
ଚଢ଼ି ସେ ବସିଲେ ନଳୀ ଘେନି ମୋ ସହିତ ।
ନତ ହେଲା ତରୁ-ଶାଖା କମ୍ପିଗଲା ଖଟ,
ଭଞ୍ଜନ ବ୍ୟଞ୍ଜନା କଲା ରାବ କଟକଟ ।

କ୍ଷୀଣବାହୁ ଗ୍ରାମ୍ୟ ଖଟ ସ୍ୱଭବେ ଦୁର୍ବଳ,
ତା' ପୃଷ୍ଠେ ବହିଲୁଁ ବଳେ ପୃଥୁଳ ଯୁଗଳ ।
ତରୁଶାଖା ସଙ୍ଗେ କଥା କଲେ ପରସ୍ପର,
ବଳ ଯୋଗାଇବେ ତହିଁ ଏକକୁ ଅପର ।
ତରୁଶାଖା ଖଟବାହୁ ଦୁହେଁ ସହୋଦର,
ସଜୀବ ନିର୍ଜୀବ ଭେଦ ନ ଥିଲା ତାଙ୍କର ।
ତରୁଶିର ହୋଇଥିଲା ଦଉଡ଼ି ପ୍ରସ୍ତୁତ,
ତାହାର ବଳ ହିଁ ନିଜ ବଳେ କଲେ ଯୁତ ।
କାଳେ ଭାଙ୍ଗି ଯିବ ଖଟ ହେଉଥାଏ ଶଙ୍କା,
ଉଶ୍ୱାସି ଆଶ୍ୱାସି ତାକୁ ଧରୁଥାଏଁ ଲଙ୍କା ।
ପୁଣି ନ ପଡ଼ିବ ଶୁଣି ବନ୍ଧୁକ ଗର୍ଜନ,
ବୋଲି କରିଥିଲା ସେହି ଉପାୟ ସର୍ଜନ ।
ମାରିବେ ନିଶ୍ଚଳେ ବସି ନେଲୁଁ କଷ୍ଟକ୍ଷଣ,
ବନ୍ୟଜନ୍ତୁ ଆଗମନ କରି ନିରୀକ୍ଷଣ ।
ଯାଇଥିଲେ ଭୂପ, ରାଜପୁରୁଷ ସେ ବନ,
ସାଧନ କରିବା ଲାଗି ଶ୍ୱାପଦ ନିଧନ ।
ଦୂରେ ଦୂରେ ଭିନ୍ନ ଭିନ୍ନ ବୃକ୍ଷର ଉପରେ,
ବସିଗଲେ ବଜ୍ରନାଦୀ ନଳୀ ଧରି କରେ ।
ଶୁଭିଲା ସୁଦୂରେ ବନେ ମାନବ କୁହାଟ,
ତା' ସଙ୍ଗେ ଶୁଭିଲା ଯେତେକ କାଠବାଡ଼ିକାଠ
ଶତ ଶତ ଜନେ ହୋଇ ସେ ନାଦ ନାଦିତ,
ଘନ ଘନ ବନ ବକ୍ଷ କଲା ବିକ୍ଷୋଭିତ ।
ନିକଟ ନିକଟତର ହେଲା ସେ ଶବଦ,
ରହିଲୁଁ ତଳକୁ ଚାହିଁ ହୋଇ ନିସ୍ତବଧ ।
ଶ୍ରୁତିକି ଆସିଲା ନଳୀ ନାଦ ଏକ ଥର,
ଅନ୍ୟ ନଳୀ ଗରଜିଲା ମୁହୂର୍ତ୍ତେ ଅନ୍ତର ।
ଏଣେ ଆମ୍ବ ଆଡ଼େ ହେଲା ଶବ୍ଦ ସର ସର,
ଦେଖିଲୁ ଆସୁଛି ଏକ ଭଲ୍ଲୁକ ପ୍ରବର ।
ଶ୍ରାନ୍ତି ବିରକ୍ତିରେ ଥାଏ ପଳାୟନପର,
ନ ଥାଏ ତା ଗତି ଅତି ଦ୍ରୁତ କି ମନ୍ଥର ।
ଆମ୍ବ ବୃକ୍ଷତଳେ ପଡ଼ୁଁ ନ ପଡ଼ୁଁ ତା ପଦ,
ପଡ଼ିଲା ତା ଲକ୍ଷେ ଗୋଳୀ ସ୍ୱରୂପେ ଆପଦ ।
ଅଗ୍ରସର ନୋହି ଋକ୍ଷ କି ଭାବି ଚିତ୍ତରେ,
ପଛଘୁଞ୍ଚି ପଶିଗଲା କାନନ ଭିତରେ ।

ଶବଦୁ ତ୍ରସିତ ହେଲା, ହେଲା ସେ ପତିତ,
କ୍ଷଣ ପରେ ଦେଖାଦେଲା ହୋଇ ଅବ୍ୟଥିତ
ବୃକ୍ଷମୂଳେ ଆସି ଦେଲା ଉପରେ ଅନାଇ,
ମନେ ମନେ ଡାକିଲି ମୁଁ ନରସିଂହ ସାହି ।
ଶୁଣିଥିଲି କେନ୍ଦୁଫଳ ଖାଇବାକୁ ଋକ୍ଷ,
ଚଢ଼ିଥାଏ ନଭସ୍ପର୍ଶୀ ଉଚ୍ଚ ଉଚ୍ଚ ବୃକ୍ଷ ।
ସହଜେ ସେ ଚଢ଼ି ମୋତେ ପାରିଥାନ୍ତା ଧରି,
ରକ୍ଷା ପାଇଗଲି ନର-ସିଂହ ନାମ ସ୍ମରି ।
ମୋ ହୃଦୁ ବାହାରି ତାର ଦୃଷ୍ଟି-ଦରପଣେ,
ପ୍ରଭୁ ଉଭା ହେଲେ ବୋଲି ବିଚାରିଲି ମନେ ।
ସ୍ୱାଭାବିକ ପ୍ରୀତି ଭକ୍ତି ଏକ ହୃଦେ ଯାହା,
ଜନ୍ମିଥାଏ, ଅନ୍ୟ ହୃଦେ ଜନମଇ ତାହା ।
କେବଳ କପଟ ପ୍ରୀତି ମାନୁଷଙ୍କର,
ମଧୁର ଦର୍ଶନ ମାତ୍ର ମହାଭୟଙ୍କର ।
ଚାଲିଗଲା ସାଧୁ ଋକ୍ଷ ହୋଇ ନତମୁଖ,
ହୃଦୟରୁ ଦୂରକରି ସଦ୍ୟଲବ୍ଧ ଦୁଃଖ ।
ଋକ୍ଷ ବୃକ୍ଷମୂଳ ଆସି ଚାଲିଯିବାଯାଏ,
ବନ୍ଧୁକୀଙ୍କ ଗୋଳୀ ତ୍ୟାଗ ସୁବିଧା ନ ଥାଏ ।
ତା ପରେ ବରାହ ଚାରି ଦେଲେ ଦରଶନ,
ଯାଉଥାନ୍ତି କରି ମୃଦୁ ନର୍ତ୍ତିତ ଗମନ ।
ବିଚଳିତ ହୋଇଥାନ୍ତି କୁହାଟ ଶ୍ରବଣେ,
ଊର୍ଦ୍ଧ୍ୱରୁ ପଡ଼ିବ ଗୋଳୀ ଥିଲା ନାହିଁ ମନେ ।
ସହସା ଶ୍ରବଣେ ପାଇ ବନ୍ଧୁକ ନିନାଦ,
ସାହସେ ପଳାଇଗଲେ ଜାଣି ପରମାଦ ।
କେତେବେଳେ କି ଆପଦ ଆଣଇ ସଂସାର,
ତହିଁକି ନ ପାରେ ଥାଇ ପ୍ରାଣୀ ଜ୍ଞାତସାର ।
କିନ୍ତୁ ଯହିଁ ଜାଣିପାରେ ବିପଦଲକ୍ଷଣ,
ସେ ସ୍ଥଳ ବରଜି ଚାଲିଯାଏ ତତକ୍ଷଣ ।
ପ୍ରଭୁଙ୍କ ଅଭୟପଦେ ଯେ ଶରପ୍ରଣତ,
ଆପଦ ଆମୋଦେ ତାର ହୁଏ ପରିଣତ ।
ଏହିଠାରେ ପାଇଗଲି ତହିଁର ପ୍ରମାଣ,
ଅବନ୍ଧୁ ବନ୍ଧୁକ ମୁଖୁଁ ବରାହଙ୍କ ତ୍ରାଣ ।

ତା' ପରେ ଆଇଲା ମୃଗ ବିଶାଳ ବିଗ୍ରହ,
ତେତେଣେ ନଳୀ ନାହୁଁ ଜାଣି ମୃଗୟୁ ନିଗ୍ରହ ।
ସଭୟ ନୟନେ ଦେଲା ଊର୍ଦ୍ଧ୍ୱକୁ ଅନାଇ,
ବସିଅଛି ନଳୀଧାରୀ ପ୍ରାଣ ନେବା ପାଇଁ ।
ତହିଁ ମୋତେ ଖ୍ୟାତ ମୃଗ ନିଶ୍ଚେ ମଣିଥିବ,
ଚିତ୍ରଗୁପ୍ତ ନାମଧେୟ ଶମନ-ସଚିବ ।
ଯମଦଣ୍ଡରୂପୀ ନଳୀ କରେ ଧରୁଁ ଧରୁଁ,
ପଳକେ ପଳାଇଗଲା ବନ୍ଧୁ ସନ୍ଧି ଧରୁ ।
କାନନ ଗୁଳନ ଘୋର ରବ କରି ଶେଷ,
ପଲ୍ଲିବାସୀ ପରିବେଶ କଲେ ପରବେଶ ।
କା ହସ୍ତେ କୁଠାର ଚଣ୍ଡ ଦଣ୍ଡ କାହା କରେ,
ବିରାଜଇ ସାହସର ଜନକ ରୂପରେ ।
ରୁକ୍ଷ କେଶ ଅଧିକେ କେ ଜୁଡ଼ା ଅଛି ବାନ୍ଧି,
ଅଧା କେଶ ହେଉଛନ୍ତି ନୟନେ ବିବାଧି ।
କାହା ରୁକ୍ଷ କେଶ ହୋଇଅଛି ବିକୁଞ୍ଚିତ,
ବେଲ ଜାଣି ଗଣ୍ଡେ ଭଲେ ହେଉଛି ନର୍ତ୍ତିତ ।
କେ ଦକ୍ଷିଣ କର୍ଣ୍ଣମୂଳେ ଅଛି ଖୋଷା ପାରି,
ବାମେ କେତେ କେଶ ଝୁଲେ ପହଞ୍ଚି ନପାରି ।
କା' କୁଞ୍ଚିତ କେଶ ଅଗ୍ର ଧରି ତାମ୍ର ବର୍ଣ୍ଣ,
ଗ୍ରୀବା ପଛ ଧରି ଚୁମ୍ବୁଅଛି ବେନି କର୍ଣ୍ଣ ।
କଟି ଆଚ୍ଛାଦନ କରି ମଳିନ ବସନେ,
ନିବାରି ଉଦରଜ୍ୱାଳା ବିଗଡ଼ା ଅଶନେ ।
ଆସିଥିଲେ କରି ମୃଗମାରଣ ଉତ୍ସବ,
ଦେଖିଲେ କେଉଁଠି କିଛି ପଡ଼ି ନାହିଁ ଶବ ।
ଜାଣିଲେ ସକଳ ଶ୍ରମ ହୋଇଅଛି ପଣ୍ଡ,
କୁଣ୍ଡାଇଲେ କେହି ତଳେ ବସି ଶୁଷ୍କଗଣ୍ଡ ।
ହୃଦୟେ ନୃସିଂହେ ଦେଇ ଶତ ଧନ୍ୟବାଦ,
ବାହୁଡ଼ି ଆସିଲି ଲଂଘି ମୃଗୟା-ପ୍ରମାଦ ।

# * ତୁଳସୀ-ରାମାୟଣର କିୟଦଂଶ

କରନ୍ତି ଯେ ନାନା ଅର୍ଥ ବର୍ଣ୍ଣସମୂହର,
ନବରସ ସର୍ବ ଛନ୍ଦ ଯାର ପରିକର,
ମଙ୍ଗଳଦାୟିନୀ ପୁଣି ମଙ୍ଗଳଦାୟକ,
ପ୍ରଥମେ ବନ୍ଦଇଁ ସେହି ବାଣୀବିନାୟକ ।
ସିଦ୍ଧମୁନିଗଣ ନିତ୍ୟ ସେବି ଯା' ପୟର,
ହୃଦୟ ମଧ୍ୟରେ ଦେଖିପାରନ୍ତି ଈଶ୍ୱର ।
ଶରଧା ବିଶ୍ୱାସରୂପ ଅଟେ ଯାହାଙ୍କର,
ହିଣ୍ଟୟେ ବନ୍ଦଇଁ ସେହି ଗଉରୀ ଶଙ୍କର ।
ବନ୍ଦେଁ ଶିବରୂପୀ ଗୁରୁ ନିତ୍ୟ ଜ୍ଞାନମୟ,
ବକ୍ରବିଧୁ ନିତ୍ୟ ନେଇଥାନ୍ତି ଯା ଆଶ୍ରୟ,
ସୀତାରାମ ଗୁଣଗ୍ରାମ-ଅରଣ୍ୟବିହାରୀ,
କବୀଶ୍ୱର କପୀଶ୍ୱର ବନ୍ଦଇଁ ବିଚାରି ।
ଉଦ୍ଭବ ସ୍ଥିତି ସଂହାର କରି-କ୍ଲେଶହାରୀ,
ବନ୍ଦଇଁ ରାମବଲ୍ଲଭା ସୀତାଶ୍ରେୟସ୍କରୀ ।
ବନ୍ଦଇଁ ଶ୍ରୀରାମ ହରି ଅଭୟଚରଣ,
ଲୋଡ଼ନ୍ତି ବ୍ରହ୍ମାଦି ଦେବଗଣ ଯା ଶରଣ,
ଅଶେଷ ବିଶ୍ୱର ଯେହୁ ପରମ କାରଣ,
ଯା ଆଶ୍ରୟେ ହୁଏ ଭବସାଗର ତାରଣ,
ଯା ମାୟାରେ ଅସତ୍ୟ ହିଁ ଦିଶେ ସତ୍ୟ ସମ,
ରଜ୍ଜୁରେ ଉପୁଜିଥାଏ ଯେସନେ ଅହି ଭ୍ରମ,

* ସମ୍ଭବତଃ ସମଗ୍ର ତୁଳସୀ ରାମାୟଣ ଗ୍ରନ୍ଥ ଖଣ୍ଡିକ ଏହିପରି ଭାବରେ ଅନୁବାଦ କରିବାକୁ କବି ସଙ୍କଳ୍ପ ରଖି କାର୍ଯ୍ୟାରମ୍ଭ କରିଥିଲେ; କିନ୍ତୁ ଏତିକି ଅଂଶ ଲେଖିବା ପରେ ତାଙ୍କର ଜଣେ ବନ୍ଧୁ ସେହି କାର୍ଯ୍ୟରେ ହସ୍ତକ୍ଷେପ କରିଥିବାର ସଂବାଦ ପାଇ ସେଥିରୁ ବିରତ ହେଲେ । —ପ୍ରକାଶକ

ନ ବୁଝି ଅସୁର ମୂଢ଼େ ମରୁଆନ୍ତି ଭ୍ରମି,
କବି ଆରମ୍ଭିଲେ ଗ୍ରନ୍ଥ ସେ ପଦ୍ୟରେ ନମି ।
ନାନା ପୁରାଣ ନିଗମ ଆଗମ ସମ୍ମତ,
ରାମକଥା ରାମାୟଣେ ଅଛି ଯା ସତତ ।
ସ୍ୱାନ୍ତଃ ସୁଖ ଆଶେ ତାହା ଶ୍ରୀ ତୁଳସୀ ଦାସ,
କଲେ ମନୋହର ଭାଷାପ୍ରବନ୍ଧେ ପ୍ରକାଶ ।
ଜୟ ବିନାୟକ ଗଜେନ୍ଦ୍ର ବଦନ
ବୁଦ୍ଧି ରାଶିର ଆଳୟ,
ସିଦ୍ଧିବିଧାୟକ ସୁଗୁଣ ସଦନ
ଦୟାକର ଦଶାମୟ ।
ମୂକ ହିଁ ବକତା ପଙ୍ଗୁ ହିଁ ପାରଇ
ଲଙ୍ଘି ପର୍ବତ ଗହନ
କରୁଣାରେ ଯାର, କରନ୍ତୁ କରୁଣା
ସେ କଳିମଳ ଦହନ ।
ତରୁଣ ଅରୁଣ ବାରିଜ ନୟନ
ନୀଳସରୋରୁହ ଶ୍ୟାମ,
ଦୀନବନ୍ଧୁ କ୍ଷୀର- ସାଗର ଶୟନ
କର ମୋ ହୃଦୟ ଧାମ ।
ହେ ଉମାରମଣ କରୁଣା ସଦନ
କୁନ୍ଦଇନ୍ଦୁ ସମ ଦେହ,
ତ୍ରିଶୂଳଧାରଣ ମଦନମର୍ଦ୍ଦନ
ଏ ଦୀନକୁ କର ସ୍ନେହ ।
ବନ୍ଦଇଁ ଶ୍ରୀ ଗୁରୁଦେବ ପଙ୍କଜଚରଣ,
ଗୁରୁ କୃପାସିନ୍ଧୁ ନରରୂପୀ ନାରାୟଣ,
ଯେ ଗୁରୁ ବଚନ ରବିକର ପରକାଶି,
ମହା ମୋହ ତମପୁଞ୍ଜ ବେଗେ ଦିଏ ନାଶି ।
ବନ୍ଦଇଁ ଶ୍ରୀଗୁରୁପଦ-କମଳ-ପରାଗ,
ସୁରୁଚି ସୁବାସ ଯହିଁ ରସ ଅନୁରାଗ,
ଗୁରୁ ପଦଧୂଳି ମୂରୁ ବର୍ଣ୍ଣି ସୁଧାମୟ,
ଜନମ ମରଣ ଭବ ରୋଗ କରେ କ୍ଷୟ ।
ସେ ଧୂଳି ସୁକୃତ ଶମ୍ଭୁ ବିମଳ ବିଭୂତି,
ମଞ୍ଜୁଳ ମଙ୍ଗଳପ୍ରଦ ପ୍ରମୋଦ ପ୍ରସୂତି ।
ଜନମନ-ଦର୍ପଣର ମଳଚୟ ହରେ,
ଶିଷ୍ୟ ଶିରେ ଲଗି ଗୁଣ ଗଣ ବଶ କରେ ।

ଗୁରୁ ପଦ ନଖ ମଣି ଜିଣି ଜ୍ୟୋତିର୍ମୟ,
ଯା ସ୍ମରିଲେ ହୁଏ ଦିବ୍ୟଦୃଷ୍ଟିର ଉଦୟ ।
ଭାଗ୍ୟବାନ ନର ହୃଦେ ହୋଇ ତା' ପ୍ରକାଶ,
ଅଚିରେ କରଇ ମୋହ-ତମିର ବିନାଶ ।
ସୁନିର୍ମଳ ଜ୍ଞାନଚକ୍ଷୁ କରି ଉନ୍ମୀଳନ,
ଭବ-ନିଶା ଦୋଷ ଦୁଃଖ କରଇ ଖଣ୍ଡନ ।
ଶ୍ରୀରାମ ଚରିତ ମଣିମାଣିକ୍ୟ ପଟଳ,
କିବା ଗୁପ୍ତ କି ପ୍ରକଟ ଦେଖାଏ ସକଳ ।
ଯେସନ ସାଧକସିଦ୍ଧ ରଞ୍ଜି ସୁଅଞ୍ଜନ,
ଦେଖଇ କୌତୁକମୟ ମହୀଶୈଳ ବନ ।
ତେସନ ସୁଜନ ଲଭି ଗୁରୁ-ଉପଦେଶ,
ଦେଖଇ କୌତୁକମୟ ଗିରିବନ ଦେଶ ।
ଗୁରୁ ପଦରଜ ମୃଦୁ ମଞ୍ଜୁଳ ଅଞ୍ଜନ,
ନୟନ ଅମିୟଦୃକ ଦୋଷ ବିଭଞ୍ଜନ ।
ସେ ଶୁଦ୍ଧ ଅଞ୍ଜନେ ରଞ୍ଜି ବିବେକ ଲୋଚନ,
ବର୍ଣ୍ଣଇଁ ରାମଚରିତ ଭବ ବିମୋଚନ ।
ବନ୍ଦୁଅଛିଁ ସବିନୟେ ବ୍ରାହ୍ମଣ ଚରଣ,
ହେଉ ମୋହୋ ମୋହ ଜାତ ସଂଶୟ ହରଣ ।
ସୁଜନ ସମାଜ ସର୍ବଗୁଣର ଆକର,
ପ୍ରଣମଇଁ ପ୍ରେମେ ତାଙ୍କୁ ଯୋଡ଼ି ବେନିକର ।
ସାଧୁଙ୍କ ଚରିତ ଶୁଦ୍ଧ କାର୍ପାସ ସମାନ,
ନୀରସ ବିଶଦ ତାର ଫଳ ଗୁଣବାନ ।
ନିବାରଇ ନାନା ଦୁଃଖ ସହି ପର ଲାଜ,
ତା ଯଶ ବନ୍ଦନ୍ତି ଲୋକେ ସୁସଭ୍ୟ ସମାଜ ।
ଆନନ୍ଦ ମଙ୍ଗଳମୟ ସଜ୍ଜନ ସମାଜ,
ଜଗତେ ଅଟଇ ଚଳଶୀଳ ତୀର୍ଥରାଜ ।
ଶ୍ରୀରାମ ଭକତି ତହିଁ ସୁରଧୂନୀ ଧାର,
ତହିଁ ମିଶେ ସରସ୍ୱତୀ ଶାଶ୍ୱତ ବିଚାର ।
ଭଲ ମନ୍ଦ ଜ୍ଞାନ କଥା ଭାସ୍କରଦୁହିତା,
ନାଶନ୍ତି କଳିର ତାପ ହୋଇ ପ୍ରବାହିତା ।
ହରିହର କଥା ତାଙ୍କ ମଞ୍ଜୁ ନୀରବେଣୀ,
ଦିଅନ୍ତି ମଙ୍ଗଳ ମୁଦ ହୋଇ ଶ୍ରେଣୀ ଶ୍ରେଣୀ ।
କୂଳେ କୁଳତୀର୍ଥରାଜ ନିଜ ଧର୍ମ ସ୍ଥିତି,
ବିଶ୍ୱାସ ବିଶାଳ ବଟ ନାଶେ ଯମ-ଭୀତି ।

ଦେଶେ ଦେଶେ ହୃଦେ ହୃଦେ ହୋଇପ୍ରକାଶିତ
କରୁଛନ୍ତି ସଦ୍ୟଫଳ ଲୋକେ ପ୍ରଦର୍ଶିତ ।
ଅଲୌକିକ ଏହି ତୀର୍ଥରାଜର ମହିମା,
ଶେଷ କରି ନୁଏ ନାହିଁ ବର୍ଣ୍ଣି ତାର ସୀମା ।
ଶୁଣି ବୁଝି ଜନ ହୁଏ ଆନନ୍ଦିତ ମନ,
ଅନୁରାଗ କଲେ ହୁଏ ସେ ତୀର୍ଥେ ମଜ୍ଜନ ।
ସାଧୁ ସମାଜ ପ୍ରୟାଗ ଗୁଣ ଅସାମାନ୍ୟ,
ଇହଲୋକେ ଦେଇଥାଏ ଚତୁର୍ବର୍ଗ ଦାନ ।
ମଜ୍ଜନର ଫଳ ଦେଖ ମିଳଇ ତତ୍କାଳ,
କାକ ହୋଇଯାଏ ପିକ ବକ ହିଁ ମରାଳ ।
ଏ କଥାକୁ ଶୁଣି ଲୋକେ ଆଶ୍ଚର୍ଯ୍ୟ ନ ମଣ,
ଅସମ୍ଭବ ସମ୍ଭବାଇଥାନ୍ତି ସାଧୁଗଣ ।
ବାଲ୍ମିକ ନାରଦ କୁମ୍ଭଯୋନି ଋଷିମାନେ,
କି ଥିଲେ କି ହେଲେ କହିଛନ୍ତି ନିଜ ଗାନେ
ଜଳଚର ସ୍ଥଳଚର ଖେଚର ପ୍ଲବଙ୍ଗ,
ଲଭିଥାନ୍ତି ସଦଗତି ଲଭି ସାଧୁସଙ୍ଗ ।
ପାଷାଣ ହିଁ ସାଧୁ ପଦରଜର ପ୍ରସାଦୁଁ,
ଦିବ୍ୟ ତନୁ ଲଭିଅଛି ନିସ୍ତର ପ୍ରମାଦୁ ।
ସବୁ ଶାସ୍ତ୍ର ଗାଏ ସାଧୁ ସଙ୍ଗର ପ୍ରଭାବ,
ସାଧୁ ସଙ୍ଗୁ ବଳି ନାହିଁ ଜଗତରେ ଲାଭ ।
ସାଧୁସଙ୍ଗ ବିନା ଭବେ ବିବେକ ଦୁର୍ଲ୍ଲଭ,
ରାମ କୃପା କଲେ ତାହା ହୁଅଇ ସୁଲଭ ।
ସାଧୁସଙ୍ଗ ଏକା ମୁଦ ମଙ୍ଗଳର ମୂଳ,
ସିଦ୍ଧିରୂପ ଫଳ ତାର ସାଧନାଟି ଫୁଲ ।
ଶଠ ହିଁ ସୁଜ୍ଞାନ ଲଭେ ସାଧୁସଙ୍ଗ ପାଇ,
ଲୌହ ସ୍ୱର୍ଣ୍ଣ ପାଲଟଇ ସ୍ପର୍ଶମଣି ପାଇଁ ।
ବିଧିବଶେ ସାଧୁ ଯଦି ରହେ କୁସମାଜେ,
ଫଣି ମଣି ପରି ନିଜ ଗୁଣ ଘେନି ରାଜେ ।
ହରି ହର ବିଧି କବି କୋବିଦ ଭାରତୀ,
ସାଧୁଙ୍କ ମହିମା ମୁଖେ ବର୍ଣ୍ଣି ନ ପାରନ୍ତି ।
ମୋ ଭଳି ମାନବ ସେହି ଗୁଣ ବର୍ଣ୍ଣିବାର,
ଶାକ ବଣିକର ହସ୍ତେ ରତନ ବେପାର ।

ବନ୍ଦଇ ସମଦରଶୀ ସାଧୁ ପଦ ଦ୍ୱୟେ,
ମିତ୍ର ଅମିତ୍ରଭାବ ଭବେ ନାହିଁ ଯା' ହୃଦୟେ ।
ସମସ୍ତଙ୍କ କରିଥାନ୍ତି ସମ ଉପକାର,
ଉଚ୍ଚ ନୀଚ ବୋଲି କେବେ ନ ଥାଏ ବିଚାର ।
ଯେସନ ସୁପୁଷ୍ପ ହୋଇ ଅଞ୍ଜଳିରେ ସ୍ଥିତ ।
ବାମ ଦକ୍ଷ ଦେନିକର କରେ ସୁବାସିତ ।
ଦୟାଳୁ ସ୍ୱଭାବ ସାଧୁ ସରଳ ହୃଦୟ,
ବିଶ୍ୱବନ୍ଧୁ ରୂପେ ଥରେ ଘେନ ମୋ ବିନୟ ।
କୃପାକରି ଦିଅ ବାଳ-ହୃଦେ ମୋ ସୁମତି,
ଶ୍ରୀ ରାମଚରଣ-ପଦ୍ମେ ହେଉ ମୋର ମତି ।
ସଭୟ ହୃଦୟେ ଏବେ ବନ୍ଦେ ଖଳଗଣ,
ବିନା କାର୍ଯ୍ୟେ କରନ୍ତି ଯେ ଶତ୍ରୁତାଚରଣ ।
ପର ଅପକାର ଗୃହିଁ ଲଭନ୍ତି ପ୍ରସାଦ,
ଭାଙ୍ଗିଲେ ହରଷ ତାଙ୍କ ବନିଲେ ବିଷାଦ ।
ହରିହର ଯଶ ଶଶଧରକୁ ସେ ରାହୁ,
ଅନିଷ୍ଟସାଧନେ ବୀର ଦଶଶତ ବାହୁ ।
'ପରଦୋଷ ଦେଖିବାକୁ ସହସ୍ର ଲୋଚନ,
ପରହିତ ଘୃତନାଶୀ ମାଛି ତାଙ୍କ ମନ ।
ତେଜରେ କୃଶାନୁ ଖଳ ରୋଷେ ମହେଶ୍ୱର,
ପାପ ଅପଗୁଣ ଧନେ ଧନୀ ଧନେଶ୍ୱର ।
ଖଳର ଉଦୟ କେତୁ ସମ ଭୟପ୍ରଦ,
ଖଳ ଦରଶନେ ଲୋକେ ଗଣନ୍ତି ବିପଦ ।
ଜଗତଜନକୁ ଖଳ ମହାଶୟ ସଲ,
କୁମ୍ଭକର୍ଣ୍ଣ ସମ ଖଳ ଶୋଇଥିବା ଭଲ ।
ପରହାନି କରେ ଖଳ ପ୍ରାଣ ଦେଇ ବଳି,
କରକା ଦ୍ରବଇ ଯଥା ନାଶି ନାଗବଲ୍ଲୀ ।
ପରଦୋଷ ଗାନେ ଖଳ ସହସ୍ର ବଦନ,
ଶେଷନାଗ ମଣି ତାଙ୍କୁ କରୁଛି ବନ୍ଦନ ।
ପରଖତ ଶୁଣେ ଖଳ ଅୟୁତ ଶ୍ରବଣେ,
*ବଳି ତେଣୁ ତାଙ୍କୁ ପୃଥୁରାଜ ସମ ମଣେ ।
ଶକ୍ର ସମ ମଣି ଖଳଠାରେ ମୁଁ ବିନୀତ,
ଅବିରତ ଇଚ୍ଛେ ଯେଣୁ ସୁରାଳୟ ହିତ ।

* ପୃଥୁରାଜ—ଭଗବତ କଥା ଶୁଣିବାକୁ ଦୁଇ ହଜାର କର୍ଣ୍ଣର ଶୁଣିବାଶକ୍ତି ପାଇବା ବର ମାଗିଥିଲେ ।

ନିପୁଣ ସହିତ ବାକ୍ୟ ବଜ୍ର ବରଷଣେ,
ସହସ୍ରଲୋଚନ ପରି ଦୋଷ ଦରଶନେ ।
ଜଳେ ଖଳ ମିହିର ହିଁ ଗ୍ରହିଁଲେ ଉନ୍ନତି,
ଏଣୁ କରେଁ କରଯୋଡ଼ି ଖଳକୁ ବିନତି ।
ଯେତେହେଁ ବିନୀତ ହୁଅ ଦେଖାଅ ସଦ୍ଭାବ,
ଖଳ କେବେ ନ ଛାଡ଼ଇ ଆପଣା ସ୍ୱଭାବ ।
ପାଳିଲେ ହେଁ ଶିଶୁକାଳୁ ଖୁଆଇ ପାୟସ,
ଛାଡ଼ି ନ ପାରଇ ମାଂସଭୋଜନ ବାୟସ ।
ସାଧୁ ଦୁଷ୍ଟ ପଦେ ବନ୍ଦ କରୁଛି ସମ୍ମାନ,
ଦୁଃଖ ଦେବା ପାଇଁ ଦୁହେଁ ଅଟନ୍ତି ସମାନ ।
ସାଧୁର ବିଯୋଗେ ପ୍ରାଣେ ନ ରହଇ ସୁଖ,
ଅସାଧୁ ସଂଯୋଗେ ତଥା ହୁଏ ମହାଦୁଃଖ ।
ଜଳୌକା ଜଳଜ ଏକ ଜଳରୁ ଜନମ,
ହେଲେହେଁ ଦୁହିଁଙ୍କ ଗୁଣ ନ ହୁଅଇ ସମ ।
ସୁଧା ସୁରା ଜନମିଲେ ଯେସନ ସାଗରୁ,
ସାଧୁ ଅସାଧୁଙ୍କ ଜନ୍ମ ତଥା ଜଗତରୁ ।
ସାଧୁ ସୁଧା ସୁଧାକର ସୁରଧୁନୀ ପରି,
ଅସାଧୁ ଗରଳ ବହ୍ନି କର୍ମନାଶା ସରି ।
ନିଜ ନିଜ ଗୁଣ କରଥାନ୍ତି ପରକାଶ,
ଭଲ କଲେ ଯଶ ମିଳେ ମନ୍ଦେ ସର୍ବନାଶ ।
ସୁଗୁଣ ଦୁର୍ଗୁଣ ଭବେ ଜାଣନ୍ତି ସକଳ,
ଯେ ଯାହା କରଇ ତାହା ତାକୁ ଲାଗେ ଭଲ ।
ଯେ ଭଲ ସେ ଭଲ କରି ପରଶଂସା ପାଏ,
ଯେ ମନ୍ଦ ସେ ମନ୍ଦ କରି ନୀଚତାକୁ ଯାଏ ।
ଅମୃତ ଖାଇଲେ ଲୋକ ହୁଅଇ ଅମର,
ମରଣ ଲଭଇ ସିନା ଖାଇଲେ ଜହର ।
ସାଧୁ ଜନ ହୋଇଥାଏ ସଦା ଗୁଣଗ୍ରାହୀ,
ଅସାଧୁ ଦୁର୍ଗୁଣ ନିଏ ଜ୍ଞାନ ତାର କାହିଁ ।
କେତେ ଲୋକ ଗୁଣ ଦୋଷ ନ ପାରନ୍ତି ବାରି,
ଏଣୁ ଗୁଣ ଦୋଷ କିଛି କହିବା ବିସ୍ତାରି ।
ଭଲ ମନ୍ଦ ସବୁ କଥା ବିଧାତାନିର୍ମିତ,
ଗୁଣ ଦୋଷ ସବୁ ଶାସ୍ତ୍ରେ ହୋଇଛି ଚର୍ଚ୍ଚିତ ।
ଦୁଃଖ ସୁଖ ପାପ ପୁଣ୍ୟ ଦିନ ଆଉ ରାତି,
ଭଲ ମନ୍ଦ ଦେବ ଦୈତ୍ୟ ସୁଜାତି କୁଜାତି ।
ଉଚ୍ଚ ନୀଚ ରାଜା ରଙ୍କ ସାଧୁ ଆଉ ଖଳ,
ସୁରଧୁନୀ କର୍ମନାଶା ଅମୃତ ଗରଳ ।
ସତ୍ୟ ମିଥ୍ୟା ଜନ୍ମ ମୃତ୍ୟୁ ସ୍ୱରଗ ନରକ,
ସର୍ଜନା କରିଛି ସବୁ ବ୍ରହ୍ମାଣ୍ଡସର୍ଜକ ।
ଦୋଷ ଛାଡ଼ି ଗୁଣ ବାଛି ନିଏ ସନ୍ଥ ଜନ,
ହଂସ ଯଥା ଜଳୁ କ୍ଷୀର କରଇ ଗ୍ରହଣ ।
ଖଳ ଯେବେ ସ୍ୱାର୍ଥଲୋଭେ ସାଧୁବେଶ ଧରେ
କାଳନେମୀ ଦଶାନନ ପରି ଶେଷେ ମରେ ।
ପ୍ରକୃତ ଯେ ସାଧୁ ବେଶେ ନକରେ ଆଦର,
ଯଥା ଋଷ ଜାମ୍ବବନ୍ତ ପବନ କୁମର ।
ସାଧୁସଙ୍ଗ କଲେ ଲାଭ ଖଳ ସଙ୍ଗେ ହାନି,
ବେଦେ ଶାସ୍ତ୍ରେ ଅଛି ଏହା ଜାଣିଥାନ୍ତି ଜ୍ଞାନୀ ।
ଗଗନେ ଉଡ଼ଇ ଧୂଳି ପବନ ସହିତ,
କାଦୁଅ ହୁଅଇ ହେଲେ ଜଳରେ ମିଳିତ ।
ରାମ ରାମ ଭାଷେ ଶୁକ ସାଧୁଘରେ ରହି,
ଅସାଧୁର ଘରେ ଥିଲେ କୁବାକ୍ୟ ଭାଷଇ ।
କୁସଙ୍ଗରେ ଧୂମ ହୁଏ କଳା କଦାକାର,
ସାଧୁ କରେ ମସୀ ହୋଇ କରେ ଉପକାର ।
ଲୂତାଜାଲେ ଯେଉଁ ଧୂମ ହୁଅଇ ଅଳନ୍ଧୁ,
ଗଗନରେ ହୋଇଥାଏ ମେଘଲୋକ-ବନ୍ଧୁ ।
କୁସ୍ଥାନେ ରହିଲେ ଗ୍ରହ ଦିଅନ୍ତି କୁଫଳ,
ଶୁଭ ସ୍ଥାନଗତ ହେଲେ କରନ୍ତି ମଙ୍ଗଳ ।
ଗଙ୍ଗାରେ ପଡ଼ିଲେ ଜଳ ହୁଏ ଗଙ୍ଗାଜଳ,
ପଡ଼ିଲେ ଚଣ୍ଡାଳ କୂପେ ଦୂଷିତ କେବଳ ।
ମେଘ ସୃଷ୍ଟିକରେ ବାତ ବାଷ୍ପ ସଙ୍ଗେ ରହି,
ଲଭିଲେ ଅନଳ ସଙ୍ଗ ଗୃହ ଦିଏ ଦହି ।
ଦେବଚୂଡ଼ା ବାସ ଶିରେ କରନ୍ତି ବନ୍ଦନ,
ପ୍ରେତର ବସନ ଦୂରୁ କରନ୍ତି ବର୍ଜନ ।
ସାଧୁ ହେଉ ଖଳ ହେଉ ସର୍ବେ ରାମମୟ,
କରଯୋଡ଼ି ବନ୍ଦୁଅଛି ହେଉନ୍ତୁ ସଦୟ ।
ଦେବାସୁର ନାଗ ନର ଗନ୍ଧର୍ବ କିନ୍ନର,
ଏମାନଙ୍କୁ ବନ୍ଦୁଅଛି ଯୋଡ଼ି ବେନି କର ।
ଖଗ ମୃଗ ପ୍ରେତ ପିତୃ ସ୍ଥାବର ଜଙ୍ଗମ,
କୃପାକର ବନ୍ଦୁଅଛି ମୁଁ ମୂଢ଼ ଅକ୍ଷମ ।

ଚଉରାଶି ଲକ୍ଷ ଚଉରାଶି ଜାତି ଜୀବଗଣ,
ସର୍ବେ ରାମମୟ ବନ୍ଦେଁ ସଭିଙ୍କ ଚରଣ ।
କେ ଜଳେ କେ ସ୍ଥଳେ ନଭେ କରିଅଛ ବାସ
ମୋ ବିନୟ ଘେନି କର କରୁଣା ପ୍ରକାଶ ।
ନାହିଁ ବିଦ୍ୟା ବୁଦ୍ଧି ବଳ କିଛି ଏ ଦାସର,
ଭରସା କରିଛି ତୁମ୍ଭ ପଦ-ସାରସର ।
ସର୍ବେ ମିଳି ଏକମନେ ହୁଅନ୍ତୁ ସଦୟ,
ଘେନ ଘେନ ଘେନ ମୋର ସପ୍ରେମ ବିନୟ ।
କରିବାକୁ ଶ୍ରୀରାମଙ୍କ ଚରିତ ବର୍ଣ୍ଣନା,
ଲଘୁ ହୃଦୟରେ ମୋର ପୋଷିଛି ବାସନା,
ସ୍ୱଳ୍ପ ମୋର ମତି ତହିଁ ଚରିତ ମହାନ,
କବିତାର ରୀତି ପୁଣି କିଛି ନାହିଁ ଜ୍ଞାନ ।
ଶକତି କଙ୍ଗାଳ ମୋର ମନୋରଥ ରଜା,
ପିପୀଲିକା ଚିହ୍ନି ପାରେ ବଜାଉଛି ମଜା ।
ସେ ଚରିତ ଉପଯୋଗୀ ଭାଷାଜ୍ଞାନ ନାହିଁ,
ଶଙ୍ଖସୂତ୍ର ଲଗାଉଛି ମଣି ଗୁନ୍ଥା ପାଇଁ ।
ମୃତ୍ତିକା ପାତ୍ରରେ ସୁଧା ରଖିବି ସଜ୍ଜନ,
ଏ ଧୃଷ୍ଟତା ଦରିଦ୍ରର କରିବେ ମାର୍ଜନ ।
ମୋ ଭାଷାଦୋଷରେ ରୋଷ ମାନସେ ନ ଧରି,
ଶୁଣିବେ ସାଗ୍ରହେ ଶିଶୁ ଭାଷାର ପରି ।
କରୁଛି ତୁମ୍ଭଙ୍କୁ ମୁହିଁ ଜ୍ଞାନେ ପିତା ଜ୍ଞାନ,
ଗଣ ମୋତେ ନିଜ ଶିଶୁ ସନ୍ତାନ ସମାନ ।
ଶିଶୁର ବଚନ ଶୁଣି ହସିଥାନ୍ତି ଜନେ,
ହସମାୟ ହେଲେହେଁ ତା ପ୍ରୀତିପ୍ରଦ ମନେ ।
ଅବଶ୍ୟ ହସିବେ ଖଳ ଲଗାଇ ଦୂଷଣ,
ତହିଁ ଶ୍ଳାଘ୍ୟ ମଣେ ଯେଣୁ ତାଙ୍କ ତା ଭୂଷଣ ।
ନିଜ କବିତାକୁ କେବା ନ ବୋଲଇ ଭଲ,
ସରସ ଥାଉ ବା ଥାଉ ନୀରସ କେବଳ ।
ପରର କବିତା ଦେଖି ପ୍ରୀତି ଲଭେ କରେ,
ସେପରି ସଜ୍ଜନ ଅତି ଅଳ୍ପ ଜଗତରେ ।
ମେଘର ଜଳରେ ସରି ସରିତ ସମାନ,
ବଢ଼ାନ୍ତି ପରର ଗୁଣେ ନିଜର ସମ୍ମାନ ।
ଏପରି ଅନେକ ଲୋକ ଅଛନ୍ତି ଜଗତେ,
ସାଧୁ ବଢ଼ି ଚନ୍ଦ୍ର ବୃଦ୍ଧି ଗୁହିଁ ସିନ୍ଧୁ ମତେ

ଭାଗ୍ୟ ମୋର ସାନ ତହିଁ ବଡ଼ ଅଭିଳାଷ,
ଏ ଯୋଗୁଁ କରିବେ କେହି କେହି ଉପହାସ ।
ଶ୍ରୀରାମଚରଣକଞ୍ଜେ ନାହିଁ ଯାଙ୍କ ପ୍ରୀତି,
ହସିବେ ସେ କବିଗଣ ଶୁଣି ମୋ ଏ ଗୀତି ।
ସେଥିକି ମୋ କାବ୍ୟ ହାସ୍ୟରସମୟ ବୋଲି,
ସେ ହାସ୍ୟ ଚନ୍ଦନ ମଣି ଅଙ୍ଗେ ହେବି ବୋଳି ।
ରାମଚନ୍ଦ୍ର ଚରଣରେ ଅଛି ଯା ପୀରତି,
ମଧୁର ଲାଗିବ ମଣେ ମୋର ଏ ଭାରତୀ ।
ନୁହଇଁ ମୁଁ କବି, ନାହିଁ ଅଳଙ୍କାରଜ୍ଞାନ,
ନ ଜାଣଇ ଛାନ୍ଦରୀତି ପ୍ରବନ୍ଧ ବିଧାନ ।
ପ୍ରବୀଣ ଚତୁର ନୁହେଁ, ନୁହେଁ ମୁଁ ବିଦ୍ୱାନ,
ଗୋଟିଏ କଳା ହିଁ ହୃଦେ ପାଇ ନାହିଁ ସ୍ଥାନ ।
ଭାବ ଭେଦ ରସ ଭେଦ ଅଛଇ ଅପାର,
କବିତାର ଦୋଷଗୁଣ ବିବିଧପ୍ରକାର ।
ସେସବୁରୁ ଜ୍ଞାନକୁ ମୋ ଆସି ନାହିଁ ଏକ,
ନ ଥିବେ ମୋଠାରୁ ବଳି ବିଶ୍ୱେ ଅବିବେକ ।
ମଙ୍ଗଳ ଭବନ ରାମ ଅମଙ୍ଗଳହାରୀ,
ଜପୁଛନ୍ତି ତାଙ୍କୁ ଉମା ସଙ୍ଗେ ତ୍ରିପୁରାରି ।
ଉଦାରଚରିତ ପ୍ରଭୁ ଗୁଣର ନିଧାନ,
ଯଶ ତାଙ୍କ ଗାଉଛନ୍ତି ନିଗମ ପୁରାଣ ।
ରାମନାମହୀନ ହେଲେ ସୁକବି କବିତା,
ଯେତେ ଗୁଣ ଥାଉ ତାହା ନୁହଇ ଶୋଭିତା
ଯେତେ ଅଳଙ୍କାର ଘେନୁ ଚନ୍ଦ୍ରମୁଖୀ ନାରୀ,
ବସ୍ତ୍ର ବିନା ପାରଇ କି ହୋଇ ମନୋହାରୀ !
ଗୁଣହୀନ କାବ୍ୟ କରିଥାଉ ମନ୍ଦ କବି,
ଥିଲେ ତହିଁ ରାମନାମ ସୁରମ୍ୟ ସୁରଭି,
ବିବୁଧମଣ୍ଡଳ ତାକୁ କରନ୍ତି ଆଦର,
ସୁରଭିତ କୁସୁମକୁ ଯଥା ମଧୁକର ।
ନିର୍ଗୁଣ କବିତ୍ୱେ ମୋର ରାମଯଶ ଭରି,
ଅକବି ହେଲେହେଁ ଗଣି ହେବି କବି ପରି ।
ସେ ଭରସା କରିଅଛି ହୃଦୟେ ପୋଷଣ,
ସୁସଙ୍ଗରୁ ଲୋକେ ପାଇଥାନ୍ତି ବଡ଼ପଣ ।
ଚନ୍ଦନର ସଙ୍ଗଗୁଣେ ଧୂମ ସୁବାସିତ,
ଦେଖାଯାଏ କରିଥାଏ ଲୋକ ଉଲ୍ଲାସିତ ।

ରଚନା ମୋହର ହୋଇଥିଲେହେଁ କୁତ୍ସିତ,
ରାମ କଥା ଯେଣୁ ହୋଇପାରେ ସୁବିରଚିତ ।
ଶ୍ରୀରାମଚରିତ ହୋଇ ମଳୟ ପବନ,
କିପାଁ ନ କରିବ ମୋର କାବ୍ୟକୁ ଚନ୍ଦନ ।
ମୂର୍ଖମୁଖସୃତ ରାମଚରିତ୍ର ଅମିୟ,
କାଳୀ ଗାଈ ଦୁଧ ପରି ହେଉ ଲୋକପ୍ରିୟ ।
ମଣି ଶୋଭେ ସର୍ପଶିରେ ମାଣିକ୍ୟ ଭୂଧରେ,
ଗଜମୋତି ଶୋଭୁଥାଏ ଗଜ ମସ୍ତକରେ ।
ରାଜାଶିରେ ବାମା ବକ୍ଷେ ପାଇଲେ ସେ ସ୍ଥାନ,
ଅଧିକ ତାହାଙ୍କ ଶୋଭା ହୁଏ ବର୍ଦ୍ଧମାନ ।
କବିତା ସେରୂପେ ଜନ୍ମି ସୁକବି ବଦନେ,
ଶୋଭା କରେ ବିକଶିତ ଗୁଣଜ୍ଞ ସୁଜନେ ।
ଶାରଦା ତ ନ ବାଛନ୍ତି ପଣ୍ଡିତ ମୂରୁଖ,
ଭକତର ଭକତିରେ ଲଭୁଥାନ୍ତି ସୁଖ ।
ଭକତି ଦେଖିଲେ ତେଜି ବ୍ରହ୍ମାର ସଦନ,
ଭକତର ହୃଦପଦ୍ମେ ସ୍ଥାପନ୍ତି ଆସନ ।
ଶାରଦଙ୍କ ଭୂଷା ପାଇଁ ନାହିଁ ମୋ ସଙ୍ଗତି,
ଯାହା ଅଛି ତାହା ଦେଇ କରୁଛି ଭକତି ।
ପ୍ରାକୃତ ଜନର ଗୁଣଗାନ କଲେ ଲୋଭେ,
ମସ୍ତକ ଝୁଣନ୍ତି ଦେବୀ ହୃଦୟର କ୍ଷୋଭେ ।
ହୃଦୟସାଗରେ ମତି ସମ୍ପୁଟପଟଳ,
ତହିଁକି ଶାରଦା ଦେବୀ ସ୍ୱଚ୍ଛ ସ୍ୱାତିଜଳ ।
ସୁକବିର ମେଧ ଯଦି କରଇ ବର୍ଷଣ,
ଜନ୍ମାଇ କବିତା-ମୋତି କହନ୍ତି ସୁଜନ ।
ଶ୍ରୀରାମଚରିତେ ଯେତେ ଦେବୀଙ୍କ ତର୍ପଣ,
ଅନ୍ୟେ ନାହିଁ ବୋଲି କହୁଥାନ୍ତି ବୁଧଗଣ ।
କବିତା ମୁକୁତା ଯୁକ୍ତି ଯତ୍ନେ ରନ୍ଧ୍ର କରି,
ଗୁନ୍ଥିଲେ ଶ୍ରୀରାମ କଥା ସୂତ୍ର ମଧ୍ୟେ ଭରି,
ସୁମନେ ସୁମନେ ତାହା ହୃଦରେ ମୁଦରେ,
ଯେଣୁ ମାନବଙ୍କ ମନ ପ୍ରାଣ ସ୍ନିଗ୍ଧ କରେ ।

# ମହାପ୍ରୟାଣ

( ସମ୍ରାଟ୍ ସପ୍ତମ ଏଡ଼ୱାର୍ଡ଼ଙ୍କ ବିୟୋଗ ଉପଲକ୍ଷେ ରଚିତ )

ହେ ରାଜରାଜେନ୍ଦ୍ର, ଧରାତଳ-ଇନ୍ଦ୍ର
ପ୍ରଜାଙ୍କ ପରମବନ୍ଧୁ,
କିପାଇଁ ଅନ୍ତର ହେଲ ପ୍ରାଣବର
ଧରଣୀର ପ୍ରେମ-ବିନ୍ଦୁ ।
ସୌଦାମିନୀ ମୁଖ ଗୁହୁ ଥାଅ ଦୁଃଖ
ବୁଝିବାକୁ ଧରଣୀର,
କିପାଇଁ ଅନାଉ ନାହିଁ ଆଜି ଆଉ
ଦେଖି ତା' ନୟନ-ନୀର ।
କାନ୍ଦୁଛି ଭାରତ ଅଣିବ ଆରତ-
ନାଦେ ତୁମ୍ଭ ଅଦର୍ଶନେ,
ଶ୍ରବଣ କିପାଇଁ ଦେଉ ନାହିଁ ସେହି
ଦୂରସ୍ଥ ସୌଦାମିନୀ-ସ୍ୱନେ ।
ବାନ୍ଧବ ସାମନ୍ତେ ବିକଳେ କେମନ୍ତେ
ଗାଉଛନ୍ତି ତୁମ୍ଭ ଗୁଣ,
ବାନ୍ଧବବତ୍ସଳ କିପାଇଁ ଅଚଳ
ଭାବେ ରହି ତା' ନ ଶୁଣ !
ସୌଦାମିନୀ ଆସି ଭାରତେ ପ୍ରକାଶି
ଦେଲା ନିଦାରୁଣ ଭାଷ,
ଏଡ଼ୱାର୍ଡ଼ ବୀର ପଞ୍ଚି ପୃଥିବୀର
ସ୍ୱର୍ଗପୁରେ କଲେ ବାସ ।
ସୌଦାମିନୀ ସଙ୍ଗେ କୁଳିଶ ପତନ
ବଧିର ଯା' ଥିଲା ବିଧି,
ଏତେ କାଳେ ତୁମ୍ଭ ଶାସନବିଧାନେ
ଅବନୀରେ କଲା ସିଦ୍ଧି ।

ସେ ବଜ୍ରନିନାଦ ପାଡ଼ିଲା ପ୍ରମାଦ
ହିମାଚଳରୁ ଲଙ୍କାଯାଏ,
କେବା ସ୍ତମ୍ଭୀଭୂତ କେବା ଚମକିତ
ହେଲେ ଯେ ଥିଲେ ଯେଠାଏ ।
ନଗରେ ନଗରେ ହାଟରେ ବାଟରେ
ପଡ଼ିଗଲା ହାହାକାର,
ଏମନ୍ତ ମାନବ ଦେଖାଗଲା ନାହିଁ
ବିସ୍ମୟ ନ ହେଲା ଯା'ର ।
ମହୀରେ ଏମନ୍ତ ସ୍ଥାନ ନାହିଁ ଯହିଁ
ଶୁଭି ନାହିଁ ଘଡ଼ଘଡ଼ି,
ଆହା ଏ ବିପଦେ ରାଜଜନପଦେ
ଉଠିଥିବ ଶୋକ-ରଡ଼ି ।
ନିତ୍ୟୋତ୍ସବମୟ ଯେ ରାଜନିଳୟ
ଆଜ ତା' 'ରୋଦନପୂର୍ଣ୍ଣ,
ସାମ୍ରାଜ୍ଞୀ-ହୃଦୟ ଶାନ୍ତି ରତ୍ନଚୟ
ହୋଇଯାଇଥିବ ଚୂର୍ଣ୍ଣ ।
ରାଜସୁତ ରାଜ- କୁମାରୀଏ ଆଜ
ବିକଳେ କ୍ରନ୍ଦନ କରି,
ବିଦୀର୍ଣ୍ଣ-ହୃଦୟେ ଥିବେ ଏ ସମୟେ
ପିତାଙ୍କ ବାତ୍ସଲ୍ୟ ସ୍ମରି ।
ଭାବତମୁଁ ହେଲ ଦୁର୍ଯୋଗେ ବା "ହେଲି"*
ଦୃଷ୍ଟ ଦୁଷ୍ଟ "ଧୂମକେତୁ",
ଆସି ହେଲା ମହୀ- ମଣ୍ଡଳର ଏହି
ଘୋର ଅମଙ୍ଗଳ-ହେତୁ ।
ଅବା ଆଲୋକିତ କରିବା ନିମିତ୍ତ
ସମ୍ରାଟଙ୍କ ସ୍ୱର୍ଗରାହା,
ଜ୍ୟୋତିଷ୍କ ବନରୁ ଏକ ଦୂତର
ପେଶିଥିଲେ ସ୍ୱର୍ଗ-ନାହା ।
ରଞ୍ଜନ ବିରହେ ତୁମ୍ଭର ବିରହେ
ପ୍ରକୃତି ଆଜ ଶ୍ରୀହୀନ,
ନଦନଦୀ ସର ରଜନୀ ଶରୀର
ହୋଇଯାଉଅଛି କ୍ଷୀଣ ।

ବିଧି ବିଧାୟକ ବିଧାନ ପାଳକ
ବିଧିର ବିଧାନ ମାନି,
ଅମରାବତୀକି ବହିଲ ଗତିକି
ତେଜି ନିଜ ରାଜଧାନୀ ।
ମର୍ତ୍ତ୍ୟଲୀଳା ଶେଷ କରିଛ ଅଶେଷ
ଜନହିତ କାର୍ଯ୍ୟ କରି,
ଅମର ନଗରେ ରହିବ ସମରେ
ଅମର ଶରୀର ଧରି ।
ମାତା ତୁମ୍ଭ ଆଜ ଦେବୀ ରୂପ ସାଜ
ହୃଦେ ହୃଦେ ପ୍ରପୂଜିତ,
ତାଙ୍କ ଶାନ୍ତିମୟ କୋଳରେ ନିଶ୍ଚୟ
ତୁମ୍ଭେ ହେବ ସୁଶୋଭିତ ।
ଗୋ ସମ୍ରାଟ-ଜାୟା ! ସରଳହୃଦୟା
ତୁମ୍ଭ କଷ୍ଟ ଭାବ ମନ,
ଦୁଃଖ-ଜଳଧିର ତରଙ୍ଗ ଅଧୀର
ଗର୍ଭେ ହୁଏ ନିମଗନ ।
ଶିରୀଷ ପ୍ରସୂନେ କରକା ବର୍ଷଣେ
ଚିରାଭ୍ୟସ୍ତ ଯେଉଁ ବିଧି,
ଯା' ବିଧାନେ ସୀତା ଚିର ବିରହିତା
କି ହେବ ତାହାକୁ ନିନ୍ଦି ।
ସେ ବିଧି ଇଚ୍ଛାର ପ୍ରତିକୂଳେ ସ୍ଥିର
ମାନବ ନ ପାରେ ଚଳି,
ଯେ ଯେତେ କୋମଳ ତହିଁ ତେତେ ବଳ
ପ୍ରକାଶେ ଧନ୍ୟ ସେ ବଳୀ ।
ତୁମ୍ଭ ଅଶ୍ରୁ ବିନ୍ଦୁ ଭାରତରେ ସିନ୍ଧୁ
ସମାନ ହେଉଛି ବୋଧ,
ତହିଁ ଭସି ଭସି କି ବୋଲି ଆଶ୍ୱାସି
ଜନନୀ, ଦେବୁଁ ପ୍ରବୋଧ ।
ଜନନୀ ରୋଦନ ରହିଁ ପ୍ରଜାଗଣ
କାନ୍ଦୁଛୁଁ ଅଧିକତର,
ଆମ୍ଭ ନେତ୍ର-ନୀର ପୋଛି ଅବନୀର
ଶାନ୍ତି ସାଧି ଶାନ୍ତ ଧର ।

* ହେଲିର ଧୂମକେତୁ ।

# *ଭିକ୍ଟୋରିଆ ସ୍ତବ

ଯା' କୀର୍ତ୍ତି-ଲତିକା-ପ୍ରସୂନ-ସୁରଭି
ସଞ୍ଚାରେ ଦିଙ୍ମଣ୍ଡଳେ,
ଯା' ମୂର୍ତ୍ତି ପରମୋପକାରିଣୀ ସଦା
ପୂଜିତ ପୃଥ୍ୱୀତଳେ,
ଯା' କାନ୍ତି ଅକଳଙ୍କ ଚନ୍ଦ୍ର ସଦୃଶୀ
ବିଦ୍ୟାରେ ଯେ ଭାରତୀ,
ହେଉନ୍ତୁ ଚିରଜୀବିନୀ ମହୀତଳେ
ଭିକ୍ଟୋରିଆ ଶ୍ରୀମତୀ । ୧ ।

ରାଜ୍ୟ ଯାର ବିରାଜଇ ଦିନପତି
ରାତ୍ରିଦିବା ସନ୍ତତେ,
କାର୍ଯ୍ୟେ ଯାର ସହାୟକ ଜଳନିଧି
ଅଗ୍ନି-ମରୁତ୍ ସଙ୍ଗତେ,
ଲକ୍ଷ୍ମୀ ଯା' ସଦନେ ମହାମୁଦମନେ
ସ୍ଥିରେ କରନ୍ତି ସ୍ଥିତି,
ହେଉନ୍ତୁ ଚିରଜୀବିନୀ ମହୀତଳେ
ଭିକ୍ଟୋରିଆ ଶ୍ରୀମତୀ । ୨ ।

ଆଟ୍‌ଲାଣ୍ଟିକ ମହାସମୁଦ୍ର ଭିତରେ
ୟୁରୋପ ପଶ୍ଚିମରେ,
ବ୍ରିଟିଶ ଦ୍ୱୀପ ନାମରେ ଧରଣୀରେ
ସୁଖ୍ୟାତ ଇଂଲଣ୍ଡରେ,
ସ୍ୱସ୍ଥାନ ପୁରୁହୂତପୁର, ଅକାଳ—
ପୁରୀକୁ ନିନ୍ଦେ ନିତି,
ହେଉନ୍ତୁ ଚିରଜୀବିନୀ ମହୀତଳେ
ଭିକ୍ଟୋରିଆ ଶ୍ରୀମତୀ ।

ଗଙ୍ଗା, ଗୋମତୀ, ଘର୍ଘରା, ସରଦ୍‌ବରୀ—
ଗୋଦାବରୀ, ନର୍ମଦା,
ପ୍ରଜାହିତାର୍ଥରେ ଭୂରିତ ପ୍ରବାହିତା
ଯା' ରାଜ୍ୟରେ ସର୍ବଦା,
ସେବନ୍ତି ନର ଦାନରେ ନିରତରେ
ଯା' ନାମେ ଗାଇ ଗୀତି,
ହେଉନ୍ତୁ ଚିରଜୀବିନୀ ମହୀତଳେ
ଭିକ୍ଟୋରିଆ ଶ୍ରୀମତୀ । ୪ ।

ବିଦ୍ୱନ୍‌ମଣ୍ଡଳପାଳିନୀ ସତତରେ
ଦସ୍ୟୁ-ମୂଳୋତ୍ପାଟିନୀ,
ପୂର୍ଣ୍ଣେନ୍ଦୁ ସମରେ ପ୍ରଜା କୁମୁଦରେ
ଆନନ୍ଦ ଉତ୍ପାଦିନୀ,
ଏତଦ୍ ପ୍ରାର୍ଥନାପୂ ଜଗତ୍‌ପତି ପଦା—
ମ୍ଭୋରୁହ ୟୁଗେ ନିତି,
ହେଉନ୍ତୁ ଚିରଜୀବିନୀ ମହୀତଳେ
ଭିକ୍ଟୋରିଆ ଶ୍ରୀମତୀ । ୫ ।

* ଏହି କବିତାଟି ମହାରାଣୀ ଭିକ୍ଟୋରିଆଙ୍କ ଜୟନ୍ତୀ ଉତ୍ସବରେ ଲିଖିତ ହୋଇଥିଲା; କିନ୍ତୁ ଏହାର ପୂର୍ଣ୍ଣାଂଶ ନ ମିଳିବାରୁ ଲୋକମୁଖରୁ ଯେତିକି ସଂଗୃହୀତ ହୋଇପାରିଲା, ଦିଆଗଲା ।

— ପ୍ରକାଶକ

# ମାରୀଚ-ବଧ

( ହିନ୍ଦୀର ଅନୁବାଦ )

ରାବଣ ଆଦେଶେ ମାରୀଚ
ରାମ କୁଟୀର ପାଶେ,
ମାୟାମୃଗ ବେଶେ ଚରଇ
ଧୀରେ ଧୀରେ ଉଲ୍ଲାସେ ।
ସ୍ୱର୍ଣ୍ଣମୟ ତାର ଶରୀର
ତହିଁ ମଣି ଖଚିତ,
ଦରଶନ କରି ଜନକ—
ସୁତା ହେଲେ ଲୋଭିତ ।
ବୋଇଲେ ହେ ନାଥ, ମୃଗଟି
ଆହା କେଡ଼େ ସୁନ୍ଦର,
ବଚନ ଅଜିନେ ଶରଧା
ହେଉଅଛି ମୋହର ।
କୃପାକରି ମୋରେ ସତ୍ୱର
ଏହି ମୃଗଟି ମାରି,
ମନୋହର ଚର୍ମ ଖଣ୍ଡିକ
ଆଣ କୋଦଣ୍ଡଧାରି !
ତାହା ଶୁଣି ରଘୁନନ୍ଦନ
ଚହିଁ ଲକ୍ଷ୍ମଣ ପ୍ରତି,
ବୋଇଲେ ହେ ବାବୁ, ଥିବଟି
ରହି ଜାନକୀ କତି ।
ମୃଗ ବଧକରି ଯାବତ
ମୁହିଁ ଆସିବି ନାହିଁ,
ଜାନକୀଙ୍କି ଛାଡ଼ି ତାବତ
ତୁମ୍ଭେ ନ ଯିବ କାହିଁ ।
ଜାନକୀ ସମର୍ପି ଲକ୍ଷ୍ମଣେ
ରାମ ହୋଇ ବାହାର,
ଯେଉଁ ଦିଗେ ଗଲା ହରିଣ
ପଛେ ଗଲେ ତାହାର ।
ଥରେ ଦୂରେ ଥରେ ନିକଟେ
ଥରେ ହୋଇ ଅଦୃଶ୍ୟ,
ବନ ମଧ୍ୟେ ରାମଚନ୍ଦ୍ରଙ୍କୁ
ନେଲା ମୃଗ ସାଦୃଶ୍ୟ ।
ବହୁ ଦୂର ବନ ମଧ୍ୟକୁ
ଯାଇ କୋଦଣ୍ଡଧାରୀ,
ନ ପାରିଲେ ବହୁ ଯତନ
କରି ମୃଗକୁ ମାରି ।
ଅବଶେଷେ ରୋଷେ ବିନ୍ଧିଲେ
ଏକ ସୁତୀକ୍ଷ୍ଣ ଶର,
ଶର ପଡ଼ି ଅଙ୍ଗେ, ଜୀବନ
ଉଡ଼ିଗଲା ମୃଗର ।
ମୃତ୍ୟୁକାଳେ ଉଚ୍ଚେ ଡାକିଲା
ମୃଗ ହାହା ଲକ୍ଷ୍ମଣ,
ହେଲେ ଚମତ୍କୃତ ଏ ରୀତି
ଦେଖି ରଘୁନନ୍ଦନ ।*

* ଏପରି ଅନେକ କବିତା ହିନ୍ଦୀରୁ ଅନୁବାଦ କରି ସେତେବେଳେ ସମ୍ବଲପୁର ଜିଲ୍ଲାରେ ଚଳୁଥିବା ପାଠ୍ୟପୁସ୍ତକମାନଙ୍କରେ କବି ଦେଇଥିଲେ । ନମୁନା ସ୍ୱରୂପ ଏହା ପ୍ରଦତ୍ତ ହେଲା ।

—ପ୍ରକାଶକ

# ଗୋ ବିଳାପ

କହନ୍ତି ଗୋମାତା ଶୋକଗଦ୍‌ଗଦ-ବଚନେ,
ବିକଳହୃଦୟେ ଅଶ୍ରୁପୂରିତ ଲୋଚନେ ।
କି ହିନ୍ଦୁ ମୁସଲମାନ କିବା ଖ୍ରୀଷ୍ଟିୟାନ,
ମାନବ ମାତ୍ରକେ ମୋର ଦୃଷ୍ଟିରେ ସମାନ ।
ବ୍ରିଟିଶ ନରେଶ ଆଉ ଭାରତୀୟ ରାଜା,
ଭୂସ୍ୱାମିଗଣ ସହିତ ଯେତେକ ପରଜା,
ଭାରତନିବାସୀ ଅନ୍ୟ ଦେଶବାସିଗଣ,
ସମସ୍ତଙ୍କଠାରେ ମୋର ଏହି ନିବେଦନ ।
ସମସ୍ତେ ସର୍ବଦା ମୋତେ ଚିହ୍ନିଛ ସର୍ବଥା,
ଚିହ୍ନାଇ ହେବାକୁ ମୋର ନାହିଁ ଆଉ କଥା ।
ଯାହା ଯାହା ମୋହୋଠାରୁ ପାଅ ଉପକାର,
ସେସବୁ ବର୍ଣ୍ଣିବା ମଧ୍ୟ ନାହିଁ ଦରକାର ।
ଜାଣୁଛ ତ ଦୁଇ ବେଳ ଦୁହଁ ମୋର ଦୁଧ,
ଘିଅ କର ଛେନା କର ଖାଇ ହୁଅ ବୋଧ ।
ତହିଁରେ ବଢ଼ାଅ ନିଜ ଶାରୀରିକ ବଳ,
ବାଛୁରିକୁ କର ଭୂମି ଚଷିବାରେ ହଳ ।
ଏକା ଭୂମି ଚଷିକରି ନାହିଁ ତା ନିସ୍ତାର,
ପାଣିଛୁଞ୍ଚା ଗାଡ଼ିଟଣା କାର୍ଯ୍ୟ ହିଁ ତାହାର ।
ଲଦାଲଦି ଦ୍ରବ୍ୟ ନେଇ ବୁଲାଇ ବୁଲାଇ,
ବାଲିମୟ ପଥେ ଗିରିପଥରେ ଚଲାଇ ।
ବାଣିଜ୍ୟ ବ୍ୟାପାର କରି ଅର୍ଜୁଅଛ ଧନ,
ବନାଉଛ ଉଚ୍ଚ ଉଚ୍ଚ ତ୍ରିତଳ ଭବନ ।
ଯେତେବେଳେ ବତ୍ସ! ମୋର ନଦାବାଲଗାଡ଼ି
ଟାଣୁଥାଏ, ପୃଷ୍ଠେ ତାର ବର୍ଷୁଥାଏ ବାଡ଼ି ।
ତୁମ୍ଭ ଧନରକ୍ଷା ଲାଗି ସେ ପ୍ରହାର-ତ୍ରାସ,
ଦୂରକରେ ନିଜେ କରି ଶୁଷ୍କ-ତୃଣ ଗ୍ରାସ ।
ସେ ତୃଣରୁ ଯେ ଗୋବର ହୁଅଇ ବାହାର,
ଶୁଖାଇ ତା ଜାଳରୂପେ କର ବ୍ୟବହାର ।
ଜାଳିକରି ଅବଶେଷେ ହୁଏ ଯାହା କ୍ଷାର,
ଖତରୂପେ କ୍ଷେତେ ପଡ଼ି କରେ ଉପକାର ।
ମୋହର ଗୋବର ଯାଇ ପଡ଼େ ଯେଉଁ ସ୍ଥଳ
ଚତୁର୍ଗୁଣେ ସେହି ସ୍ଥାନ ଉପୁଜାଏ ଫଳ ।
ବିଶ୍ୱର ମାନବଗଣ, ମୋହର ସନ୍ତତି
କେତେ ପରକାରେ ତୁମ୍ଭ ହିତ କରୁଛନ୍ତି ।
ଦେଖ ସର୍ବପରକାରେ ମୋହର କୁମର,
ପୋଷକ ଅଟନ୍ତି ତୁମ୍ଭ ଦେହ ଜୀବନର ।
କରୁ ନାହିଁ ବାବା, ଏହା ମୁଁ ନିଜ ବଡ଼ାଇ,
ଉପହାସେ ମୋ କଥାକୁ ନ ଦିଅ ଉଡ଼ାଇ ।
ଅବଶ୍ୟ ନିଜର ପରଶଂସା ନୁହେ ଭଲ,
କିନ୍ତୁ ଭଲ ଥିଲେ ପର ଉପକାର ଛଳ ।
ଏଣୁ ସୁତଗଣ, ତୁମ୍ଭ ମଙ୍ଗଳ ବିଗୁରି,
ବୁଝାଇ କହୁଛି ଏକା ଏ କଥା ଉଚ୍ଚାରି ।
ମାତୃଗର୍ଭୁଁ ହେଲାମାତ୍ରେ ଭୂମିରେ ପତନ,
ଆଦ୍ୟେ ମୋର କ୍ଷୀର ପିଇ ରଖୁଛ ଜୀବନ ।
ପୁଷ୍ଟ ହୁଅ ପୁଣି କରି ମୋର କ୍ଷୀରପାନ,
ଧର୍ମତଃ ମୁଁ ଏଣୁ ତୁମ୍ଭ ମାତାର ସମାନ ।
ତେଣୁ ହୃଦେ ସ୍ୱାଭାବିକ ପୁତ୍ରସ୍ନେହ ବହି,
ରହି ନ ପାରିଲି ହିତବଚନ ନ କହି ।
ପୁତ୍ରସ୍ନେହରସେ ପୂର୍ଣ୍ଣ ପଶୁର ହୃଦୟ,
ନ ହେବ କି ତୁମ୍ଭ ମାତୃସ୍ନେହର ଉଦୟ ।
ଆଶା ଅଛି ସ୍ୱଚ୍ଛ ନର-ହୃଦୟ-ଦର୍ପଣ,
ମୋ ଦୁଃଖର ପ୍ରତିବିମ୍ବ କରିବ ଗ୍ରହଣ ।
ଶୁଣିବ ଗୁହାରି ମୋର ହୋଇ ଅବହିତ,
ପ୍ରବର୍ତ୍ତିବ ତହିଁ ଯାହା କରିବା ବିହିତ ।
ଭାରତବରଷେ ହେଲା ଦୁର୍ଭିକ୍ଷର ବାସ,
ମହାମାରୀ ବିସୂଚିକା କଲେ ସର୍ବଗ୍ରାସ ।
ଜ୍ୱରର ପ୍ରଭାବ ମଧ୍ୟ ଊଣା ନୁହେ କିଛି,
ଧାତୁଗତ ରୋଗ ପ୍ରତି ଗ୍ରାମରେ ବ୍ୟାପିଛି ।
ଘିଅ ମୁଗ ଗୁଉଳ ଯା ନିତ୍ୟ ବ୍ୟବହାର,
ଦଶ ବାର ଗୁଣ ମୂଲ୍ୟ ବଢ଼ିଛି ତାହାର ।
ତଥାପି କିଣିଲେ ଦ୍ରବ୍ୟ ମିଳୁ ନାହିଁ ଭଲ,
ଘୃତରେ ମିଶିଛି ଚର୍ବି, ଗୋରସରେ ଜଳ

ବଳଦର ମୂଲ୍ୟ ବଢ଼ିଅଛି ସେହିପରି,
ତା ଅଭାବେ ଚଷା ଚାଷ ନ ପାରଇ କରି ।
ମହରମ ପର୍ବେ ଶାନ୍ତିଭଙ୍ଗ ରକ୍ତପାତ,
ହିନ୍ଦୁ ପଠାଣଙ୍କ ମଧ୍ୟେ ବିଦ୍ରୋହ ସଞ୍ଜାତ ।
ଏସବୁର ହେତୁ କହିପାର ବାପଧନ,
ମୁଁ କହେଁ କେବଳ ହେତୁ ଗୋଧନ ନିଧନ ।
ବାବୁମାନେ ପଢ଼ିଅଛ ବହୁତ କିତାବ,
କରିପାର ସମୁଦ୍ରର ତରଙ୍ଗ ହିସାବ ।
ଭାରତବର୍ଷରେ କେତେ ଗୋରୁର ମରଣ
ହେଉଅଛି, କିପାଇଁ ତା ନ କର ଗଣନ ।
ଖାଦ୍ୟଦ୍ରବ୍ୟଠାରୁ ମୋର ଚର୍ମ ଶତଗୁଣ
ଦେଶାନ୍ତର ନେଉଛନ୍ତି, ବିଦେଶୀ ନିପୁଣ ।
ଗଣି ଦେଖ ପ୍ରତିଦିନ ସତୁରି ହଜାର,
ଭାରତରେ ହେଉଅଛି ଗୋରୁର ସଂହାର ।
ସହସ୍ର ସହସ୍ର ଗୋରୁ ନ ପାଇ ଯତନ,
ଏଣେ ତେଣେ କରୁଛନ୍ତି ପ୍ରାଣ ବିସର୍ଜନ ।
ଗୋଚରଣଭୂମିର ବିନା ହଜାର ହଜାର,
ନିତି ଚାଲି ଯାଉଛନ୍ତି ଶମନ ବଜାର ।
ରୋଗ ଉପଦ୍ରବେ ପୁଣି ହଜାର ହଜାର,
ଆଶ୍ରା ନେଉଛନ୍ତି ଯାଇ ସେ ଯମରାଜାର ।
ଚର୍ମ୍ମବ୍ୟବସାୟୀ ମାଂସବ୍ୟବସାୟୀଗଣ,
ହଜାର ହଜାର ଗୋରୁ କରନ୍ତି ହନନ ।
ଜାଣୁଛ ତ ପଠାଣଙ୍କ କୁର୍ବାଣିର ହାଲ,
ସହସ୍ର ସହସ୍ର ଗୋରୁ ତହିଁରେ ହଲାଲ ।
ଲୋଭୀ ଲୋକମାନେ ଏଣେ କରି ଗୋଦୋହନ,
ଶୋଷି ନେଇଯାଉଛନ୍ତି ବାଛୁରି-ଜୀବନ ।
ପେଟ କାଳିବଳେ ତହିଁ ହଜାର ହଜାର,
ଗୁହାରି କରନ୍ତି ନିତି ଯାଇ ଯମଦ୍ୱାର ।
ଯମରାଜା ଗୋରୁଙ୍କର ଗହଳେ ଅସ୍ଥିର,
ଜ୍ଞାନନେତ୍ର ଫେଡ଼ି ଦେଖିପାର ଜ୍ଞାନୀ ଧୀର !
ତହିଁ ଗୋରୁ ରଖିବାକୁ ଲୋକ ଦରକାର,
ତେଣୁ ବହୁ ଦୂତ ପେଷି ଯମ ସରକାର,
ଭାରତବାସୀଙ୍କୁ ନେଉଥିବା ପରି ଦିଶେ,
ପ୍ଲେଗ ଓଲାଉଠା ରୂପେ ଆସୁଛନ୍ତି କି ସେ !

ଦିନୁ ଦିନ ବଢ଼ୁଅଛି ମାନବର ବଂଶ,
କିନ୍ତୁ ଗୋରୁ ବଂଶ କିପାଁ ହେଉଅଛି ଧ୍ୱଂସ ?
ମାନବ ବିବାହେ ହୁଏ ଧନ ଦରକାର,
କେତେ ରୂପ ଗୁଣ ଲୋଡ଼ା କେତେ
କାରବାର ।
ବିବାହ ହେଲେହେଁ କେତେ ନାରୀ
ପୁତ୍ରହୀନା,
କେତେ ବା ବିଧବା କେତେ ବନ୍ଧ୍ୟାତ୍ୱ
ଅଧୀନା ।
କୃତ୍ରିମ ଉପାୟେ କେତେ ହୁଏ ଗର୍ଭପାତ,
କିସ ଖାଇ କେତେ ପୁତ୍ର ନ କରନ୍ତି ଜାତ ।
ମୋ ବଂଶରେ ସେସବୁର ନାହିଁ ପ୍ରୟୋଜନ,
ତେବେ କହ ମୋର ବଂଶ ହ୍ରାସର କାରଣ
ତହିଁର କାରଣ ଏକା ମୋହର ବିନାଶ,
ବୁଝି ବାବା, ମୋ ରକ୍ଷଣେ ନ ହୁଅ ଉଦାସ ।
ଦିନୁ ଦିନ ଭାରତରେ ବଢ଼ୁଅଛି କଳ,
ତହୁଁ ପାଇପାର ଅନ୍ନ ବସନ ସକଳ ।
କିନ୍ତୁ କେବେ ମନେ ଏହା ନ କରିବ ବୁଧ,
କଳରୁ କୌଣସି କାଳେ ପାଇବ ମୋ ଦୁଧ ।
ମୋ ବିନା ମୋ କ୍ଷୀର ବିନା ତୁମ୍ଭର ଯେ ହାନି,
ପ୍ରଥମେ ସେସବୁ କହି ସାରିଅଛି ଜାଣି ।
ପର ଉପକାରେ ହୁଏ ନିଜ ଉପକାର,
ଏହା କହିଛନ୍ତି ବଡ଼ ବଡ଼ ଗ୍ରନ୍ଥକାର ।
ଏଣୁ ନିଜ ହିତ ସଙ୍ଗେ ତୁମ୍ଭ ହିତ ପାଇଁ,
କହିବି ଏପରେ କଥା କେତେକ ବୁଝାଇ ।
ଭାରତସମ୍ରାଟ ତଥା ତାଙ୍କ ପ୍ରତିନିଧି,
ଅନ୍ୟ ରାଜକର୍ମଚାରୀ ସମସ୍ତଙ୍କ ବିଧି ।
ଦେଖି ତାଙ୍କୁ ଦିଏଁ ଶତ ଶତ ଧନ୍ୟବାଦ,
ଯେହେତୁ ସେମାନେ ନେଉଛନ୍ତି ମୋ
ସମ୍ବାଦ ।
ପଶୁଗଣ ପ୍ରତି ହୋଇଅଛନ୍ତି ସଦୟ,
ସ୍ଥାନେ ସ୍ଥାନେ ରଖି ପଶୁ-ଚିକିତ୍ସା-ଆଳୟ ।
ପଶୁ ପ୍ରତି ନିଷ୍ଠୁରତା ନିବାରଣ ପାଇଁ,
ଚଳାଉଅଛନ୍ତି କେତେ ଆଇନ ବନାଇ ।

ତହିଁରେ ହେଉଛି ମୋର ବହୁ ଉପକାର,
ଏଣୁ ତାଙ୍କ ଶୁଭ ବାଞ୍ଛା କରେ ବାରମ୍ବାର ।
ଦୁଃଖୀର ଦୁଃଖକୁ ଦେଖି ଦୟା ଯେ କରଇ,
ଦୁଃଖୀ ତାଙ୍କଠାରେ ଦୁଃଖ କହି ଭରସଇ ।
ଯହିଁ ହୋଇପାରେ ମୋର ରକ୍ଷାର ବିଧାନ,
ତହିଁପାଇଁ ଲୋଡ଼ୁଅଛି ରାଜ-ଅବଧାନ ।
ହେ ରାଜେନ୍ଦ୍ର-ଚୂଡ଼ାମଣି ଭାରତସମ୍ରାଟ,
ଅହେ ରାଜପ୍ରତିନିଧି ବାବା ବଡ଼ଲାଟ ।
ହେ ରାଜପୁରୁଷବୃନ୍ଦ ଭାରତ-ଭୂଷଣ,
ଦୟାକରି ଦୂର କର ମୋ'ହର କଷଣ ।
ମୋ ଚର୍ମରେ ଲୋକମାନେ ଅରଜିଲେ ଧନ,
ଏଣୁ ମୋତେ କରୁଛନ୍ତି ଅକାଳେ ନିଧନ ।
ଚର୍ମ ବ୍ୟବସାୟ ଯଦି ନ କରିବ ବନ୍ଦ,
ତାହାଲେ ଭାରତ ଦଶା ହୋଇବଟି ମନ୍ଦ ।
ଇଚ୍ଛାକଲେ କରିପାର ସକଳ ବିଧାନ,
ମୋ ରକ୍ଷାକୁ ନ କରିବ କି ପ୍ରତିବିଧାନ ?
ଗ୍ରାମେ ଗ୍ରାମେ ଛାଡ଼ିଦିଅ ମୋ ଚରିବା ସ୍ଥାନ,
ତା ନ ହେଲେ କିରୂପେ ମୁଁ ରଖିପାରେ ପ୍ରାଣ ?
ମୋ ବିନା କି କୃଷିଲୋକ କରିପାରେ କୃଷି?
ପ୍ରଶସ୍ତହୃଦୟେ ତୁମ୍ଭ ହେଉଛି ବିଶ୍ୱାସ ?
କୃଷି ବିନା କୃଷିମାନେ କାହୁଁ ଦେବେ କର,
କେମନ୍ତେ ଚଳିବ ଅବା ସାମ୍ରାଜ୍ୟ ତୁମ୍ଭର ?
ମୋ ଉପରେ ପ୍ରଜାଙ୍କର ରହିଛି ଜୀବନ,
ପ୍ରଜାମାନଙ୍କର ମୁହିଁ ଏକା ମୂଳଧନ ।
ଅବଶ୍ୟ ସମୟେ ହେବ ଗୋରୁର ମରଣ,
ସେକାଳେ ଗୋଚର୍ମ ପାଇଁକି ଅଛି ବାରଣ ?
ସେ ଚର୍ମରୁ ଲୋକେ ଲଭ କରିବେ ଯେଧନ,
ତହୁଁ ଅଂଶ ନେଇ କର ଗୋ-ହିତସାଧନ ।
ସ୍ଥାନେ ସ୍ଥାନେ କରିଦିଅ ଗୋଶାଳା ସ୍ଥାପନ,
କରିବେ ଅକ୍ଷମ ଗୋରୁ ଜୀବନ ଯାପନ ।
ରାଜା ଜମିଦାରଗଣେ ହେଉ ସେ ଆଦେଶ,
ଗୋ-ହିତ କରନ୍ତୁ କରି ଉପାୟ ବିଶେଷ ।
ଯଦି ମୋ ବିନାଶ ହେବ ଭାରତେ ରହିତ,
ନ ଥିବ ବିବାଦ ହିନ୍ଦୁ ପଠାଣ ସହିତ ।

ବିସ୍ତାରିତ ହେବ ଶାନ୍ତି-ଚନ୍ଦ୍ରର କିରଣ,
ଆନନ୍ଦେ ରହିବେ ତୁମ୍ଭ ଭକ୍ତ ପ୍ରଜାଗଣ ।
ହେ ବାବା ମୁସଲମାନ, ଶୁଣ ମୋର ବାଣୀ,
ମୋ ବିନା କି ନ ଚଳିବ ତୁମ୍ଭର କୁର୍ବାଣି ?
ଏକା ମୋତେ ମାରିବାକୁ ତୁମ୍ଭ ଅଲକୋରାନ,
କହି ନାହିଁ, କରିପାର ତୁମ୍ଭେ ପଶୁ ଆନ ।
ଜୀବହତ୍ୟା ବିନା ଯଦି କୁର୍ବାଣି ଅଚଳ,
ଧରାରେ ଅଛନ୍ତି ଛେଳି ମେଣ୍ଢା ପଲପଲ ।
କହୁଅଛି କୁର୍ବାଣିର ଅସଲ କଥାଏ,
ଶୁଣ ଥରେ ଶାସ୍ତ୍ରେ ଯଦି ସୁବିଶ୍ୱାସ ଥାଏ ।
ହଜରତ୍, ଇବ୍ରାହିମ, ଖାଲିଲୁଲ୍ ଥରେ
କୁର୍ବାଣି ଆରମ୍ଭ କଲେ ଈଶ୍ୱରାଦେଶରେ ।
ସ୍ନେହବଶେ ଚକ୍ଷୁବୁଜି ପୁତ୍ରକୁ ହାଣିଲେ,
ତାହାଙ୍କ ସେ ଭାବସବୁ ଈଶ୍ୱର ଜାଣିଲେ ।
ମାୟାବଳେ ରଖି ତାଙ୍କ ପୁତ୍ରକୁ ଅନ୍ତରେ,
ମେଣ୍ଢାଟିଏ ରଖିଦେଲେ କୁମର ସ୍ଥାନରେ ।
ଚକ୍ଷୁ ଫେଡ଼ି ଦେଖିବାରେ ଜିଇଛି କୁମର,
ଖଣ୍ଡା ଚୋଟ ପଡ଼ିଅଛି ମେଣ୍ଢାର ଉପର ।
ଜଣାଗଲା ଭକତର ସ୍ୱାର୍ଥ ବିସର୍ଜନ,
ତହିଁ ସଙ୍ଗେ ଈଶ୍ୱରଙ୍କ ଦୟା ନିଦର୍ଶନ ।
ଈଶ୍ୱର ଯେଉଁନନ୍ତି ପ୍ରେମଭକ୍ତି ହିଁ କେବଳ,
ମୋର ମାଂସେ ନାହିଁ ତାଙ୍କ ତୋଷ,—
ତୁମ୍ଭ ଫଳ ।
ମୋର ମାଂସ ନର ପକ୍ଷେ ନୁହେଁ ସ୍ୱାସ୍ଥ୍ୟକର,
ଅଟଇ କେବଳ ମହାବ୍ୟାଧିର ଆକର ।
ମେଣ୍ଢାମାଂସ ଛାଗମାଂସ ଅଟଇ ସୁସ୍ୱାଦ,
ତାହା ଖାଇବାରେ ନାହିଁ କାହାର ବିବାଦ ।
ମନର ତୃପତି ତହିଁ ସ୍ୱାସ୍ଥ୍ୟର ବର୍ଦ୍ଧନ,
ତା ଯେନି ମୋ ମାଂସ କରିପାର ବିବର୍ଜ୍ଜନ ।
ମର୍କଟର ମାଂସ ତୁମ୍ଭେ ନ ଖାଅ ଯେପରି,
ମୋ ମାଂସକୁ ଛାଡ଼ିପାର ବିଚାରି ସେପରି ।
ଅନେକ ହାଲାଲ ଜନ୍ତୁ ଅଛନ୍ତି ଜଗତେ,
ଖାଦ୍ୟ ନୁହେ ସେସବୁର ମାଂସ ତୁମ୍ଭ ମତେ ।

ସେସବୁର ପରି ମୋତେ ଛାଡ଼ି ଦେଇପାର,
ଛାଡ଼ିଦେଲେ ହେବ ତୁମ୍ଭ ବହୁ ଉପକାର ।
ଚାରି ଛଅ ଜଣ ତୃପ୍ତ ହେବ ମାଂସ ଖାଇ,
ଦିନକରେ ସେ ଆହାର ଯିବ ଧ୍ୱଂସ ପାଇ ।
କିନ୍ତୁ ଯଦି ପ୍ରାଣରେ ମୁଁ ରହିବି ଜୀବିତ,
ଶତ ଶତ ଲୋକ କରିପାରିବି ତୋଷିତ ।
ଅନେକ ଅଛନ୍ତି ପୂର୍ବ-ବଙ୍ଗେ ତୁମ୍ଭ ଜାତି,
ଜୀବିକା କେବଳ ମାତ୍ର କୃଷି କରିଥାନ୍ତି ।
ବଳଦ ସୁଲଭ ତାଙ୍କୁ ମୋ ବିନାଶ ବିନା,
ନ ହେଲେ କୃଷିରେ ତାଙ୍କ କଷ୍ଟ ହେବ କି ନା?
ଆଜୀବନ କରିବି ମୁଁ ସଦା ତୁମ୍ଭ ହିତ,
ମୋ ଉପରେ ସ୍ନେହ ତୁମ୍ଭ ରହିବା ବିହିତ ।
ଗୁଣ ବୁଝି ଦେଖ ମୋତେ ସସ୍ନେହଲୋଚନେ,
ସେରୂପେ ବିରତ ହୁଅ ମୋ ମାଂସଭୋଜନେ ।
ସ୍ନେହ ରଖି ହିନ୍ଦୁଠାରେ ଭାଇ ମନେକରି,
ନ ହୁଅ ମୋ ପାଇଁ ତାଙ୍କ ସଙ୍ଗେ ମରାମରି ।
ଭାରତବାସୀ କି ହିନ୍ଦୁ କି ମୁସଲମାନ,
ସମସ୍ତେ ଅଟନ୍ତି ଏକ ମାତାର ସନ୍ତାନ ।
ଛାଡ଼ିଦିଅ ବାବା, ମୋର ଚର୍ମ ବ୍ୟବସାୟ,
ଜଗତେ ପ୍ରଚୁର ଆଉ ଅନେକ ଉପାୟ ।
ସମୟେ ମରିବେ ଗୋରୁ ନେଇ ତାଙ୍କ ଚର୍ମ,
ବାଣିଜ୍ୟ ବ୍ୟାପାର କଲେ ନ ହେବ ଅଧର୍ମ ।
ଆଜୀବନ କରିବି ମୁଁ ନାନା ଉପକାର,
ନ କର ନ କରାଅ ମୋ ଜୀବନ ସଂହାର ।
ହେଉଅଛି ତୁମ୍ଭ କ୍ଷତି ମୋ ଜୀବନ ନାଶେ,
ଜଣାଉଛି ଏଣୁ ଦୀନଭାବେ ତୁମ୍ଭ ପାଶେ ।
ପଶୁର ବିକଳ ଦେଖି ସାବକ୍ତଗିନ,
ଦ୍ରବିଥିଲେ ଦୟାବଶେ ପୂର୍ବେ ଏକଦିନ ।
ସେ କଥା ତୁମ୍ଭର ଆଗେ କରୁଛି ବ୍ୟକତ,
ତାଙ୍କ ବଂଶେ ଜନ୍ମି ଦୟା ନ କର କିଞ୍ଚିତ ।
ମୃଗୟାକୁ ଯାଇଥିଲେ ସାବକ୍ତଗିନ,
ମୃଗଶିଶୁଟିଏ ଥିଲା ମାତାଠାରୁ ଭିନ୍ନ ।
ସେ ମୃଗଶିଶୁକୁ ଧରି ଆଣୁଥିଲେ ଘର,
ପଛେ ଗୋଡ଼ାଇଲା ପାଇ ତା ମାତା ଖବର ।
ସାବକ୍ତଙ୍କୁ ଜଳପୂର୍ଣ୍ଣନେତ୍ରେ ବାରମ୍ବାର,
ଚାହୁଁଥାଏ ଭୟ କରି ହୃଦରୁ ବାହାର ।
ମୃଗୀ ପୁତ୍ରସ୍ନେହ ଦେଖି ସାବକ୍ତ ସଦୟେ,
ମୃଗଶିଶୁଟିକୁ ଛାଡ଼ିଦେଲେ ସେ ସମୟେ ।
ମୃଗଶିଶୁ ଡେଇଁ ଡେଇଁ ପଳାଇ ସତ୍ୱରେ,
ଜନନୀର ସ୍ତନ୍ୟ ପାନ କଲା ଆନନ୍ଦରେ ।
ଏ କି କଥା ! ସେ ମୃଗୀର ଅଶ୍ରୁ ପୂର୍ବପରି,
ଅବିଶ୍ରାନ୍ତ ନେତ୍ରଯୁଗୁଁ ପଡ଼ୁଥାଏ ଝରି ।
ଲେଉଟି ଲେଉଟି ଚାହିଁ ଚାହିଁ ଲେଉଟିଲା,
ସାବକ୍ତଙ୍କୁ କୃତଜ୍ଞତା-ଚିହ୍ନ ଦେଖାଇଲା ।
ଶୟନେ ସାବକ୍ତ ରାତ୍ରେ ଦେଖିଲେ ସ୍ୱପନ,
ତୋଷେ ବରଦେଲେ ତାଙ୍କୁ ଶ୍ରୀଦୀନଶରଣ—
"ସାବକ୍ତ ତୁ ଦେଖାଇଲୁ ଦୟାନିଦର୍ଶନ,
ସେ ଫଳେ ଲଭିବୁ ବେଗେ
ଦିଲ୍ଲୀ ସିଂହାସନ ।"
କିଛି ଦିନ ପରେ ସେହି ସାବକ୍ତଗିନ,
ଦିଲ୍ଲୀ ରାଜସିଂହାସନେ ହେଲେ ସମାସୀନ ।
କେମନ୍ତେ ଦୟାଳୁ ଥିଲେ ଦେଖ ତୁମ୍ଭ ବଂଶେ,
ତୁମ୍ଭ ଦୟା ନ ହେବ କି ମୋତେ କିଛି
ଅଂଶେ ?
ଆହେ ଆର୍ଯ୍ୟବଂଶଧର ହିନ୍ଦୁ ପୁତ୍ରଗଣ,
କର ତୁମ୍ଭ ପୂର୍ବବଂଶ-ଆଚାର ସ୍ମରଣ ।
ମୋଠାରେ କିପରି ଭକ୍ତି ଥିଲା ତାହାଙ୍କର,
କି ଫଳ ସେ ପାଇଛନ୍ତି ପ୍ରସାଦେ ମୋହର ।
ପୃଷ୍ଠେ ବ୍ରହ୍ମା ଗଳେ ବିଷ୍ଣୁ ମୁଖେ ରୁଦ୍ର ସ୍ଥିତ,
ଆର୍ଯ୍ୟଋଷି ମୁଖେ ଏହା ହୁଅଇ କଥିତ ।
ଦେବତାଏ କରୁଥିଲେ ସୁରଭି ପାଳନ,
ବଶିଷ୍ଠଙ୍କ ଧେନୁ କଥା କରିଛ ଶ୍ରବଣ ।
ଦିଲୀପ ନରେଶ ସେବା କରି ନନ୍ଦିନୀର,
ପାଇଲେ କୁମରମଣି ରଘୁ ମହାବୀର ।
ବିପଦରୁ ନନ୍ଦିନୀକୁ କରିବାରୁ ତ୍ରାଣ,
ସେ ଦିଲୀପ ଦେଇଥିଲେ କେଶରୀକୁ ପ୍ରାଣ ।
ନିଜେ କୃଷ୍ଣଚନ୍ଦ୍ର କରୁଥିଲେ ଗୋପାଳନ,
ତାଙ୍କଠାରୁ ବଡ଼ ତୁମ୍ଭେ ହେଲ କେଉଁ ଜନ ?

"ଗ୍ରାମେଚ୍ଛୟା ଗୋପ୍ରଚାରେ
ଭୂମିରାଜ ବଶେନ ବା
ଦ୍ୱିଜସ୍ତୃଣୈଧଃପୁଷ୍ପାଣି
ସର୍ବତଃ ସର୍ବଦାହରେତ୍,
ଧନୁଃ ଶତଂ ପରୀଣାହୋ।
ଗ୍ରାମେ କ୍ଷେତ୍ରାନ୍ତରଂ ଭବେତ୍
ଦ୍ୱେଶତେ ଖର୍ବଟସ୍ୟ ସ୍ୟାନ୍-
ନଗରସ୍ୟ ଚତୁଃଶତମ୍ ।"

ଏହି ଆର୍ଯ୍ୟନୀତି ମନେ ରଖ ହେ ସତତ,
ସଯତନେ କର ପୁଣି କାର୍ଯ୍ୟେ ପରିଣତ ।
ଆଜ ତୁମ୍ଭେ ଗୋରୁ ପ୍ରତି କରୁଅଛ ହେଳା,
ନ ଜାଣି ବିପଦ-ଜଳେ ବୁଡ଼ିଯିବ ଭେଳା ।
ଗୋ ଚରିବା ଭୂମିସବୁ ନେଉଅଛ ଚଷି,
ପଛକୁ ରହିବ ଗାଲେ ହାତ ଦେଇ ବସି ।
ନବ୍ୟସଭ୍ୟ ବାବୁମାନଙ୍କର ବ୍ୟବହାର,
ଦେଖି ଦେଖି ମଣୁଅଛୁ ଅତି ଚମତ୍କାର ।
ତାଙ୍କଠାରେ ରହୁ ନାହିଁ ମୋହର ସମ୍ମାନ,
ମୋତେ କରୁଛନ୍ତି ଅନ୍ୟ ପଶୁର ସମାନ ।
କୁକୁରକୁ କୋଳେ ଧରି ଦିଅନ୍ତି ଚୁମ୍ବନ,
କଂସାଇକୁ ଦିଅନ୍ତି ମୋ ବାଛୁରି-ଜୀବନ ।
ବଳ ଥିବାଯାଏ ମୋତେ ରଖିଥାନ୍ତି ଘରେ,
ବିକନ୍ତି କଂସାଇ ହାତେ ବୃଦ୍ଧ ବୟସରେ ।
କଂସାଇ ମୋ ମାଂସ ବିକେ ମୋ ଜୀବନ
ଗଲେ,
ଜୀବ ଥାଉଁ ତନୁକୁ ମୋ ତୁମ୍ଭେ ବିକ ବଳେ ।
ନ ହେଲ କି ତୁମ୍ଭେ ମାଂସବିକାରୁ ଅଧିକ ?
ଧିକ ହିନ୍ଦୁ, କୁଳାଙ୍ଗାର ପ୍ରାଣ ତୁମ୍ଭ ଧିକ ।
ଚିରଦିନ କଲ ମୋର ସ୍ୱାଦୁ କ୍ଷୀର ପାନ,
ଅର୍ଥଲୋଭେ ଶେଷେ କଲ କଂସାଇକୁ ଦାନ ।
ଶିଖିଲ ଇଂରେଜଠାରୁ ସବୁ ରୀତିନୀତି,
ଅଭ୍ୟାସିଲ ଇଂଲଣ୍ଡୀୟ ଋଷିଙ୍କର ଗୀତି ।
ଇଙ୍ଗରେଜମାନେ ମୋତେ କେମନ୍ତ ଯତନ
କରନ୍ତି, ତହିଁରେ କମ୍ପା ନ ପଡ଼ େ ନୟନ ?

ଇଂରେଜ ରଖନ୍ତି ମୋତେ ପରିଷ୍କୃତ ଘରେ,
ମଳମୂତ୍ର ଦୂରେ ନେଇ ପକାନ୍ତି ସତ୍ୱରେ ।
ଦିଅନ୍ତି ଉତ୍ତମ ଖାଦ୍ୟ ପରିଷ୍କୃତ ଜଳ,
ଯତ୍ନେ ରଖିଥାନ୍ତି ମୋର ଜୀବନସମ୍ବଳ ।
ଇଉରୋପ, ଆମେରିକା ମହାଦେଶେ ତଥା,
କରୁଛନ୍ତି ସମାଦର ମୋ ପ୍ରତି ସର୍ବଥା ।
ସେଠା ଗୋରୁଙ୍କର ରୂପ ବଳବୀର୍ଯ୍ୟ କଥା,
ଶୁଣି ଚମତ୍କାରେ ତୁମ୍ଭ ଘୁରିଯିବ ମଥା ।
ଭାରତର ଛୋଟ ଛୋଟ ହସ୍ତୀର ସଦୃଶ,
ବୀର୍ଯ୍ୟ ପରାକ୍ରମେ ହେବେ ବଳୀତର ବୃଷ ।
ତୁମ୍ଭେ ମୋତେ ରଖ ଅତି ଖାଲଢ଼ିପ ଘରେ,
ବନ୍ଧା ହୋଇ ଶୁଏଁ ମଳମୂତ୍ରର ଉପରେ ।
ବୁଲି ବୁଲି ଚରେ ପୂର୍ଣ୍ଣ ନ ହୁଏ ଉଦର,
ବରଷାକାଳର କଷ୍ଟ କେ ଦେଖେ ମୋହର ।
ଯହିଁ ଦେଖ ଚଷାମାନେ ବସିଛନ୍ତି ମାଡ଼ି,
ମୁହଁ ଲମ୍ବାଇଲେ ତେଣେ ପ୍ରହାରନ୍ତି ବାଡ଼ି ।
କେତେ ଦୂରଗଲେ ସୁଦ୍ଧା ପୂରେ ନାହିଁ ପେଟ,
ଘରକୁ ଆସିଲେ ଆଉ ଖାଦ୍ୟେ ନାହିଁ ଭେଟ ।
ଏ କାରଣେ ଦିନୁ ଦିନ ହେଲି ହୀନବଳ,
କାହିଁରୁ ବା କ୍ଷୀର ଦେବି ପେଟ କଳକଳ ।
ଯାହା କିଛି କ୍ଷୀର ମୋର ସ୍ତନେ ଥାଏ ପୂରି,
ସବୁ ଦୁହିଁନଅ ଭୋକେ ରହନ୍ତି ବାଛୁରି ।
ହେଉଅଛି ବଂଶ ମୋର ଦିନୁଦିନ ହ୍ରାସ,
ଆଉ କିଛିଦିନେ ହୋଇଯିବ ସର୍ବନାଶ ।
ମୋ ବିନା ନ ହେବ କୃଷି, ନମିଳିବ ଖାଦ୍ୟ,
ନର ପ୍ରାଣ ରଖିବାର ହେବ କଷ୍ଟସାଧ୍ୟ ।
ବେଳ ଥାଉଁ ଥାଉଁ କର ତାର ପ୍ରତିକାର,
ପଛେ ପୃଥିବୀରେ ପଡ଼ିଯିବ ହାହାକାର ।
ଲକ୍ଷ ଲକ୍ଷ ଚେଷ୍ଟା ପଛେ ନ ହେବ ସଫଳ,
କି ହେବ ବାନ୍ଧିଲେ ବନ୍ଧ ଗଲା ପରେ ଜଳ ?
ବେଗେ କର ସ୍ଥାନେ ସ୍ଥାନେ ଗୋଶାଳାସ୍ଥାପନ
ଗୋପୂଜବା ପର୍ବେ କର ଗୋରୁଙ୍କୁ ପୂଜନ ।
ପ୍ରଶସ୍ତ ପଡ଼ିଆ ଛାଡ଼ିଦିଅ ଗ୍ରାମେ ଗ୍ରାମେ,
ତୃଣ ଚରି ଗୋରୁମାନେ ରହିବେ ଆରାମେ ।

ବିକ୍ରୟ ନ କର ମୋତେ କଂସାଇଙ୍କ କରେ,
କୃତଘ୍ନତା ପାପଭାର ନ ବୁହ ମୁଣ୍ଡରେ ।
ମୁଁ ନିରୀହ ଜୀବ ସଦା ତୁମ୍ଭ ଉପକାରୀ,
ଶିଶୁକୁ ମୋ ନ ଶୁଖାଅ କରି ନିରାହାରୀ ।
ହିନ୍ଦୁର ଧରମ ରଖ ଅଟ ଯଦି ହିନ୍ଦୁ,
ସଦାଚାର ରଖି ଚଳ ଜଗତ ନ ନିନ୍ଦୁ ।
କଳଙ୍କ ନ ଦିଅ କୁଳେ ନୁହ କୁଳାଙ୍ଗାର,
ପୂର୍ବପୁରୁଷଙ୍କ ପରି କର ମୋ ସତ୍କାର ।
ମୋର ଉନ୍ନତିରେ ହେବ ଉନ୍ନତି ତୁମ୍ଭର,
ମୋହର ଯତନେ ସଦା ହୁଅ ତତପର ।

ମୋର ବିପଦକୁ ତୁମ୍ଭ ବିପଦରେ ଗଣ,
ମୋହର ପତନେ ହେବ ତୁମ୍ଭର ପତନ ।
ମୋହର ସମ୍ପଦେ ହେବ ତୁମ୍ଭର ସମ୍ପଦ,
ମଙ୍ଗଳ କରିବେ ତୁମ୍ଭ ପ୍ରଭୁ ଆଦିକନ୍ଦ ।
ମହିଷୀ ଅଟଇ ମୋର ଭଗିନୀ ସମାନ,
ମୋହ ପରି ତାକୁ ମଧ୍ୟ କରୁଥିବ ମାନ୍ୟ ।
ମନଦେଇ ଶୁଣିଲ ମୋ ସକଳ ଗୁହାରି,
କରନ୍ତୁ ମଙ୍ଗଳ ତୁମ୍ଭ ଗୋଲୋକବିହାରୀ ।
ଘେନ ମୋର ହୃଦୟର ଶତ ଧନ୍ୟବାଦ,
ଖଣ୍ଡନ୍ତୁ ଗୋପାଳଚନ୍ଦ୍ର ସକଳ ପ୍ରମାଦ ।

# କୃଷକ ସଙ୍ଗୀତ

# ଉତ୍ସର୍ଗପତ୍ର

ପ୍ରଜାହିତୈଷୀ

**ଶ୍ରୀଯୁକ୍ତ ରାୟ ଲାଲ ରାଜେନ୍ଦ୍ର ସିଂହ ବରିହା ବାହାଦୂର**

ବୋଡ଼ାସମ୍ବର ଅଧୀଶ୍ୱର ମହୋଦୟ

ମମାନୁକୂଳେଷୁ—

ମତିମନ୍ !

ଯେଉଁ ମହୀରୁହର ପୁଷ୍ପ କେହି ଗ୍ରହଣ କରନ୍ତି ନାହିଁ, ତାହା ନିଜେ
ମହୀର ଆଶ୍ରୟ ଗ୍ରହଣ କରିଥାଏ । ସେହିପରି ଆପଣଙ୍କର
ଉପଦେଶାନୁସାରେ ରଚିତ ଏହି ପୁସ୍ତକ ଅନ୍ୟର
ଗ୍ରହଣୀୟ ହୋଇ ନ ଥିଲେହେଁ ଆପଣଙ୍କର
ଉପେକ୍ଷଣୀୟ ହେବ ନାହିଁ ବୋଲି
ଭରସାର ସହିତ ଆପଙ୍କ
କରକମଳରେ ଅର୍ପଣ କଲି ।

ଇନ୍ଦୁମତୀ ମଞ୍ଜୁଳ ଫୁଲକୁ
ବରମାଲ୍ୟରୂପେ ମହାରାଜ
କୁମାର ଅଜଙ୍କର
ଗଳାରେ ଦେଇ
ନ ଥିଲେ କି ?
। ଇତି ।

ତା ୪ । ୯ । ୧୯୨୧

ଭବଦୀୟ ଚିରୋପକୃତ
**ଶ୍ରୀ ଗଙ୍ଗାଧର ମେହେର**

# ଭୂମିକା

ଏ ଦେଶର କୃଷକମାନେ ହଳଚାଳନ ସମୟରେ ଗୀତ ଗାଇ ନିଜେ ଆମୋଦ ଲାଭକରି ବଳଦମାନଙ୍କୁ ଉତ୍ତେଜିତ କରିଥାନ୍ତି । ସେସବୁ ଗୀତର ଅଧିକାଂଶ ଅସଭ୍ୟତା-ବ୍ୟଞ୍ଜକ ଓ ଅଶ୍ଳୀଳତାରେ ପୂର୍ଣ୍ଣ ଥାଏ । କୃଷକମାନଙ୍କୁ ଉପରକୁ ନ ଉଠାଇଲେ ସମାଜ ଉନ୍ନତ ହୋଇପାରିବ ନାହିଁ ବୋଲି ବହୁଦର୍ଶୀ ବିଦ୍ୱାନ୍‌ମାନେ କହିଥାନ୍ତି । ସେମାନଙ୍କୁ ସରଳ ସୁଗମ ମାର୍ଗରେ ଉପରକୁ ଉଠାଇବା ନିମନ୍ତେ ତାଙ୍କ ନିଜ ଗୀତରେ ତାଙ୍କୁ ଉତ୍ସାହିତ କରିବା ଗୋଟିଏ ସହଜ ଉପାୟ, ଯଦ୍ଦ୍ୱାରା ସେମାନେ ଗୀତ ଗାଇ ହିତ ଓ ଆମୋଦ ଲାଭ କରିପାରିବେ ଏବଂ ସେମାନଙ୍କର ଅସଭ୍ୟତା-କଳଙ୍କ ଦୂର ହେବ । ଏପରି ରଚନାରେ ବୋଡ଼ାସମ୍ବର ଧରାଧୀଶ୍ୱର ରାୟ ବାହାଦୂର ଶ୍ରୀମାନ୍ ଲାଲ ରାଜେନ୍ଦ୍ର ସିଂହ ବରିହା ମହୋଦୟଙ୍କର ସକୌତୂହଳ ଆଗ୍ରହ ଜାତ ହେବାରୁ ତଦୟ ଆଦେଶ ଓ ଉପଦେଶାନୁସାରେ କୃଷି ବିଷୟ ଅବଲମ୍ବନ କରି ବିବିଧ ପତ୍ର, ପୁସ୍ତକ ଓ ଅଭିଜ୍ଞ ବ୍ୟକ୍ତି-ମାନଙ୍କ ଅଭିମତ ସାହାଯ୍ୟରେ ଏହି "କୃଷକସଙ୍ଗୀତ" ରଚିତ ହୋଇଅଛି । ସମସ୍ତପ୍ରକାର କୃଷିର ନିୟମ ଚମତ୍କାରରୂପେ ପଦ୍ୟରେ ପ୍ରକାଶ କରିବା ଅତି କଠିନ; ଏହି ହେତୁରୁ ଯଥାସମ୍ଭବ ସ୍ଥୂଳଭାବରେ ଲେଖାଯାଇଅଛି । ଏହାଦ୍ୱାରା ପ୍ରଶଂସିତ ରାୟ ବାହାଦୂର ମହୋଦୟଙ୍କର ଉଦ୍ଦେଶ୍ୟ କଥଞ୍ଚିତ୍ ସିଦ୍ଧ ହୋଇପାରିବ ବୋଲି ସର୍ବସାଧାରଣରେ ବିବେଚିତ ହେଲେ ଲେଖକ କୃତାର୍ଥ ହେବ । ଇତି ।

ପଦ୍ମପୁର
ତା ୫ । ୯ । ୧୯୨୧ } ଲେଖକ .

# କୃଷକ ସଙ୍ଗୀତ

## ଅନ୍ନର ମହିମା

ଧନ୍ୟ ମହାପ୍ରଭୁ ହେ ଆଗେ ସୃଜି ଅନ୍ନ
ତା ଉତ୍ତାରେ ସୃଜିଲ ଜୀବଜନ୍ତୁଗଣ
ଅନ୍ନ ବିନା ଜୀବନ ନ ପାରଇ ରହି
ଅନ୍ନ ବିନା ପ୍ରାଣୀଙ୍କ ଜୀବନ ନିରତେ
ହୁଏ ଦହି ହେ ॥

ଅନ୍ନ ଯୋଗେ ରହିଛି ଅଖିଳ ସଂସାର
ଅନ୍ନ ବିନା ଜଗତେ ଉଠେ ହାହାକାର
ଅନ୍ନ ଯୋଗେ ପୃଥିବୀ ସ୍ୱରଗ ସମାନ
ଅନ୍ନ ବିନା ପୃଥିବୀ ସତେ ତ ହୁଅନ୍ତା
ଶମଶାନ ହେ ॥

ଅନ୍ନ ଯୋଗେ ମାନବ ଗୃହ ସୁଖମୟ
ଅନ୍ନହୀନ ଗୃହଟି ଦୁଃଖର ନିଳୟ
ଅନ୍ନ ଯୋଗେ ହୁଅନ୍ତି ଦାରା ସୁତ ଧନ
ଅନ୍ନ ବିନା ସମସ୍ତେ କରନ୍ତି ଯମକୁ
ଆଲିଙ୍ଗନ ହେ ॥

ଅନ୍ନ ଯୋଗେ ପରଜା ଅନ୍ନ ଯୋଗେ ରାଜା
ଅନ୍ନ ଯୋଗେ ବାଜଇ ଆନନ୍ଦର ବାଜା
ଅନ୍ନ ଯୋଗେ ସକଳ ବସନ ଭୂଷଣ
ଅନ୍ନହୀନେ ସକଳେ ଛଳାନ୍ତି ଗୃହରୁ
ତତକ୍ଷଣ ହେ ॥

ଅନ୍ନ ବଳେ ସୁନ୍ଦର ଉଚ୍ଚ ଅଟ୍ଟାଳିକା
ଅନ୍ନ ଥିଲେ ସୁନ୍ଦର ଫୁଲର ମାଳିକା
ଅନ୍ନ ବଳେ ମାନବ ଶରୀର ସୁନ୍ଦର
ଅନ୍ନହୀନ ମାନବ ବଦନ କୁତ୍ସିତ
ଭୟଙ୍କର ହେ ॥

ଅନ୍ନ ପାଇଁ ମାନବ ବୁଲଇ ଭୁବନେ
ଅନ୍ନ ପାଇଁ ବିହଙ୍ଗ ଉଡ଼ଇ ଗଗନେ
ପଶୁ ଅନ୍ନ ନିମନ୍ତେ ବୁଲେ ବନେ ବନେ
ଅନ୍ନ ବିନା ଜଗତେ କେହି ତ ନ ପାରେ
ରହି କ୍ଷଣେ ହେ ॥

ଅନ୍ନ ପାଇଁ ଆନନ୍ଦେ ମୀନ ଖେଳେ ଜଳେ
କୀଟମାନେ ଖେଳନ୍ତି ଆନନ୍ଦେ ଭୂତଳେ
ଅନ୍ନ ପାଇଁ ରହିଛି ନଦୀ ସରୋବର
ରହିଅଛି ସାଗର ସୈକତ ଗହନ
ଗିରିବର ହେ ॥

ଅନ୍ନ ପାଇଁ ସଲିଳେ ଲୀଳା କରେ ହଂସ
ବୃକ୍ଷେ ବସେ କୋକିଳ ଅନ୍ନ କରି ଧ୍ୱଂସ
ଅନ୍ନ ପାଇଁ କ୍ଷେତରେ ଖେଳଇ ଖଞ୍ଜନ
ଯହିଁ ଦେଖ ଆନନ୍ଦ ଆମୋଦ ତହିଁରେ
ଅଛି ଅନ୍ନ [illegible] ॥

ଅନ୍ନ ଦେବା ନିମନ୍ତେ ରହିଅଛି ଧରା
ଅନ୍ନ ଦେବା ନିମିତ୍ତ ଲଗୁଅଛି ଖରା
ଅନ୍ନ ଦେବା ନିମନ୍ତେ ମେଘ ବରଷଣ
ଅନ୍ନ ଦେବା ନିମନ୍ତେ ଜଗତେ ବହୁଛି
ସମୀରଣ ହେ ॥

ଅନ୍ନ ଦେବା ନିମନ୍ତେ ଚନ୍ଦ୍ର ସୁଧାକର
ଅନ୍ନ ଦେବା ନିମନ୍ତେ ପଡ଼ଇ କାକର
ଅନ୍ନ ଦେବା ନିମନ୍ତେ ରଜନୀ ବାସର
ଅନ୍ନ ଦେବା ନିମନ୍ତେ ଜଗତେ ଛ'ଋତୁ
ସମ୍ବତ୍ସର ହେ ॥

ଯହିଁ ଅନ୍ନ ତହିଁରେ ଲକ୍ଷ୍ମୀଙ୍କ ନିବାସ
ଯହିଁ ଲକ୍ଷ୍ମୀ ତହିଁରେ ବିଷ୍ଣୁଙ୍କ ବିଳାସ
ଯହିଁ ବିଷ୍ଣୁ ତହିଁରେ ସକଳ ମଙ୍ଗଳ
ଅନ୍ନ ବିନା ନା ଲକ୍ଷ୍ମୀ ନା ବିଷ୍ଣୁ କାହିଁ ବା
ଶୁଭଫଳ ହେ ॥
ଯାହାକୁ ଯା' ଅନ୍ନ ସେ ତା କରେ ଭକ୍ଷଣ
ଅନ୍ନ ବିନା ନ ହୁଏ ଶରୀର ରକ୍ଷଣ
ଅନ୍ନ ଏକା ଅଟଇ ବିଶ୍ୱ ମୂଳାଧାର
ଏକ ବାକ୍ୟେ ସମସ୍ତେ ଗାଅ ହୋ ଅନ୍ନର
ଜୟକାର ହେ ॥
ଅନ୍ନ ଯେଣୁ ଜ୍ଞାନ ଯପ ଅନ୍ନ ଯେଣୁ ଧ୍ୟାନ
ଅନ୍ନ ଯେଣୁ ମହତ୍ତ୍ୱ ଅନ୍ନ ଯେଣୁ ମାନ
ବିଦ୍ୟା ବୁଦ୍ଧି ଅନ୍ନରେ ଅନ୍ନରେ ବିଜ୍ଞାନ
ଅନ୍ନ ନାହିଁ ଯହିଁରେ ମହୀରେ ସେ ଏକା
ମରୁସ୍ଥାନ ହେ ॥

# କୃଷିର ଗୌରବ

କୃଷି ସିନା ସଂସାରେ ସଭ୍ୟତାର ମୂଳ
କୃଷି ଏକା ସକଳ ଜୀବିକାର ଚୂଳ
ଯେଉଁ କାଳେ ମାନବ ନ ଥିଲା ତା ଜାଣି
ମାଂସ ଖାଇ ବନରେ, ମନରେ ହୋଇ ନ
ଥିଲା ଜ୍ଞାନୀ ହେ ॥
ପିନ୍ଧୁଥିଲା ବୃକ୍ଷର ବକଳ ପତର
ତହୁଁ ହେଲେ ଅଧିକ ଅଜିନ ମାତର
ରହୁଥିଲା କାକର ଶୀତ ବାତ ସହି
ବଞ୍ଚୁଥିଲା କେବଳ ଜଙ୍ଗଲ ଶୁଖିଲା
କାଠ ଦହି ହେ ॥
କୃଷି କଲା ନରକୁ ଦିବ୍ୟ ଅନ୍ନ ଦାନ
ଶୀତ ରକ୍ଷା ନିମନ୍ତେ ବସ୍ତ୍ର ଉପାଦାନ
ଅନ୍ନ ପାଇ ମାନବ ତେଜି ପଶୁ ବେଷ
ବସ୍ତ୍ର ପିନ୍ଧି ରହିଲା, ବହିଲା ସୁନ୍ଦର
ସଭ୍ୟ ବେଶ ହେ ॥
ବୁଲୁଥିଲା ମାନବ ଦେଶ ଦେଶାନ୍ତର
କୃଷି ତାକୁ କହିଲା ରହ କରି ଘର
ସ୍ଥାୟୀ ଘରେ ଥିବାରୁ ସ୍ଥିର ହେଲା ମନ
ତେବେ ସିନା କରିଛି ମାନବ ଉନ୍ନତି
ସଂସାଧନ ହେ ॥
ରହିବାରୁ ମାନବ କୃଷି ଆଶା କରି
ଘର କଲା ନିର୍ମାଣ ତେଜି ଗିରି ଦରୀ
ଘରେ ଖରା ବରଷା କଷ୍ଟ ହେଲା ନାଶ
ଶୀତ ନାଶ ନିମନ୍ତେ ରାତିରେ କାର୍ପାସେ
କଲା ଆଶ ହେ ॥
କ୍ରମେ କ୍ରମେ ମନେ ତା ଉପୁଜିଲା ଜ୍ଞାନ
ବାଟି କଲା ଛଣରେ ଦଉଡ଼ି ନିର୍ମାଣ
ଗୁନ୍ଥି ଗୁନ୍ଥି କୌଶଳେ କଲା ଅଖା ପଟି
ଲଜ୍ଜା ମାନ ରଖିବା ଶିଖିଲା ତହିଁରେ
ଢାଙ୍କି କଟି ହେ ॥
କପାଶିଆ ବନାଇ କଲା ସୂତ୍ରାକାର
କଲା ମୋଟା ପିନ୍ଧଣା ତହିଁରେ ତିଆର
ବୁଦ୍ଧିରୁ ତା ପ୍ରତିଭା କ୍ରମେ ଜାତ ହେଲା
ରଚିବାକୁ ବସନ ତା' ଯୋଗେ ନ କଲା
ଅବହେଳା ହେ ॥

ଦେଲା ତାକୁ ପ୍ରକୃତି ବିବିଧ ଉପାୟ
ବସ୍ତ୍ର ଲାଗି ରଚିଲା ଯନ୍ତ୍ର ସମୁଦାୟ
ବସ୍ତ୍ର ପିନ୍ଧି ହୃଦେ ତା' ଜନ୍ମିଲା ଉଚାଟ
ଉଚାଟ ତା ଲୋଡ଼ିଲା ସକଳ ପ୍ରକାର
ସୁଖ ବାଟ ହେ ॥

ବସ୍ତ୍ର ଲଭି ମାନବ ନ ପିନ୍ଧିଲା ଚର୍ମ୍ମ
ନର ଭାବ ଜାଣିଲା ତେଜି ପଶୁଧର୍ମ୍ମ
ଚର୍ମ୍ମେ କଲା ନିର୍ମ୍ମାଣ ପଦ ଆବରଣ
କଲା ତପ୍ତ ବାଲୁକା ଶୀତଳ ଭୂମିରେ
ବିଚରଣ ହେ ॥

ପ୍ରକୃତିକୁ ପୂଜିଲା ପାଇ ତାର ଗୁଣ
ଯାହା କଲା ହେଲା ସେ ତହିଁରେ ନିପୁଣ
ଯେତେ ଯେତେ ବୁଝିଲା ଅଧିକ ଅଭାବ
ତେତେ ତେତେ ଲୋଡ଼ି ତା ଉପାୟ ସକଳ
କଲା ଲଭ ହେ ॥

ଜାଣିଲା ସେ ଦେହ ତା କରିବାକୁ କର୍ମ୍ମ
ମନ ତା'ର ପାଳିବା ପାଇଁ ନରଧର୍ମ୍ମ
ଧର୍ମ୍ମ ବଳେ ବଢ଼ିଲା ନର ପରାକ୍ରମ
ପ୍ରକୃତିର ପ୍ରଭାବେ କ୍ରମରେ ହେଉଛି
ଦେବ ସମ ହେ ॥

ତହୁଁ ନର ଲୋଡ଼ିଲା କେ ଅଛି ଈଶ୍ୱର
ଦେଉଛି କେ ପ୍ରକୃତି ପତି କେ ବିଶ୍ୱର
ସୂର୍ଯ୍ୟ କିଏ କେ ଚନ୍ଦ୍ର, କିଏ ତାରାଗଣ
ଖୋଜି ଖୋଜି ବିବିଧ ମରମ କରୁଛି
ନିରୂପଣ ହେ ॥

ଦେଖିଛୁଁ ଯା ଜଗତେ ବିଚିତ୍ର ବ୍ୟାପାର
ସବୁ ନର ପ୍ରକୃତି ହସ୍ତ କାରବାର
ପ୍ରକୃତିର ଜନମ-ଭୂମି ନର ମନ,
କୃଷି ଏକା କରୁଛି ମାନବ ମାନସ
ବରଧନ ହେ ॥

ଛାଡ଼ିଦେଲେ କୃଷିକି ସବୁ ହେବ ନାଶ
ନ ମିଳିବ ଗ୍ରାସ ଯେ ନ ମିଳିବ ବାସ
କାହିଁ ଯିବ ସଭ୍ୟତା ଭବ୍ୟତା ସକଳ
ଅନାହାରେ ମାନବ ମରିବ ହୋଇଣ
[illegible] ॥

ଘୃଣା କୃଷିକର୍ମ୍ମକୁ ନ କର ରେ ଭାଇ,
ଯା ର ଖାଇ ଜୀବନ, ତାର ଗୁଣ ଗାଇ
କୃଷି କଲେ ଉନ୍ନତ ସକଳ ଉନ୍ନତ
କୃଷି ବିନା ନା କନ୍ଥା ନା ପନ୍ଥା କାହିଁ ବା
ଅନ୍ୟ ଗତି ହେ ॥

କହୁଅଛି ଅବନୀ ଯେତେ ମୋତେ ଚଷ
ଦେଉଥିବ ସୁଫଳ ହୋଇ କେତେ ବଶ
ହେବ ତୁମ୍ଭ ସକଳ ମଙ୍ଗଳ ମୋ ତୋଷେ
ତା'ନ କଲେ ନିଶ୍ଚୟ ମୋ ରୋଷେ ମରିବ
ନିଜ ଦୋଷେ ହେ ॥

ମେଘ ବୋଲୁଅଛି ମୁଁ ଦେଉଅଛି ଜଳ
କୃଷି କର ମାନବ ଲଭିବୁ ସୁଫଳ
ବୋଲୁଅଛି ବଳଦ ମୁହିଁ ତୋର ସାହା
ଚଷି ଯା' ନ ପାରିବୁ ମାନବ ମୁଁ ଚଷି-
ଦେବ ତାହା ହେ ॥

ଶସ୍ୟ ବୋଲେ ମୁଁ ଅଛି ମାନବ ନିମନ୍ତେ
ଶତେ ଗୁଣେ ଫଳିବ ବୁଣିଦେଲେ ମତେ
ତେବେ ସୁଦ୍ଧା କୃଷିକି ନ କର ମାନବ
ବୁଲି ବୁଲି ଉଦର ପୋଷିଲେ ପ୍ରତ୍ୟକ୍ଷ
ସେ ଦାନବ ହେ ॥

ବିନା ଶ୍ରମେ ଅନ୍ନ ଯେ କରଇ ଆହାର
ପଶୁଠାରୁ ନିକୃଷ୍ଟ ଜୀବନ ତାହାର
ପାଇଅଛୁ ଉତ୍ତମ ଅବୟବମାନ
ଭିକ୍ଷା କରି ମାନବ କାହିଁକି ହେଉଛୁ
ହୀନମାନ ହେ ॥

ଭୂମି ଯଦି ନାହିଁ ତୋ ରହିପାରୁ ଗୁତ୍ତି
ବଳିଯିବ ତୋହର ଉଦରୁ ତୋ ଭୂକ୍ତି
କଉଣସି ଶ୍ରମକୁ ନ କରିବୁ ଲାଜ
ପରିଶ୍ରମ କଦାପି ନୁହଇ ଭିକ୍ଷାହୁଁ
ନୀଚ କାର୍ଯ୍ୟ ହେ ॥

ଗୁତ୍ତିଠାରୁ ଭିଖାରୀ ଶତଗୁଣେ ହୀନ
ଭିକ୍ଷା କେବେ ନୁହଇ ଉଚ୍ଚ ଜାତି ଚିହ୍ନ
ଉଚ୍ଚ ସେହୁ ଯାହାର ଉଚ୍ଚ ଥାଏ ଜ୍ଞାନ
ଶ୍ରମ କଲେ ମାନବ କଦାପି ନ ପାରେ
ହୋଇ ସାନ ହେ ॥

ନ ଦିଅ ରେ ମାନବ କପାଳର ଦୋଷ
ପୂରିଅଛି ପୃଥିବୀ ଚଷି ପେଟ ପୋଷ
ଆୟୁ ଜାଣି ସର୍ବଦା କରୁଥିବ ବ୍ୟୟ
ଶ୍ରମ କର ନ ଥିବ ଜୀବନେ ଉଦର-
ଜ୍ୱାଳା ଭୟ ହେ ॥

ଗୁଣ୍ଡି ଅଟେ ସମାଜେ ସାଧୁ ସହକାରୀ
ତା ମାନ୍ୟରେ ସମାନ ନୁହଇ ଭିଖାରୀ
ବଳ ଥାଉଁ ଯେ ନର ଭିକ୍ଷା ମାଗିବୁଲେ
ହେବ ସିନା ତାହାର ତୁଳନା କେବଳ
ଦସ୍ୟୁ ତୁଲେ ହେ ॥

ଜାତି ଯାଏ ଯେ ଦେଶେ ଧଇଲେ ଲଙ୍ଗଳ
ଭିଖ ମାଗି ଖାଇବା ଜୀବନ ସମ୍ବଳ
ପଣ୍ଡିତଙ୍କୁ ଦିଅନ୍ତି ମୂର୍ଖେ ଆଶୀର୍ବାଦ
ଋଷିମାନେ ଧରନ୍ତି ରାସଭଙ୍କ ପାଦ
ଭିଖାରୀଙ୍କି ପୂଜନ୍ତି ଅତି ସମାଦରେ
ଛତିରୀଙ୍କୁ ନ ଚହ୍ନି ପେଲନ୍ତି ପାଦରେ
କୁଳବଳେ ହୁଅନ୍ତି ନ ପଢ଼ି ପଣ୍ଡିତ
ଶ୍ରମ କଲେ ସମାଜେ ହୁଅନ୍ତି ଦଣ୍ଡିତ
ମାନ ଯାଏ ନାରୀଙ୍କ ଆଲୋକେ ରହିଲେ
ସହ୍ୟ ନୁହେ ବଦନ ଫିଟାଇ କହିଲେ
ସେ ଦେଶରେ ଯଦ୍ୟପି ବର୍ଷିବ ଅମୃତ
ଆଉ କେଉଁ ଦେଶର ମାନବେ ରହିବେ
ଜୀବନ୍ମୃତ ହେ ॥

କୃଷି ତୋର ବେଦ ରେ କୃଷି ତୋ ପୁରାଣ
କୃଷି ବିନା ରହି ନ ପାରଇ ପରାଣ
କୃଷି ଯେନ ନୃପତି କୃଷି ଯେନ ସଭ୍ୟ
କୃଷି ବଳେ ଆପୁଁ ଶ୍ରୀ ସମ୍ପଦ ସକଳ
ହୁଏ ଲଭ୍ୟ ହେ ॥

# କୃଷକର ଆତ୍ମକଥା

ଚଷା କହେ ଖେଳ ମୁଁ ନ ଜାଣଇଁ ପଶା
ତହିଁ ପାଇଁ କେତେ ବା ଶୁଣେ ଲୋକହସା
ପଶାଖେଳ ଯା ହେଲା ପାଣ୍ଡବଙ୍କ ଦଶା
ସେହି କଥା ସୁମରି ନ ମରି ଉଡ଼େ ମୋ
ଯାଏ ହଂସା ହେ ॥

ପଶା ଖେଳ ସଉକେ ବସି ବାବୁମାନେ
ଠେକୁଛନ୍ତି ରାଜ୍ୟକୁ ସ୍ୱରଗ ସମାନେ
ନ ଜାଣି ମୁଁ ପଇଲେ ବୋଲେଁ ପରା ଦଶ
ସବୁ ଜାଣି ବାବୁଏ ପଶାରେ କଣନ୍ତି
ମହାଯଶ ହେ ॥

ଟାଣିଥାନ୍ତି ପଶାରେ ଅପସରା ମନ
କେବେ ସୁରାଳୟକୁ କରନ୍ତି ଗମନ
ଚଷା ଘରର କେମନ୍ତେ ବୁଝିବ ସେ ମିଠା
କାମ କରେଁ ଖରାରେ ଧରାରେ, ଖାଇଣ
ପୋଡ଼ପିଠା ହେ ॥

ଉଠଇଁ ମୁଁ ରଜନୀ ଦୁଇ ଘଡ଼ି ଥାଏ
ଗୋରୁ ନେଇ ଯତନେ ଗୋଚରେ ଚରାଏ
ଉଠି ମୋର ଘରଣୀ ଆଗେ ଝାଡ଼ି ଦ୍ୱାର
ତହୁଁ କରେ ଯତନେ ଗୋରୁଙ୍କ ଗୁହାଳ
ପରିଷ୍କାର ହେ ॥

ଗୁହାଳଟି ଥାଏ ମୋ ରନ୍ଧାଘର ପର
ଗୋରୁଙ୍କୁ ମୁଁ ମଣଇ ନିଜ ଭାଇ ସର
ଖାଇଛିଁ ମୁଁ ତା ମା'ର ଗୋ'ରସ ଛଡ଼ାଇ
ତେଣୁ ସେ ତ ଧରମ-ମିତରେ ସଂସାରେ
ମୋର ଭାଇ ହେ ॥

ମୋ ନିମନ୍ତେ କରେ ସେ ବଡ଼ ପରିଶ୍ରମ
ମୁଁ ଯେ କର୍ମ୍ମେ ଅକ୍ଷମ ସେ ତହିଁରେ କ୍ଷମ
ନିଜେ ଖାଇ ପୁଆଳ ମୋତେ ଦିଏ ଧାନ
ସୋଦର ବି ମୋ କରି ନ ପାରଇ ତା ପରି
ସ୍ନେହ ଦାନ ହେ ॥

ପ୍ରହାରିଲେ ମୁଁ ଦୁଷ୍ଟ ମନେ ସେ ନ ଧରେ
ରାତ୍ର ଦିନ ନ ବାରି ପରିଶ୍ରମ କରେ
ମୋ କାର୍ଯ୍ୟରେ ବରଷା ଖରା ନ ଗଣଇ
ମୋ ପଦାର୍ଥ ସହିତ ଆନନ୍ଦେ ମୋତେ ହିଁ
ନଏ ବହି ହେ ॥

ଅତି ସ୍ନେହ ଶୁଣଇ ମୁଁ ଗାଇଲେ ଗୀତ
ମୁଁ ଖାଇଲେ ଭାତ ସେ ମନେ ହୁଏ ପ୍ରୀତ
ମୁହିଁ ରଖି ଚାଉଳ କୁଣ୍ଡା କଲେ ଦାନ
ଭାଇ ସେ ମୋ ଉଦାର ନିଜକୁ ମଣଇ
ଭାଗ୍ୟବାନ ହେ ॥

ଯାହା ମାତା ବାବୁଙ୍କୁ କରେ କ୍ଷୀର ଦାନ
ନ ଜାଣନ୍ତି କି କରେ ତାହାର ସନ୍ତାନ
ଦିନୁ ଦିନ କେମନ୍ତ ହେଉଛି ତା ଦଶା
ଘର ବୁଡ଼ିଗଲାଣି ଏଣେ ସେ ଗୁଡ଼ନ୍ତି
ନାହିଁ ପଶା ହେ ॥

ମୁହିଁ ସିନା ନ ଜାଣେ ଷୋଳ ଦୁଣେ ଆଠ
ବାବୁମାନେ ପଢ଼ି ତ ଛନ୍ତି ସବୁ ପାଠ
ମୁଣ୍ଡ ଟେକି ଅଛନ୍ତି ରାଜଦରଦାରେ
ବୁଦ୍ଧି ଦେଉଅଛନ୍ତି ଲୋକଙ୍କୁ ସକଳ
କାରବାରେ ହେ ॥

ସତ କରି କହନ୍ତୁ ଖାନ୍ତି କି ନା ଭାତ ?
କାହା ହାତେ ହେଉଛି ଭୂମିରୁ ତା ଜାତ
ନେନେ ପଡ଼ୁଅଛି କି ତାହାଙ୍କ ଦୁର୍ଦ୍ଦଶା
କାହିଁ ଦେଖିପାରିବେ ସେ ଆଡ଼େ ଲାଗି ତ
ଅଛି ପଶା ହେ ।

ଗୋରୁ ହେଉଅଛନ୍ତି ଦିନୁ ଦିନ ସାନ
ମିଳୁ ନାହିଁ ମହୀରେ ଚରିବାକୁ ସ୍ଥାନ
ନ ରଖିଲ ଗୋଚର ମୁଁ ଚଷା ଅଧମ
ପାଠ ପଢ଼ି ବାବୁଏ କାହିଁକି ମାନନ୍ତି
ନାହିଁ ଧର୍ମ୍ମ ହେ ॥

ଦେଖନ୍ତୁ ତ କେଉଁଠି ଛନ୍ତି କେତେ ଷଣ୍ଢ
ଷଣ୍ଢ ବିନା ସକଳ ଚେଷ୍ଟା ହେବ ପଣ୍ଡ
ବାପ ଜାଣି ହେବେ ତ ସନ୍ତାନ ସନ୍ତତି
ବାବୁମାନେ କାହିଁକି ବୁଝିବେ ପଶାରେ
ଥିଲେ ମତି ହେ ॥

ଗୋରୁ ଚର୍ମୀ ଝଙ୍କ ତ ରଖୁଅଛ ଠେଙ୍ଗା
ଧର୍ମ୍ମ ଚାହିଁ ବଦନ ହେଉ ନାହିଁ ବଙ୍କା
ସେ ଠେଙ୍ଗାରେ କାହିଁକି ନ କଣ ଗୋଚର
ସେ ଠେଙ୍ଗାରେ କାହିଁକି ନ କଣ ବଳିଷ୍ଠ
ବୃଷବର ହେ ॥

ସ୍ୱଦେଶରୁ ବୃଷଭ ନ ଆଣ ରେ ଭାଇ
ମରିଯିବେ ଏଠାରେ ସୁଖାଦ୍ୟ ନ ପାଇ
ଦେହେ ତାଙ୍କ ନ ଯିବ ଏଠା ଖାଦ୍ୟ ଜଳ
ଝୁରି ଝୁରି ଜନମଭୂମିକି ହେବେ ସେ
କାଲବଲ ହେ ॥

ବାଛି ବାଛି ଏଠାରେ ବଧି ଷଣ୍ଢ କର
ନିଜ ଦେଶେ ହେବେ ସେ ପୁଷ୍ଟକଳେବର
ବୋମ୍ବାଇର ଆମ୍ବକୁ ଏଠାରେ ରୋପଣ-
କରି ଫଳ ସେପରି କହ ତ ପାଇଛ
କେତେ ଜଣ ହେ ॥

ଭୂମି ପଞ୍ଚମାଂଶ ମୋ ରଖିଛୁଁ ପଡ଼ିଆ
ସେହିଠାରେ ମୋ ଗୋରୁ ହୋଇଥାନ୍ତି ଠିଆ
ତହିଁ ଘାସ ଚରନ୍ତି ତେଜି ମୂତ୍ରମଳ
କୂପଟିଏ ଅଛି ମୋ ତହିଁରୁ ତାହାଙ୍କୁ
ଦିଏଁ ଜଳ ହେ ॥

କୂପେ ମୋର ନ ପଶେ ବାହାରିଆ ଜଳ
କୁଟା ପତ୍ର ନ ପଡ଼େ ତା ଜଳ ନିର୍ମ୍ମଳ
ତହୁଁ ଜଳ କାଢ଼ି ମୁଁ କରେଁ ଦାନ୍ତକାଠି
ମୁଢ଼ି ପିଠା ଯା' ଥାଏ ଅଣ୍ଟିରେ ଚଳାଏ
ତହିଁ ପାଟି ହେ ॥

ବେଳ ଉଦି ପୃଥିବୀ ଦିଶିଲେ ଉଜ୍ଜ୍ୱଳ
ଖେତ କର୍ମ୍ମେ ଲଗାଇଥାଏଁ ଦେହ ବଳ
ଗୋରୁଏ ମୋ ହୁଅନ୍ତି କେବେ ସହକାରୀ
କେବେ ଅବା ହୁଏ ମୁଁ ଏକାକୀ କୋଦାଳୀ
କୋଡ଼ିଧାରୀ ହେ ॥

ଅଛି ଆମ୍ବ ମହୁଲ ତରୁ ମୋର ଆଠେ
ବାପା କହିଥିବାରୁ ତା ଡାଳ ନ କାଟେଁ
କର୍ମ୍ମ ଶେଷେ ଆଶ୍ରେଁ ତାଙ୍କ ଛାୟାତଳ
ଆସି ଧୀରେ ସମୀର ଦେହକୁ କରେ ମୋ
ସୁଶୀତଳ ହେ ॥

ଖରାବେଳେ ଗୋରୁଏ ଖରାରେ ନ ଚରି
ଶୋଇଥାନ୍ତି ସେ ତରୁତଳ ଆଶ୍ରା କରି
ନାନା ଜାତି ବିହଙ୍ଗ ସେ ବୃକ୍ଷରେ ବସି
କରିଥାନ୍ତି ସଙ୍ଗୀତ କେତେ ମୋ ଖେତକୁ
ପରଶଂସି ହେ ॥

ଘରଣୀ ମୋ ଗୋବର ଗୁହାଳରୁ ବହି
ଖେତେ କରିଥାଏଁ ସେ କୁଣ୍ଡ ଦିଏ ତହିଁ
ମିଶିଥାଏ ଗୋବରେ ପୁଆଳ ବା ଘାସ
ଛୁଡ଼ିଥାନ୍ତି ଗୋରୁଏ ନ କରି ଯା ଗ୍ରାସ
କୁଣ୍ଡରେ ନ ପଡ଼ିବ ସୂର୍ଯ୍ୟଙ୍କ ନଜର
ବୋଲି ତାର ଉପରେ ଯତନେ ବନାଇ
ଥାଏଁ ଘର ହେ ॥

କୁଣ୍ଡ ରସ ଶୁଖିର ନ ପାରନ୍ତି ଟାଣି
ଧୋଇ ନେଇ ନ ପାରେ ବରଷାର ପାଣି
କେବେ କେବେ କୁଣ୍ଡକୁ ଓଲଟ ପାଲଟ
କରି ତାର ଗଭକୁ କାଢ଼ିଦିଏ ବାଟ
ପଶିଯାନ୍ତି ତହିଁକି ଆଲୋକ ପବନ
କରନ୍ତି ସେ କୁଣ୍ଡର ଖତକୁ ସରସ
ସଞ୍ଜୀବନ ହେ ॥

ସେ ଖତକୁ ସମୟେ ପକାଏଁ ମୋ ଖେତେ
ଫଳ ପାଏଁ ଅଧିକ ଖତ ଦିଏଁ ଯେତେ
ଖାଦ୍ୟ ବିନା କେହି କି ଆସେ ଉପକାରେ
ତା ଜାଣି ମୁଁ ଭୂମିକି ଖୁଆଏ ବିବିଧ
ପରକରେ ହେ ॥

ଯେତେ ଯେତେ ଭୂମିରେ ଉପୁଜନ୍ତି ଘାସ
ଚଷିଦେଲେ ମରି ସେ ହୁଅନ୍ତି ତା ଗ୍ରାସ
ଚଷିଦେଲେ ଭୂମିରେ ପଶଇ କାକର
ପଶେ ପୁଣି ତହିଁରେ ଦିବାକର କର
ସେହିମାନେ ଦିଅନ୍ତି ଜୀବନୀ ଶକତି
ତହିଁ ପାଇଁ ହୁଅଇ ରଜନୀ ଉଦନ୍ତ
ସୁପ୍ରାପତି ହେ ॥

ଭୂମି ଚଷିବାରେ ମୋ ନାହିଁ ଅବହେଳା
ନ ଜାଣଇ ନକ୍ଷତ୍ର ତିଥି ବାର ବେଳା
ଯେବେ ଯେବେ ବର୍ଷଣ ତେବେ ମୋ କର୍ଷଣ
ତେବେ ଏକା କରୁଛିଁ ଭୂମିରୁ ସୁଫଳ
ଆକର୍ଷଣ ହେ ॥

ହୃଷ୍ଟପୁଷ୍ଟ ଗଛରୁ ହୁଏ ଯେତେ ଫଳ
ତାହାଙ୍କୁ ହିଁ ବିହନ ରଖଇଁ କେବଳ
ଭଲ ବୀଜ ଥିବାରୁ ଗଛ ହୁଏ ଭଲ
ଭଲ ଫଳ ବହୁତ ଫଳଇ ନାହିଁ ତା
ଅମଙ୍ଗଳ ହେ ॥

ଜଳ ଏକା ଭୂମିର ଚରମ ଆଶ୍ରୟ
ଖେତ ମୁଣ୍ଡେ କରିଛି ଏକ ଜଳାଶୟ
ଆବଶ୍ୟକ ସମୟେ ବରଷା ନ ହେଲେ
ସେହି ଜଳ ଆଣି ମୋ ଖେତରେ ମଡ଼ାଏଁ
ତେତେବେଳେ ହେ ॥

କରିଅଛି ପ୍ରତ୍ୟେକ ଡୂଳୀ ସମତଳ
ସମ ଭାବେ ତହିଁରେ ରହିଥାଏ ଜଳ
ସମ ଭାବେ ସବିନ ଦେଇଥାଏଁ ଖତ
ହକାହକି ହୋଇଣ ସୁଫଳ ଦିଅନ୍ତି
ସେ ସମସ୍ତ ହେ ॥

ବାରମାସ ଖେତେ ମୋ ଲାଗିଥାଏ କାମ
ମାସେ ପକ୍ଷେ କେବେହେଁ ନ ଥାଏ ବିଶ୍ରାମ
ଖେତ ମୋର ଲକ୍ଷ୍ମୀର ବିପୁଳ ଭଣ୍ଡାର
ଦେଉଅଛି ଅଶନ ବସନ ଇତ୍ୟାଦି
ବାରମ୍ବାର ହେ ॥

ଦେଖିବାକୁ ଖେତ ମୋ ଯେମନ୍ତ ସୁନ୍ଦର
ରହିବାକୁ ମୋହର ସଦା ସୁଖକର
ଭିନ୍ନ ଭିନ୍ନ ଋତୁରେ ଭିନ୍ନ ଭିନ୍ନ ଶସ୍ୟ
ପତ୍ର ଫୁଲ ଫଳର ଶୋଭାରେ କରନ୍ତି
ମୋତେ ବଶ ହେ ॥

କାମ ମୋର ଖେତରେ, ଖେତରେ ବିଶ୍ରାମ
ବିଶ୍ରାମିଲେ ଏକାନ୍ତେ ଗାଏଁ ହରିନାମ
ଗାନ ମୋର ଉଠିଲେ ଖେତ ପକ୍ଷୀମାନେ
ନୀରବରେ ବସିଲେ ମୋ ଗାନ ଶୁଣନ୍ତି
ଏକଧ୍ୟାନେ ହେ ॥

ମୋ ହୋ ଗାନ ଥମିଲେ ଉଠେ ତାଙ୍କ ଗାନ
ମଧୁ ଭରି ଉଠାନ୍ତି ଯେ ଯାହାର ତାନ
ଡାଳେ ଡାଳେ ବିହରି ଖେଳିବୁଲି ମୁଦେ
ଈଶ୍ୱରଙ୍କ ବିଚିତ୍ର ମହିମା ସ୍ମରନ୍ତି
ମୋର ହୃଦେ ହେ ॥

ତହିଁ ସେ ମୋ ବାନ୍ଧବ ମୁଁ ତାହାଙ୍କ ମିତ
ପରସ୍ପରେ ଶୁଣାଉଁ ନିଜ ନିଜ ଗୀତ
ଖେତେ ତାଙ୍କ ମୋହୋର ସମ ଅଧିକାର
ଭୋଗକରୁଁ ତହିଁର ପଦାର୍ଥ ଯହିଁରେ
ଇଚ୍ଛା ଯାର ହେ ॥
କେବେ କେବେ ଆଣନ୍ତି ସଙ୍ଗରେ ଅତିଥି
ଅତିଥିଙ୍କି ଦେହିଁ ମୋ ବଢ଼ିଥାଏ ପ୍ରୀତି
ପକ୍ଷିଏ ମୋ କରନ୍ତି କେତେ ଉପକାର
ଖାଇଯାନ୍ତି ମୋ ଶସ୍ୟ ବଇରୀ କୀଟଙ୍କୁ
ବାରମ୍ବାର ହେ ॥

ରାତି ପାଞ୍ଚ ଦଣ୍ଡ ମୁଁ ନିତି ପଢ଼େ ପାଠ
ପୋଥିମାନେ ମୋ ଗୁରୁ ମୁହିଁ ତାଙ୍କ ଚାଟ
ଦେଖୁଛିଁ ମୋ ହେଉଛି ମଙ୍ଗଳ ଅଶେଷ
ମାନି ଚଳୁଥିବାରୁ ସତତ ପୋଥିଙ୍କ;
ଉପଦେଶ ହେ ॥
ପଢ଼ିଥିଲି ଅଳପ ବାଳୁତ କାଳରେ
ପଶି ଯେବେ ନ ଥିଲି ଗୃହ-ଜଞ୍ଜାଳରେ
ଯେଉଁଦିନୁ ରହିଲି ଗୁରୁଗୃହ ଛାଡ଼ି
ରାତିରେ ମୋ ହାତରେ କଲମ, ଦିବସରେ
କୋଡ଼ି ବାଡ଼ି ହେ ॥

# ଆଖୁ ଚାଷ

ଚଷା କହେ ଅମୃତ ଉପୁଜେ ମୋ ଘରେ
ତହିଁ ପାଇଁ ଶ୍ରମକୁ ବରଣ ମୁଁ କରେ
ଶ୍ରମ ଏକା ଅଟଇ ଅମୃତ-ଜନନୀ
ଶ୍ରମ ମୋର ଜୀବନ ସଙ୍ଗିନୀ କି ଦିନ
କି ରଜନୀ ହେ ॥
ଯେଉଁ ଭୂମି ପଡ଼ିଆ ରଖିଥାଏଁ ଥରେ
ତାକୁ କରେଁ ସରସ ପିଣ୍ଡିଆ ଖେତରେ
ମାଣକରେ କୁଶାର ଦ୍ୱାଦଶ ହଜାର
ରୋପିଦେଲେ ଯେମନ୍ତ ବଢ଼ଇ ସେ କଥା
ନ ପଚାର ହେ ॥
ମାଣ ଯଦି ନ ବୁଝ ତା ଏକା ଏକର
ପଢ଼ିଛ ତ ଇଂରାଜୀ ବୁଝିବ ଏଥର
ଯେତେ ଶ୍ରମ କରଇଁ କୁଶାର ଚାଷରେ
ପଶାଖେଳା ବାବୁ କି ବୁଝିବେ ନ ଥିଲେ
ମୋ ପାଶରେ ହେ ॥
ଶୁଣ ବାବୁ କହିବ ଆଖୁଚାଷ କଥା
ପାଣି ଟାଣି ଟାଣି ମୁଁ ହୋଇଯାଏଁ ଅଥା
ଅନର୍ଗଳ ଶରୀରୁ ବହୁଥାଏ ଝାଳ
ବାହୁ ବଳେ ପାଣି ମୁଁ ଉଠାଏଁ ତହିଁରେ
ଖରାକାଳ ହେ ॥

ସହକାରୀ ଭାଇ ମୋ ବଳଦ ସହିତେ
ଚଷେଁ ଆଗ ଭୂମିକି ପଂଗୁଣ ଚଇତେ
ହୋଇଗଲେ ସକଳ ମାଟି ଧୂଳି ପରି
ତହୁଁ କରେଁ ଉହୁର ଉହୁରି ସ୍ୱହସ୍ତେ
କୋଡ଼ି ଧରି ହେ ॥
ରୋପେଁ ତହିଁ କୁଶାର ବୀଜ ଖଣ୍ଡ ଖଣ୍ଡ
ଅବା ଲମ୍ବଭାବରେ ଗୋଟା ଗୋଟା ଦଣ୍ଡ
ତା' ଉପରେ ତହିଁରେ ତେଣ୍ଡିଦିଏଁ ପାଣି
ମାଟି ଶୁଖି ଯେମନ୍ତ ନ ମରେ ଏମନ୍ତ
କାଳ ଜାଣି ହେ ॥
ହସି ହସି ବୀଜରୁ ଅଙ୍କୁରେ ପତର
ଅଭିନବ ଶ୍ୟାମଳ କୋମଳ ସୁନ୍ଦର
ତାହା ଦେଖି ଆନନ୍ଦେ ପୂରଇ ମୋ ମନ
ଦେଖିଦେଲେ ଚାତକ ଯେସନ ଗଗନେ
ନବ ଘନ ହେ ॥
ବଢ଼ି ହୁଏ ପତର ଖଣ୍ଡା ଖଣ୍ଡା ପରି
ଖୋଳିଦିଏଁ ମୂଳର ମାଟି ଯତ୍ନ କରି
ବହି ଯାଉଥାଏ ମୋ ଦେହୁ ଘର୍ମ୍ମଧାର
ବାଜୁଥାଏ ତହିଁରେ ପତ୍ର-ଖଣ୍ଡାଧାର
ଶୀର ପରି ସହି ତା' ଅମ୍ଳାନବଦନେ

ଲଗିଥାଏ କର୍ମର ସାଧନେ ସିଦ୍ଧିର
ଆସ୍ୱାଦନେ ହେ ॥

ବଢ଼ୁଥାଏ କୁଶାର ଉଠୁଥାଏ ଡାଳ
ମୂଳ ମାଟି ଶୁଖିଲେ ଦେଉଥାଏଁ ଜଳ
ଯାବତ ନ ପଡ଼ଇ ବରଷାର ଧାର
ଲଗିଥାଏ ତାବତ ତା ସହ ମୋହର
କାରବାର ହେ ॥

ବଢ଼ି ପିଣ୍ଡ ହେଲେ ତା ମୋହଠାରୁ ଉଚ
ବାନ୍ଧିଦଏଁ ତା ଅଙ୍ଗେ ତାର ପତ୍ରଗୁଚ୍ଛ
ତହୁଁ ବଢ଼ି ଉଠିଲେ ବାଉଁଶ ସମରେ
ଭସ୍ମ ହୁଏ ପଡ଼ିବ ପବନ-ସମରେ
ପାଞ୍ଚ ସାତ ମିଶାଇ ବାନ୍ଧିଦଏଁ ଦଳ
ପୋତିଦଏଁ ବଳିଷ୍ଠ ବାଉଁଶ ଦେବାକୁ
ତାକୁ ବଳ ହେ ॥

ଯାହା ସଙ୍ଗେ ଯେ ରହେ ତା ଗୁଣ ସେ ପାଏ
ବଢ଼ନ୍ତି ମୋ କୁଶାର ବାଉଁଶ ପରାଏ
ଆକୃତିରେ ନ ହୁଏ ପ୍ରକୃତି ସମାନ
ଶୁଖିଯାଏ ବାଉଁଶ ମୋ ଆଖୁ ହୁଅଇ
ରସବାନ ହେ ॥

ଯେତେବେଳେ ବହୁତ ପଡ଼ଇ କାକର
ପାଚିଯାଏ ପତର କୁଶାର୍ଯାକର
ଆସିଯାଏ ମଧୁର ରସ ଯାଏ ପୂରି
ପରିଯାକ କରନ୍ତି ମୋ ହୃଦ ଆନନ୍ଦ
ବଳେ ଜୁରି ହେ ॥

ଶୁଖି ଯାଉଥାଏ ତା ଅଙ୍ଗ ପତ୍ରମାନ
ଶିର ପତ୍ର ସୁବର୍ଣ୍ଣ ମୁକୁଟ ସମାନ
କୀଟ-ଦନ୍ତଘାତରୁ ହେବ ଅଙ୍ଗ ରକ୍ଷା
ବୋଲି ଶୁଖା ପତ୍ରରେ ବନାଇଥାଏଁ ତା
ଅଙ୍ଗରଖା ହେ ॥

ତେତେବେଳେ ମନରେ ହୁଏ ମୋର ଆଶ
କରିଦେବେ ଏବେ ମୋ ଦାରିଦ୍ର୍ୟ ବିନାଶ
ସତେ ଦଳ ଦଳ ସେ ଘୋର ଶୀତ ରାତେ
ଘଣା-ବୀର ସଙ୍ଗରେ ଯୁଦ୍ଧକୁ ହୁଅନ୍ତି
ମାତ ଦାତେ ହେ ॥

ଚଳନ୍ତି ସେ ନିଃଶଙ୍କେ ଆରୋହି ଶକଟ
ଘଣା ଦେଖି ସେ ଦଳେ ମଣଇ ସଙ୍କଟ
ସେନାପତି କରଇ ସମର ବାହନ
ଚକ୍ରବ୍ୟୂହ ବିରଚି ମହିଷ ଭ୍ରମଇ
ଘନ ଘନ ହେ ॥

ଶୁଣି ଘଣାବୀରର ସଗର୍ବ ଗର୍ଜ୍ଜନ
ବିଚାରନ୍ତି ସେ ଗର୍ବ କରିବେ ଗଞ୍ଜନ
ଦଳ ଦଳ ଯୁଝିଲେ ନ ରହିବ ଟେକ
ବୋଲି ଘଣା ସହିତ ମୋ ବୀରେ ଯୁଝନ୍ତି
ଏକ ଏକ ହେ ॥

ଧର୍ମ୍ମ ରଖି ନ କରି ମରଣକୁ ଭୟ
ଦେଇ ନିଜ ଶରୀର ଆଣନ୍ତି ମୋ ଜୟ
ହାଡ଼ ତାଙ୍କ ଯୁଝଇ ଅନଳରେ ପଶି
ରସ ରଣେ ନାଚଇ ଖିଷଣ ଅନଳ
ଶିରେ ବସି ହେ ॥

ନ ବୁଝନ୍ତି ସମସ୍ତେ ସେ ତତ୍ତ୍ୱ ନିଗୂଢ଼
ବୋଲୁଥାନ୍ତି କୁଶାର ରସ ହେଲା ଗୁଡ଼
ଇକ୍ଷୁ ସେ ଯେ ଇକ୍ଷ୍ୱାକୁ-ବଂଶୀ ପରି ବୀର
ରଣେ ପ୍ରାଣ ଦେବାରେ ଯେ ଲଭ ବୁଝନ୍ତୁ
ଏବେ ଧୀର ହେ ॥

ଜୀବନେ ଯା ଆଖୁର ଥିଲା ମଧୁ ଗୁଣ
ଗୁଡ଼େ ଘନ ହୋଇ ତା ହେଲା ପଞ୍ଚଗୁଣ
ବଞ୍ଚିଥିଲେ ଯେସବୁ ନ ପଶି ସମରେ
ମଲେ ଅଳ୍ପ ପଛରେ, ସଂସାରେ ଯେ ଜନ୍ମେ
ସେ ତ ମରେ ହେ ॥

ଭଙ୍ଗାଯାଇ ପାରିବେ କେ ଗେଷାଗଲା ଦନ୍ତେ
ଖଣ୍ଡ ଖଣ୍ଡ ହେଲା କେ ବହନ ନିମନ୍ତେ
ଘଣା-ରଣେ ଯେ ମଲା ରହିଲା ତା ଯଶ
ଗୁଡ଼ ଚିନି ନବାତ ସ୍ୱରୂପେ ପ୍ରସରି
ଦିଗ ଦଶ ହେ ॥

ଦେହ ଦେଲା ମୋ ଆଖୁ କରି କର୍ମ୍ମ ସିଦ୍ଧି
ତହିଁ ପାଇଁ ତାହାକୁ ସୃଜିଥିଲା ବିଧି
ସେହି ଧର୍ମ୍ମ ତା'ଠାରୁ କରିଛୁ ମୁଁ ଶିକ୍ଷା
କର୍ମ୍ମ ଶେଷ କରିବି ଜୀବନ, ଧରିଛି
ତାର ଦୀକ୍ଷା ହେ ॥

ଯେ ଦେଇଛୁ ଏ ଦେହ ତାର ଜନ୍ମ ପାଇଁ
କାଳ-ଘଣ୍ଟା ପାଖକୁ ଯାଉଅଛୁଁ ଧାଇଁ
ଯେ ଦେଇଛୁ ଜୀବନ ନିଜେ ହସ୍ତେ ଧରି
ଘଣ୍ଟା ମୁଖେ ଦେବ ମୋ ଶରୀରକୁ ଭରି
ହାଡ଼ ମୋର ଯୁଝିବ ଭୀଷଣ ଅନଳେ
ପୁଣ୍ୟ ରସ ଥିଲେ ମୋ ନାଶିବ ଅନଳ
ବକ୍ଷସ୍ଥଳେ ହେ ॥

କାଣ୍ଡିଁ ମୋର ଯଦ୍ୟପି ଥିବ ମଧୁମୟ
ତେବେ ହେବ ଅଧିକ ମଧୁର ନିଶ୍ଚୟ
ହେବ ଯେବେ ଅଳସ କରମକୁ ଡରି
ରହି ତ ନ ପାରିବ ଜଗତେ ଏ ମାଂସ-
ପିଣ୍ଡ ଧରି ହେ ॥

ବଢ଼ିଥାଏ ନଳିତା ଆଖୁ ପାଶେ ପାଶେ
ଖରିକାଳେ ରସନା ତୋଷିବାରେ ଆସେ
ଆନ ତରକାରୀକି ନ ଲୋଡ଼େ ମୋ ଭାତ
ସବୁ ଛାଡ଼ି ପ୍ରଥମେ ପକାଏଁ ନଳିତା-
ଶାଗେ ହାତ ହେ ॥

କାଉଁରିଆ ବଢ଼ଇ ଆଖୁ ସଙ୍ଗେ ସଙ୍ଗେ
ଶରଦରେ ନୟନ ତୋଷେ ଫୁଲ ରଙ୍ଗେ
ରହିଥାଏ ଚୌଦିଗ କରି ଆବରଣ
ସୀର ଅଙ୍ଗେ ଯେସନ କୋମଳ ବସନ
ଆଭରଣ ହେ ॥

ଦେହ ତେଜି ହେମନ୍ତେ ଦେଇଯାଏ ଚର୍ମ
ଚର୍ମ ତାର କରେ ମୋ ଦଉଡ଼ିର କର୍ମ
ଅସ୍ଥିରେ ତା ଅସ୍ଥିର ହୁଏ ଅନ୍ଧକାର
ତାହା ଯୋଗୁଁ ସମୟେ ପ୍ରଦୀପ ନ ହୁଏ
ଦରକାର ହେ ॥

କାଉଁରିଆ ସହିତେ ଲାଗିଥାଏ ଭେଣ୍ଡି
ନାମ ସିନା ତାହାର ନୁହଇ ସେ ଭେଣ୍ଡି
ଭେଣ୍ଡିଫଳ ଭଜଣା ବଡ଼ ରୁଚିକର
ପୋଡ଼ିଦେଲେ ପଖାଳ ସହଜେ ଚଳେ ମୋ
ପିଲାଙ୍କର ହେ ॥

ଶିମ୍ବ ଲାଗିଥାଏ ମୋ ଆଖୁ ବାଡ଼ି ବାଡ଼ି
ଶୀତେ ଶୋଭେ ସୁନ୍ଦର ଫୁଲେ ଗୁରିଆଡ଼େ
ଫଳ ଦିଏ ମୋତେ ସେ ଶୀତ ଶେଷ ଯାଏ
ଶ୍ୟାମରୂପେ ସଭିଙ୍କ ମରଣ ପରେ ସେ
ମରିଯାଏ ହେ ॥

ଥାଏ ଲଙ୍କାମରିଚ ବାଇଗଣ ଗଛ
ଛାଡ଼ି ତ ନ ପାରନ୍ତି କୁଶାରିର ପଛ
ଶିମ୍ବ ଲଙ୍କାମରିଚ ଭେଣ୍ଡି ବାଇଗଣ
ନିଜେ ଖାଇ ଖୁଆଇ ପରକୁ ଅରଜେଁ
ଗୁରି ପଣ ହେ ॥

କନ୍ଦା ହେବା ପାଇଁ, ମୋ କୁଶାରି ବାଡ଼ିରେ
ଉଠିଥାଏ ଶିମିଳି ଉହୁରି ଆଡ଼ରେ
ଡାଳ କରି ରୋପଣ ବାଳ ବୟସରେ
ଖୋଳିଦେଲେ ଶିମିଳି ଟଇସା ଆଣି ମୋ
ଦିଏ ଘରେ ହେ ॥

କାନ୍ଦୁଲ ମୋ ସତତ ଆଖୁ ସହଚର
ଆଖୁଗଲେ ଜୀବନ ହୁଏ ତା ଦୁର୍ଭର
ବେଗେ ବେଗେ ଜୀବନ କରିବାକୁ ଶେଷ
କଣ୍ଟାଫଳ ପ୍ରଦାନ କରଇ ବିଶେଷ
କେତେ ଫଳ ନ ସରି ପାଚିଯାଏ ଶୁଖି
ଦାଲିରୂପେ ବ୍ୟଞ୍ଜନ ହୋଇ ସେ ଲୋକଙ୍କୁ
କରେ ସୁଖୀ ହେ ॥

# ଭୂମି ବିଭାଗ

ଭୂମି ନାନା ଶ୍ରେଣୀର ଅଛୁ ମହୀତଳେ
ଭୂମିଯୋଗ୍ୟ ଶସ୍ୟରେ ଭଲ ଫଳ ଫଳେ
ଲୋକ ଜାଣି ଯେମନ୍ତ କଲେ ବ୍ୟବହାର
ଉପକାର ହୁଅଇ ନ ହେଲେ ନିଶ୍ଚୟ
ଅପକାର ହେ ॥

କାହାକୁ କି ଯୋଗ୍ୟତା ନ ଜାଣେ ଯେ ଜନ
ଏ ସଂସାରେ ନୁହେ ସେ କର୍ମର ଭାଜନ
ଏଣୁ ଇଚ୍ଛା କରେ ଯେ କରିବାକୁ କର୍ମ
ପ୍ରଥମରେ ଜାଣିବା ଉଚିତ କାହାର
କେଉଁ ଧର୍ମ ହେ ॥

ଭୂମି ଅଛୁ ପ୍ରଥମ ଶ୍ରେଣୀରେ ବାହାଳ,
ଦ୍ୱିତୀୟରେ ବେରଣା, ତୃତୀୟରେ ମାଳ
ଆଉ ଯାକ ଚତୁର୍ଥ ଶ୍ରେଣୀରେ ସେ ଆଟ
ତାଙ୍କ ମଧ୍ୟେ ସରସ ନୀରସ ଜ୍ଞାନ ହିଁ
କୃଷିପାଠ ହେ ॥

ନରେ ଯଥା ପ୍ରଥମ ଶ୍ରେଣୀରେ ବ୍ରାହ୍ମଣ
ଦ୍ୱିତୀୟରେ କ୍ଷତ୍ରିୟ ତୃତୀୟେ ବୈଶ୍ୟଗଣ
ଚତୁର୍ଥରେ ଶୂଦ୍ର ସେ ବିବିଧ ପ୍ରକାର
ନିଜ ନିଜ କର୍ମରେ କରନ୍ତି ସମାଜ
ଉପକାର ହେ ॥

ଯହିଁ ଜଳ ପ୍ରଚୁର ବାହାଳ ତା ଜାଣ
ସେହି ଏକା ବ୍ରାହ୍ମଣ ଯହିଁ ଦିବ୍ୟ ଜ୍ଞାନ
ଚିପ ହେଲେ ବାହାଳ ହୋଇଯାଏ ଆଟ
ଶୂଦ୍ର ହୁଏ ବ୍ରାହ୍ମଣ ନ କଲେ ଉତ୍ତମ
ବେଦପାଠ ହେ ॥

ବାହାଳରୁ ନିମ୍ନ ବେରଣାରେ ଜଳ
ଜଳ ତାର ବଢ଼ାଏ ବାହାଳର ବଳ
ବ୍ରାହ୍ମଣଙ୍କୁ ପୋଷଇ କ୍ଷତ୍ରିୟର ବାହା
ବାହାଳକୁ ବେରଣା, ବିପ୍ରଙ୍କୁ କ୍ଷତ୍ରିୟ
ସଦା ସାହା ହେ ॥

ଭିଟା ଭୂମି ବାନ୍ଧିଲେ ତହିଁ ରହେ ଜଳ
ଗୃହପାଖ ତାହାର ପ୍ରାୟ ସମତଳ
ତା ଜଳକୁ ଲଭନ୍ତି ବାହାଳ ବେରଣା
ତେବେ ହୋଇଥାନ୍ତି ସେ ଉତ୍ତମ ସରସ
କ୍ଷେତ୍ରେ ଗଣା ହେ ॥

କି ବ୍ରାହ୍ମଣ କି ଅବା କ୍ଷତ୍ରିୟ କେବଳ
ବୈଶ୍ୟ ଧନେ କରନ୍ତି ସବଳ ପ୍ରବଳ
ବୈଶ୍ୟ ଧନ ଅଭାବେ ନ ପାରନ୍ତେ ଚଳି
କିହିଁ ପାଠ ପଢ଼ନ୍ତେ କେମନ୍ତେ ହୁଅନ୍ତେ
ମହାବଳୀ ହେ ॥

ସବୁଠାରୁ ଉଚ୍ଚକୁ ଆଟ କହେ ଚଷା
ଅନ୍ୟ ଭୂମି ଜଳକୁ ନାହିଁ ତା ଭରସା
ଯାହା ପାଏ କରଇ ଅପରଙ୍କୁ ଦାନ
ଧନ୍ୟ ତାର ମହତ୍ତ୍ୱ ତଥାପି ହୁଅଇ
ଫଳବାନ ହେ ॥

ଶୂଦ୍ର ସେବା କରଇ ଅନ୍ୟ ତିନି ବର୍ଣ୍ଣେ
ଶୂଦ୍ର ହୁଏ ପୋଷକ ତାହାଙ୍କ ଜୀବନେ
ନିଜ କର୍ମଲବ୍ଧ ଧନେ ପେଟ ପୋଷେ
ନିଜେ ରହି ଆନନ୍ଦେ ଅପର ସଭିଙ୍କି
ତହିଁ ତୋଷେ ହେ ॥

ଆଟ ହୁଏ ବାହାଳ ପାଏ ଯେବେ ଜଳ
ଆଟ ଗର୍ଭେ ଫଳଇ ବାହାଳର ଫଳ
ଶୂଦ୍ର ଲଭେ ଦ୍ୱିଜତ୍ୱ ପାଏ ଯେବେ ଜ୍ଞାନ
ଚଷା ତାର ଭୂପାଳ ସେ ଏକା ବଢ଼ାଏ
ତା ସମ୍ମାନ ହେ ॥

ବାହାଳର ଧନଟି ବ୍ରାହ୍ମଣର ଯୋଗ୍ୟ
ବେରଣାର ଧାନଟି କ୍ଷତ୍ରିୟର ଭୋଗ୍ୟ
ବୈଶ୍ୟ ଶୂଦ୍ର ଖାଇଲେ ମାଳ ଆଟ ଧାନ
ନିଜ ନିଜ କର୍ମରେ ହୁଅନ୍ତି ସକ୍ଷମ
ବଳବାନ ହେ ॥

କି ଭୂମି କି ମାନବ ସମସ୍ତ ବିଷମ
କେ ଉତ୍ତମ ମଧ୍ୟମ କେ ଅବା ଅଧମ
ଯତ୍ନବଳେ ସମସ୍ତେ ହୋଇ ଥାନ୍ତି ଭଲ
ଉତ୍ତମ ହିଁ ଯତ୍ନବିହୀନେ ଦିଅଇ
ମନ୍ଦ ଫଳ ହେ ॥

ଥାଏ ଭୂମି ମଧ୍ୟରେ ବିରସ୍ତ ବା ଖାସ
ହେଲେ ତହିଁ ଯତନ ମିଳେ ଫଳ ଭରି
ନରେ ଥାନ୍ତି ପ୍ରତିଭାଶାଳୀ ବୁଦ୍ଧିମନ୍ତ
ଯତ୍ନ ହେଲେ ଯା ଫଳ ଦିଅନ୍ତି ନ ହୁଏ
କରି ଅନ୍ତ ହେ ॥

ଜଳ ଥିବା ମାତ୍ରକେ ବାହାଲେ ନ ଗଣି
କୁଳେ ଜନ୍ମ ମାତ୍ରକେ ନ ହୁଏ ବ୍ରାହ୍ମଣ
ଜଳ ଥାଇ ଯହିଁରେ ନ ମିଳଇ ଫଳ
କୁଳେ ଜନ୍ମ ଯଦ୍ୟପି ନାହିଁ ବିଦ୍ୟା ବଳ
ନୁହଇ ସେ ବାହାଲ ବ୍ରାହ୍ମଣ ସେ ନୁହେ
ନାମ ତାଙ୍କ ସାର୍ଥକ ନୁହଇ ପଣ୍ଡିତ
ସିନା ଦୁହେଁ ହେ ॥

ଆଦ୍ୟ ତିନି ଭୂମିରେ ହୋଇଥାଏ ଧାନ
ଆଦ୍ୟ ତିନି ବର୍ଣ୍ଣରେ ଥାଏ ବିଦ୍ୟା ଜ୍ଞାନ
ଆଟେ ଫଳ ଫଳଇ ଅନେକ ପ୍ରକାର
ଶୂଦ୍ରମାନେ ବିବିଧ କର୍ମ୍ମରେ କରନ୍ତି
ଉପକାର ହେ ॥

ହୁଏ ଏକ ଭୂମିରେ ଭିନ୍ନ ଭିନ୍ନ ଫଳ
ହୁଏ ଏକ କୁଟୁମ୍ବେ ଭିନ୍ନ ଭିନ୍ନ ବଳ
କେଉଁ ଫଳ କାହିଁରେ ହୁଅଇ ଉତ୍ତମ
କିଏ କେଉଁ କାର୍ଯ୍ୟରେ ମାନବ ହୋଇ ତ
ଥାନ୍ତି କ୍ଷମ ହେ ॥

# ଧାନ ଚାଷ

ଜଗତରେ ଦୁର୍ଲ୍ଲଭ ଅମୂଲ୍ୟ ସମୟ
ସମୟକୁ ଜଗିଲେ ସବୁଠାରୁ ଜୟ
ସମୟକୁ ଯେ ଲୋକ କରେ ଅବହେଳା
ଏ ସଂସାର-ସାଗର-ତରଙ୍ଗେ ବୁଡ଼ାଏ
କର୍ମଭେଳା ହେ ॥

ସମୟରେ ଶୟନ ସମୟେ ଭୋଜନ
ସମୟରେ କର୍ମ୍ମ ଯେ ସମୟେ ଅର୍ଜ୍ଜନ
ବିତିଗଲେ ସମୟ ସବୁ ହୁଏ ହାନି
ତେଣୁ ଜଗି ସମୟ ସକଳ ସମ୍ପାଦି
ଥାଏ ଜ୍ଞାନୀ ହେ ॥

ସମୟରେ ଭୂମିକି କରିଥିବ ଚାଷ
ସମୟରେ ନିର୍ମ୍ମାଣ କରିଥିବ ବାସ
କରିଥିଲେ ସମୟେ ସବୁ ଆୟୋଜନ
କର୍ମ୍ମେ ସିଦ୍ଧି ସୁଫଳ ସୁଯଶ ଲଭନ୍ତି
ସର୍ବଜନ ହେ ॥

ସଜିଥିବ ବଳଦ ବିହନ ଲଙ୍ଗଳ
ବୃଷ୍ଟି ହେଲେ ଭୂମିରେ ଗଳୁଥିବ ହଳ
ଜ୍ୟେଷ୍ଠ ମାସେ ବୁଣିବ ନୋହୁଣୁ ବରଷା
ସବୁଠାରୁ ଉତ୍ତମ ଖରଡି ବୋଲନ୍ତି
ତାକୁ ଚଷା ହେ ॥

ହଳ ଥିବ ଚଳାଇ ବୁଣିବା ଉପରେ
ଢାଙ୍କିଥିବ ବୀଜକୁ ଉତ୍ତମ ରୂପରେ
ଦିଶୁଥିଲେ ବୀଜ ତା ଖାଇଦେବ ପକ୍ଷୀ
ତାହାର ସେ ଆହାର ଜଗତେ ପାରିବ
ନାହିଁ ରକ୍ଷି ହେ ॥

ଅନ୍ୟ କ୍ଷେତେ ପ୍ରଥମେ ବରଷିଲେ ଜଳ
ବୁଣିଦେବ ବଉଶି ଚଳାଇ ଲଙ୍ଗଳ
ବୁଣା ପରେ ତାକୁ ହିଁ ଚଷିଦେବ ଥରେ
ଭଲ ଗଜା ହୁଏ ତା ପ୍ରଥମ ଜଳରେ
ଉଷ୍ମପରେ ହେ ॥

ହୋଇଗଲେ ପ୍ରଥମେ ବରଷା ପ୍ରବଳ
ଉଚ୍ଚ ଗର୍ଭେ ଯଦ୍ୟପି ରହିଯିବ ଜଳ
ଯୋଡ଼ ଥରେ ଭୂମିକି କରିଣ କର୍ଦ୍ଦମ
ବୁଣିଦେବ 'ଠେବକା ବଉଁଶ' ତା ନୁହେ
ଅନୁତ୍ତମ ହେ ॥

ଅନ୍ୟରୂପେ ଧାନକୁ ହାଣ୍ଡିରେ ଗଜାଇ
ଯୋଡ଼ ଭୂମି କର୍ଦ୍ଦମ କପରେ ସଜାଇ
ବାଞ୍ଛିଦେବ କର୍ଦ୍ଦମ ପିଠେ ଗଜା ଧାନ
ତଳେ ଯାଏ ଚେର ତା ଉପରେ ଉଠନ୍ତି
ଗଜାମାନ ହେ ॥

ପୃଷ୍ଟସ୍ଥ ବୁଣା ଧାନକୁ ବୋଲନ୍ତି ଅଛର
ହୁଏ ତାହା ପକ୍ଷୀଙ୍କ ଭୋଜନପସର
ତହିଁ ପାଇଁ କୃଷକ ଥିବ ସାବଧାନେ
ପକ୍ଷୀ ତଡ଼ପାରନ୍ତି ଆନନ୍ଦେ ତୁମ୍ଭର
ପିଲାମାନେ ହେ ॥

ନ ବୁଣିବ ଧାନକୁ ଅତି ହିଁ ବହଳ
ନ କରିବ ଅଥବା ଅତି ହିଁ ବିରଳ
ଯେତେ ଦୂରୁ ମୂଳ ତା ରସ ଆଣିପାରେ
ରଖିଥିବ ନଜର ତେତିକ ଅନ୍ତରେ
ରଖିବାରେ ହେ ॥

ଏକ ବୀଜୁଁ ଉଠଇ ଅନେକ ଅଙ୍କୁର
ଭାବି ବୀଜ କରିବ ପରସ୍ପରେ ଦୂର
ରସ ପାଇଁ ନ ହେବେ ପରସ୍ପରେ ମାଡ଼
ଗୃହ-ଦ୍ୱନ୍ଦେ ଆହାର ନମନ୍ତେ ମରିବେ
ହେଲେ ଗାଢ଼ ହେ ॥

ଧାନଗଛ ନୋହୁଣୁ ଆଣ୍ଠୁର ସମାନ
ଅବା ଅଧ ଆଣ୍ଠୁରୁ ନୋହିଥିବ ସାନ
ପ୍ରାୟୁ ଅର୍ଦ୍ଧ ଅଙ୍ଗ ତା ଥିବ ଜଳେ ମଜ୍ଜି
ସୁକାନ୍ତରେ ନୟନ ଦେଉଥିବ ରଞ୍ଜି
ସେ ସମୟେ ତାହାକୁ ଭଲରୂପେ ଯୋଡ଼-
ଦେଲେ ନାଚ ନାଚ ସେ ଜଳରେ ବିକାଶି-
ଥାନ୍ତି ଜ୍ୟୋତି ହେ ॥

ଥିଲେ ତାଙ୍କ ମୂଳର ମାଟି ମୁଣ୍ଡା ମୁଣ୍ଡା
ନିଜ ହସ୍ତେ ତା' କରିଦେବ ଗୁଣ୍ଡା ଗୁଣ୍ଡା
ତାହାହେଲେ ସ୍ୱଚ୍ଛନ୍ଦେ କରି ଅବସ୍ଥାନ
ତୁମ୍ଭ ହିତ କାମନା କରିବେ ଉଲ୍ଲାସେ
ଗଛମାନ ହେ ॥

ଖରଡ଼ କି ବଉଁଶ ଅଥବା ଅଛର
ପହ୍ଲା ଥିବ ପକାଇ ଅପୁଷ୍ଟା ପଟର
କରିଥିବ ଘାସ କି ସାରରେ ସରସ
ରସ ପାଇ ପହ୍ଲାଏ ଲଭିଲେ ହରଷ
ନ ଡରିବ ପହ୍ଲାକୁ ରଖିବାକୁ ଘନେ
ବଢ଼ନ୍ତି ସେ ଶୈଶବେ ସରସ ଜୀବନେ
ପହ୍ଲାସବୁ ହେଲାରୁ ଅର୍ଦ୍ଧ ଅର୍ଦ୍ଧ ହସ୍ତ
ମୂଳେ ଜଳ ମଡ଼ାଇ ଉପାଡ଼ି ରଖିବ
ସେ ସମସ୍ତ ହେ ॥

ବିଡ଼ା ବାନ୍ଧିଥିବ ତା ମୁଠିଏ ପ୍ରମାଣ
ଧୋଇଦେବ ଜଳେ ତା ଜମ୍ନ ମାଟିମାନ
ଯେଉଁ କ୍ଷେତେ ରୋପିବ ଭରି ଦେଇ ଜଳ
ଆଗେ ଦେବ କପର ତା ପରେ ଲଙ୍ଗଳ
ଘାସ ଲଟା ସକଳ ହୋଇଯିବ କାଦ
ଚଳି ଚଳି ଲଙ୍ଗଳ ପଡ଼ି ପଡ଼ି ପାଦ
ଶେଷେ ପୁଣି ତହିଁରେ କପର ଚଳାଇ
ଗୋଟି ଗୋଟି କରିଲେ ପହ୍ଲାକୁ ରୋପିବ
ଚଷାଭାଇ ହେ ॥

ଯେତେବେଳେ ଯେମନ୍ତ ପାଇଥିବ ପାଗ
ତେତେବେଳେ ସେ କର୍ମ୍ମ କରିଥିବ ଆଗ
ଚାଲିଗଲେ ସମୟ ଲୋଡ଼ିଲେ ନ ମିଳେ
ଆଗ କାର୍ଯ୍ୟ ପଛକୁ କଦାପି ରଖିବ
ନାହିଁ ଭୁଲେ ହେ ॥

ଏକମାତ୍ର ଜଳ ତ କୃଷିର ଭରସା
ତୁମ୍ଭ ପାଇଁ ଠିକ ତ ନ ଥିବ ବରଷା
ବରଷିଲା ମାତ୍ରକେ କରିନେବ କାମ
ସିଦ୍ଧି ଯଦି ନ ମିଳେ ସାଧନେ ଜାଣିବ
ବିଧି ବାମ ହେ ॥

ଅତିବୃଷ୍ଟି ଅବୃଷ୍ଟି ଉଭୟ ସମାନ
ତହିଁ ପାଇଁ ସର୍ବଦା ଥିବ ସାବଧାନ
ଜଳ ଛାଡ଼ିଦେବାକୁ ରଖିଥିବ ପଥ
ଥିବ ଜଳଭଣ୍ଡାର ଯହିଁରେ ଚଳିବ
ମନୋରଥ ହେ ॥

ଆଠ ଧାନ ଦାଇଲେ ରହେ ଯେଉଁ ମୂଳ
ଉଚ ଥିବ ଦଶ କ ଦ୍ୱାଦଶ ଆଙ୍ଗୁଳ
ଯତନରେ ରଖିଲେ ସେହି ମୂଳମାନ
ପୁଣି ଫୁଟି ପତର ଫଳଇ ଆହୁର
ଥରେ ଧାନ ହେ ॥

ସେହି ଧାନ ବୁଣିଲେ ଆଗତ ବରଷ
ଗଛମାନ ତାହାର ହୁଅନ୍ତି ସରସ
ନ ମରଇ ଅଳପ ବରଷିଲେ ଜଳ
ମୂଳ ପଶି ଗଭିରେ ଉପରେ ଫଳଇ
ଭଲ ଫଳ ହେ ॥

ଧାନ ଚୃଷ କରବ ଯଦ୍ୟପି ସ୍ୱହସ୍ତେ
ଲାଗିଥିବ ତହିଁରେ କୁଟୁମ୍ବ ସମସ୍ତେ
ତେବେ ଧାନ ତୁମ୍ଭଙ୍କୁ ଯୋଗାଇବ ଅନ୍ନ
ଗୁଡ଼ିକଲେ ସମସ୍ତ ଲାଭଟି ଖାଇ ତ
ଯିବ ଅନ୍ୟ ହେ ॥

ଖେତ ଥିବ ଯଦ୍ୟପି ଅତ୍ୟନ୍ତ ଉର୍ବର
ମଣିଥିବ ପ୍ରାପତ ଦେବଦତ୍ତ ବର
ଖେତ ମୁଣ୍ଡେ ପ୍ରଚୁର ରହିଥିବ ପାଣି
ମାଡ଼ୁଥିବ ଖେତକୁ ବେଳ କାଳ ଜାଣି
ଗୋଡ଼ ପୋଷି ସେ ଖେତ ଦେବ ଗ୍ରାସ ବାସ
ତା ନ ହେଲେ କୃଷଟି ସମସ୍ତେ କରବ
ସର୍ବନାଶ ହେ ॥

କରଥିବ ଶରମ ଅରଥ ଖରଚ
ଉଠିଥିବ ଉତ୍ତମ ରୂପେ ଧାନଗଛ
ତହୁଁ ଯେବେ ନ ହେବ ବାର ବରଷଣ
ଧାନ ମରି ତୁମ୍ଭର ପ୍ରାଣକୁ କରବ
କରଷଣ ହେ ॥

## ଚଣା

ଶରଦର ଅନ୍ତମେ ଶାରଦୀୟ ଧାନ
ମଧେ ଚଣା କର୍ଦ୍ଦମେ ବୁଣିବା ବିଧାନ
ଧାନକଟା ସମସ୍ତେ ଲତା ଥାଏ ଉଠ
ବଢ଼େ ପଛେ ସ୍ୱଚ୍ଛନ୍ଦେ ଫୁଲ ଯାଏ ଫୁଟି
ମାଘ ମାସ ସରକ ଫଳେ ହୋଇ ଭରି
ଫଗୁଣରେ ଦେଇ ତା ସ୍ୱାମୀଙ୍କ ତେଜଇ
ବସୁନ୍ଧରୀ ହେ ॥

ଆଠ ଧାନ କାଟିଲେ ଆଠ ଚଷି ପୁଣି
ମୁଗ ବ୍ରୀହି କୋଳଥ ତହିଁ ପାର ବୁଣି
ତହିଁ ଯବ କରବ ନଳିତାର ଚୃଷ
ଭୂମି ହେବ ସରସ ବଳଦେ ବଞ୍ଚିବେ
ପାଇ ଗ୍ରାସ ହେ ॥

ନଳିତାର ବକଳ ହୁଏ ଭଲ ପଟ
ବିକ ତରିପାରିବ ଦୁର୍ଭିକ୍ଷ-ସଙ୍କଟ
ଯେଉଁ ଦ୍ରବ୍ୟ ବଦଳେ ମିଳିପାରେ ଟଙ୍କା
ତାହା ଥିଲେ ଅଶନ ବସନ ଅଭାବେ
ନାହିଁ ଶଙ୍କା ହେ ॥

ଆଠ ଧାନେ ଅଳପ ମିଳଥାଏ ଫଳ
ପେସୋଆଷ୍ଟା ଧାନଟି ଆଠ ଧାନେ ଭଲ
କଟା ଗଛୁ ଜନମି ଫଳଲେ ସେ ଧାନ
ବାହାଲରୁ ବଳି ସେ ଫଳଇ ଅଧିକ
ପରମାଣ ହେ ॥

ସୋରିଷର ସହିତ ଚଣା ଯବ ବୁଣ
ଦୁହେଁ ବଢ଼ି ଦିଅନ୍ତି ଫଳ ଦୁଇ ଗୁଣ
ଆଗ ପାଚ ସୋରିଷ ହୋଇଯିବ କଟା
ମାସକର ଉତ୍ତାରେ ପାଚଣ ଶୁଖିବ
ଚଣାଲଟା ହେ ॥

ଖମ୍ବଆଳୁ ଶିମୁଳୀ ଆଳୁ ମୁଗଫଳୀ
ଓଲ କନ୍ଦା ମାଟିର ତଳେ ଥାଏ ଫଳ
ମକା ଆଉ ଝାଞ୍ଜିଡ଼ା ହରଣ ଗହମ
ଅଳ୍ପବୃଷ୍ଟି ହେଲେହେଁ ଫଳଇ ଉତ୍ତମ
ଏମାନଙ୍କୁ ସମସ୍ତେ କରଥିବ ଚୃଷ
ଧାନ ଯବ ମରବ ଏଥିରେ ନ ହେବ
ହତ-ଆଶ ହେ ॥

ଖମ୍ବଆଳୁ ରୋପିବ ବଇଶାଖ ମାସେ
ଖୋଳିବ ତା ପଉଷ ମାଘ ଯେବେ ଆସେ
ଖମ୍ବଆଳୁ ବଳନ୍ତି ଆଳୁର ବଦଳେ
ଖାଇବାକୁ ସମସ୍ତ ସମୟେ ଉତ୍ତମ
ରୂପେ ଚଳେ ହେ ॥
ଶିମୁଳୀର କଲମ ତିନ ତିନ ହାତେ
ଭୂମି ଚଷି ଉତ୍ତମ ରୋପିଦେବ ଗାତେ
ଲଗାଇବ କଲମ ଫଗୁଣ ମାସରେ
ଜଳ ରହି ନ ଦେବ ତାହାର ପାଶରେ
ଦୁଇ ହାତୁ ଅଧିକ ନ ବଢ଼ିବ ଗଛ
ଅଗ ଭାଙ୍ଗିଦେଲେ ତା ନ ବଢ଼ି ରହିବ
ହୋଇ ଘଞ୍ଚ ହେ ॥

## ମୁଗଫଳୀ

ବାଲିଆ କି ପଥରମୟ ଯେଉଁ ଆଟ
ହଳ ବଳେ ତାହାକୁ ଚଷିଦେବ ଅଣ୍ଟ
ମୁଗଫଳୀ ରୋପିବ ଗୃଖଣ୍ଡ ଅନ୍ତରେ
ମାଣକରେ କୋଡ଼ିଏ ସେରର ଭିତରେ
ଗଛ ତାର ଉଠିଲେ ଅର୍ଦ୍ଧ ହସ୍ତ ସରି
କୋଦାଳରେ ମୂଳକୁ ତା ପାଖ ମାଟିରେ
ଦେବ ଭରି ହେ ॥
ଭଲ ମାଟି ଭିତରେ ହେଲେ ମୁଗଫଳୀ
ସେରେ ବୀଜ ଷାଠିଏ ସେରୁ ଯିବ ବଳି
ଅବରଷା ସମୟେ କରିବ ଏ କୃଷ
ଫଳ ତାର ଆଦାୟ କରିବା ଲାଗଇ
ତିନ ମାସ ହେ ॥
ପାଞ୍ଚ ସେର ଫଳଲେ ଦୁଇ ସେର ତେଲ
ପିଡ଼ିଆକୁ ବଳଦ ଖାଏ ଦୁହିଁ ବେଳ
ତେଲ ମାଖି ପାରିବ କରିପାର ପିଠା
ପିଠା ତାର ଲାଗିବ ତୁଣ୍ଡକୁ ଘୃତର
ପରି ମିଠା ହେ ॥

## ଓଲ

ଓଲ ଅଛି ଏମନ୍ତ ଜାଭିରେ ଲାଗିଲେ
ଗଲୁ ତାର ନ ଯାଏ ଜଣା ତହିଁ ତଳେ
ସାତ ମାସେ ମିଳଇ ତାର ଭଲ କନ୍ଦ
କ୍ଷତି ତାର କରି ନ ପାରଇ ବରଷା
ହେଲେ ମନ୍ଦ ହେ ॥

# ମକା

ଜ୍ୟେଷ୍ଠମାସେ ଗହ୍ୱାର ଜମି ଥିବ ଚଷି
ମେଘ ଦେବ ଯେ ଦିନ ଉତ୍ତମ ବରଷି
ସେହିଦିନ ମକାକୁ ବୁଣିବ କ୍ଷେତରେ
ଧାଡ଼ି କରିଥିବ ତା ହାତକ ଅନ୍ତରେ
ମଞ୍ଜି ମାନ ପୋତିବ ଅର୍ଦ୍ଧ ଅର୍ଦ୍ଧ ହସ୍ତେ
ତେବେ ଗଛ ସ୍ୱଚ୍ଛନ୍ଦେ ବଢ଼ିଣ ଫଳିବ
ଭଲମତେ ହେ ॥

ମକା ଗଛ ଉଠିଲେ ଆଣ୍ଠୁ ପରିମାଣ
ମାଟି ଖୋଳି ଆବରି ଦେବ ମୂଳମାନ
ମାଟି ବଳେ ବଢ଼ଇ ହୋଇ ସେ ଉଷତ
ଉଷତରେ ସୁପୁଷ୍ଟ ଫଳ ହିଁ ଦିଅଇ
ଶତ ଶତ ହେ ॥

# ଝାଞ୍ଜିଡ଼ା ବା ଦେବଧାନ୍ୟ

ଦେବଧାନ୍ୟ ମାନ୍ଦ୍ରାଜିମାନଙ୍କ ସମ୍ବଳ
ଗୋରୁ ଖାଏ ତା ଗଛ ନର ଖାଏ ଫଳ

ବୃଷ୍ଟି ବିନା ନ ହେଲେ ଧାନ ନୋହିଁ ଭୂମୀ
ଦଶହରା ମାସରେ ଖେତରେ ଏ ଧାନ
ଦେବ ବୁଣି ହେ ॥

# ହରଣ ଗହମ

ଯେଉଁ ଭୂମି ଭୂମ୍ବର ସବୁଠୁ ଅଧମ
ତହିଁ ନେଇ ବୁଣିବ ହରଣ ଗହମ

ମାର୍ଗଶିର ପୁଷରେ ଏହା ବୁଣିପାରୁ
ବଂଶ ଗୁଣ ଫଳ ସେ କରିବ ଦୁର୍ଭିକ୍ଷ-
ଦୁଃଖୁଁ ପାର ହେ ।

# ଜେରୁସାଲେମ୍ ଆର୍ଟିଚୋକ୍
(ଭୂଇଁଖୁରି)

ଜେରୁସାଲେମ୍ ଆର୍ଟିଚୋକ୍ ହିଏ ଯେଉଁ ମୂଳ
ସ୍ୱାଦୁ ତାହା ମହିରେ ଅଟଇ ଅତୁଳ ।

ନ ମରଇ ସେ ଗଛ ମନ୍ଦ ବରଷାରେ
ନ ଉରଇ ଅଧିକ ବର୍ଷିଲେ ରସାରେ

ମୂଳେ ତାହାର ଜଳ ନ ରହିଲେ ହେଲା
ଜଳ ଦୂରକରଣେ କଦାପି କରିବ
ନାହିଁ ହେଳା ହେ ॥

ଜମି ଚଷି ବୈଶାଖେ ସାଜ ଭଲ ଖତେ
ମୂଳମୁଖୀ ରୋପିବ ଦେଢ଼ ଦେଢ଼ ହସ୍ତେ
ଗଛ ହେଲେ ଆଷାଢ଼େ ଗଛପାଖ ଖୋଳି
ମାଟି ସବୁ ମୂଳରେ ଦେବ ତାର ତୋଳି

ମାର୍ଗଶିର ମାସରେ ଗଛ ଗଲେ ଶୁଖି
ଖୋଳି ବଡ଼ ମୂଳ ତା ଖାଇବ ବହନ
ହେବ ମୁଖୀ ହେ ॥

ମାର୍ଗଶିରେ ରୋପିଲେ ଅଲଗା କ୍ଷେତରେ
ଜଳ ଦେବ ତହିଁରେ ମାସକରେ ଥରେ
ସମସ୍ତେ ତା ମୂଳର ମାଟି ଦେବ ତୋଳି
ଚଇତରେ ସେ ଗଛ ଶୁଖିଲେ ମୂଳକୁ
ନେବ ଖୋଳି ହେ ॥

# କନ୍ଦମୂଳ

ମୂଳ ଥିବ ଜଗାଇ ଆଷାଢ଼ ଶ୍ରାବଣେ
ଲତା ବଢ଼ିଥିବ ତା ଜଳ ବରଷଣେ
କାର୍ତ୍ତିକରେ କରଷି ମାଳ ଅବା ଆଠ
ଧାଡ଼ି ଧାଡ଼ି ରଖିବ ଜଳ ଯିବା ବାଟ
ସେହିରୂପେ ରଖିବ ହାଡ଼ ଧାଡ଼ି ଧାଡ଼ି
ଲତା ଗଣ୍ଠି ହାଡ଼ରେ ପୋତିଲେ ବଢ଼ି ତା
ଯିବ ମାଡ଼ି ହେ ॥

ଜଳ ଦେବ ତହିଁରେ ସମସ୍ତ ସମସ୍ତ
ଲତା ବଢ଼ି ଦିଶିବ ସୁପଲ୍ଲବମସ୍ତ
ପତ୍ରମାନ ପାଚିଲେ ଫଗୁଣ ଶେଷରେ
ମୂଳ ଖୋଳି ପାଇବ ସ୍ଥୂଳ କନ୍ଦା ତା
ବିଶେଷରେ ହେ ॥

# ଉଳି ବା ପିଆଜ

କାରତିକ ଅଥବା ମାର୍ଗଶିର ମାସ
ଆରମ୍ଭରେ ହଳରେ ତିନି ଚାରି କାସ
ଭୂମି ଚଷି କରିବ ଉଚ୍ଚର ଉଚ୍ଚର
କାଦ ହେବ ଗରଭ ପାଣି ଦେଲେ ପୂର
ରୋପିଦେଲେ ବହନ ଉଳି ସାନ ସାନ
ଧାଡ଼ିମାନ ଉପୁଜି ତହିଁରେ ଫୁଟିବ
ଫୁଲମାନ ହେ ॥

ସେହି ଫୁଲ ନୟନ ମନ ଆଗେ ରଞ୍ଜି
ଖରା ଶୀତ ବାତରେ ପାଳଟିବ ମଞ୍ଜି
ନେଲେ ବେଳେ ମୂଳରେ ପାଉଥିବ ଜଳ
ମଞ୍ଜି ପାଚି ଆଗତ ନିମନ୍ତେ ବହନ
ହେବ ଭଲ ହେ ॥

ଶୁଖାମାଟି ଉଚ୍ଚର କରି ତହିଁ ଉଳି-
ମଞ୍ଜି ପହଲା ପକାଇ ସିଞ୍ଚିଦେବ ଧୂଳି

ଧୂଳଶୁଖା ଗୋବର ବାଲୁକା ସହିତ
ମିଶା ହୋଇଥିବାର ଅବଶ୍ୟ ବିହିତ
ତା ଉପରେ ତାହାକୁ ମାଡ଼ଦେଇ ପାଦେ
ଜଳ ଦେଲେ କ୍ରମଶଃ ଅଙ୍କୁର ଉଠିବ
ଅପ୍ରମାଦେ ହେ ॥
ସେ ଅଙ୍କୁର ଉଠିଲେ ଗୁର ଛ' ଅଙ୍ଗୁଳ
ଜଳ ଦେଇ ଉପାଡ଼ ଦେବ ଧରି ମୂଳ
ଅନ୍ୟଠାରେ କାଦୁଅ ଉଚ୍ଛୁର ଭିତରେ
ଗୋଟି ଗୋଟି ରୋପିବ ମୃତିକ ଅନ୍ତରେ
ବେଳେ ବେଳେ ମଡ଼ାଇ ଦେଉଥିବ ପାଣି
ତେବେ ଭଲ ପିଆଜ ପ୍ରଚୁର ପାଇବ
ବେଳେ ଜାଣି ହେ ॥

# ବାଇଗଣ

ଶ୍ରାବଣର ଆଦ୍ୟେ ବା ଚରମ ଆଷାଢ଼େ
ବାଇଗଣ ବୁଣିବ ଭୂମି ଚଷି ଗାଢ଼େ
ଆଶ୍ୱିନରେ ସେସବୁ ଗଛକୁ ଉପାଡ଼ି
ରୋପିଦେବ ଅନ୍ୟତ୍ର କରି ଧାଡ଼ି ଧାଡ଼ି
ଆଗୁଁ ସେହି ଭୂମିକି ଚଷିଥିବ ଭଲ
ହାତେ ହାତେ ଅନ୍ତରେ ରୋପିବ ସକଳ
ପାଣି ଦେଲେ ମୃତ୍ତିକା ଯାଉଥିବ ବସି
କୋଦାଳରେ ଖୋଳିବ ଲଙ୍ଗଳରେ ଚଷି
ଦୁଇ ମାସେ ଧରି ସେ ଫୁଲ ସଙ୍ଗେ କଷି
ଫଳ ଦେବ ବହୁତ ନଡ଼ିଆ ବେଲକୁ
ଗୃହୀଁ ହସି ହେ ॥

# ଲଙ୍କାମରିଚ

କଲେ ଲଙ୍କାମରିଚ ବାଇଗଣ ପରି
ତୋଷେ ଲମ୍ବ ପୃଥୁଳ ଫଳ ଦାନ କରି
ପାଚ ଫଳ ସୁରଙ୍ଗ ହୁଏ ଅତି କଟୁ
କଟୁ ହୋଇ ରସନା ରଞ୍ଜନରେ ପଟୁ
ଶାଳୀ ଗ.ଳ ପରାଏ ଆଦର ତାହାର
ଘରେ ଘରେ ବ୍ୟଞ୍ଜନେ ବ୍ୟଞ୍ଜନେ ସର୍ବଦା
ବ୍ୟବହାର ହେ ॥

# ଆଳୁ

ରଖିଥିବ ବଛନ ଭଲ ଭଲ ଆଳୁ
ଶୁଷ୍କ ଗୃହେ ମଞ୍ଚାରେ ବର୍ଷା ପୂର୍ବକାଳୁ
ଅନ୍ଧାରିଆ ସ୍ଥାନରେ ବାଲିର ଉପରେ
ପାଉଥିବ ପବନ ତହିଁ ଯେ ରୂପରେ

ବଡ଼ ଆଳୁ ସଢ଼ିର ଯାଇଥାଏ ପଚି
ଏଣୁ ବାଛି ମଧ୍ୟମ ଭଲ ଥିବ ସଞ୍ଚି
ଯେଗୁଡ଼ିକ ତହିଁରୁ ଯାଉଥିବ ସଡ଼ି
ଫିଙ୍ଗିଦେବ ସେସବୁ ଦେଖିଲା ମାତ୍ରକେ
ସେହି ଘଡ଼ି ହେ ॥

ଯଦି ଆଳୁ ବିହନ ନ ରଖିବ ନିଜେ
ଗୃଷ ପୁଣି କରିବ ଅଙ୍କୁରିତ ବୀଜେ
ଦେଖିନେବ ଯହିଁରେ ଗଜା ଥିବ ଉଠି
ବଡ଼ ଆଳୁ ନେବାରେ ନ କରିବ ତ୍ରୁଟି
ଘର ମଧ୍ୟେ ରଖିବ ଓଦା ବାଲି ପରେ
ଅଧା ଅଧା ଥିବ ତା ବାଲିର ଭିତରେ
ବଢ଼ୁଥିବ ଅଙ୍କୁର ତମେ ବାୟୁ ପାଇ
ତେତେଣି ଭୂମି ତିଆରି କରିବ ଲଗାଇ-
ବାର ପାଇଁ ହେ ॥

ଗାଢ଼େ ଭୂମି ଚଷିବ ଆଠ ଦଶ ଥର
ମଧ୍ୟେ ମଧ୍ୟେ ତହିଁରେ ଚଲାଇ କପର
ପଚ୍ଚ ସଢ଼ା ଗୋବର ଅବା ଘୋଡ଼ାଲଣ୍ଡି
ଗୁଣ୍ଡ କରି ଭୂମିକି ଦେଇଥିବ ମଣ୍ଡି
ଦୁଇ ଏକ ଗଜାରେ ଆଳୁ କରି ଖଣ୍ଡ
ଲଗାଇଲେ ବିହନ ତୁମ୍ଭର ନ ହେବ
ଶ୍ରମ ପଣ୍ଡ ହେ ॥

ଅର୍ଦ୍ଧହସ୍ତ ଅନ୍ତରେ କରି ଧାଡ଼ି ଧାଡ଼ି
ରୋପିଦେବ ବିହନ ନବାଙ୍କୁର ଗୁଡ଼ି
ଦେଖିନେବ ଦଶ କି ପନ୍ଦର ଦିନରେ
ଗଛ ଉଠି ନ ଯିବ ଖରା ପବନରେ
ଆଶ୍ୱିନର ଖରାରେ ଶୁଖିଗଲେ ମାଟି
ଭୂମି ଦେବ ଭିଜାଇ ଜଳରେ ବିହସ୍ତେ
ବାଟ କାଟି ହେ ॥

ଗଛ ଯେବେ ଉଠିବ ଅର୍ଦ୍ଧ ହସ୍ତ ସମ
ଗୃପିଦେବ ମୂଳକୁ ମାଟିରେ ପ୍ରଥମ
ଚୂର୍ଣ୍ଣକରି ପିଡ଼ିଆ ମାଟିର ଉପରେ
ସିଞ୍ଚିଦେବ ଯତନେ ଖତ ସ୍ୱରୂପରେ
ପୁଣି ଦିନା ପନ୍ଦର ଗଲେ ଥରେ ଥରେ
ଦେଉଥିଲେ ସଲିଳ ଗଛ ତା ଉଠଇ
ସତେଜରେ ହେ ॥

ଆଳୁ ଖେତ ସତତ ରହିବ ଉଶ୍ୱାସ
ଜଳ ମାଡ଼ି ନ ଯିବ ନ ଉଠିବ ଘାସ
ଜଳ ନାଳୀ ରଖିବ ଦୁଇ ଧାଡ଼ି ପରେ
ଭିଜୁଥିବ ମାତ୍ରକ ମୂଳ ସେ ଜଳରେ
ଆଶ୍ୱିନରେ ରୋପିଲେ ମାଘ ଫଗୁଣରେ
ଖୋଳିଦେଲେ ଆଳୁକୁ ପାଇବ ଦଶର
ଦ୍ୱିଗୁଣରେ ହେ ॥

ଆଖୁ କୋବି ଦୋକଡା ହୋଇପାରେ ଯହିଁ
ଆଳୁ ଯଦି ରୋପିବ ନିଷ୍ଟେ ହେବ ତହିଁ
ଶୁଖିଗଲେ ମୃତ୍ତିକା ଦେଉଥିବ ଜଳ
ଖୋଳିନେବ ଯେକାଳେ ଶୁଖିଯିବ ଜଳ
ଆଳୁଗୃଷ କରିବ ହୋଇ ସାବଧାନ
ଷତି ହେଲେ ତା ଖତ ତୁମ୍ଭଙ୍କୁ ପ୍ରଚୁର
ଦେବ ଧାନ ହେ ॥

ଅନ୍ୟ ସ୍ଥଳେ ରୋପିଲେ ଦେବ ବହୁ ଖତ
ଘୋଡ଼ାଲଣ୍ଡି ଦେଢ଼ଶ ମହଣ ପର୍ଯ୍ୟନ୍ତ
ଅବା ଜଡ଼ା ପିଡ଼ିଆ ତିରିଶ ମହଣ
ଘୋଡ଼ାଲଣ୍ଡି ହିଗୁଣେ ଗୋମୟକୁ ଗଣ
ଏଥୁଁ ଏକ ଖତକୁ ଜମି ଏକ ମାଣେ
ଦେଲେ ଆଳୁ ହୁଅଇ ସରସ ଅଧିକ
ପରିମାଣେ ହେ ॥

## କୋବି

କୋବି ପଲ୍ଲା ବୁଣିବ ଭାଦ୍ରବ ଆଶ୍ୱିନେ
ଅର୍ଦ୍ଧ ହସ୍ତ ଗଭୀର ବାକସେ ବା ଟିନେ
ଭଲ ମାଟି ସହିତ ଖତ ଗୁଣ୍ଡ କରି
ଯତନରେ ଉଶ୍ୱାସେ ଆଗେ ତହିଁ ଭରି

ବୁଣିଦେବ ବିହନ ଚଉକ ଅନ୍ତରେ
ଢାଙ୍କିଦେବ ମୃତ୍ତିକା ପତର ଖତରେ
ରଖିବ ତା ପୂରବ ଦିଗ ବାରଣ୍ଡାରେ
ଅଙ୍କୁରିଲେ ଅଙ୍କୁର ପାଉଁଶ ଛୁଆଡ଼
ଦେବ ବାରେ ହେ ॥

ଯଦି ତହିଁ ଦେଖିବ ଗଜା ରସ ଲାଗି
ଲାଲ ଗୁଣ୍ଡି ଅଥବା ପୋକ ଥିବ ଲାଗି
ପୁଣି ଦେଲେ ତହିଁରେ ପାଉଁଶ ଛୁଆଡ଼
ଗୁଣ୍ଡି ପୋକ ତହିଁରୁ ପଳାଇବେ ଛାଡ଼ି
ଶୁଖିଗଲେ ମୃତ୍ତିକା ଦେଉଥିବ ଜଳ
ଦୁଇ ତିନି ଦିବସ ଅନ୍ତରେ ସେ ଜଳ
ଦେବା ଭଲ ହେ ॥

କୋବି ଖେତ ଚଷିବ ଆଳୁ ଖେତ ପରି
ଖତ ମଧ୍ୟ ସେରୂପେ ଦେଇଥିବ ଭରି
ଫୁଲକୋବି ଯେପରି ସେହିପରି ବନ୍ଧା
ଏକ ହସ୍ତ ଅନ୍ତରରେ ଲଗାଇବ ମନ୍ଦା
ରୋପିଦେବ ମନ୍ଦାକୁ କରି ଧାଡ଼ି ଧାଡ଼ି
ଧାଡ଼ି ତଳ ନାଳରେ ସମୟେ ଜଳ ହିଁ
ଯିବ ମାଡ଼ି ହେ ॥

ବର୍ଷୁଥିବ ଅଳପ, ଅଥବା ବାଦଲ—
କାଳ ଦେଖି ରୋପିବ ସେ ପହ୍ଲାସକଳ
ଖରା ଯଦି କରିବ ରୋପଣର ପରେ
ଢାଙ୍କିଦେବ ଷାରୁ ବା କଦଳୀପତ୍ରରେ
ସାତ ଦିନ ଖରାରେ ହେବ ଆଚ୍ଛାଦନ
କରୁଥିବେ ରାତରେ ଶୀତଳ ଶିଶିର
ଆସ୍ୱାଦନ ହେ ॥

ଆଳୁ ପରି କୋବିରେ ଜଳ ଦେଲେ ଚଳେ
ମୂଳ ମାଟି ଭିଜିବ ନ ବୁଡ଼ିବ ଜଳେ
ମୂଳ ମାଟି ଉପରଭାଗ ଥିଲେ ଶୁଖି
ଜଳେ ଓଦା ହେଲେ ତା' କୋବି ହୁଏ ସୁଖୀ
ଜଳ ଦେଲା ଉତ୍ତାରେ ସାତ ଦିନେ ଥରେ
ମାଟି ଦେଲେ ଉଶ୍ୱାସି କୋବିଏ ବଢ଼ନ୍ତି
ତରତରେ ହେ ॥

ଚଷି ଖେତ ଯଦ୍ୟପି କର କୋବି ପହ୍ଲା
ଉଚ୍ଚ ହେବ ଗୃହଖଣ୍ଡ ଭୂମିଠାରୁ ତଳା
ବୁଣି ଦେଇ ଉପରେ ଢାଙ୍କିବ ଗୁଞ୍ଜର
ଅଙ୍କୁରିଲେ ରାତରେ ପଡ଼ିବ କାକର
ଛାଡ଼ିଦେଇ ରଜନୀ ଦିନ ଦୁଇ ଘଡ଼ି
ବାକୀ ସାରା ଦିବସ ତହିଁରେ ଗୁଞ୍ଜର
ଥିବ ପଡ଼ି ହେ ॥

ରଜନୀରେ ବରଷା ନ ପାରଇ ସହି
ବରଷିଲେ ଗୁଞ୍ଜର ଢାଙ୍କିଦେବ ତହିଁ
ଶୁଖିଗଲେ ମୃତ୍ତିକା ଦେବ ଯଦି ଜଳ
ସେ ସମୟେ ଗୁଞ୍ଜର ଉଠାଇ ଥୋଇବ
ଅନ୍ୟ ସ୍ଥଳ ହେ ॥

ସୋରିଷ କି ମହୁଲ ଲମ୍ବ ଅବା ଜଡ଼ା
ପିଡ଼ିଆକୁ ମଣନ୍ତି ପୋକମାନେ କଡ଼ା
ମୂଳରେ ସେ ପିଡ଼ିଆ ଦେଇଥିଲେ ଚୂରି
ପୋକମାନେ ପଳାନ୍ତି ଗଛକୁ ନ କରି
ହୁର ଜୁର ହେ ॥

ଜାଳିଦିଏ ପିଡ଼ିଆ ଗଛ ଥିଲେ ସାନ
ଦେବ ଜାଣି ବଢ଼ିଲେ କୋବିଗଛମାନ
ପିଡ଼ିଆର ଗୁଣ୍ଡରେ ମିଶିଥିବ ମାଟି
ପାଇ ତାର ସୁଆଦ ବଢ଼ନ୍ତି କୋବିଙ୍କି
ଦେଲେ ବାଣ୍ଟି ହେ ॥

ବନ୍ଧା ଓଳ ଲୋଡ଼ନ୍ତି କାଦ ମାଟି ଖାଲି
ଫୁଲକୋବି ଲୋଡ଼ଇ ଯହିଁ ମିଶା ବାଲି
ବାଲିମାଟି ପାଇଲେ ହୋଇ ପରଫୁଲ୍ଲ
ହୃଷ୍ଟପୁଷ୍ଟ ହୋଇଣ ବିକଶେ ସୁମିଷ୍ଟ
ସ୍ଥୂଳ ଫୁଲ ହେ ॥

ଫାଲଗୁନ ମାସରେ ଦୁଇ ଫୁଟ ପ୍ରସ୍ଥ
ଦୁଇ ଫୁଟ ଗଭୀର ଖୋଳିଦେଇ ଗର୍ତ୍ତ
ତଳ ଜମି ଉଶ୍ୱାସି ରଖି ଜଳ ନାଳୀ
କୋବି ଯଦି ରୋପିବ କରି ଦୁଇ ଧାଡ଼ି
ପୁଣି ଥରେ ଲାଗିବ ଯଦି କୋବି ଗୃଷେ
ସୁଖେ କର ବ୍ୟଞ୍ଜନ ଖାଇବ ବୈଶାଖ
ଜ୍ୟେଷ୍ଠ ମାସେ ହେ ॥

# ପଟୋଳ

ଯେଉଁ ଖେତେ ପଡ଼ଇ ବଢ଼ିଜଳ ପଟୁ
ସେହି ଭୂମି ପଟୋଳ ଉତ୍ପାଦନପଟୁ
ତାହା ବିନା ବାଲିଆ ଖେତେ ଦେଇ ସାର
ଚଷିଦେବ ଉତ୍ତମ ଚାରି ପାଞ୍ଚ ବାର
କାର୍ତ୍ତିକରେ ତହିଁରେ ଚାରି ଚାରି ହାତ
ଛାଡ଼ିଦେଇ ଖୋଳିବ ଏକ ଏକ ଗାତ
ଗାତମାନ ରଖିବ କରି ଧାଡ଼ି ଧାଡ଼ି
ଗାତଗର୍ଭେ ପଟୋଳ ବନ୍ଧନ ଦ୍ୱିଖଣ୍ଡ
ଦେବ ଗାଡ଼ି ହେ ॥
ପରିପକ୍ୱ ଲତାର ଗଣ୍ଠି ଭାଗ ଚାହିଁ
ଖଣ୍ଡ ଖଣ୍ଡ ବନ୍ଧନ ଆଣିବଟି ତାହିଁ
ଚାରି ଚାରି ଆଙ୍ଗୁଳେ ହେବ ଏକ ଖଣ୍ଡ
ତାକୁ ଆଣି ରୋପିବ ସେ ଗଛ କଦାପି
ନୁହେ ପଣ୍ଡ ହେ ॥
ଫଳବନ୍ତ ଲତାରୁ ମିଳେ ବହୁ ଫଳ
ଅଫଳନ୍ତା ଅଳ୍ପ ରଖିଥିବା ଭଲ
ଦୁହେଁ ବହି ରହିବେ ସ୍ତ୍ରୀ-ପୁରୁଷ ଭାବ
ଏକା ସ୍ତ୍ରୀ ଲତିକା ରହିଲେ ନ ହୁଏ
ଭଲ ଲାଭ ହେ ॥
ରୋପି ଗାତ ଭିତରେ କୁଟା ଦେବ ଭରି
ତହିଁ ଗାତ ଉଷ୍ମ ରହିବ ଯେପରି
ସିଞ୍ଚିଦେଲେ ସଳିଳ ଦ୍ୱିଦିନ ଉତ୍ତାରେ
ଉଠିଯିବ ଅଙ୍କୁର ନିଶ୍ଚୟ ଭିତରେ
ସେ ଲତାରେ ହେ ॥
ମାର୍ଗଶିରେ ଦେଖିବ କ୍ଷେତ୍ର ଲତାମୟ
ପୂରିଯିବ ଆନନ୍ଦେ କୃଷକ ହୃଦୟ
ସେତେବେଳେ ଭୂମିକି କୋଦାଳରେ ଖୋଳି
ଧାଡ଼ି ଧାଡ଼ି ଚାରିଖଣ୍ଡେ ହୁଡ଼ା ଦେବ ତୋଳି
ତାହାପରେ ଫଗୁଣେ ଜଳ ଦେଲେ ଥରେ
ଫଳ ଦେବେ ସେ ଲତାସକଳ ପାଇବ
ଚଇତରେ ହେ ॥
ନ ଲୋଡ଼ଇ ପଟୋଳ ଅତିଶୟ ଜଳ
ଯଦି ହେବ ନାହିଁ ତା ଜୀବନ ବିକଳ
ଫଳ ଦେବ ପ୍ରତ୍ୟହ ପୂର୍ଣ୍ଣ ସାତ ମାସ
ନେଇପାରେ ସ୍ୱଚ୍ଛନ୍ଦେ ଚଳାଇ କୃଷକ
ଗ୍ରାସ ବାସ ହେ ॥
ଆଶ୍ୱିନରେ ଯଦ୍ୟପି ଚଷି କେତେ ଥର
ତୃଣ ଗୁଳ୍ମସକଳ କରିବ ଅନ୍ତର
ପୂର୍ବପରି ତାହାର ବାନ୍ଧିଦେବ ହୁଡ଼ା
ପୁଣି ଦେବ ଅଙ୍କୁର ମୂଳ ନୋହି ବୁଡ଼ା
ବୃଦ୍ଧି ଲଭି କ୍ରମଶଃ ବିକଶିତ ବଲ୍ଲୀ
ଫଳ ଦେବ ପ୍ରଚୁର ପଟୋଳ ପ୍ରଥମ
ବର୍ଷ ଭଳି ହେ ॥
ପଟୁ ଯଦି ନ ପଡ଼େ ଦ୍ୱିତୀୟ ବରଷ
ପଟୋଳକୁ ସେ ଭୂମି ନ ହୁଏ ସରସ
ତହିଁ ପାଇଁ ତହିଁରେ ବୁଣିଦେଲେ ଖାର
ବଢ଼ି ଲତା ପଟୋଳ ସୁଫଳ ଫଳଇ
ଭାର ଭାର ହେ ॥

# କଦଳୀ

ଲମ୍ବ ପ୍ରସ୍ଥ ଗଭୀର ଦୁଇ ଦୁଇ ହାତ
କୁଟା ଦେବ ଜଳାଇ ଆଗେ ଖୋଳି ଗାତ
ଆଠ ହାତ ଅନ୍ତରେ ରୋପିଲେ କଦଳୀ
ଗଛ ବଢ଼ି ସତ୍ୱର ବେଗେ ଥାଏ ଫୁଲି

କଲେ ଜ୍ୟେଷ୍ଠ ଶେଷେ ବା ଆଷାଢ଼େ ରୋପଣ
ପଦ୍ୱ ମେଲି ଉଠଇ ଲଭି ବରଷଣ
ପୁଣି ତାହା ମୂଳରୁ ଗଜାମାନ ଉଠି
କେଣ୍ଡା କେଣ୍ଡା ସୁଫଳ ଦେବାରେ କରନ୍ତି
ନାହିଁ ତ୍ରୁଟି ହେ ॥
ଅଦା ଅବା ହଳଦୀ ଗଛଗୁଡ଼ା ତଳେ
ଲଗାଇଲେ ଫସଲ ହୋଇଥାଏ ଭଲେ
ଏକ ଖେତେ-ହଳଦୀ ଅଦା ଆତ୍ର ରମ୍ଭା
ସାନ ବଡ଼ ମିଶ୍ରଣେ କରଥିବେ ସଭ୍ଭ
ନ କରିବ କାହାର କେହ୍ନ ଅପକାର
ବାଣ୍ଟି ଖାଉଥିବେ ସେ ସକଳ ପାଇବେ
ଯେତେ ବାର ହେ ॥
ଯେତେ ଗଛେ ପାରିବ ସଲିଲ ଯୋଗାଇ
ତେତେ ଗଛ କଦଳୀ ଦେବଟି ଲଗାଇ
କଦଳୀର ନିକଟେ ଯୂଈ ଜାଈ ମଲ୍ଲୀ
ଆଉ କିଛି ସୁରଭି କୁସୁମର ବଲ୍ଲୀ
ରୋପିଦେଲେ ଏକେ ତ ପାଇବ ସୁବାସ
ଫୁଲ ମୂଲ୍ୟ ଲାଭରେ ନ ହେବ ନିରାଶ
ଫୁଲ ଗଛ ଯଦ୍ୟପି ଥରେ ଥିବ ଲାଗି
ବହୁଦିନ ଥାଇ ସେ କରିବ ତୁମ୍ଭଙ୍କୁ
ସଉଭାଗୀ ହେ ॥

## ଲତା ଫଳ

ଜହ୍ନି ଫୁଟିକାକୁଡ଼ି କଲରା କାଙ୍କଡ଼
ବୈଶାଖରେ ବୁଣିଲେ ଲତା ହୋଇ ବଡ଼
ଆଗ ହୋଇ ପ୍ରସବଥାନ୍ତି ବହୁ ଫଳ
ଖରାଯାଏ ଯତନେ ଯୋଗାଇପାରିବ
ଯଦି ଜଳ ହେ ॥
ଲତା ଲେଉଡ଼େ ଆଶ୍ରୟ କବିତା ପରାଏ
ଯାହା ପାଏ ନିକଟେ ତାକୁ ଧରିଥାଏ
ଲତା ବଢ଼ି ଉଠିବ ଧରି ଯା'ର ଅଙ୍ଗ
ପୋତିଥିବ ନିକଟେ ଯେମନ୍ତେ ପାଇବ
ତାର ସଙ୍ଗ ହେ ॥
ଲାଉ ପାଣିକଖାରୁ କଖାରୁ ଏମାନ
ବଡ଼ ଫଳ ଧରନ୍ତି ବ୍ୟାପି ବହୁ ସ୍ଥାନ
ଗୃହ ଛାଦ ପାଇଲେ ନ ପାରନ୍ତି ଛାଡ଼
ପାଇଗଲେ ପ୍ରଶସ୍ତ ମଣ୍ଡୁଆ ପ୍ରସର
ଯାନ୍ତି ମାଡ଼ ହେ ॥

## ଧନିଆ ଆଦି

ଜିରା ଆଉ ଧନିଆ କର କି ନା ଚାଷ
ତହିଁ କିଛି ଅଧିକ ନ ଲାଗେ ଆୟାସ
କରିଥିବ ତାହାଙ୍କ ପଡ଼ୋଶୀ ଜୁଆଣି
ବୁଣିଦେଲେ ଅଧିକ ନ ମାଗନ୍ତି ପାଣି
ଆଗ ଯୁଗ ସରସ କରିବେ ବ୍ୟଞ୍ଜନ
କରିଦେବ ଶେଷଟି ଅଜୀର୍ଣ୍ଣ ବିକାର
ବିଭଞ୍ଜନ ହେ ॥

# ମୁଗ

ଭାଦ୍ର ଆଦ୍ୟେ ଆଣ୍ଟକୁ ଚଷିଦେବ ଥରେ
ମରିଯିବ ଯେ ଗଛ ଥିବ ସେ ଆଣ୍ଟରେ
ଭାଦ୍ର ପ୍ରାନ୍ତେ ପୁନଶ୍ଚ ତିନ ଚାରି କାସ
ଚଷି ମୁଗ ବୁଣିଲେ କୃଷକ ସୁଫଳେ
ଥିବ ଆଶ ହେ ॥
ଢାଙ୍କିଦେବ ବହନ ଚଷି ପୁଣି ଥରେ
ଚଳାଇବ କପର ତହିଁର ଉପରେ
ସାତ ଆଠ ହାତରେ ଲଙ୍ଗଳର ଗାର
ଦେବ ତହିଁ ତଳକୁ ନିଃସରି ପଡ଼ିବ
ବୃଷ୍ଟିଧାର ହେ ॥
ବୁଣାବେଳେ ମୃତ୍ତିକା ଥିବ ଜଳହୀନ
ନ ବର୍ଷିବ ତା ପରେ ତିନ ଚାରି ଦିନ
ଗଛ ହେବ ଚାରି ଛ' ଆଙ୍ଗୁଳ ଅନ୍ତରେ
ନିଶ୍ଚେ ମୁଗ ପୁଞ୍ଜୁଗ ବାନ୍ଧିବ କୃଷକ
ସେ ବର୍ଷରେ ହେ ॥
ଆଠ ଦଶ ଦିବସ ଅନ୍ତରେ ବରଷା
ହେଉଥିଲେ ମୁଗରେ ରଖିବ ଭରସା
ଅତି ବରଷଣ କି ଅତି ବରଧନ
ହେଲେ ଗଛ କରଇ ଫଳର ଆଶାକୁ
ମରଦନ ହେ ॥
ଦୁଇ ତିନ ବରଷା ଉତ୍ତରେ କାକର
ଖାଇ ଗଛ ହୁଅଇ ଫଳର ଆକର
ଫଳସବୁ ଶୁଖିଲେ ଗଛକୁ କଟାଇ
ଶୁଖାଇଣ ଖରାରେ ଖଳାରେ ମଡ଼ାଇ
ଦେଲେ ଡାଳ ପତର ଭାଙ୍ଗିବ ସକଳ
ସବୁ କାଳେ ଅନ୍ତର ତଳରେ ରହିବ
ମାତ୍ର ଫଳ ହେ ॥

# ବ୍ରୀହି ଆଦି

ମୁଗବୁଣା ନିୟମେ କହୁ ଦିନ ଅଗ
କହିଥାନ୍ତି କୃଷକେ ବ୍ରୀହି ବୁଣା ପାଗ
ବ୍ରୀହି ସଙ୍ଗେ କୋଳଥ ବୁଣିଥିବ ଗଣି
ଦେଖିଥିବ ଯେମନ୍ତେ ବରଷା ପାରିବ
ନାହିଁ ଗ୍ରାସି ହେ ॥
ମୁଗ ସମେ ସୋରିଷ ଚଷା ଭାଇ ବୁଣ
ଫୁଲେ ନେତ୍ର ତୋଷିବ ଫଳ ବହୁ ଗୁଣ
କଡ଼ା ବୋଲେ ସୋରିଷ ସଙ୍ଗେ ଜନମିବ
ବଡ଼ ହୋଇ ଫଳିବ ତାଠାରୁ ହୋଇଣ
ଦୀର୍ଘଜୀବୀ ହେ ॥

# ଗହମ

ବର୍ଷା ଶେଷେ କରିବ ଗହମର ଚାଷ
କୂପଜଳ ଉପରେ ତା' ଜୀବନ ଆଶ
ଫଳଥାଏ ଗହମ ଧାନଠାରୁ ବଳ
ହେଲେ ଧାନ ମରୁଡ଼ି ଗହମ ଖାଦ୍ୟରେ
ଯିବ ଚଳ ହେ ॥

ବାଲିମିଶା ଭୂମିକୁ ଚଷି ବାରମ୍ବାର
ବାଟ ଥିବ ଲାଗିବା ପାଇଁ ଜଳଧାର
ଦିନ ଦଶ ପନ୍ଦରେ ଦେଉଥିଲେ ଜଳ
ତିନି ଚାରି ମାସରେ ଗହମ ପ୍ରଚୁର
ଦେବ ଫଳ ହେ ॥
ଭଲ ଖାଦ୍ୟ ହୁଅଇ ଗହମ ଅଟାରେ
ଗୁଣ୍ଡଲର ଚୂନାକୁ ବଟଲେ ସେ ମିଠାରେ
ରୁଟି କରି ଖାଇଲେ କା ଧର୍ମ ଗରବ
ଦୁର୍ଭିକ୍ଷର କବଳୁ ନିଶ୍ଚୟ ତରିବ
ପୁରି ଲୁଚି ହାଲୁଆ ମୋହନଭୋଗରେ
ବାବୁମାନେ ଚଳିବେ ନବାତ ଘିଅର
ସଂଯୋଗରେ ହେ ॥

## ସାରୁ ଆଦା

ସାରୁ ଅଦା ହଳଦୀ ପାଳୁଅ ବହନ
ଭୂମି ଚଷି ଆଷାଢ଼େ ରୋପିବ ବହନ
ଅନୁମାନ ରଖିବ ତାହାଙ୍କ ଅନ୍ତର
ଘଞ୍ଚ ଯେହ୍ନେ ନ ହେବ କନ୍ଦା କ ପତର
ଗଛମାନ ଯେମନ୍ତ ହେବ ଧାଡ଼ି ଧାଡ଼ି
ଜଳ ମଧ୍ୟ ମୂଳରେ ନ ବସିବ ମାଡ଼ି
ମାଟି ଖୋଳି ଚଢ଼ାଇ ଦେଇଥିବ ମୂଳେ
ଘାସ କାଡ଼ି ଫୋପାଡ଼ି ଦେଉଥିବ ଦୂରେ
ତିନି ମାସ ଉତ୍ତାରେ ପାଚିଲେ ପତର
ଖୋଳିନେଲେ କୃଷକ ତା ମଳ ପାଇବ
ବହୁତର ହେ ॥
ବରଗୁଲି ଝୁନୁଙ୍ଗା ବରଷାର ଆଦ୍ୟ
ଜନ୍ମ ଲଭି ଫଳଇ ବର୍ଷା ଶେଷ ପାଦେ
ମଧ୍ୟେ ତାକୁ ବହୁଡ଼ି ଘାସ କଲେ ଦୂର
ଲମ୍ବି ଶାଖା ପ୍ରଶାଖା ଫଳଇ ପ୍ରଚୁର
ସାନ ବଡ଼ ହୋଇ ସେ ଦୁହେଁ ଦୁଇ ଜାତି
କିନ୍ତୁ ସମ ସମୟେ ସମାନ ମାଟିରେ
ହୋଇଥାନ୍ତି ହେ ॥
ଶ୍ରାବଣରେ ଗୁଆର-ଶିମ୍ବ ଥିଲେ ଲାଗି
ରସନାରେ କୁମାର ତୃପ୍ତିମାକୁ ଲାଗି
କରିଥାଏ ମୁଖର ତୋଷ ସମ୍ପାଦନ
ହରିଥାଏ ଉଦରଜ୍ୱାଳା ହିଁ ସଙ୍ଗରେ
ଦେଇ ଅନ୍ନ ହେ ॥

## କାଉଁରିଆ

କାଉଁରିଆ କୃଷରେ ଅଛି ବହୁ ଲାଭ
ପଟ ତାର ଘୁଞ୍ଚାଏ ଅନେକ ଅଭାବ
ଉଚ୍ଚ ଆଉ ପଥରମୟ ଯେଉଁ ସ୍ଥାନ
ଭଲରୂପେ ବଢ଼ଇ ତାହା ଗଛମାନ
ଏକ ଏକ ଏକରେ ବାର ତେର ସେର
ମଞ୍ଜି ଦେଲେ ପ୍ରଫୁଲ୍ଲେ ବଢ଼ଇ ପ୍ରସାର
ତଳେ ତେର ହେ ॥
ବଇଶାଖ ଜ୍ୟେଷ୍ଠରେ ଭୂମି ଚଷି ଭଲ
ମଞ୍ଜି ବୁଣି ତହିଁରେ ଦେଉଥିବ ଜଳ

ବରଷାର କାଳକୁ ଅର୍ଦ୍ଧ ହସ୍ତ ସମ
ଗଛ ଥିଲେ ବୃଷ୍ଟିରେ ବଢ଼ଇ ଉତ୍ତମ
ଯେତେବେଳେ ସୁନ୍ଦର ଦିଶିବ ସେ ଫୁଲେ
ଜଳେ ଦେବ ବୁଡ଼ାଇ କାଟିଣ ଗଛର
ଚୂଳେ ମୂଳେ ହେ ॥

ସାତ ଆଠ ଦିବସେ ସଡ଼ିଗଲେ ଜଳେ
ପଟମାନ କାଢ଼ିବ ଧରିଆଣି ସ୍ଥଳେ
ଗୋଛ ଗୋଛ କରି ତା ଜଳେ ଧୋଇ ଧୋଇ
ଶୁଖାଇବ ତପନ-କିରଣରେ ଥୋଇ
ଶୁଖି ହେବ କୋମଳ ଉଜ୍ଜ୍ୱଳ ଧବଳ
ସିକା, ଜୋତା, ଦଉଡ଼ି, ବୁଜୁଆ ଯା' କର
ହେବ ଭଲ ହେ ॥

ବିଡ଼ା ବିଡ଼ା ବାନ୍ଧି ଯା କରିବ ବିକ୍ରୟ
ମୂଲ୍ୟ ତାର ବହୁତ ମିଳିବ ନିଶ୍ଚୟ
ପଟ ବିକ ସମୟେ ପିନ୍ଧିପାର ପାଟ
ପାଟ ହେଲେ ମନରେ ବଢ଼ଇ ଉଚାଟ
ଚଷା ଭାଇ ପାଟକୁ ନ କରିବ ମନ
କପା ଧୋତି, ବିରଞ୍ଚି, କିଣିବ ସ୍ୱଦେଶୀ
ସୁବସନ ହେ ॥

କିଛି ଗଛ ତହିଁରୁ ରଖିବ ବିହନ
ଫୁଲ ବେଳେ ତାକୁ ନ କାଟିବ ବହନ
ଫଳ ହୋଇ ସକଳ ଯିବ ଯେବେ ପାଚି
ମୂଳ କାଟି ରଖିବ ମଞ୍ଜି ବାଛି ବାଛି
ମୂଳ କାଟି ପଟକୁ କରିବ ଅନ୍ତର
ସଢ଼ାଇଣ ତା ଗଛ ଦିବସ ପନ୍ଦର
କି ସତର ହେ ॥

## ଛଣ

ଛଣ ଦିଏ ଯେପରି ସରୁ ସରୁ ପଟ
ଗୃହେ ମଧ୍ୟ ତାହାର ବେଶି ନାହିଁ କଷ୍ଟ
କାଉଁରିଆ ଅପେକ୍ଷା ବେଶି ତାର ମୂଲ୍ୟ
କୁସଂସ୍କାର ତାହାର ଅଛି ପ୍ରତିକୂଳ
ନ କରନ୍ତି ସେ କୃଷି ଲୋକେ ମିଛ ମଣି
ଯେ କରନ୍ତି ସହଜେ ସୁନ୍ଦର ଆଣୁଛି
ଟଙ୍କା ଗଣି ହେ ॥

## କପା

ସବୁ କୃଷି ସମାନ ଏକା କପା କୃଷି
କପା ବିନା ଲୋକଙ୍କୁ ନ ମିଳଇ ବାସ
ଖାଦ୍ୟ ବିନା ମାନବ ଦୁଇ ଚାରି ଦିନ
ବଞ୍ଚିପାରେ, ନ ପାରେ ମୁହୂର୍ତ୍ତେ ହୋଇ ସେ
ବାସହୀନ ହେ ॥

ଭାରତକୁ କାର୍ପାସ ପଳାଇଛି ଛାଡ଼ି
ନ ପାରିଲୁ ଦେଇ ସେ ବିଦେଶକୁ ଧାଡ଼ି
କପାକୃଷି ସ୍ୱଦେଶେ ନ ପାରିଲେ କରି
ଭବି ଦେଖ ଭାଇ ହେ ସମୟେ ହେବ ତ
ପଶୁ ସରି ହେ ॥

ହୁଏ ଯଦି "ଈଶ୍ୱର ନ କରନ୍ତୁ ତାହା"
ଜର୍ମାନୀର ଉତ୍ପାତେ ଘଟିଅଛି ଯାହା
ତହୁଁ ବଳି ଆସିବ ଭୀଷଣ ବିପଦ
ବିଦେଶର ଜାହାଜ ହୋଇଯିବ ବନ୍ଦ

ମିଳିବ କି ଭାରତନିବାସୀଙ୍କ ବାସ
କେତେ ଦିନ ବଞ୍ଚିବ ଅନ୍ଧାର କୋଣରେ
କରି ବାସ ହେ ॥
ପିନ୍ଧି କହେ ପାଳିବ ପଶୁଙ୍କ ଚରମ
ଅବା ନେବ କି କୁମ୍ଭ-ପଟିଆ ଧରମ
ବସିଥିଲେ କି ହେବ ଠେଙ୍ଗାମୁଣା ଧରି
ଅବା ନୋଟ କାଗଜ ବେଗମାନ ଭରି
କରି ଯଦି ନ ପାରି କପା ଉପାର୍ଜନ
କରିଥାଅ ଆଗହୁଁ ସଭ୍ୟତା ଭବ୍ୟତା
ବିସର୍ଜନ ହେ ॥
ବସିଥିଲେ ବାବୁଏ ମଉଜେ ଆରାମେ
କପା ଦେଖା ନ ଦେବ କୃଷକଙ୍କ ଗ୍ରାମେ
ଦେଶୀ କପା କୃଷିରେ ବେଶୀ ନାହିଁ ଲାଭ
ତହିଁ ପୁଣି ତା ଭଲ ଭୂମିର ଅଭାବ
ବିଦେଶୀୟ କପାରେ ସରଜି ସଙ୍କର
ଭଲ ଭଲ କପାର ଉନ୍ନତି ସାଧନ
ବେଗେ କର ହେ ॥
ଦେଶୀ କପା ମଧ୍ୟରେ ସବୁଠାରୁ ଭଲ
ଦେବ କପା ସ୍ୱନାମ କରିଛି ସଫଳ
ତା ତୂଳାର ସୂତା ହିଁ କୋମଳ ସରସ
ଗଛ ବଞ୍ଚେ ଦଶରୁ ପନ୍ଦର ବରଷ
ତାକୁ ଯଦି ଲଗାଇ ଦେଇପାର ଥରେ
ଯତନରେ ରଖିଲେ ସୁଫଳ ଲଭିବ
ନିଶ୍ଚିନ୍ତରେ ହେ ॥
ଚୈତ୍ର ମାସ ଆଗରୁ ଭୂମି ବାରମ୍ବାର
ଚଷିଥିଲେ ମାଟି ହିଁ ହୋଇଥାଏ ସାର
ଖତ ଯଦି ଦେବ ସେ ଲୋଡ଼ିଥାଏ ଖା'ର
ସଢ଼ା ଘାସେ ବଳ ତ ବଢ଼ିଥାଏ ତାର
ଫହ୍ଲା ଥିବ ଲଗାଇ ବଇଶାଖ ମାସେ
ଚାରି ଚାରି ହାତରେ ରୋପିବ ବରଷା
କାଳ ପାଶେ ହେ ॥
ଚୂନ ହାଡ଼ଗୁଣ୍ଡ କି ହାଡ଼ର ଭସମ
ଖତ ହୁଏ କପାର ନିମନ୍ତେ ଉତ୍ତମ
ଯେ ଭୂମିରେ ଅଧିକ ଭାଗ ଥାଏ ଚନ
ହୋଇଯାଏ ଅଧିକ ସରସ ସେ ଖେତେ
ଦେଲେ ଲୁଣ ହେ ॥
କରି ଯଦି ଅନୁଚ ସାନ କପା ଚାଷ
ଚଷିଥିବ ଭୂମିକି ତିନି ଚାରି କାସ
ବୁଣିଦେବ ମଞ୍ଜି କି ଦେଢ଼ ଦେଢ଼ ହାତେ
ଧାଡ଼ି ଧାଡ଼ି ସଳଖେ ତିନି ଇଞ୍ଚ ଗାତେ
ଜ୍ୟେଷ୍ଠମାସ ଶେଷରେ ବରଷାର ଆଗେ
ଜଳ ରହି ନ ଦେବ କାର୍ପାସ ଖେତରେ
ଗଛଲାଗେ ହେ ॥
ଖାଲି ରଖି ନ ଦେବ ଦେବ କପାତଳ
ମୁଗଫଳୀ ତହିଁରେ ହୋଇଥାଏ ଭଲ
ଭୂମି ହୁଏ ସରସ ମରି ସଢ଼େ ଘାସ
ଲାଭ ଦେବ ଗୋଟିଏ ଖେତେ ଦୁଇ ଚାଷ
ଆଦ୍ୟ ଦୁଇ ବରଷ ହୋଇଗଲେ ଗତ
ବୃକ୍ଷମୂଳରେ ଲଗିବ ପିଡ଼ିଆ ଗୋବର
ସଢ଼ା ଖତ ହେ ॥
ସବୁଠାରୁ ସି ଆଇଲାଣ୍ଡ କପା ଭଲ
କର ତାକୁ ସ୍ୱଦେଶୀ ରଚି କଉଶଳ
ଦେବ କପା ସଙ୍ଗରେ ପାରିଲେ ମିଶାଇ
ଦୁହେଁ ଦେବେ ସୁଫଳ ସ୍ୱକୀୟ ସୁଗୁଣ
ଅନୁଯାୟୀ ହେ ॥
ଯେତେବେଳେ ଗଛରେ ଉପୁଜିବ ଫୁଲ
କାଟିଦେବ ତାହାର ପୁଂକେଶରମୂଳ
ହେଲେ ଅନ୍ୟ ଗଛରେ ପୁଷ୍ପ ବିକଶିତ
ପୁଂକେଶର ପରାଗ ମହୁରେ ମିଶ୍ରିତ
କରିଦେବ ଅନ୍ୟର ଗରଭକେଶରେ
କରିଥିବ ବିନାଶ ଯାହାର ଫଳକୁ
ପ୍ରଥମରେ ହେ ॥
ଏହି ସୂତ୍ରେ ଯେବେ ସେ ପରସ୍ପର ଗୁଣ
ଭଲ ଫଳ ପ୍ରଦାନେ ହୁଅନ୍ତି ନିପୁଣ
ଚାରି ପାଞ୍ଚ ବରଷ ବାଛି ତାର ମଞ୍ଜି
ଚାଷ କଲେ ନିକୃଷ୍ଟ କପାରେ ନ ହେବ
ଆଉ ଗଞ୍ଜି ହେ ॥

# ପାନ

ପୂରିଲାଣି ଏ ଦେଶ ପର୍ଣ୍ଣସେବୀ ଲୋକେ
ଶୁଭ୍ର ଦନ୍ତ କେବଳ ରହିଛନ୍ତି ଥୋକେ
ଚଷାଘରୁ ଆରମ୍ଭି ରାଜଦରବାର
ସବୁଠାରେ ରହିଛି ପର୍ଣ୍ଣ ଅଧିକାର
ଗେଙ୍ଗୁଟିର ପାଉଁଶ ସୁବର୍ଣ୍ଣର ଚୂର୍ଣ୍ଣ
କରୁଛନ୍ତି ସାଦରେ ପର୍ଣ୍ଣର ପବତ
ତନୁ ପୂର୍ଣ୍ଣ ହେ ॥

ରମ୍ଭାପତ୍ର ଆରମ୍ଭି ସୁବର୍ଣ୍ଣ ବାସନ
ନାନାକାରେ ହୁଅନ୍ତି ପର୍ଣ୍ଣର ଆସନ
ପାନ ଧରି ହାଟକୁ ଚାଲଇ ହାଟୁଆ
କେହି ଯାକେ କାଖରେ ପାନର ବଟୁଆ
ବାବୁମାନେ ଚାଲନ୍ତି ପାନ ଧରି ଯେବେ
ଗଲେ ବନ୍ଧୁଘରକୁ ବାନ୍ଧବ ସମ୍ମାନେ
ପାନ ଦେବେ ହେ ॥

ପାନ ପ୍ରତି ରହିଛି ସମସ୍ତଙ୍କ ଆଶ
କରୁଛନ୍ତି ଅଳପ ଲୋକ ତାର ଚାଷ
କର ଭାଇ ସଭିଏ ପାନର ବରଜ
ଟଙ୍କା ତହିଁ ହଜାର ହଜାର ଅରଜ
କର ଯଦି ବରଜ ଭୂମି ଏକ ମାଣେ
ଲାଭ ହେବ ବର୍ଷକେ ହଜାରୁ ଅଧିକ
ପରିମାଣେ ହେ ॥

ଥରେ ଯଦି କରିବ ପାନର ବରଜ
ବିଂଶ ବର୍ଷ ନ ହେବ ଲତାର ହରଜ
ମଧ୍ୟେ ମଧ୍ୟେ ବରଜ କରି ମରାମତ
ବରଷକୁ ବରଷ ଦେଉଥିବ ଖତ
ସୁକୁମାରୀ ବଲ୍ଲରୀ ସହେ ନାହିଁ ଖରା
ଛାଇଥିବ ବରଜ ପାତଳେ ହସିବ
ଯେହ୍ନେ ତରା ହେ ॥

ମାଟି ଥିବ ଦୋମିଶା ବରଣ କାଳିଆ
ଅବା ବାଲି ମିଶ୍ରିତ ସରସ ନାଳିଆ
ଜମି ରହୁ ନ ଥିବ ବରଷାର ଜଳ
ଗ୍ରୀଷମରେ ସଜଳ କରୁଥିବ ତଳ
ତହିଁ ପାଇଁ ନିକଟେ ଥିବ ଜଳାଧାର
ନାଗବଲ୍ଲୀ ସଲିଳବିହୀନେ ନ ସହେ
କାରାଗାର ହେ ॥

ଘାସ ଗୁଳ୍ମ ଭୂମିରୁ ଉପାଡ଼ି ସକଳ
ଦହିଦେବ ଶୁଖିଲେ ଲଗାଇ ଅନଳ
ଖୋଳିଦେଲେ ଭୂମିକି ଢେଲା ହେବ ରୁଣ୍ଡ
ଭାଙ୍ଗି ଭାଙ୍ଗି ଢେଲାକୁ କରିଦେବ ଗୁଣ୍ଡ
ଏ ମୁଣ୍ଡରୁ ସେ ମୁଣ୍ଡ ହେବ ସମତଳ
ବହିଯିବ ଯେମନ୍ତେ ତହିଁରେ ଲଗାଇ
ଦେଲେ ଜଳ ହେ ॥

ସାତ ହସ୍ତ ବାଉଁଶ ଛଅ ଛଅ ହାତ
ପୋତି ଠିଆ କରିବ ଦୁଇ ହାତ ଗାତେ
ତଉଦଗେ ଉପରେ ଦେବ ଖଡ଼ ଛାଟି
ଅବା ଦେବ ସଜାଇ ଧଣ୍ଡିଚାର କାଠି
ଚିରି ଚିରି ବାଉଁଶ କରି ଖାଡ଼ ଖାଡ଼
ଗାଡ଼ିଦେବ ହାତକେ ହାତକ ବିହସ୍ତେ
ଧାଡ଼ ଧାଡ଼ ହେ ॥

ପାଞ୍ଚ ପାଞ୍ଚ ଗଣ୍ଠିରେ ପାନ ଲତା କାଟି
ତିନ ତିନ ଗଣ୍ଠିରେ ଢାଙ୍କିଦେବ ମାଟି
ଢାଙ୍କିଦେବ ତାହାକୁ ଖଜୁରି ପତରେ
ଶୁଷ୍କ ଥିଲେ ସଲିଲ ସିଞ୍ଚିଦେବ ଥରେ
ଲତାମାନ କ୍ରମଶଃ ହେଲେ ଅଙ୍କୁରିତ
ଢାଙ୍କିଥିବା ଖଜୁରି ପତର କରିବ
ଅନ୍ତରିତ ହେ ॥

କ୍ରମେ କ୍ରମେ ଅଙ୍କୁର ଯାଉଥିବ ବଢ଼ି
ବାଉଁଶର ଖାଡ଼ିକି ଯାଉଥିବ ଚଢ଼ି
ଖଣ୍ଡ ଖଣ୍ଡ ଫାସି ତୃଣେ ହୋଇ ବନ୍ଦୀ
ଉଠୁଥିବ ଊର୍ଦ୍ଧ୍ୱକୁ ଖାଡ଼ ଖାଡ଼ ଛନ୍ଦି

ଯେତେବେଳେ ଛୁଇଁବ ଉପର ଗୁଡ଼ଣି
ଦେବ ତାକୁ ନୁଆଇଁ ତଳକୁ ଛୁଇଁବା-
ଯାଏ ପୁଣି ହେ ॥
ତଳ ଛୁଇଁ ପୁନଶ୍ଚ ଉଠିବ ସେ ଚୂଳେ
ମାଟି ମଦା ଚଢ଼ାଇ ଦେବ ଅନ୍ୟ ମୂଳେ
ପାଚଗଲେ ସେ ଅନ୍ୟ ମୂଳର ପତର
ଛିନ୍ନ ଅବା ଗୃହେଟି କରିବ ଅନ୍ତର
ବାରମ୍ବାର ହୁଏ ତା ଉତ୍ଥାନ ପତନ
ଶାଖାମାନ ବହନ ହୁଅନ୍ତି କରିଲେ
କରତନ ହେ ॥
ପୁଷ୍କରଣୀ ଯେ କାଳେ ଯାଇଥାଏ ଫାଟି
ଆଣିଥିବ ତହିଁରୁ ଶୁଖା ପଙ୍କ ମାଟି
ଇଟା ଆଉ ଗେଙ୍ଗୁଟି କରିଥିବ ଗୁଣ୍ଡ
ସୋରଷର ପିଡ଼ିଆ ତହିଁ କରି ରୁଣ୍ଡ
ତଳେ ପଡ଼ି ଉଠିବା ସମୟରେ ଲତା
ସେହି ଖତ ପାଇଲେ ବଢ଼ଇ ସମ୍ବାଦ
କୁଶଳତା ହେ ॥
ଯେତେବେଳେ ଖରାରେ ଶୁଖିଯିବ ତଳ
ମୂଳେ ମୂଳେ ଢାଳିବ କଳସୀରେ ଜଳ
ମୂଳ ଉଚ୍ଚ ଅଙ୍ଗରେ ପାଉଥିବ ପାଣି
ତଳେ ଜଳ ମଡ଼ାଇ ଦେଲେ ବି ନ ହୁଏ
କିଛି ହାନି ହେ ॥
ଧସା ରୋଗ ଅଥବା ପୋକ ହେଲେ ପାନେ
ଘସି ଧୂଆଁ ପାଇଲେ ପଳାନ୍ତି ସେମାନେ
ଘସି ନିଆଁ ଉପରେ ପାଉଁରେ ଗନ୍ଧକ
ଦେଲେ ହୁଏ ରୋଗର ସେ ପ୍ରତିବନ୍ଧକ
କାର୍ତ୍ତିକରେ ଲଗାନ୍ତି ପାନର କଲମ
ପାର ଯଦି ଶ୍ରାବଣେ ଲଗାଇ ତହିଁରୁ
ସେ ଉତ୍ତମ ହେ ॥
ଦେଖ ଏକ ଏକର ଖେତେ ପାନ ଗଛେ
ଅର୍ଦ୍ଧ କୋଟି ପତର ହେବ ବାର ମାସେ
ହଜାରକୁ ଯଦ୍ୟପି ହେବ ପାଞ୍ଚ ଅଣା
ଏକ ଲକ୍ଷେ ଅନ୍ତତଃ ତ୍ରିଂଶ ଟଙ୍କା ଗଣା
ଛକିପାର ପଞ୍ଚାଶ ଲକ୍ଷ ଯେବେ ପାନ
ଠନ୍ ଠନ୍ ହଜାରେ ପାଞ୍ଚଶ' ଟଙ୍କାଟି
ଗଣି ଆଣ ହେ ॥
ଘର ଶତ ଖରଚ ଟଙ୍କା ଯେବେ ଧର !
ତେବେ ଲାଭ ତୁମ୍ଭର ହଜାରୁ ଉପର
ଭଲ ପଣ ଅଧିକ ମୂଲ୍ୟ ନାଗବଲ୍ଲୀ
ହେଲେ ଲାଭ ତହିଁରୁ ନ ଯିବ କି ବଳି
ସ୍ଥାନ କାଳ ବିଚାରି କଲେ ପରିଶ୍ରମ
ପୋଷି ପାଞ୍ଚ ନିଜର କୁଟୁମ୍ବ ପୋଷଣେ
ହେବ କ୍ଷମ ହେ ॥
ଅତି ଖରା "କରା"ରେ ନାଶ ହୁଏ ପାନ
ହୋଇପାର ଖରାର ପାଇଁ ସାବଧାନ
ଉପାୟକୁ ତୁମ୍ଭର "କରା" ଗଲେ ବଳି
ନ ଭାଳିବ ଦାଇବ ସର୍ବଦ ସର୍ବଦା
ଅତି ବଳୀ ହେ ॥
ପାନ ହେଲେ ଅଳପ ବଢ଼ଇ ତା ମୂଲ୍ୟ
ଲାଭ ହୁଏ ଦଇବ ହୋଇ ପ୍ରତିକୂଳ
ଶୁଭମୟ ବିଧିର କର୍ମ ସମୁଦାୟ
ଗାଳିଦିଏ ମାନବ ନ ବୁଝି ବିଧିର
ଅଭିପ୍ରାୟ ହେ ॥
ମୂଳା ଭଳି ଅନେକ କୃଷି ଅଛି ରହି
ଗୋଟି ଗୋଟି କରି ତା କେତେ ହେବ କହି
ଫଳ ମୂଳ ସକଳ ଅବନୀରୁ ଜାତ
ହେବ ମାତ୍ର ଲୋଡ଼ିଲେ କୃଷିବିଧି ଜ୍ଞାତ
କଲେ ତାହା ଯତନେ ହେବ ଉପାର୍ଜନ
ନ ପଚାର ନ କରି ରହିବା ଲୋକଟି
ଅଭାଜନ ହେ ॥
କରିଥିବ କୃଷକ ଗୋଟିଏ ଉଦ୍ୟାନ
ରୋପିଥିବ ବିବିଧ ଫଳବୃକ୍ଷମାନ
ରୋପିଥିବ ଅଥବା କରି ଇତସ୍ତତଃ
ନିଜ ଖେତେ ଯେମନ୍ତ ଥିବ ସେ ସମସ୍ତ
ବୃକ୍ଷମାନେ କରନ୍ତି ନାନା ଉପକାର
ଫଳ ତାଙ୍କ ଉଦର ଯନ୍ତ୍ରଣା ନାଶନେ
ଉପଚାର ହେ ॥
ଆମ୍ବ ଲେମ୍ବୁ ପଣସ ବଡ଼ିଆଳ ବେଲ
ରସାଞ୍ଜନ ମହୁଲ ମାଧୁରୀ ନାରିକେଳ

ରୋପିଥିଲେ ଏ ଆମ୍ବ ପାଦପ ସକଳ
ସମୟରେ ତୁମ୍ଭଙ୍କୁ ଦେଉଥିବେ ଫଳ
ଫଳ ଖାଇ ଖୁଆଇ ଅରଜିବ ଧନ
ଆଉ ମଧ୍ୟ କରିବ ଭୂମିର ସାରସ୍ୟ
ସମ୍ପାଦନ ହେ ॥

ପତ୍ରମାନ ତାଙ୍କର କ୍ଷେତ୍ରେ ପଡ଼ି ପଡ଼ି
ଖତ ହେବ ବରଷା ସଲିଳରେ ସଡ଼ି
ଚେରସବୁ ଗଭୀର ତଳୁ ରସ ଟାଣି
ଯୋଗାଇବ ଉପର ମୃତ୍ତିକାକୁ ଆଣି
ଗ୍ରୀଷ୍ମବେଳେ ତଳକୁ କରିବେ ଶୀତଳ
ଶୀତବେଳେ କାକର ନିବାରି ଭାଙ୍ଗିବେ
ଶୀତବଳ ହେ ॥

ରୋପିଥିବ ପୂର୍ବରୁ ହୋଇ ସାବଧାନ
ଅଙ୍ଗ ଅନୁରୂପରେ ଥିବ ବ୍ୟବଧାନ
କରିଥିବ ଏମନ୍ତ ଅଲଗ ଅଲଗ
ନ ଲାଗିବ ଏକରେ ଆରେକର ଅଙ୍ଗ
ବଢ଼ି ତାଙ୍କ ଶରୀର ହେବ ସୁବିଶାଳ
ଉପରକୁ ଉଠିବ ପ୍ରସାରି ଚୌଦିଗେ
ଶାଖା ଡାଳ ହେ ॥

ଆଗେ ଭୂମି ପ୍ରଶସ୍ତ ଗଭୀର ଖନନ
କରି କୁଟା ପତର କରିବ ଦହନ
ତହିଁ ରୋଗକୀଟାଣୁ ଲଭିବେ ମରଣ
ତାହା ପରେ କରିବ ପାଦପ ରୋପଣ
ଗାତେ ଥିଲେ ପକାଇ ଅସ୍ଥି କେତେ ଖଣ୍ଡ
ଫଳ ହୁଏ ମଧୁରତର ଯେହ୍ନେ ଖଣ୍ଡ

ଖତ ମାଟି ମିଶାଇ ଗାତେ ଦେଲେ ଭରି
ବୃକ୍ଷମାନେ ଉଠିବେ ଉଲ୍ଲାସେ ପଲ୍ଲବ-
ମାନ ଧରି ହେ ॥

ନ ପାରିବେ ପଶୁଏ କରି ଅଙ୍ଗହାନି
କଣ୍ଟାବାଡ଼ି ସେ ରୂପେ ଦେଇଥିବ ଜାଣି
ବୃକ୍ଷମାନେ କ୍ରମଶଃ ଉଠି ବିସ୍ତୃ ପ୍ରଦେ
ଯଥାକାଳେ ସୁଫଳ ଦେବେ ନିରାପଦେ
ଫଳ ଭୋଗ କରିବ ନିଜେ ଆଜୀବନ
ପରେ ଭୋଗ କରିବେ ସପୁତ୍ର ପୌତ୍ର
ପରିଜନ ହେ ॥

ବୃଥା ଛାଡ଼ି ନ ଦେବ ତରୁ ଛାୟାତଳ
ତହିଁ ମଧ୍ୟ ହୁଅଇ ଉତ୍ତମ ଫସଲ
ମୁଗଫଳୀ ପ କ୍ରୁଅ ପିପ୍‌ପଳି ହଳଦୀ
ଛାୟା ତଳେ ବଢ଼ନ୍ତି ପତ୍ରେ ପତ୍ର ଲଦି ,
ପୁଣି ଗୋଲମରିଚ ଲଭି ଛାୟା ତଳ
କରିଥାଏ ଜୀବନଧାରଣ ଉତ୍ତମ
ଦିଏ ଫଳ ହେ ॥

ବରଷାର ମଧ୍ୟେ ବା ଶିଶିର ଶେଷରେ
ରୋପିଥିବ ପାଦପମାନ ବିଶେଷରେ
ବରଷାରେ ଜଳଦ ଦେଇଥାଏ ନୀର
ବସନ୍ତରେ ମିଳଇ ରସ ଅବ ନୀର
ଜଳ ଦେଇ ଯତନ କରିବ ଗ୍ରୀଷମେ
ନିତି ନିତି ବିଲୋକି ସେନେହେ ପୋ ଷିବ
ଶିଶୁସମେ ହେ ॥

## ଉଦ୍ଭିଦ ରୋଗର ପ୍ରତିକାର

ପୋକ ନାନାପ୍ରକାର ଛନ୍ତି ମହୀତଳେ
ଧାନ ଆମ୍ବ ଗଛକୁ ଖାଆନ୍ତି ସକଳେ
କରିଦେଲେ ଭୂମିକି ବାରମ୍ବାର ଚୃଷ
ଦଳ ଦଳ ବିହଙ୍ଗ ଭୁଞ୍ଜି ତା ଦିଅନ୍ତି
କରି ନାଶ ହେ ॥

ପଶି ପଶି ଭୂମିରେ ତପନ କିରଣ
ନୀରସତା ଭୂମିର କରଇ ହରଣ
ଘାସ ତୃଣ ଉପୁଡ଼ି ପାଲଟନ୍ତି ଖତ
ଭୂମି ହୋଇ ଉର୍ବ୍ବାସ ଶସ୍ୟକୁ କରଇ
ଫଳବନ୍ତ ହେ ॥

ଦଳ ଦଳ ପତଙ୍ଗ ଷେତରେ ବିଚରି
ଗଛ ପତ୍ର ଫଳକୁ ଦେଇଥାନ୍ତି ଚରି
ସ୍ଥାନେ ସ୍ଥାନେ ଖେତର ସନ୍ଧ୍ୟାରେ ଅନଳ
ଜାଳିଦେଲେ ମରନ୍ତି ଯହିଁରେ ଝସାଇ
ଅନର୍ଗଳ ହେ ॥

କାଉଁରିଆ ଶୋଲକୁ ସନ୍ଧ୍ୟା ପରେ ଜାଳି
କପା ଆମ୍ବ ଗଛର ମଧ୍ୟେ ଗଲେ ଚାଳି
କରୁଥିଲେ ଗଛକୁ ଅନଳ ସ୍ପରଶ
ହୋଇପିବ ଅନଳ ତାପରେ ସବଂଶେ
କୀଟ ଧ୍ୱଂସ ହେ ॥

# ଗୋ ରକ୍ଷଣ

ଚଷା ଗୃହ କରଇ ଥାଏ ଯେବେ ହଳ
ହଳ ଏକା ଅଟଇ କୃଷକର ବଳ
ହଳ ଯାର ଗୃହରେ ଥାଏ ବଳବନ୍ତ
ଖେତ ତାର ସ୍ୱଭାବେ ତା ପାଇଁ ହୁଅଇ
ଫଳବନ୍ତ ହେ ॥

ପ୍ରଥମରେ କରିବ ଗାଈ ନିର୍ବାଚନ
ଗାଈ କରେ ବତ୍ସର ବଳ ନିଷ୍ପାଦନ
କ୍ଷୀଣଗ୍ରୀବା ପଶ୍ଚାର୍ଦ୍ଧ ପୃଥୁଳ ଯାହାର
ଲୋଡ଼ୁଥିବ ସତତ ନିଜର ଆହାର
ଶ୍ରେଷ୍ଠ ଶ୍ରେଷ୍ଠ ଚରଣ ଶରୀର କୋମଳ
ପୁଚ୍ଛଗୁଚ୍ଛ ପୃଥୁଳ ଛୁଇଁ ମହୀତଳ
ଗତି ଯାର ମନ୍ଥର ସ୍ୱଭାବ ହିଁ ଶାନ୍ତ
ଦେଶୀ ଗାଈ ସେପରି ଦେଖିଲେ ଜାଣିବ
ନୋହି ଭ୍ରାନ୍ତ ହେ ॥

ଗାଈ ଅନୁରୂପରେ ଥିବ ତାର ବୃଷ
ବୃଷ ବଡ଼ ଯଦ୍ୟପି ଗାଈ ହେବ କୃଶ
ଯେତେବେଳେ ହେବ ତା ପ୍ରସବ ସମୟ
ବଡ଼ ବତ୍ସା ଦେବାକୁ ହେବ ତା ଯାତନା
ଅତିଶୟ ହେ ॥

ଦୁଗ୍ଧବତୀ ନ ସହେ ଆତପ ପବନ
ବରଷାରେ ତାହାର ହୁଅଇ କଷଣ
ବରଷାରେ ଖରାରେ ନ ଛାଡ଼ିବ ଗାଈ
ରଖିଥିବ ଯତନେ ଯହିଁ ଥିବ ଛାଇ
ରାତେ ତାକୁ ରଖିବ ପରିଷ୍କୃତ ଘରେ
ତଡ଼ିଦେବ ମଶାଙ୍କୁ ଖରସି କୁହୁଳା
କରି ଖରେ ହେ ॥

ରାତ୍ର ତିନି ଘଡ଼ିରୁ ଚରାଇବ ଥରେ
ତିନି ଘଡ଼ି ଛାଡ଼ିବ ସେରୂପେ ଦିନରେ
କାଠି କାଠି ଅଥବା ବରକୋଳି ଦଳ
କପା ମଞ୍ଜି ସହିତ ଦେବ ତା କବଳ
ଯେତେ ଖାଦ୍ୟ ଖାଇବ ଚତୁର୍ଗୁଣ ଜଳ
ପିଇବାକୁ ପାଇଲେ ସେ ଗାଈ ଗୋରସ
ଦିଏ ଭଲ ହେ ॥

ଗୁଡ଼ ରବ୍‌ଭୂସି ବା ପିଡ଼ିଆ ଲବଣ
ଖାଦ୍ୟ ଦେଇ ଗାଈକି କରିବ ଦୋହନ
ମୁଗ୍ଧ ହୋଇ ଭୋଜନେ ପ୍ରକାଶି ହରଷ
ଦୁଗ୍ଧବତୀ ଦିଅଇ ଅଧିକ ଗୋରସ
ଏକା ଲୋକ ଦୋହନ କଲେ ନିତି ନିତି
ଚିହ୍ନି ଦିଏ ଗୋରସ ଅଧିକ ମନରୁ
ତେଜି ଭୀତି ହେ ॥

ଜଡ଼ା ତେଲ ମର୍ଦ୍ଦନ କରିଦେବ ଥରେ
ଛୁରି ଛାଡ଼ି ପଦ୍ମାରେ ଦୋହନ ଅନ୍ତରେ
ଦୋହୁଥିବ ଅଧିକ ଦୁଧ କରି ଶେଷ
ବତ୍ସ ପାଇଁ ମନରେ ନ ଚିନ୍ତିବ ଲେଶ
ଛାଡ଼ିଦେବ ବତ୍ସକୁ ଦୋହନ ଅନ୍ତରେ
ପରିମାଣ ଦୁଗ୍ଧର ବାଛୁରୀ ପାନରେ
ବୃଦ୍ଧି କରେ ହେ ॥

ନ ରଖିବ ବଳଦ ଗାଈ ଏକ ଘରେ
ନ ଛାଡ଼ିବ ଚରିବା ପାଇଁ ତା ସଙ୍ଗରେ
ଖରା ଧାରା ବଳଦ ନିତି ସହି ସହି
ରହିଥିଲେ ପାରିବ ସିନା ବୋଝ ବହି
କରିଥିଲେ ଶ୍ରମକୁ ବଳଦ ଅଭ୍ୟାସ
ହେବ ସିନା କରମ ଦେବାକୁ ସକ୍ଷମ
ବାର ମାସ ହେ ॥

ଯେତେବେଳେ ଗାଈଟି ହେବ ଦୁଗ୍ଧହୀନ
ଖାଇବାକୁ ସ୍ୱତନ୍ତ୍ର ଦେବ ପ୍ରତିଦିନ ।
ଅର୍ଦ୍ଧସେର ପିଡ଼ିଆ ଅବା କପାମଞ୍ଜି
ଦୁଇ ସେର କୁଟା ବା ଭୁସି ଥିବ ଖଞ୍ଜି
ତାହା ଖାଇ ଗାଈଟି ହେଉଥିବ ସୁଖୀ
ଚନ୍ଦ୍ରା କଚ୍ଛୁ କରିବ ନାହିଁ ତା ଶରୀର
ଗଲେ ଶୁଖି ହେ ॥

ତିନି ଚାରି ଦିବସ ପ୍ରସବିବା ଆଗେ
ଖାଦ୍ୟ ଦେବ ଗାଈକି ଅତି ଅନୁରାଗେ .
ଅଧା ସେର କରିକ ସିଦ୍ଧ ଯବଧାନ
ଗୁଡ଼ ତହିଁ ମିଶିବ ପାଏ ପରିମାଣ
ଫେଣୀ ଅବା ସୋରିଷ ତେଲ ଦଶ ତୋଳା
ପାଞ୍ଚ ତୋଳା ଲବଣ ସେସବୁ ସଙ୍ଗରେ
ହେବ ଗୋଳା ହେ ॥

ତହିଁ ହୁଏ ଗାଈଟି ଗୋରସଶାଳିନୀ
ଦେଉଥାଏ ଯେମନ୍ତ ତାହାଠାରୁ ଜାଣି
ପ୍ରସବର ଉତ୍ତରେ ଚାରି ପାଞ୍ଚ ଦିନ
କରିଦେବ ଜଳୀୟ ଭୋଜନବିହୀନ
ତହିଁ ତାକୁ ଭୋଜନ ଦେବ ଯେଉଁ ମତ
ତଳେ ତାର ବର୍ଣ୍ଣନା କରୁଛି କରିବ
ହୃଦଗତ ହେ ॥

ଘାସ କୁଟା ମାତର ଦୁଇ ତିନି ବିଡ଼ା
ଅର୍ଦ୍ଧସେର ଗହମ ଭୁସି ତହିଁ ଭିଡ଼ା
ଗୁଡ଼ ଦେବ କୋଡ଼ିଏ ମେଥି ପାଞ୍ଚ ଭରି
ଦୁଇ ଦୁଇ ଛଟାଙ୍କି ତଇଲ ଅଦା ହିଁ
ଦେବ ଭରି ହେ ॥

ତହିଁ ପରେ ଚାଉଳ ଖୁଦ ଆଉ ବରି
ଦୁଧ ଗୁଡ଼ ସହିତ କରିଦେବ ଖିରି
ପାଞ୍ଚ ସାତ ଦିବସ ଭୋଜନ କରାଇ
ଦେଲେ ଅତି ଉତ୍ତମ ଗୋରସ ନିଶ୍ଚୟ
ଦେବ ଗାଈ ହେ ॥

ତହିଁ ପରେ ପାଞ୍ଚ କି ସାତ ବିଡ଼ା ଘାସ
ବରି ସେରେ ଅବଶ୍ୟ ଦେବ ତାକୁ ଗ୍ରାସ
ଅର୍ଦ୍ଧସେର ସରିକି ଚାଉଳର ଖୁଦ
ପାଏ ଗୁଡ଼ ସହିତ ଖାଇଲେ ବଢ଼ିବ
ତାର ମୁଦ ହେ ॥

ଏକୋଇଶ ଦିବସ ଶେଷ ଯାଏ ଗାଈ
କଦାପି ନ ଦୋହିବ ମାନବର ପାଇଁ
ପିଇଲାରୁ ବାଛୁରି ଯେତେ କ୍ଷୀର ହେବ
ଦୁହିଁ ଦୁହିଁ ଗାଈକି ଖାଇବାକୁ ଦେବ
ଗୁଡ଼ ବରି ଚାଉଳ ଖୁଦକୁ ମିଶାଇ
ରାନ୍ଧିଦେଲେ କ୍ଷୀରକୁ ଆନନ୍ଦେ ସେ ଗାଈ
ଦେବ ଖାଇ ହେ ॥

ଗୋରୁ ଥିବ ଯେକାଳେ ଆସନ୍ନ ପ୍ରସବା
ଅଳ୍ପ ଦିନ ପ୍ରସୂତ ହୋଇଥିବ ଅବା
ନ କରିବ ତାହାକୁ ସ୍ଥାନରୁ ଅନ୍ତର
ବିଂଶ ଦିନ ବୟସ ନ ହେଲେ ବତ୍ସର
ଯଦି ରଖି ନ ପାରି ଗାଈକି ସେ ଭାବେ
ନିଶ୍ଚେ ହେବ ନିରାଶ ତାଠାରୁ ପ୍ରଚୁର
କ୍ଷୀରଲାଭେ ହେ ॥

ମାସେ ଯାଏ ବାଛୁରି ଯେତେ କ୍ଷୀର ପାନ
କରିପାରେ ତାହାକୁ କରୁଥିବ ଦାନ
ତିନି ମାସ ଖଣ୍ଡରେ ଫେଣୀର ପିଡ଼ିଆ
ଛଅମାସ ପର୍ଯ୍ୟନ୍ତ ନ ପିବ ପଡ଼ିଆ
ଖାଉଥିବ ଘାସ ହିଁ ଅଳ୍ପ ଅଳ୍ପ କରି
ତାହା ପରେ ବଢ଼ିବ ଗୋଚରରେ ବିଚରି
ଚରି ଚରି ହେ ॥

ଯେତେବେଳେ ବଳଦ କରୁଥିବ ଶ୍ରମ
ଦେଉଥିବ ତାହାକୁ ଭୋଜନ ଉତ୍ତମ

ଭୂସା କୁଣ୍ଡା ପିଡ଼ିଆ କପାମଞ୍ଜି ଆଦି
ପେଟ ଭରି ଖାଇଲେ ହେବ ନାହିଁ ବ୍ୟାଧି
ଶ୍ରମ ବିନା ଯେ କାଳେ ରହିଥିବ ଖାଲି
ଘାସ ପତ୍ର ଖାଇବ କେବଳ ଗୋଚରେ
ବୁଲିବୁଲି ହେ ॥

ହେବ ଯଦି ଗୋରୁର ଆହାର ବଦଳ
କ୍ରମେ କ୍ରମେ କଲେ ତା ହୋଇଥାଏ ଭଲ
ଏକା ଥରେ ଛାଡ଼ିଲେ ପୂର୍ବର ଆହାର
ରୋଗ ଆସି ଉପୁଜେ ଶରୀରେ ତାହାର
ଦେବ ତାକୁ ଉତ୍ତମ ପରିଷ୍କାର ପାଣି
ଚଟାଇବ ହେଲେବି ଲବଣ ତେମନ୍ତ
ଦେଖିଲ ଜାଣି ହେ ॥

ଅତିଶୟ ଖରା କି ଅତି ଶୀତକାଳେ
ଯତନରେ ଗୋରୁଙ୍କୁ ରଖିବ ଗୋଶାଳେ
ସାତ ହାତ ଉନ୍ନତ ଥିବ ଗୋରୁଘର
ଏକ ଏକ ରହିବେ ଛ' ହାତ ଅନ୍ତର

ଆଗ ପଛ ଓସାର ସାଢ଼େ ତିନି ହାତ
ନ ବାଜିବ ତପତ ଅବା ଶୀତ ବାତ
ମଳ ମୂତ୍ର ପ୍ରତ୍ୟହ ଦେଉଥିବ ଧୋଇ
ଖତ ପାଇଁ ତାହାକୁ ଅନ୍ତରେ ଗର୍ତ୍ତରେ
ଦେବ ଥୋଇ ହେ ॥

ମହିଷିଙ୍କି ରଖିବ ଗାଈଙ୍କ ବିଧାନେ
ଜୀବନରେ ଭିନ୍ନ ତ ନୁହନ୍ତି ସେମାନେ
ଗୋରସ ତ ତାହାଙ୍କ ନୁହେ ଅପାମାପ୍ୟ
ମହିଷ ବି ସର୍ବଦା ବଳଦ ସ୍ଥାନୀୟ
ଅଧିକନ୍ତୁ ମହିଷମାନେ ବଳବାନ
ତାଙ୍କ ପାଇଁ ଅଧିକ ଥିବ ସାବଧାନ
ଘାସପତ୍ର କରନ୍ତି ଅଧିକ ଭୋଜନ
ନ ପାରେ ଯା ବଳଦ ତହିଁକି ମହିଷ
ପ୍ରୟୋଜନ ହେ ॥

# ଗଦ୍ୟ ରଚନାବଳୀ

| | |
|---|---|
| ୧ । ଆତ୍ମଜୀବନୀ | ୪ । ସ୍ୱର୍ଗୀୟ କାଶୀନାଥ ପଣ୍ଡା |
| ୨ । ଶ୍ରୀ ନୃପରାଜ ସିଂହ | ୫ । ଏହି କି ପୃଥିବୀର ଛବି |
| ୩ । ପୁରାଣକବି | ୬ । ଶିକ୍ଷିତ, ଅଶିକ୍ଷିତ ଓ |
| ଫକୀରମୋହନ | ଶିକ୍ଷାଭିମାନୀ |

# ଆତ୍ମଜୀବନୀ

## (ସଂକ୍ଷିପ୍ତ)

ମୋର ଅତି ପ୍ରାଚୀନ ପୂର୍ବପୁରୁଷମାନେ ସମ୍ବଲପୁର ସହରରେ ବାସ କରୁଥିବାର କିମ୍ବଦନ୍ତୀ ଶୁଣିଥିଲି । ମୋର ପ୍ରପିତାମହ କେଶବ ମେହେର ବରପାଲିରେ ଥିଲେ । ତାଙ୍କର ପାଞ୍ଚ ପୁତ୍ର । ସେହି ଭାଇ ଭାଇ-ବିଶିଷ୍ଟ ପରିବାରକୁ ଲୋକେ ପାଞ୍ଚଭାୟା-ଘର ବୋଲି ନାମ ଦେଇଥିଲେ । ତାଙ୍କ ଘର ନିକଟରେ ଗୋଟିଏ ଗୁଡ଼ି ବା ଭାଗବତ ମଣ୍ଡପ ଥାଇ ସାଧାରଣଙ୍କର ବୈଠକ ଓ ସାଧୁ ସନ୍ନ୍ୟାସୀଙ୍କ ସାମୟିକ ଅବସ୍ଥାନରୂପେ ବ୍ୟବହୃତ ହେଉଥିଲା । ସେହି ହେତୁରୁ ଲୋକେ ତାଙ୍କୁ ଗୁଡ଼ିତଳିଆ ଘର ମଧ୍ୟ ବୋଲୁଥିଲେ । ମୋର ପିତାମହ ସେହି ପାଞ୍ଚ ଭାଇର ସର୍ବକନିଷ୍ଠ । ତାଙ୍କର ନାମ ଥିଲା ସଦାଶିବ । କିନ୍ତୁ ପିତାମାତା ଓ ଅଗ୍ରଜମାନଙ୍କର ସସ୍ନେହ ଡାକିବା ଅନୁସାରେ ସୁରୁବାବୁ ନାମରେ ଅଭିହିତ ହେଉଥିଲେ । ବସ୍ତ୍ରବୟନ ତାଙ୍କର ମୁଖ୍ୟ-କର୍ମ ଓ ବୈଦ୍ୟପଣ ଗୌଣକର୍ମ ଥିଲା । ଖଡ଼ି ଦେଖିବାରେ, ଜ୍ୟୋତିଷମତେ ଶୁଭାଶୁଭ ଦିନ ବାର ଗଣନାରେ, ଯାବାର ଦିକ୍-ଶୂଳାଦି ନିର୍ଣ୍ଣୟ କରିବାରେ ମଧ୍ୟ ସେ ଅଭ୍ୟସ୍ତ ଥିଲେ । ସଦାଶିବଙ୍କର ଦୁଇ ପୁତ୍ର । ମୋର ପିତା ଚୈତନ୍ୟ ଜ୍ୟେଷ୍ଠ ଥିଲେ । ପୁତ୍ରଦ୍ୱୟ ସାଧାରଣ ଭାବରେ ବସ୍ତ୍ରବୟନାଦି-ଦ୍ୱାରା ପରିବାରପୋଷଣରେ ସମର୍ଥ ହେଲାରୁ ସଦାଶିବଙ୍କ ବସ୍ତ୍ରବୟନ କାର୍ଯ୍ୟ ବନ୍ଦ-ହୋଇ ବୈଦ୍ୟ ବ୍ୟବସାୟ ମୁଖ୍ୟ ହେଲା । ଧାନ୍ ଓ ଟଙ୍କା ଋଣ ଦେବାର, ଗୋଧନ ବୃଦ୍ଧି କରିବାର, ବଳଦ ବିକା ଦେବାର ଭୁଲିଆମାନଙ୍କ ବ୍ୟବସାୟର ଗୋଟିଏ ପ୍ରଧାନ ଅଙ୍ଗ । ମୋର ପ୍ରପିତାମହଙ୍କର ସେହି ବ୍ୟବସାୟ ଉତ୍ତମରୂପେ ଚଳୁଥିଲା ବୋଲି ମୁଁ ଶୁଣିଅଛି । କେତେକ ନିଦର୍ଶନ ମଧ୍ୟ ଦେଖିଅଛି । ମୋର ପିତାମହଙ୍କ ସମୟରୁ ତାହା କ୍ରମଶଃ ହ୍ରାସ ହୋଇ-ଆସିଲା । ମୋର ପିତା ପୈତୃକବିଦ୍ୟା ଓ ବ୍ୟବସାୟରେ ଅଭ୍ୟସ୍ତ ହେଲେ । ସନ ୧୮୬୨ ଖ୍ରୀଷ୍ଟାବ୍ଦ ଅଗଷ୍ଟ ୯ ତାରିଖ ଶ୍ରାବଣ ପୂର୍ଣ୍ଣିମା ଶନିବାରରେ ମୋର ଜନ୍ମ ହୁଏ । ମୋର ସ୍ମରଣ ହେଉଅଛି, ବାଲ୍ୟକାଳରେ ପିତାମହଙ୍କ ସଙ୍ଗେ ସୂର୍ଯ୍ୟୋଦୟ ପୂର୍ବରୁ ସ୍ନାନକରି ପ୍ରତ୍ୟହ ଜଗନ୍ନାଥ ଦର୍ଶନ କରିଆସୁଥିଲି ଓ ପିତୃବ୍ୟଙ୍କ ସଙ୍ଗେ ସନ୍ଧ୍ୟା ସମୟରେ ଜଗନ୍ନାଥ ମନ୍ଦିରରେ ସଂକୀର୍ତ୍ତନରେ ଯୋଗ ଦେଉଥିଲି । ପିତାମହୀ ଓ ମାତାଙ୍କଠାରୁ ଶୁଣିଅଛି ଯେ ଶୈଶବକାଳରେ ମଧ୍ୟ ମୁଁ

ବଡ଼ ଧୀରସ୍ୱଭାବର ଥିଲି ଏବଂ ଗୋଟିଏ ଶ୍ରେଷ୍ଠ ମୃଦଙ୍ଗ ଧରି ସଂକୀର୍ତ୍ତନବାଲାଙ୍କ ସଙ୍ଗେ ନାଚଥାଏଁ ।

ମୋର ଜନ୍ମର ପୂର୍ବରୁ ମୋର ପିତା ନିଜ ଗୃହରେ ଗୋଟିଏ ଚାଟଶାଳୀ କରି ଅନେକ ବାଳକଙ୍କୁ ପଢ଼ାଉଥିଲେ । ଚାଟଶାଳୀର ଶିକ୍ଷା—ଭାଗବତପାଠ, କିଛି କିଛି ଛାନ୍ଦଗ୍ରନ୍ଥ ଓ ପଚିଶଖଣ୍ଡା ପଣିକିଆରେ ଶେଷ ହେଉଥିଲା । ମୋର ବୟସ ୭।୮ ବର୍ଷ ହେଲାରୁ ଶିକ୍ଷା ନିମନ୍ତେ ଚାଟଶାଳୀରେ ଉପଗତ ହେଲି । ସେତେବେଳକୁ ପିତା ନିଜର ଚାଟଶାଳୀ ଭାଙ୍ଗି ଦେଇଥିଲେ । ସୁତରାଂ ଗୃହ ନିକଟସ୍ଥ ଜଣେ ଜ୍ଞାତିଙ୍କର ଚାଟଶାଳୀରେ ସିଦ୍ଧିରସ୍ତୁ ଆରମ୍ଭ କଲି । ସେଠାରେ ରାସପଞ୍ଚାଧ୍ୟାୟର ୩୨ ଅଧ୍ୟାୟ ପାଠକଲାରୁ ସେହି ଚାଟଶାଳୀ ମଧ୍ୟ ଭାଙ୍ଗିଗଲା । ପରେ ମୋର ପିତା ନିଜେ ମୋତେ ନାମରତ୍ନଗୀତା ପଢ଼ାଇବାକୁ ଲାଗିଲେ । ତାହା ଦେଖି ପଡ଼ାର ୫।୭ ପିଲା ମୋ ସଙ୍ଗେ ପଢ଼ୁପଢ଼ୁ ୨୫।୩୦ ପିଲା ପଢ଼ିଲେ । ପିତାଙ୍କର ଚାଟଶାଳୀଟିଏ ହେଲା । ମୁଁ କ୍ରମରେ ଭାଗବତ ଏବଂ ମଥୁରାମଙ୍ଗଳ ଆଦି ସାଧାରଣ ଛାନ୍ଦଗ୍ରନ୍ଥ ଉତ୍ତମରୂପେ ଗାଇପାରିଲି । ୨୫ ଖଣ୍ଡା ପଣିକିଆ ମଧ୍ୟ ସାଧାରଣ ଭାବରେ କଣ୍ଠସ୍ଥ କଲି । ପ୍ରାୟ ୧୦ ବର୍ଷ ବୟସରେ ମୋର ବିବାହ ହେଲା । ତହିଁରେ ୬୦ ଟଙ୍କା ପର୍ଯ୍ୟନ୍ତ ଋଣ ହୋଇଗଲା । ମୋର ପିତା ସର୍ବଦା ବସ୍ତ୍ରବୟନାଦି କାର୍ଯ୍ୟରେ ଅବହେଳାକରୁଥିଲେ ବୋଲି ତାଙ୍କର ପିତାମାତା ଓ ଭ୍ରାତାଙ୍କଦ୍ୱାରା ନିନ୍ଦିତ ହେଉଥିଲେ । ଏଣେ ଋଣବୃଦ୍ଧିର ଉପକ୍ରମ ଦେଖି ତାଙ୍କର ପିତା ଓ ଭ୍ରାତା ତାଙ୍କୁ ଭିନେ କରିଦେଲେ । ମୋର ପିତାଙ୍କ ଉପରେ ନିଜର ପରିବାର ନିଜେ ପୋଷିବାର ଭାର ପଡ଼ିଲା । ପିତାଙ୍କର ପରିବାର ବୋଇଲେ ମୋର ମାତା, ମୁଁ ଏବଂ ମୋର ଅଗ୍ରଜା ଅନୁଜା ଦୁଇଗୋଟି ଭଉଣୀ । ମୋର ପିତାଙ୍କୁ ତାଙ୍କର ପିତା ଓ ଭ୍ରାତା କିଛି ଭାଗ ଦେଇ ନ ଥିଲେ । କିଛିଦିନ ତାଙ୍କୁ ବଡ଼ କଷ୍ଟରେ ଚଳିବାକୁ ପଡ଼ିଲା । ଏମନ୍ତକି କେତେକ ଦିନ ପର୍ଯ୍ୟନ୍ତ ଅଭାବ ଥିବାରୁ ୧।୨ ଖଣ୍ଡ ଖୁରି (କଂସା) ଓ ଥାଳି ତାଙ୍କ ପିଉସୀ ଘରୁ ମାଗିଆଣି ନିର୍ବାହ ହେବାକୁ ପଡ଼ିଲା । ପିତା ବହୁତ ବ୍ୟସ୍ତ ହୋଇ, ବହୁତ କଳହ କରି, ବହୁତ ପଞ୍ଚାଏତ କରି ତୃତୀୟାଂଶ ତାଙ୍କ ପାଇବାର ସ୍ଥିର ହେଲା । ତଥାପି ସେ ତାହା ଠିକ୍‌ରୂପେ ପାଇପାରିଲେ ନାହିଁ । କାନର ସୁନା ଫାସିଆ ଓ ହାତର ରୂପା ବଳା ଆଦି ଆମ୍ଭେ ଯାହା ଯାହା ପିନ୍ଧିଥିଲୁ, ତାହାସବୁ ପ୍ରାୟ ଆମ୍ଭ ଭାଗରେ ପଡ଼ିଲା । ଚଳନୋପଯୋଗୀ ବାସନବର୍ତ୍ତନ ମଧ୍ୟ ହେଲା । ଗାଈ ବାଛୁରୀ ୨୦ ଟି, ବଳଦ ୭।୮ ଟି, ଆମ୍ବ ୨୦ ଗଛ, ଋଣ ୨୦ ଟଙ୍କା, କଳଦାର ଟଙ୍କା ଗୋଟିଏ, ୪।୫ ଯୋଡ଼ା ଲୁଗାର ଉପକରଣ ସୂତା, କରଜ ଦେଇଥିବା ଧାନ ପ୍ରାୟ ୨୦।୨୫ ପୁଡ଼ୁଗ ପର୍ଯ୍ୟନ୍ତ ପିତା ହିଁସା ପାଇଲେ ଏବଂ ନିଜେ ନିୟମିତରୂପେ ବସ୍ତ୍ରବୟନ କରି ଆମ୍ଭମାନଙ୍କୁ ପୋଷିଲେ ।

ଏ ମଧ୍ୟରେ କିଛିଦିନ ମୋର ପଢ଼ାପଢ଼ି ବନ୍ଦ ହେଲା । ମୋତେ ଖାଲି ବୁଲୁଥିବାର ଦେଖି କଟକିଆ ଅବଧାନଙ୍କ ଚାଟଶାଳୀରେ ଦେବାକୁ ପିତା କେତେ କେତେବେଳେ ମନସ୍ଥ କରୁଥିଲେ । ସେ ସମୟର ଅବଧାନଙ୍କ ପ୍ରହାର କଥା ଶୁଣି ମୋ ପ୍ରାଣ କମ୍ପିଯାଉଥିଲା ଏବଂ ଚାଟଶାଳୀର ଛାତ୍ରମାନଙ୍କର ଦୁଷ୍ଟତାକୁ ମଧ୍ୟ ଭୟ ହେଉଥାଏ । ସେ ସମୟରେ

ସ୍କୁଲରେ ମଧ୍ୟ କମ୍ ପ୍ରହାର ନ ଥିଲା । ପରେ ଯେତେବେଳେ କଟକ ଜିଲ୍ଲା ଅନ୍ତର୍ଗତ ମୂଲବସନ୍ତନିବାସୀ ପଣ୍ଡିତ ୰ ଘନଶ୍ୟାମ ମିଶ୍ର ବରପାଲି ସ୍କୁଲକୁ ଶିକ୍ଷକ ହୋଇ ଆସିଲେ, ତାଙ୍କର ସାଧୁତା ଓ ଶିଷ୍ୟବାତ୍ସଲ୍ୟ କଥା ସ୍କୁଲର ଛାତ୍ରମାନଙ୍କ ମୁଖରୁ ଶୁଣି ସ୍କୁଲରେ ପଢ଼ିବାକୁ ମୋର ଇଚ୍ଛା ହେଉଥିଲା, କିନ୍ତୁ କାହାକୁ କିଛି କହିପାରୁ ନ ଥାଏ । ମୋତେ ସ୍କୁଲରେ ଦେବା ପିତାଙ୍କର ଆଦୌ ଇଚ୍ଛା ନ ଥିଲା । କାହିଁକି ନା ପୂର୍ବତନ ଶିକ୍ଷକଙ୍କ ସମୟରେ ଅନୁପସ୍ଥିତ ବାଳକମାନଙ୍କର ପିତାମାନେ ବରଗଡ଼କୁ ଧରାଯାଇ କଠିନ ପରିଶ୍ରମ ଦଣ୍ଡ ପାଇଥିଲେ, ଯେତେବେଳେ କି ମୁଁ ସାନ ଥିବାରୁ ସ୍କୁଲକୁ ନିଆଯାଇ ନ ଥିଲି । ସ୍କୁଲରେ ଯାହାର ନାମ ଲେଖା ଯାଉଥାଏ, ତାର ଘରେ କାନ୍ଦବୋବାଳି ପଡ଼ୁଥିଲା ।

ସମ୍ଭବତଃ ୧୮୭୫ ଖ୍ରୀଷ୍ଟାବ୍ଦରେ ବରଗଡ଼ ତହସିଲଦାର ବରପାଲି ଆସିଥିଲେ । ସେହି ସମୟରେ ଆମ୍ଭ ପଡ଼ାର କେହି ହୁଏତ ମୋର ପିତାଙ୍କ ଉପରେ ନିଜର ହିଂସା ଫଳାଇବାକୁ ମୋର ନାମ ତହସିଲଦାରଙ୍କଠାରେ ଲେଖାଇଦେଲେ । ତହସିଲଦାର ସାହେବ ମୋର ପିତାଙ୍କୁ ଡକାଇନେଇ ମୋତେ ସ୍କୁଲକୁ ପଠାଇବା ନିମନ୍ତେ ବାଧ୍ୟକରି ତାଙ୍କଠାରୁ (ପିତାଙ୍କଠାରୁ) ଏକରାରନାମା ଲେଖାଇନେଲେ । ପିତା ଗୃହକୁ ଆସି ସେ କଥାକୁ ଅନ୍ୟାନ୍ୟ ଲୋକଙ୍କ ପରି ବିପଦଜ୍ଞାନ ନ କଲେହେଁ ମୋର ବସ୍ତ୍ରବୟନଶିକ୍ଷାରେ ବାଧା ହେବ ବୋଲି ଭାବିତ ହେଲେ । ମୁଁ ସ୍କୁଲକୁ ଯିବା ସମ୍ବାଦରେ ମନେ ମନେ ଉଲ୍ଲସିତ ହୋଇଥିଲି । ମୋ କଥାରୁ ହର୍ଷର ଆଭାସ ପାଇ ପଡ଼ାର ଜଣେ ଲୋକ କହିପକାଇଲେ—

"ବଡ଼ ବଡ଼ମାନେ ଗଲେଣି ହାଟି,
ସାନ ଯାଉଛୁ ଟେବସର ବାଟି ।"

ସେ କଥାରେ ମୁଁ ସଙ୍କୁଚିତ ହୋଇପଡ଼ିଲି । ଅନ୍ୟ ଦିନ ସ୍କୁଲ ଚପରାସୀ ଆସି ମୋତେ ଡାକିନେଲା । ପ୍ରଥମେ ବ୍ରାଞ୍ଚସ୍କୁଲକୁ କିଛିଦିନ ନିୟମିତରୂପେ ଗଲି । ପରେ ମଧ୍ୟାହ୍ନ ସମୟରେ ପଡ଼ାରେ ବଳରାମ ଦାସଙ୍କ ରାମାୟଣ ପାଠ ହେଉଥିବାରୁ ତାହା ଶୁଣିବାର ଶ୍ରଦ୍ଧାରେ ଓ ଅବହେଳାରେ କିଛିଦିନ ଅନୁପସ୍ଥିତ ମଧ୍ୟ ହେଲି । କିନ୍ତୁ ପିତାଙ୍କର ପ୍ରେରଣାରେ ପୁନର୍ବାର ଉପସ୍ଥିତ ହେଲି । ବ୍ରାଞ୍ଚସ୍କୁଲ ଶିକ୍ଷକ ଆମ୍ଭମାନଙ୍କୁ ପଢ଼ାଉଥିବା ସମୟରେ ଆମ୍ଭମାନଙ୍କୁ ପାଠ ଘୋଷିବାକୁ କହି କେତେକ ଦିନ 'ସୀତା ବନବାସ' (ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ବଙ୍ଗଳା ପୁସ୍ତକ,ଯାହା ବିଚ୍ଛନ୍ଦ ପଟ୍ଟନାୟକଙ୍କ ଦ୍ୱାରା ଓଡ଼ିଆରେ ଅନୁବାଦିତ ହୋଇଥିଲା) ପାଠ କରିଥିଲେ । ମୁଁ ତାହା ଶୁଣି ତହିଁର ଅନେକ କଥା ବୁଝିପାରିଥିଲି । ବ୍ରାଞ୍ଚସ୍କୁଲରେ ଘନଶ୍ୟାମ ମିଶ୍ରଙ୍କ ପ୍ରଣୀତ ବର୍ଣ୍ଣପରିଚୟ ପାଠ କରିବାକୁ ହୋଇଥିଲା ଏବଂ ଗଣିତ, ପଚିଶଖଣ୍ଡା ପଣକିଆ ପୁନରଭ୍ୟାସ ଓ ଯୋଗ ବିଯୋଗ ଗୁଣନ ହରଣ ନୂତନ ଶିଖିବାକୁ ହେଲା । ୬ ମାସ ପରେ ୨ୟ ଶ୍ରେଣୀକୁ ଗଲି । ବ୍ରାଞ୍ଚସ୍କୁଲ ଗ୍ରାମମଧ୍ୟସ୍ଥ ସମଲାଇଗୁଡ଼ିରେ ହେଉଥିଲା । ୨ୟରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ଗ୍ରାମ ଉପକଣ୍ଠସ୍ଥ ଗୋଟିଏ ପ୍ରକାଣ୍ଡ ଖପରଘରରେ ପଢ଼ୁଥିଲେ । ଯେତେବେଳେ ପ୍ରଥମ ଶ୍ରେଣୀର ପରୀକ୍ଷା ଦେବା ନିମନ୍ତେ ବଡ଼ ସ୍କୁଲକୁ ଗଲି, ସେଠାକାର କାନ୍ଥରେ ମାନଚିତ୍ରମାନ ଟଙ୍ଗା ହୋଇଥିଲା । ତାହା କି ଚିଜ—ହାତୀ ନା

ଘୋଡ଼ା କିଛି ବୁଝିପାରିଲି ନାହିଁ । ୨ୟ ଶ୍ରେଣୀରେ ପଢ଼ିବା ସମୟରେ ମୋର ପିତା ହେଡ୍‌ମାଷ୍ଟରଙ୍କ ଅନୁମତି ନେଇ ବେଳେ ବୟନକାର୍ଯ୍ୟରେ ଲଗାଇଦେଲେ ଏବଂ ବେଳେ ପଢ଼ିବା ନିମନ୍ତେ ସ୍କୁଲକୁ ଛାଡ଼ିଦିଅନ୍ତି । ଏହିପରି ଯାଇ ୨ୟ ଶ୍ରେଣୀରେ ବୋଧୋଦୟ ଓ ଗଣିତ ମିଶ୍ର ଯୋଗ ବିୟୋଗ ପଢ଼ି ୬ ମାସରେ ୩ୟ ଶ୍ରେଣୀକୁ ଗଲି । ତହିଁରେ ସାହିତ୍ୟ ଚାରୁପାଠ ୧ମ ଭାଗ, ଇତିହାସ ୨ୟ ଭାଗର ଅର୍ଦ୍ଧାଂଶ, ଭୂଗୋଳସୂତ୍ରରୁ ମଧ୍ୟପ୍ରଦେଶ ଓ ମଧ୍ୟ-ପ୍ରଦେଶର ନକ୍‌ସା, ଉତ୍କଳ ବ୍ୟାକରଣ ସଂକ୍ଷେପ ସନ୍ଧି ପର୍ଯ୍ୟନ୍ତ, ଗଣିତ ମିଶ୍ର ଗୁଣନ ହରଣ, ସାଧାରଣ ତ୍ରୈରାଶିକ, ଲଘିଷ୍ଠ, ଗରିଷ୍ଠ ପଢ଼ିଲି । ପୁଣି ୬ ମାସ ପରେ ୪ର୍ଥ ଶ୍ରେଣୀ । ସେଠାରେ ସାହିତ୍ୟ ଚାରୁପାଠ ୨ୟ ଭାଗ, କାଦମ୍ବରୀର ଅଧା, ଇତିହାସ ୨ୟ ଭାଗର ଶେଷାଂଶ, ଉତ୍କଳ ବ୍ୟାକରଣ ସଂକ୍ଷେପପୂର୍ଣ୍ଣରୂପେ, ସର୍ବପ୍ରକାର ତ୍ରୈରାଶିକ, ବହୁରାଶିକ, ଭଗ୍ନାଂଶାଦି ଓ ଭାରତବର୍ଷର ନକ୍‌ସା ସହିତ ଭୂଗୋଳ । ୬ ମାସ ପରେ ପଞ୍ଚମ ଶ୍ରେଣୀ । ପଞ୍ଚମ ଶ୍ରେଣୀରେ ସାହିତ୍ୟ ଚାରୁପାଠ ୩ୟ ଭାଗ, କାଦମ୍ବରୀର ଶେଷ, ଇତିହାସ ୩ୟ ଭାଗ, ବ୍ୟାକରଣ ଉପ-କ୍ରମଣିକା, ଗଣିତ କୁସୀଦ ବ୍ୟବହାର, ଚକ୍ରବୃଦ୍ଧି, ଡିସ୍‌କାଉଣ୍ଟ, କମ୍ପାନୀର କାଗଜ ବିକି, କ୍ଷେତ୍ରପରିମାଣ, ବର୍ଗମୂଳ, ଘନମୂଳ, ପର୍ଯ୍ୟନ୍ତ ପଢ଼ାହୁଏ । ମୁଁ ୬ ମାସ ପଢ଼ିଥିଲି । ମୋ ଆଗରୁ ପୂର୍ବ ବର୍ଷରୁ ପଢ଼ିଥିବା ୨ଜଣ ଛାତ୍ର ନର୍ମାଲ ପରୀକ୍ଷା ଦେବା ନିମନ୍ତେ ସମ୍ବଲପୁର ପ୍ରେରିତହେଲେ । ହେଡ୍‌ମାଷ୍ଟର ମୋତେ ପଠାଇବାର ପ୍ରସ୍ତାବ କରିବାରେ ମୋର ପିତାମାତା ଛାଡ଼ିଦେବାକୁ ଅସମ୍ମତ ହେଲେ । କାରଣ ତାହା ଆଷାଢ଼ ମାସରେ ହୋଇଥିଲା । ପୂର୍ଣ୍ଣଗର୍ଭା ମହାନଦୀ ପାରି ହୋଇ ମୁଁ ଯିବି, ଏହା ମୋର ପିତାମାତା-ଙ୍କର ସାହସ ହେଲା ନାହିଁ । ମୋର ଉତ୍ସାହରେ ବାଧା ହେବାରୁ ମୁଁ ବ୍ୟଥିତ ହେଲି । ସେ ସମୟରେ ଜଣେ ଭଦ୍ରଲୋକ ମୋର ପରୀକ୍ଷା ଦେଇ ନ ଯିବାର କାରଣ ପଚାରିବାରୁ ମୁଁ କିଛି ଉତ୍ତର ଦେଇ ନ ପାରି ଅନେକ ଲୋକଙ୍କ ସମକ୍ଷରେ କାନ୍ଦି ପକାଇଲି । ପୁଣି ମୋର ପଢ଼ା ଚାଲିଲା । ସେ ସମୟରେ ୫ମ ଶ୍ରେଣୀରେ ବର୍ଷେ, ଦୁଇ ବର୍ଷ, ତିନି ବର୍ଷ ପଢ଼ିବାରେ କର୍ତ୍ତୃପକ୍ଷ-ଙ୍କର କିଛି ଆପତ୍ତି ନ ଥିଲା । ମୋର ପଢ଼ା ଏକ ବର୍ଷ ପୂର୍ଣ୍ଣ ହେଲାରୁ ଶିକ୍ଷକ ମହାଶୟ ନିଜ ଇଚ୍ଛାରେ ୬ଷ୍ଠ ଶ୍ରେଣୀର ଉଦ୍‌ଘାଟନ କଲେ । ୬ଷ୍ଠରେ ସାହିତ୍ୟ ରଘୁବଂଶ, କ୍ଷେତ୍ରତତ୍ତ୍ୱ, ବୀଜଗଣିତ ପଢ଼ାଇଲେ । କିନ୍ତୁ ଅଳ୍ପଦିନ ପରେ ଅବକାଶ ନେଇ ଗୃହକୁ ଚାଲିଯିବାରୁ ସ୍କୁଲଟି କର୍ତ୍ତୃପକ୍ଷଙ୍କର ନିୟମାନୁସାରେ ୫ମ ଶ୍ରେଣୀ ପର୍ଯ୍ୟନ୍ତ ରହିଲା । ମୋର ପଢ଼ା ମଧ୍ୟ ଶେଷ ହେଲା ।

୨ୟ ଶ୍ରେଣୀରୁ ଆରମ୍ଭ କରି ୫ମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିବାଯାଏ ମୁଁ ଏକ ବେଳ ଗୃହରେ ଥାଇ ବୟନକାର୍ଯ୍ୟରେ ପିତାଙ୍କୁ ସାହାଯ୍ୟ ଦେଲି, ନିଜେ ମଧ୍ୟ ଶିଖିଲି । ଗୃହରେ କାର୍ଯ୍ୟ କରୁଥିବା ସମୟରେ ସନ୍ଥସବୁ ଠିକ୍‌କରି ନେଇଥାଏଁ । ଯାହା ହୋଇ ନ ପାରେ, ସନ୍ଧ୍ୟାସମୟରେ ଶିକ୍ଷକଙ୍କ ବସାକୁ ଯାଇ ଅନ୍ୟାନ୍ୟ ଛାତ୍ରଙ୍କୁ ଓ ଶିକ୍ଷକଙ୍କୁ ପଚାରିନିଏଁ । ସନ୍ଧ୍ୟାସମୟରେ ଶିକ୍ଷକଙ୍କ ବସାରେ ଅନେକ ପ୍ରଧାନ ପ୍ରଧାନ ଛାତ୍ର ଉପସ୍ଥିତ ହୋଇ ପାଠ ଘୋଷୁଥିଲେ । କେହି କେହି ଗରିବଛାତ୍ର ଶିକ୍ଷକଙ୍କ ଗୃହରେ ଆହାର କରି ରହିରେ ସେଠାରେ ଶୋଉ-ଥିଲେ । ଶିକ୍ଷକ ଅପତ୍ୟ ନିର୍ବିଶେଷରେ

ଛାତ୍ରମାନଙ୍କୁ ସ୍ନେହ କରୁଥିଲେ ! ମୋର ପିତାଙ୍କର ଆର୍ଥିକ ଅବସ୍ଥା ବଡ଼ ଶୋଚନୀୟ ଥିଲା । ମୁଁ ସ୍କୁଲରେ ଶିକ୍ଷା ଶେଷ କରିବା ପର୍ଯ୍ୟନ୍ତ ସାମାନ୍ୟ କୁର୍ତ୍ତା ଖଣ୍ଡେ କରିପାରି ନ ଥିଲି । ଖଣ୍ଡେ ଖାଦ୍ରପୁଷ୍ଟ ଚଦର ଅତି ମ୍ଳାନ ହେବା ପର୍ଯ୍ୟନ୍ତ ବ୍ୟବହାର କରିବାକୁ ପଡ଼ୁଥିଲା । ହାକିମ ଆସିଲା ଦିନ ସମସ୍ତେ କୁର୍ତ୍ତା ଲଗାଉଥିଲେ । ମୋ ଭାଗ୍ୟରେ ତାହା କେବେ ଘଟି ନ ଥିଲା । ଭଲ ଧୋତି ନ ଥିବାରୁ ପିତାମାତାଙ୍କଠାରେ ଅଳି କଲାବେଳେ ମୋର ପିତୃବ୍ୟ ତାଙ୍କର ଖଣ୍ଡେ କୋଷା ଧୋତି ବାହାର କରି ଦେଉଥିଲେ । ଥରେ ଇନସ୍‌ପେକ୍ଟର ଜେନେରାଲ୍ ଆସିବାରୁ ଅନେକ ଛାତ୍ର ନୂତନ କୋର୍ଟ ଚପକନ ପ୍ରସ୍ତୁତ କରାଇଲେ । ତହିଁ ସଙ୍ଗେ ମୋର ପିତାଙ୍କଠାରୁ ଟ ୧ । ବା ଟ ୧୪ ନେଇ ଶିକ୍ଷକ ମହାଶୟ ଲଂକ୍ଲଥ କିଣି ଦରଜୀକୁ ଦେଲେ । ଦରଜୀ ତାହା ପୂର୍ଣ୍ଣରୂପେ ସିଲାଇ କରି ନ ଥିଲା । ସାହେବ ଆସିଗଲେ । କଞ୍ଚା ସିଲାଇ ଅବସ୍ଥାରେ ସେହି ଚପକନ ଲଗାଇ ସାହେବଙ୍କଠାରେ ପରୀକ୍ଷା ଦେଲି । ସେ ଚପକନଟି ଆଉ ପୂର୍ଣ୍ଣ ସିଲାଇ ହୋଇ-ପାରିଲା ନାହିଁ । ପରେ ନିଜେ ମୁଁ ହାତରେ ସିଇଁ ନେଇଥିଲି । ପଞ୍ଚମ ଶ୍ରେଣୀର ଶିକ୍ଷା ସଙ୍ଗେ ଶିକ୍ଷକ ମହାଶୟ ମୋତେ ଓ ମୋ ଉପରର ଦୁଇ ଜଣ ପୁରାତନ ଛାତ୍ରଙ୍କୁ ସୂତ୍ରସାର ନାମକ ସଂସ୍କୃତ ବ୍ୟାକରଣ ପ୍ରାଇଭେଟରେ ପଢ଼ାଉଥିଲେ । ତାହା ସୁଦ୍ଧା ଗୃହରେ କାର୍ଯ୍ୟ କରି କରି ପଢ଼ିଥିଲି । ଆମ୍ଭମାନଙ୍କ ଛଡ଼ା କେତେକ ବାହାରିଆ ବ୍ରାହ୍ମଣ ପିଲାମାନଙ୍କୁ ମଧ୍ୟ ଶିକ୍ଷକ ମହାଶୟ ସିଦ୍ଧାନ୍ତଚନ୍ଦ୍ରିକା ବ୍ୟାକରଣ ପଢ଼ାଉ-ଥିଲେ । ତହିଁରୁ ମଧ୍ୟ କେତେଗୁଡ଼ିଏ ସୂତ୍ର ଆମ୍ଭେମାନେ ଅଭ୍ୟାସ କରିନେଉ-ଥିଲୁଁ । ସେତେବେଳେ ଶିକ୍ଷକଙ୍କ ବସା ଋଷିର ଆଶ୍ରମ ତୁଲ୍ୟ ବୋଧ ହେଉଥିଲା ।

ମୁଁ ପାଞ୍ଚଗୋଟି ଶ୍ରେଣୀରେ ଯେତେ ପୁସ୍ତକ ପଢ଼ିଲି, ତହିଁରେ ପ୍ରାୟ ଟ ୨୲ ପର୍ଯ୍ୟନ୍ତ ପୁସ୍ତକ କିଣିବାରେ ମୋର ଖର୍ଚ୍ଚ ହୋଇଥିବ । ଅବଶିଷ୍ଟ ସମସ୍ତ ପୁସ୍ତକ ଛାତ୍ର-ମାନଙ୍କଠାରୁ ମାଗିଆଣି ପଢ଼େଁ, ପଢ଼ି ସାରିଲେ ସେମାନଙ୍କୁ ଫେରାଇଦିଏଁ । ସ୍କୁଲବେତନ ସେ ସମୟରେ କେହି ଦେଉ ନ ଥିଲେ ।

ମୋର ସ୍କୁଲପଢ଼ା ଶେଷ ହେଲା । ସମସ୍ତ ଦିନ ଗୃହରେ କାର୍ଯ୍ୟ କଲି ଏବଂ ଟିକିଏ ସମୟ ପାଇଲେ କିଛି ନା କିଛି ପଢ଼ୁଥାଏଁ । ଯାହାଠାରୁ ଯାହା ପୁସ୍ତକ ପାଏଁ, ମାଗି ପଢ଼େଁ । କେବେ କେବେ ତମସୁକ ଲେଖି କିଛି କିଛି ପାଏଁ, ତାହା ପୁସ୍ତକ କିଣିବାରେ ବ୍ୟୟିତ ହୁଏ । କ୍ରମେ ମୁଁ ଭଲରୂପେ ବୟନକାର୍ଯ୍ୟ ଶିଖିଲି ।

୧୮୭୮ ଖ୍ରୀଷ୍ଟାବ୍ଦରେ ମୋର ଦୁର୍ବାକ୍ଷତ ହୁଏ । ପିତା କ୍ରମେ କ୍ରମେ ମୋ ଉପରେ ପରିବାରପୋଷଣର ଭାରାର୍ପଣ କରିବାକୁ ଲାଗିଲେ ଏବଂ ବୟନକାର୍ଯ୍ୟରୁ ଅବ୍ୟାହତି ପାଇ ସାଧୁକାରୀ କରିବାରେ ଅଧିକ ସମୟ ଲାଗିଲେ । ତାଙ୍କର ବୈଦ୍ୟକାର୍ଯ୍ୟ ମଧ୍ୟ ଚାଲିଥାଏ । ତେବେ ତହିଁରେ ତାଙ୍କର ଅଧିକ ପ୍ରସିଦ୍ଧି ନ ଥିଲା । ମୋର ହାତରେ ନିର୍ମିତ ବସ୍ତ୍ରରେ ଗ୍ରାହକମାନଙ୍କର ଆଗ୍ରହ ବଢ଼ିଲା ଏବଂ ମୋ ହାତରେ ତମସୁକ ଆଦି ଲେଖାଇବାକୁ ମଧ୍ୟ ଲୋକଙ୍କର ଆଗ୍ରହ ବୃଦ୍ଧି ହେଲା;କିନ୍ତୁ ମୁଁ ଏକାକୀ ଲୁଗା ବୁଣିବାକୁ ଟିକିଏ ବିରକ୍ତ ହୁଏଁ । ଦୈବାତ୍ ମୋହର ଗୃହଦାହ ହେଲା । ଲୁଗା ବୁଣିବାର ଯନ୍ତ୍ର ପ୍ରାୟ ସମସ୍ତ ଦଗ୍ଧ ହୋଇଗଲା ପୁଣି ମୋତେ କେତେକ ନିତାନ୍ତ

ଆବଶ୍ୟକୀୟ ଯନ୍ତ୍ର ବାଧ୍ୟହୋଇ ଯୋଗାଡ଼ କରିବାକୁ ପଡ଼ିଲା ।

ଘନଶ୍ୟାମ ମିଶ୍ରଙ୍କ ଉତ୍ତାରୁ ବନମାଳୀ ଆଚାର୍ଯ୍ୟ ବରପାଲି ସ୍କୁଲର ଶିକ୍ଷକ ହେଲେ । କେତେକ ବର୍ଷ ପରେ ସେ ମଧ୍ୟ ଛୁଟି ନେଇ ଘରକୁ ବାହାରିଗଲେ । ତଦୁତ୍ତରେ ତାଙ୍କ କାର୍ଯ୍ୟରେ ଶ୍ରୀ ଲକ୍ଷ୍ମଣ ମିଶ୍ର ରହିଲେ । ଘନଶ୍ୟାମ ମିଶ୍ରଙ୍କ ସମୟରେ ଯେଉଁ ନର୍ମାଲ ସ୍କୁଲର ପରୀକ୍ଷା ହୋଇଥିବାର ପୂର୍ବେ ଉଲ୍ଲେଖ ହୋଇଅଛି, ସେଇଦିନରୁ ନର୍ମାଲ ସ୍କୁଲ ସମ୍ବଲପୁରରୁ ଉଠିଗଲା ଏବଂ ଟାଉନ ସ୍କୁଲ ଓ ଭିଲେଜ୍ ସ୍କୁଲ ପରୀକ୍ଷା ଆରମ୍ଭ ହେଲା । ଲକ୍ଷ୍ମଣ ମିଶ୍ର ମୋତେ ଉତ୍ସାହିତ କରି ଭିଲେଜ୍ ସ୍କୁଲର ପରୀକ୍ଷା ଦେବାକୁ ପ୍ରବର୍ତ୍ତାଇବାରୁ ପୁଣି ସ୍କୁଲରେ ନାମ ଲେଖାଇଆବଶ୍ୟକୀୟ ବିଷୟମାନ ଶିକ୍ଷା କଲି ଓ ୧୮୮୨ ଖ୍ରୀଷ୍ଟାବ୍ଦରେ ସମ୍ବଲପୁର ଯାଇଁ ପରୀକ୍ଷା ଦେଲି । ମରହଟ୍ଟା ଡେପୁଟି ଇନ୍‌ସପେକ୍ଟର ପ୍ରଶ୍ନ ଡାକଥିଲେ, ଯହିଁରେ ଆର୍ଯ୍ୟ ଶବ୍ଦ 'ଆରିଓ' ଉଚ୍ଚାରିତ ହୋଇଥିଲା । ଗଣିତ ପ୍ରଶ୍ନ · ସମ୍ବଲପୁର ଜେଲର ପଥର ଛାପା ଅଙ୍କମାନ ସ୍ପଷ୍ଟ ରହିଥା ପଡ଼ୁ ନ ଥିଲା । ମୋଟ ମାର୍କ ୪୦୦ ରୁ ୨୫୦ ପାଶ ହୋଇଥିଲେ ମଧ୍ୟ ଗଣିତରେ ଉପଯୁକ୍ତ ନମ୍ବର ପାଶ ହୋଇପାରି ନ ଥିବାରୁ ଭିଲେଜ୍ ସ୍କୁଲରେ ପାଶ ନ ହୋଇ ଦେଶୀୟ ପାଠଶାଳାର ସାର୍ଟିଫିକେଟ ମିଳିଲା ।

ମୋର କାର୍ଯ୍ୟ ପୂର୍ବବତ୍ ଚଳୁଥିଲା ଓ ଚଳିଲା । ମୁଁ ମୋର ପିତାଙ୍କର ଏକମାତ୍ର ପୁତ୍ର ଥିବାରୁ ସେମାନେ ଗୃହକର୍ମ ନିମନ୍ତେ ମୋତେ ଗ୍ରାମାନ୍ତର ଛାଡ଼ି-ଦେବାକୁ ରାଜି ନ ଥିଲେ । ୧୮୮୫ ଖ୍ରୀଷ୍ଟାବ୍ଦରେ ବରପାଲି ଜମିଦାରଙ୍କର ଜମି-ଦାରୀର ଅମୀନ କାର୍ଯ୍ୟରେ ସର୍ବପ୍ରଥମେ ନିଯୁକ୍ତ ହେଲି । କିଛିଦିନ କାର୍ଯ୍ୟ କଲାରୁ କାର୍ଯ୍ୟ ବନ୍ଦ-ହେଲା । କେତେକ ଦିନ ପରେ ବରପାଲି ଜମିଦାର ଓ ମୋକ୍ତାରଙ୍କ ବିରୁଦ୍ଧରେ କନବାଡ଼ ଗ୍ରାମ ଅନଧିକାର ପ୍ରବେଶ କରିଥିବାର ମକଦ୍ଦମା ପଡ଼ିଲା । ମୋକ୍ତାର କପିଳ ଚରଣ ପଟ୍ଟନାୟକ ମୋତେ ଗୋଟିଏ ସଫାଇ ସାକ୍ଷୀ ଦେଲେ । ମୋର ଇଜାହାର କରାଇବାକୁ ତାଙ୍କୁ ମନା କଲି, ସେ ମାନିଲେ ନାହିଁ । ମୋର ଇଜାହାରରେ ତାଙ୍କର ପରିତ୍ରାଣ ପରିବର୍ତ୍ତେ ଦୋଷ ଦୃଢ଼ତର ପ୍ରମାଣିତ ହୋଇଗଲା । ତହିଁ ନିମନ୍ତେ ଜମିଦାରଙ୍କୁ ଟ୩୦୦୧, ମୋକ୍ତାରଙ୍କୁ ଟ୫୧୧ ଓ ଅନ୍ୟ ୮ ଜଣଙ୍କୁ ଟ୮୦୧ ଜରିମାନା ହେଲା । ଜମିଦାର ମୋ ଉପରକୁ ଅତ୍ୟନ୍ତ ରାଗାନ୍ୱିତ ହେଲେ । ଅପିଲରେ ଜମିଦାର ନିର୍ଦ୍ଦୋଷ ପ୍ରମାଣିତ ହେଲେ; କିନ୍ତୁ ମୋକ୍ତାରଙ୍କ ଦଣ୍ଡ ପ୍ରବଳ ରହିଲା । ତଥାପି ମୋକ୍ତାର ମୋ ପ୍ରତି ଅସନ୍ତୁଷ୍ଟ ନ ଥିଲେ । ପୁଣି ଜମି-ଦାରୀର ବନ୍ଦୋବସ୍ତ କାର୍ଯ୍ୟ ଚଳିବାରୁ ମୋକ୍ତାର ମହାଶୟ ମୋତେ ଅମୀନ କାର୍ଯ୍ୟ କରିବାକୁ ବାଧ୍ୟ କଲେ । ବନ୍ଦୋବସ୍ତ ଶେଷରେ ଜମିଦାର ସାହେବ ମୋତେ ମାଲମୋହରିର କାର୍ଯ୍ୟ ଦେଲେ । କ୍ରମରେ ତାଙ୍କର ଖମାର, ବଜାର ପ୍ରଭୃତି ଅନେକ ବିଷୟର ହିସାବ ଭାର ଦେଲେ ଓ ମୋ ଉପରେ ବିଶ୍ୱାସ ରଖିଲେ । ୧୮୯୯ ଖ୍ରୀଷ୍ଟାବ୍ଦରେ ବରପାଲି ଜୁଡ଼ିସିଆଲ ମୋହରିର ମରିଯିବାରୁ ଜମିଦାର ସାହେବ ମୋ ନାମରେ ସୁପାରିଶ କରି ସେହି କାର୍ଯ୍ୟ ଖଣ୍ଡିକ କରାଇଦେଲେ । ସେହିଦିନରୁ ବରପାଲିରେ ପ୍ରାୟ ୩ ବର୍ଷ କାର୍ଯ୍ୟକରି କିଛିଦିନ ସମ୍ବଲପୁରରେ ରହିଲି । ପରେ ବିଜେପୁର ପରିବର୍ତ୍ତିତ

ହୋଇ ସେଠାରେ ୨ ବର୍ଷ ରହିଲି; ପୁଣି ସମ୍ବଲପୁର ପରିବର୍ତ୍ତିତ ହେଲି । କେତେକ ମାସ ପରେ କ୍ରମେ କ୍ରମେ ଦୁଇ ବର୍ଷ ପର୍ଯ୍ୟନ୍ତ ବିନା ବେତନରେ ଛୁଟି ନେଇ ବରପାଲିରେ ରହିଲି । ୧୯୦୭ ଖ୍ରୀଷ୍ଟାବ୍ଦ ମାର୍ଚ୍ଚରେ ସମ୍ବଲପୁର ଯାଇ କାର୍ଯ୍ୟରେ ଉପସ୍ଥିତ ହେଲି । ୧୯୧୩ ଖ୍ରୀଷ୍ଟାବ୍ଦ ମାର୍ଚ୍ଚ ମାସରେ ବିଜେପୁର ଆସିଲି । ୧୯୧୪ ଖ୍ରୀଷ୍ଟାବ୍ଦ ସେପ୍ଟେମ୍ବରରୁ ପଦ୍ମପୁର ଆସିଅଛି ।

ବରପାଲିରେ ପ୍ରଥମ ବେତନ ଟ ୭୲ କ୍ରମରେ ୮ । ୧୦ । ୧୫ ଟଙ୍କା ପର୍ଯ୍ୟନ୍ତ ହୋଇଥିଲା । ଜୁଡ଼ିସିଆଲ ମୋହରର କାର୍ଯ୍ୟରେ ପ୍ରଥମ ବେତନ ଟ୧୫୲, ତହିଁରୁ ଟ ୨୦୲ ଓ ଟ ୩୦୲ ହୋଇ ବର୍ତ୍ତମାନ ଟ ୩୫୲ ହୋଇଅଛି ।

ସ୍କୁଲ ଛାଡ଼ିଲାରୁ ଲାବଣ୍ୟବତୀ, ସୁଭଦ୍ରାପରିଣୟ, ରସିକହାରାବଳୀ ଓ ବୈଦେହୀଶବିଳାସର କେତେକାଂଶ ସାଧାରଣ ଭାବରେ ଦେଖିଥିଲି । ସେହିପରି ରସକଲ୍ଲୋଳ ମଧ୍ୟ ଦେଖିଲି । ପ୍ରଥମେ ଛୋଟ ଛୋଟ କେତେକ କବିତା ପୂର୍ବ ଧରଣରେ ଲେଖିଥିଲି । ତନ୍ମଧ୍ୟରେ 'ରସରତ୍ନାକର' ବଡ଼ ।

# ଶ୍ରୀ ନୃପରାଜସିଂହ

## ପ୍ରଥମ ପରିଚ୍ଛେଦ

### ପୂର୍ବାଭାସ

ରାୟ ବାହାଦୁର ଲାଲ ନୃପରାଜ ସିଂହ ଦେବ ସମ୍ବଲପୁର ଜିଲ୍ଲା ବରପାଲିର ଅଧୀଶ୍ବର । ସେ ୧୮୫୨ ଖ୍ରୀଷ୍ଟାବ୍ଦରେ ବରପାଲିର ଚୌହାଣରାଜଗୃହରେ ଜନ୍ମଗ୍ରହଣ କରିଅଛନ୍ତି । ତାହାଙ୍କର ଜନ୍ମ ସମୟକୁ ତାହାଙ୍କର ପିତାମହ ବରପାଲିର ରାଜକାର୍ଯ୍ୟ ସମ୍ପାଦନ କରୁଥିଲେ ଏବଂ ପିତା ଗଜେନ୍ଦ୍ର ସିଂହ ଯୌବରାଜ୍ୟର କର୍ତ୍ତୃତ୍ୱ କରୁଥିଲେ । ଗଜେନ୍ଦ୍ର ସିଂହଙ୍କର ଚାରିପୁତ୍ରରୁ ରାଜେନ୍ଦ୍ର ସିଂହ ଜ୍ୟେଷ୍ଠ ଓ ନୃପରାଜ ସିଂହ ସର୍ବକନିଷ୍ଠ । ମଧ୍ୟମ ପୁତ୍ରଦ୍ୱୟ ଅଳ୍ପ ବୟସରେ ପରଲୋକଗାମୀ ହେଲେ । ସନ୍ତାନମାନଙ୍କ ମଧ୍ୟରୁ ଏକଦୁଇଜଣର ବିୟୋଗ ଘଟିଲେ ଅବଶିଷ୍ଟ ସନ୍ତାନମାନଙ୍କ ପ୍ରତି ପିତାମାତାଙ୍କର ସ୍ନେହ କେମନ୍ତ ଗାଢ଼ତର ହୋଇଥାଏ, ତାହା ସମସ୍ତେ ବିଦିତ ଅଛନ୍ତି । ରାଜେନ୍ଦ୍ର ସିଂହ ଓ ନୃପରାଜ ସିଂହ ପିତାମାତାଙ୍କର ସେହି ସ୍ନେହର ଅଧିକାରୀ ହୋଇ ବାଲ୍ୟଜୀବନ ଅତିବାହିତ କରିବାକୁ ଲାଗିଲେ । ସେ ସମୟରେ ସମ୍ବଲପୁର ଜିଲ୍ଲାରେ ବିଦ୍ୟାଶିକ୍ଷାର ସୁବ୍ୟବସ୍ଥା ନ ଥିଲା । 'ଅବଧାନ'ମାନଙ୍କ ନିକଟରେ ଶିକ୍ଷାର ସମାପ୍ତି କରିବାକୁ ହେଉଥିଲା । ସୁକୁମାର ରାଜକୁମାରଦ୍ୱୟ ଶିକ୍ଷା ନିମନ୍ତେ ଅବଧାନ ନିକଟରେ ଅର୍ପିତ ହୋଇ କେଶବକୋଇଲି, କମଳଲୋଚନ, ଗୋପୀଭାଷା, ରସପଞ୍ଚାଧ୍ୟାୟ ଓ ନାମରତ୍ନଗୀତାଦି ପାଠ କରି କିଛି କିଛି ଗଣିତଶିକ୍ଷା କଲେ । ସେ ସମୟରେ ରାଜକୁମାରମାନଙ୍କୁ କିଛି କିଛି ଉର୍ଦ୍ଦୁ ଶିକ୍ଷାଦେବାର ଆବଶ୍ୟକ ହେଉଥିଲା । କିନ୍ତୁ ସେହି ଶିକ୍ଷା ବର୍ଣ୍ଣମାଳାର ସୀମା ଅତିକ୍ରମ କରିବା କ୍ୱଚିତ୍ ଦେଖାଯାଉଥାଏ । ରାଜେନ୍ଦ୍ର ସିଂହ ସେହିପରି କିଛି କିଛି ଉର୍ଦ୍ଦୁ ମଧ୍ୟ ଶିକ୍ଷା କଲେ ।

୧୮୫୯ ଖ୍ରୀଷ୍ଟାବ୍ଦରେ ବରପାଲିରେ ଭୟଙ୍କର ବସୂରିକା ଉପଗତ ହୋଇ ୭।୮ ଶତ ଲୋକଙ୍କୁ ଯମାଳୟକୁ ନେଇଗଲା । ଗଜେନ୍ଦ୍ର ସିଂହ ସେହି ସମୟରେ ତନୁତ୍ୟାଗ କଲେ । ସେ ଅତି ରୂପବାନ୍ ପୁରୁଷ ଥିଲେ । ଭବାନୀ ସିଂହ ସେହି ନିସର୍ଗସୁନ୍ଦର ପୁତ୍ରର

ବିରହରେ ଅଧୀର ଓ ଭଗ୍ନହୃଦୟ ହୋଇ ସଂସାରକାର୍ଯ୍ୟରେ ଉଦାସୀନ ହୋଇ ରହିଲେ । ତାଙ୍କ ଚକ୍ଷୁରେ ସଂସାର ଶୂନ୍ୟବତ୍ ପ୍ରତୀୟମାନ ହେଲା । ସେ ଜୀବିତ ରହିବା ଅପେକ୍ଷା ମୃତ୍ୟୁକୁ ଶ୍ରେୟଃ ଜ୍ଞାନ କଲେ । ଫଳତଃ ବିଧାତା ତାଙ୍କ ଇଚ୍ଛାରପରିପୋଷକ ହୋଇ ପୁତ୍ରମୃତ୍ୟୁର ଦୁଇ ମାସ ପରେ ତାହାଙ୍କୁ ଚିରଶାନ୍ତିଧାମକୁ ଘେନଗଲେ ।

ସମ୍ବଲପୁରର ମହାରାଜା ବଳିଆର ସିଂହ ୧୫୮୨ଖ୍ରୀଷ୍ଟାବ୍ଦରେ ତାହାଙ୍କର କନିଷ୍ଠ ପୁତ୍ର ବିକ୍ରମ ସିଂହଙ୍କୁ ବରପାଲି ଇଲାକା ଭରଣ-ପୋଷଣ ନିମନ୍ତେ ଦେଇଥିଲେ । ସେ ସମୟରେ ରାଜ୍ୟ କ୍ଷୁଦ୍ର, ଅରଣ୍ୟମୟ ଓ ଅଳ୍ପ ଆୟବିଶିଷ୍ଟ ଥିଲା । ବିକ୍ରମ ସିଂହ ଓ ତଦୀୟ ପୁତ୍ର ହୃଦୟ ସିଂହ,ପୌତ୍ର ଲକ୍ଷ୍ମୀଧର ସିଂହ, ପ୍ରପୌତ୍ର ପୀତାମ୍ବର ସିଂହ ପରମ୍ପରାକ୍ରମେ ଆପଣା ଆପଣା ରାଜତ୍ୱ-କାଳରେ ଇଲାକାର ସୀମା ବୃଦ୍ଧି ଓ ଅରଣ୍ୟ ଆବାଦ କରି ପ୍ରଭୂତ ବିସ୍ତାର କରିଥିଲେ । ପୀତାମ୍ବର ସିଂହଙ୍କ ପରେ ତାଙ୍କ ପୁତ୍ର ଭବାନୀ ସିଂହ ବହୁପରିମାଣରେ ବରପାଲିର ଶ୍ରୀବୃଦ୍ଧି ସାଧନ କରିବାକୁ ସକ୍ଷମ ହୋଇ-ଥିଲେ । ସେ ବରପାଲିର ଜମିଦାର ଥିଲେ ସତ୍ୟ;କିନ୍ତୁ ଜିଲ୍ଲାର ସବୁ ସ୍ଥାନରେ ରାଜ୍ୟମାନ୍ୟ ଲାଭକରୁଥିଲେ । ସମ୍ବଲପୁରର ରାଜଭ୍ରାତାମାନେ ବୃତ୍ତିସ୍ୱରୂପ ଯେଉଁ ସବୁ ସ୍ଥାନ ପାଇଅଛନ୍ତି, ତହିଁ ମଧ୍ୟରେ ଆୟ ଏବଂ ଆୟତନରେ ସୋନପୁର ପ୍ରଥମ ଏବଂ ବରପାଲି ଦ୍ୱିତୀୟ ସ୍ଥାନୀୟ । ଅନ୍ୟ ସ୍ଥାନ-ସବୁ କ୍ଷୁଦ୍ରତର ଅଟେ ।

ବରପାଲିର ଆଦ୍ୟ ଅଧିପତି ବିକ୍ରମ ସିଂହଙ୍କର ତୃତୀୟ ପୁତ୍ରଙ୍କ ନାମ ପ୍ରତାପ ସିଂହ । ପ୍ରତାପ ସିଂହଙ୍କର ନାରାୟଣ ସିଂହ ନାମକ ପୌତ୍ର ସମ୍ବଲପୁରର ଅଧିପତି ମହାରାଜ ସାଏଙ୍କର ପରଲୋକ ଗମନ ଉତ୍ତାରେ ୧୮୩୪ ଖ୍ରୀଷ୍ଟାବ୍ଦରେ ସମ୍ବଲପୁର ରାଜସିଂହାସନରେ ଅଧିରୂଢ଼ ହେଲେ । ଏହା ବରପାଲି ରାଜବଂଶର ଗୌରବକୁ ଉଦ୍ଦୀପିତ କରିବାକୁ ଲାଗିଲା; ସୁତରାଂ ତତ୍କାଳୀନ ବରପାଲି ଅଧିପତି ଭବାନୀ-ସିଂହଙ୍କର ପ୍ରତାପ ପ୍ରଦୀପ୍ତ ହୋଇଉଠିଲା । ମହାରାଜ ନାରାୟଣସିଂହ ୧୮୪୯ଖ୍ରୀଷ୍ଟାବ୍ଦରେ ଲୋକାନ୍ତର ଗମନ କଲାରୁ ରାଜ୍ୟ ଇଂରେଜ ଗଭର୍ଣ୍ଣମେଣ୍ଟଙ୍କ ଅଧିକୃତ ହେଲା । ସେ ସମୟରେ ସୁନ୍ଦରସାଏ, ଉଜ୍ଜ୍ୱଳସାଏ ପ୍ରଭୃତି ରାଜବଂଶୀୟମାନେ ରାଜ୍ୟଲୋଭରେ ବିଦ୍ରୋହା-ଚରଣ ଆରମ୍ଭ କରିବାକୁ ଲାଗିଲେ । କେତେକ ଗଣ୍ଡ ଜମିଦାର ସ୍ୱଜାତୀୟ ବହୁ ବ୍ୟକ୍ତିଙ୍କ ସହିତ ବିଦ୍ରୋହୀ-ଦଳଭୁକ୍ତ ହୋଇ ରାଜ୍ୟରେ ଅତ୍ୟନ୍ତ ଉପଦ୍ରବ ଆରମ୍ଭ କଲେ; କିନ୍ତୁ ଭୟ ଓ ଭକ୍ତିରେ ବରପାଲିର ସୀମା ସ୍ପର୍ଶ କରୁ ନ ଥିଲେ । ସେହି ହେତୁରୁ ବର୍ତ୍ତମାନ * ଖାଲସାର ଅନେକ ଜମିଦାର ଓ ଗ୍ରାମାଧିପ ଭବାନୀ ସିଂହଙ୍କର ଆଶ୍ରୟ ନେଇ ନିଜଜୀବନ ରକ୍ଷା କଲେ ।

ନାରାୟଣ ସିଂହ ତାହାଙ୍କର ଅନ୍ତିମ ସମୟରେ ଭବାନୀ ସିଂହଙ୍କୁ ଉପଯୁକ୍ତ ଦାୟାଦ ମଣି ଆହ୍ୱାନ କରିଥିଲେ । କିନ୍ତୁ ଭବାନୀ ସିଂହ ରାଜ୍ୟର ଅବସ୍ଥା ବିବେଚନା କରି ତଦ୍ବିଷୟରେ ଔଦାସୀନ୍ୟ ପ୍ରଦର୍ଶନ କରି ବିଦ୍ରୋହ ଶାନ୍ତି ନିମନ୍ତେ ଇଂରେଜ ଗଭର୍ଣ୍ଣମେଣ୍ଟଙ୍କର ସହକାରୀ-ସ୍ୱରୂପ କାର୍ଯ୍ୟ କଲେ । ତହିଁର ଫଳସ୍ୱରୂପ କେତେକ ବିଦ୍ରୋହୀ ଗଣ୍ଡଙ୍କୁ ଧୃତ କରି

* ଇଂରେଜଶାସିତ ଅଂଶକୁ ଖାଲସା କହନ୍ତି ।

ଇଂରେଜ ସରକାରରେ ଅର୍ପଣ କରି ତଦାନୀନ୍ତନ କମିଶନର ୱିଲିୟମ ରବର୍ଟ ଫରଷ୍ଟର ସାହେବଙ୍କଠାରୁ ଧନ୍ୟବାଦପତ୍ର ପାଇଲେ (୧) ।

ଭବାନୀ ସିଂହଙ୍କ ଉତ୍ତାରୁ ରାଜେନ୍ଦ୍ର ସିଂହ ୧୮୫୯ ଖ୍ରୀଷ୍ଟାବ୍ଦର ସେପ୍ଟେମ୍ବର ମାସରେ ବରପାଲି ରାଜ୍ୟଭାର ପ୍ରାପ୍ତହୋଇ ଗଭର୍ଣ୍ଣମେଣ୍ଟଙ୍କଠାରେ ସେହିପରି ରାଜଭକ୍ତି ପ୍ରଦର୍ଶନ କଲେ । ତନ୍ନିମନ୍ତେ ପ୍ରଶଂସିତ କମିଶନର ସାହେବ ତାହାଙ୍କ ପ୍ରତି ମଧ ପ୍ରୀତି ପ୍ରକାଶ କଲେ (୨) । ରାଜେନ୍ଦ୍ର ସିଂହ ୧୮୬୫ ଖ୍ରୀଷ୍ଟାବ୍ଦରେ ବରପାଲିରେ ଗୋଟିଏ ଏଙ୍ଗ୍ଲୋ ଭର୍ଣ୍ଣାକ୍ୟୁଲର ସ୍କୁଲ ସ୍ଥାପନ କରି ରାଜ୍ୟର ବାଳକମାନଙ୍କ ସହିତ ନୃପରାଜ ସିଂହଙ୍କର ଶିକ୍ଷାର ବ୍ୟବସ୍ଥା କରିଥିଲେ । ନୃପରାଜ ସିଂହ ଉଚ୍ଚଶିକ୍ଷାରେ କୃତକାର୍ଯ୍ୟ ନ ହେଉଣୁ ୧୮୬୯ ଖ୍ରୀଷ୍ଟାବ୍ଦରେ ପୁବସ୍ଥାନ ରାଜେନ୍ଦ୍ର ସିଂହ ପରଲୋକ ଗମନ କରିବାରୁ ୧୭ ବର୍ଷ ବୟସରେ ତାଙ୍କ ପଦରେ ଅଭିଷିକ୍ତ ହେଲେ ।

# ଦ୍ୱିତୀୟ ପରିଚ୍ଛେଦ

## ଶୃଙ୍ଖଳାସ୍ଥାପନ

ନୃପରାଜ ସିଂହଙ୍କୁ ରାଜ୍ୟଭାର ସଙ୍ଗେ ସଙ୍ଗେ ଅଗ୍ରଜକୃତ ଋଣଭାର ଗ୍ରହଣ କରିବାକୁ ପଡ଼ିଲା । ସେ ରାଜ୍ୟଭାରଗ୍ରହଣର ଅଳ୍ପକାଳ ପରେ ୧୮୭୧ ଖ୍ରୀଷ୍ଟାବ୍ଦରେ ଗଞ୍ଜାମଜିଲ୍ଲା ସାନଖେମଣ୍ଡିର ଗଙ୍ଗବଂଶୀୟ ରାଜା ରଘୁନାଥ ଦେବଙ୍କର ଦୁହିତାଙ୍କର ପାଣି ଗ୍ରହଣ କଲେ । ଏହି ବିବାହ ରାଜୋଚିତ ସମାରୋହରେ ହେବାରୁ ଏଥିସକାଶେ ମଧ୍ୟ କିଛି ଋଣ କରିବା ଆବଶ୍ୟକ ହୋଇଥିଲା ।

ନୃପରାଜ ସିଂହ ବିବାହକରଣାନନ୍ତର ବ୍ୟସନାସକ୍ତ ନ ହୋଇ ଋଣ ପରିଶୋଧ ଓ ରାଜ୍ୟର ଉନ୍ନତିସାଧନରେ ନ୍ୟସ୍ତଚିତ୍ତ ହେଲେ । ସେ ରାଜ୍ୟର ଅବସ୍ଥା ପର୍ଯ୍ୟାଲୋଚନା କରି ଦେଖିଲେ ଯେ ଋଣର ପରିମାଣ ବାର୍ଷିକ ଆୟର ତିନ ଗୁଣ । ଯାହା ଆୟ ହୁଏ ତାହା ନିଜର ନିତାନ୍ତ ପ୍ରୟୋଜନୀୟ ବ୍ୟୟକୁ ସୁଦ୍ଧା ଅପ୍ରତୁଳ । କିଛି ବିଶେଷ କାର୍ଯ୍ୟ କରିବାକୁ ହେଲେ ଉତ୍ତମର୍ଣ୍ଣମାନଙ୍କର ଦ୍ୱାରସ୍ଥ ହେବାକୁ ବାଧ୍ୟ । ସୁଧର ଦର ଶତକରା ମାସିକ ୨୪ ଟଙ୍କାରୁ ୩ ଟଙ୍କା । ଏଥିରେ ଋଣ ହ୍ରାସ ହେବା ଦୂରେ ଥାଉ, ଋଣର ବୃଦ୍ଧି ବେଗବତୀ ହେବା ଅବଶ୍ୟମ୍ଭାବୀ । ପୁଣି ଆୟସବୁ ଅତି ବିଶୃଙ୍ଖଳ । ଚାଉଳ, ମୁଗ, ଘିଅ, କାଠ, ପରିବା ପର୍ଯ୍ୟନ୍ତ ରାଜସ୍ୱର ଅଙ୍ଗୀଭୂତ । ନଗଦ ଟଙ୍କାର ସଂଖ୍ୟା ଅତି ଅଳ୍ପ । ରାଜ୍ୟର ନୂତନ ବନ୍ଦୋବସ୍ତ

୧ । ତା ୧୦ । ୩ । ୧୮୫୯ ଖ୍ରୀ: ଲିଖିତ ପତ୍ର । ୨ । ତା ୨୮।୧୧ । ୧୮୬୦ ଖ୍ରୀ: ଲିଖିତ [illegible] ।

କରିବାକୁ ହେଲେ ଗଭର୍ଣ୍ଣମେଣ୍ଟଙ୍କର ସାହାଯ୍ୟ ନିତାନ୍ତ ଆବଶ୍ୟକ । ନୃପରାଜ ସିଂହ ଏହିସବୁ ଅବସ୍ଥାକୁ ଦୃଷ୍ଟି-କରି ସମ୍ବଲପୁରର ତଦାନୀନ୍ତନ କମିଶନର ମିଃ ବୋଇ ସାହେବଙ୍କ ଆନୁକୂଲ୍ୟରେ ଉପରୋକ୍ତ ରାଜସ୍ୱ ଅଙ୍ଗଭୁକ୍ତ ପଦାର୍ଥ-ସବୁର ମୂଲ୍ୟ କଷି ଦ୍ରବ୍ୟ ବଦଳରେ ନଗଦ ଟଙ୍କା ନେବାର ବ୍ୟବସ୍ଥା କଲେ । ଗ୍ରାମ ଠିକାଦାରମାନେ ୫ ବର୍ଷ ନିମନ୍ତେ ଗ୍ରାମ ଠିକା ନେଇ ୫ ବର୍ଷର ଦେୟ ଏକାଥରକେ ଅଗ୍ରିମ ଦାନ କରୁଥିଲେ । ନୃପରାଜ ସିଂହ ସେମାନଙ୍କର ଠିକାର ସମୟ ୧୦ ବର୍ଷ ନିରୂପଣ କରି ୧୦ ବର୍ଷର ଦେୟ ଅଗ୍ରିମ ଗ୍ରହଣ କରିବାର ସ୍ଥିର କଲେ; କିନ୍ତୁ ତାହା ଏକଥରରେ ନିଆଗଲେ ଠିକାଦାରମାନଙ୍କର ବିଶେଷ କଷ୍ଟ ହେବ ବୋଲି ଦୁଇ ଥରରେ ଆଦାନ କଲେ । ଆପଣାର ଆୟବ୍ୟୟର ଗୋଟିଏ ତାଲିକା ପ୍ରସ୍ତୁତ କରି ବ୍ୟୟସଙ୍କୋଚଦ୍ୱାରା ଟଙ୍କା ଉଦ୍‌ବର୍ତ୍ତନର ପନ୍ଥା ଉଦ୍ଭାବନ କଲେ । ଉଦ୍‌ବୃତ୍ତ ଟଙ୍କାସବୁ ଋଣ ପରିଶୋଧ ଫଣ୍ଡରେ ରଖି ସମଗ୍ର ଋଣ ଏକ ଜଣ ମହାଜନଠାରୁ ଶତକଡ଼ା ମାସିକ ୧ ଟଙ୍କା ସୁଧରେ ରଖି ବେଶି ସୁଧର ଋଣସବୁ ଏକାବେଳକେ ପରିଶୋଧ କରିଦେଲେ ଏବଂ ଉଦ୍‌ବୃତ୍ତ ଟଙ୍କା ନିୟମିତରୂପେ ପରିଶୋଧ କରିବାଦ୍ୱାରା କ୍ରମେକ୍ରମେ ଋଣ ହ୍ରାସ କରିବାକୁ ଲାଗିଲେ; କିନ୍ତୁ ଋଣ ନୃପରାଜ ସିଂହଙ୍କର ଆଭିଜାତ୍ୟ ଓ ଔଦାର୍ଯ୍ୟ ସକାଶେ ତାଙ୍କୁ ସମ୍ପୂର୍ଣ୍ଣରୂପେ ତ୍ୟାଗ କରିପାରିଲା ନାହିଁ ।

ଏଣେ ନୃପରାଜ ସିଂହଙ୍କର ନବନବ ପୁତ୍ରକନ୍ୟା ଜାତହୋଇ ତାହାଙ୍କର ଗୃହ ଶୋଭିତ କରିବାକୁ ଲାଗିଲେ । ସେମାନଙ୍କର ନୈମିତ୍ତିକ କାର୍ଯ୍ୟରେ ଗୃହରେ ନିତନିତି ଉତ୍ସବର ଅନୁଷ୍ଠାନ ଅତ୍ୟାବଶ୍ୟକ ହୋଇପଡ଼ିଲା । ନୃପରାଜ ସିଂହ ଚତୁରତା ଓ ପ୍ରବୀଣତା ସହିତ ଆୟବ୍ୟୟ ତାଲିକା ଉପରେ ବିଶେଷ ଦୃଷ୍ଟି ରଖି ଅକ୍ଷୁଣ୍ଣ ମାନସମ୍ଭ୍ରମରେ ସକଳ କାର୍ଯ୍ୟ ସମ୍ପାଦନ କଲେ । ନୃପରାଜ ସିଂହ ନିଜର ଋଣଭାର ଉଚ୍ଛ୍ୱାସ କରିବା ନିମନ୍ତେ ଗ୍ରାମ ଠିକାଦାରମାନଙ୍କଠାରୁ ୧୦ ବର୍ଷର ପ୍ରାପ୍ୟ ଗ୍ରହଣ କଲେ; କିନ୍ତୁ ଦେଖିଲେ ଯେ ସେମାନଙ୍କ ମଧ୍ୟରେ ଅନେକେ ଅକିଞ୍ଚନ ଓ ଋଣଗ୍ରସ୍ତ ହୋଇପଡ଼ିଅଛନ୍ତି । ସେମାନଙ୍କର ଉତ୍ତମର୍ଣ୍ଣମାନେ ସେମାନଙ୍କର ଗ୍ରାସ ଛଡ଼ାଇବାକୁ ହସ୍ତ ପ୍ରସାରଣ କରୁଅଛନ୍ତି । ଅନେକଙ୍କର କଷ୍ଟସଞ୍ଚିତ ଅନ୍ନ ମହାଜନର ଭଣ୍ଡାରଭୁକ୍ତ ହେଉଅଛି । ସହୃଦୟ ନୃପରାଜ ସିଂହଙ୍କ ପକ୍ଷରେ ତାହା ଅସହ୍ୟ ହୋଇ-ଉଠିଲା । ସେ ଠିକାଦାରମାନଙ୍କର ଦୁରବସ୍ଥା ଦୂରକରିବା ନିମନ୍ତେ ଉପଯୁକ୍ତ ବିଧିବ୍ୟବସ୍ଥା କରି ଗଭର୍ଣ୍ଣମେଣ୍ଟଙ୍କଠାରୁ ଧନ୍ୟବାଦର ସହିତ ସହାନୁଭୂତି ଲାଭ-କରି ନିଜର ଅଭିପ୍ରାୟ ସିଦ୍ଧକଲେ । ଉତ୍ତମର୍ଣ୍ଣମାନେ ଗ୍ରାମ ଠିକାଦାରମାନଙ୍କ-ଠାରୁ ଗ୍ରାମ ବନ୍ଧକ ବା ବିକ୍ରୟଦ୍ୱାରା ନେଇ ନ ପାରିବାର ବିଧିବଦ୍ଧ ହେଲା । ଭୂମିର ଅବସ୍ଥା ଦୃଷ୍ଟିରେ ସେମାନଙ୍କର ( ଠିକାକାରମାନଙ୍କର ) ଦେୟ ନିର୍ଣ୍ଣୟ କରାଯାଇ ବାର୍ଷିକ ଦେୟ ବର୍ଷରେ ତିନି ଭାଗରେ ତିନି ଥରରେ ଆଦାନ କରାଯିବାର ସ୍ୱୀକୃତ ହୋଇ ୧୦ ବର୍ଷ ନିମନ୍ତେ ପଟ୍ଟା ଦିଆଗଲା । ଠିକାଦାର-ମାନେ ଏହି ହିତକର ପ୍ରସ୍ତାବକୁ ପ୍ରଥମରେ ଭିକ୍ତ ବୋଧ କରୁଥିଲେ । ତହିଁ ନିମନ୍ତେ ନୃପରାଜ ସିଂହଙ୍କୁ ଅନେକ ଅର୍ଥବ୍ୟୟ ଓ

ପରିଶ୍ରମ କରିବାକୁ ପଡ଼ିଲା । ୩୧୪ ଜଣ ଠିକାଦାର ମହାଜନମାନଙ୍କର ପ୍ରବର୍ତ୍ତନାରେ ପଡ଼ି ଉକ୍ତ ନିୟମରେ ପଞ୍ଚା ଗ୍ରହଣ କରିବାକୁ ସ୍ୱୀକାର ନ କରିବାରୁ ଦେବାନୀ ଅଦାଲତଦ୍ୱାରା ଗ୍ରାମରୁ ଉଚ୍ଛିନ୍ନ ହେଲେ । ସୁତରାଂ ଠିକାଦାରମାନେ ମହାଜନମାନଙ୍କଠାରୁ ଋଣ ପାଇବାର କଷ୍ଟ ହେଲା; କିନ୍ତୁ ନୃପରାଜ ସିଂହ ଠିକାଦାରମାନଙ୍କୁ ଗଭର୍ଣ୍ଣମେଣ୍ଟରୁ ତଗାବୀ ଗ୍ରହଣ କରିବା ସୁବିଧା ଦେଖାଇ ସେମାନଙ୍କ ରକ୍ଷାର ପଥ ପ୍ରଶସ୍ତତର କରିଦେଲେ । ପ୍ରସ୍ତାବିତ ନିୟମର ପଞ୍ଚା ଗ୍ରହଣ ନିମନ୍ତେ ଠିକାଦାରମାନଙ୍କ ପ୍ରତି ଯେଉଁ ଅନୁକୂଳ ଗଳହସ୍ତ ପ୍ରୟୋଗ କରାଯାଇଥିଲା, ସେମାନେ ତହିଁର ଉପକାରିତା ବର୍ତ୍ତମାନ ଅବଗତ ହୋଇଅଛନ୍ତି; ସୁତରାଂ ନୃପରାଜ ସିଂହ ସେମାନଙ୍କର ଅଶେଷ ପ୍ରୀତି, ଭକ୍ତି ଓ କୃତଜ୍ଞତାଲାଭର ପ୍ରକୃତ ଅଧିକାରୀ ଅଟନ୍ତି ।

ଏହି କାର୍ଯ୍ୟ ସଙ୍ଗେ ସଙ୍ଗେ ପ୍ରଜାମାନଙ୍କର ମଧ୍ୟ ବିଶୃଙ୍ଖଳା ଭଞ୍ଜନ କରାଗଲା । ପ୍ରଜାମାନଙ୍କର କାହାର ଉପବାସ,କାହାର ପୌଷମାସ ହେଉଥିଲା । ସମପରିମିତ ଭୂମି ନିମନ୍ତେ କେହି ୧ ଟଙ୍କା, କେହି ୪ ଟଙ୍କା ରାଜସ୍ୱ ଦେଉଥିଲେ, ଠିକାଦାରମାନେ ମଧ୍ୟ ସେମାନଙ୍କଠାରୁ ନାନାପ୍ରକାର ଅତିରିକ୍ତ ଲଭ୍ୟ ଗ୍ରହଣ କରୁଥିଲେ । ଏତଦ୍‌ଭିନ୍ନ ବରପାଲି ଇଲାକାରେ ଏତତ୍‌ପୂର୍ବରେ ପ୍ରାୟ ଏକସହସ୍ର ଅସ୍ତ୍ରଧାରୀ ସିପାହୀ ଥିଲେ । ସେମାନେ କେହି ନିଷ୍କରରେ, କେହି ଅର୍ଦ୍ଧ କରରେ ଭୂମି ଭୋଗ କରି ଆବଶ୍ୟକ ସମୟରେ ବରପାଲି ଅଧିପତିଙ୍କ ନିକଟରେ ଉପସ୍ଥିତ ହୋଇ କାର୍ଯ୍ୟ କରୁଥିଲେ । ଜିଲାର ରାଜବିପ୍ଳବ ସମୟରେ ସେମାନଙ୍କଦ୍ୱାରା ଗଭର୍ଣ୍ଣମେଣ୍ଟଙ୍କର ବହୁତ ସହାୟତା କରିବାକୁ ହୋଇଥିଲା । ସଂପ୍ରତି ସର୍ବତ୍ର ଶାନ୍ତି ବିରାଜିତ । କୌଣସି ଉପଦ୍ରବର ଆଶଙ୍କା ନାହିଁ । ଉପଦ୍ରବ ନିବାରଣର ଭାର ଗଭର୍ଣ୍ଣମେଣ୍ଟଙ୍କ ହସ୍ତରେ ରହିଲା । ସିପାହୀମାନେ କରିବେ କଅଣ ? ଅନେକ ସିପାହୀଙ୍କର ଭୋଗ ଭୂମି ଠିକାଦାରମାନଙ୍କର ହସ୍ତଗତ ହୋଇଥିଲା । ସମସ୍ତ ଭୂମି ଉପରେ ସମ ପରିମାଣରେ କର ଧାର୍ଯ୍ୟ କରାଯାଇ ପ୍ରଜାମାନଙ୍କର ବିଶୃଙ୍ଖଳା ଭଞ୍ଜନ କରାଗଲା । ଏତଦ୍ଦ୍ୱାରା ଶୃଙ୍ଖଳାସ୍ଥାପନ ଏବଂ ନୃପରାଜ ସିଂହଙ୍କର ଆୟ ବୃଦ୍ଧି ଉଭୟ କାର୍ଯ୍ୟ ହୋଇଗଲା ।

# ତୃତୀୟ ପରିଚ୍ଛେଦ

## ଗୌରବ ପ୍ରସାର

ନୃପରାଜ ସିଂହ ଆପଣାର ଗୌରବ ପ୍ରସାରଣ ବିଷୟରେ ପ୍ରଶଂସନୀୟ କୃତିତ୍ୱ ଦେଖାଇଅଛନ୍ତି । ତାହାଙ୍କର ପିତୃପିତାମହାଦିଗଣ ଯେଉଁମାନଙ୍କ ସହିତ ସମ୍ବନ୍ଧ ସ୍ଥାପନ କରିଥିଲେ, ସେମାନେ ବିଶୁଦ୍ଧ ଏବଂ ପ୍ରସିଦ୍ଧ ରାଜବଂଶୀୟ ଥିଲେହେଁ

ସେମାନଙ୍କର ଖ୍ୟାତି ବା ପଦ ଉଲ୍ଲେଖ-
ଯୋଗ୍ୟ ନ ଥିଲା । ଭବାନୀ ସିଂହ ଚନ୍ଦେଲ
ଓ ନାଗବଂଶୀୟ କ୍ଷତ୍ରିୟମାନଙ୍କୁ ନିଜ
ରାଜ୍ୟରେ ରଖି ଚନ୍ଦେଲକନ୍ୟାଙ୍କ ସହିତ
ପୁତ୍ର ଗଜେନ୍ଦ୍ର ସିଂହଙ୍କର ଓ ନାଗବଂଶୀୟ
କ୍ଷତ୍ରିୟକନ୍ୟାଙ୍କ ସହିତ ପୌତ୍ର
ବ୍ରଜେନ୍ଦ୍ର ସିଂହଙ୍କର ବିବାହ କରାଇଥିଲେ ।
ନୃପରାଜସିଂହ ପ୍ରଧାନ ପ୍ରଧାନ ରାଜା ମହା-
ରାଜାଙ୍କଠାରେ ସାକ୍ଷାତ୍କାର, ସଦାଲାପ ଓ
ପତ୍ରାଦିଦ୍ୱାରା ନିଜର ସୌଜନ୍ୟ,ସୌହାର୍ଦ୍ଦ୍ୟ
ଓ ନିରଭିମାନତା ପ୍ରକାଶ କରି ସେମାନଙ୍କର
ପ୍ରୀତି ଆକର୍ଷଣ କରିଅଛନ୍ତି । ତହିଁରେ
ରାଜାମାନଙ୍କ ଶ୍ରେଣୀରେ ତାହାଙ୍କର ଜାତୀୟ
ଗୌରବାସନ ସଂସ୍ଥାପିତ ହୋଇଅଛି ।
ପାଟଣାର ବର୍ତ୍ତମାନ ମହାରାଜା ଶ୍ରୀମାନ୍
ଦଳଗଞ୍ଜନ ସିଂହଦେବ ଓ ସୋନପୁରର
ଭୂତପୂର୍ବ ମହାରାଜା ନୀଳାଧରସିଂହ
ନୃପରାଜସିଂହଙ୍କର ସୌଭ୍ରାତ୍ର ଓ ସଦ୍-
ବ୍ୟବହାରରେ ପରିତୁଷ୍ଟ ହୋଇ ତାଙ୍କ-
ଠାରେ ସୋଦର ସ୍ନେହ ଅର୍ପଣ କରି ସମୟେ
ସମୟେ ତାଙ୍କ ଗୃହରେ ବିରାଜମାନ ହେବା
ଓ ଘନିଷ୍ଠ କୁଟୁମ୍ବିତା ପ୍ରଦର୍ଶନ କରିବାଦ୍ୱାରା
ତାହାଙ୍କୁ ଆପ୍ୟାୟିତ କରିଅଛନ୍ତି । ପାଟନାର
ସ୍ୱର୍ଗୀୟ ମହାରାଜା ରାମଚନ୍ଦ୍ର ସିଂହ ଦେବ
ନୃପରାଜ ସିଂହଙ୍କ ଗୃହକୁ ନିଜ ଗୃହରୁ ଭିନ୍ନ
ବୋଧକରୁ ନ ଥିଲେ । ବାମଣ୍ଡାର ସ୍ୱର୍ଗୀୟ
ମହାରାଜା ସାର୍ ସୁଢ଼ଳ ଦେବ, କେ. ସି.
ଆଇ. ଇ. ମହୋଦୟ ନୃପରାଜ ସିଂହଙ୍କୁ
ପ୍ରିୟତମ ବନ୍ଧୁରୂପେ ଗ୍ରହଣ କରି ୧୮୮୯
ଖ୍ରୀଷ୍ଟାବ୍ଦରେ ତାହାଙ୍କର ପିତୃବ୍ୟପୁତ୍ର ଲାଲ
କେଶବ ଚନ୍ଦ୍ର ଦେବଙ୍କୁ ନୃପରାଜସିଂହଙ୍କର
ପ୍ରଥମ ଦୁହିତାଙ୍କ ସହିତ ବିବାହ
କରାଇଲେ । ୧୮୯୨ ଖ୍ରୀଷ୍ଟାବ୍ଦରେ
ସରଗୁଜାର ମହାରାଜା ରଘୁନାଥ ଶରଣସିଂହ
ଦେବ ନୃପରାଜ ସିଂହଙ୍କର ଦ୍ୱିତୀୟ
ଦୁହିତାଙ୍କର ପାଣିଗ୍ରହଣ କଲେ । ୧୮୯୩
ଖ୍ରୀଷ୍ଟାବ୍ଦରେ ମୟୂରଭଞ୍ଜର ସୂର୍ଯ୍ୟବଂଶୀୟ
ପ୍ରସିଦ୍ଧ ମହାରାଜା ଶ୍ରୀରାମଚନ୍ଦ୍ର ସିଂହଭଞ୍ଜ
ନୃପରାଜ ସିଂହଙ୍କର ପୁତ୍ର ଲାଲ ବୀର
ମହେନ୍ଦ୍ର ସିଂହଙ୍କୁ ନିଜର ଦ୍ୱିତୀୟା ଭଗିନୀଙ୍କ
ପାଣି ପ୍ରଦାନ କରାଇଅଛନ୍ତି । ପରେ ୧୯୦୨
ଖ୍ରୀଷ୍ଟାବ୍ଦରେ ନୃପରାଜ ସିଂହଙ୍କ ଏକ ଦୁହିତାଙ୍କୁ
ବଉଦର ମହାରାଜାଙ୍କର ଭ୍ରାତୁଷ୍ପୁତ୍ର ଓ
ଅନ୍ୟ ଦୁହିତାଙ୍କୁ କଳାହାଣ୍ଡି ଅନ୍ତର୍ଗତ
ଥୂଆମୂଳର ପାଟରାଜା ବିବାହ କରିଅଛନ୍ତି ।
ଏହିସବୁ କାର୍ଯ୍ୟ ସମ୍ପାଦନ କରିବାକୁ ନୃପ-
ରାଜ ସିଂହଙ୍କୁ ଯେତେ ଯେତେ ଅର୍ଥ ବ୍ୟୟ
କରିବାକୁ ପଡ଼ିଅଛି ଅବସ୍ଥା ଦୃଷ୍ଟିରେ ତାହା
ଅଧିକ ହୋଇଥିଲେହେଁ କାର୍ଯ୍ୟ ଦୃଷ୍ଟିରେ
ଅଳ୍ପ ବୋଲିବାକୁ ହେବ । ନୃପରାଜ ସିଂହ
ପ୍ରଜାମାନଙ୍କର ଏପରି ପ୍ରୀତି ଆକର୍ଷଣ
କରିଅଛନ୍ତି ଯେ, କି ଅର୍ଥ କି ଲୋକ
ଯେତେବେଳେ ଯାହା ଆବଶ୍ୟକ ତାହା
ଅକ୍ଳେଶରେ ଲାଭକରି ସକଳ କାର୍ଯ୍ୟ ସମ୍ଭ୍ରମ
ସହକାରରେ ନିର୍ବାହ କରିଅଛନ୍ତି ।
ସରଗୁଜା ମହାରାଜାଙ୍କୁ କନ୍ୟା ଦେବା ଓ
ମୟୂରଭଞ୍ଜ ମହାରାଜାଙ୍କ ଗୃହରୁ କନ୍ୟା
ଆଣିବା କାର୍ଯ୍ୟ କେମନ୍ତ ଗୁରୁତର ଓ
ଅର୍ଥସାପେକ୍ଷ, ତାହା ଅବଶ୍ୟ ଅନୁମେୟ ।
ନୃପରାଜ ସିଂହ ପ୍ରତ୍ୟେକ କାର୍ଯ୍ୟର ପୂର୍ଣ୍ଣ
ଆୟୋଜନ ୧୫ ଦିନ ମଧ୍ୟରେ କରି-
ପାରିଅଛନ୍ତି । ଏପରି କାର୍ଯ୍ୟ ବଡ଼ ବଡ଼
ରାଜାମାନଙ୍କ ପକ୍ଷରେ ସହଜସାଧ୍ୟ
ହେଲେହେଁ ଜଣେ କ୍ଷୁଦ୍ରରାଜ୍ୟର ଅଧିପତିଙ୍କ
ପକ୍ଷରେ ବାହାଦୁରୀ ବୋଲିବାକୁ ହେବ ।
ନୃପରାଜ ସିଂହଙ୍କର ଏହି ବାହାଦୁରୀ ସପକ୍ଷ-
ହୃଦୟରେ ହର୍ଷ ଓ ବିପକ୍ଷ-ହୃଦୟରେ
ବିଷାଦ ଜନ୍ମାଇ ଦେଇଅଛି । ନୃପରାଜ ସିଂହ

୧୮୮୯ ଖ୍ରୀଷ୍ଟାବ୍ଦରୁ ୧୯୦୨ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ କ୍ରମାଗତ ୧୩।୧୪ ବର୍ଷକାଳ ଉପର୍ଯ୍ୟୁପରି ବ୍ୟୟପ୍ଲାବିତ ହୋଇ କେତେବେଳେ ସୁଦ୍ଧା ଆପଣାକୁ ଅବସନ୍ନ ବୋଧକରି ନାହାନ୍ତି । ଏଥିମଧ୍ୟରେ ସାଧାରଣର ହିତକର କାର୍ଯ୍ୟାଦିରେ ମଧ୍ୟ ତାହାଙ୍କର ବ୍ୟୟଦ୍ୱାର ଅନବରୁଦ୍ଧ ଥିଲା । କୃପଣତା ତାହାଙ୍କର ଅପ୍ରିୟ ଓ ଔଦାର୍ଯ୍ୟ ପରମପ୍ରିୟ ହୋଇଅଛି । ତାହା ହୋଇ ନ ଥିଲେ ସେ ସ୍ୱୀୟ ଯଶଃ ଓ ଗୌରବ ବୃଦ୍ଧି କରିପାରି ନ ଥାନ୍ତେ । ତାହାଙ୍କର ମିତାଚାର ଓ ମିତବ୍ୟୟିତା ମଧ୍ୟ ଅପ୍ରଶଂସନୀୟ ନୁହେ ।

# ଚତୁର୍ଥ ପରିଚ୍ଛେଦ

## ରାଜଭକ୍ତି ଓ ସତ୍‌କାର୍ଯ୍ୟ

ନୃପରାଜ ସିଂହଙ୍କ ଯୋଗ୍ୟତା ଦେଖି ଗଭର୍ଣ୍ଣମେଣ୍ଟ ୧୮୭୫ ଖ୍ରୀଷ୍ଟାବ୍ଦରେ ତାଙ୍କୁ ପ୍ରଥମରେ ତାଙ୍କ ରାଜ୍ୟପାଇଁ ତୃତୀୟଶ୍ରେଣୀର ଅବୈତନିକ ମାଜିଷ୍ଟ୍ରେଟ କ୍ଷମତା ପ୍ରଦାନ କଲେ । ଅଳ୍ପକାଳ ପରେ ଦ୍ୱିତୀୟଶ୍ରେଣୀର ମାଜିଷ୍ଟ୍ରେଟ କ୍ଷମତା ଦେଇ ତାଙ୍କ ଇଲାକାର ନିକଟବର୍ତ୍ତୀ ଖାଲସାର କେତେକାଂଶରେ ମଧ୍ୟ ସେହି କ୍ଷମତା ପରିଚାଳନର ଆଦେଶ ଦେଲେ । ପରେ କାର୍ଯ୍ୟର ଉତ୍କର୍ଷ ଅବଲୋକନ କରି କେତେକ ବିଶେଷ କ୍ଷମତା ସହିତ ସମ୍ବଲପୁର ଜିଲାର ସବଜଜ କାର୍ଯ୍ୟ କରିପାରିବା ଭାରାର୍ପଣ କଲେ । ନୃପରାଜ ସିଂହ ଦକ୍ଷତାର ସହିତ ଏହି କାର୍ଯ୍ୟ ସମ୍ପାଦନ କରି ଗଭର୍ଣ୍ଣମେଣ୍ଟଙ୍କ ନିକଟରୁ ପୁନଃ ପୁନଃ ପ୍ରଶଂସା ଲାଭ କରିଅଛନ୍ତି ।

ଗଭର୍ଣ୍ଣମେଣ୍ଟ ନୃପରାଜ ସିଂହଙ୍କର ଗୌରବରକ୍ଷା ନିମନ୍ତେ ସେ ଦେବାନୀ ଅଦାଲତରେ ଉପସ୍ଥିତ ହେବାକୁ ବାଧ୍ୟ ନ ଥିବାର ଆଜ୍ଞାପ୍ରଦାନ କରିଅଛନ୍ତି ଏବଂ ତାଙ୍କୁ ଦରବାରମାନଙ୍କରେ ରାଜାମାନଙ୍କ ସଙ୍ଗରେ ଆସନ ଦେଉଅଛନ୍ତି । ସେ ଗଭର୍ଣ୍ଣମେଣ୍ଟଙ୍କ ଆମନ୍ତ୍ରଣରେ ଦିଲ୍ଲୀ ଯାଇ ମହାମାନ୍ୟ ଭାରତସମ୍ରାଟ୍ ସପ୍ତମ ଏଡ୍‌ୱାର୍ଡ଼ଙ୍କ ଅଭିଷେକୋତ୍ସବରେ ଯୋଗଦାନ କରିଥିଲେ । ତହିଁନିମିତ୍ତ ଗଭର୍ଣ୍ଣମେଣ୍ଟଙ୍କ ପ୍ରୀତିର ନିଦର୍ଶନ ସ୍ୱରୂପ "କୈଶରହିନ୍ଦ୍" ରୌପ୍ୟ ପଦକ ପାଇଅଛନ୍ତି ।

ନୃପରାଜ ସିଂହ ଦେଶର ଉପକାର ନିମନ୍ତେ ସମୟେ ସମୟେ କୌଣସି କୌଣସି ପ୍ରସ୍ତାବ କରି ଗଭର୍ଣ୍ଣମେଣ୍ଟଙ୍କ ନିକଟରେ ପ୍ରାର୍ଥନା କରିଥାଆନ୍ତି । ଥରେ ଚୌରୋପଦ୍ରବ ନିବାରଣ ନିମନ୍ତେ କେତେକ କଠୋର ବିଧି ପ୍ରବର୍ତ୍ତନ କରାଯିବା ସକାଶେ ସମ୍ବଲପୁର ଡେପୁଟୀ କମିଶନରଙ୍କୁ ଜଣାଇଥିଲେ । ତେତେବେଳେ ତାହା ଡେପୁଟି କମିଶନରଙ୍କୁ ଅଯୌକ୍ତିକ ବୋଧହୋଇଥିଲା । କିନ୍ତୁ କିଛିଦିନ ପରେ ସେ ତଦନୁରୂପ ବିଧାନ କରିବାରୁ ଚୌରୋପଦ୍ରବ ବହୁ ପରିମାଣରେ ନିବାରିତ ହୋଇଅଛି । ଦୁର୍ଭିକ୍ଷ ସମୟରେ ଅନ୍ତ୍ୟଜ ଜାତିର ଲୋକମାନେ ମାଂସ ଓ ଚର୍ମ ଲୋଭରେ ଅପର୍ଯ୍ୟାପ୍ତ

ଗୋବଧ କରିବାକୁ ଲାଗିଲେ; କେତେକାଂଶରେ ତାହାଁର ପ୍ରତିକାର ହେବା ଆଶାରେ ଗୋ-ବିକ୍ରେତା ଓ ଗୋଚର୍ମ ବିକ୍ରେତାମାନେ ଗ୍ରାମାଧିପଠାରୁ ଗୋ ବା ଗୋଚର୍ମ ନିର୍ଦ୍ଦୋଷ ଥିବାର, ତାହାର ପରିଚୟଯୋଗ୍ୟ ବର୍ଣ୍ଣ ଚିହ୍ନାଦି ଉଲ୍ଲେଖଯୁକ୍ତ ସାର୍ଟିଫିକେଟ ନେବା, ସାର୍ଟିଫିକେଟବିହୀନ ବିକ୍ରେୟ ବା ବିକ୍ରୀତ ଗୋ ବା ଗୋଚର୍ମ ଅପହୃତ ବିବେଚିତ ହେବା ବିଧି ପ୍ରଚଳିତ ହେବାକୁ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ । ସେହି ବିଧି ପ୍ରଚଳିତ ହେଲା ଓ ତଦ୍ଦ୍ୱାରା ଉପକାର ମଧ୍ୟ ହେଉଅଛି ।

ସେ ୧୮୯୭ ସାଲର ଦୁର୍ଭିକ୍ଷରେ ରାୟପୁର ବିଲାସପୁର ଅଞ୍ଚଳର ଶତ ଶତ ଦୁର୍ଭିକ୍ଷପୀଡ଼ିତ ଲୋକଙ୍କୁ ପାଳନ କଲେ ଏବଂ ସ୍ୱର୍ଗୀୟା ଭାରତେଶ୍ୱରୀଙ୍କ ମଙ୍ଗଳ କାମନାରେ ହୀରକ ଜୁବିଲୀରେ ସେମାନଙ୍କୁ ବସ୍ତ୍ର ଦାନ କରିଥିଲେ । ସେ ସେସମୟରେ ଗୋଟିଏ ଦରବାର କରି ଏବଂ ଦେବମନ୍ଦିରମାନଙ୍କରେ ସ୍ତୁତିପାଠ କରାଇ ମହାରାଣୀଙ୍କ ଶୁଭବାଞ୍ଛା କରିଥିଲେ । ଏହା ଭିନ୍ନ ଭାରତେଶ୍ୱରୀଙ୍କ ନାମରେ ଗୋଟିଏ ଉଦ୍ୟାନ ଉତ୍ସର୍ଗ କରିଅଛନ୍ତି । ୧୮୯୯ ସାଲର ଦୁର୍ଭିକ୍ଷରେ ପ୍ରଜାରକ୍ଷା ନିମନ୍ତେ ଗଭର୍ଣ୍ଣମେଣ୍ଟଙ୍କୁ ବିଶେଷ ସାହାଯ୍ୟ ଦାନ କରିଅଛନ୍ତି ଏବଂ ପ୍ରଜାମାନଙ୍କୁ ପ୍ରାୟ ୫୦୦ ପୁଡୁଗ (ପୁଡୁଗକୁ ପ୍ରାୟ ୫ମହଣ) ବୀଜଧାନ ଯୋଗାଇଲେ । ସ୍ୱର୍ଗୀୟା ଭାରତେଶ୍ୱରୀ ଭିକ୍ଟୋରିଆଙ୍କ ସ୍ମୃତିରକ୍ଷା ଫଣ୍ଡ ନିମନ୍ତେ ଏକ ସହସ୍ର ଟଙ୍କା ପ୍ରଦାନ କରିଅଛନ୍ତି । ନୃପରାଜ ସିଂହ ଗଭର୍ଣ୍ଣମେଣ୍ଟଙ୍କୁ ଅର୍ଦ୍ଧବ୍ୟୟ ସାହାଯ୍ୟ ଦେଇ ଆପଣା ଇଲାକାରେ ଦଶ ଗୋଟି ସ୍କୁଲ ରଖିଥିଲେ । କେତେକ ବର୍ଷ ପରେ ସ୍କୁଲସବୁ ଉଠିଯିବାରୁ ନିଜ ବରପାଲିରେ ଗୋଟିଏ ଭର୍ଣ୍ଣାକ୍ୟୁଲର ମିଡ଼ିଲସ୍କୁଲ ରଖିଲେ । ୧୮୭୯ଖ୍ରୀଷ୍ଟାବ୍ଦରେ ପୁରାତନ ସ୍କୁଲଗୃହ ଭାଙ୍ଗିଦେଇ ପ୍ରାୟ ଏକ ସହସ୍ର ଟଙ୍କା ବ୍ୟୟରେ ଗୋଟିଏ ନୂତନ ସ୍କୁଲଗୃହ ନିର୍ମାଣ କରିଦେଲେ । ୧୮୮୪ସାଲରେ ତିନଶତ ଟଙ୍କା ବ୍ୟୟରେ ବାଳିକାସ୍କୁଲ ନିର୍ମାଣ କରିଦେଇ ବାଳିକାମାନଙ୍କ ଶିକ୍ଷା ନିମନ୍ତେ ବିଶେଷ ଦୃଷ୍ଟିରଖି ଲୋକମାନଙ୍କୁ ତାହାଁପାଇଁ ଉତ୍ସାହିତ କରି ଆଦର୍ଶ ସ୍ୱରୂପ ଶିକ୍ଷାଗ୍ରହଣ ନିମନ୍ତେ ନିଜର ଦୁହିତାମାନଙ୍କୁ ସ୍କୁଲକୁ ପଠାଇଲେ । ଗୋଟିଏ ବ୍ରାଞ୍ଚ ସ୍କୁଲ ଆବଶ୍ୟକ ହେବାରୁ ୧୮୯୭ ସାଲର ବ୍ରାଞ୍ଚ ସ୍କୁଲଗୃହ ଗୋଟିଏ ନିର୍ମାଣ କରିଦେଲେ । ଏଥିରେ ମଧ୍ୟ ପ୍ରାୟ ତିନି ଶତ ଟଙ୍କା ଖର୍ଚ୍ଚ ହୋଇଅଛି । ସମ୍ବଲପୁରର ଡେପୁଟୀ କମିଶନର ମିଷ୍ଟର ମୁସାହେବଙ୍କ ହସ୍ତରେ ଶେଷୋକ୍ତ ସ୍କୁଲର ଭିତ୍ତିରେ ପ୍ରଥମ ଇଷ୍ଟକପାତ କରାଇଲେ । ନିଜର ପୁତ୍ରଙ୍କର ଓ ଅନ୍ୟାନ୍ୟ ବାଳକମାନଙ୍କର ଶିକ୍ଷା ନିମନ୍ତେ ଗୋଟିଏ ଇଂରେଜୀ ସ୍କୁଲ ୧୮୮୪ ସାଲରୁ ୧୮୯୭ ସାଲପର୍ଯ୍ୟନ୍ତ ରଖିଥିଲେ । ବାଳକମାନଙ୍କର ବିଜ୍ଞାନଶିକ୍ଷା ନିମନ୍ତେ ୧୭୯ ଟଙ୍କାର ବିଜ୍ଞାନ ଯନ୍ତ୍ର କ୍ରୟକରି ଦେଇଅଛନ୍ତି । ତାହାଁ ନିମନ୍ତେ ଗଭର୍ଣ୍ଣମେଣ୍ଟ ପିତ୍ତଳ ପଟାରେ ତାହାଙ୍କର ନାମ ଲେଖି ସ୍କୁଲର କାନ୍ଥରେ ଲଗାଇ ରଖିଅଛନ୍ତି । ମିଡ଼ିଲସ୍କୁଲ ଗୃହ ସଂଲଗ୍ନରେ ଗୋଟିଏ ମନୋହର ଉଦ୍ୟାନ ବାର୍ଷିକ ୧୨୦ ଟଙ୍କା ବ୍ୟୟରେ ବହୁକାଳ ପର୍ଯ୍ୟନ୍ତ ରଖିଥିଲେ । ନୃପରାଜ ସିଂହ ବାଳକ ବାଳିକାମାନଙ୍କର ଶିକ୍ଷାଗ୍ରହଣରେ ଉତ୍ସାହ ନିମନ୍ତେ ସର୍ବଦା ନାନାପ୍ରକାର

ପୁରସ୍କାର ଦେଇ ଆସୁଅଛନ୍ତି । ଜିଲର ଶିକ୍ଷକମାନଙ୍କରବାର୍ଷିକ ସମିତିରେ ଉତ୍କୃଷ୍ଟ ବକ୍ତା ବା ଲେଖକଙ୍କୁ ପ୍ରତିବର୍ଷ ସ୍ୱର୍ଣ୍ଣ-ରୌପ୍ୟ ପଦକାଦି ପ୍ରଦାନ କରୁଅଛନ୍ତି । ଏହିସବୁ ସତ୍କାର୍ଯ୍ୟ ନିମନ୍ତେ ସ୍କୁଲ ଇନ୍‌ସ୍ପେକ୍‌ଟର ଜେନେରଲ ସାହେବ ପ୍ରତିବର୍ଷ ତାହାଙ୍କୁ ଭୂରି ଭୂରି ଧନ୍ୟବାଦ ପ୍ରଦାନ କରୁଅଛନ୍ତି । ଏହାଛଡ଼ା ନୃପରାଜ ସିଂହ ଅନେକ ଦରିଦ୍ର ଛାତ୍ରଙ୍କର ଉଚ୍ଚ-ଶିକ୍ଷାରେ ସହାନୁଭୂତି ପ୍ରଦର୍ଶନ କରିଥାନ୍ତି । ସମ୍ବଲପୁର ଯୁବକ ସମିତିର କ୍ଲବ ନିମନ୍ତେ ୫୦ ଟଙ୍କା ଦାନ କରିଅଛନ୍ତି । ସ୍କୁଲରେ କହିବାକୁ ଗଲେ ନୃପରାଜ ସିଂହ ସତ୍-କାର୍ଯ୍ୟରେ ସହାନୁଭୂତି ଦାନରେ କେତେ-ବେଳେ ପରାଙ୍‌ମୁଖ ନୁହନ୍ତି ।

ନୃପରାଜ ସିଂହ ବରପାଲି ବସତିକୁ ସୁଶୋଭିତ କରି ଲୋକଙ୍କର ସକଳ କଷ୍ଟ ଅସୁବିଧା ଦୂରକରିବା ନିମନ୍ତେ ଅତ୍ୟନ୍ତ ତତ୍ପର ଅଟନ୍ତି । ସେହିପରି କାର୍ଯ୍ୟମାନଙ୍କର ଅନେକ ଦରିଦ୍ରଙ୍କର ଉଦରପୋଷଣର ସହାୟତା କରିଥାନ୍ତି । ତାଙ୍କଦ୍ୱାରା ଓ ତାଙ୍କ ଦତ୍ତ ଉତ୍ସାହରେ ଅନ୍ୟାନ୍ୟ ଲୋକଙ୍କଦ୍ୱାରା ବରପାଲିରେ ନିମ୍ନଲିଖିତ ସାଧାରଣ ହିତକର କାର୍ଯ୍ୟମାନ ହୋଇଅଛି । ଯଥା:—

ନୃପରାଜ ସିଂହଙ୍କଦ୍ୱାରା ହୋଇଥିବା କାର୍ଯ୍ୟ ଓ ବ୍ୟୟର ଆନୁମାନିକ ସଂଖ୍ୟା:—

ଯୋଗୀମୁଣ୍ଡା ଜଳାଶୟର ପଙ୍କୋଦ୍ଧାର ଟ ୧୦୦୦୲

ବଡ଼କଟା ଓ ପୁରୁଣୀ ବନ୍ଧର ପଙ୍କୋଦ୍ଧାର ଟ ୭୦୦୲

ସମଲେଶ୍ୱରୀ ମନ୍ଦିରର ଜୀର୍ଣ୍ଣସଂସ୍କାର ଟ ୧୨୦୦୲

ମାତାଙ୍କ ନାମରେ ଜଗନ୍ନାଥ ମନ୍ଦିରର ମୁଖଶାଳା ନିର୍ମାଣ ଓ ମନ୍ଦିରର ଜୀର୍ଣ୍ଣସଂସ୍କାର ଟ ୧୨୦୦୲

ଜ୍ୟେଷ୍ଠଭ୍ରାତୃଜାୟାଙ୍କ ନାମରେ ଗୋପାଳଜୀ ମହାପ୍ରଭୁଙ୍କର ମନ୍ଦିରନିର୍ମାଣ ଟ ୮୦୦୲

ଏହି ମନ୍ଦିର ନିକଟରେ ଗୋଟିଏ କୂପ ଟ ୨୦୦୲

ଯୋଗୀମୁଣ୍ଡା ଶିବମନ୍ଦିର ଇତ୍ୟାଦି ଟ ୮୦୦୲

ଅନ୍ୟାନ୍ୟଲୋକଦ୍ୱାରାହୋଇଥିବା କାର୍ଯ୍ୟ:—

ବନମାଳୀ ମେହେରଦ୍ୱାରା ରାମେଶ୍ୱର ମନ୍ଦିର ଟ ୮୦୦୲

ବ୍ରାହ୍ମଣସମାଜର ସଂଗୃହୀତ ଅର୍ଥରେ କପିଳେଶ୍ୱର ଶିବମନ୍ଦିର ଟ ୯୦୦୲

ବ୍ରଜବାସୀ ପଣ୍ଡାଦ୍ୱାରା ନୀଳକଣ୍ଠେଶ୍ୱର ଶିବାଳୟ ଟ ୯୦୦୲

ମଧୁସୂଦନ ମେହେରଦ୍ୱାରା ଏହି ମନ୍ଦିରନିକଟ କୂପ ଟ ୨୦୦୲

ତୁଳସୀ କେଉଟୁଣୀଦ୍ୱାରା ରାମଚନ୍ଦ୍ରଙ୍କର ମନ୍ଦିର ଟ ୮୦୦୲

ଜଗନ୍ନାଥ ପଣ୍ଡାଦ୍ୱାରା ଜଳାଶୟ ଟ ୩୫୦୦୲

ଘନ ହଟୁଆଦ୍ୱାରା ଜଳାଶୟ ଟ ୩୦୦୦୲

ରତ୍ନାକର ମେହେରଦ୍ୱାରା ଜଳାଶୟ ଟ ୩୦୦୦୲

ହରିହର ସାହୁଦ୍ୱାରା ଜଳାଶୟ ଟ ୩୦୦୦୲

ଉସ୍ତ ମେହେର ଦତ୍ତ ଅର୍ଥରେ କୂପ ଇତ୍ୟାଦି ଟ ୨୦୦୲

ତେରଗୋଟି ପ୍ରାଚୀନ ଜଳାଶୟ ବରପାଲି ବସତିର ଚତୁର୍ଦ୍ଦିଗ ବେଷ୍ଟନ କରିଅଛି । ବର୍ଷା ଶେଷରେ ଗୋଟିଏ ନାଳକୁ ୩ । ୪ ସ୍ଥାନରେ ବାନ୍ଧି ଶୀତ ଓ ଗ୍ରୀଷ୍ମକାଳରେ ତହିଁର ଜଳ ବ୍ୟବହାର କରାଯାଇଥାଏ । ନୂତନ ଜଳାଶୟମାନ ବସତି ରମଣୀର ବକ୍ଷ ଉପରେ ଅଳଂକାର ସ୍ୱରୂପ ହୋଇଅଛି ।

ନୃପରାଜସିଂହଙ୍କରପ୍ରବର୍ତ୍ତନାରେ ହରିହର ସାହୁ (ପ୍ରଚଳିତ ନାମ ଧୂବା ଧମା ଗଣ୍ଡିଆ)

୨୫୦୦ ଟଙ୍କାରେ ବର୍ଲବାହାଲ ଗ୍ରାମର ଗଉନ୍ତି ( ଗ୍ରାମାଧିପତ୍ୟ ) ନେଇ ଗ୍ରାମର ସର୍ବପ୍ରକାର ଗଉନ୍ତି ଆୟ ଭୋଗରାର ଉତ୍ପନ୍ନ ଧାନ ସହିତ ଦରିଦ୍ରମାନଙ୍କୁ ସଦାବ୍ରତ ଦେବା ନିମନ୍ତେ ଗୋପାଳଜୀ ମହାପ୍ରଭୁଙ୍କ ନାମରେ ଉତ୍ସର୍ଗ କରିଦେଇଅଛନ୍ତି । ନିଜେ ନୃପରାଜ ସିଂହ ଭୋଗରାର ପ୍ରାପ୍ୟ ରାଜସ୍ୱ ଛାଡ଼ିଦେଇ ଗ୍ରାମର ରାଜସ୍ୱ ( ବର୍ତ୍ତମାନ ଟ ୧୧୧୯ ) ଜଗନ୍ନାଥ ମହାପ୍ରଭୁଙ୍କର ପର୍ବଖର୍ଚ୍ଚରେ ନିୟୋଜିତ କରିଅଛନ୍ତି ।

ବରପାଲି ବସ୍ତିର ଚତୁର୍ଦ୍ଦିଗ ନିବିଡ଼ ଆମ୍ରବନରେ ପୂର୍ଣ୍ଣ ଥିଲା । ଇଲକା ମଧ୍ୟରେ ବନ ନ ଥିବାରୁ ଚୁଲ୍ଲୀର ଉପଦ୍ରବରେ ଆମ୍ରବନ ବିରଳ ହେଉଥିବାର ଦେଖି ନୃପରାଜ ସିଂହ ଗୋଟିଏ ନୂତନ ଆମ୍ର ଉଦ୍ୟାନ କରିଅଛନ୍ତି । ଏହି ଉଦ୍ୟାନରେ ବର୍ଷକୁ ପ୍ରାୟ ୧୨୦ ଟଙ୍କା ଲେଖାଏଁ ୭।୮ ବର୍ଷ ପର୍ଯ୍ୟନ୍ତ ଖର୍ଚ୍ଚ ହୋଇଅଛି । ୧୮୯୯ ସାଲରେ ଏହି ଉଦ୍ୟାନରେ "ହରିଯଜ୍ଞ" ନାମରେ ଗୋଟିଏ ମେଳା ହୋଇଥିଲା । ତହିଁର ସମାଗତ ଲୋକସଂଖ୍ୟା ପ୍ରାୟ ୭୦ ହଜାର ବୋଲି ଲୋକେ ଅନୁମାନ କରିଥିଲେ । ତହିଁରେ ସର୍ବସାଧାରଣଙ୍କୁ ଏକଦିନ ଅନ୍ନଭୋଜନ ଦିଆଯାଇଥିଲା । ଭୋକ୍ତା ମଧ୍ୟରେ ଦରିଦ୍ରସଂଖ୍ୟା ବେଶୀ ଥିଲା । କିନ୍ତୁ ଅନେକ ମଧ୍ୟବିତ୍ତ ଲୋକ ପବିତ୍ର ଅନ୍ନ ଜ୍ଞାନରେ ଭୋକ୍ତା ଶ୍ରେଣୀଭୁକ୍ତ ହୋଇଥିଲେ । ଭଦ୍ରଲୋକମାନଙ୍କୁ ସିଧା ଖର୍ଚ୍ଚା ଦିଆଯାଇଥିଲା । ଅନେକ ବସ୍ତିରେ ଅତିଥି ହୋଇଥିଲେ । ଅନ୍ନଛତ୍ର ଓ ସିଧା ଖର୍ଚ୍ଚାଦି ପାଇଁ ଚାଉଳ ୫୦୦ ପସ୍ତମା ( ପସ୍ତମାକୁ ପ୍ରାୟ ଦୁଇମହଣ ), ଗୁଡ଼ ୧୨୩ ମାଠିଆ, ଚୁଡ଼ା ୧୮୨ ପସ୍ତମା, ହୋମଘିଅ ଓ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ନଗଦ ଟ୧୦୦୦୯ ସଂଗୃହୀତ ହୋଇଥିଲା । ସଂଗୃହୀତ ସମସ୍ତ ପଦାର୍ଥ ଖର୍ଚ୍ଚ ହୋଇଯାଇଥିବାରୁ ଚାଉଳ ସଂଖ୍ୟା ପ୍ରତି ଦୃଷ୍ଟି କଲେ ପାଠକେ ସମାଗତ ଲୋକଙ୍କ ସଂଖ୍ୟା ଅନୁମାନ କରିପାରିବେ ।

ଏ ପ୍ରଦେଶରେ କେବଳ ସମ୍ବଲପୁର ନଗରରେ ଶୀତଳଷଷ୍ଠୀ ( ହରପାର୍ବତୀ ବିବାହ ) ଯାତ୍ରା ହେଉଥିଲା । ନୃପରାଜ ସିଂହ ନିଜର ପୁତ୍ର ଲାଲବୀର ମହେନ୍ଦ୍ର ସିଂହଙ୍କର ଜନ୍ମର ଆନନ୍ଦମୟ ଅବ୍ଦକୁ ଚିରସ୍ମରଣୀୟ କରିବା ନିମନ୍ତେ ୧୮୭୭ ଖ୍ରୀଷ୍ଟାବ୍ଦରୁ ବରପାଲିରେ ଉକ୍ତ ଯାତ୍ରା ସମାରୋହର ସହିତ ସମ୍ପାଦନ କରିଆସୁଅଛନ୍ତି ।

ବରପାଲିରେ ୪।୫ ଜଣ ଦେଶୀୟ ଚିକିତ୍ସକ ଅଛନ୍ତି । ତହିଁ ବାହାରେ ନୃପରାଜ ସିଂହ ନିଷ୍କର ଭୂମି ପ୍ରଦାନ କରି ନିଜର ଏବଂ ସାଧାରଣଙ୍କର ସୁବିଧା ନିମନ୍ତେ ଆଉ ଜଣେ ବୈଦ୍ୟ ରଖିଅଛନ୍ତି । ନିଜେ ପ୍ରଧାନ ପ୍ରଧାନ କବିରାଜମାନଙ୍କର ଔଷଧ କଲିକତା, ବମ୍ବେ ପ୍ରଭୃତିରୁ ଅଣାଇ ବିତରଣ କରିବାଦ୍ୱାରା ବର୍ଷକୁ ୨।୩ ଶତ ଟଙ୍କା ଖର୍ଚ୍ଚ କରିଥାନ୍ତି । ବରପାଲିରେ ଗୋଟିଏ ଚିକିତ୍ସାଳୟ ସ୍ଥାପନ କରିବା ସଦିଚ୍ଛା ବହୁକାଳରୁ ପ୍ରକାଶ କରୁଅଛନ୍ତି । କିନ୍ତୁ ତାଙ୍କର ଆୟର ଅପ୍ରଚୁରତା ସେହି ସଦିଚ୍ଛା ଫଳବତୀ ହେବାକୁ ଦେଉ ନାହିଁ । ସୁତରାଂ ସେ ମନର କ୍ଷୋଭ ମନରେ ଲୀନ କରିବାକୁ ବାଧ୍ୟ ହେଉଅଛନ୍ତି । ବରପାଲିରେ ଗୋଟିଏ ଇଂରାଜୀ ମିଡ଼ଲ ସ୍କୁଲ ସ୍ଥାପନ ନିମନ୍ତେ ସୁଦ୍ଧା ତାହାଙ୍କର ଚେଷ୍ଟା ବାରମ୍ବାର ପ୍ରତିହତ ହୋଇ ସୁଯୋଗ ଓ

ଶୁଭସମୟର ଅପେକ୍ଷା କରୁଅଛି । ଅଳ୍ପଦିନ ପୂର୍ବେ ଉଲ୍ଲିଖିତ ସ୍କୁଲ ଓ ଡିସ୍ପେନ୍‌ସାରି ସ୍ଥାପନ ନିମନ୍ତେ ସମ୍ବଲପୁରର ଡେପୁଟୀ କମିଶନର ଶ୍ରୀମାନ୍ ଚାଟ୍‌ନ୍‌ବସ୍ ସାହେବଙ୍କ-ଠାରେ ନିଜର ଅଭିପ୍ରାୟ ବ୍ୟକ୍ତ କରିଥିଲେ । ସଦାଶୟ ଚାଟ୍‌ନ୍‌ବସ୍ ସାହେବ ତାହାଙ୍କୁ ଗୋଟିଏ ସୁପନ୍ଥା ଦେଖାଇଥିଲେ । ପରେ ରାୟପୁରର ଶ୍ରୀମାନ୍ କମିଶନର ସାହେବ ନୃପରାଜ ସିଂହଙ୍କର ଉକ୍ତ ଅଭିପ୍ରାୟ ଅବଗତ ହୋଇ କୌଣସି ବିଶେଷ କାରଣରୁ ଅଭିପ୍ରେତ କାର୍ଯ୍ୟ କିଛିଦିନ ସ୍ଥଗିତ ରଖାଯିବା ଉପଦେଶ ପ୍ରଦାନ କରିଅଛନ୍ତି । ତଥାପି ନୃପରାଜ ସିଂହ ଆସନ୍ନ ଭବିଷ୍ୟତରେ ଚିରପୋଷିତ ସଙ୍କଳ୍ପ ସିଦ୍ଧ କରି କୀର୍ତ୍ତିମନ୍ଦିରରେ ପତାକା ଉଡ଼ାଇବେ ବୋଲି ବିଶ୍ୱାସ ହେଉଅଛି ।

ନୃପରାଜ ସିଂହ ଉଚ୍ଚଶିକ୍ଷାରେ ଅକୃତ-କାର୍ଯ୍ୟ ହୋଇଥିଲେହେଁ ଉତ୍କଳ-ସାହିତ୍ୟ ରସିକତାଦ୍ୱାରା ସାହିତ୍ୟ-ରାଜ୍ୟରେ ଆସନ ସ୍ଥାପନ କରିଅଛନ୍ତି । ତାହାଙ୍କର କୃତ "ବଳରାମ ଦେବ" ଓ "ଆମୋଦ" ପୁସ୍ତକଦ୍ୱୟ ତାହାଙ୍କର ଉଭୟ ବାହୁ ଧରି ସେହି ଆସନରେ ତାଙ୍କୁ ଆଦରର ସହିତ ବସାଇଦେବେ । ମଧ୍ୟପ୍ରଦେଶର ଶିକ୍ଷାବିଭାଗର ଇନ୍‌ସ୍ପେକ୍‌ଟର ଜେନେରାଲ ସାହେବଙ୍କର ତା ୭।୧୧।୧୯୦୦ ଖ୍ରୀ: ଲିଖିତ ତ ୫୬ ନମ୍ବର ଚିଠିଦ୍ୱାରା "ଆମୋଦ" ଏ ପ୍ରଦେଶର ବିଦ୍ୟାଳୟ-ମାନଙ୍କର ପୁରସ୍କାର ଓ ଲାଇବ୍ରେରି ପୁସ୍ତକ ମନୋନୀତ ହୋଇଅଛି । ସମ୍ବଲପୁର ଡେପୁଟୀ କମିଶନର ସାହେବ ମଧ୍ୟ ତାହା ପାଠ୍ୟପୁସ୍ତକ ମଧ୍ୟରେ ରଖାଯିବା ମନୋନୀତ କରିଥିଲେ । ଏତଦ୍‌ବ୍ୟତୀତ ଉତ୍କଳ ସାହିତ୍ୟ ପତ୍ରରେ ନୃପରାଜ ସିଂହଙ୍କର କେତେକ କବିତା ପ୍ରକାଶିତ ହୋଇଅଛି । ସେ ଲେଖକମାନଙ୍କୁ ମଧ୍ୟ ପୁରସ୍କାରାଦି ଦେଇ ଉତ୍ସାହିତ କରିଥାନ୍ତି । ହିତୈଷିଣୀ ସମ୍ପାଦନ ଏବଂ ବିବିଧ ପୁସ୍ତକ ପ୍ରଣୟନ ହେତୁ ଅତ୍ୟନ୍ତ ପ୍ରୀତ ହୋଇ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କୁ ଏବଂ ସ୍ଥାନୀୟ ଲେଖକଙ୍କର ଉତ୍ସାହ ବୃଦ୍ଧି ନିମନ୍ତେ ଏହି ପୁସ୍ତକର ଲେଖକଙ୍କୁ ନୃପରାଜସିଂହ ଯଥେଷ୍ଟ ସାହାଯ୍ୟ କରି ସମୁଚିତ ଗ୍ରାହକତାର ପରିଚୟ ପ୍ରଦାନ କରିଅଛନ୍ତି । ଉତ୍କଳଭ୍ରମଣ ପ୍ରଣେତା ଉତ୍କଳର କବି ସେନାପତି କହି ଅଛନ୍ତି :—

"ଲାଲ ନୃପରାଜ ସିଂହ ରାଜା ବରପାଲି,
ତୁମ୍ଭର ସୁଖ୍ୟାତି କରୁ ନାହିଁ ଖାଲି ଖାଲି ।
ପାଣ୍ଡିତ୍ୟକବିତ୍ୱ ଏଣେ ତେଣେ ରାଜଭୋଗ
ଏହାକୁ ବୋଲନ୍ତି ମଣିକାଞ୍ଚନର ଯୋଗ ।
ପ୍ରଜାଙ୍କ ଉନ୍ନତି ପାଇଁ କରୁଛ ଯତନ,
ଏହା ସିନା ଅଟେ ରାଜଧର୍ମ ସନାତନ ।"

ନୃପରାଜ ସିଂହ ଗୋପନରେ ଅହିନ୍ଦୁର କାର୍ଯ୍ୟ କରି ଲୋକନେତ୍ରକୁ ପରମହିନ୍ଦୁତା ପ୍ରଦର୍ଶନକାରୀ ନୁହନ୍ତି । ବାସ୍ତବରେ ସେ ଜଣେ ନିଷ୍ଠାପର ହିନ୍ଦୁ । ନିଜେ ଆନ୍ତରିକ ଭକ୍ତି ଓ ବିଶ୍ୱାସ ସହିତ ପ୍ରତ୍ୟହ ଶିବପୂଜା କରନ୍ତି । ଆଶ୍ୱିନ ମାସରେ ଯଥାବିଧି ଦେବୀପୂଜା କରନ୍ତି । ବ୍ରାହ୍ମଣମାନଙ୍କଠାରେ ବ୍ରାହ୍ମଣୋଚିତ ସଦ୍‌ଗୁଣ ନ ଦେଖିଲେ ଭର୍ତ୍ସନା ଛଳରେ ଉତ୍ତେଜିତ କରିଥାନ୍ତି । ନିର୍ବିଶେଷ ଭାବରେ କି ବ୍ରାହ୍ମଣ କି ଶୂଦ୍ର ସମସ୍ତଙ୍କର ଗୁଣଗ୍ରହଣ କରିଥାନ୍ତି । ପ୍ରାଚୀନ ଶାସ୍ତ୍ରରେ ତାହାଙ୍କର ବିଶ୍ୱାସସତ୍ତ୍ୱେ ସେ ଫଳ ଦର୍ଶନ ବିନା କାହାରି ଉକ୍ତିରେ ବଞ୍ଚିତ ହେବା଼ଲୋକ ନୁହନ୍ତି । ତାହାଙ୍କର ଦେବକାର୍ଯ୍ୟରେ ଯେପରି ପ୍ରୀତି ଓ ଆସକ୍ତି ଅଛି, ଦେବତା ପ୍ରତି ସେପରି ଭକ୍ତି ଓ

ବିଶ୍ୱାସ ଅଛି । ସେ ତାଙ୍କ ଇଲାକାରେ ଥିବା ସମସ୍ତ ଦେବତାଙ୍କର ଭୋଗ ନିମନ୍ତେ ନିଷ୍କର ଭୂମି ଖଞ୍ଜି ଦେଇଅଛନ୍ତି ।

ନୃପରାଜ ସିଂହ ଗଭର୍ଣ୍ଣମେଣ୍ଟଙ୍କଠାରେ ଭକ୍ତି, ଜ୍ଞାତିମାନଙ୍କଠାରେ ଶ୍ରଦ୍ଧା ଓ ସ୍ନେହ, ବନ୍ଧୁମାନଙ୍କଠାରେ ସୌହାର୍ଦ୍ଦ୍ୟ, ପ୍ରଜାମାନଙ୍କଠାରେ ପୁତ୍ରବାତ୍ସଲ୍ୟ, ସାଧାରଣଙ୍କଠାରେ ସାରଲ୍ୟ ପ୍ରଦର୍ଶନ କରି ମିଷ୍ଟାଳାପଦ୍ୱାରା ସମସ୍ତଙ୍କର ପ୍ରୀତି ଆକର୍ଷଣ କରିଥାନ୍ତି । ଯେଉଁ ନୃପରାଜ ସିଂହ ଏକ ସମୟରେ ବିଶୁଦ୍ଧ ରାଜଆମୋଦରେ ମତ୍ତଥିବାର ଦେଖାଯାଇଥାନ୍ତି, ସେହି ନୃପରାଜ ସିଂହ ଅନ୍ୟ ସମୟରେ କୃଷିକ୍ଷେତ୍ରରେ କୃଷିର ତତ୍ତ୍ୱାବଧାନରେ ବ୍ୟସ୍ତ ଥିବାର ଦେଖାଯାନ୍ତି । ଯେଉଁ ନୃପରାଜ ସିଂହ ହସ୍ତୀପୃଷ୍ଠରେ ବସି ୩।୪ ମାଇଲ ପଥ ଭ୍ରମଣ କରିବା ଶାନ୍ତିଜନକ ମନେକରିଥାନ୍ତି, ପ୍ରୟୋଜନ ପଡ଼ିଲେ ସେହି ନୃପରାଜ ସିଂହ ୧୦।୧୨ ମାଇଲ ପଥ କାର୍ଯ୍ୟବିନୋଦରେ ପଦବ୍ରଜରେ ଚାଲି ଆନନ୍ଦ ଅନୁଭବ କରିଥାନ୍ତି । ସ୍ଥୂଳରେ ନୃପରାଜ ସିଂହ କର୍ମ୍ମବୀର ଶ୍ରେଣୀର ଜଣେ ଉପଯୁକ୍ତ ଲୋକ ଅଟନ୍ତି । ତାହାଙ୍କର ନିରଳସତା ନିରତିଶୟ ପ୍ରଶଂସନୀୟ ।

୧୯୧୧ ଖ୍ରୀଷ୍ଟାବ୍ଦରେ ନୃପରାଜ ସିଂହ ଗୋଟିଏ ଆରୋପିତ ଭୟଙ୍କର କଳଙ୍କ ପଙ୍କରେ ନିକ୍ଷିପ୍ତ ହୋଇଥିଲେ । ତାଙ୍କ ନିମନ୍ତେ ରାଜା, ପ୍ରଜା, ଧନୀ, ଦରିଦ୍ର ଆବାଳ-ବୃଦ୍ଧ-ବନିତାଙ୍କ ମୁଖରେ ହାହାକାର ଧ୍ୱନି ଉଠିଯାଇଥିଲା । ତାହାଙ୍କର ସେହି ଦୁର୍ବିପାକ ଦର୍ଶନ ଶ୍ରବଣରେ ଲୋକମାନେ ସ୍ତମ୍ଭିତ ହୋଇଯାଇଥିଲେ । କିନ୍ତୁ ନୃପରାଜ ସିଂହ ଅସାଧାରଣ ଧୈର୍ଯ୍ୟ, ସାହସ ଓ ପ୍ରବୀଣତା ବଳରେ ସେହି କଳଙ୍କପଙ୍କରୁ ଉତ୍ତୀର୍ଣ୍ଣ ହୋଇ ନିର୍ଦ୍ଦୋଷିତା ଜଳରେ ସେହି ସମସ୍ତ ପଙ୍କ ପ୍ରକ୍ଷାଳନ କରିଦେଲେ । ତାହାଙ୍କର ଯଶଃ-କାନ୍ତି-ପୂର୍ଣ୍ଣ କଳେବରରେ ବିନ୍ଦୁମାତ୍ର କଳଙ୍କ କାଳିମା ରହିପାରିଲା ନାହିଁ । ଏହି ବହୁବ୍ୟୟସାଧ କାର୍ଯ୍ୟରେ ନୃପରାଜ ସିଂହ ଯେତେ ବ୍ୟୟକଲେ, ତାହା ଅତି ଅଳ୍ପ ବୋଲିବାକୁ ହେବ । ଏହା ତାହାଙ୍କର ଚିରାର୍ଜିତ ଲୋକପ୍ରିୟତାର ଲାଭ ।

ନୃପରାଜ ସିଂହ ଜଣେ ଶୁଚିମାନ୍ ପରିଷ୍କାର ପରିଚ୍ଛନ୍ନ ଲୋକ ଅଟନ୍ତି । ସେ ରାଜସୁଲଭ ନିନ୍ଦ୍ୟ ଦୋଷମାନଙ୍କରେ ଲିପ୍ତ ନୁହନ୍ତି । ରାୟ ରାଧାନାଥ ରାୟ ବାହାଦୂର ପ୍ରସଙ୍ଗକ୍ରମେ କହିଥିଲେ, "ବାମଣ୍ଡା ନରେଶ ସୁଚଳ ଦେବ ଶିକ୍ଷାରୁ ବଞ୍ଚିତ ହୋଇ ବଞ୍ଚି ଯାଇଥିଲେ । ନୃପରାଜ ସିଂହଙ୍କର ପ୍ରତି ମଧ୍ୟ ଆମ୍ଭେ ସେହି ଉକ୍ତି ପ୍ରୟୋଗ କରୁଅଛୁଁ ।" ପ୍ରଶଂସିତ ମହାରାଜ ସୁଚଳ ଦେବ ନୃପରାଜ ସିଂହଙ୍କ ପ୍ରତି ଅତ୍ୟନ୍ତ ଅନୁରକ୍ତ ଥିଲେ । ସେ ରାଜସମାଜରେ ତହିଁର ଭୂରି ଭୂରି ନିଦର୍ଶନ ପ୍ରଦର୍ଶନ କରିଯାଇଅଛନ୍ତି । ନବୀନ ନରପତି ଶ୍ରୀମାନ୍ ସଚ୍ଚିଦାନନ୍ଦ ତ୍ରିଭୁବନ ଦେବ ମଧ୍ୟ ପିତାଙ୍କର ସବୁ ଗୁଣରେ ଉତ୍ତରାଧିକାର ଗ୍ରହଣ ସଙ୍ଗେ ସଙ୍ଗେ ନୃପରାଜ ସିଂହଙ୍କ ପ୍ରତି ଅନୁରାଗ ରଖିବା ଗୁଣକୁ ଦୃଢ଼ତର ଭାବରେ ଗ୍ରହଣ କରିଅଛନ୍ତି । ତହିଁର ପ୍ରମାଣମାନ ଲକ୍ଷିତ ହୋଇଆସୁଅଛି । ସଜ୍ଜନର ଅନୁରାଗାକର୍ଷଣ ସୁଜନତା ଲକ୍ଷଣ ବୋଲି ଏଠାରେ ଏ କଥାର ଉଲ୍ଲେଖ ହେଲା ।

ନୃପରାଜ ସିଂହଙ୍କର ସତ୍‌କାର୍ଯ୍ୟର ପ୍ରଶଂସା ସମ୍ବାଦପତ୍ରରେ ମଧ୍ୟ ଅସୁଲଭ ନୁହେଁ । ପଣ୍ଡିତ ନୀଳମଣି ବିଦ୍ୟାରତ୍ନ "ସମ୍ବଲପୁର ହିତୈଷିଣୀ"ର ସମ୍ପାଦକ ଥିବା ସମୟରେ

ସତ୍‌କାର୍ଯ୍ୟସବୁର ଉଲ୍ଲେଖ କରି ସେ ଗଭର୍ଣ୍ଣମେଣ୍ଟରୁ ରାଜାବାହାଦୁର ଉପାଧି ପାଇବାର ଯୋଗ୍ୟ ବୋଲି ମନ୍ତବ୍ୟ ପ୍ରକାଶ କରି ରାଜପୁରୁଷମାନଙ୍କର ମନୋଯୋଗ ଆକର୍ଷଣ କରିଥିଲେ । ତହିଁର ଫଳସ୍ୱରୂପ କିଛିଦିନ ପରେ ନୃପରାଜ ସିଂହ "ରାୟବାହାଦୁର" ଉପାଧି ଲାଭ କରିଅଛନ୍ତି । ଏହା ତାହାଙ୍କର ସଦନୁଷ୍ଠାନ ଓ ଗଭୀର ରାଜଭକ୍ତିର ସୁନ୍ଦର ନିଦର୍ଶନ । ଉପାଧିଦାନ ଦରବାରରେ କମିଶନର ସାହେବଙ୍କ ନିକଟରେ ଡେପୁଟି କମିଶନର ମିଃ ରଜର୍ସ ସାହେବ ତା ୨୦।୫।୧୯୦୧ ଖ୍ରୀଷ୍ଟାବ୍ଦରେ ସର୍ବ-ସମକ୍ଷରେ ନୃପରାଜ ସିଂହଙ୍କ ସମ୍ବନ୍ଧରେ ଯାହା କହିଥିଲେ, ତାହା ନିମ୍ନରେ ଲିଖିତ ହେଉଅଛି । ତଦ୍ଦ୍ୱାରା ଏହି ପୁସ୍ତକ-ଲେଖକର ବାକ୍ୟଗୁଡ଼ିକ ବହୁପରିମାଣରେ ସମର୍ଥିତ ହୋଇପାରିବ, ସନ୍ଦେହ ନାହିଁ ।

ସମ୍ବଲପୁର ଡେପୁଟି କ ଶନର ମିଃ ରଜର୍ସ ସାହେବଙ୍କର ବକ୍ତୃତା :—

To

The Commissioner

Sir,

It is my privilege to introduce to you Rai Bahadur Lal Nripraj Sing Deo, in order that you may, as the representative of His Excellency the Governor-General, and of His Majesty the King of England and Emperor of India, confer on him the Sanad of Rai Bahadur, which title was given to him under the signature of Lord Curzon on January 1st, 1900.

Lal Nripraj Sing Deo succeeded to the Zamindary in 1869. Since then he has devoted all his time and energy to the improvement of his estate, the welfare of his rayats and the assistance of the Government. He has erected three schools, one for boys, one for girls and branch school and has almost every year received the thanks of the Inspector-General of Education, and of the Honourable the Chief Commissioner for his interest in the cause of education.

He supported many starving wanderer who came into his Illaka in the famine of 1897 and received the thanks of the supreme Government for this in 1898. In the famine of last year and during the census he also rendered material assistance.

Since 1875, the Zamindar has been Honorary Magistrate and has received respected praise for the efficient manner in which he discharged his duties. It is with pleasure, I notice that his son is following in the footsteps of his father.

Lal Nripraj Sing Deo is descended from Bikram Sing, son of the 4th Raja of Sambalpur. His family has always been distinguished for its loyalty to Government, and in 1858, the grand father of the present Zamindar received the thanks of the Governor-General for his services. The Zamindar's latest exhibition of loyalty consists in the promise of a subscription of Rs. 1000 to the memorial of her late gracious Majesty the Queen Victoria.

Bearing in mind all these good services of Lal Nripraj Sing Deo and his family, it is with much pleasure that I call him before you, Sir, to be invested with the Sanad of Rai Bahadur.

## ଅନୁବାଦ

ଅଦ୍ୟ ରାୟ ବାହାଦୁର ଲାଲ ନୃପରାଜ ସିଂହଦେବଙ୍କୁ ଏ ଉଦ୍ଦେଶ୍ୟରେ ଆପଣଙ୍କ ନିକଟରେ ପରିଚିତ କରାଇ ଦେଉଅଛୁ କି ଆପଣ ତାଙ୍କୁ ମହାମାନ୍ୟ ଗଭର୍ଣ୍ଣର ଜେନେରାଲ ସାହେବ ବାହାଦୁରଙ୍କର ଓ ଇଂଲଣ୍ଡର ରାଜା ଓ ଭାରତସମ୍ରାଟଙ୍କର ପ୍ରତିନିଧି ସ୍ୱରୂପରେ ରାୟ ବାହାଦୁର ସନନ୍ଦ ଦେବେ, ଯେଉଁ ଉପାଧି ଲର୍ଡ଼ କର୍ଜନ ସାହେବଙ୍କଦ୍ୱାରା ତା ୧ ରିଖ ଜାନୁୟାରୀ, ୧୯୦୦ ଖ୍ରୀଷ୍ଟାବ୍ଦରେ ସ୍ୱାକ୍ଷରିତ ହୋଇଅଛି ।

ନୃପରାଜ ସିଂହ ୧୮୭୯ ଖ୍ରୀଷ୍ଟାବ୍ଦରେ ଜମିଦାର ପଦରେ ଅଧିଷ୍ଠିତ ହେଲେ । ସେ ସେହିଦିନରୁ ଆପଣାର ସମସ୍ତ ସମୟ ଓ ଉତ୍ସାହ ଗଭର୍ଣ୍ଣମେଣ୍ଟଙ୍କର ସାହାଯ୍ୟରେ ଓ ଆପଣାର ପ୍ରଜାମାନଙ୍କର ହିତରେ ଏବଂ ଜମିଦାରୀର ଉନ୍ନତିରେ ବ୍ୟୟ କରିଅଛନ୍ତି । ସେ ୩ ଗୋଟି ସ୍କୁଲ ଆପଣାର ଖର୍ଚ୍ଚରେ କରି ଦେଇଅଛନ୍ତି । ଗୋଟିଏ ବାଳକମାନଙ୍କ ନିମନ୍ତେ, ଗୋଟିଏ ବାଳିକାମାନଙ୍କ ନିମନ୍ତେ ଓ ଗୋଟିଏ ବ୍ରାଞ୍ଚ ସ୍କୁଲ । ଏତଦ୍‌ଭିନ୍ନ ପ୍ରତିବର୍ଷ ଶିକ୍ଷା ବିଷୟରେ ମନଯୋଗ ଦେଉଥିବାରୁ ମହିମବର ଚିଫ୍ କମିଶନର ସାହେବ ବାହାଦୁରଙ୍କର ଏବଂ ଶିକ୍ଷାବିଭାଗର ଇନ୍‌ସପେକ୍ଟର ଜେନେରାଲ ସାହେବଙ୍କର ଧନ୍ୟବାଦଭାଜନ ହୋଇ ପ୍ରଶଂସାପତ୍ର ପାଇଅଛନ୍ତି । ୧୮୯୭ ସାଲର ସେ ଦୁର୍ଭିକ୍ଷରେ ତାଙ୍କ ଇଲାକାରେ ସମବେତ ହୋଇଥିବା ଅନ୍ୟସ୍ଥାନର କଙ୍ଗାଳମାନଙ୍କର ପ୍ରାଣରକ୍ଷାକଲେ । ଏ ବିଷୟରେ ତାଙ୍କୁ ୧୮୯୮ ସାଲରେ ଭାରତ ଗଭର୍ଣ୍ଣମେଣ୍ଟଙ୍କଠାରୁ ଧନ୍ୟବାଦ ପତ୍ର ମିଳିଅଛି । ଗତବର୍ଷ ଦୁର୍ଭିକ୍ଷରେ ଏବଂ ଲୋକସଂଖ୍ୟା ସମ୍ପର୍କରେ ମଧ୍ୟ ସରକାରଙ୍କୁ ସେହିପରି ସାହାଯ୍ୟ ଦେଇଅଛନ୍ତି ।

ଜମିଦାର ସନ ୧୮୭୫ ସାଲରୁ ଅନରାରୀ ମାଜିଷ୍ଟ୍ରେଟ କାର୍ଯ୍ୟ ଚଳାଇ ଆସୁଅଛନ୍ତି ଏବଂ ଏହି କାର୍ଯ୍ୟ ଉତ୍ତମରୂପେ କରିବା ବିଷୟରେ ବାରମ୍ବାର ପ୍ରଶଂସା ପ୍ରାପ୍ତ ହେଉଅଛନ୍ତି । ଆନନ୍ଦର ବିଷୟ ଯେ ତାଙ୍କର ପୁତ୍ର ମଧ୍ୟ ପିତାଙ୍କର ଉତ୍ତମ ଆଦର୍ଶର ଅନୁକରଣ କରୁଅଛନ୍ତି ।

ଲାଲ ନୃପରାଜ ସିଂହଦେବ ସମ୍ବଲପୁର ଚତୁର୍ଥ ରାଜାଙ୍କ ପୁତ୍ର ବିକ୍ରମ ସିଂହଙ୍କର ବଂଶଧର ଅଟନ୍ତି । ତାଙ୍କ ବଂଶର ରାଜଭକ୍ତିର ବିଷୟ ସର୍ବଦା ପ୍ରସିଦ୍ଧ ଅଛି । ୧୮୫୮ ସାଲରେ ବର୍ତ୍ତମାନଜମିଦାରଙ୍କର ପିତାମହ ରାଜଭକ୍ତି ବିଷୟରେ ଗଭର୍ଣ୍ଣମେଣ୍ଟଙ୍କଠାରୁ ଧନ୍ୟବାଦ ପାଇଅଛନ୍ତି ।

ଜମିଦାରଙ୍କର ରାଜଭକ୍ତିର ଆଉରି ଗୋଟିଏ ନିଦର୍ଶନ ଏହି ଯେ ସେ ମହାମାନ୍ୟ ସ୍ୱର୍ଗବାସିନୀ ଭାରତେଶ୍ୱରୀଙ୍କର ସ୍ମୃତିରକ୍ଷା ନିମନ୍ତେ ୧୦୦୦ ଟଙ୍କା ଦେବାକୁ ପ୍ରତିଶ୍ରୁତ ହୋଇଅଛନ୍ତି ।

ଲାଲ ନୃପରାଜ ସିଂହଙ୍କର ଓ ତାଙ୍କ ବଂଶର ଏହିସବୁ ଗୁଣ ସ୍ମରଣ କରି ମୁଁ ଅତ୍ୟନ୍ତ ଆନନ୍ଦର ସହିତ ତାଙ୍କୁ ଆପଣଙ୍କ ସମ୍ମୁଖରେ ଆହ୍ୱାନ କରୁଅଛି । ଇତି ।

## ଉପସଂହାର

ବିକ୍ରମସିଂହ ବରପାଲି ଇଲାକାକୁ ଆପଣାର ପିତା ସମ୍ବଲପୁରର ରାଜାବଳିଆର ସିଂହଙ୍କଠାରୁ ଭରଣପୋଷଣ ନିମନ୍ତେ ପାଇଥିଲେ । ତାଙ୍କର ବଂଶଧରମାନେ ସମ୍ବଲପୁରର ପରବର୍ତ୍ତୀ ରାଜାମାନଙ୍କଠାରୁ ନିଜର ଭରଣପୋଷଣର ଅପ୍ରତୁଳତା ପୂରଣ ନିମନ୍ତେ ନାନାପ୍ରକାର ସାହାଯ୍ୟ ମଧ୍ୟ ପାଉଥିଲେ । ସମ୍ପ୍ରତି ବରପାଲିର ଆୟର

ପ୍ରାପ୍ତ ତୃତୀୟାଂଶ ନାନାପ୍ରକାରରେ ଗଭର୍ଣ୍ଣମେଣ୍ଟ ନେଉଅଛନ୍ତି । ଅବଶିଷ୍ଟ ଅର୍ଥରେ ବରପାଲି ଅଧୀଶ୍ୱରଙ୍କର ନିର୍ବାହ ହେବା କଥା । ତହିଁରେ ନୃପରାଜ ସିଂହ ମର୍ଯ୍ୟାଦାନୁରୂପ କାର୍ଯ୍ୟକରି ଚଳିପାରିବା କଷ୍ଟ । ତଥାପି ସେ ଔଦାର୍ଯ୍ୟର ବଶବର୍ତ୍ତୀ ହୋଇ ସ୍ୱକୀୟ ବ୍ୟୟସଙ୍କୋଚଦ୍ୱାରା ଦେଶହିତକର କାର୍ଯ୍ୟରେ ଅଜସ୍ର ଅର୍ଥ ବ୍ୟୟ କରୁଅଛନ୍ତି ଏବଂ ତାହାଙ୍କର ବଂଶବ୍ୟାପିନୀ ରାଜଭକ୍ତିକୁ ପରିପୁଷ୍ଟ କରିଅଛନ୍ତି । ତହିଁର ପୁରସ୍କାର ସ୍ୱରୂପ "ରାୟବାହାଦୁର" ଉପାଧିଦ୍ୱାରା ସମ୍ମାନିତ ହୋଇଅଛନ୍ତି । ତାହାଙ୍କର ସଦିଚ୍ଛା ସବୁ କାର୍ଯ୍ୟରେ ପରିଣତ ହୋଇପାରିଲେ ତାହାଙ୍କର ସମ୍ମାନ ନିଃସଂଶୟ ଅଧିକତର ବର୍ଦ୍ଧିତ ହେବ । କିନ୍ତୁ ତେତିକରେ ତାହା-ଙ୍କର ଔଦାର୍ଯ୍ୟପ୍ରସୂତ ସତ୍‌କାର୍ଯ୍ୟର ଫଳ ଶେଷ ହେବନାହିଁ । ସେ ସର୍ବକର୍ମଫଳପ୍ରଦ ପରମେଶ୍ୱରଙ୍କଠାରୁ ଅବଶ୍ୟ ଅମୂଲ୍ୟ ଅତୁଲ୍ୟ ଫଳଲାଭକରି କୃତ୍ୟକୃତ୍ୟ ହେବେ । (ସେ ପୁତ୍ରପୌତ୍ରାଦି ସହିତ ସୁଖ୍ୟସ୍ୱାସ୍ଥ୍ୟ ଢେନ ଚିରଜୀବୀ ହେଉନ୍ତୁ ଏବଂ ତାହାଙ୍କର ପର-ବର୍ତ୍ତୀ ଜୀବନ ପରୋପକାରସାଧନାରେ ନିଯୁକ୍ତ ଥାଉ । ତାଙ୍କର ସୁକାର୍ଯ୍ୟଦ୍ୱାରା ନ୍ୟାୟୁର ଗୌରବ ରକ୍ଷିତ ହେଉ—ଜଗଦୀ-ଶ୍ୱରଙ୍କଠାରେ ଏହା ହିଁ ଅନ୍ତିମ ପ୍ରାର୍ଥନା) ।

# ପୁରାଣକବି ଫକୀରମୋହନ

ଉତ୍କଳର ଜାତୀୟ-ଜୀବନ-ସଂଗ୍ରାମର ସେନାପତି ମହାତ୍ମା ଫକୀରମୋହନ ନିଜ ଜୀବନର ଶେଷମୁହୂର୍ତ୍ତ ପର୍ଯ୍ୟନ୍ତ ଅବିଶ୍ରାନ୍ତ କର୍ତ୍ତବ୍ୟପାଳନରେ ପ୍ରବୃତ୍ତ ଥାଇ ଶରୀର-ପାତ କରି ସ୍ୱର୍ଗାରୋହଣ କରିଅଛନ୍ତି । ତାହାଙ୍କ ଶରୀରୋପରି ଉତ୍କଳର ବିବୁଧ-ବୃନ୍ଦଙ୍କର ଶୋକାଶ୍ରୁ ଛଳରେ ପୁଷ୍ପବୃଷ୍ଟି ହେଉଅଛି । ତେଣୁ ସ୍ୱର୍ଗରୁ ଦେବଦେହଧାରୀ ରାଧାନାଥ ଓ ମଧୁସୂଦନ ଅର୍ଦ୍ଧପଥକୁ ଆସି ତାହାଙ୍କ ହସ୍ତଦ୍ୱୟ ଧରି, ସାଦର ଅଭ୍ୟର୍ଥନା କରି, ଦୀପ୍ତିମୟ ବିମାନରେ ବସାଇ ଜ୍ୟୋତିରାଜ୍ୟକୁ ଘେନି ଯାଇଅଛନ୍ତି । ମନୁଷ୍ୟଜୀବନରେ ଯାହା ବାଞ୍ଛନୀୟ, ଶ୍ରଦ୍ଧେୟ, ପ୍ରାର୍ଥନୀୟ ଓ ଦୁର୍ଲ୍ଲଭ, ଫକୀର-ମୋହନ ତାହା ଲାଭ କରିଅଛନ୍ତି । ତଥାପି ସେ ଉତ୍କଳରେ ଆଜି ନାହାନ୍ତି, ଏ କଥା କହିବାକୁ ମନ ବଳୁ ନାହିଁ, ଲେଖନୀ ଚଳୁ ନାହିଁ । ଆଶା ବୋଲୁଅଛି, ସେ ଅଛନ୍ତି; ନୈରାଶ୍ୟ କହୁଅଛି, ନାହାନ୍ତି ।

ଆଶା—କାହିଁକି ନାହାନ୍ତି ? ସେ ତନୁତ୍ୟାଗ କରିଥିବାର କି ତୁମ୍ଭେ ଦେଖିଅଛ ?

ନୈରାଶ୍ୟ—ଯେପରି ଶୁଣୁଅଛୁଁ ସେ ନାହାନ୍ତି, ତାଙ୍କୁ ଆଉ ତାଙ୍କ ଗୃହରେ ଦେଖିପାରିବୁ ନାହିଁ ।

ଆଶା—ଯେଉଁ ବନ୍ଧୁଙ୍କ ଗୃହକୁ ଯାଉଁ ସେ ନିଜ ଗୃହରେ ନ ଥିଲା ମାତ୍ରକେ ସେ ଆଉ ନାହାନ୍ତି ବୋଲାଯିବ ?

ନୈରାଶ୍ୟ—ତୁମ୍ଭେ ପତ୍ର ଲେଖିଲେ ସେ ଉତ୍ତର ଦେବେ ନାହିଁ ।

ଆଶା—ଯେଉଁମାନେ ପତ୍ରର ଉତ୍ତର ଦିଅନ୍ତି ନାହିଁ, ସେମାନେ ତେବେ ମୃତ ?

ନୈରାଶ୍ୟ—ସେ ଆଉ ଉତ୍କଳର ଉପକାରାର୍ଥ କୌଣସି କାର୍ଯ୍ୟ କରିପାରିବେ ନାହିଁ ।

ଆଶା—ଅନେକ ଲୋକ ତ ଦେଶର ଉପକାର କରିପାରନ୍ତି ନାହିଁ, ଅଥଚ ଜୀବିତ ଥାଆନ୍ତି ।

ନୈରାଶ୍ୟ – ଜୀବନଥାଉଁ ଯଦି ଜୀବନର କାର୍ଯ୍ୟ କିଛି ନ କରନ୍ତି, ସେମାନଙ୍କ ଜୀବନ ଥିଲେ ସୁଦ୍ଧା ନ ଥିଲା ପରି । କର୍ତ୍ତବ୍ୟଜ୍ଞାନ-ବିହୀନ ଲୋକ ଓ ମୃତଲୋକର କୌଣସି ପ୍ରଭେଦ ନାହିଁ ।

ଆଶା—ଯେଉଁ ଲୋକ ଜୀବିତ ଥାଇ ଦେଶର କିଛି ଉପକାର କଲା ନାହିଁ, ତାକୁ ଜୀବିତ ନ କହି; କିନ୍ତୁ ଯେଉଁ ଲୋକ ମରି ସୁଦ୍ଧା ଜାତିର ଉପକାର କରୁଅଛନ୍ତି, ସେ ଜୀବିତ ନୁହନ୍ତି କି ?

ନୈରାଶ୍ୟ—ଫକୀରମୋହନ ଆଉ ଦେଶର କି ଉପକାର କରିବେ ?

ଆଶା—ତୁମ୍ଭେ ଉପକାର ଲୋଡ଼ିଲେ ସିନା ପାଇବ, ନ ଖାଇଲେ ତ କେହି ଗିଲାଇ ଦେଇପାରନ୍ତି ନାହିଁ ।

ନୈରାଶ୍ୟ—ଆଚ୍ଛା, ଆମ୍ଭେ ଉପକାର ଲୋଡ଼ୁଅଛୁଁ ।

ଆଶା—ଫକୀରମୋହନଙ୍କ ଜୀବନ ତାଙ୍କର ପୁସ୍ତକସମୁଦାୟରେ ବିକୀର୍ଣ୍ଣ ହୋଇ ରହିଅଛି । ସେ ତାଙ୍କ ଜୀବନକୁ ଘୋରି ଘୋରି ଶେଷ କରିଦେଇଅଛନ୍ତି । ସେ ଆମ୍ଭମାନଙ୍କୁ ଛାଡ଼ିଯିବାର ଲୋକ ନୁହନ୍ତି, କମ୍ବା ଛାଡ଼ିଯାଇ ନାହାନ୍ତି । ସେ ଏଥିପୂର୍ବେ ରୋଗର ଅଧୀନ ଥିଲେ । ସମ୍ପ୍ରତି ଅନାମୟ । ତୁମ୍ଭେ ନିଜର ଉପକାର ନିମନ୍ତେ ଯାହା ପଚାରିବାକୁ ଇଚ୍ଛାକର, ସେହି ପୁସ୍ତକମାନେ କହିବେ । ତୁମ୍ଭ ପ୍ରଶ୍ନରୁ ଅଧିକ ଉପକାରଜନକ କଥାମାନ କହିବେ । ତୁମ୍ଭେ କାହିଁକି, ତୁମ୍ଭ ଦେଶର ସମସ୍ତେ ସେହିପରି କରି ଉପକୃତ ହୋଇପାରିବେ । କେହି ଲୋକ ତାଙ୍କ ସମସ୍ତ ପୁସ୍ତକର ଭାବ ନିଜ ଜୀବନରେ ପୂର୍ଣ୍ଣ କରିପାରିଲେ ସେହି ବ୍ୟକ୍ତିର ଜୀବନରେ ଫକୀରମୋହନଙ୍କ ଶକ୍ତିର ଆବିର୍ଭାବ ହେବ ।

ନୈରାଶ୍ୟ—ତେବେ ଆଉ ଶୋକ-ଦୁଃଖ କାହିଁକି ?

ଆଶା—ଯାହା ଜୀବନରେ ସେହି ଶକ୍ତିର ଆବିର୍ଭାବ ହୋଇପାରିବ, ଏପରି ଜଣେ ଲୋକ ଉତ୍କଳରେ ନାହାନ୍ତି । ତହିଁ ନିମନ୍ତେ ସିନା ଶୋକ ଓ ଦୁଃଖ !

ନୈରାଶ୍ୟ—ସେପରି ଲୋକ କି କୌଣସିକାଳେ ସମ୍ଭବ ହୋଇପାରନ୍ତି ?

ଆଶା—ପୂର୍ବରେ ଥିଲେ । ଦେଖ, ବ୍ୟାସଦେବ ଭାରତଯୁଦ୍ଧ ସମୟର ଲୋକ । ସେ ମହାଭାରତକୁ ଅତି ସଂକ୍ଷେପରେ ଲେଖିଥିଲେ । ପରେ ଅନ୍ୟାନ୍ୟ ଲୋକଙ୍କ ଜୀବନରେ ତାଙ୍କ ଶକ୍ତି ଆବିର୍ଭୂତ ହୋଇ ସେହି ମହାଭାରତକୁ ଏଡ଼େ ପ୍ରକାଣ୍ଡ କରିଅଛି । ସେହିପରି ଉତ୍ତରୋତ୍ତର ଆବିର୍ଭୂତ ହେବାଦ୍ୱାରା ଅଷ୍ଟାଦଶ ପୁରାଣ ଓ ଅନ୍ୟାନ୍ୟ ଅନେକ ଗ୍ରନ୍ଥ ଲିଖିତ ହୋଇଅଛି ।

ନୈରାଶ୍ୟ—ଜଣେ ବ୍ୟାସଦେବ କ'ଣ ସେ ସମସ୍ତ ଲେଖି ନାହାନ୍ତି ?

ଆଶା—ନା, ପୁରାଣମାନଙ୍କ ରଚନା ସମୟ ଯାହା ମହା ମହା ପଣ୍ଡିତମାନେ ନିରୂପଣ କରିଅଛନ୍ତି, ତାହା ଦେଖ ।

ଲିଙ୍ଗପୁରାଣ—୮ମ ଓ ୯ମ ଶତାବ୍ଦୀରେ,

ମାର୍କଣ୍ଡେୟପୁରାଣ—୯ ମ ଓ ୧୦ ମ ଶତାବ୍ଦୀରେ,

ବିଷ୍ଣୁପୁରାଣ—୧୦ମ ଶତାବ୍ଦୀରେ,

ବରାହପୁରାଣ—୧୨ଶ ଶତାବ୍ଦୀରେ,

ଭାଗବତପୁରାଣ—୧୩ଶ ଶତାବ୍ଦୀରେ,

ସ୍କନ୍ଦପୁରାଣ—୧୩ଶ ଓ ୧୬ଶ ଶତାବ୍ଦୀ ମଧ୍ୟରେ । ଅନ୍ୟାନ୍ୟ ପୁରାଣସବୁ ଏ ମଧ୍ୟରେ ।

ଖ୍ରୀଷ୍ଟଜନ୍ମର ପ୍ରାୟ ଦୁଇ ସହସ୍ର ବର୍ଷ ପୂର୍ବେ ବ୍ୟାସ ଥିଲେ । ସେ ଯେ ଦୁଇ ହଜାର ଷୋଳ ଶତ ବର୍ଷ ପର୍ଯ୍ୟନ୍ତ ଅର୍ଥାତ୍ ଯେତେବେଳେ ମୁସଲମାନରାଜତ୍ୱର ପ୍ରବଳ ପ୍ରତାପରେ ଭାରତବର୍ଷ ସନ୍ତପ୍ତ ସେପର୍ଯ୍ୟନ୍ତ ଜଣେ ବ୍ୟାସ ବସି ପୁରାଣମାନ ଲେଖିଥିଲେ, ତାହା କି ସମ୍ଭବ ?

ନୈରାଶ୍ୟ—ଅଶ୍ୱତ୍ଥାମା ବଳିର୍ବ୍ୟାସୋ ହନୂମାଂଶ୍ଚ ବିଭୀଷଣଃ, କୃପଃ ପରଶୁରାମଶ୍ଚ ସପ୍ତୈତେ ଚିରଜୀବନଃ । ବ୍ୟାସ ତ ଚିରଜୀବୀ, ସେ ଅଦ୍ୟାପି ଅଛନ୍ତି ।

ଆଶା—କେହି କେବେ ଦେଖିଅଛନ୍ତି କି ?

ନୈରାଶ୍ୟ—ସେ ତ ଛାୟାରୂପୀ, ଦେଖା-ଦେବ କପରି ?

ଆଶା—ଫକୀରମୋହନ ଛାୟାରୂପୀ ନ ହେବେ କାହିଁକି ? ତାଙ୍କର ପୁସ୍ତକସବୁ ତ ତାଙ୍କ ଜୀବନର ପ୍ରତ୍ୟକ୍ଷ ଛାୟା ।

ନୈରାଶ୍ୟ—ଏପରି ବୁଝିଲେ ଅବଶ୍ୟ ଫଳଲାଭ ଅଛି । ହା ଫକୀରମୋହନ ! ତୁମ୍ଭର ଜ୍ଞାନଜ୍ୟୋତିପୂର୍ଣ୍ଣ ପ୍ରଶାନ୍ତମୂର୍ତ୍ତି ଅବଲୋକନ କରି ମନପ୍ରାଣ ସ୍ନିଗ୍ଧ ଓ ପବିତ୍ର ହେଉଥିଲା, ତୁମ୍ଭର ସୁଧାମୟ ମଧୁରାଳାପ ଶୁଣି ପ୍ରାଣ ପୂର୍ଣ୍ଣ ହେଉଥିଲା । ତୁମ୍ଭେ ମହର୍ଷିରୂପେ ଉତ୍କଳରେ ପ୍ରତିଷ୍ଠିତ ଥାଇ ଜାତିର ମାନମହତ୍ତ୍ୱ ବୃଦ୍ଧି କରୁଥିଲ । ଆଜି ତୁମ୍ଭଙ୍କୁ ହରାଇ ଆଶା ଓ ନୈରାଶ୍ୟର ଅନସ୍ଥା-ଦମୟ ବିବାଦରେ ହୃଦୟ କମ୍ପିତ ହେଉ-ଅଛି । କି ମହତ୍ କ୍ଷତି ହୋଇଅଛି, ତାହା କଳନା କରିବାକୁ ସୁଦ୍ଧା ଅସମର୍ଥ ହୋଇ ପ୍ରାଣ ଅବସନ୍ନ ହୋଇପଡ଼ୁଅଛି । ଆମ୍ଭର ଜୀବନ ଅତି ସଙ୍କୀର୍ଣ୍ଣ । ତହିଁରେ ଆପଣଙ୍କର ପ୍ରଶସ୍ତ ଜୀବନର ଛାୟା ରଖିବାକୁ ସ୍ଥାନ ନାହିଁ । ତୁମ୍ଭେ ନାହଁ, ଏ କଥା ପ୍ରାଣ ସହି-ପାରିବ ନାହିଁ । ତୁମ୍ଭେ ଯେପରି ନିଜ ଗୃହକୁ ଋଷିର ପବିତ୍ର ଆଶ୍ରମ ରୂପେ ପରି-ଣତ କରିଥିଲ, ବୃଦ୍ଧ ହୋଇ ଯୁବକ-ଦୁର୍ଲ୍ଲଭ ଉଠାଣିରେ କର୍ମକ୍ଷେତ୍ରରେ ବିଚରଣ କରୁଥିଲ, ବକ୍ତୃତାମଞ୍ଚରେ ଠିଆହୋଇ ଜଳଦଗମ୍ଭୀର ବାକ୍ୟରେ ସମସ୍ତଙ୍କୁ ଚମତ୍କୃତ କରୁଥିଲ, ରାଜା ନ ହୋଇ ରାଜ-ଦୁର୍ଲ୍ଲଭ ଠାଣି, ଶକ୍ତି ଓ ବିଚକ୍ଷଣତାରେ ଉତ୍କଳ ସମ୍ମିଳନୀର ସଭାପତି ଆସନ ଅଳଂକୃତ କରିଥିଲ, ତୁମ୍ଭର ସେହି ସମୟର ହୃଦୟୋଲ୍ଲାସିନୀ ମୂର୍ତ୍ତିକୁ ହୃଦୟାସନରେ ସ୍ଥାପନ କରି ନିତି ନିତି ଦେଖି ଦେଖି ତୁମ୍ଭର ଆଶୀର୍ବାଦ ପ୍ରାର୍ଥନା ଓ ଶକ୍ତି ଭିକ୍ଷା କରୁଅଛୁଁ ।

ଶ୍ରୀ ଗଙ୍ଗାଧର ମେହେର

# ସ୍ୱର୍ଗୀୟ କାଶୀନାଥ ପଣ୍ଡା

ଆଜ ସମ୍ବଲପୁର ଜିଲାର ଗୋଟିଏ ପଲ୍ଲୀଗ୍ରାମ ଏହି ଲରମ୍ବାରେ ଜଣେ ସ୍ୱର୍ଗୀୟ ମହାତ୍ମାଙ୍କର ପ୍ରତିକୃତି ଉନ୍ମୋଚନ ଉପଲକ୍ଷରେ ଜିଲାବାସୀ କେତେକ ବିଶିଷ୍ଟ ବ୍ୟକ୍ତିଙ୍କ ସହିତ ସାଧାରଣ ଲୋକଙ୍କୁ ଯେଉଁ ଯେ ଗୋଟିଏ ସଭା ଆହୂତ ହୋଇଅଛି, ଏହା ଜିଲା ପକ୍ଷରେ ଗୋଟିଏ ସମ୍ପୂର୍ଣ୍ଣ ନୂତନ କଥା ବୋଇଲେ ବୋଧହୁଏ ଅତ୍ୟୁକ୍ତି ହେବ ନାହିଁ । ଏହା ଆଧୁନିକ ସଭ୍ୟତାର ଗୋଟିଏ ଅପରିହାର୍ଯ୍ୟ ଅଙ୍ଗ ଅଟେ । ଏହି ସଭାରେ ସ୍ୱର୍ଗୀୟ ବ୍ୟକ୍ତିଙ୍କର ଜୀବନ କଥା କଥିତ ହେବା ଆବଶ୍ୟକ ବୋଧକରେଁ । ତାଙ୍କ ଜୀବନରେ କି କି ବିଶେଷତ୍ୱ ଅଛି, ସହୃଦୟ ବ୍ୟକ୍ତିମାନେ ଅବଶ୍ୟ ତାହା ଅନୁଭବ କରିବେ ।

ଏହି ପ୍ରାବୃଟ୍-ପ୍ରବାହିଣୀ, ଶରଦ୍-ବିଶୋଭିନୀ ପଶ୍ଚିମବାହିନୀ ଅଙ୍ଗିକା-ନଦୀକୁ କୋଳରେ ଧରି ତଦ୍‌ବିଶେଷଣ-ବିଶିଷ୍ଟା କିନ୍ତୁ ଦକ୍ଷିଣବାହିନୀ ଝାଉଁନଦୀର ମଧ୍ୟସ୍ଥାନାବସ୍ଥିତ ଲରମ୍ବା ଗ୍ରାମର ଚତୁର୍ଥାଂଶଭାଗୀ ଆରଣକ ବ୍ରାହ୍ମଣ-କୁଳୋଦ୍ଭବ ବାସୁଦେବ ପଣ୍ଡାଙ୍କର ଏକମାତ୍ର ପୁତ୍ର ସ୍ୱର୍ଗୀୟ କାଶୀନାଥ ପଣ୍ଡାଙ୍କ ଏହା ପ୍ରତିକୃତି ଅଟେ । କାଶୀନାଥ ୧୮ ସାଲର ଶ୍ରାବଣ ଅମାବାସ୍ୟା ଦିନ ଜାତ ହେଲେ । ସେ ଯଥାକାଳରେ ବର୍ଣ୍ଣଶିକ୍ଷା କରି ଓଡ଼ିଆ ଛାନ୍ଦଗ୍ରନ୍ଥ, ସଂସ୍କୃତ ବ୍ୟାକରଣ ଓ ଅମରକୋଷାଦି ଅଧ୍ୟୟନ କରି ଚତୁର୍ଦ୍ଦଶ ବର୍ଷ ବୟସରେ ଟାମ୍ପରସରା ଗ୍ରାମାଧିପତି ୰ ବାଞ୍ଛାନିଧି ପଣ୍ଡାଙ୍କ ଭଗିନୀଙ୍କର ପାଣିଗ୍ରହଣ କଲେ ଓ ଊନବିଂଶ ବର୍ଷ ବୟସରେ ସସ୍ତ୍ରୀକ ଗୃହୀ ହେଲେ । ତହୁଁର ଦୁଇ ବର୍ଷ ପରେ ତାଙ୍କ ପିତା ବାସୁଦେବ ପଣ୍ଡା ପରଲୋକ ଗମନ କରିବାରୁ ପରିବାରର ସମସ୍ତ ଭାର କାଶୀନାଥଙ୍କ ଉପରେ ପଡ଼ିଲା । ସେତେବେଳେ ତାଙ୍କର ପୈତୃକ ଭୂମି ୫୦ ଏକର ଓ ଟଙ୍କା ଏକ ସହସ୍ରରୁ ଅଧିକ ପୁଞ୍ଜି ନ ଥିଲା । ଏପରି ଅବସ୍ଥାରେ ଅନେକ ବ୍ୟକ୍ତି ପିତୃ-ବିୟୋଗରେ ଆପଣା ଭୋଗବିଳାସର ପଥ ନିଷ୍କଣ୍ଟକ ହେବାର ଜ୍ଞାନ କରିଥାନ୍ତି । କିନ୍ତୁ କାଶୀନାଥଙ୍କ ଜୀବନଯାତ୍ରାପଥରେ ଗୋଟିଏ ମୂର୍ତ୍ତିମନ୍ତ ଚିନ୍ତା ଉପସ୍ଥିତ ହେଲା । ସେ ତହିଁରେ କାତର ନ ହୋଇ ଧୈର୍ଯ୍ୟର ସାହଚର୍ଯ୍ୟରେ ସେହି ପଥରେ ଅଗ୍ରସର ହେବାକୁ ଲାଗିଲେ । ସେ ଉତ୍ତରାଧିକାର

କ୍ରମେ କୃଷି ଓ କୁସୀଦ କାର୍ଯ୍ୟରେ ଅଭ୍ୟସ୍ତ ଥିଲେ ଏବଂ ଧନ ଧନ ତହିଁର ଉନ୍ନତି କରିବାକୁ ଲାଗିଲେ । ତାଙ୍କର କୁସୀଦ କାର୍ଯ୍ୟ ଭୂମିଲାଭମୂଳକ ହେଲା । ଭୂମିଲାଭର ଆଶା ନ ଥିଲେ ସେ କାହାରିକୁ ଟଙ୍କା ଋଣ ଦେଉ ନ ଥିଲେ; କିନ୍ତୁ ମନୋମତ ଭୂମିଲାଭର ଆଶା ଦେଖିବାମାତ୍ରେ ନିଜ ହାତରେ ଟଙ୍କା ନ ଥିଲେ ଅନ୍ୟଠାରୁ ଋଣ ଗ୍ରହଣକରି ଋଣ ଦେଇ ସ୍ୱୋପାର୍ଜିତ ଅର୍ଥଦ୍ୱାରା ନିଜର ଅଧମର୍ଣ୍ଣତା ସତ୍ୱର ଦୂର କରୁଥିଲେ । ତାଙ୍କର ଏହି ବ୍ୟାପାରର କ୍ରମାନ୍ୱୟ ଅଥଚ ସମୃଦ୍ଧି ବୃଦ୍ଧି ହେବାକୁ ଲାଗିଲା । ତହିଁ ସଙ୍ଗେ ରାଜ୍ୟରେ, ରାଜଦ୍ୱାରରେ ଓ ସମାଜରେ ତାଙ୍କର ପ୍ରତିଷ୍ଠା ପ୍ରଭିନ୍ନିତ ହୋଇ-ଆସିଲା । କାଶୀନାଥ ଜୀବନ ଶେଷରେ ଆପଣାର ଉତ୍ତରାଧିକାରୀମାନଙ୍କୁ ପ୍ରାୟ ୫୦ ବର୍ଗମାଇଲ ଭୂମି ଓ ୫୦୦୦୦ ଟଙ୍କାର ଉତ୍ତମର୍ଣ୍ଣତ୍ୱ ଦେଇଯାଇଅଛନ୍ତି । ଅନ୍ୟାନ୍ୟ ଗୃହ ସମ୍ପତ୍ତି ଏଥିରୁ ଅନୁମେୟ । ପାଠକ, ଥରେ କାଶୀନାଥଙ୍କ ପୈତୃକ ଧନର ସହିତ ସ୍ୱୋପାର୍ଜିତ ଧନର ତୁଳନା କରି ଦେଖନ୍ତୁ "ଏବଂ କୃଷି ଓ କୁସୀଦର ଲାଭ ଉପଲବ୍ଧି କରି କାଶୀନାଥଙ୍କ ବିଚକ୍ଷଣତା ବିଚାର କରନ୍ତୁ, ଅପିଚ ଯଦି ଉପଯୁକ୍ତ ମନେକରନ୍ତି ତାଙ୍କୁ ଥରେ ଧନ୍ୟବାଦ ପ୍ରଦାନ କରିବାରେ କୁଣ୍ଠିତ ହେବେ ନାହିଁ । କୃଷିକାର୍ଯ୍ୟରେ କାଶୀନାଥଙ୍କର ଅନୁରାଗ ଓ ପରିଶ୍ରମ ଅସାଧାରଣ । ସେ କୃଷିର ଉନ୍ନତି ନିମନ୍ତେ ବିପୁଳ ବ୍ୟୟ ଓ ନବ ନବ ଯନ୍ତ୍ର ନିର୍ମାଣ କରି ଲୋକମାନଙ୍କୁ ଚମତ୍କୃତ କରୁଥିଲେ । ସମ୍ବଲପୁର କୃଷିପ୍ରଦର୍ଶନୀରେ ସେହି ଯନ୍ତ୍ରମାନ ଉପସ୍ଥାପିତ କରି ନିଜେ ଉପସ୍ଥିତ ଥାଇ ଦର୍ଶକମାନଙ୍କୁ ନବ ନବ କୃଷିଯନ୍ତ୍ରର ବ୍ୟବହାରବିଧି ଓ ଉପକାରିତା ବୁଝାଇ ଦେଉଥିଲେ, ଆଉ ଉଚ୍ଚ ପୁରସ୍କାର ଲାଭ କରି ପ୍ରଦର୍ଶନୀର କର୍ତ୍ତୃପକ୍ଷଙ୍କଦ୍ୱାରା ପ୍ରଶଂସିତ ହେଉଥିଲେ । ସେ ଏ ଜିଲାର କୃଷି ସମିତିର ପ୍ରଧାନ ସଭ୍ୟ ଥିଲେ । ସେହି ସୂତ୍ରରେ ରାୟପୁର କୃଷି ପ୍ରଦର୍ଶନୀକୁ ଓ କଲିକତା କୃଷି ଶିଳ୍ପ ପ୍ରଦର୍ଶନୀକୁ ପ୍ରେରିତ ହୋଇ କୃଷି ବିଷୟରେ ଉନ୍ନତ ଜ୍ଞାନଲାଭ କରିଥିଲେ । ତାଙ୍କର ସେହି ଉପାର୍ଜିତ ଜ୍ଞାନ ସମିତିରେ ବ୍ୟାଖ୍ୟାତ ହେବାଦ୍ୱାରା ସଫଳତା ସାଧନ କରୁଥିଲା ।

ତାଙ୍କର କୃଷିକ୍ଷେତ୍ର ମୁଖ୍ୟତଃ ତାଙ୍କ ଆଧିପତ୍ୟରେଥିବା ୧୬ଖଣ୍ଡ ଗ୍ରାମରେଅଛି । ଗୌଣ ଭାବରେ ଯେ କେତେ ଗ୍ରାମରେ ଅଛି,ତାହାଆମ୍ଭମାନଙ୍କର ସଂଖ୍ୟା କରିବାର ବିଷୟ ନୁହେ । କୌଣସି ଭୂମିରେ ତାଙ୍କର ସୁପର୍ଯ୍ୟବେକ୍ଷଣ ଓ ପରିଚାଳନାର ଅଭାବ ନାହିଁ । ଯେଉଁ ଯେଉଁ ଭୂମି ପୂର୍ବରେ ଅନୁର୍ବର ଥିଲା, କାଶୀନାଥଙ୍କ ହସ୍ତକୁ ଆସି ସେସବୁ ଶସ୍ୟଶାଳିନୀ ହୋଇଅଛନ୍ତି । ଲୋକେ ଧାନ ବୁଣି ଧାନ ଲାଭ କରୁଥିଲେ, କିନ୍ତୁ କାଶୀନାଥ ଟଙ୍କା ବୁଣି ଟଙ୍କା ଉପାର୍ଜନ କରୁଥିଲେ । ବିବିଧ ଶସ୍ୟପୂର୍ଣ୍ଣ କ୍ଷେତ୍ର, ମୃଦୁ କଲ୍ଲୋଳମାଳିନୀ ମଧୁ-ନାଦିନୀ କଲ୍ଲୋଳିନୀ, କୁମୁଦକହ୍ଲାରାଦି କୁସୁମପରିଶୋଭିତ ପୁଷ୍କରିଣୀ, ଫଳ-ପୁଷ୍ପୋପଚିତ ମନୋହର ପାଦପପୂର୍ଣ୍ଣ ବନ, ଉପବନ ବହୁ ପରିମାଣରେ କାଶୀନାଥଙ୍କର ସମ୍ପଦବର୍ଦ୍ଧନର ଅନୁକୂଳ ହୋଇଅଛନ୍ତି । ତାଙ୍କର ଅଧ୍ୟବସାୟଶୀଳ ହୃଦୟକ୍ଷେତ୍ର ପାର୍ଶ୍ୱବର୍ତ୍ତୀ ନୈଦାଘ-କୁସୁମର ସୁରଭିଦ୍ୱାରା ପ୍ରଚଣ୍ଡ ମାର୍ତ୍ତଣ୍ଡ

କରଣକୁ ଅଳଂକୃତ ଓ ମଧୁର ମଣୁଥିଲା । ପ୍ରାବୃଟକାଳୀନ ଗଭୀର ତମିସ୍ରାଚ୍ଛନ୍ନ ରଜନୀର ଉଦ୍ଧ୍ୱସ୍ଖଳିତ ବାରିଧାରା ଓ ନିମ୍ନଦେଶର କର୍ଦ୍ଦମ ତାଙ୍କର କାର୍ଯ୍ୟ-କ୍ଷେତ୍ରର ପଥକୁ ଦୁର୍ଗମ କରୁ ନ ଥିଲା । ତାଙ୍କ ଅଧୀନରେ କୃଷି ଓ କୁସୀଦ ପରସ୍ପର ସହାନୁଭୂତି ଆଦାନ ପ୍ରଦାନ କରିବାଦ୍ୱାରା ନିଜ ନିଜର ଶକ୍ତି ବୃଦ୍ଧି କଲେ ।

କାଶୀନାଥଙ୍କ ସମସ୍ତ ସମୟ ଯେ କୃଷି ଓ କୁସୀଦରେ ବ୍ୟୟିତ ହେଉଥିଲା ଏପରି ନୁହେ, ସେ ଅବକାଶକୁ ବିଶେଷତଃ ରାତିର ଅଧିକାଂଶ ସମୟ ଶାସ୍ତ୍ରାଧ୍ୟୟନରେ ସଦ୍‌ବ୍ୟବହାର କରୁଥିଲେ । ତଦ୍ୱାରା ହିନ୍ଦୀ ଓ ବଙ୍ଗଭାଷା ତାଙ୍କ ଜ୍ଞାନରାଜ୍ୟରେ ବିଚରଣ କରିବାକୁ ଲାଗିଲେ, ଆଉ ପାରିବାରିକ ଚିକିତ୍ସାର ପ୍ରୟୋଜନୀୟତା ତାଙ୍କୁ ଆୟୁର୍ବେଦରେ ପ୍ରବେଶ କରାଇଥିଲା । ହିନ୍ଦୀ ତୁଳସୀ ରାମାୟଣ ତାଙ୍କର ନିତ୍ୟ ପାଠ୍ୟ ଥିଲା ଏବଂ ତହିଁରେ ତାଙ୍କର ଅନୁରକ୍ତି ଓ ଆସକ୍ତି ଥିଲା ।

କଥିତ ହୋଇଅଛି ଯେ କାଶୀନାଥ ଏ ଜିଲାର କୃଷି ସମିତିର ପ୍ରଧାନ ସଭ୍ୟ ଥିଲେ । ଅଧିକନ୍ତୁ ସେ ଲୋକାଲ ବୋର୍ଡର ମହାଜନୀ ମେମ୍ବର ମଧ୍ୟ ଥିଲେ । ସେ ଯେ ଆଳସ୍ୟକୁ ନିଜର ଜୀବନ-ରାଜ୍ୟରୁ ନିର୍ବାସିତ କରି ପରିଶ୍ରମକୁ ଜୀବନର ଅଳଂକାର କରିଥିଲେ, ତାଙ୍କର ଉନ୍ନତି ଓ କାର୍ଯ୍ୟକଳାପ ତହିଁର ସାକ୍ଷ୍ୟ ପ୍ରଦାନ କରି ତାଙ୍କର ଧୀଶକ୍ତି ଓ ବିଚକ୍ଷଣତାର ପରିଚୟ ଦେଉଅଛନ୍ତି । ତାଙ୍କର ମଧୁମୟୀ ଭାଷା, ଲୋକପ୍ରୀତି ଓ ହିତାଭିଳାଷ ସର୍ବଜନ ସୁବିଦିତ । ସେ ଦୁର୍ଭିକ୍ଷ ସମୟରେ ଅନେକ ଅନ୍ନକ୍ଲିଷ୍ଟ ବ୍ୟକ୍ତିଙ୍କର ପ୍ରାଣ ବଞ୍ଚାଇ ନିଜର ଦୟାର ନିଦର୍ଶନ ପ୍ରଦର୍ଶନ କରିଅଛନ୍ତି । ଲିରମ୍ଭାର ବିଦ୍ୟାଳୟଟି ତାଙ୍କର ବିଦ୍ୟାନୁରାଗର ମୂକସାକ୍ଷୀ । ତାଙ୍କ ନିର୍ମିତ କୂପ, ପୁଷ୍କରିଣୀ ଓ ମନ୍ଦିରାଦି ତାଙ୍କର ଧର୍ମଶୀଳତା ଓ କର୍ତ୍ତବ୍ୟନିଷ୍ଠାର ପ୍ରତ୍ୟକ୍ଷ ପ୍ରମାଣ । ତାଙ୍କର ଧର୍ମଶୀଳତା ଅର୍ଥପ୍ରସବିନୀ ଓ କର୍ତ୍ତବ୍ୟ-ନିଷ୍ଠା ହିତସାଧିନୀ ଥିଲେ । ସେ ନିଷ୍ଫଳ ଖ୍ୟାତି, ଅଯଥା ଆଡ଼ମ୍ବର ଓ ଅହଂକାରିକ ସମ୍ମାନରେ ବୀତଶ୍ରଦ୍ଧ ଥିଲେ ।

ସେ ନିରଭିମାନୀ ଓ କୃତଜ୍ଞ ଥିବାର ଗୋଟିଏ ପ୍ରଧାନ ଉଦାହରଣ ଦେଖାଯାଏ ଯେ, ସେ ଅନେକ ଥର କହିଥାନ୍ତି କି ଲିରମ୍ଭାନିବାସୀ ଧନବନ୍ଧୁ ତ୍ରିପାଠୀ ତାଙ୍କର ବାଲ୍ୟବନ୍ଧୁ ଥିଲେ । ଧନବନ୍ଧୁଙ୍କର ଧୀମତ୍ତା ଓ ବିଚକ୍ଷଣତାରେ ତାଙ୍କର ଅନେକ ଉପକାର ହୋଇଅଛି । କାଶୀ-ନାଥଙ୍କ ସହିତ ଧନବନ୍ଧୁଙ୍କର ସୌହୃଦ୍ୟ ଆଜୀବନ ଅବିଚ୍ଛିନ୍ନ ଥିଲା ।

କାଶୀନାଥଙ୍କ ଧର୍ମବିଶ୍ୱାସ ଅବଶ୍ୟ ପ୍ରଶଂସନୀୟ । ସେ ଧର୍ମଶାସ୍ତ୍ରାଧ୍ୟୟନକୁ ପାରତ୍ରିକ ପ୍ରଧାନ ସମ୍ବଳଜ୍ଞାନ କରୁଥିଲେ । କାଶୀନାଥ ବର୍ଷାକାଳର ଶ୍ରାବଣ ଅମାବାସ୍ୟାରେ ଜନ୍ମଗ୍ରହଣ କରି ନିଜର ଜୀବନରେ ସମ୍ପଦର ଶୁକ୍ଳପକ୍ଷ ଓ ସୁଖମୟ ଶୁଭ୍ର ଶରତ, ପରିଶ୍ରମଜନିତ କଷ୍ଟରୂପ ହେମନ୍ତ-ଶିଶିର ଭୋଗକରି ଶାନ୍ତ ରୂପ ବସନ୍ତକାଳରେ ସମ୍ବତ୍ ୧୯୬୮ ସାଲ ଚୈତ୍ର ପୂର୍ଣ୍ଣିମାଦିନ ଇହଧାମ ତ୍ୟାଗ-କଲେ । ସେ ଜଣେ ଆଦର୍ଶ ସଂସାରୀ ଥିଲେ, ଏହା ମୁକ୍ତକଣ୍ଠରେ କହିବାକୁ କେହି କୁଣ୍ଠିତ ହେବେ ନାହିଁ ।

କାଶୀନାଥ ନିଜର ସମ୍ପତ୍ତିର ବୀଜ-ବପନ, ଫଳୋତ୍ପାଦନ ଓ ଫଳ ସଞ୍ଚୟ

କରି ଉତ୍ତରାଧିକାରୀମାନଙ୍କୁ ସମାଦର ବସନ୍ତ ସମୟ ଦେଇଯାଇଅଛନ୍ତି । ତାଙ୍କର ଦୁଇ ପୁତ୍ର, ଶ୍ରୀ ବୃନ୍ଦାବନ ପଣ୍ଡା ଜ୍ୟେଷ୍ଠ ଓ ପୁରୁଷୋତ୍ତମ ପଣ୍ଡା କନିଷ୍ଠ । ସ୍ୱଦେଶାନୁରାଗୀ ଶ୍ରୀମାନ୍ ବ୍ରଜମୋହନ ପଣ୍ଡା ବୃନ୍ଦାବନଙ୍କର ଏକମାତ୍ର ପୁତ୍ର । ପୁରୁଷୋତ୍ତମ ପଣ୍ଡାଙ୍କର ଦୁଇଗୋଟି ପୁତ୍ର ଅଛନ୍ତି । ବୃନ୍ଦାବନ ବାବୁ ଅଳି ଏହି ଅନୁଷ୍ଠାନଦ୍ୱାରା ପିତୃଭକ୍ତିର ସୁପରିଚୟ ଦେଇଅଛନ୍ତି । ତାଙ୍କ ହୃଦୟରେ ପିତୃଭକ୍ତି ବଟବୃକ୍ଷରୂପେ ଅଙ୍କୁରିତ ହୋଇଥିବାର ଅନୁଭୂତ ହେଉଅଛି । ତାହା କ୍ରମଶଃ ବର୍ଦ୍ଧିତ, ବିଶାଳ ଓ ଶାନ୍ତିପ୍ରଦରୂପେ ନୟନଗୋଚର ହେବ ବୋଲି ଆଶା ହୁଏ । ସେ ଅଳ୍ପଦିନ ପୂର୍ବେ ସମ୍ବଲପୁର ଇଂରାଜୀ ହାଇସ୍କୁଲରେ ପିତାଙ୍କ ନାମରେ କୃଷି-ବିଷୟକ ଉତ୍କୃଷ୍ଟ ପ୍ରବନ୍ଧ-ଲେଖକ ଛାତ୍ରକୁ ୧୦ ଟଙ୍କାର ଓଡ଼ିଆ ପୁସ୍ତକ ପୁରସ୍କାର ଦେଇଅଛନ୍ତି । ସେହିପରି କୃଷି ବିଷୟରେ ଓଡ଼ିଶାର ଉତ୍କୃଷ୍ଟ ପ୍ରବନ୍ଧଲେଖକଙ୍କୁ ପ୍ରତିବର୍ଷ କାଶୀନାଥ ନାମଧେୟ ଗୋଟିଏ ସ୍ୱର୍ଣ୍ଣ-ପଦକ ପୁରସ୍କାର ଦେବାର ଇଚ୍ଛା ପ୍ରକାଶ କରିଅଛନ୍ତି । ତହିଁର ବିଜ୍ଞାପନ ଶୀଘ୍ର ପ୍ରକାଶିତ ହେବ ।

ସମ୍ପ୍ରତି ସମ୍ବଲପୁର ଭାଗ୍ୟଭୂମି ପକ୍ଷରେ ନିଦାଘ ସମୟ । ବର୍ଷା ଆଗତପ୍ରାୟ, ଏ ସମୟରେ ବୀଜ ବପନ ଏକାନ୍ତ ଆବଶ୍ୟକ । ଆଶା ଅଛି, ମାତୃଭୂମିର ଭାଗ୍ୟ ପରିବର୍ତ୍ତନ ପକ୍ଷରେ ବୃନ୍ଦାବନ ବାବୁଙ୍କର ଉପଯୁକ୍ତ ଆନୁକୂଲ୍ୟ ପ୍ରଦର୍ଶିତ ହେବ, ଯଦ୍ଦ୍ୱାରା ତାଙ୍କର ପିତାଙ୍କ ନାମ ଉତ୍କଳରେ ଅମର ରୂପେ ରହିବ । ଇତିହାସ ନିଜ କୋଡ଼ରେ "କାଶୀନାଥ" ନାମ ସ୍ୱର୍ଣ୍ଣାକ୍ଷରରେ ବହିବ ।

ଶ୍ରୀ ଗଙ୍ଗାଧର ମେହେର
ତା ୭ ଅପ୍ରେଲ, ୧୯୧୨

# ଏହା କି ପୃଥିବୀର ଶବ୍ଦ ?*

ବାୟୁପୂର୍ଣ୍ଣ ଶୂନ୍ୟପଥରେ କୌଣସି ପଦାର୍ଥର ବ୍ୟଗ୍ରଗତି ହେଲେ ତହିଁର ଗୋଟିଏ ଶବ୍ଦ ହୁଏ । ଗୋଟିଏ ପକ୍ଷୀ ବ୍ୟଗ୍ରଗତିରେ ଉଡ଼ିଲେ, ଖଣ୍ଡିଏ ଲୋଷ୍ଟ୍ର ସବଳେ ନିକ୍ଷିପ୍ତ ହେଲେ ତହିଁର ଗୋଟିଏ ଶବ୍ଦ ହୁଏ । ଚଳିତ ବା ଚାଳିତ ପଦାର୍ଥ ଯେତେ ବଡ଼ ଥାଏ, ତହିଁର ଶବ୍ଦ ସେତେ ଅଧିକ ହୁଏ । ୨୫୦୦୦ ମାଇଲ ପରିଧି-ବିଶିଷ୍ଟ ପ୍ରକାଣ୍ଡ ପୃଥିବୀ ଯେ ପ୍ରବଳ ବେଗରେ ଅନନ୍ତ ଆକାଶମାର୍ଗରେ ନିୟତ ଗମନ କରୁଅଛି, ତହିଁର ଶବ୍ଦ କାହିଁ ? ଏଥିର ଉତ୍ତରରେ ଏ କଥା କୁହାଯାଇ-ପାରେ ଯେ ସମସ୍ତ ଗଗନ ବାୟୁପୂର୍ଣ୍ଣ ନୁହେ, କେବଳ ପୃଥିବୀର ପୃଷ୍ଠରେ କେତେକ ଦୂର ବାୟୁ ଅଛି । ବାୟୁହୀନ ଅନନ୍ତ ବର୍ତ୍ମରେ ପୃଥିବୀର ଗତି ହେଉ-ଥିବାରୁ କୌଣସି ଶବ୍ଦ ହୁଏ ନାହିଁ । ଏଥିରେ ମାନସ ପରିତୃପ୍ତ ହୁଏ ନାହିଁ । ପୁନଶ୍ଚ ପ୍ରଶ୍ନ କରିବାକୁ ହୁଏ କି ପୃଥିବୀ-ପୃଷ୍ଠସ୍ଥ ଏଖାର ବାୟୁସାଗର କି ସେହି ପ୍ରକାଣ୍ଡ ବସ୍ତୁର ଅତ୍ୟନ୍ତ ତୀବ୍ରଗତିର କିଛି-ମାତ୍ର ଶବ୍ଦ ଜାତ କରିବାକୁ ଯୋଗ୍ୟ ନୁହେ ? ଯଦି ପୃଥିବୀର ସେପରି ଶବ୍ଦ ହେଉଥାନ୍ତା, ତାହା କି ଆମ୍ଭେମାନେ ଶୁଣିପାରନ୍ତୁ ନାହିଁ ?

କୌଣସି ନିର୍ଜନ ନିସ୍ତବ୍ଧ ସ୍ଥାନରେ ଅବା ଜୀବକୋଳାହଳଶୂନ୍ୟ ପ୍ରାନ୍ତରରେ ଏବଂ ସର୍ବଦା ସର୍ବସ୍ଥାନରେ ନିଶୀଥ ସମୟରେ ଯେ ଏକ ନିରବଚ୍ଛିନ୍ନ 'ସାଇଁ ସାଇଁ' ଶବ୍ଦ ଶ୍ରୁତିପଥରେ ପ୍ରବେଶ କରେ, ସେ ଶବ୍ଦ କାହାର ? ସ୍ଥିରଭାବରେ ଚିନ୍ତା କରି ଦେଖିଲେ ବୋଧହୁଏ ଯେପରି କୌଣସି ପ୍ରକାଣ୍ଡ ବସ୍ତୁ ଅବିଶ୍ରାନ୍ତ ଚାଲୁଅଛି । ତାହା ପୃଥିବୀର ଶବ୍ଦ ଅନୁମାନ କରି ସଂଶୟ-ହୀନ ଉତ୍ତର ପାଇବା ଆଶାରେ ଏ ବିଷୟରେ ଥରେ ଜଣେ ବିଜ୍ଞ ବନ୍ଧୁଙ୍କୁ ପ୍ରଶ୍ନ କରିଥିଲି । ବନ୍ଧୁବରଙ୍କ ଉତ୍ତରରୁ ଜଣାଗଲା ଯେ କୌଣସି କୌଣସି ବ୍ୟକ୍ତି ତାହା ପୃଥିବୀର ଶବ୍ଦ ଥିବାର ଅନୁମାନ କରିଥାନ୍ତି; କିନ୍ତୁ ତାହା ମୀମାଂସା ନୁହେ, ଅନୁମାନ ମାତ୍ର । ବିଜ୍ଞ ପାଠକଗଣ, ଅନୁମାନ ବହୁ ହୃଦୟ-ଗାମୀ ହେଲେ ମୀମାଂସା ତୁଲ୍ୟ ହୋଇ-ଯାଏ । ଅତଏବ ପଚାରେଁ, ଏହା କି ପୃଥିବୀର ଶବ୍ଦ ?

ଶ୍ରୀ ଗଙ୍ଗାଧର ମେହେର

* ଉତ୍କଳ-ସାହିତ୍ୟ ୧୩୦୭ ସପ୍ତମ ସଂଖ୍ୟାରୁ ଉଦ୍ଧୃତ ।

# ଶିକ୍ଷିତ, ଅଶିକ୍ଷିତ ଓ ଶିକ୍ଷାଭିମାନୀ

*ପୃଥିବୀରେ ତିନି ଶ୍ରେଣୀର ମନୁଷ୍ୟ ଦେଖାଯାନ୍ତି—ଶିକ୍ଷିତ, ଅଶିକ୍ଷିତ ଓ ଶିକ୍ଷାଭିମାନୀ । ଶିକ୍ଷିତ ବ୍ୟକ୍ତି ମନୁଷ୍ୟପଦବାଚ୍ୟ । ଶିକ୍ଷିତ ବ୍ୟକ୍ତି ସତ୍‌କର୍ମରେ ନିରତ ଥାଇ ସତ୍‌ସଙ୍ଗରେ ଓ ସଦାଲାପରେ ପବିତ୍ର ଭାବରେ ଜୀବନଯାତ୍ରା ନିର୍ବାହ କରନ୍ତି; ଅତୀତ କାଳର ଘଟନାବଳୀ, ଦେଶ ବିଦେଶର ରୀତିନୀତି ଓ ଜଗତର ନିୟମମାନ ଅବଗତ ହୋଇ ସ୍ୱଦେଶ ସହିତ ଜଗତର ଉନ୍ନତି ଚେଷ୍ଟାରେ ସତତ ଚିନ୍ତିତ ଥାନ୍ତି । ତାଙ୍କ ଚକ୍ଷୁରେ ପୁଣ୍ୟପଥର ଆପାତ କଷ୍ଟଦାୟକ ଦୂରତ୍ୱ ଏବଂ ଦୂରସ୍ଥିତ ସୁରମ୍ୟ ସୋପାନବିଶିଷ୍ଟ ମନୋହର ସୁଖମନ୍ଦିର ଆଉ ପାପପଥର ନିକଟସ୍ଥ କୋମଳ ସୁଖଶଯ୍ୟା ଓ ତଦନ୍ତରାଳସ୍ଥ ଯନ୍ତ୍ରଣା କଣ୍ଟକପୂର୍ଣ୍ଣ ଦୁଃଖାରଣ୍ୟ ଦୃଶ୍ୟ ହେଉଥାଏ । ସେ ସ୍ୱର୍ଗୀୟ ବୀରମାନଙ୍କର ଥରେ ଭୟଙ୍କର ସଂହାରରୂପ, ଥରେ ଦୟାମଧୁର ମୋହନମୂର୍ତ୍ତି ସନ୍ଦର୍ଶନ କରି ବିସ୍ମୟସମ୍ବଳିତ ଭକ୍ତିରସରେ ଅଭିଷିକ୍ତ ହେଉଥାନ୍ତି । ଭାରତୀଙ୍କର ବୀଣାଝଙ୍କାରମିଶ୍ରିତ ଅମୀୟ ସଙ୍ଗୀତ ଶ୍ରବଣ କରି ଆତ୍ମାକୁ ପବିତ୍ର ଓ ହୃଦୟକୁ ଆନନ୍ଦପୂର୍ଣ୍ଣ କରୁଥାନ୍ତି । ମଙ୍ଗଳମୟ ପରମେଶ୍ୱରଙ୍କ ମଙ୍ଗଳାଭିପ୍ରାୟ ଓ ପ୍ରକୃତ ଧର୍ମତତ୍ତ୍ୱ ଅବଗତ ହୋଇ ପବିତ୍ର ଧର୍ମ ଅବଲମ୍ବନରେ ଜଗଦୀଶ୍ୱରଙ୍କ ପ୍ରସାଦ ଲଭ କରି ପୁଲକିତ ହେଉଥାନ୍ତି । ତାହାଙ୍କ ହୃଦୟ ଶ୍ରଦ୍ଧା, ଭକ୍ତି, ଦୟା, କ୍ଷମାଦି ଦେବକନ୍ୟାଗଣର ବିହାରଭୂମି । ତାଙ୍କ ମତରେ ଶିକ୍ଷା ବିଦ୍ୟାଳୟରେ ଶେଷ ହୁଏ ନାହିଁ; ଶିକ୍ଷା ମନୁଷ୍ୟର ଜୀବନବ୍ୟାପୀ ମହାବ୍ରତ । ଜଗତ୍ ଶିକ୍ଷାଳୟ ଓ ପ୍ରକୃତି ନିତ୍ୟପଠନୀୟ ବିରାଟ ଗ୍ରନ୍ଥ । ପୃଥିବୀ ଅପେକ୍ଷା ଲକ୍ଷଗୁଣାଧିକ ଅଚିନ୍ତନୀୟ ବେଗଗାମୀ ଗ୍ରହାଦିଠାରୁ ବାଳଭାନୁକରଶୋଭାସିତ ପରମାଣୁପର୍ଯ୍ୟନ୍ତ ଆଲୋଚନାର ବିଷୟ । ମାନବର ପୂର୍ଣ୍ଣ ପରମାୟୁ ବିଂଶାଧିକ ଶତବର୍ଷ ଶିକ୍ଷାର ପ୍ରଚୁର ସମୟ ନୁହେ, ଆଜୀବନ ଯାହା କିଛି ଶିକ୍ଷା ଓ ଜ୍ଞାନଲାଭ ହୋଇପାରେ, ତହିଁରେ ହିଁ ଜୀବନର ସାର୍ଥକତା ସାଧନ କରିବା ମାନବର ପ୍ରଧାନ କର୍ତ୍ତବ୍ୟ । ସାହିତ୍ୟ-ସେବା ତାଙ୍କର ପ୍ରିୟବ୍ରତ ।

ସାହିତ୍ୟାନୁରାଗ ଈଶ୍ୱରଦତ୍ତ ପଦାର୍ଥ ଓ ସୁପ୍ରାଞ୍ଜଳ ଜୀବନର ଚିରସହଚର । ସାହିତ୍ୟାନୁରାଗ ବୁଦ୍ଧୀଶ୍ୱରମାନଙ୍କର ଜୀବନରେ ବାଞ୍ଛନୀୟ; କିନ୍ତୁ ଜଗଦୀଶ୍ୱର

---

* ଉତ୍କଳ-ସାହିତ୍ୟ ୧୯୦୭ ପ୍ରଥମ ସଂଖ୍ୟାରୁ ଉଦ୍ଧୃତ ।

ପାତ୍ରାପାତ୍ର ବିବେଚନା ନ କରି ବ୍ୟକ୍ତି-ବିଶେଷକୁ ତାହା ପ୍ରଦାନ କରିଥାନ୍ତି । ଶିକ୍ଷିତ ମଧ୍ୟରୁ ପ୍ରକୃତ ଜ୍ଞାନୀ ଅତି ଅଳ୍ପ । ଜ୍ଞାନୀ ଜ୍ଞାନକୁ କୋହିନୂର ଅପେକ୍ଷା ଅଧିକ ମୂଲ୍ୟ-ବାନ୍ ବୋଧକରନ୍ତି । ସେ ଜ୍ଞାନାଲୋକରେ ଜଗତ୍ତ ଆଲୋକମୟ ଦେଖନ୍ତି । ଜଲଦା-ଚ୍ଛନ୍ନ ତମୋମୟୀ ରଜନୀର ଅସୂଚିଭେଦ୍ୟ ତିମିରରାଶି ତାଙ୍କରଦୃଷ୍ଟିରୋଧ କରିପାରେ ନାହିଁ, ବରଂ ବିଚିତ୍ର ବିଚିତ୍ର ଦୃଶ୍ୟ ତାଙ୍କ ସମକ୍ଷରେ ଉପସ୍ଥିତ କରି ଚିତ୍ତରଞ୍ଜନ କରେ । ଜ୍ଞାନୀ ଜ୍ଞାନ-ରଥରେ ଆରୋହଣ କରି ନିମେଷ ମଧ୍ୟରେ ବ୍ରହ୍ମାଣ୍ଡପର୍ଯ୍ୟଟନରେ ସମର୍ଥ ହୁଅନ୍ତି । ତାଙ୍କ ହୃଦୟ ପର୍ବତ ତୁଲ୍ୟ ଉଚ୍ଚ, ସାଗର ତୁଲ୍ୟ ପ୍ରଶସ୍ତ ଓ ଗମ୍ଭୀର । ତହିଁରେ ବହୁମୂଲ୍ୟ ରତ୍ନରାଜି ପୂର୍ଣ୍ଣ ହୋଇ-ଥାନ୍ତି । ସେହି ରତ୍ନନିଚୟ ଯେ ଯେତେ ସଂଗ୍ରହ କରିପାରେ, ସେ ତାହା ଦେବାକୁ ପ୍ରସ୍ତୁତ; କିନ୍ତୁ ସଂଗ୍ରାହକ ଅତି ଦୁର୍ଲଭ । ଜ୍ଞାନୀ ସ୍ୱଗୁଣପ୍ରକାଶରେ ଯେପରି ସଙ୍କୁଚିତ ହୁଅନ୍ତି, ପରପ୍ରଶଂସାରେ ସେହିପରି ପ୍ରଫୁଲ୍ଲ ହୁଅନ୍ତି । ତାଙ୍କର ଚକ୍ଷୁ ଅବିକୃତ ଜ୍ଞାନା-ଞ୍ଜନରେ ପରିଷ୍କୃତ । ସେ ଗୋଟିଏ ପୁଷ୍ପର ସୌନ୍ଦର୍ଯ୍ୟ ଓ ସୌରଭରେ ଯେପରି-ସଂପ୍ରୀତ ହୁଅନ୍ତି, ଜଣେ ରତ୍ନାଳଙ୍କାର-ମଣ୍ଡିତ ଅତର ସୁବାସିତ ରାଜାଙ୍କର ସୌନ୍ଦର୍ଯ୍ୟରେ ତହିଁର ଶତାଂଶ ପ୍ରୀତିଲାଭ କରିପାରନ୍ତି ନାହିଁ । ଅପୌର ଦୃକ୍ ପଦୈକ ଦୃକ ସ୍ୱାର୍ଥପର ସଂସାରକୁ ସେ ବଡ଼ ବିଷମ ବୋଧ କରନ୍ତି ।

ଅଶିକ୍ଷିତ ବ୍ୟକ୍ତି ପଶୁତୁଲ୍ୟ ନିକୃଷ୍ଟ କାର୍ଯ୍ୟରେ, ନିକୃଷ୍ଟ ସଙ୍ଗରେ, ନିକୃଷ୍ଟଭାବରେ କାଳହରଣ କରେ । ସେ ବର୍ତ୍ତମାନକାଳର ସ୍ୱଦେଶର ରୀତିନୀତି ସୁଦ୍ଧା ଅବଗତ ହେବାକୁ ଅକ୍ଷମ । ଶାରୀରିକ ପରିଶ୍ରମ, ଭୋଜନ ଓ ନିଦ୍ରା ତାହାର ପ୍ରଧାନ କାର୍ଯ୍ୟ । ତାହାର ଦୃଷ୍ଟି ଯେତିକି ଦୂର ଯାଏ, ସେ ତାହା ଜଗତର ଶେଷସୀମା ବୋଲି ବିଚାର କରେ । ସେ ନିନ୍ଦା-ପ୍ରଶଂସାଜ୍ଞାନ-ବର୍ଜିତ ହୋଇ ନିଜର ସୁବିଧା ଅନୁସାରେ କାର୍ଯ୍ୟ କରିବାରେ ଅକୁଣ୍ଠିତ । କୁତ୍ସିତ ଅଶ୍ଳୀଳ ଗାନ ତାହାର ପ୍ରାଣହର ସଙ୍ଗୀତ । ଗ୍ରାମ୍ୟ ଗୀତାବଳୀ ତାହାର ପ୍ରଧାନ ସାହିତ୍ୟ । ଅତି ଜଘନ୍ୟ ବେଶ୍ୟାନୃତ୍ୟାଦି ତାହାର ପ୍ରଧାନ ଦର୍ଶନୀୟ, ଦ୍ୟୂତକ୍ରୀଡ଼ା ପ୍ରଧାନ ଆମୋଦ । ତାହାର ହୃଦୟ ଅରଣ୍ୟ ତୁଲ୍ୟ ଦୁର୍ଗମ,କାମକ୍ରୋଧାଦି ଶ୍ୱାପଦସଙ୍କୁଳ । ତାହାର ଚକ୍ଷୁ ଚିରବିକୃତ । ସେହି ଚକ୍ଷୁରେ ହୀରା କାଚ ସମାନ ପ୍ରତୀୟମାନ ହୁଏ ।

ଶିକ୍ଷାଭିମାନୀ ସତ୍ସଙ୍ଗ ଓ ସତ୍କାର୍ଯ୍ୟର ଛଳ ମାତ୍ର କରି, ଅସତ୍ ସଙ୍ଗ ଓ ଅସତ୍ କାର୍ଯ୍ୟରେ ଆସକ୍ତ ଥାଇ ଜୀବନ ନିର୍ବାହ କରେ, ବିଷ୍ଣୁନାମ ଜପ ଛଳରେ କୂଟମନ୍ତ୍ରଣା କରେ । ଦୁଇ ଚାରିଟା ଶ୍ଳୋକ କଣ୍ଠସ୍ଥ କରି ଖଣ୍ଡିଏ ବୃହଦାକାର ପୁସ୍ତକ ଧରି ଜଗତକୁ ପ୍ରତାରଣା କରିବା ତାହାର ଜୀବନ ବ୍ରତ । ତିନି ଚାରିଟା ଦୁର୍ବୋଧ ଶ୍ଳୋକରେ ସେ ଜଗଜ୍ଜୟ କରିବାକୁ ବସିଥାଏ । ଧନୀମାନଙ୍କର ଅଯଥା ପ୍ରଶଂସାଗାନରେ ସେ ଚିରାଭ୍ୟସ୍ତ । ସେ ପରପ୍ରଶଂସାରେ ଯେପରି କ୍ଷୁବ୍ଧ, ନିଜ ପ୍ରଶଂସାରେ ସେପରି ପ୍ରଫୁଲ୍ଲ ହୋଇଥାଏ—ଅନ୍ୟଦ୍ୱାରା ପ୍ରଶଂସିତ ହେବାକୁ ଅପେକ୍ଷା ନ କରି ନିଜେ ନିଜର ପ୍ରଶଂସାକରି ସୁଖୀ ହେଉଥାଏ; ଅନ୍ୟକୁ ନାନା ଧର୍ମପଥ ଦେଖାଇ ନିଜେ ଘୋର ପାପାଚରଣରେ ପ୍ରବୃତ୍ତ ଥାଏ । ତାହାର ହୃଦୟ ମିଥ୍ୟା, କପଟତା, କୁଟିଳତାଦି ରାକ୍ଷସଗଣର ପ୍ରିୟ ନିବାସ । ତାହାମତରେ

ତାହାର ଗୃହରେ ଜଗତର ଦୁର୍ଲ୍ଲଭ ଗ୍ରନ୍ଥ ସୁରକ୍ଷିତ, ତ୍ରିକାଳଘଟଣାବଳୀ ତାହାର କରପଦ୍ମରେ, ତାହାର ପିତା ପୃଥିବୀର ଅଦ୍ୱିତୀୟ ପଣ୍ଡିତ, ତାହାର ପିତାମହର କଣ୍ଠରେ ସରସ୍ୱତୀ ନୃତ୍ୟ କରୁଥିଲେ। ଆଜି ଏକ ଶ୍ରେଣୀର ଶିକ୍ଷାଭିମାନୀଙ୍କ ମତରେ କୌଣସି ପ୍ରକାର ବିଦ୍ୟାଳୟର ସାର୍ଟିଫିକେଟ୍ ଖଣ୍ଡିଏ ପାଇପାରିଲେ ଶିକ୍ଷା ଶେଷ, ପରିଚ୍ଛଦାଡ଼ମ୍ବର ଶିକ୍ଷାର ନିଦର୍ଶନ, ତିନି ଚାରି ଭାଷାର ମିଶ୍ରଣରେ କଥା କହିବା, ମଦ୍ୟମାଂସାଦିଯୁକ୍ତ ସାହେବୀ ଭୋଜି ପ୍ରଧାନ ସଭ୍ୟତା। ଏମାନେ ଆପଣାକୁ ଜଗତ୍ ଅପେକ୍ଷା ମୂଲ୍ୟବାନ୍ ବୋଧକରନ୍ତି, ନିମେଷ ମଧ୍ୟରେ ସବଂସାର ଗ୍ରାସ କରିବାକୁ ସାହସ କରିଥାନ୍ତି। ଏମାନଙ୍କ ହୃଦୟ ଖର୍ଜ୍ଜୁର ପାଦପ ତୁଲ୍ୟ ପ୍ରାଶସ୍ତ୍ୟହୀନ ଉଚ୍ଚ, ଆପାଦମସ୍ତକ ବିଷମ, ଜ୍ଞାନ ଖର୍ଜ୍ଜୁରଫଳ ତୁଲ୍ୟ ବାହ୍ୟଭାଗ ସୁନ୍ଦର, ଅଭ୍ୟନ୍ତର ପାଷାଣବତ୍ କଠିନ। ସ୍ୱାର୍ଥସାଧନ ଏମାନଙ୍କର ପ୍ରଧାନ ଦୀକ୍ଷା—ସ୍ୱାର୍ଥସାଧନ ବନ୍ଧୁତାର ଉଦ୍ଦେଶ୍ୟ।

ଶିକ୍ଷାଗୌରବ କେବଳ ଜ୍ଞାନୀର ଅନୁଭବନୀୟ। ତାହା ଅଶିକ୍ଷିତ ଓ ଶିକ୍ଷାଭିମାନୀର ଅନୁଭବବର୍ତ୍ମରେ ଆବିର୍ଭୂତ ହେବାର ବସ୍ତୁ ନୁହେ। ଜ୍ଞାନୀ ସାମାନ୍ୟ ଦରିଦ୍ରଠାରୁ ଅତୁଳ ଐଶ୍ୱର୍ଯ୍ୟଶାଳୀ ସମ୍ରାଟ୍ ପର୍ଯ୍ୟନ୍ତ ସମସ୍ତଙ୍କର ବିଷୟ ସମାଲୋଚନା କରିବାକୁ କ୍ଷମ। ପ୍ରକୃତିଦେବୀ ସମାଲୋଚିତ ହେବା ନିମନ୍ତେ ଜ୍ଞାନୀ ସମକ୍ଷରେ ଆପଣାର ବିଚିତ୍ର ଲୀଳା ଓ ପରମ ସୌନ୍ଦର୍ଯ୍ୟ ପ୍ରକାଶ କରୁଥାନ୍ତି। ଅଶିକ୍ଷିତ ବ୍ୟକ୍ତି ତାହା ଦେଖି ସୁଦ୍ଧା ଦେଖିପାରେ ନାହିଁ। ଶିକ୍ଷାଭିମାନୀ ତହିଁର ଛାୟା ସୁଦ୍ଧା ଦେଖିବାକୁ ଅସମର୍ଥ।

ଶ୍ରୀ ଗଙ୍ଗାଧର ମେହେର

# ପରିଶିଷ୍ଟ

# *ବିରହବ୍ୟଥିତ ରାମ

(ଶାର୍ଦ୍ଦୂଳ ବିକ୍ରୀଡ଼ିତ ବୃତ୍ତେ)

ବନେ ରାଘବ ମାଲ୍ୟବନ୍ତ ଶିଖରେ
ଥାଇ ତରୁମୂଳରେ
କାନ୍ତା-ବିରହ-ଶୋକ ଗଦ୍‌ଗଦ ସ୍ୱରେ
ବୋଲନ୍ତି ଆକୁଳରେ
କେତେ କଷ୍ଟ ବିହି ବିହି ଥୋଇଛି ହେ
ନିଷ୍ଠୁରେ ମୋ ଭାଲରେ
ଦୁଃଖାବ୍ଧି-ଲହରୀରୁ ପାରି ହେବି କି
ଆଉ କେତେ କାଳରେ ।

ରାଜ୍ୟେ ରାଜବିଭୂତିକି ତେଜି ଦେଲି
ପିତାଙ୍କ ଆଦେଶରେ
ବିପିନେ ନବପଞ୍ଚ ବର୍ଷ ରହିବି
ଧାନେ ଯତିବେଶରେ
ବର୍ଷା ଶୀତ ନିଦାଘରେ ତରୁମୂଳେ
ଥାଇ ସଦା କ୍ଲେଶରେ
ଥାଏଁ ଶତ୍ରୁବିନୋଦିନୀ ପ୍ରଣୟିନୀ
ସଙ୍ଗେ ମତ୍ତ ତୋଷରେ ।

ଆସିଥିଲେ ସୀତା ଶୀତାଂଶୁବଦନ
ମୋ ଚିତ୍ତ ଆହ୍ଲାଦନେ
ଭାଇ ଲକ୍ଷ୍ମଣ ମୋ ସ୍ନେହାଧୀନେ ରହି
ଥାନ୍ତି ସଦା ସେ ବନେ
ଆନନ୍ଦେ ଫଳମୂଳ ଭୋଜନ କରି
ବଞ୍ଚୁଥିଲୁଁ କାନନେ
ତାହା ମୋ ପ୍ରତିକି ଅସହ୍ୟ ହୋଇଲା
ହରବ୍ଜ ଯୋନି ମନେ ।

କେ ଆସି ପ୍ରିୟୁ ପତ୍ନୀକି କପଟେ ମୋ—
ଉଙ୍କାରେ ନେଇଗଲା
ଆନନ୍ଦାଚଳେ ମୋ ନିଦାରୁଣ ପଣେ
କୁଳିଶ ବର୍ଷା କଲା
କାହାକୁ କହିବି ମନୋଗତ କଥା
ମୋ ଦୁଃଖ କେ ବୁଝିବ
ଶାନ୍ତି ବାରିକି ଶୋକତପ୍ତ ହୃଦରେ
ଆହ୍ଲାଦେ କେ ସିଞ୍ଚିବ ।

ହା ଶିରୀଷ ସୁକୋମଳାଙ୍ଗି ! ନଳିନୀ—
ନେତ୍ରି ! ଧରାମଣ୍ଡନେ !
ହା ବିମ୍ବାଧରି ! ହା ଚିକୁରଶୋଭନି !
ଦୁଃଖବଲୀଖଣ୍ଡନେ !
ହା ପ୍ରିୟେ ! ସ୍ମିତହାସିନି ! ସୁବଚନି !
ହା ପୂର୍ଣ୍ଣଚନ୍ଦ୍ରାନନେ !
ବିନ୍ଦୁ ତୋ ବିନୁ ଶୋକ-ସିନ୍ଧୁଜଳରେ
ଭସିଲି ମୁଁ କାନନେ ।

ହା ହା ସୁହୃଦୟେ ! ଅଭିନ୍ନହୃଦୟେ !
ହା ଭୂପତିନନ୍ଦନେ !
କେଉଁଠି ଗଲସି ! କା' ମୃଦୁଳ ତନୁକୁ
ମଣ୍ଡିବି ମୁଁ ଚନ୍ଦନେ
ଭୂଷିବି ହୃଦକୁ ସୁବାସ କୁସୁମେ
ଗୁନ୍ଥି କରି ମାଳରେ
ଗିରୁ ଗୈରିକବିନ୍ଦୁ ଦେବି କୁତୁକେ
ଶ୍ରଦ୍ଧାରେ କା ଭାଲରେ ।

* ଏହି କବିତାଟି "ଅହଲ୍ୟାସ୍ତବ"ର ସମକାଳୀନ ଲେଖା; କିନ୍ତୁ କୌଣସି କାରଣରୁ ସମ୍ପୂର୍ଣ୍ଣ ହୋଇପାରି ନାହିଁ ।

ପ୍ରିୟେ ତୋ ମୁଖପଦ୍ମପଦ୍ମାଶୟରୁ
ଲାବଣ୍ୟପୀୟୂଷକୁ
ଚକ୍ଷୁର୍ମାର୍ଗରେ ନିତ୍ୟ ପାନ କରି ମୁଁ
ଅର୍ଜୁଥିଲି ତୋଷକୁ
ଧାତା ମୋ ପ୍ରତି ଚିର ଦର୍ଶରଜନୀ
ସମ୍ପାଦିଲା କର୍ମ ଧିକ୍
କାହିଁ ସେ ମୁଖଚନ୍ଦ୍ର ଆଉ ଦେଖିବି
ଅନ୍ଧାରିତେ ଦିଗ୍ ବିଦିକ୍ ।

ଭାଷୁ ଯେଉଁ ପଦେ ପଦେ ମୃଦୁ ହସି
ବାଣୀ ଅନୁରାଗରେ
ବର୍ଷେ ଶ୍ରୁତି ସୁଧାର ଧାର ସଘନେ
ସେ ମୋ ଶ୍ରୁତିମାର୍ଗରେ
ଜନ୍ମାନ୍ତର ବିଭୂତିକି ପଦତଳେ
ଥୋଇଥିଲି ଭାଗ୍ୟରେ
କୌତୁକିନୀ ! ପ୍ରିୟେ ! ନିବିଡ଼ ଗହନେ
ଘେନି ତୋତେ ସଙ୍ଗରେ ।

ଘୋଟିଲାଣି ସୁନୀଳ ମେଘ ସଘନେ
ଆସି ବିୟନ୍ମଣ୍ଡଳେ
ପଂକ୍ତିବଦ୍ଧ ବକାଳୀମାଳ ମୁକୁତା
ଲମ୍ବାଇ ଦେଇ ଗଳେ
ହସ୍ତେ ଘେନି ବିଚିତ୍ର ବାସବଧନୁ
ଗର୍ଜେ ଗମ୍ଭୀର ସ୍ୱନେ
ବିଦ୍ୟୁତ୍ ବାଣ ପ୍ରହାରୁଛି ସେ ବିରହୀ
ଜନ୍ତୁଗଣେ ନାଶନେ ।

ଯୋଗୀଏ ରହିଲେଣି ଗୁହିଁ ସଭୟେ
ଶିଳୋଚ୍ଚୟ ଚୂଡ଼ରେ
ବାୟା ଦମ୍ପତି ନୀରବେ ରହିଲେଣି
ସ୍ୱନୀଡ଼ରେ ନୀଡ଼ରେ
କାହିଁ ଚାତକ ଚାତକୀ ଘନପତି —
ତାମ୍ବୁ କଣା ଆଶରେ
ଆନନ୍ଦିତ ମନେ ବୁଲନ୍ତି ଗଗନେ
ସ୍ୱପ୍ରେମ ଉଲ୍ଲାସରେ ।

କାହିଁ ଶ୍ୟାମ ସୁପକ୍ୱ ଜମ୍ବୁ ଅଶନେ
ତୃପ୍ତି ଲଭି ଡାଳରେ
କ୍ରୀଡ଼େ କୀର ନିଜ ପ୍ରିୟା ସହିତରେ
ପ୍ରେମାବ୍ଧି କଲ୍ଲୋଳରେ
ନୈଦାଘାଗ୍ନି ବିନାଶ ହେତୁ ବନରେ
ଘେନି ପ୍ରିୟା ସଙ୍ଗରେ
ବୁଲନ୍ତି ଯୂଥ ଯୂଥ ହୋଇ ହରିଣେ
ଗୃହାନ୍ତ କି ରଙ୍ଗରେ ।

ଫୁଟି ରମ୍ୟ ହରିତ୍ କପିଶ କେଶରେ
ଶୋଭେ କଦମ୍ବାବଳୀ
କୂଟଜ କେତକୀ ଯୂଥି ବିକଶିତେ
ବାସିତ ଦିଙ୍ମଣ୍ଡଳୀ
କେତେବେଳେ ପ୍ରଫୁଲ୍ଲ ନୀପ ଉପରେ
କେବେ ଯୂଥିକୋପରେ
କର୍ଣ୍ଣପ୍ରିୟ ମଧୁର ନାଦେ ବୁଲେ ସେ
ଷଟ୍‌ପାଦ ଆନନ୍ଦରେ ।

ବ୍ୟୋମେ ଶ୍ୱେତ ଗରୁତ୍ ମଧୁର ବିରୁତେ
ଯାନ୍ତି ସମୁତ୍ସୁକରେ
ମୋଦେ ମାନସକୁ ଅଭିନ୍ନ-ହୃଦୟା
ଜାୟା ରଖି ପାଖରେ
ଅନ୍ୟ ସ୍ଥାନେ ସରୋବରେ ମୁକୁଳିତା
ପଦ୍ମାଟବୀ ମଧ୍ୟରେ
ଖେଳେ ସାରସଲକ୍ଷ୍ମଣା ସହିତରେ
ପ୍ରିୟେ ! ପ୍ରମୋଦାନ୍ତରେ ।

ପୂର୍ବେ ଚିତ୍ରକୂଟାଶ୍ରମେ ଏ ସମୟେ
ଥିଲି ମହୋଲ୍ଲାସରେ
ଥାନ୍ତି ସଙ୍ଗତେ ମୈଥିଳୀ ପ୍ରିୟତମା
ତୋଷନ୍ତି ସଂଭାଷରେ
ରାଜେନ୍ଦ୍ରୋପମରେ ଥିଲି ନିଜ ସୁଖ
ସୌଖ୍ୟାବଳୀ ବିସ୍ମରି
ଏବେ ସ୍ମୃତି ବିଦୀର୍ଣ୍ଣତାକୁ ଲଭୁଛି
ତନ୍ତ୍ରୀବ ଚିତ୍ତେ ସ୍ମରି ।

କାନ୍ତା କାନ୍ତ ମୃଦୁଲ ବର୍ତ୍ତୁଳ ଉରୁ
ସୁବର୍ଣ୍ଣ ସିଂହାସନେ
ଥାଏ ଚିତ୍ତ ପ୍ରସନ୍ନ ତାହାଙ୍କ ଚିତ୍ତ
ବନ୍ଦି-ସ୍ତୁତି ଶ୍ରବଣେ
ଅଗ୍ରେ ନାଚେ ମୟୂର ଚନ୍ଦ୍ରିକା ଟେକି
କେକା ଗୀତି ଗାୟନେ
ବାୟୁ କୀଚକ ବଂଶୀ ବାଦନ କରେ
ଢକ୍କା ବଜାନ୍ତି ଘନେ ।

ଦର୍ଦ୍ଦୁରେ ଅଦୂରେ ବଜାନ୍ତି ସ୍ୱଧିରେ
ତୈଲଙ୍ଗୀ ବାଜା ଠିକେ
ପ୍ରାତେ ଗାଆନ୍ତି ମଧୁର ଗୀତ କଲ୍ଲୋଳ—
ପକ୍ଷୀ ସୁବୈତାଳିକେ
କାନ୍ତ ଜାନୁନୃପାସନୁ ଚ୍ୟୁତ ହୋଇ
ଦୁଃଖ-ସ୍ରୋତେ ଭାସୁଛନ୍ତି
ସେହି ମେଘକଜ୍ଜଳ ରାହୁ ରୂପରେ
ଆସି ଏବେ ଗ୍ରାସୁଛନ୍ତି ।

ସମ୍ପତ୍କାଳେ ଜନେ ସମାଦର କରି
ପୂଜା କରନ୍ତି ପଦେ
ବିଧି ବାମ ହେଲେ ସମସ୍ତେ ସହଜେ
ଶତ୍ରୁ ପରି ବିପଦେ

ବର୍ଷାକାଳର ବାରିବନ୍ଧୁ ନଳିନୀ—
ଶ୍ରେଣୀଙ୍କ ଉଲ୍ଲାସଇ
ସେହି ବନ୍ଧୁ ଶିଶିର ଆଗମ ହେଲେ
ଶତ୍ରୁ ହୋଇ ନାଶଇ ।

ତେଜି ଅଭ୍ର-ଲିହାଗ୍ର ଶୁଭ୍ର ସୁରୁଚି
ଉତ୍ତୁଙ୍ଗ ଅଟ୍ଟାଳିକା
ମଧ୍ୟେ ଯାର ସୁବର୍ଣ୍ଣ ସ୍ତମ୍ଭ ନିକରେ
ଲମ୍ବେ ମଣିମାଳିକା
ତୋଷୁଥାନ୍ତି ଯହିଁ ପ୍ରିୟା ସଖୀଗଣେ
ପାଶେ ସୁସଙ୍ଗୀତରେ
ମଞ୍ଜୁ ମନ୍ଦ୍ର ମୃଦଙ୍ଗ ନାଦ ସହିତେ
ବାଇ ବୀଣା ଗୀତରେ ।

ଆସି ଘୋର ନିବିଡ଼ କାନନ ଘନ—
ଶ୍ରେଣୀ ଭେଦ ମଧ୍ୟରେ
ନାନା ଗୁଳ୍ମଲତାବୃତେ ଫଣି-ମଣି—
ଜାଜ୍ୱଲ୍ୟମାନ କନ୍ଦରେ
ହୁଏ ଭୀମ ପ୍ରତିଧ୍ୱନିତ ଯହିଁରେ—
ଶାର୍ଦ୍ଦୂଳ-ହସ୍ତି-ଧ୍ୱନି
ସେଠାରେ ପ୍ରେମଦାମେ ବଦ୍ଧ ହୋଇ ମୋ
ଥିଲି ସୁଶୀଳାମଣି ।

( ଅସମ୍ପୂର୍ଣ୍ଣ )

## *ହିତବାଦିନୀର ନବ ବର୍ଷୋପଲକ୍ଷେ ଲିଖିତ

୧

ଆଜି ହିତବାଦିନୀର ଜନମ-ବାସର,
ସ୍ଫୁରି ତା ଜନକ-ହୃଦେ ନାଚୁଛି ଆନନ୍ଦ,
ରଥଯାତ୍ରା ଦିନ ଯଥା ଯାତ୍ରିକ- ନିକର,
ଶ୍ରୀକ୍ଷେତ୍ରେ ନାଚନ୍ତି ହୋଇ ପ୍ରେମଗଦଗଦ ।
ହିତୈଷୀ ବାନ୍ଧବଗଣ ହିତବାଦିନୀର,
ଆସ ଯୋଗଦେବା ଜନ୍ମ-ବାସର ଉତ୍ସବେ,
ବସନ୍ତ ସମୟେ ଯଥା ମଳୟ ସମୀର,
ଆସି ମିଶିଯାଏ ନିଜ ସୁଖେ ତା ପରବେ,
ଆସ ଧରି ନିଜ ନିଜ ଉପହାର ଭାର,
କରିବା ମଙ୍ଗଳ ବିଧି ଶ୍ରୀମତୀ ବନ୍ଦାଇ ।

* ହିତବାଦିନୀ ପତ୍ରିକାର ପଞ୍ଚମ ବର୍ଷ ଆରମ୍ଭ ଉପଲକ୍ଷେ ଲିଖିତ । ସନ ୧୯୦୩ ସାଲ ।

୨

କି ଲଗ୍ନେ ଶ୍ରୀମତୀ ଜନ୍ମି ବ୍ରାହ୍ମଣ ମନ୍ଦିରେ,
ରୋଗକ୍ଷୀଣ କଲେବରେ ବଞ୍ଚାଇ ଜୀବନ,
ଦିଶୁଅଛୁ ଆଜ ଶୁକ୍ଳ ଦ୍ୱିତୀୟା ତିଥିରେ,
ଶାରଦୀୟ ଚନ୍ଦ୍ରମାର କୌମୁଦୀ ଯେସନ,
ଧାତ୍ରୀ କରୁ ଆସି ଏବେ ଶିକ୍ଷକ ହସ୍ତରେ
ପଡ଼ିଅଛୁ, ରୋଗରାଶି ହୋଇଅଛି ଶେଷ;
ମଇଳ ଦାରିଦ୍ରିକ ବସନ ଦେହରେ
ନ ରଖି ଧରିଛୁ ରମ୍ୟ ଶୁଭ୍ର ସ୍ୱଚ୍ଛ ବେଶ;
ଛାଡ଼ିଲଣି ବାଲୋଚିତ ଖେଳ କଥାମାନ
ସାହିତ୍ୟ-ରସରେ ତାର ଲାଗିଲଣି ଧ୍ୟାନ ।

୩

ଦେଶ ହିତ ପାଇଁ କରି ଜନମ ଗ୍ରହଣ,
ଧରିଅଛୁ ମାତୃଭୂମି ସେବା ମହାବ୍ରତ,
ହିତକଥା କହି କହି ଯାପିବ ଜୀବନ,
ଦେଶଭକ୍ତ ଗୁଣଗାନେ ହେବ ସଦା ରତ,
ପ୍ରଜା ପକ୍ଷ ବେରିଷ୍ଟର ହେବ ରାଜଦ୍ୱାରେ
ପ୍ରଜା ସଙ୍ଗେ କରୁଥିବ ମିତ୍ର ଆଚରଣ,
ଧନୀଠାରୁ ଧନ ମାଗି ଭିକାରି ପକ୍ଷରେ,
ଦରିଦ୍ର ଗୁଣୀଙ୍କି ଦେଇ କରିବ ପୋଷଣ,
ଆଶା ଅଛି ସୁ-ସାଧବୀ ନୋହି ଅନାଦୃତ
ସୁଧୀଗଣ ସାହାଯ୍ୟରେ ହେବ ଉପକୃତ ।

୪

ଯାଇଛୁ ଅତୀତ ଯା ଯା ତୋତେ ଲୋଡ଼ାନାହିଁ
ଲୋଡ଼ିଲେହେଁ ଆଉ କି ତୁ ହେବୁ କରଗତ,
କିନ୍ତୁ ଯାହା ଯାହା ଭବେ ଦେଇଛୁ ଶିଖାଇ,
ଆଗୁଁ ସତର୍କତା ଦେଉଅଛୁ ଭବିଷ୍ୟତ;
ଯେ ପାଇଛି ଦୁଃଖ ତାର ଯାଇ ନାହିଁ ମନ୍ୟୁ,
ସୁଖଭୋଗୀ ସୁଖ ଆଜ ହୋଇ ନାହିଁ ଶେଷ;
ସୁଖୀ ଶେଷେ ଦୁଃଖ ସୁଖୀ ଗଣୁ ବା ନ ଗଣୁ,
ଦୁଃଖୀ କିନ୍ତୁ ପାଇଯାଇଅଛି ଉପଦେଶ,
ଦେଖାଇ ଯାଇଛୁ ଯେତେ ଯେତେ ଅଭିନୟ,
ନୟନ ଯାଇଛି କିନ୍ତୁ ରଖିଛି ହୃଦୟ ।

୫

ସ୍ୱାଗତ ହେ ଭବିଷ୍ୟତ ସୁପ୍ରସନ୍ନେ ଆସ,
ଶୁଭ ମୁହୂର୍ତ୍ତରେ କର ଭବେ ପଦାର୍ପଣ;
ଆମ୍ଭେମାନେ ଅଟୁଁ ତୋର ଦାସ ଅନୁଦାସ,
ଦାସବତ୍ସଳତା କର ହୃଦୟେ ପୋଷଣ,
ବିଭୁଙ୍କ ଆଦେଶ ଯାହା ଆସିଅଛୁ ଧରି,
କେ କରିବ ମନା ତୋତେ ପାଳିବୁ ଅବଶ୍ୟ,
କିନ୍ତୁ "ବିଭୁ-କୃପାମୟ" ଏ କଥାକୁ ସ୍ମରି,
ଶାନ୍ତିମୟ ଶାସନରେ ସର୍ବେ କର ବଶ ।
କା' ପାଇଁ ଆଣିଛୁ ସୁଖ, କାହା ପାଇଁ ଦୁଃଖ;
କିନ୍ତୁ ସୁଖଲାଭ ଆଶେ ସମସ୍ତେ ଉନ୍ମୁଖ ।

୬

ମହାମାରୀ ବିସୂଚିକା ଅବିରତ ଶୋଷି,
କରିଛନ୍ତି ଭାରତକୁ ଅସ୍ଥିଚର୍ମସାର,
ଛାଡ଼ିବୁ ନା ସେ ଦୁହିଁଙ୍କି ରଖିଥିବୁ ପୋଷି,
ଦେଖ ଭାଇ ଉଭୟରେ ତୋର ଅଧିକାର;
ଏଣେ ପୁଣି ଅନ୍ନାଭାବେ ଜଳୁଛି ଜଠର
ଦୁଃଖର ଉପରେ ଦୁଃଖ ହୋଇଲେଣି ଲଦି,
ସହିବାକୁ ଶକ୍ତ ନାହିଁ କ୍ଷୀଣ ଭାରତର,
ଏ ଦୁଃଖ ବା ଏଥୁଁ ବଳି ଦୁଃଖ ଦେବୁ ଯଦି,
ଦୁଃଖ ଶେଷେ ସୁଖ ପରା ବିଧିର ବିଧାନ,
ଭାରତ-ଭାଗ୍ୟରେ କପାଁ ହେଉଅଛି ଆନ !

୭

ଉତ୍କଳେ ପାହିଛି ନିଶା ହୋଇଛି ପ୍ରଭାତ,
ଚକ୍ଷୁ ମଳି ଉଠିଛନ୍ତି ଦେଶବାସିଗଣ,
ଡାକୁଅଛି ଭବିଷ୍ୟତ ଟେକି ଲମ୍ବ ହାତ,
ଭାଗ୍ୟ-ନଭେ ଭାସିଲଣି ଅରୁଣକିରଣ,
ନାହିଁ ତ ଅନ୍ଧାର ଆଉ ଦିଶିଲଣି ପଥ,
ଅଣ୍ଟାଭିଡ଼ି ବନ୍ଧୁଗଣ ହେଉଁ ଅଗ୍ରସର,
ଶ୍ରାନ୍ତ ନ ବାଧିବ ଚଢ଼ୁଁ ମହୋତ୍ସାହ ରଥ,
ଅଦୂରେ ପାଇବା ଲକ୍ଷ୍ମୀ ଭାରତୀ ନଗର,
ଦେଖ ଭାଇ ଆଗେ ଧାଇଁଛନ୍ତି ଯାତ୍ରିଗଣ,
ଏଥର ଚଳିବ ନାହିଁ ମୁଦିଲେ ନୟନ ।

# * ସ୍ତବାରମ୍ଭ

( ଶାର୍ଦ୍ଦୂଳ ବିକ୍ରୀଡ଼ିତ ବୃତ୍ତ )

ପୃଥ୍ୱୀମଣ୍ଡନ ହେ ଜଗତ୍‌ପତି ବିଭୋ
ଭକ୍ତଙ୍କ ମୁକ୍ତି ଖଣି
ସଂସାରାର୍ଣ୍ଣବ ପାର କାରଣପଟୁ
କୈବର୍ତ୍ତଚୂଡ଼ାମଣି ।
ସାଧୁ ପାଳନ ଦୁଷ୍ଟ ନାଶକରଣେ
ସମ୍ଭୂତ ଏ ଭୂତଳେ
ତୁମ୍ଭ ଶ୍ରୀଚରଣା- ମ୍ବୁଜେ ରହୁ ସଦା
ଚିତ୍ତାଳି ମୋ ନିଶ୍ଚଳେ ।୧।
ସ୍ୱର୍ଗାବଧିତନୟା ସୁକୋମଳ କରା-
ମ୍ଭୋରୁହ ମର୍ଦ୍ଦିତ ଯେ
ତ୍ରୈଲୋକ୍ୟାଘ ବିନା- ଶିନୀ ସୁରଧୁନୀ
ଯତ୍ପାଦରୁ ଜାତ ଯେ ।
ଧ୍ୟାବନ୍ତି ନିତି ବା- ସରେ ପ୍ରେମଭରେ
ଯେ ପାଦ ଯୋଗିଦଳେ
ତୁମ୍ଭ ଶ୍ରୀଚରଣା- ମ୍ବୁଜେ ରହୁ ସଦା
ଚିତ୍ତାଳି ମୋ ନିଶ୍ଚଳେ ।୨।
ବ୍ରହ୍ମା ରୁଦ୍ର ପୁର- ନ୍ଦରାଦି ବିବୁଧେ
ଭକ୍ତିଭରେ ସାଦରେ
ଆଜ୍ଞାଧୀନ କୃତା- ଞ୍ଜଳି ହୋଇ ସଦା
ସେବନ୍ତି ଯା ପାଦରେ ।
ନିତ୍ୟେ ବିଷ୍ଣୁପଦେ ଗମନ୍ତି ନିୟମେ
ଚନ୍ଦ୍ରାର୍କ ଆଜ୍ଞାବଳେ
ତୁମ୍ଭ ଶ୍ରୀଚରଣା- ମ୍ବୁଜେ ରହୁ ସଦା
ଚିତ୍ତାଳି ମୋ ନିଶ୍ଚଳେ ।୩।
ବ୍ରହ୍ମାଣ୍ଡୋଦ୍ଭବ ପାଳନାନ୍ତକର ହେ
ଆପେ ତ୍ରିମୂର୍ତ୍ତି ଧରି
ଦୁଃଖି-ଦୁଃଖ ତିମିର ହାରକ ଦୟା-
ରଶ୍ମି ପ୍ରଦାୟୀ ହରି ।
ପଙ୍ଗୁ ଲଂଘଇ ଶିଖରୀ ଅବହେଳେ
ତୁମ୍ଭେ କରୁଣା କଲେ
ତୁମ୍ଭ ଶ୍ରୀଚରଣା- ମ୍ବୁଜେ ରହୁ ସଦା
ଚିତ୍ତାଳି ମୋ ନିଶ୍ଚଳେ ।୪।
ଆପେ ସୃଷ୍ଟ ଅଚିନ୍ତ୍ୟମାୟୁ ମହିମା
ବ୍ରହ୍ମାଣ୍ଡରେ ବିସ୍ତରେ
କୋଟି ସୂର୍ଯ୍ୟ ଗ୍ରହର୍ଷବୃନ୍ଦ କ୍ଷଣକେ
ଇଚ୍ଛା କଲେ ସଞ୍ଚରେ ।
ସର୍ବେ ମଗ୍ନ ମତ୍ତା ଅଗାଧ ଅକୂଳ
ମାୟା ପୟୋଧି ଜଳେ
ତୁମ୍ଭ ଶ୍ରୀଚରଣା- ମ୍ବୁଜେ ରହୁ ସଦା
ଚିତ୍ତାଳି ମୋ ନିଶ୍ଚଳେ ।୫।
ଯୋଗି ମାନସ ପ୍ରେମମାନ ସରସୀ
କେଳିକର ହଂସ ହେ
ଦୁଷ୍ଟାତ୍ମା ନିକଷା-ସୂନୁ କରିଯୂଥେ
ସଞ୍ଚାରି-ପଞ୍ଚାସ୍ୟ ହେ ।
ବେଦୋଦ୍ଧାରଣ କାରଣେ ମୀନରୂପେ
ସମ୍ଭୂତ ସିନ୍ଧୁଜଳେ
ତୁମ୍ଭ ଶ୍ରୀଚରଣା- ମ୍ବୁଜେ ରହୁ ସଦା
ଚିତ୍ତାଳି ମୋ ନିଶ୍ଚଳେ ।୬।
ଦାସେ ବତ୍ସଳତା ପ୍ରକାଶି ରଖ ହେ
କୀର୍ତ୍ତି ସଦା ବିଶ୍ୱରେ
ପ୍ରହ୍ଲାଦେ ମଘବା ବିଭୂତିକି ଦେଇ
ସ୍ଥାପିଲ ଯେ ସ୍ୱର୍ଗରେ ।

✽ କବିଙ୍କ ରଚିତ "ଅହଲ୍ୟାସ୍ତବ"ର ମୂଳଲେଖା ପଢ଼ିବା ପାଇଁ ପାଠକମାନଙ୍କର କୌତୂହଳ ଜାତ ହେଉଥିବାରୁ ତାହା ଏଠାରେ ଦିଆଗଲା ।

ସ୍ତମ୍ଭୁ ଜନ୍ମ ହେଲେ ହିରଣ୍ୟ କଶିପୁ
ଧ୍ୱଂସିଲ ବାହୁବଳେ
ତୁମ୍ଭ ଶ୍ରୀଚରଣା- ମ୍ବୁଜ ରହୁ ସଦା
ଚଞ୍ଚଳ ମୋ ହୃତ୍ସ୍ଥଳେ । ୭ ।

କ୍ଷୀରାବ୍ଧି ଉଦରେ ମହାଫଣି-ଫଣା
ମୌକ୍ତିକ ମଣ୍ଡିତରେ ।
ଶୋଭା ତୁମ୍ଭ ନବୀନ ନୀରଦ ତନୁ
କୌସ୍ତୁଭ ଭୂଷିତରେ
ମୁକ୍ତ ପୀୟୂଷ ବର୍ଷଇ ଅବିରଳେ
ଆବାସ ନିତ୍ୟସ୍ଥଳେ
ତୁମ୍ଭ ଶ୍ରୀଚରଣା- ମ୍ବୁଜ ରହୁ ସଦା
ଚଞ୍ଚଳ ମୋ ହୃତ୍ସ୍ଥଳେ । ୮ ।

କମ୍ବୁ ଚକ୍ର ଗଦାବ୍ଜ ଶୋଭଇ କରେ
ପକ୍ଷୀପତି ଆଗରେ
ବାଗ୍‌ଦେବୀ ରମଣୀୟ ବେଶରେ ବସି
ପାଶେ ସହାସାସ୍ୟରେ ।
ତୋଷନ୍ତି ଶ୍ରୁତିକ ମଧୁ ସ୍ୱର ବାଣୀ
ବାଇ ସକୌତୂହଳେ
ତୁମ୍ଭ ଶ୍ରୀଚରଣା- ମ୍ବୁଜ ରହୁ ସଦା
ଚଞ୍ଚଳ ମୋ ହୃତ୍ସ୍ଥଳେ । ୯ ।

ଯାଦୃଗ୍ରମ୍ୟ ନବୀନ ମେଘ ପଟଳୀ
ସଦ୍ୟୁତ ବିଦ୍ୟୁତରେ ।
ତାଦୃକ୍ ନୀଳମଣି ସୁରୁଚିର ତନୁ
ସ୍ୱର୍ଣ୍ଣାଭ ପୀତାମ୍ବରେ
ଗୁରୁ ଅଙ୍ଗ ସୁବାସ- ରାଶି ଚହଟି
ଆମୋଦ ଦିଙ୍ମଣ୍ଡଳେ
ତୁମ୍ଭ ଶ୍ରୀଚରଣା- ମ୍ବୁଜ ରହୁ ସଦା
ଚଞ୍ଚଳ ମୋ ହୃତ୍ସ୍ଥଳେ ।୧୦।

ଅନ୍ତର୍ଯାମୀ ଅନନ୍ତ ରୂପ ଗୁଣବାନ୍
ବ୍ୟାପିଛ ସଂସାରରେ
ସ୍ଥିତି ସର୍ବ ଦେହେ ସମାନ ରୂପରେ
ଚକ୍ଷୁର ଅଦୃଶ୍ୟରେ ।
ଦେଖନ୍ତି ତବ ରୂପ ଜ୍ଞାନ-ନୟନେ
ଜ୍ଞାନୀ ସମାଧି ବଳେ
ତୁମ୍ଭ ଶ୍ରୀଚରଣା- ମ୍ବୁଜ ରହୁ ସଦା
ଚଞ୍ଚଳ ମୋ ହୃତ୍ସ୍ଥଳେ । ୧୧ ।

ଶାନ୍ତ ମୂର୍ତ୍ତି ମହା- ମହିମ ଭଗବାନ୍
ଆସିଲ ମୋ ଭାଗ୍ୟରେ
ମନୁଷ୍ୟାପଘନେ ନୃପାତ୍ମଜ ରୂପେ
ଜନ୍ମି ମହୀଖଗରେ ।
ପାପିପାବନ କୀରତିକ ରଖିଲ
ଏତଜ୍ଜଗନ୍ମଣ୍ଡଳେ
ତୁମ୍ଭ ଶ୍ରୀଚରଣା- ମ୍ବୁଜ ରହୁ ସଦା
ଚଞ୍ଚଳ ମୋ ହୃତ୍ସ୍ଥଳେ ।୧୨।

କୌଶଲ୍ୟା ଉଦରାବ୍ଧି ଜାତ ଧରଣୀ
ଅହ୍ଲାଦ ତାରାପତି
ଲୋକେକନେତ୍ରଚକୋର ତୋଷଣପଟୁ
ଶାନ୍ତ ମୃଦୁ ମୂରତି ।
ଶୋଭାକର୍ଣ୍ଣ ବୃହସ୍ପତି କବିଛବି
ଗୁରୁ ପ୍ରଭା କୁଣ୍ଡଳେ ।
ତୁମ୍ଭ ଶ୍ରୀଚରଣା- ମ୍ବୁଜ ରହୁ ସଦା
ଚଞ୍ଚଳ ମୋ ହୃତ୍ସ୍ଥଳେ । ୧୩ ।

କୋଟି କାମ ବିଜିତ ସୁନ୍ଦର ତନୁ
କୋଦଣ୍ଡ ରାଜେ କରେ
ଶୋଭା କର୍ବୁର- ରକ୍ତ-ଲୋଲୁପ ପ୍ରଚ-
ଣ୍ଡାଶୁଗ ଦକ୍ଷିଣରେ ।
ସାକ୍ଷାତ କ୍ଷତ୍ରିୟ ଧର୍ମ ବିଗ୍ରହ ଧର
ସମ୍ଭୂତ ଭୂମଣ୍ଡଳେ
ତୁମ୍ଭ ଶ୍ରୀଚରଣା- ମ୍ବୁଜ ରହୁ ସଦା
ଚଞ୍ଚଳ ମୋ ହୃତ୍ସ୍ଥଳେ ।୧୪ ।

ଧନ୍ୟା ଭାଗ୍ୟବତୀ ଏ କାଶ୍ୟପୀ ପୁଣି
ଧନ୍ୟା ଅଯୋଧ୍ୟାପୁରୀ
ବୈକୁଣ୍ଠାଶ୍ରମ ଶୋଭମାୟ ପଦକୁ
ହେଳେ କଲେଣି ନ୍ୟୂନ
ଯା ରେଣୁ ଶିର- ମଣ୍ଡନାର୍ଥ ସତତେ
ଦୁଷ୍ପ୍ରାପ୍ୟ ଆଖଣ୍ଡଳେ
ତୁମ୍ଭ ଶ୍ରୀଚରଣା- ମ୍ବୁଜ ରହୁ ସଦା
ଚଞ୍ଚଳ ମୋ ହୃତ୍ସ୍ଥଳେ । ୧୫ ।

ଧନ୍ୟା କୋଶଳ- ରାଜପୁତ୍ରୀ ଶ୍ରୀମତୀ
ନିତ୍ୟ ଧରେ କୋଳରେ
ରାଜେନ୍ଦ୍ର ଅଜ ସୁତ ଭାସଇ ଦେଖି
ଆନନ୍ଦ କଲ୍ଲୋଳରେ ।
ତୁମ୍ଭଙ୍କୁ ଲଭିଲେ କୁମାର ରୂପରେ
ଶ୍ରେଷ୍ଠା ତପସ୍ୟା ଫଳେ
ତୁମ୍ଭ ଶ୍ରୀଚରଣେ- ମ୍ୟୁଜେ ରହୁ ସଦା
ଚଞ୍ଚଳ ମୋ ନିଶ୍ଚଳେ । ୧୬ ।
ଇନ୍ଦ୍ର ପୀରତି ଦେଖି କୋପନସ୍ୱନେ
ସ୍ୱାମୀ କଲେ ଦୂଷିତା
ପାଷାଣାଙ୍ଗୀ ହୋଇ ଏ କାନନେ ଥିଲି
ଶାପେ ହୋଇ ତ୍ରାସିତା ।
ପାଇଲି ନିଜ ମୂରତି ପଦଧୂଳି
ପାଇ ସଞ୍ଚିତ୍ୱ ବଳେ
ତୁମ୍ଭ ଶ୍ରୀଚରଣେ- ମ୍ୟୁଜେ ରହୁ ସଦା
ଚଞ୍ଚଳ ମୋ ନିଶ୍ଚଳେ । ୧୭ ।
ବ୍ରହ୍ମା ବାଞ୍ଛଇ ଯେ ପଦାଙ୍କ ଧୂଳିକି
ଦୁର୍ଲ୍ଲଭ୍ୟ ଯୋଗିଜନେ
ରୁଦ୍ରେ ଈପ୍‌ସିତ ସାଗ୍ରହେ ନତ ଶଶି-
ଭୂଷା ଶିରେ ମଣ୍ଡନେ ।
ସାକ୍ଷାତ୍ ସେ ପଦଧୂଳିକି ମୁଁ ଲଭିଲି
ସ୍ୱାମୀ କରୁଣା ଫଳେ
ତୁମ୍ଭ ଶ୍ରୀଚରଣେ- ମ୍ୟୁଜେ ରହୁ ସଦା
ଚଞ୍ଚଳ ମୋ ନିଶ୍ଚଳେ । ୧୮ ।
ପ୍ରତ୍ୟକ୍ଷେ ସୁରକଳ୍ପ ପାଦପ ପ୍ରଭୁ
ଦଣ୍ଡାୟମାନ ଆଗରେ
ଉଦ୍ଭାସିତ ହେଉଛି ଦର୍ଶନ କରି
ହର୍ଷେ ସୁଧା-ସାଗରେ ।

କୋଟି ଜନ୍ମ କୃତାଘ- ରାଶି ଭସ୍ମରତେ
ଗ୍ରହଣ ଦୂରେର ଗଲେ
ତୁମ୍ଭ ଶ୍ରୀଚରଣେ- ମ୍ୟୁଜେ ରହୁ ସଦା
ଚଞ୍ଚଳ ମୋ ନିଶ୍ଚଳେ । ୧୯ ।
ହେ ରାମ ରଘୁବଂଶ ତିଳକ ମହା-
ରାଜେନ୍ଦ୍ର ଚୂଡ଼ାମଣି
ହେ ଶ୍ୟାମାଙ୍ଗ କୃପା-କୂପାର ହେ ଜଗତ୍-
ବିଖ୍ୟାତ ବୀରାଗ୍ରଣୀ
ଆଶୁ ଦଗ୍ଧ ହେବେ ନିଶାଚରଗଣେ
ତୀକ୍ଷ୍ଣ ଶରାନଳେ
ତୁମ୍ଭ ଶ୍ରୀଚରଣେ- ମ୍ୟୁଜେ ରହୁ ସଦା
ଚଞ୍ଚଳ ମୋ ନିଶ୍ଚଳେ । ୨୦ ।
ବାସୁକି କହିଲେ ଅଶେଷ ବଦନେ
ମାହାତ୍ମ୍ୟ ଯା ନ ସରେ
ବର୍ଣ୍ଣି ପାରିବ କି ଅବୋଧ ଯୁବତୀ
ସାମାନ୍ୟ ମୋ ଭାଷରେ ।
ଯେନା ହେଉ ମୋ ବିନତି ସଦୟରେ
ଶ୍ରୀପଙ୍କଜାଙ୍ଘ୍ରି ତଳେ
ତୁମ୍ଭ ଶ୍ରୀଚରଣେ- ମ୍ୟୁଜେ ରହୁ ସଦା
ଚଞ୍ଚଳ ମୋ ନିଶ୍ଚଳେ । ୨୧ ।
ସଦ୍‌ରୂପୀ ଜଗଦାନନ୍ଦ- କନ୍ଦ ଶ୍ରୀପତି
ଫୁଲ୍ଲାରବିନ୍ଦାକ୍ଷ ହେ
ସାଧୁ ଗୋ ଦ୍ୱିଜ ଘନ ଆର୍ତ୍ତିହର ହେ
ମୁକ୍ତି ମହାବୃକ୍ଷ ହେ ।
ଗୃଧ୍ର ବଗ ଲଭନ୍ତି ଶିବ ପଦେ
ଭକ୍ତି କରି ନିର୍ମଳେ
ତୁମ୍ଭ ଶ୍ରୀଚରଣେ- ମ୍ୟୁଜେ ରହୁ ସଦା
ଚଞ୍ଚଳି ମୋ ନିଶ୍ଚଳେ । ୨୨ ।

ମୁଦ୍ରାକର .

ଶ୍ରୀ ଉଦୟନାଥ ଷଡ଼ଙ୍ଗୀ

ସତ୍ୟବାଦୀ ପ୍ରେସ

କଟକ—୧

୧୯୬୨